ଡିସେମ୍ବର ୨୦୨୪



Photo by Dr. Ranjit Ku Sahu, USA

**ISSN NO – 2582-208X**

**VOLUME-10 : ISSUE NO-12/2024**

[ଏକ ସମ୍ପୂର୍ଣ୍ଣ ପାରିବାରିକ ମାସିକ ଇ-ପତ୍ରିକା]

...ପ୍ରତ୍ୟେକ ଓଡିଆଙ୍କ ପାଇଁ ସମ୍ପୂର୍ଣ୍ଣ ଓଡିଆରେ ପ୍ରକାଶିତ ଏକ ପାରିବାରିକ ଇ-ପତ୍ରିକା...

(ଅଗଷ୍ଟ ୧, ୨୦୧୫ରୁ ପ୍ରତିମାସରେ ପ୍ରକାଶିତ )

## ପ୍ରତିଷ୍ଠାତା – ଅରବିନ୍ଦ ମିଶ୍ର



ଯୋଗାଯୋଗ

Whatsapp:+ 91 9594993733

ଭ୍ରାମ୍ୟଭାଷ - +91 9594993733

**Website: www.vedantimagazine.com**

**Email ids:vedantimagazine@gmail.com**

**editor.vedantimagazine@gmail.com**

ISSN NO.
2582-208X

# ସମ୍ପାଦକୀୟ



ଅରବିନ୍ଦ ମିଶ୍ର

ପ୍ରିୟ ପାଠକବନ୍ଧୁ,

ସନାତନ ଧର୍ମ ହେଉଛି ପୃଥିବୀର ସବୁଠାରୁ ପୁରାତନ ଧର୍ମ । ଏହା ହଜାର ହଜାର ବର୍ଷତଳୁ ଚାଲିଆସୁଛି । ସନାତନ ଧର୍ମରେ ମନ୍ତ୍ର ଉପରେ ପ୍ରାଧାନ୍ୟ ଦିଆଯାଇଥାଏ । ପୁରୁଣା କାଳରୁ ଅନେକ ମନ୍ତ୍ର ସନାତନ ଧର୍ମରେ ରହିଆସିଛି । କିନ୍ତୁ ଏହା ପଛରେ କାରଣ କଣ ? ମନ୍ତ୍ରକୁ କାହିଁକି ପ୍ରାଧାନ୍ୟ ଦିଆଯାଏ? ମନ୍ତ୍ରକୁ କିଏ ବାହାର କରିଥିଲେ ? ଏକ ମନ୍ତ୍ରକୁ ଠିକ୍ ଉଚ୍ଚାରଣରେ କାହିଁକି ଉଚ୍ଚାରଣ କରିବାକୁ ପଡେ ? ବୈଜ୍ଞାନିକମାନଙ୍କ ମତରେ ମନ୍ତ୍ର ହେଉଛି ଏକ ଧ୍ୱନି ଯାହାର ପ୍ରଭାବରେ ମନକୁ ଶାନ୍ତି ମିଳେ । ଋକ୍ ବେଦର ଥିବା ଗାୟତ୍ରୀ ମନ୍ତ୍ର ପଢିବା ଦ୍ୱାରା ଏପରି ତରଙ୍ଗ ବାହାରିଥାଏ ଯାହାକି ମନୁଷ୍ୟ ନୁହେଁ, ଗଛଲତା ଏବଂ ଜୀବଜନ୍ତୁଙ୍କୁ ମଧ୍ୟ ଲାଭ ଦେଇଥାଏ । ଋକ୍ ବେଦରେ ଥିବା ମହା ମୃତ୍ୟୁଞ୍ଜୟ ମନ୍ତ୍ର ଅଛି ଯାହାକୁ ମୃତ୍ୟୁକୁ ଜିତିବାର ମନ୍ତ୍ର ବୋଲି ମଧ୍ୟ କୁହାଯାଏ । ଏପରି ଅନେକ ମନ୍ତ୍ର ବେଦରେ ଅଛି ଯାହାକୁ ଜପ କଲେ ମନୁଷ୍ୟର psychological and physiological ଏବଂ ଶକ୍ତି ବଢିଥାଏ । କିନ୍ତୁ ଏହା କିପରି ପ୍ରଭାବ ପକାଇପାରେ । ଏହା ହେଉଛି ମନ୍ତ୍ରରେ ଥିବା ଧ୍ୱନୀ ଯାହା ଏହି ମନ୍ତ୍ରର ଉଚ୍ଚାରଣରୁ ଉତ୍ପନ୍ନ ହୁଏ । ବୈଜ୍ଞାନିକମାନେ କୁହନ୍ତି ମନ୍ତ୍ରରେ ଥିବା ଧ୍ୱନୀରେ ଅନେକ ଶକ୍ତି ଥାଏ । କିଛି ଶବ୍ଦ ଶୁଦ୍ଧ (pure) ଏବଂ କିଛି ଅଶୁଦ୍ଧ (impure) ହୋଇପାରେ । ଆଉ ଏହା ନିର୍ଭର

ISSN NO.
2582-208X

କରିଥାଏ ତାହାର କଂପନ ଉପରେ । ଆଲବ୍ରଟ୍ ଆଇନଷ୍ଟାଇନ୍ ମଧ୍ୟ କହିଥିଲ୍ – "Everything in life is Vibration" । ଆଜିର ବିଜ୍ଞାନ ମଧ୍ୟ ଶବ୍ଦ ଏବଂ ଆଲୋକକୁ Vibration ବୋଲି ହିଁ ମାନଥାଏ । ଯେପରିକି ଶବ୍ଦକୁ ଆଲୋକରେ ବଦଳେଇବାକୁ ହେଲେ frequency କୁ ବଢାଇବାକୁ ପଡିଥାଏ । ମହାନ ମୁନିଋଷିମାନେ ଶବ୍ଦକୁ ଆଲୋକରେ ପରିବର୍ତ୍ତିତ କରିବା କାର୍ଯ୍ୟ ନିଜ ଶରୀର ଦ୍ୱାର୍ ହିଁ କରିଥାନ୍ତି ଏବଂ ତାହା ମନ୍ତ୍ରର ମାଧ୍ୟମ ଦ୍ୱାର୍ ହିଁ ହୋଇଥାଏ । ମନ୍ତ୍ରକୁ ଆମେ କେବଳ ଧାର୍ମିକ ଭାବନାରେ ନଦେଖି ବୈଜ୍ଞାନିକ ଭାବନାରେ ଦେଖିବାକୁ ପଡିବ । ମନ୍ତ୍ର ଦ୍ୱାର୍ ଆମେ ଆମ ଚର୍ତୁପାଶ୍ୱ ଏବଂ ଆମ ଭିତରର ବାତାବରଣକୁ ବଦଳାଇବାକୁ ସକ୍ଷମ ହୋଇ ପାରିଥାଉ ଯାହାଦ୍ୱାର୍ ମନୁଷ୍ୟର ମସ୍ତିଷ୍କ ସକ୍ରିୟ ହୋଇଥାଏ । ମନ୍ତ୍ରକୁ ଠିକ୍ ଭାବରେ ଉଚ୍ଚାରଣ କଲେ ମସ୍ତିଷ୍କକୁ ଭଲ ଅମ୍ଳଜାନ ପହଞ୍ଚିଥାଏ ଏବଂ ଉଚ୍ଚ ରକ୍ତଗ୍ରୁପ ମଧ୍ୟ ଭଲ ହୋଇଥାଏ । "ଓଁ" କୁ ସୃଜନର ମୂଳ ଧ୍ୱନୀ ବୋଲି କୁହାଯାଏ । ଏହା ମଧ୍ୟ କୁହାଯାଏ ଯେ ହଜାର ହଜାର ବର୍ଷ ତଳେ ଯେତେବେଳେ ମୁନି ଋଷି ମାନେ ଅନେକ ଦିନ ଧରି ଧ୍ୟାନରେ ବସୁଥିଲେ, ସେତେବେଳେ ସେମାନଙ୍କୁ ଏହି "ଓଁ" ଧ୍ୱନି ଶୁଣାଯାଇଥିଲା । ଏହାପରେ ଓଁ ସନାତନ ଧର୍ମର ପ୍ରତୀକ ବନିଯାଇଥିଲା ।

ଯଦି ଆଜିର ଯୁଗରେ ମଧ୍ୟ ପିଲାଙ୍କୁ ପିଲାଦିନରୁ ମନ୍ତ୍ରର ଉପକାରିତା ଆଉ ମନ୍ତ୍ର ଶିଖାଯାଏ, ତାହା ସେମାନଙ୍କର ମସ୍ତିଷ୍କକୁ ବିକଶିତ କରିବାରେ ଅନେକ ସାହାଯ୍ୟ କରିବ ଏଥିରେ ସନ୍ଦେହ ନାହିଁ ।

ଜୟ ଉତ୍କଳ, ଜୟ ଓଡିଆ ।

ଅରବିନ୍ଦ ମିଶ୍ର

ISSN NO.
2582-208X

ବେଦାନ୍ତୀ

# ଭିତର ପୃଷ୍ଠାରେ....


| | | |
|---|---|---|
| ଏ ମାଟିର କବି ଗୁରୁପ୍ରସାଦ | ଗୁରୁକଲ୍ୟାଣ ମହାପାତ୍ର | ୧୩ |
| ପ୍ରିୟ କବି ଗଙ୍ଗାଧର ମେହେର | ଡକ୍ଟର ସୀମାଞ୍ଚଳ ପ୍ରଧାନ | ୧୭ |
| ଡି.ଏଫ.ଓ କ୍ୟାମ୍ପବେଲ ବେ (ଧାରାବାହିକ) | ଅଶୋକ ବିଶ୍ୱାଳ | ୧୯ |
| ମିଛ ଓ ସତ | ଶଶଧର ମହାପାତ୍ର | ୩୦ |
| ସ୍ନେହ ପ୍ରେମ | ଅଳକା ମହାନ୍ତି | ୩୩ |
| ମୁଗ୍ଧ ଅନୁଭବ | ସ୍ୱର୍ଣ୍ଣମୟୀ ଷଡ଼ଙ୍ଗୀ | ୩୫ |
| ଆଭିଲା ଓ ସେଗୋଭିଆ ଯାତ୍ରା | ଡକ୍ଟର ବିଜ୍ଞାନୀ ଦାସ | ୩୮ |
| ଜୀବନର ରଙ୍ଗ | ଡ. ପ୍ରସନ୍ନ କୁମାର ବଳ | ୫୧ |
| ଭାବନା କବିତା ସୁର | ଆଶୁତୋଷ ମେହେର | ୫୩ |
| ତୁମେ ଆଉ ମୁଁ | ପୁଷ୍ପାଞ୍ଜଳି ମିଶ୍ର | ୫୪ |
| ମା ବିରଜା | ଡଃ ମାଙ୍ଗଳିକା ମହାପାତ୍ର | ୫୬ |
| ଅତୀତ | କାର୍ତ୍ତୀକେଶ୍ୱର ନାୟକ | ୫୯ |
| ଆମେ ଦୁଇ ପକ୍ଷୀ | ଛବି ରାଣୀ ପତି | ୬୧ |
| ଖବର ବାକି ଅଛି | ଦୁର୍ଗା ମାଧବ ମହାରଣା | ୬୨ |
| ନୀଳ ରଙ୍ଗର ଶାଢୀ | ଶାନ୍ତିଲତା ମିଶ୍ର | ୬୪ |
| ବିଦାୟ | ଇଂ. ସୁଶାନ୍ତ କିଶୋର ବଳ | ୬୮ |
| ବିଦ୍ୟାଳୟ | ଜୟଶ୍ରୀ ପଟ୍ଟନାୟକ | ୭୧ |
| ଉଡା ଚଢେଇ ମୁଁ | ଶ୍ରୀମତୀ ବସନ୍ତ ମିଶ୍ର | ୭୩ |
| ଉଠ୍ ପୁଟୁର୍ | ଆରତୀ ସାହୁ (ଆଶା) | ୭୫ |

ISSN NO.
2582-208X


| | | |
|---|---|---|
| ଗାନ୍ଧାରୀ | ଦଣ୍ଡାସି ପ୍ରଧାନ | ୮୧ |
| ଭିକ୍ଷୁକ | ସୁଜିତ୍ କୁମାର ମିଶ୍ର | ୮୪ |
| ନୀଳ ଆକାଶ | ଅମରନାଥ ବାରିକ | ୮୬ |
| ଲଳିତ ନିବନ୍ଧ- ଭିଡକୁ ଜୁହାର | ବଦ୍ରୀ ମହାନ୍ତି | ୮୮ |
| ପୁଅ ଜୁଇଁନ୍ତିଆ | ନିରୁପମା ମିଶ୍ର | ୯୨ |
| ଘୁଙ୍ଗୁର ବାନ୍ଧିଲି ! | ଅଜିତ କୁମାର ରାଉତ | ୯୪ |
| ମରିବାକୁ ଲାଗେନାହିଁ ଡର | ବିନୟ ମହାପାତ୍ର | ୯୬ |
| ବୀରା ରାଣୀ ଚେନ୍ନମ୍ମା | ସୁଧାଂଶୁ ଶେଖର ଦ୍ୱିବେଦୀ | ୯୮ |
| ସୁଖ ଦୁଃଖ ଦୁହେଁ ଯାଆଁଳା ଭାଇ | ମନ୍ଦାକିନୀ ପାଢୀ | ୧୦୧ |
| ସାହିତ୍ୟ ଜୀବନ ବାର୍ତା | ଦିଲ୍ଲୀପ ଶତପଥୀ | ୧୦୩ |
| ରେ କଲମ | ବିଜୟଲକ୍ଷ୍ମୀ ସାମଲ | ୧୦୫ |
| ଏକବିଂଶ ଶତାବ୍ଦୀର ଓଡିଆ କବିତାରେ ସାମାଜିକ ଚିତ୍ର | ଡକ୍ଟର ବିକ୍ରମ ବେହେରା | ୧୦୭ |
| ଶରତ ଋତୁର ଶେଷେ | ମନୋରଞ୍ଜନ ସୁରୁଜାଲ | ୧୧୪ |
| ଖଦ୍ୟୋତ | ଅଲେଖ ମେହେର | ୧୧୬ |
| ବ୍ୟର୍ଥତା | ନମିତା ନାୟକ | ୧୧୮ |
| ନିବାରଣ ଜେନାଙ୍କ ଉପନ୍ୟାସର ଭାଷା ବୈଚିତ୍ର୍ୟ | ଡ. ଦୟାନିଧି ପରିଡ଼ା | ୧୨୦ |
| ପ୍ରିୟ ଗାମୁଛା ଆମ | ରାମଚନ୍ଦ୍ର ବେହେରା | ୧୨୬ |
| ବିଚାର ନିକିତି | ଅମ୍ବିକା ସ୍ୱାଇଁ | ୧୨୯ |
| ଅଜଣା ଠିକଣା | ପ୍ରଦୀପ କୁମାର ସିଂହ ଦେଓ | ୧୩୧ |
| ପରମ୍ପରା ର ଆହୁଆଳେ | ସୁନନ୍ଦା ମିଶ୍ର | ୧୩୩ |

ISSN NO.
2582-208X




| | | |
|---|---|---|
| ଶାରଦୀୟ ପର୍ବାଣି | ସୁରାତ୍ରୀ ପ୍ରଧାନ | ୧୪୫ |
| ଲୁହରେ ଲେଖୁଛି ତୁମକୁ ଚିଠି | ବିନୋଦିନୀ ଦାଶ | ୧୪୭ |
| ଶଙ୍ଖା ସିନ୍ଦୂର | ସିନ୍ଧୁ ନନ୍ଦିନୀ | ୧୪୯ |
| ଅନ୍ଧାର ରହିଲା ମନ ଅଗଣା | ଗୁପ୍ତେଶ୍ୱର ଚାନ୍ଦ୍ | ୧୫୧ |
| "ଦଳିତ ଚେତନା"ର ରୂପ ଓ ବିଭବ : ସାହିତ୍ୟରେ ତାର ପ୍ରଭାବ | ଡ଼କ୍ଟର ସଂଯୁକ୍ତା ଦାସ | ୧୫୩ |
| ମଲାକାନ୍ଥ | ନିରୁପମା ପଟେଲ | ୧୬୬ |
| ମହୋଦଧି ଠାରୁ ରତ୍ନ ବେଦୀ | ଶିବ ପ୍ରସାଦ ଚାନ୍ଦ | ୧୬୭ |
| ତୋ ସହ ଶ୍ରାବଣେ | ନନ୍ଦିତା ବଢ଼ାଇ | ୧୬୯ |
| ଛିଡ଼ିଯିବ ପାପ ଝୁଲି | ପ୍ରଦୀପ୍ତ କୁମାର ଦାସ | ୧୭୦ |
| ପଶ୍ଚିମ ଓଡିଶାର ଏକ ବିଲୁପ୍ତ ଲୋକକଳା "ଦେବଗୁନିଆ" | ଅଧ୍ୟାପକ ଡ. ପୂର୍ଣ୍ଣଚନ୍ଦ୍ର ସାହୁ | ୧୭୨ |
| ଶ୍ରମିକ ଭାଇ | ସରସ୍ୱତୀ ମିଶ୍ର | ୧୭୫ |
| ସେ ଚାହା ବଗିଚାର ଶ୍ରମିକ ନାରୀ | ପ୍ରତିଭା ଦାସ | ୧୭୭ |
| ପୁଲି | ସୁନନ୍ଦା ମହାନ୍ତି | ୧୭୯ |
| ପାଳିବାରେ ଆସ ଦିବାଲି | ରାଜକିଶୋର ସ୍ୱାଇଁ | ୧୮୩ |
| କବିତା | କାଳିପ୍ରସାଦ ମହାପାତ୍ର | ୧୮୫ |
| କଥା ସାହିତ୍ୟର ପାଟଦେଇ : ବୀଣାପାଣି ମହାନ୍ତି | ଡ. ସସ୍ମିତା ନାୟକ | ୧୮୭ |
| ବିରହିଣୀ ପ୍ରିୟା | ଜୟନ୍ତୀ ବେହେରା | ୧୯୪ |
| ହେ ଭାରତୀୟ ଡାକସେବା | ମନୀଷା ରାୟ | ୧୯୬ |
| ଦୀପାବଳି | ପୂର୍ଣ୍ଣଚନ୍ଦ୍ର ରଣା | ୧୯୮ |

ISSN NO.
2582-208X


| | | |
|---|---|---|
| ଶ୍ରୀ ଜଗନ୍ନାଥ ସଂସ୍କୃତିରେ ବୈଷ୍ଣବ ତତ୍ତ୍ୱ | ଡ. ସରୋଜିନୀ ପାଣି | ୨୦୦ |
| କଳା ମୁଣ୍ଡିଆଙ୍କ ଛାଡଖାଇ | ସନ୍ଧ୍ୟାରାଣୀ ମଲ୍ଲିକ | ୨୦୭ |
| କିଛି ଗହନ କଥା | ଅମୃତନାରାୟଣ ଶତପଥୀ | ୨୦୯ |
| ମୋ ବିଦ୍ୟାଳୟ | ଝିଲିମିଲି ସାହୁ | ୨୧୦ |
| ବିଶ୍ୱସାହିତ୍ୟ ଓ ତାର ଅବଧାରଣା | ସରୋଜ କୁମାର ବିଷୋୟୀ | ୨୧୨ |
| ନାରୀ ର ଅଧିକାର | ଶଶିରେଖା ଜେନା | ୨୧୫ |
| ଭିନ୍ନ ମଣିଷ | ଜୟ କୁମାର ମିଶ୍ର | ୨୧୯ |
| ଧର୍ମକୁ ଆଖି ଠାର | ଆକୁଳାନନ୍ଦ ପୃଷ୍ଟି | ୨୨୨ |
| ସ୍ୱାଧୀନତା ସ୍ୱାଧୀନତା ସଭିଙ୍କ ମୁଖରେ ଆଜି | ଶ୍ରାବଣୀ ଜେନା | ୨୨୪ |
| ଅଭୁଲା ଅତୀତ | ସୁଲତା ସାହୁ | ୨୨୫ |
| କରିତ କରମା | ଜୟନ୍ତୀ ଦେବୀ | ୨୨୭ |
| 'ଶବରୀ' କାବ୍ୟରେ ରୋମାଣ୍ଟିକ ଚେତନା | ହୃଷୀକେଶ ମହାନ୍ତ | ୨୨୮ |
| ଯାହାକୁ ଯାହା ଗଢ଼ିଛି ଦଇବ | ଡ. ଜ୍ଞାନେଶ୍ୱର ମିଶ୍ର | ୨୩୮ |
| ଯାଉ ଏବେ ସିଏ ଚାଲି | ରଘୁନାଥ ତ୍ରିପାଠୀ | ୨୩୯ |
| ପଛ କଥା | ପ୍ରକାଶ ମେହେର | ୨୪୧ |
| ଆ କା ମା ବୈ | କୁଞ୍ଜ ବିହାରୀ ସାହୁ | ୨୪୩ |
| ପ୍ରକୃତି | ପ୍ରଶାନ୍ତ ବ୍ରହ୍ମା | ୨୪୯ |
| ଜୀବନ | ବିନୟ କୁମାର ମିଶ୍ର | ୨୫୧ |
| କଳଙ୍କିତ ବନ୍ଧୁତ୍ୱ | ବାସନ୍ତୀ ଲତା ଜେନା | ୨୫୫ |
| ନୀଳାଚଳ ନାଥ | ସସ୍ମିତା ଭୋଇ | ୨୬୦ |

ISSN NO.
2582-208X

ବେଦାନ୍ତୀ


| | | |
|---|---|---|
| ବାପା | ଗୋଲୋକ ବିହାରୀ ବେହେରା | ୨୬୧ |
| ଅମାନିଆ ଝିଅ | ନିକିତା ମହାରଣା | ୨୬୨ |
| ଚାରିକାନ୍ଧ | ମଧୁମିତା ମିଶ୍ର | ୨୬୪ |
| ଶରତ ପ୍ରତ୍ୟୁଷ | ପଞ୍ଚାନନ ମେହେର | ୨୬୬ |
| ଥିଲାଟି... ଗୋଚର ଭୂଇଁ | ପ୍ରଶାନ୍ତ କୁମାର ନାଥ | ୨୬୮ |
| ଆତ୍ମା କାନ୍ଦୁଛି | ହର ପ୍ରସାଦ ସୁଆର | ୨୭୦ |
| ତୁମେ ଗଲାପରେ | ଡାକ୍ତର ଦଶରଥ ପ୍ରଧାନ | ୨୭୭ |
| କୃଷ୍ଣ କେଶବ ଅଚ୍ୟୁତ ଦାମୋଦର | ଦେବଜାନୀ ବାରିକ୍ | ୨୭୯ |
| ମୁଁ ଭିନ୍ନ ପ୍ରେମିକା | ଜୟଶ୍ରୀ କ୍ରାନ୍ତିପୂରଭି | ୨୮୦ |
| ଉତ୍ତର ଓଡ଼ିଶାର ଓଡ଼ିଆ ଭାଷା | ଡ. ଦେବପ୍ରିୟ ପ୍ରିୟଦର୍ଶୀ ଚକ୍ର | ୨୮୧ |
| କ୍ଷୀର ଗ୍ଲାସର ମୂଲ୍ୟ | ଅକ୍ଷୟ ମହାନ୍ତି (ନିର୍ମାଲ୍ୟ) | ୨୮୭ |
| ଯୌବନ ଚର୍ଚ୍ଚା | ଗାୟତ୍ରୀ ବେହେରା | ୨୮୯ |
| ମଣିଷ ଦେଖିଲେ ଡର ଲାଗୁଛି | ଆର୍ଯ୍ୟ ଦାସ | ୨୯୦ |
| ପ୍ରସିଦ୍ଧ ସାହିତ୍ୟିକ ପଦ୍ମଶ୍ରୀ ରାଧାମୋହନ ଗଡ଼ନାୟକ | ଅସିତ ମହାନ୍ତି | ୨୯୧ |
| ଶିଶିର ଭିଜା ରାତି | ଅର୍ପିତା ମହାପାତ୍ର | ୨୯୪ |
| ମିଠା ଆଲିଙ୍ଗନ | ପ୍ରଶାନ୍ତ କୁମାର ନାଥ | ୨୯୬ |
| ସାରସ୍ୱତ ପୁରୁଷ ଗୋପବନ୍ଧୁ | ଦୀପା ମୁଦୁଲି | ୨୯୮ |
| ପ୍ରଥମ ପ୍ରେମିକ | ନଳିନୀ ଦାଶ | ୩୦୮ |
| ବରୁଣ ଜାମାତା | ଡ. ଅଭିମନ୍ୟୁ କାନୁନଗୋ | ୩୧୦ |

ISSN NO.
2582-208X


| | | |
|---|---|---|
| ଭଦ୍ରକ ଜିଲ୍ଲାର ଲୋକନାଟକ : ମୋଗଲ ତାମସା | ପ୍ରିୟଙ୍କା ସାମଲ | ୩୧୧ |
| କୁଆଁର ପୁନେଇଁ ଆସିଲାଣି | ଝରଣା ବାରିକ | ୩୧୯ |
| ପ୍ରତିକ୍ଷା | କମଳାକାନ୍ତ ମହାନନ୍ଦ | ୩୨୧ |
| ତେଲ ନଦୀର ବନ୍ୟା | ସନ୍ତୋଷ କୁମାର ବେହେରା | ୩୨୨ |
| ସିନ୍ଦୂର ର ଅଭିମାନ | ଦେବଦତ୍ତା ଦେବୀ | ୩୨୩ |
| ଶ୍ରୀୟା ଦେବୀ | ଡ. ଅର୍ଜୁନ ଚରଣ ବାରିକ୍ | ୩୩୦ |
| ଭୁଲ୍ କଲେ କାନ୍ଦିବ | ନରେନ୍ଦ୍ର ପ୍ରସାଦ ବେହେରା | ୩୩୨ |
| ତଟିନୀ | ଶ୍ରୀକୁମାର ମହାପାତ୍ର | ୩୩୪ |
| ବୌଦ୍ଧଧର୍ମ ଆଧାରିତ ଗଳ୍ପରେ ସୁରେନ୍ଦ୍ର ମହାନ୍ତିଙ୍କ ଦୃଷ୍ଟି ଦର୍ଶନ | ଭାଗ୍ୟଶ୍ରୀ ଦାଶ | ୩୩୬ |
| ତୁମେ ଏକ କବିତା | କେଶରୀ ପ୍ରସାଦ ମହାନ୍ତି | ୩୪୬ |
| ଲୋହିତ ଗ୍ରହର ଗୁମର କଥା | କ୍ୟାପଟେନ ଅକ୍ଷୟ କୁମାର ଦାଶ | ୩୪୮ |
| ସୂର୍ଯ୍ୟୋଦୟ | ସୀତାକାନ୍ତ ତୁମୁନିଆଁ | ୩୫୧ |
| କଲମ ମୁନ | ତପସ୍ୱିନୀ କିସାନ | ୩୫୩ |
| ଏଇତ ଜୀବନ | ତୃପ୍ତିମୟୀ ତ୍ରିପାଠୀ | ୩୫୪ |
| କ୍ଷମାର ମହତ୍ତ୍ୱ | ଡକ୍ଟର ଜ୍ୟୋତ୍ସ୍ନାରାଣୀ କର | ୩୫୬ |
| ମାନବିକତା | ସରସ୍ୱତୀ ରଥ (ସିପି) | ୩୫୮ |
| ଆସ ମାଁ ଧରା ଅବତରୀ | ସରୋଜ କୁମାର ବେହେରା | ୩୬୦ |
| ସାହାଯ୍ୟ | ବିନୟାନନ୍ଦ ବସ୍ତସ୍ୟ | ୩୬୨ |
| ଲୋକ ସାହିତ୍ୟରେ ଲୋକ ପରମ୍ପରା | ଡକ୍ଟର ନିରୁପମା ନାୟକ | ୩୬୩ |
| ସ୍ୱାଧୀନତାର କଳା ଅଧ୍ୟାୟ | ସପ୍ତର୍ଷି ନାୟକ | ୩୬୮ |

ISSN NO.
2582-208X


| | | |
|---|---|---|
| ପ୍ରେମ | ମୋନାଲିସା ପାଣିଗ୍ରାହୀ | ୩୬୯ |
| ଆଦିବାସୀ ପଲ୍ଲୀ ରେ ପୁଞ୍ଜିବାଦର ନିଆଁ – ଶ୍ରୀ ବିଜୟ ଶତପଥିଙ୍କ "କୋକୁଆ" | ସାହିଲ କୁମାର ନାୟକ | ୩୭୧ |
| ସ୍ୱାଗତମ୍ ମା | ତ୍ରିପତି ପ୍ରଧାନ | ୩୮୨ |
| ପୁଅ ଜୀଉଁନ୍ତିଆ | ସ୍ୱାଗତିକା ନାଏକ | ୩୮୪ |
| ଅନୁଭବିର ଅନୁଭବ | ଦୀପକ କୁମାର ବେହେରା | ୩୮୫ |
| ଘରଣୀ ପ୍ରେମଟା ସାରତ | ଜୟନ୍ତ କୁମାର ମଲ୍ଲିକ୍ | ୩୮୮ |
| ଓଡ଼ିଆ ସାହିତ୍ୟରେ ଲୋକ ଉପାଦାନ | ତେଜସ୍ୱିନୀ ସାମଲ | ୩୮୯ |
| ବଡ଼ବଡ଼ୁଆ ହୋ | ଦୀନବନ୍ଧୁ ବେଜ | ୩୯୫ |
| ଲୁହ ବିନ୍ଦୁ ପଡ଼େ ଖସି | ନିରଞ୍ଜନ ସାହୁ | ୩୯୭ |
| ଜଳବାୟୁ ପରିବର୍ତ୍ତନ ବେଙ୍ଗ ପାଇଁ କାଳ | ଡକ୍ଟର କମଳାକାନ୍ତ ଜେନା | ୩୯୯ |
| ଯେବେ ଯେବେ ଇଚ୍ଛା ହୁଏ | ବିଶ୍ୱନାଥ କର | ୪୦୩ |
| ସ୍ୱପ୍ନ ଓ ବାସ୍ତବତା | ଅଙ୍କିତା ପ୍ରିୟଦର୍ଶିନୀ | ୪୦୬ |
| କାର୍ତ୍ତିକ ପୂର୍ଣ୍ଣିମା ଅତୀତ ଉତ୍କଳର ନୌବାଣିଜ୍ୟର ଏକ ସ୍ମୃତିଚାରଣ | ଡ଼ଃ ପ୍ରଦୀପ କୁମାର ପଣ୍ଡା | ୪୦୭ |
| ବନ୍ଧୁତା | ସୋନିତା ଦାସ | ୪୧୦ |
| ସ୍ମୃତି | ପୂଜା ସାହୁ | ୪୧୧ |
| ଅନୁଭୂତି | ରଶ୍ମିତା ନାୟକ | ୪୧୩ |
| ବୟସର ଇନ୍ଦ୍ରଧନୁ | ଜନ୍ମଜୟ ନାୟକ | ୪୧୭ |
| କିଏ କଣ ଭାବୁଛି | ଚିତରଞ୍ଜନ ବେହେରା | ୪୧୯ |
| ଆହୁତି | ଡାଃ. ଅନିତା ପଣ୍ଡା | ୪୨୦ |

ISSN NO.
2582-208X



| | | |
|---|---|---|
| ବାପା | ବନ୍ଦିତା ଶତପଥୀ | ୪୨୩ |
| ସୃଷ୍ଟି ର ଶ୍ରେଷ୍ଠ ଜନ୍ମ ନାରୀ | ନମିତା ଦାଶ | ୪୨୫ |
| ଆପଣ କେମିତି ଅଛନ୍ତି | ବିରଞ୍ଚି ନାରାୟଣ ମିଶ୍ର | ୪୨୭ |
| ମୋ ଭାଗ୍ୟ | ଜୟନ୍ତ ଦାସ ପ୍ରଫୁଲ୍ଲ | ୪୩୧ |
| ଦୀପାବଳିର ଦୁଃଖ | ନବକିଶୋର ଦୀପ | ୪୩୩ |
| କେବେ କେରଳ ତ କେବେ ଅରୁଣାଚଳ | ପ୍ରିୟବ୍ରତ ପାତ୍ର | ୪୩୬ |
| ସମ୍ପର୍କ ସ୍ମୃତି ସହ | ଚନ୍ଦନା ସାହୁ | ୪୪୩ |
| ଜୀବନ ସଙ୍ଗୀତ | ବଂଶୀଧର ସା | ୪୪୪ |
| ଦିବ୍ୟ ଓରଫ ଦିବ୍ୟାନୀ | ଅରୁଣ କୁମାର ମହାପାତ୍ର | ୪୪୬ |
| ହଳଦି ମାଖି ଉଛୁର କଲୁ ଝୁରୁଛି ତତେ ଭାବି | ତାରାପ୍ରସାଦ ଜେନା | ୪୪୯ |
| କଠୋରତା | ବାଙ୍କାବିହାରୀ ମହାକୁର | ୪୫୧ |
| ଆଖି | ଦୁଷ୍ମନ୍ତ ବେହେରା | ୪୫୫ |
| ଶିକ୍ଷାଗତ ଯୋଗ୍ୟତା ....!! | ବନିତା ମହାରଣା (ରାଣୀ) | ୪୫୭ |
| ସ୍ମୃତି ହଜିଲା ଦିନର | ଆକାଶ ରଣା | ୪୬୦ |
| ଦୁଆର ଖୋଲିଲ ପ୍ରଭୁ | ଅଜିତ କୁମାର ପାଢ଼ୀ | ୪୬୨ |
| ଯାହାକୁ ଯାହା ଗଢ଼ିଚି ଦଇବ | ଅଭୟ କୁଣ୍ଡ | ୪୬୪ |
| କଳା କେଶରୀ | ସୁହାସିନୀ ବାରିକ୍ | ୪୬୬ |
| ପ୍ରେମ ପଞ୍ଚାମୃତ | ରାମ ଚନ୍ଦ୍ର ପ୍ରଧାନ | ୪୬୭ |
| କାଳେସି | ସିଦ୍ଧେଶ୍ୱର ତ୍ରିପାଠୀ | ୪୬୮ |
| ବ୍ରଜ ବିହାରୀ | ଅଳକା ବାରିକ୍ | ୪୭୦ |
| ଆସିଛି ଶୀତ... | ଅନାଦି ଚରଣ ବେହେରା | ୪୭୧ |

ISSN NO.
2582-208X

ବେଦାନ୍ତି


| | | |
|---|---|---|
| ବିବାହ କ'ଣ ଗୋଟିଏ ତମାସା ? | ମମତା ନାୟକ | ୪୭୨ |
| ହାରିଯିବାନି ଡରିଯିବାନି | ଧ୍ରୁବ ଚରଣ ଘିବେଲା | ୪୭୯ |
| ସ୍ୱାର୍ଥପର ଦୁନିଆଁ | ଶିବରାମ ଦଳେଇ | ୪୮୧ |
| ମହା ଶିବ ରାତ୍ରି | ଲକ୍ଷ୍ମୀପ୍ରିୟା ବିଶ୍ୱାଳ | ୪୮୬ |
| ଚୌର୍ଯ୍ୟବର୍ଗ ଦାୟକ | ମାଳତୀ ଦେବୀ | ୪୮୭ |
| ତୁମ କଥା ଭାରି ମନେପଡେ | ଅଜୟ କୁମାର ରାଉତ | ୪୮୮ |
| ସମୁଦ୍ର | ଦିନେଶ ମେହେର | ୪୯୦ |
| ସୃଷ୍ଟି ରହସ୍ୟ ଏବଂ ଭୌତିକବାଦୀ ଦର୍ଶନ | ବାଲ୍ମୀକି ନାୟକ | ୪୯୨ |
| ମା ମାରକମା ଯୁଦ୍ଧ ମହିମାମୃତ | ପ୍ରଦୀପ କୁମାର ଜିଲିକାରା | ୪୯୫ |
| ଅଫେରା ଦିନ | ପୁରିତ ରଣା | ୫୦୧ |
| ଶାଲ୍ୱ ଓ ଦନ୍ତବକ୍ର ବଧ | ନରେନ୍ଦ୍ର ପ୍ରସାଦ ବେହେରା | ୫୦୨ |
| ମମତାର ଡୋର | ଅଧ୍ୟାପିକା ରୋଜାଲିନ ବାରିକ୍ | ୫୦୪ |
| ଶ୍ରୀହରି | ସମ୍ପଦା ଦେବୀ | ୫୦୫ |
| ପୁରୁଷପିଲା ହେବୁ କେମିତି | ସଞ୍ଜୟ ରାଉଳ | ୫୦୬ |


## ଆଞ୍ଚଳିକ


| | | |
|---|---|---|
| ଉକିଆ | ଗଜାନନ ମିଶ୍ର | ୫୦୮ |
| ଆମର ଭାସି, ଆମର ଲେଖା | ବ୍ରଜମୋହନ ମେହେର | ୫୦୯ |
| ଦାଦନ ଖଟି | ସଞ୍ଜୟ ନାଏକ | ୫୧୫ |
| ଛେର୍ ଛେରା | ଇତିଶ୍ରୀ ମେହେର | ୫୧୬ |

ISSN NO.
2582-208X

# ଶିଶୁ ବିଭାଗ


| | | |
|---|---|---|
| ଗଛରେ ଫଳେ ଟମାଟୋ | ଡ଼ଃ ରଞ୍ଜିତ କୁମାର ସାହୁ | ୫୧୮ |
| ଗୀତ ପହଳି | ଯଜ୍ଞଦତ୍ତ ସାମନ୍ତରାୟ | ୫୨୨ |
| ଭଲ ମନ୍ଦ | ଅମରନାଥ ବାରିକ୍ | ୫୨୩ |
| ଆମ ପୋଲିସ ଭାଇ | ହରେରାମ ପଣ୍ଡା | ୫୨୫ |
| ମନରେ ଆନନ୍ଦ ଘର | ନୀଳମଣି ଚାନ୍ଦ | ୫୨୭ |
| ଶିଶୁଟିଏ ହେବ ବଡ | ଦୀନବନ୍ଧୁ ପୋଇ | ୫୨୯ |
| ଶୀତ ଆସିଲାଣି ଫଉଜ ଧରିକି | ପ୍ରକାଶ କୁମାର ଚାନ୍ଦ | ୫୩୧ |
| ଚିତ୍ର | ଆଦବିକା ପଟ୍ଟନାୟକ | ୫୩୩ |
| ସମୀକ୍ଷା /ମତାମତ | ଦେବଯାନୀ ସ୍ୱାଇଁ | ୫୩୪ |
| ଡିସେମ୍ବର ମାସରେ ପଡୁଥିବା ପର୍ବପର୍ବାଣୀ | ସଂଗୃହୀତ | ୫୩୭ |
| ଚିତ୍ର କଥା କହେ | ବେଦାନ୍ତୀ ପରିବାର | ୫୩୮ |

ISSN NO.
2582-208X

# ଏ ମାଟିର କବି ଗୁରୁପ୍ରସାଦ



ଗୁରୁକଲ୍ୟାଣ ମହାପାତ୍ର

ଏକବିଂଶ ଶତାବ୍ଦୀରେ ଆମେ ଯେତେବେଳେ ଜଟିଳ ମାନସିକତା ଭିତରେ ରହି ବେଳେବେଳେ ବାଟବଣା ହେଉଛୁ, ସେତେବେଳେ ନିଛକ ସାହିତ୍ୟ ପ୍ରତି ଅନାଗ୍ରହ ଭାବ ସୃଷ୍ଟି ହୋଇଛି । ପୁଣି ବିଜ୍ଞାନ ଓ ପ୍ରଯୁକ୍ତି ବିଦ୍ୟାର ପ୍ରଭାବ ଯୋଗୁଁ ସାହିତ୍ୟ ବିଭିନ୍ନ ଦିଗକୁ ବିସ୍ତାରିତ ହୋଇଛି । ତଥାପି ଏକବିଂଶ ଶତାବ୍ଦୀର ବ୍ୟସ୍ତ ମାନବ ସାହିତ୍ୟ ବା ସାହିତ୍ୟ ସ୍ରଷ୍ଟାଙ୍କୁ ଚିହ୍ନିପାରିଛି, ସମ୍ମାନ ଦେଉଛି ଓ ଆବଶ୍ୟକ ସ୍ଥଳେ ସେମାନଙ୍କ ସୃଷ୍ଟିର ଦୃଷ୍ଟାନ୍ତ ଦେଉଛି । ଗଣମାଧ୍ୟମଗୁଡିକର ବହୁଳ ପ୍ରଚାର କୌଶଳ ଯୋଗୁଁ ପୂର୍ବାପେକ୍ଷା ଜଣେ ସାହିତ୍ୟ ସ୍ରଷ୍ଟା ସ୍ୱୀକୃତି ପାଇଲେ ବା ଦେହତ୍ୟାଗ କଲେ ସେ ସମ୍ପର୍କରେ ପ୍ରଥମେ ଖବର ମିଳୁଛି । ଅବଶ୍ୟ ମୃତ୍ୟୁ ପରେ ଜଣେ ସାହିତ୍ୟ ସ୍ରଷ୍ଟାର ଜୀବନ ଓ କୃତିତ୍ୱକୁ ନେଇ ଯେତେସବୁ ପ୍ରଚାର କରାଯାଏ, ତାହା ସେ ନିଜେ ଜାଣିପାରେ ନାହିଁ ସତ, କିନ୍ତୁ ତାର ଅଗଣିତ ପାଠକ ଓ ପରିବାରବର୍ଗ ଦ୍ୱାରା ପ୍ରେରଣା ପାଇଥାନ୍ତି ।

ତଟସ୍ଥ ଦୃଷ୍ଟିରୁ ବିଚାର କଲେ କବି ଗୁରୁପ୍ରସାଦ ମହାନ୍ତିଙ୍କ ଦୃଷ୍ଟିରେ ବିପୁଳତା ପରିଲକ୍ଷିତ ହୁଏନାହିଁ ଯଦିଓ ବିଚିତ୍ରତା ହିଁ ତାଙ୍କ ସୃଷ୍ଟିର ଭୂଷଣ ବୋଲି ମନେ ହୋଇଥାଏ । ସଚ୍ଚି ରାଉତରାୟ ବା କିଶୋରୀ ଚରଣ ଦାସଙ୍କ ପରି ସେ ଅଜସ୍ର କବିତା ବା କାହାଣୀ ସୃଷ୍ଟି କରିନାହାନ୍ତି କିମ୍ବା ରାମନାଥ ପଣ୍ଡାଙ୍କ ପରି ସାହିତ୍ୟ ସଂଗଠନରେ ମାତି ନାହାନ୍ତି ବା ପ୍ରବନ୍ଧ ଲେଖିନାହାନ୍ତି । ଖୁବ୍ ଅଳ୍ପ ଲେଖି ସେ ଖୁବ୍ ବେଶୀ ପ୍ରଶଂସିତ ହୋଇଛନ୍ତି ଓ ଖ୍ୟାତି ଲାଭ କରିହନ୍ତି । କ୍ୱଚିତ୍ ଲେଖକ ଏପରି ପ୍ରଂଶସା ଓ ଖ୍ୟାତି ଲାଭ କରିହନ୍ତି ଜୀବଦ୍ଦଶାରେ ।

ISSN NO.
2582-208X

ସ୍ୱାଧୀନତାର ଉତ୍ତର କାଳରେ ପ୍ରାୟ ଷାଠିଏ ଦଶକରେ ସବୁଜ ଯୁଗର କବି ବୈକୁଣ୍ଠନାଥ ପଟ୍ଟନାୟକଙ୍କ ସମେତ କାଳନ୍ଦୀ ଚରଣ ପାଣିଗ୍ରାହୀ ଏବଂ ପରବର୍ତ୍ତି ସମୟରେ ଗୋଦାବରୀଶ ମହାପାତ୍ର, ମାୟାଧର ମାନସିଂହ, ରାଧାମୋହନ ଗଡନାୟକ, ଅନନ୍ତ ପଟ୍ଟନାୟକ, ସଚ୍ଚି ରାଉତରାୟ ବା ନିତ୍ୟାନନ୍ଦ ମହାପାତ୍ର ଓଡିଆ କବିତା ରଚନା କ୍ଷେତ୍ରରେ ଖୁବ୍ ପ୍ରତିଷ୍ଠା ଅର୍ଜନ କରିଥିଲେ । ଏମାନଙ୍କ ପରେ ରମାକାନ୍ତ ରଥଙ୍କ କବିତା ପ୍ରତିଷ୍ଠା ଲାଭ କରିଥିଲା । ସୀତାକାନ୍ତ ମହାପାତ୍ରଙ୍କ ସାହିତ୍ୟିକ ଆବିର୍ଭାବ ଅବଶ୍ୟ ବିଳମ୍ବରେ ହୋଇଥିଲା । ମାତ୍ର ସେହି ସମୟରେ ଭାନୁଜୀ ରାଓ ଓ ଗୁରୁପ୍ରସାଦ ମହାନ୍ତିଙ୍କର କବିତାଗୁଡିକ ପ୍ରଭାବ ବିସ୍ତାର କରି ସାହିତ୍ୟ ଜଗତରେ ଆଲୋଡନ ସୃଷ୍ଟି କରିଥିଲା । ତତକାଳୀନ ଆଧୁନିକ ଓଡିଆ କବିତା ହୁଏତ ସେତେବେଳେ ଫରାସୀ ସାହିତ୍ୟର ପ୍ରତୀକାବାଦ (Symbolism)କିମ୍ବା ଇଂରାଜୀ ସାହିତ୍ୟର କଳ୍ପବାଦ ହେଉ ବା ଚିତ୍ରକଳ୍ପ (Image) ହେଉ, ଏସବୁର ପ୍ରଭାବରୁ ମୁକ୍ତ ନଥିଲା । ଓଡିଆ କବିତାରେ ଉଭୟ ଆଶୟ (Form) ଓ ବିଷୟ (Theme) କୁ ଭିତ୍ତି କରି ବିଭିନ୍ନ ପରୀକ୍ଷା ଓ ପ୍ରୟୋଗ ମଧ୍ୟ ଚାଲିଥାଏ । କେହି କେହି କବି ଓ ଲେଖକ ତତ୍କାଳୀନ କବିତାର ଦୁର୍ବୋଧ୍ୟତା, ଦୂରୁହତା, ଜଟିଳତା ବା ଅସ୍ପଷ୍ଟତା ବିରୋଧରେ ସ୍ୱର ଉତ୍ତୋଳନ କରୁଥିବାର ମଧ୍ୟ ପରିଲକ୍ଷିତ ହୋଇଥିଲା । ଏସବୁ ସତ୍ତ୍ୱେ ଗୁରୁପ୍ରସାଦଙ୍କ କବିତାସବୁ ଚିତ୍ତାକର୍ଷକ ହୋଇପାରିଥିଲା ଓ ସେସବୁରେ ମୌଳିକତାର ସ୍ପଷ୍ଟ ନିଦର୍ଶନର ଆଭାସ ଥିଲା ।

ବିଗତ ଉନବିଂଶ ଶତାବ୍ଦୀରେ ଇଂରାଜୀ ସାହିତ୍ୟ କ୍ଷେତ୍ରରେ ସୃଷ୍ଟି ହୋଇଥିବା ରୋମାଣ୍ଟିକ୍ ଆନ୍ଦୋଳନର ପ୍ରଭାବ ବିଂଶ ଶତାବ୍ଦୀର ଲେଖକମାନଙ୍କ ଉପରେ ମଧ୍ୟ ପଡିଥିଲା । ତେଣୁ ଗୁରୁପ୍ରସାଦଙ୍କ ଉପରେ ତାହାର ପ୍ରଭାବ ପଡିଥିବା କିଛି ବିଚିତ୍ର ନୁହେଁ । ମାତ୍ର ସାହିତ୍ୟରେ ରୋମାଣ୍ଟିସିଜିମ୍ ପ୍ରେମଜନିତ ବ୍ୟାପାର ବୋଲି ଯେଉଁ ଧାରଣା, ତାହା ଠିକ୍ ନୁହେଁ । ସୌନ୍ଦର୍ଯ୍ୟ ପିପାସା ଯେପରି ଏହାର ଧର୍ମ । ଗୁରୁପ୍ରସାଦକ କବିତାର ପ୍ରତିଟି ପଦରେ ଭରି ରହିଥିଲା ଜୀବନ ପ୍ରତି ଗଭୀର ଦୃଷ୍ଟିଭଙ୍ଗୀ ଓ ସମାଜ ପ୍ରତି ମମତ୍ୱବୋଧ, ପୁଣି ଭାଷାର ଲାଳିତ୍ୟ ଓ ସ୍ୱଚ୍ଛନ୍ଦରେ ପ୍ରବାହିତ ଛନ୍ଦର ମାଧୁର୍ଯ୍ୟ । ତାହା ହିଁ ତାଙ୍କ ସୃଷ୍ଟିର ବୈଶିଷ୍ଟ୍ୟ । ଇଂରାଜୀ ଭାଷାର ପ୍ରଖ୍ୟାତ କବି ଟି.ଏସ୍.ଏଲିୟଟ୍ ଙ୍କ "ୱେଷ୍ଟଲ୍ୟାଣ୍ଡ" ଛାୟାରେ ଗୁରୁପ୍ରସାଦ "କାଳପୁରୁଷ" ରଚନା କରିଛନ୍ତି ବୋଲି କେହି କେହି ସମାଲୋଚନା କରିଥାନ୍ତି । ମାତ୍ର ଅତୀତରେ କବିବର ରାଧାନାଥ ରାୟ ମଧ୍ୟ ପାଶ୍ଚାତ୍ୟ କାହାଣୀ ଓ

ISSN NO.
2582-208X

କିମ୍ବଦନ୍ତୀରୁ ବିଷୟବସ୍ତୁକୁ ସଂଗ୍ରହ କରିଥିଲେ ମଧ୍ୟ ଆମ ମାଟି, ପାଣି ଓ ପବନ ସହିତ ଖାପ ଖୁଆଇ ଓଡିଶାରେ ସେ ଏପରି କାବ୍ୟମାନ ସୃଷ୍ଟି କରିଥିଲେ ଯେ ସେ ସବୁଥିରେ ମୌଳିକତା ନାହିଁ ବୋଲି କହିହେବ ନାହିଁ । ପରବର୍ତ୍ତୀ କାଳରେ ବହୁ କବି ରାଧାନାଥଙ୍କ ପଦାଙ୍କ ଅନୁସରଣ କରି କାବ୍ୟ ଓ କବିତାମାନ ରଚନା କରିଯାଇଥିଲେ । ଅନୁରୂପ ଭାବେ ଗୁରୁପ୍ରସାଦ ତାଙ୍କ ପରବର୍ତ୍ତୀ କାଳର ଅନେକ କବିଙ୍କୁ ଅନୁପ୍ରାଣିତ କରିଯାଇଛନ୍ତି ବୋଲି କହିଲେ ଅତୁକ୍ତ ହେବନାହିଁ ।

ଉଭୟ ସଚ୍ଚି ରାଉତରାୟ ଓ ଗୁରୁପ୍ରସାଦ "ଅଳକା ସାନ୍ୟାଲ୍" ଶୀର୍ଷକରେ ଦୁଇଟି ଭିନ୍ନ ଭିନ୍ନ କବିତା ରଚନା କରିଥିଲେ । ଏହାର ଏକ ତୁଳନାତ୍ମକ ଚିତ୍ର ପ୍ରଦାନ କରିଛନ୍ତି ପ୍ରଫେସର ପ୍ରଫୁଲ୍ଲ କୁମାର ମହାନ୍ତି, ତାଙ୍କ ରଚିତ "ଓଡିଆ କବିତାରେ ଆଧୁନିକତା ଓ ରମାକାନ୍ତ ରଥଙ୍କ "ଚନ୍ଦ୍ରମାର ଚୁଡି" ନାମକ ପ୍ରବନ୍ଧରେ । ଏହି ପ୍ରବନ୍ଧଟି ତାଙ୍କର "କିଛି ଆକାଶ କିଛି ମାଟି" ପୁସ୍ତକରେ ସ୍ଥାନିତ ହୋଇଛି । ପ୍ରଫେସର୍ ମହାନ୍ତି ଲେଖିଛନ୍ତି – ସେହିପରି ସଚ୍ଚି ରାଉତରାୟ ଓ ଗୁରୁପ୍ରସାଦଙ୍କର ଦୁଇ "ଅଳକା ସାନ୍ୟାଲ୍" କବିତାରେ ନାରୀର ବଦଳୁଥିବା ରୂପ ଏବଂ ଇତିହାସ ପୃଷ୍ଠାରେ ବାରମ୍ବାର ଧରା ନଦେଇଥିବା ରାଜକନ୍ୟା, ଅଧାଦେଖା ଅବୁଝା ହୋଇ ଶେଷରେ ଦେଖା ଦିଅନ୍ତି ।... "ଅପରପକ୍ଷେ ଗୁରୁପ୍ରସାଦଙ୍କ ଅଳକା ସଚ୍ଚି ରାଉତରାୟଙ୍କ ଅଳକା ନୁହେଁ, ତାହାର ଏକ ଗୁରୁପ୍ରସାଦୀୟ ସଂସ୍କରଣ । ଏ ଅଳକା ବ୍ଲାଉଜ୍ ରେ ବୋତାମ ଦିଏ, ସେମିଜରେ ଚା ଦାଗ ସଫା କରେ । ସଭା ସମିତିରେ ଅନର୍ଗଳ ଭାଷଣ ଦିଏ । ଜୋତା ଷ୍ଟ୍ରାପ୍ ଖୋଲି ଫାଁ ଗାଳି ପଡିଯାଏ, ଏକୁଟିଆ ବିଛଣାରେ । ସେ ପ୍ରେମ କରେ, ଗର୍ଭବତୀ ହୁଏ । ସିନେମା ପୋଷ୍ଟର୍ ପରି ଚିରିଯାଏ ।" ପବନେ ଉଡିଯାଏ ତାର ଅସ୍ତିତ୍ୱ । ଚାକିରି, ରାଜନୀତି, ପ୍ରେମ ଓ ଅସତର୍କ ଯୌନ ସମ୍ପର୍କ ତଥା ସମାଜ-ପରିବାର, ବାହାର ସିନେମା ପୋଷ୍ଟର ପରି ଅଳକା ସମୟର ବାଲି ଉପରେ ଉଡିଯାଏ । ନାୟକ ପାଇଁ ରହିଯାଏ କେବଳ ଏକ ସ୍ୱପ୍ନ-ଢିଲା ପାଇଜାମା କମିଜ୍ ର ଅମରାବତୀରେ ।

କିନ୍ତୁ କବି ଶୁଭେନ୍ଦୁ ମୋହନ ଦାସଙ୍କ "ଗୁରୁପ୍ରସାଦ କାବ୍ୟମାନସ" ଶୀର୍ଷକ ଲେଖାଟି ପଢିବା ପରେ ଗୁରୁପ୍ରସାଦଙ୍କ ସୃଷ୍ଟିର ଯଥାର୍ଥ ମୂଲ୍ୟାୟନ ଅନ୍ତତଃ ସମ୍ଭବ ହୋଇଛି ବୋଲି ମୋର ମନେହେଲା । ଲେଖାଟି ସେ ଏହିପରି ଆରମ୍ଭ କରିଛନ୍ତି "ନୂତନ କବିତା(୧୯୫୫) ରେ ମାତ୍ର ନ ଟି କବିତା ସ୍ଥାନ ପାଇଥିଲା । ମାତ୍ର ନ ଟି କବିତା ଗୋଟିଏ ସାହିତ୍ୟରେ କାବ୍ୟଭାଷା ଉପରେ ପ୍ରଚଣ୍ଡ ପ୍ରଭାବ ପକାଇପାରେ-ଏଡେ ପ୍ରବଳ ବେଗରେ ଗୋଟିଏ

ISSN NO.
2582-208X

ଭାଷାର ପାଠକ ମନଜୟ କରିବାରେ କ୍ଷମତା ରଖିପାରେ-ଏ ଦୃଷ୍ଟାନ୍ତ ପୃଥିବୀରେ ବିରଳ । ଏ ମାଟିକୁ, ଏ ପୃଥିବୀକୁ ଭଲ ପାଇଥିବା କବି ଗୁରୁପ୍ରସାଦଙ୍କ କବିତା ସବୁରେ ଆମେ ଦେଖିଥାଉଁ ଜୀବନର ବାସ୍ତବ ମନସ୍ତାତ୍ତ୍ୱିକ ଚିତ୍ର ଓ ମୃତ୍ୟୁ ପ୍ରତି ବେପରୱା ଭାବ । ତାହା ଏହିପରି –

ହୁଏତ ଏ ପୃଥିବୀକୁ ଭଲ ପାଏ ଦେଇ ମୋର
ସ୍ମୃତିର ଏ ବେଦନା ଭିତରେ
ତଥାପି ମୋ ଘରିପାଖେ ସମୟର ହାହାକାର
ମୃତ୍ୟୁର ଏ ଚରମ ଶୂନ୍ୟତା ।

ମୃତ୍ୟୁ ତାଙ୍କୁ ଆମଠାରୁ ଦୂରେଇ ଦେଇପାରିବ ନାହିଁ – ଯେ ପର୍ଯ୍ୟନ୍ତ ସେ ରହିଥିବେ ତାଙ୍କ କବିତାର ଅନୁପମ ପଂକ୍ତ ଗୁଡିକରେ ।

ଭି ଏ ୨୯/୩, ୟୁନିଟ୍-୨
ଭୁବନେଶ୍ୱର – ୯
ଫୋନ – ୪୯୩୭୦୧୨୧୨୩

ISSN NO.
2582-208X

# ପ୍ରିୟ କବି ଗଙ୍ଗାଧର ମେହେର



ଡ଼କ୍ଟର ସୀମାଞ୍ଚଳ ପ୍ରଧାନ

ଶିରାବଣ ମାସ ପୂନେଇଁ ତିଥିରେ
ଜନ୍ମିଥିଲ ଗଙ୍ଗାଧର
ମାତା ସେବତୀଙ୍କ ପୁତ୍ର ଥିଲ ତୁମେ
ଖ୍ୟାତ ହେଲ ଓଡ଼ିଶାର ।

ଚୈତନ୍ୟ ମେହେର ଥିଲେ ତୁମ ପିତା
ବୟନ କାର୍ଯ୍ୟରେ ତୁମେ
ବରପାଲ୍ଲୀ ଠାରେ ସାହାଯ୍ୟ କରିଲ
ସମ୍ବଲପୁରର ଭୂମେ ।

ପଞ୍ଚମ ଶ୍ରେଣୀରେ ଡୋର ବାନ୍ଧି ଦେଲ
ଗାଆଁ ଚାଟଶାଳୀ ଠାରେ
କବି ହୋଇ କରି ନାଆଁ ଅରଜିଲ
ଏହି ରାଇଜ ମାଟିରେ ।

କଚେରିକୁ ଯାଇ ଚାକିରୀ କରିଲ
ଅତି ଶରଧା ଭାବରେ
ଇନ୍ଦୁମତୀ, ତପସ୍ୱିନୀକୁ ଲେଖିଲ
ରାମାୟଣ ଆଧାରରେ ।

ISSN NO.
2582-208X

କୀଚକ ବଧ ଓ କୃଷକ ସଙ୍ଗୀତ
ଲେଖିଲ କାବ୍ୟ, କବିତା
ସେହି କୃତିମାନ ପଢ଼ିଲେ ରାଜ୍ୟର
ଆବାଳ ବୃଦ୍ଧ, ବନିତା।

ରାଧାନାଥ, ନନ୍ଦକିଶୋରଙ୍କ ଭଳି
ଉଚ୍ଚ ଶିକ୍ଷାକୁ ଛାଡିଲ
ପ୍ରାଚ୍ୟ ଭୂଖଣ୍ଡରେ ରହି ଗଙ୍ଗାଧର
ଦେଶ କଥା ଭାବୁଥିଲ।

ତପସ୍ୱିନୀ ଥିଲା ତୁମ ଶ୍ରେଷ୍ଠ କାବ୍ୟ।
ପ୍ରକୃତିକୁ ସ୍ଥାନ ଦେଲ
ସେଥିପାଇଁ କବି ତୁମେ ଗଙ୍ଗାଧର
ଏ ଭୂମେ ଅମର ହେଲ।

ପୂନେଇଁରେ ଜନ୍ମି ଅମାବାସ୍ୟାଟିରେ
ଚାଲିଗଲ ଗଙ୍ଗାଧର
ସମଗ୍ର ଓଡ଼ିଶା ରାଇଜକୁ ତୁମେ
କରିଗଲ ଅନ୍ଧକାର।

ନିଗମ ନଗର-୩ୟ ଗଳି
ଆଙ୍କୁଲି, ବ୍ରହ୍ମପୁର -୧୦
ମୋ: ୬୩୭୨୯୯୪୫୪୫

ISSN NO.
2582-208X

# ଡି.ଏଫ୍.ଓ
# କ୍ୟାମ୍ପବେଲ ବେ



ଅଶୋକ ବିଶ୍ୱାଳ

## ୩୦- ପଶ୍ଚିମ ଉପକୂଳର ସଜ ପବନ

ସେଦିନ ପାଣି ଆଲେକଜାଣ୍ଡ୍ରିଆ ନଦୀ କୂଳ ପାଖାପାଖି ଅନେକ ପଛକୁ ଖସିଯାଇଥିଲା । ଆଲେକଜାଣ୍ଡ୍ରିଆ ବିଚ ଥିଲା ସବୁଠାରୁ ବଡ ବିଚ, ପାଖାପାଖି ଦୁଇ କିଲୋମିଟରରୁ ଅଧିକ ଲମ୍ବ । ଆଉ ଗଲାଥିଆ ବିଚ ତା' ତୁଳନାରେ ସାମାନ୍ୟ ଛୋଟ, ପାଖାପାଖି ଦେଢ କିଲୋମିଟର । କିଛି ଯାଏ ବାଲି ଓଦା ଥିଲା । ଆକାଶରେ ଭାସୁଥିଲା ଛୋଟ ଛୋଟ ମେଘ । ଢେଉ ସବୁ ଛୋଟ ଥିଲା । ସମୁଦ୍ରରେ ଆଲେକଜାଣ୍ଡ୍ରିଆ ନଦୀ ମିଶିବା ଯାଗାରେ ଥିଲା କେତେଟା ଶୁଖିଲା ଗଛର ଗଣ୍ଡି, ବାଲିରେ ଅଧା ପୋତି ହୋଇଯାଇଥିଲା । ତା'ପରେ ପାଣି ଧିରେ ସମୁଦ୍ରରେ ମିଶିଯାଉଥିଲା । କୂଳରେ ଏମିତି କେତେଟା ଶୁଖିଲା ଗଛ ପଡିଥିଲା ।

"ପଶ୍ଚିମ ଉପକୂଳ ତୁମକୁ ଅଲଗା ଲାଗିବ । ବହୁ ପ୍ରାଣୀ, ଉଦ୍ଭିଦକୁ ତୁମେ ପାଖରୁ ଦେଖିବ। ଭଲ ଲାଗିବ ।" - ଅସୀମ ଶୋଭନାଙ୍କୁ ଆଗରୁ କହିଥିଲେ । ଶୋଭନା ପଶ୍ଚିମ ଉପକୂଳ ଦେଖିବାକୁ ଆଗ୍ରହୀ ଥିଲେ । ସେ ସାଇକେଲରେ ବସି ଏଠାକୁ ଆଗରୁ ଆସିଛନ୍ତି । କିନ୍ତୁ ସମୁଦ୍ରକୂଳରେ ବେଶି ବୁଲିପାରିନାହାନ୍ତି ।

ଆଉ ସେମାନେ ସେଦିନ ପଶ୍ଚିମ ଉପକୂଳରେ ସମୁଦ୍ରକୂଳଆ କେତେ ଖାଡି କପାସ ଗଛରେ ଫୁଲମାନ ଦେଖିଲେ । ଏକ ଛୋଟ ଗହଳିଆ ଗଛରୁ ହଳଦିଆ ଫୁଲମାନ ଝୁଲି ପଡିଥିଲା । ସମୁଦ୍ରକୂଳରେ କିଛି ଗଛରେ କେଓଡାର ଫୁଲ ଫୁଟିଥିଲା । କେଓଡା ଗଛରେ ସବୁଆଡେ

ISSN NO.
2582-208X

ଫଳ ସହଜରେ ମିଳଯାଏ, କିନ୍ତୁ ଏକ ସତେଜ ଫୁଲ ପ୍ରକୃତରେ ପାଇବା କଷ୍ଟ । ଫୁଲ ଥିଲା ଧଳା, ବେଣି ଯେମିତି ପଡିଛି । ଏମିତି ସୁନ୍ଦର ଫୁଲ ଦେଖି ଶୋଭନାଙ୍କ ମନ ଖୁସି ହୋଇଗଲା । ଏସବୁ ଗଛ ପରେ ସଫା ବାଲିରେ କିଛି ଲଟା ମାଡିଥିଲା ଆଉ ସେଥିରେ ଥିଲା ବାଇଗେଣୀ ରଙ୍ଗର କପ ଭଳି ଫୁଲ । ଆଉ ସମୁଦ୍ରକୂଳରେ ଥିଲା ଅନେକ ଛୋଟ ଛୋଟ ସ୍ୟାଣ୍ଡ ମାଉଣ୍ଡ ବା ଛୋଟ ବାଲି ହୁଙ୍କା । ଶୋଭନା ଭାବିଲେ କୂଳରେ କଙ୍କଡା ଥାଏ । ଏହା ତ କଙ୍କଡାର ଚାଲିବାର ଚିହ୍ନ ନୁହେଁ । ସମୁଦ୍ର କଚ୍ଛପ ଯିବାପରେ ଚିହ୍ନ ରହିଯାଇଥାଏ। ସମୁଦ୍ର କଚ୍ଛପମାନେ ଅଣ୍ଡା ଦେବାକୁ ବାଲିକୁ ଆସନ୍ତି । ଓଜନଆ ଜନ୍ତୁ, ତେଣୁ କଚ୍ଛପର ଘୋଷରା ଚିହ୍ନ ରହିଯାଉଥିବ । ଅବଶ୍ୟ ବେଶି ଦିନରେ ଯିବା ଚିହ୍ନ ଧିରେ ଧିରେ ବାଲିରେ ମିଶିଯାଏ । ଆଉ ଅଣ୍ଡା ଦେବା ସ୍ଥାନଟା ହୁଙ୍କା ହୋଇଥିବା ହେତୁ ଢେଉଢେଉକା ଦେଖାଯାଏ ।

"କଚ୍ଛପ ଅଣ୍ଡା ଦେଇ ଫେରିଯାଇଛି ଅସୀମ ।"- ଶୋଭନା ପ୍ରାୟ ନିଶ୍ଚିତ ହୋଇ କହିଲେ । ସମୁଦ୍ର କଚ୍ଛପ କଥା କହିଲାବେଳକୁ ଶୋଭନାଙ୍କ ମନରେ କମ୍ପନ ଆସୁଥିଲା । ଏହି କଚ୍ଛପମାନଙ୍କୁ ଦେଖିବା ଭାଗ୍ୟର କଥା । କେଉଁ ସୁଦୂର ଦେଶରୁ ଆସୁଥିବେ ସମୁଦ୍ର କଚ୍ଛପମାନେ । ବିଦେଶୀ ଲୋକଙ୍କୁ ଦେଖିବାକୁ ମନ ସମସ୍ତଙ୍କର ଉଚ୍ଛନ୍ନ ହୁଏ । କେମିତି ପୋଷାକ ପିନ୍ଧୁଥିବେ, କେମିତି କଥା କହୁଥିବେ । ଆଉ ଲୋକମାନେ ଡେଙ୍ଗା ନା ଗେଡା ହୋଇଥିବେ, ରଙ୍ଗ କ'ଣ କଳା, ଧଳା ବା ବାଦାମୀ ହୋଇଥିବ? ଏମିତି ଅନେକ କଥା ମନରେ ଆସେ । ସେଇମିତି ସମୁଦ୍ର କଚ୍ଛପମାନେ କେତେ ଭିନ୍ନ ହୋଇଥିବେ । ଯେତେଥର ଦେଖିଲେ ବି ଆଉ ଥରେ ଦେଖିବାକୁ ମନ ହୁଏ ।

"ଏମାନେ ଘୋଷ୍ଟ କ୍ରାବ । କଚ୍ଛପର ଅଣ୍ଡାଦେବା ସ୍ଥାନର ଆୟତନ ଆକାର ଟିକେ ବଡ । ଏ ଗୁଡିକ ଗାତ ପାଖରେ ଥିବା ଘୋଷ୍ଟ କ୍ରାବର ବାଲିରୁ ତିଆରି ଛୋଟ ହୁଙ୍କା ।"- ଅସୀମ ଏତିକ କହି ଏକ ମାଉଣ୍ଡ ପାଖକୁ ଚାଲିଗଲେ ।

ଘୋଷ୍ଟ କ୍ରାବମାନେ ଜୁଆର ରେଖାର ଉପର ଆଡକୁ କ୍ରାବ ମାଉଣ୍ଡ ବା ଛୋଟ ଛୋଟ ବାଲିର ହୁଙ୍କା ତିଆରି କରନ୍ତି । ବଡ ଗୋଡ ଆଉ ସବମେରିନ ବା ବୁଡାଜାହାଜର ପେରିସ୍କୋପ ଭଳି ଉପରକୁ ଉଠିଥିବା ଆଖି ଥିବା ଏହି ପତଳା କଙ୍କଡାମାନେ ଭଟ୍ଟା ସମୟରେ ବାହାରି ଆସି ଖାଇବା ଖୋଜନ୍ତି । ସେମାନଙ୍କୁ ନିଃଶ୍ବାସ ନେବା ପାଇଁ ଦେହ ଟିକେ ଓଦା ରହିବା

ISSN NO.
2582-208X

ଦରକାର । ଅପେକ୍ଷାକୃତ ବଡ କଙ୍କଡା ଗାତମାନ ସେଇ ଛୋଟ ବାଲି ହୁଙ୍କା କଡରେ ଥାଏ। ଘୁରିଆଡେ ଶୁଖିଲା ବାଲି ଅଳ୍ପ ଖେଳାଇ ହୋଇପଡିଥାଏ । କୂଳର ଗଛମାନ ସେଠାରୁ କେଇ ଖୋଜ ଦୂରରେ ଥାଏ । ଏ ଚଞ୍ଚଳ କଙ୍କଡାମାନେ ଟିକଏ ବିପଦ ଦେଖିଲେ ଦୌଡି ଗାତ ଭିତରେ ଲୁଚଯାଆନ୍ତି ।

"ଘୋଷ୍ଟ କ୍ରାବ, ବାଃ, ବାଃ । ତୁମେମାନେ ଏମିତି ସମୁଦ୍ରକୂଳକୁ ବାଲୁଙ୍କାରେ ସଜାଇଦିଅ।"- ଶୋଭନା ଯେମିତି ତାଳମାରି କହୁଥିଲେ । ତାଙ୍କ ଅଂଚଳରେ  ବାଲୁଙ୍କା କରି ଝିଅମାନେ ପୂଜା କରନ୍ତି । ଫୁଲରେ ସଜାନ୍ତି । ଏଠି ଫୁଲ ତ କେଇ ଖୋଜ ଦୂରରେ । ପବନରେ ବେଳେବେଳେ ଉଡିଆସି କଙ୍କଡା ତିଆରି ଛୋଟ ହୁଙ୍କା ଉପରେ ପଡୁଛି ।

ଏମିତି ଛୋଟ ଛୋଟ ଜିନଷ ଦେଖି ସମୁଦ୍ରକୂଳରେ ବୁଲିବାକୁ ମଜା ଲାଗୁଥିଲା । ବେଶି ଗରମ ନଥିଲା ଆଉ ପବନ ଥିଲା ବେଶ ତାଜା । ପାଣି ଚମକୁଥିଲା । ସେମାନେ କୂଳରେ କିଛି ଯାଗାରେ ବାଲିର ଛୋଟଛୋଟ ଗୁଳମାନ ପଡିଥିବାର ଦେଖିଲେ । କିଏ ଯେମିତି ବହୁ ପରିଶ୍ରମ କରି ଗୁଳା କରି ଓଦା ବାଲିର ଧାରରେ ଛାଡିଦେଇଛି । ସେମିତି ତ ଗୋଲ ଗୋଲ ବଢି ମଣିଷ ତିଆରି କରେ । ପରେ ଶୁଖିଗଲେ ସମୟ ଦେଖି ଖାଇବ । ପାଖରେ ଏକ ଛୋଟ ଗାତ । କିଛି ଦେଖାଯାଉନଥିଲା । କିନ୍ତୁ ଏମିତି ଗୁଳା କରିବାର ଅର୍ଥ ଜଣା ଯାଉନଥିଲା । କେଉଁ ପ୍ରାଣୀ କରିଥିବ କେଜାଣି? ସୁନ୍ଦର ଭାବେ ଗୋଲ ଗୋଲ ଗୁଳା ହୋଇଥିଲା । ବଡ ଛୋଟ ନାହିଁ । କାରଖାନାର ପ୍ଲାଷ୍ଟିକ ମାଳ ଭଳି ସବୁ ସମାନ ଆକାରର ମାଳ ଥିଲା ।

"ଏତେ ଛୋଟ ଛୋଟ ଗୁଳା ଯେ ଅସୀମ ।"- ଅସୀମଙ୍କୁ ଶୋଭନା ଦେଖାଇ ଦେଲେ । ତାଙ୍କୁ ଲାଗିଲା ଏହି ସବୁ ଗୁଳିକୁ ନେଇ ଏକ ମାଳ ତିଆରି କରାଯାଇ ପାରିବ ।

ଶୋଭନା ବସିପଡି ଭଲକରି ଅନାଇଲେ । ଏକ ଛୋଟ ଗାତରୁ ଗୁଳର ଆରମ୍ଭ ଆଉ ଘୁରିଆଡକୁ ପ୍ରାୟ ସମାନଭାବରେ ଖେଳାଇ ହୋଇ ପଡିଛି । କିଛି ଯାଗାରେ ଗୁଳମାନ ବେଶି ଥିଲା ତ କିଛି ଜାଗାରେ କମ । ଶୋଭନା ସେଥିରୁ କିଛି ଜ୍ୟାମିତିକ ପ୍ୟାଟର୍ଣ ଖୋଜୁଥିଲେ । ସବୁ ପ୍ରାଣୀମାନେ ନଜର ହିସାବରେ ଏକ ଏକ ପ୍ୟାଟର୍ଣ ତିଆରି କରନ୍ତି । ଏମିତି ଦେଖିଲେ ଜାଣିହୁଏନା, କିନ୍ତୁ ଭଲକରି ଲକ୍ଷ୍ୟ କଲେ ବହୁତ କିଛି ଜାଣିହୁଏ ।

ISSN NO.
2582-208X

"କଏ କଲା?"

"ଏକ ଛୋଟ କଙ୍କଡା । ପ୍ରାୟ ଏକ ସେମି ଲମ୍ବର ବାଲିରେ ରହୁଥିବା ଛୋଟ କଙ୍କଡାମାନେ ଏମିତି ଗୁଳା ଭଟ୍ଟା ସମୟରେ ବନାନ୍ତି । ଇଂରାଜୀରେ ଏହାକୁ ସ୍ୟାଣ୍ଡ ବବଲର କ୍ରାବ କୁହାଯାଏ ।"-ଅସୀମ କହିଲେ ।

"କାରଣ?"- ଶୋଭନା ପଚାରିଲେ । ଏ କଙ୍କଡାମାନଙ୍କୁ ଗୁଳକରି ଖେଳବାକୁ ଭଲଲାଗେ ନା କ'ଣ? ଛୁଆମାନେ କେତେ କେତେ ଜିନଷ ଛୋଟବେଳେ ତିଆରି କରନ୍ତି ଆଉ ପୁଣି ସେମିତି ଫୋପାଡି ଦିଅନ୍ତୁ । ସେମିତି ଖେଳବା ଫୋପାଡିବା ଯଦି କଙ୍କଡା ରାଇଜରେ ଥିବ ତ ତେବେ ବଡ ଆଶ୍ଚର୍ଯ୍ୟର କଥା ।

"ଖାଦ୍ୟ ଖୋଜିବା । ଏହି ଛୋଟ କଙ୍କଡାମାନେ ବାଲିକୁ ମୁହଁରେ ନେଇ ସେଥିରୁ ଡେଟ୍ରିଟସ, ପ୍ଲାଙ୍କଟନ ଆଦି ଖାଇବା ଖୋଜନ୍ତୁ ଆଉ ବାକି ବାଲିକୁ ତଳେ ପକାଇ ଦିଅନ୍ତୁ । ସେମାନଙ୍କ ଲାଳ ବାଲିରେ ଲାଗି ଏମିତି ଛୋଟ ଛୋଟ ଗୁଳରେ ପରିବର୍ତ୍ତନ ହୁଏ । ସେମାନଙ୍କ ମୁହଁର ଆକାର ହିସାବରେ ଗୁଳର ଆକାର ଷ୍ଟାଣ୍ଡାର୍ଡାଇଜଡ ହୋଇଯାଏ । ପରେ ଜୁଆରରେ ଅବଶ୍ୟ ଏହି ଗୁଳ ସବୁ ଧୋଇଯାଏ । ପରେ ପୁଣି ଆଉ ଥରେ ଭଟ୍ଟା ସମୟରେ ଛୋଟ କଙ୍କଡାମାନେ ବାହାରି ଆସି ଖାଇବା ଖୋଜନ୍ତୁ । ସେମାନେ ନିଜ ନିଜ ଅଧିକାର କ୍ଷେତ୍ର ମୁହଁରୁ ଏହି ଗୁଳ ଓଗାଳବା ଦ୍ୱାରା ତିଆରି କରନ୍ତୁ ।"

"ସତରେ ଅସୀମ, ଆମ ପାଖରେ କେତେ ଜୀବ ଅଛନ୍ତୁ, ଆମେ ସେମାନଙ୍କୁ ଲକ୍ଷ୍ୟ କରିପାରୁନା । ସେମାନଙ୍କୁ ଲକ୍ଷ୍ୟ କରିନେଲେ କେତେ ବଢିଆ ଜିନଷ ମିଳଯାଉଛି, କେତେ ନୂଆ କଥା ଜାଣିବାକୁ ମିଳଯାଉଛି ।"-ଶୋଭନା ଖୁସିରେ କହିଲେ ।

ଏକ ଛୋଟ ଗାତ ମୁହଁରେ ଟିପେ ଆକାରର ଶରୀର ଆଉ ପତଳା ଚଞ୍ଚଳ କଙ୍କଡାଟିଏ ଅନାଇଥିଲା । ଜୁଆରରେ ବେଳେବେଳେ ତା' ଗାତ ବୁଡିଯାଉଥିଲା ଆଉ ସେଥିରୁ ବୁଦବୁଦ ହୋଇ ପାଣି ବାହାରୁଥିଲା । ଜୁଆର ଛାଡିଗଲେ କଙ୍କଡାଟି ଦୌଡି ପୁଣି ଗାତ ପାଖକୁ ଗ୍ଲିଯାଉଥିଲା । ଅସୀମ ଶୋଭନାଙ୍କ ଉତ୍ସାହ ଦେଖି ସମୁଦ୍ର କଙ୍କଡା ଆଉ ସମୁଦ୍ର କଚ୍ଛପ ବିଷୟରେ ସାମାନ୍ୟ କହିଲେ ।

ISSN NO.
2582-208X

ସମୁଦ୍ର କଙ୍କଡା, ଶଂଖ ଇତ୍ୟାଦି ସମୁଦ୍ର ଭିତରେ ଆଉ କୂଳରେ ଅଛନ୍ତୁ ଅସଂଖ୍ୟ ପ୍ରକାରର କଙ୍କଡା । ଏମାନଙ୍କର ଗୋଡ ଗଣ୍ଠିଗଣ୍ଠିଆ ଆଉ ଉପରର ଆବରଣ ଶକ୍ତ । ସେମାନଙ୍କର ଏକ ମୋଟା ବୁଢା ଗୋଡ ପ୍ରାୟ ଥାଏ ଯାହା ସେମାନଙ୍କୁ ଆକ୍ରମଣ କରିବାରେ ବା ସୁରକ୍ଷା ପ୍ରଦାନରେ ସାହାର୍ଯ୍ୟ କରେ । ସେମାନେ ପ୍ରାୟ ସବୁ ଖାଦ୍ୟ ଖାଇଥାନ୍ତି । ସବୁ ମର୍ ସଢା ଖାଦ୍ୟ ଏମାନଙ୍କର ପ୍ରିୟ । ଏମାନଙ୍କୁ କୁହାଯାଇପାରେ ସମୁଦ୍ରକୂଳ ଆଉ ସମୁଦ୍ର ତଳର ସଫାଇ କର୍ମଗ୍ଚରୀ । ହର୍ମିଟ କ୍ରାବ ଖାଲି ପଡିଥିବା ସି ସେଲର ଖୋଳ ଭିତରେ ଆଶ୍ରୟ ନଏ। ହର୍ମିଟ କ୍ରାବର ଆକରରେ ବୃଦ୍ଧି ଘଟିଲେ ସେ ପୁରୁଣା ଗେଣ୍ଡା ବା ସି ସେଲର ଖୋଳପା ଛାଡିଦେଇ ଆଉ ଏକ ନୂଆ ଖୋଳପାର ସନ୍ଧାନ କରେ । ହର୍ମିଟ କ୍ରାବ ମାଟିରେ ରହିପାରେ । ଜ୍ୟା କୋକୋନଟ କ୍ରାବ ବା ରବର କ୍ରାବ ପୃଥିବୀର ସବୁଠାରୁ ବଡ ସ୍ଥଳୀୟ କଙ୍କଡା ।

କ୍ରାବର ନାଁ ଗୁଡା ମଧ୍ଯ ସେମିତି ଅଦ୍ଭୁତ, ସବୁ କଳ୍ପନା ସମ୍ଭୂତ ମନେହୁଏ । ପୋର୍ସିଲିନ କ୍ରାବ, ରିଫ କ୍ରାବ, ବକ୍ସ କ୍ରାବ, ଅଲଗେଇ କ୍ରାବ, ଡେକୋରେଟର କ୍ରାବ, ମୋଲଟଡ ସାଲି ଲାଇଟହାଉସ କ୍ରାବ, ରେଡ ଆଇ କ୍ରାବ, ଫିଡଲର କ୍ରାବ, ହର୍ମିଟ କ୍ରାବ, ଘୋଷ୍ଟ କ୍ରାବ ଇତ୍ୟାଦି।

ସମୁଦ୍ରରେ ଅଛନ୍ତୁ ଅନେକ ପ୍ରକାରର ଗେଣ୍ଡା, ଶାମୁକା ବା ଶଂଖ ଜାତୀୟ ପ୍ରାଣୀ । ସେମାନଙ୍କର କେତେ ଯେ ଆକାର । କଏ ବିରାଟ ଶଂଖ ହେଲାଣି ତ କଏ ଛୋଟ କଉଡିର ଆକାର ଧାରଣ କରି ସାରିଲାଣି । କଏ ଏକ କୋନ କେକ ଭଳ ମୋଡି ମୋଡି ହୋଇ ଗୋଜିଆ ହୋଇଯାଇଛି । କାହାକୁ ଆମେ ଟର୍ବାନ ସେଲ ବା ହେଲମେଟ ସେଲ କହିବା ତ କାହାକୁ କାହିବା ଜ୍ୟାଣ୍ଟ କାମ ସେଲ । କଏ କଙ୍ଗ ସେଲ ଭଳ ବଡ ଆଉ ସୁନ୍ଦର ହେଲାଣି ତ କଏ ସପୁରୀ ଭଳଆ ଦେଖାଯାଉଛି ଆଉ ତା'କୁ କୁହାଯାଉଛି ପାଇନ ଆପଲ ସେଲ । ନଟିଲାସ ସେଲ ପତଳା, ମୋଟା ଆଉ ଏକ ଗାଲାକ୍ସି ଭଳ ଧିରେ ବଡ ହୋଇଯାଉଛି । ଜ୍ୟାଣ୍ଟ କାମ ସେଲ ଏତେ ଓଜନଆ ବିଶ୍ୱାସ କରିହେଉନ । କେଉଁ ସେଲ ବାଘ ପଞ୍ଝା ପରି ଦେଖାଯାଉଛି । କେଉଁ ସେଲକୁ କୁହାଯାଉଛି ଟ୍ରମ୍ପେଟ ସେଲ ବା କାହାଳୀ ସେଲ । କେଉଁ ସେଲ କୋନ ପରି ଦେଖାଯାଉଛି । କେଉଁ ଶଂଖକୁ ସ୍ପାଇଡର କୋଂଚ କୁହାଯାଉଛି ଆଉ ସେହି ଶଂଖର ଧାରରେ ବୁଢୀଆଣୀର ବାହୁ ଭଳ ଲମ୍ବା ବାହୁମାନ ଅଛି । ଗୋଟାଏ ସେଲ ତ ଓଲଟା ନଟୁ ପରି ଦେଖାଯାଉଛି ଆଉ ତା'କୁ ଟପ ସେଲ ବା ନଟୁ ସେଲ କୁହାଯାଉଛି ।

ISSN NO.
2582-208X

"ଶୋଭନା, ତୁମେ ସମୁଦ୍ର ଧାରରରେ ସେଲମାନଙ୍କ ଆକାର, କଙ୍କଡାମାନଙ୍କର ରୂପ ଦେଖି ଆଶ୍ଚର୍ଯ୍ୟ ହୋଇଯିବ ।"- ଅସୀମ କହିଲେ ।

"ମ୍ୟାଜିକ ହାଉସ । ଏକ ମ୍ୟାଜିସିଆନର ଘର । ହାତ ବୁଲାଇଲା କ୍ଷଣି ଏକ ନୂଆ ଜିନଷ ବାହାରି ଆସୁଛି । କଏ ଦୌଡୁଛି ତ କଏ ଚୁପଚାପ ପଡି ରହିଛି । ଦେଖୁନ ହଣ୍ଟେଡ ହାଉସରେ କେବଳ ଡରିବା ପାଇଁ ଉପାଦାନମାନ ରଖାଯାଇଥାଏ । ସେଇମିତି ଏଠି ଆକାର ବଦଳାଇବା ପାଇଁ ଏକ ମଂଚ ତିଆରି କରିଦିଆଯାଇଛି ।"-ଶୋଭନା କହିଲେ ।

"ସମୁଦ୍ରକୂଳ ହେଉଛି ଏକ ମ୍ୟାଜିକର ମଂଚ ।"-ଅସୀମ କହିଲେ । ଆଉ ତା'ପରେ ଅସୀମ ତାଙ୍କର କଥା ଜାରି ରଖିଲେ ।

## ସମୁଦ୍ର କଚ୍ଛପ

ସମୁଦ୍ର ଭିତରେ ଅଛନ୍ତି କେତେକେତେ କଚ୍ଛପ । ଗ୍ରେଟ ନକୋବର ଦ୍ୱୀପରେ ସେମାନେ ଗଲାଥିଆ, ଆଲେକଜାଣ୍ଡ୍ରିଆ ଭଳି ନଦୀ କୂଳରେ ଥିବା ନର୍ଜ୍ଜନ ବିଚକୁ ଅଣ୍ଡା ଦେବା ପାଇଁ ଆସନ୍ତି । ସେମାନେ ଧିରେ ବଡ ହୁଅନ୍ତି ଓ ବହୁ ବର୍ଷ ବଞ୍ଚନ୍ତି । ସମୁଦ୍ର କଚ୍ଛପମାନଙ୍କୁ ପାଣି ଉପରକୁ ଆସି ନିଃଶ୍ୱାସ ନେବାକୁ ପଡେ । କଚ୍ଛପମାନେ ଅଣ୍ଡାରୁ ଜନ୍ମନେଇ ବଡ ହୋଇଥାନ୍ତି । ଏହି କଚ୍ଛପମାନେ ବହୁ ଲମ୍ବା ଯାତ୍ରା କରିଥାନ୍ତି । ସେମାନଙ୍କର ଥାଏ ଆହୁଲା ଭଳି ଫ୍ଲିପରସମାନ । ସେମାନେ ସମୁଦ୍ର ତଳେ ବୁଲାଚଲା କରନ୍ତି । ସେମାନଙ୍କର ଦେଖିବା ଆଉ ଶୁଙ୍ଘିବା ଶକ୍ତି ଭଲ କିନ୍ତୁ ସ୍ୱାଦ ବାରିବା ଶକ୍ତି କମ । ଦେହରେ ଜମା ହେଉଥିବା ଅତ୍ୟଧିକ ଲବଣକୁ ସେମାନେ ଲୁହ ମାଧ୍ୟମରେ ଦେହରୁ ନିଷ୍କାସନ କରିଥାନ୍ତି । ତେଣୁ ଅଣ୍ଡାଦେବା ସମୟରେ ସେମାନଙ୍କ ଆଖିରୁ ଲୁହ ବାହାରିବା ଦେଖାଯାଏ । ପ୍ରକୃତ କାରଣ ହେଉଛି ଦେହରୁ ଲବଣ ନିଷ୍କାସନ, ବୋଧହୁଏ ପ୍ରସବ ଜନିତ ଯନ୍ତ୍ରଣା ନୁହେଁ । ସେମାନଙ୍କର ଉପର ଖୋଳପାକୁ କାର୍‌ପାସ, ଆଉ ତଳ ଖୋଳପାକୁ ପ୍ଲାଷ୍ଟ୍ରନ କୁହାଯାଏ । ସେମାନଙ୍କ ଖୋଳପା ହେଉଛି ଏକ ଢାଲ । ପୁରୁଣା ସୈନିକମାନେ ଧରୁଥିବା ଢାଳ ଭଳି ମଝିରେ ଉପରକୁ ଉଠିଯାଇ କଡ ଆଡକୁ ତଳୁଆ ହୋଇଯାଇଛି । ସମୁଦ୍ର କଚ୍ଛପର ଦାନ୍ତ ନାହିଁ । ସେମାନଙ୍କର ମାଢି ସେହି ହିସାବରେ ବଦଳଯାଇଛି । ବେଶ ଟାଣ ମାଢି ଅଛି କଚ୍ଛପର ।

ISSN NO.
2582-208X

ଆଣ୍ଡାମାନ ସମୁଦ୍ରରେ ଅଛନ୍ତି ହକସବିଲ ଟର୍ଟଲ, ଗ୍ରୀନ ସି ଟର୍ଟଲ, ଅଲିଭ ରିଡଲେ ଟର୍ଟଲ, ଲେଦରବ୍ୟାକ ଟର୍ଟଲ ।

ଅଲିଭ ରିଡଲେ ଟର୍ଟଲ ହେଉଛି ଏକ ଛୋଟ କଚ୍ଛପ । ପ୍ରାୟ ୭୦-୮୦ ସେମି ପର୍ଯ୍ୟନ୍ତ ଲମ୍ବ ହୋଇପାରେ । ଓଜନ ପ୍ରାୟ ୩୫-୫୦ କେଜି ହୋଇପାରେ । ଏକ ବଡ । ଲିଭ ରିଡଲେ କଚ୍ଛପର ଖୋଳପା ପ୍ରାୟ ଗୋଲ, ଗାଢ ପାଉଁଶିଆ ରଙ୍ଗର ହୋଇଥାଏ । ଏହା ବେଶି ସଂଖ୍ୟାରେ ଭାରତରେ ମିଳେ ।

ହକସବିଲ ସି ଟର୍ଟଲର ମୁଣ୍ଡ ଲମ୍ବା । କାର୍‌ପାସ ବା ଖୋଳପାରେ ସୁନ୍ଦର ଲାଲ ବା ଗାଢ ବାଦାମୀ ରଙ୍ଗର ଛାପ ପଡିଥାଏ । ଏହି କଚ୍ଛପର ଅଛି ସରୁଆ ଥଣ୍ଟ, ପ୍ରାୟ ପକ୍ଷୀର ଚଂଚୁ ଭଳି । ତେଣୁ ଏହାକୁ ହକସବିଲ କଚ୍ଛପ କୁହାଯାଉଛି । ଏହାର ଲମ୍ବ ପ୍ରାୟ ୧୦୦ ସେମି ଆଉ ଓଜନ ପାଖାପାଖି ୭୦-୮୦ କଲୋ ହୋଇପାରେ । ଛୋଟ କଚ୍ଛପ ସବୁ ଖାଇବା ଖାଇଥାନ୍ତି । କିନ୍ତୁ ବଡ କଚ୍ଛପମାନେ ମୁଖ୍ୟତଃ ସ୍ପଞ୍ଜ, ଜେଲିଫିଶ, ମୋଲୁସ୍କ, ସାମୁଦ୍ରିକ ଘାସ, ଅଲଗେଇ ଇତ୍ୟାଦି ଖାଇଥାନ୍ତି ।

ଗ୍ରୀନ ସି ଟର୍ଟଲ ହେଉଛି ଟାଣ ଖୋଳପା ଥିବା ସବୁଠାରୁ ବଡ ସମୁଦ୍ର କଚ୍ଛପ । ଏହାର ମୁଣ୍ଡ ଛୋଟ ଆକାରର । ପ୍ରାୟ ୧୩୦ ସେମି ପର୍ଯ୍ୟନ୍ତ ଲମ୍ବ ଆଉ ୧୧୩-୨୩୦ କଲୋ ପର୍ଯ୍ୟନ୍ତ ଓଜନ ପାଇପାରେ । ଏହାର ଖୋଳପାରେ ହାଲୁକା ଲାଲ-ଖଇରିଆ ରଙ୍ଗର ଛାପ ଥାଏ । ଏହା ଲମ୍ବା ଯାତ୍ରା କରିଥାଏ । ନଜର ଫିଡିଙ୍ଗ ଗ୍ରାଉଣ୍ଡ ଆଉ ନେଷ୍ଟିଙ୍ଗ ବିଚ ଭିତରେ ପ୍ରାୟ ୨୩୦୦ କମି ପର୍ଯ୍ୟନ୍ତ ଯାତ୍ରା କରିପାରେ । ଏହା ମୁଖ୍ୟତଃ ନିରାମିଶାଷୀ ଆଉ ଏହା ସାମୁଦ୍ରିକ ଗୁଳ୍ମ ଇତ୍ୟାଦି ଖାଇଥାଏ ।

ଜ୍ୟାଣ୍ଟ ଲେଦରବ୍ୟାକ ସି ଟର୍ଟଲ- ଏହା ସମୁଦ୍ର କଚ୍ଛପଙ୍କ ମଧ୍ୟରେ ଆକାରରେ ସବୁଠାରୁ ବଡ । ଶରୀର ଉପରେ ହାଡର ଖୋଳ ନଥାଏ, ପରନ୍ତୁ ବେଶ ମୋଟା ଚମଡାର ଆବରଣ ଥାଏ । ତଳେ ହେକ୍ସାଗୋନାଲ ହାଡର ଛାଞ୍ଚ ଥାଏ । ଏହା ପ୍ରାୟ ତ୍ରିଭୁଜାକାର ଦେଖିବାକୁ । ଚମଡାର ରଙ୍ଗ ପ୍ରାୟ କଳା ବା ଧୂସରିଆ କଳା, ତା' ଉପରେ ଛାପି ଗୁପିକିଆ ଧଳା ଦାଗ ଥାଏ । ଏହାର ଲମ୍ବ ୧୪୦ ସେମିରୁ ୨୦୦ ସେମି ପର୍ଯ୍ୟନ୍ତ ହୋଇପାରେ ଆଉ ଓଜନ ୯୦୦ କଲୋ ପର୍ଯ୍ୟନ୍ତ ଯାଇପାରେ ।

ISSN NO.
2582-208X

“ଅସୀମ, ଏ ସମୁଦ୍ରକୂଳ କେତେ ଦୂରରୁ ଏହି କଚ୍ଛପମାନଙ୍କୁ ଆକର୍ଷଣ କରୁଛି । ସାମାନ୍ୟ କିଲୋମିଟର ବା ଦୁଇ କିଲୋମିଟରର ବାଲୁଆ ବିଚ । ଆଉ କଚ୍ଛପମାନେ ଆସୁଛନ୍ତି ହଜାର ହଜାର କିଲୋମିଟର ଦୂରରୁ ।”-ଶୋଭନା କହିଲେ । ତାଙ୍କ ଆଖି ସମୁଦ୍ରକୂଳରେ ଥିବା ମାଉଣ୍ଡମାନଙ୍କ ଆଡକୁ ବୁଲିଯାଉଥିଲା । ସେ ଭିତରେ କିଛି ମାଉନ୍ଡ ତଳେ କଚ୍ଛପର ଅଣ୍ଡା ଥିବ ।

“କାଳେ, କଚ୍ଛପ ଯେଉଁ ବିଚରୁ ଜନ୍ମ ନେଇଥାଏ, ସେହି ବିଚକୁ ଫେରିଆସେ ।”- ଶୋଭନା କହିଲେ ।

“ବୈଜ୍ଞାନିକମାନେ ତାହା ବିଶ୍ୱାସ କରନ୍ତି । ଅନେକ ପରୀକ୍ଷା ନିରୀକ୍ଷା ହୋଇଛି । କଚ୍ଛପମାନଙ୍କ ହୋମିଙ୍ଗ କରିବାର ଶକ୍ତି ବହୁ ଅଧିକ ।”-ଅସୀମ କହିଲେ ।

“କିନ୍ତୁ କରନ୍ତି କେମିତି?”- ଶୋଭନା ପଚାରିଲେ । ତାଙ୍କ ମନରେ ସମୁଦ୍ର ତଳର ଚିତ୍ର ଭାସୁଥିଲା । କେତେ ପାହାଡ ପର୍ବତ, ଖାଲ ଆଦି ଅଛି । କିଛି ପର୍ବତ ତ ପୃଥିବୀର ସ୍ଥଳ ଭାଗରେ ଦେଖାଯାଉଥିବା ପର୍ବତ ଠାରୁ ବଡ । ପୃଥିବୀର ପ୍ରାୟ ୭୧ ଭାଗ ଅଂଚଳ ଅଛି ସମୁଦ୍ରରେ । ତେଣୁ ଜଳଭାଗ ଠାରୁ ବହୁ ଗୁଣରେ ଅଧିକ ବୈଚିତ୍ର ଥିବ ପାଣି ଭିତରେ । ସେ ଭିତରେ ଏ କଚ୍ଛପମାନେ ସତରେ ରାସ୍ତା ପାଉଛନ୍ତି କେମିତି?”

“ପୃଥିବୀର ମ୍ୟାଗନେଟିକ ବା ଚୁମ୍ବକୀୟ କ୍ଷେତ୍ରକୁ କଚ୍ଛପ ମୁଣ୍ଡରେ ଯେମିତି କିଏ ପ୍ରିଣ୍ଟ କରିଦେଇଛି ବା ଛାପି ଦେଇଛି । ଏକ ମୋବାଇଲର ଇଲେକଟ୍ରୋନିକ ସର୍କିଟକୁ ମୋଇବାଇଲରେ ଲଗାଇଲା ପରେ ମୋବାଇଲ ଜିପିଏସ ଲୋକେସନ ଦେଖାଇଥାଏ । ସେମିତି କଚ୍ଛପ ମୁଣ୍ଡରେ ବୋଧେ ଜନ୍ମରୁ ଏକ ବାଇଓ ବା ଜୈବିକ ସର୍କିଟ ଛାପି ହୋଇଯାଇଛି । ତେଣୁ ତା’କୁ ନିଜ ଜନ୍ମର ବିଚ ପାଇବାକୁ ପରେ ଅସୁବିଧା ହୋଇନଥାଏ ।”-ଅସୀମ ବୁଝାଉଥିଲେ ।

“ଅସୀମ, ବୁଝିଲେ ଲାଗେ ପ୍ରକୃତିରେ କେତେ ବିସ୍ମୟ ଅଛି ।”-ଶୋଭନା କହିଲେ ।

ସେମାନେ ଏମିତି ଗଲୁଥିଲେ । ସମୁଦ୍ରକୂଳରେ ପାଣି ଭାଙ୍ଗି ପଡୁଥିଲା । ନଦୀର ପାଣି ସମୁଦ୍ରରେ ମିଶୁଥିଲା । ଯାଗାଟା ଟିକେ ଓଦାଳିଆ । କୂଳରେ ଅନେକ ପକ୍ଷୀ ବୁଲନ୍ତି । ପତଳା, ଲମ୍ବା ଗୋଡଥିବା ପକ୍ଷୀମାନଙ୍କର ଗୋଡର ଛାଞ୍ଚ ଓଦା ବାଲିରେ ରହିଯାଏ । ପ୍ରତି

ISSN NO.
2582-208X

ପ୍ରଜାତି ପକ୍ଷୀର ପାଦ ଚଞ୍ଚୁ ଅଲଗା । କୂଳଆ ପକ୍ଷୀମାନଙ୍କ ଭିତରେ ଅଛନ୍ତୁ ଧଳା ରଙ୍ଗର ବ୍ଲାକ ନେପଡ୍ ଟର୍ନ । ସେମାନଙ୍କର ଥାଏ ଛୋଟ ଛୋଟ କଳା ରଙ୍ଗର ଗୋଡ ଆଉ ଲମ୍ବା ମୁନଆ ସିଦା ଥଣ୍ଟ । ଏମାନେ ଛୋଟ ମାଛ ଖାଇଥାନ୍ତୁ ଏମାନେ ଛୋଟ ଚଡା, ପଥୁରିଆ ଜାଗା ଇତ୍ୟାଦିରେ ମିଳନ୍ତୁ । ଲମ୍ବା ଗୋଡଥିବା ପ୍ଲୋଭର ଜାତୀୟ ପକ୍ଷୀମାନେ ବାଲିଆ କୂଳ ବା ମଡଫ୍ଲାଟ ବା କୋରାଲ ରିଫର କଛି ଖୋଲା ଅଂଶରେ ବୁଲୁଥାନ୍ତୁ । ସ୍ୟାଣ୍ଡ ପାଇପର ବାର୍ଡମାନେ ମଧ୍ୟ କୂଳରେ ବୁଲନ୍ତୁ । ଏମାନଙ୍କର ପାଦର ଲମ୍ବ ଛୋଟ ଆଉ ଥଣ୍ଟ ମଧ୍ୟ ପ୍ଲୋଭର ତୂଳନାରେ ଛୋଟ । ଗଡୱିଟ ବାର୍ଡମାନେ ମଧ୍ୟ ସମୁଦ୍ରକୂଳଆ ପକ୍ଷୀ । ଷ୍ଟିଲ୍ଟ ପକ୍ଷୀମାନଙ୍କର ଗୋଡ ଲମ୍ବା, ବେଶି ପାଣି ଭିତରେ ଖାଦ୍ୟ ଖୋଜନ୍ତୁ । ଆଗରେ କୂଳ ବାଲିଆ ଥିଲା ଆଉ ଢେଉ ମଧ୍ୟ ଛୋଟ ଥିଲା । କଛି ଲମ୍ବା ଗୋଡଥିବା ସ୍ୟାଣ୍ଡ ପ୍ଲୋଭର ଚଢେଇ କୁଳରେ ଭାସିଗଲା ପରି ଚ୍ଲୁଥିଲେ । ସେମାନଙ୍କ ଜୋରରେ ଅଳ୍ପ ଦୂର ଚ୍ଲିବା ଦେଖିଲେ ଲାଗୁଥିଲା ସତେ ଯେମିତି ପବନରେ ଭାସିଯାଉଛନ୍ତୁ । ମଝିରେ ମଝିରେ ସେମାନଙ୍କ ଥଣ୍ଟ ଓଦା ବାଲି ଛୁଇଁ ଦେଉଥିଲା । ପାଣି ମାଡି ଆସିଲେ ସେମାନେ ପଛେଇ ଯାଉଥିଲେ ।

## ନଦୀରେ ଯାତ୍ରା –

ସେମାନଙ୍କର କାର୍ଯ୍ୟକ୍ରମ ଅନୁସାରେ କଛି ସମୟ ନଦୀ ଭିତରେ ବୁଲିବାର ଥିଲା । ଗ୍ରେଟ ନକୋବର ଦ୍ୱୀପର ନଦୀମାନଙ୍କରେ ପାଣି ବର୍ଷସାରା ରୁହେ । ନଦୀ କୂଳରେ ମାନଗ୍ରୁଭ ଆଉ ଭିତରକୁ ଅନ୍ୟ ଗଛମାନ ଥାଏ । ନଦୀର ଲମ୍ବ ଦ୍ୱୀପ ହେବା ହେତୁ ବେଶି ନୁହେଁ, ତଥାପି ଅନ୍ୟ ଯେ କୌଣସି ଲୁଣା ନଦୀ ଭଳ ସମୁଦ୍ରକୂଳରୁ ଭିତରକୁ ସାମାନ୍ୟ କାଦୁଆ, ଆଉ ସେଠାରେ ଲୁଣା ଗଛ ଉଠେ । ସାମାନ୍ୟ ମିଠାପାଣି ଆଉ ଲୁଣାପାଣିର ସଙ୍ଗମ ସ୍ଥଳ ହେଉଛି ମ୍ୟାନଗ୍ରୁଭ ଗଛର ଆବାସସ୍ଥଳୀ । ମାନଗ୍ରୁଭ ଜଙ୍ଗଲ ଅନ୍ୟ ସମୁଦ୍ରକୂଳଆ ଜଙ୍ଗଲଠାରୁ ଭିନ୍ନ ।

କୂଳରେ ଚ୍ଲିକରି ଯାଇହେବନାହିଁ, ତେଣୁ ସେମାନେ ବୋଟରେ ନଦୀ ଭିତରକୁ ଗଲେ । ସମୁଦ୍ରକୂଳକୁ ଲାଗି ନଦୀ ସାମାନ୍ୟ ବଙ୍କେଇ ଯାଇ ଭିତରକୁ କାହିଁ ଚ୍ଲିଯାଇଛି । ଏଠାକାର ଅଧିକାଂଶ ଲୁଣା ଗଛକୁ ଶୋଭନା ପ୍ରଥମଥର ପାଇଁ ଦେଖୁଥିଲେ । ଅସୀମ ଶୋଭନାଙ୍କ ହାତକୁ ଏକ ଲୁଣାଗଛମାନଙ୍କ ଉପରେ ଲିଖିତ ଏକ ପୁସ୍ତକ ବଢାଇଦେଲେ । ସବୁ

ISSN NO.
2582-208X

ବୋଟାନିକାଲ ନାମ । ସେ ନାମଗୁଡା ସହଜରେ ମନେ ରୁହେନା । ତା' ଛଡା କିଛି ଲୁଣା ଜଙ୍ଗଲରେ ରହୁଥିବା ପ୍ରାଣୀଙ୍କ ଉପରେ ମଧ୍ଯ ତଥ୍ୟ ଥିଲା ।

ଶୋଭନା ବହିକୁ ଧରି ଉତ୍ସାହର ସହ ବୋଟରେ ବସିଗଲେ ଆଉ ପାଖର କାଦୁଆ ମାଟିକୁ ଦେଖିବାରେ ଲାଗିଲେ । ତାଙ୍କୁ କିଛି ପାଲିସ ଦାଗ ଦେଖାଯାଉଥିଲା, ସତେ ଯେମିତି କିଏ ଖସି ଖସି ଯାଇଛି । ଜଙ୍ଗଲ ଧାରରେ ନଜର ଆଖି ଆଉ କାନକୁ ଖୋଲା ରଖିବା ଆବଶ୍ୟକ ବୋଲି ଶୋଭନା ବୁଝିଗଲେଣି । ମଣିଷ ନଜର ଏକ ଶିକାରୀରର ନଜର ବୋଲି ଶୋଭନା ଜାଣିଗଲେଣି । ଚିହ୍ନ ଦେଖି ମଣିଷ ବହୁତ କିଛି ଖୋଜିନିଏ । ଶୋମ୍ପେନ ବା ନିକୋବରୀଙ୍କ ଭଳି ଶିକାରୀମାନେ ତ ଚିହ୍ନ ଦେଖି ଜଙ୍ଗଲୀ ଶୂକର ଶିକାର କରିଥାନ୍ତି । ନହେଲେ ଜଙ୍ଗଲରେ କିଛି ଦେଖାଯାଉନି, କେଉଁଆଡେ ଶୂକର ଖୋଜିବେ । କୁକୁର ତ ସବୁଆଡ ଖୋଜିପାରିବନି । ମଣିଷର ବୁଦ୍ଧି ଚିହ୍ନ ଦେଖି ନୂଆ କିଛି ଖୋଜିନେବା ପାଇଁ ବିକଶିତ ହୋଇଛି ।

"କାଦୁଅରେ ଘୋଷାରି ଘୋଷାରି ଯାଇଛି ।"-ଶୋଭନା ନିଜକୁ ନିଜେ କହିଲେ ।

"ଚେଙ୍ଗ ମାଛ ହୋଇଥିବ ।"- ତାଙ୍କର ନିଜ ପାଇଁ ଏକ ଉତ୍ତର ଥିଲା ।

"ନାଁ, ଏମାନେ ମଡସ୍କିପର । ଅଲଗା ପ୍ରଜାତିର ମାଛ । କାଦୁଅରେ ବାସ କରନ୍ତି । ସେମାନେ ତ କାଦୁଅରେ ଛୋଟ କୁଦ କରି ରୁହନ୍ତି । ସେମାନଙ୍କ ଦେହ ଓଦାଳିଆ ରୁହେ ଆଉ ସେମାନଙ୍କୁ କେହି ହଠାତ୍ ଆକ୍ରମଣ କରନ୍ତି ନାହିଁ । କିନ୍ତୁ ସେମାନଙ୍କର ଘୋଷାରି ଯିବା ଚିହ୍ନ ତ କାଦୁଅରେ ପଡିଥାଏ । ଜୁଆର ସମୟରେ ନିଜ ଖାଇବା ପାଇଁ ବାହାରି ଆସନ୍ତି ।"-ଅସୀମ କହିଲେ ।

"ମଣିଷ ସାମାନ୍ୟ ଚିହ୍ନ ଦେଖି, କିଛି ସାମାନ୍ୟ ନିରୀକ୍ଷଣ କରି ବହୁତ ଜିନିଷ ବାହାର କରିଆଣେ । ସେଇଥି ପାଇଁ ମଣିଷ ବହୁ ଜିନିଷ ଜାଣି ପାରୁଛି ।"- ଶୋଭନା ନିଜକୁ ନିଜେ କହିହେଲେ ।

"ଲୁଣା କୁମ୍ଭୀର ଦେଖିପରିବା?"-ଶୋଭନା ପଗ୍ଗରିଲେ ।

"କହିପାରିବନି । କୁମ୍ଭୀର ଦେଖିବା ସହଜ ନୁହେଁ । ମଣିଷ ବୋଟରେ ଆସିଲେ ଆସିଲେ ପଟ୍ କିନା ବୁଡିଯିବେ । ହୁଏତ ମିଳିଯାଇ ପାରନ୍ତି ।"- ଅସୀମ କହିଲେ ।

ISSN NO.
2582-208X

ଆଣ୍ଡାମାନ ନକୋବରର କ୍ରୀକରେ ଅଛନ୍ତ ବହୁତ ଲୁଣା କୁମ୍ଭୀର । ସେମାନେ ଖୋଲା ସମୁଦ୍ରକୁ ଆସନ୍ତନ । ଦରକାର ହେଲେ କୂଳେ କୂଳେ କଛି ଦୂର ଯାତ୍ରା କରିପାରନ୍ତ । ଅଣ୍ଡିର୍ ଲୁଣା କୁମ୍ଭୀରମାନେ ବଡ ଆକାରର, ପ୍ରାୟ ୬ରୁ ୭ ମିଟର ଲମ୍ବ ହୁଅନ୍ତ ଆଉ ମାଇ ପାଖାପାଖି ୩-୪ ମିଟର ଲମ୍ବା ହୋଇଥାନ୍ତ । ଲୁଣା କୁମ୍ଭୀରର ଓଜନ ପାଖାପାଖି ୫୦୦ କଲୋ ପର୍ଯ୍ୟନ୍ତ ହୋଇପାରେ । ଏମାନେ ଲୁଣା ପାଣି ଥିବା ଯାଗାରେ ରୁହନ୍ତ । ଟାଇଡାଲ ସ୍ୱାମ୍ପ, ନଦୀର ତଳ ମୁହଁ ଇତ୍ୟାଦିରେ ରହିଥାନ୍ତ । ମାଇ କୁମ୍ଭୀର ପାଖାପାଖି ୫୦ଟି ଅଣ୍ଡା ଦେଇଥାଏ ଆଉ ୮୦-୯୦ ଦିନରେ ସେଥିରୁ ଛୁଆ ଫୁଟେ ।

ତା ଛଡା ଦୂରରୁ ଛୋଟ କୁମ୍ଭୀର ଭଳ ଲାଗୁଥିବା ଓ୍ୟାଟର ମନଟର ଲିଜାର୍ଡ ଭଳ ପ୍ରାଣୀ ଏହି ଜଙ୍ଗଲରେ ରୁହେ । ବିଶାଳ ଝିଟିପଟି ବା ଗୋଧି ଜାତୀୟ ଏହି ସରୀସୃପ କୁମ୍ଭୀର ବାସକରୁଥିବା ସ୍ଥାନର ପାଖାପାଖି ମଧ୍ୟ ରହିଥାଏ । ଏକ ପ୍ରାପ୍ତ ବୟସ୍କ ଅଣ୍ଡିର୍ ଲିଜାର୍ଡ ୨ ମିଟର ପର୍ଯ୍ୟନ୍ତ ଲମ୍ବ ହୋଇପାରେ ଓ ଓଜନ ୨୦ କଲୋ ପର୍ଯ୍ୟନ୍ତ ଯାଇପାରେ । ଅନ୍ୟଥା ଏ ଲିଜାର୍ଡର ଆକାର ଆହୁରି ଛୋଟ ହୋଇଥାଏ । ଏମାନେ କମୋଡୋ ଡ୍ରାଗନ ପରେ ସବୁଠାରୁ ଓଜନଆ ଲିଜାର୍ଡ । ଏହା ମୁଖ୍ୟତଃ ତଲୁଆ ଅଂଚଳ ଏବଂ ମାନଗ୍ରୁଭ ଜଙ୍ଗଲ ଅଂଚଳରେ ରହିବାକୁ ଭଲପାଏ । ଓ୍ୟାଟର ମନଟର ଲିଜାର୍ଡ ଜାତୀୟ ମାଂସାହାରୀ ଗୋଧିମାନେ ବହୁ ପ୍ରକାରର ଖାଦ୍ୟ ଖାଇଥାନ୍ତ । ସେମାନେ ଏମିତିକ କଚ୍ଛପ, ଏବଂ ଛୋଟ କୁମ୍ଭୀର ଆଉ କୁମ୍ଭୀର ଅଣ୍ଡା ମଧ୍ୟ ଖାଇଦେଇଥାନ୍ତ ।

ଏମାନଙ୍କର ବୁଲିବା ଭିତରେ କନ୍ତ ଲୁଣା କୁମ୍ଭୀର ବା ମନଟର ଲିଜାର୍ଡ ମିଳଲେ ନାହିଁ । ସେମାନଙ୍କର ସମୟ ଗଛ ଦେଖିବାରେ ଆଉ ପାଣିର ପ୍ରତିଫଳନକୁ ଦେଖି ରଙ୍ଗ ଚହ୍ନିବାରେ କଟୁଥିଲା । ଯିବା ପାଣି ରାସ୍ତାରେ ସେମାନେ ଅନେକ ପ୍ରକାରର ନୂଆ ନୂଆ ଗଛ ଦେଖିଲେ। ଶୋଭନାଙ୍କୁ ସବୁ ଅଲଗା ତଥା ବିସ୍ମୟକର ଲାଗୁଥିଲା ।

କ୍ରମଶଃ.....

ସେକ୍ଟର-୩, ସଲ୍ଟଲେକ, କଲିକତା
ମୋ-୭୩୫୫୬୩୪୩୪୬

ଡିସେମ୍ବର -୨୦୨୪
www.vedantimagazine.com
ISSN NO. 2582-208X
ବେଦାନ୍ତି

# ମିଛ ଓ ସତ



ଶଶଧର ମହାପାତ୍ର

ମିଛର ସାହାରା ନେଇଥାନ୍ତି ସିଏ
ଦୁର୍ବଳ ମନ ଯାହାର
ଥରେ "ମିଛ' କହି ଲୁଚାଇବା ଚେଷ୍ଟା
କରିଥାନ୍ତି ଶହେ ବାର
ମିଛରେ ମିଛରେ ଚାଲିଛି ଦୁନିଆ
"ସତ' ହାରେ ବାରମ୍ବାର
କୋଟିଏ ମିଛରେ ଗୋଟିଏ ହିଁ "ସତ'
ସୁଧୀଜନ, ଏ' କଥା ବିଚାର କର
ଭାଇ-ଭାଇ ଆଉ ବନ୍ଧୁ-ବନ୍ଧୁଙ୍କର
ସଂପର୍କରେ ଫଟାଫଟି
ଏ' କଳି ଯୁଗରେ ଘଡି ଘଡିକରେ
ସଂପର୍କର କଟାକଟି
ବାପ-ପୁଅ, ସ୍ୱାମି-ସ୍ତ୍ରୀଙ୍କ ସଂପର୍କ
ହେଇଅଛି କଳୁଷିତ
କର୍ତ୍ତବ୍ୟର ନିଷ୍ଠା ନାହିଁ ଆଗପରି
"ମିଛ' କୁ କହନ୍ତି "ସତ'
ପିତୃ ସତ୍ୟ ପାଳି ପ୍ରଭୁ ରାମଚନ୍ଦ୍ର

ISSN NO.
2582-208X

କରିଥିଲେ ବନବାସ
ଆଜିକାର ପୁଅ ଦୋଷ ଦେଇ କହେ
ବାପା କଲେ ସର୍ବନାଶ
ପ୍ରେମିକମାନଙ୍କ ପ୍ରେମ ଭିତ୍ତିଭୂମି
ଗଢା "ମିଛ' କହିବାରେ
ପ୍ରେମକୁ ସଉଦା ଭାବି କିଣାବିକା
ସେ' ପ୍ରେମ କି ତିଷ୍ଠିପାରେ ?
ଜଙ୍ଗଲର ନିଆଁ ଭଳି ବ୍ୟାପିଯାଏ
"ମିଛ' କଥା ସମାଜରେ
ମିଛକଥା ବାରମ୍ବାର ଦୋହରାନ୍ତି
ରାଜନେତା ସହଜରେ
ତାଙ୍କର ବିଶ୍ୱାସ କହି ବାରମ୍ବାର
ଜନତାଙ୍କୁ ଭୁଲାଇବେ
ଥରେ ଜନତାଙ୍କ ହୃଦୟକୁ ଛୁଇଁ
ସତ୍ୟକୁ ଲୁଚାଇ ଦେବେ
"ମିଛ' କଥା ଛୁଏଁ ହୃଦୟକୁ ଶୀଘ୍ର
"ସତ୍ୟ' ଲୁଚେ ଆଢୁଆଳେ
ସମୟ ଆସିଲେ ଦାଣ୍ଡର ଘାଟରେ
"ସତ୍ୟ' ହିଁ ପଦାରେ ବୁଲେ
ମିଛକୁ ଆଶରା ନକରିଲେ ଭଲ
ଶୁଣ ଆହେ ସାଧୁଜନ
ମିଛକଥା କହି ଥରେ ଜିତିଗଲେ
ଧନ୍ୟ ହେବକି ଜୀବନ ?
ଜନ୍ମ, ମୃତ୍ୟୁ ସତ୍ୟ ସମସ୍ତଙ୍କପାଇଁ

ISSN NO.
2582-208X

ଏ' ନିୟମ ସଂସାରର
ମୃତ୍ୟୁ କେତେବେଳେ ବିନା ନିମନ୍ତ୍ରଣେ
ପହଞ୍ଚିବ ଆସି ଦ୍ୱାର
ଯେତେ ଦିନ ଅଛ ଏ' ସଂସାରରେ
ସତ୍ୟକୁ ସାଥି ହିଁ କର
ଦୁନିଆ କହିବ ସତୁଆ ଟେ ଥିଲା
ମରି ରହିବ ଅମର

ହିଡେନ୍ ଭାଲି ଲେନ୍, ସିଲଭର୍ ସ୍ପ୍ରିଙ୍ଗ୍,
ମେରୀଲ୍ୟାଣ୍ଡ, ଯୁକ୍ତରାଷ୍ଟ୍ର ଆମେରିକା
ଫୋନ୍-୩୦୧୮୮୭୭୦୦୨

ISSN NO.
2582-208X

# ସ୍ନେହ ପ୍ରେମ



ଅଳକା ମହାନ୍ତ

ମାଆର ସ୍ନେହରେ ନାହିଁ ଭରସା,
ଭିଜୁଛି ପଣତ ଉଡୁଛି ହଂସା
ଘାରିଛି ପିତାକୁ ଭାବ ହତାଶା
ଦାମ୍ଭିକତା ହୁଏ ତା ଲୋକହସା ।

ପତ୍ନୀ ର ବିଶ୍ୱାସ ବିକ୍ ବଜାରେ
ଅଫିସ କଚେରୀ ସାଙ୍ଗ ସାଥୀରେ
ସ୍ୱାର୍ଥ ଅଛି ସେଠି ନାହିଁ ମର୍ଯ୍ୟାଦା
ବିଷାଶକ୍ତ ପ୍ରେମ ଖୋଜେ ଫାଇଦା ।।

ପତି ସାଜେ ପଶୁ ଏ ସମାଜ ରେ
ପ୍ରଣୟ ସରୁଛି କାମୁକତାରେ
ପତ୍ନୀ ର ମର୍ଯ୍ୟାଦା ଶୟନକକ୍ଷେ
ତିଳେ ବି ସମ୍ମାନ ନଥାଏ ପାଖେ ।

ଛଳନା ରେ ବିତି ଯାଉଛି ଦିନ
ଲୁଚକାଳି ଖେଳେ ବିତେ ଜୀବନ

ISSN NO.
2582-208X

ପ୍ରଣୟ ପ୍ରୀତି ଗରଳ ସମାନ
କେହି ଦିଏ ନାହିଁ କାହାକୁ ମାନ।

ଗୋଲାପ, ଟେଡି ବା ଚୁମ୍ବନ ଦିନ
ନିଃସ୍ୱାର୍ଥ ସ୍ନେହ ଟି ଲୋଡ଼େ ଜୀବନ
ବୁନ୍ଦାଏ ପାଣିରେ ମେଣ୍ଟଇ ଶୋଷ
ଶାଶ୍ୱତ ପ୍ରେମେ ନାହିଁ ଅବଶୋଷ ।

ବିଶ୍ୱାସରେ ବନ୍ଧା ପ୍ରେମର ଡୋରି
ସମ୍ପର୍କ ମରୁରେ ସେ ଆଶା ବାରି
ସରଳ ହୃଦୟ ଚୂର୍ ମାର କରି
ଆସୁଛି ମନରେ ଧୋକା ଲହରୀ।

ଦେବତ୍ୱ ସମ ତ୍ୟାଗ ସମର୍ପଣ
ଛଳନାବି ହରାଏ ଆତ୍ମ ସମ୍ମାନ
ହିସାବ କିତାବ କରିଲେ ପ୍ରାଣୀ
ହରାଇ ବସିବ ପ୍ରେମ ଛାଉଣୀ।

ଅଧ୍ୟକ୍ଷା
ବି. ଜେ. ଇ. ଏମ. ସ୍କୁଲ -୨
ସତ୍ୟଭାମା ପୁର, ଭୁବନେଶ୍ୱର

ISSN NO.
2582-208X

# ମୁଗ୍ଧ ଅନୁଭବ



ସ୍ୱର୍ଣ୍ଣମୟୀ ଷଡ଼ଙ୍ଗୀ

ଚାଲୁ ଚାଲୁ ହଠାତ୍ ପାଦ ମୋର
ଖସି ଯାଏ ଖସଡ଼ା ରାସ୍ତାରେ,
ଟଳମଳ ହୁଏ ମୋର  ସର୍ବାଙ୍ଗ ଶରୀର
ମୁଁ ଠିକ୍ ପଡ଼ିଯିବା ବେଳକୁ ଆପଣ
ଧରି ନିଅନ୍ତି ମୋର ହସ୍ତ ଦୁଇଟିକୁ
ଆଉ ମୁଁ ସଳଖିହୋଇ ଠିଆ ହୁଏ,
ପୁଣି ମୁହୂର୍ତ୍ତକେ ମୁଁ ଚାଲିବାକୁ ଲାଗେ,
ଠିକ୍  ସେତିକିବେଳେ ଆପଣ ବିଞ୍ଛି ଦିଅନ୍ତି କିଛି
ସଜଫୁଟା ବାସ୍ନାଫୁଲ  ମୁଁ ଚାଲୁଥିବା  ଶିଉଳି ଲଗା
ଖସଡ଼ା ରାସ୍ତାରେ, ଶୂନ୍ୟରୁ ଲମ୍ବି ଆସେ ଦୁଇଟି
ବରଦ ହସ୍ତ ମୋ  ମଥା ଉପରକୁ ।
ଦୁଇ ଟୋପା ଖୁସିର ଲୁହ ଝରି ଯାଏ,
ଭିଜିଯାଏ ମୋ ପିନ୍ଧା ପଣତ
ଆପଣ ମୁରୁକି ମୁରୁକି ହସି ଦିଅନ୍ତି ।

କିଏ ସାକ୍ଷୀ ଏ ଦୃଶ୍ୟର
କିଏ ଦେଖିଛି
ଆକାଶ ନା ପାତାଳ
ମାଟି ନା ପବନ
ନଦୀ ନା ସାଗର

ISSN NO.
2582-208X

ଫୁଲ ନା ଫଗୁଣ
ସେମାନେ ନା ମୁଁ
ଇ ଏ ତ ମୋ ମୁଗ୍ଧ ଅନୁଭବ
ମୋ ହୃଦୟର ଅତୁଟ ବିଶ୍ୱାସ
ମୋ ପ୍ରାଣର  ମଧୁର  ଉଚ୍ଛ୍ୱାସ
ମୋ ମନ ଗହନରେ ସାଇତା
ମିଠା ମିଠା ଗୀତ
ଯାହାକୁ ମୁଁ ଗାଉଥାଏ ଅହରହ  ।

ବାସ୍ ଏଇ ବିଶ୍ୱାସ
ଏଇ ବିଶ୍ୱାସରେ ଆପଣ
ଆତ ଯାତ ହେଉଥାନ୍ତି ମୋ
ଚାରିପଟେ , ମୋ ହସ
ମୋ ଲୁହ
ମୋ ସୁଖ ମୋ ଦୁଃଖ
ଯନ୍ତ୍ରଣାରେ ସିକ୍ତ ମୋର ବର୍ତ୍ତମାନ
ସ୍ମୃତି ଫୁଲରେ ଭର୍ତ୍ତି ମୋର ବିଗତ ଅତୀତ
ମୋ    ମନ ଆକାଶରେ  ରଜତ ଜ୍ୟୋସ୍ନା
ବୁଣି ଦେଉଥିବା ଜହ୍ନ ରାତି
ମୋ ବଗିଚାରେ  ଲହରୀ ଭଙ୍ଗୁଥିବା
ଖୁସିର ଫୁଲଗଛ ମାନେ
ମୋ ଠାକୁର ଘର ଖଟୁଲି
ମୋ ଅଗଣାର ତୁଳସୀ ଚଉରା
ସବୁଠି ଆପଣଙ୍କର ଉପସ୍ଥିତି ।
ଆପଣଙ୍କ ସ୍ମିତହାସ୍ୟ
ଆପଣଙ୍କ ତ୍ରିଭଙ୍ଗୀ ଠାଣି ।।

ISSN NO.
2582-208X

ଏଇ ମୋର ଜୀବନ
ଏଇ ମୋର ଦର୍ଶନ
ଏଇ ମୋ ଭରସାର କେନ୍ଦ୍ର ବିନ୍ଦୁ
ଏଇ ଥିବ ମୋ ସହିତ ନାଟକର
ଶେଷ ଦୃଶ୍ୟ ଯାଏ,
ଏଇ ମୋ ମୁଗ୍ଧ ଅନୁଭବ।।

ଶିକ୍ଷୟିତ୍ରୀ, କେନ୍ଦ୍ରାପଡ଼ା

ISSN NO.
2582-208X

# ଆଭିଲା ଓ ସେଗୋଭିଆ ଯାତ୍ରା



ଡକ୍ଟର ବିଜ୍ଞାନୀ ଦାସ

ସେଦିନ ଥାଏ ସୋମବାର । ୨୦୨୪ ମସିହା, ସେପ୍ଟେମ୍ବର ୩୦ ତାରିଖ । ଦିନ ସାରା ଖରାରେ ସ୍ପେନର ମାଦ୍ରିଦ୍ ସହରରେ ଚାଲିଚାଲି ଗୋଡରେ ଦରଜ ଥାଏ । ରାତିରେ ଭଲରେ ଶୋଇହେଲାନି । ମୁଣ୍ଡ ବିନ୍ଧିବାକୁ ଆରମ୍ଭକଲା । ବାରମ୍ବାର ନିଦ ଭାଙ୍ଗୁଥିଲା । ନିଦ ଭାଙ୍ଗିଲେ ସୋନା ଉଠି ନିଜ ଫୋନକୁ ଦେଖିଦିଏ । କେତେଟା ସମୟ ହେଲାଣି ଯାଞ୍ଚ କରିବା ପରେ ପୁଣି ଟିକେ ଶୋଇପଡେ । ଏମିତିରେ ତାର ନିଦ ରାତି ତିନିଟାରେ ଭାଙ୍ଗିଥିଲା। ତାପରେ ସିଏ ଏମିତି ଶୋଇପଡିଥଲା ଯେ, କେତେବେଳେ ସକାଳ ହେଲା, ଜାଣିହେଲାନି । ସ୍ୱରୂପଙ୍କ ଚିତ୍କାରରେ ତା' ନିଦ ଭାଙ୍ଗିଲା । ସେତେବେଳକୁ ଆଠଟା ପନ୍ଦର। ସୋନା ଚିତ୍କାର କରିଉଠିଲା । "କଣ, ଆଠଟା ପନ୍ଦର ? ମତେ ମୋ ଟୁର୍ ପାଇଁ ଆଠଟା ତିରିଶିରେ ପହଞ୍ଚିବାର ଅଛି । ତମେ କଣ ଆଲାରାମ୍ ଦେଇନଥିଲ କି ? କହିଥିଲି ପରା ୬ଟା ବେଳକୁ ଉଠେଇଦେବ ।'

ସ୍ୱରୂପ ନିଜେ ବି ବ୍ୟସ୍ତ ହୋଇପଡିଲେ । ତାଙ୍କର କନଫରେନସରେ ୯ଟା ବେଳେ ପହଞ୍ଚିବା କଥା । ସିଏ ବ୍ୟସ୍ତ ହୋଇ କହିଲେ, "ମୁଁ ତ ଆଲାରାମ୍ ଦେଇଥିଲି । ହେଲେ ଏତେ ନିଘୋଡ ନିଦ ହୋଇଥିଲା ଯେ, ଆଲାରାମ୍ ଶବ୍ଦ ହୁଏତ ଶୁଭିନି ।'

ଆଉ ଯୁକ୍ତିତର୍କ କରିବାକୁ ସମୟ ନଥିଲା । ଯେତିକି ସମୟ ରହିଲା, ସେଥିରେ ତରତର ହୋଇ ଦାନ୍ତ ଘଷି, କପଡା ବଦଳେଇ, ବ୍ୟାଗ୍‌ରେ ସମସ୍ତ ଆବଶ୍ୟକୀୟ ସରଞ୍ଜାମ ରଖି

ISSN NO.
2582-208X

ସୋନା ବାହାରିପଡିଲା । ଗାଧୋଇବାକୁ ସମୟ ନଥିଲା । କାଲି ରାତିରେ ବି ହାଲିଆ ହୋଇ ସିଏ ଗାଧୋଇନଥିଲା । କିନ୍ତୁ ସମସ୍ତ ଅନ୍ତର୍ବାସ ବଦଳେଇ ସିଏ ପ୍ରସ୍ତୁତ ହୋଇଗଲା। ସ୍ୱରୂପ କହିଲେ, "ଟୁର ସ୍ଥାନରେ ପହଞ୍ଚିବାକୁ ତ ଜମା ୩ ମିନିଟ୍ ଲାଗିବ । ଗଲା ବେଳକୁ ଡାଇନିଙ୍ଗ୍ ହଲ୍ ଯାଇ କିଛି ଖାଇବା ଜିନିଷ ପ୍ୟାକ୍ କରି ନେଇଯା । ଆଜି ତୋର ସକାଳ ଭୋଜନର ପଇସା ବେକାରରେ ଗଲା ।'

ସୋନା ସେଇଆ କଲା । ତା ଟୁର୍ ଯିବାର ପ୍ରକୃତ ସମୟ ୯ଟାରେ ଥିଲା । ତେଣୁ ହୋଟେଲରୁ ୮ଟା ୪୫ରେ ବି ବାହାରିଲେ ଚଳିବ । ଏଇ ଧାରଣା ନେଇ, ଡାଇନିଙ୍ଗ୍ ରୁମ୍ ଯାଇ କିଛି ଫଳ ଓ କିଛି ଛତୁ ଭଜା ଆଲୁମିନିୟମ୍ ଫଏଲ୍ ରେ ଗୁଡେଇ ରଖିଦେଲା । ଡାଇନିଙ୍ଗ୍ ହଲ୍ ରେ କାମ କରୁଥିବା ଷ୍ଟାଫ୍ ଜଣେ ସାହାଯ୍ୟ କଲେ । ସିଏ ହିଁ ଆଲୁମିନିୟମ୍ ଫଏଲ୍ ଧରେଇଦେଲେ ଓ ଖାଦ୍ୟ ରଖିବା ପାଇଁ ଗୋଟିଏ କାଗଜର ଛୋଟ ବ୍ୟାଗ୍‌ଟିଏ ଦେଲେ । ସୋନା ସେସବୁ ନେଇ ହୋଟେଲରୁ ବାହାରି ନିଜ ଟୁର୍ ସ୍ଥାନକୁ ବାହାରିଗଲା । ସେ ସ୍ଥାନରେ ପହଞ୍ଚି ଦେଖିଲା ପ୍ରାୟତଃ ୭-୮ଟି ଧାଡିରେ ବ୍ୟକ୍ତି ସବୁ ଠିଆ ହୋଇଛନ୍ତି । କେତୋଟି ଧାଡିର ଲୋକମାନେ ଅନ୍ୟ ଏକ ଟୁର୍ କଂପାନୀ ମାଧ୍ୟମରେ ଯାଉଥିଲେ । ସୋନାର ଟୁର୍ କଂପାନୀ, ୟେଲୋ ଟୁର୍ ଅଫିସ୍ ସାମନାରେ ତିନିଟି ଧାଡି ଲାଗିଥିଲା । ସେ ଧାଡିରେ ଠିଆ ହୋଇଥିବା ଲୋକଙ୍କୁ ପ୍ରଶ୍ନ କରିବାରୁ ସେମାନେ କହିଲେ, ସେମାନଙ୍କ ଟୁର୍ ପ୍ରୋଗ୍ରାମ ଅଲଗା ରକମର । କିଏ ଖାଲି ଟଲିଡୋ ଟୁର୍‌ରେ ଯାଉଛି ତ, କିଏ ଟଲିଡୋ, ସେଗୋଭିଆ ଓ ଆଭିଲା ମିଶାମିଶି ଟୁର୍‌ରେ ଯାଉଛନ୍ତି । ସୋନାର ଟୁର୍ ଆଭିଲା ଓ ସେଗୋଭିଆ, ଦୁଇଟି ସହର ଦେଖିବାର ଟୁର୍ ଥିଲା । ତେଣୁ ସିଏ ଭିତରକୁ ଯାଇ ପଚାରିଲା । ସେଠି ଥିବା କର୍ମଚାରୀ କହିଲେ, "ଆମ ଟୁର୍ ବସ୍ ଟ୍ରାଫିକ୍ ରେ ପଡିଯାଇଛି । ଆସିବାକୁ ଡେରି ହେବ । ତମେ ଏଇଠି ଭିତରେ ଅପେକ୍ଷା କର । ଅନ୍ୟ ସବୁ ଟୁର୍‌ର ଲୋକମାନେ ଯିବା ପରେ ତମ ଟୁର୍‌ର ଧାଡି ଆରମ୍ଭ ହେବ ।' ସୋନା ଅପେକ୍ଷା କରି ରହିଲା । ସେଠି ତା ଭଳି ଏକା ଟୁରରେ ଯିବାକୁ ଅନ୍ୟମାନେ ମଧ୍ୟ ଅପେକ୍ଷା କରିଥିଲେ । ସିଏ ମନେମନେ ଭାବିଲା, "ଏତେ ସମୟ ଭିତରେ ସିଏ ଭଲରେ ପ୍ରାତଃଭୋଜନ ସାରି ଆସିପାରିଥାନ୍ତା ।'

ISSN NO.
2582-208X

ସେମାନଙ୍କ ଟୁର୍ ବସ୍ ୯ଟାରେ ଛାଡିବାର ଥିଲା । ହେଲେ, ୯ଟା ୧୫ ପର୍ଯ୍ୟନ୍ତ ବି ସମସ୍ତେ ସେମିତି ଧାଡିରେ ଠିଆ ହୋଇଥିଲେ । ୟେଲୋ ଟୁର୍‌ର କର୍ମଚାରୀ ଆସି ଜଣେଇଲେ, "ଆମ ବସ୍ ସେମିତି ଟ୍ରାଫିକ୍ ରେ ଫସି ଯାଇଛି । ଏଠି ବସ୍ ପହଞ୍ଚୁପହଞ୍ଚୁ ୯ଟା ୩୦ ହେବ ।'

ସୋନା ପଚାରିଲା, "ଏଠି ପାଖରେ କେଉଁ ଦୋକାନରେ ପାଣି ମିଳିବ କି ? ମୁଁ ପାଣି ଆଣିବାକୁ ଭୁଲି ଯାଇଛି ।'

ସୋନା ସକାଳେ ବ୍ରେକ୍‌ଫାଷ୍ଟ ଆଣିବା ସମୟରେ ଚାମଚ ଆଣିବାକୁ ଭୁଲି ଯାଇଥିଲା । ଭାବୁଥିଲା, ପାଣି ଯେଉଁଠୁ କିଣିବ, ସେଠାରୁ ପ୍ଲାଷ୍ଟିକ୍ ଚାମଚଟିଏ ବି ଧରି ଆସିବ । ଧାଡି ଦାୟିତ୍ୱରେ ଥିବା ଜଣେ କର୍ମଚାରୀଙ୍କୁ ସିଏ ପଚାରିଲା, "ଏଇଠି ପାଖରେ ୫ ମିନିଟ୍ ଭିତରେ କୋଉଠି ଦୋକାନରେ ପାଣି ମିଳିବକି ?'

ସିଏ ରାସ୍ତା ଆରପଟରେ ଥିବା ଷ୍ଟାର୍‌ବକ୍ସ ଦୋକାନକୁ ବାଟ ବତେଇଦେଲେ । ହେଲେ ସେତେବେଳକୁ ସୋନା ପାଖଆଖର ରାସ୍ତାଘାଟ, ଦୋକାନବଜାର କିଛି ଜାଣିନଥାଏ । ତେଣୁ ସିଏ ଯେଉଁଆଡେ ଯାଇ ବୁଲିଆସିଲା, କେଉଁଠି ଷ୍ଟାର୍‌ବକ୍ସ ଦୋକାନ ଦେଖିଲାନି । କାଳେ ବସ୍ କେତେବେଳେ ଆସିଯିବ, ଏମିତି ଡର ମନରେ ପଶିବାରୁ ସିଏ ଫେରିଆସିଲା । ସେ କର୍ମଚାରୀ ଜଣକ କହିଲେ, "କିଛି ଚିନ୍ତା କରିବାର ନାହିଁ । ଆମେ ଆଭିଲାରେ ପହଞ୍ଚିବା ପରେ ସେଠି ଭିଜିଟର୍ ସେଣ୍ଟର୍‌କୁ ଯିବା । ସେଠି ପାଣି ମିଳିଯିବ ।'

ସୋନା ତାପରେ ଧାଡିରେ ଠିଆ ହୋଇ ରହିଲା । ପ୍ରାୟଃ ୯ଟା ୪୦ ବେଳକୁ ବସ୍ ଆସି ପହଞ୍ଚିବାର ଖବର ମିଳିଲା । ୟେଲୋ ଟୁର୍‌ର କର୍ମଚାରୀ ସମସ୍ତଙ୍କୁ ବାଟ ବତାଇ ବସ୍ ପାଖକୁ ନେଲେ । "ଗ୍ରାନ୍ ଭିଆ" ରାସ୍ତାରେ ହିଁ ବସ୍ ରହିଥିଲା । ଦୁଇ ମିନିଟ୍ ଚାଲି ସମସ୍ତେ ରାସ୍ତାର ଅନ୍ୟପଟକୁ ଗଲେ ଓ ସେଇଠି ଟୁର୍ ବସ୍ ଭିତରେ ପ୍ରବେଶ କରି ନିଜନିଜର ସ୍ଥାନ ବାଛି ବସିଲେ । ପ୍ରାୟଃ ୪୦-୫୦ ଜଣ ଟୁରରେ ଯାଉଥିଲେ । ସେମାନଙ୍କ ମଧ୍ୟରେ କିଛି ସ୍ୱାମୀ, ସ୍ତ୍ରୀ ଥିଲେ । ଅନ୍ୟ କେତେ ଜଣ ନିଜ ପରିବାର ସହିତ ଯାତ୍ରା କରୁଥିଲେ ଓ ଅନ୍ୟ କେତେଜଣ ନିଜ ସାଙ୍ଗମାନଙ୍କ ସହିତ ଯାତ୍ରା କରୁଥିଲେ । ସୋନା ଭଳି କେବଳ ୨-୩

ISSN NO.
2582-208X

ଜଣ ଥିଲେ ଯେଉଁମାନେ ଏକୁଟିଆ ଥିଲେ । ସେମାନେ ସମସ୍ତେ ଏକୁଟିଆ ନିଜ ସିଟ୍ ରେ ବସିଲେ । ଅନ୍ୟମାନେ ସାଙ୍ଗ ହୋଇ ବସିଲେ । ଟୁର୍ ବସ୍‌ଟି ପ୍ରଥମେ ଆଭିଲା ସହର ଅଭିମୁଖେ ଯାତ୍ରା ଆରମ୍ଭକଲା ।

ମାଦ୍ରିଦ୍‌ରୁ ଆଭିଲା ମାତ୍ର ଦେଢଘଣ୍ଟାର ରାସ୍ତା । ବାଟସାରା ସେମିତି ମରୁଭୂମିର ଗଛ ଭଳି ଦୁଇପାଖରେ ଦିଶୁଥାଏ । ବସ୍ ଭିତରେ ଥିବା ଟୁର୍ ଗାଇଡ୍ ମଝିରେ ମଝିରେ ସ୍ପେନର ଇତିହାସ ବିଷୟରେ ସୂଚନା ଦେଇ ଚାଲିଥାଏ । ଆଭିଲା ସହରର ଇତିହାସ ବିଷୟରେ ମଧ୍ୟ ସିଏ ସୂଚନା ଦେଲା । ଆଭିଲା ସହରର ମୁଖ୍ୟ ଆକର୍ଷଣ ହେଲା ସହରର ପାଚେରି ଓ ତାହାର କାନ୍ଥ । ଏହି ପାଚେରିର ଆୟତନ ୨୫୧୬ ମିଟର୍ । ସେ ଅର୍ଦ୍ଧବୃତ୍ତାକାର ଦୁର୍ଗର ପରଦା କାନ୍ଥ ୩ ମିଟର ମୋଟ ଓ ହାରାହାରି ଉଚ୍ଚତା ୧୨ ମିଟର୍ । ସେ ଦୁର୍ଗର ୯ଟି ଫାଟକ ରହିଛି ।

ଏ ବିଷୟରେ ବିବରଣୀ ଶୁଣୁଶୁଣୁ ଆଭିଲା ସହର ପହଞ୍ଚିଗଲା । ସେଠି ଗୋଟିଏ ସ୍ଥାନରୁ ପାଚେରି ସଂପୂର୍ଣ୍ଣ ପରିଷ୍କାର ଭାବେ ଦିଶେ । ସେଇଠି ଟୁର୍ ବସ୍ ୭ ମିନିଟ୍ ରହିଲା । ପୂର୍ବରୁ ଆଉ ଗୋଟିଏ ଟୁର୍ ବସ୍ ରହିଥିଲା । ସେ ବସ୍‌ର ସମସ୍ତ ଯାତ୍ରୀ ଫଟୋ ନେବାପାଇଁ ମହଜୁଦ୍ ଥିଲେ । ସେମାନେ ଯିବା ପରେପରେ ସୋନା ଯାଉଥିବା ବସ୍‌ର ସମସ୍ତ ଯାତ୍ରୀ ଫଟୋ ନେବାରେ ଲାଗିଲେ । ଯେଉଁମାନଙ୍କର ସାଙ୍ଗସାଥୀ ଥିଲେ, ସେମାନେ ସବୁ ପରସ୍ପରର ଫଟୋ ଉଠେଇଲେ । ସୋନା ସାଙ୍ଗକୁ ଜୋସେଫିନ୍ ବୋଲି ଜଣେ ଏକୁଟିଆ ଝିଅଟିଏ ମିଳିଗଲା । ତା' ବୟସ ହାରାହାରି ୩୦-୩୫ ହେବ । ସିଏ ଏକୁଟିଆ ଯାତ୍ରା କରୁଥିଲା । ସୋନାକୁ ପଚାରିଲା, "ମୋର ଏ ଦୁର୍ଗର ପୃଷ୍ଠଭୂମିରେ ଗୋଟିଏ ଫଟୋ ଉଠେଇଦେବ ?' ସୋନା ତାର ଫଟୋ ଉଠେଇଲା । ତାପରେ ନିଜ ଫଟୋ ଉଠେଇବାକୁ ଅନୁରୋଧ କଲା । ସୋନାର ଗୋଟିଏ ଫଟୋ ଉଠିଛି କି ନାହିଁ ଟୁର୍ ବସ୍ ବାଲା ଡାକ ପକେଇଲା । ଅଗତ୍ୟା ସମସ୍ତେ ବସ୍ ଭିତରକୁ ଆସିଲେ । ତଥାପି ଫଟୋ ଉଠେଇବାକୁ ଜଣେ ସାଥୀକୁ ଆବିଷ୍କାର କରି ସୋନା ଖୁସି ହେଲା ।

ତାପରେ ବସ୍‌ଟି ସହର ଭିତରକୁ ଚାଲିଲା । ସହର ଭିତରେ ଥିବା ମୁଖ୍ୟ ପରିଦର୍ଶକ କେନ୍ଦ୍ର ସାମନାରେ ବସ୍‌ଟି ରହିଲା । ସମସ୍ତେ ବସ୍‌ରୁ ବାହାରି ପରିଦର୍ଶକ କେନ୍ଦ୍ର ଭିତରେ

ISSN NO.
2582-208X

ପଶିଲେ। ସେଠୁ ଆଭିଲା ସହରର ମାନଚିତ୍ର ମିଳିଲା । ତା ସହିତ ସେଠାରୁ ସୋନା ପାଣି ବୋତଲଟିଏ କିଣିଲା । ହେଲେ ସେଠି ଚାମଚ ମିଳିଲାନି । ସମସ୍ତେ ସେଠି ଶୌଚାଳୟକୁ ଗଲେ । ଶୌଚାଳୟ ପାଇଁ ସ୍ତ୍ରୀ ଲୋକମାନଙ୍କର ବଡ ଲମ୍ବା ଧାଡି ଲାଗିଗଲା । ସୋନାକୁ ବି ସୁଯୋଗ ମିଳିଲା । ଏସବୁ ପରେ ଟୁର୍ ଗାଇଡ୍ ସମସ୍ତଙ୍କୁ ଉପର ମହଲା ଦେଇ ବାଟ କଢେଇଲେ ଓ ଦୁର୍ଗର ପଛପଟେ ବୁଲେଇଲେ । ପ୍ରଥମେ ସିଏ ଆଭିଲାର କାଥେଡ୍ରାଲ୍‌କୁ ପଥ କଢାଇ ନେଇଗଲେ । ସେଠି ସେ କାଥେଡ୍ରାଲ୍‌ର ଇତିହାସ ବିଷୟରେ କିଛି ସମୟ କାହାଣୀ ଶୁଣେଇଲେ । କାଥେଡ୍ରାଲ୍‌ଟି ସେଦିନ ବନ୍ଦ ଥିଲା । ଭିତରେ କଣ ସବୁ ମରାମତି ଚାଲିଥିଲା । ସେ କାଥେଡ୍ରାଲ୍‌ର ବାହାର ଚାରିପଟେ ଖମ୍ବ ଉପରେ ସିଂହ ମୂର୍ତ୍ତିମାନ ରହିଥିଲେ । ଟୁର୍ ଗାଇଡ୍ କହିଲେ, "ଏ ସିଂହ ମାନଙ୍କର ନିତମ୍ବକୁ ଛୁଇଁ କୁତୁକୁତୁ କଲେ ମନସ୍କାମନା ପୂରଣ ହୁଏ ।' ସେ କଥାଟା ସୋନାକୁ ପସନ୍ଦ ଆସିଲା । ଯେମିତି ମହାଦେବଙ୍କ ମନ୍ଦିରରେ ବୃଷଭକୁ ଛୁଇଁ ମନସ୍କାମନା ସିଦ୍ଧି ପାଇଁ ପ୍ରାର୍ଥନା କରାଯାଏ, ସେମିତି ଏ ଆଭିଲାର ସଂସ୍କୃତିରେ ମଧ୍ୟ ବିଶ୍ବାସ ରହିଛି । କେତେଜଣ ସେ ସିଂହ ମାନଙ୍କର ନିତମ୍ବ ଛୁଇଁ କୁତୁକୁତୁ କଲେ । ସୋନା ବି ସେମିତି କଲା । ତଥାପି ସିଏ ଟୁର୍ ଗାଇଡ୍‌କୁ ସବୁବେଳେ ନିଘାରେ ରଖୁଥାଏ । ନହେଲେ ଏକୁଟିଆ ଯଦି କୋଉଠି ହଜିଯିବ ?

କାଥେଡ୍ରାଲ୍ ଦେଖିସାରିବା ପରେ ସିଏ ସମସ୍ତଙ୍କୁ ଆଭିଲାର ମୁଖ୍ୟ ବର୍ଗ "ପ୍ଲାଜା ଡେଲ ମର୍କାଡୋ ଚିକୋ" ଦେଖାଇବାକୁ ନେଲେ । ସେ ପ୍ଲାଜା ସହରର ମଧ୍ୟ ଭାଗରେ ରହିଛି । ସେଇଟା ଏକ ଆୟତାକାର ବର୍ଗ । ସେଠାରେ ବିଭିନ୍ନ ନୃତ୍ୟ ଓ ସଙ୍ଗୀତ ଆସର ହୁଏ ବୋଲି ଟୁର୍ ଗାଇଡ୍ ଜଣେଇଲେ । ତାପରେ ସିଏ ସମସ୍ତଙ୍କୁ କହିଲେ, "ଏବେ ସମୟ ଆସିଛି, ସମସ୍ତେ ନିଜେନିଜେ ବୁଲ । କିନ୍ତୁ ଏକ ଘଣ୍ଟା ୪୦ ମିନିଟ୍ ଭିତରେ ସମସ୍ତେ ଭିଜିଟର୍ ସେଣ୍ଟରକୁ ଫେରିଆସିବ । ଏବେ ମୁଁ ସମସ୍ତଙ୍କୁ ସାଣ୍ଟା ଟେରେସା କନ୍‌ଭେଣ୍ଟ୍ ଦେଖେଇବାକୁ ନେବି । ଯାହାର ଇଚ୍ଛା ମୋ ସହିତ ଆସ, ନହେଲେ ନିଜେନିଜେ ବୁଲି ଦେଖିବାକୁ ଯାଅ ।'

ଜୋସେଫିନ୍ ନିଜେନିଜେ ବୁଲିବାକୁ ବାହାରିଲା । ସୋନାକୁ ପଚାରିଲା, "ତମେ ମୋ ସହିତ ଆସିବ କି?' ସୋନା ଟିକେ ଡରିଲା । ସେ ଝିଅ କୁଆଡେ ଯିବ କିଏ ଜାଣେ । ଯଦି ଫେରିବାକୁ ଡେରି କରିଦିଏ ? ଏମିତି ଭାବି ସୋନା କହିଲା, "ତମେ ଯାଅ । ମୁଁ ସେ ସାଣ୍ଟା

ISSN NO.
2582-208X

ଟେରେସା କନ୍‌ଭେଣ୍ଟ୍ ଦେଖିବାକୁ ଯିବି ।' ଏମିତି କହି ସିଏ ଟୁର୍ ଗାଇଡ୍‌କୁ ଅନୁସରଣ କଲା । ସେମାନେ ସାଣ୍ଟା ଟେରେସା କନ୍‌ଭେଣ୍ଟ୍ ସାମନାରେ ଏକତ୍ରିତ ହେଲେ । ଟୁର୍ ଗାଇଡ୍ କିଛି ଐତିହାସିକ ତଥ୍ୟ ଜଣେଇଲା । ତାପରେ ସିଏ ସମସ୍ତଙ୍କୁ କହିଲା, "ଏବେ ତମେମାନେ ସ୍ୱାଧୀନ ଭାବେ ବୁଲାବୁଲି କର । ଦୋକାନ, ବଜାର ବୁଲି ଦେଖ । ଯେଉଁଠି ଖାଇବାକୁ ଚାହୁଁଛ, ସେଠି ଖାଅ । କିନ୍ତୁ ବାରଟା ୪୫ ବେଳକୁ ସମସ୍ତେ ଭିଜିଟର୍ ସେଣ୍ଟର୍ ଫେରିଆସିବ ।'

ଏବେ ସୋନା ଏକା । ସମସ୍ତେ ସେମାନଙ୍କ ସାଙ୍ଗସାଥୀ ଧରି ବୁଲିବାକୁ ଚାଲିଗଲେ । କିଏ ଖାଇବାକୁ ଚାଲିଗଲା ତ କିଏ ଦୋକାନ, ବଜାରରୁ କିଛି କିଣିବାକୁ ଚାଲିଗଲା । ସୋନା ଦେଖିଲା, ବହୁତ ଭଲ ଜିନିଷ ସବୁ ବିକ୍ରି ହେଉଛି । କିନ୍ତୁ ସେସବୁ ମଧ୍ୟ ଆମେରିକାରେ ମିଳୁଛି । ତେଣୁ ଯେତେ ଆକର୍ଷିତ ହେଲେ ବି ସିଏ କିଛି କିଣିଲାନି । କେବଳ ମୂଲଚାଲ କରି ଫେରିଆସିଲା । ତାପରେ ସିଏ ଗୋଟିଏ କଫି ଦୋକାନରେ ପଶିଲା । ଭାବିଲା, କଫି ପିଇବା ବେଳେ ଗୋଟିଏ ପ୍ଲାଷ୍ଟିକ୍ ଚାମଚ ନେଇ ଆସିବ, ଯେଉଁଟାକୁ ବ୍ୟବହାର କରି ପ୍ୟାକ୍ କରିଥିବା ଖାଦ୍ୟ ଖାଇବ । ହେଲେ ସେ ଦୋକାନରେ କେବଳ ଷ୍ଟିଲ୍ ଚାମଚ ବ୍ୟବହାର କରାଯାଉଥିଲା । ତେବେ ଗୋଟିଏ କଫି କିଣି ସିଏ ସେ ଦୋକାନରୁ ଫେରି ଆସିଲା । ବାଟରେ ଫେରିବା ବେଳେ କିଛି ଯାତ୍ରୀ ଜଣାଜଣା ଲାଗିଲେ, ନିଜ ବସ୍‌ର ଯାତ୍ରୀ ଭଳି ମନେ ହେଲେ । ସେମାନଙ୍କୁ ନିଘା କରି ସିଏ ସତର୍କ ହୋଇ ଚାଲିଲା ।

ଯେତେବେଳେ ସମୟ ୧୨ଟା ୩୦ ହେଲା, ସେତେବେଳେ ସିଏ ଭିଜିଟର୍ ସେଣ୍ଟର୍‌କୁ ଫେରିବାକୁ ଚାହିଁଲା । ଯେଉଁ ଯେଉଁ କୋଠା ସବୁ ସିଏ ଚିହ୍ନଟ କରି ଯାଇଥିଲା, ସେସବୁକୁ ଅନୁମାନ କରି ଫେରିଲା । ଫେରିବା ବେଳକୁ ସିଏ ୫ ମିନିଟ୍ ଆଗରୁ ଫେରିଲା । ଭିତରେ ନିଜ ବସ୍‌ର ଅନ୍ୟ କାହାକୁ ଦେଖିଲାନି । ସେ ଶୌଚାଳୟ ଯାଇ ଭିଜିଟର ସେଣ୍ଟର୍‌ର ବାହାରକୁ ଆସିଲା । ସେଠି ଟୁର୍ ଗାଇଡ୍ ବସିଥିଲା । ୧୨ଟା ୫୦ ବେଳକୁ ପ୍ରାୟତଃ ସମସ୍ତେ ଫେରିଆସିଥିଲେ । ୫ ମିନିଟ୍ ପରେ ବସ୍ ଆସିଗଲା । ସମସ୍ତେ ବସ୍ ଭିତରକୁ ପ୍ରବେଶ କଲେ । ଟୁର୍ ଗାଇଡ୍ ଆସି ସମସ୍ତଙ୍କ ନାମ ଡାକି ଚିହ୍ନଟ କରିଗଲା । ହେଲେ ସେ ପର୍ଯ୍ୟନ୍ତ ୫-୬ ଜଣ ଯାତ୍ରୀ ଫେରିନଥିଲେ । ତାଙ୍କ ଭିତରେ ଜୋସେଫିନ୍ ଥିଲା । ଏବେ ସମସ୍ତେ ଅପେକ୍ଷା କରି ରହିଲେ । ୧୦ ମିନିଟ୍ ପରେ କେବଳ ଜୋସେଫିନ୍ ଛଡା ଅନ୍ୟ

ISSN NO.
2582-208X

ସମସ୍ତେ ଫେରିଆସିଲେ । ସମୟ ଗୋଟିଏ ବାଜି ୧୫ ମିନିଟ୍ ହେଲା । ତଥାପି ଜୋସେଫିନ୍‌ର ଦେଖା ନାହିଁ । ଟୁର୍ ଗାଇଡ୍ ବ୍ୟସ୍ତ ହେଉଥାଏ । ସମସ୍ତେ ଅପେକ୍ଷା କରି ରହିଥାନ୍ତି । ଗୋଟିଏ ବାଜି ୨୦ ମିନିଟ୍‌ରେ ଜୋସେଫିନ୍ ଆସିଲା । ସମସ୍ତଙ୍କୁ ଦୁଃଖିତ କହି କ୍ଷମା ମାଗିଲା । ତାପରେ ବସ୍ ସେଗୋଭିଆ ଅଭିମୁଖେ ଚାଲିଲା ।

ସୋନା ପାଖରେ ଚାମଚ ନାହିଁ । ସିଏ ସେ ଛତୁକୁ କେମିତି ଖାଇବ ? କଣ ହାତରେ ଖାଇବ ? ତାପରେ ହାତ ପୋଛିଦେବ ? ପ୍ରଥମେ ସୋନା ସେମିତି ଭାବିଲା । ତାପରେ ତା ମନରେ ପଶିଲା ଯେ ସିଏ କିସ୍‌ମିସ୍ ଖାଇବା ପାଇଁ ଯେଉଁ ଜରି ଭିତରେ ପ୍ୟାକ୍ କରିଥିଲା ସେଥିରେ ଗୋଟିଏ ଚାମଚ ରଖିଥିଲା । ଏବେ ସୋନା ସେଇ ଚାମଚ ବ୍ୟବହାର କରି ଛତୁ ଭଜା ଖାଇଲା । ଫଳ ମଧ୍ୟ ଯାହା ପ୍ୟାକ୍ କରିଥିଲା, ତାକୁ ଖାଇଲା । ମୋଟ ଉପରେ ଏକ ଛୋଟ ଧରଣର ସକାଳ ଓ ମଧ୍ୟାହ୍ନ ଭୋଜନର ମିଶ୍ରଣ ହୋଇଗଲା ।

ବସ୍ ସେଗୋଭିଆ ଅଭିମୁଖେ ଚାଲିଥାଏ । ସମସ୍ତ ଯାତ୍ରୀ ପ୍ରାୟଃ ଢୁଳାଉଥାନ୍ତି । ପ୍ରାୟଃ ପଚାଶ ମିନିଟ୍ ପରେ ବସ୍ ସେଗୋଭିଆରେ ପହଞ୍ଚିଗଲା । ସେଗୋଭିଆରେ ପହଞ୍ଚିବାର ୧୦ ମିନିଟ୍ ପୂର୍ବରୁ ଟୁର୍ ଗାଇଡ୍ ସମସ୍ତଙ୍କୁ ନିଦରୁ ଉଠେଇ ବିବରଣୀ ଦେଲା । ସେଗୋଭିଆର ବିଖ୍ୟାତ ଆକ୍ୱେଡକ୍ଟ ବା ଜଳପ୍ରବାହ ବିଷୟରେ ଜଣେଇଲା । ସେଗୋଭିଆରେ ବସ୍ ଆକ୍ୱେଡକ୍ଟ ପାଖରେ ଟିକେ ପୂର୍ବରୁ ଏକ ନିର୍ଦ୍ଦିଷ୍ଟ ସ୍ଥାନରେ ରହିଲା । ସମସ୍ତେ ସେଠି ଓହ୍ଲେଇଲେ । ଆକ୍ୱେଡକ୍ଟ ସ୍ତମ୍ଭ ଅତିକ୍ରମ କରି ବଜାର ପାଖକୁ ଆସିଲେ । ସେଇଠି ସମସ୍ତଙ୍କୁ ଏକତ୍ରିତ କରି ଟୁର୍ ଗାଇଡ୍ ନିର୍ଦ୍ଦେଶ ଦେଲା । "ଏଇଠି ମଧ୍ୟାହ୍ନ ଭୋଜନ ପାଇଁ ଓ ନିଜେନିଜେ ବୁଲାବୁଲି କରିବା ପାଇଁ ତମମାନଙ୍କୁ ୨ ଘଣ୍ଟା ଦିଆଗଲା । ତମେମାନେ ସମସ୍ତେ ବୁଲିସାରି ୪ଟା ପନ୍ଦର ବେଳକୁ ଏହି ସ୍ଥାନକୁ ଆସିବ । ତାପରେ ଆମେ ପଦଯାତ୍ରାରେ ସହର ବୁଲିକରି ଦେଖିବା ଓ ସହରର ସମସ୍ତ ସୌଧ ବିଷୟରେ ଜାଣିବା ।'

ସେଇ ଏକୁଟିଆ ପଣ ସୋନାକୁ ଘାରିଲା । ତଥାପି ସିଏ ନିଜେନିଜେ ବୁଲିବାକୁ ସ୍ଥିର କରିନେଲା । ଅନ୍ୟ ସମସ୍ତେ ନିଜନିଜର ସାଥୀମାନଙ୍କୁ ଧରି ଖାଇବାକୁ ଗଲେ । ସେଗୋଭିଆର କେତେଟା ଭଲ ଭୋଜନାଳୟ ବିଷୟରେ ଟୁର୍ ଗାଇଡ୍ ସମସ୍ତଙ୍କୁ

ISSN NO.
2582-208X

ଜଣେଇଥିଲା । ସେଇଟା ନିରାମିଶାଶୀ ମାନଙ୍କ ପାଇଁ ନୁହେଁ । ଅତଏବ ସୋନାର ସେଠିକୁ ଯିବା ଦରକାର ନୁହେଁ । ଜଳପ୍ରବାହ ପାଇଁ ହୋଇଥିବା ସେ ସ୍ତମ୍ଭର ଉପରକୁ ଅନ୍ୟ କେତେକ ଯାତ୍ରୀ ଚଢୁଥିଲେ । ସେମାନେ ସବୁ ଅନ୍ୟ ଟୁର୍ ମାଧ୍ୟମରେ ଆସିଥିଲେ, ସୋନାର ବସ୍‌ର ନୁହେଁ । ସୋନା ଏକାଏକା ଚଢିଲା । ଯେତେ ଉପରକୁ ଚଢୁଥାଏ, ଉପରୁ ସହର ସେତେ ସୁନ୍ଦର ଦିଶୁଥାଏ ଓ ଜଳପ୍ରବାହ ପାଇଁ ହୋଇଥିବା ସେ ସୌଧର ସୌନ୍ଦର୍ଯ୍ୟ ସେତେସେତେ ବଢୁଥାଏ । ଉପରକୁ ଚଢିବାକୁ ତାକୁ କଷ୍ଟ ହେଉଥାଏ । ସେତେବେଳକୁ ଜୋରରେ ଖରା ପଡିଥାଏ । ଖରାରେ ପାହାଚ ଚଢି ଉପରକୁ ଯିବା ସହଜ ନଥିଲା । ତେବେ ସୋନା ସବା ଉପରକୁ ଗଲା । ସେଠି ଅନ୍ୟ ସମସ୍ତ ଯାତ୍ରୀମାନଙ୍କୁ ବେଳେବେଳେ ଅନୁରୋଧ କରି ନିଜର କେତୋଟି ଫଟୋ ଉଠେଇନେଲା । ସେମାନଙ୍କର ଫଟୋ ନେବାରେ ମଧ୍ୟ ସାହାଯ୍ୟକଲା । ତାପରେ ଉପରୁ ତଳକୁ ଆସିଲା । ସେତେବେଳକୁ ୨ଟା ୩୦ ହୋଇଥାଏ । ତେଣୁ ସିଏ ପାଖରେ ଥିବା ଦୋକାନ ବଜାର ଭିତରକୁ ଯିବାକୁ ସ୍ଥିରକଲା । ମନରେ ଡର ଥାଏ, କାଳେ ରାସ୍ତା ଭୁଲିଯିବ ଓ ଗନ୍ତବ୍ୟ ସ୍ଥଳୀକୁ ଫେରିପାରିବନି । କିନ୍ତୁ ପାଖରେ ଥିବା ଫୋନଟି ବଡ ସାହାଯ୍ୟ କରୁଥାଏ । ସୋନା ମନେମନେ ଭାବିଲା, "ଏ ସେଗୋଭିଆରେ ଭାରତୀୟ ଭୋଜନାଳୟ ଥିବ ନା ନାହିଁ?' ଏମିତି ଭାବି ସିଏ ଗୁଗୁଲ୍ ରେ ଖୋଜିଲା । ଏମିତି ଭାଗ୍ୟ ଯେ, ତାଜମହଲ ନାମରେ ଏକ ଭୋଜନାଳୟ ପାଖରେ ଥିବାର ଜଣାପଡିଲା । ସେଇ ଦିଗକୁ ଅନୁସରଣ କରି ସିଏ ଜଳପ୍ରବାହ ଠାରୁ ୫-୬ ମିନିଟ୍ ଭିତରେ ତାଜମହଲ ଭୋଜନାଳୟରେ ପହଞ୍ଚିଗଲା । ସେ ଭୋଜନାଳୟଟି ଅପରାହ୍ନ ୪ଟା ପର୍ଯ୍ୟନ୍ତ ଖୋଲା ରହିଥିବାର କଥା ମଧ୍ୟ ଗୁଗୁଲ ଜଣେଇଥିଲା । ସୋନା ଭୋଜନାଳୟରେ ପ୍ରବେଶ କରିବା ପରେ ଦେଖିଲା ଯେ କେହି ଆଉ ସେତେବେଳେ ସେଠି ଖାଉନାହାନ୍ତି । କିନ୍ତୁ ଭୋଜନାଳୟର କର୍ମଚାରୀ ଉପସ୍ଥିତ ଥିଲେ । ସୋନା ପଚାରିଲା, "ଏବେ ଏଠି ମଧ୍ୟାହ୍ନ ଭୋଜନ ମିଳିବ ?'

କର୍ମଚାରୀ ଜଣକ କହିଲେ, "ହଁ" ।

ତାପରେ ସିଏ ଗୋଟିଏ ଟେବୁଲ୍ ପାଖରେ ବସେଇ ଖାଦ୍ୟପଦାର୍ଥର ମେନୁ ଆଣି ଧରେଇଦେଲେ । ସୋନା ସେ ମେନୁ ସବୁ ଦେଖି ଭାତ ଓ ବାଇଗଣ ତରକାରୀ ମଗେଇଲା। କାରଣ ସେ ଦୁଇଟାର ପ୍ରସ୍ତୁତି କମ୍ ସମୟରେ ହୋଇଯିବାର ସିଦ୍ଧାନ୍ତ ଥିଲା ।

ISSN NO.
2582-208X


କାଳେ ଖାଉଖାଉ ଡେରି ହୋଇଯିବ ସେ ଭୟ ମଧ୍ୟ ସୋନା ମନରେ ରହିଥିଲା । ଖାଦ୍ୟ ପ୍ରାୟଃ ପନ୍ଦର ମିନିଟ୍ ମଧ୍ୟରେ ପହଞ୍ଚିଗଲା । ସୋନା ସାଢେ ତିନିଟା ସୁଦ୍ଧା ଖାଦ୍ୟ ଶେଷ କରି ଫେରିବାର ସିଦ୍ଧାନ୍ତ ନେଇଥିଲା ।। ସେମିତି ବି ହେଲା । ସେ ଭୋଜନାଳୟର ଶୌଚାଳୟ ତଳ ମହଲାରେ ଥିଲା । ସୋନା ଶୋଚାଳୟକୁ ଯାଇ ହାତ ଧୋଇ ଫେରୁଛି ତ, ତଳଟା ପୂରା ଅନ୍ଧାର ହୋଇଗଲା । ତା' ମନରେ ଭୟ ଆସିଲା । ଇଏ କେମିତି କଥା ? ଏବେ ଫେରିବି କେମିତି ? କିନ୍ତୁ ଠଉରାଇ ଠଉରାଇ ସିଏ ଉପରକୁ ଆସିଲା । ଭୋଜନାଳୟର କର୍ମଚାରୀଙ୍କୁ ଧନ୍ୟବାଦ ଦେଇ ବାହାରକୁ ଆସିଲା । ସେତେବେଳକୁ ତିନିଟା ପଇଁଚାଳିଶି ହୋଇଥିଲା । ସୋନା ବଜାରରେ କିଛି ସମୟ ବୁଲିଲା । ଛୋଟପିଲାଙ୍କ ପାଇଁ କିଛି ଖେଳଣା ଦୋକାନ ପାଖରେ ଅଛିକି ବୋଲି ଗୁଗୁଲ୍ ରେ ଖୋଜିଲା । କିନ୍ତୁ ଦୋକାନ ସବୁ ୧୦-୧୫ ମିନିଟ୍ ଚାଲିବା ଦୂରତାରେ ଥିଲା । ସୋନା ଆଉ ସେସବୁଥିରେ ମୁଣ୍ଡ ନ ପୂରେଇ ସେ ଜଳପ୍ରବାହର ଗେଟ୍ ପାଖରେ ଥିବା ଏକ ଗଛ ତଳେ ବସିଲା ।

୪ଟା ୧୫ ବେଳକୁ ସିଏ ନିର୍ଦ୍ଦିଷ୍ଟ ସ୍ଥାନକୁ ଆସିଲା । ଟୁର୍ ଗାଇଡ୍ ଓ ଅନ୍ୟାନ୍ୟ ସମସ୍ତେ ଆସି ସାରିଥିଲେ । ତାପରେ ସମସ୍ତେ ତାଙ୍କୁ ଅନୁସରଣ କରି ସହର ବୁଲିବାକୁ ଚାଲିଲେ । ସେ ସହରଟି ଅନେକ ଉଠାଣି । ଉଠାଣି ତ ଉଠାଣି, ତା ସାଙ୍ଗକୁ ପଥରର ରାସ୍ତା, ସିମେଣ୍ଟ ନୁହେଁ । ବେଳେବେଳେ ପାଦ ଆଗକୁ ଯିବାକୁ ଚାହୁଁନଥାଏ । ତେବେ ନୂଆ କିଛି ଦେଖିବାର ଇଚ୍ଛା ପାଇଁ ସମସ୍ତେ ସେମିତି କ୍ଳାନ୍ତି ସତ୍ୱେ ବି ଚାଲୁଥାଆନ୍ତି । ସେ ଟୁର୍ ଗାଇଡ୍ ଠାରୁ ସେଗୋଭିଆ ସହର ବିଷୟରେ ଅନକ କିଛି ଜଣାପଡିଲା । ସେ ସହରରେ ତିନିଟି ବିଶେଷ ଐତିହାସିକ ଅଟ୍ଟାଳିକା ଓ ଭୂଖଣ୍ଡ ରହିଛି । ମଧ୍ୟଭାଗରେ ରୋମାନ୍ ଆକ୍ୱେଡକ୍ଟ, ଏହାର ଗୋଥିକ୍ ଶୈଳୀର କାଥେଡ୍ରାଲ୍ ଏବଂ ଏକ ମଧ୍ୟଯୁଗର ଦୁର୍ଗ । ୧୯୮୫ ମସିହାରେ ଏ ସହରର କେନ୍ଦ୍ରସ୍ଥଳୀକୁ ୟୁନେସ୍କୋ ବିଶ୍ୱ ଐତିହ୍ୟ ସ୍ଥଳୀ ଭାବେ ଘୋଷଣା କରିଥିଲା ।

ସେମାନେ ଆକ୍ୱେଡକ୍ଟ ରୁ ଜୁଇସ୍ କ୍ୱାର୍ଟର ବାଟ ଦେଇ ଆଲକାଜାର ଅଭିମୁଖେ ଯାତ୍ରା କଲେ। ବାଟରେ ଅନେକ ଦୋକାନ, ବଜାର, କିନ୍ତୁ ଭିତରେ ପଶି କିଛି କିଣିବାକୁ ରହିହେଉନଥାଏ । କାଳେ ଟୁର୍ ଦଳଠାରୁ ଅଲଗା ହୋଇଯାଇ ବାଟ ଭୁଲିଯିବ । ସେମାନେ କାଥେଡ୍ରାଲ ବାହାରୁବାହାରୁ ଦେଖିଲେ । ଭିତରକୁ ଯିବାକୁ ସ୍ୱତନ୍ତ୍ର ଟିକେଟ ଦରକାର ଓ ସେଥିପାଇଁ ପୂରାଦିନ ଟୁର୍ ନେବା ଉଚିତ । ଅଧାଦିନ ଟୁର୍‌ରେ ସହରର ସବୁ କିଛି ଦେଖିବା ଓ ଅନୁଭବ କରିବା ସମ୍ଭବପର ନୁହେଁ । ସେମାନେ ସମସ୍ତେ ଆଲକାଜାର ପାଖରେ

ISSN NO.
2582-208X

ପହଞ୍ଚିବା ପରେ, ସେଠାରେ ଟୁର୍ ଗାଇଡ୍ ଆଲକାଜାର ବିଷୟରେ କିଛି ସମୟ କହିଲେ । ସିଏ କହୁଥିବା ସ୍ଥାନରୁ ତଳକୁ ଚାହିଁଲେ ଅତ୍ୟନ୍ତ ମନୋରମ ଦିଶୁଥାଏ । ସେଗୋଭିଆ ସହରର ଅନ୍ୟାନ୍ୟ କାଥେଡ୍ରାଲ୍, ଚର୍ଚ୍ଚ, ପାର୍କ ଇତ୍ୟାଦି ଦିଶୁଥାଏ । ଅନେକ ସେ ସ୍ଥାନରୁ ଫଟୋ ଉଠାଇ ରଖିଲେ । ଅନେକଙ୍କର ଆଲକାଜାର ଭିତରକୁ ଯିବାକୁ ଟିକେଟ୍ ଥିଲା । କିଛି ଲୋକଙ୍କର ନଥିଲା । ସୋନାର ଟିକେଟ୍ ଥିଲା । ଟୁର୍ ଗାଇଡ୍ ଟିକେଟ୍ ଥିବା ଯାତ୍ରୀଙ୍କୁ ଗୋଟିଏଗୋଟିଏ ଚିହ୍ନଟପତ୍ର ଦେଇ ଗଳାରେ ଝୁଲେଇବାକୁ କହିଲେ ଓ ସମସ୍ତଙ୍କୁ ହେଡ୍‌ଫୋନ ଦେଲେ । ଆଲକାଜାର ଭିତରେ ପଶିବା ମାତ୍ରେ ହେଡ୍‌ଫୋନ ବ୍ୟବହାର କରିବାକୁ କହିଲେ । ଯେଉଁମାନଙ୍କର ଟିକେଟ୍ ନଥିଲା, ସେମାନଙ୍କୁ ସିଏ କହିଲେ, "ତମେମାନେ ସମସ୍ତେ ଏବେ ସ୍ୱାଧୀନ ଭାବେ ବଜାରରେ ବୁଲାବୁଲି କର । କିନ୍ତୁ ୬ଟା ୧୫ ସୁଦ୍ଧା ସମସ୍ତେ ବସ୍ ରହିଥିବା ସ୍ଥାନରେ ପହଞ୍ଚିଯିବ ।'

ସେମାନେ ପଚାରିଲେ, "ଆମେ କୋଠା ଭିତରକୁ ତ ଯାଇପାରିବୁନି । କିନ୍ତୁ ଗେଟ୍ ଭିତରକୁ ଯାଇ ବାହାରୁ ଫଟୋ ନେଇପାରିବୁ ?'

ଟୁର୍ ଗାଇଡ୍ କହିଲେ, "ହଁ, ସେଥିରେ କିଛି ଅସୁବିଧା ହେବନି ।'

ତାପରେ ସେମାନେ ଆଲକାଜାର ଭିତରକୁ ପଶିଲେ । ବାହାରୁ ତ ଆଲକାଜାର୍‌ର ସୌନ୍ଦର୍ଯ୍ୟ ଦେଖି ସୋନା ବିମୋହିତ ହୋଇଥିଲା । ତା' ଭିତର ଦେଖି ସୋନାର ଆଖି ଖୋସି ହୋଇଗଲା । ସତରେ ପୂର୍ବକାଳର ଲୋକମାନଙ୍କର ଦକ୍ଷତା ବିଷୟରେ ଭାବି ସିଏ ଚମତ୍କୃତ ହୋଇଯାଉଥିଲା । ଆଗରୁ ସିଏ ଜୟପୁରର ହାୱା ମହଲ ଦେଖିଥିଲା । ଏ ଆଲକାଜାର୍‌ରେ ମଧ୍ୟ ସେମିତି ଚମତ୍କାର ବିଜ୍ଞାନର କୌଶଳ । କେମିତି କୋଠା ଭିତରେ ପବନ ଠିକ୍‌ଭାବେ ଆତଯାତ ହେବ, କେମିତି ସୂର୍ଯ୍ୟାଲୋକ ପଡିବ, କେମିତି ଝରକାରୁ ବାହାରକୁ ଚାହିଁ ଶତ୍ରୁର ଗତିବିଧି ଉପରେ ନଜର ରଖିହେବ, ସେସବୁକୁ ନେଇ କୋଠରି, ଝରକା, ଛାତ ଓ ଅଗଣାର ପରିକଳ୍ପନା । ଆଉ ସବୁଠାରୁ ଚମତ୍କାର କଥା ହେଲା ଆକ୍ୱେଡକ୍ଟର ଉତ୍ପତ୍ତି ସ୍ଥଳ ତା' ଭିତରେ ଥିଲା ।

ଆଲକାଜାରର ଭିତର ଅଂଶର ସୌନ୍ଦର୍ଯ୍ୟ, ଜଟିଳ ଡିଜାଇନ୍ ଏବଂ ଉତ୍ତମ ସଂରକ୍ଷିତ ବ୍ୟବସ୍ଥା ଯେ କେହି ଦେଖିଲେ ପ୍ରଶଂସା କରି ରହିପାରିବନି । ଆଲହମ୍ବ୍ରା ଶୈଳୀରେ

ISSN NO.
2582-208X

ଭିତରର ସୂକ୍ଷ୍ମ ଟ୍ରେସେରି ଏବଂ ପେଣ୍ଡାଲ ଅଳଙ୍କାର ସହିତ ଅନେକ କୋଠରିରେ ଚିତ୍ରକଳା ଏବଂ ଛାତରେ ଜଟିଳ ଓ ସୂକ୍ଷ୍ମ କାରୁକାର୍ଯ୍ୟର ଚିତ୍ରଗୁଡିକ ଅତ୍ୟନ୍ତ ଚମତ୍କାର । ଭିତରେ ଥିବା "କିଙ୍ଗସ୍ ଅଫ୍ କାଷ୍ଟିଲ୍" ବା ରାଜମହଲ ଭିତରେ ଅନେକ ସ୍ଥାନରେ ସେତେବେଳର ରାଜାମାନଙ୍କର ମୁକୁଟ ରଖାଯାଇଥିଲା ଏବଂ କିଛି କୋଠରିଗୁଡିକରେ ଲାଟିନ୍ ମୋଟୋ ଏବଂ କୋରାନ୍‌ରୁ ବାହାର କରାଯାଇଥିବା ଚିତ୍ର ମଧ୍ୟ ରହିଥିଲା । ଚତୁର୍ଦ୍ଦଶ ଶତାବ୍ଦୀର ଖ୍ରୀଷ୍ଟିଆନ ଆଧିପତ୍ୟ ସମୟରେ ଆରବୀୟ କର୍ମୀମାନେ ଭିତର ସାଜସଜ୍ଜା କରିଥିଲେ ।

ସୋନା ଟୁର୍‌ର ଥିବା ଅନେକ ଦଂପତି ସୋନାର ସାହାଯ୍ୟରେ ବିଭିନ୍ନ ସ୍ଥାନରେ ବିଭିନ୍ନ ଶୈଳୀରେ ଫଟୋ ଉଠେଇଲେ । ସୋନା ମଧ୍ୟ ସେମାନଙ୍କ ସାହାଯ୍ୟରେ ନିଜର କିଛି ଫଟୋ ଉଠେଇ ସ୍ମୃତି ପାଇଁ ସାଇତି ରଖିଲା ।

ସୋନା ହଠାତ୍ ଦେଖିବା ବେଳକୁ ତା ଟୁର୍‌ର ଚିହ୍ନାଲୋକ କେହି ଦିଶିଲେନି । ସିଏ ବ୍ୟସ୍ତ ହୋଇପଡିଲା । କାଳେ ଫେରିବା ପାଇଁ ବାଟ ଭୁଲିଯିବ, ସେଥିପାଇଁ ସତର୍କ ହୋଇଗଲା । ସେତେବେଳକୁ ଘଣ୍ଟାରେ ୫ଟା ୩୦ ବାଜିଥିଲା । ସୋନା ଟୁର୍ ଶେଷ କରି ବାହାରକୁ ଆସିଲା । ବାହାରେ ଆଉ ୧୫ ମିନିଟ୍ ବୁଲାବୁଲି କରି ଓ ଫଟୋ ଉଠାଇ ଫେରିବାକୁ ପ୍ରସ୍ତୁତି କଲା । ଆଲକାଟ୍ରାଜ୍‌ର ପ୍ରସ୍ଥାନ ଦ୍ୱାର ବାହାରେ ସିଏ ନିଜ ଟୁର୍‌ର ଦୁଇଜଣଙ୍କୁ ଭେଟିଲା । ସେମାନେ ମଧ୍ୟ ଫେରିବାକୁ ଚାହୁଁଥିଲେ । ଏବେ ଫେରିବା ପାଇଁ ସାଙ୍ଗ ମିଳିଗଲେ । ହେଲେ ସେ ପଥର ରାସ୍ତାରେ ଫେରିବା ମଧ୍ୟ କଷ୍ଟକର ଲାଗୁଥିଲା । ପାଦ ଆଗକୁ ଯିବାକୁ ଚାହୁଁନଥିଲା । ଈଶ୍ୱରଙ୍କୁ ସ୍ମରଣ କରି ସିଏ ଟୁର୍‌ର ସାଥୀମାନଙ୍କ ସହିତ ତାଳଦେଇ ଚାଲୁଥିଲା । ସେମାନେ କିନ୍ତୁ ସମସ୍ତେ ବୟସରେ ସାନ ଥିଲେ । ହୁଏତ ୩୫-୪୦ ବୟସର ହେବେକି କଣ ? ତା ସାଙ୍ଗକୁ ୭୦ ବରଷର ସୋନା । ତେବେ ନିଜେ ସେମାନଙ୍କ ସହିତ ତାଳ ଦେଇ ଠିକ୍ ସମୟରେ ବସ୍ ରହିଥିବା ସ୍ଥାନକୁ ସୋନା ଫେରି ଆସିଥିଲା । ସେଥିପାଇଁ ନିଜକୁ ସାବାସି ଦେଲା ଓ ଈଶ୍ୱରଙ୍କୁ ଧନ୍ୟବାଦ ଦେଲା ।

ଫେରି ଆସି ସେମାନେ ୭ ମିନିଟ୍ ଆଗରୁ ପହଞ୍ଚିଗଲେ । ଟୁର୍ ଗାଇଡ୍ ମଧ୍ୟ ସେଠାରେ ଥିଲେ । ସେଠି ସିଏ ସେଗୋଭିଆର ଇତିହାସ ସମ୍ବନ୍ଧରେ ଆଉ କିଛି ଗପିଗଲେ । ତାଙ୍କ କହିବା ଅନୁଯାୟୀ ଆକ୍ୱେଡକ୍ଟ ତିଆରି ହେବାପାଇଁ କଷ୍ଟକର ହେଉଥିଲା । ତାକୁ ତିଆରି କରି ମୁଠି ମାରିବାକୁ ଜଣେ ଶଇତାନକୁ ପ୍ରତାରଣା କରିବାକୁ ପଡିଥିଲା, ଠିକ୍ ଯେମିତି ବିଷ୍ଣୁ

ISSN NO.
2582-208X

ମାୟାକରି ଦେବତା ମାନଙ୍କୁ ସବୁ ଅମୃତ ବାଣ୍ଟି ଦେଇଥିଲେ, ସେଇଭଳି ମାୟା କରି ଜଣେ ଝିଅ ଶଇତାନକୁ ଠକି ତାଙ୍କ ଦ୍ୱାରା ଆକ୍ୱେଡକ୍ଟ ନିର୍ମାଣ କରେଇଥିଲା ।

ପ୍ରବାଦ ଅନୁଯାୟୀ ପର୍ବତର ପାଦଦେଶରେ ଏକ ସହର ଥିଲା ଓ ସେଠାରେ ଜଣେ ଝିଅ ରହୁଥିଲା ଯିଏ ପ୍ରତିଦିନ ୧୬ କିଲୋମିଟରରୁ ଅଧିକ ରାସ୍ତା ଚାଲି ନିକଟସ୍ଥ ଝରଣାରୁ ପାଣି ଆଣିବାକୁ ଯାଉଥିଲା । ଦିନେ ସେ କ୍ଲାନ୍ତ ହୋଇ ଚିତ୍କାର କରି କହିଲା ଯେ, ତାଙ୍କ ଘରଲୋକଙ୍କୁ ପାଣି ଯୋଗେଇବାକୁ ଯଦି ଦରକାର ହୁଏ, ସିଏ ବରଂ ଶଇତାନକୁ ନିଜ ଆତ୍ମା ବିକ୍ରି କରିଦେବ, ହେଲେ ପ୍ରତିଦିନ ଏତେ ବାଟ ଯାଇପାରିବନି । ଏକଥା ଗୋଟିଏ ଶଇତାନ ଶୁଣି, ସେ ଝିଅ ସହିତ ଚୁକ୍ତିକଲା ଯେ ସିଏ ଗୋଟିଏ ରାତିରେ ଆକ୍ୱେଡକ୍ଟ ତିଆରି କରିଦେବ ଓ ବଦଳରେ ସେ ଝିଅ ତାକୁ ତାର ଆତ୍ମା ଦେଇଦେବ ।

ଶଇତାନ ତାର ସମସ୍ତ ଦଳବଳ ଭୂତପ୍ରେତଙ୍କୁ ଲଗେଇ, ସମସ୍ତ ପଥର ସଂଗ୍ରହ କରି ଆକ୍ୱେଡକ୍ଟ ନିର୍ମାଣ କରେଇଦେଲା । ପଥର ସଂଗ୍ରହ ପାଇଁ ଏକ ଝଡ ସୃଷ୍ଟି କରେଇଲା, ଯାହା ଫଳରେ ଦୂର ପର୍ବତରୁ ପଥର ସବୁ ଆସି ଏକତ୍ରିତ ହେଲେ । ଏହି ସମୟରେ ଝିଅଟି ନିଜ ଭୁଲ୍ ବୁଝି ନିଜ ଆତ୍ମାକୁ କେମିତି ରକ୍ଷାକରିବ, ସେଥିପାଇଁ କୁମାରୀ ମେରୀଙ୍କୁ ପ୍ରାର୍ଥନା କଲା । କୁମାରୀ ମେରୀ ଦୟା ଦେଖେଇ ରାତି ପାହିବା ପୂର୍ବରୁ ମିଛିମିଛିକା ଦିନ କରେଇଦେଲେ । ଶଇତାନ ରାତି ସରିବା ପୂର୍ବରୁ ଯେ କାର୍ଯ୍ୟ ସମାପ୍ତ କରିଦେବ, ତାହା ହେଲା ନାହିଁ । ତେଣୁ ଝିଅର ଆମତ୍ମା ତା' ନିଜ ପାଖରେ ରହିଲା ଓ ଆକ୍ୱେଡକ୍ଟ ତିଆରି ହୋଇଗଲା ।

କାହାଣୀ ଶୁଣିବାକୁ ଭଲଲାଗିଲା । ନିଜ ଦେଶରେ ଅନେକ ଲୋକକଥା ଶୁଣିଛି ସୋନା । ରାମଚନ୍ଦ୍ର ସେତୁବନ୍ଧ ତିଆରି କରିବା କାହାଣୀଠାରୁ ଆରମ୍ଭ କରି, ପ୍ରଭୁ ଜଗନ୍ନାଥ ଓ ବଳଭଦ୍ର କାଞ୍ଚି ଅଭିଯାନରେ ଯୁଦ୍ଧ କରିବାକୁ ଯିବା ଓ ମାଣିକ ଗଉଡୁଣୀ ଠାରୁ ଦହି ପିଇବା ଭଳି କାହାଣୀ । ସତ, ମିଛ କିଛି ଜାଣିବାର ଉପାୟ ନାହିଁ । କେବଳ ବିଶ୍ୱାସର କଥା । ତେଣୁ ସେଗୋଭିଆର ଏ ଆକ୍ୱେଡକ୍ଟ ଖମ୍ବ ଯେମିତି ବି ତିଆରି ହେଉନା କାହିଁକି, ତାର ସୌନ୍ଦର୍ଯ୍ୟ ଅବର୍ଣ୍ଣନୀୟ ।

ବସ୍ ୬ଟା ୧୫ରେ ସେଗୋଭିଆ ଛାଡିଲା । ବାଟରେ ପ୍ରାୟଃ ସମସ୍ତେ କ୍ଲାନ୍ତି ହେତୁ ଶୋଇପଡିଲେ ।

ISSN NO.
2582-208X

ସନ୍ଧ୍ୟା ୭ଟା ବେଳକୁ ବସ୍ ମାଡ୍ରିଡ୍ ରେ ପହଞ୍ଚିଗଲା । ସେଇଠୁ ୩ ମିନିଟ୍ ଚାଲିଚାଲି ସୋନା ତା ହୋଟେଲ୍ ରୁମ୍‌କୁ ଗଲା । ସ୍ୱରୂପ ଫେରିନଥିଲେ । କିନ୍ତୁ ୫ ମିନିଟ୍ ଭିତରେ ସିଏ ହୋଟେଲ୍‌କୁ ଫେରିଆସିଲେ । ସେମାନେ ମିଶିକରି ଭାରତୀୟ ଭୋଜନାଳୟ, ସୁରଟ୍ ରେଷ୍ଟୁରାଣ୍ଟକୁ ରାତ୍ରଭୋଜନ ପାଇଁ ଗଲେ । ସେଠିକୁ ୧୨ ମିନିଟ୍ ଚାଲିଚାଲି ଯିବାକୁ ପଡିଲା। ତଥାପି ସେଇ ମାଧ୍ୟମରେ ମାଡ୍ରିଡ୍‌ର କିଛି ଗଳି, କନ୍ଦି, ଅନ୍ୟ ସବୁ ଭୋଜନାଳୟ ଓ ଦୋକାନ ବଜାର ଦେଖିହେଲା ।

ଖାଦ୍ୟ ଭଲ ଥିଲା । ହେଲେ ପରିବେଷଣ ପାଇଁ ସେମାନେ ଅନେକ ସମୟ ନେଇଗଲେ । ଅବଶ୍ୟ ପାମ୍ପଡ ଆଉ ଚଟଣୀ ଆରମ୍ଭରେ ଦେଇଥିଲେ । ଆଉତ କିଛି କାମ ନାହିଁ । ତେଣୁ ପରିବେଷଣର ବିଳମ୍ବକୁ ସହିହେଲା । ନହେଲେ ଅସ୍ତବ୍ୟସ୍ତ ଲାଗିଥାନ୍ତା ।

ରାତ୍ରଭୋଜନ ସାରି ସେମାନେ ପୁଣି ୧୨ ମିନିଟ୍ ଚାଲିଚାଲି ଆସି ହୋଟେଲ୍ ରେ ପହଞ୍ଚିଲେ। ପରଦିନର ଟଲିଡୋ ଟୁର୍ ପାଇଁ ସମସ୍ତ ପ୍ରସ୍ତୁତି କରି ସୋନା ଶୋଇପଡିଲା । ଶୋଇବା ପୂର୍ବରୁ ସ୍ୱରୂପଙ୍କୁ ସତର୍କ କରିଦେଲା, "ଆଜି ଯେମିତି ଆଲାରାମ୍‌ର ଭୁଲ୍ ନହୁଏ । ସେକଥା ପରୀକ୍ଷା କରି ଦେଖ ଓ ତାପରେ ଶୁଅ । ମୁଁ ଆଜିର ପ୍ରାତଃଭୋଜନ ଖାଇନି । କିନ୍ତୁ ଆସନ୍ତା କାଲି ଖାଇବା ଦରକାର । ସକାଳ ୭ଟା ପାଇଁ ଆଲାରାମ୍ ଦେଇଦିଅ ।'

ଦିନସାରା ଚାଲିଚାଲି ଶରୀର କ୍ଳାନ୍ତ ହୋଇଯାଇଥିଲା । ରାତିରେ ଭଲ ନିଦ ହେଲା ।

|

ରଦରଫୋର୍ଡ ୱେ, ଡେଟନ୍, ମେରୀଲାଣ୍ଡ୍,
ଯୁକ୍ତରାଷ୍ଟ୍ର ଆମେରିକା
ଇ ମେଲ୍ : bigyanidas.osa@gmail.com

ISSN NO.
2582-208X

# ଜୀବନର ରଙ୍ଗ



ଡ. ପ୍ରସନ୍ନ କୁମାର ବଳ

ପିଲାଦିନେ ଆମେ ଶୁଣିଥିଲେ କେତେ ଆଇ ମା ଠାରୁ ଗପ
ଜୀବନଟା ଏକ ରଙ୍ଗମଞ୍ଚ ସତେ ଭରିଛି ରଙ୍ଗିନୀ ସ୍ୱପ୍ନ ।୧।
ସ୍ୱପ୍ନକୁ ସାକାର କରିବା ଦାଇତ୍ୱ ଥାଏ ତ ନିଜ ପାଖରେ,
ଯିଏ ଯେତେ କଷ୍ଟ କରେ ଜୀବନରେ ମିଳଇ ସେତେ ସୁଖରେ ।୨।
ଇନ୍ଦ୍ରଧନୁର ସାତ ରଙ୍ଗ ସତେ ଅଟେ କେତେ ମନଲୋଭା,
ବାଘ ନିଶ ହନାଲାର ସେହି କଥା ମନରେ ପାଏ ତ ଶୋଭା ।୩।
ବାଇଗଣୀ, ଘନନୀଳ, ନୀଳ ଓ ସବୁଜ ଜୀବନର ସତେ ରାହା,
ହଳଦିଆ, ନାଲି ଅବା ସେ ନାରଙ୍ଗୀ ଜୀବନର ସତେ ସାହା ।୪।
ପ୍ରତି ରଙ୍ଗର ତ ମହତ୍ୱ ଅଲଗା, ଜୀବନ ସଙ୍ଗେ ଜଡିତ,
ପ୍ରତି ଗ୍ରହଙ୍କର ରଙ୍ଗ ତ ଅଲଗା, ଥାଏ ତାହାର ମହତ୍ୱ ।୫।
ପ୍ରତି ଲୋକଙ୍କର ରାଶି ତ ଅଲଗା ହୋଇଥାଏ ଜନ୍ମ ବେଳୁ,
ପ୍ରତିଟି ରାଶିର ରାଶ୍ୟାଧିପତି ଗ୍ରହ ଠିକ ହୁଏ ସେତେବେଳୁ ।୬।
ରାଶି ହିସାବରେ ରଙ୍ଗର ମହତ୍ୱ ଅଲଗା ତ ହୋଇଥାଏ,
ନିଜେ ନିଜ ରାଶି ହିସାବରେ ରଙ୍ଗ ଆଦରି ନେଇ ତ ଥାଏ ।୭।
ହେଲେ ସେ ରଙ୍ଗରେ ରଙ୍ଗିନୀ ହୋଇ ନ ଭୁଲିବା ନିଜ କର୍ମ,
କର୍ମ ହିଁ ତ ଦେବ ସୁଖ ଅବା ଦୁଃଖ ଏଇଟି କଥାର ମର୍ମ ।୮।

ISSN NO.
2582-208X

ଜୀବନଟା ଏକ ରଙ୍ଗମଞ୍ଚ ସତେ ଆମେ ସବୁ କଳାକାର,
ଯାହାକୁ ମିଳିଛି ଯେଉଁ ଭୂମିକାଟି କରେ ସିଏ ଅଭିନୟ ।୯।
ନିଜ ଭୂମିକାଟି ନିଖୁଣ ଭାବରେ କରିଲେ ହିଁ ଅଭିନୟ,
ସବୁରୀ ଦର୍ଶକ ପ୍ରଶଂସା କରିବେ ହେଉ ସେ ଜୀବନ ଲୟ ।୧୦।
ଜୀବନ ରଙ୍ଗରେ ରଙ୍ଗେଇ ହୋଇକି କରିବା ଅନ୍ୟର ଭଲ,
ଭଲ କାମ କଲେ ଭଲ ଫଳ ମିଳେ ଜୀବନରେ ହୁଏ ଜୟ ।୧୧।
ଜଗତର ନାଥ ଆହେ ଜଗନ୍ନାଥ ତୁମ ଠାରେ ନିବେଦନ,
ତୁମରି ରଙ୍ଗରେ ଧ୍ୟାନ ମୋର ଥାଉ ଭରିଯାଉ ମନ ପ୍ରାଣ ।୧୨।
ମୋ ଜୀବନ ରଙ୍ଗ ତୁମ ରଙ୍ଗେ ମିଶୁ ଏତିକି ଆଶିଷ କର,
ମିଛ ଦୁନିଆଁରୁ ପାରକରି ମୋତେ ତୁମଠାରେ ଲୀନ କର ।୧୩।

ଶ୍ରୀ ସତ୍ୟସାଇ ଏନକ୍ଲେଭ,
ଖଣ୍ଡଗିରୀ, ଭୁବନେଶ୍ୱର

ISSN NO.
2582-208X

# ଭାବନା କବିତା ସୁର



ଆଶୁତୋଷ ମେହେର

ଭାବନା ରାଇଜ ଶବଦ ତରଣୀ ଅନେକ ମନର କଥା
ଧାଡିଧାଡି ଯୋଡି ବଖାଣି ଥାଏ ସେ ସୁଖଦୁଃଖ ମନ ବ୍ୟଥା ।
ଅକ୍ଷର ଅକ୍ଷର ହାତ ଛନ୍ଦାଛନ୍ଦି ଶବଦର ଗନ୍ତାଘର,
ପକ୍ଷୀ କାକଳିରେ ରସ ସରସର କବିତା ଭଣିତା ସୁର ।।

ଅନ୍ତର ବେଦନା ମନରେ ତରଙ୍ଗ କବିର କବିତା ଧାଡି,
ଝରିଆସୁଥାଏ ଧାରଧାର ହୋଇ ପଦ ପରେ ପଦ ଯୋଡି ।
ସମୟ ସୁଅରେ ଫେଣ୍ଟାଫେଣ୍ଟି ସବୁ ଜୀବନ ମାଧୁରୀ ଗୀତ,
କବିତା ଛନ୍ଦରେ ପରାଣର ଭାଷା ଲେଖାହୁଏ ପରା ମିତ ।।

ଆତ୍ମା ଅନୁଭବେ ଜୀବନ ଯମୁନା ଫୁଲର ମହକ କେବେ,
ଅବା କେତେବେଳେ ଦାରୁଣ ନିଦାଘ କ୍ଲେଶ ମନ ଅନୁଭବେ ।
ହୃଦୟ କନ୍ଦରେ ପ୍ରେମ ପ୍ରତାରଣା ଛାଇ ଅନ୍ଧକାର ଖେଳ,
ଆଶା କେତେବେଳେ ନିରାଶା ବି ଆସେ ସକାଳ ସଞ୍ଜର ବେଳ ।।

ସବୁ ଭାବଧରି ରସାଣିତ ଧାରା ଜୀବନେ କବିତା ଛନ୍ଦ,
ଦୃଶ୍ୟ ଅଦୃଶ୍ୟରେ ଛାଇ ଖରା ଖେଳ ହୃଦୟେ ପରମାନନ୍ଦ ।।

54 ଆର୍ଯ୍ୟପଲ୍ଲୀ, କଟଛକ ପଟିଆ
ଭୁବନେଶ୍ୱର 751024 / ଦୂରଭାଷ 9437085396

ISSN NO.
2582-208X

# ତୁମେ ଆଉ ମୁଁ



ପୁଷ୍ପାଞ୍ଜଳି ମିଶ୍ର

ତୁମେ ମତେ ବୁଝିପାରିଲେ ନାହିଁ
ସତରେ ଯଦି ବୁଝିଥାନ୍ତୁ
ଅଭିମାନ କରି ନ ଥାନ୍ତ
ପ୍ରତିମୁହୂର୍ତ୍ତ କୁ ହସେଇ ସଜେଇ
ସଜେଇ ଦେଇଥାନ୍ତ
ଆଉ ଲିଭେଇ ଦିଅନ୍ତ
ଯେତେ ଅଛି ସବୁ କ୍ଷତ ବିକ୍ଷତ
ଅବଶ ପ୍ରାଣରେ ସ୍ପନ୍ଦନ ଭରିଦିଅନ୍ତ
ପୁଣି ଗଢିଥାନ୍ତ ସମ୍ପର୍କ
ତିଆରି ହୁଅନ୍ତା ସୁନ୍ଦର ଇତିହାସ
ସବୁ ମାନ ଅଭିମାନ ଉଭେଇ ଯାନ୍ତା
ସେ ପୁଣି ବିନା ସ୍ୱାର୍ଥ ରେ
ସୃଷ୍ଟି ହୁଅନ୍ତା ସୁନ୍ଦର ଜୀବନ୍ତ
ପ୍ରେମର ପ୍ରତୀକ
ଆଉ ସାକ୍ଷୀ ହୁଅନ୍ତ ତୁମେ
ବାସ୍ ଖାଲି ଏତିକି
ମୁଁ
ମୁଁ ଅଭିମାନ ର ପାହାଡ଼ ଉପରେ ଠିଆ ହୋଇ
ଅଧା ଆଉ ଅଧୁରା ଥିବା

ISSN NO.
2582-208X

ପ୍ରେମକୁ ପୁରା କରିବା ପାଇଁ
ଜିଦ୍ ଧରି ବସିଥାଏ
ସେଥିପାଇଁ ତ ପ୍ରେମ ଶବ୍ଦ ଟା
ବହୁତ ଭଲ ଲାଗେ
ଆଉ ବେଶି ଯନ୍ତ୍ରଣା ବି ଦିଏ
ତଥାପି କାହିଁକି ସବୁ ଜାଣିବା ପରେ
ପୁଣି ଅପେକ୍ଷା ଆଉ ପ୍ରତୀକ୍ଷା
ନୂଆ ନୂଆ ସ୍ୱପ୍ନ କୁ ସାଉଁଟି
ତିଆରି କରିବା ପାଇଁ
ଇଛା ହୁଏ ପ୍ରେମର ତାଜମହଲ
ହେଲେ ଫାଟ ପଡ଼ିଯାଏ
ଅଭିମାନ ର ପାଚେରି
ମିଛ ଅହମିକା କୁହୁଡ଼ି ରେ
ସବୁ ଯେମିତି ଭାଙ୍ଗି ଯାଏ
ଆଉ ସେଥିରେ ପ୍ରେମର ବଉଳ
ଚଳଣି ଧରିବା ଆଗରୁ
କୁହୁଡ଼ି ରେ ପୋଡ଼ି ଯାଏ
ଖାଲି ଯାହା ରହିଥାଏ
ଦରପୋଡା ଡେମ୍ଫ
ଏତେ ସବୁ ପରେ ବି
କିଛି ଶବ୍ଦ ରେ ଲେଖିବେ
ଅପେକ୍ଷା କରେ
ପୁଣି ଏକ ନୂଆ ସକାଳକୁ

ସୁକନ୍ଦା କ୍ରୋମାଇଟ ମାଇନ୍ସ
ଯାଜପୁର
9556643921

ISSN NO.
2582-208X

# ମା ବିରଜା



ଡଃ ମାଙ୍ଗଳିକା ମହାପାତ୍ର

ପୂଣ୍ୟତୋୟା ବୈତରଣୀ କୂଳରେ ଭାରତ ଭୂଖଣ୍ଡର ଏକ ପ୍ରାଚୀନତମ ନଗରୀ ଯାଜପୁରର ଅବସ୍ଥିତି ସ୍ୱତନ୍ତ୍ର। ପୁରାଣ ପ୍ରସିଦ୍ଧ ଏହି କ୍ଷେତ୍ରର ଅଧିଷ୍ଠାତ୍ରୀ ଦେବୀ ହେଉଛନ୍ତି ମା' ବିରଜା। ଦେବୀ ବିରଜା ହେଉଛନ୍ତି ବ୍ରହ୍ମଗ୍ନିଜାତା। ଦେବୀ ସ୍ୱୟଂ ବ୍ରହ୍ମାଙ୍କ ଦ୍ୱାରା ମଧ୍ୟ ପ୍ରତିଷ୍ଠିତା। ମା' ବିରଜା ରଜଗୁଣ ରହିତା, ରାଜସିକତା ବିହୀନ ପରମ ବୈଷ୍ଣବୀ। ଦେବୀ ଦ୍ୱିଭୂଜା, ସିଂହବାହିନୀ, ମହିଷା ମର୍ଦ୍ଦିନୀ ଦୁର୍ଗା।

ଭାରତବର୍ଷରେ ଥିବା ଦୁର୍ଗା ବିଗ୍ରହମାନଙ୍କ ମଧ୍ୟରେ ଦେବୀ ବିରଜାଙ୍କ ବିଗ୍ରହ ସର୍ବ ପ୍ରାଚୀନ। ଏହି କ୍ଷେତ୍ରରେ ଦେବୀଙ୍କୁ ବୈଦିକ ଓ ତାନ୍ତ୍ରିକ ବିଧିରେ ପୂଜାର୍ଚ୍ଚନା କରାଯାଇଥାଏ। ବିରଜା ଦେବୀଙ୍କ ମୁଖ୍ୟ ପର୍ବ ଆଶ୍ୱିନ ମାସରେ ଦୁର୍ଗାପୂଜା ସମୟରେ ପାଳିତ ହୁଏ। ମା' ବିରଜା ଦୈନନ୍ଦିନ ଏକାକ୍ଷର ମନ୍ତ୍ରରେ ପୂଜିତା। ମା' ବିରଜା ଙ୍କ ସଂସ୍କୃତି ଯାଜପୁରର ଇତିହାସ ଓ ସଂସ୍କୃତି କୁ ସମୃଦ୍ଧ କରିଛି। ପୁରାଣ ଶାସ୍ତ୍ରରେ କାଶୀତୀର୍ଥ ଓ ପୁରୁଷୋତ୍ତମ ତୀର୍ଥ ଅପେକ୍ଷା ବିରଜା ତିର୍ଥକୁ ଅଧିକ ପ୍ରାଧାନ୍ୟ ଦିଆ ଯାଇଛି। କୁହାଯାଏ ଯେ, ଅଷ୍ଟଯୁଗ କାଶୀ ରେ ରହିଲେ ଯେଉଁ ଫଳ ମିଳେ, ପୁରୁଷୋତ୍ତମ କ୍ଷେତ୍ରରେ ଦିନେ ରହିଲେ ସେଇ ଫଳ ମିଳେ, ମାତ୍ର ବିରଜା ଙ୍କ ଦର୍ଶନରେ ତା'ର କୋଟି ଗୁଣ ଫଳପ୍ରାପ୍ତି ହୋଇଥାଏ।

## ନାଭିଗୟା

ଯାଜପୁରର ବିରଜା ଦେବୀଙ୍କ ମନ୍ଦିର ସଂଲଗ୍ନ ପ୍ରାଙ୍ଗଣରେ ରହିଛି ଭାରତ ବର୍ଷର ସୁପ୍ରସିଦ୍ଧ ପିତୃପୁରୁଷଙ୍କୁ ପିଣ୍ଡଦାନ କରା ଯାଉଥିବା କ୍ଷେତ୍ର ନାଭିଗୟା। ପ୍ରାଚୀନ ଭାରତର ନାଭିକ୍ଷେତ୍ର

ISSN NO.
2582-208X

ଭାବେ ପରିଚିତ ଏହି ପୀଠରେ ପିଣ୍ଡଦାନ କରି ଦେବୀ ବିମଳା ବିରଜା ଙ୍କୁ ଦର୍ଶନ କଲେ ଏକୋଇଶି ପୁରୁଷ ପର୍ଯ୍ୟନ୍ତ ପିତୃପୁରୁଷ ମୁକ୍ତିଲାଭ କରନ୍ତି ବୋଲି ବିଶ୍ବାସ ରହିଛି। ଏ ସମ୍ପର୍କରେ ବାୟୁପୁରାଣ ଓ ହରିବଂଶରେ ମଧ୍ୟ ସୂଚନା ରହିଛି। ନାଭିଗୟା ହିନ୍ଦୁମାନଙ୍କର ପ୍ରସିଦ୍ଧ ତୀର୍ଥଭୂମି। ଏହି ପବିତ୍ର ପୀଠରେ ଭୌମକରବଂଶୀ, ସୋମବଂଶୀ, ଗଙ୍ଗବଂଶୀ ରାଜା ଓ ପ୍ରଜାମାନଙ୍କ ଠାରୁ ଆରମ୍ଭ କରି ଭାରତ ବର୍ଷର ବିଭିନ୍ନ ପ୍ରାନ୍ତରୁ ଲୋକମାନେ ଆସି ଆଶ୍ୱିନ ପିତୃ ପକ୍ଷ ରେ ପିଣ୍ଡଦାନ କରିଥାନ୍ତି।

### ବ୍ରହ୍ମାକୁଣ୍ଡ

ମା' ବିରଜାଙ୍କ ମନ୍ଦିର ନିକଟରେ ରହିଛି ପବିତ୍ର ବ୍ରହ୍ମାକୁଣ୍ଡ । ଏହା ଯଜ୍ଞକୁଣ୍ଡ ଆକାର ଧାରଣ କରିଥିବା ଏକ ବୃହତ୍ ପୁଷ୍କରିଣୀ। ଅନେକଙ୍କ ମତରେ ଏହା ସ୍ୱୟଂ ବ୍ରହ୍ମାଙ୍କ ଯଜ୍ଞକୁଣ୍ଡ। ଆଉ କେତେକ କୁହନ୍ତି ଏହି ପବିତ୍ର ଯଜ୍ଞକୁଣ୍ଡରୁ ମା' ବିରଜା ସ୍ୱୟଂ ଆବିର୍ଭୂତ ହୋଇଥିଲେ। ଏହି ପ୍ରସିଦ୍ଧ ବ୍ରହ୍ମାକୁଣ୍ଡ ସୋମବଂଶୀ ରାଜାମାନଙ୍କ ର ଅମ୍ଳାନ କୀର୍ତ୍ତି ଭାବରେ ବିଦିତ। ଯଜ୍ଞପୁର ଯାଜପୁରରେ ସମ୍ରାଟ ଯଯାତୀ କେଶରୀ ଯଜ୍ଞାନୁଷ୍ଠାନ ପାଇଁ କାନ୍ୟକୁବଜ ରୁ ଯେଉଁ ଦଶସହସ୍ର ବ୍ରାହ୍ମଣମାନଙ୍କୁ ଆଣିଥିଲେ, ସେମାନଙ୍କୁ ଏହି ବ୍ରହ୍ମାକୁଣ୍ଡ ଅଞ୍ଚଳରେ ହିଁ ବସତି ସ୍ଥାପନ କରି ରଖିଥିଲେ। ସେମାନଙ୍କ ସୁବିଧା ପାଇଁ ଏପରି ଏକ ପୁଷ୍କରିଣୀ ମଧ୍ୟ ଖନନ କରାଯାଇଥିଲା ବୋଲି ବିଶ୍ୱାସ କରାଯାଏ।

### ଶ୍ରୀ ଜଗନ୍ନାଥ ମନ୍ଦିର

ପାବନତୀର୍ଥ କୂଳ ବୈତରଣୀ ନଦୀ ତଟରେ ସପ୍ତମାତୃକା ମନ୍ଦିର ନିକଟରେ ବହୁ ପୁରାତନ ଜଗନ୍ନାଥ ମନ୍ଦିର ଅବସ୍ଥିତ। ଗଙ୍ଗବଂଶର ସମ୍ରାଟ ଅନଙ୍ଗ ଭୀମଦେବ- ତୃତୀୟ ଏହାକୁ ନିର୍ମାଣ କରିଥିଲେ। ମନ୍ଦିର ପରିସରରେ ମୁକ୍ତେଶ୍ୱର ଶୈବ ମନ୍ଦିର ସହିତ ସ୍ନାନ ମଣ୍ଡପ, ଦକ୍ଷିଣ ଭାଗରେ ବରାହ, ପଶ୍ଚିମରେ ନୃସିଂହ ଓ ଉତ୍ତରରେ ଏକ ପାଦ ବିଶିଷ୍ଟ ମହିଷ ମର୍ଦ୍ଦିନୀ ଦୁର୍ଗାଦେବୀ ପୂଜିତ।

ISSN NO.
2582-208X

ଯାଜପୁର ମାଟିର ଅସ୍ମିତାର ପରିଚୟ ହେଉଚି ଏହାର ମନୋଜ୍ଞ ପ୍ରାକୃତିକ ବିଭବ ଏବଂ ସୁପ୍ରାଚୀନ ଐତିହ୍ୟ। ସର୍ବଧର୍ମ ସମନ୍ଵୟ ର ପ୍ରତୀକ ଏହି ବରାହ - ବିରଜା କ୍ଷେତ୍ର ନିଜର ଅନନ୍ୟ ସଂସ୍କୃତି, ପରମ୍ପରା ଓ ଐତିହାସିକ ପୀଠ ଗୁଡ଼ିକର ଗୌରବକୁ ନେଇ ଗର୍ବ ଅନୁଭବ କରେ। ଏକଦା ପ୍ରାଚୀନ ଉତ୍କଳର ରାଜଧାନୀ ଥିବା ଏହି ପବିତ୍ର କ୍ଷେତ୍ରରେ ପୌରଣିକ ଓ ଐତିହାସିକ କୀର୍ତ୍ତିରାଜି ଭରି ରହିଛି।

ଐତିହ୍ୟ ଓ ଇତିହାସକୁ ନେଇ ଗର୍ବ କରେ ମାନବ ସଭ୍ୟତା। କୀର୍ତ୍ତି ଓ ସଂସ୍କୃତିକୁ ନେଇ ତିଆରି ହୁଏ ଆମ ସାଂସ୍କୃତିକ ପରିଚୟ। ଆମ ଯାଜପୁର ସେ କ୍ଷେତ୍ରରେ ଅବିସ୍ମରଣୀୟ।

ରେଭେନସା ବିଶ୍ୱବିଦ୍ୟାଳୟ

ISSN NO.
2582-208X

# ଅତୀତ



କାର୍ତ୍ତୀକେଶ୍ୱର ନାୟକ

ମୋ ଘର ଅଗଣା ଫୁଲ
ମୋତେ ପ୍ରଶ୍ନ କଲା
କୁହ ତୁମ ଆପଣାର ମିତ୍ର
ଯାହାକୁ ଭୁଲି ବାକୁ ଚେଷ୍ଟା କଲେ
ଭୁଲି ପାର ନାହିଁ ।

ଭାବିଲି ଏ ଅସଲୀ ପ୍ରଶ୍ନ ।
ଖୋଜିଲି ବନ୍ଧୁ ମାନଙ୍କ
ପାଇଥିବା ସ୍ନେହ...
ହେଲେ, ଧିରେ ଧିରେ ଯେମିତି
ମୋ ଖୋଜିବାର ମାପକାଠି
କଲା ମୋତେ ପ୍ରଶ୍ନ ।

ତଥାପି, ମୋର ଅନ୍ୱେଷଣ
ଜାଗ୍ରତ ରଖିଲି
ଖୋଜିବା, ବୁଝିବା, ସୀମା
ଦିଗ୍ ବଳୟ ପର୍ଯ୍ୟନ୍ତ ନେଲି,

ISSN NO.
2582-208X

ହେଲେ ବିଫଳ ମୁଁ ହେଲି ।
ଖୋଜିବା ଜାରୀ ରଖିଲି ।

କେହି ଜଣେ ଆଦର୍ଶ ମଣିଷ
କହୁଥାଏ, ଯେତେ ଥିଲେ,
ଆସୁଥିବେ, ଆଗକୁ ବି
ମିଶୁଥିବେ, ସେମାନେ ସମସ୍ତେ
ସମୟ ର ବନ୍ଧୁ,
କାହାକୁ ଭୁଲି ନ ପାରିବୁ....

ତା, ଉତ୍ତର ମିଳିଗଲା
ଅତୀତ ର ସବୁ ନୀଳା
ମୋତି ମାଣିକ୍ୟ ଭଳି
ଝଲସି ଉଠିଲା
ଭୁଲିବା କେମିତି ଭଲା
ଆରମ୍ଭ ଯେଉଁଠି ହେଲା ?

ଶ୍ରୀବିହାର, ବୌଦ୍ଧ
ମୋ: 7978128353

ISSN NO.
2582-208X

# ଆମେ ଦୁଇ ପକ୍ଷୀ


ଛବି ରାଣୀ ପତି

ପାଇଛି ମୁଁ ହିଁ ଯେବେଠୁ ତତେ
ପାରୁନି ଶୋଇ ରାତି
ଏ ରାତି ତାତି କେତେ ଅମାପ
ଦେଖି ଯା' ଆସି କତି ।।

ଜାଳିବା ନାହିଁ କେହି କାହାକୁ
ପ୍ରେମର ନିଆଁ ଧାସେ
ପିଇବା ମଧୁ ପିରତୀ ରସ
ରଚି ରାହାସ ରାସେ,,
ଛାଡି ଯିବୁନି ସ୍ମୃତିର ତଟେ
ଯିବରେ ଫାଟି ଛାତି
ପାଇଛି ମୁହିଁ ଯେବେଠୁ ତତେ
ପାରୁନିଶୋଇ ରାତି ।।

ତୁ ମୋର ଶୁଆ ମୁଁ ତୋର ଶାରୀ
ଉଡି ଆକାଶ ତଳେ
ଦେହକୁ ଦେହ ଲଗାଇ ଦେଇ
ଘୁଟୁରୁ ଘୁଉ କରିବା ଆରେ
ବସିବା ଗଛ ଡାଳେ,,

ସପନ ପାଇଁ ନଥିବ ବେଳ
କରୁଥିବାରେ ରତି
ଏ ରାତି ତାତି କେତେ ଅମାପ
ଦେଖି ଯା' ଆସି କତି ।।

ମଧ୍ୟ ଶାସନ, ବିରିଡ଼ି,
ଜଗତସିଂହପୁର
ଫୋନ୍ -୯୩୩୭୯୬୦୦୬୦

ISSN NO.
2582-208X

# ଖବର ବାକି ଅଛି...



ଦୁର୍ଗା ମାଧବ ମହାରଣା

ଆଜି ପାହାନ୍ତି ତାରାଟା ତ ଦେଖାଯାଉନି
ଆଉ ଟିକେ ଅନ୍ଧାର ଅଛି ଆକାଶରେ ।
ସକାଳୁଆ ପବନ ବି ନାହିଁ ହୁଗୁଳି ତଟରେ
ବାଇ ଚଢେଇର ବସାଘର ଟା, ଟିକେ ବି ହଲୁନି ।
ଆଉ ସବୁଦିନିଆ ପକ୍ଷୀମାନଙ୍କର କିଚିରିମିଚିରି ନାହିଁ ।
ହୁଗୁଳିର ପାଣି ବି ବରଫ ଭଳି ସ୍ଥିର କାହିଁକି ?
ଲକ୍ଷ୍ମୀ ଘାଟର ଡଂଗା ସବୁ ଧାଡି ଧାଡି ବାନ୍ଧି ରହିଛନ୍ତି!
ଧୀରେ ଧୀରେ ଅନ୍ଧାର ସବୁ ଲୁଚିଗଲେଣି,
ଗୋପିର ଗୁହାଳର ଗାଇଟା, କାନ ଦିଟା ଠିଆ କରିଦେଇଛି,
ଥରେ ଛୁଆକୁ ତ ଥରେ ଦାଣ୍ଡପଟକୁ ଦେଖୁଛି ।
ସକାଳ ହେବାକୁ ଯାଉଛି.
ଶିବାଳୟ ପାଚେରୀ ପାଖରେ ଷଣ୍ଢଟା
ଏ ଯାଏଁ ମୁଣ୍ଡପାତି ରହିଛି, ଉଠୁନି ଜମାରୁ ।
ସନାତନର ରିକ୍ସା ତା ଦାଣ୍ଡରେ ହିଁ ଅଛି,
ଖଡଦହ ଝୋଟମିଲ୍ ପାଚେରି ଉପରେ
ଇତିହାସ ଗାଉଥିବା ବୁଢା ବରଗଛ ସବୁ
ମୁଣ୍ଡପାତି ଠିଆ ହୋଇଛନ୍ତି ସେମିତି ।
ପୂର୍ବ ଆକାଶ୍ର କାନଭାସ୍ ସୁନେଲି ନୁହେଁ ତ !
ଆଜି ଲାଲ ଦେଖାଯାଉଛି ।

ISSN NO.
2582-208X

କାଲିଠୁ ଆଜିଟା ଭିନ୍ନ ଭିନ୍ନ ଲାଗୁଛି ।
କେହି ଜଣେ ଡାକ୍ତରାଣୀକୁ ମାରିଦିଆଯାଇଛି
ତଥାପି ମ୍ୟୁନିସିପାଲଟି ପାଣି ଟେପ୍ ରୁ ଅନବରତ ପାଣି ଝରୁଛି
ଆଉ ସାହିର ବତୀଖୁଣ୍ଟରେ ବଲବ୍ ସବୁ
ଏ ଯାଏଁ ଲିଭିନି !
ମେଟ୍ରୋ ଚାଲିଛି, କେଜିଆର୍ ହସ୍ପିଟାଲ ଘଣ୍ଟା ବି ଚାଲିଛି
ଖବର ଆସିବାକୁ ବାକି ଅଛି ।

ଚକଟି, ଗଞ୍ଜାମ
ମୋ: ୯୪୩୭୭୮୯୭୨୫

ISSN NO.
2582-208X

# ନୀଳ ରଙ୍ଗର ଶାଢ଼ୀ



ଶାନ୍ତିଲତା ମିଶ୍ର

"ଅଞ୍ଜନ" ଷ୍ଟେସନରେ ପହଞ୍ଚିଲା ବେଳକୁ ଟ୍ରେନ୍ ଆସି ସାରିଥିଲା । ଯେମିତି ସେମିତି ହେଉ ଶିଘ୍ର ଟିକେଟ୍ ଖଣ୍ଡେ କାଟି ଟ୍ରେନ୍ ପାଖରେ ଏକ ରକମ ଦୌଡ଼ି ଦୌଡ଼ି ଆସି ପହଞ୍ଚି ଗଲା । ଠିକ ଟ୍ରେନ୍‌ର ପ୍ରଥମ ପାହାଞ୍ଚରେ ପାଦ ଦଉ ଦଉ ଟ୍ରେନ ଛାଡିବା ଆରମ୍ଭ କରିଦେଲା । ଯାହା ବି ହେଉ ସେ ଟ୍ରେନ୍ ଭିତରକୁ ପଶିବାରେ ସହଜରେ ସକ୍ଷମ ହୋଇ ପାରିଲା । ବଗି ଭିତରେ ବିଶେଷ ଲୋକ ଗହଳି ନଥିଲା । ବସିବାକୁ ସିଟ୍ ଖଣ୍ଡେ ମିଳିବାରେ ବିଶେଷ ଅସୁବିଧା ହେଲା ନାହିଁ ।

ମୁହଁ ବେକ ପୁରା ଝାଳରେ ଓଦା । ରୁମାଲ ପକେଟରୁ ବାହାର କରି ମୁହଁ ପୋଛୁ ପୋଛୁ ସାମନା ସିଟରେ ବସିଥିବା ମହିଳାଙ୍କ ଉପରେ ଆଖି ପଡିଲା । ଅକସ୍ମାତ୍ ପାଟିରୁ ବାହାରି ଆସୁଥିଲା - "ଲିପିକା ତୁମେ ! ପର ମୁହୂର୍ତ୍ତରେ ଅଟକି ଗଲା । ତା ପାଖରେ ବସିଥିବା ତାର ସ୍ୱାମୀ ଓ ପ୍ରାୟତଃ ଦୁଇ ବର୍ଷର ଶିଶୁ ସନ୍ତାନକୁ ଦେଖି । ମହିଳା ଜଣଙ୍କ ମଧ୍ୟ କିଛି କହିବେ କହିବେ ହୋଇ ନିଜକୁ ସଂଜତ କରିନେଲେ । ଚାରି ଚକ୍ଷୁର ମିଳନ ହେବା ମାତ୍ରେ ମୁହଁ ଝରକା ଆଡକୁ ବୁଲେଇ ନେଲେ ।

କିନ୍ତୁ ଅଞ୍ଜନ ବସିଥିବା ସିଟ୍ ପାଖରେ କୌଣସି ଝରକା ନଥିଲା ବାହାରକୁ ଚାହିଁବାକୁ, ତାକୁ ଅଗତ୍ୟା ସାମନାକୁ ଚାହିଁ ରହିବାକୁ ହେଲା । ଲିପିକା ବେଳେ ବେଳେ ତା ଆଡକୁ ତ କେବେ ବାହାରକୁ ତ କେବେ ତା ପୁଅ ସହିତ କଥା ହେଉଥିଲା ତ କେବେ ଖେଳିବାର ବାହାନା କରୁଥିଲା । ସେ ଯାହାବି କରୁ ତାର ଗୋଟିଏ ଆଖି ଏଣେ ତେଣେ ବୁଲି ବ୍ୟସ୍ତ ରହୁଥିଲେ ବି ଅନ୍ୟ ଆଖି ଅଞ୍ଜନ ଉପରେ ନିବଦ୍ଧ ରହୁଥିଲା ।

ISSN NO.
2582-208X

ହଠାତ୍ ତା ପୁଅ ହାତରୁ ଖେଳନା ଖସି ପଡି ଅଞ୍ଜନର ଗୋଡ ପାଖେ ପଡିଗଲା । ଅଞ୍ଜନ ତଳୁ ଗୋଟେଇକି ଧରେଇଦେଲା ପିଲାକୁ । ଲିପିକା ଧନ୍ୟବାଦ ଦେଇ ଚୁପ ରହିଲା । ପୁଣି ଥରେ ଖେଳନାଟି ତଳେ ପଡିଗଲା । ସେ ପୁଣିଥରେ ଗୋଟେଇକି ଦେଲା । ଏଥରକ ସେ ଜାଣେ ଖେଳନା ଟି ଅକସ୍ମାତ ତଳେ ପଡି ନଥିଲା । ଲିପିକା ଇଚ୍ଛାକୃତ ଭାବେ ପକେଇଥିଲା। ଅଞ୍ଜନ ପୁଣି ଗୋଟେଇକି ଦେଲା । ଏଥର ଧନ୍ୟବାଦ କହି କଥା ଆରମ୍ଭ କଲା ଲିପିକା । ଆଉ କେତେ ସମୟ ବା ଧୈର୍ଯ୍ୟଧରି ବସି ରହିଥାନ୍ତା ଅଞ୍ଜନକୁ ଦେଖି ।

-କୁଆଡେ ଯାଉଛନ୍ତି ?

- ଭଉଣୀ ଘରକୁ । ସାବିତ୍ରୀ ପୂଜା ଆଉ ଦୁଇଦିନ ପରେ ପଡୁଛି । ବୋଉ କିଛି ଭାର ପଠେଇଛି ତା ଝିଅ ପାଇଁ । ଆଉ ନୀଳ ରଙ୍ଗର ଶାଢୀ ଓ ନୀଳ ରଙ୍ଗର ଚୂଡୀ ମତେ କିଣିବାକୁ ହେଲା ।

ମନେ ପଡୁଥିଲା ଲିପିକାର କଲେଜ କଥା । ଲିପିକା କୁହେ ବୁଝିଲ ଅଞ୍ଜନ ମୁଁ ତୁମ ପାଇଁ ସାବିତ୍ରୀ ପୂଜା ବହୁ ନିଷ୍ଠାର ସହ ନିର୍ଜଳା ଉପବାସ ରହି କରିବି ତୁମର ଦୀର୍ଘାୟୁ ଓ ଉତ୍ତୋରତ୍ତର ଉନ୍ନତିର କାମନା କରି । କିନ୍ତୁ ତୁମେ ତା ବଦଳରେ ନୀଳ ବନାରସୀ ପାଟ ସହ ନୀଳ ଚୁଡି ଉପହାରରେ ମତେ ଆଣି ଦେବ ।

-ବାଃ ମୁଁ କାଇଁ ଦେବି । ସେ ସବୁ ତ ତୁମ ବାପ ଘରୁ ଆସିବା କଥା ।

ଲିପିକା ଅଭିମାନରେ କହେ ତମେତ ଭଲ ଭାବରେ ଜାଣ ମୋର କେହି ଭାଇ ନାହାନ୍ତି । ବାପା ବି ଇହଧାମ କେବେଠୁ ତ୍ୟାଗ କରି ସାରିଛନ୍ତି । ଆଉ ଏ ରୁଗଣ ବୋଉଠୁ ଏସବୁ ମୁଁ ଆଶା ରଖିବି ! ନା ତା ହେଇ ପାରିବନି ।

- ହଉ ହଉ ତୁମ କଥା ମୁଁ ମନେ ରଖିବି । ଯାହା କହିବ ସବୁ ଆଣିଦେବି ସବୁ କରିବି । ଅଗ ବାହାଘର କାମ ତ ସାର । ଦୁହେଁ ହସନ୍ତି ।

- ତୁମେ ମତେ ବିବାହ ନକରି କେବେ ଛାଡିବନି ଅଞ୍ଜନ ! ଯାହା ଜଣା ଗଲାଣି ।

- ତୁମେ ଛାଡିବା ପରି ଜିନିଷ ନୁହେଁ ନା ଲିପିକା । ତୁମ ବିନା ପାଗଳ ହୋଇଯିବି ।

ISSN NO.
2582-208X

-ମୁଁ ବି ।

ଲିପିକା ଅନ୍ୟମନଷ୍କ ଭାବେ ବହୁତ କିଛି ଭାବି ଚାଲିଥିଲା । ଏହା ଭିତରେ ଲିପିକାର ସ୍ୱାମୀ ଓ ଅଞ୍ଜନ କଥା ବାର୍ତ୍ତା ଜମେଇ ଦେଇଥିଲେ । ହଠାତ ଲିପିକା ଆଖିରୁ ଲୁହ ଦୁଇ ଟୋପା ସମସ୍ତଙ୍କ ଅଜାଣତରେ ଝରି ଆସୁଥିଲା । କେହି ଦେଖିବା ଆଗରୁ ସେ ପୋଛି ନେଇଥିଲା । କେହି ଦେଖୁ ବା ନଦେଖୁ ଅଞ୍ଜନ ଦେଖି ନେଇଥିଲା । ଅବଶୋଷର ଏକ ଦୀର୍ଘ ନିଶ୍ୱାସ ବାହାରି ଆସୁଥିଲା । ରୋକିନେଲା ଅଞ୍ଜନ ।

ଅଞ୍ଜନର ଷ୍ଟେସନ ଆସିଗଲା । ସେ ଦୁଇ ଜଣଙ୍କୁ ନମସ୍କାର କରି ଶିଘ୍ର ଶିଘ୍ର ବଗିରୁ ବାହାରିଗଲା । ପଛକୁ ବି ଥରେ ଚାହିଁଲାନି ସତ କିନ୍ତୁ ଲିପିକା ଦେଖିଲା ଅଞ୍ଜନ ଦୁଇଟା ବ୍ୟାଗ ଆସିଲା ବେଳେ ଆଣିଥିଲା । କିନ୍ତୁ ଗଲାବେଳେ ଗୋଟିଏ ବ୍ୟାଗ ଧରି ଗାଡିରୁ ଓହ୍ଲେଇ ଗଲା । ଲିପିକା ଓ ତା ସ୍ୱାମୀ ପଛରୁ ଯେତେ ଡାକିଲେ ବି ସେ ନଶୁଣିଲା ପରି ଶିଘ୍ର ଶୀଘ୍ର ଆଗକୁ ପାଦ ବଢେଇ ଅଦୃଶ୍ୟ ହୋଇଗଲା ।

ବ୍ୟାଗ ଟିକୁ ଲିପିକା ପାଖରେ ଆଣି ରଖିଲା । ପରେ ଖୋଲି ଦେଖିଲା । ସେଥିରେ ନୀଳ ବନାରସୀ ଶାଢୀ ସହିତ ନୀଳ ଚୁଡି ଥିଲା । ଲିପିକା ବୁଝି ସାରିଥିଲା ଅଞ୍ଜନ ଭୁଲ ବଶତଃ ନୁହେଁ ଇଚ୍ଛାକୃତ ଭାବେ ବ୍ୟାଗ ଟି ଛାଡି ଯାଇଛି ତା ପାଇଁ । ସ୍ୱାମୀ କହିଥିଲେ ଭଲ ମଣିଷ ଟିଏ କିନ୍ତୁ ଭୁଲା ମଣିଷ ଟିଏ । କିନ୍ତୁ ଲିପିକା ଜାଣିଥିଲା ଏହା ପଛରେ ଥିବା ସତ୍ୟତା କଣ ।

ସେମାନେ ଦୁହେଁ ପରସ୍ପରକୁ ନପାଇବା ଇଚ୍ଛାକୃତ ନଥିଲା, ଭାଗ୍ୟଲିପି ଥିଲା। ସେଦିନ ହଠାତ ଲିପିକାର ବୋଉଙ୍କୁ ହାର୍ଟ ଆର୍ଟାକ ଆସିଥିଲା । ସେ ହସ୍ପିଟାଲ ରେ ସପ୍ତାହେ ରହି ଘରକୁ ଫେରିଥିଲେ ସତ କିନ୍ତୁ ଡାକ୍ତର ଆଉ ବେଶୀ ଦିନ ନୁହେଁ ବୋଲି କହିଥିଲେ । ଦୁଇ ମାମୁଁ ଆସିଥିଲେ ବୋଉର ଦେହ ଖରାପ କଥା ଶୁଣି । ବୋଉ ଯିବା ପୂର୍ବରୁ ଲିପିକାର ବାହାଘର ଦେଖିକି ଯିବ ବୋଲି ଅଡି ବସିଲା । ମାମୁଁ ତାଙ୍କ ସାଙ୍ଗଙ୍କ ପୁଅ ସଙ୍ଗେ ବାହାଘର ପ୍ରସ୍ତାବ ପକେଇଲେ । ଲିପିକା କିଛି କହିବା ଅବସ୍ଥାରେ ନଥିଲା । ସେ ଅଞ୍ଜନକୁ ଫୋନ୍ କରିଥିଲା । ଫୋନ୍ ସେ ଉଠେଇ ନଥିଲା । ତାପରେ ଚିଠି ଥରେ ନୁହେଁ ତିନି ଥର ଲେଖି କିଛି ଉତ୍ତର ନପାଇବାରୁ ଶେଷରେ ବୋଉ, ମାମୁଙ୍କ କଥାରେ ରାଜି ହୋଇ ବାହା ହୋଇ ଯାଇଥିଲା । ଅନେକ ଦୁଃଖ ଅଭିମାନକୁ ଭିତରେ ଚାପି ।

ISSN NO.
2582-208X

ଅଞ୍ଜନର ଏପରି ଉତ୍ତର ନଦେବା, ଫୋନ୍ ନଧରିବା ଲିପିକାକୁ ବହୁତ କଷ୍ଟ ଦେଇଥିଲା । ତାକୁ ବିବାହ ନକରିବାକୁ ଇଚ୍ଛା ନଥିଲେ ସଫା ମନା କରି ଦେଇ ପାରିଥାନ୍ତା ଅଞ୍ଜନ । ସେ ତାକୁ କେବେ ବି ବାଧ୍ୟ କରି ନଥାନ୍ତା । କିନ୍ତୁ ଏପରି ନିରବ ରହିବାର ମାନେ କଣ । ନିଜକୁ ବହୁତ ଅପମାନିତ ବୋଧ କରିଥିଲା ଲିପିକା ସେଦିନ ।

ଲିପିକାର ବୋଉ ଯେତେବେଳେ ହସ୍ପିଟାଲରେ ଥିଲେ ହଠାତ ସେତେବେଳେ ଅଞ୍ଜନର ବାପାଙ୍କୁ କ୍ୟାନସର ବୋଲି ଜଣା ପଡିଲା ସେ ତାଙ୍କୁ ତା ପର ଦିନ ମୁମ୍ବାଇ ନେଇକି ଯିବାକୁ ହୋଇଥିଲା । ମାନସିକ ସ୍ତରରେ ସେ ବହୁତ ଦୁର୍ବଳ ହୋଇ ପଡିଥିଲା ଲିପିକାକୁ ଏସବୁ ବିଷୟରେ କିଛି କହିବାକୁ ସମୟ ପାଇ ନଥିଲା । ମାସକ ପରେ ବାପାଙ୍କୁ ଧରି ଘରକୁ ଫେରିଥିଲା ସତ କିନ୍ତୁ ବାପାଙ୍କ ପାଖରେ ସମୟ ବହୁତ କମ୍ ଥିଲା । ମନରେ ଅନେକ ଦୁଃଖ ତାର ।

ଲିପିକାକୁ ଫୋନ୍ କରି ସବୁ ଜଣେଇବାକୁ ଚେଷ୍ଟା କରି ବିଫଳ ହୋଇଥିଲା । କିଛି ଦିନ ପରେ ବୋଉ ଲିପିକାର ସମସ୍ତ ଚିଠି ଆଣି ତାକୁ ଦେଇଥିଲା । ଆକାଶ ଛିଣ୍ଡି ପଡିଥିଲା ତା ଉପରେ । ତଥାପି ଧୈର୍ଯ୍ୟ ଧରି ସବୁକୁ ମୁକାବିଲା କରିବାକୁ ବାଧ୍ୟ ହୋଇଥିଲା ।

ଦିନେ ବହୁ ଭାବି ଚିନ୍ତି ମନକୁ ଭୁଲେଇ ଅଞ୍ଜନ ଲିପିକାକୁ ଚିଠି ଲେଖି ସବୁ ଜଣେଇଥିଲା କହିଥିଲା ଯାହା ହବାର ଥିଲା ହେଇଗଲା ଏଇଲେ ପଶ୍ଚାତାପ କରି କିଛି ଲାଭ ନାହିଁ । ନା ତୁମର ଏଥିରେ କିଛି ଦୋଷ ଅଛି ନା ମୋର । ତେଣୁ ଦୁହେଁ ପଛ କଥା ସବୁ ଭୁଲି ଯାଇ ନୂଆ କରି ଜୀବନ ଗଢିବା । ଏଇଟା ତାର ଶେଷ ଚିଠି । ନା ଆଉ କେବେ ଚିଠିର ଆଦାନ ପ୍ରଦାନ କରିବା ନା ଦେଖା ସାକ୍ଷାତ କରିବା ନା ପଛ କଥାକୁ କେବେ ଭାବିବା ।

କିନ୍ତୁ ଆଜି ଏ କଣ ! ଦୀର୍ଘ ପାଞ୍ଚ ବର୍ଷ ପରେ ! ପୁଣି ଏ ଉପହାର ସହ । କୋହ ଲୁହ ସମ୍ବରଣ କରିନେଲା ଲିପିକା । ତାଙ୍କ ଷ୍ଟେସନ ଆସି ଯାଇଥିଲା ।

ଅଞ୍ଜନ ସେବେଠାରୁ ପ୍ରତି ବର୍ଷ ନୀଳ ବନାରସୀ ଶାଢୀ ଓ ନୀଳ ରଙ୍ଗର ଚୂଡି ଭଉଣୀ ପାଇଁ କିଣିକି ଦିଏ ସାବିତ୍ରୀ ବ୍ରତରେ । ତା ସ୍ତ୍ରୀକୁ କିନ୍ତୁ ଏ ରଂଗ ମୋଟେ ପସନ୍ଦ ନୁହେଁ ।

ରଚେଷ୍ଟର, ମିନେସୋଟା, ଆମେରିକା

ଡିସେମ୍ବର -୨୦୨୪
www.vedantimagazine.com

ISSN NO.
2582-208X

# ବିଦାୟ



ଇଂ. ସୁଶାନ୍ତ କଶୋର ବଳ

ମୁଦ୍ରାର ଦୁଇପାର୍ଶ୍ୱ ପରି ସଂଯୋଗ ବିଦାୟ
ଦୁହେଂଥାନ୍ତି ଅତି ପାଶାପାଶି ଅବା ଦୂରତ୍ୱେ
ବାହ୍ୟ ନଜର, ବାହ୍ୟ ଦୃଷ୍ଟିକୁ ଜଣାନପଡି .
ଜନମ ମରଣ ଅବିକଳ ସେହିପରି
ଏକ ଆରକର ଅଟଇ ପରିପୂରକ;
ହେଲେ ଏକଟି ଘଟିତ ଅନ୍ୟଟି ଅବସମ୍ଭାବ୍ୟ
ଏକ ପ୍ରୀତିଦାୟକ, ଅନ୍ୟଟି ଅରୁନ୍ତୁଦ
ଏକ ଉଲ୍ଲାସଦାୟୀ ଅନ୍ୟଟି ହୃଦବିଦାରକ.
ଏକ ଦିପ୍ତୀମୟ, ଆନଟି ତମିଶ୍ରମିଶ୍ରିତ.

ମିଶ୍ରଣ, ସମ୍ମିଶ୍ରଣ, ଯୋଗ, ସଂଯୋଗ
ଆଗମନ, ଅନୁଗମନ, ପ୍ରବେଶ, ଉପସ୍ଥାନ
ହେଲେ ଏ ସବୁର ଘଟନ, ସଂଗଠନ
ଦେଇଥାଏ ଅପୂର୍ବ ଉନ୍ମାଦନ, ହରଷ .
ମନ ବିହ୍ୱଳିତ ତନ ପ୍ରଫୁଲ୍ଲିତ
ଲାଗେ ଦୁନିଆ ପରିପାର୍ଶ୍ୱ ପ୍ରକୃତି ଉଦ୍ୱେଳିତ.
ଚଳଚଂଚଳ ହୋଇଉଠେ ଦୁନିଆ

ISSN NO.
2582-208X

ସ୍ଥିରପବନ ଯାଇ ଆସେ ମୃଦୁ ସମୀରଣ ·
ବିଭାବରୀ ଦୂରି ଅବତରେ ଉଷାକାଳ
ରମ୍ୟ, ସୁରମ୍ୟ ରୁଚିର ଦିଶଇ
ନଦୀ, ହ୍ରଦ, ତଡାଗ, ପୁଷ୍କରଣୀ ·
କାନନ ଉପବନ ଦିଶେ ମନୋରମ,
ହରାଭରା ଲାଗେ ବାଡି ବାଡ ବଗିଚ୍ଚା
ତ୍ୱଜାମୟ ଲାଗେ ବିଭାସିତ ଲାଗେ
ସୁଂଦର ମହମହ ଲାଗଇ ସପୂରୀବଗିଚ୍ଚା ·
ତଡାଗର ନୀଳକଇଂ ଡାକେ ହାତଠାରି
କହି ଆସ ଆସ ଆସ ଆସ ମୋ ମିତ,
ସଂଗାତ ସମୀପେ ଆସି ମତେ ପରଶ,
ନିଅ ମୋ ମହକ ଘେନ ମୋ ବାସ
ଅଂଗଅଂଗ କର ମୋହିତ ସୁବାସ ·
..........

ହେଲେ ଠିକ ବିପରୀତ ହୁଏ ବିଦାୟୀ ;
ମେଲାଣି ବେଳ ଖୁବ ଦୁଃଖଦାୟୀ,
ମରମଭେଦୀ ପିଡାଦାୟକ ·
ହଜେ ହରଷ ସବୁ ଲାଗଇ ବିଷ ·
ଉଲ୍ଲାସ ହରି ଭରେ ବିଷାଦ ·
ଜନମବେଳର ଖୁସି ଅକାତ;
କାହିଂ ଛୁପିଯାଏ ଦୂର ବିଲ୍ୱକୋଣେ
ମାଡିପଡେ ବିତୃଷ୍ଣା ମାଣେ, ଭରଣେ ·
କନ୍ୟାର ଜନମ ଯେତେ ଆନଂଦଦାୟକ
ଦ୍ୱାରବଂଧେ ସ୍ୱାମୀ ବସ୍ତ୍ରେବଂଧା ତାବସ୍ତ୍ର,

ISSN NO.
2582-208X

ଦେଇଥାଏ କୋହ ଭାଂଗିପଡେ ମ୍ରୀୟମାଣେ
ବିଦାୟୀର ଘନବାରିଧ ଉଏଂ ତା'ଆକାଶେ
ଉଡେ ସେ ବତାସେ ଡୁବିଥାଏ ତ୍ରସ୍ତେ
କିପରି ବିତିବ ତା' ନବ୍ୟ ଆସିଆନା .
କିପରି ରଂଗିବ ତା ଜୀବନ ଗଗନ .
ଉର୍ଦ୍ଧ୍ୱଶୀଳ ହେବ ନାଂ ତମୀସ୍ର ଭରିବ;
ଏ ଚିନ୍ତନ ଘାରଇ ହୃଦ ଗହନେ .

ପଂକ୍ଷୀଯେବେ ଛାଡେ ନୀଡ ପ୍ରଭାତେ
ଉଦରଭରଣ ଅର୍ଥେ ଖାଦ୍ୟ ତଲାସେ,
ଆନଂଦ ବିଭୋରେ ଖୁସି ଗଦଗଦେ
ଚିରଚିରା ଶବଦେ ପଂଖ ଉନ୍ମୁକ୍ତେ,
ବିହରିଥାଏ ପୁରା ଖୋଲା ଗଗନ .
ହେଲେ ଗୃହେ ବାହୁଡିବା ବେଳେ
ନଥାଏ ସେ ଖୁସି, ନଥାଏ ସେ ହରଷ
ଚିନ୍ତାଥାଏ କିପରି କରିବ ନୀଡପ୍ରବେଶ .

କଟକ

ISSN NO.
2582-208X

# ବିଦ୍ୟାଳୟ



ଜୟଶ୍ରୀ ପଟ୍ଟନାୟକ

ବିଦ୍ୟାଳୟ ଅଟେ ବିଦ୍ୟାର ମନ୍ଦିର
ଯିବା ସେଠି ପାଠ ପଢ଼ି
ଜ୍ଞାନ ଅରଯିବା ବିଦ୍ୟା ଶିକ୍ଷା କରି
ଅଜ୍ଞାନତା ଯିବା ହୁଡି ।1
ପ୍ରତିଦିନ ଆମେ ଯିବା ସମୟରେ
ସମାୟାନୁବର୍ତ୍ତି ହୋଇ
ପିଲାଙ୍କର ସହ କରିବା ପ୍ରାର୍ଥନା
ବିଦ୍ୟାଳୟ ହିତ ପାଇଁ ।2
ପାଠ ପଢି ଆମେ ଅରଜିବା ଜ୍ଞାନ
ଅଜ୍ଞାନତାକୁ ଦୂରେଇ
ପଢ଼ା ବେଳେ ପଢ଼ା ଖେଳ ବେଳେ ଖେଳ
କରୁଥିବା ମନ ଦେଇ ।3
ପଢିବା ଲେଖିବା ଶୁଣିବା ପାଠକୁ
ମନଦେଇ ସମୟରେ
ଆଜି କାମ ଆଜି ସାରିଦେବା ଭଲେ
ରଖିବାନାହିଁ କାଲିରେ ।4
ମନଦେଇ ଯେବେ ପଢୁଥିବା ପାଠ
ଲେଖିବା ତାହାକୁ ଭଲ

ISSN NO.
2582-208X

କୃତକାର୍ଯ୍ୟ ହେଲେ ପରୀକ୍ଷାରେ ଆମେ
ସଭିଏଁ ପାଇବେ ଭଲ ।5
ଗୁରୁଜୀ ଗୁରୁମା କଥା ମାନୁଥିବା
ଶ୍ରଦ୍ଧାର ଭାଜନ ହୋଇ
ସେ ପରା ଦିଅନ୍ତି ଜ୍ଞାନର ସନ୍ଧାନ
ଜୀବନ ଗଢିବା ପାଇଁ ।6
ପରିବେଶ ଆମ ରଖିବା ସ୍ୱଚ୍ଛ
ସବୁଜ ସୁନ୍ଦର କରି
ଆବର୍ଜନା ଯେତେ ଥିବ ବିଦ୍ୟାଳୟେ
ତାକୁ ଦେବା ସଫା କରି ।7
ସୁସ୍ଥ ରହିଲେ ଶରୀର ଆମର
ପଢିବାରେ ଲାଗେ ମନ
ଅସ୍ୱାସ୍ଥ୍ୟକର ହେଲେ ପରିବେଶ
ଯନ୍ତ୍ରଣା ପାଏ ଜୀବନ ।୫
ଭଲ ପାଠ ପଢି ବଢାଇବା ମାନ
ରଖିବା ତାହାର ନାମ
ଆମ ବିଦ୍ୟାଳୟ ହେବ ଯେ ମହାନ
ରଖିଲେ ତାର ସୁନାମ ।୨
ମଣିଷ ଜନମ ମିଳଇ ତ ଥରେ
ଭଲ କାମ ଯିବା କରି
ପଡିବନି କେବେ ପ୍ରମାଦ ଜୀବନେ
କଲେ କାମ ବୁଝି ବିଚାରି ।10

ସମ୍ପାଦିକା ଇତ୍ ଇ ପତ୍ରିକା
ଗଙ୍ଗନଗର ଛକ, ଭୁବନେଶ୍ୱର
7978110474

ISSN NO.
2582-208X

# ଉଡା ଚଢେଇ ମୁଁ



ଶ୍ରୀମତୀ ବସନ୍ତ ମିଶ୍ର

ଉଡା ଚଢେଇ ମୁଁ ଖୋଲା ଆକାଶର
ଥିଲା ଖୁସି ମୋ ଠିକଣା
ବସାଇ କପଟ ଜାଲ ଧରିନେଇ
କାଟିଦେଲ ମୋର ଡେଣା।।୦।

ପାସୋରି ଉଡିବା ଘର ପଞ୍ଜୁରିରେ
ଅଛି ସଦା ବନ୍ଦୀ ହୋଇ
ପଡିଲାଣି କୁଜ ସମୟର ବୋଝ
ପିଠିରେ ମୋ ବୋହି ବୋହି
ସେନେହ ମମତା ମହାକାଳ ଫଳ
ଝୁଲେ ମୋ ପଣତେ ଘୃଣା
ଉଡା ଚଢେଇ ମୁଁ ଖୋଲା ଆକାଶର
ଥିଲା ଖୁସି ମୋ ଠିକଣା।୧।

ଖୋଜୁଛି ମୁଁ ଆହା ପଦ ଭାଷାକୋଷ
କୋଣ ଆଉ ଅନୁକୋଣ
ଓହଳି ରହିଛି ଆଖି ଓହଳରେ

ISSN NO.
2582-208X

ସବୁବେଳେ ଶିରାବଣ
ଘୋଷାରି ଚାଲିଛି ତୁମ କୂଟଚକ୍ରେ
ନିତି ବିଷୟର ଘଣା
ଉଡା ଚଢେଇ ମୁଁ ଖୋଲା ଆକାଶର
ଥିଲା ଖୁସି ମୋ ଠିକଣା ।୨।

ସମ୍ପାଦିକା, ଆମ ବ୍ୟଙ୍ଗ ପସରା
ମଣିସାହି, ମାଧବନଗର,
ଭଦ୍ରକ -୭୫୬୧୮୧
ଭ୍ରା: ଭ୍: - ୯୪୩୯୫୫୪୯୬୪

ISSN NO.
2582-208X

# ଉଠ୍ ପୁଟୁର୍



ଆରତୀ ସାହୁ (ଆଶା)

( ଭାଗ - ୪୦ )

କନିକା ଲାଇବ୍ରେରୀ, ଶୋଷକା ଲୋକ ଯେମିତି ପାଣି ଦେଖିଲେ ରାଉଁ ଖାଉଁ ହେଇଯାଏ, କନିକା ଲାଇବ୍ରେରୀକୁ ପଶିଗଲେ ମୁଁ ସେମିତି ହୁଏ । ପାଣି ଟୋପେ ଖୋଜୁଥିବା ମଣିଷକୁ ସମୁଦ୍ରଟାଏ ମିଳି ଯାଇଛି ଯେ । ଏପଟୁ ପିଇବ ନା ସେପଟୁ ପିଇବ।

କ୍ଲାସ୍ ବାତିଲ୍ ହେଇ ଯାଇଥିଲା । ବାପାଙ୍କ ଚିଠି ଆସିଥିଲା । ଚିଠଟା ସାମନାରେ ରଖି ମୁଁ ଭାବୁଥାଏ ଆକାଶ ପାତାଳ। ଏ ଭିତରେ ଦେଢ଼ବର୍ଷ ବିତି ଗଲାଣି । ମୁଁ ଘରକୁ ଯାଇ ନାହିଁ। ପ୍ରଥମ ବର୍ଷ ମଝିରେ ପଳେଇ ଯାଇଥିଲି । ମାଆ ବିକଳ ହେଉଥିବ। କିନ୍ତୁ ବାପା ସେ ସମ୍ବନ୍ଧରେ କିଛି ଲେଖି ନଥିଲେ। କେବଳ ଚାରି ଧାଡ଼ି ଥିଲା,

"ଆମେ କୁଶଳରେ ଅଛୁ । ତୁ ଭଲରେ ଥା । ମନ ଦେଇ ପାଠ ପଢ଼ୁବୁ ଆଉ ଦେହର ଯତ୍ନ ନେବୁ ।"

ବାସ୍। ମୋ ମନ ଆଟୁର୍ ପାଟୁର୍ ହେଉଥାଏ, ଯିବି କି, ଗାଁରୁ ବୁଲି ଆସିବି ଟିକେ, ପରୀକ୍ଷା ଆଗରୁ ?

କିନ୍ତୁ ଯାଇ ହେଲା ନାହିଁ। ଆଉ କିଛି ଅପେକ୍ଷା କରିଥିଲା ମୋତେ।

ଫିଜିକ୍ସ ର କାଇନାମେଟିକ୍ସ ଭିତରେ ମୁଁ ବୁଡ଼ି ଯାଇଥାଏ ଲାଇବ୍ରେରୀ ଭିତରେ, ଗୋଟେ କୋଣକିଆ ଟେବୁଲ୍ ଦେଖି। ଅବଶ୍ୟ ମୋତେ ଛାଡ଼ି ମାତ୍ର ଜଣେ ଦିଜଣ ପିଲା ଥିଲେ

ISSN NO.
2582-208X

ଲାଇବ୍ରେରୀରେ। ସମସ୍ତେ ରୁମ୍ ଭିତରେ ସେଲ୍ଫଷ୍ଟଡି କରୁଥିଲେ। ହଠାତ୍ ନୀଳ ଚୁଡ଼ି ପିନ୍ଧା ହାତଟିଏ ମୋ ହାତଟାକୁ ମୁଠେଇ ଧରି ବହି ପୃଷ୍ଠାରୁ ବଳାତ୍ ହଟେଇ ଦେଲା। ଶିହରଣ ଖେଳିବାର ରଞ୍ଚେ ମାତ୍ର ଅବକାଶ ନଦେଇ ମୋ ବହିଟାକୁ ଟାଣିନେଲା । ମୁଁ ଆଶ୍ଚର୍ଯ୍ୟ ହେଇଗଲି । ସେତେବେଳେ ଝିଅ ପୁଅ ଫ୍ରେଣ୍ଡ ହେଉ ନଥିଲେ, ଅଗ୍ନି ଓ ଘୃତ ଥିଲେ ସେମାନେ। ସଂଯୋଗ ହେଲା ମାନେ ହୁତ୍ ହୁତ୍ ହେଇ ଜଳିଲା ନିଆଁ। ତାଙ୍କ ଭିତରେ ବି, ତାଙ୍କ ବାହାରେ ବି, ଆଉ ଦରକାର ପଡ଼ିଲେ ବଡ଼ବାନଳ ପରି ଚହରି ଯାଉଥିଲା କୁଆଡ଼େ କୁଆଡ଼େ।

ବାତରା ଟୋକା ମାନେ ଖାଲି ହିପ୍ପି ଚୁଳ ସାଉଁଳି, ବେଲ୍ ବଟମ୍ କୁ ଫାଡୁର ଫାଡୁର କରି ଝିଅଙ୍କର ଦୃଷ୍ଟି ଆକର୍ଷଣ କରୁଥିଲେ। ଅତି ବେଶିରେ ସିଗାରେଟ ଧୁଆଁରେ ଗୋଲେଇ ମୁଣ୍ଡୁଳା ତିଆରି କରୁଥିଲେ ବାହାଦୂରୀ ଦେଖେଇ ନହେଲେ ରଫ୍ ଖାତାରେ ପାନପାତ୍ର ଭିତରେ ନାମ ଲେଖୁଥିଲେ । କଥା ହେବାର ସାହସ ନଥିଲା । ପୁଅ ଝିଅ ମଝିରେ ଅଲଂଘ୍ୟ ଲକ୍ଷ୍ମଣରେଖା । ବାଙ୍କ ଚାହାଣୀ ଫିଙ୍ଗି, ଚୋରା ଚାହାଣୀ ଦେଖି ସନ୍ତୁଷ୍ଟ ହେବାକୁ ପଡୁଥିଲା। କୋଉ ଝିଅ ଟିକେ ମୁରୁକି ହସା ଦେଲେ ତ କାହିଁରେ କଣ,

ଯେଉଁ ଝିଅ ହସିଲା

ସେଇ ଝିଅ ଫସିଲା

ଏତିକି ତ, ଏମିତି ପରିସ୍ଥିତିରେ ଝିଅଟିଏ ଯଦି ଏମିତି ଅନ୍ତରଙ୍ଗ ହେଇ ନିର୍ଲଜ ଭାବରେ ବହିଟା ଟାଣି ନିଏ ତାହା ନିହାତି ଏକ ଚର୍ଚ୍ଚାର ବିଷୟ ।

କିନ୍ତୁ ଚର୍ଚ୍ଚାର କେନ୍ଦ୍ର ବିନ୍ଦୁ ଥିଲା ନୀଳିମା, ଛାତ୍ର ମହଲରେ ଆଉ ଛାତ୍ରୀ ମହଲରେ। ନୀଳ ପରୀ, ବ୍ଲୁ କୁଇନ୍, ବ୍ଲୁ ବାର୍ଡ ଏମିତି କେତେ ନାମରେ ପ୍ରସିଦ୍ଧ ଥିଲା ସିଏ। ସେ ବୋଧହୁଏ ରେଭେନ୍ସା କଲେଜର ଆଦିବାଳା ଥିଲା ସ୍ଲିଭଲେସ୍ ବ୍ଲାଉଜ ପିନ୍ଧିବାରେ। ଯଦିଓ କ୍ଲାସରେ ଏହା ନିଷିଦ୍ଧ ଥିଲା, ତେବେ କାନି ଘୋଡ଼େଇ ଦେଲେ କିଏ ଦେଖୁଛି।

ନୀଳିମା ସବୁବେଳେ ବିଭିନ୍ନ ଶେଡ୍ ର ନୀଳ ଶାଢ଼ୀ ପିନ୍ଧୁଥିଲା। ତା ସହିତ ମ୍ୟାଚିଂ କରି ନୀଳ ବ୍ଲାଉଜ, ନୀଳ ଚୁଡ଼ି, ନୀଳ ବିନ୍ଦି। ଚପଲ୍ ନୀଳ ଥିଲା କି ନାହିଁ କିଏ ଦେଖିଛି, ହୁଏତ କୌଣସି ପୁଅପିଲା ଜାଣି ନଥିବେ। ତା ଗାଲର ମସୃଣତା ନଜର ମାନଙ୍କୁ ବିପରୀତ ଧର୍ମୀ

ISSN NO.
2582-208X

ଖୋଲା ଚ୍ୟାଲେଞ୍ଜ ଦେଉଥିଲା। ନଜର ହଟେଇ କି ତ ଦେଖ । ଯେତେ ଅଧିକ ମସୃଣ ସେତିକି ତାର ଧରି ରଖିବାର ଶକ୍ତି। ଆଉ ତାର ପାଦ ପାଖକୁ କାହାର ଦୃଷ୍ଟି ଯିବ ଯେ ଚପଲ ଦେଖିବ ?

ସେ ଯୁଗରେ ଯେତେବେଳେ କ୍ୟାମ୍ପସ୍ ରେ କାଁ ଭାଁ ଧନିକ ପୁତ୍ର ମାନେ ଫଟଫଟି ଧରି ଆସୁଥିଲେ, ନିଜେ ଗାଡ଼ି ଡ୍ରାଇଭ୍ କରି ଆସୁଥିଲା ସିଏ । ତା ଫିଆଟ୍ ଗାଡ଼ିର ରଙ୍ଗ ଭି ଆସମାନୀ । ତା ଗାଡ଼ି କ୍ୟାମ୍ପସ ଭିତରେ ପଶିଲା ମାତ୍ରେ ସରଗରମ ହେଇ ଯାଉଥିଲା ବାତାବରଣ। ପୁଅ ମାନେ ଲାଙ୍ଗୁଳ ଜକା କୁକୁର ପରି ହେଉଥିଲେ ତ ଝିଅମାନେ ସେ ରୂପ ଗର୍ବିତାର ବେଧଡ଼କ୍ ଚାଲି ତଳେ ମୂଷା ହେଇ ଯାଉଥିଲେ, କେତେ ଭଙ୍ଗା ହୃଦୟର ଗୋଲାପ ଯେ ମାଡ଼ି ମକଚି ହେଇ ଯାଉଥିଲେ ତାର କଳନା ନାହିଁ। କାହାକୁ ଖାତିର୍ ନଥିଲା ତାର । କେତେଜଣ ଚମଚି ତାକୁ ଘେରି ରହୁଥିଲେ ହରଦମ୍ । ପୁଅ ମାନେ ତାର କୃପାଦୃଷ୍ଟି ଟିକେ ପାଇବା ପାଇଁ ଲାଳାୟିତ ହେଉଥିଲେ । ତାର ଧାରଣା ଅଲଗା ପ୍ରକାରର ଥିଲା ।

ନିଜକୁ ରମ୍ଭା, ଉର୍ବଶୀ, ମେନକା ଠଉଁ କମ୍ ଭାବୁ ନଥିଲା । ଆଉ ସେ କୌଣସି ଗୁଣରେ କମ୍ ଭି ତ ନଥିଲା, ଅମରାବତୀର ଅପ୍ସରା ମାନଙ୍କ ଠାରୁ । କାଚ ପରି ରୂପ । ଗୌରବର୍ଣ୍ଣା, ଆଜାନୁଲମ୍ବିତ ବେଣୀ, ପଦ୍ମ ପାଖୁଡ଼ା ପରି ଆଖି ।

ଆମ କ୍ଲାସର ରସିକ ପ୍ରବର ମାନେ କହୁଥିଲେ, - କି ରୂପ ବେ ? ନୀଳପରୀଟାକୁ ସେ ଉପେନ୍ଦ୍ର ଭଞ୍ଜ ଦେଖି ନଥିଲେ, ନହେଲେ ଆଉ ଦୁଇଟା ଲାବଣ୍ୟବତୀ ଲେଖି ଦେଇଥାନ୍ତେ।

ଆଉ କିଏ ହାୟ ହାୟ ହେଇ ଛାତି ପିଟୁଥିଲା ସେ ଚାଲି ଗଲା ପରେ, - ହାୟ, ତା ବେଣୀରେ ଶଳା ଫାସି ଲଗେଇ ମରିଯାନ୍ତି କି ? ଜନ୍ମ ସଫଳ ହେଇ ଯାଆନ୍ତା।

ତାର ଗର୍ବ ତାକୁ ବେଶ୍ ମାନୁଥିଲା। ତାର ଆତ୍ମ ବଡ଼ିମା ଆତ୍ମଶ୍ଲାଘା ନଲାଗି ଏକ ସହଜ ନୈସର୍ଗିକ ସ୍ୱଭାବ ମନେ ହେଉଥିଲା। ସେ କହୁଥିଲା, - ସ୍ୱାଦ ବୋଲି କିଛି ନାଇଁ ଲୋକଙ୍କର, ଝିଅଙ୍କୁ ଦେଖିଲା ମାତ୍ରେ ଲାଙ୍ଗୁଡ଼ ହଲେଇ କୁକୁର ପରି ପଛରେ ଗୋଡ଼ଉଛନ୍ତି। ଏମିତି ଲୋକଙ୍କୁ ମୁଁ ଟିକେ ବି ଖାତିର୍ କରେ ନାହିଁ । ଝିଅଗୁଡ଼ା ବି ଠିକ୍ ସେମିତି। ପୁଅଙ୍କ ସାମନାରେ ବରଡା ପତ୍ର । କିରେ, ସେମାନେ କଣ କି ଏମିତି ?

ISSN NO.
2582-208X

- ଆଉ ତୋର୍ ଟିକେ ଭି ଭୟ ନାହିଁ ନା ପୁରୁଷ ମାନଙ୍କୁ ?

ଏକ ପୁଲକିତ ଶାରଦୀୟ ସନ୍ଧ୍ୟାରେ ଜୋଚ୍ରାର ଘୋଘର ଗର୍ଜନା ଭିତରେ ମୁଁ ପଚାରି ଥିଲି ?

- ତୁ ମୋତେ ପଚାରୁଛୁ, ନା ଡରଉଛୁ ? ଆଉ ଯଦି ଡରୁଥାନ୍ତି, ତୋ ସହିତ ଏକୁଟିଆ ଆସି ଏଇ ନିଛାଟିଆ ଜାଗାଟାରେ ବସିଥାନ୍ତି ନା ?

ସେକଥା ମୁଁ ଜାଣିଥିଲି ସେ ମୋ ସହିତ କାହିଁକି ଆସି ବସିଛି ।

ହଁ, ସେହି ଲାଇବ୍ରେରୀରେ ସେଦିନ ଏଇ ଅନ୍ତରଙ୍ଗ ସମ୍ପର୍କର ସୂତ୍ରପାତ ହୋଇଥିଲା। ସେ ବହିଟା ଟାଣି ନେଲା ବେଳକୁ ମୁଁ ତା ଆଡ଼କୁ ତୀର୍ଯ୍ୟକ କ୍ରୋଧିତ ଦୃଷ୍ଟିଟିଏ ଫିଙ୍ଗିଥିଲି ।

- ହୋଓଓଓ, ଏଇ, ଥମି ଯା ଥମି ଯା, ଜାଳିପୋଡ଼ି ଭସ୍ମ କରିଦେବୁ କି କ୍ରୋଧାଗ୍ନିରେ ? ତୁ କୌଶକ ଋଷି ନୋହୁଁ କି ମୁଁ ବି କାଉ ନୁହେଁ । ବୁଝିଲୁ ? ସିଧା ସଳଖ ପଚାରୁଛି, ତୁ ମୋତେ ଫିଜିକ୍ସ ପଢେଇବୁକି ? Of course I'll pay for this favour.

- ମୋର ସମୟ ନାହିଁ।

ମୁଁ ବି ସିଧା ସଳଖ ମନା କରି ଦେଇଥିଲି । ମୋତେ ଅସଲରେ ଜନାର୍ଦ୍ଦନ ପୂର୍ବରୁ ସାବଧାନ କରି ଦେଇଥିଲା ।

- ଆବେ ଅଭି, ନୀଳିମା କାହାକୁ ଖାତିର୍ କରୁ ନାହିଁ, ଅଥଚ ତୋ ପଛରେ ନୁଙ୍ଗୁ ନୁଙ୍ଗୁ ହେଉଛି କାହିଁକି ? ସେଇଟା କୁହୁକିନୀ ଟାଏ । ଜମା ତା ପାଲରେ ପଡ଼ିବୁ ନାହିଁ କହୁଛି । ଏଇ ଦିନେ ଦି ଦିନରେ ଦେଖ୍, ସିଏ ଆସିବ ତୋ ପାଖକୁ ।

ନୀଳିମା ଆହତ ନାଗୁଣୀ ପରି ଫଁ ଫଁ ହେଇ ଓଲଟି ପଡ଼ି ଚାଲି ଯାଇଥିଲା । ମୋତେ ଲାଗୁଥିଲା ଘାଇଲା ହେଇଛି ମାନେ ଚୋଟ ମାରିବ କେବେ ନା କେବେ । ମାରିଲା ମଧ୍ୟ । ପୁଣି ଏମିତି ଭାବରେ ମାରିଥିଲା ଯେ ଦେବଦାସ ନ କରି ଛାଡ଼ି ନଥାନ୍ତା । କିନ୍ତୁ ସେଇ ! ଷଷ୍ଠେନ୍ଦ୍ରିୟ ଫରୁଆ, ସେଇ ସରଳ ଜୀବନର ଉପଦେଶ, ସେଇ ମମତା ରାଉଳ, ସେଇ ସୌମ୍ୟଭାଇ ଏମାନେ ମୋତେ ପୁଣିଥରେ ଟାଣି ଆଣିଥିଲେ ଅତଳତଳରୁ।

ISSN NO.
2582-208X

ସେଦିନ ଗଲା, ତା ପରଦିନ ପୁଣି ଆସିଲା । କ୍ଷମା ମାଗିଲା । କାକୁତି ମିନତୀ ହେଲା । ମୁଁ ହେଲି କାଉଁରିଆ କାଠି । ନଉଁଛି କେତେକେ ।

ଆଉ ପନ୍ଦର କୋଡ଼ିଏ ଦିନ ଥାଏ ପରୀକ୍ଷା । ସେ ଡେଲି ଆସେ, ଲାଇବ୍ରେରୀରେ ପଢ଼ିବା ବାହାନାରେ ଯେବେକି ବାହାର ପିଲାମାନେ ବହୁତ କମ୍ ଆସୁଥାନ୍ତି। ମୋର ମଧ୍ୟ ମଜବୁରୀ। ମୋ ପାଖରେ ବହି ନଥିବାକୁ ଆହୁରି ବହୁତ ବହି ପଢିବାର ଆଗ୍ରହ। ଗତ ପରୀକ୍ଷାରେ ମୋ ମନ ଅନୁଯାୟୀ ମାର୍କ ଆସି ନଥିଲା। ମୋର ଉଦ୍ଦେଶ୍ୟ କେବଳ ମାର୍କ ଆଣିବା ନୁହେଁ, ଜ୍ଞାନ ଆହରଣ କରିବା। ସବୁଦିନ ଭାବେ, ଆଜି ସେ ଆସିବ ନାହିଁ । କିନ୍ତୁ ଏଡେ ଲଜ୍ଜାହୀନା ସେ, ଡେଲି ଆସୁଥିଲା। ସେଦିନ କିନ୍ତୁ ତାର  ଲୁହ ଦେଖି ତରଳିଗଲା ମୋର ସାଧନା ସିଦ୍ଧ କଠିନ ହୃଦୟତା ।

ଜନାର୍ଦ୍ଦନ କହିଥିଲା, – ନୀଳପରୀ ଫଁସେଇ ଦେଲା ତେବେ । ଫଁସିଗଲୁ ବେ ଅଭି । ମେନକା ଶେଷକୁ ବିଶ୍ୱମିତ୍ରଙ୍କର ତପ ଭଙ୍ଗ କରି ଦେଲା ନା ?

– ନା ମ, ଏଇ ପରୀକ୍ଷା ପାଇଁ କିଛିଦିନ ତାକୁ ପଢେଇ ଦେବା । କାନ୍ଦୁଛି ବିଚାରୀ।

– ହଉ, ଦେଖ୍ ।

ସତକୁ ସତ ବଡ଼ ମନଯୋଗ ଦେଇ ପଢିଲା ସିଏ। କୁଶାଗ୍ର ବୁଦ୍ଧି ଥିଲା ତାର। ଫିଜିକ୍ସ ବୁଝିବାରେ ତାକୁ କଷ୍ଟ ହେଉ ନଥିଲା, କିନ୍ତୁ ନ୍ୟୁମେରିକାଲ୍ କରି ପାରୁ ନଥିଲା। ଦିନ ରାତି ପରିଶ୍ରମ କଲା। ଦିନକୁ ପଚାଶ ପର୍ଯ୍ୟନ୍ତ ନ୍ୟୁମେରିକାଲ୍ କରି ଆଣି ଦେଖେଇଲା। ମୋର ମନେ ପଡୁଥିଲା ମମତା ରାଉଳ। ହୃଦୟର କୋଉ ଏକ ସୂକ୍ଷ୍ମରୁ ସୂକ୍ଷ୍ମତର ତନ୍ତ୍ରୀରେ ସେ ଆଜୀବନ ବିଦ୍ୟମାନା ରହିଲା କିନ୍ତୁ।

ପରୀକ୍ଷାରେ  ଶତକଡ଼ା ଅଶି ନମ୍ବର ରଖି ପାରିଥିଲା ଫିଜିକ୍ସରେ ନୀଳିମା। ଆଗକୁ ଫିଜିକ୍ସ ଅନର୍ସ ନେଇ ପାଠ ପଢ଼ିଲା ମୋ ସହିତ ଆଉ, ଆଉ ମୋତେ ପଢ଼ିଲା ବି ପଢ଼ାଇଲା ବି ।

ସେ ପର୍ଯ୍ୟନ୍ତ ମୋ ଜୀବନରେ କିଛି ନଥିଲା । ନା ଥିଲା ଯୋବ୍ରାର ସୂର୍ଯ୍ୟାସ୍ତ ପଇଣ୍ଟ, ନା ଜୋବ୍ରାର ମାଦକତା ନା ହିନ୍ଦ ସିନେମାର ଅନ୍ଧାରିଆ ନିରୋଳା ନହେଇ ବି ନିରୋଳା ଏକାନ୍ତ।

ISSN NO.
2582-208X

ପରୀକ୍ଷା ପରେ ମୋର ମନ ଗାଁ ଧରିଲା । ଛାଟିପିଟି ହେଇ କେମିତି ପଳେଇବି । ଏଠାରେ ଯଦିଓ ମନ ଲାଗି ଯାଇଥିଲା କିନ୍ତୁ ଏଠି ମାଆ ନଥିଲା, ମୋ ଗାଁ ନଥିଲା, ମୋ ବାପା ଓ ବିବେକା ମାଷ୍ଟର ନଥିଲେ, ଆଉ ସବୁଠାରୁ ବଡ଼ କଥା ଏଠାରେ କାହିଁକି କେଜାଣି ମୋ କବ୍ତା ଆସି ଉଠାଉ ନଥିଲା ।

ତାର କର୍ତ୍ତବ୍ୟ କଣ ଶେଷ ହୋଇ ଯାଇଥିଲା କି ? ମୋତେ ଆଉ ଜଗେଇବା ଆବଶ୍ୟକ ନଥିଲା କି ? ମୁଁ ସର୍ବାନ୍ତକରଣରେ ଜାଗି ଯାଇଥିଲି କି ?

ନା ଜମା ନୁହେଁ, କବ୍ତାର କର୍ତ୍ତବ୍ୟ କେବେ ଶେଷ ହୁଏ ନାହିଁ । ତାର ଡାକ ଅନନ୍ତକାଳୀନ, ନଶ୍ୱର। ଧରା ଥିଲା ଯାକେ ସେ ଜଗାଉଥିବ ଅଭିମନ୍ୟୁ ମାନଙ୍କୁ।

ଭଗବାନ୍ କରନ୍ତୁ, କବ୍ତା ସବୁବେଳେ ଜାଗ୍ରତ ପ୍ରହରୀ ହେଇ ରହିଥାଉ, ଅଭିମନ୍ୟୁ ମାନଙ୍କୁ ଜଗାଉଥାଉ ।

କ୍ରମଶଃ .....

ବସନ୍ତ ବିହାର, ନୂଆଦିଲ୍ଲୀ

ISSN NO.
2582-208X

# ଗାନ୍ଧାରୀ



ଦଣ୍ଡାସି ପ୍ରଧାନ

ଗାନ୍ଧାରୀ ତୁମେ କେଉଁ ଆଦର୍ଶରେ
କାହିଁକି ବାନ୍ଧିଲ
ଆଖିରେ ଅନ୍ଧ ପୁଟୁଳି ?
ରାଜ ଜେମା ହୋଇ ଜାଣି ନ ଥିଲ କି
ପ୍ରାଣ ପ୍ରିୟତମ
ଧୃତରାଷ୍ଟ୍ର ଅନ୍ଧ ବୋଲି ??
ବାଞ୍ଛନ ଥିଲା ନା ବାଧ୍ୟବାଧକତା
କି ବ୍ୟର୍ଥ ଅହମିକା
ନିଃସର୍ତ୍ତ ନିଷ୍ପତ୍ତି ନେଲ ।
ଶକୁନି ହୃଦୟେ ପ୍ରତିହିଂସା ବିଷ
ଭରିଲ ବିଷାଦ
ମୂର୍ଦ୍ଧାର ମଞ୍ଜି ରୋପିଲ ।।
ବୁଦ୍ଧିଯୁକ୍ତ ଯୋଗ ସୁକୃତି ଦୁଷ୍କୃତେ
କର୍ମ ଅବିରତେ
କଉଶଳେ ସମାପନ ।
ବେଦାନ୍ତ ଦର୍ଶନ ସନାତନୀ ଧନ
ଇହ ପରକାଳ
ବିଶଙ୍କିତ ଅଂଶୁମାନ ।।
ଗରିଷ୍ଠ ଆବୋରି ଚନ୍ଦ୍ର ବଂଶ ବରି
ତମଃ ପନ୍ଥା ଧରି
ଅନ୍ଧୁଣୀ ସଜେଇ ହେଲ ।

ISSN NO.
2582-208X

ମହତ୍ତ୍ୱ ପଣିଆ ଦେଖାଇବା ପାଇଁ
ଅବିବେକ ପଣେ

ଦର୍ଶନ ବିରୁଦ୍ଧେ ଗଲ ।।
ଶକୁନି କାହିଁକି ମନ୍ଦ ଭାବନାର
ସୂତ୍ର ଚକ୍ରାନ୍ତର
ରଚି ବୁଦ୍ଧିଆଣୀ ଜାଲ ?
ଗାନ୍ଧାର ନରେଶ ଛାଡି ନିଜ ଦେଶ
ବିଛାଇଲା ଫାସ
ଅସନ୍ତୁଷ୍ଟ ଇନ୍ଦ୍ରଜାଲ ??
ପତିବ୍ରତା ଧର୍ମ ସ୍ୱ-ଧର୍ମ ପାଳନ
କର୍ତ୍ତବ୍ୟ କରମ
ରାଜ ଦରବାରେ ରାଣୀ ।
ଦାୟିତ୍ୱ ବି ଥିଲା ସଜାଡି ପାରନ୍ତ
ସୁଧାରି ପାରନ୍ତ
(ତୁମେ) କହି ସମୁଚିତ ବାଣୀ ।।
କଳାକନା ଖଣ୍ଡେ କାଳସର୍ପ ପ୍ରାୟ
ଅନ୍ଧାରି ଆଶ୍ରୟ
ସମୂଳେ ରଚି ବିନାଶ ।
ଭାସିଗଲା ସର୍ବ ଗର୍ବ ଗଉରବ
ଶିରୀ ସଉରଭ
ନ ଥିଲା ବୋଲି ପ୍ରକାଶ ।।
କୁରୁକ୍ଷେତ୍ର ଯୁଦ୍ଧ ବିଭୀଷିକା ଖୋର
ଅକ୍ଷୌହିଣୀ ବୀର
ସାରଥୀ ସାଜି କେଶବ ।
ଧର୍ମ ସଂସ୍ଥାପନା ଅର୍ଥେ ସୁଦର୍ଶନ
ଆଦେଶି ଅର୍ଜୁନ
(କଲେ) ନାରାୟଣୀ ସେନା ବଦ୍ଧ !! ।।

ISSN NO.
2582-208X

ନ୍ୟାୟ ମୂର୍ତ୍ତି ନ୍ୟାୟ ଦେବା ଦୂରେଥାଉ
ଚାପଗ୍ରସ୍ତେ ହେଉ
ନିରବତାକୁ ଭଜିଲ।
ଅପାର ଶକ୍ତିର ଅସୀମ ଆଧାର
ନିୟନ୍ତ୍ରିତ ଧାର
କାଳ ହାତେ ଛାଡିଦେଲ ।।
ଚାହିଁଥିଲେ ତୁମେ ଥାଆନ୍ତା ଅଟକି
ଶାସନ ଡୋରି କି
'ବିଦୁର' ହାତରେ ଦେଇ ।
ମହା ପ୍ରଳୟକୁ ପ୍ରତିରୋଧି ଥାନ୍ତ
ପ୍ରତାପୀ ଅଶାନ୍ତ
ରାଜଧର୍ମେ 'ଭୀଷ୍ମ' ଯହିଁ ।।
କଳାପଟି ବାନ୍ଧି କାଳକୁ ଡାକିଲ
କାହା ହିତେ କଲ
ଅବାଞ୍ଛିତ ଯାହା ଥିଲା ।
ଶେଷେ ଦୋଷ ଦେଲ ଶ୍ରୀ ମଧୁସୂଦନ
ବୋହି ଅଭିମାନ
ପରିଣାମ ଯାହା ହେଲା ।।
ଯାହା କୁହ ତମେ ବାସ୍ତବ ବିରୁଦ୍ଧ
ମହା ପରମାଦ
ଶିଖାଏ ମହାଭାରତ ।
ଗାନ୍ଧାରୀ ପଣକୁ ଚିର ପରିହରି
ଶ୍ରେୟ ଅନୁସରି
(ଚାଲ) ସ୍ମରି ସ୍ମରି ଜଗନ୍ନାଥ ।।

ସାହିତ୍ୟ ସମ୍ପାଦକ,
ଉପାନ୍ତ ସାହିତ୍ୟ ସାସ୍କୃତିକ ସେବା ସଂସଦ, ପାତ୍ରପୁର ଗଞ୍ଜାମ
ଭ୍ରାମ୍ୟଭାଷ୍ୟ 8660194967

ISSN NO. 2582-208X

# ଭିକ୍ଷୁକ



ସୁଜିତ୍ କୁମାର ମିଶ୍ର

ଆଣ୍ଠିଏ କାଦୁଅ ମଧ୍ୟେ ବୁଡୁବୁଡୁ
ଜୀବନଟି ଅହରହ,
ବେଦନାର ତାତି ବଢି ବଢି ଚାଲେ
କା ଛାତିରେ କାହିଁ କୋହ
ଭିକ୍ଷୁକ ସେ ଦୁଃଖ ଛାତି,
କିଏ ଭରିଦେଲା ତା ସୁଖ ଆକାଶେ
ଅଭିଶପ୍ତ ଅମାରାତି ?

ଜହ୍ନରାତି କେବେ ମାଗିନି କାହାକୁ
ତଥାପି ସେ ଯାଯାବର,
ମନ ଅଗଣାରେ ମନଟେ ଖୋଜୁଛି
କିଏ ହେବ ସହଚର,
ଗସ୍ତ ପରେ କଲେ ଗସ୍ତ,
ନିସ୍ୱ ପରାଣରୁ ଭିକ୍ଷାବୃତ୍ତି କଣ
କେବେ ହେବେ ଏଠି ଅସ୍ତ ?

ISSN NO.
2582-208X

ଚେହେରା ଏଠାରେ  ଧୋବ ଫରଫର
ଛାତି ତଳେ ଧୂଳିମଳି,
ଭିକ୍ଷୁକ ଦୁଆରେ ତାଲା ପଡିଅଛି
ଅନ୍ୱେଷଣେ ଅନ୍ନଥାଳୀ
ରତୁ ଏଠି ରାତି ମାୟା,
ମଗ୍ନ ରାଇଜରେ  ମହଙ୍ଗା ଦରଦ
ଅଭାବେ ସେ ଭଗ୍ନ କାୟା ।

ଆଡମ୍ବର ଆଖି  ସାହୁକାର ଏଠି
ଅସୁଲ କରିଛି ଜାଣି,
କିଏ ଏଠି ସାଜେ  ରାତିର ମଦିରା
କା ପାଇଁ ମୁନ୍ଦେ ତୋରାଣି,
ଛୁଅଁ ଭିକ୍ଷୁକର ବେଶ,
ମାନବିକତାର  ବରଷା ଧାରାରେ
ତାକୁ ଫେରାଅ ତା ହସ ।

ଜନାର୍ଦ୍ଦନପୁର ଶାସନ, କେନ୍ଦୁଝର
୭୬୮୩୮୭୭୭୪୨

ISSN NO.
2582-208X

# ନୀଳ ଆକାଶ



ଅମରନାଥ ବାରିକ

ସତେ କି ହସୁଛି କୁମୁଦ କମଳ
ନୀଳ ଆକାଶ କୁ ଚାହିଁ
ସ୍ୱଚ୍ଛ ନିରିମଳ ପୁଷ୍କରିଣୀ ଜଳ
ସୁନ୍ଦର ଦିସଇ କଇଁ ।

କଇଁ ସିନା ଦୁରେ ନୀଳ ଆକାଶ ଠୁଁ
ରହିଛି ସମ୍ପର୍କ ଦୃଢ଼
ପବନ ମୋଡ଼ରେ ଲହରୀ ପାଣିରେ
ମାରୁଥାଏ କେବେ ବୁଡ଼ ।

ନୀଳ ଆକାଶ କୁ କଇଁ ଛୁଇଁବାକୁ
ଝୁରୁଥାଏ ତାର ମନ
ହେଲେ ପାରେ ନାହିଁ ବିତିଯାଏ ପୁଣି
କେତେ ରାତି କେତେ ଦିନ ।

ISSN NO.
2582-208X

ଚଷା ଭାଇ ଯେବେ ହଳ କରୁଥାଏ
ବଳଦ ଦୁହିଁଙ୍କୁ ଧରି
ନ ଚାଲି ପାରିଲେ ଟିକେ ରହିଗଲେ
ବାଡାଏ ପାଞ୍ଚାଣ ଧରି ।

ବଳଦ ଦୁଇଟି ଥକି ପଡି ଗଲେ
ନୀଳ ଆକାଶ କୁ ଚାହେଁ
କାହିଁକି ଗଢିଲ ପଶୁ ଜଗତ ରେ
କହୁଛନ୍ତି ମନେ ଦୁହେଁ ।

କୟାଁ, ମଙ୍ଗଳପୁର, ଦଶରଥପୁର, ଯାଜପୁର
ଓଡ଼ିଶା, ପିନ୍ - ୭୫୫୦୧୧
ଦୂରଭାଷ - ୯୫୪୦୩୦୮୦୯୫

ISSN NO.
2582-208X

# ଲଳିତ ନିବନ୍ଧ-
# ଭିଡକୁ ଜୁହାର



ବଦ୍ରୀ ମହାନ୍ତ

ନିରୋଳା ସ୍ଥାନ, ପ୍ରଦୂଷଣମୁକ୍ତ ପରିବେଶ, ଶାନ୍ତ ଶୀତଳ ପବନ ଧୀରେ ଧୀରେ ଦୁଷ୍ପ୍ରାପ୍ୟ ହୋଇ ଉଠୁଛି। ବିସ୍ୱାଦିତ ହୋଇ ଉଠୁଛି ପକ୍ଷୀର କାକଳି, ନଈର କୁଳୁ କୁଳୁ ନାଦ। ନରମ କୋମଳ ବକ୍ତବ୍ୟ ଶୁଭୁଚି କର୍କଶ, ହଜି ଯାଉଛି କଅଁଳ ସ୍ୱପ୍ନ, ଏଠି ସେଠି ସବୁଠି ବିଛେଇ ହୋଇ ପଡ଼ିଛି ଅସଂଲଗ୍ନ ବ୍ୟବସ୍ଥା। ତା'ଭିତରେ ଜୀବନ ସାବଲୀଳ ଗତିରେ ଯାତ୍ରା କରିବାକୁ ଉଦ୍ୟମ କରି ନିରାଶ ହେଉଛି। ଇଚ୍ଛା କରୁଛି ରୁନ୍ଧି ଯାଉଥିବା ଚଲାପଥ ଓ ଚଳଣିକୁ ନେଇ ମୁକ୍ତ ଆକାଶ ତଳେ ଛାଡ଼ି ଦିଅନ୍ତା, ସ୍ୱପ୍ନ ମାନଙ୍କୁ ସାକାର କରିବା ପାଇଁ ସଳଖ ସୁନ୍ଦର ପଥରେ କଢ଼େଇ ନିଅନ୍ତା। ମାତ୍ର ହାୟ! ନିଷ୍ଠୁର ବାସ୍ତବତା ଓ ସମୟର ଆବର୍ତ୍ତ ଭିତରୁ ସେ କଣ ମୁକୁଳି ପାରୁଛି ? ଶ୍ୱାସରୁଦ୍ଧ ଅବସ୍ଥାରେ କେମିତି ବାହାରି ଆସିବ ଭିଡ ଭିତରୁ, ଗହଳ ଚହଳ ପରିବେଶରୁ, ସେଇ ଚିନ୍ତାରେ ବୁଡି ରହୁଛି। ବର୍ତ୍ତମାନର ପ୍ରାଣ ପ୍ରବାହ ଭିଡ଼ ବିନା ସମ୍ଭବ କି, ଗହଳ ଭିତରକୁ ପ୍ରବେଶ ନ କରି ନିଜ ସଂସାରକୁ ବାଟ କଢ଼େଇ ନେବା କଣ ସମ୍ଭବ? ନିରୋଳାରେ ନିଜକୁ ନିଜେ ପ୍ରଶ୍ନ କରି ନିଜର ଅସ୍ତିତ୍ୱ ଖୋଜୁଛି ମଣିଷ।

ପରିବର୍ତ୍ତନ ପରି ବୃଦ୍ଧି ହେବା ବା କମିଯିବା ଏକ ଚିରନ୍ତନ କ୍ରିୟା। କମିଯିବା ସୁଦ୍ଧା ଏକ ପ୍ରକାର ବୃଦ୍ଧି ନକରାତ୍ମକ ଦୃଷ୍ଟି କୋଣରୁ। ଏ ଉଭୟ ବୃଦ୍ଧି କେବଳ ଆବଶ୍ୟକତା ପାଇଁ ବା ଅଭାବ ପାଇଁ ଘଟୁଛି ଏ କଥା ସହଜରେ ବିଶ୍ୱାସ କରାଯାଇ ପାରେ। ବିଶ୍ୱର ଜନସଂଖ୍ୟା

ISSN NO.
2582-208X

ବୃଦ୍ଧି ସହିତ ଧୀରେ ଧୀରେ ଯୋଡ଼ି ହୋଇଗଲା ପ୍ରଗତି ସମୃଦ୍ଧି ଓ ଆଶା ଆକାଂକ୍ଷା। ବିକଶିତ ହେବାର ପ୍ରକ୍ରିୟାରେ ସହଯୋଗ କଲା ବିଜ୍ଞାନ ଓ ପ୍ରଯୁକ୍ତି ବିଦ୍ୟା। ଆୟତନ ବଢିଲା, ବଢିଲା କାମ କରିବାର କ୍ଷେତ୍ର, ଦଳ ଦଳ ହୋଇ ଘୂରି ଘୂରି ଜୀବିକା ଓ ଜୀବନ ଭିତରେ ଛନ୍ଦି ହୋଇ ପଡ଼ିଲେ। ଚତୁର୍ଦ୍ଦିଗରେ ସମ୍ପ୍ରସାରଣର ମାତ୍ରା ଏପରି ସ୍ତରକୁ ଉନ୍ନୀତ ହୋଇ ଉଠିଲା ଯେ, ମନେହେଲା ଭିଡ ବ୍ୟତିରେକ ଇଞ୍ଚିଏ ସୁଦ୍ଧା ଆଗକୁ ଯାଇ ପାରିବ ନାହିଁ ଆଜିର ସମାଜ। ମନ ଭିତରେ ଭିଡ ଅହରହ ଜମି ରହି ନୂଆ ନୂଆ କ୍ଷେତ୍ରର ସନ୍ଧାନ କଲା। ତା' ସାମ୍ରାଜ୍ୟ ବ୍ୟାପୀ ଗଲା ପ୍ରତି ଅଞ୍ଚଳକୁ, ସବୁ ଅଂଶକୁ। ରାସ୍ତାରେ ଭିଡ, ବଜାର ଭିଡ, ଅଫିସ ଭିଡ, ଯାନିଯାତ୍ରା ନଇ କୂଳ ପାର୍କ ହୋଟେଲ ସବୁଠି ହାଉଜାଉ ମଣିଷ, ରକମ ରକମ ବିପଣି। ସେତେବେଳେ ଆବଶ୍ୟକତା ପରିବର୍ତ୍ତିତ ହୋଇଗଲା ଅତିକ୍ରମଣ କରିବାର ଇଚ୍ଛା ରୂପେ। ଦୂରନ୍ତ ଓ ଅପହଞ୍ଚ ମାନଙ୍କୁ ହାତ ମୁଠାରେ ରଖି ନିଜକୁ ସର୍ବୋତ୍ତମ ଓ ସର୍ବଶ୍ରେଷ୍ଠ ରୂପେ ପରିଚିତ କରାଇବା ହୋଇଗଲା ଏକମାତ୍ର ଦର୍ଶନ। ନିଜ ପରିସୀମା ଭିତରେ ରହିବା, ନିଜ ଯୋଗ୍ୟତା, ପ୍ରାପ୍ୟ ଅଥବା ଦାବି ଭିତରେ ବନ୍ଦୀ ହୋଇ ନ ରହି ବିସ୍ତାରିତ ହେବା ଓ ବିସ୍ତାର କରିବା ଇଚ୍ଛାକୁ ବହୁଗୁଣିତ କରିଦେଲା। ପଶିଗଲା ଦୁନିଆର ନାନାଦି ଭିଡର ସାମ୍ରାଜ୍ୟ ଭିତରକୁ ଏ ସବୁ ଚରିତାର୍ଥ କରିବା ପାଇଁ।

ପ୍ରଶ୍ନ ଉଠୁଛି ଭିଡ଼କୁ କେଉଁ ଜାତୀୟ ପ୍ରାଣୀ ଭଲ ପାଆନ୍ତି ଓ କେଉଁ ମାନେ ଘୃଣା କରନ୍ତି ! ଏହା ଦ୍ୱାରା ଯେତିକି  ଲାଭବାନ ହୁଅନ୍ତି ତା ଠାରୁ ବହୁଗୁଣ ହରାଇ ବସନ୍ତି ନିଜର ବହୁମୂଲ୍ୟ ବସ୍ତୁ। ଅପରାଧୀ ଅସାମାଜିକ ବ୍ୟକ୍ତି ଚୋର ତସ୍କର ସୁଯୋଗ ନିଅନ୍ତି, ଯେତେବେଳେ ଜନ ସମାଗମ ଚରମ ସୀମାରେ ପହଞ୍ଚେ, ଧନୀ ନିର୍ଦ୍ଧନ ସାନ ବଡ ସାଧାରଣ ଅସାଧାରଣ ନାରୀ ପୁରୁଷ ସଭିଏଁ ଭିଡ ଭିତରେ ଏକାକାର ହୋଇ ଯାଆନ୍ତି। ଭଲଲୋକ ଖରାପ ଲୋକ ସନ୍ଥ ଅପରାଧୀ କେହି କାହାକୁ ଚିହ୍ନି ପାରନ୍ତି ନାହିଁ। ଘୃଣା କରୁଥିବା, ଭଲ ପାଉନଥିବା ଅଥବା ଇଚ୍ଛା ନ ଥିବା ବ୍ୟକ୍ତି ମଧ୍ୟ ଭିଡ ଭିତରକୁ ପ୍ରବେଶ କରିଯାଏ ନିଜ ଅଜାଣତରେ। ସମୟ ଓ ଜୀବନ ଶୈଳୀ ଦଶକ ପରେ ଦଶକ ଭିଡ଼କୁ ସ୍ଥାନାନ୍ତର କରିଛି। ଏକଦା ସିନେମା ଥିଏଟରରେ ଜମୁଥିଲା ଭିଡ, ପ୍ରବେଶ ଟିକେଟ ପାଇଁ

ISSN NO.
2582-208X

ସଙ୍ଘର୍ଷ କରିବାକୁ ପଡୁଥିଲା, ନ ମିଳିଲେ ହତାଶ ହୋଇ ନିନ୍ଦୁଥିଲା ଭାଗ୍ୟକୁ। ଆଜି ସେଠି ଖାଁ ଖାଁ ଡାକୁଛି, ଜମିଛି ମଲ ମାନଙ୍କର ସିନେପ୍ଲିକ୍ସ ବା ଛୋଟ ଛୋଟ ସୁଦୃଶ୍ୟ ଅଧିକ ମୂଲ୍ୟ ଥିବା ଥିଏଟର। ବଢ଼ିଛି ଯାତ୍ରାର ଭିଡ, ଯେଉଁଠି ଶିଳ୍ପକଳା, ସଂସ୍କାର, ମୂଲ୍ୟବୋଧ, ଶିକ୍ଷା ଅଦୃଶ୍ୟ ହୋଇ ପ୍ରାଧାନ୍ୟ ନେଇଛି ଅଶ୍ଳୀଳତା ଓ ଅପସଂସ୍କାର।

ବହି ଦୋକାନ ସଂଖ୍ୟା କମିଛି ଅନ୍ୟ ଅନେକ ଦୋକାନ ତୁଳନାରେ, ମାତ୍ର କମିନାହିଁ ପୁସ୍ତକ ଭିଡ। ବଢ଼ିଛି ପତ୍ର ପତ୍ରିକା ଓ ଖବର କାଗଜ ସଂଖ୍ୟା, କିନ୍ତୁ ପାଠକ କାହାନ୍ତି? ଘଟଣାର ତୀବ୍ରତା, କାହାଣୀର ପରିମାଣ ସହିତ ବଢ଼ିଛି ଲେଖକଙ୍କ ସଂଖ୍ୟା, ଗଳ୍ପ କବିତା ନାଟକର ଭିଡ ଭିତରେ ଭଲ ଲେଖାଟିଏ ବାରମ୍ବାର ପଢିବାକୁ ଇଚ୍ଛା କରୁଥିବା ସୃଷ୍ଟି ଅଥବା ମନେ ରଖିଲା ଭଳି ସୃଜନ କାହିଁ କେଉଁଠି? ହାଉଜାଉ ଟେଲିଭିଜନ ଚ୍ୟାନେଲ, ଅଗଣନ ସୋସିଆଲ ମିଡ଼ିଆ ମାନଙ୍କରେ କାହାଣୀର ଭିଡ। କିଏ କେତେବେଳେ କେଉଁ ଉଦ୍ଦେଶ୍ୟରଖି କଣ କହୁଛି ତାର ଇୟତ୍ତା ନାହିଁ। ଗୋଟାଏ କଥାକୁ ଜଣେ ଉତ୍ତର ମେରୁ ବୋଲି କହୁଛି ତ ଆଉଜଣେ ଦକ୍ଷିଣ। ସଭିଏଁ ବିଷାଦଗ୍ରସ୍ତ ଅବସ୍ଥାରେ ଅପେକ୍ଷା କରିଛନ୍ତି କିଛି ଗୋଟାଏ ଅନୁକୂଳ ପରିବେଶ ସୃଷ୍ଟି ହୁଅନ୍ତା କି ଏ ଭିଡ ଭିତରେ। କୋଡ଼ିଏ ବର୍ଷ ତଳେ ଯେଉଁଠି ଗହଳ ଚହଳ ଲାଗିଥିଲା ସେଠି ଆଜି ଶ୍ମଶାନର ନିରବତା ଅଥଚ ବଢୁଛି ଭିଡ ନିରୋଳା ସ୍ଥାନ ମାନଙ୍କରେ।

କୁହାଳିଆଙ୍କ ସଂଖ୍ୟା ଆଜି ଅଧିକ, ଶୁଣିବା ଲୋକ କେହି ନାହାନ୍ତି। ମଞ୍ଚରେ ବକ୍ତାଙ୍କ ଭିଡ, ଚଉକି ଉଛୁଳି ପଡୁଛି ମଞ୍ଚରେ, ତଥାପି ରାଗ ରୁଷା ମାନ ଅଭିମାନ, ଆୟୋଜକ ବେହାଲ କେଉଁ ଚଉକିରେ କେଉଁ ଉପାଧି ଦେଇ କାହାକୁ ବସାଇବ, ଶ୍ରୋତା କେହି ନାହାନ୍ତି, ଶୁଣିବାକୁ ଇଚ୍ଛା ମଧ୍ୟ ନାହିଁ। ଦର୍ଶକ ଓ ଶ୍ରୋତା ଯୋଗାଡ କରି ଖାଲି ଚଉକି ପୂର୍ଣ୍ଣ କରିବା ପାଇଁ ଖୁଆଇ ପିଆଇ ମଜୁରୀ ଦେଇ ଘରୁ ଗାଡ଼ିରେ ଆଣି ଶ୍ରୋତାଙ୍କ ସ୍ଥାନ ପୂରଣ ଦ୍ୱାରା କେଉଁ ଲକ୍ଷ୍ୟ ସାଧିତ ହେଉଛି! ପ୍ରତିଯୋଗିତାରେ ଆଶାୟୀଙ୍କ ସଂଖ୍ୟା ଏମିତି ସ୍ତରରେ ଆସି ପହଞ୍ଚିଛି ଯେ କିଏ କୃତକାର୍ଯ୍ୟ ହେବ ନିର୍ଣ୍ଣୟ କରିବା କଷ୍ଟ। ଯୋଗ୍ୟ ପାରଙ୍ଗମ ବ୍ୟକ୍ତିଙ୍କ ଭିଡରୁ କାହାକୁ ନେବ କାହାକୁ ଛାଡ଼ିବ ଚୟନ କର୍ତ୍ତା ନିମନ୍ତେ ସ୍ଥିର କରିବା କାଠିକର।

ISSN NO.
2582-208X

କମ୍ପାନୀର ଉନ୍ନତି ପାଇଁ କିଏ ଯୋଗ୍ୟ ପାରଙ୍ଗମ ଗୁଣବନ୍ତ ପରିଶ୍ରମୀ ନିର୍ବାଚନ ହୋଇ ପାରୁନି ଭିଡ଼ ଭିତରୁ। ଉତ୍ସବାନୁଷ୍ଠାନ ଭୋଜୀ ପଂକ୍ତି ଭୋଜନ ମାନଙ୍କରେ ରକମ ରକମ ଖାଦ୍ୟ ପସରାରୁ ପ୍ରକୃତ ସୁଖ ମିଳୁନାହିଁ,ଜାଣି ହେଉନି ସ୍ୱାଦ। ମାଛ, ମାଂସ, ଅଣ୍ଡା, କୁକୁଡ଼ା, ଚିଙ୍ଗୁଡ଼ି, ପନିର, ଛତୁ ଆଦି ନାନାଦି ବ୍ୟଞ୍ଜନ, ବିବିଧ ରଙ୍ଗ ଓ ସ୍ୱାଦିଷ୍ଟ ଅନ୍ନ, ମିଷ୍ଟାନ୍ନ ଓ ପାନୀୟରୁ ଯଥାର୍ଥ ଭୋଜନ ଜନିତ ଆନନ୍ଦ କଣ ମିଳୁଛି କି ? ଏ ଭିଡ ସଂପୂର୍ଣ୍ଣ ଭୋଜନ ପାଇଁ ଅଭିପ୍ରେତ ନ ହୋଇ ଅଧିକ ପ୍ରଦର୍ଶିତ ହେଉଛି ଅହଙ୍କାର ଦେଖାଣିଆ ଭାବ।

କୋଭିଡ-୧୯ ଶିଖେଇ ଦେଇଛି ଭିଡ଼ର ପରିଣାମ ସତ, ମାତ୍ର ଧାର୍ମିକ ସମାଗମ, ସଭା ସମିତି, ଉତ୍ସବ ଅନୁଷ୍ଠାନ, ପର୍ବ ପର୍ବାଣୀ, ଯାନୀଯାତ୍ରା, ହାଟ ବଜାର, ଟ୍ରେନ, ବସ, ପର୍ଯ୍ୟଟନ ସ୍ଥଳ ଅଥବା ମନ୍ଦିର ମସଜିଦ ଭିଡ ପାଇଁ ଆଜି କଣ ବନ୍ଦ କରିବା ସମ୍ଭବ? ସମୟ ସହିତ ତାଳ ଦେଇ ଚାଲିବ ଜୀବନ, ଅଭିବୃଦ୍ଧି ପ୍ରଗତିକୁ ରାସ୍ତା ଦେଖାଉଥିବ ବିଜ୍ଞାନ ପ୍ରଯୁକ୍ତି ବିଦ୍ୟା, ପରୀକ୍ଷା ନିରୀକ୍ଷା ଓ ଗବେଷଣା। ବାଇ ମହାନ୍ତି ସୁଦ୍ଧା ପୂର୍ବବତ କହି ବୁଲୁଥିବେ, "ହେ ପ୍ରିୟଜନ, ଭୟଭୀତ ନହୋଇ ଭିଡ଼ରୁ ରକ୍ଷା ପାଇବା ପାଇଁ କଣ ଚୁପ୍ ଚାପ୍ ଘର ଭିତରେ ବସିରହିବ! ନିୟନ୍ତ୍ରଣ କରି ସୀମା ରେଖା ଭିତରେ ବ୍ୟବସ୍ଥାକୁ ବାନ୍ଧି ରଖିଲେ ସିନା ଦୁନିଆର ସବୁ ଭିଡ ଆଉ ସମସ୍ୟା ରୂପେ ଦେଖା ନଦେଇ ବଢ଼ିଯିବ ହରେଇବା ଓ ହଜେଇବା ତୁଳନାରେ ପ୍ରାପ୍ତିର ମାତ୍ରା।"

ବି 10/154, କେନ୍ଦ୍ରୀୟ ବିହାର,
ପୋ:ଟମାଣ୍ଡୋ, ଭୁବନେଶ୍ୱର-751028
badrimohanty60@gmail.com

ISSN NO.
2582-208X

# ପୁଅ ଜୁଇଁନ୍ତିଆ



ନିରୁପମା ମିଶ୍ର

ପୁଅର ଶୁଭ କାମନାକରି
ମାଆଁ ହୋଇ ଥାଏ ସେ ଦିନ ବରଧାତ୍ରୀ।
ପୁଅ ପାଇ ଥାଉ ଏକଶହ ଆଠ ବରଷ।
ଦୂବଚାଉଳ ଦେଇ ଦୁଆ ମାଗିଥାଏ ପ୍ରଭୁଙ୍କ ପାଶରେ।
ଆମର ସଂସ୍କୃତି ଆମ ପରଂପରା।
ବାରମାସ ରେ ତେର ପର୍ବ ଭରା।
୨୧ ପରକାର ଫଳମୂଳ ଆଣି।
ନୂତନ ବସ୍ତ୍ର ପିନ୍ଧି ପୂଜା କରିଥାଏ କେତେ ଖୁସିରେ ପୁଣି।
ଦୂତିବାହାନଙ୍କ ପୂଜା ସାରି।
ପୁଅଝିଅ ର ଶୁଭ ମଂଗଳ କାମନା କରି।
ମାଆ ଇହଲୋକ ରୁ ଗଲାପରେ
ପୁଅଝିଅ ଦାନ କରିଥାନ୍ତି ମାତ୍ରୁ ନବମୀ ରେ।
ଯୁଗ ଯୁଗରୁ ରହି ଆସିଅଛି ମାତା
ପୁତ୍ର ର ବାତ୍ସଲ୍ୟ ମମତା।
ଏକଥା ଟି ସତ୍ୟ ନୁହଁ ଅନ୍ୟଥା।
ପୁତ୍ର ଯେତେ ବଡ ହେବାକୁ ଦିଶେ।

ISSN NO.
2582-208X

ମାତା  ଆଖି ରେ ସେ ସର୍ବଦା ଶିଶୁଟି ପରି ଦିଶେ ।
ଯାହାର ଯାହା ରହିଛି ପରଂପରା।
ପାଳନ କରିବା, କରୁଥିବା ଜୀବନ ସାରା ।
ମୁସଲମାନ , ଖ୍ରୀଷ୍ଟ, ଅବା ଶିଖ୍ ପରିବାର ।
ପୂଜାବ୍ରତ ନକଲେ ବି ସେନେହ ,
ମମତା ରହିଛି ତାଙ୍କର ।
ବଞ୍ଚିଥିବା ଯାଏଁ ସଭିଏଁ,
ସଭିଙ୍କୁ ସେନେହ , ଶରଧା କରିବା ଆଦର ।
ମଲାପରେ କିଏ ନୁହଁ କାହାର ।
ହିଂସା, ଅହଂକାର , ଅହମ୍ ଭାବ ତିୟାଗ କରି ।
ସଭିଏଁ ରହିବା ଏକାଠି ମିଳିମିଶି କରି ।
କେହି କାହା ମନରେ ନ ଦେବା ବାଧା।
ଏକଥା ଟି ମନେ ରଖିଥିବା ସର୍ବଦା।

ଚନ୍ଦ୍ର ଶେଖର ନଗର, ବଲାଙ୍ଗିର

ISSN NO.
2582-208X

# ଘୁଙ୍ଗୁର ବାନ୍ଧିଲି !



ଅଜିତ କୁମାର ରାଉତ

ଘୁଙ୍ଗୁର ବାନ୍ଧିଲି ଭକ୍ତିରେ ତୋହରି
ନାଚିଲି ଆଗରେ ତୋର,
ନ ଦେଲ ଦର୍ଶନ ନ କହିଲ କିଛି
କହହେ କଳା ଠାକୁର ?
କିବା ଅପରାଧ ମୋର,
ବୁଝି ପାରେ ନାହିଁ କହିବି ବା କିସ
ବୋଲାଉ କରୁଣାକର !

ଦୀପ ଜାଳି ଥିଲି ଭକ୍ତିରେ ତୋହରି
ଗୃହ ଅଗଣାରେ ମୋର
ଭାବି ଥିଲି ମନେ ଦର୍ଶନ ଦେବ ହେ
ଗାଉ ଥିଲି ନାମ ତୋର !
କହ ବ୍ରହ୍ମାଣ୍ଡ ଈଶ୍ୱର
ଦେଖିବାକୁ ଇଚ୍ଛା ଥିଲା ଦିବ୍ୟ ରୂପ
କାହିଁ ନ ଦେଲ ନଜରେ ?

ISSN NO.
2582-208X

ଘର ତୋଳି ଥିଲି ଗୃହସ୍ଥା ଧର୍ମର
ଶାସ୍ତ୍ରେ ଜାଣି ଥିଲି ଯାହା
ଗୃହ ଧର୍ମତୁମ୍ଭେ ଶ୍ରେଷ୍ଠ କହି ଥିଲ
ପାଳୁ ଅଛି ମୁହିଁ ତାହା !
ଗୃହ ଧର୍ମେ ଅଛି ଯାହା
ତଥାପି କାହିଁକି ନିଷ୍ଠୁର କାଳିଆ
ନ ହେଉଛ କିମ୍ପା ସାହା ?

ରଙ୍ଗୋଲି ଲେଖିଛି ଭକ୍ତିରେ ତୋହରି
ଆସିବୁ କାଳିଆ ବଲି
ଖୋଜି ନ ପାରୁଛି ଦିବ୍ୟ ରୂପ ତୋର
ସତୁରୀ ବର୍ଷର ହେଲି !
ମାଂସ ଯାଏ ଝୁଲି ଝୁଲି
ଅନ୍ତିମ କାଳର ହୋଇଛି ପ୍ରଭୁ ହେ
ଯାଏ ସବୁ ଚିନ୍ତା ଭୁଲି !

ସଭାପତି, ଉତ୍କଳ ସମ୍ମିଳନୀ ଷଢେଇକଳା ଖରସୁଆଁ ଜିଲ୍ଲା
ରାଜନଗର ବ୍ଲକ ଶାଖା, ଝାଡ଼ଖଣ୍ଡ/ମୋ:- ୬୨୦୫୩୪୩୫୬୯

ISSN NO.
2582-208X

# ମରିବାକୁ ଲାଗେନାହିଁ ଡର



ବିନୟ ମହାପାତ୍ର

ମରିବାକୁ ଲାଗ ନାହିଁ ଡର
ଖାଲି, ଡର ଲାଗେ,
କାଳ ବଳେ, କାଳେ ଆମ
ସଙ୍ଗ ତୁଟିଯିବ ।
ଜଣା ନାହିଁ, ଆମେ କେବେ
ପ୍ରେମ କରୁଥିଲେ, ଅବା ନାହିଁ,
ତଥାପି, ଆମର ଏ ପ୍ରାଣର ବନ୍ଧନ,
କେତେ ଯେ ନିବିଡ ଥିଲା,
ହେଲେ ଆମ ସମ୍ପର୍କର ନାମ କଣ
ବିସ୍ତାରରେ କହିଦେବ କିଏ ?
ଏ ଦୁନିଆଁରେ କିଏ ବା ବୁଝିଛି ପ୍ରେମକୁ
ବାସ୍ତବରେ ପ୍ରେମ କଣ
ଥରେ ଆମକୁ ବୁଝାଇ କହିବ !
ଜୀବନର ସଂଧ୍ୟା ଘୋଟିଆସେ,
ପ୍ରେମ କଣ ଆଉ ଥରେ ବୁଝିବାକୁ
ଆମ ପାଖେ ସତେ ଆଉ,
ନିରୋଳାର କିଛି ବେଳ
ବାକି ଥିବ କି ନଥିବ !

ISSN NO.
2582-208X

ତୁମେ ସାଥିରେ ଥିଲେ
ଲାଗେ ସତେ,
ଦୁନିଆଁର ସବୁ ସୁଖ ଅଣ୍ଟିରେ ଭରିଛି,
ତୁମେ ଥରେ ହସିଦେଲେ,
ଲାଗେ ସତେ, ଆକାଶରେ ଜହ୍ନ ହସୁଛି ।
କେବେ ଯଦି ତୁମ ମୁହଁ ସୁଖିଯାଏ
ଲାଗେ ସତେ,
ଆକାଶରେ ମେଘ ଢାଙ୍କିଆସେ,
କେବେ ତୁମେ ରୁଷିଗଲେ
ଜହ୍ନ ବି ରୁଷିଯାଏ,
କଳା ବାଦଲର ଓଢଣୀରେ
ମୁହଁ ତାର ଢାଙ୍କିନିଏ ।

ତୁମେ ଦିନେ ଆସିଥିଲ
ହୃଦୟରେ ମୋ ବସା ବାନ୍ଧିନେଲ,
ମୋ ହୃଦୟ ତୁମର ଘର ହୋଇଗଲା
ତୁମ ଲାଗି ଦୁନିଆଁଟା ଭାରି ଭଲଲାଗେ,
ହୃଦୟଟା ଭରପୁର ଲାଗେ ।
ତୁମ ହୃଦୟ, ମୋର ନିର୍ଭୟ ଆଶ୍ରୟ,
ତୁମ ବିନା ଜୀବନକୁ ଭାବିବାକୁ
ମନେ ଭୟ ଜାଗେ ।
ତୁମରି ପ୍ରେମ ସମୁଦ୍ରରେ,
ନିର୍ଭୟରେ ଭାସୁଛି ମୁଁ,
ତଥାପି ଡର ଡର ଲାଗେ,
ଜଳ ବିନା ମନ ମୀନ, ବଞ୍ଚିବ କିପରି
ଭାବି ଦେଲେ ଥରେ, ଦେହ ଥରିଯାଏ,
ମନେ ଭୟ ଜାଗେ ।

ପଟିଆ, ଭୁବନେଶ୍ୱର

ISSN NO.
2582-208X

# ବୀରା ରାଣୀ ଚେନ୍ନମ୍ମା



ସୁଧାଂଶୁ ଶେଖର ଦ୍ୱିବେଦୀ

ବୀରା ରାଣୀ ଚେନ୍ନମ୍ମା କର୍ଣ୍ଣାଟକ ରାଜ୍ୟର ଛୋଟ ଏକ ପ୍ରାନ୍ତ କିତ୍ତୁର୍ ମହାରାଜା ମଲ୍ଲସର୍ଜଙ୍କ ସାନ ରାଣୀ ଥିଲେ ।୧୮୭୮ ମସିହା ଅକ୍ଟୋବର ମାସ ୨୩ ତାରିଖରେ କିତ୍ତୁର୍ ର କାକତୀୟ ରାଜ ବଂଶରେ ଜନ୍ମିଥିବା ରାଣୀ ଚେନ୍ନମ୍ମା ଅନେକ ଭାଷାର ଜ୍ଞାତା, ଘୋଡା ଚାଳକ ଏବଂ ଅସ୍ତ୍ର-ଶସ୍ତ୍ର ସଂଚାଳନରେ ଦକ୍ଷ ଥିଲେ। ସ୍ୱାଭିମାନି କଳାପ୍ରେମୀ ବାହାଦୂର ରାଜା ମଲ୍ଲସର୍ଜ କିତ୍ତୁର୍ କୁ ସମ୍ପନ୍ନ ରାଜ୍ୟ ନିର୍ମାଣ କରିବା ଲାଗି ମନରେ ପ୍ରବଳ ଇଚ୍ଛା ରଖିଥା'ନ୍ତି। ପୁନାର ପେଶୱାଙ୍କ ସହିତ ମତଭେଦ କାରଣରୁ ତାଙ୍କୁ ବନ୍ଦୀ କରି ଜେଲରେ ରଖିଲେ। ୧୮୧୬ ମସିହା ରେ ତାଙ୍କର ଦେହାବସାନ ବାଦେ ରାଣୀ ଚେନ୍ନମ୍ମା ରାଜକାର୍ଯ୍ୟର ଦାୟିତ୍ୱ ବହନ କଲେ। ନିଜର ତଥା ବଡ଼ ରାଣୀଙ୍କ ପୁତ୍ରଙ୍କର ଅଳ୍ପାୟୁରେ ମୃତ୍ୟୁବରଣ ହେତୁ ରାଣୀ ଚେନ୍ନମ୍ମା ଦତ୍ତକ ପୁତ୍ର ଗୁରୁଲିଙ୍ଗ ମଲ୍ଲସର୍ଜଙ୍କର ରାଜ୍ୟାଭିଷେକ କରିବାକୁ ଆୟୋଜନ କରୁଥା'ନ୍ତି। ଇତ୍ୟବସରରେ ଇଂରେଜମାନେ ଷଡ଼ଯନ୍ତ୍ର କରି ଦେଶଦ୍ରୋହୀ ସର୍ଦ୍ଦାରମାନଙ୍କୁ ନିଜ ପକ୍ଷରେ କରିନେଲେ। ଧାର ୱାଡ୍ ର କଲେକ୍ଟର ଥେକରେ ଦତ୍ତକ ପୁତ୍ର ଗୁରୁଲିଙ୍ଗ ମଲ୍ଲସର୍ଜଙ୍କୁ କିତ୍ତୁର୍ ରାଜ୍ୟର ଉତ୍ତରାଧିକାରୀ କରିବାକୁ ମନା କରିଦେଲେ ଏବଂ ରାଜ୍ୟକୁ ଅନୁଚିତ ନୀତି ଅନୁସାରେ ବିଲୟ କରିବାକୁ ଯୋଜନା କଲେ। ଥେକରେ ରାଣୀ ଚେନ୍ନମ୍ମାଙ୍କୁ ଆଦେଶ ଦେଲେ ଯେ ରାଜ୍ୟର ସଂରକ୍ଷିକା ପଦକୁ ପରିଶୋଧ କରନ୍ତୁ ଏବଂ ସମସ୍ତ ଅଧିକାର ରାଜ୍ୟର କୋଷାଧ୍ୟକ୍ଷ ମଲ୍ଲପା ସେଟ୍ଟୀଙ୍କ ହାତରେ ସମର୍ପଣ କରି ଦିଅନ୍ତୁ।

ISSN NO.
2582-208X

ରାଣୀ ପୂର୍ବରୁ ଜାଣିଥାନ୍ତି କୋଷାଧ୍ୟକ୍ଷ ମଲ୍ଲପା ସେଟ୍ଟୀ ଓ ଭେଙ୍କଟରାଓ ଦୁହେଁ ଇଂରେଜଙ୍କ ନିକଟରେ ବିକ୍ରି ହୋଇ ସାରିଛନ୍ତି। ଯାହାଫଳରେ ରାଜ୍ୟର ବାହାର ଓ ଆନ୍ତରିକ କ୍ଷେତ୍ର ଇଂରେଜଙ୍କ ଦ୍ୱାରା ଆବଦ୍ଧ ହୋଇ ସାରିଥାଏ। ଏଭଳି ଘଡି ସନ୍ଧି ମୁହୂର୍ତ୍ତରେ ରାଣୀ ଚେନ୍ନମ୍ମା ଇଂରେଜଙ୍କ ସହିତ ଯୁଦ୍ଧ କରିବାକୁ ଆହ୍ୱାନ ଦେଇ କହିଲେ -ଏ ଯୁଦ୍ଧ କେବଳ କିତ୍ତୁର୍ ପାଇଁ ନୁହେଁ, ଆମର ପୁଣ୍ୟ ଭୂମି ଭାରତ ପାଇଁ ଯୁଦ୍ଧ ହେବ।

ଜଣ ଜଣ ହୋଇ ସମସ୍ତ ଜନତା ରାଣୀଙ୍କ ଆହ୍ୱାନକୁ ସମର୍ଥନ କଲେ। ଗୁରୁ ସିଦ୍ଧପ୍ପା, ବାଲଣା, ରାୟଣା, ଜଗବୀର ଓ ଚେନ୍ନାବାସପ୍ପା ଭଳି ମହା ବଳଶାଳୀ ଯୋଦ୍ଧା ରାଣୀଙ୍କ ସପକ୍ଷରେ ଛିଡାହେଲେ। ରାଣୀଙ୍କର ପଦିଏ ଆହ୍ୱାନରେ ସଂପୂର୍ଣ୍ଣ କିତ୍ତୁର୍ ବାସୀ ଯୁଦ୍ଧର ପ୍ରସ୍ତୁତିରେ ଲାଗି ପଡ଼ିଲେ। ସ୍ୱୟଂ ରାଣୀ ଚେନ୍ନମ୍ମା ଯୁଦ୍ଧ ପୂର୍ବରୁ ସୁଚାରୁ ରୂପେ ନିରୀକ୍ଷଣ କରି ସଭିଙ୍କୁ ଉତ୍ସାହିତ କରୁଥାନ୍ତି। କ୍ରମଶଃ ଇଂରେଜ ସୈନ୍ୟ ଦଳ କିତ୍ତୁର୍ କୁ ଚାରିପାଟରୁ ଘେରିନେଲେ। ୧୮୨୪ ମସିହା ସେପ୍ଟେମ୍ବର ୨୩ ତାରିଖରେ ରାଣୀ ଚେନ୍ନମ୍ମା ଇଂରେଜଙ୍କ ସହିତ ଲଢ଼ିବା ପାଇଁ କିଲ୍ଲାର ଫାଟକ ଖୋଲିଲେ। ସ୍ୱୟଂ ଯୁଦ୍ଧର ସଂଚାଳନ କରିବା ସହିତ ଜଣେ ବୀରା ଯୋଦ୍ଧା ବେଶରେ ସିଂହୀ ସଦୃଶ ଗର୍ଜନ କରି ଇଂରେଜ ସୈନିକଙ୍କୁ ତୀର ଏବଂ ତରବାରିରେ ଜଣେ ପରେ ଜଣକୁ ମାରିଚାଲିଲେ। ଘମାଘୋଟ ଯୁଦ୍ଧ ଚାଲିଲା। ରାଣୀ ଚେନ୍ନମ୍ମାଙ୍କ ତରବାରି ପବନଠାରୁ ଅଧିକ ବେଗରେ ଇଂରେଜ ସୈନିକଙ୍କ ମୁଣ୍ଡ କାଟି ଚାଲିଥାଏ। ରଣଭୂମିରେ ଶତ୍ରୁ ସୈନିକଙ୍କ ଶବ ବିଛାଡି ପଡିଲା। ରାଣୀ କଲେକ୍ଟର ଥେକରେଙ୍କୁ ମଧ୍ୟ ଅକ୍ତିଆର କରି ନିଜ ତରବାରି ଚୋଟରେ ମାରିଦେଲେ। ଥେକରେ ସାହେବ୍ ଙ୍କ ମୃତ୍ୟୁ ଦେଖି ଅବଶିଷ୍ଟ ସୈନିକ ଭୟରେ ରଣଭୂମି ତ୍ୟାଗ କରି ପଳାଇଲେ। ଦେଶଦ୍ରୋହୀ, ଜାତିଦ୍ରୋହୀ ମଲ୍ଲପ୍ପା ସେଟ୍ଟୀ ଓ ଭେଙ୍କଟ ରାଓକୁ ବନ୍ଦୀ କରି କାରାଗାରକୁ ନିଆଗଲା। ପରେ ଦୁହିଙ୍କୁ ଦେଶଦ୍ରୋହୀ ଅପରାଧୀ ଭାବେ ଫାଶୀ ଦିଆ ଯାଇଥିଲା।

ଏହି ଘଟଣା ପରେ କିତ୍ତୁର୍ ଆଖପାଖ ପଡୋଶୀ ରାଜ୍ୟର ରାଜାମାନଙ୍କ ମଧ୍ୟରେ ଇଂରେଜ ବିରୁଦ୍ଧରେ ଲଢ଼ିବାପାଇଁ ଉତ୍ସାହ ଜାଗି ଉଠିଲା। ଇଂରେଜ ସେମାନଙ୍କର ଉତ୍ସାହକୁ ଦମନ କରିବା ପାଇଁ ୧୮୨୪ ମସିହା ଡିସେମ୍ବର ୩ ତାରିଖରେ ବିଶାଳ ଆକାରର ସୈନ୍ୟଙ୍କ

ISSN NO.
2582-208X

ସହାୟତାରେ ପୁଣିଥରେ କିତ୍ତୁର୍ ଆକ୍ରମଣ କଲେ। ଇଂରେଜ ସେନାଙ୍କ ସଂଖ୍ୟା ମାତ୍ରାଧିକ ଏବଂ ଉନ୍ନତମାନର ମାରଣାସ୍ତ୍ରରେ ସମୃଦ୍ଧ ଥିବା ସତ୍ତ୍ୱେ ରାଣୀ ଚେନ୍ନମ୍ମା ଏବଂ ତାଙ୍କ ସାଥୀ ଯୋଦ୍ଧାମାନେ ଆତ୍ମବଳ ସାହାସରେ ଇଂରେଜ ସୈନିକଙ୍କୁ ପରାସ୍ତ କରିଦେଲେ। ଇଂରେଜମାନେ ଏଭଳି ଶୋଚନୀୟ ପରାଜୟ ରେ ସ୍ତବ୍ଧ ଚକିତ ହୋଇ ପୁନଃ ସୁଚିନ୍ତିତ ଯୋଜନାବଦ୍ଧ ଅନୁସାରେ ତୃତୀୟ ଥର କିତ୍ତୁର୍ ପ୍ରତି ଆକ୍ରମଣ କଲେ। ରାଣୀ ଚେନ୍ନମ୍ମା ନିଜ ସୈନ୍ୟଦଳ ଓ ବୀର ଯୋଦ୍ଧାଙ୍କ ସହାୟତାରେ ତୁମୁଳ ସଂଗ୍ରାମ କରୁଥା'ନ୍ତି। କିନ୍ତୁ ବିଶ୍ୱାସ ଘାତକ ମଲ୍ଲପ୍ପା ସେଟ୍ଟୀର ବିଶ୍ୱାସପାତ୍ର କିତ୍ତୁର୍ କିଲ୍ଲାର ସଂରକ୍ଷକ ଶିବବାସପ୍ପା ଇଂରେଜଙ୍କ ସହିତ ସମ୍ମିଳିତ ହେଇଗଲା। ଫଳରେ କିଲ୍ଲାର ସମସ୍ତ ପ୍ରକାର ଭେଦ ଇଂରେଜମାନେ ଜାଣିଗଲେ। ଶିବବାସପ୍ପା ସହାୟତାରେ ଇଂରେଜ ସୈନ୍ୟଦଳ କିଲ୍ଲା ରେ ସଂରକ୍ଷିତ ବାରୁଦକୁ ନଷ୍ଟ କରିଦେଲେ। ଯାହାଦ୍ୱାରା ଯୁଦ୍ଧରେ ରାଣୀଙ୍କର ପରାଜୟ ହେଲା। ରାଣୀ ଓ ତାଙ୍କ ପୁତ୍ରବଧୂ ଜାନକୀ ଦେବୀଙ୍କୁ ଇଂରେଜମାନେ ବନ୍ଦୀ କରିନେଲେ। ରାଣୀଙ୍କ ବିଶ୍ୱାସପାତ୍ର ରାୟଣା, ବାଲଣା, ଜଗବୀର ତଥା ଚେନ୍ନାବାସପ୍ପାଙ୍କୁ ଇଂରେଜ ସରକାର ଫାଶୀ ଦେଲା। ମର୍ମାହତ ରାଣୀ ଚେନ୍ନମ୍ମା ୧୮୨୯ ମସିହା ଫେବୃଆରୀ ୨ ତାରିଖରେ ଜେଲ ଭିତରେ ଥାଇ ସହିଦ ହୋଇ ଯାଇଥିଲେ। ଜଣେ ବୀରାଙ୍ଗନା ରାଣୀ ଭାବେ ଚେନ୍ନମ୍ମାଙ୍କର କାହାଣୀ ଇତିହାସ ପୃଷ୍ଠାରେ ଲିପିବଦ୍ଧ ହୋଇ ଚିରଦିନ ଲାଗି ଅମର ହୋଇ ରହିଲା।

ବିସି-୭୪, ସେକ୍ଟର-୧,
ସଲ୍ଟ ଲେକ୍, କୋଲକତା
email-dwibedysudhansu@gmail.com

ISSN NO.
2582-208X

# ସୁଖ ଦୁଃଖ ଦୁହେଁ ଯାଆଁଳା ଭାଇ



ମନ୍ଦାକିନୀ ପାଢ଼ୀ

ଚାରିକାନ୍ଥର ଛାତତଳେ ଅସୀମ
ବୋଝ ଏହି ସଂସାରର
ସକାଳ ସଞ୍ଜ ସ୍ୱପ୍ନର ସହରରେ
ମାୟାଜାଲ ସଂପର୍କର ।।

ସହିବାକୁ ହୁଏ ଏଠି ଅସହଣି
ପବନର ଧକ୍କାକୁ
ହସକାନ୍ଦ ସୁଖ ଦୁଃଖର ଅନୁଭବ
ଶାନ୍ତି ପ୍ରୀତି ସ୍ଥାପିବାକୁ ।।

ଦୁଃଖ ପରିଚିତ ସାଥିଟିଏ ସଭିଙ୍କ
ସ୍ୱପ୍ନର ଇଲାକାରେ
ସାଗର ତୃଷ୍ଣାରେ ଉନ୍ମୁକ୍ତ ପ୍ରାନ୍ତରେ
ରହେ ସେ ଗୋପନୀୟରେ ।।

ସବୁକାଳେ ଭିନ୍ନ ଭିନ୍ନ ଅନୁଭବ
ବାଲ୍ୟ କୈଶୋର ଯୌବନ

ISSN NO.
2582-208X

ଜୀବନ ହୁଏ ଏଠି ଶେଷ ପାହାଚ
ବୃଦ୍ଧା ତା'ର ଅଟେ ନାମ ।।

ଯନ୍ତ୍ରଣା ସହି ଶୀର୍ଷରେ ପହଞ୍ଚିଲେ
ସୁଖ ଆସେ ଆପେଆପେ
ମୋହ ମାୟା ବିବର୍ଜିତ ନିର୍ଲିପ୍ତରେ
ନିଦ୍ରା ଯାଏ ସୁଖ ଶେଯରେ ।।

ରାବଣର ଦର୍ପ କଂସର ପ୍ରତାପ
ସମୁଦ୍ରର ଶୋଷ ଦୁଃଖ
ଦୁଃଖ ପାଇଁ ରାଜାପୁଅ ହୁଏ ଯୋଗୀ
ଯନ୍ତ୍ରଣା ଦିଏ ସଂପର୍କ ।।

ସତ୍ୟ କିନ୍ତୁ ସର୍ବଦା ଝଟକୁ ଥାଏ
ବିଶୁଦ୍ଧ ସୁବର୍ଣ୍ଣ ପରି
ଦୁଃଖ ତାର ନିଆଁରେ ଜଳାଏ ସିନା
ଦିଏ ସୁଖ ଦୁନିଆଁ ଟି ।।

ରାଜନୀତି ବିଜ୍ଞାନ ଅଧ୍ୟାପିକା
ପଦ୍ମପୁର, ବରଗଡ଼

ISSN NO.
2582-208X

# ସାହିତ୍ୟ ଜୀବନ ବାର୍ତ୍ତା



ଦିଲ୍ଲୀପ ଶତପଥୀ

ରକ୍ତ ମାଂସ ତନ ମଣିଷ ଜୀବନ
ସମାଜ ରେ ବାସ ସ୍ଥାନ,
ନିଜେ ଖାଏ ପିଏ ନିଜ ପାଇଁ ଜିଏଁ
କା ପାଖେ ନ ରଖେ ମନ ।

ଆମ ପିତା ମାତା ହେଲେ ଜନ୍ମଦାତା
ସାଥି ଭଉଣୀ ଓ ଭାଇ,
ପତ୍ନୀ ଅର୍ଦ୍ଧାଙ୍ଗିନୀ ଜୀବନ ସଙ୍ଗିନୀ
ପୁତ୍ର କନ୍ୟା ନିଜ ଛାଇ ।

ଗୁରୁ ପ୍ରଣମିଲି ଅକ୍ଷର ଶିଖିଲି
ପଢ଼ିଲି ନାନାଦି ପାଠ,
ବିଜ୍ଞାନ ଗଣିତ ଭୂଗୋଳ ସଂସ୍କୃତ
ସାହିତ୍ୟେ ହଜିଲା ଚିତ୍ତ ।

କଥାକୁହା ଢଙ୍ଗ ଭାବରେ ତରଙ୍ଗ
ଆଣିଲା ସାହିତ୍ୟ ବାଣୀ,
ଗଣିତ ରାଣୀ ର ଓଢଣୀ କୁ ଟାଣି
ଦେଖିଲି ସାହିତ୍ୟ ଠାଣୀ ।

ISSN NO.
2582-208X



ଦୂର ହେଲା ମୋର କ୍ରୁର ବ୍ୟବହାର
ହୋଇଲି ସଭିଙ୍କ ପ୍ରିୟ
ଭାଷା ଶାଳୀନତା କଥାରେ ନମ୍ରତା
ସାହିତ୍ୟ ରେ ରଖି ଲୟ ।

ଗଣିତ ବିଜ୍ଞାନ ଦେଲା ସିନା ଧନ
ନ ପାଇଲି ସୁସ୍ଥ ମନ,
ଗଳ୍ପ ଉପନ୍ୟାସ କବିତା ପ୍ରବନ୍ଧ
କରିଲେ ଭାବପ୍ରବଣ ।

ଗୀତା ଭାଗବତ ଶ୍ରୀରାମ ଚରିତ
ମହାଭାରତ ର କଥା,
ରୀତି ଯୁଗ ଲେଖା କାବ୍ୟ ଓ କବିତା
ପଢି ନଇଁଯାଏ ମଥା ।

ପଢିବା ଲେଖିବା ଧାରା ରେ ପଡିଲେ
ଜୀବନ ହେବ ସରଳ,
କଳା ସଂସ୍କୃତି ର ଉନ୍ନତି ଦେଖିଲେ
ପାଷାଣ ହେବ ତରଳ ।

ଥିବା ଯାଏ ପ୍ରାଣ ହେ ଚକାନୟନ
ମାଗୁଣି ହେ ତ୍ରାଣ କର୍ତ୍ତା,
ଭାଷାର ଉନ୍ନତି ସମାଜ ପ୍ରଗତି
ସାହିତ୍ୟ ଜୀବନ ବାର୍ତ୍ତା ।

ମାତୃ ପିତୃ କୃପା, 508, ନୁଆସାହି
ନୂଆପଲ୍ଲୀ, ଭୁବନେଶ୍ୱର 751012
ଫୋନ 9437175764

ISSN NO.
2582-208X

# ରେ କଲମ



ବିଜୟଲକ୍ଷ୍ମୀ ସାମଲ

ବୁଝିଲୁ ତୁ ଭାରି ଅମାନିଆ ହଉଛୁ,
ମନ ମତାଣିଆ କାମ ତୁ କରୁଛୁ।
ଶବ୍ଦ ଆସିଲେ ତୁ ଅଟକାଇ ଦେଉଛୁ,
କେତେବେଳେ ତୁ ଶବ୍ଦର ସମୁଦ୍ରରେ ପୃଷ୍ଠା ପୂର୍ଣ୍ଣ କରିଦେଉଛୁ ।

ପର-ଆପଣାର ବିଚାର ତୁ କରିନାହୁଁ,
ନ୍ୟାୟର ଗାଥା ଲେଖିବାକୁ ଡରିନାହୁଁ ।
ମଣିଷ ମୁହଁରେ ହୁଏ ତ ମିଛ ଉଙ୍କି ମାରିଛି,
ତୋ ଲେଖନୀ ମୁନରେ ସତ୍ୟତା ଭରି ରହିଛି ।

ଉଚ୍ଚ-ନୀଚ ର ଭେଦ ଭାବ କରିନାହୁଁ,
ତୋ ମନର କଷ୍ଟ କାହାକୁ କେବେ କହିନାହୁଁ।
ତୁଚ୍ଛ ମଣିଷ ଯଦି ପ୍ରଶ୍ନ କରେ
ଏ କଲମ ପରା ନିର୍ଜୀବ ତା ମନରେ ଭାବନା ଆସିବ କେଉଁଠୁ ?

ISSN NO.
2582-208X

ପ୍ରତ୍ୟେକ ପ୍ରଶ୍ନର ଉତ୍ତରରେ କୁହାଯିବ
ଏହି କଲମ ପରା ପ୍ରତ୍ୟେକ ଶବ୍ଦକୁ ଜୀବନ୍ତ କରୁଛି ।
କଲମକୁ ନିର୍ଜୀବ କହୁଥିବା ରେ ମଣିଷ
ତୁମେ ନିଜ ମୂର୍ଖାମିର ପରିଚୟ ଦେଉଛ ।

ସ୍ନାତକୋତ୍ତର ଦ୍ୱିତୀୟ ବର୍ଷର ଛାତ୍ରୀ
ଓଡିଆ ଭାଷା-ସାହିତ୍ୟ ବିଭାଗ
ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟ

ISSN NO.
2582-208X

# ଏକବିଂଶ ଶତାବ୍ଦୀର ଓଡିଆ କବିତାରେ ସାମାଜିକ ଚିତ୍ର



ଡକ୍ଟର ବିକ୍ରମ ବେହେରା

ଏକବିଂଶ ଶତାବ୍ଦୀର ଓଡିଆ କବିତା ନୂଆ ପାଣିପାଗ ଓ ପୃଷ୍ଠଭୂମିରୁ ସୃଷ୍ଟି ହୋଇଛି । ଭାରତରେ ଜଗତୀକରଣ ୧୯୯୧-୯୨ ମସିହାରେ ସୃଷ୍ଟି ହୋଇଛି । ଏହି ନୂତନ ବ୍ୟବସ୍ଥା ଯୋଗୁଁ ଭାରତରେ ଆର୍ଥନୀତିକ-ସାମାଜିକ କ୍ଷେତ୍ରରେ ବ୍ୟାପକ ପରିବର୍ତ୍ତନ ସୃଷ୍ଟି ହୋଇଛି । ୧୯୮୦ ମସିହା ପରବର୍ତ୍ତି ସମୟରେ ଭାରତ ଏକ ବିକଶିତ ରାଷ୍ଟ୍ର ଆଡକୁ ଗତିକରୁଥିଲା । ନୂଆ ଶିଳ୍ପ ସ୍ଥାପନା ସହିତ କୃଷି କ୍ଷେତ୍ରରେ ଯନ୍ତ୍ରାଂଶରେ ବ୍ୟବହାର ଯୋଗୁଁ ଗ୍ରାମିଣ ବ୍ୟବସ୍ଥା ସୁଧୁରିବାକୁ ଆରମ୍ଭ କଲା । ନିଯୁକ୍ତି ସୁଯୋଗ ସୃଷ୍ଟି ଓ ଶିକ୍ଷା ବିସ୍ତାର ଯୋଗୁଁ ୧୯୮୦ ମସିହା ପରବର୍ତ୍ତି ଭାରତର ସାମାଜିକ କ୍ଷେତ୍ରରେ ପରିବର୍ତ୍ତନ ଆସିଲା । ଏହି ପରିବର୍ତ୍ତନର ଚିହ୍ନ ଓଡିଶା କ୍ଷେତ୍ରରେ ମଧ୍ୟ ସୃଷ୍ଟି ହୋଇଛି । ୧୯୮୦ ମସିହା ପରବର୍ତ୍ତି କାଳରେ ଓଡିଶାରେ ନୂତନ ସହର ନିର୍ମାଣ ଓ ଶିଳ୍ପ ସ୍ଥାପନା ଯୋଗୁଁ ଓଡିଶାର ଅର୍ଥନୀତିକ ସ୍ଥିତିପୂର୍ବ ଅପେକ୍ଷା ସୁଦୃଢ ହୋଇଛି । ଏହି ପରବର୍ତ୍ତି ପାଣିପାଗରୁ ଯେଉଁ ସାହିତ୍ୟ ସୃଷ୍ଟି ହୋଇଛି ଏହାକୁ ଉତ୍ତର ଆଧୁନିକ ଚେତନାର ସାହିତ୍ୟ ( ୧୯୮୦-୨୦୦୦ ) ବୋଲି କୁହାଯାଇଛି । ଅତଏବ ୨୦୦୧-୨୦୨୪ ଏହି ଚବିଶ ବର୍ଷର ସାହିତ୍ୟକୁ ଏକବିଂଶ ଶତାବ୍ଦୀର ସାହିତ୍ୟ ରୂପେ ବିଚାର କରାଯାଇଛି । ଏକବିଂଶ ଶତାବ୍ଦୀର ସାହିତ୍ୟ ମୁଖ୍ୟତଃ ଜଗତୀକରଣର ସାହିତ୍ୟ । ଜଗତିକରଣର ସାଂସ୍କୃତିକ, ସାମାଜିକ, ଆର୍ଥନୀତିକ ପରିବର୍ତ୍ତନ ଏହାର ପୃଷ୍ଠଭୂମି ଜଗତିକରଣ ଯୋଗୁଁ ଆମ ସମାଜରେ ଓ ଜୀବନ ଧାରାରେ ଆସିଥିବା ପରିବର୍ତ୍ତନ ଏହାର ସ୍ୱର ।

ISSN NO.
2582-208X

ଜଗତୀକରଣ ଏକ ଆର୍ଥନୀତିକ ବ୍ୟବସ୍ଥା । ରାଷ୍ଟ୍ର ରାଷ୍ଟ୍ର ମଧ୍ୟରେ ମୁକ୍ତ ଭାବରେ ବାଣିଜ୍ୟ କାରବାର କରିବାର ଚୁକ୍ତିନାମା । ନିଜଦେଶକୁ ବହୁରାଷ୍ଟ୍ରୀୟ କମ୍ପାନୀମାନଙ୍କ ପାଇଁ ଉନ୍ମୁକ୍ତ କରି ଦେଶର ଅବନୀତିରେ ବିଦେଶୀ ପୁଞ୍ଜି ଲଗାଇ ଅଭିବୃଦ୍ଧି ଆଣିବା ଏହାର ମୁଖ୍ୟ ଉଦ୍ଦେଶ୍ୟ । ଜଗତୀକରଣ ରାଷ୍ଟ୍ର ସହିତ ରାଷ୍ଟ୍ରକୁ ଯୋଡିବାର ଏକ ଉଦାର ଉପାୟ । ଏହି ସହବନ୍ଧନର ଗୋଟିଏ ଲକ୍ଷ, ତାହା ହେଉଛି ବ୍ୟବସାୟ । ବୃହତ ରାଷ୍ଟ୍ର ମାନଙ୍କର ଉତ୍ପାଦଗୁଡିକ ପାଇଁ ବଜାର ସୃଷ୍ଟି କରିବାର ଉଦେଶ୍ୟରେ ଜଗତୀକରଣର ଜନ୍ମ । ଗୋଟିଏ ରାଷ୍ଟ୍ର ନିଜ ଭୂଖଣ୍ଡର କ୍ଷୁଦ୍ର ଓ କୁଟିର ଶିଳ୍ପ ପାଇଁ ଯେଉଁ ରିହାତି ବ୍ୟବସ୍ଥା ରଖିଥାଏ । ସେ ସବୁର ଉଚ୍ଛେଦ କରି ବହୁରାଷ୍ଟ୍ରୀୟ କମ୍ପାନୀମାନଙ୍କୁ ପ୍ରବେଶପତ୍ର ଦେଇ ସେମାନଙ୍କର ବିପଣନରେ ସହାୟତା କରିବା ଜଗତୀକରଣର ଉଦ୍ଦେଶ୍ୟ । ଦ୍ୱିତୀୟ ବିଶ୍ୱଯୁଦ୍ଧ ପରେ (୧୯୩୯-୪୫) ଆମେରିକା ୟୁରୋପର ଧନୀ ରାଷ୍ଟ୍ରମାନେ ଅନ୍ୟ ରାଷ୍ଟ୍ର ଉପରେ ଅର୍ଥନୈତିକ ପ୍ରଭୂତ ବିସ୍ତାର ପାଇଁ ବ୍ୟବସାୟକୁ ମାଧ୍ୟମ ରୂପେ ବାଛି ନେଲେ । ଏହି ସୂତ୍ରରେ 'ବହୁରାଷ୍ଟ୍ରୀୟ କମ୍ପାନୀ' ଗଠନକରି ବିଶ୍ୱବଜାର ବ୍ୟବସ୍ଥାକୁ ନିୟନ୍ତ୍ରଣ କରିବା ପାଇଁ ଜଗତୀକରଣକୁ ଅନୁନ୍ନତ ଓ ବିକଶିତ ରାଷ୍ଟ୍ରମାନଙ୍କ ଉପରେ ଲଦିଦେଲେ । ବର୍ତ୍ତମାନ ବିଶ୍ୱର ୬୦ହଜାର ବହୁରାଷ୍ଟ୍ରୀୟ କମ୍ପାନୀମାନେ ବିଭିନ୍ନ ଦେଶରେ ୫ ଲକ୍ଷ ସହେଯାଗୀଙ୍କ ସହ ୧.୮ ବିଲିୟନ ସଂପତ୍ତିର ମାଲିକ । ଜଗତୀକଣ ଦ୍ୱାରା ବୃହତ ରାଷ୍ଟ୍ରମାନଙ୍କ ପାଇଁ ମୁକ୍ତ ବାଣିଜ୍ୟର ପଥ ଉନ୍ମୋଚନ ହୁଏ । ସୁବିଧା ଓ ଲୋକପ୍ରିୟ ସାମଗ୍ରୀ ବିକ୍ରୟ କରି ଏମାନେ ରାଷ୍ଟ୍ରରେ ମୂଳ ଓ କୌଳିକ ବ୍ୟବସାୟକୁ କ୍ରମଶଃ ହତ୍ୟା କରନ୍ତି ।

ଅତଏବ ଜଗତୀକରଣ ଯାଗୁଁ ବହୁରାଷ୍ଟ୍ରୀୟ କମ୍ପାନୀ, ଉତ୍ପାଦ ସହିତ ସେମାନଙ୍କର କଳା, ସଂସ୍କୃତି, ଜୀବନଧାରା ଓ ସାହିତ୍ୟର ମଧ୍ୟ ବଜାର ପ୍ରବେଶ ଘଟିଥାଏ । ବିଦେଶୀ ବିଚାରଧରା, ମୂଲ୍ୟବୋଧ, ଜୀବନ ପ୍ରତି ଦୃଷ୍ଟିକୋଣର ପ୍ରସାର ଘଟିଥାଏ । ଯେଉଁ ଭାରତୀୟମାନେ ପ୍ରାଚୀନ ମୂଲ୍ୟବୋଧରେ ବିଶ୍ୱାସ କରୁଥିଲେ ଜଗତିକରଣ ସେମାନଙ୍କ ସାମନାରେ ନୂଆ ବିକଳ୍ପ ପ୍ରସ୍ତୁତି କରେ । ଏହି ମର୍ମରେ ୧୯୯୧-୯୨ ମସିହରେ ଜଗତୀକରଣ ଭାରତରେ ପ୍ରବେଶ କରିଥିଲେ ମଧ୍ୟ ଏହା ଠିକ୍ ଦଶବର୍ଷ ପରେ ଭାରତରେ

ISSN NO.
2582-208X

ଅର୍ଥାତ୍ ୨୦୦୧ ମସିହା ବେଳକୁ ପ୍ରଭାବ ବିସ୍ତାର କରିବା ଆରମ୍ଭ କରିଛି । ଏହି ପ୍ରଭାବ ଓ ପ୍ରତିକ୍ରିୟାରେ ଆମ ଜୀବନ ଧାରାରେ ଯେଉଁ ସବୁ ପରିବର୍ତ୍ତନ ସୃଷ୍ଟି ହୋଇଛି, ତାହାକୁ ଅନୁସରଣ କରି ନୂଆ କବିତା ରଚନା କରାଯାଇଛି । ଜଗତୀକରଣ ନିମ୍ନ ପରିବର୍ତ୍ତନଗୁଡିକ ସମାଜ ଓ ବ୍ୟକ୍ତି ଜୀବନରେ ସୃଷ୍ଟି କରିଛି । ଆଲୋଚକ ଦିଲୀପ କୁମାର ସ୍ୱାଇଁ ଜଗତୀକରଣ ଯୋଗୁଁ ଓଡିଆ କାବ୍ୟ ଧାରାରେ ବିଶେଷ କରି ଏକବିଂଶ ଶତାବ୍ଦୀରେ ଯେଉଁସବୁ କାବ୍ୟିକ ବିଭବ ସୃଷ୍ଟି ହୋଇଛି ତାର ସୂଚନା ପ୍ରଦାନ କରିଛନ୍ତି । ଯଥା ;

(କ) କ୍ଷେତ, କ୍ଷେତୁଆଳର ସମସ୍ୟା
(ଖ) ଶିଳ୍ପ ସଂସ୍ଥାପନ ଓ ବିସ୍ଥାପନ ସମସ୍ୟା
(ଗ) ଧାନ ସଂସ୍କୃତି ବୁଡିଯିବାର କ୍ଷୋଭ
(ଘ) ଉପଭୋକ୍ତା ସଂସ୍କୃତିର ସ୍ୱର
(ଙ) ଯøନ ସ୍ୱାଧିନତା ସଂପନ୍ନ ବାମାବାଦୀ ସ୍ୱରୂପ
(ଚ) ନାରୀ ଦୁଷ୍କର୍ମ ଜନୀତ କ୍ରିୟା ପ୍ରତିକ୍ରିୟା
(ଛ) ପୁରୁଷ ନିର୍ଯ୍ୟାତନା
(ଜ) ଦଳିତ ଆନ୍ଦୋଳନ
(ଝ) ପ୍ରାକୃତିକ ଉତ୍ସ ବିପନ୍ନ ଜନିତ ପ୍ରତିକ୍ରିୟା
(ଞ) ଗାଁ-ପ୍ରଦେଶ-ସ୍ୱଦେଶ ଦେଇ ଏକ ପ୍ରଲମ୍ବିତ ବିଶ୍ୱଦୃଷ୍ଟି ।

ଜଗତୀକରଣ ସମାଜ ଜୀବନରେ ଆଣିଥିବା ପରିବର୍ତ୍ତନ ସବୁ ବ୍ୟକ୍ତି ଜୀବନ ଭିତରକୁ ଅପସରି ଯାଇଛି । ଏହି ପରିବର୍ତ୍ତନର ପ୍ରତିକ୍ରିୟା ବେଶୀ ଆମର ବ୍ୟବହାରିକ ଜୀବନ ଉପରେ ପଡିଛି । ରାଷ୍ଟ୍ର ସହ ବ୍ୟକ୍ତିର, ପରମ୍ପରା ସହ ବ୍ୟକ୍ତିର, ଈଶ୍ୱରଙ୍କ ସହ ବ୍ୟକ୍ତିର, ପ୍ରକୃତି, ପ୍ରେମ, ରକ୍ତ ସମ୍ପର୍କ, ମୂଲ୍ୟବୋଧ, ମାନସିକତା ସହ ବ୍ୟକ୍ତିର ଚିତ୍ତ ସଂଘର୍ଷ ସର୍ବସ୍ୱ ନୂଆ ଦର୍ଶନଟି ସୃଷ୍ଟି ହୋଇଛି । ଏହି ନୂତନ ଜୀବନାୟକୁ ନେଇ ଜଗତୀକରଣ ପରବର୍ତ୍ତି ସାହିତ୍ୟ ଭାବନା ବିକଶିତ ହୋଇଛି ।

ISSN NO.
2582-208X

( ବିଦଗ୍ଧ କାବ୍ୟହୋଦ : ପୃ-୧୮/ ଦିଲୀପ କୁମାର ସ୍ୱାଇଁ )

ଉପରେ ଯେଉଁ ସବୁ ସମସ୍ୟାଗୁଡିକର ସୂଚନା ଦିଆଗଲା ତାର ରୂପାୟନ କିପରି କବିତାରେ ଘଟିଛି ଏହାରଉଦାହରଣ ଦିଆଯାଇପାରିବ ।

୧. ଜଳ ସଙ୍କଟର ଚିତ୍ର : ଜଗତୀକରଣ ଯୋଗୁଁ ବହୁରାଷ୍ଟ୍ରୀୟ କମ୍ପାନୀ ସ୍ଥାପନା ହେବାରୁ କାରଖାନାକୁ ନଇ, କେନାଲକୁ ପାଣି ଯୋଗାଇ ଦିଆଯାଇଛି । ନଈର ଜଳଧାରା ଶୁଖିବାକୁ ଲାଗିଛି । ପରିବେଶ ପ୍ରଦୂଷଣ ଯୋଗୁଁ ବର୍ଷାର ପରିମାଣ କମି ଚାଲିଛି । ଏକବିଂଶ ଶତାବଦୀର କବିତାରେ ଏହାର ଚିତ୍ର ରହିଛି ।

"ମଣିଷକୁ ଶୋଷ ଲାଗୁଥିଲେ
ସେ ନଈ, ସମୁଦ୍ର କତିକି ଗଲା
ମେଘ କତିକି ଗଲା
ମାଟିକି ଫୁଟେଇଲା
ସବୁ ଆନ୍ତେ ସେ ଜୀବନ ବିକଳରେ
ଆପଣା କଲିଜାକୁ ଚିପୁଡିଲା"
(ଚେର : ରମେଶ ପ୍ରତାପ )

"ଏଇ ଜାଣ ଶେଷ ଯୁଦ୍ଧ
ପାଣି ପାଇଁ ମାଇଲା ଧରି
ହାଣ୍ଡି ମାଠିଆ ମୁଣ୍ଡାର ଯାଇଥିବା ଲୋକଙ୍କ
ଆଖି ଏତେ 'ଫିକା ଓ ପେଜୁଆ ଦିଶେ ଯେ
ସେଠି ମରୁଭୂମି ହିଁ ଦୃଶ୍ୟ ହୁଏ" ।
(ପାଣି ଓ ଅନ୍ୟାନ୍ୟ କବିତା : ଶତ୍ରୁଘ୍ନ ପାଣ୍ଡବ)

ISSN NO.
2582-208X

୨. ପରିବେଶ ସଙ୍କଟ : ଶିଳ୍ପାୟନ ଯୋଗୁଁ ଜଙ୍ଗଲ ଅବକ୍ଷୟ ହେବାରେ ଲାଗିଛି । ପାହାଡ, ନଇ, ଜଙ୍ଗଲ, ବୃକ୍ଷ ଆଦି ନଷ୍ଟ ହେବାରୁ ପରିବେଶ କ୍ଷୟ ହେବାରେ ଲାଗିଛି । ଏହି ବାସ୍ତବ ଚିତ୍ର କବିତାରେ ପ୍ରକାଶ ପାଇଛି ।

"ଜଳିଯାଉଛି ରତୁର ସାବଦା ଦୃଷ୍ଟି
ଜଳି ଯାଉଛି ଏକଲା ଛାତି
ଓଠ, ନାକ, କାନ
ଚାରିଆଡେ ମଲାଧୂଳି, ବାଲିଶେଯ
ରାସ୍ତାଘାଟ ଏକାନ୍ତ ମଳିନ" ।
(ଝରି ପଡୁଥିବା ଶୂନ୍ୟତା : ହୃଦାନନ୍ଦ ପାଣିଗ୍ରହୀ )

୩. ଆଞ୍ଚଳିକ ଭାବନା : ବିଶ୍ୱଗ୍ରାମ ଭିତରେ ଥାଇ ନିଜମାଟିକୁ ମନେ ପକାଇବା ସହ ଆତ୍ମବିଭୋର ହେବା ଆଞ୍ଚଳିକ ଭାବନାର ଅଂଶ, ଜଗତୀକରଣ ପରିପ୍ରେକ୍ଷୀରେ ନିଜର ମାଟିର ଗନ୍ଧରେ ଆହ୍ଲାଦିତ ହେବା ଆଞ୍ଚଳିକ ଭାବନାରେ ଗୁଣ । ଏଥିରେ ଏକ ଅଞ୍ଚଳର ଅସ୍ମିତା ଓ ସଂସ୍କୃତିର ପରିପ୍ରକାଶ ଘଟିଥାଏ ।

"ସାଙ୍ଗରେ ନେଇଯାଏ ଘର ସାମ୍ନାରେ
ପୁବେଇ ପବନରେ ନଇଁ ପଡୁଥିବା
ବଉଳ ଭର୍ତ୍ତି ଆମ୍ବଗଛକୁ
ଯାହା ଭିତରେ ସ୍ୱପ୍ନ ପରି ହଳଦୀ ବସନ୍ତଟିଏ
ହୋଇଅଛି ହୋଇନାହିଁ ଖେଳରେ
ହଜୁଥାଏ, ଦିଶୁଥାଏ
ଏତିକି ମୋ ପାଇଁ ଓଡିଶା" ।
( କପଟପାଶା, ସୀତାକାନ୍ତ ମହାପାତ୍ର )

ISSN NO.
2582-208X

୪. ଗ୍ରାମ୍ୟ ଜୀବନ ପ୍ରତି ନୂତନ ଦୃଷ୍ଟିକୋଣ : ଜଗତୀକରଣ ସଂସ୍କୃତି ମାୟାରେ ଗାଁ ଛାଡି ସହର ମୁହାଁ ହେଉଥିବା ମଣିଷମାନଙ୍କ ପ୍ରତି ଏକବିଂଶ ଶତାବ୍ଦୀର କବିତାରେ ପ୍ରତିକ୍ରିୟା ପ୍ରକାଶ ପାଇଛି । ନିଜ ଗ୍ରାମ୍ୟ ସଂସ୍କୃତିକୁ ଭୁଲିଥିବା ମଣିଷଙ୍କ ପ୍ରତି ଗାଆଁ ସଂସ୍କୃତିର ମହକ କବି ଆଉଥରେ ପ୍ରୟୋଗ କରିଛନ୍ତି ।

"ଶରତ ଜହ୍ନ
ନଇକୂଳ ଗଡାଣିରେ ଜାଳୁଥିବା
କାଶତଣ୍ଡିଫୁଲର ରୋଷଣୀ
ଗାଁ ଦାଣ୍ଡରେ
ଲାଜେଇ ଚଢେଇଙ୍କ ଓଢଣୀରୁ
ଝରୁଥିବା ଆଷାଢର ଚାଳପାଣି
କାଗଜ ଡଙ୍ଗାରେ ଭାସି ଯାଉଥିବ
ଚାରମାସୀ ଋତୁଙ୍କ ଫୁଟାଣୀ" ।
(ଧୂଳିଧୂମାଳ : ଅଭୟ ନାୟକ)

ଏହି ମର୍ମରେ ଗାଆଁର ଜୀବନଧାରା ଓ ସଂବେଦନଶୀଳ ଦୃଷ୍ଟିକୋଣ ଏକବିଂଶ ଶତାବ୍ଦୀରେ କବିତାରେ ପ୍ରକାଶ ପାଇଛି ।

ଏକବଂଶ ଶତାବ୍ଦୀର କାବ୍ୟ ଧାରାରେ ବରିଷ୍ଠ ଓ ନୂତନ କବିମାନଙ୍କର ସମାବେଶ ଦେଖାଯାଏ । କବି ରମାକାନ୍ତ ରଥ, ସୀତାକାନ୍ତ ମହାପାତ୍ର, ଦୀପକ ମିଶ୍ର, ରାଜେନ୍ଦ୍ର କିଶୋର ପଣ୍ଡା, ହରପ୍ରସାଦ ଦାସ ଓ ପ୍ରତିଭା ଶତପଥୀଙ୍କ ପରି କବି ସକ୍ରିୟ ରୂପେ କବିତା ରଚନା କରିଛନ୍ତି । ଅନୁରୂପ ଭାବରେ ପ୍ରସନ୍ନ କୁମାର ମିଶ୍ର, ସୌରୀନ୍ଦ୍ର ବାରିକ, ବଂଶୀଧର ଷଡଙ୍ଗୀ, ନିତ୍ୟାନନ୍ଦ ନାୟକ, ଦିଲୀପ ଦାସ, ପ୍ରସନ୍ନ ପାଟଶାଣୀ, ବ୍ରହ୍ମାନନ୍ଦ ଦାସ ପ୍ରମୁଖ କବି ନିଜସ୍ୱ ପ୍ରତିଭା ବଳରେ ଏକବିଂଶ ଶତାବ୍ଦୀର କବିତାକୁ ସମୃଦ୍ଧ କରିଛନ୍ତି । ଯେଉଁ

ISSN NO.
2582-208X

ତରୁଣ କବିମାନେ ୧୯୮୦ ମସିହା ପରେ ଲେଖା, ଲେଖି ଆରମ୍ଭ କରିଥିଲେ ସେମାନେ ଏକବିଂଶ ଶତାବ୍ଦୀରେ ଜଗତୀକଲରଣ ଜନୀତ ସମସ୍ୟାଗୁଡିକ ଯଥାର୍ଥ ଉପସ୍ଥାପନା କରିପାରିଛନ୍ତି । କବି ହୃଷିକେଶ ମଲ୍ଲିକ, ଶତ୍ରୁଘ୍ନ ପାଣ୍ଡବ, ପ୍ରସନ୍ନ କୁମାର ମହାନ୍ତି, ହୃଦାନନ୍ଦ ପାଣିଗ୍ରାହୀ, ଗିରିଜା କୁମାର ବଳୀୟାର ସିଂହ, ସୁରେଶ ପରିଡା ଏକ ବିଂଶ ଶତାବ୍ଦୀର ଓଡିଆ କବିତାକୁ ସମୃଦ୍ଧ କରିଚାଲିଛନ୍ତି ।

ଏକବିଂଶ ଶତାବ୍ଦୀର କବିତା ଆଙ୍ଗିକ ଓ ଆମିôକ କ୍ଷେତ୍ରରେ ନୂତନତା ସୃଷ୍ଟି କରିଛି । ନୂଆ ଭାଷା, ଛନ୍ଦ ପ୍ରୟୋଗ ସହିତ ଆତ୍ମକ କ୍ଷେତ୍ରରେ ନୂଆ ଅନୁଭବ, ସମସ୍ୟାଗୁଡିକର ପ୍ରୟୋଗ କରିଛି । ଜଗତୀକରଣର କ୍ରିୟା, ପ୍ରତିକ୍ରିୟାରେ ଏକବିଂଶ ଶତାବ୍ଦୀର କବିତା ସମୃଦ୍ଧ ହୋଇଛି ।

ଅଧ୍ୟାପକ ଓଡିଆ ଭାଷା ଓ ସାହିତ୍ୟ ବିଭାଗ
ଶ୍ରୀ ଜଗନ୍ନାଥ ମହାବିଦ୍ୟାଳୟ
ନାଉଗାଁହାଟ, ଜଗତସିଂହପୁର-୭୫୪୧୧୩
ଫୋନ ନଂ -୯୭୭୮୨୨୪୮୯୧

ISSN NO.
2582-208X

# ଶରତ ଋତୁର ଶେଷେ



ମନୋରଞ୍ଜନ ସୁରୁଜାଲ

ଗାଢ଼ ନିଦ୍ରା ତେଜି        ଉଠଇ ମେଦିନୀ
ଅପସରେ କଳାଯାଦୁ,
କୁହୁକ ନିବୃତ        ଖୋଲି ଦେଲେ ନେତ୍ର
ପ୍ରସରଇ ଦିବ୍ୟ ମଧୁ ।
ପ୍ରଭାତୀ ଥାପଇ        ମୃଦୁ ପାଦ ଦୁଇ
ମଥାରେ ଓଢ଼ଣୀ ଟାଣି,
ସତରେ ଦୂରରୁ        ଅସ୍ପଷ୍ଟ ଯେମିତି
ମୁଖରେ କି ମୃଦୁ ବାଣୀ ।
ରୁଣୁଝୁଣୁ ପାଦ        ପାଉଁଜି ସଙ୍ଗତେ
ଚେତନା କରଇ ଭଙ୍ଗ
କେଉଁ ଦିବ୍ୟ-ବାଳା        ଆକର୍ଷଇ ମନ
ସପନରେ ଭରି ରଙ୍ଗ ।
ହେମନ୍ତ ରାଗିଣୀ        ତୋଳେ ପ୍ରତିଧ୍ୱନି
ଶରତ ରାଜତ୍ୱ ଶେଷେ,
ଶୁଭ୍ର କ୍ଷୀଣ ତନୁ        ଦିଶଇ ସୁନ୍ଦର
ଓଢ଼ଣୀ ତଳର ହସେ !
କାଶତଣ୍ଡୀ ହସ        ଅପସରି ଯାଏ
ସହି ତନୁ ରୋଗଜ୍ୱାଳା
ପଙ୍କେ କମଳିନୀ        ଦିବସ ଯାମିନୀ

ISSN NO.
2582-208X

ଜପୁ ଥାଏ ପ୍ରେମ ମାଳା ।
ଟଗର ମନ୍ଦାରେ ପଡ଼େ ନି ଫରକ
ବାଡ଼ିର ଅପରାଜିତା,
କଇଁଫୁଲ ଫୁଟି ହସୁ ଥାଏ ନିତି
ସରାଗେ ଟେକି ତା' ମଥା ।
ତୁଳସୀ ମୂଳରେ ଭାଗବତ ପାଠ
ଅରଜିବା ପାଇଁ ପୁଣ୍ୟ,
ଭକତି ବିଶ୍ୱାସ ଧର୍ମୀୟ ଚେତନା
କରନ୍ତି ହବିଷ ଅନ୍ନ ।
ଅନ୍ଧକାର ଯେବେ ଘୋଟଇ ଆକାଶେ
ତାରା ଫୁଲ ଫୁଟେ ଯେତେ,
ଚାରୁ ପ୍ରେମବାଳା କାହାର ବିଚ୍ଛେଦେ
ବିରହରେ କାନ୍ଦେ କେତେ ।
ଶିଶିର ରୂପରେ ଚକ୍ଷୁଚ୍ୟୁତ ଅଶ୍ରୁ
ପାଦପ ପତରୁ ବହେ,
ଘାସ ଗାଲିଚାରେ ହୀରକ ବିନ୍ଦୁ କି
ଦେଖୁ ଦେଖୁ ମନ ମୋହେ ।
ଝୋଟି ଚିତା ପଡ଼େ ଦାଣ୍ଡ ଦୁଆରରେ
ଦେବାକୁ ଆଶିଷ କେତେ,
ଧନ ଧାନ୍ୟେ ଭରା ସ୍ୱର୍ଣ୍ଣର ଧରିତ୍ରୀ
ମାନବ କଲ୍ୟାଣ ମତେ ।
ଦିବ୍ୟତ୍ୱ ପ୍ରଦାନ କରିବାକୁ ସିନା
ହେମନ୍ତ ଋତୁଟି ଆସେ,
ଶୋଭାମୟ ଧରା ଧରି ଦିବ୍ୟ ରୂପ
ଶରତ ଋତୁର ଶେଷେ ।

ଆଇଁଲାପାଲି, ଧମା, ସମ୍ବଲପୁର

ISSN NO.
2582-208X

# ଖଦ୍ୟୋତ



ଅଲେଖ ମେହେର

ପ୍ରଭାକର ସାଥେ ସମତୁଲ ସିନା ହୋଇ ପାରିବୁନି କେବେ,
ନିଜ ଆଲୋକରେ ଅକ୍ଷ ପଥ ତୋର ପ୍ରଜ୍ଜ୍ୱଳିତ ହୁଏ ଯେବେ
ବିକ୍ଷଣେ ଇକ୍ଷଣ ଭାଳେ,
ଖଦ୍ୟୋତ ସାଜିଲେ ନିଶାର୍ଦ୍ଧେ କକୁଭ ବିଲୋକିବି ତରୁ ଡାଳେ।
ହୋଇଥାଆ ପଛେ କ୍ଷୁଦ୍ର ଜୀବଟିଏ ରଖିଅଛୁ ସଦା ମାନ,
ମର ଶୟନରେ ଅମର ତୋ'ନାମ ଯଶୋଦେହେ ଆୟୁଷ୍ମାନ।
ପାଦପେ ଜ୍ୟୋତିଷ୍କ ପୁଞ୍ଜ,
ଲତା ଗୁଳ୍ମ ଡାଳେ ଛାଟି ଶୋଭାପାଉ ଯେସନେ ଫଳ ରେ ଗୁଞ୍ଜ।
ଦିନମଣୀ ଅସ୍ତେ ବାରୁଣୀ ଆଳରେ ଆଖି ଥାଇ ଅନ୍ଧ ଜୀବ,
ଜ୍ୟୋତି ବଇଦୁର୍ଯ୍ୟ ଫୁଙ୍କି ଭେରୀ ତୁର୍ଯ୍ୟ ଦେଖାଉ ଜନଙ୍କୁ ଶିବ।
ଅସମ୍ଭବ ଶବ୍ଦ ନାହିଁ,
ଇଚ୍ଛାଶକ୍ତି ଥିଲେ ଅଳସ ପଣର ଚେତାଉଛୁ ବାସ କାହିଁ।
ହୁତାସେ ପତଙ୍ଗ ପଙ୍କିଳ ମାନସ ସଦା ଚିନ୍ତେ ପର ମନ୍ଦ,
କେମିତି ସମାନ ହେବି ତୋ'ସଙ୍ଗତେ ଆଚରି କପଟ ଛନ୍ଦ ?
ତୁହି ଅମୂଲର ମୂଲ,
ଜାଣିଲି ନିଃସ୍ୱାର୍ଥ କର୍ମଯୋଗେ ସଦା ବଦଳେ ଆମୂଳଚୂଳ।

ISSN NO.
2582-208X

ନିସ୍ତବ୍ଧ ରଜନୀ ତମସାକୁ ଚିରି ହୀରା ସମ ଯେବେ ଜଳୁ,
ଗୋଟିଏ ସନ୍ଦେଶ ବିହରିତେ ଖେଳେ ବିସମେ କରିଲେ ଚଳୁ।
ଆସିବ ସୁଖ ସପନ,
ନିଶୀଗନ୍ଧା ବାସ ଚହଟି ଉଠିବ ସ୍ୱଚ୍ଛ ଦିଶିବ ଲପନ।

ଟୀକା: ଗୁଞ୍ଜ-ଏକ ପ୍ରକାରର ଜଙ୍ଗଲ
ଜାତୀୟ ଛୋଟ ଏକାଧିକ ରଙ୍ଗ ଯୁକ୍ତ ଶକ୍ତ ଫଳ ବିଶେଷ।

ବରପଦର
ଗୋବିନ୍ଦପୁର ବରଗଡ଼
ମୋ-୬୩୭୦୨୨୦୫୫୯

ISSN NO.
2582-208X

# ବ୍ୟର୍ଥତା



ନମିତା ନାୟକ

ତୁମେ କି ବୁଝିବ ନାରୀର ଭାବନା,
ତୁମ ମନ ପରା ଏବେ ଆନମନା ।
ସେହି ନାରୀ ତୁମ ହୃଦୟରେ ଥିଲା,
ଆଜି ତା'ର ସ୍ଥାନ ପାଦ ତଳେ ହେଲା ।
ବୁଝିଥାନ୍ତ ଯଦି ତାକୁ ବିଧିମତେ,
ରହିଥାନ୍ତ ତା'ର ସଦା ସନିକଟେ ।
ପାଖେ ଅଛି ବୋଲି ମୂଲ୍ୟ ବୁଝୁନାହଁ,
ପ୍ରବସେ ରହିଲେ ଆନମନା ହୁଅ ।

ପ୍ରବସଠୁ ଦୂର ମୃତ୍ୟର ପଥ ଯେ,
ସେ ସ୍ଥାନୁ ଫେରି ନାହାଁନ୍ତି କେହି କେବେ ।
ଜୀବନ ଜୀବିତ ପ୍ରାଣରେ ଶ୍ୱାସ ,
ପ୍ରାଣ ଚାଲିଗଲେ ସବୁ ନିଶେଷ ।

ଦିନ ଥିଲା ନରୀ ଥିଲା ପ୍ରୟୋଜନ,
ଆଜି ହୁଏ ସିଏ ପାଷାଣ ସମାନ।
ବୁଝିବା ଶକ୍ତି ତ' ଥିଲା ବହୁତ,
ତା' ବେଳକୁ କାଇଁ ହେଲ ଅଭିଶପ୍ତ ।

ISSN NO.
2582-208X

ସୁଖୀ ଜୀବନକୁ ନିଶେଷ କରିବ,
ନିଜ ସଂସାରକୁ ନିଜେ ଭଙ୍ଗିଦବ ।
ଭାଙ୍ଗିବା ସଂସାର ଯୋଡ଼ିକି ପାରିବ,
ଯନ୍ତ୍ରଣାରେ ଖାଲି ଦିନ କଟୁଥିବ।
ଲୁହ ସବୁ ଲହୁ ହୋଇ ଝରିଯିବ,
ଶାନ୍ତ୍ୱାନା ଦେବାକୁ ସଙ୍ଗିନୀ ନଥିବ ।
ବେଳ ଥାଉଁ ଥାଉଁ ନାରୀର ମୂଲ୍ୟକୁ ବୁଝ,
ଭବିଷ୍ୟତରେ ପଶ୍ଚାତାପର ନଥିବ ଅବଶୋଷ ।

ସ୍ନାତ୍ତକୋତ୍ତର ଦ୍ୱିତୀୟ ବର୍ଷର ଛାତ୍ରୀ,
ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟ, ଭୁବନେଶ୍ୱର

ISSN NO.
2582-208X

# ନିବାରଣ ଜେନାଙ୍କ ଉପନ୍ୟାସର ଭାଷା ବୈଚିତ୍ର୍ୟ



ଡ. ଦୟାନିଧି ପରିଡ଼ା

ଔପନ୍ୟାସିକ ନିବାରଣ ଜେନା ଏକବିଂଶ ଶତାବ୍ଦୀ ଓଡ଼ିଆ ଉପନ୍ୟାସ ସାହିତ୍ୟର ଜଣେ ଜଶସ୍ୱୀ କଥାକାର । ଉଭୟ ଗଳ୍ପ ଓ ଉପନ୍ୟାସ ଦିଗରେ ତାଙ୍କର ଲେଖନୀ ଚାଳନା ସ୍ୱଷ୍ଟ ଭାବରେ ବାରିହୁଏ । ସଫଳକାହାଣୀ ଚୟନ ଓ ତାର ରୂପାୟନ କରିବାରେ ଔପନ୍ୟାସିକ ଜେନା ଅନନ୍ୟ ମନେହୁଅନ୍ତି । ସମକାଳୀନ ସମାଜର ଗତି ଓ ସ୍ଥିତିକୁ ଲକ୍ଷ୍ୟକରି ଔପନ୍ୟାସିକ ନିବାରଣ ଜେନାଙ୍କ ଉପନ୍ୟାସର ପରିକଳ୍ପନା । ବାସ୍ତବ ଜୀବନରେ ପ୍ରତିଟି ମଣିଷ ମନର ଅନ୍ତଃ ଭାବନାକୁ ତାଙ୍କ ଲେଖା ମାଧ୍ୟମରେ ପ୍ରକାଶ କରନ୍ତି । କେତେକ ଗଳ୍ପ, ଉପନ୍ୟାସରେ ଗାଁ, ପରିବାର ପ୍ରଭୃତିର ସଜୀବ ଚିତ୍ର, ଲୋକଚରିତ୍ର, ମାଟିର ବାସ୍ନା, ଅତୀତର ସ୍ମୃତିଚାରଣ, ସମ୍ପର୍କର ବିଭିନ୍ନ ରୂପ ଆଦି ଖୁବ୍ ସ୍ୱଷ୍ଟ ଭାବରେ ବାରି ହୋଇପଡ଼େ। ତାଙ୍କଦ୍ୱାରା ରଚିତ ଉପନ୍ୟାସଗୁଡ଼ିକ ହେଲା – "ଆଉଜଣେ' (ଯୌଥ ଉପନ୍ୟାସ) (୨୦୦୪), "ଶୂନ' (ଗଳ୍ପ ପତ୍ରିକା୨୦୦୫), "ଅହଲ୍ୟା ଡାକେ ଆ' (୨୦୦୬), "ଚକ୍ରବ୍ୟୂହରେ ସିଦ୍ଧାର୍ଥ (ଅକ୍ଷାଂଶ: ପୂଜା: ୨୦୦୬), "ଶଙ୍ଖେ ସମୁଦ୍ର' (୨୦୦୭), "କେତେଦିନକୁ ମନ (୨୦୦୭), "ବାଷ୍ଟାର୍ଡ୍ (୨୦୦୯), "ଏମିତି ବାପାମାନେ' (୨୦୧୦), "ସମୟର ମିଶାଣ ଫେଡ଼ାଣ' (ପ୍ରତିବେଶୀ: ପୂଜା : ୨୦୧୦), "ଅତନୁ ଏଇଠି ସେଇଠି'(ତୀରତରଙ୍ଗ, ପାର୍ବଣ– ୨୦୧୧), "ବାରନାରୀ' (ଦୀକ୍ଷା: ୨୦୧୪), "ଅଂଜଳି ବଂଚିଛ' (୨୦୧୩), "ଦାମ୍ପତ୍ୟ' (ପ୍ରତିବେଶୀ: ୨୦୧୩), "ଜୀବନ ଯେମିତି'

ISSN NO.
2582-208X

(ଶୈଳଜା:ଶାରଦୀୟ:୨୦୧୩) ଭାଷା ପ୍ରସଙ୍ଗ ଆଲୋଚନା ଦୃଷ୍ଟିରୁ ନିର୍ବାଚିତ କେତୋଟି ଉପନ୍ୟାସର ଆଲୋଚନା ଏହି ପ୍ରବନ୍ଧରେ ସ୍ଥାନିତ କରିବି ।

ଭାଷା ପରିଦୃଶ୍ୟ ହୁଏ କଥିତ ଓ ଲିଖିତ ଦୁଇଟି ରୂପରେ । ଲେଖକଟିଏ ତାର ଲେଖାକୁ ବଳିଷ୍ଠ କରିବା ନିମନ୍ତେ ଆବଶ୍ୟକ ସ୍ଥଳେ ବିଭିନ୍ନ ଉପାୟରେ ଏହି ଦୁଇ ପ୍ରକାର ଭାଷାକୁ ବ୍ୟବହାର କରେ । ଲେଖାଟିଏ ଅଭିପ୍ରେତ ହୁଏ ସମଗ୍ର ପାଠକଙ୍କ ନିମନ୍ତେ । ଏଣୁ ପାଠକଙ୍କୁ ଦୃଷ୍ଟିରେ ରଖି ଲେଖକ ତାର ସୃଷ୍ଟିକୁ କରେ ସମାପନ । ବକ୍ତବ୍ୟର ଭାବକୁ ପାଠକ ସମ୍ମୁଖରେ ବ୍ୟକ୍ତ କରିବା ଲେଖକର ମୂଳ ଲକ୍ଷ୍ୟହେବା ଦରକାର । ଏହି ନ୍ୟାୟରେ ଔପନ୍ୟାସିକ ନିବାରଣ ଜେନାଙ୍କ ଉପନ୍ୟାସର ଭାଷା ମନେହୁଏ ଭାବ ବ୍ୟକ୍ତରେ ସଫଳ ଅଭିପ୍ରାୟୀ । ନିଜର ଭାବକୁ ଭାଷା ମାଧ୍ୟମରେ ହିଁ ରୂପ ଦିଆଯାଏ । ଲେଖକଙ୍କ ଜ୍ଞାନ ଗାରିମା ଅନୁସାରେ ଉପନ୍ୟାସର ଗଠନ ଶିଳ୍ପ ସୁନ୍ଦର ଭାବରେ ଗଢିଉଠେ । ଭାଷା ବ୍ୟତିରେକେ ଉପନ୍ୟାସର ପରିକଳ୍ପନା ଖାଲି ଭାବନା ବ୍ୟତୀତ ଅନ୍ୟକିଛି ନୁହେଁ । ଲେଖକ ଘଟଣା, ଚରିତ୍ର ଓ କଥାବସ୍ତୁ ଆଦିକୁ ଜୀବନ୍ତ କରିବା ପାଇଁ ଉପୋଯୋଗୀ ଶବ୍ଦ ଚୟନର ରହିଛି ଆବଶ୍ୟକତା । ସ୍ରଷ୍ଟାର ଶାବ୍ଦିକ ଇନ୍ଦ୍ରଜାଲ ତ ପାଠକକୁ ବାନ୍ଧିରଖେ । ଆଉ ଦେଖାଏ ଘଟଣାସ୍ଥିତ ଦୃଶ୍ୟର । ସଂକ୍ଷିପ୍ତ ଶବ୍ଦ ବ୍ୟବହାର କରି ମଧ୍ୟ ଲେଖକଟିଏ ନିଜର ଭାବକୁ ବ୍ୟକ୍ତ କରିପାରେ । ଏହି ଦୃଷ୍ଟିରୁ ସାହିତ୍ୟ ଜଗତରେ ଶବ୍ଦର ଆବଶ୍ୟକତା ନିତ୍ୟାନ୍ତ ଜରୁରୀ ।

ସାହିତ୍ୟ କଥା କହେ ସମାଜର । ଏଣୁ ଲେଖକଟିଏ ନିଜ ଲେଖାରେ ଅନୁଭୂତି, ଅଭିଜ୍ଞତା ଓ ପରିବେଶ ଆଦିର ପ୍ରଭାବ ରହିବା ସ୍ୱତାଃଗତପରି ମନେହୁଏ । ଲେଖକ ତ ନିଜ ଲେଖାକୁ ବାସ୍ତବାଭିମୁଖୀ କରିବା ପାଇଁ ଉପଯୁକ୍ତ ଭାଷା ବ୍ୟବହାର କରିଥାଏ । ଅର୍ଥାତ୍ ଆଦିବାସୀ କୈନ୍ଦ୍ରୀକ ଉପନ୍ୟାସରେ ଚରିତ୍ର ମୁଖରେ ଆଦିବାସୀ ଭାଷା ପ୍ରୟୋଗ କରିବା ଦରକାର ନଚେତ୍ ଉପନ୍ୟାସଟି ବାସ୍ତବ ମନେହୁଏନି । ଔପନ୍ୟାସିକ ଗୋପୀନାଥ ମହାନ୍ତିଙ୍କ କ୍ଷେତ୍ରରେ ଭାଷା ପ୍ରୟୋଗର ସ୍ୱାତନ୍ତ୍ର୍ୟତା ବେଶ୍ ସ୍ପଷ୍ଟ । ପରଜା, ଦାଦିବୁଢା ଆଦି ଉପନ୍ୟାସମାନଙ୍କରେ ଚରିତ୍ର ମୁଖରେ ଭାଷା ପ୍ରୟୋଗ ତାଙ୍କୁ ସଫଳ କରି ଗଢିତୋଳେ

ISSN NO.
2582-208X

ଏଇ ଉପନୟାସ ଜଗତରେ । ଆଂଚଳିକ ଉପନ୍ୟାସଗୁଡ଼ିକରେ ଯେଉଁ ଚରିତ୍ର, ଘଟଣା, ରୂପ ଓ କଥା ପ୍ରକାଶପାଏ ତାହାକୁ ଜୀବନ୍ତ କରିବାପାଇଁ ଲେଖକଟିଏ କ୍ଷେତ୍ରରେ ଭାଷା ଗ୍ରହଣର ଆବଶ୍ୟକତା ଅବଶ୍ୟ ହିଁ ରହିଛି । ସାମାଜିକ, ପୌରାଣିକ, ଐତିହାସିକ ଘଟଣାବଳୀ, ଇତିହାସର ଚରିତ୍ର ସେ କାଳର ଭାଷା ପୁଣି ପୌରାଣିକ କଥାବସ୍ତୁ ସହ ପୁରାଣ ଚରିତ୍ରାଦି ମୁଖରେ କାବ୍ୟିକ ଭାଷା ଆଦିର ସଂଯୋଜନ ଅତ୍ୟନ୍ତ ଜରୁରୀ । ଏଣୁ ଭାଷା ଗ୍ରହଣ, ସ୍ଥାନ ଓ ଚରିତ୍ର ଅନୁସାରୀ ଭାଷା ବସାଣ ଲେଖକ ନିକଟରେ ଏକ ଦାୟୀତ୍ୱ ହୋଇ ରହେ ।

ଔପନ୍ୟାସିକ ଜେନାଙ୍କ କ୍ଷେତ୍ରରେ ଭାଷା ପ୍ରୟୋଗ ନିଆରା ମନେହୁଏ । କାହିଁକିନା କଥାବସ୍ତୁର ବକ୍ତବ୍ୟ ଅନୁସାରୀ ଭାଷାର ପ୍ରୟୋଗ ପ୍ରତି ସେ ବେଶ୍ ସଚେତନ । ସାଙ୍କେତିକ ବର୍ଣ୍ଣନା କ୍ଷେତ୍ରରେ ପ୍ରତୀକାତ୍ମକ ଶବ୍ଦ ଏବଂ ସ୍ଥାନୀୟତା ଅନୁଯାୟୀ ସେହି ସ୍ଥାନର ଭାଷା ବ୍ୟବହାରରେ ସେ ବହୁ ଧୁରୀଣ । ଲେଖକଟିଏ ଉପନ୍ୟାସକୁ ସର୍ବଜନବୋଧ କରିବା ନିମିତ୍ତ ସହଜ ସରଳ ଓ ସାବଲୀଳ ଭାଷା ପ୍ରୟୋଗର ଆବଶ୍ୟକତା ନିତ୍ୟାନ୍ତ ଜରୁରୀ । ଏହିନ୍ୟାୟରେ ନିବାରଣ ଜେନାଙ୍କ ଉପନ୍ୟାସରେ ସହଜ ସରଳ ଭାଷାର ପ୍ରୟୋଗ ବାରି ହୋଇପଡ଼େ । ମଫୁ, କାନ୍ଦୁଣୁ ମାନ୍ଦୁଣୁ, ବୁଝିମି, ଦେମି, କେନେ, କିସ, ଓର୍ଜନେ, ଠୁଙ୍ଗା, ମାଲ୍ ହାଣ୍ଡି, ଝୁପୁରି ମୁଣ୍ଡି ଇତ୍ୟାଦି ଭଳି ଶବ୍ଦ ଗୋଚର ହୁଏ ।

ଉପନ୍ୟାସ ବାରନାରୀ ରେ ନାୟକ ଜୟନ୍ତର ବିବାହ ପର ଚତୁର୍ଥୀ ରାତିରେ ସ୍ତ୍ରୀ ଛନ୍ଦାର ବହୁ ପ୍ରଶ୍ନରେ ସମ୍ମୁଖୀନ ହୋଇଛି । ପ୍ରଶ୍ନ ବାଣରେ ଜୟନ୍ତ ଚକ୍କିତ ହେବା ଦେଖି ସ୍ତ୍ରୀ ଛନ୍ଦା କହିଛି;- ତମେ କଲେଜରେ ତମର ଫ୍ରୀ ନେଶ୍ ଥିଲା ନା ତୁମେ ଏମିତି ମଫ ଥିଲ ।(୧) ଯେ, କିଛି ନଜାଣିବାକୁ ଚେଷ୍ଟା କରେ ଓ ନୀରବରେ ରହିବାକୁ ପସନ୍ଦ କରେ । ଯେ ସାଙ୍ଗମାନଙ୍କର ହଠାତ୍ କଥାସବୁକୁ ବିଝି ନପାରେ । ଏହି କ୍ଷେତ୍ରରେ ଔପନ୍ୟାସିକ ଛନ୍ଦା ମୁଖରେ ଜୟନ୍ତର ଭାବକୁ ଦେଖି ବ୍ୟବହୃତ କରିଛନ୍ତି ।

ISSN NO.
2582-208X

ଉପନ୍ୟାସ ଶଙ୍ଖେସମୁଦ୍ର ରହିତ ବାଲେଶ୍ବରର ବାଲିଆପାଳ ଅଂଚଳକୁ ନେଇ । ଚରିତ୍ର ମୁଖରେ ହେଉ ବା ସ୍ୱ-ବର୍ଣ୍ଣନାରେ ହେଉ ଆଂଚଳିକ ବାଲେଶ୍ବରୀ ଭାଷାକୁ ସ୍ଥାନିତ କରିବା ଯୁକ୍ତି ଯୁକ୍ତ । ଉପନ୍ୟାସର ନାୟକ ପର୍ଶୁରା ସହ ହଠାତ୍ ପରିଚିତ ରଘୁର ଦେଖା ହେବାପରେ ପଚାରିଛି କିସ ଖାଉଛୁ । ପୁଣି ପର୍ଶୁ ଯେତେବେଳେ ମଣ୍ଡଳ ଦାର ମାଛ ଅଡ଼ତ୍‌ରେ ରହିଥିଲା, ମଣ୍ଡଳ ଦା ପାଖରେ ରହୁଥିବା ମାଇକିନା (ସୁନ୍ଦରୀ) ପର୍ଶୁକୁ କହିଛି;- ତମେ ଗୋଟେ ଅଡ଼ତ୍ କର । ମୁଁ ଟଙ୍କା ଦେମି । ସବୁ କଥା ବୁଝିମି । ( ୨) ଉକ୍ତ ପଂକ୍ତିରୁ ହିଁ ଆଂଚଳିକ ଭାଷାର ପ୍ରୟୋଗ ଯଥାର୍ଥ ମନେହୋଇଛି ।

ଉପନ୍ୟାସ ଅଂଜଳି ବଂଚିଛି ରେ ଆଂଜଳିର ମଆ ସବୁ କାମ କରୁଥିଲେବି ପରିବାର ମଧ୍ୟରେ କାହାର ଆଦରଣୀୟ ହୋଇ ପାରିନି । ସମସ୍ତଙ୍କ ନିକଟରେ ସେ ପାଲଟି ଯାଇଛି ଅପାଙ୍କ୍ତେୟ । ସମସ୍ତଙ୍କଠାରୁ ସ୍ପର୍ଶ କାତରତା ଭାବକୁ ଉପଲବ୍ଧି କରିଛି ।ଏଇ କଥାକୁ ସୂଚେଇବାକୁ ଯାଇ ମାଲ୍ ହାଣ୍ଡି ଶବ୍ଦଟିକୁ ସ୍ଥାପନ କରିଛନ୍ତି । ମାଲ୍ ହାଣ୍ଡି ଓ ଅଂଜଳିର ମାଆ ମଧ୍ୟରେ ସାମ୍ୟକୁ ଲକ୍ଷ୍ୟ କରିଛନ୍ତି । ଯେପରି ମାଲ୍ ହାଣ୍ଡି ଏକା ଏକା ଗଡୁଥାଏ ଲଶାଣି ପଦାରେ, ତା ନିକଟକୁ କେହି ଆସୁ ନଥାନ୍ତି, କେହି ସ୍ପର୍ଶ ବି କରୁନଥାନ୍ତି ଠିକ୍ ସେହିପରି ଘଟିଛି ଅଂଜଳିର ମାଆ କ୍ଷେତ୍ରରେ ।ଏ ଣୁ ଔପନ୍ୟାସିକ ଏପରି ଏକ ପରିସ୍ଥିତିକୁ ସ୍ପଷ୍ଟ କରିବାକୁ ଯାଇ ଏପରି ଏକ ଶବ୍ଦ ଚୟନର ଅପେକ୍ଷା ରଖିଛନ୍ତି ।

ସାହିତ୍ୟରେ ଭାଷାର ସ୍ଥାନ ସ୍ଵତନ୍ତ୍ର ମନେହୁଏଚାରଣ ଲେଖକର କେତୋଟି ଶବ୍ଦ ବସାଣରେ ହିଁ ଘଟଣାଟି ଚିତ୍ରିତ ହୋଇଥାଏ ବା କୌଣସି ଏକ ଚରିତ୍ରର ଗୁଣ ବା ପରିଚୟ ସହ ପାଠକ ପରିଚାୟିତ ହୋଇଥାଏ । ଏଣୁ ଉପନ୍ୟାସରେ ଏଇ ଭାଷା ସାଙ୍କେତିକ, ପ୍ରତୀକଧର୍ମୀ, ଭାବପୂର୍ଣ୍ଣ, ବ୍ୟଞ୍ଜନାମୟ, ବ୍ୟଙ୍ଗଧର୍ମୀ ବା କାବ୍ୟିକ ହୋଇଥାଏ । ଔପନ୍ୟାସିକ ଜେନାଙ୍କ ଉପନ୍ୟାସରେ ଏପରି ଭାଷା ପ୍ରୟୋଗ ସ୍ଥାନେସ୍ଥାନେ ବାରିହୁଏ । ଅତନି ଏଇଠି ସେଇଠିରେ ନାୟକ ଅତନୁର ଚାରିତ୍ରିକ ଗୁଣ ଓ ଲକ୍ଷ୍ୟଣ ସବୁକୁ ଦର୍ଶେଇବାକୁଯାଇ ଉପନ୍ୟାସ ମଧ୍ୟରେ ନାନା ସାଙ୍କେତିକ ଶବ୍ଦକୁ ବ୍ୟବହାର କରିଛନ୍ତି । ଅତନୁ ପିଲାଟା ଖୁବ୍ ଡାଇନାମିକ୍ । ବ୍ରିଲିଆଂଟ୍ । (୩) ଉକ୍ତ ବକ୍ତବ୍ୟଟି ଓପନ୍ୟାସିକ

ISSN NO.
2582-208X

ପ୍ରକାଶ କରିଛନ୍ତି ଏକ ସମ୍ପାଦକ ମୁଖରେ । ଏଇ ଡାଇନାମିକ୍ ଶବ୍ଦ ହିଁ ଅତନୁ ପାଇଁ ଖୁବ୍ ପ୍ରଯୁଜ୍ୟ । କାରଣ ଏଇ କ୍ଷେତ୍ରରେ ଉକ୍ତ ଚରିତ୍ରର ପରିବର୍ତ୍ତନତାକୁ ହିଁ ବୁଝାଉଛି । ଔପନ୍ୟାସିକ ଖୁବ୍ ସତର୍କତାର ସହ ଅତନୁପାଇଁ ଏ ଶବ୍ଦକୁ ପ୍ରୟୋଗ କରିଛନ୍ତି । ଦେଖିଛନ୍ତି ଏଇ ସମାଜରେ ଅତନୁ ପରି ଚରିତ୍ର ଅନେକ ଅଚନ୍ତି । ନାନା କାର୍ଯ୍ୟରେ ହାତ ଦେବା ସହ ନିଜକୁ କିପରି ଅନ୍ୟ ସମ୍ମୁଖରେ ପରିବର୍ତ୍ତନ କରନ୍ତି । ପୁନଶ୍ଚ ପିଲାଟା ଏକ ରେସିଂ ହର୍ସ ।(୪) ଉକ୍ତ ସଂଳାପଟି ଜେଣ ରିଟାୟାର୍ଡ଼ ମୁଖରୁ ପ୍ରକାଶ କରାଇଛନ୍ତି । ଏଥିରୁ ଜଣା ଯାଉଛି ଅତନିଜ ଣେ କ୍ଷୀପ୍ର ଓ ଚତୁର ଚରିତ୍ର ।

ଉପନ୍ୟାସରେ ଚରିତ୍ର, ପ୍ରକୃତି ଓ ପରିବେଶ ଆଦିକୁ ଚିତ୍ରିତ କଲାବେଳେ ଔପନ୍ୟାସିକଟିଏ ନାନା ଶବ୍ଦ ବ୍ୟବହାର କରିଥାଏ । ବ୍ୟଞ୍ଜନାଧର୍ମୀ, ପ୍ରତୀକାତ୍ମ ଓ ଉପମାବାଚକ ଶବ୍ଦ ପ୍ରୟୋଗ ଆଦିର ସାହାଯ୍ୟକୁ ଔପନ୍ୟାସିକ ଅନୁଭବ କରେ । ଏବଂ ସ୍ଥାନ ଦିଏ । ଅଂଜଳି ବଂଚିଛି ଉପନ୍ୟାସରେ ପତଂଜଳିର ରୂପ ବର୍ଣ୍ଣନା ସମୟରେ ବହୁ ସତର୍କର ସହ ବର୍ଣ୍ଣନା କରିଛନ୍ତି । ଫୁଲେଇ ପତଂଜଳି । ଭାଗ୍ୟବତୀ । ଗୋରୀ ଝିଅ । ଚହଟ ଚିକ୍କଣୀ । ମଖମଲି । ମାର୍ବଲୀ । ଯୌବନୀ । ଅପ୍ସରୀ । ଲାବଣ୍ୟବତୀ । ଲହିଣୀବତୀ । ମାଖନୀ । ଦେହରେ ଲହୁଣି । ମାଖନ । ବହି ଯାଉଛି । ଝର୍... ଝର୍ । (୫) ଭରି ଅୟସରେ ବଢିଥିବା ପତଞ୍ଜଳିର ରୂପକୁ ଔପନ୍ୟାସିକ ଜେନା ନାନା ଉପମା ଦେଇ ଚିତ୍ରିତ କରିଛନ୍ତି । ଯୌବନରେ ପଦାର୍ପଣ କରିଥିବା ଫୁଲେଇ ପତଞ୍ଜଳି ଗୋରୀ ଓ ଭାରି ସୌଖୀନ୍ । ଏତକ ନକହି ଶ୍ରୀ ଜେନା ମଖମଲି, ମାର୍ବଲୀ, ଅପ୍ସରୀ, ଲାବଣ୍ୟବତୀ, ଲହୁଣିବତୀ । ମାଖନୀ ଭଳି ଶବ୍ଦମାନ ବ୍ୟବହାର କରିଛନ୍ତି ।

ଭାଷା ଚୟନ ନିମିତ୍ତ ଔପନ୍ୟାସିକ ଜେନା ବହୁ ପରିମାଣରେ ମୁକ୍ତ । କାରଣ ଉପନ୍ୟାସର ପ୍ରତିଟି କ୍ଷେତ୍ରରେ ପ୍ରାସଂଗିକ ଶବ୍ଦ ଦେବା ସହ ଭିନ୍ନ ଶବ୍ଦର ସଂଯୋଜନ କରିଛନ୍ତି । ଉପନ୍ୟାସଗୁଡ଼ିକରେ ଅଧିକଂଶ ଘଟଣା ଉତ୍ତର ଓଡ଼ିଶାର ସ୍ଥାନକୁ ନେଇ ରଚିତ । ଚରିତ୍ର ଗ୍ରହଣ ମଧ୍ୟ ସେହି ଅଂଚଳର । ଏଣୁ ଚରିତ୍ର ମୁଖରେ ଭାଷା ସ୍ଥାପନ ସମୟରେ ବହୁ ସ୍ଥାନରେ ବାଲେଶ୍ୱରୀ ଉପଭାଷାକୁ ଉପଲବ୍ଧୀ କରିହୁଏ । ଯଥା;- କିସ, କେନେ, କରିମି,

ISSN NO.
2582-208X

ଦେଖିମି, ବୁଝିମି, ନୋକ ଆଇତେ, ଇମିତି, ନାଭ(ଲାଭ), ତକେଇ ବୁକା, ଉଛୁକା, ରଇବ ଇତ୍ୟାସଦି । ଏଣୁ ଉପନ୍ୟାସିକ ବାଲେଶ୍ୱରୀ ଭାଷାକୁ ଉପନ୍ୟାସରେ କଥାବସ୍ତୁ ଓ ସ୍ଥାନୀୟ ଚରିତ୍ର ବ୍ୟବହାର ଦୃଷ୍ଟିରୁ ବ୍ୟବହାର କରିଛନ୍ତି ।

କେତୋଟି ଉପନ୍ୟାସରେ ମଧ୍ୟ ବେଙ୍ଗଲୀ ଭାଷାକୁ ଗ୍ରହଣ କରିଛନ୍ତି । କାରଣ, ଉପନ୍ୟାସ ମଧ୍ୟରେ ବଙ୍ଗାଳୀ ଚରିତ୍ରଗୁଡ଼ିକ ସ୍ୱଳ୍ପ ହେଲେ ହେଁ, ଶ୍ରୀ ଜେନାଙ୍କ ଉପନ୍ୟାସରେ ବଙ୍ଗାଳୀ ଭାଷା ପରିଦୃଶ୍ୟ । ଏଣୁ ବଙ୍ଗାଳୀ ଭାଷାର ଆଗମନକୁ ଶ୍ରୀ ଜେନା ରୋକି ପାରିନାହାନ୍ତି । ଯଥା;- ବୌଦି, ଦା।

ଭାଷା ନିମିତ୍ତ ଶବ୍ଦ ହେଉଛି ମୁଖ୍ୟ । ଯାହାକୁ ମାଧ୍ୟମ କରି ଲେଖକ ନିଜର ଉଦ୍ଦେଶ୍ୟକୁ ସାଧନ କରେ ତାହା ଶବ୍ଦ ବ୍ୟତୀତ ଅନ୍ୟକିଛି ନୁହେଁ । ଲେଖକ ଏହି ଶବ୍ଦକୁ ପାଥେୟ କରିହିଁ ଉପଯୟକ୍ତ ସ୍ଥାନମାନଙ୍କରେ ଉପଯୁକ୍ତ ଶବ୍ଦଗୁଡ଼ିକୁ ଚୟନ କରି ସଂଯୋଜିତ କରିଥାଏ । ଯାହାକୁ ଇଂରାଜୀରେ କୁହାଯାଏ "Proper Word in Proper Place" ଯଦ୍ୱାରା କି ଲେଖକର ଲଖୋରେ ଭାବ ଓ ବକ୍ତବ୍ୟ ପ୍ରକାଶର ଭଙ୍ଗୀ ଅଧିକ ଉନ୍ମୋଖ ହୋଇଉଠେ । ଉପନ୍ୟାସ ରଚନା କ୍ଷେତ୍ରରେ ଔପନ୍ୟାସିକ ଜେନା ଉପଯୁକ୍ତ ଶବ୍ଦପ୍ରତି ଗୁରୁତ୍ୱ ପ୍ରଦାନ କରି ନିଜ ଉପନ୍ୟାସ ମଧ୍ୟସ୍ଥ ବକ୍ତବ୍ୟକୁ ସାଧିତ କରିଛନ୍ତି । ଶ୍ରୀ ଜେନାଙ୍କ ଉପନ୍ୟାସରେ ଭାବେଦ୍ୟାତକ ଶବ୍ଦ ପାଠକକୁ ବେଶୀ ଆକୃଷ୍ଟ କରେ । କେବଳ ସହ, ସରଳ, ଆଂଚଳିକ ଓ ପେଡ଼ାଶୀ ରାଜ୍ୟର ଶବ୍ଦଗୁଡ଼ିକୁ ତାଙ୍କର ଉପନ୍ୟାସରେ ସ୍ଥାନ ଦେଇନାହାନ୍ତି । ବହୁ ସ୍ଥାନରେ ହିନ୍ଦୀ, ସଂସ୍କୃତ, ଦେଶଜ, ଯାବନିକ, ବୈଦେଶିକ ଶବ୍ଦ ଆଦିର ଦୃଷ୍ଟାନ୍ତ ଦେଖିବାକୁ ମିଳେ ।

ସଂସ୍କୃତ ଶବ୍ଦ - ନମ୍ର, ସିଦ୍ଧାନ୍ତ, ସୁବର୍ଣ୍ଣ, ବ୍ରହ୍ମଚର୍ଯ୍ୟ, ତୃପ୍ତ, ପ୍ରଶ୍ନ, ସ୍ଥାଣୁ,

ହିନ୍ଦୀ ଶବ୍ଦ - କ୍ୟା, ଦେ ଦୋ, ଯିତ୍ନା, ରୂପୟା, ବାଁଶୁରୀ, ବାଜେଗା,

ଇଂରାଜୀ ଶବ୍ଦ - ରେସିଂ ହର୍ସ, ପ୍ଲେଟ୍, ଗ୍ରାଂଟ୍, ଟ୍ରଲର୍, ବସ୍ ଷ୍ଟାଣ୍ଡ୍, ଅଙ୍କଲ୍, ଡିଭିଜନ୍, ଟାର୍ଗେଟ୍, ମେଟ୍ରିକ୍, ଡିପାର୍ଟମେଂଟ୍, ଚାନ୍ସ, ଷ୍ଟାଫ୍,

ISSN NO.
2582-208X

ଧ୍ୱନ୍ୟାତ୍ମକ ଶବ୍ଦ - ସର୍ ସର୍, ସାଇଁ ସାଇଁ, ଧପ୍ ଧପ୍,

ଅନ୍ୟାନ୍ୟ ଶବ୍ଦ - କକା, ଭେଟ, ଜିନିଷ, ଅକାଳ, ଓଲଟାଇ, ଘଷିଲେ, ବାହାଭର, ଗରାଖ

ଉପନ୍ୟାସ ମଧ୍ୟରେ ଘଟଣା ଓ ଚରିତ୍ରମୁଖୀ ସଂଳାପ ସଂଯୋଜନା ନିମିତ୍ତ ଔପନ୍ୟାସିକଟିଏ ନାନା ଶବ୍ଦ ଓ ଭାଷାକୁ ଗ୍ରହଣ କରିଥାଏ । ଏହା ଏକ ସ୍ୱାଭାବିକ କଥା । କାହିଁକିନା ଉପନ୍ୟାସ ମଧ୍ୟରେ ବର୍ଷା ସମୟର ବର୍ଣ୍ଣନା ଏବଂ ମରୁଭୁମିର ବର୍ଣ୍ଣନା ଦୁଇଟିଯାକ ସଂପୂର୍ଣ୍ଣ ଅଲଗା । ସେହିପରି ଗ୍ରାମ୍ୟ ଚରିତ୍ର ଓ ବିଦେଶୀ ଚରିତ୍ରକୁ ଅବତାରଣା ସମୟରେ ଭାଷାର ପ୍ରୟୋଗ ଅଲଗା ଅଲଗା ହୋଇଥାଏ । ଔପନ୍ୟାସି ଜେନା ସମଗ୍ର ଉପନ୍ୟାସଗୁଡ଼ିକରେ ଉପଯୁକ୍ତ ଭାଷା ପ୍ରୟୋଗପ୍ରତି ଯେତିକି ସଚେତନ ହୋଇଛନ୍ତି ସମପରିମାଣରେ ଉପଯୁକ୍ତ ଶବ୍ଦ ଗ୍ରହଣ ପ୍ରତି ନିରପେକ୍ଷ ରହିଛନ୍ତି । ଉପନ୍ୟାସଗୁଡ଼ିକ ଅଧିକାଂଶ ଉତ୍ତର ବାଲେଶ୍ୱର ଅଂଚଳକୁ ନେଇ ରଚିତ ହୋଇଥିବାରୁ ବାଲେଶ୍ୱରୀ ଉପଭାଷାର ବହୁଳ ପ୍ରୟୋଗ ଦେଖିବାକୁ ମିଳିଛି । ସ୍ଥାନୀୟତା ପ୍ରସଙ୍ଗ, ଆଂଚଳିକ ଚରିତ୍ରର ଅବତାରଣା ଏବଂ ଘଟଣାକୁ ବାସ୍ତବାୟିତ କରିବାକୁ ଯାଇ ଶ୍ରୀ ଜେନା ବେଶ୍ ସଚେତନ ବୋଲି ଉପରୋକ୍ତ ଆଲୋଚନାରୁ ସ୍ପଷ୍ଟ ହୁଏ ।

ସହକାରୀ ପ୍ରଫେସର
ମହାରାଜା ପୂର୍ଣ୍ଣଚନ୍ଦ୍ର ସ୍ୱୟଂଶାସିତ ମହାବିଦ୍ୟାଳୟ,
ବାରିପଦା

ପ୍ରାନ୍ତଟୀକା ;

୧. ବାରନାରୀ, ଦୀକ୍ଷା, ଦକ୍ଷ ବୁକ୍ସ, ସେପ୍ଟେମ୍ବର-୨୦୧୪ ପୃ-୧୦
୨. ତତ୍ରୈବ- ପୃ-୭୫
୩. ଅତନୁ ଏଇଟି ସେଇଠି, ପୃ -୧୦୬
୪. ତତ୍ରୈବ,ପୃ-୧୦୬
୫. ଅଂଜଳି ବଂଚିଛି, ପୃ-୩

ISSN NO.
2582-208X

# ପ୍ରିୟ ଗାମୁଛା
## ଆମ.......



ରାମଚନ୍ଦ୍ର ବେହେରା

ବିବାହ ବ୍ରତ ପୂଜା ପରବ
ପାଳନ ଯେବେ ହୁଏ
ସାରା ଦରବ ସାଥେ ଗାମୁଛା
ଚିଠାରେ ସ୍ଥାନ ପାଏ ।
ଶୁଦ୍ଧି ବିଧିରେ ଶୁଭ କାମରେ
ଗାମୁଛା ହୁଏ କିଣା
ପୁରୁଣା ହୋଇ ଚିରି ଗଲେ ସେ
ପାଲଟେ ପୋଛା କନା ।
ଟାଣ ଖରାରେ କରିଲେ ଶ୍ରମ
ବୁହଇ ଦେହୁ ଝାଳ
ଗାମୁଛା ତାକୁ ପୋଛି ସରାଗେ
ବଢାଏ ମନୋବଳ ।
ଗାମୁଛା ଦିଏ ଥଣ୍ଡା ପବନ
ହାତରେ ଦେଲେ ଝାଡି
ଜିନିଷ ପାଇଁ ଗଣ୍ଠିଲି ବନେ
ବାନ୍ଧିଲେ ତାକୁ ଭିଡି ।

ISSN NO.
2582-208X

ରଂଗ ବେରଂଗ ଗାମୁଛା ଆମ
ଲୁହକୁ ଦିଏ ପୋଛି
ଗ୍ରୀଷମ କାଳେ ତା' ଭିଜା ଦେହ
ପରାଣେ ଭରେ ଶାନ୍ତି ।
ମୁଣ୍ଡରେ ଠେକା ବାନ୍ଧି କୃଷକ
କରଇ ବିଲ କାମ
ଅଣ୍ଟାରେ ଭିଡି ଶ୍ରମିକ ଭାଇ
ଖଟଇ ରାତି ଦିନ ।
ଗାଆଁର ଜନେ ହରଷ ମନେ
ଭୂଇଁରେ ତାକୁ ପାରି
ଗଛ ମୂଳରେ ସରାଗେ ଶୋଇ
ମାରନ୍ତି ଘୁଡୁଘୁଡି ।
ସକାଳ ହେଲେ ଶଉଚ କର୍ମେ
ଗାମୁଛା ହୁଏ ଖୋଜା
ଗାଧୁଆ ତୁଠେ ଘସିଲେ ତାକୁ
ଦେହକୁ ଲାଗେ ମଜା ।
ଗାମୁଛା କରେ ଲୋକଂକ ହିତ
ବରଷ ବାର ମାସ
ନିଜକୁ ଛୋଟ ନମଣି ସିଏ
ସଭିଂକୁ କରେ ବଶ ।

ତେନ୍ତୁଳିପଦା, ଜଗତସିଂହପୁର
ମୋ-୭୩୫୫୬୩୪୩୪୬

ISSN NO.
2582-208X

# ବିଚାର ନିକିତି



ଅମ୍ବିକା ସ୍ୱାଇଁ

ଅଜାଗା ଘା"ସେ ନିଜେ ଦେଖି ପାରୁଛି
ନା କାହାକୁ ଦେଖାଇ ପାରୁଛି
ନା କାହାକୁ କହି ପାରୁଛି
ନା ସହି ପାରୁଛି....

କେବଳ ଦଗ୍ଧୀଭୂତ ଯନ୍ତ୍ରଣା ରେ
ଛଟପଟ ହୋଇ ମରି ମରି
ତାକୁ ଜିଇଁବାକୁ ହେଉଛି....

କାହା ଆଖିରେ ଆଙ୍ଗୁଠି ଗେଞ୍ଜି
କେହି ପାରି ହୋଇ ଯାଏନା
କଲା କର୍ମର ଫଳ ଭୋଗିବାକୁ ହୁଏ
ଆଜି ନ ହେଲେ ବି କାଲି....

ଏହା ତା'ର ସତ ଲୁହ ନା ମିଛ ଲୁହ ?
ନିଜ ଅନ୍ତରାତ୍ମା ଜାଣୁଥିବ

ISSN NO.
2582-208X

ସତ କଣ ମିଛ କଣ... ?
ପରମାତ୍ମା ଜାଣୁଥିବେ ଭୁଲ କିଏ ଠିକ କିଏ ?

ମଣିଷ ଆଖିରେ ସିନା
ଅନ୍ଧ ପୁଟୁଳି ବାନ୍ଧି ଲୁଚକାଳି
ଖେଳାଯାଇ ପାରେ....
ସେ ଅଦୃଶ୍ୟ ପଲକହୀନ
ଆଖିରୁ କ'ଣ କିଏ ଖସି ଯାଇପାରେ
ଏତେ ସହଜରେ....

ତାଙ୍କ ବିଚାର ର ନିକତିରେ
ସେ ତଉଲି ନିଅନ୍ତି
ତାଙ୍କ ବିବେକର ମାପକାଠିରେ
ମାପି ନିଅନ୍ତି ଦୈର୍ଘ୍ୟ, ପ୍ରସ୍ଥ,ଉଚ୍ଚତା କେତେ ?
କାହା ଭାଗ ରେ କ"ଣ ପଡିବ...
ସମୟ ତା"ର ଉତ୍ତର ଦେବ..!!

ଭୁବନେଶ୍ୱର

ISSN NO.
2582-208X

# ଅଜଣା ଠିକଣା



ପ୍ରଦୀପ କୁମାର ସିଂହ ଦେଓ

ଅଭିମାନିନୀ ଅଭିସାରିକା ସାଜି
ସେ ଆସେ ଗଭୀର ତନ୍ଦ୍ରାଛନ୍ନ ଆଖିରେ
ପୁଣି କ୍ଷଣକ ମାତ୍ରେ ଉଭେଇ ଯାଏ
କେଉଁ ଏକ ଅଜଣା ଦିଗନ୍ତ ମଧ୍ୟରେ ।

ମୁଁ କେବେ ଖୋଜି ପାଏନି ତାହାକୁ
କିନ୍ତୁ ଖୋଜି ଚାଲିଛି ଅନେକ ଦିନରୁ
କେତେବେଳେ ଖୋଜିଛି ମୁଁ
ଶରତ ଆକାଶର ପୂର୍ଣ୍ଣମୀ ଜହ୍ନରେ
ଆଉ କେତେବେଳେ ଖୋଜିଛି
ବସନ୍ତ ଆଗମନରେ ମଦମତ୍ତ
କୋଇଲିର ପଞ୍ଚମ ସୁମଧୁର ତାନରେ ।
ଖୋଜି ଚାଲିଛି ତା'ର ଠିକଣା
ଶୀତର ଶାନ୍ତ ଉଦାସୀ ବେଳାରେ
ଗ୍ରୀଷ୍ମର ପ୍ରଚଣ୍ଡ ରୌଦ୍ରତାପରେ ।
ନ ପାଇବାର ଦୁଃଖ ଭାଙ୍ଗି ପାରିନାହିଁ

ISSN NO.
2582-208X

ଅମାନିଆ ମନ ଧାଇଁଛି ରିମ୍ ଝିମ୍ ବରଷା ମଧ୍ୟରେ
ଆଉ କେତେବେଳେ ଖୋଜିଛି
ନିର୍ମଳ ଆକାଶର ଚୁନା ଚୁନା ତାରା ମଧ୍ୟରେ ।
ଅସରନ୍ତି ଅନ୍ବେଷଣର ଭାବଧାରାର ଯାତ୍ରା
କାୟମ ରହିଥିବ ଶେଷ ମୁହୂର୍ତ୍ତ ପର୍ଯ୍ୟନ୍ତ ।
ଏହି ଅସମ୍ପୂର୍ଣ୍ଣତାର ଆନନ୍ଦ ଆଣି ଦେଇଛି
ମୋ ପାଇଁ ବଞ୍ଚିବାର ପ୍ରଶସ୍ତ ରାହା
ନୂତନତାର ସନ୍ଧାନ ଓ ବର୍ଣ୍ଣାଳୀ ଜୀବନର ସପ୍ତରଙ୍ଗ ॥

ଗାଁ ଓ ଡାକଘର ଇଗ୍ରୁ
ଜିଲ୍ଲା ଷଢ଼େଇକଳା ଖରସୁଆଁ,
ଝାଡ଼ଖଣ୍ଡ /ମୋ ନ ୮୦୮୪୪୫୯୨୦୭

ISSN NO.
2582-208X

# ପରମ୍ପରା ର ଆଢୁଆଳେ



ସୁନନ୍ଦା ମିଶ୍ର

ଅଫିସ ଯିବା ପାଇଁ ତରବରରେ ଶାଢ଼ୀ ପିନ୍ଧୁ ଥିବା ସମୟ ରେ ହଠାତ ଚମକି ପଡିଲେ ସୁନିତା । ଝିଅ ନିଶି ଙ୍କ ପ୍ରଶ୍ନ ଶୁଣି ... ମମି ଜେଜେ ମା ଆଜି ମୋତେ ଗୋଟେ ପୋଏମ ଶିଖାଉଥିଲେ ... 'ମମି କି ରୋଟୀ ଗୋଲ ଗୋଲ, ପାପା କେ ପୈସେ ଗୋଲ ଗୋଲ'... ତୁମ ପାଖରେ କଣ ଗୋଲ ଗୋଲ ପଇସା ନାହିଁ ? ଖାଲି ଗୋଲ ଗୋଲ ରୁଟି ଅଛି ?

ନିଶି ର ପ୍ରଶ୍ନ ଟି ଖୁବ ସରଳ ଥିଲା । କିନ୍ତୁ ସେଥିରେ ଛୁପି ରହିଥିବା ରହସ୍ୟ ଟି ସୁନିତା ଙ୍କ ମନରେ ଆଲୋଡନ ସୃଷ୍ଟି କରିଥିଲା । ଏଇ ଛୋଟିଆ ପ୍ରଶ୍ନ ଟି ର ଯେ କେତେ ଗଭୀର ମାନେ ଅଛି ସେ ଠିକ ଅନୁମାନ କରିପାରୁଥିଲେ । ସୁନିତା ଙ୍କ ପୁଅ ରାହୁଲ ଙ୍କୁ ୨ ବର୍ଷ ଏବଂ ଝିଅ ନିଶି ର ବୟସ ମାତ୍ର 7 ବର୍ଷ ।

ନିଶି ବାରମ୍ବାର ପଚାରୁଛି, "ମମି, ତୁମ ପାଖରେ ପାପାଙ୍କ ପରି ଗୋଲ୍ ଗୋଲ୍ ପଇସା

କାହିଁକି ନାହିଁ"? ସ୍ମିତ ହସ ସହ ଏକ ଦୁଃଖ ର ମିଶ୍ରିତ ଅନୁଭବ ତାଙ୍କ ହୃଦୟକୁ ଆଲୋଡିତ କରିଦେଲା । ସେ ଦେଖିଲେ ଯେ ତାଙ୍କ ଝିଅର ନିରୀହ ଆଖି ଉତ୍ତର ଖୋଜୁଛି, ଏବଂ ତା ମନରେ ପ୍ରଶ୍ନ ବାଟୀ ଭରି ରହିଛି । ସେହି ମୁହୂର୍ତ୍ତରେ, ସୁନିତା ଦୈନନ୍ଦିନ ଜୀବନରେ ବୁଣା ଯାଇଥିବା ସୂକ୍ଷ୍ମ ପକ୍ଷପାତିତା ବିଷୟରେ ଚିନ୍ତା କଲେ । ବିଭିନ୍ନ ଭୂମିକା କୁ ରୂପରେଖ ଦେବାପାଇଁ ଏବଂ ଗତାନୁଗତିକ ଆଶା ଓ ଆକାଂକ୍ଷା ଗୁଡିକ ଏହି ସରଳ ଗୀତକୁ କିପରି ରୂପ ଦେଇଛି । ସେ ଧୀରେ ଧୀରେ ହସିଲେ ଏବଂ କହିଲେ, ନିଶି, ମୋର ମଧ୍ୟ ଗୋଲ ଗୋଲ ପଇସା ଅଛି। ମୁଁ ମଧ୍ୟ ପାପାଙ୍କ ପରି କଠିନ ପରିଶ୍ରମ କରେ, ଅଫିସ ଯାଏ, କିନ୍ତୁ ତା ସହିତ ମୁଁ ସୁନିଶ୍ଚିତ କରେ ଯେ ଆମ ପାଖରେ ସୁସ୍ୱାଦୁ ଖାଦ୍ୟ ବନି ପାରୁ,

ISSN NO.
2582-208X

ତୁମେ ମାନେ ପରିଷ୍କାର ପରିଚ୍ଛନ ପୋଷାକ ପିନ୍ଧିପାର ଏବଂ ତୁମମାନଙ୍କୁ ଆରାମଦାୟକ ଜୀବନ ମିଳୁ। ଏଇଟା ତା ଖାଲି ଗୋଟେ ପୋଏମ" ! ଝିଅ କୁ ବୁଝେଇବାକୁ କହିତ ଦେଲେ ସିଏ । କିନ୍ତୁ... ନିଜ କୁ କେମିତି ବୁଝାଇବେ ?ହୃଦୟ ଭିତରେ, ଯଦିଓ, ସେ ଏମିତି ଏକ ଦୁନିଆର ସ୍ୱପ୍ନ ଦେଖନ୍ତି ଯେଉଁଠାରେ ତାଙ୍କ ଝିଅକୁ ଏପରି ପ୍ରଶ୍ନ ପଚାରିବାକୁ ପଡ଼ିବ ନାହିଁ, ଯେଉଁଠାରେ ଝିଅ ଏବଂ ପୁଅମାନେ ଜାଣିବେ ଯେ ଗୋଲ୍ ଗୋଲ୍ ପଇସା କାମ କରୁଥିବା ଯେକୌଣସି ଲୋକ ର ଅଧିକାର ଅଟେ ।

ତା ପର ଦିନ ରବିବାର ହେଇଥାଏ ସମସ୍ତଙ୍କ ର ଛୁଟି । କିନ୍ତୁ ସୁନିତା ଙ୍କ କାମ ସେଦିନ ଗୁଡିକରେ ଦୁଇଗୁଣ ବଢିଯାଏ । ସମସ୍ତେ ଚାହିଁ ବସି ଥାନ୍ତି ଗରମ ଗରମ ବ୍ରେକଫାଷ୍ଟ ଆଉ ସୁସ୍ୱାଦୁ ଲଞ୍ଚ ଖାଇବାକୁ । ସକାଳୁ ଉଠି ସୁନିତା ଲାଗିପଡନ୍ତି ରୋଷେଇ ଘରେ ।

ଟେବୁଲ୍ ଉପରେ ମାଧ୍ୟାନ୍ନ ଭୋଜନ ସେଟ୍ କରୁଥିବାବେଳେ ସୁନିତା ତାଙ୍କ ଶାଢ଼ୀକୁ ଆଉଜଷ୍ଟ କରିଥିଲେ, ମନ ତାଙ୍କ ନିଶି ର ସେ ସରଳ ପ୍ରଶ୍ନ ଯୋଗୁଁ ବିଚଳିତ ହେଉଥିଲା । ଦୁଇ ପିଲାଙ୍କ ମଧ୍ୟରେ ବୟସ ର ଫରକ ବେଶୀ ନ ଥିଲା, କିନ୍ତୁ ଘର ଲୋକମାନେ ସେ ଦୁଇ ପିଲାଙ୍କ ପାଇଁ ଯେମିତି ଦୁଇଟି ଅଲଗା ଦୁନିଆ ଗଢି ତୋଳୁଥିଲେ । ପୁରୁଣା ପରମ୍ପରାର ପ୍ରତିଧ୍ୱନି ତାଙ୍କ ନିଜ ଘରେ ପ୍ରବେଶ କରିସାରି ଥିବା ଅନୁଭବ କଲେ ସୁନିତା, ଏବଂ ଆଜି ସେ ଏହି ପରମ୍ପରାକୁ ଭାଙ୍ଗିବାକୁ ସ୍ଥିର କରିନେଲେ ।

ରାହୁଲଙ୍କ ଦୁନିଆ ଖେଳ କୁଦ ଆଉ ପାଠ ପଢ଼ାରେ ସୀମିତ ଥିଲା ତାଙ୍କୁ ଅଧ୍ୟାୟନ ଏବଂ କ୍ରୀଡା ଉପରେ ଧ୍ୟାନ ଦେବାକୁ ଉତ୍ସାହିତ କରାଯାଇଥିଲା, ଯେତେବେଳେ ନିଶି ଙ୍କୁ ପ୍ରାୟତଃ ରୋଷେଇ ଘରେ ତାଙ୍କୁ ସହଯୋଗ କରିବାକୁ କୁହାଯାଇଥିଲା। ଏପରିକି ରାହୁଲ ମଧ୍ୟ ତାଙ୍କ କମ୍ ବୟସରେ, ଭୂମିକାର ଏହି ବିଭାଜନକୁ ବିନା ପ୍ରଶ୍ନରେ ଗ୍ରହଣ କରିନେଇ ଥିଲେ। ସେ ନିଶି ଙ୍କୁ ତାଙ୍କ ପାଇଁ ପାଣି ଆଣିଦେବା ଏବଂ ଅନ୍ୟାନ୍ୟ କାମ କରିବାକୁ କହୁଥିଲେ, ସେ ନିଶି ଙ୍କୁ କାମ ବତେଇବାରେ ଅଭ୍ୟସ୍ତ ହୋଇ ଯାଇଥିଲେ । ସୁନିତା ଏହି ଛୋଟ ଛୋଟ ଜିନିଷ ଗୁଡ଼ିକୁ ବାରମ୍ବାର ହେଉଥିବା ଦେଖିଲେ, ଏବଂ ଏହା ତାଙ୍କୁ ବିବ୍ରତ କରୁଥିଲା ।

ଦିନେ ସନ୍ଧ୍ୟା ରେ, ଯେତେବେଳେ ସେମାନେ ଏକାଠି ଟେବୁଲ ସେଟିଂ କରୁଥିଲେ, ସୁନିତା ରାହୁଲଙ୍କ ସହ କଥା ହେବାକୁ ନିଷ୍ପତ୍ତି ନେଲେ। ରାହୁଲ, ତୁ ଡାଇନିଂ ଟେବୁଲ ଉପରେ

ISSN NO.
2582-208X

ପ୍ଲେଟ ସେଟ କରିବାରେ ସାହାଯ୍ୟ କର.... ନିଶି ସାଲାଡ଼ ପ୍ଲେଟରେ ସଜାଇବ । ରାହୁଲ ଆଶ୍ଚର୍ଯ୍ୟ ହେଲେ ଏବଂ ଅନିଇଚ୍ଛୁକତା ସହିତ ପ୍ଲେଟଗୁଡ଼ିକୁ ରଖିବା ଆରମ୍ଭ କଲା । ରାହୁଲଙ୍କ ସାମାନ୍ୟ ଦ୍ୱନ୍ଦ୍ୱକୁ ଲକ୍ଷ କରି, ସୁନିତା ତାଙ୍କ ଆଡ଼କୁ ଚାହିଁଲେ। କିଛି ଅସୁବିଧା ହେଲା କି ? ସେ ପଚାରିଲେ। ପ୍ରକୃତରେ ନୁହେଁ, ମା। କିନ୍ତୁ ... ସାଧାରଣତଃ ନିଶି ଏଭଳି କାମ କରିଥାଏ, ସେ ଟିକିଏ ଲଜ୍ଜିତ ହୋଇ ଉତ୍ତର ଦେଲା। ସୁନିତା ଏକ ଦୀର୍ଘ ନିଃଶ୍ୱାସ ଛାଡ଼ିଲେ। ରାହୁଲ, ତୁ ଜାଣିଛୁ ନିଶି କାହିଁକି ଘରେ ଅଧିକ ସାହାଯ୍ୟ କରେ ?

ସେ ମୁଣ୍ଡ ହଲାଇଲା, କୌତୁହଳରେ ଆଖି ଦୁଇଟାକୁ ବଡ ବଡ କରି ଚାହିଁଲା । ସୁନିତା ତାଙ୍କ ନିଜ ପିଲାଦିନର ସ୍ମୃତି କହିବାକୁ ଲାଗିଲେ, ଯେତେବେଳେ ତାଙ୍କୁ ଏବଂ ତାଙ୍କ ଭଉଣୀମାନଙ୍କୁ ପରୀକ୍ଷା ସମୟ ରେ ମଧ୍ୟ ରୋଷେଇ ଘରେ ସାହାଯ୍ୟ କରିବେ ବୋଲି ଆଶା କରାଯାଉଥିଲା । ଏହାକୁ ଘର ର ଝିଅମାନଙ୍କର କର୍ତ୍ତବ୍ୟ ବୋଲି ବିବେଚନା କରାଯାଉଥିଲା, ସେ ବୁଝାଇଲେ, କିନ୍ତୁ ମୁଁ ନିଶି ପାଇଁ ତାହା ଚାହେଁ ନାହିଁ, ନା ତୋ ପାଇଁ ।

ରାହୁଲ ବିଚଳିତ ହୋଇ ଚାହିଁଲା। କିନ୍ତୁ ଏହା କଣ ଠିକ୍ କଥା ? ଏହା ହିଁ ସମସ୍ୟା, ରାହୁଲ, ସେ ଉତ୍ତର ଦେଲେ, ତାଙ୍କ ସ୍ୱର କୋମଳ କିନ୍ତୁ ଦୃଢ଼ ଥିଲା । ପରମ୍ପରା ଏଭଳି ଚାଲି ଆସିଛି, କିନ୍ତୁ ଏହାର ଅର୍ଥ ନୁହେଁ ଯେ ଏଇଟା ଉଚିତ କଥା । ପୁଅ ଏବଂ ଝିଅ, ପୁରୁଷ ଏବଂ ମହିଳା, ଆମ ସମସ୍ତଙ୍କର ପରିବାରରେ ଏକ ଭୂମିକା ଅଛି, କିନ୍ତୁ ଏହି ଭୂମିକା ପୁରୁଣା ଚିନ୍ତାଧାରା ଦ୍ୱାରା ସୀମିତ ହେବା ଉଚିତ୍ ନୁହେଁ।

ପରବର୍ତ୍ତୀ କିଛି ସପ୍ତାହ ମଧ୍ୟ ରେ, ସୁନିତା ଉଭୟ ପିଲାମାନଙ୍କୁ ଘରର ସହଭାଗୀ ଦାୟିତ୍ୱ ବିଷୟରେ ସଚେତନ କରିବା ପାଇଁ ସୂକ୍ଷ୍ମ ପଦକ୍ଷେପ ନେଇଥିଲେ। ସେ ରାହୁଲଙ୍କୁ ତାଙ୍କ ଭଉଣୀକୁ ଘର କାମରେ ସାହାଯ୍ୟ କରିବାକୁ ଏବଂ ନିଶିଙ୍କୁ ତାଙ୍କ ପିତାଙ୍କ ବ୍ୟବସାୟିକ ଆଲୋଚନାରେ ଯୋଗଦେବାକୁ ଉତ୍ସାହିତ କରିଥିଲେ। ସେ ଉଭୟ ପିଲାମାନଙ୍କୁ କହିଥିଲେ ଯେ ରୋଷେଇ କରିବା ଏବଂ ଘର ସଫା କରିବାରେ ସକ୍ଷମ ହେବା କେବଳ ଅନ୍ୟ ମାନଙ୍କୁ ସାହାଯ୍ୟ କରିବା ନୁହେଁ; ଏହା ସ୍ୱାଧୀନତା ଏବଂ ଆତ୍ମନିର୍ଭରଶୀଳତା ବିଷୟ ରେ ଥିଲା।

ରାହୁଲ, ଯଦିଓ ପ୍ରଥମେ ଦ୍ୱିଧାଗ୍ରସ୍ତ ଥିଲେ, ନିଜେ ଛୋଟ ଛୋଟ କାମ କରିବା ଆରମ୍ଭ କଲେ ଏବଂ ସପ୍ତାହାନ୍ତରେ ଜଳଖିଆ ପ୍ରସ୍ତୁତ କରିବାରେ ମଧ୍ୟ ସାହାଯ୍ୟ କରିବାକୁ ଲାଗିଥିଲେ। ଯେତେବେଳେ ନିଶି ଥରେ ଉଲ୍ଲେଖ କଲେ ଯେ ତାଙ୍କ ସାଙ୍ଗମାନେ ଭାବିଲେ

ISSN NO.
2582-208X

ଯେ ସେ ଭାଗ୍ୟବାନ ଯେ ତାଙ୍କର ଜଣେ ଭାଇ ଅଛନ୍ତି ଯିଏ ତାଙ୍କୁ ତାଙ୍କ କାମରେ ସାହାଯ୍ୟ କରନ୍ତି, ସୁନିତା ବୁଝାଇବାକୁ ଲାଗିଲେ, ରାହୁଲ ଓ ତୁମେ ଦୁହେଁ ଏହି ଘର ପାଇଁ ସମାନ ଭାବରେ ଦାୟୀ । ଯେତେବେଳେ ପରିବାର କଥା ଆସେ ସେତେବେଳେ କୌଣସି କଥାରେ ସାହାଯ୍ୟ କରିବା ନଥାଏ କାରଣ ତୁମେ ଦୁହେଁ ହିଁ ଏ ଘରର ଅଂଶବିଶେଷ ।

ସମୟ ସହିତ, ସୁନିତା ଧୀରେ ଧୀରେ ସାମାନ୍ୟ ପରିବର୍ତ୍ତନକୁ ଅନୁଭବ କରୁଥିଲେ । ନିଶି ଯେତେବେଳେ କ୍ଳାନ୍ତ ହେଇ ପଡୁଥିଲା ରାହୁଲ ତା କାମ ରେ ସାହାଯ୍ୟ କରିବା ଆରମ୍ଭ କରିଥିଲେ ଏବଂ ତାଙ୍କ କାମ ସମ୍ଭାଳିବାକୁ ପ୍ରସ୍ତାବ ଦେଲେ, ନିଶି ଜାଣିବାକୁ ପାଇଲେ ଯେ ସେ ତାଙ୍କ ଆଶା କରାଯାଉଥିବା ଭୂମିକା ବାହାରେ ଭି କାମ କରିପାରିବେ। ସୁନିତା ଜାଣିଥିଲେ ଯେ ଏହା ଏକ ଛୋଟ ପଦକ୍ଷେପ, କିନ୍ତୁ ପ୍ରତ୍ୟକ ଯାତ୍ରା ଗୋଟିଏ ପାଦରୁ ଆରମ୍ଭ ହୋଇଥାଏ। ସେ ଏକ ଶାନ୍ତି ଏବଂ ଗର୍ବ ଅନୁଭବ କରିଥିଲେ ଯେ ସେ ଏପରି ଏକ ପରିବାରକୁ ପୋଷଣ କରୁଛନ୍ତି ଯେଉଁଠାରେ ସମ୍ମାନ ଏବଂ ଦାୟିତ୍ୱ ଷ୍ଟେରିଓଟାଇପ୍ ବାହାରେ ।

ସୁନିତା ଜାଣିଥିଲେ ଯେ ତାଙ୍କ ପିଲାମାନଙ୍କ ଦୃଷ୍ଟିକୋଣକୁ ପୁନଃସୃଷ୍ଟି କରିବା ଯୁଦ୍ଧର କେବଳ ଏକ ଅଂଶ । ତାଙ୍କ ସ୍ୱାମୀ ରମେଶ ଏବଂ ତାଙ୍କ ଶାଶୂଘର ଲୋକଙ୍କୁ ଏଇ ଚିନ୍ତାଧାରା କୁ ଗ୍ରହଣ କରିବା ଅଧିକ କଷ୍ଟକର ହେବ। ସେମାନେ ପରମ୍ପରାରେ ଦାଇରାରେ ହୋଇ ବଡ଼ ହୋଇଥିଲେ, ବିଶ୍ୱାସ କରୁଥିଲେ ଯେ ଜଣେ ମହିଳାଙ୍କ ମୂଲ୍ୟ ତାଙ୍କ ପରିବାର ଏବଂ ଘର ପ୍ରତି ତାଙ୍କର ଭକ୍ତି ଉପରେ ନିର୍ଭର କରେ। ସୁନିତା ସେମାନଙ୍କୁ ଗଭୀର ଭାବରେ ସମ୍ମାନ କରୁଥିଲେ, କିନ୍ତୁ ସେ ଏହା ମଧ୍ୟ ଜାଣିଥିଲେ ଯେ ଯଦି ସେମାନେ ନିଶି ସମସ୍ତ ମହିଳାଙ୍କ କର୍ତ୍ତବ୍ୟ ଗ୍ରହଣ କରିବେ ବୋଲି ଆଶା ରଖନ୍ତି, ଯେତେବେଳେ ରାହୁଲ କେବଳ ତାଙ୍କ ମହତ୍ୱାକାଂକ୍ଷା ଉପରେ ଧ୍ୟାନ ଦିଅନ୍ତି, ତେବେ ସେମାନେ ସେହି ଅସନ୍ତୁଳନକୁ ସୁଦୃଢ଼କରିବା ଜାରି ରଖିବେ ଯାହା କୁ ଭାଙ୍ଗିବା ପାଇଁ ସେ କଠିନ ପରିଶ୍ରମ କରୁଥିଲେ।

ଦିନେ ସନ୍ଧ୍ୟା ରେ, ପିଲାମାନେ ଶୋଇବାକୁ ଯିବା ପରେ, ସୁନିତା ରମେଶଙ୍କ ସହିତ ବସିଥିଲେ । ସେ ଏକ ସରଳ ପ୍ରଶ୍ନ ସହିତ ବାର୍ତ୍ତାଳାପ ଆରମ୍ଭ କରିଥିଲେ, ତୁମେ ଚାହୁଁଛ କି ନିଶି କୁ ରାହୁଲଙ୍କ ଭଳି ସମାନ ସୁଯୋଗ ମିଳୁ ? ଅବଶ୍ୟ !, ରମେଶ ଟିକିଏ ବିଚଳିତ

ISSN NO.
2582-208X

ହୋଇ ଉତ୍ତର ଦେଲେ । ସେମାନେ ଦୁହେଁ ମୋର ପିଲା। ମୁଁ ଚାହେଁ ସେମାନେ ସମାନ ଭାବେ ସଫଳ ହୁଅନ୍ତୁ।

ସୁନିତା ମୁଣ୍ଡ ହଲାଇଏହି ମୁହୂର୍ତ୍ତଟିକୁ ଆଗକୁ ବଢ଼ାଇ ନେଲେ। ତେବେ ଆମେ କାହିଁକି ସେମାନଙ୍କୁ ଘରେ ଏତେ ଭିନ୍ନ ଭାବରେ ବ୍ୟବହାର କରୁ? ଆମେ କାହିଁକି ଆଶା କରୁ ଯେ ନିଶି ଘର କାମ କରିବ ଯେତେବେଳେ ରାହୁଲ କେବଳ ତା ଅଧ୍ୟୟନ ରେ ଧ୍ୟାନ ଦେବ? ଏହା କଣ ନିଶିକୁ ଏହା ଭାବିବାକୁ ବାଧ୍ୟ କରୁନାହିଁ ଯେ ତାଙ୍କ ଭୂମିକା ସର୍ବଦା ଗୌଣ ରହିବ?

ରମେଶ ଚିନ୍ତାଶୀଳ କିନ୍ତୁ ଅନିଶ୍ଚିତ ଦେଖାଯାଉଥିଲେ। ସେମିତି ହେଉନାହିଁ କି, ସୁନିତା? ପୁଅମାନଙ୍କର ଏକ ଭିନ୍ନ ଭୂମିକା ରହିଛି। ଶେଷରେ ସେମାନଙ୍କୁ ନିଜ ପରିବାରର ଯତ୍ନ ନେବାକୁ ପଡ଼ିବ, ଯେତେବେଳେ କି ଝିଅମାନଙ୍କୁ ନିଜ ପରିବାରର ଯତ୍ନ ନେବା ପାଇଁ ପ୍ରସ୍ତୁତ ରହିବାକୁ ପଡ଼ିବ।

କିନ୍ତୁ ସମୟ ବଦଳୁଛି, ରମେଶ, ମୃଦୁ ସ୍ୱରରେ ଜବାବ ଦେଲା ସୁନିତା।ନିଶି ରାହୁଲଙ୍କ ପରିକ୍ୟାରିଅର କରିପାରିବ, ଏବଂ ରାହୁଲ ନିଜର ଯତ୍ନ ନେବାକୁ ଏବଂ ନିଜ ପରିବାର ପାଇଁ ମଧ୍ୟ ଯୋଗଦାନ କରିବାକୁ ସକ୍ଷମ ହେବା ଉଚିତ୍। ଚିନ୍ତା କର ଯେ ଆମେ କେତେ ଗର୍ବିତ ହେବୁ ଯଦି ଆମ ପିଲାମାନେ ଉଭୟ ନିଜ କ୍ୟାରିଅର ରେ ଏବଂ ଘରେ ପରସ୍ପରକୁ ସମର୍ଥନ କରିବାରେ ସକ୍ଷମ ହୋଇ ବଡ଼ ହୁଅନ୍ତି !

ରମେଶ ନୀରବ ରହି ତା କଥା ଶୁଣୁଥିଲେ । ସୁନିତା ଆହୁରି କହିଥିଲେ, ଆମ ପିଲାମାନେ ତୁମ ଆଡକୁ ଚାହିଁଥାନ୍ତି ଏବଂ ତୁମର ସମ୍ମାନ କରନ୍ତି। କଳ୍ପନା କର ଯଦି ସେମାନେ ତୁମକୁ ଘରର ଦାଇତ୍ୱ ରେ ହାତ ବାଣ୍ଟୁଥିବା ଦେଖନ୍ତି ତେବେ ଏହା ସେମାନଙ୍କୁ କେଉଁ ସନ୍ଦେଶ ଦେବ । ଯଦି ସେମାନେ ଦେଖନ୍ତି ଯେ ତୁମେ ଘର କାମରେ ମୋତେ ସାହାଯ୍ୟ କରୁଛ, ଠିକ୍ ଯେପରି ମୁଁ ତୁମ କ୍ୟାରିଅର ରେ ତୁମକୁ ସମର୍ଥନ କରୁଛି... ସେମାନଙ୍କ ପାଇଁ ଉଦାହରଣ ସୃଷ୍ଟି କରିବାରେ ଆମେ ସମର୍ଥ ହେଇ ପାରିବା ।

କିନ୍ତୁ ସବୁଠାରୁ ବଡ କାମ ଥିଲା ଘର ର ବଡ଼ ମାନଙ୍କ ଆଗରେ ନିଜ ବିଚାର ଧାରା ପ୍ରକାଶ କରି ସେମାନଙ୍କ ସମର୍ଥନ ପାଇବା ପରଦିନ ସକାଳେ, ସୁନିତା ତାଙ୍କ ଶାଶୂଘର ଲୋକଙ୍କ

ISSN NO.
2582-208X


ସହ କଥାବାର୍ତ୍ତା କରିବାକୁ ନିଷ୍ପତ୍ତି ନେଇଥିଲେ । ଚା ପିଇବା ସମୟ ରେ ସେ ଧୀରେ ଧୀରେ ପିଲାମାନଙ୍କ ବଗ ସଜାଡୁ ସଜାଡୁ ଶାଶୁ ଙ୍କୁ କହିଲେ, "ଯଦି ସମଗ୍ର ପରିବାର ଏକାଠି କାମ କରନ୍ତି ତେବେ ଆହୁରି କେତେ କିଛି ହାସଲ କରାଯାଇପାରିବ" ସେ ବିଷୟ ରେ ଆଲୋଚନା କରିଥିଲେ । ତାଙ୍କ ଶାଶୁ ଭ୍ରୂଲତାକୁ ଉଠେଇ ଚାହିଁଥିଲେ, ଏଭଳି କଥାବାର୍ତ୍ତା ତାଙ୍କ ପାଇଁ ନୂଆ ଥିଲା ଏମିତି କଥା ଶୁଣିବା ପାଇଁ ସେ ପ୍ରସ୍ତୁତ ନ ଥିଲେ ।

ସୁନିତା, ଏମିତି ସମୟ ଆସି ନାହିଁ ଯେ ସ୍ୱାମୀମାନେ ରୋଷେଇ ଘରେ ପଶିବା ରୋଷେଇ କରିବା ଦରକାର ପଡିବ..., ତାଙ୍କ ସ୍ୱରରେ ଅସନ୍ତୋଷର ସଙ୍କେତ ଥିଲା ।

ସୁନିତା ଜୋରରେ ହସିଲା।ମୁଁ ଜାଣିଛି, ମା। ସେତେବେଳେ ସମୟ ଭିନ୍ନ ଥିଲା। କିନ୍ତୁ ବର୍ତ୍ତମାନ ଆମ ଚାରିପାଖରେ ଦେଖନ୍ତୁ-ଆମେ ଦେଖୁଛୁ ମହିଳା ଏବଂ ପୁରୁଷମାନେ ନିଜ ଘର ବାହାରେ ଏବଂ ଭିତରେ ହାତରେ ହାତ ମିଶାଇ କାମ କରୁଛନ୍ତି। ଏପରିକି ଆମର ସମ୍ପ୍ରସାରିତ ପରିବାରରେ, ଆମେ ଯୁବ ଦମ୍ପତିମାନଙ୍କୁ ଦେଖୁଛୁ ଯେଉଁମାନେ ଉଭୟ ଭୂମିକା କୁ ସନ୍ତୁଳିତ କରନ୍ତି । କଳ୍ପନା କରନ୍ତୁ ଯେ ଆମ ପରିବାର କେତେ ଶକ୍ତିଶାଳୀ ଏବଂ ଆତ୍ମନିର୍ଭରଶୀଳ ହେବ ଯଦି ଆମେ ଉଭୟ ନିଶି ଏବଂ ରାହୁଲଙ୍କୁ ସମାନ କାର୍ଯ୍ୟ କରିବାକୁ ଶିଖାଇବୁ।

ନୀରବରେ ଶୁଣୁଥିବା ତାଙ୍କ ଶ୍ୱଶୁର ସମ୍ମତି ରେ ମୁଣ୍ଡ ହଲାଇ ସମସ୍ତଙ୍କୁ ଆଶ୍ଚର୍ଯ୍ୟଚକିତ କରିଦେଲେ। ତାଙ୍କର କିଛି ଭୁଲ ନାହିଁ। ମୋ ଅଫିସରେ ମୁଁ ଏବେ ମହିଳାମାନଙ୍କୁ ଉଚ୍ଚ ପଦବୀରେ ଏବଂ ଯୁବକମାନଙ୍କୁ ପିତୃତ୍ୱ ଛୁଟି ନେଉଥିବା ଦେଖୁଛି। ଏହା ହେଉଛି ଆଧୁନିକ ପଦ୍ଧତି। ଆମେ ଆମ ପିଲାମାନଙ୍କୁ ଏଥିପାଇଁ ପ୍ରସ୍ତୁତ କରିବା ଉଚିତ।

ଧୀରେ ଧୀରେ, ସୁନିତା ଙ୍କୁ ତାଙ୍କ ପ୍ରୟାସ ଫଳପ୍ରଦ ହେଲା ପରି ଲାଗିଲା । ରମେଶ ଛୋଟଛୋଟ କାର୍ଯ୍ୟ ରେ ସାହାଯ୍ୟ କରିବା ଆରମ୍ଭ କରିଥିଲେ, ଯାହା ରାହୁଲଙ୍କ ପାଇଁ ଏକ ଉଦାହରଣ ସୃଷ୍ଟି କରିଥିଲା। ତାଙ୍କ ଶାଶୂଘର ଲୋକେ ନିଶି ଙ୍କ ଶିକ୍ଷାଗତ ସଫଳତା ପାଇଁ ତାଙ୍କ ଘରୋଇ ଦକ୍ଷତା ଭଳି ପ୍ରଶଂସା କରିବାକୁ ଲାଗିଲେ। ଏହା କେବଳ ଆରମ୍ଭ ଥିଲା, କିନ୍ତୁ ଏହା ଏକ ଶକ୍ତିଶାଳୀ ଆରମ୍ଭ ଥିଲା।

ISSN NO.
2582-208X

ସୁନିତା ଜାଣିଥିଲେ ଯେ ପରିବର୍ତ୍ତନ ମନ୍ଥର ଗତିରେ ହେଉଛି, ଯେପରି ଏକ ନଦୀ ପାହାଡ଼ ତଳକୁ ଧୀରେ ଧୀରେ ବୋହି ବୋହି ଯାଉଛି । କିନ୍ତୁ ପ୍ରତ୍ୟକ ପଦକ୍ଷେପ ସହିତ, ସେ ଖୁସି ହେଉଥିଲେ ଯେ ତାଙ୍କ ପିଲାମାନେ ଏପରି ଏକ ଘରେ ବଡ଼ ହେବେ ଯାହା ସମାନତା, ସମ୍ମାନ ଏବଂ ଏକ ପରିବାର ଗଠନ କରିବାର ସହଭାଗୀ ଦାଇତ୍ୱ କୁ ମୂଲ୍ୟ ଦିଏ ।

ଏକ ଅଧିକ ସନ୍ତୁଳିତ ପାରିବାରିକ ଗତିଶୀଳତା ସୃଷ୍ଟି କରିବା ପାଇଁ ସୁନିତାଙ୍କ ପ୍ରୟାସ କ୍ରମିକ, ସୂକ୍ଷ୍ମ ଏବଂ ଦୈନନ୍ଦିନ କାର୍ଯ୍ୟ ଏବଂ ବାର୍ତ୍ତାଳାପ ଉପରେ ଆଧାରିତ ଥିଲା। ସମୟ ସହିତ, ସେ ଆରମ୍ଭ କରିଥିବା ଛୋଟ ଛୋଟ ପରିବର୍ତ୍ତନ ଘରର ଗତିଶୀଳତାକୁ ବଦଳାଇବା ଆରମ୍ଭ କରୁଥିଲା, ଏପରିକି ତାଙ୍କ ପୁଅ ରାହୁଲ ମଧ୍ୟ ପରିବାରରେ ମହିଳାଙ୍କ ଭୂମିକାର ଗୁରୁତ୍ୱକୁ ବୁଝିବା ଏବଂ ପ୍ରଶଂସା କରିବା ଆରମ୍ଭ କରୁଥିଲା । ପର୍ଯ୍ୟାୟ କ୍ରମେ, ସେହି ଯାତ୍ରା ଧୀରେ ଧୀରେ ଆଗକୁ ବଢ଼ି ଚାଲିଲା....

ଦିନେ ସନ୍ଧ୍ୟା ରେ, ରାହୁଲ ବିଦ୍ୟାଳୟ ଏକ ପ୍ରୋଜେକ୍ଟ ରେ କାମ କରୁଥିବାବେଳେ ସୁନିତା ପନିପରିବା ଫ୍ରିଜ ରେ ସାଇତି ରଖିବା ପାଇଁ ଯାଉଥିଲେ । ରାହୁଲ ସୁନିତାଙ୍କ ର ଥକିଲା ମୁହଁ କୁ ଦେଖି ବୁଝି ପାରିଲା ଯେ ମା ଆଜି ବହୁତ ହାଲିଆ ହେଇଯାଇଛନ୍ତି ଏବଂ କହିଲା, ମା, ତୁମେ ମଧ୍ୟ ଆଜି ଏତେ କାମ କରି ଆସିଛ ! ମୋତେ ପନିପରିବା ଫ୍ରିଜ ରେ ରଖିବାକୁ ଦିଅ।

ସୁନିତା ହସିଲେ, ରାହୁଲଙ୍କୁ ପରିବା ବ୍ୟାଗ ଟା ହାତକୁ ଧରେଇଦେଲେ ଦେଲେ। ଏହା ଏକ ଛୋଟ ପଦକ୍ଷେପ ଥିଲା, କିନ୍ତୁ ଏହା କିଛି ଗଭୀରତାର ପ୍ରତିନିଧିତ୍ୱ କରିଥିଲା ଏବଂ ସେ ତାଙ୍କ କାର୍ଯ୍ୟ ର ମୂଲ୍ୟ ବୁଝିବା ଆରମ୍ଭ କରିଥିଲେ, ଯାହା ସମୟ, ଶକ୍ତି ଏବଂ ସମ୍ମାନ ଆବଶ୍ୟକ କରୁଥିଲା ।

ରାହୁଲଙ୍କ ଦୃଷ୍ଟିକୋଣରେ ପରିବର୍ତ୍ତନ, ତାଙ୍କ ପିତା ରମେଶଙ୍କ ନଜରକୁ ଆସି ନଥିଲା। ଥରେ, ଯେତେବେଳେ ସେମାନେ ଏକ କ୍ରିକେଟ୍ ମ୍ୟାଚ ଦେଖୁଥିଲେ, ରାହୁଲ ଉଲ୍ଲେଖ କରିଥିଲେ, "ଆପଣ ଜାଣନ୍ତି, ବାପା, ଏହା ଏକ ପ୍ରକାରର ଅନ୍ୟାୟ ଯେ ନିଶି ଙ୍କୁ ରୋଷେଇ ଘରେ ଏତେ କିଛି କରିବାକୁ ପଡୁଚି ଯେଉଁ ସମୟରେ ମୋତେ ଆରମ କରିବାକୁ ସମୟ ମିଳିଯାଉଛି । ମୁଁ ଭାବୁଛି ବୋଧହୁଏ ମୁଁ ନିଶି ଙ୍କୁ ଅଧିକ ସାହାଯ୍ୟ କରିବା ଉଚିତ୍"।

ISSN NO.
2582-208X

ରମେଶ ଆଶ୍ଚର୍ଯ୍ୟ ହେଲେ, କିନ୍ତୁ ସେ ମୁଣ୍ଡ ହଲାଇ କହିଲେ, "ରାହୁଲ, ତୁମେ ଠିକ୍ କହିଛ। ସାହାଯ୍ୟ କରିବା ଭଲ କଥା। ତୁମ ମା ଭି ଏଇ କଥା ସବୁବେଳେ କହିବାକୁ ଚେଷ୍ଟା କରୁଛନ୍ତି।" ରାହୁଲ ଧୀରେ ଧୀରେ ଏହି ସହଭାଗୀ ଦାଇତ୍ୱ ରେ ନିଜକୁ ନିୟୋଜିତ କରିବାକୁ ଲାଗିଲେ, ସେ ତାଙ୍କ ଭଉଣୀଙ୍କ ମହତ୍ୱାକାଂକ୍ଷା ଏବଂ ସାମର୍ଥ୍ୟକୁ ଅଧିକ ଲକ୍ଷ୍ୟ କରିବାକୁ ଲାଗିଲେ। ବିଳମ୍ବିତ ରାତିରେ ନିଶି ତାର ଗଣିତ ହୋମୱାର୍କ କରୁ ଥିବାର ଦେଖି ରାହୁଲ ପ୍ରୋତ୍ସାହନ ଦେବା ଆରମ୍ଭ କଲେ। "ତୁ ଏଥିରେ ବହୁତ ଭଲ, ନିଶି । ଦିନେ ତୁ ଜଣେ ମହାନ ଇଞ୍ଜିନିୟର ହେବୁ"। ତାଙ୍କ ସ୍ୱରରେ ପ୍ରକୃତ ପ୍ରଶଂସା ସହିତ ଗୋଟିଏ ଆତ୍ମୀୟତାର ସଙ୍କେତ ଥିଲା ।

ସୁନିତା ଗର୍ବର ସହ ସେମାନଙ୍କ କଥାବାର୍ତ୍ତା ଶୁଣୁ ଥିଲେ। ସେ ଲକ୍ଷ କଲେ ଯେ ରାହୁଲ ବର୍ତ୍ତମାନ ନିଶି ଙ୍କ ସମୟ ଏବଂ ଭୂମିକା କୁ କିପରି ସମ୍ମାନ କରନ୍ତି, ଏହା ସ୍ୱୀକାର କରିଛନ୍ତି ଯେ ନିଶି ଙ୍କ ଅଧ୍ୟୟନ ତାଙ୍କ ନିଜ ଅଧ୍ୟୟନ ପରି ଗୁରୁତ୍ୱପୂର୍ଣ୍ଣ । ଯେତେବେଳେ ପରିବାର ର ଅନ୍ୟ ସମ୍ପର୍କୀୟ ମାନେ ତାଙ୍କ ଘରକୁ ବୁଲି ବାକୁ ଆସି ଝିଅ ଏବଂ ପୁଅ ଙ୍କ ଭୂମିକା ଓ କାର୍ଯ୍ୟ ଦେଖି ସାଧାରଣ ଭାବେ ମନ୍ତବ୍ୟ ଦେଇଥିଲେ, "ନିଶି ନିଜ ଘର କାମ ରେ ଦକ୍ଷତା ଉପରେ ଧ୍ୟାନ ଦେବା ଉଚିତ"। ସେତେବେଳେ ରାହୁଲ ନମ୍ରତାର ସହ ଉତ୍ତର ଦେଉଥିଲେ"ନିଶି ସେଥିରେ ଏକ୍ସପର୍ଟ, କିନ୍ତୁ ସେ ତା ଅଧ୍ୟୟନ ରେ ମଧ୍ୟ ଖୁବ ଭଲ। ଭବିଷ୍ୟତ ପାଇଁ ତାର ବଡ଼ ବଡ଼ ଯୋଜନା ରହିଛି, ଏବଂ ଆମେ ସମସ୍ତେ ତାଙ୍କୁ ଉତ୍ସାହିତ କରୁଛୁ।"

ଗୋଟିଏ ସନ୍ଧ୍ୟା ରେ, ସମସ୍ତେ ଏକାଠି ବସି କଥାବାର୍ତ୍ତା କରୁଥିଲେ, ଯେତେବେଳେ ରାହୁଲ ତାଙ୍କ ମାଆଙ୍କ ଆଡ଼କୁ ଚାହିଁ କହିଲେ, "ମା, ମୁଁ ଜାଣେ ନାହିଁ ତୁମେ ଏତେ ସବୁ କାମ କିପରି କର। ତୁମେ ଘର -ବାହାର ସବୁକିଛି ସମ୍ଭାଳ ତା ପରେ ମଧ୍ୟ ଆମ ପାଇଁ ସମୟ ବାହାର କରିପାର । ମୁଁ ଏହାକୁ ବହୁତ ହାଲୁକା ଭାବେ ନେଇଥିଲି।"

କୃତଜ୍ଞତା ଏବଂ ଗର୍ବରେ ସୁନିତାଙ୍କ ହୃଦୟ କୁଣ୍ଡେ ମୋଟ ହେଇ ଯାଇଥିଲା । "ସାବାସ, ରାହୁଲ!" ସେ ଉତ୍ତର ଦେଲେ । "କିନ୍ତୁ ମନେ ରଖ, ମୁଁ ଏକୁଟିଆ ଏହା କରୁନାହିଁ। ବର୍ତ୍ତମାନ ଯେତେବେଳେ ଆମେ ସମସ୍ତେ ଆଗକୁ ବଢୁଛୁ, ଜିନିଷଗୁଡ଼ିକ ଅଧିକ ସନ୍ତୁଳିତ

ISSN NO.
2582-208X

ଅନୁଭବ କରୁଛି। ଯେତେବେଳେ ଆମେ ସମସ୍ତେ ଦାୟିତ୍ୱ ବାଣ୍ଟିନେଉ, ଆମେ ସମସ୍ତେ ଯାହା କରିବାକୁ ଭଲପାଉ ତାହା କରିବାକୁ ଅଧିକ ସମୟ ପାଇଥାଉ।

ଅନ୍ୟ ଏକ ସମୟରେ, ସୁନିତା ରାହୁଲଙ୍କୁ ତାଙ୍କ ସାଙ୍ଗ ମାନଙ୍କ ସହ କଥାବାର୍ତ୍ତା କରୁଥିବାର ଶୁଣିଲେ। ରୋଷେଇ ଶିଖିବା ଏବଂ ଘର କାମ କରିବା ବିଷୟ ତାଙ୍କ ସାଙ୍ଗ ମାନଂକୁ ଆଶ୍ଚର୍ଯ୍ୟ ଚକିତ କରୁଥିଲା । ଏହାକୁ ଖଣ୍ଡନ କରିବା ପରିବର୍ତ୍ତେ, ରାହୁଲ ଆତ୍ମବିଶ୍ୱାସର ସହ ଉତ୍ତର ଦେଲେ, "ଏଥିରେ କିଛି ଭୁଲ୍ ନାହିଁ। ବାସ୍ତବରେ, ମୁଁ ଭାବୁଛି ସମସ୍ତେ ନିଜ ଯତ୍ନ କିପରି ନେବେ ତାହା ଜାଣିବା ଉଚିତ୍। ଏହା ପୁଅ କିମ୍ବା ଝିଅ ହେବା ବିଷୟରେ ନୁହେଁ; ଏହା କେବଳ ସ୍ୱାଧୀନ ହେବା ବିଷୟରେ ।"

ସେହି ମୁହୂର୍ତ୍ତରେ, ସୁନିତା ଜାଣିଥିଲେ ଯେ ତାଙ୍କ ପୁଅ ପ୍ରକୃତରେ ସେ ଚେଷ୍ଟା କରିଥିବା ସଂସ୍କାର ର ମୂଲ୍ୟକୁ ଠିକ ବୁଝିପାରିଛି ଏବଂ ଗ୍ରହଣ କରିଛି । ସେ ଏବେ ମହିଳାମାନଙ୍କ ଅବଦାନକୁ ଏକ ନୂତନ ଆଲୋକରେ ଦେଖିଥିଲେ ଏବଂ ବୁଝିଥିଲେ ଯେ ପ୍ରତ୍ୟକ ପରିବାରରେ ସମ୍ମାନ, ଦାଇତ୍ୱ ଏବଂ ସମାନତା ଅପରିହାର୍ଯ୍ୟ । ରାହୁଲ ଏହି ପରିବର୍ତ୍ତନ ର ଜଣେ ମୁଖପାତ୍ର ହୋଇଥିଲେ, ଏବଂ ତାଙ୍କ କାର୍ଯ୍ୟ କେବଳ ତାଙ୍କ ଭଉଣୀ ନୁହେଁ ବରଂ ପରିବାରର ଅନ୍ୟ ସଦସ୍ୟ ମାନଙ୍କୁ ମଧ୍ୟ ଆଗକୁ ବଢ଼ିବା ପାଇଁ ଏକ ନୂତନ ମାର୍ଗ ଗ୍ରହଣ କରିବାକୁ ପ୍ରେରଣା ଦେଇଥିଲା।

ଏହି ବାର୍ତ୍ତାଳାପ ଏବଂ କାର୍ଯ୍ୟକଳାପ ମାଧ୍ୟମ ରେ ସୁନିତା ଦେଖିଥିଲେ ଯେ ତାଙ୍କ ଘରେ ପିତୃସତ୍ୱ ଧୀରେ ଧୀରେ ନରମ ହେଉଛି, ଏବଂ ଦୁର୍ବଳ ହେବାକୁ ଲାଗିଛି । ସେ ଜାଣିଥିଲେ ଯେ ଏହା ଏକ କ୍ରମିକ ପ୍ରକ୍ରିୟା , କିନ୍ତୁ ପ୍ରତ୍ୟେକ ପଦକ୍ଷେପ ତାଙ୍କୁ ତାଙ୍କ ସ୍ୱପ୍ନର ନିକଟତର କରିଥିଲା। ସ୍ୱପ୍ନର ଏକ ଘର ଯେଉଁଠାରେ ସମ୍ମାନ ପାରସ୍ପରିକ ଥିଲା, ଭୂମିକା ବାଣ୍ଟାଯାଉଥିଲା, ଏବଂ ତାଙ୍କ ପିଲାମାନେ ଲିଙ୍ଗ ନିର୍ବିଶେଷରେ ପରସ୍ପରର ଅବଦାନକୁ ମୂଲ୍ୟ ଦେଉଥିବା ମଣିଷ ଭାବରେ ବଡ଼ ହେଉ ଥିଲେ ।

ସୁନିତା ତାଙ୍କ ପଡ଼ୋଶୀ ଏବଂ ବନ୍ଧୁମାନଙ୍କ ପାଇଁ ଏକ ଛୋଟ ଚା ପାର୍ଟିର ଆୟୋଜନ କରୁଥିଲେ, ନିଶି ର ଶ୍ରେଣୀ ରେ ପ୍ରଥମ ଆସିବା ପାଇଁ, ଆଉ ରାହୁଲ ତାଙ୍କ ସ୍କୁଲ କ୍ରିକେଟ ଟିମ ରେ କ୍ୟାପଟେନ ଭାବରେ ଚୟନ ହବା ଖୁସି ରେ । ତାଙ୍କ ଶାଶୁ ଶାନ୍ତି ଦେବୀ ଏକ କୋଣରେ ଆରାମରେ ବସି କଥାବାର୍ତ୍ତା ଦେଖୁଥିଲେ। ଆଲୋଚନାର ବିଷୟ ଶୀଘ୍ର ଘରୋଇ

ISSN NO.
2582-208X

ଦାଇତ୍ୱ ଏବଂ ଆଜିକାଲି ପିଲାମାନଙ୍କୁ କିପରି ପାଳନ କରାଯାଉଛି ତାହା ଆଡ଼କୁ ମୁହାଁଇଥିଲା।

ପଡ଼ୋଶୀମାନଙ୍କ ମଧ୍ୟ ରୁ ଜଣେ, ରେଖା, ଆଗକୁ ଝୁଙ୍କିଲେ। "ସୁନିତା, ମୁଁ ରମେଶଙ୍କ ଠାରୁ ଶୁଣିଛି ଯେ ରାହୁଲ ବେଳେବେଳେ ରୋଷେଇ ଘରେ ଆପଣଙ୍କୁ ସାହାଯ୍ୟ କରନ୍ତି? ଆପଣ ଏହାକୁ କିପରି ସମ୍ଭବ କରିପାରିଲେ ? ମୋ ପୁଅ ତା ନିଜ ଥାଳି ଉଠେଇବାକୁ ମଧ୍ୟ ମନା କରିଦେଉଛି!

ଶାନ୍ତି ଦେବୀ ଙ୍କ ସ୍ୱରରେ ଗର୍ବ ଭରିଯାଇଥିଲା ସେ କହି ଉଠିଲେ, "ସୁନିତା ଏହି ଘରେ ଚମତ୍କାର କାମ କରିଛନ୍ତି। ପ୍ରଥମେ, ମୁଁ ଭାବିଥିଲି ସେ ବହୁତ ବଡ଼ ସ୍ୱପ୍ନ ଦେଖୁଛି, ପିଢ଼ି ପିଢ଼ି ଧରି ଯେଉଁ ନିୟମ ରହିଆସିଛି ତାହାକୁ ବଦଳାଇବାକୁ ଚେଷ୍ଟା କରୁଛି। କିନ୍ତୁ ସେ ମୋତେ ଭୁଲ ପ୍ରମାଣିତ କଲା। ସେ ରାହୁଲ ଏବଂ ନିଶି ଙ୍କୁ ଶିକ୍ଷା ଦେଉଛି ଯେ ସମସ୍ତେ ଏକ ପରିବାରରେ ଦାଇତ୍ୱ ବାଣ୍ଟିନିଅନ୍ତି । ଏପରିକି ମୁଁ ମଧ୍ୟ ତା ଠାରୁ ଶିଖୁଛି"।

ମହିଳାମାନେ ହସିଥିଲେ, କିନ୍ତୁ ରେଖା ଆଗ୍ରହ ର ସହ ପଚାରିଲେ, "ମାଉସୀ, ଆପଣ ପ୍ରକୃତରେ ଭାବୁଛନ୍ତି ଏହା କଣ ଭଲକଥା ? ମୋ ସ୍ୱାମୀ କହୁଛନ୍ତି ପୁଅମାନଙ୍କୁ ଘର କାମ କରାଇବା ଠିକ୍ ନୁହେଁ। ସେ ଭାବନ୍ତି ଏହା ଝିଅ ମାନଙ୍କୁ ଅଳସୁଆ କରିଦେବ...ଆଉ ପୁଅ ମାନେ ମଧ୍ୟ ତାଙ୍କ ଲକ୍ଷ ପଥ ରୁ ଭଟକି ଯିବେ ।

ଶାନ୍ତି ଦେବୀ ସିଧା ହୋଇ ବସି ଗଲେ । "ମୁଁ ବି ସେଇଆ ଭାବୁଥିଲି। କିନ୍ତୁ ମୁଁ କେତେ ଭୁଲ୍ ଥିଲି ତାହା ସୁନିତା ମୋତେ ଦେଖାଇଦେଇଥିଲା । ରାହୁଲ ତାଙ୍କ ଅଧ୍ୟୟନ କିମ୍ବା ମହତ୍ୱାକାଂକ୍ଷା ଉପରେ କମ୍ ଧ୍ୟାନ ଦିଅନ୍ତି ନାହିଁ। ବାସ୍ତବରେ, ସେ ସେହି କାର୍ଯ୍ୟ କୁ ସମ୍ମାନ କରନ୍ତି ଯାହା ବର୍ତ୍ତମାନ ଏକ ଘର କୁ ଉନ୍ନତି ରୁ ଉନ୍ନତର ହବାରେ ରେ ସାହାଯ୍ୟ କରୁଛି । ଏବଂ ମୁଁ ନିଶି ଙ୍କୁ ଅଧିକ ଚଳ ଚଞ୍ଚଳ ହୋଇଉଠିଥିବାର ଦେଖୁଚି କାରଣ ତାକୁ ନିଜ ସ୍ୱପ୍ନ ଉପରେ ଧ୍ୟାନ ଦେବା ପାଇଁ ସମୟ ମିଳୁଛି ।

ପ୍ରଶଂସା ଶୁଣି ସ୍ମିତ ହସି, ସୁନିତା କହିଲେ, ଏହା ପୁଅମାନଙ୍କୁ ମହିଳାଙ୍କ କାମ କରିବା କିମ୍ବା ଝିଅମାନଙ୍କୁ ପୁରୁଷଙ୍କ କାମ କରିବା ବିଷୟ ନୁହେଁ। ଏହା ସେମାନଙ୍କୁ ଶିକ୍ଷା ଦେବା କଥା ଯେ ଘରର ପ୍ରତ୍ୟେକ କାର୍ଯ୍ୟ ମୂଲ୍ୟବାନ। ରାହୁଲ ସାହାଯ୍ୟ କରନ୍ତି କାରଣ ସେ

ISSN NO.
2582-208X

ଜାଣନ୍ତି ଯେ ଏହା ତାଙ୍କର ଯେତିକି ଦାଇତ୍ୱ, ସେତିକି ମୋର କିମ୍ବା ନିଶିର। ତେବେ ଏହା ସବୁବେଳେ ସହଜ ନଥାଏ। ପ୍ରତିରୋଧ ରହିଛି, କିନ୍ତୁ ଛୋଟ ପଦକ୍ଷେପ ବଡ଼ ପରିବର୍ତ୍ତନ ଆଣିପାରେ।

ଅନ୍ୟ ଜଣେ ବନ୍ଧୁ ମୀନା ଭାବିଚିନ୍ତି ମୁଣ୍ଡ ହଲାଇଲେ। ଆପଣ ଠିକ୍ କହୁଛନ୍ତି, ସୁନିତା। ମୁଁ ଦେଖୁଛି ଅନେକ ମହିଳା ଅଫିସ କାମ କରୁଥିବା ସମୟରେ ମଧ୍ୟ ଘରର ଅନ୍ୟାନ୍ୟ କାମ ସବୁ କରିବେ ବୋଲି ଘର ଲୋକେ ଆଶା କରନ୍ତି । ଯଦି ପିଲାମାନଙ୍କୁ ଘରର ଦାଇତ୍ୱ ବାଣ୍ଟିବା ପାଇଁ ଶିକ୍ଷା ଦିଆ ଯାଏ, ତେବେ ଏହା କେତେ ଯେ ପରିବର୍ତନ ଆଣିବ... ବୋଧହୁଏ ଏଇ ଚିନ୍ତା ଧାରାର ବିଜ ମୁଁ ଆଜି ଠାରୁ ମୁଁ ମୋ ପୁଅ ଠାରୁ ବୁଣିବା ଆରମ୍ଭ କରିବା ଉଚିତ।

ଶାନ୍ତି ଦେବୀ ସୁନିତାଙ୍କ ଆଡ଼କୁ ଚାହିଁ ସ୍ନେହର ସହ ହସିଥିଲେ ଏବଂ କହିଥିଲେ ସେ ରମେଶଙ୍କୁ ମଧ୍ୟ ବଦଳାଇ ଦେଇଛି । ବର୍ତ୍ତମାନ ଛୋଟ ଛୋଟ ଜିନିଷରେ ରମେଶ ତାଙ୍କୁ ସାହାଯ୍ୟ କରନ୍ତି, ଯାହା ମୁଁ ମୋ ଜୀବନରେ ଦେଖିବି ବୋଲି କେବେ ଭାବି ନଥିଲି! ଏବଂ ସବୁଠାରୁ ଭଲ କଥା ହେଲା, ଘରେ ଅଧିକ ଶାନ୍ତି ଅଛି। କେହି ଅଧିକ କାମ କରନ୍ତି ନାହିଁ କିମ୍ବା କମ୍ ପ୍ରଶଂସା କରନ୍ତି ନାହିଁ।

ରେଖା ସୁନିତାଙ୍କ ନିକଟତର ହେଲେ। କିନ୍ତୁ ଆପଣଙ୍କୁ ସମାଲୋଚନା କରୁଥିବା ଲୋକଙ୍କ ସହିତ ଆପଣ କିପରି ବ୍ୟବହାର କରିବେ ? ଜାଣିଛନ୍ତି ତ ଆମ ସମାଜ କିପରି- ସେମାନେ ଭାବନ୍ତି ଆମେ ପୁଅମାନଙ୍କୁ ଘର କାମ କରାଇ ନଷ୍ଟ କରୁଛୁ।

ସୁନିତା ଏକ ଶାନ୍ତ ହସ ହସିଲେ । ପରିବର୍ତ୍ତନ କଦାପି ସହଜ ନୁହେଁ। ଲୋକମାନେ କଥା ହେବେ, କିନ୍ତୁ ଯେତେବେଳେ ସେମାନେ ଫଳାଫଳ ଦେଖିବେ-ଆମ ପିଲାମାନେ କିପରି ଦୟାଳୁ, ଅଧିକ ସହାନୁଭୂତିଶୀଳ ଏବଂ ଭଲ ପାର୍ଟନର ଟିଏ ହେଇ ବଡ଼ ହେବେ - ସେତେବେଳେ ସେମାନେ ବୁଝିବେ । ଏହା କାହାକୁ ନଷ୍ଟ କରିବା ବିଷୟ ରେ ନୁହେଁ; ଏହା ସେମାନଙ୍କୁ ଜୀବନ ପାଇଁ ପ୍ରସ୍ତୁତ କରିବା ପାଇଁ ପ୍ରଥମ ପଦକ୍ଷେପ । ରାହୁଲ ତାଙ୍କ ଭବିଷ୍ୟତ ସାଥୀଙ୍କୁ ସମ୍ମାନ କରିବେ କାରଣ ସେ ସମାନତାର ମୂଲ୍ୟ ଜାଣିଛନ୍ତି। ଏବଂ ନିଶି ଜାଣିବେ ଯେ ସେ କିଛି କମ୍ ଯୋଗ୍ୟ ନୁହଁନ୍ତି।

ISSN NO.
2582-208X

କୋଠରୀଟି କିଛି ସମୟ ପାଇଁ ନୀରବତା ଛାଇ ଯାଇଥିଲା, ମହିଳାମାନେ ତା କଥା ଉପରେ ଧ୍ୟାନ ଦେଉଥିଲେ। ଶେଷରେ ମୀନା କହିଲେ, ଆପଣ ମୋତେ ପ୍ରେରଣା ଦେଇଛନ୍ତି, ସୁନିତା। ମୁଁ ଭାବୁଛି ମୁଁ ମୋ ପୁଅକୁ ଆଜି ରାତିରେ ଟେବୁଲ ସେଟ କରିବାରେ ସାହାଯ୍ୟ କରିବାକୁ କହି ଆରମ୍ଭ କରିବି। ଛୋଟ ଛୋଟ ପଦକ୍ଷେପ, ନା...?

ଶାନ୍ତି ଦେବୀ ସୁନିତାଙ୍କ ହାତ ଥାପୁଡ଼ିଲେ। ମୀନା, ସୁନିତା ଆମ ସମସ୍ତଙ୍କୁ ଏହା ଶିଖାଇଛନ୍ତି। ଛୋଟ ଛୋଟ ପଦକ୍ଷେପ କେବଳ ଗୋଟିଏ ଘର ନୁହେଁ, ବରଂ ଏକ ସମାଜକୁ ବଦଳାଇ ଦେଇପାରେ। ସୁନିତା, ତୁ ମୋତେ ଗର୍ବିତ କରିଛୁ। ମୁଁ ନିଜକୁ ତୋର ଶାଶୁ ବୋଲି ସମସ୍ତଙ୍କୁ ଗର୍ବ ରେ କହିପାରିବି । ସୁନିତାଙ୍କ ଆଖିରୁ ଲୁହ ଝରୁଥିଲା, କିନ୍ତୁ ସେ ହସିଲେ । ଧନ୍ୟବାଦ ମା। ଆପଣଙ୍କ ସମର୍ଥନ ହିଁ ମୋ ପାଇଁ ବହୁତ କିଛି ।

ମହିଳାମାନେ ସେମାନଙ୍କ କଥାବାର୍ତ୍ତା ଜାରି ରଖିଥିଲେ, ତାହାର ଗୋଟିଏ ଗୋଟିଏ ଚୁସ୍କି ରେ ପରିବର୍ତ୍ତନର ବୀଜ ନୀରବରେ ସେମାନଙ୍କ ମଧ୍ୟରେ ଧୀରେ ଧୀରେ ଅଙ୍କୁରିତ ହେଉଥିଲା। ସତେ ଯେମିତି ଆଉ ଏକ ନୂତନ ସକାଳର ସୂର୍ଯ୍ୟାଲୋକ ସତେ ଯେମିତି ପରମ୍ପରାର ପରଦା ଆଢୁଆଳେ ଉଙ୍କି ମାରୁଥିଲେ!

ଫ୍ଲାଟ ନଂ - B 2, 705
ଲେଜ଼ର ପାର୍କ, ଗ୍ରେଟର ନୋଇଡା
ଉତ୍ତର ପ୍ରଦେଶ

ISSN NO.
2582-208X

# ଶାରଦୀୟ ପର୍ବାଣି



ସୁରନ୍ଦ୍ରୀ ପ୍ରଧାନ

ଇନ୍ଦ୍ରଙ୍କ ରାଜୁତି ଶେଷ ହେଲା ଜାଣି
ମଉସୁମୀ ବାଟ କାଟେ
କର୍ଣ୍ଣେ କର୍ଣ୍ଣ ଫୁଲ ନାଇବ ଧରଣୀ
ସଂଜେ ଜହ୍ନି ଫୁଲ ଫୁଟେ (1)
ନିର୍ମଳ ଆକାଶ ଖେତେ ଭରା ଶସ୍ୟ
ସୁସଜ୍ଜିତ ପରିବେଶ
ଫଳ ପୁଷ୍ପେ ଭରା ଶ୍ୟାମଳା ଧରଣୀ
ସୁନିର୍ମଳ ଦଶଦିଶ (2)
ମନପ୍ରଫୁଲ୍ଲିତ ଉଲ୍ଲସିତ ଚିତ୍ତ
ପାର୍ବଣ ର ଆଗମନ
ପୁର ପଲ୍ଲୀ ଗ୍ରାମ ନଗର ସହର
ସଭିଙ୍କ ମନ ଉଚ୍ଛନ୍ନ (3)
ଜିନ୍ନଝିନ୍ନ ରଙ୍ଗେ ଭିନ୍ନ ଭିନ୍ନ ଢଙ୍ଗେ
ଗଢି ମୃଣ୍ମୟ ମୂରତି
ଶିଳ୍ପୀ କାରିଗର ନିଜ ନିଜ ମଧ୍ୟେ
ଦେଖାନ୍ତି ନିଜର କୀର୍ତ୍ତି (4)
ପୂଜା ମଣ୍ଡପରେ ପୂଜା ଆରାଧନା

ISSN NO.
2582-208X

ମାଆଙ୍କର ଦିବ୍ୟ ମୂର୍ତ୍ତି
ଭକତର ଡାକେ ରହିପାରିଲେନି
ଆସି ମର୍ତ୍ତ୍ୟରେ ଭ୍ରମନ୍ତି (5)
ସୁଉଚ୍ଚ ତୋରଣ ଆଲୋକ ର ମାଳ
ଆକର୍ଷେ ସଭିଙ୍କ ମନ
ଭ୍ରମ ହୁଏ ମତି ଦିବା କିବା ରାତି
କିଅବା ଇନ୍ଦ୍ର ଭୁବନ (6)
ଘରେ ଜମେ ବନ୍ଧୁ ବାନ୍ଧବ ଆସର
ସ୍ୱାଦିଷ୍ଟ ଅନ୍ନ ବ୍ୟଞ୍ଜନ
ଘଣ୍ଟ ଶଙ୍ଖ ଢୋଲ ବାଦ୍ୟେ ପ୍ରକମ୍ପିତ
କମ୍ପଇ ଇନ୍ଦ୍ର ଭୁବନ (7)
ପାଇକ ପୁଅର ପାଇକ ଆଖଡ଼ା
ଗାଏ ବିରତ୍ୱ ର ଗାଥା
ସ୍ୱାଭିମାନୀ ଆମେ ଉତ୍କଳ ସନ୍ତାନ
ଉନ୍ନାଥ ଆମରି ମଥା (8)
ଦୁଷ୍ଟ ବିନାଶିନୀ ଶତ୍ରୁ ସଂହାରୁଣୀ
ପାଦେ କରୁଛି ମିନତୀ
ସଭିଙ୍କ ର ଚିତ୍ତେ ସଦବୁଦ୍ଧି ଦେବେ
ଯିବ ଦେଶର ଦୁର୍ଗତି (9)

କୁସୁପୁର, ଗୋପ,ପୁରୀ-752110
ସମ୍ପର୍କ-7008260516

ISSN NO.
2582-208X

# ଲୁହରେ ଲେଖୁଛି ତୁମକୁ ଚିଠି



ବିନୋଦିନୀ ଦାଶ

ରଖିବା ତାରିବା ଦାୟିତ୍ୱ କର୍ତ୍ତବ୍ୟ
ଯେଣୁ ତୁମେ ସ୍ରଷ୍ଟା ଆଉ ବି ସୃଷ୍ଟି
ସଂସାର ବେଦନା ସହି ସହି ପ୍ରଭୁ
ଲୁହରେ ଲେଖୁଛି ତୁମକୁ ଚିଠି ।

ଜାଣିଛି ପ୍ରାରବ୍ଧ କର୍ମ ଯୋଗୁଁ ମୁହିଁ
ଜନମ ନେଇଛି ମର ଶରୀରେ
ଭୋଗଇ ବି ଯେତେ କଷ୍ଟ ଦେହ ମନେ
ତାହା ବି ନିଜର କର୍ମାନୁସାରେ ।

ତୁମେ ହି କେବଳ ଭରସାର ଥଳ
ମୋ ବିଶ୍ୱାସ ନାବ ଚଳାଇବାରେ
ବିପଦେଆପଦେ ବନ୍ଧୁଟିଏ ସାଜି
ନିରନ୍ତର ଅଛ ମୋର ସାଥିରେ ।

ISSN NO.
2582-208X

ଦୁଃଖ ସୁଖ ବାଣ୍ଟେ ତୁମରି ସହିତ
ଲୁହ ମିଶା ଶବ୍ଦ କରି ଏକାଠି
ଥିବାଯାଏ ଜୀବ ଭାବେ ବାନ୍ଧି ରଖି
ଲେଖି ଚାଲିଥିବି ନିଇତି ଚିଠି ।

ତୁମ ଶ୍ରୀପୟରେ ଲୋଡ଼ଇ ଆଶରା
କରୁଣାସାଗର ଜଗତନାଥ
ଅନିତ୍ୟ ସଂସାରେ ଲାଗେ ସବୁ ମିଥ୍ୟା
ମୁମେ ହିଁ କେବଳ ମୋ ପାଇଁ ସତ ।

ଥଳକୂଳ ହରା ମୁଁ ଜଣେ ନିଆଶ୍ରୀ
ବିକଳରେ କରୁଅଛି ଗୁହାରି
କେଉଁଦିନ ମୋତେ ଉଦ୍ଧରିବ ଭବୁ
ତୁମକୁ ଜଣା ହେ ଭବ ନାଉରୀ ।

ଅନନ୍ତ ଅନନ୍ତକୋଟି ପ୍ରଣିପାତ
ଘେନା ହେଉ ତବ ଶିରୀଚରଣେ
ଏତିକିରେ ଆଜି କରୁଅଛି ଇତି
ମନକଥା କହି ଆତୁର ପ୍ରାଣେ ।

କୁରୁଆଁ, ମୁଗପାଳ, ଯାଜପୁର

ISSN NO.
2582-208X

# ଶଙ୍ଖା ସିନ୍ଦୂର



ସିନ୍ଧୁ ନନ୍ଦିନୀ

ହାତରେ ଶଙ୍ଖା ମଥାରେ ସିନ୍ଦୂର
ସବୁ ନାରୀଙ୍କ ସୌଭାଗ୍ୟ
ହାତ ଶଙ୍ଖାର ରୁଣୁଝୁଣୁ ଶବ୍ଦରେ
ଗୃହ ହୁଅଇ ସମୃଦ୍ଧ

ରଙ୍ଗ ବେରଙ୍ଗର ଚୁଡ଼ି ପିନ୍ଧି ନାରୀ
ଦିଶେ ଭାରି ଅପରୂପ
ପାଦର ପାଉଁଜି ରୁଣୁଝୁଣୁ ହୁଏ
ଗୋଡ ମୁଦି ଭାରି ଶୁଭ

ସୁଖ ସୌଭାଗ୍ୟର ପ୍ରତୀକ ଅଟଇ
ଶଙ୍ଖାରେ ଝଲସେ ନାରୀତ୍ୱ
ନାରୀ ପାଇଁ ତା ସିନ୍ଥିରେ ସିନ୍ଦୂର
ଅଟଇ ସୁଦ୍ଧ ପବିତ୍ର

ISSN NO.
2582-208X

ଶଙ୍ଖା ସିନ୍ଦୂର ରେ ଲୁଚି ରହିଥାଏ
ପତିଙ୍କ ଯଶ ଆୟୁଷ
ଆୟୁଷ ଅକ୍ଷୁର୍ଣ୍ଣ ସୁଖର ସିଞ୍ଚନ
ଶଙ୍ଖା ସିନ୍ଦୂରର ମହତ୍ତ୍ୱ

ସବୁ ସାଜସଜ୍ଜା ସୁହାଗ ପାଇଁକି
ଜୀବନେ ଭରଇ ରଙ୍ଗ
ଶୃଙ୍ଗାର କଥା ଯେ କହି ବସିଲେ
ସୁହାସିନୀ ଥିବେ ଆଗ

ଗହଣାରେ ଯେତେ ଛାଇ ଥିଲେ ମଧ୍ୟ
ଶଙ୍ଖା ସିନ୍ଦୂର ଐଶ୍ୱର୍ଯ୍ୟ
ହାତରେ ଶଙ୍ଖା ମଥା ରେ ସିନ୍ଦୂର
ନାରୀ ରୂପର ମାଧୁର୍ଯ୍ୟ ॥

ଭୁବନେଶ୍ୱର

ISSN NO.
2582-208X

# ଅନ୍ଧାର ରହିଲା ମନ ଅଗଣା



ଗୁପ୍ତେଶ୍ୱର ଗନ୍ଧ

ଆଲୋକ ର ପର୍ବ ଆସେ ଦୀପାବଳି
ଅଜଣା ପୁଲକ ନେଇ।
କେତେ ନୂଆ ଆଶା ଉଦ୍ଦୀପନା ଭରେ
ଜୀବନ-ଯମୁନା ନଇ ।।୧
ଅମା-ଅନ୍ଧକାର ହେବ ଦୂରୀଭୂତ
ବୋଲି ବହୁ ଆଡ଼ମ୍ବରେ।
ନାନା ଭୋଗରାଗ ସମର୍ପି ଲକ୍ଷ୍ମୀଙ୍କୁ
ପୂଜି ଥାଉଁ ଶରଧାରେ ।।୨
ଅନେକ ରଙ୍ଗର ମୁରୁଜ ମିଶାଇ
ଆଙ୍କୁ ସୁନ୍ଦରିଆ ଚିତା ।
ଶହ ଶହ ଟଙ୍କା ବିନିମୟେ କିଣୁ
ଫୋଟକା ରଙ୍ଗୀନ ଫିତା।।୩
ଘରକୁ ସଜାଉ ଆଲୋକ ମାଳାରେ
ରଙ୍ଗ ବେରଙ୍ଗ ର ଫୁଲେ ।
ରମ୍ଭା ତରୁ ରୋପି ଦେବ ଦାରୁ ପତ୍ରେ
ସୁନ୍ଦର ତୋରଣ ଝୁଲେ।।୪

ISSN NO.
2582-208X

ରୋଷଣୀ ଆଲୁଅ ଚମକେ ଯେସନେ
ହୀରା-ନୀଳା ମୋତି ସମ ।
ମାଣିକ ର ଝରା କେରୀ କେରୀ ଶୋହେ
ଲାଗେ ଫୁଟିଛି କୁସୁମ।।୫
ରସାଳ ପଲ୍ଲବ ମର୍କତ ମଣିର
ମନେ ସୃଜିଥାଏ ଭ୍ରମ।
ଭାବନା-ରାଇଜେ ମାନସ ଭଅଁର
ବିଚରଇ ଅନୁପମ।।୬
ଏ ଶୋଭା ସମ୍ଭାର ନିରେଖି ନୟନେ
ଝୁରେ କବି ର କଲମ।
ରମଣୀୟ ଶବ୍ଦ ସାଉଁଟି ସରାଗେ
ରଚେ କବିତା ନରମ ।।୭
ବାସଭବନ ଟି ରଙ୍ଗୀନ ଆଲୋକେ
ଝଲସି ଉଠଇ ସିନା।
ପ୍ରତି-ହିଂସା ପ୍ରତିଶୋଧ ଅହଙ୍କାର
ମନରୁ ନୋହିଲା ଊଣା।।୮
ଆତ୍ମ ଅଭିମାନ ପାହାଡ଼ ଉପରେ
ଚଢ଼ି କରଇ ଘୋଷଣା।
ପ୍ରକୃତ ପଥରେ ପାଦ ଥାପିଲାନି
ହୋଇଗଲା ପଥବଣା ।।୯
ଦୋ'ତାଲା ପ୍ରାସାଦ ଦୀପାବଳୀ ପାଇଁ
ଉଜ୍ଜ୍ୱଳ ହୋଇଲା ସିନା ।
ସଂସ୍କାର-ପ୍ରଦୀପ ଅଭାବେ ଅନ୍ଧାର
ରହିଲା ମନ ଅଗଣା।।୧୦

ସମାସିଂହା; ଝାରସୁଗୁଡ଼ା

ISSN NO.
2582-208X

# "ଦଳିତ ଚେତନା"ର ରୂପ ଓ ବିଭବ : ସାହିତ୍ୟରେ ତାର ପ୍ରଭାବ



ଡକ୍ଟର ସଂଯୁକ୍ତା ଦାସ

'ଦଳିତ' ସାମ୍ପ୍ରତିକ ସମାଜ ପରିପ୍ରେକ୍ଷୀରେ ଗୋଟିଏ ଜାତି କୁ ବୁଝାଏ ନାହିଁ ବରଂ ବିଭିନ୍ନ ଜାତିର ଏକ ଶ୍ରେଣୀକୁ ବୁଝାଏ । ପ୍ରଚଳିତ ସମାଜରେ ଯେଉଁମାନେ ଅସ୍ପୃଶ୍ୟ, ହରିଜନ, ଗିରିଜନ, ଶୋଷିତ ବର୍ଗ ଅତିଶୁଦ୍ର, ସେମାନଙ୍କୁ ଦଳିତ ପର୍ଯ୍ୟାୟ ଭୁକ୍ତ କରାଯାଇଛି । ଦଳିତ ମାନେ ଜାତି ବ୍ୟବସ୍ଥାର ସର୍ବନିମ୍ନ ସ୍ତରରେ କାଳାତିପାତ କରନ୍ତି । ଛୁଆଁ ଅଛୁଆଁ ଭେଦଭାବର ଶିକାର ହୁଅନ୍ତି । ଅର୍ଥ, ଶିକ୍ଷା, ମାନବିକ ଅଧିକାରରୁ ବଂଚିତ ହୋଇଥାନ୍ତି । ସାମାଜିକ ବିଧିବ୍ୟବସ୍ଥା ରେ ଦଳିତ ମାନେ ସମାନ ସୁଯୋଗ ପାଇପାରନ୍ତି ନାହିଁ । ସାମାଜିକ ନ୍ୟାୟ ସେମାନଙ୍କୁ ସଠିକ ଭାବରେ ମିଳେନାହିଁ । କର୍ମସଂଥାନ ତଥା ବୃତ୍ତିଗତ ପାର୍ଥକ୍ୟ ଯୋଗୁ ସେମାନଙ୍କର ଆର୍ଥିକ ସ୍ଥିତି ମଧ୍ୟ ଦୁର୍ବଳ । ସ୍ୱାଧୀନ ମତବ୍ୟକ୍ତ କରିନପାରିବା, ଜାତିଆଣ କଟକଣା ସେମାନଙ୍କୁ ସ୍ୱଚ୍ଛନ୍ଦ ଜୀବନ ଯାପନ ରୁ ଦୂରତା ରକ୍ଷାକରେ । ବ୍ୟକ୍ତି ସ୍ୱାଧୀନତା ଓ ମାନବିକ ଅଧିକାର ନପାଇ ଉଚ୍ଚଜାତି ଦ୍ୱାରା ସେମାନେ ଶୋଷଣର ଶିକାର ହୁଅନ୍ତି । ସମୟର ପରିବର୍ତ୍ତନ, ଶିକ୍ଷାର ବିକାଶ ଫଳରେ ଯଦିଓ ଦଳିତ ମାନଙ୍କ ପ୍ରତି ସମବେଦନା ପ୍ରକାଶ ପାଇଛି ତଥାପି ଆଜିମଧ୍ୟ ଦଳିତ ସମ୍ପ୍ରଦାୟ ସାମାଜିକ, ରାଜନୈତିକ, ସାଂସ୍କୃତିକ, ଧାର୍ମିକ କ୍ଷେତ୍ରରେ ପଛୁଆ ଜାତି ଭାବେ ବିବେଚିତ । ଛୁଆଁ ଅଛୁଆଁ ଭେଦଭାବ ଓ ଜାତିଗତ କଟକଣା ରୁ ସେମାନେ ସମ୍ପୂର୍ଣ୍ଣ ମୁକ୍ତ ନୁହଁନ୍ତି ।

'ଦଳିତ ଚେତନା' କହିଲେ ଏତିକି ବୁଝାଯିବ ଯେ, ସମାଜରେ ଦଳିତ ସମ୍ପ୍ରଦାୟ ଯେଉଁ ସାମାଜିକ, ଆର୍ଥିକ, ଶିକ୍ଷା, ସାଂସ୍କୃତିକ ଭେଦଭାବ ଜନିତ ସମସ୍ୟାର ସମ୍ମୁଖୀନ ହୁଅନ୍ତି ସେମାନଙ୍କ ସମସ୍ୟାକୁ ହୃଦୟଙ୍ଗମ କରି ଜାତି, ବର୍ଣ୍ଣ, ଧର୍ମ ନିର୍ବିଶେଷରେ ସମାଜରେ

ISSN NO.
2582-208X

ସେମାନଙ୍କୁ ସମ୍ମାନପ୍ରଦ ସ୍ଥାନ ଦେବା ସହ ସମାନ ଅଧିକାର ପ୍ରଦାନ ଓ ଜାତିପ୍ରଥା ଭଳି କଳୁଷିତ ପ୍ରଥାକୁ ଦୂରକରି ଏକ ବିକଶିତ ସମତୁଲ ସମାଜ ନିର୍ମାଣ କରିବାର ମାନସିକ ଚିନ୍ତାଧାରାକୁ ବୁଝାଇଥାଏ । ତେଣୁ ଦଳିତ ଚେତନା ଏକ ସାମୁହିକ ବୈପ୍ଳବିକ ଚିନ୍ତାଧାରା । ସମତା, ସ୍ୱାଧୀନତା ଓ ମୁକ୍ତ ଜୀବନ ଧାରା ଏହାର ପ୍ରମୁଖ ଭାବସମ୍ପଦ । ଉଚ୍ଚନୀଚ ତାରତମ୍ୟକୁ ଦୂରକରି ମାନବ ଜୀବନର ତଥା ସମାଜର ସର୍ବାଙ୍ଗୀନ ଉନ୍ନତି କରିବାକୁ ଏହା ଆହ୍ୱାନ ପ୍ରଦାନ କରେ ।

ପ୍ରଚଳିତ ସାମାଜିକ ଜୀବନରେ ସମାଜ-ସଂସ୍କାର ଓ ଜାତିଗତ ବୈଷ୍ୟମର ଦୂରୀକରଣ ପାଇଁ ଯେତେଗୁଡିଏ ପନ୍ଥା ଅଛି ତନ୍ମଧରେ 'ସାହିତ୍ୟ' ହିଁ ଅନ୍ୟତମ ସାର୍ଥକ ମାର୍ଗ । ସାହିତ୍ୟ ସମାଜର ଦର୍ପଣ ସଦୃଶ୍ୟ । ଏହା ହୃଦୟକୁ ଗଭୀର ପ୍ରଭାବ ପକାଇଥାଏ । ଦଳିତ ମାନଙ୍କପ୍ରତି ହେଉଥିବା ଅତ୍ୟାଚାର, ଶୋଷଣ, ଓ ଛୁଆଁ ଅଛୁଆଁ ଭେଦଭାବ ଜନିତ ଜାତି ବୈଷ୍ୟମକୁ ବିଲୋପ କରିବା ପାଇଁ ସାହିତ୍ୟିକ ମାନେ ଲେଖନୀ ଚାଳନା କରିଛନ୍ତି । **"Dalits however, are now conscious of their rights to live with dignity and self respect and, there for, have been interrogating and challenging the hegemony of upper caste's and classes. This has clearly been reflected in the recent emergence of Dalit literature which is a part of the Dalit liberation movement."**(୧)

## ସୃଷ୍ଟି ଓ ବିକାଶ ଧାରା -

ଭାରତୀୟ ସମାଜ ବହୁ ପ୍ରାଚୀନ ଏବଂ ବହୁ ସମ୍ପ୍ରଦାୟରେ ବିଭକ୍ତ । ଏହାର ଐତିହ୍ୟ ମଧ୍ୟ ପୁରାତନ । ଏହା ବିଭିନ୍ନ ଧର୍ମ ଓ ସଂସ୍କୃତିର ମିଶ୍ରଣରେ ଗଢ଼ା । ଭାରତର ସୁଦୀର୍ଘ ଇତିହାସକୁ ପର୍ଯ୍ୟାଲୋଚନା କଲେ ଜଣାଯାଏ ପୃଥିବୀର ବିଭିନ୍ନ ଅଂଚଳରୁ ବହୁ ସମ୍ପ୍ରଦାୟ ସେମାନଙ୍କର ନିଜସ୍ୱ ସାମାଜିକ ଓ ସାଂସ୍କୃତିକ ଭାବଧାରା ସହ ଭାରତରେ ଆସି ବସତି ସ୍ଥାପନ କରିଛନ୍ତି । ସେମାନଙ୍କ ମଧ୍ୟରେ ଆର୍ଯ୍ୟ ଗୋଷ୍ଠି ଥିଲେ ଅନ୍ୟତମ । ଭାରତୀୟ ସଭ୍ୟତା, ସଂସ୍କୃତି ଓ ବିଭବ କୁ ଆର୍ଯ୍ୟ ମାନଙ୍କର ଦାନ ଅତୁଳନୀୟ କିନ୍ତୁ ସେମାନଙ୍କର ସାମାଜିକ ଚଳଣି ପାଇଁ ଉଦିଷ୍ଟ ବର୍ଣ୍ଣ ବ୍ୟବସ୍ଥା ସମାଜରେ ଉଚ୍ଚନୀଚ ଭାବଧାରା ସୂତ୍ରପାତ କଲା । ଆର୍ଯ୍ୟମାନେ ହିନ୍ଦୁ ଜାତିକୁ ଚାରିଗୋଟି ବର୍ଣ୍ଣ ବା ଶ୍ରେଣୀରେ ବିଭକ୍ତ କରିଥିଲେ । (୧)- ବ୍ରାହ୍ମଣ (ପୁରୋହିତ ଗୋଷ୍ଠୀ), (୨)କ୍ଷତ୍ରୀୟ (ରାଜା/ଯୋଦ୍ଧାଗୋଷ୍ଠୀ), (୩)ବୈଶ୍ୟ (ବାଣିଜ୍ୟ ଗୋଷ୍ଠୀ), (୪)ଶୁଦ୍ର (ସେବକ ଗୋଷ୍ଠୀ) । 'ମନୁ ସଂହିତା' ରେ ଏଇ ଚିନ୍ତାଧାରା

ISSN NO.
2582-208X

କୁ ଲକ୍ଷ୍ୟ କରାଯିବ । ଏତଦ ବ୍ୟତୀତ ସମାଜରେ ଏକ ପଞ୍ଚମ ଶ୍ରେଣୀ ବା (ଗୋଷ୍ଠୀ) ଥିଲେ ସେମାନଙ୍କୁ 'ଅତି-ଶୁଦ୍ର 'କୁହାଯାଏ । ସେମାନଙ୍କ ଜୀବନ ସମାଜରେ ଅତ୍ୟନ୍ତ ଦୟନୀୟ ଥିଲା ଓ  ସମାଜର ନିମ୍ନ ଧରଣର କୁତ୍ସିତ ବୃତ୍ତିକୁ ସେମାନେ ଆପଣେଇ ନେଇଥିଲେ ।

ସମୟାନୁକ୍ରମେ ବୃତ୍ତିଗତ ଦୃଷ୍ଟି କୋଣରୁ ସମାଜ, ଦୁଇଟି ବର୍ଗରେ ବିବେଚିତ ହେଲା । (କ)-ଉଚ୍ଚ ବର୍ଗ, (ଖ) ନୀଚ ବର୍ଗ ବା ଦଳିତ ବର୍ଗ । ଉଚ୍ଚ ବର୍ଗ ରେ ବ୍ରାହ୍ମଣ, କ୍ଷତ୍ରୀୟ ଓ ବୈଶ୍ୟ ମାନେ ପ୍ରତିନିଧିତ୍ୱ କଲେ ଏବଂ ନୀଚବର୍ଗରେ ଶୁଦ୍ର ତଥା ଅତିସୁଦ୍ର ମାନେ ରହିଲେ । ଉଚ୍ଚବର୍ଗ ର ଜାତି ମାନେ ଉଚ୍ଚକର୍ମକୁ ଆଦରି ନେଇଥିଲେ ତଥା ନୀଚବର୍ଗ ର ଜାତି ମାନେ ନିମ୍ନ କର୍ମ କରିବା ସହ ଉଚ୍ଚ ବର୍ଗଙ୍କ ସେବକ ଭାବରେ ପରିଚିତ ହେଲେ । **"Accordingly work in india distributed along caste lines. The upper caste in india privileged enough to not do any physical work. Hence, they consider themselves 'high' castes. Shudras and Dalits, on the other hand, are responsible for all kinds of menial and manual work which, according to the caste system are considered to be 'low'.(୨)**

ସମାଜର ସମସ୍ତ ସୁବିଧା ସୁଯୋଗ କ୍ରମେ ଉଚ୍ଚ ବର୍ଗର ଜାତିମାନେ ଲାଭ କଲେ । ସେମାନଙ୍କର ଜୀବିକା ଓ ଜୀବନ ଆନନ୍ଦପ୍ରଦ ହେଲା । ନିମ୍ନ ବର୍ଗର ଜାତି ମାନେ ଶିକ୍ଷା, ସାମାଜିକ ଓ ଜୀବିକା କ୍ଷେତ୍ରରେ ପଛୁଆ ହୋଇଗଲେ ଏବଂ ଗ୍ରାମର ଶେଷ ଭାଗ ବସ୍ତି ମାନଙ୍କରେ ରହିବାକୁ ଲାଗିଲେ । ଛୁଆଁ, ଅଛୁଆଁ ଭେଦଭାବ ର ଶିକାର ହେଲେ  ।ଧର୍ମଗ୍ରଂଥ ସହ ଭାରତର ଜନ ଜୀବନ ଅଙ୍ଗାଙ୍ଗୀ ଭାବେ ଜଡିତ । ଧର୍ମଶାସ୍ତ୍ର ଯଥା -ବେଦ, ବେଦାନ୍ତ, ମନୁସ୍ମୃତି ଓ ବିଭିନ୍ନ ପୌରାଣିକ ଆଖ୍ୟାନରେ ଜାତିବାଦ ର ପ୍ରଭାବକୁ ଲକ୍ଷ୍ୟ କରାଯାଇଛି । ହିନ୍ଦୁ ଶାସ୍ତ୍ର ଗୁଡିକ ଉଚ୍ଚବର୍ଗ ଯଥା -ବ୍ରାହ୍ମଣ ମାନଙ୍କ ଦ୍ୱାରା ରଚିତ ହୋଇ ଥିବାରୁ ଦଳିତ ମାନଙ୍କ ପ୍ରତି ସଠିକ ସ୍ଥାନ ମିଳିପାରିନାହିଁ । ଫଳରେ ନିମ୍ନବର୍ଗ ମାନେ, ଜାତିବାଦ ଭଗବାନ ସୃଷ୍ଟି ବୋଲି ମାନସିକ ସ୍ତରରେ ଗ୍ରହଣ କରିବାକୁ ଲାଗିଲେ ।

### ଦଳିତ ଆନ୍ଦୋଳନ -

ଭାରତରେ ସୃଷ୍ଟି ଲାଭ କରିଥିବା ଜାତିପ୍ରଥା ଏବଂ ଏହାର କଳୁଷମୟ ଦିଗପ୍ରତି ସଚେତନତା, ଧର୍ମ କ୍ଷେତ୍ରରେ ବ୍ରାହ୍ମଣ୍ୟବାଦର ଆଧିପତ୍ୟ ଏବଂ ଦଳିତ ସମ୍ପ୍ରଦାୟଙ୍କ ପ୍ରତି

ISSN NO.
2582-208X

ହେଉଥିବା ଅନ୍ୟାୟ, ଅନୀତି ର ଦୂରୀକରଣ ପାଇଁ ସମାଜରେ ନୂତନ ନୂତନ ମାନବୀୟ ଧର୍ମ ଯଥା-ବୌଦ୍ଧ ଧର୍ମ, ଜୈନ ଧର୍ମ, ମହିମା ଧର୍ମର ସୃଷ୍ଟି ହୋଇଛି । ଆଧୁନିକ ଶିକ୍ଷାର ପ୍ରସାର, ଗମନା ଗମନ ର ସୁବିଧା,ଗଣ ମାଧ୍ୟମର ପ୍ରଚଳନ, ବୌଦ୍ଧିକ ଚେତନାର ବିକାଶ ଫଳରେ ସାମାଜିକ ଓ ଧାର୍ମିକ ସ୍ତରରେ ଥିବା ଅନ୍ଧବିଶ୍ଵାସ ଓ କୁସଂସ୍କାର ର ଦୂରୀକରଣ ପାଇଁ ଊନ୍ନବିଂଶ ଶତାବ୍ଦୀର ପ୍ରାରମ୍ଭରୁ ଚେଷ୍ଟା କରାଯାଇଛି । ବହୁ ବୁଦ୍ଧିଜୀବି, ରାଷ୍ଟ୍ରନାୟକ ମାନେ ଦଳିତ ସମସ୍ୟା, ଜାତିବାଦ ଭଳି କଳୁଷିତ ପ୍ରଥାକୁ ମାନସିକ ସ୍ତରରୁ ବିଲୋପ କରି ସମାଜରେ ସମାନତା ଓ ବ୍ୟକ୍ତି ସ୍ଵାଧୀନତା କୁ ଗୁରୁତ୍ୱ ଦେବାକୁ ପ୍ରୟାସ କରିଛନ୍ତି । ଦଳିତ ମାନଙ୍କୁ ସାମାଜିକ ନ୍ୟାୟ, ସମାଜରେ ସମ୍ମାନପ୍ରଦ ସ୍ଥାନ, ଏବଂ ଛୁଆଁ ଅଛୁଆଁ ଭେଦଭାବ ଜନିତ ସାମାଜିକ ସମସ୍ୟା ର ଦୂରୀକରଣ ପାଇଁ ଅନବରତ ଚେଷ୍ଟା କରିଛନ୍ତି । ଜାତି, ଧର୍ମ, ବର୍ଣ୍ଣ ନିର୍ବିଶେଷରେ ସମାଜରେ ସମସ୍ତଙ୍କ ପ୍ରତି ସମାନତା, ସ୍ଵାଧୀନତା, ସ୍ଵତନ୍ତ୍ରତାକୁ ସମ୍ମାନ ଦେବା ପାଇଁ ପ୍ରୟାସ କରିଛନ୍ତି । ଏହାକୁ 'ଦଳିତ ଆନ୍ଦୋଳନ' କୁହାଯାଏ । ଏହି ଆନ୍ଦୋଳନ ର ସୃଷ୍ଟି ବହୁ ପ୍ରାଚୀନ ଏବଂ ସମ୍ପ୍ରତି ଗତିଶୀଳ ।

ଖ୍ରୀ.ପୂ ଷଷ୍ଠ ଶତାବ୍ଦୀରେ ବୌଦ୍ଧ ଧର୍ମ ଓ ଜୈନ ଧର୍ମରେ ପ୍ରଥମେ ଦଳିତ ଭାବ ଚେତନାକୁ ଗୁରୁତ୍ୱ ଦିଆଯାଇଥିଲା । ଗୌତମବୁଦ୍ଧଙ୍କ ବୌଦ୍ଧ ଧର୍ମ ତଥା ମହାବୀର ଜିନଙ୍କ ଜୈନ ଧର୍ମ ରେ ଜାତି ପ୍ରଥାର ଘୋର ବିରୋଧ କରାଯାଇଥିଲା । ପରବର୍ତ୍ତୀ ସମୟରେ ରେ ଯେଉଁ ସାଧୁ ସନ୍ଥ ମାନେ ଧର୍ମଗତ ତଥା ଜାତିଗତ ସଂସ୍କାର ପାଇଁ ପ୍ରୟାସ କରିଥିଲେ ସେମାନଙ୍କର ମଧ୍ୟରେ କୁମାରିଲା ଭଟ୍ଟ (୭୫୦ଖ୍ରୀ.), ଆଦି ଶଙ୍କରାଚାର୍ଯ୍ୟ (୭୮୮ଖ୍ରୀ.), ରାମାନୁଜ (୧୨ଶ ଖ୍ରୀ.), ମାଧବାଚାର୍ଯ୍ୟ (୧୩ଶ. ଖ୍ରୀ) ଅନ୍ୟତମ । ସେମାନେ ହିନ୍ଦୁ ଧର୍ମର ଅମାନବିକ ଦିଗ ପ୍ରତି ସଚେତନତା ସୃଷ୍ଟି କରି ସଂସ୍କାର ଆଣିଥିଲେ ।

ମଧ୍ୟଯୁଗରେ ଭକ୍ତି ଆନ୍ଦୋଳନ (୮ମ -୧୮ଶ ଶତାବ୍ଦୀ) ଜାତି ପ୍ରଥାର ଦୂରୀକରଣ ପାଇଁ ପ୍ରମୁଖ ଭୂମିକା ଗ୍ରହଣ କରିଥିଲା । ଏହି ଭକ୍ତି ଆନ୍ଦୋଳନ ରେ ଅନେକ ସାଧୁ ସନ୍ଥ ଦଳିତ ସାମ୍ପ୍ରଦାୟ ର ଥିଲେ । ସେମାନେ ବର୍ଣ୍ଣବାଦ ବିରୋଧ ରେ ସ୍ଵର ଉତ୍ତୋଳନ କରିଥିଲେ । ଏବଂ ଜାତିଜନିତ ଭେଦଭାବ କୁ ଦୂର କରିବା ପାଇଁ ପ୍ରୟାସ କରିଥିଲେ । **"The movement cut across barriers of castes, creed, language and religion. Many of the well - known poets, singers and saints in the Bhakti cults were from lower castes.**(୩) ସେମାନଙ୍କ ମଧ୍ୟରେ ନାମଦେବ (୧୨୭୦-୧୩୫୦ ଖ୍ରୀ ), ଜାତିରେ ଦର୍ଜୀ,

ISSN NO.
2582-208X

କବୀର (ତନ୍ତୀ), ଚୋକମେଳା ଜାତିରେ ମହାର (ଅଛୁଆଁ) ରାଇଦାସ (ମୋଚି), ଦାସିଆ ବାଉରୀ, ହାଡୁ ଦାସ (କମାର) ଭୀମ ଭୋଇ (କନ୍ଧ) ପ୍ରମୁଖ ଭୂମିକା ଗ୍ରହଣ କରିଛନ୍ତି । ଭକ୍ତି ଆନ୍ଦୋଳନ ସର୍ଭରତୀୟ ସ୍ତରରେ ଜାତିବାଦର ବିଲୋପ, ଧାର୍ମିକ ସମାନତା,ଓ ସମାଜ ସଂସ୍କାର ପାଇଁ ଅଭିପ୍ରେତ ଥିଲା ।

ଉନ୍ନବିଂଶ ଶତାବ୍ଦୀରେ ଆଧୁନିକ ଶିକ୍ଷା ବ୍ୟବସ୍ଥାର ପ୍ରଚଳନ ଓ ପ୍ରସାରଣ ଫଳରେ ମାନସିକ ଚିନ୍ତାଧାରାରେ ପରିବର୍ତ୍ତନ ଦେଖାଦେଲା । ବିଜ୍ଞାନ, ଗଣମାଧ୍ୟମ ଓ ଗମନା ଗମନର ବିକାଶ ଫଳରେ ନବ୍ୟ ଶିକ୍ଷିତ ସମ୍ପ୍ରଦାୟ ପାଶ୍ଚାତ୍ୟ ସଭ୍ୟତା ଓ ସଂସ୍କୃତି ସଂସ୍ପର୍ଶ ରେ ଆସିଲେ । ହିନ୍ଦୁ ସମାଜରେ ଥିବା ପାରମ୍ପରିକ ଅନ୍ଧବିଶ୍ବାସ, କୁସଂସ୍କାର ପ୍ରତି ସଚେତନ ହେଲେ । ବୈଦିକ କର୍ମକାଣ୍ଡ, ବର୍ଣ୍ଣ ବ୍ୟବସ୍ଥା, ସାମାଜିକ ଭେଦଭାବ ଓ ଛୁଆଁ ଅଛୁଆଁ ନୀତି ବିରୁଦ୍ଧରେ ସ୍ୱର ଉଠାଇଲେ । **"In later part of the 19th. century there is a sea change in Indian society as it came into contract with western civilization and education. Basically Democratic attitude has promoted nationalisation which leads to give importance to liberty and equality in the society. As a result there is abolition of untouchability, protest against vaidika karmakanda and protest against the unconducive situation of middle ages, by the social reforms."(୪)**

ରାଜା ରାମମୋହନ ରାୟ ଙ୍କ 'ବ୍ରାହ୍ମସମାଜ '(୧୯୨୮) ଦୟାନନ୍ଦ ସରସ୍ୱତୀଙ୍କ 'ଆର୍ଯ୍ୟ ସମାଜ' (୧୮୭୫) ଡ଼ଃ. ଆତ୍ମାରାମଙ୍କ 'ପ୍ରାର୍ଥନା ସମାଜ' (୧୮୩୭), ଅନ୍ନିବେଶାନ୍ତ ଙ୍କ 'ଥିଓ ସୋଫିକାଲ ସୋସାଇଟି (୧୮୫୭), ସ୍ୱାମୀ ବିବେକାନନ୍ଦ ଙ୍କ 'ରାମକୃଷ୍ଣ ମିଶନ' (୧୮୯୭) ଆଦି ଅନୁଷ୍ଠାନ ଗୁଡିକ ସମାଜ ସଂସ୍କାର ସହ ହିନ୍ଦୁ ଜାତିର ଭେଦଭାବ ନୀତିକୁ ବିଲୋପ କରିବାକୁ ପ୍ରୟାସ କରିଥିଲା ।

ମହାତ୍ମାଗାନ୍ଧୀ (୧୮୬୭-୧୯୪୮)ଙ୍କ ଅବଦାନ ଭାରତୀୟ ରାଜନୀତି ତଥା ସାମାଜିକ ଜୀବନ ଧାରା ପାଇଁ ଅତୀବ ଗୁରୁତ୍ୱପୂର୍ଣ୍ଣ ବିଷୟ । ହିନ୍ଦୁ ଜାତିପ୍ରଥା, ବ୍ରାହ୍ମଣ ମାନଙ୍କ ଆଧିପତ୍ୟ ଏବଂ ଦଳିତ ମାନଙ୍କ ପ୍ରତି ହେଉଥିବା ଶୋଷଣ କୁ ସେ ତୀବ୍ର ବିରୋଧ କରୁଥିଲେ । ସମାଜରୁ ଜାତି ଭେଦଭାବ, ଛୁଆଁ ଅଛୁଆଁ ମାନସିକତା କୁ ଦୂର କରିବା ପାଇଁ ଗାନ୍ଧିଜୀ 'ହରିଜନ 'ପତ୍ରିକା ଓ 'ସର୍ବୋଦୟ ଆନ୍ଦୋଳନ' ପ୍ରଚଳନ କରିଥିଲେ । ସମାଜରେ

ISSN NO.
2582-208X

ଦଳିତ ସମ୍ପ୍ରଦାୟ ଙ୍କ ପ୍ରତି ସମୁଚିତ ବ୍ୟବହାର ପ୍ରଦର୍ଶନ କରିବା ପାଇଁ ପରାମର୍ଶ ମଧ୍ୟ ଦେଉଥିଲେ ।

## ଜାତି ବିରୋଧୀ ଦଳିତ ଆନ୍ଦୋଳନ (ଜ୍ଞାନଦ୍ୱୟ ଆନ୍ଦୋଳନ )-

ଗୌତମ ବୁଦ୍ଧ ଙ୍କ ଠାରୁ ଗାନ୍ଧିଜୀଙ୍କ ପର୍ଯ୍ୟନ୍ତ ଦଳିତ ମାନଙ୍କ ପାଇଁ ଯେଉଁ ଆନ୍ଦୋଳନ ହୋଇଥିଲା, ତାହା ଦଳିତ ସମ୍ପ୍ରଦାୟଙ୍କ ପ୍ରତି ସହାନୁଭୂତି, ସାମାଜିକ ବିକାଶ ପାଇଁ ପ୍ରଚେଷ୍ଟା ଏବଂ ସମାଜ ସଂସ୍କାର ମାଧ୍ୟମରେ  ସମୁଚିତ ବ୍ୟବହାର ପ୍ରଦର୍ଶନ କରିବା ପାଇଁ ଉଦ୍ଦିଷ୍ଟ ଥିଲା । ପରବର୍ତ୍ତୀ ସମୟରେ ଦଳିତ ବର୍ଗଙ୍କ ପାଇଁ ଯେଉଁ ଆନ୍ଦୋଳନ ହେଲା ତାହା ଥିଲା ସମାଜରୁ ଉଚ୍ଚ ନୀଚ ଭେଦଭାବ ଜନିତ ଜାତିପ୍ରଥା କୁ ଦୂରକରି ଦଳିତ ସମ୍ପ୍ରଦାୟଙ୍କୁ ଉପଯୁକ୍ତ ନ୍ୟାୟ, ସେମାନଙ୍କର ନାଯ୍ୟ ଅଧିକାର ସମ୍ପର୍କରେ ଅବଗତ କରିବା ଓ ସମତୁଲ ସମାଜରେ ଦଳିତ ବର୍ଗଙ୍କୁ ସମାନ ସୁବିଧା ସୁଯୋଗ ସହ ସ୍ୱାଧୀନତା, ସ୍ୱତନ୍ତ୍ରତା, ଭାତୃତ୍ୱର ଭାବ ପ୍ରଦର୍ଶନ କରିବା । ଏହାକୁ ବ୍ରାହ୍ମଣ ବିରୋଧି ଆନ୍ଦୋଳନ ବା ଜ୍ଞାନଦ୍ୱୟ ଆନ୍ଦୋଳନ ମଧ୍ୟ କୁହାଯାଏ । **"While upper-caste reformism wanted to modify and update Hinduism,There was another movement going on the same time that was organized mostly by lower caste leaders. It is known as the 'Non- brahmin Movement'or 'the Enlightenment 'the leader of the enlightenment talked about creating a new society with a new religion that was based on the universal ideas of 'liberty, equality and fraternity..(୫).** ଏହି ଆନ୍ଦୋଳନର ପ୍ରମୁଖ ଭାଗରେ ଥିଲେ ଜୋତିବା ରାଓ ଫୁଲେ, ନାରାୟଣ ଗୁରୁ, ଇ· ଭି· ରାମାସ୍ୱାମୀ ନାଇକର, (ପେରିୟାର ) ଏବଂ ବି· ଆର· ଆମ୍ବେଦକର ।

ଆମ୍ବେଦକରଙ୍କୁ ଜାତିବିରୋଧୀ ଦଳିତ ଆନ୍ଦୋଳନର ପ୍ରାଣ ପ୍ରତିଷ୍ଠାତା କୁହାଯାଏ । ଭାରତୀୟ ସମାଜରେ ସୃଷ୍ଟ ଉଚ୍ଚନୀଚ, ଶ୍ରେଣୀ ବିଭାଗକୁ ଆମ୍ବେଦକର ସମାଲୋଚନା କରିଛନ୍ତି । ତାଙ୍କ ମତରେ ଉଚ୍ଚନୀଚ ଭେଦଭାବ ସମାଜକୁ ଭାଗଭାଗ କରିଦିଏ । ଏଇ ଭାବଧାରକୁ ଭାରତୀୟ ସମାଜରୁ ଖାଲି ନଷ୍ଟ କରିଦେଲେ ହେବନାହିଁ ବରଂ ଏହାକୁ ହିନ୍ଦୁ ଧର୍ମରୁ ସମ୍ପୂର୍ଣ୍ଣ ବିଲୋପ କରିଦେବା ଉଚିତ । ଜାତି ଜାତି ମଧ୍ୟରେ ପାର୍ଥକ୍ୟ ରହିବା ଜରୁରୀ ନୁହେଁ । ଜାତି, ବର୍ଣ୍ଣ, ଧର୍ମ ନିର୍ବିଶେଷରେ ସମସ୍ତଙ୍କୁ ସମାନ ଅଧିକାର ଦେବା ଶ୍ରେୟସ୍କର । ତାଙ୍କ ମତରେ ମନୁଷ୍ୟ ଧର୍ମ ତିଆରି କରିଛି, ଧର୍ମ ମନୁଷ୍ୟ କୁ ତିଆରି କରିନାହିଁ । ଭେଦଭାବ ଜନୀତ ଜାତିବାଦ

ISSN NO.
2582-208X

ସମାଜରେ ଆବଶ୍ୟକ ନାହିଁ । ସ୍ୱାଧୀନତା, ସ୍ୱତନ୍ତ୍ରତା, ଭାଇଚାରା ଦ୍ୱାରା ବଳିଷ୍ଠ ସମାଜ ନିର୍ମାଣ ହୋଇପାରିବ । ଫଳସ୍ୱରୂପ ଦଳିତ ସମ୍ପ୍ରଦାୟ ଆଜି ସମାଜରେ ନିଜସ୍ୱ ସ୍ଥିତିକୁ ହୃଦୟଙ୍ଗମ କରିପାରିଛି । ସମାଜର ମୁଖ୍ୟ ସ୍ରୋତରେ ସାମିଲ ହେବା ପାଇଁ ଶକ୍ତି ଓ ସାମର୍ଥ୍ୟ ପାଇପାରିଛି ।

ସ୍ୱାଧୀନତା ପରବର୍ତ୍ତୀ ସମୟରେ ୧୯୫୦ମସିହା ଆର୍ଟିକିଲ -୩୪୧ରେ ସଂରକ୍ଷିତ ଜାତି (scheduled caste) ଓ ଆର୍ଟିକିଲ-୩୪୨ ରେ ସରଂକ୍ଷିତ ଆଦିବାସୀ (scheduled tribe) ଭାବରେ ଗ୍ରହଣ କରାଯାଇଛି । ୧୯୭୬ ମସିହା ରେ ଭାରତୀୟ ସମ୍ବିଧାନ ୧୨ ଟି ଦଳିତ ବର୍ଗକୁ ହରିଜନ ଭାବରେ ଓ ଅନ୍ୟକେତେକ ଜନଜାତି ସମ୍ପ୍ରଦାୟକୁ ଆଦିବାସୀ ଭାବରେ ସିକୃତି ପ୍ରଦାନ କରିଛି । ଶାସନ ଓ ସମାଜ ବ୍ୟବସ୍ଥା ରେ ବ୍ରାହ୍ମଣ ଉଚ୍ଚଜାତି ମାନଙ୍କ କର୍ତ୍ତୃତ୍ୱ ହ୍ରାସ ପାଇବା ପରେ ହରିଜନ, ତଥା ଦଳିତ ମାନଙ୍କର ଜୀବନ ଧାରଣ ମାନରେ ପରିବର୍ତ୍ତନ ଆସିଛି । **"The decline of leadership among the Brahmins who also a contributing factors towards the change of the status Harijans "(୭)**

ବୈଦିକ ଯୁଗରୁ ଚାଲି ଆସିଥିବା ଏଇ ଚିରାଚରିତ ପ୍ରଥାଟି ଆଜି ମଧ୍ୟ ଅନେକ ସ୍ଥାନରେ ପରିଦୃଶ୍ୟ । ବହୁ ଉଚ୍ଚ ଶ୍ରେଣୀୟ ଲୋକ ମାନଙ୍କ ମନରୁ ଛୁଆଁ ଅଛୁଆଁ, ଭେଦଭାବ ଓ ଜାତିବାଦ ଲୋପ ପାଇପାରିନାହିଁ । ସାମାଜିକ ବାସନ୍ଦ, କଙ୍ଗାରୁ ନ୍ୟାୟ ସମାଜରେ ଏବେ ମଧ୍ୟ ଚାଲୁଅଛି । ଏହାର ନିରାକରଣ କେବଳ ମାନସିକ ପରିବର୍ତ୍ତନରେ ସମ୍ଭାବପର । "ସାହିତ୍ୟ" ହିଁ ଅନ୍ୟତମ ସାର୍ଥକ ମାର୍ଗ ଯାହା ହୃଦୟକୁ ଛୁଇଁ ପାରେ, ମନକୁ ପରିବର୍ତ୍ତନ କରିପାରେ । ସମାଜରେ ଦଳିତ ମାନଙ୍କ ପ୍ରତି ହେଉଥିବା ଅନ୍ୟାୟ ର ବିବେଚନ ଓ ଦଳିତ ମାନଙ୍କୁ ସମାନ ନ୍ୟାୟ, ସମାନ ଅଧିକାର ଦେବାସହ ଭାତୃତ୍ୱ ବନ୍ଧନରେ ବାନ୍ଧି ରଖିବା ପାଇଁ "ଦଳିତ ସାହିତ୍ୟ" ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ଭାହ କରୁଛି । ସମାଜର ଏହି କଳୁଷିତ ପ୍ରଥା ପ୍ରତି ସଚେତନତା ଆଣିବା ପାଇଁ ଆଜି ବହୁ ଲେଖକ ଲେଖନୀ ଚାଳନା କରୁଛନ୍ତି ସମାଜର ମଙ୍ଗଳରେ ମଙ୍ଗ ଧରିବା ପାଇଁ ।

ISSN NO.
2582-208X

ଭାରତୀୟ ସାହିତ୍ୟରେ ଦଳିତ ଚେତନା –

ସାହିତ୍ୟରେ ଦଳିତ ଚେତନା ଏକ ସାହିତ୍ୟିକ ବିଭବ କହିଲେ ଭୁଲ ହେବ ନାହିଁ । ହିନ୍ଦୀ ସାହିତ୍ୟର ସମାଲୋଚକ କମ୍ବଲ ଭାରତୀ ଙ୍କ ମତରେ – "ଲେକିନ ବାସ୍ତବିକତା ୟହ ହେ କି ସାହିତ୍ୟ ସିର୍ଫ ଭାଷାକେ ଆଧାର ପର ଭିବାଜିତ ନେହିଁ ହୈ, ବଲ କି ଅନେକ ବାଦୋ ଔର ବିଚାର ଧାରାୟୋଂ ସେ ଭି ଭିବାଜିତ ହେ, ୟହ ହିନ୍ଦୁତ୍ୱ ବାଦୀ ହେ, ଇସ୍ଲାମି ଭି ହେ, ଇସାଇ ଭି ହେ, ଜୈନ ଭି ହେ ଔର ବୌଦ୍ଧ ଭି ହେ, ବାମପନ୍ଥୀ ଔର ଦକ୍ଷିଣପନ୍ଥୀ ଭି ହେ, ଗାନ୍ଧିବାଦୀ ଔର ଲୋହିଆବାଦୀ ଭି ହେ । ଉହ ରାଷ୍ଟ୍ରବାଦୀ ଭି ହେ ଔର ଭୁମଣ୍ଡଳବାଦୀ ଭି ହେ । ଫିର 'ଦଳିତବାଦୀ' କୁଁ ନେହିଁ ହୋ ସାକ୍ତା ।"(୭)'

ହିନ୍ଦୀ' ଭାରତର ରାଷ୍ଟ୍ରଭାଷା । ଭାରତୀୟ ସାହିତ୍ୟର ପ୍ରମୁଖ ଦଳିତ ଚେତନା ସମ୍ପର୍କିତ ହିନ୍ଦୀ ରଚନା ମଧ୍ୟରେ ଅମିତା ଭାରତୀ ଙ୍କ -'ଭୋର', କିତାବ, ପୂଜାରୀ, ଓମ ପ୍ରକାଶ ବାଲ୍ମୀକି ଙ୍କ -'ଠାକୁର କା କୁଆଁ, ବସ ବହୁତ ହୋ ଚୁକା, ସଦିୟୁଁ କା ସନ୍ତାପ, କର୍ମଶିଳା ଭାରତୀ ଙ୍କ -ଜାତି ସେ ତୋବା, ମୁକ୍ତି ସଂଗ୍ରାମ ଜାଗି ହେ, ନବେନ୍ଦୁ ମହର୍ଷି ଙ୍କ -ଶୁଦ୍ରକେ ଦୋ ହାତ, ସୁଶୀଳା ଟାକମରେ ଙ୍କ -ହମ ଦଳିତ, ସାବାସ, ହେମଲତା ମହେଶ୍ୱରୀ ଙ୍କ -ପରିବର୍ତ୍ତନ, ସାବଧାନ ଆଦି କବିତା ମାନଙ୍କରେ ଦଳିତ ଭାବାଦର୍ଶ କୁ ଲକ୍ଷ୍ୟ କରାଯାଏ । କଥା ସାହିତ୍ୟରେ ଅନିତା ଭାରତୀ ଙ୍କ -ବଦବୁ, ସୁଶୀଳା ଟାକମରେ ଙ୍କ -ଛୋଆ ମା, ସତ୍ୟ ପ୍ରକାଶ ଙ୍କ – ଦଳିତ ବ୍ରାହ୍ମଣ, ରଜନୀ ଶିଶୋଦୀୟା ଙ୍କ -ଚାରପାଇ ଆଦି ଗଳ୍ପ ଏବଂ ଅଜୟ ସବରିଆ ଙ୍କ -ଉଧର କେ ଲୋଗ, ଜୟ ପ୍ରକାଶ କର୍ଦ୍ଦମଙ୍କ -ଛପର ଆଦି ଉପନ୍ୟାସ ଏଦିଗରେ ସଫଳ କୀର୍ତ୍ତି । 'ବଙ୍ଗଳା 'ସାହିତ୍ୟରେ- ବଂକିମ ଚନ୍ଦ୍ର ଚାଟାର୍ଜୀ ଙ୍କ 'ସାମ୍ୟ, ରବୀନ୍ଦ୍ରନାଥ ଟାଗୋର ଙ୍କ 'ଚଣ୍ଡାଳିକା (ନାଟକ ), ଗୋରା (ଗଳ୍ପ ) ଆଦି ବିଚାର କୁ ନିଆଯିବ ।

ଭାରତର ଅନ୍ୟାନ୍ୟ ଭାଷାରେ ରଚିତ ଦଳିତ ଚେତନା ଧର୍ମୀ ରଚନା ମଧ୍ୟରେ- ଉନ୍ନଭା ଲକ୍ଷ୍ମୀନାରାୟଣ ଙ୍କ -ମାଲାପଲ୍ଲୀ -୧୯୨୧(ତେଲୁଗୁ ), କେ. ଶିବରାମ କରନ୍ଥ ଙ୍କ -ଚୋମନା ଦୁଦି -୧୯୩୩(କନ୍ନଡ଼), ମୁଲକରାଜ ଆନନ୍ଦ ଙ୍କ -ନମସ୍କାର (୧୯୬୫) ଓ ଭାରତୀ ପୁଥ -୧୯୭୩ (କନ୍ନଡ଼) ଅନ୍ୟତମ । ଇଂରାଜୀ ଭାଷାରେ- ଶାନ୍ତା ରାମେଶ୍ୱର

ISSN NO.
2582-208X

ରାଓ ଙ୍କ -children of God, (1976), ରୋମେନ ବସୁ ଙ୍କ -Out caste (1986), ବନମାଳୀ ଗୋସ୍ୱାମୀ ଙ୍କ -Untouchable - A novel (1994), ଅରୁଣଧତି ରାୟଙ୍କ - The God of small things (1997) ମାନୁ ଯୋସେଫ ଙ୍କ - serious man ଆଦି ରଚନାରେ ଦଳିତ ଚେତନା ଓ ଚରିତ୍ର ର ସାର୍ଥକ ପରିପ୍ରକାଶ ହୋଇଛି । ସମସାମୟିକ ସମୟରେ ଅନେକ ଉଚ୍ଚକୋଟୀର ଦଳିତ ଉପନ୍ୟାସ ଇଂରାଜୀ ଭାଷାରେ ଅନୁବାଦିତ ହୋଇ ପାଶ୍ଚାତ୍ୟ ଜଗତ ଓ ସାହିତ୍ୟ ରେ ଦୃଷ୍ଟି ଆକର୍ଷଣ କରିଛି । ତନ୍ମଧ୍ୟରେ - ଯୋସେଫ ମେକମେନ ଙ୍କ 'ଅଙ୍ଗଲିୟାତ (ଗୁଜୁରାଟୀ) ଇଂରାଜୀ ଭାଷାନ୍ତର - The step child, ଡ଼ି· କଲ୍ୟାଣ ରାଓ ଙ୍କ 'ଅନ୍ତରାଣୀ ଭାଗତମ' (ତେଲୁଗୁ ) ଇଂରାଜୀ ଭାଷାନ୍ତର - 'Un tocheble spring '(2010), ଏବଂ ଅଖିଳ ନାୟକ ଙ୍କ -'ଭେଦ'(ଓଡ଼ିଆ) ଇଂରାଜୀ ଭାଷାନ୍ତର - 'bheda', ଅନ୍ୟତମ ।

## ଓଡ଼ିଆ ସାହିତ୍ୟରେ ଦଳିତ ଚେତନା -

ସର୍ବ ଭାରତୀୟ ସାହିତ୍ୟ ପରିପ୍ରେକ୍ଷୀରେ ଦଳିତ ଚେତନାର ଯେଉଁ ରୂପ ଓ ବିଭାବ ପ୍ରତିଫଳିତ ଓଡ଼ିଆ ସାହିତ୍ୟରେ ମଧ୍ୟ ଏହାର ନିର୍ଯାସ କୁ ଲକ୍ଷ୍ୟ କରିହେବ । ଓଡ଼ିଆ କ୍ଷୁଦ୍ରଗଳ୍ପ, ଉପନ୍ୟାସ, ନାଟକ, ଓ କାବ୍ୟ କବିତା ରେ ଦଳିତ ଚେତନାର ସ୍ୱର ବେଶ ପରିପୁଷ୍ଟ ଓ ବଳିଷ୍ଠ । ଗାନ୍ଧିବାଦୀ ଆଦର୍ଶ ସହ ଆମ୍ବେଦକରଙ୍କ ଜାତି ବିହୀନ ସମତୁଲ ସମାଜ ନିର୍ମାଣର ଅନୁଚିନ୍ତା, ଦଳିତ ବର୍ଗଙ୍କ ଅଧିକାର ସମ୍ପର୍କରେ ବହୁ ବଳିଷ୍ଠ ଲେଖକ ତଥା ଦଳିତ ଲେଖକ ମାନେ ଲେଖନୀ ଚାଳନା କରି ଓଡ଼ିଆ ସାହିତ୍ୟକୁ ସମୃଦ୍ଧ କରିଛନ୍ତି ।

## ଓଡ଼ିଆ କ୍ଷୁଦ୍ରଗଳ୍ପ ରେ ଦଳିତ ଚେତନା -

ଓଡ଼ିଆ ସାହିତ୍ୟର ପ୍ରମୁଖ ଦଳିତ ଚେତନା ଧର୍ମୀ କ୍ଷୁଦ୍ରଗଳ୍ପ ମଧ୍ୟରେ ଫକିର ମୋହନଙ୍କ- 'ସଭ୍ୟ ଜମିଦାର, ବଗୁଲା ବାଗୁଲି, ଚନ୍ଦ୍ର ଶେଖରଙ୍କ -ଜଗୁ ଚୌକିଦାର, ଲକ୍ଷ୍ମୀକାନ୍ତ ମହାପାତ୍ରଙ୍କ -ଅଧିକାର, ଗୋଦାବରୀଶ ମହାପାତ୍ରଙ୍କ -ଦୁଇଟି ଟଙ୍କା, ଜାତିର ଧକା, ନୀଳ ମାଷ୍ଟ୍ରାଣୀ, କାଳିନ୍ଦୀ ଚରଣଙ୍କ -ସାପୁଆ, ଭଗବତୀ ଚରଣଙ୍କ -ଜଙ୍ଗଲୀ, ଶିକାର, ସଚ୍ଚିଦାନନ୍ଦ ରାଉତରାୟଙ୍କ - ଜାଗିର, ସୁରେନ୍ଦ୍ର ମହାନ୍ତି ଙ୍କ -ବଳିଦାନ ଖାଦାମି, ସଭ୍ୟତାର ଗ୍ରାସ, ସାତକୋଡ଼ି ହୋତା ଙ୍କ -କିରିବୁର କନ୍ୟା, ଗୁରୁ ପ୍ରସାଦ ମହାନ୍ତି ଙ୍କ -

ISSN NO.
2582-208X

ରକ୍ତ ମନ୍ଦାର, ଉମାଶଙ୍କର ପଣ୍ଡାଙ୍କ -ଦାରିଙ୍ଗବାଡିରେ ଫୁଲମତି, ଗୌର ପଟ୍ଟନାୟକ ଙ୍କ -ଆଖୀ, ହାକିମ ବାବୁ, ଶାନ୍ତନୁ କୁମାର ଆଚାର୍ଯ୍ୟ ଙ୍କ -ହରିଜନ, ମାଟିତେଲ, ମୃର୍ତ୍ତିକା ଦର୍ଶନ, ମନୋରମା ମହାପାତ୍ରଙ୍କ -ସହଡା ସୁନ୍ଦରୀ, ବ୍ରହ୍ମାନନ୍ଦ ପଣ୍ଡାଙ୍କ -ଅଧିକାର, କୁତୁକୁଣି ଆଦି ଗଳ୍ପ ଅନ୍ୟତମ । ଦେବରାଜ ଲେଙ୍କା ଙ୍କ "କିଛି କିଛି ଦୁଃଖ କିଛି କିଛି ସୁଖ, ବସନ୍ତ କୁମାରୀ ପଟ୍ଟନାୟକଙ୍କ -"ସକାଳ" ଆଦି ରଚନରେ ଦଳିତ ଭାବଦର୍ଶ କୁ ଲକ୍ଷ୍ୟ କରାଯାଏ । ସମସାମୟିକ ସମୟରେ ମନୋଜ କୁମାର ପଣ୍ଡା, ସଦାନନ୍ଦ ତ୍ରିପାଠୀ, ଜଗଦୀଶ ମହାନ୍ତି ଭୂପେନ୍ଦ୍ର ମହାପାତ୍ର, ସଞ୍ଜୟ ବାଗ, ସମୀର ରଞ୍ଜନ, ବାସୁଦେବ ସୁନାନୀ, ସୁପ୍ରିୟା ମଲ୍ଲିକ ଆଦି ଯୁବ  ଲେଖକ ମାନେ ନିଜ ଗଳ୍ପରେ ଛୁଆଁ ଅଛୁଆଁ ଭେଦଭାବ, ଜାତିବାଦ, ଦଳିତ ଅଧିକାର ପାଇଁ ଲେଖନୀ ଚାଳନା କରୁଛନ୍ତି । ସମୀର ରଞ୍ଜନଙ୍କ- "ଉଇବାଙ୍କ ପାଲଟି ଯାଉଥିବା ମଣିଷମାନେ", ସଞ୍ଜୟ ବାଗଙ୍କ -"ବର୍ଣ୍ଣବୋଧ ଓ ମଧୁବାବୁଙ୍କ କଥା", ବାସୁଦେବ ସୁନାନୀ ଙ୍କ - "ଅଫିସ ପିଅନ" ସୁପ୍ରିୟା ମଲ୍ଲିକ ଙ୍କ -"ଏକା ଏକା" ଜଗଦୀଶ ମହାନ୍ତି ଙ୍କ "ନୂଆ ଓ ଅନ୍ୟାନ୍ୟ ଗଳ୍ପ ୧୯୯୫), ସଦାନନ୍ଦ ତ୍ରିପାଠୀ ଙ୍କ - "ଦଳିତ," ମନୋଜ କୁମାର ପଣ୍ଡା ଙ୍କ -ହାଟ ବଗିଚା୧୯୯୨), ବର୍ଣ୍ଣ ବଗିଚା (୨୦୦୩), ମାୟା ବଗିଚା (୨୦୧୧)  ଏବଂ'ଈଶ୍ୱରଙ୍କ ଅନ୍ତର୍ଧ୍ୟାନର ମୁହୂର୍ତ୍ତ, ଆଦି ଗଳ୍ପ ସଂକଳନ ଦଳିତ ଚେତନାକୁ ବ୍ୟାପ୍ତ କରିଛି ।

## ଓଡ଼ିଆ ଉପନ୍ୟାସ ରେ ଦଳିତ ଚେତନା –

ପ୍ରମୁଖ  ଦଳିତ ଚେତନା ଧର୍ମୀ ଉପନ୍ୟାସ ଭାବରେ କୁନ୍ତଳା କୁମାରୀ ସାବତ ଙ୍କ -ନଅତୁଣ୍ଡି, କାଳିବୋହୁ, ଶାନ୍ତନୁ କୁମାର ଆଚାର୍ଯ୍ୟ ଙ୍କ -ନର କିନ୍ନର ତିନୋଟି ରାତିର ସକାଳ, ଶତାବ୍ଦୀ ର ନଚିକେତା, ଗୋପୀନାଥ ମହାନ୍ତି ଙ୍କ -ଦାଦିବୁଢ଼ା, ପରଜା, ଅମୃତର ସନ୍ତାନ, ଶିବ ଭାଇ, ମାଟି ମଟାଳ, ଗୋବିନ୍ଦ ଦାସ ଙ୍କ -ଲାସୁ, ପ୍ରତିଭା ରାୟ ଙ୍କ -ଆଦିଭୂମି, ହୃଷିକେଶ ପଣ୍ଡା ଙ୍କ -ସୁନାପାଟର ଲୋକେ, ସାତକୋଡ଼ି ହୋତା ଙ୍କ -ଅଶାନ୍ତ ଅରଣ୍ୟ, ଅଖିଳ ନାୟକ ଙ୍କ -ଭେଦ ଅନ୍ୟତମ ।

ISSN NO.
2582-208X

### ଓଡ଼ିଆ ନାଟକରେ ଦଳିତ ଚେତନା –

ପ୍ରମୁଖ ଦଳିତ ଚେତନା ଧର୍ମୀ ନାଟକ ଭାବରେ ରାମ ଶଙ୍କର ରାୟ ଙ୍କ -କାଞ୍ଚି କାବେରୀ, ଅଶ୍ୱିନୀ କୁମାର ଘୋଷ ଙ୍କ- ଦାସିଆ ବାଉରୀ, ଚଣ୍ଡାଳୁଣୀ, କାଳୀ ଚରଣ ପଟ୍ଟନାୟକ ଙ୍କ -ଆହୁତି, ରକ୍ତମାଟି, ବିଜୟ ମିଶ୍ର ଙ୍କ -ଭାଟ, ଧୂମା, ପ୍ରାଣବନ୍ଧୁ କର ଙ୍କ -ମାୟା, ଗୋପାଳ ଛୋଟରାୟ ଙ୍କ -ସାମଲ ଝୁଅ, ଅନ୍ୟତମ । ସମସାମୟିକ ସମୟରେ ଶଙ୍କର ମହାନନ୍ଦିଆ ଙ୍କ -ବାଘଧରା, ହାତୀର ଛାଲ, ଅବୋଲ କରା, ଦୋଳମଣୀ କୋଢ଼େର ଙ୍କ -ଅନ୍ୟଏକ ଏକଲବ୍ୟ ଆଦି ପ୍ରତିଷ୍ଠିତ ନାଟକରେ ଛୁଆଁ, ଅଛୁଆଁ, ଭେଦଭାବ ଜନିତ ସମସ୍ୟା ପ୍ରତି ଗୁରୁତ୍ୱ ଦିଆଯାଇଛି ।

### ଓଡ଼ିଆ କବିତାରେ ଦଳିତ ଚେତନା –

ପ୍ରାଚୀନ ଓଡ଼ିଆ କବିତା ଯଥା -ବୌଦ୍ଧଗାନ ଦୋହା, (ଚର୍ଯ୍ୟା ଗୀତିକା), ସାରଳା ମହାଭାରତ, ବଳରାମ ଦାସଙ୍କ -ରାମାୟଣ, ଲକ୍ଷ୍ମୀପୁରାଣ, ଅରକ୍ଷିତ ଦାସଙ୍କ -ମହିମଣ୍ଡଳ ଗୀତା, ଭୀମ ଭୋଇଙ୍କ-ବିଭିନ୍ନ ମହିମା ଭଜନ, ସ୍ତୁତି, ବୋଲି ରେ ଦଳିତ ଭାବଧାରା କୁ ଲକ୍ଷ୍ୟ କରାଯାଏ । ଆଧୁନିକ ଓଡ଼ିଆ କବିତାରେ ଗୋପବନ୍ଧୁ ଦାସ-ବନ୍ଦୀର ଆତ୍ମକଥା, ଗୋଦାବରୀଶ ମହାପାତ୍ର-ବଙ୍କା ସିଧା, କାଳିନ୍ଦୀ ଚରଣ ପାଣିଗ୍ରାହୀ -ପୁରୀମନ୍ଦିର, ରାଧାମୋହନ ଗଡ଼ନାୟକ -ଦାରୁଦେବତା, ଶ୍ରୀୟା ଚାଣ୍ଡାଳୁଣୀ, ଅର୍ଘ୍ୟ, ମାୟାଧର ମାନସିଂ ଙ୍କ- ପାନ୍ଥ ଗାଥା, କବିତାରେ ଗାନ୍ଧିବାଦୀ ଆଦର୍ଶ ସହ ଦଳିତ ମାନଙ୍କ ପ୍ରତି ସମବେଦନା ର ସ୍ୱର ମିଳେ । ସଚ୍ଚି ରାଉତରାୟ, ଆନନ୍ତ ପଟ୍ଟନାୟକ, ମନମୋହନ ମିଶ୍ର, କୃଷ୍ଣ ଚନ୍ଦ୍ର ତ୍ରିପାଠୀ, ରବିସିଂ, ବ୍ରଜନାଥ ରଥ, ପ୍ରଶନ୍ନ ପାଟଶାହାଣି, ହୁସେନ ରବି ଗାନ୍ଧୀ ଙ୍କ କବିତାରେ ଦଳିତ ମାନଙ୍କର ସମସ୍ୟା, ସେମାନଙ୍କୁ ସମାଜରେ ସମୁଚିତ ବ୍ୟବହାର ପ୍ରଦର୍ଶନ ପାଇଁ ଶୁଭ ବାର୍ତ୍ତା ଦିଆଯାଇଛି । କବିଙ୍କ ଭାଷାରେ –

"ଅଛବର ଘରେ ଘରେ ହେଉ ଆଜି ଆମର ଉତ୍ସବ
ଆର୍ଯ୍ୟ ଋଷି ପୁଣ୍ୟ ଗୀତା ପାଠ
ରହୁ ଭାରତେ ଆଜି ଏକଇ ମାନବ ଜାତି, ହେଉ

ISSN NO.
2582-208X

ଅଛବ ତାହାର ସମ୍ରାଟ ।
ତେବେ ସିନା ହେ ଦେବତା ଏଇ ଦେଶ ହେବ ତୁମ
ଯୋଗ୍ୟତମ ବିହାର କାନନ
ଆସ ବୀର ଚିରି ସମାଜର କଳଙ୍କ ପତାକା
ଅଛବରେ କରି ଆଲିଙ୍ଗନ ।" ( ୮ )

ସ୍ୱାଧୀନତା ପରବର୍ତ୍ତୀ କାଳରେ ନୀଳମଣୀ ପରିଡାଙ୍କ -'ଗଣ ଦେବତା', ଆଶୁତୋଷ ପରିଡାଙ୍କ -'ଚଣ୍ଡାଳ', ହୃଷିକେଶ ମଲ୍ଲିକ ଙ୍କ -'କେମିତି କାଟିବି ଦିନ', ରାଜେନ୍ଦ୍ର ପଣ୍ଡା ଙ୍କ -'ଗୌଣ ଦେବତା', ଜୟନ୍ତ ମହାପାତ୍ରଙ୍କ - 'ଖୋଳତାଡ଼', ବିଚିତ୍ରା ନନ୍ଦ ନାୟକ ଙ୍କ -'ମୁକ୍ତି 'ଆଦି କବିତା ସଂକଳନରେ ଦଳିତ ସମସ୍ୟା, ସେମାନଙ୍କ ଦୟନୀୟ ଜୀବନ ଓ ବିଦ୍ରୋହ ର ସ୍ୱର ମିଳେ । ସମସାମୟିକ ଦଳିତ କବି ଭାବରେ ବାସୁଦେବ ସୁନାନୀ ଙ୍କ -ଅନେକ କିଛି ଘଟିବାର ଅଛି, ମହୁଲ ବନ, ଅସ୍ପୃଶ୍ୟ, କରଡ଼ି ହାଟ, ଛି, କାଳିଆ ଅଛବ, ପିତାମ୍ବର ତରାଇ ଙ୍କ -ଇତର, ଶୁଦ୍ରକର ଶ୍ଳୋକ, ଅଭାଜନ, ଅଞ୍ଜୁବାଳା ଜେନା - ଦଳିତ ବ୍ରତ, ଜୋସ୍ନାରାଣୀ ଭୋଇ ଙ୍କ -'ଚମାର ଝିଅ' ଆଦି କବିତା ସଂକଳନରେ ଦଳିତ ଚେତନାର ବାସ୍ତବିକତାକୁ ଲକ୍ଷ୍ୟ କରାଯାଏ । କବିଙ୍କ ଭାଷାରେ –

"ପଥରୋଧ କରନାହିଁ, ଗତି ରୋଧ କରନାହିଁ
ଯୁଗ ଯୁଗର ବନ୍ଧନରୁ ଦଳିତକୁ ମୁକ୍ତି ଦିଅ
ତୁମେ ହିଂ ବୁଝିଛ ବଞ୍ଚିବାର ଗୋପନ ଅର୍ଥ
ହୃଦୟର ସ୍ପନ୍ଦନ ଅହର୍ନିଶ ନିକ୍ଷେପଣ, ସେମାନଙ୍କ ଏକାକୀ ପଣ
ଦଳିତକୁ ତୁମ ଭଲ ପାଇବାର ଅନ୍ତଃକରଣ
ପୁଣି ଥରେ ଗଣଦେବତା ମୁକ୍ତକର, ଖୋଲ ଆବରଣ
କୋରଡ଼ା ଗଡ଼ରେ ଲୁହର ସମୁଦ୍ର, ମୁଣ୍ଡ ଟେକିଛି, ଲାଞ୍ଛନାର ହର୍ମ୍ୟ । "(୯ )

ସୁତରାଂ, ଦଳିତ ଚେତନାର ରୂପ ଓ ବିଭବ ସର୍ବ ଭାରତୀୟ ସାହିତ୍ୟ ପରିପ୍ରେକ୍ଷୀରେ ଓଡ଼ିଆ ସାହିତ୍ୟରେ ପରିଦୃଶ୍ୟ । ଉଚ୍ଚ ନୀଚ ଭାବଧାରା, ଜାତି ବାଦ, ଛୁଆଁ ଅଛୁଆଁ ଭେଦଭାବ ଭଳି କଳୁଷିତ ଚିନ୍ତାଧାରାକୁ ମାନସିକ ସ୍ତରରେ ଦୂରକରି ଏବଂ ସମାଜରେ

ISSN NO.
2582-208X

ଦଳିତ ସମ୍ପ୍ରଦାୟ ଙ୍କୁ ସମତୁଲ ସମାଜ ନିର୍ମାଣ ରେ ଅଂଶୀଦାର କରିବା ପାଇଁ ଓଡ଼ିଆ ସାହିତ୍ୟର ଲେଖକ ମାନେ ସମ୍ପ୍ରତି ଚେଷ୍ଟା କରୁଛନ୍ତି ନିଜସ୍ୱ ଲେଖନୀ ମାଧ୍ୟମରେ ।

-------------

**ସହାୟକ ଗ୍ରନ୍ଥସୂଚୀ :**

୧. Rajkumar -' locating dalits '-DALIT LITERATURE AND CRITICISM (page -3 )

୨. Rajkumar -'introducing the concept of Dalit ' Dalit literature and criticism (2019) page - 6

୩. Rajkumar - Bhakti movement, (page -23 )

୪. Dr. Udaya nath sahu -Dalit literature in odia -odisha reviews (april-2018 ) page -21

୫. Rajkumar -Non -Brahmin movement -Dalit literature and criticism. Page-31

୬. କୁଳମଣି ସାମଲ -changing status of Harijan -page -29

୭. ଡ଼ଃ.କମ୍ବଲ ଭାରତୀ - ହିନ୍ଦୀ ଦଳିତ ସାହିତ୍ୟ ସଂଚୟିତା, ସମ୍ପାଦନା -ପ୍ରୀତି ସାଗର (୨୦୧୫) ପୃଷ୍ଠା - ୩୭୪,

୮. କୃଷ୍ଣ ଚନ୍ଦ୍ର ତ୍ରିପାଠୀ - 'ଆଲିଙ୍ଗନ '(ସହକାର ୧୩/୭ସଂଖ୍ୟା, ନଭେମ୍ବର, ୧୯୩୨ )

୯. ଡ଼ଃ. କୁଳମଣି ପରିଡ଼ା -'ଗଣ ଦେବତା '-ମୁକ୍ତିର ସାନନ୍ଦ (କବିତା ସଂକଳନ )

* prabhakar palaka -Politics of writing (A study of Dalits in odia literature ) - 2016

ଅଧ୍ୟାପିକା, (ଓଡ଼ିଆ ବିଭାଗ )
ରଘୁନାଥ ସମବାୟ ମହାବିଦ୍ୟାଳୟ (ଓଡଗାଁ )
ନୟାଗଡ

ISSN NO.
2582-208X

# ମଲ୍ଲିକାନ୍ଥୁ



ନିରୁପମା ପଟେଲ

ମଲ୍ଲିକାନ୍ଥୁ ରେ ଆଉକ ଲେଖିବି ଝୋଟି,
ଘୁଙ୍ଗି ଓଠରେ ଆଉକ ଫୁଟିବ ସେ ହସ !
ହୃଦୟ ଭିତରେ ଆଜି ଫୁଙ୍ଗୁଲ୍ ହୋଇଛି
ସେଇଯେ ମିଠା ମିଠା ବିଶ୍ୱାସ ।
ଥରେ ପୋଡ଼ି ଗଲେ ମନ
ନ ଆସେ ସୁଗନ୍ଧ
ଛାତିର ସ୍ପନ୍ଦନେ କେବେ
ନ ଆସେ ବିରସ ।
ଏଇତ ପୂର୍ଣ୍ଣତା ଭିତରେ
ଅପୂର୍ଣ୍ଣତର ମୁଣ୍ଡ ବିନ୍ଧା
ସତ ସହସ୍ର ଭିବ ଯେ ବିରସ
ଭିବ ଯେ ବିରସ..........!

ବଲାଙ୍ଗିର

ISSN NO.
2582-208X

# ମହୋଦଧି ଠାରୁ ରତ୍ନ ବେଦୀ



ଶିବ ପ୍ରସାଦ ଗୁନ୍ଦ

ମହୋଦଧି ଠାରୁ     ରତ୍ନ ବେଦୀ ଯାଏ
ରଚି ଦେଲ ପ୍ରଭୁ କାହାଣୀ ଟିଏ
ଦାରୁ ରୂପ ଧରି     ଲୀଳା କରୁଅଛ
ସତେ ବା ତୁମକୁ ବୁଝିଛି କିଏ ।
ଦାରୁ ଖଣ୍ଡ ହୋଇ     ଭାସୁଥିଲ ଯେବେ
ମହୋଦଧି ଜଳେ ଅରୂପ ହୋଇ
ମନ ବଳିଲା କି     ରୂପ ବହିବାକୁ
ନୀଳାଚଳ ଧାମେ ହେ ଭାବଗ୍ରାହୀ ।
ତୁମେ ତ ଗଢିଛ     ଏ ସାରା ସଂସାର
ତୁମକୁ ଗଢିବ ଅଛି ବା କିଏ
ଅନନ୍ତ ନାମ ରେ     ବିଶ୍ୱକର୍ମା ହୋଇ
ନିଜ କୁ ଗଢିଲ ଆପଣା ଛାଏଁ ।
ରାଜା ଇନ୍ଦ୍ରଦ୍ୟୁମ୍ନ     ଦେଉଳ ତୋଳିଲେ
ମାଗିନେଲେ ବର ବଂଶ ର ନାଶ
ଭକତ ବତ୍ସଳ     ବୋଲାଉଛ ହରି
ଲଭିଲ କି କୁହ ଏଥିରେ ଯଶ ।
ନିତି ଭୁଞ୍ଜୁଅଛ     ଷାଠିଏ ପଉଟି
ଖାଇ କେବେ ତୁମ ନ ସୁଖେ ହାତ

ISSN NO.
2582-208X

କୁବେର ଭଣ୍ଡାର ସାଇତି ରଖିଛ
ତଥାପି କାହିଁକି ବିକୁଛ ଭାତ ? ।
ଛତିଶା ନିଯୋଗ ପୟରେ ଖଟନ୍ତି
ନାହିଁ ତୁମ ପାଶେ ଦିନ କି ରାତି
ବ୍ରାହ୍ମଣ , ଚଣ୍ଡାଳ ହାତୁ ଭୋଗ ଖାଏ
ନାହିଁ ତୁମ ପାଶେ ଜାତି, ଅଜାତି ।
ସକଳ ଧର୍ମ ର ମୂଳାଧାର ତୁମେ
ସଭିଏଁ କହନ୍ତି ଜଗତ ନାଥ
ଭକତ ପ୍ରେମ ରେ ରତ୍ନ ବେଦୀ ଛାଡି
ବଡ ଦାଣ୍ଡେ ତୁମ ଗୁଣ୍ଡିଚା ଯାତ ।
ତୁମେ ନାଟ୍ୟକାର ତୁମେ ନିର୍ଦ୍ଦେଶକ
ତୁମେ ନାଟକ ର ମହାନାୟକ
ବିଶ୍ୱ ରଙ୍ଗ ମଞ୍ଚେ ଆମେ କଳାକାର
ନୀରବେ ବସିଛ ସାଜି ଦର୍ଶକ ।

ପୁରୁଣିଆଁ, କେନ୍ଦୁଝର
ସଂପର୍କ-୯୪୩୮୧୬୦୫୪୫

ISSN NO.
2582-208X

# ତୋ ସହ ଶ୍ରାବଣେ



ନନ୍ଦିତା ବଢ଼ାଇ

ଆଜି ଏ ବର୍ଷା ର ଟିପି ଟିପି ଜଳେ
ପଡୁଛୁ ତୁ ବେଶୀ ମନେ
ହୃଦୟ ଖୋଜିଛି ଭିଜିବାକୁ ତୋ ସାଥେ
ଏହି ବର୍ଷର ଶ୍ରାବଣେ
କାହିଁକି କେଜାଣି ତୋ ପ୍ରେମ ନିଶାରେ
ଘାରି ହେଉଛି ମୁଁ ପ୍ରତିକ୍ଷଣେ
ସେହି ବର୍ଷାରେ ଦିନେ ରାଜରାସ୍ତାରେ
ଭିଜି ଥିଲୁ ଆମେ ଦୁହେଁ
ମନେ ପଡ଼ି ଯାଏ ସେହି କଥା ଆଜି
ମୋ ମନ ଲାଜେଇ ଯାଏ
ଆ ରେ ପବନ ଉସେଇନେ ମୋତେ
ମୋ ପ୍ରିୟ ଘରକୁ
ହୃଦୟ ସହିତ ହୃଦୟକୁ ପୁଣି
ମିଶେଇ ଦେ ଥରେ ଆଉ
ଅତୀତର ସେହି ଅଭୁଲା କଥା କୁ
ଆଉ ଥରେ କରି ଦେଖା
ଡେରି ନ କରି ତୁ ନେଇଯାଆ ଶୀଘ୍ର
ମୋ ପ୍ରିୟର ପାଖକୁ
ଯେତେବେଳେ ଦେଖା ହେବ ମୋ ତା ସହ
ଭିଜେଇବୁ ତୋ ଟିପା ଅମୃତ ଜଳେ

କଦଳୀମୁଣ୍ଡା

ISSN NO.
2582-208X

# ଛିଡ଼ିଯିବ ପାପ ଝୁଲି



ପ୍ରଦୀପ୍ତ କୁମାର ଦାସ

ମଦ ମାଂସ ବିକି ଗରାଖକୁ ଠକି
ବୋଲାଉ ତୁ ବଡ଼ଲୋକ -
ଭାବି ପାରୁ ନାହୁଁ ମଲାପରେ ତୁହି
ହେବୁ ନରକର ପୋକ,
ମାନବ ହୋଇ ତୁ ଦାନବ ପରିକା
କରୁ ଯେତେ ହୀନ କର୍ମ -
ଅପରାଧ ପାଇଁ ଶାସ୍ତି ତୁ ଭୋଗିବୁ
ସହିବନି ତତେ ଧର୍ମ,
ଅସତ ବାଟରେ ବଢ଼ାଇକି ଧନ
ଯାଇଛନ୍ତି ଯେତେ ଯିଏ -
ସେମାନଙ୍କ ସତ୍ତା ପତ୍ତା ନମିଳଇ
ମନେ ବା ରଖିଛି କିଏ ?
"ଗୋରୁ ମାରି ଜୋତା ଦାନ" ଯେ ଅଟଇ
ଧରମକୁ ଆଖି ଠାର -
ଏକଥାକୁ ବାବୁ ଯାଆନା ତୁ ଭୁଲି
ଗଲେ ପିନ୍ଧି ନିଆଁ ହାର,

ISSN NO.
2582-208X

ଦୁର୍ଲ୍ଲଭ ମାନବ ଜନ୍ମ ଲଭିଥିଲୁ
ପୂର୍ବ ସୁକୃତରୁ ତୋର -
ମାୟା ବନ୍ଧନରେ ବାନ୍ଧି ହୋଇ ଏବେ
କହୁ ସବୁକିଛି ମୋର,
ଦଇବ ଦଉଡ଼ି ମଣିଷ ଯେ ଗାଈ
ଏକଥା ନଯାଆ ଭୁଲି -
ଅକାଳ ମରଣ କରିବୁ ବରଣ
ଛିଡ଼ିଯିବ ପାପ ଝୁଲି ।

କଣ୍ଟାବଣିଆ, ଛତ୍ରପଡ଼ା,ପ୍ରୀତିପୁର,
ଯାଜପୁର, ଓଡ଼ିଶା, ପିନ୍ - ୭୫୫୦୧୩
ମୋ - ୮୫୯୪୮୮୫୮୯୮

ISSN NO.
2582-208X

# ପଶ୍ଚିମ ଓଡିଶାର ଏକ ବିଲୁପ୍ତ ଲୋକକଳା "ଦେବଗୁନିଆ"

ଅଧାପକ ଡ. ପୂର୍ଣ୍ଣଚନ୍ଦ୍ର ସାହୁ

ଦେବଗୁନିଆ.......ସେ ପାଠୁଆ ନୁହେଁ ବୁଦ୍ଧିଆ ନୁହେଁ କି ଧୋବ ଧାଉଳିଆ ନୁହେଁ, ତଥାପି ସେ ଗାଇଚାଲିଛି, ଆଗେଇ ଚାଲିଛି ମୁଠେଇ ଧରିଛି ତାର ଯୁଗ ଯୁଗର ସଂଚିତ ଇତିହାସକୁ । ସେ ଜିଇଛି କୋଉ ଯୋଗୀର କେନ୍ଦରାକୁ ଆପଣେଇ ତ ଲକ୍ଷ୍ମୀ ପୁରାଣର ସ୍ୱର ଲମ୍ବେଇ । ଆପଣାର ରକ୍ତକୁ ଝାଳ କରି ବୁହାଇ ଚାଲିଛି । ଆଉ ସେ ଝାଳବୁହା ସଙ୍ଗୀତର ମୂର୍ଚ୍ଛନାରେ ତୋଳି ଧରିଛି ଉତ୍କଳୀୟ ସଂସ୍କୃତି ଓ ପରମ୍ପରା ଅପୂର୍ବ ଗାଥାକୁ ।

## କଳାକାର ଓ ଦେବଗୁନିଆ କାରିଗର –

ପଶ୍ଚିମ ଓଡିଶାର ଏକ କାରିଗର ଓ ଭିକ୍ଷାଜୀବି ସଂପ୍ରଦାୟ ହେଉଛନ୍ତି ଦେବଗୁନିଆ ଜାତି । କୁହାଯାଏ କି ସେମାନେ ଦେବତାଙ୍କ ଠାରୁ ସୃଷ୍ଟି। ସେମାନଙ୍କ ସଂପ୍ରଦାୟକୁ ଦେବଗୁରୁ ସଂପ୍ରଦାୟ କୁହନ୍ତି । ବେଶେଷତଃ ମାର୍ଗଶୀର ଫଗୁଣ ଓ ଚୈତ୍ର, ଦଶହରାରେ ଏମାନେ ବରଣ ଗୀତ, ଲକ୍ଷ୍ମୀପୁରାଣ ଇତ୍ୟାଦି ଗାଇ ଗାଇ ଭିକ୍ଷା ମାଗନ୍ତି । ମାର୍ଗଶୀର ମାସରେ ଦ୍ୱାର ଦ୍ୱାର ବୁଲି ବୁଲି ସ୍ଥାନୀୟ ଲକ୍ଷ୍ମୀ ଚରିତ ଗାନ କରିଥାନ୍ତି । ବିଷୟ ବସ୍ତୁ ଶୁଣିଲେ ଜଣାପଡେ ଲକ୍ଷ୍ମୀଙ୍କ ଦୁଃଖ ଓ କୋହରୁ ଏ ଗୁଡିକର ସୃଷ୍ଟି । ପ୍ରଥମରୁ ଲକ୍ଷ୍ମୀ ଚନ୍ଦନା ପରେ ବିଷୟ ବସ୍ତୁ ଆରମ୍ଭ ହୁଏ । ଯଥା–

ଲକ୍ଷ୍ମୀ ଦେବୀ କହୁଛନ୍ତି ଶୁଣ ମନ ଦେଇ
ମୋହର ଦୁଃଖରେ କଥା କହିବା ବୁଝାଇ
ଅରୁଆ ଚାଉଳ ନେଇ ଲକ୍ଷ୍ମୀଙ୍କି ମାଆଁ ଶିରି ବନ୍ଧାଇଲି
ଅଣ୍ଟେ ଦେବ କନା ମାଗେ, ଅଣ୍ଟେ ଦେବ କନା

ISSN NO.
2582-208X

ଭଣ୍ଡାରୀ ଖଟିବ ଲକ୍ଷ୍ମୀଙ୍କୁ ଅଜନା
ମାଗେ ପୁରୁଣା ଅଜନା
XXXXXXXXXXX
ମନେ ମନେ ବିଚାରିଲେ ଜଗତ ଜନନୀ
ରାଜା ଗଲେ ତାରା ଗଲେ ବରୁଣ ନନ୍ଦିନୀ
ରାଜା ଝିଅ ମାନେ ଆମେ ପଡିଅଛ ଶୁଇ
ସାତ ଘଡି ବେଲ ଯାଏଁ କୁ ଦେଖିଲ ଏଇଁ ।




ବ୍ରହ୍ମବୀଣା:-




ଦଶହରା ବେଳେ ଏମାନେ ଦେବୀ ବରଣ ଗୀତ ବୋଲିଥାନ୍ତି । ସ୍ଥାନେ ସ୍ଥାନେ ମଧ୍ୟ ରାମାୟଣର କିଛି ଅଂଶ ମଧ୍ୟ ଗାନ କରିଥାନ୍ତି । ସେମାନେ ବ୍ରହ୍ମବୀଣା ନାମକ ଏକ ବାଦ୍ୟ ବଜାଇ ଭିକ୍ଷା ମାଗିଥାନ୍ତି । ଏ ବୀଣା କୁଅଡେ ବ୍ରହ୍ମପ୍ରଦତ ବୋଲି ଏହାକୁ ବ୍ରହ୍ମବୀଣା କୁହାଯାଏ । ଦେବଗୁରୁ ସଂପ୍ରଦାୟ ବ୍ରହ୍ମାଙ୍କର ଅଂଶରୁ ସୃଷ୍ଟି ବୋଲି ଏ ଜାତିର ବିଶ୍ୱାସ ରହିଛି । ଏହି ବ୍ରହ୍ମବୀଣାର ବିଭିନ୍ନ ଅଂଶଗୁଡିକର ନାମ ହେଉଛି - କୁମ୍ଭ, ମୁରାଖୁଟୁ, ସିଂହାସନ ଖୁଟୁ, ପହରା, କଉଡି, ଚୁମ୍ବକ, ଲାଉତୁମ୍ବା, ଝୁଲି ଖୁଟୁ ଇତ୍ୟାଦି ଜିନିଷକୁ ନେଇ ଏ ବାଦ୍ୟ ପ୍ରସ୍ତୁତ । ଏହାକୁ ଦୁଇହାତରେ ଧରି ତାରରେ କମ୍ପନ ଦେଲେ ଗୀତର ତାଳ ସହିତ ଏହା ମଧୁର ଧ୍ୱନି ସୃଷ୍ଟି କରେ ।

କାରିଗର ଦେବଗୁନିଆ -

ଦେବଗୁନିଆ ଯେ କେବଳ କଳାକାର ନୁହେଁ, କାରିଗର ମଧ୍ୟ ଦେବଗୁନିଆ ଜାତି । କୋଢିଆ ପରି ଭିକ୍ଷା ମାଗିବା ଚଳିବା ଜାତି ନୁହେଁ, ସେ ତାର ପିତୃଦତ ଶିକ୍ଷା ଧାନରୁ ମୂର୍ତ୍ତି

ISSN NO.
2582-208X

ପ୍ରସ୍ତୁତ କରି ଲୋକଙ୍କୁ ବିକ୍ରି କରିଥାଏ । ଏହି ଧାନ ମୂର୍ତ୍ତି ବଦଳରେ ଘର ଚଳାଏ । ମୂର୍ତ୍ତିର ମୂଲ୍ୟ ପଚାରିଲେ ମୁରୁକି ହସି ପଦେ କହିଦିଏ "ମୂଲ୍ୟ ନାହିଁ ନ ଏଥି", ଅମୂଲ୍ୟ ଧନ୍ ଇଁଟା ।

ଦେବଗୁନିଆ  ଜାତିର ସ୍ତ୍ରୀ ଲୋକମାନେ ବାଉଁଶ କାଠିରେ ବିଭିନ୍ନ ରଙ୍ଗର ସୂତା ଗୁଡାଇ ସେଥିରେ ଧାନକୁ ଖଞ୍ଜି ବିଭିନ୍ନ ମୂର୍ତ୍ତି ପ୍ରସ୍ତୁତ କରିଥାନ୍ତି । ପଦ୍ମଫୁଲ, ଲକ୍ଷ୍ମୀ, ଜଗନ୍ନାଥ, ହାତୀ, କୁଲେଇ ଆଦି ଦ୍ରବ୍ୟ ପ୍ରସ୍ତୁତ କରିଥାନ୍ତି ।

### ସାଂପ୍ରତିକ ସମୟରେ ଦେବଗୁନିଆର ସ୍ଥିତି-

କେଉଁଠି ଗାଁ ଠୁ ସମାଜ ଠୁ କରଛଡା ଦେଇ କେଉଁ ଅପନ୍ତରା ମାଳରେ ପଡି ରହିଛି । ସେ ସଭିଙ୍କ ଆଖିର ଆଢୁଆଳରେ । କେଇ ଖଣ୍ଡ କୁଡିଆ ଆଉ ତାର ଜୀବିକା ହିଁ ତାର ସଂପତି । ଦମ୍ଭିଲା ଘର ଖଣ୍ଡିଏ କରିବାକୁ ତାର ବଳ ନାହିଁ । କୁଟୁମ୍ବ କହିଲେ ତାରି ଭିତରେ ଜଳାଞ୍ଜଳି, ସକାଳୁ ଉଠିଲେ ସମସ୍ୟା ଦାରିଦ୍ର୍ୟ ଆଉ ଦାରିଦ୍ର୍ୟ । ତଥାପି ତାର ବୃତିକଥା ଭୁଲିବାକୁ ଚାହିଁନି । ଓଳିଏ ଖାଇଲେ ଆଉ ଓଳିଏ ଉପାସ ରହି ସେ ତା କଳାକୁ ବଞ୍ଚେଇ ରଖିଛି । ତା ପାଖରେ ଧନ ତାର ହାତଗଢା ଦ୍ରବ୍ୟ ମୂଲ୍ୟ ସେଠି ଜୀବନଠୁ ଖୁବ୍ ବେଶୀ ।

ସଂପ୍ରତି ବରଗଡର ଘାଷିଲିଆର ରାଏସଲପଦର, ଭୁଡିବାହଲ, କଳାହାଣ୍ଡିର ଗୋଲମୁଣ୍ଡ, ବୌଦ୍ଧ, ସମ୍ବଲପୁର ଆଦି ସ୍ଥାନରେ ବସବାସ କରି ରହିଥିବାର ଦେଖାଯାଏ । ଏବେ ବି କଳାହାଣ୍ଡିର ଗୋଲମୁଣ୍ଡା ବ୍ଲକରେ ବିଭିନ୍ନ ଗାଁରେ ୫୦୦ ରୁ ଅଧିକ ଦେବଗୁନିଆ ପରିବାର ରହୁଛନ୍ତି । ବର୍ତ୍ତମାନର ସରକାର ଏହି ଲୋକକଳା ପ୍ରତି ଦୃଷ୍ଟି ଦେଲେ ପଶ୍ଚିମ ଓଡିଶାର ଏହି ଦେବଗୁରୁ ସଂପ୍ରଦାୟ ମାନଙ୍କର ଉନତି ଘଟିବ । ଆଜିର ସୁନା, ରୁପା, ପିତଳ ଧାତୁର ଯୁଗରେ ଧାନ ମୂର୍ତ୍ତିର ଚାହିଦା ନାହିଁ, ଫଳରେ ପେଟ ପୋଷିବା କଷ୍ଟକର୍ ହେଇଯାଉଛି ।

ରାଜସୁନାଖଳା ମହାବିଦ୍ୟାଳୟ, ରାଜସୁନାଖଳା
ନୟାଗଡ, ଫୋନ୍ - ୮୮୪୭୮୬୬୭୨୦

ISSN NO.
2582-208X

# ଶ୍ରମିକ ଭାଇ



ସରସ୍ୱତୀ ମିଶ୍ର

ରହ କ୍ଷଣେ ଦେଖିଯାଅ
ହେ ମାନବଜାତି
ଶ୍ରମିକର ଶ୍ରମ କେତେ
ଅମୂଲ ମୁଲଟି ।

ମୁଣ୍ଡ ଝାଳ ତୁଣ୍ଡେ ମାରି
ଶ୍ରମିକ ବାପୁଡ଼ା
ନିର୍ମାଣ କରଇ କେତେ
କୋଠା ବଡ଼ ବଡ଼ା ।

ବଡ଼ ବଡ଼ ସପିଙ୍ଗ ମଲ୍
କଳ କାରଖାନା
ମନ୍ଦିର ଓ ଅନୁଷ୍ଠାନ
ସ୍କୁଲ କଲେଜ୍ ନାନା ।

ଦେଖିଛ କି ଶ୍ରମ ବିନେ
ଶ୍ରମିକ ଭାଇର
ହୋଇଅଛି ପୂର୍ଣ୍ଣ କେବେ
ଅବା କେଉଁଠାର ।

ରକତ କୁ ପାଣି କରି
କୋଣାର୍କ ମନ୍ଦିର
ତାରି ହସ୍ତ ସ୍ପର୍ଶେ ସିନା
ଏ ତାଜ ମହଲ ।

ଏତେ ଶ୍ରମ କରି ସିଏ
ସୁଖରେ ଆମକୁ
ରଖିଥାଏ ଦିଏ ସୁଖ
ଆମ ଶରୀରକୁ ।

ISSN NO.
2582-208X

କିନ୍ତୁ ତାର ପେଟ କାନ୍ଦେ
ତହକ ବିଜଳେ
ଦେହ ଢାଙ୍କିବାକୁ କନା
ଖଣ୍ଡିଏ ନ ମିଳେ ।

ନେତା ଶାସକ ଦେଖାଇ
ନ୍ୟୁନ ନଜରରେ
ଧନ୍ୟ ଆମ ମନୁଷ୍ୟତା
ଲାଜ ନାହିଁ ତିଳେ ।

ତା ପାଇଁ ସିନା ମହଲେ
ଏତେ ସୁଖେ ଆମେ
ଛୁକୁ ଛୁକୁ କରେ ଟ୍ରେନ୍
ଭଡୁ ବାୟୁ ଯାନେ ।

ଯେତେ ଯେତେ ରାସ୍ତାଘାଟ
ବନେ ତା ଶ୍ରମ ରେ
ବୃକ୍ଷରୋପଣ ବି ହୁଏ
ତାହାରି ହସ୍ତରେ ।

ଜୟ ସେ ଶ୍ରମିକ ଭାଇ
ଜୟସେ କୃଷକ
ତାରି ପାଇଁ ମଥା ଆମ
ଗର୍ବରେ ଉନ୍ନତ ।

ବୁଝରେ ମାନବ ଶ୍ରମ
ଶ୍ରମିକର ମୂଲ୍ୟ
ତେବେ ସିନା ବିକଶିବ
ରାଜ୍ୟ ଦେଶ ସର୍ବ ।

ଦିଅ ସନମାନ ସର୍ବେ
ଶ୍ରମିକ ଭାଇ କୁ
ନଚେତ୍ ହା ହୁତାଶରେ
ଜଳିଯିବ ସବୁ ।

ତାର ମୁଖେ ହସ ଦେଲେ
ହସିଦବି ଧରା
ସେ ଆମ ଶ୍ରମିକ ଭାଇ
କୋଟିନିଧି ପରା ।

ଆନନ୍ଦ ନଗର, ବଲାଙ୍ଗିର
ଫୋନ-୫୫୨୫୫୫୫୨୬

ISSN NO.
2582-208X

# ସେ ଚାହା ବଗିଚାର ଶ୍ରମିକ ନାରୀ



ପ୍ରତିଭା ଦାସ

ଛୋଟ ଏକ ଟୁଙ୍ଗିଘର
ତହିଁରେ ଝଡ଼ ବର୍ଷା କାକର
ମଥାନ ଉପରେ ଖରା
ରାତିରେ ଗଣେ ସେ ତାରା
ମୁହଁରେ ତା'ର କିନ୍ତୁ ଚନ୍ଦ୍ରମାର ଆଭା ଭରା।

କୁକୁଡ଼ା ଡାକରେ ତା'ର
ସକାଳ ପାହେ
ନିତ୍ୟ କର୍ମ ସାରି
ତରତର ହୋଇ
ଖାଏ କି ନଖାଏ,
ଖରସ୍ରୋତା ନଈ ପରି
କର୍ମସ୍ଥଳୀକୁ ସେ ଧାଉଁଥାଏ।

ମୁଣ୍ଡରେ ଟୋକେଇ
ଛାତିରେ କୁନି ଗେହ୍ଲେଇ

ISSN NO.
2582-208X

ତୋଳେ ସେ ଚାହା ପତର,
ଝଡ଼ ତୋଫାନକୁ ନାହିଁ ତା' ଡର
ସଞ୍ଜ ଯେବେ ନଇଁଆସେ
ଭୋକ ଶୋଷରେ ସେ ଫେରଇ ଘର।

ବଡ଼ ଦୁଃଖଦାୟକ ଚାହା ବଗିଚାରେ
ଶ୍ରମିକ ନାରୀର ଜୀବନ
କିଏ ବା ବୁଝଇ ତା'ର ମନ
ସ୍ୱାମୀ ମଦରେ ମାତାଲ୍
ଭାସି ଯାଉଛି ତେଲ ଲୁଣର ସଂସାର
ପୋତି ହେଇଗଲାଣି
କେତେ କେତେ ଭୁଆସୁଣୀର ସପନ
ଦୁଃଖ ହେଉ ଅବା ସୁଖ,
ସବୁବେଳେ ସେ ଏକା !
କହିବ କେମିତି କାହାକୁ
କିଏ ଶୁଣିବ ସେ ବ୍ୟଥା
କେତେ କଷ୍ଟରେ ଭରା ତା'ର ଜୀବନ ଗାଥା !!!

ବିଶ୍ୱନାଥ ଗୁରିଆଲି, ଆସାମ

ISSN NO.
2582-208X

# ପୁଲି



ସୁନନ୍ଦା ମହାନ୍ତ

ଏକମାତ୍ର ସାହାରା ଆଇ ଚାଲିଗଲା ପରେ ପିଙ୍କିର ସମସ୍ତ ଭଲ ମନ୍ଦ ବୁଝୁଥିଲେ ଦୁଇ ପଡୋଶୀ । ପାଠ ଶାଠ ସହିତ ପିଙ୍କି ଥିଲା ସୁନ୍ଦର ଓ ଗାଁ ସ୍କୁଲରେ ଚାକିରୀ କରିଥିଲା ତ ପ୍ରସ୍ତାବର ଅଭାବ ନଥିଲା ତାପାଇଁ । କିନ୍ତୁ ପିଙ୍କିର ଇଛା ଥିଲା ଯୋଉ ପୁଅ ପିଙ୍କି ସଙ୍ଗେ ତା ଆଇଙ୍କ ଘରେ ରହିବାକୁ ରାଜି ହେବେ ସେ ତାଙ୍କୁହିଁ ବିବାହ କରିବ । ସେମିତି ପୁଅ କେହି ମିଳୁନଥିଲେ କାରଣ ଘରଜୋଇଁ ହେବାକୁ ସମସ୍ତଙ୍କ ମନରେ କେମିତି ଗୋଟେ ଅନିଚ୍ଛା ଥାଏ । ତ ପିଙ୍କି ଗାଁ ସ୍କୁଲରେ ପିଲାମାନଙ୍କୁ ପାଠ ପଢେଇବା ସହିତ ଝିଅ ବୋହୂ ଓ ବୃଦ୍ଧ ବୃଦ୍ଧା ମାନଙ୍କୁ ପଢେଇବାରେ ସମୟ ଦିଏ । ପାଠ ଦି ଅକ୍ଷର ପଢି ଲେଖି ଶିଖିଲେ ମଣିଷକୁ କେହି ଠକି ପାରିବେନି ବୋଲି ସମସ୍ତେ ବୁଝିବା ସହ ଅନ୍ଧବିଶ୍ୱାସର ବଶବର୍ତ୍ତୀ ନହୋଇ ପର ବୁଦ୍ଧିରେ ଘୋଡା ଚଢିବା ଅପେକ୍ଷା ନିଜ ବୁଦ୍ଧିରେ ଘାସ କାଟିବା ଭଲ ବୋଲି ବୁଝି ସାରିଥିଲେ । ତେଣୁ ଆଜିକାର ଇଣ୍ଟରନେଟ ଯୁଗରେ କେହି ପିଙ୍କି ଗାଁର ପୁରୁଷ କି ମହିଳାଙ୍କୁ ଯେମିତି ଠକିପାରିବ ନାହିଁ ବରଂ ତାଙ୍କଠାରୁ କିଛି ଶିକ୍ଷା ପାଇ ଆଗକୁ ବଢ଼ି ପାରିବ ଏହିଭଳି ପିଙ୍କି ଗାଁ ଲୋକଙ୍କ ସେବାରେ ଥିବା ସହିତ କୃଷକମାନଙ୍କ ଜୀବନ ରକ୍ଷା ପାଇଁ ତାଳଗଛ ଲଗେଇ ବିଭିର୍ନ୍ନ ସାମାଜିକ ଗଣମାଧ୍ୟମରେ ପ୍ରଚାର ଓ ପ୍ରସାର କରିଚାଲିଥିଲା ବେଳେ ସମସ୍ତେ ପିଙ୍କିର ବାହାଘରକୁ ନେଇ ଚିନ୍ତିତ ଥିଲେ । ପିଙ୍କି ଅନ୍ୟ କେଉଁ ଗାଁ ବା ସହରରେ ବାହା ନହୋଇ ଘରଜୋଇଁ ବରକୁ ବିବାହ କରି ନିଜ ଆଇଙ୍କ ଘରେ ସବୁଦିନ ରହିବାକୁ

ISSN NO.
2582-208X

ସମସ୍ତଙ୍କର ନୀରବ ସମ୍ମତି ଥିଲେ ମଧ୍ୟ ପିଙ୍କି ପାଇଁ ଯୋଗ୍ୟ ପାତ୍ର ନମିଳୁଥିବାରୁ ମନ ଊଣା କରୁଥାନ୍ତି ।

ପିଙ୍କି ପାଇଁ ସମସ୍ତଙ୍କ ମନ ଊଣା ହେଉଛି ଜାଣି ପିଙ୍କି ସେଦିନ ଗୋଟିଏ ଗପ କହି ଚାଲିଥିଲା । ସେ କହୁଥିଲା ଯେ ଟାଇଟାନିକ ଯାହାଜରେ ଜଳାଯାତ୍ରା କରିବା ପାଇଁ କ୍ଲାର୍କ ନାମକ ଏକ ଚାଷୀ ଜୀବନର ସମସ୍ତ ପୁଞ୍ଜି ବିନିଯୋଗ କରି ନିଜର ପାଞ୍ଚ ପିଲା ଓ ସ୍ୱାମୀ ସ୍ତ୍ରୀ ମିଶି ସତଜଣଙ୍କ ପାଇଁ ଟିକେଟ କାଟି ଉଦବିଗ୍ନର ସହ ଅପେକ୍ଷା କରିଥାନ୍ତି ଉଣେଇଶଶହ ବାର ମସିହାର ସେଇ ବୁଧବାରକୁ । ଯୋଉ ଜାହାଜରେ ଜଳାଯାତ୍ରା ତାଙ୍କୁ ଆଣିଦେବ ନୂତନ ଉନ୍ମାଦନା, ନୂତନ ପୁଲକ ଓ ଅନେକ ଅଭିଜ୍ଞତା ତଥା ଅଭିଜ୍ଞ ଅନୁଭୂତି । ଜଳାଯାତ୍ରାର ଠିକ ସାତ ଦିନ ପୂର୍ବରୁ ଦୁର୍ଘଟଣାଟିଏ ଘଟିଗଲା କ୍ଲାର୍କଙ୍କ ଘରେ । ତାଙ୍କ ନିଜ ପୋଷା କୁକୁର ତାଙ୍କ ତୃତୀୟ ପୁଅକୁ କାମୁଡି ଦେଇଥିଲା ତ କ୍ଲାର୍କଙ୍କ ସ୍ତ୍ରୀ ପୁତ୍ରର ଅସୁସ୍ଥ ଶରୀରକୁ ନେଇ ଜଳଯାତ୍ରାରେ ଯିବାକୁ ସ୍ୱାମୀଙ୍କୁ ମନା କରିବା ସହ କହିଥିଲେ ସ୍କଟ ତୁମେ ବରଂ ପାଞ୍ଚଜଣ ଚାଲିଯାଅ । କିନ୍ତୁ ପତ୍ନୀଙ୍କ ବିନା ତଥା ପୁତ୍ରର ଆରୋଗ୍ୟରେ ତାଙ୍କର ମଧ୍ୟ କିଛି ଭୂମିକା ରହିବା ଉଚିତ ଭାବି କ୍ଲାର୍କ ଯାଇନଥିଲେ କିନ୍ତୁ ଦୀର୍ଘନିଶ୍ୱାସଟିଏ ବାହାରି ଆସୁଥିଲା ଛାତି ଥରାଇ ଯେ ସମସ୍ତ ପୁଞ୍ଜି ବିନିମୟରେ ସେ କିଣିଥିବା ସାତଗୋଟି ଟିକେଟର ପଇସା ଫେରସ୍ତ ମିଳିନଥିଲା କି ଜୀବନରେ ଟାଇଟାନିକ ପରି ଯାହାଜରେ ବସିବାର ସୁଯୋଗ ଆଉ ଆସିବନି ଜୀବନରେ କେବେ ଭାବି ଦୁଃଖରେ ଅଧୀର ହୋଇଉଠୁଥିବା ବେଳେ ଟାଇଟାନିକ ଯାହାଜ ଦୁର୍ଘଟଣାର ଶୀକାର ହୋଇଥଲା । ବରଫ ପାହାଡ଼ ଦେହରେ ଧକ୍କା ଖାଇ ଧ୍ୱଂସ ହୋଇଯାଇଥିଲା ଯାହାଜ ତ ସେ ତାଙ୍କ କୁକୁରକୁ ପ୍ରଥମ ଥର ଛାତିଲଗା କରି ଚୁମ୍ବନ ଦେଉ ଦେଉ କହିଥିଲେ ହେ ଇଶ୍ୱର ତୁମ ଇଛା ବିନା ଗଛରୁ ପତ୍ର ହଲେନା । କାହାଣୀଟିକୁ ଶୁଣି ଗ୍ରାମବାସୀ କହୁଥିଲେ ରଖେ ହରି ତ ମାରେ କିଏ । ହଁ ମୁଁ ମଧ୍ୟ ସେଇକଥା କହୁଛି କହି ପିଙ୍କି କହୁଥିଲା ମୋର ବାହାଘର ଡେରି ହେବାର କାରଣ ମଧ୍ୟ ଇଶ୍ୱରଙ୍କ ହାତରେ । ସମସ୍ତେ ବୁଝିଯାଇଥିଲେ । ସତକୁ ସତ କୃଷି ଗବେଷଣା ପାଇଁ ପିଙ୍କିକୁ ଆମେରିକା ଯିବାକୁ ଚିଠି ମିଳିବା ଶୁଣି ସମସ୍ତେ କହୁଥିଲେ ଇଶ୍ୱର

ISSN NO.
2582-208X

ଏକ ତାଳଗଛ ପରି ଆର୍ଥିଙ୍ଗ ଅଟନ୍ତି । ମଣିଷ ସିନା ରଥର ଦଉଡି ଟାଣି ଭାବୁଛି ତା ଯୋଗୁଁ ଇଶ୍ୱରଙ୍କ ରଥଟଣା କିନ୍ତୁ ପ୍ରକୃତରେ ମଣିଷ ଜୀବନ ରଥର ଦଉଡିକୁ ଇଶ୍ୱର ଟାଣନ୍ତି ଠିକ କୂଅରୁ ପୁଲି ସାହାଯ୍ୟରେ ପାଣି ବାଲ୍ଟିକୁ ଟାଣିଲା ଭଳି ।

ପ୍ରଥମଥର ଫ୍ଲାଇଟରେ ବସିଲା ବେଳେ ଓଡିଶାରୁ ଯେଉଁ ସହସାଥି ବୈଜ୍ଞାନିକ ପିଙ୍କି ସାଙ୍ଗରେ ପାଖ ସିଟରେ ବସିଥିଲେ ସେ ଥିଲେ ପିଙ୍କି ଘର ଗାଁର ଓ ସବୁଠୁ ଆଶ୍ଚର୍ଯ୍ୟ କଥା ପିଙ୍କିର ବାପା ମାଆ ରହୁଥିବା ଘରର କେହି ଉତ୍ତରାଧିକାରୀ ବା ଦାବୀଦାର ନଥିବାରୁ ସରକାରୀ ସ୍ତରରୁ ସେହି ଯୁବ ବୈଜ୍ଞାନିକଙ୍କୁ ସେହି ଘରଟିକୁ ଗବେଷଣା କରିବାକୁ ଦିଆଯାଇଥିଲା । ପିଙ୍କି ଦୁଇକୂଳର ଏକମାତ୍ର ଝିଅ କିନ୍ତୁ ଆଇ ଚାଲିଗଲା ପରେ ସେ ଆଉ ନିଜ ପୈତୃକ ଘରକୁ କେବେ ଯିବା ଦୂର କଥା ନିଜର ପୈତୃକ ଘର ଅଛି ବୋଲି ଭୁଲିଯାଇଥିଲା । କେବଳ ଆଇଙ୍କ ଠାରୁ ତା ଗାଁ ନାମ, ପିତା ମାତାଙ୍କ ନାମ ଯୁବକଙ୍କ ଠାରୁ ଶୁଣି ସେ ମନେପକେଇଥିଲା ପ୍ରଥମ କରି ଯେ ତାର ନିଜ ପୈତୃକ ଘରଟିଏ ଅଛି । ଯୁବକଙ୍କ ସହ ମିଶିବା ପରେ ସେ ଜାଣିଥିଲା ତାଙ୍କର ମଧ୍ୟ ପିଙ୍କି ପରି ଏ ଦୁନିଆଁରେ କେହି ନାହାଁନ୍ତି । ପୁଣି ଆମେରିକାରେ ଓଡ଼ିଆ ଯୁବକଙ୍କ ସହିତ ଘନିଷ୍ଠତା ବଢିଥିଲା ପିଙ୍କିର ଏଇଥି ପାଇଁକି ଭାଷା ଓ ଉଦେଶ୍ୟ ଥିଲା ଦୁହିଁଙ୍କର ଏକ ଓ ଲକ୍ଷ ମଧ୍ୟ ଥିଲା ଏକ । ଓଡିଶାର କୃଷକମାନେ ସେମାନଙ୍କ ଧନ ଜୀବନ କିପରି ସୁରକ୍ଷା ରହିପାରିବ ଓ ଉର୍ନ୍ନତମାନର ଧାନ ଶସ୍ୟ ସହିତ ମିଲେଟ ବା ମାଣ୍ଡିଆ ଉତ୍ପାଦନ ହୋଇପାରିବ ସେଥିପାଇଁ ଏ ଦୁହେଁ କାମ କରିଆସୁଥିବାରୁ ପିଙ୍କିକୁ କୃଷକ ମାନଙ୍କ ଜୀବନ ରକ୍ଷା ପାଇଁ ତାଳଗଛ ଲଗେଇ ପ୍ରେରଣା ଦେବା ପାଇଁ ପୁରସ୍କୃତ କରାଯିବା ସହ ଭଲ ବିହନ ଉତ୍ପାଦନ କ୍ଷେତ୍ରରେ ଉଲ୍ଲେଖନୀୟ ଆବିଷ୍କାର ପାଇଁ ଯୁବ ବୈଜ୍ଞାନିକ ସୁରଥଙ୍କୁ ମଧ୍ୟ ପୁରସ୍କୃତ କରାଯାଇଥିଲା । ନବଦିନବ୍ୟାପୀ କର୍ମଶାଳା ଶେଷ ହେବା ପରେ ସେମାନେ ପୁଣି ଫେରିଥିଲେ ଫ୍ଲାଇଟରେ ଏକାଠି ।

ଭୁବନେଶ୍ୱର ବିମାନ ବନ୍ଦରରେ ଓହ୍ଲାଇ ପିଙ୍କି ଓ ସୁରଥ ଆଶ୍ଚର୍ଯ୍ୟ ହୋଇପଡ଼ିଥିଲେ କାରଣ ଦୁଇ ଗାଁ ର ଆବାଳ ବୃଦ୍ଧ ବନିତା ସେମାନଙ୍କୁ ଖାଲି ସ୍ୱାଗତ କରିନଥିଲେ ବରଂ ଦୁହିଁଙ୍କୁ

ISSN NO.
2582-208X

ବରଣମାଳା ଦେଇ ପରସ୍ପର ପରସ୍ପରକୁ ପିନ୍ଧାଇ ସାମାଜିକ କର୍ତ୍ତବ୍ୟ ସମ୍ପାଦାନ କରିବାକୁ କହୁଥିଲେ । ପିଙ୍କି ଟିକେ ଭାବିଚିନ୍ତି ହୋଇ କହିଲା ଏଥିପାଇଁ ମତେ ଗାଁ ଛାଡିବାକୁ ପଡିବ ଜାଣି ମଧ୍ୟ ତୁମେ ଖୁସି ତ ? ଗ୍ରାମବାସୀ କହିଥିଲେ ହଁ ଖୁସି କାରଣ ଏ ଘର ପିଇସୀ ଯିଏ ସେଘର ମାଉସୀ ମଧ୍ୟ ସିଏ । ପିଙ୍କି ଆଶ୍ଚର୍ଯ୍ୟ ହୋଇ ଚାହିଁଥିଲା ତ ବୟୋଜ୍ୟେଷ୍ଠ ମୁରବୀମାନେ କହୁଥିଲେ ଆରେ ତୋ ଇଛା ମୁତାବକ ତୁ ଘରଜୋଇଁ ପାଇଲୁ ପୁଣି ଦୁହିଁଙ୍କ ଲକ୍ଷ ଏକା । ତାଛଡା ଦୁହେଁ କେତେବେଳେ ସେଠି ରହିବତ କେତେବେଳେ ଏଠି । ହେଲେ ତୁମେ ସବୁ ଏତେକଥା କେମିତି ଜାଣିଲ ବୋଲି ପିଙ୍କି ପଚାରୁଥିଲା ତ ସେମାନେ କହିଲେ ଆରେ ଏଇଟା ଡିଜିଟାଲ ଯୁଗର କରାମତି । ଏଥର ପିଙ୍କି ହାରିଯାଇଥିଲା । ବେଦୀରେ ବସିବା ବେଳେ ପିଙ୍କି ଆଈ ଘର ଦୁଇପଡ଼ୋଶୀ ଦୁହିଁଙ୍କର ପିତା ମାତାଙ୍କ ଭୂମିକା ନିର୍ବାହ କରି ଖୁବ ଖୁସି ହୋଇଥିଲେ ।

ସାକ୍ଷୀଗୋପାଳ, ପୁରୀ/9040977327

ISSN NO.
2582-208X

# ପାଳବାରେ ଆସ ଦିବାଲି



ରାଜକିଶୋର ସ୍ୱାଇଁ

ଆସ ଆସ ମା ଦିଗମ୍ବରୀ
ଆସିଅଛି ପରା ଶୁଭ ଦିବାଲି
ଦେଉ ପୁଷ୍ପାଞ୍ଜଳି ଜଣାଉ ପ୍ରଣତି
ଘେନ ମା ଅଭୟା ଶିବ ଶଙ୍କରୀ ।୧ ।

ପୂଜାସ୍ଥଳୀ ଗହଳି ଭାରି
ବାଜେ ଭେରୀ ତୁରୀ ଶଙ୍ଖ ମହୂରୀ
ମନ୍ତ୍ରପାଠେ ମୁଖରିତ ପରିବେଶ
ଭକତି ସଙ୍ଗୀତେ ପଡେ ଉଚ୍ଛୁଳି ।୨ ।

ଆଲୋକର ପରବ ସେ ତ
ସତ୍ୟର ଜୟକୁ କରେ ସ୍ୱାଗତ
ହସଇ ଜଗତ ଆଲୋକମାଳାରେ
ଦୀପଶିଖା ଉଠେ ସବୁଠି ଜଳି ।୩ ।

ISSN NO.
2582-208X

ରାମକୃଷ୍ଣ ନାମେ ତପସ୍ୱୀ
ତୁମ ପାଦପଦ୍ମେ ଥିଲେ ଭରସି
ସାଧନାରେ ତାଙ୍କ ହୋଇ ତୁମେ ପ୍ରୀତ
ଧନ୍ୟକଲ ତାଙ୍କୁ ନିଜର କରି ।୪ ।

ମଧୁମୟ ହେଉ ଏ ବିଶ୍ୱ
ତୁମ କରୁଣାର ପାଇ ପରଶ
ଯୁଦ୍ଧର ତାଣ୍ଡବ ଦୂର କର ମାତା
ଶାନ୍ତି ମନ୍ତ୍ର ଫୁଙ୍କି କାନେ ସବୁରି ।

ଆମ ହୃଦେ ଦେବାକୁ ଭରି
ତୁମ ଭାବନାକୁ କରୁଛୁ ଅଳି
ଗାଇବାକୁ ତୁମ ଭକତି ସଙ୍ଗୀତ
କଣ୍ଠେ ଭାଷା ଭରିଦିଅ ଆମରି ।୬ ।

ପାଳିବାରେ ଆସ ଦିବାଲି
ହୃଦୟ ଦୀପରେ ସଳିତା ଜାଳି
ଯେତେ ଝଡଝଞ୍ଜା ଆସିବ ଜୀବନେ
ସାହା ହେବେ ଦୟା ବହି ମା କାଳୀ ।୭ ।

ଅବସରପ୍ରାପ୍ତ ଉପ ଆରକ୍ଷୀ ଅଧିକ୍ଷକ
ନୂଆପଡା, ନୂଆବଜାର, କଟକ

ISSN NO.
2582-208X

# କବିତା



କାଳପ୍ରସାଦ ମହାପାତ୍ର

କାବ୍ୟ, କବିତା ଓ କବି
ଏମାନଙ୍କ ପାଇଁ ସୃଷ୍ଟିର
ସୁନ୍ଦରତା ଭରିଦିଏ
ମରୁଭୂମିରୁ କରିଥାଏ
ସରଗର ନନ୍ଦନକାନନ। ।

ଗୋଲାପ, ରଂଗ ଭରିଦିଏ
ଗୋଲାପ ପାଖୁଡ଼ାରେ
ଫୁଟିଥିବା ରଙ୍ଗବେରଙ୍ଗର
ଗୋଲାପ ଫୁଲ ପରି।।

କବିତାର ଉତ୍ତାଳ ଜୁଆର
ସୃଷ୍ଟିରେ ପ୍ରେମୀ ଯୁଗଳଙ୍କ
ମନରେ ଆଣିଦିଏ ଫଗୁଣର
ପ୍ରେମର ହୋଲି ଆଣିଦିଏ ।।

ରାଧାକୃଷ୍ଣଙ୍କ ଚିରନ୍ତନ ପ୍ରେମ
କବିତାର ପ୍ରତେକ ଧାଡିରେ
କବି ଲେଖିଯାଇଥାଏ ଏକ
ଦୋଳମଣ୍ଡପ ଓ କୁଞ୍ଜବନରେ।

କବିତାର ସଙ୍କଳନ କେବଳ
ପୁସ୍ତକର ପୃଷ୍ଠାର ପୂର୍ଣ୍ଣତାର
ପରିପୂର୍ଣ୍ଣ କରିବ ସମସ୍ତଙ୍କ
ରଂଗହୀନ ଜୀବନଚର୍ଯ୍ୟାର।

କବିତାର ଶକ୍ତିର ଆଧାରରେ
ହିମାଳୟର ଉତ୍ତଗଂ ଶିଖରେ
ବିଜୟର ବିଜୟଗାଥାକୁ
ଲେଖିଦିଅ ନିଜ ରକ୍ତରେ।

ISSN NO. 2582-208X

କବିତା ଏକ ପ୍ରଶ୍ନ ଯାହର
ଉତ୍ତର ଖୋଜି ପାଏ ନାହିଁ
ପ୍ରଶ୍ନ ପରେ ପ୍ରଶ୍ନ ଗଢିଚାଲେ
ଉତ୍ତର ପାଇବା ପାଇଁ ।

କବିତାର ସ୍ପର୍ଶରେ ବଦଳି
ଯାଏ ସବୁ ପ୍ରକୃତିର ଗୁଣ
ସାଗରର ଲୁଣି ଜଳ
ହୋଇଯାଏ ସୁମଧୁର ଗଙ୍ଗାଜଳ ।

କବିତା ପିନ୍ଧାଇ ଦିଏ
ରାଜାର ରାଜ ମୁକୁଟ
ରଙ୍କକୁ କରିଥାଏ ରାଜା
ଦେଇଥାଏ ସବୁକିଛି ।

କବିତାର ଧାରେ ଧାରେ
କଲମର ଅଙ୍କାବଙ୍କା ଗାରେ
ଭାଂଗେ କେତେ ଯେ ସାମ୍ରାଜ୍ୟ
ପୁଣି ଗଢି ଉଠେ କେତେ ।

କବିତା ପାଇଁ ପୂଜାପାଏ
କବି ଦେଶ ବିଦେଶର
ରାଜା କିନ୍ତୁ ପୂଜାପାଏ
ଆପଣାର ଦେଶରେ ।

କବିତା ପଥରର ଭାଗ୍ୟରେ
ଆଙ୍କିଦିଏ ଦେବତାଙ୍କ ଭାଗ୍ୟ
ପଥର ହୋଇଥାଏ ଦେବତା
ପୂଜାପାଏ ମନ୍ଦିର ଭିତରେ ।

କବିତାଟି ହିମାଳୟରେ ଦାବାନଳ
ପ୍ରଚଣ୍ଡ ଗ୍ରୀଷ୍ମ ପ୍ରବାହରେ
ଦେଇଥାଏ ଶୀତଳତା ଭରି
ଅସମ୍ଭବକୁ ସମ୍ଭବ କରିଥାଏ

କବିର କଲମମୁନରେ ସୃଷ୍ଟିର
ନୂତନ ଯୁଗ ଆରମ୍ଭ ହେବ
ସୃଷ୍ଟି ହୁଏ ନୂତନ ପ୍ରଭାତ
ଜାଗିବ ଉଠିବ ଏ ମଣିଷ ।

ଜଗନ୍ନାଥଙ୍କର କରୁଣାରୁ
ମା' ସରସ୍ୱତୀଙ୍କ ଦୟାରୁ
ଲେଖା ମୋର ଚାଲିଥାଉ
ନ ଅଟକିଯାଉ ମୋ କଲମ ।

ଶିକ୍ଷକ,
ବନ୍ଧୁଗାଁ, କୋରାପୁଟ

ISSN NO.
2582-208X

# କଥା ସାହିତ୍ୟର ପାଟଦେଇ : ବୀଣାପାଣି ମହାନ୍ତି



ଡ. ସସ୍ମିତା ନାୟକ

ସ୍ୱାଧୀନତା ପରବର୍ତ୍ତୀ କଥା ସାହିତ୍ୟର ଜଣେ ଆଗଧାଡ଼ିର ଲେଖିକା ୰ପଦ୍ମଶ୍ରୀ ବୀଣାପାଣି ମହାନ୍ତି, ଖ୍ୟାତନାମା ସାରସ୍ୱତ ସାଧିକା, ଓଡ଼ିଆ ଭାଷା ସାହିତ୍ୟର ବାଣୀଭଣ୍ଡାରକୁ ସମୃଦ୍ଧ କରିଛନ୍ତି ।

ସେ ଆଜୀବନ ଅବିବାହିତ ଥିଲେ । (ସେ ଏକଦା କବିତାର ପ୍ରେମରେ ପଡ଼ିଥିଲେ । ଦୁଇଶହରୁ ଅଧିକ କବିତା ଲେଖିଥିଲେ ) ସେ ୧୯୩୬ ମସିହା ନଭେମ୍ବର ୧୧ ତାରିଖରେ ଗଞ୍ଜାମର ବ୍ରହ୍ମପୁର ଟାଉନ୍‌ରେ ଜନ୍ମ । ବାପାଙ୍କର ଜନ୍ମମାଟି ଚାନ୍ଦୋଳ କେନ୍ଦ୍ରାପଡ଼ା । ପିତା-ଚତୁର୍ଭୁଜ ମହାନ୍ତି, ମାତା-କୁମୁଦୁନି ମହାନ୍ତି । ତାଙ୍କର ଲେଖା ସମ୍ପର୍କରେ ସେ ଉଲ୍ଲେଖ କରିଛନ୍ତି । ୧୯୬୫ ମସିହା ବେଳକୁ ସେ ଅନୁଭବ କଲେ ଯେ କବିତା ଦ୍ୱାରା ସେ ଯାହା ଚାହୁଁଛନ୍ତି ସେ ଲେଖି ପାରୁନାହାନ୍ତି । ତେଣୁ ଗଳ୍ପ ଲେଖା ଉପରେ ମନୋନିବେଶ କଲେ ।

ସେ ଏକାଧାରାରେ ଗାଳ୍ପିକ, କବି, ଔପନାସିକ ଓ ଅଧ୍ୟାପିକା, ସେ କେନ୍ଦ୍ର ସାହିତ୍ୟ ଏକାଡେମୀ ଦ୍ୱାରା ପୁରସ୍କୃତ । ଅର୍ଥନୀତି ବିଭାଗର ସେ ଅଧ୍ୟାପିକା । ଏହା ବ୍ୟତୀତ ସେ ସାରସ୍ୱତ ସାହିତ୍ୟ ସାଧନାରେ ବ୍ରତୀ, ଓଡ଼ିଆ ଗଳ୍ପ କ୍ଷେତ୍ରରେ ଜଣେ ନାରୀ ଲେଖିକା ହିସାବରେ ଶ୍ରୀମତୀ ମହାନ୍ତିଙ୍କ ଅବଦାନ ଅନସ୍ୱୀକାର୍ଯ୍ୟ । ଅସରନ୍ତି ସମସ୍ୟା ଘେରା ନାରୀ ଜୀବନର ରହସ୍ୟ ଉନ୍ମୋଚନ ସହିତ ପ୍ରଗତିବାଦୀ ଆଭିମୁଖ୍ୟ ତାଙ୍କ ଗଳ୍ପମାନଙ୍କରେ ସୁସ୍ପଷ୍ଟ । ବିଶେଷ କରି ନାରୀ ଜୀବନର ମନସ୍ତାତ୍ତ୍ୱିକ ବିଶ୍ଳେଷଣ କରିବାର ତାଙ୍କର ପ୍ରୟାସ ସାର୍ଥକ ବୋଲି ମନେହୁଏ । ସମାଜର ବିଭିନ୍ନ ସମସ୍ୟାଗୁଡ଼ିକୁ ଆଧାର କରି ତାଙ୍କର ଗଳ୍ପଗୁଡ଼ିକ ପ୍ରାଣବନ୍ତ ।

ISSN NO.
2582-208X

ସେ ଓଡ଼ିଆ ଗଳ୍ପ ସାହିତ୍ୟକୁ ବହୁ ଦିଗରୁ ଋଧିମନ୍ତ କରିଛନ୍ତି । ତାଙ୍କର ଗଳ୍ପ ସଂକଳନଗୁଡ଼ିକ ମଧ୍ୟରେ 'ନବତରଙ୍ଗ' (୧୯୬୩), 'ପାନ୍ଥଶାଳା ଓ ରକ୍ତ କରବୀ' (୧୯୬୫), 'କସ୍ତୁରୀ ମୃଗ' ଓ 'ସବୁଜ ଅରଣ୍ୟ' (୧୯୬୭), 'ତଟିନୀର ତୃଷ୍ଣା' (୧୯୭୨), 'ସାୟାହ୍ନର ସ୍ୱର' (୧୯୭୩), 'ଅନ୍ଧକାରର ଛାଇ' (୧୯୭୬), 'କାଳାନ୍ତର' (୧୯୭୭), 'ଆରୋହଣ' (୧୯୭୮), ମଧ୍ୟାନ୍ତର (୧୯୭୯), ବସ୍ତ୍ରହରଣ (୧୯୮୦), 'ଇଣ୍ଟରଭ୍ୟୁ'(୧୯୮୧), 'ଅନ୍ୟ ଅରଣ୍ୟ' (୧୯୮୧), 'ଖେଳଣା' (୧୯୮୩), 'ଦୃଶ୍ୟାନ୍ତର' (୧୯୮୪), 'ଚରିତ୍ର ହସୁଛି' (୧୯୮୬), 'ପାଟଦେଈ'(୧୯୮୬), 'ତୃତୀୟ ପାଦ' (୧୯୮୯), 'ବହ୍ନିବଳୟ' (୧୯୯୦), 'ଜନ୍ମାନ୍ତର' (୧୯୯୧), 'ସକୁନିର ଛକା'(୧୯୯୨, 'ଅଶ୍ରୁଅନଳ' (୧୯୯୨), 'ଏକାକୀ ପରାଶର'(୧୯୯୪), 'ଅଭିନେତ୍ରୀ'(୧୯୯୭), 'ଖେଳଚାଲିଛି'(୧୯୯୮), 'ପାଚେରୀ ସେପଟେ ନଈ' (୧୯୯୯), 'ପଦ୍ମ ଘୁଞ୍ଚି ଘୁଞ୍ଚି ଯାଉଛି' (୨୦୦୦) ଇତ୍ୟାଦି । ଗଭୀର ମାନବବାଦ ଓ ଜୀବନଧର୍ମୀ ଅନୁଚିନ୍ତାର ଆଲେଖ୍ୟ ବହନ କରି ତାଙ୍କ ଗଳ୍ପଗୁଡ଼ିକ ପ୍ରଭାବଶାଳୀ ।

## ଉପନ୍ୟାସ :

ସେ ମଧ୍ୟ ଜଣେ ସ୍ୱନାମଧନ୍ୟ ଔପନାସିକା । ପ୍ରଥମ ଉପନ୍ୟାସ 'ସୀତାର ସ୍ୱଣିତ' ଠାରୁ ଆରମ୍ଭ କରି 'କୁନ୍ତି କୁନ୍ତଳା ସକୁନ୍ତଳା' ଓ 'ମନସ୍ୱିନୀ' ପର୍ଯ୍ୟନ୍ତ ପ୍ରତିଟି ଉପନ୍ୟାସର କଥାପକ୍ଷ ପ୍ରାୟତଃ ନାରୀତ୍ୱର ନିର୍ଜଳା ଅନୁଭବରେ ଶାଣିତ ଏବଂ ସମୁଜ୍ଜ୍ୱଳ ।

କଥାଶିଳ୍ପୀ ନାରୀ କଥାକାର ଶ୍ରୀମତୀ ବୀଣାପାଣି ମହାନ୍ତି ଓଡ଼ିଆ ସାହିତ୍ୟରେ ଜଣେ ସ୍ୱନାମଧନ୍ୟା ଶିଳ୍ପୀ । ସରଳ ଓ ପ୍ରାଞ୍ଜଳ ତାଙ୍କର କଥକତା, ସାମାଜିକ ଅପ ସଂସ୍କୃତି ପ୍ରତି ସେ ଯେପରି କଠୋର ସେହିପରି ମଣିଷ ଜୀବନର ବିଶିଷ୍ଟ ଖଣ୍ଡାଂସକୁ ପ୍ରକାଶ କରି ସେ ସେହିପରି ତତ୍ପର । ତାଙ୍କର ସୃଷ୍ଟିରେ ସାମାଜିକ ଦୋଷ ଦୁର୍ବଳତା ପ୍ରତି ରହିଛି ସୁତୀବ୍ର ଦୃଷ୍ଟି ଓ ମାନବିକ ସମ୍ବେଦନଶୀଳତା ।

ଓଡ଼ିଆ କଥା ସାହିତ୍ୟ ଜଗତରେ ବୀଣାପାଣି ମହାନ୍ତି ଅମିତ ଯଶର ଅଧିକାରିଣୀ । ସେ ଓଡ଼ିଆ ଗଳ୍ପ ଜଗତକୁ ବହୁ ଦିଗରୁ ଋଦ୍ଧିମନ୍ତ କରିଛନ୍ତି । ସେ ମଧ୍ୟ ଗୋଟିଏ ଲେଖିକା

ISSN NO.
2582-208X

ସଂସଦ ଗଢ଼ିଥିଲେ । ନାରୀ ମନସ୍ତତ୍ୱ ଦୃଷ୍ଟିରୁ ତାଙ୍କ ଗଳ୍ପଗୁଡ଼ିକ ସଫଳ । ସରଳ ଭାଷା ଓ ଶୈଳୀରେ ରଚିତ ତାଙ୍କ ଗଳ୍ପ ଗୁଡ଼ିକରେ ପରମ୍ପରା ପ୍ରୀତିର ପରିଚୟ ସହଜଲଭ୍ୟ, ଡକ୍ଟର ବେଣୁଧର ପାଢ଼ୀ (ଓଡ଼ିଆ ସାହିତ୍ୟର ଇତିହାସ)ରେ ସ୍ୱମତ ପ୍ରଦାନ କରି କହିଛନ୍ତି ବୀଣାପାଣି ବେସାଲିସ୍ ଜୀବନର ମନ୍ତ୍ର ଉଚ୍ଚାରଣରେ ଅଭିଷିକ୍ତ । ତାଙ୍କ କଥା ଜଗତ ସଦା ମୂର୍ଚ୍ଛିତ ହେଉଥାଏ । ମାନବାତ୍ମାର ମଧୁର ଗାନ ଓ ଜୀବନର ନମ୍ର ଶାଶ୍ୱତ ସାମ ସଙ୍ଗୀତ । ଜୀବନର ଅନ୍ତରଙ୍ଗ ପଣକୁ ନିବିଡ଼ ମଗ୍ନତାରେ ସେ ପ୍ରଦାନ କରନ୍ତି । ଯେଉଁ କଳାତ୍ମକ ପରିପାଟୀ, ତାହା ତାଙ୍କ କଥା କାରୀଗରୀର ଏକ ଅନୁପମ ଶିଳ୍ପରେ ହୋଇଥାଏ ପରିଣତ। ଗୋଟାଏ ଜୀବନ ମନଷ୍କ ଅଥଚ ଦର୍ପିତ ନାରୀର ଆତ୍ମା ସଦାସର୍ବଦା କଥାବସ୍ତୁର ଅନ୍ତରାଳରେ କେଉଁଠି ନା କେଉଁଠି ତାଙ୍କ ନିର୍ଗତ ନାୟିକାର ନିରୋଳ ପୃଥିବୀରେ... ନୀରବରେ ଓ ନଭୃତରେ ସତେକି "ବିଦ୍ରୋହ" ର ବ୍ୟାପକ ସମ୍ଭାବନା ନିମନ୍ତେ ପ୍ରସ୍ତୁତ ହେଉଥିବାର ଚିତ୍ରଦୃଶ୍ୟ ସୃଷ୍ଟିକରେ, ବୀଣାପାଣିଙ୍କ କଥାଶିଳ୍ପର ଏକ ଭିନ୍ନ ପରିଧି ।

ପ୍ରଗତିଶୀଳ, ମାନବବାଦୀ, ସାଧାରଣ ମଣିଷ ଜୀବନ ସହିତ ସେ ଜଡ଼ିତ ଥିଲେ । ନାରୀର ଚରିତ୍ର ଠାରୁ ଆରମ୍ଭ କରି ଖଟିଖିଆର ଦୁର୍ଦ୍ଦଶାକୁ ସେ ଗଳ୍ପରେ ଦର୍ଶାଇଛନ୍ତି । କବି ଆଶାବାଦୀ ଯେ ଯଦି ଓଡ଼ିଆରେ ସମସ୍ତେ ଲେଖନ୍ତେ ତାହାଲେ ଓଡ଼ିଆ ଭାଷାର ବହୁଳ ମାତ୍ରାରେ ବିକାଶ ଲାଭ କରିପାରନ୍ତା, ସମୁଦାୟ ୩୨ଟି ଗଳ୍ପ ସଂକଳନ, ତିନୋଟି ଉପନ୍ୟାସ, ଏକଟି କବିତା ସଂକଳନ (ଆସିବାର ବେଳ) ଗୋଟିଏ ଏକାଙ୍କିକା (କ୍ରାନ୍ତି) ଓ ହିନ୍ଦୀରୁ ଓଡ଼ିଆରେ ଅନୁବାଦ (ପ୍ରେମଚାନ୍ଦଙ୍କ ଜୀବନୀ, ସାଧା ଖାମ୍, ସୁନ୍ଦରୀ ଭାଷ୍‌ଲିସା, ସୁନେଲି ଯାବି ।

ଇଂରାଜୀରେ ରଚିତ ଗ୍ରନ୍ଥ ହେଉଛି ଗଙ୍ଗସ୍ପସମ – Music – Dear and green forest, The agony of fair.

ସାହିତ୍ୟ ପାଇଁ ସେ ପଦ୍ମଶ୍ରୀ ସମ୍ମାନରେ ସମ୍ମାନିତ ହୋଇଛନ୍ତି । ବିଶେଷଭାବରେ ୧୯୫୬ ମସିହାରେ ପ୍ରଥମେ ପ୍ରଜାତନ୍ତ୍ର ତରଫରୁ ତାଙ୍କର ପ୍ରତିଭାକୁ ପ୍ରଥମ ସମ୍ମାନିତ କରାଯାଇଥିଲା। ୧୯୬୧ ମସିହାରେ ସ୍ୱନାମଧନ୍ୟ ପତ୍ରିକା 'ଝଙ୍କାର' ତରଫରୁ ସେ ପୁରସ୍କୃତ ହୋଇଥିଲେ । ୧୯୬୮ ମସିହାରେ ପ୍ରଥମ ଗଳ୍ପ ସଂକଳନ ପାଇଁ ଓଡ଼ିଶା ସାହିତ୍ୟ

ISSN NO.
2582-208X

ଏକାଡେମୀ ତରଫରୁ ସେ ପୁରସ୍କୃତ ହେଲେ ତାହା ହେଉଛି 'କସ୍ତୁରୀ ମୃଗ' ଓ 'ସବୁଜ ଅରଣ୍ୟ', ଏହି ଗଳ୍ପ ସଂକଳନ ପାଇଁ ସେ ଓଡ଼ିଶା ସାହିତ୍ୟ ଏକାଡେମୀ ପୁରସ୍କାର ପାଇଲେ ୧୯୬୮ ମସିହାରେ । 'ଜୀବନର ରଙ୍ଗ' ସାହିତ୍ୟ ସମ୍ମାନ ଗଳ୍ପ ପାଇଁ ପାଇଛନ୍ତି ୧୯୭୩ରେ ତାପରେ 'ଚଲାପଥ' ସମ୍ମାନ ପାଇଛନ୍ତି ସେହି ୧୯୭୩ । ଝଙ୍କାର ପ୍ରଜାତନ୍ତ୍ର ପ୍ରଚାର ସମିତି ପୁରସ୍କାର ପାଇଛନ୍ତି ୧୯୭୪ରେ । 'ଧରିତ୍ରୀ ସମ୍ମାନ' ପାଇଛନ୍ତି ୧୯୮୦ରେ, ସହକାର ସମ୍ମାନ ପାଇଛନ୍ତି ୧୯୮୫ ମସିହାରେ, 'ନୀଳଶୈଳ' ସମ୍ମାନ ପାଇଛନ୍ତି ୧୯୮୭ ମସିହାରେ, 'ସୁଚରିତା' ସମ୍ମାନ ପାଇଛନ୍ତି ୧୯୮୮ ମସିହାରେ କେନ୍ଦ୍ର ସାହିତ୍ୟ ଏକାଡେମୀ ପାଇଛନ୍ତି ୧୯୯୦ ମସିହାରେ (ପାଟଦେଈ ଗଳ୍ପ) । ସୁଧନ୍ୟା ସାହିତ୍ୟ ସମ୍ମାନ ପାଇଛନ୍ତି ୧୯୯୨ ମସିହାରେ, 'ଗୋକର୍ଣ୍ଣିକା ସାହିତ୍ୟ ସମ୍ମାନ' ପାଇଛନ୍ତି ୧୯୯୯ ମସିହାରେ ।

'ବିଷୁବ ପୁରସ୍କାର' ପାଇଛନ୍ତି ୨୦୦୦ ମସିହାରେ 'ସାହିତ୍ୟ ଭାରତୀ' ପୁରସ୍କାର ପାଇଛନ୍ତି ୨୦୦୨ ମସିହାରେ । 'ଗୃହିଣୀ ସମାଜ' ପୁରସ୍କାର ପାଇଛନ୍ତି ୨୦୦୨ ମସିହାରେ । 'ଭରତଚନ୍ଦ୍ର ସାହିତ୍ୟ ସ୍ମୃତି ସମ୍ମାନ' ପାଇଛନ୍ତି (ସମ୍ବଲପୁର ବିଶ୍ୱବିଦ୍ୟାଳୟ ତରଫରୁ) ତାଙ୍କୁ ପ୍ରଦାନ କରାଯାଇଛି-୨୦୦୨ ମସିହାରେ । 'ପ୍ରଥମ ରେବାରାୟେ' ପୁରସ୍କାର ପାଇଛନ୍ତି ୨୦୦୯ ମସିହାରେ । 'କାଦମ୍ବିନୀ' ପୁରସ୍କାର ପାଇଥିଲେ ୨୦୦୯ ମସିହାରେ, 'ଗୁପ୍ତ ଓଡ଼ିଶା' ସମ୍ମାନ ପାଇଛନ୍ତି ୨୦୧୦ ମସିହାରେ ।

ସେ କାହିଁକି ଲେଖନ୍ତି - 'ଗାଳ୍ପିକା କୁହନ୍ତି କାହାର ଫର୍ମୁଲା ପଢ଼ି ମୁଁ ତତ୍ତ୍ୱ ସଂଗ୍ରହ କରିନାହିଁ । ନୀତି ଜୀବନର ରକ୍ତ ସର୍ତ୍ତରେ ରସାଣିତ ହୋଇ ମୁଁ ଖୋଜି ବୁଲିଛି । ଯାହା ଜୀବନର ଚିରନ୍ତନ ସତ୍ୟ ମଣିଷର ବଞ୍ଚିବାର ପାଇଁ । ଶାନ୍ତି ଓ ମୁକ୍ତିର ଏକ ମାର୍ଗ ପାଇଁ ଏକ ସଳିତା, ଯାହା ରସାଣିତ ହେବ ଅନୁଭୂତି ଓ ଚିରନ୍ତନ ସତ୍ୟର ଶାଣିତ ଶିଖାରେ । ମୋତେ ଓ ମୋର ମତାମତକୁ କେହି ସ୍ୱୀକାର କରିବାର ଅପେକ୍ଷା ମୁଁ ରଖିନାହିଁ । କାରଣ - ମୁଁ ପାଠକ ଓ ପାଠିକାଙ୍କର ଅଜସ୍ର ସତ୍ତାରେ ବିଚ୍ଛୁରିତ ବିସ୍ଫୁରିତ ଚିରନ୍ତନ ମାନବିକ ସତ୍ତାର ଏକ ସ୍ଫୁଲିଙ୍ଗ ମାତ୍ର । ତେଣୁ ମୁଁ ନୀରବ ରହି ପାରିବି ନାହିଁ । ମୁଁ ଲେଖିଚାଲିବି, ଏହି କ୍ରମରେ ସେ କହିଛନ୍ତି ଏବେ ବି ରାବଣ ଅଛି ଶକୁନି ଅଛି । ଦୁର୍ଯ୍ୟୋଧନ ଦୁଃସାସନର ବିକଟାଳ ହସରେ ଦ୍ରୌପଦୀ ବସ୍ତ୍ର ହରଣ ଥରେ ନୁହେଁ ଅଜସ୍ର ଥର ଘଟିଯାଉଛି । ସେମାନେତ ଥିଲେ ପୁରାତନ ଯୁଗର ଏକ ରାଜବଂଶରେ ଏବେ ସେମାନେ

ISSN NO.
2582-208X

ଅନେକ ମଣିଷରେ ରୂପାନ୍ତରିତ ହୋଇଛନ୍ତି । ବିଚାର ବିଭ୍ରାଟର ଅନ୍ତ ନାହିଁ । ସଂଘର୍ଷ ପରେ ସଂଘର୍ଷର ସୀମା ନାହିଁ । ରାଜନୀତି, ଅର୍ଥନୀତି ସମାଜିକ ସାଂସ୍କୃତିକ କ୍ଷେତ୍ରରେ ନାନା ଅସାମଞ୍ଜସ୍ୟ ପଥରୁଦ୍ଧ କରି ପ୍ରଶ୍ନବାଚୀରେ ସମସ୍ତଙ୍କୁ ମତେ ଆଘାତ କରି ଚାଲିଛି । ସେତେବେଳେ ଆଉ ମୁଁ କ'ଣ କରିଥାନ୍ତି । ତେଣୁ ମୁଁ ଲେଖୁଛି । ସେହି କ୍ରମରେ ସେ ଆହୁରି ମଧ୍ୟ କହିଛନ୍ତି-ତାଙ୍କର ଲେଖା ପଛର କାରଣ ହେଉଛି ସେ ଏକ ଉଜ୍ୱଳ ସମୃଦ୍ଧି ପରିପୂର୍ଣ୍ଣ ସାର୍ଥକ ଜୀବନର ସ୍ୱପ୍ନ ଦେଖିଛନ୍ତି । ତାହା ବ୍ୟକ୍ତି ଜୀବନ ନୁହେଁ । ସମୁଦାୟ ବିଶ୍ୱ ଜୀବନର ଏବଂ ସେ କହୁଛନ୍ତି ଯେଉଁ ପୃଥିବୀ ସେ ପରିକଳ୍ପନା କରିଛନ୍ତି ଚିତ୍ର ହିସାବରେ ଅଙ୍କନ କରିବା ପାଇଁ ତାହା ସମ୍ଭବ ହୋଇ ପାରିନାହିଁ । କିନ୍ତୁ ସେମିତି ଏକ ପୃଥିବୀ ପାଇଁ ସେ କହିଛନ୍ତି– 'ମୋର ମୋତେ ଉତ୍ସର୍ଗ କରିଦେବା ଦରକାର ମାନେ ମୋର ରକ୍ତକୁ ସମସ୍ତେ ସମର୍ପଣ କରିଦେବା ଦରକାର । ସେହି ଆଧାରରେ ସେ ଲେଖିଥିବା ବାକ୍ୟ ହେଉଛି ଏହି ଭବିଷ୍ୟତର ପୃଥିବୀ ତାଙ୍କୁ ଯେମିତି କହିଛି ଆହୁରି ରକ୍ତ ଦରକାର । ଆହୁରି ଯନ୍ତ୍ରଣାରେ ରକ୍ତାକ୍ତ ଜର୍ଜରିତ ଓ ଆନ୍ଦୋଳିତ ହେବା ଦରକାର । ମାନେ ଗାଳ୍ପିକାଙ୍କୁ ନ ହେଲେ ଗୋଲାପର ରଙ୍ଗ ଲାଲ୍ ହେବ ନାହିଁ । ଏହି କେତେ ଟୋପା ରକ୍ତରେ ଏଇ କେତେଟା ମାତ୍ର କଣ୍ଟାର ଆଘାତରେ କେତୋଟି ଘନ କୁହୁଡ଼ି ଭରା ଉଜାଗର ରାତିରେ ବିମର୍ଷ କାତର ହୋଇ ଚାହିଁଲେ କ'ଣ ରାତ୍ରି ପାହି ପ୍ରଭାତ ଆସିବ । ନାଁ ସୂର୍ଯ୍ୟ ଉଦୟ ହେବ । ନାଁ ଗୋଲାପର ରଙ୍ଗ ସମ୍ପୂର୍ଣ୍ଣ ଲାଲ ହେବ । ତେଣୁ ଆହୁରି ରକ୍ତ ଦରକାର । ନିଜକୁ ନିଶେଷ କରି ଆଗେଇ ଆସିବା ଦରକାର । ନିଜ ଜୀବନ ଓ ଦେହର ଯନ୍ତ୍ରଣାକୁ ନେଇ ଏତେ ଗୋଟିଏ ଚିନ୍ତା କ'ଣ? ତେଣୁ ତାଙ୍କର ସମୁଦାୟ ରଚନା ଭିତରେ ଆମେ ଗୋଟେ, ଉତ୍ସର୍ଗୀକୃତ ଆତ୍ମା ଯିଏ ଏକ ସୁନ୍ଦରତର, ଉଜ୍ଜ୍ୱଳତର, ସମୃଦ୍ଧତର, ଆନ୍ତରିକ ନିଃସନ୍ଦେହ ଭାବରେ ଶାନ୍ତ ପରିପୂର୍ଣ୍ଣ ପୃଥିବୀ ପାଇଁ କଳ୍ପନା କରିଛନ୍ତି ଏବଂ ତପସ୍ୟା ମଧ୍ୟ କରିଛନ୍ତି । ସିଏ ସ୍ୱଷ୍ଟ ଭାବରେ କହିଛନ୍ତି– ମୁଁ ବିଶ୍ୱାସ କରେ ରାତି ପାହି ପ୍ରଭାତ ଆସିବ । ଶିଶିର ସ୍ନାତ ଶ୍ୱେତ, ଗୋଲାପଟି ମୋ ରକ୍ତରେ ନିଶ୍ଚିନ୍ତ ଭାବରେ ରକ୍ତବର୍ଣ୍ଣ ଧାରଣ କରିବ । ତେଣୁ ପ୍ରଚଣ୍ଡ ଆଶାବାଦୀ ସେ ସମ୍ପୂର୍ଣ୍ଣ ଭାବରେ ତାଙ୍କର ବିଶ୍ୱାସ ଅଛି ଯେ ପୃଥିବୀ ବଦଳିବ। ସେଥିପାଇଁ ତାଙ୍କଭଳିଆ ସତ୍ ସାହିତ୍ୟିକମାନେ ଆଗଭର ହେବା ଉଚିତ ଏବଂ ସତ୍ୟ ଏକ ସୁବର୍ଣ୍ଣର ଢ଼ାଙ୍କୁଣିରେ ମଧ୍ୟ ଯଦି ଆଚ୍ଛାଦିତ ହୋଇ ରହିଥାଏ ତାର ଉନ୍ମୋଚନ ଆବଶ୍ୟକ । ଏବଂ ସେହି ଉନ୍ମୋଚନ କରିବା ପାଇଁ ଯଦି ଆବଶ୍ୟକ ପଡ଼େ ସେ ନିଜକୁ ନିରନ୍ତର କୃଶବିଦ୍ଧ କରି ପୋଷ ପୋଷ ରକ୍ତ ମଧ୍ୟ ସମର୍ପି ଦେବାକୁ ଚାହିଁଛନ୍ତି । ସେଇ

ISSN NO.
2582-208X

ଲେଖା ପ୍ରସଙ୍ଗରେ ମଧ୍ୟ ସେ କହିଛନ୍ତି - ଯେ ନିଶ୍ୱାସ ପ୍ରଶ୍ୱାସ ଯେପରି ମୋର ନିୟନ୍ତ୍ରଣ ଅଧୀନରେ ନୁହେଁ ବା ନିୟନ୍ତ୍ରଣାଧୀନ ନୁହେଁ ସେମିତି ନ ଲେଖି ବଞ୍ଚିବାଟା ମଧ୍ୟ ମୋ ଶକ୍ତିର ବର୍ହିଭୂତ । ତେଣୁ ଲେଖିବା ଯେମିତି ଏକ ବୀଣାପାଣି ମହାନ୍ତିଙ୍କର ଏକ ସ୍ୱାଭାବିକ ପ୍ରକ୍ରିୟା ଏଇ ବିଶ୍ୱାସରେ ସେ ଲେଖିଛନ୍ତି । ସେ ଏକଥା ମଧ୍ୟ କହିଛନ୍ତି - ଯେ ପ୍ରେମର ଗଳ୍ପଟିଏ ଲେଖିବାକୁ ଯାଇ ମୁଁ ହତାଶାର ସାମ୍ନା କରିଛି । ଜନ୍ମ ଯନ୍ତ୍ରଣାର କଥା କହୁକହୁ ମୃତ୍ୟୁର ଜୟଗାନ କରିଛି ।

ଶିଶୁଟିର ସ୍ୱପ୍ନ ବର୍ଣ୍ଣନା କଲାବେଳେ ବାର୍ଦ୍ଧକ୍ୟର ଯନ୍ତ୍ରଣାରେ ବିମର୍ଷ ହୋଇଛି । ଅମୃତର ସନ୍ଧାନ କରିବାକୁ ଯାଇ ବିଷାର ଜ୍ୱାଳାରେ ଚିତ୍କାର କରିଛି । ମଣିଷକୁ କୁଣ୍ଢେଇବାକୁ ଯାଇ ଆବିଷ୍କାର କରିଛି ଛଳନା, ବିଶ୍ୱାସଘାତକତା ଓ ପାଶବିକତା ସମାଜର ପ୍ରତିଟି ଛକରେ ନିପିଡ଼ିତ ମଣିଷର ଆର୍ତ୍ତ ଚିତ୍କାର ଶୁଣି ବି ମୁଁ ଅଟକି ଯାଇଛି ହାତରେ ତାର ତରବାରୀ ଧରାଇ ତାକୁ ପରିସ୍ଥିତିକୁ ଭେଟିବାକୁ ସାହସ ଦେଇଛି । କାରଣ ସମୟ ମୋତେ କରାଗତ କଲେ ବି ସମୟକୁ କରାଗତ କରିବାର ଅଧିକାରରୁ ମୋତେ କେହି ବଞ୍ଚିତ କରାଇ ପାରିବେ ନାହିଁ । ତେଣୁ ମୁଁ ଲେଖିଛି । ଏହି ବାବଦରେ ନିଜର କାହାଣୀ ସମ୍ପର୍କରେ ସେ କହିଛନ୍ତି ଯେ କାହାଣୀ ଆରମ୍ଭ କେଉଁଠି ହୁଏ ଶେଷ କେଉଁଠି ହୁଏ ମୁଁ ଜାଣେନା କିନ୍ତୁ ମୁଁ ଗଳ୍ପ ଲେଖେ। ଗଳ୍ପ ଲେଖିବା କିମ୍ବା କବିତା ଲେଖିବା, ଉପନ୍ୟାସ ଲେଖିବା ନିର୍ଦ୍ଦିଷ୍ଟ ସୂତ୍ର ବାବଦରେ ମଧ୍ୟ ଏହା ପୂର୍ବରୁ ମଧ୍ୟ କୁହାଯାଇଚି ମୁଁ କୌଣସି ଜାଣେ ନାହିଁ । ଚେଷ୍ଟା କରେ ନାହିଁ କାରଣ ମୁଁ କେବଳ ଜାଣେ ମୁଁ ଲେଖେ ଲେଖିବା ହିଁ ମୋର ଧର୍ମ, କର୍ମ ଓ ଚରମ ସ୍ୱପ୍ନ । ତାକୁ ବାଦ୍ ଦେଲେ ମୋର ଅନ୍ୟ ଅସ୍ତିତ୍ୱ କେବଳ ବାହ୍ୟଡ଼ମ୍ବର ଏବଂ ତାକୁ ଆଧାର କରି ମୁଁ ବଞ୍ଚି ପାରିବି ନାହିଁ । ସବୁକ୍ଷେତ୍ରରେ ଛଳନାର ଚାତୁରିକୁ ସହ୍ୟକରି ମଣିଷ ଚାଲୁଛି । ମାତ୍ର ନିଜ ସହିତ ଛଳନା କରିବାର ଅର୍ଥ ଆତ୍ମହତ୍ୟା କରିବା । ତେଣୁ ସେହି କ୍ରମରେ ସେ ନିଜେ କହିଛନ୍ତି ଏମିତି ଯେଉଁ ଚରିତ୍ର ବିଶେଷ ଭାବରେ ଆମେ ଯେତେବେଳେ 'ପାଟଦେଇ' ସମ୍ପର୍କରେ ଆଲୋଚନା କରୁ ସେତେବେଳେ ସେ କହିଛନ୍ତି ଏ ପୃଥିବୀରେ ଯୋଉ ରକମର, ଶକ୍ତିଶାଳୀର, ସବଳର, ଯାହା ପାଖରେ ସାମର୍ଥ୍ୟ ଅଛି, କ୍ଷମତା ଅଛି, ପ୍ରଭାବ ଅଛି, ସେ କେମିତି ରାଜନୀତି ଅର୍ଥନୀତି ଓ ପରମ୍ପରାକୁ କବଳିତ କରି ରଖିଛି ଏବଂ ତାର ପ୍ରଭାବରେ ଅସଂଖ୍ୟ ତଥାକଥିତ ଦୁର୍ବଳ ଅସହାୟ ଚରିତ୍ର ସେ ନାରୀ ହୋଇପାରେ, ସେ ଶିଶୁ ହୋଇପାରେ ବାଅନ୍ୟ ଦୃଷ୍ଟିରୁ ମଧ୍ୟ ଦୁର୍ବଳ ହୋଇପାରେ ।

ISSN NO.
2582-208X

ସେମାନେ କେମିତି ହତାଶ, ନୈରାଶ୍ୟ, ଜର୍ଜର ବା ରକ୍ତାକ୍ତ ହୋଇ ଜୀବନ ସଂଗ୍ରାମରେ ଲିପ୍ତ ଅଛନ୍ତି । ତାଙ୍କର ଭାଷାରେ ସମ୍ପ୍ରତିକ ରାଜନୀତି, ଅର୍ଥନୀତି ଓ ପରମ୍ପରା ସଂସ୍କୃତିକୁ ମୂଳୋତ୍ପାଟନ କରିବା ପାଇଁ ମୁଁ ପୂର୍ଣ୍ଣ ପ୍ରାଣରେ ପ୍ରୟାସ କରିଛି କାରଣ ଏ ପୃଥିବୀରେ ମଣିଷ ମଣିଷକୁ ଯେଉଁ ଦୁଃଖ ଦେଇଛି ବା ଦୁଃଖ ଦେଉଛି ତାର ବିରୋଧରେ ଲେଖକ ପରୋକ୍ଷରେ ଯେମିତି ଖଡ୍ଗ ଉତ୍ତୋଳନ କରିଛନ୍ତି, ଗଳ୍ପରେ ଅଧିକ ଉଗ୍ର ଏବଂ ମାର୍ମିକ ହୋଇଛି କଥାଶିଳ୍ପୀ ବୀଣାପାଣିଙ୍କ ଆବେଦନ । ପଦ୍ମଶ୍ରୀ ବୀଣାପାଣି ମହାନ୍ତି ଓଡ଼ିଆ କଥା ସହିତ୍ୟର ସେ ହେଲେ 'ପାଟଦେଇ' ।

ଅଧାପିକା କମଳା ନେହେରୁ ମହିଳା ମହାବିଦ୍ୟାଳୟ,
ଭୁବନେଶ୍ୱର, ମୋ, ୯୯୩୮୭୫୬୨୭୩

ISSN NO.
2582-208X

# ବିରହିଣୀ ପ୍ରିୟା



ଜୟନ୍ତୀ ବେହେରା

ଆମେ ଫେରିବାନି ବୋଲି
କେବେ ଜାଣିଥିଲି ମୁଁ
ତଥାପି ସହିପାରିଲିନି,
ତୁମର ନିରୀହ ମୁହଁକୁ ଦେଖି।
ଆଖିର ପଲକରେ ବାନ୍ଧିରଖିଥିଲି
ଆମର ପ୍ରତିଟି ସ୍ମୃତିକୁ
କେବେ ଅମାବାସ୍ୟାର
ଘୋର ଅନ୍ଧକାରେ ତ
କେବେ ପୂର୍ଣ୍ଣିମାର ଶୀତଳ
ଜ୍ୟୋତ୍ସ୍ନା ପରଷରେ।
ଖୋଜି ଖୋଜି ପାଇଥିଲି ତୁମକୁ
କିନ୍ତୁ କିଛି ଫରକ ପଡିଲାନି
ମୋର ଅତୀତର ସ୍ଥିତି ପରିସ୍ଥିତି
ସବୁମନେ ପଡିଗଲା।
ସେଇ ନିରୀହ କୁନି କୁନି
ସଜ୍ଜଳ କଢି ମାନଙ୍କୁ
ଯାହାକି ପ୍ରସ୍ଫୁଟିତ ହେବାର ବହୁ ଦୂରେ
ଆମ ପ୍ରେମ ପାଇଁ
କାହିଁକି ବଳି ପଡିଯିବେ
ସେଇ ନିରୀହ କାକର ବିନ୍ଦୁ।
ଯିଏକି ଲାଜକୁଳି ଲତା ପରି
ଝାଉଁଳି ଯିବା ଅତି ସହଜରେ
ମରୁଭୂମି ବାଲିର ବିଦଗ୍ଧ ଜ୍ୱାଳାମୁଖୀ
ଆଜି ଜଳାଇଦିଏ
ବୁକୁ ଭିତରର କଲିଜାଟିକୁ।
ଆମ ପ୍ରତିଶ୍ରୁତିର ଗନ୍ଥାଘରେ
ତୁମେ ନିରୀହ ସପନଟିଏ
ସବୁ ରାତିର ପ୍ରତିଟି ପାହାନ୍ତିରେ।
ତୁମେ ଆସ ସୁନେଲି ନିଦ ହୋଇ
ଜାଳିଦେଇ ଚାଲିଯାଅ
ଅଫେରନ୍ତା ଦିଗକୁ।
ଆମ ସମ୍ପର୍କର ସେତୁବନ୍ଧଟି
ଆଜି ନିବିଡ଼ତାର ତାଡ଼ନାରେ
କେତେବେଳେ ଇଚ୍ଛାହୁଏ
ମିଳିମିଶି ହଜିଯିବାକୁ

ISSN NO.
2582-208X

ହାତ ଧରାଧରି ହୋଇ
ଆକାଶରେ ଉଡିବାକୁ ।
ବେଳେବେଳେ ଇଚ୍ଛାହୁଏ,
ଏକାଠି ଜହର ପିଇବାକୁ
ହେଲେ ପଛ ଆଡୁ ଲୁଚି ଆସେ
ପ୍ରତିଧ୍ୱନି ଚୁପି ବସେ
କାନ ପାଖେ କହିଦେଇ
କେହି କେହି ଚାହିଁ ବସେ
ଆସ ଫେରନ୍ତା ବାଟକୁ ।
ଆଜି ମୁଁ ଆଉ ତୁମେ
କ୍ଳାନ୍ତ ଆଉ ମ୍ଲାନରେ ସନ୍ତର୍ପିତ
ଦୁଃଖଦର ପ୍ରଚ୍ଛଦ କାନ୍ଥରେ
ଆମ ଛବି ଆଙ୍କି ହୋଇଯାଏ ।
ବିରହ ମୂରତି ଦୁହେଁ
କେବଳ ତୁମେ ଆଉ ମୁଁ
ଅପେକ୍ଷାର ସମାଧୀରେ ।

ଧର୍ମଶାଳା, ଯାଜପୁର

ISSN NO.
2582-208X

# ହେ ଭାରତୀୟ ଡାକସେବା



ମନୀଷା ରାୟ

ଶୁଭ ଲଗ୍ନର ଅମୃତ ବେଳାରେ ହେ ଡାକ ସେବା ତୁହିଁ
ବିସ୍ତାରୀ ପକ୍ଷ ଭାରତ ବକ୍ଷେ ଜନମନ ନେଲୁ ମୋହି
ଉଲ୍ଲସିତ କଲୁ ଅଗଣିତ ଭାରତୀୟ ଉଷ୍ମ ପ୍ରାଣ
ବହନ କରି ଭାବବାର୍ତ୍ତା ଦୂରବର୍ତ୍ତୀ ପ୍ରିୟଜନ ।୧ ।
ଅଠର ଶହ ଚଉସ୍ତରୀ ମାସ ଅକ୍ଟୋବର ନଅ
ଗଠିତ ହେଲା ଆର୍ନ୍ତଜାତୀୟ ଡାକ ଦିବସ ଦେହ
ଅତି ଅତୀତ ଭାରତୀୟ ଡାକ ଏବେତ ଆୟୁଷ୍ମାନ
ପାଳୁଚି ଆଜି ଯଶୋ ଦେହେ ଦେଢ଼ ଶହ ପୂର୍ତ୍ତି ପାଳନ ।୨ ।
ଦିନେ ଥିଲୁ ତୁ ଭାରତୀୟ ବୃହତ୍ତ ଗଣମାଧ୍ୟମ
ଜନପ୍ରିୟତାରେ ଏଯନ୍ତ୍ର ଦୁନିଆଁ ନୁହଁଇତୋ ସମ
ଆଦାନ ପ୍ରଦାନ ଭୂମିକା ତୋ ଅତି ବିଶ୍ୱାସନୀୟ ।
ବିଶ୍ୱଗଢ଼େ ହୃଦୟ ଯୋଡ଼େ ଉକ୍ତି ତୋ ଭାବମୟ ।୩ ।
ହେ ଭାରତୀୟ ଡାକ ସେବା କା ମହିମା ଓ ସୁଗାଥା
ଗାନ କରେ ଏବେ ଡିଜିଟାଲ୍ ସେବା ରସ କଥା
କରୁଥାଉ ନୀତି ସହଜ ସୁନଦର ରାଷ୍ଟ୍ରୀଆ ସେବା
କର୍ମବୀର ଆଜନ୍ମ ଇଚ୍ଛା ଜନସେବା ଯୋଗାଇବା ।୪ ।
କାଳ ବିବର୍ତ୍ତ ଅତି ବିରତ ଅମ୍ଳାନ ଇତିହାସ
ତଥାପି ଜାଜୁଲ୍ୟମାନ ତେର ସେବା ପକ୍ୱକେଶ

ISSN NO.
2582-208X

ତୋ ଅମିତ ଆଭାନିର୍ମଳ ଭାବ ନିକଟେ ଫିକା
ପଡ଼େ ଅଶୀ ଦଶକ ଇମେଲ୍ ଇନଷ୍ଟାଗ୍ରାମ ଢଙ୍କା ।୫ ।
ଇକମର୍ସର ଛତ୍ରଛାୟା ତଳେ ତୁ ଆଜିସିନା
ଉଡାଉଛୁ ଅର୍ନ୍ତଜାତୀୟ ସେବା ବିଜୟବାନା
ଡାକମିତ୍ର ଓ ଦର୍ପଣ ସଂଚୟ ଯୋଜନା ଆଜି
ଲିଖିତ ଆକାରେ ଉଭା ତୋ ମୂକସାକ୍ଷୀ ସାଜି
ଫେସ୍‌ବୁକ୍ ହ୍ୱାଟସ୍‌ଆପ୍ ଆଦି ଡିଜିଟାଲ୍ ଶୋଭା ରାଜି
ମାରୁଛୁ ସବୁଠି ତୋ କମ୍ପ୍ୟୁଟରୀକରଣ ଅସ୍ତିତ୍ୱ ବାଜି ।୬ ।

ଶେଖ୍ ବଜାର (ନୀଉ କଲୋନୀ)
କଟକ-୮
ମୋ-୮୮୯୫୫୯୩୮୭୫

ISSN NO.
2582-208X

# ଦୀପାବଳ



ପୂର୍ଣ୍ଣଚନ୍ଦ୍ର ରଣା

ସଂସ୍କୃତିର ପର୍ବ ଦୀପାବଳି
ଧରିତ୍ରୀକୁ ସ୍ପର୍ଶ କରିଛି
ସପ୍ତ ରଙ୍ଗର ଆଲୋକ ସହିତ,
ଆତସବାଜିର ବିସ୍ଫୋରଣରେ
ଧରା ସାଥେ କମ୍ପୁଛି ବିସ୍ତୃତ ବକ୍ଷ
ସପ୍ତଝଲ୍ଲିକାରେ ଝଲସୁଛି
ଏ ସାରା ଜଗତ,
ଘରେ ଘରେ ଖୁସିର ଉତ୍ସବ
ସଙ୍ଗେ ପିଠାପଣାର ସମ୍ଭାର
ସତରେ ଏହି ପର୍ବ
ସବୁଠୁ ନିଆରା,
ବରଷରେ ଆସେ ଏଇ ପର୍ବ
ମନେ ପକେଇବାକୁ
ଆମର ସେହି ବଡ଼ ବଡୁଆଙ୍କୁ,
ପିଣ୍ଡ ଦାନ ଦେଇ ତାଙ୍କରି ସ୍ମୃତିରେ
କାଉଁରିଆ କାଠିକୁ ପ୍ରଜ୍ୱଳନ କରି

ISSN NO.
2582-208X

ତୁଣ୍ଡେ ନେଇଥାଉ
ବଡ଼ ବଡୁଆ ହୋ
ଅନ୍ଧାରରେ ଆସ ଆଲୁଅରେ ଯାଆ ,
ତାଙ୍କର ଆଶୀର୍ବାଦ ତାଙ୍କ ସ୍ନେହ ପରଶ
ଆମ ପାଇଁ ସଦା ମୂଲ୍ୟବାନ ,
କର୍ମମୟ ଜୀବନରେ
ନିଜ କର୍ତ୍ତବ୍ୟରେ ଏଠି
ସମସ୍ତେ ବ୍ୟସ୍ତ ସିନା
ବୋଧହୁଏ ଏଇ ନିଆରା ପର୍ବ ଦୀପାବଳି
ଆମ ଜୀବନକୁ ଆଲୋକିତ କରିବା ସଙ୍ଗେ
ମନେ ପକେଇଦିଏ
ଆମ ସେହି ପୂର୍ବ ପିଢ଼ିକୁ
ଯାହାଙ୍କ ପାଇଁ ଆଜି ଆମେ
ଦଣ୍ଡାୟମାନ ଏହି ଜନନୀ ବକ୍ଷରେ ।

ହାଟସିଂହାପୁର, ଯାଜପୁର

ISSN NO.
2582-208X

# ଶ୍ରୀ ଜଗନ୍ନାଥ ସଂସ୍କୃତିରେ ବୈଷ୍ଣବ ତତ୍ତ୍ୱ



ଡ. ସରୋଜିନୀ ପାଣି

କେତେକ ଶିକ୍ଷାବିତ୍‌ଙ୍କ ମତରେ ଜଗନ୍ନାଥ ବାଦର ସୃଷ୍ଟି ବୈଷ୍ଣବ ଧର୍ମରୁ ଆସିଛି । ପୁରୁଷୋତ୍ତମ ମହାତ୍ମା ମହାପ୍ରଭୁ ଜଗନ୍ନାଥଙ୍କୁ ନାରାୟଣ, କୃଷ୍ଣ-ବାସୁଦେବ ଏବଂ ବୁଦ୍ଧ ଭାବରେ ଚିତ୍ରଣ କରିଛି । ଜୟଦେବ କୃତ ଗୀତଗୋବିନ୍ଦ ବୈଷ୍ଣବ ଧର୍ମକୁ ଜନପ୍ରିୟ କରିପାରିଛି । ଓଡ଼ିଶାରେ ବୈଷ୍ଣବ ଧର୍ମର ଲୋକପ୍ରିୟତା ସୂର୍ଯ୍ୟବଂଶୀ ଗଜପତି ବିଶେଷକରି ପ୍ରତାପରୁଦ୍ର ଦେବଙ୍କ ସମୟରେ ଶ୍ରୀ ଚୈତନ୍ୟ ମହାପ୍ରଭୁଙ୍କ ଓଡ଼ିଶା ଭ୍ରମଣ ଦ୍ୱାରା ବହୁ ମାତ୍ରାରେ ବୃଦ୍ଧି ପାଇଥିଲା । କୃଷ୍ଣବାଦ ସହିତ ଜଡ଼ିତ ବିଭିନ୍ନ ପର୍ବ ଉତ୍ସବ ଯେପରିକି କୃଷ୍ଣ ଜନ୍ମାଷ୍ଟମୀ, ନନ୍ଦ ଉତ୍ସବ, କାଳୀୟ ଦଳନ ସହିତ ଜଗନ୍ନାଥଙ୍କ ଯୋଗସୂତ୍ର ସତେ ଯେପରି ଏହା ବ୍ୟତୀତ ଏ ଭବ ସଂସାରରୁ ମୁକ୍ତି ପାଇବା କଷ୍ଟକର ଅଟେ । ସୁତରାଂ ବିନା ଦ୍ୱିଧାରେ ଅନ୍ୟ ଧାର୍ମିକତା ଠାରୁ ବୈଷ୍ଣବ ଧର୍ମର ମିଳନତା ପ୍ରଭୁ ଜଗନ୍ନାଥ ଧର୍ମରେ ଯେପରି ବାନ୍ଧି ହୋଇ ରହିଛି । ଯେହେତୁ ଜଗନ୍ନାଥଙ୍କ ସୃଷ୍ଟି ସମସ୍ତଙ୍କ ପାଇଁ ଅଜଣା ଅଟେ, ଗୋଟିଏ ଜିନିଷ ନିଶ୍ଚିତ ଯେ, ଧର୍ମ ଆଦିମ ବସ୍ତୁର ନିଜସ୍ୱୀକରଣ, ବୈଦିକ ଧର୍ମ, ଜୈନଧର୍ମ, ବୌଦ୍ଧଧର୍ମ, ଶୈବଧର୍ମ, ଶାକ୍ତଧର୍ମ, ତାନ୍ତ୍ରିକ ବସ୍ତୁ ତଥା ବୈଷ୍ଣବ ଧର୍ମ ଏହା ଆକସ୍ମିକ ଭାବରେ ପ୍ରାପ୍ତ ହୋଇଛି ।

ଋଗ ବୈଦିକ ଯୁଗ ସମୟରୁ ଯେଉଁ ସମୟରେ କି ଭଗବାନ ବିଷ୍ଣୁ ସୌର ପରିବାରର ସଦସ୍ୟ ଥିବା ଏହା ସମସ୍ତଙ୍କର ଧାରଣା ଥିଲା ପ୍ରାୟତଃ ସେହି ସମୟରୁ ବୈଷ୍ଣବ ଧର୍ମର ସୃଷ୍ଟି । ସାହିତ୍ୟ ଏବଂ ପୌରାଣିକ ଉତ୍ସ ଏହି ବୈଷ୍ଣବ ଧର୍ମର ପୁନଃଜ୍ଜୀବନ ଉପରେ ପ୍ରମୁଖ ଆଲୋକପାତ କରିଥାଏ । ଓଡ଼ିଶାରେ ୪ର୍ଥ ଏବଂ ୫ମ ଶତାବ୍ଦୀ ବେଳକୁ ରାଜତ୍ୱ କରୁଥିବା ମାଆର ସାମ୍ରାଜ୍ୟ ସମୟରୁ ପ୍ରଚଳିତ ତମ୍ବା ମୁଦ୍ରାରେ ଏହି ବୈଷ୍ଣବ ଧର୍ମର

ISSN NO.
2582-208X

ପୌରାଣିକ ତତ୍ତ୍ୱର ପ୍ରଥମ ଆଭାସ ମିଳିଥାଏ । ମହାରାଜା ଅନନ୍ତଶକ୍ତି ବର୍ମନଙ୍କ ଅନ୍ଧାଭରମ ମଞ୍ଜୁରୀ ପତ୍ରରେ ଏହା ବର୍ଣ୍ଣିତ ହୋଇଅଛି ଯେ, "ମହାରାଜା ଅନନ୍ତଶକ୍ତି ବର୍ମନ ଯେ କି କଳିଙ୍ଗର ଧର୍ମାଧିକାରୀ ତଥା ଭଗବାନ ନାରାୟଣଙ୍କର ଜଣେ ଧର୍ମନିଷ୍ଠ ଉପାସକ ଭାବରେ ତାଙ୍କର ପାଦ ପଦ୍ମତଳେ ପୂଜିତ ହେଉଥିଲେ ତାଙ୍କ ଛାତିରେ କମଳାନିଳୟା (ଲକ୍ଷ୍ମୀ) ଆଲିଙ୍ଗନ କରୁଥିବା ଦୃଶ୍ୟମାନ ହୋଇଥାଏ ।

ନନ୍ଦ ରାଜବଂଶ ଯେଉଁମାନେ କି ପଶ୍ଚିମ ଓଡ଼ିଶାର ରାଜତ୍ୱ କରୁଥିଲେ ଏହି ବୈଷ୍ଣବଧର୍ମର ମହାନ୍ ପୃଷ୍ଠପୋଷକ ଥିଲେ । ସେହିଭଳି ସୂନ୍ଦ ବର୍ମନ ମଧ୍ୟ ଜଣେ ବିଷ୍ଣୁ ସାଧକ ସହିତ ବୈଷ୍ଣବ ଧର୍ମର ଜଣେ କାର୍ଯ୍ୟକାରୀ ପୃଷ୍ଠପୋଷକ ଥିଲେ । ଭଞ୍ଜ ସାମ୍ରାଜ୍ୟ ସମୟରେ ଓଡ଼ିଶାରେ ବୈଷ୍ଣବ ଧର୍ମର ବହୁବିଧ ଉନ୍ନତି ହୋଇଥିଲା । ସୋମବଂଶୀ ଶାସକମାନେ ଶୈବଧର୍ମର ପୃଷ୍ଠପୋଷକ ଥିଲେ ମଧ୍ୟ ସେମାନଙ୍କର ଆଚାର ସଂହିତା ଆଦିତ୍ୟ, ବରୁଣ, ବିଷ୍ଣୁ, ସୋମ, ହୁତାସନ ଏବଂ ଖୁଳପାଣୀ ଇତ୍ୟାଦିଙ୍କୁ ଧାରଣ କରିଥିଲା । ଗଙ୍ଗ ଶାସକମାନେ ପରମ ମହେଶ୍ୱର ଶିବଙ୍କର ସାଧକ ଥିବା ବେଳେ ଅନଙ୍ଗବର୍ମନ ଚୋଡ଼ଗଙ୍ଗଙ୍କ ସମୟରେ ସେମାନେ ଶୈବଧର୍ମର ଭାବନାରୁ ପରିବର୍ତ୍ତିତ ହୋଇ ବୈଷ୍ଣବଧର୍ମ ଉପରେ ବିଶ୍ୱାସ ପ୍ରକଟ କରିଥିଲେ ।

ଷୋଡ଼ଶ ଶତାବ୍ଦୀ ପର୍ଯ୍ୟନ୍ତ ଓଡ଼ିଶାରେ ପ୍ରଚଳିତ ବିଭିନ୍ନ ପ୍ରକାରର ସାହିତ୍ୟିକ ଘଟଣାବଳୀ ସେହି ମତକୁ ଆହୁରି ସମର୍ଥନ କରିଥାଏ ଯେ ଏହି ସମୟ ମଧ୍ୟରେ ଭକ୍ତି ଭାବରେ ଏକ ଧାରା "ବୈଷ୍ଣବ ଧର୍ମ" ଧାର୍ମିକ ଅଂଶ ଭାବରେ ପ୍ରସ୍ଫୁଟିତ ହୋଇଥିଲା । ଏହା ବାସ୍ତବରେ ଅଦ୍ୱିତୀୟ ଅଟେ ଯେ ଏହି ଏକ ବୁଦ୍ଧିଜୀବିର ବିକାଶ ହିନ୍ଦୁଧର୍ମର ଭକ୍ତି ଆନ୍ଦୋଳନର ଏକ ଅଂଶ ବିଶେଷ ଥିଲା । ଓଡ଼ିଶା କ୍ଷେତ୍ରରେ ଏହି ବୈଷ୍ଣବ ଧର୍ମର ଅଧ୍ୟୟନ ସାମାନ୍ୟ ଅଟେ। ଯତ୍ନର ସହିତ ଏହାର ବିଭିନ୍ନ ଦିଗ ଆଡ଼କୁ ବହୁ ଅଳ୍ପ ଆଲୋକପାତ କରାଯାଇଛି । ବିଭିନ୍ନ ଧର୍ମ ତଥା ବାଦ ଏକ ନିର୍ଦ୍ଦିଷ୍ଟ ସମୟରେ କାୟା ବିସ୍ତାର କରିଛି ଏବଂ ଏହାର ବୈଶିଷ୍ଟତାରେ ଏକ ସୁସ୍ଥ ବାତାବରଣ ମଧ୍ୟ ଦେଇ ପହଞ୍ଚିପାରିଛି ।

ବିଶେଷ ଭାବରେ ଅନନ୍ତ ବର୍ମନ ଚୋଡ଼ଗଙ୍ଗଦେବଙ୍କ ସମୟରୁ ବୈଷ୍ଣବଧର୍ମ ଗଙ୍ଗ ସମ୍ରାଟ ମାନଙ୍କ ଠାରୁ ଏକ ବିଶେଷ ରାଜକୀୟ ପୃଷ୍ଠପୋଷକତା ଲାଭ କରିଥିଲା ଏବଂ ଏକ ପ୍ରଧାନ ସ୍ଥାନ ଅଳଙ୍କୃତ କରିଥିଲା । ଏହି ସମୟ ମଧ୍ୟରେ ଓଡ଼ିଶାର ଧାର୍ମିକ ଜୀବନ ଧାରାରେ

ISSN NO.
2582-208X

ଏହା ପ୍ରଭାବଶାଳୀ ଢ଼ଙ୍ଗରେ ଚାପ ସୃଷ୍ଟି କରିଥିଲା ଏବଂ ବିଭିନ୍ନ ବୈଷ୍ଣବ ଧର୍ମୀୟ ମନ୍ଦିର ପ୍ରତିଷ୍ଠା କରାଯାଇଥିଲା ।

ଖ୍ରୀଷ୍ଟାବ୍ଦ ୧୨ଶ ଶତାବ୍ଦୀରେ ପୁରୀ ଶ୍ରୀ ଜଗନ୍ନାଥ ମନ୍ଦିର ବୈଷ୍ଣବାଲମ୍ବୀ ମାନଙ୍କର ଓଡ଼ିଶାର ଏକ ପ୍ରମୁଖ କେନ୍ଦ୍ରସ୍ଥଳ ଥିଲା ଯାହା ଅଦ୍ୟାବଧି ସମଗ୍ର ଭାରତ ବର୍ଷରେ ଏକ ପବିତ୍ର ଧର୍ମ ସ୍ଥଳୀ ଭାବରେ ପରିଗଣିତ ଅଟେ । ପିଢ଼ି ପରେ ପିଢ଼ି ଧରି ବୈଷ୍ଣବ ବା ଧାର୍ମିକ ହିନ୍ଦୁ ଭକ୍ତ ଏହି ପୁରୁଷୋତ୍ତମ କ୍ଷେତ୍ର ପୁରୀ ଶ୍ରୀଜଗନ୍ନାଥ ମନ୍ଦିର ପରିଦର୍ଶନରେ ଆସି ପୂଜା ନୈବିଦ୍ୟ ଅର୍ପଣ କରିବା ସହିତ କରିଥିବା ପାପ କର୍ମରୁ ପ୍ରାୟଶ୍ଚିତ ନିମନ୍ତେ ଏଠାରେ ପ୍ରାର୍ଥନା କରିଥାନ୍ତି । କାହିଁ କେଉଁ ଅନନ୍ତ କାଳରୁ ଆଜି ପର୍ଯ୍ୟନ୍ତ ଓଡ଼ିଆ ଲୋକଙ୍କ ଜୀବନ ଧାରାକୁ ଜନ୍ମରୁ ନେଇ ମୃତ୍ୟୁ ପର୍ଯ୍ୟନ୍ତ ପ୍ରଭାବିତ କରୁଛି ଯାହାକି ଜଗନ୍ନାଥ ଓଡ଼ିଆ ଠାରୁ ଏକ ପରିବାର ସଦସ୍ୟ ଭାବେ ଆଜି ବି ଜଣେ ଓଡ଼ିଆ ଭକ୍ତ ଅନୁଭବ କରୁଛି ।

### ଶ୍ରୀମନ୍ଦିରରେ ବିଷ୍ଣୁ ଉପାସନା :

ବିଶ୍ୱର ସମସ୍ତ ଧର୍ମମତବାଦ ମଧ୍ୟରେ ଭାରତର ସନାତନ ଧର୍ମ ପ୍ରାଚୀନତମ । ଏହାର ମୂଳ ଉତ୍ସ ହେଉଛି ବେଦ । ବେଦ ଅପୌରୁଷେୟ । ଯେଉଁ ଧର୍ମ ଧାରଣା ଥିଲା, ଅଛି, ଓ ରହିବ ତାହା ହେଉଛି ସନାତନ ଧର୍ମ । କାଳକ୍ରମେ ବୈଦିକ ବ୍ରାହ୍ମଣ୍ୟ ଚିନ୍ତା ଧାରାରୁ ଜୈନ, ବୌଦ୍ଧ, ଚାର୍ବାକ୍ ଆଦି ମତ ବାଦର ଅଭ୍ୟୁଦୟ ଓ ପ୍ରସାର ଘଟିଲା । ଏହା ଫଳରେ ବୁଦ୍ଧିଜୀବିଙ୍କ ଜିଜ୍ଞାସାର ଯଥାର୍ଥ ଉତ୍ତର ପ୍ରଦାନ ନିମିନ୍ତ ବିଭିନ୍ନ ସାହିତ୍ୟ ବିକାଶ ଲାଭ କଲା ଓ ବିଭିନ୍ନ ଦେବଦେବୀ ସୃଷ୍ଟି ହେଲେ । ବୌଦ୍ଧଯୁଗ ପରେ ପରେ ଦେବଭକ୍ତ, ପିତୃଭକ୍ତ, ପଞ୍ଚମହାଭୁତ ଭକ୍ତ ଓ ଇଷ୍ଟଦେବ ଭକ୍ତ, ଏପରି ଚତୁର୍ବିଧ ଧର୍ମ ସମ୍ପ୍ରଦାୟ ପ୍ରଚଳିତ ହେଲା। ପରବର୍ତ୍ତି କାଳରେ ମହାଭାରତ, ରାମାୟଣ ଓ ପୁରାଣ ସାହିତ୍ୟର ପ୍ରସାର ସଙ୍ଗେ ସଙ୍ଗେ ଧର୍ମାନୁରାଗୀ ଜନସାଧାରଣ ବୈଷ୍ଣବ, ଶୈବ, ଶାକ୍ତ, ସୌର, ଗାଣପତ୍ୟ ଆଦି ବିଭିନ୍ନ ଶାଖାରେ ବିଭକ୍ତ ହେଲେ ।

ବୈଦିକ ଦେବତା ବିଷ୍ଣୁ ଓ ନାରାୟଣଙ୍କ ସହିତ ଶ୍ରୀମଦ୍ ଭଗବଦ୍ ଗୀତା ବର୍ଣ୍ଣିତ କୃଷ୍ଣ-ବାସୁଦେବ ଏକ ଓ ଅଭିନ୍ନ ଭାବେ ସ୍ୱୀକୃତି ଲାଭ କଲେ । ଖ୍ରୀଷ୍ଟପୂର୍ବ ଦ୍ୱିତୀୟ ଶତାବ୍ଦୀର ଘୋଷୁଣ୍ଡି ଶିଳାଲେଖ, ଖ୍ରୀଷ୍ଟପୂର୍ବ ପ୍ରଥମ ଶତାବ୍ଦୀର ବେଶ ନଗରସ୍ଥ ଗରୁଡ଼ସ୍ତମ୍ଭ ଅଭିଲେଖ, ନାନାଘାଟ ଗୁମ୍ଫା ଅଭିଲେଖ ପ୍ରଭୃତିରୁ ମୌର୍ଯ୍ୟଯୁଗ ପରେ ପରେ ସମଗ୍ର ଭାରତରେ ପ୍ରସାର

ISSN NO.
2582-208X

ଲାଭ କରିଥିବା ବୈଷ୍ଣବ ଧର୍ମର ଭିତ୍ତିଭୂମି ରୂପେ ପଞ୍ଚରାତ୍ର ପଦ୍ଧତି ଗୃହୀତ ହେଲା । ଗୁପ୍ତଯୁଗ ପରେ ପଞ୍ଚରାତ୍ର ପଦ୍ଧତି (ଜ୍ଞାନପାଦ, ଯୋଗପାଦ, ଚର୍ଯ୍ୟାପାଦ ଓ କ୍ରିୟାପାଦ) ଅଧିକରୁ ଅଧିକ ଲୋକପ୍ରିୟତା ଅର୍ଜନ କରିବା ସଙ୍ଗେ ସଙ୍ଗେ ଅବତାରବାଦ ପ୍ରଚଳିତ ହେଲା । ଦଶାବତାର ମଧ୍ୟରୁ ବରାହ, ନୃସିଂହ, ବାମନ, ରାମ, କୃଷ୍ଣ ଏହି ପଞ୍ଚ ଅବତାର ଓଡ଼ିଶାର ଜନତାଙ୍କୁ ବିଶେଷ ଭାବେ ପ୍ରଭାବିତ କରିଥିବାର ଜଣାଯାଏ । ଖ୍ରୀଷ୍ଟୀୟ ପଞ୍ଚମ-ଷଷ୍ଠ ଶତାବ୍ଦୀ ଠାରୁ ବିଭିନ୍ନ ଅଭିଲେଖ, ଦାନପତ୍ର ଓ ମନ୍ଦିରରୁ ଏହାର ନିଦର୍ଶନ ମିଳୁଥିଲେ ମଧ୍ୟ ତତ୍‌ପୂର୍ବରୁ ଯେ ଓଡ଼ିଶାର ଲୋକେ ବିଷ୍ଣୁଙ୍କ ବିଭିନ୍ନ ଅବତାରଙ୍କୁ ପୂଜା କରୁଥିଲେ ସେଥିରେ ସନ୍ଦେହ ନାହିଁ ।

ଓଡ଼ିଶାର ପୁରୀ, ପୁରୁଷୋତ୍ତମ, ଶ୍ରୀଜଗନ୍ନାଥ ଧାମ ଓ ପ୍ରାଚୀନତମ ବୈଷ୍ଣବ କ୍ଷେତ୍ର ରୂପେ ବିଶ୍ୱ ବିଖ୍ୟାତ । ପୁରାଣ, ଇତିହାସ, ଅଭିଲେଖ ଗୁଡ଼ିକରେ ଏହା ଶ୍ରୀଧାମ, ଭୌମ କ୍ଷେତ୍ର, ଦିବ୍ୟ କ୍ଷେତ୍ର, ଶ୍ରୀ କ୍ଷେତ୍ର, ଶଙ୍ଖ କ୍ଷେତ୍ର, ଦଶାବତାର କ୍ଷେତ୍ର, ନୀଳାଚଳ ଆଦି ନାହିଁ ।

ରାଷ୍ଟ୍ରର ଆବଶ୍ୟକତା, ଶାସକମାନଙ୍କ ଅଭିରୁଚି, ଜନସାଧାରଣଙ୍କ ଧର୍ମ ବିଶ୍ୱାସ ଓ ସମୟର ପ୍ରଭାବ ଦ୍ୱାରା ଶ୍ରୀ ଜଗନ୍ନାଥ ବିବିଧ ପ୍ରକାର ତତ୍ତ୍ୱର ଅଙ୍ଗୀଭୂତ ହୋଇଥିଲେ ମଧ୍ୟ ଶ୍ରୀମନ୍ଦିରରେ ଉପାସିତ ହେବା ଠାରୁ ବିଷ୍ଣୁ ରୂପେ ଗୃହୀତ ହୋଇ ଆସିଛନ୍ତି । ଶ୍ରୀ ଜଗନ୍ନାଥଙ୍କର ଅନ୍ୟ ନାମ ପୁରୁଷୋତ୍ତମ । ଜୈନ, ବୌଦ୍ଧ, ଶୈବାଦି ମତବାଦର ଶ୍ରେଷ୍ଠ ଉପାସ୍ୟ ମଧ୍ୟ ଜଗନ୍ନାଥ ଓ ପୁରୁଷୋତ୍ତମ, ଏହି ଦୁଇ ନାମରେ ଅଭିହିତ । ତେଣୁ ଶତନାମ ଓ ସହସ୍ରନାମାବଳୀ ମଧ୍ୟରେ ଏହି ନାମ ଦୁଇଟି ଥିବାର ଦେଖାଯାଏ । ଉପନିଷଦବାଣୀ 'ଏକୋଽହଂ ବହୁସ୍ୟାମ୍' ଅନୁସାରେ ଭଗବାନ ବିଷ୍ଣୁ ନିର୍ଗୁଣରୁ ସଗୁଣ, ନିରାକାରାରୁ ସାକାର ଓ ଏକରୁ ଦୁଇ, ତିନି ଓ ଅନେକ ହୋଇଛନ୍ତି । ତେଣୁ ତାଙ୍କୁ ଏକରେ ଅନେକ ଓ ଅନେକର ଏକ ପ୍ରତୀକ ରୂପେ ଗ୍ରହଣ କରାଯାଇଛି । ଶ୍ରୀ ଜଗନ୍ନାଥ ହେଉଛନ୍ତି ସେହି ଅନନ୍ୟ ସାଧାରଣ ପ୍ରତୀକ, ଦାରୁବ୍ରହ୍ମ ଜଗନ୍ନାଥ, ବରବ୍ରହ୍ମ ଶ୍ରୀକୃଷ୍ଣ ଓ ନନ୍ଦନନ୍ଦନ ଗୋପୀଜନବଲ୍ଲଭ ଗୋପୀନାଥ । ଶ୍ରୀ ଜଗନ୍ନାଥଙ୍କର ଏହି ବିବର୍ତ୍ତନକୁ ଭିତ୍ତି କରି ନାନା ପ୍ରକାର ଲୋକକଥା, କିମ୍ବଦନ୍ତୀ ଓ ଇତିହାସ ପରିପ୍ରସାରିତ ହୋଇଛି ।

ଭାରତୀୟ ସଂସ୍କୃତିର ଶ୍ରେଷ୍ଠ ପ୍ରତୀକ ହେଉଛି କଳସ ବା ପୂର୍ଣ୍ଣକୁମ୍ଭ । ଭାରତୀୟ ମାନେ ଜନ୍ମଠାରୁ ମୃତ୍ୟୁ ପର୍ଯ୍ୟନ୍ତ ସମସ୍ତ ସଂସ୍କାର, ଧର୍ମ, କର୍ମ, କଳା, ସାହିତ୍ୟରେ କଳସକୁ ଯୁଗ

ISSN NO.
2582-208X

ଯୁଗ ଧରି ପୂଜା ଅର୍ଚ୍ଚନା ଓ ଉଲ୍ଲେଖ କରି ଆସୁଛନ୍ତି । ସମସ୍ତ ଶୁଭ କାର୍ଯ୍ୟରେ ପୂର୍ଣ୍ଣକୁମ୍ଭ ସ୍ଥାପନ କରିବା ଏକ ଚିରାଚରିତ ପରମ୍ପରା ଦେବତା ମାନଙ୍କର କଳା ଅବସ୍ଥାନ ହେତୁ ଏହା କଳସ ନାମରେ ନାମିତ । କଳସ ପଞ୍ଚ ମହାଭୂତର ଆଧାର । କଳସର ମୁଖରେ ରୁଦ୍ର, ଗ୍ରୀବାରେ ଶଙ୍କର, ମୂଳରେ ବିଷ୍ଣୁ, ମଧ୍ୟଭାଗରେ ମାତୃଗଣ, ଦଶଦିଗରେ ଦିଗ୍‌ପାଳ, ଉଦରରେ ସପ୍ତସାଗର, ସପ୍ତଦ୍ୱୀପ, ଗ୍ରହ, ନକ୍ଷତ୍ର, କୁଳପର୍ବତ, ପବିତ୍ର ନଦନଦୀ ଓ ଚତୁର୍ବେଦର ଅବସ୍ଥିତି କଳ୍ପନା କରାଯାଇଛି । ତେଣୁ କଳସରେ ଯେ କୌଣସି ଦେବ ଦେବୀଙ୍କୁ ଆରାଧନା କରାଯାଏ । ଜଗନ୍ନାଥ ସେହି କଳସର ଏକ ନିଖୁଣ ପ୍ରତୀକ ରୂପେ ପରିକଳ୍ପିତ ହୋଇଛନ୍ତି –

"ଭାଲେ ଚନ୍ଦନମିନ୍ଦୁ ସୁନ୍ଦରତରଂ ତନ୍ନଙ୍ଗଳଂ ଶ୍ରୀଫଳଂ
ପୀୟୁଷାଧର ପକ୍ୱବିମ୍ବ ରୁଚିରଂ ତନ୍ନନ୍ଦଚୁତାଙ୍କୁରମ୍ ।
ମୀନତ୍ୱଂ ଶିରସି ସରୋରୁହଦୃଶଂସା ରାହୁରେଖାମ୍ବରଂ
ଶ୍ରୀନୀଳାଚଳନାଥଚାରୁବଦନଂ ତ୍ୱଂ ପୂର୍ଣ୍ଣକୁମ୍ଭଂ ଭଜେ ।"

ଶ୍ରୀ ଜଗନ୍ନାଥଙ୍କୁ ପୂର୍ଣ୍ଣ କଳସ ରୂପେ କଳ୍ପନା କରି ଭାରତୀୟ ଧର୍ମ ଓ ସଂସ୍କୃତିର ଶ୍ରେଷ୍ଠ ପ୍ରତୀକ ରୂପେ ପ୍ରତିପାଦନ କରିବାରେ ଉଦ୍ଧୃତ ଶ୍ଳୋକର ଭୂମିକା ନିଶ୍ଚୟ ଗୁରୁତ୍ୱପୂର୍ଣ୍ଣ ମନେହୁଏ ।

ଶ୍ରୀ ପୁରୁଷୋତ୍ତମ ଜଗନ୍ନାଥଙ୍କ ସମ୍ବନ୍ଧରେ ନାନା ମୁନିଙ୍କ ନାନା ମତ ଥିଲେ ମଧ୍ୟ ଓଡ଼ିଶାରେ ଖ୍ରୀଷ୍ଟପୂର୍ବ କାଳରୁ ଯେ ବିଷ୍ଣୁ ଉପାସନା ପ୍ରଚଳିତ ଥିଲା ସେଥିରେ ସନ୍ଦେହ ନାହିଁ । ମଗଧ ସମ୍ରାଟ ଅଶୋକ ଓ କଳିଙ୍ଗ ସମ୍ରାଟ ମହାମେଘ ବାହନ ଖରବେଳଙ୍କ ଅଭିଲେଖରୁ ସେ ସମୟରେ ବ୍ରାହ୍ମଣ୍ୟ ଧର୍ମ ପ୍ରଚଳିତ ଥିବାର ପରୋକ୍ଷ ସୂଚନା ମିଳେ । ତେଣୁ ବୈଦିକ ବାହ୍ମଣ ମାନେ କୌଣସି ଏକ ମାଧ୍ୟମ ଦ୍ୱାରା ଯେ ବିଷ୍ଣୁଙ୍କୁ ପୂଜା ନ କରୁଥିବେ ତାହା ଅସ୍ୱୀକାର କରିହେବ ନାହିଁ । ଖାରବେଳଙ୍କ ପରେ ଖ୍ରୀଷ୍ଟୀୟ ଦ୍ୱିତୀୟ ଶତାବ୍ଦୀରେ ସାତବାହନ ମାନଙ୍କ ସମୟରେ ସଙ୍କର୍ଷଣ, ବାସୁଦେବ(ବିଷ୍ଣୁ)ଙ୍କ ସହିତ ଅନ୍ୟାନ୍ୟ ଦେବତାଙ୍କର ପୂଜା ପ୍ରଚଳିତ ଥିବାର ଜଣାଯାଏ । ମାଠର ବଂଶୀୟ ରାଜାମାନେ ଭାଗବତ୍ ସ୍ୱାମୀ, ନାରାୟଣ ସ୍ୱାମୀ, ନାରାୟଣ ପାଦାନୁଧ୍ୟାତ ଆଦି ଉପାଧିରେ ଭୂଷିତ ହୋଇଥିବାରୁ ଖ୍ରୀଷ୍ଟୀୟ ଚତୁର୍ଥ ଓ ପଞ୍ଚମ ଶତାବ୍ଦୀରେ ବିଷ୍ଣୁ ଉପାସନା ଓଡ଼ିଶାରେ ଲୋକପ୍ରିୟତା ଅର୍ଜନ

ISSN NO.
2582-208X

କରିଥିବାର ପ୍ରମାଣ ମିଳେ । ସମ୍ଭବତ ସେହି ସମୟରୁ ଓଡ଼ିଶାରେ ପ୍ରଚଳିତ ହୋଇ ଆସୁଥିବା ନିମ୍ନୋଦ୍ଧୃତ ବିଷ୍ଣୁସ୍ମରଣ ପରମ୍ପରା ତାତ୍ପର୍ଯ୍ୟପୂର୍ଣ୍ଣ ମନେହୁଏ-

"ଶୁକ୍ଳାମ୍ବରଧରଂ ବିଷ୍ଣୁଂ ଶଶିବର୍ଣ୍ଣଂ ଚତୁର୍ଭୁଜମ୍ ।
ପ୍ରସନ୍ନ ବଦନଂ ଧ୍ୟାୟେ ସର୍ବବିଘ୍ନୋ ପଶାନ୍ତୟେ ।।
ସ୍ମୃତେ ସକଳ କଲ୍ୟାଣଂ ଭାଜନଂ ଯତ୍ର ଜାୟତେ ।
ପୁରୁଷଂ ତମଜଂ ନିତ୍ୟ ବ୍ରଜାମି ଶରଣଂ ହରିମ୍ ।।
ଶଙ୍ଖ ଚକ୍ର ଗଦା ପାଣେ ଦ୍ୱାରକା ନିଳୟାଚ୍ୟୁତ ।
ଗୋବିନ୍ଦ ପୁଣ୍ଡରୀକାକ୍ଷ ରକ୍ଷ ମାଂ ଶରଣାଗତମ୍ ।।"

ଏହି ଶ୍ଳୋକ ତିନୋଟି ଯେ କୌଣସି କାର୍ଯ୍ୟ ଉପଲକ୍ଷେ ଅନୁଷ୍ଠିତ ସଂକଳ୍ପ ବାକ୍ୟ ଉଚ୍ଚାରଣ ପୂର୍ବରୁ ପାଠ କରାଯାଏ । ମାଠର ମାନଙ୍କ ପରେ ଶୈଳୋଦ୍ଭବ (୫୭୫-୭୩୬ ଖ୍ରୀ.ଅ) ଓ ଭୌମ ମାନଙ୍କ (୭୩୬-୯୫୦ ଖ୍ରୀ.ଅ) ରାଜତ୍ୱ କାଳରେ ତ୍ରିବିକ୍ରମ ବାମନ, ଚକ୍ରଧର ବିଷ୍ଣୁ, ନୀଳମାଧମ ବିଷ୍ଣୁ, କୃଷ୍ଣ-ବାସୁଦେବଙ୍କ ପୂଜା ପ୍ରଚଳିତ ଥିବାର ଜଣାଯାଏ । ସୋମ ବଂଶୀମାନଙ୍କ ରାଜତ୍ୱ କାଳରେ (୯୫୦-୧୧୧୨ଖ୍ରୀ.ଅ.) ବୌଦ୍ଧ ଓ ଶୈବ ମତବାଦ ସ୍ଥାନରେ ବୈଷ୍ଣବ ମତବାଦ ପ୍ରାଧାନ୍ୟ ଲାଭ କରିଥିଲା । ସୋମବଂଶୀମାନେ ବୈଷ୍ଣମ ଥିବାରୁ ବିଷ୍ଣୁଙ୍କ ସହିତ ମାଧବ, ଗୋପୀନାଥ, ସଙ୍କର୍ଷଣ ବା ବଳରାମ, ଶକ୍ତିର ପ୍ରତୀକ ସୁଭଦ୍ରା ତଥା ବିଷ୍ଣୁ ଚକ୍ର ସୁଦର୍ଶନଙ୍କ ପୂଜାକୁ ଲୋକପ୍ରିୟ କରାଇଥିଲେ । ତେଣୁ ମହାରାଜ ଯଯାତିକେଶରୀ ଇନ୍ଦ୍ରଦ୍ୟୁମ୍ନ ନାମରେ ଅଭିହିତ ହୋଇଥିବାର ପରମ୍ପରା ଓଡ଼ିଶାରେ ପ୍ରଚଳିତ ଥିଲା । ସେହି ଦୃଷ୍ଟିରୁ ବିଚାର କଲେ ଓଡ଼ିଶାରେ ଗଙ୍ଗରାଜ୍ୟ ଆରମ୍ଭ ହେବାର ବହୁ ପୂର୍ବରୁ ନୀଳମାଧବ ବିଷ୍ଣୁ, କୃଷ୍ଣ, ବାସୁଦେବଙ୍କ ପ୍ରତୀକ ରୂପେ ଉପାସିତ ହେଉଥିବାର ଜଣାଯାଏ । କେବଳ ସେତିକି ନୁହେଁ ଜୈନ, ବୌଦ୍ଧ, ଶୈବ ଓ ଶାକ୍ତ ମତବାଦର ଆରୋପ ଓ ପ୍ରତ୍ୟାରୋପ ମଧ୍ୟରେ ବି ପୁରୁଷୋତ୍ତମ ଶ୍ରୀ ଜଗନ୍ନାଥଙ୍କ ଉପାସନା କୃଷ୍ଣ, ବଳରାମ, ସୁଭଦ୍ରା ଓ ସୁଦର୍ଶନକୁ ନେଇ ଚତୁର୍ଦ୍ଧାମୂର୍ତ୍ତି ଉପାସନାରେ ପ୍ରବର୍ତ୍ତିତ ହୋଇ ବିଶେଷ ଲୋକପ୍ରିୟତା ଅର୍ଜନ କରିଥିଲା ।

ଗଙ୍ଗବଂଶୀୟ ସମ୍ରାଟ ଚୋଳଗଙ୍ଗ ଦେବଙ୍କ ରାଜତ୍ତ୍ୱ କାଳରେ (୧୦୭୭-୧୧୪୭ ଖ୍ରୀଷ୍ଟାବ୍ଦ) ଶ୍ରୀମନ୍ଦିରରେ ଚତୁର୍ଦ୍ଧାମୂର୍ତ୍ତି ସହିତ ଶ୍ରୀଦେବୀ, ଭୂଦେବୀ ଓ ମାଧବଙ୍କୁ ଯୋଗ କରାଯାଇ ଶ୍ରୀ

ISSN NO.
2582-208X

ଜଗନ୍ନାଥଙ୍କ ସପ୍ତଧା ମୂର୍ତ୍ତିର ଯେଉଁ ଉପାସନା ଆରମ୍ଭ ହେଲା ତାହା ଅଦ୍ୟାବଧି ପ୍ରଚଳିତ ଅଛି । ତେଣୁ ଗଙ୍ଗ ରାଜତ୍ୱ ଆରମ୍ଭ ଠାରୁ ପୁରୁଷୋତ୍ତମ ଜଗନ୍ନାଥ, ବିଷ୍ଣୁ, ନୃସିଂହ, ବାମନ, ରାମ, ଭଗବାନ କୃଷ୍ଣ, ରାଧାମାଧବ, ଦୁର୍ଗାମାଧବ, ଦଶାବତାରୀ କୃଷ୍ଣ, ବିଷ୍ଣୁ-କୃଷ୍ଣ, ବୌଦ୍ଧ-ଜଗନ୍ନାଥ, ଗୋପୀନାଥ ଆଦି ନାମରେ ଆରାଦ୍ଧିତ ହୋଇ ଆସୁଥିବା ବିଷୟ ଶାସ୍ତ୍ର ପୁରାଣାଦିର ଅନୁଶୀଳନରୁ ଜଣାଯାଏ । ବୌଦ୍ଧାଚାର୍ଯ୍ୟ ରାଜା ଇନ୍ଦ୍ରଭୁତିଙ୍କ (୭୧୭ ଖ୍ରୀଷ୍ଟାବ୍ଦ) ଜ୍ଞାନସିଦ୍ଧିରେ ପୁରୁଷୋତ୍ତମ ଜଗନ୍ନାଥ ବୁଦ୍ଧ ରୂପେ ଉଲ୍ଲେଖ ପାଇବା ଓ ବୁଦ୍ଧ ଭଗବାନ ବିଷ୍ଣୁଙ୍କ ନବମ ଅବତାର ରୂପେ ଗୃହୀତ ହେବା ପରେ ଭଗବାନ ଶଙ୍କରାଚାର୍ଯ୍ୟଙ୍କ ପ୍ରଣୀତ ବିଷ୍ଣୁ ସହସ୍ରନାମ ଭାଷ୍ୟରେ (୭୮୮- ୮୨୦ଖ୍ରୀ.ଅ) ଜଗନ୍ନାଥ ବିଷ୍ଣୁ ରୂପେ ବର୍ଣ୍ଣିତ ହୋଇଛନ୍ତି -

"ତସ୍ୟ ଲୋକପ୍ରଧାନସ୍ୟ ଜଗନ୍ନାଥସ୍ୟ ଭୂପତେ
ବିଷ୍ଣୋର୍ନାମସହସ୍ରଂ ମେ ଶୃଣୁ ପାପ ଭୟା ପହମ୍" ।।୧୪।।

ଖ୍ରୀଷ୍ଟୀୟ ନବମ ଶତାବ୍ଦୀର ଉତ୍ତରାର୍ଦ୍ଧରେ ଉତ୍କଳୀୟ କୋଷକାର ପୁରୁଷୋତ୍ତମ ଦେବ ଓ ରାମଭକ୍ତ କବି ମୁରାରି ମିଶ୍ର ଜଗନ୍ନାଥଙ୍କୁ ଯଥାକ୍ରମେ ବିଷ୍ଣୁ ଓ ରାମ ରୂପେ ଗ୍ରହଣ କରିଛନ୍ତି। ସେହିପରି କୃଷ୍ଣ ମିଶ୍ରଙ୍କ (୧୦୫୦ଖ୍ରୀ.ଅ) ପ୍ରବୋଧ ଚନ୍ଦ୍ରୋଦୟ ନାଟକ ଓ ଗଙ୍ଗବଂଶୀୟ ପ୍ରଶସ୍ତିରେ ଜଗନ୍ନାଥ ପୁରୁଷୋତ୍ତମ ଓ ତାଙ୍କ ମନ୍ଦିରର ପ୍ରଶଂସା କରାଯାଇଥିବାର ଦେଖାଯାଏ । ଉତ୍କଳର ଅନ୍ୟତମ ବରପୁତ୍ର, କବିରାଜ ଜୟଦେବଙ୍କ (୧୧୪୭-୧୧୫୬ ଖ୍ରୀ.ଅ) ଅମର କାବ୍ୟ "ଗୀତଗୋବିନ୍ଦ"ରେ ଜଗନ୍ନାଥ, ଜଗଦୀଶ, ହରି, ମାଧବ, ମୁରାରି, କୃଷ୍ଣ, ଗୋବିନ୍ଦ ନାମରେ ଅଭିହିତ ହୋଇଛନ୍ତି । ଶ୍ରୀ ଜଗନ୍ନାଥଙ୍କ ମନ୍ଦିରରେ ଗୀତଗୋବିନ୍ଦର ରଚନା ଓ ସେବାପୂଜାରେ ଆବୃତ୍ତି ଓ ବିନିଯୋଗ ଦ୍ୱାରା ଦେଶ ବିଦେଶରେ ତଦୀୟ କୃତି ଓ ଶ୍ରୀ ଜଗନ୍ନାଥଙ୍କ ମହାତ୍ମ୍ୟ ପ୍ରସାର ଲାଭ କରିଥିଲା ।

କ୍ରମଶଃ.....

ଶ୍ରୀ ଜଗନ୍ନାଥ ସଂସ୍କୃତି
ଆଇସିଏସଏସଆର, ନୂଆଦିଲ୍ଲୀ
ମୋ-୯୮୭୧୪୫୪୪୭୦

ISSN NO.
2582-208X

# କଳା ମୁଣ୍ଡିଆଙ୍କ ଛାଡଖାଇ



ସନ୍ଧ୍ୟାରାଣୀ ମଲ୍ଲିକ

ପୁଣ୍ୟ ମାସର ଦ୍ୱାହି ଦେଇ
ଯାହା ପୂଜାର୍ଚ୍ଚନା ସବୁଦେଲେ ସାରି
ପୁଣ୍ୟ ମାସ ସରିଗଲା ପରେ,
ଏବେ ଆମିଷ ଦୋକାନେ ଭିଡ଼ ଭାରି ।

ଏ ତ ଲୋକଦେଖାଣିଆ କଥା,
ମନରେ ଭକ୍ତିଥିଲେ କଣ କରିଥାନ୍ତ ଜୀବହତ୍ୟା
ଶୁଣ ଏବେ, ସ୍ମାର୍ଟ ସିଟି ର ସ୍ମାର୍ଟ କଥା
ଚିକେନ, ମଟନ, ମାଛ ଫ୍ରାଏ ଦିନେ ନ ଖାଇଲେ
ତାଙ୍କ ମୁଣ୍ଡ କାଳେ ହୁଏ ଭାରି ବ୍ୟଥା ।

ନିଷ୍ଠୁର ଦଇବ ହୋଇ ନିରିଦୟ
ଗଞ୍ଜାକୁ କହିଲା ପେଣ୍ଠି
କି ବେଳାରେ ସତେ କରିଥିଲା ଶୁଭପରିଣୟ
ପକାଇ ସେମାନଙ୍କ ହାତ ଗଣ୍ଠି ।

କାର୍ତ୍ତିକ ମାସରେ ନିର୍ଭୟରେ ବୁଲୁଥିଲା
ନିରୀହର ଟେନ୍ ସନ୍ ନଥିଲା ଭାଇ

ISSN NO.
2582-208X

ମାର୍ଗଶିର ମାସର ପ୍ରଥମ ସକାଳେ
ତାକୁ ହାଣିବ ଭାଇ କଂସେଇ ।

କଳାମୁଣ୍ଡିଆଙ୍କ ପେଟ ଓ ପାଟିର ଲାଳସା ପାଇଁ
ମାଛ, କୁକୁଡ଼ା ଓ ଛେଳି ଏଠି କାନ୍ଦନ୍ତି ହୋଇ କଇଁକଇଁ
ଯେତେ କାନ୍ଦିଲେ ବି ଲୁହ ଢାଳି, କେହି ଶୁଣିବାର ନାହିଁ
ଏଠି ସବୁ ନିର୍ଦ୍ଦୟ, ଦୟାଳୁ ବୋଲି କେହି ନାହିଁ ।

ଫୁଙ୍ଗୁଳା ଦେହରେ ଫୁଟ୍ ପାଥ୍ ରେ ପଡ଼ି
ଏଠି ଗରିବ ମରେ ଜାଡ ଖାଇ
ଚାରିଆଡେ ମାଲିକ ଖାଏ ପଇସା
ମୂଲିଆ ମରେ ଏଠି ମାଡ଼ ଖାଇ ଖାଇ ।

ହଷ୍ଟେଲ ପିଲାଏ ବିରକ୍ତିରେ
ପ୍ରତିଦିନ ପାଣିଆ ଡାଲିକୁ ଖାଇ ଖାଇ
ଘରକୁ ଯାଇ ଏବେ ଖୁସିମନରେ ଖାଇବେ
ଛେଳି କୁକୁଡ଼ା ଙ୍କ ଗୋଡ଼ କୁ ଚୋବେଇ ଚୋବେଇ ।

ଅଜ୍ଞାନୀ ମଣିଷ ନିରୀହ ପ୍ରାଣୀ ଙ୍କ ହାଡ଼କୁ ଖାଇ
ଆତ୍ମତୃପ୍ତି ପାଇଁ ଅନ୍ୟର ଆତ୍ମାକୁ ଯନ୍ତ୍ରଣାରେ ଭରିଦେଇ
ଗର୍ବରେ କୁହନ୍ତି,
ଏ ତ ପରବ ଆମର ଛାଡ ଖାଇ
ଏ ତ ପରବ ଆମର ଛାଡ ଖାଇ ।।

ରମାଦେବୀ ମହିଳା ବିଶ୍ୱିଦ୍ୟାଳୟ
ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗ
ସ୍ନାତକୋତ୍ତର ଦ୍ୱିତୀୟ ବର୍ଷ
ଫୋନ୍ ନମ୍ବର-8456090154

ISSN NO.
2582-208X

# କିଛି ଗହନ କଥା



ଅମୃତନାରାୟଣ ଶତପଥୀ

କିଛି ଗହନ କଥା ଯେବେ ଚିନ୍ତଇ ମଥା,
ବେଳେବେଳେ ଉତ୍ଫୁଲ୍ଲିତ ଅନ୍ୟ ବେଳେ ବ୍ୟଥା।(୧)
ସଂସାର ସାର ପୁଣି ଦୁଃଖ ଅପାର,
ଭାବଇ ମୂଢ଼ ମନୁଷ୍ୟ ସୁଖ ପାରାବାର।(୨)
ଯନ୍ତ୍ରଣା ନାହିଁ ପୁଣି ଶରୀର ଥାଇ,
ମିଥ୍ୟାବାଦୀ ତା ଠାରୁ ଅନ୍ୟ କେହି ନାହିଁ।(୩)
ସୁଚିନ୍ତିତ ବିଚାର ମନେ ଆଶା ସଞ୍ଚାର,
ସମର୍ପଣ ଆବଶ୍ୟକ ଜୀବନ ସଭିଙ୍କର।(୪)
ସେଥିପାଇଁ ଯେ ପ୍ରାଣ ଅଟେ ଅମୂଲ୍ୟ ଜାଣ,
ବିଚାର ମନରୁ ତ୍ୟାଗ ସୁଖ ଦୁଃଖ ବଖାଣ।(୫)

ନୟାପଲ୍ଲୀ, ଜୟଦେବ ବିହାର,
ଭୁବନେଶ୍ୱର

ISSN NO.
2582-208X

# ମୋ ବିଦ୍ୟାଳୟ



ଝିଲିମିଲି ସାହୁ

ସମୟ ସାଥେ ତାଳଦେଇ ଚାଲିଥିବା
ଏକ ବିଶାଳକାୟ ବୃକ୍ଷ
ପ୍ରତିଭାସମ୍ପନ୍ନ ପୁଷ୍ପ ରାଜିରେ ପୂର୍ଣ୍ଣ
ସେଇ ଛାୟାରେ ଗଢା ମୋ ଆବର୍ତ୍ତମାନ।

ପଢ଼ିଛି ବଢ଼ିଛି ଏ ବିଦ୍ୟାଳୟ କୋଳେ
ସାଉଁଟିଛି ଗଣ୍ଡିଲିଏ ଅଦୃଶ୍ୟ ସ୍ମୃତି
ଛାତ୍ରୀ ଜୀବନର କିଛି ଭାବପୂର୍ଣ୍ଣ ଝଲକ
ଅଦ୍ୟାପି ମୋ ମାନସପଟରେ ଜୀବନ୍ତ।

ଶ୍ରେଣୀଗୃହ ଠାରୁ ଖେଳ ପଡିଆ ଯାଏଁ
ପ୍ରତି କୋଣେ ସଂଯୁକ୍ତ ମୋ ସ୍ମୃତି
ଏଇ କଥାକୁହା କାନ୍ଥେ ଖୋଜିଛି ସେସବୁ
ସମୟ ସାଥ କିଛି ଅଛି କିଛି ହଜିଛି।

ଶିଖାଇଛି ହୃଦୟରେ ଡର ମନରେ ଆକାଂକ୍ଷା
ଗୁରୁଙ୍କ ପ୍ରତି ଶ୍ରଦ୍ଧା ସମର୍ପଣ ଭାବନା
ସାଥୀସାଙ୍ଗ ମେଳେ ବାଣ୍ଟିଥିବା ଦୁଃଖସୁଖ ମିଶା କଥା
ମୋ ଜୀବନ ପୁସ୍ତକର ଏକ ଅପାଶୋରା ପୃଷ୍ଠା।

ISSN NO.
2582-208X

ସେ ସମୟ..., ଆମ ବନ୍ଧୁତ୍ୱର ଗାଥା
ମନେ ପଡିଗଲେ ଦିଏ ହସ ଭରା ବ୍ୟଥା
ଧୀରେ କାନେ କହିଯାଏ ଗୁରୁଙ୍କ ବାରତା
ଆଗେଇ ଚାଲ.. ପିଲାମାନେ ତୁମେ ଅଟ ଭବିଷ୍ୟ ନିର୍ମାତା।

ସହ. ଶିକ୍ଷୟିତ୍ରୀ
ନୟାଗଡ଼

ISSN NO.
2582-208X

# ବିଶ୍ୱସାହିତ୍ୟ ଓ ତାର ଅବଧାରଣା

ସରୋଜ କୁମାର ବିଷୋୟୀ

## ଉପକ୍ରମ:-

ସାହିତ୍ୟ ଓ ସର୍ଜନାତ୍ମକ ଏକ କଳା ବିଶେଷ । ସ୍ରଷ୍ଟା ମାନଙ୍କର ବା ବ୍ୟକ୍ତିର ଲେଖକୀୟ ସର୍ଜନଶୀଳତା ଦ୍ୱାରା ସାହିତ୍ୟର ହୋଇଥାଏ ସୃଷ୍ଟି ଏବଂ ଅଭିବୃଦ୍ଧି । ସାହିତ୍ୟ ଅଧ୍ୟୟନର କେତେକ ବିଷୟ ଆଉ କ୍ଷେତ୍ର ଏମିତି ଅଛିଯେ, ତାହା ତୁଳନାତ୍ମକ ସାହିତ୍ୟର ଅତ୍ୟନ୍ତ ନିକଟବର୍ତ୍ତୀ ଏବଂ ବେଳେବେଳେ ଏହା ପରସ୍ପର ସମ୍ବନ୍ଧିତ । ସାହିତ୍ୟର ଏହି ବିଭିନ୍ନ ରୂପର ଅର୍ଥ ସୃଷ୍ଟିକରଣ ରହିଛି ନିହାତି ଆବଶ୍ୟକ। ଯାହାଦ୍ୱାରା ମୂଳତଃ ତୁଳନାତ୍ମକ ସାହିତ୍ୟର ପରିଭାଷାଟି ହୋଇପାରିବ ସ୍ୱଷ୍ଟ। ତୁଳନାତ୍ମକ ସାହିତ୍ୟ ଯେହେତୁ ସମଗ୍ର ବିଶ୍ୱ ସାହିତ୍ୟ ସମୀକ୍ଷାର ଏକ ପ୍ରଭାବଶାଳୀ ଧାରା ଭାବେ ଦେଖାଦେଲା । ତେଣୁ ବହୁ ଆଲୋଚକ ବିଶ୍ୱସାହିତ୍ୟ ପରିପ୍ରେକ୍ଷୀରେ ଏହାର ନାମକରଣ ମଧ୍ୟ କଲେ । Comparative literature ର ବିକଳ୍ପ ଭାବେ ବହୁ ପ୍ରତିଦ୍ୱନ୍ଦୀ ପରିଭାଷାର ଆଗମନ ମଧ୍ୟ ହୋଇଥିବା ପୂର୍ବରୁ ସେହିଭଳି ଆବଶ୍ୟକ ସୂଚକ ପରିଭାଷାର ଥିଲା ପ୍ରଚଳନ । ଯଥା :-

(କ)- ଜାତୀୟ ସାହିତ୍ୟ (National literature)
(ଖ)- ସାଧାରଣ ସାହିତ୍ୟ ( General literature)
(ଗ)- ଆନ୍ତର୍ଜାତୀୟ ସାହିତ୍ୟ ( International literature)
(ଘ)- ମହାଦେଶୀୟ ସାହିତ୍ୟ (Continational literature)
(ଙ)- ବିଶ୍ୱ ସାହିତ୍ୟ (World literature /Welt literature)

## ବିଷୟ ପ୍ରବେଶ:-

'ବିଶ୍ୱ ସାହିତ୍ୟ' ବା 'World literature' ଶବ୍ଦଟି ଗୋଏଥେଙ୍କ "Welt literature" ର ଇଂରାଜୀ ଅନୁବାଦ। ୧୮୨୭ ମସିହାରେ ଜର୍ମାନର କବି ଗୋଏଥେ(Goethe) ପ୍ରଥମେ' World literature ' କଥାକୁ ଉଠାଇଥିଲେ। ପୃଥିବୀର ସବୁ ସାହିତ୍ୟ ଗୋଟିଏ ହେବା ଉଚିତ୍। ତଥା

ISSN NO.
2582-208X

ସମଗ୍ର ସାହିତ୍ୟର ସମନ୍ୱିତ ସଂଶ୍ଳେଷଣ କରିବା ହିଁ ଥିଲା ତାଙ୍କର ମୂଳଭାବନା । ୧୮୨୭ ମସିହା ଜାନୁଆରୀ ୧୩ ତାରିଖରେ ଏକେରମନ୍ ଙ୍କ ସହ ବାର୍ତ୍ତାଳାପ ବେଳେ ଗୋଏଥେ 'National literature' ଏକ ଅର୍ଥବିହୀନ ଶବ୍ଦବିଶେଷ କହିବା ସହ 'Welt literature' ପ୍ରସଙ୍ଗକୁ ଉଠାଇଥିଲେ । 'World literature' ବିଭିନ୍ନ ଭାଷାଭାଷୀଙ୍କ ସ୍ମରଣୀୟ ସାହିତ୍ୟକୁ କରୁଥିଲା ବ୍ୟଂଜିତ। ଗୋଏଥେ ପୃଥିବୀର ସାଧାରଣ ପାଠକଙ୍କ ସଂକୀର୍ଣ୍ଣତାକୁ ପରିହାର କରାଇ ଭାଷିକ ତଥା ଭୌଗୋଳିକ ସୀମାକୁ ଭାଙ୍ଗି ବିସ୍ତୃତ ଏକ ଭାବନା ଦ୍ୱାରା 'ବିଶ୍ୱସାହିତ୍ୟ'ର ଭିତ୍ତିକୁ ସ୍ଥାପିତ କରିବାକୁ ଚାହିଁଥିଲେ। ମାତ୍ର ତୁଳନକାରୀ ସବୁବେଳେ ଭାଷିକ, ଭୌଗୋଳିକ ସୀମାରୁ ବାହାରକୁ ଯାଇ କେବଳ ଯେ ଭଲ ସାହିତ୍ୟକୁ ଖୋଜେ ସେହିଭଳି ନୁହେଁ। ସେ ସାହିତ୍ୟ ଗୁଡ଼ିକ ମଧ୍ୟରେ ଥିବା ସମ୍ପର୍କକୁ ସମଗ୍ର ଭାବେ ଅନୁଧ୍ୟାନକରେ ଏବଂ ବିଶ୍ଳେଷଣ କରେ। ଗୋଏଥେ ଜାଣିଥିଲେ ଗୋଟିଏ ସାହିତ୍ୟ ଯେ ଭଲ ଗୋଟିଏ ସାହିତ୍ୟ ମଧ୍ୟରେ ତାଙ୍କର ଖୋଜିବାର ପଦ୍ଧତି ଅଲଗା ନଥିଲା । ମାତ୍ର ତୁଳନାତ୍ମକ ସାହିତ୍ୟ ଗୋଟିଏ ସାହିତ୍ୟର ଅଧ୍ୟୟନରେ ବିଶ୍ୱାସୀ ନୁହେଁ । ମାତ୍ର ବସ୍ତୁ, ଭଙ୍ଗୀ ଏବଂ ପରିପ୍ରେକ୍ଷଣରେ ବିଶ୍ୱାସୀ। କେବଳ କ୍ଲାସିକ୍ ସାହିତ୍ୟର ଭଣ୍ଡାର ଘରେ ଅବସ୍ଥାପିତ ଲେଖକମାନଙ୍କ ରଚନାବଳୀ ଏବଂ ସେମାନଙ୍କ ବିଶ୍ୱମୁଖୀ ଆବେଦନ ଆଗରେ 'ବିଶ୍ୱସାହିତ୍ୟ' ତୁଳନାତ୍ମକ ସାହିତ୍ୟ ପାଇଁ ପ୍ରାଚୀନ, ଆଧୁନିକ ଅଥବା ସଂପ୍ରତିକରେ କୌଣସି ଭେଦଭାବ ନାହିଁ। ଯାହା ତୁଳନୀୟ ତାହା ତୁଳନାତ୍ମକ ସାହିତ୍ୟର ବିଷୟ ଅଟେ। ତାହା କେବଳ କ୍ଲାସିକ୍ ସାହିତ୍ୟ ନୁହେଁ ତତ୍ ସହିତ ଦେଶକାଳର ପ୍ରତିନିଧିତ୍ୱ କରୁଥିବା ସାଧାରଣ ଲେଖକ ଏବଂ ସେମାନଙ୍କ କୃତିକୁ ତୁଳନାତ୍ମକ ସାହିତ୍ୟର ଅନ୍ତର୍ଭୁକ୍ତ କରାଯାଏ।

ଭାରତରେ ପ୍ରଥମ ଥର ପାଇଁ ବିଶ୍ୱକବି ରବୀନ୍ଦ୍ରନାଥ ଠାକୁର ତାଙ୍କର 'ସାହିତ୍ୟ' (୧୯୦୭) ଗ୍ରନ୍ଥର ବିଶ୍ୱସାହିତ୍ୟ ପ୍ରବନ୍ଧରେ ତୁଳନାତ୍ମକ ସାହିତ୍ୟ ସଂପର୍କରେ ଉତ୍ଥାପିତ କରିଛନ୍ତି କେତେକ ମହତ୍ୱପୂର୍ଣ୍ଣ ବିଷୟ। ରବୀନ୍ଦ୍ରନାଥ ଗୋଏଥେଙ୍କ ଭଳି 'ବିଶ୍ୱ ସାହିତ୍ୟରେ' ହୋଇଛନ୍ତି ବିଶ୍ୱାସୀ । ସେଥିପାଇଁ ସେ ବିଶ୍ୱସାହିତ୍ୟ ସଂପର୍କରେ ଦେଇଛନ୍ତି ସ୍ୱଷ୍ଟମତ:- "ମୋ ଉପରେ ଯେଉଁ ଆଲୋଚନାର ଭାର ଦିଆଯାଇଛି ଆପଣମାନେ ତାକୁ 'Comparative literature' ନାମ ଦେଇଛନ୍ତି। ବଙ୍ଗଳାରେ ମୁଁ ତାକୁ ବିଶ୍ୱ ସାହିତ୍ୟ କହିବି। ବିଶ୍ୱ ସାହିତ୍ୟ କହିବା ପଛରେ ରବୀନ୍ଦ୍ରନାଥଙ୍କ ଚିନ୍ତାଟି ଦିଗନ୍ତବିସ୍ତାରୀ । ଯେଉଁଠି ସେ କାହୁଛନ୍ତି - 'ସାହିତ୍ୟକୁ ଦେଶ, କାଳ, ପାତ୍ରରେ ଛୋଟକରି ଦେଖିଲେ ଠିକ୍ ଭାବେ ଦେଖିହୁଏ ନାହିଁ । ଆମେ ଯେବେ ବୁଝୁ ଯେ - ସାହିତ୍ୟରେ ବିଶ୍ୱ ମାନବ ହିଁ ଆପଣାକୁ ପ୍ରକାଶ କରିଛନ୍ତି

ISSN NO.
2582-208X

ତେବେ ସାହିତ୍ୟ ମଧ୍ୟରେ ଆମର ଯାହା ଦେଖିବାର କଥା ତାହା ଦେଖିହେବ। ରବୀନ୍ଦ୍ରନାଥଙ୍କ ଚିନ୍ତନରେ ବିଶ୍ୱ ସମଗ୍ର ସାହିତ୍ୟ ହେଉଛି ଗୋଟିଏ। ଗ୍ରାମ ସଂକୀର୍ଣ୍ଣତାରୁ ଊର୍ଦ୍ଧ୍ୱକୁ ଉଠି ବିରାଟ ଏକ ପରିମଣ୍ଡଳରେ ସାମିଲ କରିବାର ମନୋବାଞ୍ଛାଟି ହେଉଛି 'ବିଶ୍ୱ ସାହିତ୍ୟ' ତାକୁ ପ୍ରାଞ୍ଜଳ ଭାବେ ରୂପ ଦେବାପାଇଁ ରବୀନ୍ଦ୍ରନାଥଙ୍କ ବକ୍ତବ୍ୟ ହେଉଛି ବିଶ୍ୱ ଭାବାପନ୍ନ। ପୃଥିବୀ ଯେପରି ଆମର କ୍ଷେତ ଏବଂ ତୁମର କ୍ଷେତ ଏବଂ ତାହାର କ୍ଷେତ ନୁହେଁ। ସେହିଭଳି ସାହିତ୍ୟ ଆମର ରଚନା, ତୁମର ରଚନା !କି ତାର ରଚନା ନୁହେଁ । ଆମେମାନେ ସାଧାରଣ ସାହିତ୍ୟକୁ ଏଭଳି ଭାବେ ଦେଖିଥାଉ। ସେଇ ଗ୍ରାମ୍ୟ ସଂକୀର୍ଣ୍ଣତା ଠାରୁ ନିଜକୁ ମୁକ୍ତିଦେଇ ବିଶ୍ୱ ସାହିତ୍ୟ ମଧ୍ୟରେ ବିଶ୍ୱ ମାନବକୁ ଦେଖିବାର ଲକ୍ଷ୍ୟ ଆମେ ମାନେହିଁ ସ୍ଥିର କରିବା। ପ୍ରତ୍ୟେକ ଲେଖକର ରଚନା ମଧ୍ୟରେ ସମସ୍ତ ମଣିଷର ପ୍ରକାଶ ଚେଷ୍ଟାର ସମୃଦ୍ଧି ଦେଖିବା, ଏଇ ସଂକଳ୍ପ ସ୍ଥିର କରିବାର ସମୟ ଉପସ୍ଥିତ ହୋଇଅଛି।

ରବୀନ୍ଦ୍ରନାଥଙ୍କ 'ବିଶ୍ୱ ସାହିତ୍ୟ' ଏବଂ 'ତୁଳନାତ୍ମକ ସାହିତ୍ୟ' ରେ ଆଦର୍ଶଗତ ଏକତା ସତ୍ତ୍ୱେ ବିଭେଦଟି ମଧ୍ୟ ସ୍ପଷ୍ଟ । ଏହି ଅନ୍ତରକୁ ଆମେ ଯେଉଁଭଳି ପରିଭାଷିତ କଲେ ମଧ୍ୟ ଏ ବିସ୍ତୃତ ଦୁଇ କ୍ଷେତ୍ର ପରସ୍ପର ଉପରେ ଆଚ୍ଛାଦିତ ହୋଇ ରହିବେ ମାତ୍ର ସ୍ପଷ୍ଟ ହୋଇ ତୁଳନାତ୍ମକ ସାହିତ୍ୟ ପ୍ରସଙ୍ଗଟି ଭିନ୍ନ ହୋଇ ରହିଯିବ।

ଶେଷକଥା: -

ବିଶ୍ୱ ସାହିତ୍ୟ ମଣିଷର 'ବିଶ୍ୱଦୃଷ୍ଟି' (world view) ର ପରିବର୍ଦ୍ଧନ କରେ। ଅନ୍ୟ ସାହିତ୍ୟ ଓ ସଂସ୍କୃତି ପ୍ରତି ସମ୍ବନ୍ଧ ହେବାର ରୁଚି ଓ ମାନସିକତା ପୋଷଣ କରେ। ପାରିପାର୍ଶ୍ୱିକ ଆଞ୍ଚଳିକ ଜୀବନ (Little tradition) ସହ ବିସ୍ତୃତ ବହୁଦେଶୀୟ ଜୀବନ (Great tradition) ସହ ପରିଚିତ ହେବାର ବିପୁଳ ଅବସର ସୃଷ୍ଟି କରିଥାଏ। ଆଞ୍ଚଳିକ ବନ୍ଧନୀରୁ ବାହାରି ରାଷ୍ଟ୍ରୀୟ ତଥା ଅନ୍ତଃରାଷ୍ଟ୍ରୀୟ ଆଦର୍ଶର ପ୍ରତିଷ୍ଠାକୁ ଯଥାର୍ଥରେ ଚିହ୍ନିତ କରିଥାଏ। ଭାଷାଗତ ବ୍ୟବଧାନ ଓ ଦୂରତ୍ୱକୁ ଭାଙ୍ଗି ଭାବଗତ ତଥା ଚେତନାଗତ ସଂଘତି ସ୍ଥାପନ କରିଥାଏ।

ଗବେଷକ, ଏମ୍ .ଫିଲ୍ ପ୍ରଥମ ବର୍ଷ ବିଶ୍ୱଭାରତୀ,
ଶାନ୍ତିନିକେତନ

ISSN NO.
2582-208X

# ନାରୀ ର ଅଧିକାର



ଶଶିରେଖା ଜେନା

ନାରୀ ମା' ନାରୀ ଜାୟା ନାରୀ ଭଗ୍ନି
ନାରୀ ଅସୀମ ଶକ୍ତିର ଅଧିକାରିଣୀ।
ନାରୀ ମମତା ମୟୀ ନାରୀ ପ୍ରେମ ମୟୀ
ନାରୀ ମାୟା ରୁପିଣ କାଳ ଫାସ ନାଗୁଣୀ।
କେବେ ସୁନ୍ଦରୀ କେବେ ରମଣୀ
କେବେ ବିଭସ୍ଥ ଅର୍ଦ୍ଧନଗ୍ନ ପୂଜାରିଣୀ ।
ଧର୍ମ ର ପ୍ରତିଷ୍ଠାତ୍ରୀ ସର୍ବ କାମନାର ଅଧିଷ୍ଠାତ୍ରୀ ।
ସ୍ୱପ୍ନର ପ୍ରଣୟୀ ରାତ୍ରି ର ରାଗିଣୀ
କାଳର କବଳିନୀ ଭୟଙ୍କର ଉର୍ମି।
ରାତ୍ରି ର ରଜନୀଗନ୍ଧା ସମ ସୁଗନ୍ଧିତା
ପାଦରେ ସରୁ ଅଳତା ଅଧର ରଙ୍ଗା।
ଓଠ ରେ ଖିଲିହସ ଉନ୍ମାଦତା ର ଆଭାସ।
ନାରୀ ଚାହିଁଛି ନାରୀ କାମନା କରିଛି
ନାରୀ ଜଗିବସିଛି ଅଫେରନ୍ତା ବାଟୋଇ ର ଆଗମନକୁ।
ନାରୀ ସର୍ବ ପୂଜିତା
ପୁଣି ଅତି ବର୍ବରତାର ନିମ୍ନତଳେ।
କେବେ କାହାର ପାଦ ତଳେ
କେବେ ପୁଣି ସମାଜ ଆଖିରେ
ସର୍ବେ କରନ୍ତି ହଟହଟା।
ନାରୀ ଏକା ହିଁ କରେ ତାର ସାମ୍ନା।

ISSN NO.
2582-208X

କେହି ଛାଡିଯାଏ କେହି ତଡ଼ିଦିଏ
ପାଏ ଜୀବନର ଅସଜ୍ଞ ଯାତନା ।
ନୟନ ଫାଙ୍କରେ ବହିଯାଏ ପୁଣି
ଉଷ୍ଣ ନଦୀର ସ୍ରୋତ ଧାରା।
ଇତିହାସ ପୃଷ୍ଠା କହେ କେତେ କଥା
ନାରୀ ସର୍ବତ୍ର ନିର୍ଯାତିତା।
ନାରୀ କେବେ ନୁହଁ ଉପଭୋଗର ବସ୍ତୁ
ନାରୀ ସୌଭାଗ୍ୟର ଆଗାମୀ ରେଖା।
ନାରୀ ର ଶ୍ରୀଙ୍ଗାର କରେ ମନୋହର
ଅଧିକାର ତା'ର ସର୍ବ ଜନ୍ମର।
ମଥାରେ ସିନ୍ଦୁର ପାଦରେ ଝୁଣ୍ଟିଆ
ହାତରେ ସାରା ଜୀବନର ଅବୁଝା ଭାର ।

ନାରୀ ସ୍ରୋତ ଭରା ନଦୀ ପରି ବହିଯାଏ କୂଳଲଘି ।
ସମୁଦ୍ରର ଅଗାଧ ଜଳରାଶି ମଧ୍ୟରେ।
ଅସ୍ତିତ୍ୱ ହଜାଇ ନିଜକୁ ଖୋଜୁଛି
ପାଇବାର ଆଶା ନାହିଁ ମନରେ।
ପୁଣି ଶାନ୍ତି ନାହିଁ ସଂସାର ରୁପି ମାୟା ମଧ୍ୟରେ।
ନାରୀ ର ଆଶାବାଦୀ ନେତ୍ର
କଜଳ ଧାର ର ନିଘୋଟ କାଳିମା।
ହଜିଯାଏ ସେଠୀ ଲେଉଟାଣି ର ଅସ୍ପଷ୍ଟତା ।
ହଜାରେ ପ୍ରଶ୍ନ ର ଗୋଟିଏ ଉତ୍ତର
ନାରୀ କରିଛି ସମ୍ମାନର ପରିଧିରେ
ବଞ୍ଚିବାର ନିଛକ ପ୍ରୟାସ।
ସରଳ ହୃଦ ଗଣିତ ସମ ବୁଝିବା ସହଜ
କସିବାର ସମୟସୀମା କଷ୍ଟ ସାଧ୍ୟ।
ଗୋଧୂଳିର କାଳିମାରେ ଲୁଚିଯାଉଥିବା।

ISSN NO.
2582-208X

ଅସ୍ତଗାମି ରବିର ଉଜ୍ଜ୍ୱଳ କୀରଣ।
ନାରୀ ର ଅସ୍ତିତ୍ୱ ହଜିଯାଏ ସେଠି
କାଳ ର କୋପରେ ସମସ୍ତ କବଳିତ।
ସର୍ବଦା ଚାହିଁଛି ନାରୀ ତା'ର ଅଧିକାର
ପାଇନାହିଁ କେବେ ଅସ୍ତିତ୍ୱ ତା'ର।
ପରିବାର ସଦୃଶ ମାୟା କବଳିତ
ହୁଏଚିର ଛଟପଟ ପ୍ରପୀଡ଼ିତ।
ପୁରାଣ କିମ୍ବଦନ୍ତୀ ନାରୀ ସର୍ବତ୍ର ପୂଜିତା ।
ତଥାବି ଆଜିସେ ନିର୍ଯାତିତା ନିର୍ମାୟର ଚିତ୍ରଲେଖା।
ଯୁଗ ଯୁଗ ଧରି ଅଧର୍ମର ଚାପ
କରିଚାଲିଛି ନାରୀ କୁ ସୋଷିତ ଲାଞ୍ଛିତ।
ଅଧିକାର ତା'ର ହଜି ଯାଇଛି
ସମାଜର ଆସଜ୍ର ତାଡ଼ନାରେ।
ପୁଣି ପ୍ରୋପାଗଣ୍ଡର ବିଭ୍ରାଟ
କରିଯାଏ ସମାଜରେ କଳଙ୍କିତ।
ତଥାବି ନାରୀ ସବୁ ସହି
ହୋଇଯାଇଛି ପାଷାଣ ପରି ସ୍ଥିର।
ନାରୀ ସହିଛି ନାରୀ ସହିବ
ସବୁରି କଷଣ ଧାରାକୁ।
ନାରୀ ଆଜିବି ଚାହିଁ ରହିଛି
ତା'ର ଅଧିକାର ତା'ର ଆତ୍ମ ସମ୍ମାନକୁ।
ଯୁଗ ପରେ ଯୁଗ ବିତି ଚାଲିଛି ଏଠି
ହେଲେ ଯୁଗରେ ଯୁଗର ସମତା କାହିଁ।
ଆଧୁନିକ ନାରୀ ଆଗେଇ ଚାଲିଛି
ତଥାବି ଲାଞ୍ଛିତା ବଞ୍ଚିତା ହୋଇ।
କୋହର ସମୁଦ୍ର ତାଡ଼ନାର ସ୍ରୋତ
ପ୍ରବାହିତ କରେ ନାରୀର ଅସ୍ତିତ୍ୱ।

ISSN NO.
2582-208X

ନାରୀ ଆଜି ଶିକ୍ଷିତା ନାରୀ ଆଜି ସମ୍ମାନିତା।
ନାରୀ ଦେଖାଇଛି ସଂସାରକୁ ନୂତନ ପଥ।
ନାରୀ ପୁରୁଷର ଅର୍ଦ୍ଧାଙ୍ଗିନୀ
ନାରୀ ସକଳ ଦୁଃଖ ର ହିତ କାରିଣୀ।
ନାରୀ ଚିତ୍ରଭାନୁ ନାରୀ ବିଶ୍ୱମ୍ଭରା
ନାରୀ ହିଁ ଜଗତ ସୃଷ୍ଟିର କେନ୍ଦ୍ର ବିନ୍ଦୁ।
ନାରୀ ଚାହିଁଛି ବଞ୍ଚିବା ପାଇଁ
ସର୍ବଦା ତା'ର ସମ୍ମାନ ତା'ର ସ୍ୱାଧୀନତା।
ଶେଷରେ ତା'ର ଅଧିକାର ତା'ର ଅଧିକାର।

ସ୍ନାତକୋତ୍ତର
ଓଡ଼ିଆ ଭାଷା - ସାହିତ୍ୟ ବିଭାଗ
ରମାଦେବୀ ମହିଳା ବଶ୍ୱବିଦ୍ୟାଳୟ, ଭୁବନେଶ୍ୱର

ISSN NO.
2582-208X

# ଭିନ୍ନ ମଣିଷ



ଜୟ କୁମାର ମିଶ୍ର

ଭିନ୍ନ ମଣିଷଟି, ତା'ର ସାହସଟି
ଚତୁର ନିଆରା ଅଟେ,
ପେଞ୍ଚପାଞ୍ଚ ବୁଦ୍ଧି, ମୁଣ୍ଡେ, ଖୁନ୍ଦାଖୁନ୍ଦି
କରେ, ହୁରି ବାଟେ ଘାଟେ ॥
ସାହି ପଡିଶାରେ, ଘର ଓ ବାହାରେ
ସବୁଠିତ ଏକା କଥା,
ନାହିଁ ଲଘା, ପଘା, ଜାଗା ଓ ଅଜାଗା
ନାହିଁ କାଳ, ବେଳ ଚିନ୍ତା ॥
ଭଲ କର ଅବା, ମନ୍ଦ କରୁ ଥାଅ
ସବୁକୁ, ସମାଲୋଚନା,
ବ୍ୟଙ୍ଗ, ବିଦ୍ରୁପରେ, ପରିହାସ କରେ
କହି କେତେ ଅନାବନା ॥
କରିଲେ, ନାରାଜ, ନକରିଲେ ତେଜ
ମଉଳି, ମଳିନ ପଡେ,
ଶିଖାଇ, ମାତାଇ, ପର ମୁଣ୍ଡ ଖାଇ
କପଟ ମହଲ ଗଢେ, ॥

ISSN NO.
2582-208X

ପର, ସୁଖ ଶିରୀ, ଲାଗଇ ବଇରୀ
ପ୍ରଶଂସାରେ ଜଳାପୋଡା,
ପୁକୁଡା କୁକୁର, ବୃଥା ହରବର
କହେ କେତେ ମନ ଗଢ଼ା ॥
ଶାନ୍ତି ସେ, ଚାହେଁନା, ଶାନ୍ତି ସେ ଦିଏ ନା
ଜନମ, ପ୍ରକୃତି, ବେଳା,
କିଏ ମୁହଁ ମୋଡୁ, ବଚନ ଫୋପାଡୁ
ନିଜର ବାଟରେ ଚଳା ॥
ଇନ୍ନତି ଚାହେଁନା, ଉନ୍ନତି କରେନା
ମନବ୍ୟାଧି, ରୋଗଗ୍ରସ୍ତ,
ହଲିବା ପାଣିରେ, ପାଦ ଥାପିବାକୁ
ନକରଇ ସେ' ମନସ୍ତ ॥
ବେଶ,ବାସ ସିନା, ଡଉଲ ଡାଉଲ
ବୁଦ୍ଧି ନାହିଁ ଅନୁରୂପ,
ଗୋଠ ଖଣ୍ଡିଆଟି, କରୁ ଥାଏ ଖଟି
ପହଲା ଏଣ୍ଡୁଅ ରୂପ ॥
ପାଣିରେ କାଢ଼ିଇ, ନିଆଁ ହୁଳା ସେହି
ବଡ଼ ପାରିବାର ହୋଇ,
କା'ଘର ବୁଡ଼ାଏ, ଧନ ମାନ ନିଏ
କାଢ଼ି ନାଟକର ଛଇ ॥
ପେଟେ, ପେଟଭରା, ମାମଲା ବୁଦ୍ଧିଟି
ଜଟିଳ, କୁଟିଳ ଚିନ୍ତା,
ନିରୀହ, ଅଜ୍ଞଙ୍କୁ, ଶିଷ୍ୟ କରିବାକୁ
ଖୋଜୁଥାଏ ବହୁ ପନ୍ଥା ॥

ISSN NO.
2582-208X

ବୁଣି ମାୟା ଜାଲ, ଶିକାରୀର ଚାଲ
ନିତି ବୁଣି ବୁଣି ଚାଲେ,
କିଏ ଫସିଯାଏ, କିଏ ବିଷ ଖାଏ
ରଣ ଘରେ କଲବଲ ॥
ପର ମୁଣ୍ଡେ ଅଠା, ବୋଳି ଖାଉଥିବ
ମିଠା ପଣସର ଖୋସା,
ଅମାୟିକ ଲୋକ, ପାଇ ବହୁ ଦୁଃଖ
ହେଉ ଥାଏ ଲୋକ ହସା ॥
ଭିନ୍ନ ମଣିଷଟି, ରୁହେ ଏଠି ସେଠି
ଗାଆଁଠୁ ସହର ଠାରେ,
ସାହି, ପୋଢ଼ଶୀରେ, ଦାଣ୍ଡ ବାଢ଼ି ଟିରେ
ନିଇତି ଯାତରା, କରେ ॥

ବୁଦୁର୍, ଗୋରିବନ୍ଧା
ଗଜପତି, ଓଡିଶା, 761296,
ଯୋଗାଯୋଗ 6372127449

ISSN NO.
2582-208X

# ଧର୍ମକୁ ଆଖି ଠାର



ଆକୁଳାନନ୍ଦ ପୃଷ୍ଟି

ବଡ଼ ବଡୁଆ ହେ
ଅନ୍ଧାରେ ଆସ ଆଲୁଅରେ ଯାଅ
ମର୍ତ୍ତ୍ୟେ ଆସିଥିଲ ବୁଲି
କଣ ଦେଖିଲ କେତେ ଖୁସି ହେଲ
କହିବ କି ଟିକେ ଖୋଲି ?
ତୁମ ଭିଟା ମାଟି ବଦଳି ଗଲାଣି
ନାହିଁ ଝାଟି ମାଟି ଘର
ପର୍ବ ପର୍ବାଣୀରେ ଲିପା ପୋଛା ନାହିଁ
ହେଉନି ସଫା ସୁତର ।
ଘର ଦ୍ୱାର ସବୁ ମାର୍ବଲ ଚଟାଣ
କପଡ଼ାରେ ପୋଛା ହୁଏ
ବିଲାତି କୁକୁର ଜଗିଛି ଦୁଆର
ଛାଇକି ଦେଖିଲେ ଡିଏ ।
ପୁଅ ବୋହୂ ତାଙ୍କ ଗୋଟିଏ ସନ୍ତାନ
ଏଇ ତୁମ ପରିବାର

ISSN NO.
2582-208X

ଅନ୍ୟମାନେ ସବୁ ବିଦେଶେ ରୁହନ୍ତି
ଭାଇ ବନ୍ଧୁ ବିରାଦର ।
ସମ୍ପର୍କ ଏଠାରେ ସଉଦା ହେଲାଣି
ଭାଇକୁ ଚିଂହୁନି ଭାଇ
ଅର୍ଥ ଯେଉଁଠି ସମ୍ପର୍କ ସେଇଠି
ଲୋଭ ଛାଡ଼ି ଭାବ ନାହିଁ ।
ବଞ୍ଚିଥିବା ବେଳେ ସେବା ତ କଲେନି
ଦେଲେନି ମୁଖେ ଆହାର
ଶ୍ରଦ୍ଧା ଟିକେ ନାହିଁ ଶ୍ରାଦ୍ଧ ଦେଉଛନ୍ତି
ଧର୍ମକୁ ଆଖି ଠାର ।
ଯେଉଁଠି ବି ଅଛ ଯେଉଁ ପରି ଅଛ
ସେଇଠି ଭଲରେ ଥାଅ
କାହିଁକି ଆସିବ ବରଷକୁ ଥରେ
ଦେଖିବାକୁ ଅଭିନୟ ।

ଅବସରପ୍ରାପ୍ତ ପ୍ରଧାନଶିକ୍ଷକ
ମହାଳପଡ଼ା କଖଡି କଟକ

ISSN NO.
2582-208X

# ସ୍ୱାଧୀନତା ସ୍ୱାଧୀନତା ସଭିଙ୍କ ମୂଖରେ ଆଜି

ଶ୍ରାବଣୀ ଜେନା

ସ୍ୱାଧୀନତାର ଆହ୍ୱାନ ଶୁଭାଯାଏ ଗାଁରୁ ସହର ଯାଏଁ ସଭିଏଁ ଏଠି ପାଳୁଛନ୍ତି ସ୍ୱାଧୀନତା। ଆଜିବି ଅନେକ ନିରିହ ରହିଯାଇଛନ୍ତି ସେହି ଅନ୍ୟାୟ, ଅନୀତି, ଅତ୍ୟାଚାର, ଶୋଷଣ, ପରାଧୀନତାର ଶିକାରରେ। ଆଜିବି ଅଫିସରୁ ନ୍ୟାୟଳୟ ସବୁଠିଏବେ ଅର୍ଥର ବିସ୍ତାର । ନ୍ୟାୟଳୟ ପଛରେ ଚାଲିଛି ଏବେ ଅନେକ କଳା କାରବାର ସତ୍ୟ ନ୍ୟାୟ କୁ ଏଠି ଚାପି ଦିଆଯାଏ ମିଥ୍ୟାର କବରରେ । ନାରୀ ହୁଏ ନିର୍ଯାତିତ, ଦୁଷ୍କର୍ମର ଶିକାର, ନ୍ୟାୟ ପାଇଁଯାଏ ଯେବେ ନ୍ୟାୟଳୟ ପୋଲସଠାରୁ ମିଳେ ତାକୁ ମିଥ୍ୟା ପ୍ରଲୋଭନା, ମରଣର ଧମକ, ପୁଣି ତାକୁ ସାମ୍ନା କରିବାକୁ ପଡେ ତାକୁ କୋର୍ଟ ର ତାରିଖ ପରେ ତାରିଖକୁ।

ଇତିହାସ କହେ "ନାରୀ ଫୁଲପରି କୋମଳ" ମାତ୍ର ଏହି ପୁରୁଷ ପ୍ରାଧାନ୍ୟ ସମାଜରେ ନାରୀ ଏବେ ଉପଭୋଗ ଓ ମନୋରଂଜନର ସାମଗ୍ରୀ । ନାରୀ ଜନ୍ମେ କେତେ ଆଶା ନେଇ କରିବାକୁ ଅନେକ କିଛି କାର୍ଯ୍ୟ ମାତ୍ର ପଶୁପଲ ତାକୁ ଫୁଲଟିଏ ହୋଇ ଫୁଟିବା ଆଗରୁ ଦିଅନ୍ତି ପାଦରେ ଦଳି । ନିର୍ଭୟା, ବେବିନା, ଇତିଶ୍ରୀ, ମାନସୀ, ମୋମିତା ସଭିଏଁ ଏଠି ଶୋଷିତ ଅବହେଳିତ କେତେ ସ୍ୱପ୍ନ ଥିଲା କରିବ ସେ ଦେଶ, ଜାତିର ସେ ସେବା । ମାତ୍ର କିଛି ଦୋଷ ନଥାଇବି ତାକୁ ମରିବାକୁ ପଡ଼ିଲା କାରଣ ଝିଅ ହୋଇ ଜନ୍ମ ହବାଟା ହିଁ ତାର ଭୁଲ୍ ଥିଲା ।

ଏଠି ଧର୍ମ ଉପରେ ଅଧର୍ମର ଜୟ, ଏଠି ନିରିହ ପାଏ ଫାଶି ଦୋଷୀ ଯାଏ ଖସି । ଏଠି ଆଇନ୍ ଅଛି ସରକାର ଅଛି ହେଲେ ଆଇନକୁ ସଠିକ୍ ଭାବରେ କାର୍ଯ୍ୟକାରୀ କରାଯାଉନି। ସବୁଠି ଏବେ ଅର୍ଥର ପ୍ରଭାବ ବିସ୍ତାର । ଅର୍ଥ ଦେଇ ଏଠି ଆଇନକୁ କିଣା ଯାଉଛି । ନିରିହ ଏଠି ସବୁ ରାତି କାନ୍ଦି କାନ୍ଦି ଅନାହାରରେ ମରୁଛି ସବୁ ପରେବି ଏଠି ମିଥ୍ୟା ରାଜନୀତି ଚାଲିଛି "ଦୁର୍ବଳ ଉପରେ ସବଳର ଅତ୍ୟାଚାର ଚାଲିଛି" ସବୁ ପରେବି ଏଠି ଆମେ ସ୍ୱାଧୀନ ବୋଲି ଚିତ୍କାର ରେ କୁହାଯାଉଛି ।

ବବକରପୁର, କେନ୍ଦ୍ରାପଡ଼ା

ISSN NO.
2582-208X

# ଅଭୁଲା ଅତୀତ



ସୁଲତା ସାହୁ

ଅତୀତକୁ କିଏ ଭୁଲିପାରେ କୁହ
ସ୍ମୃତି ସେତ ଅପାସୋରା
ବର୍ତ୍ତମାନ ଆଉ ଭବିଷ୍ୟତ ଯେତେ
ଅତୀତ ଲିପିରେ ଗଢ଼ା
ଅତୀତଟା କେବେ ବାସ୍ନା ହେନାର
ସୁଗନ୍ଧିତ ସମିରଣ
ମୃଦୁ ମଳୟର ଚୋରା ଚଇତାଳି
ପୁଲକିତ କରେ ପ୍ରାଣ
ଅତୀତଟା କେବେ ସୁନେଲି ସନ୍ଧ୍ୟାର
ଗୋଧୂଳି ବେଳର ସାକ୍ଷୀ
ପୁନେଇଁ ଜହ୍ନର ଶୀତଳ ରଜନୀ
ଶ୍ରାବଣର ଭିଜାମାଟି
ଅତୀତଟା କେବେ ନୀଳ ସାଗରର
ତରଙ୍ଗୟିତ ଢେଉମାଳା
ଶାନ୍ତ ସୁନ୍ଦର ସ୍ନିଗ୍ଧ ଶୀତଳ
ନୀଳ ବିଚି ମୁକ୍ତାମାଳା
ମନମଧ୍ୟେ ଯେବେ ଉଠଇ ଜୁଆର
ପ୍ରଚଣ୍ଡ ବେଗରେ ମାଡି
ବୁଡାଇସେ କୂଳ ଲଂଘି ଗିରିମାଳ
ଉତ୍ତାଳ ତରଙ୍ଗ ଭଳି

ISSN NO.
2582-208X

ଅତୀତଟା କେବେ ଉତ୍ତପ୍ତ ମାର୍ତ୍ତଣ୍ଡ
ଟାଇଁଟାଇଁ ଖରାବେଳ
ଜାଳି ପୋଡ଼ି ଯାଏ ଦେହ ଆଉ ମନ
ଭାରାକ୍ରାନ୍ତ କରିପ୍ରାଣ
ଜଳାଏ ସେ ଖାଲି ଯନ୍ତ୍ରଣା ମଧ୍ୟରେ
ବିଦାରଣ କରି ଛାତି
ବିନ୍ଦୁବିନ୍ଦୁ ହୋଇ ଝରାଏ ରୁଧିର
ଲୁହରେ ଭିଯାଏ ଆଖି
କାଗଜର ପୃଷ୍ଠା ଓଦା କରିଯାଏ
ଏଭଳି ସ୍ୱରୂପ ତାର
ଥରାଏ ସେ ବୁକୁ କମ୍ପାଏ ହୃଦୟ
ନଥାଇ ଶୀତ କାକର
କେତେ ଚିହ୍ନା ମୁହଁ ଆପଣାର ଲୋକ
ଭାସିଆସେ ସ୍ମୃତିପଟେ
ବସି ନିରୋଳାରେ ଝରକା ଫାଙ୍କରେ
ଯେବେ ମୁଁ ତାକୁ ଭାବିବସେ
ଉଙ୍କିମାରେ ସେଇ ଅତୀତର ଚିତ୍ର
ହୃଦୟର କାନଭାସରେ
ହୃଦୟର କାନଭାସରେ....!!
ଅତୀତକୁ କିଏ ଭୁଲିପାରେ କୁହ
ଅତୀତ କାହାର ନାହିଁ...?
ହସଲୁହ ଭରା କରୁଣ କାହାଣୀ
ଲୋତକେ ଲେଖା ତା ଇତି

ଅତିଥି ଅଧାପିକା,
ଓଡିଆ ଭାଷା ସାହିତ୍ୟ ବିଭାଗ
ରମାଦେବୀ ମହିଳା ବିଶ୍ୱ ବିଦ୍ୟାଳୟ

ISSN NO.
2582-208X

# କରିତ କରମା



ଜୟନ୍ତୀ ଦେବୀ

କରିତ କରମା କାଳିଆ ସୁନା ।
କେ କରି ପାରିବ ତାର କଳନା ।।
କଂଜ ସୁନ୍ଦର ବଦନ ଶ୍ରୀଧର ।
କରୁଣା ସାଗର ରଙ୍ଗା ଅଧର ।।
କମଳା ବିଳାସ ଶ୍ରୀ ହୃଷୀକେଶ ।
କବି କବିତା ସେ ରମା ବିଲାଶ ।।
କରମ ରୂପୀ ସେ କଳା ମାଧବ ।
କଳି କଳୁଷ ନାଶନ କେଶବ ।।
କମ୍ବୁ କଟକ ସମ୍ରାଟ ଗୋବିନ୍ଦ ।
କଳା କାହ୍ନୁ ହରି ପରମାନନ୍ଦ ।।
କେକୀ ପୁଚ୍ଛ ଚୂଳିଆ ରାଧାକାନ୍ତ ।
କରଣ କାରଣ ଦେବ ଅଚ୍ୟୁତ ।।
କଳମଶ ହାରୀ କଳା ବାମନ ।
କରୀ କୁରଙ୍ଗୀ ତାରଣ ଶ୍ରୀକୃଷ୍ଣ ।।

ମହୁ, ଆଳ,କେନ୍ଦ୍ରାପଡ଼ା
ପିନ୍ 754231

ISSN NO.
2582-208X

# ‘ଶବରୀ’ କାବ୍ୟରେ ରୋମାଣ୍ଟିକ ଚେତନା



ହୃଷୀକେଶ ମହାନ୍ତ

ଉତ୍ତର ସତୁରୀ ଓଡ଼ିଆ କାବ୍ୟକବିତାରେ ଏକ ପ୍ରମୁଖ ସ୍ୱର ହେଉଛନ୍ତି ଡ.ପ୍ରତୀଭା ଶତପଥୀ। ସାଂପ୍ରତିକ ମଣିଷ ସମାଜରେ ବ୍ୟକ୍ତିତ୍ୱର ଅଧପତନ, ଶଠତା, ଆଧ୍ୟାତ୍ମିକ ସଂକଟ, ନାରୀ ଜୀବନର ଦୁଃଖ -ଦୁର୍ଦଶା, ଅସହାୟତାବୋଧ ଉପରେ କବିୟତ୍ରୀ ଲେଖିନି ଚାଳନା କରିଥିଲେ ମଧ୍ୟ ତାରି ଭିତରେ କବିଚାତୁରୀ ଫୁଟି ଉଠିଛି। ତାଙ୍କ କବିତାଗୁଡିରେ ବିଷାଦବାଦୀ, ପ୍ରକୃତି ପ୍ରେମୀ ସ୍ୱର ସହିତ ଆମେ ଭେଟୁ ବାମାବାଦୀ ଚେତନାକୁ। ଯାହା ନାରୀମାନଙ୍କର ଅନ୍ତଃ ମନର ଗହନ କଥାକୁ ପ୍ରକାଶ କରିବା ସହିତ ସେମାନଙ୍କ ସ୍ୱାଧୀନତା ଓ ପୁରୁଷ ପ୍ରାଧାନ ସମାଜ ବିରୁଦ୍ଧରେ ପ୍ରତିବାଦ କରିବାର ସ୍ୱର ସଞ୍ଚାର କରେ। ତାଙ୍କ କବିତା ଗ୍ରନ୍ଥ ଗୁଡ଼ିକ ମଧ୍ୟରେ ଗ୍ରସ୍ତ ସମୟ(୧୯୭୪), ସାହାଡ଼ା ସୁନ୍ଦରୀ(୧୯୭୮), ନିୟତ ବହୁଧା(୧୯୮୦), ନିମିଷେ ଅକ୍ଷର(୧୯୮୫), ମହାମେଘ(୧୯୮୫), ଶବରୀ (୧୯୯୧), ତନ୍ମୟ ଧୂଳି (୧୯୯୬), ଅଧାଅଧା ନକ୍ଷତ୍ର (୨୦୦୧) ଆଦି ରଚନା କରି ଓଡ଼ିଆ ସାହିତ୍ୟକୁ ପରିପୃଷ୍ଟ କରିଛନ୍ତି।

ମନୁଷ୍ୟର ଭାବପ୍ରବଣତା ସହିତ ବିଷର୍ଣ୍ଣ ଅନୁଭୂତି, ଯୌବନର ଭାବାବେଗ ଓ ଉନ୍ମାଦ ସହିତ ଯୌବନୋତ୍ତର ଜୀବନର ବିମର୍ଷତା, ସ୍ୱପ୍ନିଳ ମାନସିକତା ସହିତ ସ୍ୱପ୍ନହୀନ, ଅପ୍ରାପ୍ତି ଓ ନୈରାଶ୍ୟବୋଧ, ତରୁଣସିକ୍ତ ଉଦ୍ଦାମତା ସହିତ ଉତ୍ତରାର୍ଦ୍ଧ ଜୀବନର ବାସ୍ତବ ଅନୁଭୂତି, ତାରୁଣ୍ୟର ଚନ୍ଦ୍ରଚର୍ଚ୍ଚିତ ସ୍ୱପ୍ନିଳ ପରିବେଶ ସହିତ ଧୂସର ପୃଥିବୀର ପ୍ରଚଣ୍ଡତା, କୋମଳ ପ୍ରସ୍ଫୁଟିତ ଜୀବନର ଆବେଗ ସହିତ ଆବେଗହୀନତା ଜୀବନରେ ଶିଥିଳତା ଭରିଦିଏ।

ISSN NO.
2582-208X

ତଥାପି ଏହି ପ୍ରତ୍ୟକ୍ଷ ପ୍ରାଣଟି ପ୍ରାପ୍ତିର ଆଶାରେ ଅଧିର ହୁଏ, ବିଫଳତା ଓ ଅପ୍ରାପ୍ତିରେ ବିଧୁରା ବି ହୁଏ। ଆଲୋଚ୍ୟ ଶବରୀ କାବ୍ୟରୁ ଏହା ବିଚାର୍ଯ୍ୟ ।

ଡ. ପ୍ରତିଭା ଶତପଥୀଙ୍କ 'ଶବରୀ' ଏକ ମିଥ୍ ଧର୍ମୀ କାବ୍ୟ। ଏହାର କଥାବସ୍ତୁ ରାମାୟଣରୁ ଭାବସାର ସଂଗ୍ରହ କରିଥିଲେ ମଧ୍ୟ ଏଥିରେ ଆଧୁନିକ ଜୀବନଚର୍ଯ୍ୟାର ପ୍ରତିଛବି ନିହିତ। ଶବରୀ କବିତା ଗ୍ରନ୍ଥଟି ଚାରିଗୋଟି ଭାଗରେ ବିଭକ୍ତ କରାଯାଇଛି। ଏହି ବିଭାଗ ଗୁଡ଼ିକର ସ୍ୱତନ୍ତ୍ର ନାମକରଣ ରହିଛି ଏବଂ ପ୍ରତ୍ୟେକ ବିଭାଗରେ କେତେକ କବିତା ରହିଛି। ଏହି କବିତା ଗ୍ରନ୍ଥର ବିଭାଗ ଗୁଡ଼ିକ– 'ବ୍ୟତୀତକାଳ', 'ନିମୀଳନ', 'ମନ୍ତ୍ରସିଦ୍ଧା' ଓ 'ପୃଥ୍ୱୀରୂପା' ସେହିପରି କବିତାଗୁଡ଼ିକର ସଂଖ୍ୟା କ୍ରମରେ ଶୀର୍ଷକ ରହିଛି। ଶବରୀ ଏଠାରେ ପ୍ରତୀକ୍ଷାର ମୂର୍ତ୍ତିମନ୍ତ ପ୍ରତୀକ ହୋଇଥିଲେ ମଧ୍ୟ ଅପ୍ରାପ୍ତି ଓ ନୈରାଶ୍ୟ ମନୋଭାବ ବେଳେ ବେଳେ ଧୈର୍ଯ୍ୟରୁ ବିଚ୍ୟୁତି ଘଟାଏ। ଏହି ସମୟରେ ବ୍ୟକ୍ତି ସତ୍ତାର ସମସ୍ତ ଭାବାବେଗର ପରିସ୍ଫୁଟନ ଘଟେ ଏବଂ ଅନ୍ତରରୁ ଉଖାରି ହୋଇପଡେ ଜୀବନ ଅନ୍ତରାଳରେ ଲୁକ୍କାୟିତ ଥିବା ସମସ୍ତ ଆତ୍ମଚିନ୍ତନର ବିସ୍ତୃତ ବିବରଣୀ। କାବ୍ୟ ନାୟିକା ଆତ୍ମ ବିଶ୍ଳେଷଣ କରି ନିଜକୁ ପରଖେ, ତହିଁରୁ ଉଦ୍ଭାସିତ ହୁଏ ଏକ ଭିନ୍ନ ଚରିତ୍ର ଯାହା ମୂଳ ଚରିତ୍ର ଠାରୁ ସମ୍ପୂର୍ଣ୍ଣ ପୃଥକ। ଯିଏ ପରମ ପ୍ରେମିକ ଠାରୁ ମୁକ୍ତି ଚାହେଁ ନାହିଁ ବରଂ ପରମ ପ୍ରେମିକକୁ ନିଜର କରିବାକୁ ଚାହେଁ।

ଡ. ପ୍ରତିଭା ଶତପଥୀଙ୍କ କାବ୍ୟ ନାୟିକା 'ଶବରୀ' ପ୍ରଥମ ଦୁଇଟି ପର୍ଯ୍ୟାୟରେ ଏକ ଯୌବନସିକ୍ତା ସାଧାରଣ ପ୍ରେମଶୀଳା ତରୁଣୀରୁ ଉତ୍ତରଣ ଘଟି କାବ୍ୟର ଶେଷ ଦୁଇଟି ଅଧ୍ୟାୟରେ 'ଶବରୀ' ଭୂମିକାରେ ଅବତୀର୍ଣ୍ଣ ହୋଇଛି। ପ୍ରାଥମିକ ପର୍ଯ୍ୟାୟରେ ସାଧାରଣତଃ ଏକ ତରୁଣୀ ସ୍ୱପ୍ନଭାବାପନ୍ନ ହେବା ସ୍ୱାଭାବିକ କଥା। ସ୍ୱପ୍ନିଳ ମନ ଓ ମନନ ସହିତ ଅପେକ୍ଷାରତ ନୟନ ମଧ୍ୟ ଚାହିଁ ରହିଥାଏ କାହାର ଫେରିବା ବାଟକୁ। ମନରେ ଚଞ୍ଚଳତା ସହିତ ଅଙ୍ଗରେ ମଧ୍ୟ ଚଞ୍ଚଳତା ଭରିଯାଏ। ଯୌବନର ମଧୁର ସ୍ପର୍ଶରେ ତଲ୍ଲୀନ ହୁଏ ମନ, ସ୍ୱପ୍ନିଳ ହୁଏ ରାତି। ସେହି ମଧୁର ଯନ୍ତ୍ରଣା ଓ ଲାଞ୍ଛନାରେ ପୀଡିତ ହୁଏ କାବ୍ୟ ନାୟିକା। ପ୍ରତି କ୍ଷଣରେ ନିଜ ଅନ୍ତରରେ ଅନୁଭବ କରିନିଏ ସେହି ପରମ ପ୍ରେମିକର ସ୍ପର୍ଶ ଓ ଘନିଷ୍ଠତା। ପୁଣି ବାତୁଳି ପରି କହିଯାଏ—

ISSN NO.
2582-208X

ତୁମେ ପୁଣି ମୋ ସତ୍ତାକୁ ତୋଳି ନେଲ
ଜାକି ଧରିଲ
ତୁମର ଅନ୍ତରୀକ୍ଷ ସମ ହୃଦୟରେ
ସ୍ତବ୍ଧ ମୁଁ ଶ୍ରବଣ ଡେରି
ଶୁଣୁଥିଲି ହୃତ୍ ସ୍ପନ୍ଦନ ତୁମ
ବାଜୁଥିଲା ମୋ ଛାତି ଭିତରେ
ପୁଣି ଚରାଚର ବ୍ରହ୍ମାଣ୍ଡ ଯାକରେ
ୟେ କି ଆଲିଙ୍ଗନ
କିବା ୟେ ନିସ୍ତବ୍ଧ ମୃତ୍ୟୁ। (ପୃଷ୍ଠା -୨)

କାବ୍ୟ ନାୟିକା ଏଠାରେ କବ୍ୟନାୟକ ପ୍ରତି ସମ୍ପୂର୍ଣ୍ଣ ସମର୍ପିତା। ତାଙ୍କର ପ୍ରତିଟି ଭାବନାରେ ନାୟକକୁ ପାଇବାର ଜିଜ୍ଞାସା ପ୍ରତିଫଳିତ । ପ୍ରେମର ସ୍ୱରୂପ ସମ୍ପର୍କରେ ରବିନ୍ଦ୍ରନାଥ ଟାଗୋର କୁହନ୍ତି- "ଯାହାକୁ ଆମେ ଭଲ ପାଉ, କେବଳ ତାଆରି ମଧ୍ୟରେ ଆମେମାନେ ଅନନ୍ତର ପରିଚୟ ପାଉ, ଏପରିକି ଜୀବ ମଧ୍ୟରେ ଏହି ଅନନ୍ତକୁ ଅନୁଭବ କରିବାର ଅନ୍ୟନାମ ହେଉଛି ପ୍ରେମ । ଅନୁରୂପ ଭାବେ କାବ୍ୟ ନାୟିକା ନାୟକ ପ୍ରେମରେ ତଲ୍ଲୀନ । ସେ ଏହା ମଧ୍ୟ ଜାଣି ପାରେ ନାହିଁ- ସେ ମୃତ ଅବା ଜୀବିତ। ଏହିପରି ରାତି ଯାଏ ରାତି ଆସେ । କାବ୍ୟ ନାୟିକା କେବଳ ସ୍ୱପ୍ନରେ ଭେଟକରେ ତାର ପ୍ରତିକ୍ଷିତ ପ୍ରେମିକକୁ। ଅପେକ୍ଷାନଳରେ ସୁବର୍ଣ୍ଣ-ଶରୀରକୁ ଢାଳି ଦେଇ ଏରୁଣ୍ଡିରୁ ଦୂରଚକ୍ରବାଳ ଯାଏ ଦୃଷ୍ଟି ଫେରାଇଆଣେ କିନ୍ତୁ ପ୍ରେମିକ ଏ ଇଲାକାରୁ ଅପହଞ୍ଚ । ଯେତେବେଳେ ଆଖିର ପଲକ ଅସ୍ତମିତ ସୂର୍ଯ୍ୟ ପରି ଢଳିଆସେ ସେତେବେଳେ ନିଜ କାୟା ଚିରି ବାହାରି ଆସେ ନୂଆ ସ୍ୱପ୍ନର ଇଲାକାକୁ ଯେଉଁଠି କାବ୍ୟ ନାୟିକା କେତେଥର ଝୁଣ୍ଟିପଡିଛି, ଅଧୈର୍ଯ୍ୟପଣ ଓ ଅପରିପକ୍ୱତା ଭିତରେ ସବୁକୁ ଡେଇଁ ସାରିଥାଏ। ଯେତେବେଳେ କାବ୍ୟନାୟିକା ଅନୁଭବ କରେ ଯେ, ଏହା ଏକ ସ୍ୱପ୍ନ, ନାୟକ ଆସିବା ମିଛ। ବାସ୍ତବ ଦୁନିଆ ସହ ତାର ପରିଚୟ ଘଟେ । ସେ ନିଜକୁ ପ୍ରଶ୍ନ କରେ- ଏ ରାତି ଆଉ କେବେ ଆସିବ କି ? ତେବେ ଆସିବାର ସମ୍ଭାବନା ନଥିବା ଅତିଥି ପାଇଁ ଏତେ ସବୁ ଆୟୋଜନ କାହିଁକି ? ଚନ୍ଦ୍ରାଲୋକର ଦୀପାଳି, ଫୁଲବିଛା ଭୂମି, ଫୁଲଝରା ଅରଣ୍ୟ, ଧପ୍ ଧପ୍ ଲକ୍ଷ ଲକ୍ଷ ତାରା ଯାହାର ସ୍ୱାଗତ ପାଇଁ ତୋରଣରେ ସଜାଡୁଥିଲା ତାହା ଆଜି କରୁଣ ଦିଶୁଛନ୍ତି। କାବ୍ୟନାୟିକା ଏଗୁଡିକୁ ଦେଖି

ISSN NO.
2582-208X

ସ୍ତବ୍ଧ ହୁଏ। ନାୟକ ଆସିବା ମିଛ, ସ୍ୱପ୍ନ ଦେଖିବା ବି ମିଛ ଥିଲା ବୋଲି ଭାବିଲା ବେଳକୁ କାବ୍ୟନାୟିକା ଚମକିପଡେ। ନାୟିକାର ଯୁଗ ଯୁଗର ଅସୁମାରୀ ଆଶା ଆକାଂକ୍ଷା ସବୁ ପାଣି ଫୋଟକା ପରି ମିଳେଇଯାଏ। ସେ ନିଜର ଭୁଲ୍ ବୁଝି ପାରେ ଏବଂ ନିଜକୁ ଏଥିପାଇଁ ଦୋଷାରୋପ କରେ—

ମେଘକୁ କାହିଁକି ଭଲ ପାଇଲି
କାହିଁକି ଏତେ ଦୂର ଜଙ୍ଗଲରେ
ସେ ଆକାଶଚାରୀ
ଘନିଭୂତ ବାଷ୍ପକୁ ମୁଁ
ଆଲିଙ୍ଗନ କରିବାର ଉତ୍କଣ୍ଠା ପୋଷିଲି ? (ପୃଷ୍ଠା -୩୨)

କାବ୍ୟର ପ୍ରାଥମିକ ପର୍ଯ୍ୟାୟରେ କାବ୍ୟନାୟିକା ଏକ ନାରୀ ସୁଲଭ ମନ ନେଇ ଆତ୍ମପ୍ରକାଶ କରିଛି। ଯେଉଁଠି ପ୍ରେମ ମାଧ୍ୟମରେ ନିଜର କରିବାର ଭାବନା କାବ୍ୟପୁରୁଷକୁ ସମ୍ପୂର୍ଣ୍ଣ ପାଇବାର ଆକାଂକ୍ଷା ନାୟିକାକୁ ଅଥୟ କରେ, ସ୍ୱପ୍ନ ଦେଖାଏ, ମୋହଗ୍ରସ୍ତ କରି ବିପଥଗାମୀ କରାଏ। ଯୌବନସିକ୍ତ ମନର ଏହା ସ୍ୱାଭାବିକ ପ୍ରତିକ୍ରିୟା। ପ୍ରେମଶୀଳା ଏକ ତରୁଣୀର ଆଶା ପିପାସାକୁ ନାୟକ ମେଣ୍ଟାଇବାରେ ଅସମର୍ଥ। କାରଣ ନାୟକ ଏଠାକୁ ଆସିବେ ଏହା କେବଳ ସମ୍ଭାବନା। ପ୍ରେମିକ ପୁରୁଷ ନଆସିବା କଥା ନାୟିକାର ଆତ୍ମା ବାରମ୍ବାର ଉଚ୍ଚାରିତ କରୁଥିଲେ ମଧ୍ୟ ଗୁରୁଙ୍କ କଥା ମିଛ ନଥିଲା କି ନାୟକ ଦେଇଥିବା ପ୍ରତିଶ୍ରୁତି ବି ମିଛ ନଥିଲା। ତେଣୁ ପ୍ରତ୍ୟକ୍ଷରେ ନାୟିକା ପ୍ରେମର ସାତ୍ତ୍ୱିକ କ୍ରିୟା ଦ୍ୱାରା ପୀଡିତ ହେବା ସ୍ୱାଭାବିକ। ସେ ଏହା ମଧ୍ୟ ଜାଣେ ଯେ, ତା ବ୍ୟତୀରେକେ ନାୟକର ଆଉ କେହି ନାହିଁ। ତେଣୁ ନାୟକ ଦିନେ ନିଶ୍ଚୟ ଆସିବେ। ତେଣୁ ସେ ବାରମ୍ବାର ଆସିବାର ପଥକୁ ଚାହେଁ, କେତେବେଳେ ଯଦି ପରମ ପ୍ରେମିକ ଆସିଯିବେ ସେଥିପାଇଁ ଦାଣ୍ଡଦୁଆରର ମାଳତୀ ଲତାରେ ଫୁଟିଥିବା ପେନ୍ଥି ଫୁଲକୁ ଏଖବର ଜଣାଏ। ପାଗଳିନୀ ପରି ଏପାରୁ ସେପାଖ ନିରେଖି ଦେଖିଲା ବେଳେ ପୁଞ୍ଜରୀର ଶୁଆ, ବନମୟୂରକୁ ମଧ୍ୟ ଆସିବାର ସୂଚନା ଦିଏ। କାରଣ କାବ୍ୟନାୟିକା ଶୁଣିଛନ୍ତି ମୁନି ଋଷିଙ୍କଠାରୁ ସେହି ପରମ ପ୍ରେମମୟ ପୁରୁଷ ଆସୁଛନ୍ତି। ଏଖବର ଶୁଣିବା ପରେ ବହୁ ପ୍ରତୀକ୍ଷିତ ପ୍ରାଣଟିରେ ଉତ୍ସହର ସୀମା ନାହିଁ। ମନରେ ଅନେକ ସଂଶୟ। ମୁଁ ଯେ ଅପରିଚ୍ଛନ୍ନ ସାଧାରଣ ବନବାସୀ, ବଳକଳ ପରିଧାନ

ISSN NO.
2582-208X

ସହିତ ଜଟାଯୁକ୍ତ କେଶ ରାଶି। ଯେଉଁ ସଜମଲ୍ଲୀଫୁଲ ଗଭାର ଶୋଭା ବଢାଇ ଥାଆନ୍ତା, ଯେଉଁ କେଶ ରାଶି କଳା ମେଘକୁ ନିନ୍ଦା କରିଥାଆନ୍ତା, ସେଠି ଆଜି କେରା କେରା ଜଟା । ତେଣୁ କାବ୍ୟ ନାୟିକା ଆତ୍ମାଭିମାନରେ ମିୟମାଣ । କବିୟତ୍ରୀଙ୍କ ଭାଷାରେ- ମୁହିଁ ବନବାସୀ/ବଳକଳ ମୋ ପରିହଣ/ ଜଟାଯୁକ୍ତ କେଶ / ମଉଳିଗଲାଣି ଦେଖ ମୋ ଗଳାରେ/ ଆଖି ମୋର ଲୁହ ଛଳଛଳ/(ପୃଷ୍ଠା-୪୧)

ପରମ ପ୍ରେମିକଙ୍କୁ ଥରେ ଦେଖିବାର ଆଶା ନେଇ ପ୍ରତୀକ୍ଷିତ ପ୍ରାଣଟି ତିଳ ତିଳ ଜଳି ଯନ୍ତ୍ରଣା ସବୁ ସହିଯାଏ। ସେ ନାରୀ ନୁହେଁ ସେ ପୃଥିରୂପା ଜନନୀ। ତାର ସକଳ ହତାଶା, ଅବସାଦ, ଅସହାୟ ସବୁତକ ପର୍ବତ ପ୍ରମାଣ ଉଭା ହେଲେ ମଧ୍ୟ ତାର ଧୈର୍ଯ୍ୟ ନିକଟରେ ପାଣି ଫୋଟକା ପରି ମିଳାଇଯାଏ। ଥରେ ଭେଟିବାର ଆଶାରେ ଏ ପ୍ରାଣଟିଜୀବିତ । ତାଙ୍କର ଆସିବା ମିଛ ନୁହେଁ। ସେ ଆସିବେ ଏକଥା ଅନେକେ କୁହନ୍ତି। କାବ୍ୟନାୟିକା ଯେତେବେଳେ ନିଜ ହୃଦୟରେ ସେ ଆସିବାର ଶବ୍ଦକୁ ଶୁଣନ୍ତି ଦୋଦୋ ଚିହ୍ନା ଲାଗେ ସେ ଆସିବାର ଶବ୍ଦ। ଶୀତାର୍ତ୍ତ ରାତିରେ ଯେତେବେଳେ ଏ ଶବ୍ଦ ଶୁଣାଯାଏ କାବ୍ୟ ନାୟିକା ଉଠି ପଡନ୍ତି। ତାଙ୍କୁ ପ୍ରତ୍ୟେୟ ହୁଏ, କେହି ଜଣେ ଆସିଛନ୍ତି, ଶୀତର୍ତ୍ତ ରାତିରେ ନାୟିକାଙ୍କ ଘର ପିଣ୍ଡାରେ ବସିଛନ୍ତି। ଅନ୍ଧାର ରାତିରେ କଳା ରଙ୍ଗର ଦେହ ଏକାକାର ହୋଇଯାଇଥିବ। ତେଣୁ ହୁଏତ ଦେଖି ହେଇ ନପାରେ କିନ୍ତୁ ଅଗଣାର ଧୂଳିରେ ପଦ୍ମପାଦ ଆଙ୍କି ହୋଇଯାଇଥିବ। ନାୟିକା ସେଥିପାଇଁ ବ୍ୟଗ୍ର ନଚେତ୍ ଶିଶିରର ବିନ୍ଦୁ ବିନ୍ଦୁ ଜଳ ସେହି ପାଦ ଚିହ୍ନକୁ ଲିଭାଇ ଦେଇ ପାରେ। ତେଣୁ ନାୟିକା ଇଛା କରନ୍ତି ପବନ ହୋଇ ସେହି ଦିଗରେ ବହିଯିବାକୁ। ନାୟିକା କେବେ ଭାବି ପାରେ ନାହିଁ ପ୍ରକୃତରେ ସେଇ ପରମପ୍ରେମିକ ଆସିବେ। ସେ କେବଳ ଶୁଣିଛି କେବେ ଦେଖି ନାହିଁ।

ତୁମେ ଆସ ବୋଲି
ଆଶା କରି ପାରେ ନାହିଁ
ଅଥଚ ମୋ ଭିତରେ କୋଉଠି
ଚଞ୍ଚଳ ନୀଳରକ୍ତର ଧାରାଟିଏ ନାଚୁଥାଏ । (ପୃଷ୍ଠା -୭୦)

ISSN NO.
2582-208X

ବିରହୀ କାବ୍ୟନାୟିକା ନିଜର ଭ୍ରମ ବୁଝି ସାରିବା ପରେ ତା' ପ୍ରେମରେ ଉତ୍ତରଣ ଘଟିଛି। ନାୟିକା ଏଠାରେ ସ୍ୱପ୍ନିଳ ତରୁଣୀରୁ 'ଶବରୀ' ଭୂମିକାରେ ଅବତୀର୍ଣ୍ଣ ହୋଇଛି। ଯାହାର ପ୍ରେମରେ କେବଳ ତ୍ୟାଗ ଓ ସମର୍ପଣ ଭାବ ରହିଛି। ପ୍ରତୀକ୍ଷା ତ ଯୁଗ ଯୁଗର, ସେଥିପାଇଁ କାବ୍ୟନାୟିକା ଶବରୀ ପ୍ରତିଥର ବାଟ ଭୁଲିଛି, କେତେଥର ଝୁଣ୍ଟିପଡିଛି ପୁଣି ସଳଖି ବାଟ ଚାଲିଛି ଜନ୍ମ ଜନ୍ମ ପର୍ଯ୍ୟନ୍ତ। ଏଠି ପ୍ରେମ ଅଛି, ଆଶା ଅଛି, ପ୍ରତୀକ୍ଷା ବି ଅଛି, ଯାହା ପାଇଁ ଶବରୀର ପ୍ରେମ ଗୋଟିଏ ଜନ୍ମରେ ପରିସମାପ୍ତି ଘଟିନାହିଁ। ପରମ ପୁରୁଷଙ୍କୁ ଭେଟିବାରେ ରହିଛି ଯୁଗ ଯୁଗର ପ୍ରତୀକ୍ଷା। ସମ୍ଭାବନାରେ ଯଦି କେଉଁ ଜନ୍ମରେ ଆସି ଯାଆନ୍ତି ତେବେ—

"ତତକ୍ଷଣାତ୍ ରଜ୍ଜୁଟିଏ ହୋଇ
ଛନ୍ଦି ଦିଅନ୍ତି ସଘନ
ପାଦ ତୁମ
ତୁମେ ଆଉ ଅପସରି ଯାଇ ପାରନ୍ତନି
ଆଞ୍ଜୁଳେ ଉଷ୍ମତା ହୋଇ
ଭେଦି ଯାଆନ୍ତି ଯଦି
ତୁମ ପ୍ରତି ଲୋମକୂପରେ ମୁଁ ।" (ପୃ-୫୬)

ଯଦି କେବେ କାବ୍ୟ ପୁରୁଷ ହଠାତ୍ ଆସି ଚାଲିଯାଆନ୍ତି ତେବେ ପୁଣି ଯୁଗ ଯୁଗ ପ୍ରତୀକ୍ଷା କରିବାକୁ ପଡିବ। କିନ୍ତୁ କାବ୍ୟ ନାୟିକା ଯୁଗ ଯୁଗର ଲାଞ୍ଛନାରେ ଜର୍ଜରିତ। ତେଣୁ ସେ ଚାହାନ୍ତି ପରମ ପୁରୁଷଙ୍କ ଅଙ୍ଗରେ ମିଳେଇ ଯିବାପାଇଁ, ଯାହା ଫଳରେ ଆଉ ଯୁଗ ଯୁଗର ଅପେକ୍ଷା ନଥିବ। ସେଥିପାଇଁ କାବ୍ୟନାୟିକା ପ୍ରେମିକା ସୁଲଭ ମନ ନେଇ ଅଭିମାନ ପୂର୍ବକ ପ୍ରେମିକ ପୁରୁଷର ପାଦ ଯୁଗଳକୁ ବାନ୍ଧି ଦେଇ ସ୍ୱସମ୍ମୁଖରେ ଦେଖି ଦେଖି ଯୁଗ ଯୁଗ ପ୍ରତୀକ୍ଷାର ଅନ୍ତ ଘଟାଇବାକୁ ଇଚ୍ଛା ପ୍ରକାଶ କରିଛନ୍ତି। ଏହି ପ୍ରତୀକ୍ଷିତ ପ୍ରାଣଟି ଧୈର୍ଯ୍ୟର ତାଡନାରେ ହୋଇଛି ଅସହାୟ, ନିରାଶ ଓ ନିର୍ମମ ଆକ୍ରୋଶର ମଧ୍ୟ ଶିକାର ହୋଇଛି। ତେଣୁ ଯାହାର ବାଟ ଚାହିଁ ସାରାରାତି ଉଜାଗରରେ ବିତିଯାଉଥିଲା ତାଙ୍କର ଆସିବାରେ ସେହି ଉତ୍ସୁକତା ଆଉ ନାହିଁ। ଏତେ ସମୟ ଯେ ଜଣଙ୍କୁ ଚାହିଁ ଚାହିଁ ଅତିବାହିତ କରିଦେଲେ, ସେହି ପ୍ରତୀକ୍ଷିତ ପ୍ରାଣରେ ଟିକିଏ ଆଶ୍ୱସ୍ତି ଦେବାକୁ କ'ଣ ତାଙ୍କର ମନବଳୁ ନାହିଁ। ମନରେ ଉଦାସର ଭସା ବାଦଲ ଧାର ଧାର ଲୁହ ଝରାଇ ଶେଷରେ ଗାଢ଼ ରାତିକୁ

ISSN NO.
2582-208X

ଆହୁରି ଗାଢ଼ତର କରିଦେଉଛି। ନାୟକ ଆସିବେ କି ଆସିବେ ନାହିଁ ଏହି ସନ୍ଦେହରେ କାବ୍ୟନାୟିକାର ଆକୁଳତା, ହୃଦ୍ ସ୍ପନ୍ଦନ ଧୀରେ ଧୀରେ ବଢିଚାଲିଛି। ସତରେ ସେ କ'ଣ ପରମ ପ୍ରେମିକ ଠାରୁ ଧୀରେ ଅପହଞ୍ଚ ହେଇ ଯାଉଛି। ଯଦିଓ ସେ ଜାଣେ ତା' ବ୍ୟତୀତ ନାୟକର ଆଉ କେହି ନିଜର ନାହିଁ। ତଥାପି ବିଳପିତ ମନଟି ସନ୍ଦେହର ଚକ୍ରବ୍ୟୂହରେ ଛଟପଟ।

ତୁମେ ଯେ ଆସିବ ନାହିଁ....
ଯଦିଓ ମୋ ଆତ୍ମାରେ ଲିଖିତ
ତୁମ ପ୍ରତିଶ୍ରୁତି
କେବେ ବି ମିଛ ନଥିଲା ।(ପୃଷ୍ଠା-୯୯)

କାବ୍ୟନାୟିକା ପରମପୁରୁଷଙ୍କ ସହିତ ଥରେ ଭେଟ ହେବାର ଆଶାରେ ଯୁଗ ଯୁଗ ପ୍ରତୀକ୍ଷା କରିଛନ୍ତି। ସମାଜର କେତେ ନିନ୍ଦା, ଭର୍ତ୍ସନା ପରେ ମଧ୍ୟ ଶବରୀ କେବେ ପରମ ପୁରୁଷକୁ ଭୁଲି ଯାଇନାହିଁ। ନିର୍ଜନତାରେ ବସିଥିବାବେଳେ ତାଙ୍କର ରୂପ ବର୍ଣ୍ଣନା କରେ, ଚିତ୍ର ଆଙ୍କେ, ମନ ମନ୍ଦିରରେ ପୂଜା କରେ ଭକ୍ତଟିଏ ପରି। ଯେହେତୁ କାବ୍ୟନାୟକ ପୁରୁଷ ନୁହେଁ ପରମ ପ୍ରମମୟ ପୁରୁଷ। ତେଣୁ ତାଙ୍କରି ଆସିବାର ଅପେକ୍ଷାରେ ଶତ ଯୁଗ ବି ପ୍ରତୀକ୍ଷା କରାଯାଇ ପାରେ। ତଥାପି ଦୀର୍ଘ ଜୀବନ ଅପେକ୍ଷା କରି ବୟସର ଉପାନ୍ତ ଅଞ୍ଚଳରେ ପହଞ୍ଚିଲା ବେଳକୁ ପୂର୍ବରୁ ଥିବା ନିଜର କରିବାର ଇଚ୍ଛାଟି ତ୍ୟାଗରେ ବଦଳିଯାଏ। ତେଣୁ କାବ୍ୟ ନାୟିକା କୁହନ୍ତି -"ଏକ ହାତରେ ତୁମକୁ ଧରିରଖି/ ଓଠ ଛୁଇଁଲାବେଳେ / ଅପର ହାତଟି ମୋର/ ଲମ୍ବିଥାଏ ମୃତ୍ୟୁର ଗଳାରେ ।"(ପୃଷ୍ଠା -୧୧୪) ନିରାଶାର ଚୌହଦୀରେ କାବ୍ୟ ନାୟିକା। ସତରେ କ'ଣ ସେ ମୃତ୍ୟୁ ପୂର୍ବରୁ ପ୍ରତିକ୍ଷିତ ନାୟକଙ୍କୁ ଭେଟି ପାରିବେ ନାହିଁ। ଯଦି ଅଚାନକ ମୃତ୍ୟୁ ଆସେ ତେବେ ନିଜର ଗୁରୁଙ୍କୁ କି ଉତ୍ତର ଦେବେ? ଯେ ପରୁମ ପୁରୁଷଙ୍କୁ ଭେଟିବା ପୂର୍ବରୁ କାପୁରୁଷ ମୃତ୍ୟୁ ଆସି ଓଟାରି ନେଲା ନା ଆଉ ପ୍ରତୀକ୍ଷା କରିବାର ଧୈର୍ଯ୍ୟ ନଥିଲା। ସାରାଜୀବନ ଦୁଃଖ, ନିନ୍ଦା -ଅପବାବଦ, ଲାଞ୍ଛନା ସହି ସହି ଯିଏ ନାରୀରୁ ପୃଥ୍ୱୀରୂପା ପାଲଟି ଯାଇଛି, ସେ ଆଉ କ୍ଷଣିକ ଧୈର୍ଯ୍ୟ ରଖିପାରିଲାନି କିପରି? ଯୌବନର ଉନ୍ମଦ ଆଜି ନାହିଁ, ତେଣୁ ସ୍ୱପ୍ନ ଆଜି ଭାଙ୍ଗିରୁଜି ଯାଇଛି। ପରମ ପୁରୁଷକୁ ଭେଟିବାକୁ ହେଲେ ପ୍ରତୀକ୍ଷାର ଦାବନଳରେ ବାରବାର ଜଳିବାକୁ ପଡିବ। ଶରୀରରୁ ବନ୍ଦାବୁନ୍ଦା ଲୁହ ଲହୁ ଝରୁ, ତଥାପି ପ୍ରତୀକ୍ଷା କରିବାକୁ ପଡିବ। ଯିଏ ପ୍ରେମରେ

ISSN NO.
2582-208X

ଏତେ ବିଶାଳ, ଯାହାର ଲକ୍ଷ୍ୟ ଅଟଳ ତାକୁ କେବେ ମୃତ୍ୟୁ ପରାଜୟ କରିପାରେ ନାହିଁ। କାବ୍ୟ ନାୟିକା ସେହିପରି ଅସୀମ ଧୈର୍ଯ୍ୟର ପ୍ରତୀକ। ଯୌବନରୁ ଆଜି ପର୍ଯ୍ୟନ୍ତ ଯାହାର ରୂପ, ରସ, ଗୁଣ ଗାଇ ଗାଇ ହୃଦୟ ଆନନ୍ଦିତ ହେଉଥିଲା । ସେହି ପରମ ପୁରୁଷ ଆଜି ସମ୍ମୁଖରେ ଦଣ୍ଡାୟମାନ। ତାକୁ ଆଜି ନିଭୃତରେ ପଚାରିବେ କି – "ତୁମେ କିଏ ? ସତ ହେବାରେ ନିରତ ସ୍ୱପ୍ନଟିଏ ମୋର ।"(ପୃଷ୍ଠା-୧୧୯) କାବ୍ୟ ନାୟିକା ଏପରି ପଚାରିବେ ନାହିଁ। କାରଣ, କେଉଁ ଦୂର ପ୍ରଦେଶରୁ ନଦୀପାହାଡ ଡେଇଁ ପ୍ରତୀକ୍ଷିତ ପ୍ରେମମୟୀ ଶବରୀ ପାଖକୁ ଆସିବେ, ତାଙ୍କୁ ଦେଖିବା ମାତ୍ରେ ଚିହ୍ନି ହେବ। ପାଦ ତାଙ୍କର ଧୂଳି ଧୂସରିତ, ଝାଉଁଳା ପଦ୍ମପରି ଆଖି, ଶୁଖିଲା ଶୁଖିଲା ଓଠ, ଦୁଃଖ- ବିଚ୍ଛେଦରେ ମ୍ରିୟମାଣ, ଏତେ କାତର – ଏସବୁ ଦେଖିବା ପରେ କାବ୍ୟ ନାୟିକା ଭୁଲିଯାଏ, ବହୁଦିନର ପ୍ରତୀକ୍ଷା। ସେ ଭୁଲିଯାଏ, ଯାହା ସବୁ ଅଭିଯୋଗ ବାଢିବାର ଥିଲା, ଭୁଲିଯାଏ ଯାହା କିଛି ମାଗିବାର ଥିଲା,ନିଜର ଅଭାବୀପଣ।, ସେ ଭୁଲିଯିବେ ଜନ୍ମବନ୍ଧ ମୁକ୍ତି ପ୍ରାର୍ଥନାକୁ। ଏଠାରେ ଆମେ ଦେଖିବାକୁ ପାଉ ପୃଥ୍ୱୀରୂପା ଶବରୀର ତ୍ୟାଗ । କେତେ ନିବିଡ଼ ପ୍ରେମ, ସେ ଭୁଲିଯାଏ ପରମ ପୁରୁଷ ଦେବତ୍ୱ ଗୁଣର ଅଧୀକାରୀ। ମାତୃତ୍ୱର ଅନାବିଳ ସ୍ନେହକୁ ଅଜାଡି ଦିଏ ପରମ ପୁରୁଷ ଶ୍ରୀରାମଚନ୍ଦ୍ରଙ୍କ ନିକଟରେ। ପ୍ରତିବଦଳରେ ମାଗିନିଏ-

"ମୁଁ କହିବି ଆସ ଆସ
ମ୍ରିୟମାଣ, ପ୍ରେମ ପାଗଳ ପୁରୁଷ
ଦିଅ ତୁମ କ୍ଳାନ୍ତି
ତୁମ ବିଫଳତା, ହାହାକାର
ମୋତେ ଦେଇଦିଅ ।"(ପୃଷ୍ଠା-୧୨୧)

ତ୍ୟାଗରେ ପ୍ରେମର ଉତ୍ତରଣ ଘଟେ । ସେଠାରେ ପରମ ପ୍ରେମମୟ ପୁରୁଷ ହେଇଯାଆନ୍ତି ଈଶ୍ୱର। ପ୍ରତୀଭା ଶତପଥୀଙ୍କ ଭାଷାରେ –"ଯେଉଁ ଭାବନିବିଡତାରେ ଶବରୀ ଆଛନ୍ନ, ସେହି ଭାବରାଜ୍ୟ ମଧ୍ୟରେ ଭକ୍ତି ଓ ପ୍ରେମର ସୀମାରେଖା ଅସ୍ପଷ୍ଟ – କୋଉଠି ପ୍ରେମର ଶେଷ, କୋଉଠୁ ବା ଭକ୍ତିର ଆରମ୍ଭ – ମାନବାତ୍ମାର ଆସକ୍ତି, ଆରାଧନା ଓ ଉତ୍ସର୍ଗ ପର୍ବରେ ଏହି ଉଭୟ ଭାବଚେତନା ଏକ ଓ ଅଭିନ୍ନ ହୋଇ ଯାଇଛନ୍ତି। ଆଦୌ ସାକ୍ଷାତ ହୋଇ ନଥିବା ପ୍ରେମିକର ଅନୁପସ୍ଥିତିରେ ବଢିଚାଲେ ଯେଉଁ ଭାବ ସଂପର୍କ, ତାହା ଭକ୍ତି ବ୍ୟତୀତ

ISSN NO.
2582-208X

ଆଉ କଣ ହୋଇ ପାରେ ?"(ଅମୋକ୍ଷ ତପ-୧୪୩) ତେଣୁ ପ୍ରେମ ଏଠି ସୀମାରେ ଆବଦ୍ଧ ନହୋଇ ହୋଇଛି ସୀମାତୀତ । କାବ୍ୟନାୟିକା ପରମ ପ୍ରେମମୟ ପୁରୁଷକୁ କେବେ ଦେଖିନାହାନ୍ତି, ମାତ୍ର ତାଙ୍କ ନାମଶୁଣି ନିଜର କରିବାର ଆଶା ପୋଷଣ କରନ୍ତି। ସମୟ ସ୍ରୋତରେ ଆଶା ଆକାଂକ୍ଷା ସବୁ ବନର ଝରାଫୁଲ ପରି ଝରିଯାଇଛି। ଯେତେବେଳେ ଏକ ଅସହାୟ, ପଥକ୍ଳାନ୍ତ, ବିଧୁର, ଦୁର୍ଭାଗ୍ୟଗ୍ରସ୍ତ ନାୟକଙ୍କୁ ଭେଟନ୍ତି। ଯୁଗଯନ୍ତ୍ରଣାରୁ ମୁକ୍ତି ଅଭିଳାଷି କାବ୍ୟ ନାୟିକା ନିଜର ପ୍ରେମମୟ ପୁରୁଷର ଏଭଳି ଅବସ୍ଥା ଦେଖି କିପରି ମନୁଷ୍ୟ ଜନ୍ମରୁମୁକ୍ତି ଚାହିଁବେ? ସେ ଚାହେଁ ନାହିଁ ମୋକ୍ଷ ? ଏହି ଧାରାରେ ପ୍ରତିଜନ୍ମରେ ରକ୍ତ ମାଂସର ଶରୀର ନେଇ ବଞ୍ଚିବେ, ମୁଠା ମୁଠା ଦୁଃଖକୁ ଦେହେ ବୋଳି ହୋଇ ମନୁଷ୍ୟରୁ ସେ ପୃଥ୍ୱୀରୂପା ଜନନୀ ପଲଟିଯିବେ । ସେ ଯଦି ମୁକ୍ତି ଚାହିଁବେ, ପ୍ରେମମୟ ପୁରୁଷଙ୍କ ଅସହାୟ ଅବସ୍ଥାରେ କିଏ ସହାୟ ହେବ, ସେ ଜାଣନ୍ତି ତା'ର ବ୍ୟତୀତ ନାୟକର ଆଉ ନିଜର ବୋଲି କେହି ନାହାନ୍ତି। ତେଣୁ ସେ ମୋକ୍ଷ ଚାହେଁ ନାହିଁ, ଚାହେଁ ଜନ୍ମ-ମରଣର ଯନ୍ତ୍ରଣା ଭିତରେ ନିଃସ୍ୱାର୍ଥପର ପ୍ରେମ । ସେହି ପ୍ରେମରେ ନିଜକୁ ଉତ୍ସର୍ଗ କରିଦେବାର ଆନନ୍ଦ । ଏ ଆନନ୍ଦ ମୋକ୍ଷରେ କାହିଁ ?

ଗ୍ରନ୍ଥଟି ଏକ ଉଚ୍ଚ କୋଟୀର କବିତା ଗ୍ରନ୍ଥ। ଆଲୋଚନା ପ୍ରସଙ୍ଗଟି ଗ୍ରନ୍ଥର ଗୋଟିଏ ନିର୍ଦ୍ଦିଷ୍ଟ ଦିଗକୁ ଭିତ୍ତି ରୂପେ ଗ୍ରହଣ କରାଯାଇଛି। ଏହି ଗ୍ରନ୍ଥଟି ମିଥ୍ ଆଧାରିତ ହୋଇଥିଲେ ହେଁ ଚରିତ୍ର ମାନେ ମାନବୀୟ ଶକ୍ତି ସଂପନ୍ନ ସୋଇଥିବାରୁ ପ୍ରେମ ମାଧ୍ୟମରେ ପରକୁ ଆପଣାର କରାଯାଇପାରେ ବୋଲି ଡ଼ଃ ଶତପଥୀ ଦର୍ଶାଇଛନ୍ତି। ଏଠି ପ୍ରେମ ଦୈହିକ ନୁହେଁ। ପ୍ରେମ ହେଉଛି ମାନସିକ ଓ ମାନବୀୟ। ପ୍ରେମର ମହତ୍ତ୍ୱ ପ୍ରାପ୍ତିରେ ନଥାଏ, ଥାଏ ତ୍ୟାଗରେ। ଏହି ମହତ ଉଦ୍ଦେଶ୍ୟଟିକୁ ଏହି ପ୍ରସଙ୍ଗରେ ଦର୍ଶାଯାଇଛି। ଏହା ଯେତେବେଳେ ଗାଢତର ହୁଏ, ସେତେବେଳେ ଏହି ପ୍ରେମ ଭକ୍ତିରେ ପରିଣତ ହୋଇଯାଏ। ବାସ୍ତବିକ୍ କବିତାର, ଭାବ ଓ ଭାଷା ଅତି ପାଠକଙ୍କ ମନମୁଗ୍ଧକର। କବିତୟତ୍ରୀଙ୍କ ଅନ୍ୟାନ୍ୟ କବିତା ଗ୍ରନ୍ଥ ତାଙ୍କୁ ଯେଉଁ ସମ୍ମାନର ଅଧିକାରୀ କରାଇଛି, ଏହି ଗ୍ରନ୍ଥଟି ତାଙ୍କୁ ଆହୁରି ଉଚ୍ଚତର ସମ୍ମାନ ଦେବାର ଏକ ପ୍ରକୃଷ୍ଟ କବିତା ଗ୍ରନ୍ଥ। ଏକ ସାଧାରଣ ଅବହେଳିତ ଶବରୀଠାରେ ଯେଉଁ ପ୍ରେମମୟୀ, ତ୍ୟାଗଶୀଳ, ଉଦାର ଓ ମାତୃସମ ସ୍ନେହମୟୀ ରୂପଟି ମହନୀୟ ହୋଇଉଠିଛି। ଏହା ଓଡ଼ିଶା ସାହିତ୍ୟ ଜଗତରେ ଶ୍ରୀରାଧା ପରି ଏକ ଅମଳିନ କୃତି ହୋଇ ରହିବ ଏଥିରେ ସନ୍ଦେହ ନାହିଁ।

ISSN NO.
2582-208X

ସହାୟକ ଗ୍ରନ୍ଥ ସୂଚୀ:

୧. ଶତପଥୀ, ପ୍ରତୀଭା- ଶବରୀ-୩ୟ ପ୍ରକାଶନ,୨୦୧୫, ମିତା ବୁକ୍ସ, କଟକ-୭୫୩୦୦୨

୨.ଶତପଥୀ, ନିତ୍ୟାନନ୍ଦ – ସତୁରୀରୁ ସହସ୍ରାବ୍ଦୀ- ୨ୟ ପ୍ରକାଶନ, ୨୦୧୦, ପ୍ରାଚୀ ସାହିତ୍ୟ ସମିତି, କଟକ-୭୫୩୦୦୨

ବାହିଆବାରଦଣ୍ଡା, ପୁରୁଣାଘାଟି, ଆନନ୍ଦପୁର
ଜି- କେନ୍ଦୁଝର-୭୫୮୦୨୧
ମୋ- ୬୩୭୦୪୩୪୬୨୪

ISSN NO.
2582-208X

# ଯାହାକୁ ଯାହା ଗଢ଼ିଚି ଦଇବ



ଡ. ଜ୍ଞାନେଶ୍ୱର ମିଶ୍ର

ଆଖ ପାଖ ଚା ତେଜରାତି ଦୋକାନର
ସଟର ପଡିବାର ଶବ୍ଦ ଶୁଭୁଛି
ସୂଚାଇ ଦେଉଛି ଦୋକାନ ବନ୍ଦ କରିବାର
ବେଳ ମାଡି ଆସୁଛି
ଖାତା ବନ୍ଦ କରିବାର ବେଳ
ଅନାଇ ବସିଛି ।
ହିସାବ ମିଳୁନି କେତେ ଲାଭ, କେତେ କ୍ଷତି
ଆୟ କେତେ, କେତେ ଆଉ ବ୍ୟୟ
ଆୟ ଭିତରେ ଅନେକ ଅନ୍ୟାୟ ଆୟ ମୁହଁ ଗୁଞ୍ଜିଛନ୍ତି
ବ୍ୟୟ ଭିତରେ ଅନେକ ଅପବ୍ୟୟ ମୁରୁକି ହସୁହନ୍ତି
ପଛପୃଷ୍ଠା ଲେଉଟାଇବାକୁ ନାହିଁ
ମୋ ପାଖେ ସମୟ
ମନ ଭୋଗୁଛି ଅଂଶୁଘାତରେ
କାମନା, ବାସନା ସଢୁଛି ବୟସ ଝଡିରେ
ଆତ୍ମୀୟତା, ସଂପର୍କ ଡୋରି ଛିଣ୍ଡି ଯାଇଛି
ସ୍ୱାର୍ଥ ସୁନାମିରେ
କେବଳ ନିଶ୍ୱାସ ଚାଲୁଥିବା
"ମୁଁ" ନାମକ ଏ ଜୀବଟି ବଞ୍ଚିଛି
ଦୋକାନ ବନ୍ଦ ହେବାର ବେଳକୁ
ଆତୁରେ ଅନାଇ ବସିଛି ॥

ବେଙ୍ଗାଲୁରୁ/ମୋ: ୮୪୨୦୨୪୨୭୫୫

ISSN NO.
2582-208X

# ଯାଉ ଏବେ ସିଏ ଚାଲି



ରଘୁନାଥ ତ୍ରିପାଠୀ

ଶ୍ରାବଣ ଗଲାଣି କେବେଠାରୁ ଚାଲି
ଭୋଦୁଅ ଦେଲାଣି ପାଦ
ନୀଳ ଆକାଶକୁ ମେଘ ଘୋଡାଇଛି
ଘଟେ ଏକି ପରମାଦ ।
ବାଦଲର ବାଜା ଶୁଭୁଛି ଗଗନୁ
ତା ସାଥେ ଖେଳୁଛି ନିଆଁ
ବରଷାରେ ପରା ଆଷାଢ଼ ଶ୍ରାବଣ
ଏବେ ବରଷୁଛି କିଆଁ ।
ଚାନ୍ଦ କି ତାରକା ଲୁଚିଛନ୍ତି କାହିଁ
ନ ମିଳଇ ତାଙ୍କ ଦେଖା
ନଦୀରେ ବି ଏବେ କାତ ପାଉନାହିଁ
ପାଣି ତାର ମାଟି ମଖା ।
ତଟିନୀର ଜଳ ହେଉନି ନିର୍ମଳ
ଫୁଟିନାହିଁ କାଶତଣ୍ଡୀ
ନଈର ପଠାରେ ଚାମର ତାହାର
ହୋଇନାହିଁ ଏବେ ମଣ୍ଡି ।

ISSN NO.
2582-208X

ସରସୀର ଜଳେ ନାହିଁ କୁମୁଦିନୀ
ଖୋଜୁନି ଚାନ୍ଦକୁ ତାର
ଫୁଟିଲେ ସିନା ସେ ଖୋଜିବ ଆକାଶେ
ହୋଇବ ତା ଗଳାହାର ।
ସବୁଜ ମଣ୍ଡଳ ନଷ୍ଟର ପ୍ରଭାବେ
ମହୀ ତାପମାତ୍ରା ବଢ଼ି
ଶରତ ଋତୁର ସମୟ ଉପରେ
ବରଷା ଯାଇଛି ଚଢ଼ି ।
ଗଗନେ ଦିଶୁନି ଧଳା ମେଘ ଖଣ୍ଡେ
ଶରତ ଆସିନି ବୋଲି
ବରଷାକୁ କୁହ ଉଚ୍ଛୁର ହେଲାଣି
ଯାଉ ଏବେ ସିଏ ଚାଲି

ବାଲିସାହି, ମଧୁପାଟଣା,
କଟକ/8763343263

ISSN NO.
2582-208X

# ପଛ କଥା



ପ୍ରକାଶ ମେହେର

ତମେ ସେ ଭାଙ୍ଗିଥିବା ଆଇନା
ନାଁ, ତୁମେ ସେ ସଜାଡି
ତିଆରି ହୋଇଥିବା ଭଙ୍ଗା କଣ୍ଠେଇ
ତୁମେ ପରା ସେ ପଦ୍ମ ପାଖୁଡ଼ାର
ମଉଳି ଥିବା ପାଖୁଡା ।

ପକ୍ଷୀ କାନ୍ଥର ତମେ ସେ ରଙ୍ଗହୀନ
କାନ୍ଥ ହଁ, ତୁମେ ସେ ଡେଣା ହୀନ
ପ୍ରଜାପତି ଟିଏ, ଅଧ ରାତିରେ ବୁଲୁ
ଥିବା ଆଲୋକ ବିହୀନ ଖଦ୍ୟୋତ ।

କଳା ଅନ୍ଧକାରର ତୁମେ ସେ କଳା
ରଂଗ ହଁ ନା, ସେ ଭାସ୍କରର ତୁମେ
ପ୍ରଚଣ୍ଡ ରୁଦ୍ର ତାପ, ତୁମେ ସେ
ଅସ୍ତବ୍ୟସ୍ତ କରୁଥିବା ଝଡ଼ ।

କେଜାଣି କାହିଁକି ତୁମେ ସେ
ହଜି ଜାଇଥିବା ପୁରୁଣା ଦିନ ନା,

ISSN NO.
2582-208X

ସ୍ମୃତିର ଗୋଟେ ତୁମେ କଳଙ୍କ
ତୁମେ ସେ ବେଦରଦି ମାୟାବୀ ।

ତୁମେ ସେ ଶୀତ ଦିନର କୁହୁକ
କୁହୁଡି, ତମେ କିଛି ସମୟ ପାଇଁ
ମାୟା କର, ସେ ଉଭାନ ରେ
କେତେ କ'ଣ ବିଗାଡି ଦିଅ ସତରେ ।

ତୁମେ ସେ ଅସୁରୀ ହସ ହସୁ ଥିବା
ମାନବୀ ହଁ ନା, ଅବିବେକୀ
ଜ୍ଞାନହୀନ ମଣିଷ ରୂପୀ ମାୟାବୀନି
କାହାକୁ ନିଜର କରି ପାରନି ।

ଅଧା ବାଟରେ ଦିଗ ହରା ରାସ୍ତାଟିଏ
ତୁମେ, କେଜାଣି କେବେ କାହାକୁ
ପଥ ପ୍ରସାରିତ କରି ଦିଅନି, ତୁମେ
ସେ ପଥଭ୍ରଷ୍ଟକାରୀ ଜଗୁଆଳୀ ।

ସେ ପ୍ରେମ ଚିଠିର ତମେ ଚିରା
କାଗଜ, କଲମର କାଳି ସରିଥିବା
ତୁମେ ସେ, ଠିକଣା ହରେଇ ଥିବା
ତୁମେ ସେ ମାନବୀ ।

ISSN NO.
2582-208X

# ଆ କା ମା ବୈ



କୁଞ୍ଜ ବିହାରୀ ସାହୁ

ଶୀତର ପ୍ରଗଳଭତା ନଥିଲେ ବି ସୁଲୁସୁଲିଆ ପବନ ଦେହରେ ବାଡ଼େଇ ହେଇଯାଇଛି । ସକାଳର ଉଷୁମ ଖରା ଆସିବା ପୂର୍ବରୁ କଳା ମଚମଚ କୁଆର କର୍କଶ ସ୍ୱର ନିଦ ଭାଙ୍ଗିଦେଉଛି ବିଛଣାରୁ । ପାଖେଇଆସିଲାଣି ପ୍ରାଚୀ ଲଲାଟରେ ସୂର୍ଯ୍ୟୋଦୟ ।

ଗତକାଲି ଅନେକ ରାତି ପର୍ଯ୍ୟନ୍ତ ମୋବାଇଲରେ ଚାଟିଂ କରୁ କରୁ କେତେବେଳେ ନିଦ ଘାରିଛି, ଜାଣିପାରିନି ସାୟୋନାରା । ବିବାହ ବୟସ ତା କଅଁଳ ମନକୁ ଛୁଇଁଯାଉଛି । ବେଳେବେଳେ ଅସମ୍ଭାଳ ହେଇପଡୁଚି । ଏମ୍.ଟେକ୍ ସରିଗଲା ପରେ ବାହାଘର ହେଇଯିବ ବୋଲି ଶୁଣୁଥିଲା । ଭଲ ବରପାତ୍ର ବି ଯୋଗାଡ଼ ହେଇସାରିଛି । କାଲିଫର୍ଣ୍ଣିଆରେ ମେଡିସିନରେ ରିସର୍ଚ୍ଚ ଚାଲିଛି ଭାବି ସ୍ୱାମୀ ସୁମନ୍ତଙ୍କର । ତେଣୁ ଅଧରାତି ଯାଏଁ ଚାଟିଂ କରିବା ସ୍ୱାଭାବିକ ।

ଛାତି ଉପରେ ହାତ ପଡ଼ିଗଲା ବୋଧହୁଏ । ନିଦ ବାଉଳାରେ ଡାକ ପକଇଲା ସାୟୋନରା "ଚୋର...ଚୋର..."। ଗାଧୁଆ ଘରୁ ଅଧାମୁକୁଳା ଦେହରେ ଦୌଡ଼ି ଆସିଲେ ସାଗରିକା । ଝିଅ ସାୟୋନରା ବାଉଳି ହେଉଛି । ସକାଳ ସାତଟା ବାଜିବ ଅଥଚ ନିଦ ଭାଙ୍ଗୁନି । ନିଦ ଘାରିଛି ଆଖିରେ । ଝିଅର ଛାତି ଉପରୁ ହାତ କାଢ଼ିଦେଇ କଡ ଲେଉଟାଇ ଶୁଆଇଦେଲେ ସାଗରିକା । ଗାଧୁଆ ଘରେ ନିଜ ନିତ୍ୟକ୍ରମ ସାରିବାକୁ ପଡ଼ିବ । ଆଜି କାର୍ତ୍ତିକ ପୂର୍ଣ୍ଣିମା ।

ଗାଧୁଆ ଘରୁ ଫେରି ଆସିଲେ ସାଗରିକା । ଦେଖିଲେ ସାୟୋନରା ଘୁଙ୍ଗୁଡ଼ି ମାରୁଚି । ନାଇଟି ଡ୍ରେସ ଛାତି ଉପରକୁ ଉଠିଯାଇଛି । ଖାଲୁଆ ନାଭିଟା ଦିଶିଯାଉଛି ସ୍ପଷ୍ଟ ଭାବରେ।

ISSN NO.
2582-208X

ସକାଳ ହେଲାଣି । କାଉ ରାବିଲାଣି । ଏମିତି କେତେ ସମୟ ଶୋଇବୁ ଯେ ! ସାଗରିକା ପାଟିକଲେ । କିଛି ସମୟ ରହି ସାଗରିକା ବାଧ୍ୟହେଲେ କଅଁଳ ସ୍ୱରରେ ଡାକି ଉଠେଇବାକୁ । ଡାକିଲେ - ଉଠି ଯା ମୋର ଗେହ୍ଲୀ, ମୋ ଧନ । ଆଜି ପରା କାର୍ତ୍ତିକ ପୁନେଇଁ । ନୂଆପଲ୍ଲୀର ଶିବ ମନ୍ଦିର ପାଖ ପୋଖରୀରେ ଡଙ୍ଗା ଭସେଇବା । ଦେବାଦେବୀଙ୍କୁ ଦର୍ଶନ କରିବା । ଏଡୁଟିଏ ହେଲୁଣି, ବୁଦ୍ଧିଶୁଦ୍ଧି ନାହିଁ। ପୂଜା ପାର୍ବଣ ବିଷୟରେ ଜ୍ଞାନ ନାହିଁ। ଇଞ୍ଜିନିୟରିଂ ପାଠ ପଢିଲେ କଅଣ ହେବ, ସାଧାରଣ ଜ୍ଞାନ ଉପରେ ଧାରଣା ନାହିଁ । ଶୋଇବାରେ ଯେମିତି ପି.ଏଚ.ଡି କରିଦେଇଛି । ହସିଦେଲେ ସାଗରିକା ।

ହଁ ହଁ ଉଠୁଛି ବୋଉ, ସକାଳଠୁ ମୋ ସହ ଏତେ ବକରବକର ହେଉଛୁ କାହିଁକି ?

ସାୟୋନରା ସିନା କହିଦେଲା ଏମିତିକା କଥା, କିନ୍ତୁ ଶଯ୍ୟା ତ୍ୟାଗ କଲା ଏକ ଯୁକ୍ତାତ୍ମକ ମୁଡରେ । ଛାତି ଉପରକୁ ଉଠିଯାଇଥିବା ନାଇଟିକୁ ତଳକୁ ଖସେଇଦେଲା । ଭାବୁଥିଲା ପାଖରେ ଯଦି ସୁମନ୍ତ ଥାଆନ୍ତେ !! ..ହଁ ସେ ଏବେ କାଲିଫର୍ଣ୍ଣିଆରେ ନିଜ କାମରେ ବ୍ୟସ୍ତ । ଛାଡ଼ ଆଜି ଏ ପବିତ୍ର ଦିନରେ ଏମିତି ରୋମାଣ୍ଟିକ ହେବା ସମୀଚୀନ ନୁହେଁ । ସାୟୋନରା ମଳମଳ ଆଖିରେ ଉଠିପଡ଼ିଲା । ଲେଞ୍ଜରା ପୋଛିଲା ଆଖିରୁ । ସାମ୍ନାରେ ତା ବୋଉକୁ ଦେଖି ନିଜ ଅଳସପଣକୁ ଧିକ୍କାର କଲା । ନିତ୍ୟକ୍ରମ ସାରିଦେଲା । ବାଥରୁମରୁ ଫେରୁ ଫେରୁ ସୁମନ୍ତ ଫୋନ କଲେ । ହ୍ୟାଲୋ ସାୟୋନରା, ଗୁଡ ମର୍ଣ୍ଣିଂ, କାର୍ତ୍ତିକ ପୁର୍ଣ୍ଣିମାର ବେଷ୍ଟ ୱିଶେଷ ଜଣାଉଛି । ଶୀଘ୍ର ଯାଇ ପୋଖରୀରେ ଡଙ୍ଗା ଭସେଇଦିଅ । ଭିଡିଓ ପଠାଅ ।

ସୁମନ୍ତଙ୍କୁ ଥାଙ୍କସ୍ ଜଣାଇଲା ସାୟୋନରା । ବେଡରୁମରେ ଡ୍ରେସ ଚେଞ୍ଜ କଲା ଅତୀବ ଖୁସିରେ । ନିଜ ଦେହକୁ ଦେଖି ଈର୍ଷା କଲା ମନେମନେ । ସାୟୋନରା ତା ବାପାଙ୍କ କବିତାଟିକୁ ମନେପକେଇଲା ।

ଆସିଅଛି ବୋଲି କାର୍ତ୍ତିକ ପୁନେଇଁ ଡଙ୍ଗା ଭାସିଯିବ ପାଣିରେ/
ନଇ ପୋଖରୀର ଥିରିଥିରି ପାଣି ଡଙ୍ଗାଟିକୁ ଦେବ ଟାଣିରେ ।

ISSN NO.
2582-208X

ସାଗରିକା ଗେହ୍ଲୀ ଝିଅ ପାଇଁ ସୋଲରେ ତିଆରି ଡଙ୍ଗା କିଣିଦେଇଥିଲେ । ଝିଅ ଆଜି ପୋଖରୀ ଜଳରେ ଡଙ୍ଗା ଭସେଇବ । ଖୁବ୍ ପରିଷ୍କାର ଜଳ । ସେ କିନ୍ତୁ ଗତବର୍ଷ ଏ ପୋଖରୀରେ କଦଳିପଟୁକା ଭସେଇଥିଲା ।

ରଙ୍ଗରଙ୍ଗିଆ ଦିଶୁଛି ସୋଲ ତିଆରି ଡଙ୍ଗା। ଚିତ୍ରିତ ହେଇଛି । ଠିକ୍ ଗୋଟିଏ ବୋଇତ ପରି ଦୃଶ୍ୟମାନ ହେଉଛି ।

ସାୟୋନରା ଏଥର ଆଗଭର ହେଇଗଲା । ନୂଆ ସାଲୱାର ପଞ୍ଜାବୀ ପିନ୍ଧି ତା ବୋଉ ସାଥିରେ ନୂଆପଲ୍ଲୀ ଗାଁରେ ଥିବା ପୋଖରୀ ଆଡେ ବାହାରିଗଲା । ସିରିସିରି ପବନରେ ଉଲ୍ଲସିତ ହେଉଥିଲା । ସାଗରିକା କହିଲେ – ଦେଖ୍ ପୋଖରୀକୂଳରେ ବହୁତ ଲୋକ ଜମା ହେଇଛନ୍ତି। ଡଙ୍ଗାରେ ଧୂପ, ଦୀପ, ଫୁଲ, ପାନ, ଗୁଆ, ବିରି ରଖିଦେଲେ ସାଗରିକା। ସାୟୋନରା ପାଣିକୁ ଦେଖିଲେ ଭୟ କରେ । ସାଗରିକା କହିଲେ – ତୁ ଏତେ ବଡ ହେଲୁଣି । ଇଞ୍ଜିନିୟରିଂ ପାଠ ପଢିଲେ ବି ବେଳେ ବେଳେ ସାହସ ଦରକାର । ଏ ଆଣ୍ଠୁଏ ପାଣିକୁ ଭୟ କରୁଛୁ ଅଥଚ କାଲିଫର୍ଣ୍ଣିଆ ଯିବୁ କେମିତି ! ମନରେ ଉଦବିଗ୍ନତା ଖେଳିଗଲା ସାୟୋନରାର । ତାହାହେଲେ ବାହାଘର ପକ୍କା । ସୁମନ୍ତ ଚାଟିଂ କଲେ – ମୋ କଥା ମନେ ପଡୁଛି ତ । ଆଜି ତ ପୋଖରୀରେ ଡଙ୍ଗଭସା ପର୍ବ ଚାଲିଥିବ । ପାଣି ଭିତରକୁ ଆସ୍ତେ ଆସ୍ତେ ଯିବ, ଯଦି ଗୋଡ ଖସିଯିବ ....!

ସାୟୋନରା ଚାଟିଂ କଲା। ନା ...ନା ମୋର ଭୟ ତୁଟିଯାଇଛି ।

ବୋଉ ଯାହାର ସାହା ଭରସା,
ତାକୁ କି ଡର ଏ ଡଙ୍ଗା ଭସା !

ପାହାଚ ପରେ ପାହାଚ । ଭୟର ପ୍ରଶ୍ନ ନାହିଁ । ଆମ ଏ ଉତ୍କଳର ସାଧବମାନେ ବୋଇତ ନେଇ ସାତ ଦରିଆ ତେର ନଈ ପାରିହେଉଥିଲେ । ମୁଁ ତ କଳିଙ୍ଗର ସନ୍ତାନ । ତୁମେ ଭିଡିଓ କଲ କର, ଦେଖିବ କେତେ ମଜାରେ ମୁଁ ଡଙ୍ଗା ଭସଉଛି । ମୋ ପାଖରେ ସାଙ୍ଗମାନେ ବି ଅଛନ୍ତି ।

ସୁମନ୍ତ ଚଟାପଟ ଭିଡିଓ କଲ କରି ସାୟୋନରାର ଡଙ୍ଗାଭସା ପର୍ବକୁ ଉତ୍ସାହିତ କଲେ ।

ISSN NO.
2582-208X

ସାଗରିକା ମୁଖରେ ହସର ମୁକୁତା ନେସି ହେଇଯାଉଥିଲା ଆପଣାଛାଏଁ । ଗେହ୍ଲା ଝିଅ ଏବେ କୁନି ଝିଅ ପରି ମାନିଯାଉଛି କଥାକୁ । ସାହସ କରି ଡଙ୍ଗା ଭସଉଛି ।

ସାଗରିକା କାର୍ତ୍ତିକ ପୂର୍ଣ୍ଣିମାର ମହନତାକୁ ବଖାଣିଲେ ।

ଜାଣିଥା, ଆଜି ଏ କାର୍ତ୍ତିକ ପୂର୍ଣ୍ଣିମାରେ କଳିଙ୍ଗର ସାଧବମାନେ ବୋଇତ ଧରି ବଣିଜ ବେପାର କରିବାକୁ ବାହାରିଥିଲେ । ମନରେ ଥିଲା ଅଦ୍ୟମ ଇଚ୍ଛାଶକ୍ତି । ବାଣିଜ୍ୟ କରିବାର ଏକାନ୍ତ ନିଶା । ନିଜ ଦେଶର ଚାରୁକଳାକୁ ପ୍ରଦର୍ଶନ କରିବାର ଅକୁଣ୍ଠ ଅଭିଳାଷ । ସେଇଥିପାଇଁ ତ ସାଧବମାନେ ଜାଭା, ବୋର୍ଣ୍ଣିଓ, ଜାଭା, ସୁମାତ୍ରା, ବାଲି, ବ୍ରହ୍ମଦେଶକୁ ବଙ୍ଗୋପସାଗରରେ ବୋଇତ ବାହିଯାଉଥିଲେ । ସେତେବେଳେ ସେମାନେ କେବଳ ନିର୍ଭୀକ ନଥିଲେ ବରଂ ନିଜ ଜାତି ଓ ଦେଶର ଗରିମାକୁ ବିଦେଶରେ ପହଞ୍ଚାଇବାକୁ ତତ୍ପର ଥିଲେ । କଳିଙ୍ଗର ଉତ୍ପାଦ ସାମଗ୍ରୀକୁ ବିଦେଶରେ ବିକ୍ରିକରି ସେ ଦେଶରୁ ହୀରା, ନୀଳା, ମୋତି, ମାଣିକ ଆଦି ରତ୍ନ ଓ ଅନ୍ୟାନ୍ୟ ସାମଗ୍ରୀ ଆମ ଦେଶକୁ ବୋହି ଆଣୁଥିଲେ । ବାଣିଜ୍ୟ ବେପାର କେବଳ ଲକ୍ଷ୍ୟ ନଥିଲା, ବରଂ ସେ ଦେଶର ଐତିହ୍ୟ, ସଂସ୍କୃତି, ପରମ୍ପରାକୁ ସେ ଦେଶରେ ସାଇତାକରି ଭାଇଚାରା ତିଆରି କରୁଥିଲେ । ସେଥିପାଇଁ ସାଧବମାନେ ମହାନ ଓ ଆମ ଏ କଳିଙ୍ଗ ମହାନ ।

ହଁ ବୋଉ, ସତରେ ଆମ ଏ କଳିଙ୍ଗ, ଉତ୍କଳ ବା ଓଡ଼ିଶା ଗରିମାମୟ ।

ମନେମନେ ଭାବିଲା ସାୟୋନରା – ସତରେ ମୁଁ ଏ ପୋଖରୀକୁ ଦେଖିଲେ ଭୟକରୁଛି ଅଥଚ କଳିଙ୍ଗର ସାଧବମାନେ ନୀଳ ଦରିଆର ଢେଉରେ ବୋଇତରେ ବସି କାହିଁ କେତେ ଦୂର ଯାଇପାରୁଥିଲେ । ମା ମଙ୍ଗଳାକୁ ଭରସା କରି ସୁଦୂର ଇଣ୍ଡୋନେସିଆରେ ବଣିଜ କରୁଥିଲେ । ଆଜି ସଭିଏଁ ନଦୀ ପୋଖରୀରେ ପବିତ୍ର ମନରେ ଡଙ୍ଗା ଭସଉଛନ୍ତି । ବହୁତ ଖୁସି ଲାଗୁଛି । ସାୟୋନରା ସୋଲ ଡଙ୍ଗାଟି ଧିରେ ଧିରେ ଜଳରେ ଭାସି ଭାସି ଆଗକୁ ଚାଲିଲା । ଗୀତଟିଏ ଗାଇଲା ସାୟୋନରା –

ଆ କା ମା ବୈ..
ପାନ ଗୁଆ ଥୋଇ ।
ପାନ, ଗୁଆ ତୋର

ISSN NO.
2582-208X

ମାସକ ଧରମ ମୋର ।

ସାୟୋନରାର ଗୀତ ଶୁଣି ସାଗରିକା କହିଲେ- ଆଷାଢ଼, କାର୍ତ୍ତିକ, ମାଘ, ବୈଶାଖ, ଏହି ଚାରି ମାସ ଧର୍ମ ମାସ କୁହାଯାଏ। ଏହି ଚାରି ମାସରେ ନଦୀ ପୋଖରୀରେ ଗାଧେଇ ହବିଷ କଲେ ଧର୍ମ ହେଇଥାଏ ବୋଲି ବିଶ୍ୱାସ ରହିଛି। ଯେହେତୁ ନଦୀ ଓ ପୋଖରୀ ସବୁ ପାପ ଧୋଇ ଦିଅନ୍ତି, ତେଣୁ ଦକ୍ଷିଣା ସ୍ୱରୂପ ତାଙ୍କୁ ପାନ ଗୁଆ ଦିଆ ଯାଇଥାଏ। ସେଥିପାଇଁ କୁହାଯାଏ "ପାନ ଗୁଆ ତୋର, ମାସକ ଧରମ ମୋର"।

ଲୋକଉକ୍ତିରୁ ଜଣାଯାଏ ଯେ "ଆ, କା, ମା, ଭୈ" ଅର୍ଥାତ୍ ଆ-ଆକାଶ, କା-ଜଳ, ମା-ନାହିଁ, ଭୈ-ଭୟ। କାର୍ତ୍ତିକ ପୂର୍ଣ୍ଣିମା ପରେ ଆଉ ପବନ ବର୍ଷାର ଭୟ ନାହିଁ। ସେଥିପାଇଁ ଏହି ସମୟରେ ସାଧବମାନେ ନୌବାଣିଜ୍ୟ କରୁଥିଲେ। ସାମୁଦ୍ରିକ ଝଡର ଭୟ ନ ଥିବାରୁ ସେମାନଙ୍କ ଯାତ୍ରା ସଫଳ ହେଉଥିଲା। ଆମର ଧାର୍ମିକ ପରମ୍ପରାରେ 'କା-ମା-ବୈ' ଅର୍ଥାତ୍ କାର୍ତ୍ତିକ, ମାଘ ଓ ବୈଶାଖରେ ହବିଷ୍ୟ ପାଳନର ବ୍ୟବସ୍ଥା ଅଛି। ଏହି ତିନି ମାସକୁ ନେଇ 'ମାହାତ୍ମ୍ୟ' ମାନ ମଧ୍ୟ ରଚିତ ହୋଇଛି। କିନ୍ତୁ 'ଆ' ଅର୍ଥାତ୍ ଆଷାଢ଼ ମାସରେ ହବିଷ୍ୟ ପାଳନର ବିଧାନ ଆମ ପରଂପରାରେ ନଥିଲେ ମଧ୍ୟ, ଶ୍ରୀଜଗନ୍ନାଥଙ୍କ ଶ୍ରୀଗୁଣ୍ଡିଚା ଯାତ୍ରା ଦୃଷ୍ଟିରୁ ଏହାକୁ ପବିତ୍ର ମାସ ରୂପେ ଗ୍ରହଣ କରାଯାଇଥାଏ।

"ଆ-କା-ମା-ବୈ'ର ଏହି ଧାର୍ମିକ ପରମ୍ପରା କେବଳ ଯେ ଆମ ଓଡ଼ିଶାରେ ଅଛି, ତାହା ନୁହେଁ। 'ମତ୍ସ୍ୟପୁରାଣ'ରେ ଏହାର ଉଲ୍ଲେଖ ମିଳେ। ବିଷୁବ ସଂକ୍ରାନ୍ତିରେ ଦାନ କଲେ, ଏହି ଧର୍ମ ମାସଗୁଡ଼ିକର ପୁଣ୍ୟଫଳ ମିଳେ ବୋଲି ସେଥିରେ କୁହାଯାଇଛି। ତେଣୁ କାର୍ତ୍ତିକ ପୂର୍ଣ୍ଣମୀର ଡଙ୍ଗାଭସା ବେଳର ଏହି ଲୋକଗୀତର ସଂକେତ ଅତି ତାତ୍ପର୍ଯ୍ୟପୂର୍ଣ୍ଣ ଭାବରେ ଆମକୁ ଆମର ଧାର୍ମିକ ପରମ୍ପରା ସହିତ ହିଁ ଯୋଡ଼ିଥାଏ।

ସାଧବମାନଙ୍କୁ ସ୍ମରଣ କରି ମୁଣ୍ଡିଆ ମାରିଲା ସାୟୋନରା । ଭକ୍ତି ସହକାରେ ବୋଉ ସାଥିରେ ମନ୍ଦିରବେଢା ବୁଲିଲା । ମନ୍ଦିର ଭିତରେ ମହାଦେବ, ହନୁମାନ, ମା' ମଙ୍ଗଳାକୁ ମୁଣ୍ଡିଆ ମାରିଲା ।

ପରେ ପରେ ସାୟୋନରା ତା ବୋଉ ସାଥିରେ ଚାଲି ଚାଲି ଇସ୍କନ ମନ୍ଦିରରେ ପହଞ୍ଚି ଶ୍ରୀ ଜଗନ୍ନାଥ, ଶ୍ରୀ ବଳଭଦ୍ର, ମା ସୁଭଦ୍ରା ଓ ରାଧାକୃଷ୍ଣଙ୍କୁ ଦର୍ଶନକଲା । ଅପୂର୍ବ ସାଜସଜ୍ଜା ଓ

ISSN NO.
2582-208X

ବିଗ୍ରହକୁ ଦେଖି ଭକ୍ତିରେ ଗଦଗଦ୍ ହେଇଗଲା । ସତରେ ଭକ୍ତି ବଳରେ ଠାକୁରଙ୍କର ଦର୍ଶନ ମିଳେ । ଅଳସ ହୋଇ ଘରେ ଶୋଇଥିଲେ କଅଣ ଏତେ ଖୁସି ମିଳିଥାନ୍ତା ! ଠାକୁର ଦର୍ଶନ ସାରି ସାୟୋନରା ଫେରିଆସିଲା ଘରକୁ । ବାଟରେ ସାଗରିକା ବୁଝେଇ କହିଦେଲେ – ଏ ପବିତ୍ର ତିଥିରେ ଶ୍ରୀ ଜଗନ୍ନାଥଙ୍କ ରାଜରାଜେଶ୍ୱରୀ ବେଶ ହୋଇଥାଏ । ଶ୍ରଦ୍ଧାଳୁ ଭକ୍ତମାନେ ଶ୍ରୀ ଜଗନ୍ନାଥଙ୍କୁ ଦର୍ଶନ କରି ପୁଣ୍ୟ ଅର୍ଜନ କରିଥାନ୍ତି ।

ଘରେ ପହଞ୍ଚିଲାବେଳକୁ ସାୟୋନରାର ବାପା ଝିଅକୁ ଅପେକ୍ଷା କରିଥିଲେ । ଅତି ଖୁସି ହେଇଗଲେ– ଯାହାହେଉ ଅଳସୁଆ ଗେହ୍ଲା ଝିଅଟା ପୋଖରୀରେ ଡଙ୍ଗା ଭସେଇଦେଲା । ସାୟୋନରା କହିଦେଲା– ବାପା..ଆମ ଏ କଳିଙ୍ଗର ଐତିହ୍ୟ, ସଂସ୍କୃତି ସତରେ ମହାନ୍ । ବାରମାସରେ ତେରଯାତ୍ରା ହୁଏ ବୋଲି ଶୁଣିଛି। ଓଡ଼ିଶାବାସୀ ଧର୍ମପ୍ରିୟ ଓ ସଂସ୍କୃତି ପ୍ରେମୀ। ମୁଁ ଏ ମାଟିରେ ଜନ୍ମ ହୋଇ ଧନ୍ୟମନେ କରୁଛି । ଆଜି ସତରେ ମୁଁ ବହୁତ ଖୁସି । ବୋଉ ଉପରେ ସିନା ଗରଗର ହେଉଥିଲି ଏବେ ବୁଝିଗଲି କାର୍ତ୍ତିକ ପୂର୍ଣ୍ଣିମାର ମହତ୍ତ୍ୱ । ଏବେ ସଂସ୍କୃତି ପରମ୍ପରା ବଞ୍ଚିଛି । ପାଠପଢା ସହ ଓଡିଆ ସଂସ୍କୃତି, ପରମ୍ପରା' ଧାର୍ମିକ ଚିନ୍ତାଧାରାକୁ ମନେରଖିବା ଉଚିତ୍ ।

ସାୟୋନରାର ଏଭଳି ଖୁସିରେ ତା ବାପା ଶୁଭକାନ୍ତ ଝିଅର ମୁଣ୍ଡରେ ହାତ ଲଗେଇ ଆଶୀର୍ବାଦ ଦେଲେ ।

ଭିଡିଓ କଲ ଉଠେଇଲା ସାୟୋନରା । ସୁମନ୍ତଙ୍କୁ ଦେଖେଇଦେଲା ତା ବାପା– ବୋଉ ଓ ପୂଜାଥାଳିକୁ । ପୂଜାଥାଳିକୁ ଦେଖି ହସିଦେଲେ ସୁମନ୍ତ । କହିପକେଇଲେ – ଯାହାହେଉ ସାୟୋନରା ଇଞ୍ଜିନିୟରିଂ ସହ ଧର୍ମ, ସଂସ୍କୃତି ଓ ପରମ୍ପରା ପ୍ରତି ମନୋନିବେଶ କଲାଣି । କାଲିଫର୍ଣ୍ଣିଆ ଆସିଲେ ଏଠାକାର ପ୍ରବାସୀ ଓଡିଆଙ୍କ ସହ ସାମିଲ ହେଇଯିବ । କାର୍ତ୍ତିକ ପୂର୍ଣ୍ଣିମାରେ ଡଙ୍ଗା ଭସେଇଦେବ !

ସାୟୋନରା ହସିଦେଲା ଅହେତୁକ ରୋମାଣ୍ଟିକ ମୁଡ଼ରେ ।

ପାତ୍ରପଡା, ଭୁବନେଶ୍ୱର
୭୦୦୮୧ ୪୨୦୪୦

ISSN NO.
2582-208X

# ପ୍ରକୃତି



ପ୍ରଶାନ୍ତ ବ୍ରହ୍ମା

ନୀଳ ଆକାଶରେ ରୂପେଲି ଜହ୍ନ
ତୋଳି ଆଣନ୍ତି ମୁଁ ତାକୁ
ସବୁଜ ବନ ନୀଳ ପାହାଡ଼
କିଣି ନେଲା ମୋ ମନକୁ ।

ନଦୀର ଜଳ ସମୁଦ୍ର ଢେଉ
ପହଁରି ଯାଆନ୍ତି ମୁହିଁ
ଗାଁ ର ବଣ ବର ଓହଳ
ଖେଳନ୍ତି କି ମୁଁ ଯାଇ ।

କୋଇଲି କୁହୁ କୁହୁ ନାଦରେ
ମନଟା ଯାଏ ହଜି
ମୟୂର ନାଚେ ବିଭୋର ହୋଇ
ବରଷାରେ ଭିଜି ଭିଜି ।

ପାହାନ୍ତିଆର ଶୀତ କାକର
ଦେହେ ଶିହରଣ ଉଠେ

ISSN NO.
2582-208X

ମଲ୍ଲି ଫୁଲର ମହକ ସତେ
ତୋଳି ଧରନ୍ତି ମୁଠେ।

ସାଧବ ବୋହୂର ସେ ନାଲି ରଙ୍ଗ
ଦେଖିବାକୁ ପାଏ ଶୋଭା
ରଙ୍ଗ ବେରଙ୍ଗ ଗୁଞ୍ଜର ଉଡେ
ଖୁସି ଆସେ ମନେ ଅବା।

ମଳୟ ସାଥିରେ ପ୍ରଜାପତି ଆସି
ଉଡେଇ ଦିଅନ୍ତା ମୋତେ
ନୀଳ ପାହାଡ଼ ନାଲି ସୂରୁଜ
ତୋଳି ଧରନ୍ତି କି ହାତେ।

କୁଳୁ କୁଳୁ ହୋଇ ସେଇ ଝରଣା
ବହି ଯାଉଥିବ ପରା
ଗୀତ ଗାଉଥିବି ମୁଁ ତା ପାଶେ
ସମୟ ନ ଦେବ ଧରା ।

ପଳାଶପୁର, ଖୋର୍ଦ୍ଧା

ISSN NO.
2582-208X

# ଜୀବନ



ବିନୟ କୁମାର ମିଶ୍ର

ସ୍ୱାଭିମାନ ଯାର ହୁଏ ଅନ୍ତଃସ୍ୱର
ଜୀବନ ସାର୍ଥକ ତାର,
ପାଉପଛେ ଦୁଃଖ ତା ଲାଗଇ ସୁଖ
ସେପରି ବଞ୍ଚିବା ସାର।

ନଥାଉ ତହିଁରେ ଭାବ ଭାଷା ଛନ୍ଦ
ସତ ରହିଥାଏ ଲୁଚି,
ଜୀବନର ପରିଭାଷା ଏସଂସାରେ
କହବା କିଏ ବୁଝୁଛି।

ପଢୁକେ ନପଢୁ ଅନୁଶୋଚନାବା
ତହିଁକି କରିବ କିଆଁ,
ନିରାଶା ହତାଶା ଜୀବନରେ ଭରା
ଏପରା ମିଛ ଦୁନିଆଁ।

ଭଲ ଭଦ୍ର ଯିଏ ଖୋଜେନାହିଁ ସିଏ
ନିନ୍ଦା କି ଅବା  ପ୍ରଶଂସା,
ପୁରସ୍କାର କିମ୍ବା ଉପଢୌକନ
ପ୍ରଶସ୍ତି ପତ୍ର ପରସା।

ଯେତେକୁହ ସତ୍ୟ ସେସବୁ ଅସତ୍ୟ
ମଣଇ ଜଗତ ଜନ,
ମୁହେଁ ମୁହେଁ ତାହା କହି ଅବଶେଷେ
ଶତ୍ରୁତା ହେବ ଅର୍ଜ୍ଜନ।

ସତକଥା ନ୍ୟାୟ ଉଚିତ୍  କହିଲେ
ଆପଣାର ଶତ୍ରୁ ହେବେ,
ଶତ୍ରୁତା ଅର୍ଜ୍ଜନ କରି ବଞ୍ଚିବାକୁ
କେଅବା କୁହ ପାରିବେ।

ISSN NO.
2582-208X

ସତକଥା ଭଲ ଆଗେ କହୁଥିବେ
ଅନ୍ତରକୁ ବାଧୁଥିବ,
କାହାକୁ ବାଧିବ କିଏ ରାଗିଯିବ,
ସେକଥା କାହିଁ ଭାବିବ।

ଜ୍ଞାନଥିଲେ ବୁଦ୍ଧି ମନକୁ ଆସଇ
ବିବେକ ଜନମ ନିଏ,
ବିବେକ ବଳରେ କର୍ମମାନ ସଦା
ସତପଥେ ଚାଲୁଥାଏ।

ଜୀବନର ଅଙ୍କ ସଦା ଅମିମାଂସିତ
ରଫଖାତା ପରିହୁଏ,
ସବୁ ବିଷୟରେ ପୁଳାଏ ପୁଳାଏ
ପୃଷ୍ଠା ମଣ୍ଡନ କରାଏ।

କାହା ମନ ପରି ଭାଷା କେଉଁପରି
ତାଜୀବନ ପ୍ରତିଛବି,
ବୁଝି କିବା ଲାଭ  ଯେଝା ଦୁଃଖଯାକୁ
ସେହିପାରେ ଅନୁଭବି।

ନିନ୍ଦା ପ୍ରଶଂସାକୁ ସମାନ ଯାପାଇଁ
ଫୁଲ ପରି ତାର ପଥ,
କଣ୍ଟାରେ ସେ ଶୁଏ ଅନ୍ୟପାଇଁ ଯିଏ
ଖୋଳୁଥାଏ ବସି ଖାତ।

ସ୍ୱାଭିମାନ ସଦା ରଖିବା ଉଚିତ
ଅଭିମାନ ଛାଡ଼ିଦିଅ,
ଅଭିମାନ ସଦା ସୁରାପାନ ପରି
ନିଶାରେ ଚଳଇ ଦେହ।

ନିଜତ୍ୱ ନଥିଲେ କାହା କଥାରେକେ
ଭାସିଯାଇଥାଏ ସିନା,
ବିନା ବରଷାରେ ଧୋଇ ହୋଇଯାଏ
ସ୍ୱପ୍ନ କଳ୍ପନା ଜଳ୍ପନା।

ସତ୍ୟର ଲକ୍ଷ୍ମଣରେଖାରେ ବନ୍ଦିଏ
ଜୀବନର ପର୍ଣ୍ଣକୁଟୀ,
ବିବେକ ସାଧନ କରେ ସମାଧାନ
ଜଟିଳ ଜୀବନଗତି।

ISSN NO.
2582-208X

ଜୀବଥିଲେ ନୂଆ କାହାଣୀର ସୃଷ୍ଟି
ଆପେଆପେ ଯାଏ ହୋଇ,
ଭୋଗିବାର ଯାହା ଅଛି ଜୀବନରେ
ଗୋଟିଗୋଟି ତା ଘଟଇ।

ଶୁଣାଇବାକରେ ଲୋଡାନାହିଁ ନିଜ
ଜୀବନର ଇତିବୃତ୍ତି,
ଅନୁଭବୀଗଲେ ଅନୁଭୂତି ଆସେ
ରହେ ହୋଇ କିଛି ସ୍ମୃତି।

ଦୀପଗଲେ ଲିଭି ତଇଳ ଯୋଗାଡ
ଚୋର ନେବାପରେ ତାଲା,
ବୃଦ୍ଧବୟସରେ ବନିତା ବିଳାସ
ଧିନିକିଧିନ୍ନା ସେ ପାଲା।

ପାଣିଗଲେ ବୋହି ସେତୁବନ୍ଧ ପରି
ବନ୍ଧ ପକାଇବା ଯାହା,
ପଶ୍ଚାତାପ ଛଡା ମିଳେନାହିଁ କିଛି
ଜୀବନର ସତ୍ୟ ଏହା।

ଅଢେଇଦିନର ମିଛ ସଂସାରରେ
ଅଢେଇ ଅକ୍ଷର ସତ,
ଅଢେଇ ଘଣ୍ଟାରେ ଶମଶାନେ ଦେହ
ହୋଇଯାଏ ଭସ୍ମୀଭୂତ।

ଗର୍ବ ଅହଂକାର ହାରିବା ଜିତିବା
ଦୁଃଖ ସୁଖ ରାଗ ହିଂସା,
ଶିର ନାହିଁ ଯାର ଶିରପୀଡା ତାର
ମିଛଟାରେ ଲୋକହସା।

ଆତ୍ମାକୁ ଚିହ୍ନିଲେ ଆତ୍ମ ସନମାନ
ଜାଣିବାକୁ ହୋଇଥାଏ,
ବ୍ୟବହାର ବାକ୍ୟ ବିବେକ ମୋଦିତ
ତେବେସିନା ଯାଇ ହୁଏ।

ମୁଁ ଏକା ଭଲ ସାଧୁ ସଚ୍ଚୋଟରେ
ମୋପରି ଜଗତେ ନାହି,
ଆତ୍ମଦର୍ଶୀ ସଦା ଚାଟୁକାରିତାରେ
ମିଛ ଜୀବନ ବଞ୍ଚଇ।

କଳା କାରିଗରି ଅଭିନୟ କରି
କେତେଦିନ କେ ବଞ୍ଚିବ,
କୋକେଇରେ ଯେବେ ଶୋଇଯିବ ଯାଇ
ଭଲମନ୍ଦ ଜଣାଯିବ।

ଝଡବାତ୍ୟା ବନ୍ୟା ମରୁଡି ଜୀବନେ
ଦେଖାଏ ଜୀବନ ରାହା,
ବଞ୍ଚିବାର ଅଙ୍କ ସେଠି କଶାହୁଏ
କର୍ମସାକ୍ଷୀ ଚଉବାହା।

ISSN NO.
2582-208X

ନିରବ ରହିବା କିଛି ନକରିବା
ସତପଥେ ଚାଲୁଥିବ,
ନିଜର ସମ୍ମାନ ମର୍ଯ୍ୟାଦା ଜୀବନେ
ସେହିପରି ମିଳୁଥିବ।

ସେବା କାର୍ପଣ୍ୟରେ ଦେବାରେ ସର୍ବଦା
ଅକ୍ଷୁର୍ଣ୍ଣ ରଖି ଜୀବନ,
ଲକ୍ଷ୍ମଣରେଖାର ବଳୟ ନଭାବି
ସଫଳ ସାର୍ଥକ ମନ।

କାୟ ମନବାକ୍ୟେ ଇନ୍ଦ୍ରିୟ ସ୍ୱଭାବେ
ବୁଦ୍ଧି ଆତ୍ମା ଶୁଦ୍ଧକରି,
ମଣିଷ ଜୀବନ ବଞ୍ଚିବ ନୋହିଲେ
ହୋଇଯିବ ପଶୁପରି।

ନିଆଳ ଖୋର୍ଦ୍ଧା

ISSN NO.
2582-208X

# କଳଙ୍କିତ ବନ୍ଧୁତ୍ୱ



ବାସନ୍ତୀ ଲତା ଜେନା

ସବିତା ଓ ସୂଚିତ୍ରା (ସୂଚି) ଦୁଇ ସାଙ୍ଗ । ସେମାନଙ୍କ ଘର ଗୋଟିଏ ସହରରେ । ପାଖା ପାଖି । ସବିତା ଗରିବ ଘରର ଝିଅ । ବାପା ତାର ଦୁର୍ଘଟଣାରେ ପର ପାରିକୁ ଚାଲି ଯାଇଛନ୍ତି । ସାନ ଭାଇଟିଏ ଅଛି । ମାଆ ଓ ଜେଜେମା ଦୁଇ ଜଣ ବିଧବା । ସୂଚିର ବାପା ଶୀଳ୍ପପତି । ବଡ଼ ଘର ଝିଅ ସେ । କେଉଁଥିରେ ଅଭାବ ନାହିଁ । ଗୋଟିଏ ଜିନିଷ ମାଗିଲେ ୫ଟି ଜିନିଷ ମିଳି ଥାଏ । ସବିତାର ମାଆ ଘର ଚଳାଇବା ପାଇଁ ଘରେ ପିଲାଙ୍କର ସାର୍ଟ, ପ୍ୟାଣ୍ଟ, ବ୍ଲାଉଜ ସିଲାଇ କରନ୍ତି । ଆଚାର, ପାମ୍ପଡ ତିଆରି କରି ବିକ୍ରି କରନ୍ତି । ତାଙ୍କର ଆଚାର, ପାମ୍ପଡ଼ ଶୁଦ୍ଧ ଏବଂ ସ୍ୱାଦିଷ୍ଟ ହୋଇ ଥିବାରୁ ବହୁତ ବିକ୍ରି ହୁଏ । ସେଥିରୁ ଯେଉଁ ଦୁଇ ପଇସା ମିଳେ ଦୁଃଖେ ସୁଖେ ଘର ଚଳି ଯାଏ । ସୂଚି ଡି. ଏ. ଭି. ପବ୍ଲିକ ସ୍କୁଲରେ ପଢେ । ସବିତା ସରକାରୀ ସ୍କୁଲରେ । କିନ୍ତୁ ଛୋଟି ପରେ ସୂଚି ସବିତା ଘରକୁ ଯାଏ । ସେଠାରେ ଖିଆ ପିଆ କରେ । ଦୁହେଁ କିଛି ସମୟ ଖେଳିବା ପରେ ସୂଚି ନିଜ ଘରକୁ ଫେରି ଆସେ । ସୂଚିର ମା'କୁ ଏ ସବୁ ପସନ୍ଦ ନ ଥାଏ । ସେ ସବୁବେଳେ ସୂଚିକୁ ସବିତା ଘରକୁ ନ ଯିବାକୁ କହେ । କିନ୍ତୁ ସୂଚି ମାନେ ନାହିଁ । ଲୁଚିକି ପଳାଏ । ସବିତା କେବେ କେମିତି ସୂଚି ଘରକୁ ଯାଏ । ସୂଚିର ମାଆ ତାକୁ ଦୂର୍ ଦୂର୍ କରନ୍ତି । ଥରେ ସୂଚି ସବିତାକୁ ସୋଫାରେ ବସାଇ ଘର ଭିତରକୁ ଗଲା । ସୂଚିର ମାଆ ସବିତାକୁ ଦେଖି ଦେଲା । ସୋଫାରେ କାହିଁକି ବସିଛୁ ବୋଲି କହି ଜୋରରେ ଚିଲାଇଲା । ଗନ୍ଧି ନାଳିକା କୀଡା । ତୋ ପାଇଁ ମୋର ଏତେ ଦାମୀ ସୋଫା ଗନ୍ଦା (ମଇଳା) ହୋଇଗଲା । ଯା, ବାହାରକୁ ଯା । ସବିତା ଛୋଟ ପିଲା । କାନ୍ଦିପକାଇଲା । ବାହାରେ ଯାଇ ଠିଆ ହେଲା । କିଛି ସାମୟ ପରେ ସୂଚି ଆସିଲା । ସୂଚିର ମାଆ ତାକୁ ମନା କଲା । ସୂଚି ତା ବାପାଙ୍କୁ ଫୋନ୍

ISSN NO.
2582-208X

କଲା । ସବିତା ଘରକୁ ଯିବାକୁ ଅନୁମତି ମାଗିଲା । ସୂଚିର ବାପା ତାକୁ ଅନୁମତି ଦେଲେ । ସୂଚି ସବିତା ଘରେ ଯାଇ ଖେଳିଲା । ସବିତାର ମାଆ କ୍ଷିରୀ ତିଆରି କରି ଥିଲେ । ଦୁହେଁ ମିଶି ଖାଇଲେ ।

ସବିତା ଦଶମ ଶ୍ରେଣୀରେ ପଢୁ ଥାଏ । ବାର୍ଷିକ ପରୀକ୍ଷା ପାଖେଇ ଆସୁଛି । ସବିତାର ମାଆ ବେମାର ପଡିଲା । ସେ ଯକ୍ଷ୍ମା ରୋଗରେ ପୀଡିତ ଥିଲା । ବିକ୍ରି ପାଇଁ ପାମ୍ପଡ଼, ଆଚାର ସେ ଆଉ ତିଆରି କରି ପାରିଲେ ନାହିଁ । ଘର ଚଳିବା କଷ୍ଟ ହେଲା । ତେଣୁ ସବିତା ଅନିଚ୍ଛା ସତ୍ତ୍ୱେ ପାଠ ପଢା ଛାଡି ଚାହା, ପକୁଡି ବରା, ସିଙ୍ଗଡା ତିଆରି କରି ବିକ୍ରି କଲା । ପଡିଶା ଘର ଜଣେ ଦାଦା ତାକୁ ଏ ସବୁ ଶିଖାଇ ଦେଲେ । ସେଇ ପଇସାରେ ଘର ଚଳିଲା । ମା'ର ଔଷଧ ଆଣେ, ସାନ ଭାଇ ପାଇଁ ବହି ଖାତା କିଣି ଦିଏ । ସୂଚିର ଗ୍ରାଜୁଏସନ ସରିଲା । ସେ କିନ୍ତୁ ସବୁ ଦିନେ ସବିତାକୁ ଦେଖା କରେ । ଗପ (କଥା ବାର୍ତ୍ତା) କରେ । ଦୁଇ ସାଙ୍ଗ ପ୍ରିୟ ସାଙ୍ଗ ହୋଇ ଯାଇ ଥିଲେ । ଜଣେ ଜଣକୁ ନ ଦେଖିଲେ ରହି ପାରନ୍ତି ନାହିଁ । ବନ୍ଧୁତା ଦିନକୁ ଦିନ ନିବିଡ଼ ହେବାକୁ ଲାଗିଲା । ସୂଚି ରୋହିତ୍ ନାମକ ଜଣେ ପିଲାକୁ ଭଲ ପାଉଥିଲା । ସେ ତାର ସିନିୟର ଥିଲା । ସେ ପିଲାଟି ଭଲ ପିଲା ନ ଥିଲା । ବଦମାସ୍, ଚରିତ୍ରହିନ ଥିଲା । ସୂଚିତ୍ରା ତା ପ୍ରେମରେ ପାଗଳ ଥିଲା । ଏକଥା ସୂଚି ସବିତା ଏବଂ ତାର ପିତା ମାତାଙ୍କୁ ଲୁଚାଇ ଥିଲା । ସୂଚିକୁ ଆଉ ଗୋଟିଏ ଧନୀ ଘର ପିଲା ବିବେକ ଭଲ ପାଉ ଥିଲା ।

ଦିନେ ବିବେକ ସୂଚିକୁ ଭଲ ପାଉଛି ବୋଲି ତା ମନର କଥା କହି ଦେଲା । ଏ କଥା ଶୁଣି ସୂଚି ବହୁତ ରାଗି ଗଲା । ସେ ତାକୁ ଭଲ ପାଏନି ବୋଲି ଜଣାଇ ଦେଲା । ବିବେକ ମନ ଦୁଃଖରେ ଘରକୁ ଫେରିଲା । ତା ଭଲ ପାଇବାର ସରଳ ହୃଦୟଟି ଭାଙ୍ଗି ଚୁନା ହୋଇ ଗଲା । କବାଟ ବନ୍ଦ କରି ବହୁତ କାନ୍ଦିଲା । ସୋମବାର ଦିନ ସବିତା ଯାଇ ଥାଏ ଶିବ ମନ୍ଦିରକୁ । ବୁଢୀଟିଏ ପାହାଚ ଚଢୁ ଚଢୁ ପଡି ଗଲା । ସବିତା ତାକୁ ଉଠେଇ ବସାଇଲା । ପାଖ ଦୋକାନରୁ ପାଣି ଆଣି ପିଇବାକୁ ଦେଲା । ଧରି ଧରି ନେଇ ଶିବ ଶଙ୍କରଙ୍କ ପାଖରେ ପହଞ୍ଚାଇ ଦେଲା । ବିବେକର ମାଆ ସେଠାରେ ଉପସ୍ଥିତ ଥିଲେ । ଏ ଘଟଣା ବିବେକର ମାଆଙ୍କୁ ବହୁତ ଭଲ ଲାଗିଲା ।

ସେ ସବିତାକୁ ବୋହୂ କରି ନେବ ବୋଲି ମନେ ମନେ ସ୍ଥିର କରି ନେଲେ । ବିବେକର ମାଆ ସୁରଭିକୁ ତାର ଶାଶୁ ଓ ସ୍ୱାମୀ ଭଲ ପାଆନ୍ତି ନାହିଁ । ଚାକରାଣୀ ଭଳି ବ୍ୟବହାର ଦେଖାନ୍ତି ।

ISSN NO.
2582-208X

ବଡ଼ ଘର ବୋହୂ ହୋଇ ମଧ୍ୟ ଡରି ଡରି ଥାଏ । ଘରର ସବୁ କାମ କରେ । କଟୁକ୍ତି ଶୁଣେ । କାହାରିକୁ କିଛି ନ କହି ଆଖିରୁ ଲୁହ ଝରାଉ ଥାଏ । ଲୁହ ପୋଛି ହୋଇ ପୁଣି କାମରେ ଲାଗି ଯାଏ ।

ବିବେକର ବାହାଘର ପାଇଁ ବୋହୂ ଖୋଜା ଚାଲିଥାଏ, ବିବେକର ମା' ସୁରଭି ବିବେକକୁ ସବିତାର ଫୋଟୋ ଦେଖାଇଲା । ବିବେକ ଟେନସନ ରେ ଥିଲା, ଫୋଟୋଟିକୁ ନ ଦେଖି ହଁ କହି ଦେଲା । ସବିତା ଦେଖିବାକୁ ରୂପରେ ଶ୍ୟାମଳ ବର୍ଣ୍ଣ, ଗରିବ ଘର ଝିଅ, ଦଶମ ପାସ୍ କରିନି, ଏଭଳି ଝିଅକୁ ଉଚ୍ଚ ଶିକ୍ଷିତ ଧନୀ ଘରର ପୁଅ ପସନ୍ଦ କରିବ କିପରି ?

ବିବେକର ଜେଜେ ମା ରତ୍ନମଣି ନିଜ କମ୍ପାନୀରେ ସି. ଇ. ଓ. ଅଛନ୍ତି। ମା ପୁଅ ବାହାରକୁ ଯାଇ ଥାନ୍ତି ଅଫିସ କାମରେ। ରତ୍ନମଣିଙ୍କର ଅନୁମତିରେ ବିବେକର ନିର୍ବନ୍ଧ ହୋଇ ଗଲା। ବାହାଘର ପାଇଁ ନିର୍ଦ୍ଧିଷ୍ଟ ଦିନ ସ୍ଥିର ହେଲା। ବାହାଘର ଦିନକ ପୂର୍ବରୁ କୌଣସି କାରଣ ବଶତଃ ମା ପୁଅଙ୍କୁ ପୁଣି ବାହାରକୁ ଯିବାକୁ ପଡିଲା ଅଫିସ କାମରେ। ସେଠାରେ ରତ୍ନମଣିଙ୍କୁ ମାଇନର ହାର୍ଟ ପ୍ରୋବ୍ଲେମ ହେଲା। ପାହାଚରେ ଓହ୍ଲାଇଲା ବେଳେ ଗୋଡ ଖସି ଯିବାରୁ ପଡିଗଲେ। ଗୋଡ ଭାଙ୍ଗିଗଲା, ଘରକୁ ଫେରିବା ୨୫ ଦିନ ଡେରି ହୋଇ ଗଲା। ସୁସ୍ଥ ହୋଇ ଯେତେ ବେଳେ ମା ପୁଅ ଘରକୁ ଫେରିଲେ ସେତେ ବେଳକୁ ବିବେକର ବାହାଘର ସବିତା ସହିତ ହୋଇ ସାରିଥିଲା। ସାରା ବିଧି ହୋଇ ସାରିଥିଲା। ବିବେକର ଏହି ବିବାହ ରେ ଖୁସି ନଥାଏ। ଏହି ସମୟରେ ମା ପୁଅ ଘରକୁ ଫେରିଲେ। ସାରା ରାଗ ମା ପୁଅ ଦୁହେଁ ସୁରଭି ଉପରେ ଉଜାଡି ଦିଅନ୍ତି। ସବିତାକୁ ଦେଖି ଘୃଣା କରନ୍ତି। ସୁରଭି ବହୁତ କଥା ଶୁଣାଇ ଦିଅନ୍ତି। କେମିତି ସବିତାକୁ ଘରୁ ବାହାର କରିବେ, ବିବେକ ଜୀବନରୁ ଦୂରେଇ ଦେବେ ମା ପୁଅ ପ୍ଲାନ କରନ୍ତି। କପଟର ମାୟାଜାଲ ବୁଣନ୍ତି।

ବିବେକ ସବିତାକୁ ଭଲ ପାଏନି ସତ, କିନ୍ତୁ ସପୋର୍ଟ କରେ। ଗୋଟିଏ ପଲଙ୍କ (ଖଟ) ରେ ଶୋଅନ୍ତି, ସ୍ୱାମୀ ସ୍ତ୍ରୀର ସମ୍ପର୍କ ନଥାଏ। ଏଥି ମଧ୍ୟରେ ୬ ମାସ ବିତି ଯାଇଛି। ସବିତାର ସୁଗୁଣ, ଶାନ୍ତ ପଣ, ନିସ୍ୱାର୍ଥ ଭାବନାର ସେବା, ହସି ହସି କାମ କରିବା ବିବେକକୁ ଭଲ ଲାଗିଲା। ଧୀରେ ଧୀରେ ବିବେକ ସବିତାକୁ ଭଲ ପାଇ ବସିଲା। ସବିତା ଚା, ଜଳଖିଆ, ରୋଷେଇ କରି ସମସ୍ତଙ୍କୁ ଖାଇବାକୁ ଦିଏ। ଆସ୍ତେ ଆସ୍ତେ ଶଶୁର ଓ ଜେଜେ ଶାଶୁ ମା ଙ୍କୁ ଛାଡି ସମସ୍ତଙ୍କର ପ୍ରିୟ ହୋଇ ଗଲା। ହଠାତ ଦିନେ ସୂଚି ସବିତା ଘରେ ପହଁଚିଲା। ସବିତା

ISSN NO.
2582-208X

ସୂଚିକୁ ଦେଖି ବହୁତ ଖୁସି ହୋଇଗଲା। ସବିତା କହିଲା ସାଙ୍ଗ ତୋତେ ମୁଁ ବହୁତ ଥର ଫୋନ୍ କରିଛି। ତୋରା ଫୋନ୍ ସୁଇଚ୍ ଅଫ ଆସୁଥିଲା। ତୁ ସିମ୍ ବଦଳେଇ ଦେଇଚୁ କି ? ସୂଚି କହିଲା ମୁଁ ମୋର ବୟେ ଫ୍ରେଣ୍ଡ ସହିତ ଲିଭିଂ ରେ ରହୁ ଥିଲି। ଏକଥା ପାପା, ମାମା ଜାଣି ମୋତେ ବହୁତ ଗାଳି କଲେ। ମୋର ପକେଟ ମନି ପାଇଁ ୫୦ ହଜାର ଟଙ୍କା ମାସକୁ ଦେଉଥିଲେ, ତାକୁ ବନ୍ଦ କରି ଦେଲେ। ରୋହିତ୍ ପାଖରେ ଜବ୍ ନାହିଁ । ତେଣୁ ଚଳିବାକୁ ବହୁତ ଅସୁବିଧା ହେଲା। ମୁଁ ତୋ ପାଖକୁ ଚାଲି ଆସିଲି। ସବିତା କହିଲା, ଭଲ କଲୁ। ମୋ ଘର, ତୋ ଘର। ତୋର ଯେତେ ଦିନ ଇଚ୍ଛା ତୁ ରହ। ୨/ ୪ ଦିନ ଗଲା ପରେ ବିବେକକୁ ପ୍ରେମ ଜାଲରେ ଫସାଇବାକୁ ଚେଷ୍ଟା କଲା ସୂଚି । ସବିତାର ଜେଜେ ଶାଶୁ ମା ରତ୍ନମଣି ଙ୍କର ସାଙ୍ଗର ଝିଅ। ସୂଚି ସୁନ୍ଦରୀ, ଉଚ୍ଚ ଶିକ୍ଷିତା, ଧନୀ ଘର ଝିଅ। ତେଣୁ ରତ୍ନମଣି ସୂଚିକୁ ନାତୁଣୀ ବୋହୁ କରିବାକୁ ପୁରା ପୁରି ସହଯୋଗ କଲେ।

ଦିନେ ସକାଳ ପ୍ରାୟ ୭.୩୦ ମିନିଟ୍ ହେବ ବିବେକ ସ୍ନାନଘରୁ ଗାଧୋଇ ନିଜ ବେଡ୍ ରୁମକୁ ଆସିବା ବେଳକୁ ସୂଚିକୁ ଦେଖିଲା। ବିବେକ ସୂଚିକୁ କହିଲା, ତୁମେ ଏଠି? ସୂଚି କିଛି ନ କହି ବିବେକକୁ ଆଲିଙ୍ଗନ କଲା। ଆଇ ଲଭ ୟୁ ବିବେକ। ମୁଁ ତୁମକୁ ବହୁତ ଭଲ ପାଏ। ବିବେକ ବହୁତ କଷ୍ଟରେ ନିଜକୁ ମୁକ୍ତ କଲା। ଏହି ସମୟରେ ସବିତା ନିଜ ଶୋଇବା କକ୍ଷକୁ ଆସି ଏ ଦୃଶ୍ୟ ଦେଖି ଦେଲା। ଦୁହେଁ ଅଲଗା ହୋଇ ଗଲେ। ସୂଚୀର ପାଗଳାମୀ ଦିନକୁ ଦିନ ବଢିବାକୁ ଲାଗିଲା। ଦିନେ ବିବେକର ଶୟନ କକ୍ଷରେ ସୂଚୀ ଲୁଚିକି ଥିଲା। ବିବେକ ମଧ୍ୟାହ୍ନ ଭୋଜନ ସାରି ନିଜ ବେଡ୍‌ରୁମକୁ ଆସିଲା। ସୂଚୀ ବିବେକକୁ ପ୍ରେମ ନିବେଦନ କଲା। ବିବେକ ଯେତେ ମନା କଲେ ବି ସୂଚୀ ମାନୁ ନ ଥାଏ। ଏହି ସମୟରେ ସବିତା ଓ ସୁରଭି ବରଫ ମଲେଇ (ice-cream) ନେଇ ଆସିଲେ। ଏମାନଙ୍କୁ ଦେଖି ବିବେକ ସୂଚୀର ହାତ ଧରି କହିଲା। ସୂଚୀ ଚାଲ ଆମେ ପଳାଇବା। ମୁଁ ତୁମ ସହ ରହିବାକୁ ଚାହେଁ। ସୂଚୀ ଶୁଣି ଖୁସି ହୋଇଗଲା। ତାଙ୍କ ଘର ପାଖରେ ଗୋଟିଏ ପାହାଡ ଥିଲା। ବିବେକ ସୂଚୀର ହାତକୁ ଧରି ଝିଙ୍କି ଝିଙ୍କି ନେଲା। କହିଲା ଏମାନେ ଆମକୁ ଶାନ୍ତିରେ ରଖେଇ ଦେବେନି। ଏକ ହବାକୁ ଦେବେନି।ଆମେ ଜୀଇଁ ସିନା ପାରିବାନି। ସାଥ ସାଥ ମରିତ ପାରିବା। ତାପରେ ଆମେ ଏକାଠି ହୋଇଯିବା। ଏ କଥା ଶୁଣିକି ସୂଚୀ ଚିଲେଇଲା। ନାଁ ମୁଁ ମରିବାକୁ ଚାହେଁନି। ମୋତେ ତୁମେ ଛାଡ। ଜୋରରେ ପାଟି କରୁଥାଏ। ବିବେକ ସୂଚି ହାତକୁ ଜୋରରେ ଧରି ଥାଏ। ସୂଚି କହିଲା ତୁମେ ମଲେ ମର। ମୁଁ ମରିବାକୁ ଚାହେଁନା କହି ଜୋର୍ ଧକ୍କା ଦେଇ ପଳାଇ ଯିବାକୁ ଚେଷ୍ଟା କରୁଥିଲା। ସେଠାରେ ଗୋଟିଏ ବଡ ଗଛ

ISSN NO.
2582-208X

ଥିଲା। ତା'ର ଗୋଟିଏ ଡାଳ ଶୁଖି ଭାଙ୍ଗି ଅନ୍ୟ ଡାଳରେ ଲଟକି ଥିଲା। ହଠାତ୍ ଡାଳଟି ତଳେ ପଡ଼ିବାର ମଡ଼ ମଡ଼ ଶବ୍ଦ ଶୁଣାଗଲା। ସୂଚୀ ବିବେକର ହାତକୁ ଜୋରରେ କାମୁଡ଼ି ଦେବାରୁ ବିବେକ ହାତ ଛାଡି ଦେଲା। ସୂଚି କିଛି ଦୂର ପଳାଇ ଗଲା। ସବିତା ଦୌଡ଼ି ଆସି ବିବେକକୁ ଠେଲି ଦେଲା। ବିବେକ ଦୂରରେ ପଡିଗଲା। ସବିତା ଉପରେ ଡାଳଟି ପଡ଼ିଗଲା। ଏହି ସମୟରେ ଘରର ସମସ୍ତ ଲୋକ ସେଠାରେ ଉପସ୍ଥିତ ଥିଲେ। ବିବେକ ସବିତା ଉପରୁ ଡାଳଟି କାଢି ଦେଲା। ବିବେକ କହିଲା ତୁ ଠିକ୍ ଅଛୁ ସବି? ସବିତା ମୁଣ୍ଡ ଟୁଙ୍ଗାରି ହଁ କହିଲା। ସୂଚୀ ଦୌଡ଼ି ଆସି କହିଲା, ବିବେକ ତୁମେ ଠିକ୍ ଅଛ? ବିବେକ କହିଲା ତୁମେ ମୋତେ ମରିବାକୁ ଛାଡି ଦେଇ ପଳାଇ ଗଲ। ସବିତା ମୋତେ ବଞ୍ଚାଇଲା। ଏହାକୁ କୁହା ଯାଏ ଭଲ ପାଇବା। ତୁ ସ୍ୱାର୍ଥପର ସୂଚୀ। ତୁମେ କେବଳ ନିଜକୁ ଭଲ ପାଅ। ଅନ୍ୟକୁ ନୁହେଁ। ବିବାହ ପରେ ମୁଁ ସବିତାକୁ ଭଲ ପାଉ ନଥିଲି। ଆଜି କିନ୍ତୁ ଭାବୁଛି ସବି ଠାରୁ ଭଲ ଜୀବନ ସାଥୀ ମୋତେ ମିଳି ନଥାନ୍ତା। ମୋ ମା' ର ଚୟେସ ସବୁଠୁ ଶ୍ରେଷ୍ଠ। ଆଜି ମୁଁ ବହୁତୁ ଖୁସି। ସବି ମୋର ଧର୍ମ ପତ୍ନୀ। ସୂଚିକୁ ଚାହିଁ ବିବେକ କହିଲା ମୁଁ ତୁମକୁ ବିବାହ କରି ଥିଲେ ମୋ ଜୀବନ ନର୍କ ହୋଇ ଯାଇ ଥାନ୍ତା। ବିବେକର ଦାଦା ଟେକ୍ସି ଡକାଇ ଦେଲେ। ସୂଚି ହୋଟେଲରେ ଯାଇ ରହିଲା। ରତ୍ନମଣି ନିଜର ଭୁଲ୍ ବୁଝି ପାରିଲା। ସବିତାକୁ ଆପଣେଇ ନେଲା। ସମସ୍ତଙ୍କର ଆଶୀର୍ବାଦ ନେଇ ସବିତା ବିବେକ ସୁଖର ସଂସାର କଲେ।

ଶିକ୍ଷୟିତ୍ରୀ, ଗାନ୍ଧୀନଗର, ନବରଙ୍ଗପୁର

ISSN NO.
2582-208X

# ନୀଳାଚଳ ନାଥ



ସସ୍ମିତା ଭୋଇ

ନୀଳାଚଳ ନାଥ ଆହେ ନୀଳ କନ୍ଦରବାସୀ
କପାଇଁ ଦୟା ନକର ମୋରେ
ଥରେ ଟିକେ ଶୁଣ କାନ ପୋତି ମୋ ଗୁହାରି
ଜଗତ ଲୋକଙ୍କ ଡାକକୁ ତୁମେ ତ ରହିଛ ଅନାଇ
ମୋ ପାଇଁ ନିଷ୍ଠୁର କ ପାଇଁ?
ଭକ୍ତ ବଳରାମ ଭକ୍ତିରେ ତୁମେ ତ ବାଲିରଥେ
ହୋଇଥିଲ ତ ବିରାଜମାନ
ଦାସିଆ ନଡିଆ ନେବା ପାଇଁ ତୁମେ
ଲମ୍ବି ଦେଇଥିଲ ତୁମ ଦୁଇ ହାତ
ଶୁଣି ଅଛି ପରା ନଦୀ ଠୁ ଗଭୀର ତୋ କରୁଣା
ହେଲେ କାହିଁ ପାଇଁ ମୋ ପାଇଁ ଊଣା
ଲକ୍ଷେ ଶାଳଗ୍ରାମ ଉପରେ ତୁମେ କେମିତି ବସିଛ?
ଧନୀ ଡାକେ, ହୀନ ଡାକେ, ଦୀନ ଡାକେ ଆହେ ମହାବାହୁ
ସବୁଙ୍କୁ ଏଡାଇ ତୁମେ ଶୁଣ ଧନୀର ଡାକ କ ପାଇଁ
ଧନ ନାହିଁ ଲୋଡା ଜନ ନାହିଁ ଲୋଡା
ଲୋଡା ଏକା ତୁମରି କରୁଣା
ଲାଗେ କାହିଁ କୁଣ୍ଠିତ
କରୁଣା ବାରିଧି ହୋଇ ତୁମେ ପୁଣି
କ ପାଇଁ ନିଷ୍ଠୁର ମୋହ ପାଇଁ
ଆହେ ନୀଳାଚଳ ନାଥ
ମୋ କାଳିଆ ସାଆନ୍ତ.......

କଟକ, ବ୍ରାହ୍ମଣଝରିଲୋ- ୭୫୪୦୦୧

ISSN NO.
2582-208X

# ବାପା

ଗୋଲୋକ ବିହାରୀ ବେହେରା

ତୁମେ ମୋ ସାହସ ତୁମେ ମୋ ଇଜ୍ଜତ
ତୁମେ ଅଟ ମୋର ମାନ ସମ୍ମାନ,
ତୁମେ ମୋ ଭକତି, ତୁମେ ମୋ ଶକତି
ତୁମ ଯୋଗୁ ମୋର ଜୀବନ ଧନ୍ୟ ।
ତୁମେ ବାପା ମୋର ସଖା ସହଚର
ଜଟିଳ ଗଣିତ ସରଳ ସୂତ୍ର,
ବନ୍ଧୁ ଭଳ ସଦା ଉପଦେଶ ଦିଅ
ମୋ କାର୍ଯ୍ୟରେ ରଖ ସତର୍କ ନେତ୍ର ।
ତୁମରି ଆଶିଷ ସୁଖ ପ୍ରଦାୟକ
ତୁମ ଉପଦେଶ ବେଦର ଗାର,
ତୁମର ହୃଦୟ କଠିନ ଶିଳାରେ
ଅନ୍ତରେ ସେନେହ ଫଲଗୁ ଧାର ।
ତୁମେ ମୋ ପାଳକ, ତୁମେ ମୋ ପୋଷକ
ତୁମେ ବାପା ମୋର ଅନୁଶାସନ,
ତୁମେ ମୋ ଜୀବନ ପ୍ରେମ ପ୍ରଶାସନ
ତୁମ ବିନା ମୋର ଜୀବନ ଶୂନ୍ୟ ।

ଷଡ଼ଙ୍ଗୀ, ଢେଙ୍କାନାଳ
ମୋ: ୯୯୩୮୩୦୩୦୪୬

ISSN NO.
2582-208X

# ଅମାନଆ ଝିଅ...

ନକତା ମହାରଣା

ସେ ହୋଇ ଜଳେ ଜହ୍ନ ରାତି ରେ ଦୀପ
କେବଳ ନିଜ ପାଇଁ,
ମୁଁ ମନ୍ଦିର ର ଦୀପ
ଜଳେ ସମାଜ ର ଦୁଃଖ କୁ ଦେହ ରେ ବୋଳି ।।

ସେ ମଧ୍ୟାହ୍ନ ର ଉତ୍ତପ୍ତ ସୂର୍ଯ୍ୟ
ଉଭା ହୁଏ ସଂସାର ଚଳାଇବାର ଗର୍ବ ନେଇ,
ମୁଁ ରାତି ର ଶୀତଳ ଚନ୍ଦ୍ର
ଉଭା ହୁଏ ଶାନ୍ତି ପ୍ରଦାନ ପାଇଁ ।।

ସେ ଭୁବନେଶ୍ୱର ର ଭିଡ଼
ରାତି ଦିନ ସେ ଗହଳି ପୂର୍ଣ୍ଣ,
ମୁଁ ପୁରୀ ର ଶରଧାବାଲି
ଦିନ ସାରା ଶୁଣେ ଭକ୍ତ ଙ୍କ ଗୁହାରୀ
ରାତି ମୋର ଶାନ୍ତି, ଠିକ୍ ସମୁଦ୍ର କୂଳ ପରି ।।

ISSN NO.
2582-208X

ସେ କ୍ଲବ୍ ର ମଦଳସା
ମଦ ନାଚ ର ଯହିଁ ଚାଲେ ତାମସା,
ମୁଁ ନିର୍ଜନ ସେ ମନ୍ଦିର
ଯାର ପ୍ରତ୍ୟେକ ରେଣୁ କୁହେ ଇତିହାସ ର ଅକ୍ଷର।।

ସେ ମହମସ୍ତି ରେ ଦିନ କାଟୁଥିବା
ବେପରୁଆ ପୁଅ,
ମୁଁ ଦିନ ରାତି ସଂଘର୍ଷ କରୁଥିବା
ଅମାନିଆ ଝିଅ।।

ସ୍ନାତକୋତ୍ତର ୨ୟ ବର୍ଷ (ଓଡ଼ିଆ)
ଢେଙ୍କାନାଳ

ISSN NO.
2582-208X

# ଗୁରିକାନ୍ଧ



ମଧୁମିତା ମିଶ୍ର

ସିଏ ମଲା କି ଗଲା କାହାର ଯାଏ ଆସେ ବା କେତେ? ସିଏ ଏମିତି କିଏ କି ଯାହା ପାଇଁ ଆଉ କିଏ ଭାବିବାକୁ ଯିବ...? ଆଉ କାହା କଥା ଛାଡ କୋଳପୋଛା ଝିଅଟା ବି ତାଠୁଁ ଦୂରେଇ ଗଲା। ଆଉ କିଏ ତା ପାଖରେ ରୁହନ୍ତା...? ସିଏ କଣ ଜଣେ ବାପ ହେବାର ଧର୍ମ ନିଭେଇ ପାରିଛି କି? ସିଏ ତ ବୋଧେ ଜୀବନ ସାରା କିଛି ବି ଠିକ୍ କାମ କରି ପାରିଲାନି।

ଝିଅ ଆଗରୁ ଗୋଟେ ପୁଅ ବି ଥିଲା ତାର। ସ୍ତ୍ରୀ ମାଳତୀ ଦୁଇ ପିଲା ଆଉ ସ୍ୱାମୀ ସଂସାର ସହିତ ଖଟିଥିଲା ବଞ୍ଚିଲା ଯାଏଁ। ଚାଷବାସ କରି ପରିବାର ଚଳାଉ ଥିଲା ମାଗୁଣି। ହେଲେ ହଠାତ୍ ବାତ୍ୟା ମାଡ଼ି ଆସିଲା ଦିନେ ଆଉ ତା ଚାଳ ଛପର ଉଡ଼େଇ ନେଲା। ବାତ୍ୟା ପରେ ବନ୍ୟା ହେଲା ଗାଆଁ ପାଖ ନଈରେ ଆଉ ତା ବିଲରେ ପାଣି ପଶି ସବୁ ଉଜାଡି ପକେଇଲା। ସରକାର ତରଫରୁ ଯାହା ସାହାଯ୍ୟ ମିଳିଲା ତାହା କେତେ ଦିନ ବା ଚାଲନ୍ତା...? ଅଭାବୀ ପରିବାର ଲଢେଇ କରି ଚାଲିଲା ଜୀବନ ବଞ୍ଚାଇବାକୁ। ମାଗୁଣିର ପୁଅ ଜଣେ କୁଜି ନେତା ସହିତ ବୁଲିଲା କିଛି ପଇସା ପାଇବା ଆଶାରେ। ଆଉ ବଳି ପଡ଼ିଗଲା ଦୁଇ ଗୋଷ୍ଠୀ ସଂଘର୍ଷ ଭିତରେ।

ମାଳତୀ ଆଉ ପାରିଲାନି। ପୁଅ ଚାଲିଗଲା। ଘରେ ଅଭାବ ଅନାଟନ ଲାଗି ରହିଲା। ଏମିତିରେ ସେ ବିଛଣା ଧରିଲା ଯେ ଆଉ ଉଠିଲାନି।ସିଧା ଯାଇ ଯୁଇରେ ଶୋଇଲା। ଝିଅ ନିଜ ଛୋଟ ଛୋଟ ହାତରେ ଘରକାମ ସମ୍ଭାଳିଲା। ମାଗୁଣିର ଜମି କେବେଠୁ ବିକା ସରିଥିଲା। ଗାଆଁ ଭିତରେ କାମ ନ ପାଇ ମାଗୁଣି ଆଗେଇଲା ସହର ଆଡ଼କୁ। ସେଇଠି ମୂଲ ଲାଗିଲା। ଝିଅ ପେଟକୁ ଆଉ ତା ପେଟକୁ ଟିକେ ଦାନା ଯୋଗେଇ ପାରିଲା। ହେଲେ ଯୋଗକୁ ସେ ଯେଉଁ କୋଠା ତିଆରି ପାଇଁ ମୂଲ କାମ କରୁଥିଲା ସେହି କୋଠାର ଅଧା ଅଂଶ

ISSN NO.
2582-208X

ଦିନେ ଭୁଶୁଡ଼ି ପଡ଼ିଲା ବେଳେ ତା ଗୋଡ଼ ଭିତରେ ଲୁହା ରଡ଼ ଗଳିଗଲା। ମାଲିକ ତାର ଚିକିତ୍ସା ସିନା କରେଇଲେ ହେଲେ ଡାକ୍ତରଙ୍କୁ ତା ଗୋଡ଼ ଗୋଟିଏ କାଟି ଦେବାକୁ ହେଲା।

ଗୋଟିଏ ଗୋଡ଼ ଚାଲିଯିବା ପରେ ସେ ଆଉ ଗାଁ ବାହାରକୁ ଯାଇ ପାରିଲାନି। ଅବସ୍ଥା ଆହୁରି ଖରାପ ହେଲା। ଝିଅର ଭୋକିଲା ଶୁଖିଲା ମୁହଁ ଆଉ ବଢ଼ିଲା ଦେହ ତା ନିଦ ଉଡ଼େଇ ଦେଲା। ଝିଅ ଘର ବାହାରକୁ ଗୋଡ଼ କାଢ଼ିଲେ ତା ମନ କାନ୍ଦି ଉଠେ। ଘର ଭିତରେ ତା ପେଟର ଭୋକ ବାପ କୁ ଧିକ୍କାର କରେ। ଏତିକି ବେଳେ ଜମିଦାରଙ୍କ ବଡ ଭାଇ ମାଗୁଣି ଝିଅକୁ ତାଙ୍କ କକାଙ୍କ ସହିତ ବାହା କରେଇବାର ପ୍ରସ୍ତାବ ଆଣିଲେ। କାକାଙ୍କ ବୟସ ଅଶୀ ଟପି ସାରିଥିଲା। ତିନୋଟି ବିବାହ କରିବା ପରେ ମଧ୍ୟ ବାପା ହୋଇ ନ ପାରିବାରୁ ଆଉ ଥରେ ସେ ବାହା ହେବାକୁ ଚାହୁଁଥିଲେ।

ମାଗୁଣି ବହୁତ୍ ଭାବିଲା। ଜମିଦାର ଚାହିଁଥିଲେ ତା ଝିଅକୁ ଏମିତି ରଖି ପାରିଥାନ୍ତେ। ହେଲେ ସେ ବାହା ହୋଇ ସ୍ତ୍ରୀ କରି ନେବାକୁ ଚାହାନ୍ତି। ଆଉ କିଏ ଲୋଲୁପ ଦୃଷ୍ଟି ପକେଇବା ଆଗରୁ ତାର ସୁରକ୍ଷା କରିବା ବାପ ହିସାବରେ ତାର ଧର୍ମ। ତା ଛଡା ତାଙ୍କ ଘରେ ଝିଅ ଖାଇବା ପିଇବା ଅସୁବିଧା ତ ହେବନି। ଏସବୁ ଭାବି ଟେକିଦେଲା ସେ ଝିଅକୁ ବିବାହ ବେଦୀରେ। ହେଲେ ଝିଅ କଣ ବୁଝିଲା କେଜାଣି..!! ଏମିତି ବୁଢ଼ା ବରକୁ ବାହା କରେଇ ତା ଜୀବନ ସେ ନଷ୍ଟ କରିଦେଲା ବୋଲି କହି ବିଦାୟ ହୋଇ ଯାଇଛି ଯେ ଯାଇଛି। ମାଗୁଣି ଶୁଣିଛି ବୁଢ଼ା ଜମିଦାର କୁଆଡେ ତାଙ୍କ ସ୍ତ୍ରୀ ସାଙ୍ଗରେ ବଡ ସହରକୁ ଯାଇ ରହି ଗଲେଣି। ଖୁସିରେ ଅଛନ୍ତି ସେ। ମାଗୁଣି ଭାବେ ଯାହା ବି ହେଉ ଝିଅ ତାର ବଞ୍ଚିଛି। ସଂସାରଟି କରିଛି।ଆଉ ତାର ଚିନ୍ତା ନାହିଁ।

ହେଲେ ତା ଜୀବନ ତାକୁ ଆଉରି ହଇରାଣ କଲା। ଛୋଟା ଗୋଡ଼ ସହିତ କାମକୁ ପାରିଲାନି। ଘରେ ଖାଇବାକୁ କିଛି ରହିଲାନି। କେହି କେହି ଦୟା କରି କେତେଦିନ ଖାଇବାକୁ ଦେଲେ। ତା ପରେ ତାର ଖଣ୍ଡିଆ କାନ୍ଥ ଆଉ ଭଙ୍ଗା ଛପର ଆଡେ ଆଉ ଚାହିଁଲେ ନାହିଁ।ପଞ୍ଜରା ହାଡ ଗଣି ହେଇ ଯାଉଥିଲା ମାଗୁଣିର। ଶେଷ ନିଃଶ୍ୱାସ ଛାଡ଼ିଲା ବେଳେ ସେ ଭାବୁଥିଲା ବଞ୍ଚିଲା ବେଳେ ଚାରିମୁଠା ଖାଇବାକୁ ମିଳିଲାନି...ଚାରିଲୋକେ ତା ସହିତ କଥା କେବେ ହେଲେନି। ଏବେ ମରିଲା ପରେ ତା ଶବକୁ ଚାରିକାନ୍ଧ ମିଳିବ ତ...!!??

ଭୁବନେଶ୍ୱର

ISSN NO.
2582-208X

# ଶରତ ପ୍ରତ୍ୟୁଷ



ପଞ୍ଚାନନ ମେହେର

ପ୍ରଚୀନଭେ ଶୁଭ୍ରଜ୍ୟୋତି ପ୍ରତ୍ୟୁଷେ ପ୍ଲାବିତ
ପକ୍ଷୀକୁଳ କଳରବେ ପ୍ରାଣ ଉଲ୍ଲସିତ ।୧।
ନଭୋମଣି ଆଗମନ ହୁଅନ୍ତେ ଉଦ୍ୟତ
ସରୋବରେ ସରୋଜ ପୁଲକେ ପ୍ରସ୍ଫୁଟିତ ।୨।
କଲ୍ଲୋଳିନୀ ତଟେ ଖେଳେ କାଶତଣ୍ଡି ଫୁଲ
ଶୁଭ୍ର ପୟୋଧିରେ ଯେହ୍ନେ ଉତ୍ତାଳ ହିଲ୍ଲୋଳ ।୩।
ମୃଦୁ-ମନଲୋଭା-ବାତ ତାଳେ ଧୀରେ ଧୀରେ
ସ୍ୱସୌଷ୍ଠବେ ପ୍ରକୃତି ପ୍ରେମୀର ମନ ହରେ ।୪।
ମୀନ ଅନ୍ୱେଷଣେ ମୀନ-ମରାଳି ଅର୍ଣ୍ଣବେ
ମେଳାନ୍ତି ତରୀ ଯେସନେ ତାରା ଶୋହେ ନଭେ ।୫।
ସ୍ନାନାଦି କାର୍ଯ୍ୟେ ପ୍ରମଦା ଜଳୀ ଅଭିମୁଖେ
ସଖୀମେଳେ ବାର୍ତ୍ତାଳାପେ ଗମି ମହାସୁଖେ ।୬।
ଲପନେ ଲେପନ କରି ଦ୍ରବ୍ୟ ସୁବାସିତ
ବନଫୁଲେ କରିଥାନ୍ତି କବରି ଶୋଭିତ ।୭।
ପର୍ଣ୍ଣପୃଷ୍ଠେ ଢଳଢଳ ରଜତ କାକର
କମନୀୟ କାନ୍ତି ମୋହେ ରାଜ୍ଞୀ ପ୍ରକୃତିର ।୮।

ISSN NO.
2582-208X

ସବୁଜ ସୁରମ୍ୟ ରୂପ ସମ୍ଭାର ସମୀପେ
ଚିତ୍ତବିଭ୍ରମତା ହ୍ରାସ ପ୍ରତ୍ୟୁଷ ବିଲୋକେ ।୯।
ସରଗ ସୁଷମା ଢାଳେ ସୁନୀଳ ଅମ୍ବର
ଶରତ ପ୍ରତ୍ୟୁଷ ଆହା କେଡେ ମନୋହର ।୧୦।

ଧାନବସା, ଗ୍ରମପୁର, ସୁବର୍ଣ୍ଣପୁର
୭୬୭୦୪୫ ଓଡିଶା
ଦୂରଭାଷ : ୮୨୪୯୧୧୮୨୫୧

ISSN NO.
2582-208X

# ଥିଲାଟି... ଗୋଚର ଭୂଇଁ



ପ୍ରଶାନ୍ତ କୁମାର ନାଥ

ଥିଲାଟି ଗୋଚର ଭୂଇଁ
ଗାଁ'ମୁଣ୍ଡ ଶେଷ ବା ଅନତି ଦୂରେ;
ପାହାଡ଼ ପାଦ ଛୁଆଁ ବିସ୍ତିର୍ଣ୍ଣ ଘାସ ଗାଲିଚା...
ଝଙ୍କା-ବଙ୍କା ଅନାବନା ଗଛ ବରଗଛ ମଝିରେ ।
ଅଙ୍କାବଙ୍କା ଭୂଲେଖ ନକ୍ସାରେ;
ସେବେ ଥିଲା, ଏବେ ବଞ୍ଚିଛି
'ଗୋଚର ଅଞ୍ଚଳ' ଚିତ୍ରତି ହୋଇ ।

ଥିଲାଟି ଗୋଚର ଭୂଇଁ:
ବାବୁ ଅଫିସର ଯେତେ
ଗାଁ କମିଟି ମେଳିରେ
ଖୋଜିଖାଜି କରି ହତାସ;
ପଧାନବୁଢ଼ା କିନ୍ତୁ ଶେଷ ସଜ୍ୟାରେ ହସୁଛି
ମୁହଁକୁ ମୋଡ଼ି, ଶୁଖିଲା ଡାଙ୍ଗହାଡ଼...
ପାପୁଲି ବୁଲେଇ, ଆକାଶକୁ ଠାରି-
କାହିଁ ଆଜି ଏ ବୃଥା ପରିଶ୍ରମ,
ନେଡ଼ିଗୁଡ଼ କହୁଣୀକୁ ଛୁଇଁଲାପରେ ?

ISSN NO.
2582-208X

ରାଗ ତମତମ ଦାନ୍ତଶୂନ୍ୟ ପାକୁଆ କୁ ନେଫେଡ଼ି
ଫେରିଯାଅ ବୋଲି ସେ କହୁଛି ।

ଥିଲାଟି ଗୋଚର ଭୂଇଁ
ଅଫିସର କମିଟି ସବୁ ମୁହଁ ଚାହାଁଚହିଁ
ପଧାନବୁଢ଼ା ପ୍ରଶ୍ନଟା ଭାରି ବାଧୁଛି;
ଦୋଷ ଠେଲାଠେଲି ବୃଥା
ଫେରିଯିବା ସାର ନିଷ୍ପତି–
ପଧାନ ବୁଢ଼ାଟା ତ ଗଲା;
କଲମ ଚାଲିଲା 'ନଟ୍ ଫାଉଣ୍ଡ' ଦିଶିଲା
ମାଟିଆ କଭରରେ ଡୋରି ବନ୍ଧାହେଲା...
ପଧାନବୁଢ଼ା ପରିଶ୍ରମ ପେଡ଼ିରୁ
'ଗୋଚର ବଞ୍ଚାଅ' ଦରଖାସ୍ତ, ପୋଷ୍ଟର...
ଆର୍ଟିଆଇ କାଗଜ ଯେତେ
ଅନ୍ଧାର ନିଆଁକୁ ମୁହାଁହେଲା ।

ଗୋବିନ୍ଦପୁର, କଟକ

ISSN NO.
2582-208X

# ଆତ୍ମା କାନ୍ଦୁଛି



ହର ପ୍ରସାଦ ସୁଆର

ରମାକାନ୍ତ ପଣ୍ଡା ଜଣେ ନିଷ୍ଠାପର ବ୍ୟକ୍ତି, ଲେଖକ ଓ କବି । ସେ ରାଜ୍ୟ ସରକାରଙ୍କ ଉଚ୍ଚ ପଦବୀରେ କାର୍ଯ୍ୟରତ ଥିଲେ । ତାଙ୍କର ତିନିପୁତ୍ର ଓ ଗୋଟେ କନ୍ୟାଥିଲେ । ସେ ପାରଳାଖେମୁଣ୍ଡିରେ ଜନ୍ମଲାଭ କରିଥିଲେ । ସେ ଛୟାଅସି ମସିହା ମଇ ମାସ, ଅଠର ତାରିଖରେ ଦୁରାରୋଗ୍ୟ ବ୍ୟାଧିରେ ପୀଡ଼ିତ ହୋଇ ମୃତ୍ୟୁବରଣ କରିଥିଲେ । ତାଙ୍କ ମଝିଆ ପୁଅର ନାମ ଅଶୋକ । ସେ ରାଜ୍ୟ ବାହାରେ ସରକାରୀ ଚାକିରୀ କରୁଥିଲେ । ବାପାଙ୍କ ଭଳି ତାଙ୍କର ବି ଲେଖାଲେଖିରେ ଖୁବ୍ ଆଗ୍ରହ । ଇତିମଧ୍ୟରେ ସେ ଚାକିରୀରୁ ଅବସର ଗ୍ରହଣ କରିସାରିବା ପରେ ଦୁଇଖଣ୍ଡ ପୁସ୍ତକ ରଚନା କରିଛନ୍ତି । ତାଙ୍କର ତୃତୀୟ ବହି ପ୍ରକାଶନା ଅପେକ୍ଷାରେ ରହିଛି । ଏଣେ ତାଙ୍କ ବାପା ନିଜ ଜୀବିତାବସ୍ଥାରେ ମୋଟ ନଅଖଣ୍ଡ ବହି ରଚନା କରିଯାଇଛନ୍ତି । ଏଣୁ ସାହିର କିଛି ଲୋକ ଅର୍ଥାତ୍ ବୟସରେ ତାଙ୍କ ସମସାମୟିକ ବ୍ୟକ୍ତିମାନେ ତାଙ୍କ ଜ୍ଞାନ ଓ ପ୍ରତିଭାକୁ ଦେଖି ତାଙ୍କୁ 'ବୁଦ୍ଧି' ବୋଲି ନାମ ଦିଅନ୍ତି । ଏଣୁ ତାଙ୍କ ପ୍ରକୃତ ନାମ ରମାକାନ୍ତ ହେଲେ ସୁଦ୍ଧା ସେ ବୁଦ୍ଧି ନାମରେ ପରିଚିତ । ତାଙ୍କର ତିନି ଭଉଣୀ ଥିଲେ । ପରବର୍ତ୍ତୀ ସମୟରେ ବୟସ ଜନିତ କାରଣରୁ ତାଙ୍କ ଦୁଇ ଭଉଣୀଙ୍କର ମୃତ୍ୟୁ ଘଟିଥିଲା । ସାନ ଭଉଣୀଙ୍କ ଗୋଟେ ପୁଅ ଓ ଝିଅକୁ ନେଇ ମୋଟ ଦୁଇଟି ସନ୍ତାନ । ରମାକାନ୍ତବାବୁଙ୍କ ତୁଳନାରେ ସେମାନଙ୍କ ଆର୍ଥିକ ଅବସ୍ଥା ସ୍ୱଚ୍ଛଳ । ତାଙ୍କ ଝିଅର ନାମ ହେଉଛି ନିରୁ । ନିରୁ ହେଉଛନ୍ତି, ଅଶୋକଙ୍କ ପିତାଙ୍କ ଭଉଣୀଙ୍କ ଝିଅ, ଅଶୋକଙ୍କ ଠାରୁ ବୟସରେ ଦଶବର୍ଷ ବଡ ହେବା କାରଣରୁ ସେ ହେଉଛନ୍ତି ନିରୁଅପା ।

ISSN NO.
2582-208X

ଦିନ ଗଡି ଚାଲିଥାଏ । ଯିଏ ଯା'ପରିବାରକୁ ନେଇ ରହନ୍ତି । ସାଧାରଣତଃ ଶୁଭାଶୁଭ କାର୍ଯ୍ୟରେ ସମସ୍ତେ ମିଳିତ ହୁଅନ୍ତି ତେବେ ଏମିତିରେ ବି ଯିବାଆସିବା ଲାଗିରହିଥାଏ । ରକ୍ଷଣାବେକ୍ଷଣ ଅଭାବରୁ ବୁଦ୍ଧିବାବୁଙ୍କର ସମସ୍ତ ପୁସ୍ତକ ଉଇ ଖାଇସାରିଥାଏ । ଏମିତିକି ଖଣ୍ଡିଏ ପାଣ୍ଡୁଲିପି ମଧ୍ୟ ବଳକା ରହିନଥାଏ । ଫଳରେ ପ୍ରକାଶିତ ହୋଇ ବଣ୍ଟାଯାଇଥିବା ଚାରିଖଣ୍ଡ ପୁସ୍ତକରୁ ଯଦି କାହାରି ନିକଟରେ ସୌଭାଗ୍ୟକୁ ଖଣ୍ଡିଏ ବହି ମିଳିଯାଏ, ସେହି ବହିକୁ ସଂଗ୍ରହ କରି ପୁନଃମୁଦ୍ରଣ କରିବା ନିମନ୍ତେ ଅଶୋକବାବୁଙ୍କ ମନରେ ଭାରି ଇଚ୍ଛା । ସେ ନିଜ ଗାଁର ଏକାଧିକ ପାଠାଗାର ଏବଂ ସାହିସାହିରେ ଘରଘର ବୁଲି ବହି ବିଷୟରେ ପଚରାଉଚୁରା କଲେ ତଥାପି ନିରାଶ ହେବାକୁ ପଡିଲା । ଖଣ୍ଡିଏ ହେଲେ ବହି କେଉଁଠି ହେଲେ ମିଳିପାରିଲା ନାହିଁ । କ'ଣ ବା କରାଯିବ, ସେ ଏହି ଚିନ୍ତାରେ ଥାଆନ୍ତି ।

ଜ୍ୟେଷ୍ଠ ପୁତ୍ର କୃଷ୍ଣପ୍ରସାଦଙ୍କର ମାତ୍ର ପଚିଶ ବର୍ଷ ବୟସରେ କଲିକତାରେ ଅକାଳ ମୃତ୍ୟୁ ଯୋଗୁଁ ରମାକାନ୍ତବାବୁ ଭୀଷଣ ଭାଙ୍ଗି ପଡି଼ଥିଲେ । ସେହିଦିନଠାରୁ ସେ ପୁତ୍ରଶୋକ କାରଣରୁ ଆମିଷ ଖାଇବା ତ୍ୟାଗ କରିଦେଲେ । ଘରେ କେବଳ ସ୍ୱାମୀ, ସ୍ତ୍ରୀ ଓ ରଘୁ । ରମାକାନ୍ତ ବାବୁ ଅସୁସ୍ଥ ହେବା ପରଠାରୁ କେବଳ ଦୁଇ ପ୍ରାଣୀ ନିମନ୍ତେ ସାଧାରଣତଃ ଘରେ ଆମିଷ ଅଣାଯାଏନି । ଏଇଭାବେ ସମୟ ବିତିଚାଲିଥାଏ । ଇତିମଧ୍ୟେ ରମାକାନ୍ତବାବୁ ଦୁରାରୋଗ୍ୟ ରୋଗରେ ଆକ୍ରାନ୍ତ ହୁଅନ୍ତି । ଫଳରେ ଦିନକୁ ଦିନ ଦେହ ଦୁର୍ବଳ ହେବାରେ ଲାଗିଥାଏ । କାହିଁକି କେଜାଣି, ମୃତ୍ୟୁର ଏକମାସ ପୂର୍ବରୁ ତାଙ୍କ ମନରେ ଇଚ୍ଛା ଜାତହୁଏ, ଟିକେ ଆମିଷ ଖାଇବା ନିମନ୍ତେ । ତା'ଛଡା ଦୁର୍ବଳ ଦେହପାଇଁ ପ୍ରୋଟିନର ଆବଶ୍ୟକତା ବି ରହିଥାଏ । ତଥାପି ଘରର ଆର୍ଥିକ ସୀମାବଦ୍ଧତା କାରଣରୁ ଏହି ଏକମାସ ସମୟ ମଧ୍ୟରେ ଘରେ ହୁଏତ କ୍ୱଚିତ୍ ଆମିଷ କିଣାଯାଇଥାଇପାରେ । ବଡ ଭାଇ ଅସୁସ୍ଥ ହୋଇଥିବା କାରଣରୁ ତାଙ୍କ ଭଉଣୀ ଏକ କିଲୋମିଟର ରାସ୍ତା ଦୂରରୁ ଭାଇଙ୍କୁ ଦେଖିବାକୁ ପ୍ରାୟତଃ ଆସନ୍ତି । ଭାଇ ଆମିଷ ଖାଇବାକୁ ଆଗ୍ରହ ପ୍ରକାଶ କରୁଥିବା କଥା ତାଙ୍କଘରୁ ଜାଣିପାରି ସେ ମନେମନେ ଚିନ୍ତାକଲେ କିଛିଦିନ ବ୍ୟବଧାନରେ ଥରେ ସେ ଆମିଷ ତରକାରୀ ଟିକେ ନେଇଆସିବେ । ଭଉଣୀ ନିଜ ହାତରେ ରାନ୍ଧିଥିବା ଆମିଷ ତରକାରୀ ଭାଇ ଖୁବ୍ ଖୁସିରେ ଖାଇଦିଅନ୍ତି । କାହିଁକି ନା ନିଜଘରର ରନ୍ଧାଠାରୁ ଭଉଣୀଙ୍କ ରନ୍ଧା ପୁଣି ଭଲ ଓ ସ୍ୱାଦିଷ୍ଟ ।

ISSN NO.
2582-208X

ଦିନକର ଘଟଣା । ଠିକ୍ ସେଦିନ ରମାକାନ୍ତବାବୁଙ୍କୁ ଯେ କାଳରାତ୍ରି ଗ୍ରାସିବ ବା ସେହିଦିନ ହିଁ ତାଙ୍କର ହୃଦସ୍ପନ୍ଦନ ବନ୍ଦ ହୋଇଯିବ ଏକଥା, ପୂର୍ବରୁ କିଏ ଅବା କଳନା କରିପାରିବ ? ଅନ୍ୟଦିନ ଭଳି ସେଦିନ ମଧ୍ୟ ତାଙ୍କ ଭଉଣୀ ନିଜ ଘରୁ ମାଂସ ତରକାରୀ ଟିକେ ଆଣିଥିଲେ, ଭାଇ ଖାଇବେ ବୋଲି । ସାଥିରେ ତାଙ୍କ ଝିଅ ଅର୍ଥାତ୍ ରମାକାନ୍ତବାବୁଙ୍କ ଭାଣିଜି ବି ଆସିଥିଲେ । ମାଁ ଝିଅ ଦୁହେଁ ରମାକାନ୍ତବାବୁଙ୍କ ନିକଟରେ ଯାଇ ବସିଲେ । ଭାଇ ତ ଅସୁସ୍ଥ, ଏଣୁ ପାଖରେ ବସି ଟିକେ ଖୁଆଇଦେଲେ କାଳେ ତାଙ୍କ ପାଟିକୁ ଟିକେ ଭଲ ଲାଗିବ ଏବଂ ସେ ଖୁସି ହେବେ । ଭଉଣୀ, ତାଙ୍କ ଭାଇଙ୍କ ତୁଣ୍ଡରେ ମାଂସ ତରକାରୀ ଥରେ ଦୁଇଥର ଦେଲେ । ରମାକାନ୍ତବାବୁ ଉକ୍ତ ମାଂସକୁ ଚୋବେଇ ଖାଇଦେଲେ । ଏ ସମୟରେ ରମାକାନ୍ତ ବାବୁଙ୍କ ସ୍ତ୍ରୀ ଘରକାମରେ ବ୍ୟସ୍ତଥିବା କାରଣରୁ ପାଖରେ ଉପସ୍ଥିତ ନଥିଲେ । ଭଉଣୀ, ନିଜ ଅସୁସ୍ଥ ଭାଇଙ୍କୁ ଖୁଆଇ ଦେଉଛନ୍ତି, ଏଥିରେ କ'ଣ ବା ସନ୍ଦେହ ଥାଇପାରେ ? ଏଣୁ ସେ ନିଜ ଘରକାମରେ ମଗ୍ନଥାଆନ୍ତି । ଭଉଣୀ,ଭାଇଙ୍କ ତୁଣ୍ଡରେ ପୁଣି ମାଂସ ଦିଅନ୍ତି । ସେ ମାଂସକୁ ଦରଚୋବା କରି ଢୋକିବାକୁ ଚେଷ୍ଟାକରନ୍ତୁ କିମ୍ବା ସେଥିରେ ମୁନିଆଁ ଛୋଟ ହାଡ ଖଣ୍ଡଟିଏ ରହିଥାଉ ଅଥବା ମାଂସଖଣ୍ଡିକ ଟିକେ ବଡ ଆକାରର ହୋଇଥାଉ, ରମାକାନ୍ତବାବୁ ଗିଳିବାକୁ ଆପ୍ରାଣ ଚେଷ୍ଟାକରି ସୁଦ୍ଧା ଗିଳି ପାରିଲେନାହିଁ । ଭାଇ ଜଣେ ଗଳା କର୍କଟ ରୋଗୀ । ମୁଣ୍ଡକୁ ଗୋଟେ ପାର୍ଶ୍ୱକୁ ନୁଆଁଇ ରଖିଲେ । ତାଙ୍କ ଗଳାଠାରୁ ମୁଣ୍ଡ ପର୍ଯ୍ୟନ୍ତ କିଛି ମୁହୂର୍ତ୍ତ ପାଇଁ ଥରିଲା । ଏହାଦେଖି ଭଉଣୀ ଭାବିଲେ ଗଳାରେ ମାଂସଖଣ୍ଡ ଅଟକି ରହିଥିବାରୁ ଯେପରି ପେଟ ଭିତରକୁ ଚାଲିଯାଏ ସେଥିପାଇଁ ବୋଧେ ତାଙ୍କଭାଇ ମୁଣ୍ଡକୁ ଏପରି କରୁଛନ୍ତି । ମାଂସଖଣ୍ଡଟି ସହଜରେ ଗିଳି ହୋଇଯାଉ ଭାବି ଭଉଣୀ, ତାଙ୍କ ଭାଇଙ୍କ ପାଟିରେ ଅଳ୍ପ ପାଣି ଦେଲେ । ପାଣି ଟିକକ ପେଟ ଭିତରକୁ ଚାଲିଗଲା ହେଲେ ମାଂସଖଣ୍ଡଟି ଗଳାରେ ସେମିତି ଅଟକି ରହିଲା । କିଛି ସମୟ ଧରି କଷ୍ଟପାଇ ଅଣନିଃସ୍ୱୀ ହୋଇ ଶେଷରେ ମୃତ୍ୟୁ କୋଳରେ ଲୋଟିପଡିଲେ । ସେଦିନ ଯଦି ଭଉଣୀ ତାଙ୍କ ଭାଇଙ୍କୁ ମାଂସ ନ ଦିଅନ୍ତେ ତାହାହେଲେ ଏପରି ମର୍ମାନ୍ତିକ ଦୁର୍ଘଟଣା ଘଟିନଥାନ୍ତା । ଗଳାକର୍କଟ ରୋଗୀ ହୋଇଥିବା କାରଣରୁ ତାଙ୍କୁ ଗିଳିବାରେ କଷ୍ଟ ବା ଅସୁବିଧା ହୋଇଥାଇପାରେ । ପାଟିରେ ମାଂସର ଛୋଟଛୋଟ ଖଣ୍ଡ ଦେବା ଉଚିତ ଥିଲା କିମ୍ବା ଉକ୍ତ ଖଣ୍ଡରେ ହାଡର ମୁନିଆଁ ଅଂଶଟିଏ ଯଦି ରହିଯାଇଥାଏ ତାହା ପ୍ରଥମେ ବାହାର କରି ତା'ପରେ ପାଟିରେ ମାଂସ ଦେବା କଥାଥିଲା । କିନ୍ତୁ ବାସ୍ତବରେ ସେପରି ନହେବାରୁ ଅର୍ଥାତ୍ ମାଂସ ଖୁଆଇବା ସମୟରେ ଉପଯୁକ୍ତ ସତର୍କ ବା ଯତ୍ନଶୀଳ ନହୋଇ ତରବର

ISSN NO.
2582-208X

ହେବା ଫଳରେ ଭାଣିଜିଙ୍କ ଉପସ୍ଥିତିରେ ମାମୁଁଙ୍କ ପ୍ରାଣବାୟୁ ଉଡିଗଲା । ସେ ସମୟରେ ଘର ଲୋକ କେହି ନିକଟରେ ନଥିଲେ । ଫଳରେ ତାଙ୍କ ମୃତ୍ୟୁ ପଛର ପ୍ରକୃତ କାରଣ କଣ ତାହା ଆଜିସୁଦ୍ଧା ଏକ ରହସ୍ୟ ତଥା ପ୍ରଶ୍ନବାଚୀ ହୋଇରହିଛି । ଏସବୁ କଥାକୁ ବିଶ୍ଳେଷଣ କରିବାକୁଯାଇ କୌଣସି ଏକ ବ୍ୟକ୍ତି ଅନାୟାସରେ, ନିଜର ମତବ୍ୟକ୍ତ କରିପାରନ୍ତି ଯେ ଭଉଣୀଙ୍କ ଅସାବଧନତା ଯୋଗୁଁ ହିଁ ତାଙ୍କ ହାତରେ ଭାଇଙ୍କ ପ୍ରାଣ ଚାଲିଗଲା ଅର୍ଥାତ୍ ପରୋକ୍ଷ ଭାବେ କହିବାକୁ ଗଲେ ଭଉଣୀ ହିଁ ନିଜ ଭାଇଙ୍କ ପ୍ରକୃତ ହତ୍ୟାକାରୀ ।

ଅଶୋକବାବୁ ବାହାର ରାଜ୍ୟରୁ ନିଜଘରକୁ ଯେତେବେଳେ ଛୁଟିରେ ଆସନ୍ତି, ସେତେବେଳେ ସେ ଫୁରସତ୍ ଦେଖି କିଛି ଦୂରରେ ଥିବା ନିଜ ପିଉସୀଙ୍କ ଘରକୁ ଯାଆନ୍ତି । ସେଠାରେ କିଛିସମୟ ବସି କଥାବାର୍ତ୍ତା ହୋଇ ପୁଣି ଘରକୁ ଫେରନ୍ତି । ଆଲୋଚନା ସମୟରେ ଯେତେବେଳେ ଅଶୋକବାବୁଙ୍କ ପିତାଙ୍କ ପ୍ରସଙ୍ଗ ଆସେ ସେତେବେଳେ ତାଙ୍କର ନିରୁଅପା କହନ୍ତି ମାମୁଁ, ବୋଉ ହାତରୁ କେବଳ ଦୁଇ ତିନିଖଣ୍ଡ ମାଂସ ଖାଇଦେଇ ଚାଲିଗଲେ । ସେଇଟା ହିଁ ଥିଲା ଭଉଣୀ ଓ ଭାଣିଜିଙ୍କ ସହ ଶେଷ ଦେଖା ... ଇତ୍ୟାଦି । ଏକଥା ଶୁଣି ପିଉସୀ, ତାଙ୍କ ଝିଅକୁ ଆକଟ କରି କହନ୍ତି, ତୁ ଏମିତି କହନା । ଏ କଥା ଶୁଣିଲେ ସେମାନେ ଭୁଲ୍ ବୁଝିବେ ଏବଂ କହିବେ ମାଂସଦେବା ଯୋଗୁଁ ହିଁ ଗଳାରେ ଅଟକି ମୋ ବାପା ମରିଗଲେ । ଏହା ଶୁଣି ନିରୁଅପା ଚୁପଚାପ୍ ରହନ୍ତି । ତାଙ୍କ ମାମୁଁ ମରିବା ଦିନଠାରୁ ବୋଉ ମରିବା ପୂର୍ବ ପର୍ଯ୍ୟନ୍ତ ଏହି ଏକା ବିଷୟ ନେଇ ଅନେକଥର ଅଶୋକବାବୁଙ୍କ ସାମନାରେ ଆଲୋଚନା ହୋଇଛି । ପିଉସୀ ଏବଂ ଅପାଙ୍କଠାରୁ ଅଶୋକବାବୁ ଯେହେତୁ ବୟସରେ ଛୋଟ ସେଥିପାଇଁ ଏ କଥାର ପ୍ରତିବାଦ କରିବାର ସାହସ ତାଙ୍କ ପାଖରେ ନଥାଏ । ତା'ଛଡ଼ା ବାପାଙ୍କ ମୃତ୍ୟୁ ସମୟରେ ସେ ଉପସ୍ଥିତ ନଥିଲେ । ପ୍ରତିବାଦ ଯଦି କରନ୍ତି ତାହାହେଲେ ଘଟଣାର ପ୍ରମାଣ ତାଙ୍କୁ ଦେବାକୁପଡିବ । ପ୍ରମାଣ ତ ଦେଇ ହେବନାହିଁ ଏଣୁ ମନ ଦୁଃଖରେ ଚୁପ୍ ହୋଇ ରହନ୍ତି । ଏଥିରୁ ସ୍ୱାଭାବିକ ଭାବେ ମନରେ ପ୍ରଶ୍ନଆସେ, ମାଂସ ଖୁଆଇବାକୁ ନେଇ ଭଉଣୀ ଯଦି କିଛି ବି ତ୍ରୁଟି ବା ଅବହେଳା କରନାହାନ୍ତି ତାହାହେଲେ ଝିଅର କଥାଶୁଣି ମନରେ ଆତଙ୍କିତ ହୋଇ ଝିଅକୁ ବାରମ୍ବାର ଆକଟ କରୁଛନ୍ତି କାହିଁକି ? ଘଟଣା ସ୍ଥଳରେ ଉପସ୍ଥିତ ଥିବା ନିଜ ଝିଅକୁ ଚୁପ୍ ରହିବାକୁ କାହିଁକି ପରାମର୍ଶ ଦେଉଛନ୍ତି ? ଚୁପ୍ ରହିବାକୁ କହି ସତ୍ୟ ଘଟଣାକୁ ଦବେଇ ଦେବାର କାରଣ ବା କଅଣ ? ଏଠାରେ ପ୍ରଶ୍ନଆସେ ଝିଅ ଯେହେତୁ ଘଟଣା ଘଟିବା ସମୟରେ ଉପସ୍ଥିତ ଥିଲା ଯାହା ବାସ୍ତବ ତାହା ବୋଉଙ୍କ ନିକଟରେ ପ୍ରକାଶ କଲା କିନ୍ତୁ ଝିଅର ତୁଣ୍ଡରୁ ଏସବୁ ଆଲୋଚନା ଶୁଣି ମାଆଙ୍କ

ISSN NO.
2582-208X

ମନକୁ ବା କାହିଁକି ପାପ ସ୍ପର୍ଶ କଲା ଏବଂ ମନଟା ବିଚଳିତ ହେଇଗଲା ? କିଞ୍ଚିତ୍ ହେଲେ ବି ଯଦି କିଛି ଅସାବଧନତା ବା ଭୁଲତ୍ରୁଟି ନଥାଏ ତାହାହେଲେ ସେ ଏପରି କହିବାକୁ ଝିଅକୁ ବାରଣ କରୁଛନ୍ତି କାହିଁକି ? ଏସବୁର ପ୍ରକୃତ ରହସ୍ୟ କଣ ହୋଇପାରେ ? ସେ ମନରେ କୋଉ କଥାକୁ ଲୁଚେଇବାକୁ ଚାହାଁନ୍ତି ? ସଠିକ୍ ସମୟରେ ଏସବୁର ପର୍ଦ୍ଦାଫାସ୍ ହେବାର ପ୍ରୟୋଜନ ଥିଲା । କିନ୍ତୁ ଦୁର୍ଭାଗ୍ୟବଶତଃ ଘଟଣାର ସତ୍ୟାସତ୍ୟ ଉନ୍ମୋଚନ ହୋଇପାରିଲା ନାହିଁ । ମନ ଭିତରେ ପ୍ରଶ୍ନଟା ସବୁଦିନ ପାଇଁ କେବଳ ପ୍ରଶ୍ନଚିହ୍ନ ହୋଇ ରହିଗଲା ।

ଚାକିରୀରୁ ଅବସର ଗ୍ରହଣ ପରେ ଅଶୋକବାବୁ ମନରେ ସିଦ୍ଧାନ୍ତ ନେଲେ, ତାଙ୍କ ବାପାଙ୍କର ପୁସ୍ତକ ଗୁଡିକ ଖୋଜି ବାହାର କରି ପୁନଃମୁଦ୍ରଣ କରିବାକୁ ହେବ । ତେବେଯାଇ ବର୍ତ୍ତମାନ ପ୍ରଜନ୍ମ ରମାକାନ୍ତବାବୁଙ୍କ ବହି ପଢି ତାଙ୍କ ସମ୍ବନ୍ଧରେ ଏବଂ ତାଙ୍କ ପ୍ରତିଭାକୁ ଜାଣିପାରିବେ । ସ୍କୁଲ, କଲେଜ, ପାଠାଗାର ଏବଂ ସାହିର ଘରଘର ବୁଲି ଅନୁସନ୍ଧାନ କରୁକରୁ ତାଙ୍କ ରଚିତ 'ରାଜ୍ୟ ଗୌରବ' ନାମକ ଖଣ୍ଡିଏ ବହି ବହୁତ କଷ୍ଟରେ ଯୋଗାଡ ହେଲା । କାଳବିଳମ୍ବ ନକରି ଉକ୍ତ ବହିକୁ ପୁନଃମୁଦ୍ରଣ କରିବାକୁ ପଡିବ । କବିଙ୍କ ଅବର୍ତ୍ତମାନରେ ତାଙ୍କର ଉତ୍ତର ଦାୟାଦ୍ ହିସାବରେ ତାଙ୍କ ସମ୍ପର୍କରେ ପଦେ ଲେଖିବାକୁ ହେବ ଯାହା ଉକ୍ତ ପୁସ୍ତକରେ ସ୍ଥାନିତ ହେବ ।

ପନ୍ଦର ବର୍ଷ ବୟସରୁ ଅର୍ଥାତ୍ ପାଠ ପଢିବା ସମୟଠୁ ହିଁ ଅଶୋକବାବୁ ତାଙ୍କ ବଡଭାଇଙ୍କ ନିକଟକୁ ବ୍ରହ୍ମପୁର ଚାଲିଗଲେ । ପରବର୍ତ୍ତୀ ସମୟରେ ତାଙ୍କ ବଡଭାଇଙ୍କ ମୃତ୍ୟୁପରେ ସେ ଚାକିରୀ ପାଇ କମ ବୟସରୁ ହିଁ କଲିକତା ନଗରୀକୁ ଚାଲିଗଲେ । ଫଳରେ ବାପାଙ୍କ ସମ୍ପର୍କରେ ଦୁଇପଦ ଲେଖିଲା ଭଳି ତାଙ୍କର ସମ୍ୟକ୍ ଜ୍ଞାନ ନଥିଲା । କାରଣ ସେ ଜ୍ଞାନ ହେବା ପୂର୍ବରୁ ହିଁ ଭିନ୍ନ ରାଜ୍ୟରେ ରହିବାକୁ ଲାଗିଲେ । ଯେଭାବେ ହେଉ ବାପାଙ୍କ ପୁସ୍ତକର ପୁନଃମୁଦ୍ରଣ କରିବାକୁ ପଡିବ । ଅପାଙ୍କ ସହ ସଦ୍ଭାବ ନଥିବା ସତ୍ୱେ ଏକରକମ ବାଧ୍ୟହୋଇ ସେ ନିରୁଅପାଙ୍କ ଘରକୁ ଗଲେ । ଉଦ୍ଦେଶ୍ୟ ଥିଲା ନିରୁଅପା ଯେହେତୁ ତାଙ୍କଠୁ ବୟସରେ ବଡ କାଳେ ସେ ହୁଏତ ଏ ବିଷୟରେ କିଛି ତଥ୍ୟ ଦେଇପାରିବେ ଯାହା ବହିରେ ମୁଦ୍ରଣ କରିବାରେ ସହାୟକ ହେବ । କିନ୍ତୁ ଏ କଣ ? ନିରୁଅପା ବୋଧେ ବହୁଦିନରୁ ଅପେକ୍ଷାରେ ଥିଲେ ଏବଂ ସୁଯୋଗ ଉଣ୍ଡୁଥିଲେ କିଭଳି ଭାଇ ଅଶୋକକୁ ପାନେ ଦେବେ । ହାତ ସାମନାରେ ସୁଯୋଗ ମିଳିଗଲା । ସୁଯୋଗକୁ ହାତଛଡା କଲେ କିଛି ଲାଭ ହେବନାହିଁ। ଏଣୁ ସେ ଭୟଙ୍କର ମୂର୍ତ୍ତି ଧାରଣ କଲେ । କିଛି ଶୁଣିଲେନି, କହିବାକୁ ବି

ISSN NO.
2582-208X

ଦେଲେନି । ମନକୁ ଯାହା ଆସିଲା ତାହା ଏକ ତରଫା ଭାବେ ମାମୁଁ ପୁଅ ଭାଇକୁ ଭର୍ତ୍ସନା କରିବାକୁ ଲାଗିଲେ । ସେଥିରୁ ଅଧିକାଂଶ କଥା ଏଠାରେ ପ୍ରକାଶଯୋଗ୍ୟ ନୁହଁ । ତୋ ବାପାଙ୍କୁ ଘରେ ଜଳଖିଆ ଦିଅନ୍ତି ନାହିଁ । ସେ ଝାଳନାଳ ହୋଇ, ହାଲିଆ ହୋଇ ଆମ ଘରକୁ ଚାଲିଚାଲି ଆସି ଘରେ ପଶିବା କ୍ଷଣି ମୋ ବୋଉଙ୍କୁ କହନ୍ତି, ଜୋରରେ ଭୋକ ଲାଗୁଛି କିଛି ଗୋଟାଏ ଖାଇବାକୁ ଦେ .... । ଘରେ ଯଦି ବଳକା ହୋଇଯାଇଥିବା ଉପମା ବା ଅନ୍ୟକିଛି ଖାଇବା ଜିନିଷ ଥାଏ ତାହାହେଲେ ବୋଉ ତାଙ୍କୁ ଖାଇବାକୁ ଦିଏ । ଏଭଳି ଘଟଣା ପ୍ରାୟତଃ ଘଟେ । ପଚାଶ ବର୍ଷ ପୂର୍ବର ଅର୍ଥାତ୍ ଶସ୍ତା ସମୟର କଥା । ସେ ସମୟରେ ମୋ ବୋଉ, ତୋ ବାପାଙ୍କୁ ଜଳଖିଆ ଖାଇବା ନିମନ୍ତେ ମାସିକ ଦୁଇଟଙ୍କା ଲେଖାଏ ଦିଅନ୍ତି ଅଥଚ ଦିନେ ଅଢେଇ ଶହ ଗ୍ରାମ ଚାଉଳ ମାଗିବାରୁ ତୋ ମାଆ ଦେଇନଥିଲା । ମୋ ଭାଇ ବହୁତ କଷ୍ଟରେ ଡାକ୍ତରୀ ପଢିଲା କିନ୍ତୁ ତୁମ ଘର ତରଫରୁ ଦିନକ ପାଇଁ ସୁଦ୍ଧା ଆର୍ଥିକ ସାହାଯ୍ୟ କରିନାହଁ । ତୋତେ ଲଜ୍ଜା ଲାଗିବା ଉଚିତ .... ଇତ୍ୟାଦି । ଅପାଙ୍କଠାରୁ ଦୀର୍ଘ ସମୟ ଧରି ନିଜ ମା'ବାପାଙ୍କ ବିରୁଦ୍ଧରେ ଏତେ ଗାଳି, ଅପମାନ ସବୁ ସହ୍ୟ କରିସୁଦ୍ଧା ସେ ପାଟିରୁ ପଦେହେଲେ କଥା ବାହାର ନକରି ବିନା ପ୍ରତିବାଦରେ ମୁଣ୍ଡପୋତି ଘରକୁ ଫେରିଆସିଥିଲେ । ଅପା ହେଉ ବା ଯିଏ କେହି ହୁଅନ୍ତୁ, ନିଜ ମାଆବାପାଙ୍କ ଅପମାନ କେହିହେଲେ ସହ୍ୟ କରିପାରିବ ନାହିଁ ତଥାପି ସେଦିନ ବହୁତ ମାନସିକ କଷ୍ଟନେଇ ଅଶୋକବାବୁ ଫେରିଆସିଥିଲେ ।

ସତରେ ରମାକାନ୍ତବାବୁ ଜଣେ ସରଳ ବିଶ୍ୱାସୀ, ପର ଉପକାରୀ, କବି, ଲେଖକ, ନିରୀହ, ଶାନ୍ତଶିଷ୍ଟ ସ୍ୱାଭାବର ଏବଂ ଜଙ୍ଗଲ ବିଭାଗର ଜଣେ ବନପାଳ ତଥା ସ୍ୱାଭିମାନୀ ବ୍ୟକ୍ତି ଥିଲେ। ସେ ନିଜ ସ୍ୱାଭିମାନକୁ ସର୍ବଦା ବଡ ମଣୁଥିଲେ । ତାଙ୍କ ଭିତରେ ହୀନମନ୍ୟତା ନଥିଲା । ସେ ଜଣେ ସଚ୍ଚୋଟ ମଣିଷ ଥିଲେ । ମନରେ ହଜାରେ କୋହ ଭରି ରହିଥିଲେ ସୁଦ୍ଧା ସେ କାହାରି ଆଗରେ କେବେହେଲେ ପ୍ରକାଶ କରୁନଥିଲେ । ଏଭଳି ଜଣେ ବ୍ୟକ୍ତି ଓ ବ୍ୟକ୍ତିତ୍ୱଙ୍କୁ ତାଙ୍କ ଛୋଟ ଭଉଣୀ ଆଜକୁ ପଚାଶ ବର୍ଷ ପୂର୍ବେ ଖାଇବା ନିମନ୍ତେ କେବେ ଉପୁମା ଟିକେ ଦେଇଥିଲେ ବା ଜଳଖିଆ ନିମନ୍ତେ ମାସିକ ଦୁଇଟଙ୍କା ଲେଖାଏ ଦେଉଥିଲେ ଏକଥା କେତେଦୂର ସମୀଚନ ତାହା ଆମର ସଚେତନ ପାଠକ ବିଚାର କରିବେ । ଏହା ସମ୍ପୂର୍ଣ୍ଣ ମିଥ୍ୟା ଅଟେ । ଯେଉଁ ଭାଣିଜି, ନିଜ ମାମୁଁଙ୍କ ମୃତ୍ୟୁର ପ୍ରାୟ ଚାଳିଶ ବର୍ଷପରେ ମାମୁଁଙ୍କୁ ନେଇ ଏଭଳି ଭାଷାରେ ଅପମାନ, ଗାଳି, ଭର୍ତ୍ସନା ଓ କଟାକ୍ଷ କରିପାରେ ସେ କେଉଁ ମାନର /ସ୍ତରର ଭାଣିଜି ହୋଇପାରେ ତାହା ପ୍ରିୟ ପାଠକ ଅନୁମାନ କରିପାରୁଥିବେ ।

ISSN NO.
2582-208X

ଭାଣିଜି ହୋଇ ସେ ତାଙ୍କ ମାମୁଁଙ୍କୁ କିଛି ନଦେଇ ସୁଦ୍ଧା ତାଙ୍କ ବୋଉ ନିଜର ପିତୃତୁଲ୍ୟ ଓ ବୟସରେ ବଡ, ଭାଇଙ୍କୁ କେବେ କଣ ଖାଇବାକୁ ଦେଇଥିଲେ ସେ ବିଷୟକୁ ଦୀର୍ଘବର୍ଷ ପରେ ଆଲୋଚନାର ପରିସରକୁ ଟାଣିଆଣି ଅଶାନ୍ତି ବଢେଇବା ଆଦୌ କାମ୍ୟ ନୁହେଁ । ଏହା ନିମ୍ନରୁଚିର ପରିଚୟ । ଅଶୋକ ବାବୁ, ଅପାଙ୍କ ନିକଟକୁ ଯାଇଥିଲେ ବହି ମୁଦ୍ରଣ କରିବାକୁ ନେଇ ତାଙ୍କ ବାପାଙ୍କ ବିଷୟରେ ଦୁଇପଦ ଜାଣିବା ପାଇଁ ଅଥଚ ଘରକୁ ଫେରିଲେ ବୁକୁ ଭର୍ତ୍ତି କୁସ୍ମରଚନାକୁ ସଙ୍ଗେ ନେଇ । ଏହାହିଁ ମନୁଷ୍ୟର ହୃଦବୋଧ । ବାସ୍ତବରେ ଯେଉଁମାନେ ନିଜ ମାମୁଁଙ୍କ ହତ୍ୟାକାରୀ ସେମାନଙ୍କ ତୁଣ୍ଡରେ ଏସବୁ କଥା ଶୋଭାପାଏନା । ଭାଣିଜିଙ୍କ ତୁଣ୍ଡରୁ ବାହାରିଥିବା ଏସବୁ ମଧୁବୋଳା କଥା ସ୍ୱର୍ଗରେ ଥାଇ ତାଙ୍କ ମାମୁଁ ନିଶ୍ଚୟ ଶୁଣିଛନ୍ତି । ଏସବୁ ଶୁଣିସାରିବାପରେ ତାଙ୍କ ଲୋତକରୁ ଦୁଇଧାର ଲୁହ ଝରିଯାଇଛି । ସତରେ ରମାକାନ୍ତବାବୁଙ୍କ ଆତ୍ମା ଆଜି କାନ୍ଦୁଛି ।

CCCCCCCCC

ଚଳଭାଷ : ୭୦୦୧୦୫୦୪୯୧

ISSN NO.
2582-208X

# ତୁମେ ଗଲାପରେ



ଡାକ୍ତର ଦଶରଥ ପ୍ରଧାନ

ତୁମେ ଗଲା ପରେ
ନିଃସଙ୍ଗ ନିଥର ଜୀବନ
ଚାରିଆଡେ ଖାଲି ଖାଁ ଖାଁ
କାରୁଣ୍ୟର ବିଶାଳ ସାମ୍ରାଜ୍ୟ ।

ଶ୍ରାବଣର ରିମ୍ ଝିମ୍ ବରଷା
ସୁପ୍ତ ପଡିଥିବା ଶୁଷ୍କ ପ୍ରାଣରେ
କିଛିଟା ଉନ୍ମାଦନା ଆଣି
ଆନ୍ଦୋଳିତ କରେ ତୁମରି ସ୍ମୃତି ।

କାଳଚକ୍ର ଗଡି ଚାଲିଲା ଆଗକୁ
ବିଲୋପ କରି ପାରିନି ତୁମରି ସ୍ମୃତି
ତୁମେ ନିକଟରେ ନଥିଲେ ମଧ୍ୟ
ଅନୁଭବ କରି ପାରେ ତୁମର ଉପସ୍ଥିତି ।

ବିକଶିତ ପ୍ରଭାତୀ ସୁନ୍ଦର କୁସୁମ
ତାର ଅନାବିଳ ସୁଷମା ମଧ୍ୟରେ
ଖୋଜି ଚାଲିଛି ଅନବରତ
ତୁମର ହଜିଯାଇଥିବା ଠିକଣା ।

ISSN NO.
2582-208X

ଘର ବାହୁଡା ପକ୍ଷୀ ମାନଙ୍କର
କୂଜନ ଆଲୋଡନ କରୁଥିଲା ଦିନେ-
ଅପୂର୍ବ ମାଦକତା ଏବଂ ଉଲ୍ଲାସ
ଜୀବନର ବର୍ଣ୍ଣାଳୀ ସପ୍ତରଙ୍ଗ ।

ଆଜି ସେଥିରେ ନାହିଁ ନୂତନତା
ଖାଲି ମନରେ ବ୍ୟାପିଛି
ମୁଠା ମୁଠା ଶୂନ୍ୟତା ଏବଂ
ତୁମକୁ ହରାଇଥିବା ଅନ୍ତର୍ବେଦନା ।

ଦୋଳାୟମାନ ନିଜର ଅସ୍ତିତ୍ୱ
ସବୁକିଛି ର ରଙ୍ଗ ଫିକା
ନା ବଞ୍ଚିବାର ଟିକିଏ ଆଶା
ନା କିଛି ପାଇବାର କାମନା ।

ନିର୍ନିମେଷ ନୟନରେ ସ୍ତବ୍ଧ
ଅପେକ୍ଷାରେ ଲମ୍ବିତ ପଥକୁ
ନିରେଖି ଚାହିଁଛି ସିନା ଆଶାରେ,
ହୋଇବ କି ସ୍ୱପ୍ନ ମୋର ସତ୍ୟ ?

ପରାଜିତ ସୈନିକ ଭଳି
ଭାଙ୍ଗି ଯାଇଅଛି ଜୀବନଯୁଦ୍ଧରେ
ନୈରାଶ୍ୟ ଅବସାଦ ମୁକ୍ତ ହୋଇ
ରହିଛି ନୂତନ ପ୍ରଭାତର ଅପେକ୍ଷାରେ ।

ହାତନାବେଡା, ଷଢେଇକଳା ଖରସୁଆଁ
ଝାଡଖଣ୍ଡ / ମୋ: ୯୧୨୩୨୯୯୦୯୨

ISSN NO.
2582-208X

# କୃଷ୍ଣ କେଶବ ଅଚ୍ୟୁତ ଦାମୋଦର



ଦେବଜାନୀ ବାରିକ୍

କୃଷ୍ଣ କେଶବ ଅଚ୍ୟୁତ ଦାମୋଦର ।
କରୁଣା ସାଗର ନନ୍ଦର କୁମର ।।
ଖଗ ଆସନ ମନ ବାରେ ସୁମର ।
ଖଣ୍ଡେ ସର୍ବାପଦ ଦେବ ସୁରେଶ୍ୱର ।।
ଗତ ଆଗତ ବର୍ତ୍ତମାନ ଶ୍ରୀଧର ।
ଗନ୍ଧ ଚନ୍ଦନେ ନିତି ବେଶ ଯାହାର ।।
ଘନ ବରନିଆ କମଳାର ବର ।
ଘଟଣ ସୁନ୍ଦର ଯଶୋଦା କୁମର ।।
ଉଦୟ ଭାନୁ ପ୍ରାୟ ଯାର ଶରୀର ।
ଉଦଧି ଶୟନ ହରି ପୀତାମ୍ବର ।।

ଗ୍ରାମ ମହୁ, ପୋଷ୍ଟ ମହୁ, ଥାନା ଆଳ,
କେନ୍ଦ୍ରାପଡ଼ା

ISSN NO.
2582-208X

# ମୁଁ ଭିନ୍ନ ପ୍ରେମିକା



ଜୟଶ୍ରୀ କ୍ରାନ୍ତପୂରଭି

ପ୍ରେମ ତ ଉଛୁଳେ ଶ୍ରାବଣ ରାତିରେ
ବଢେ ଯେବେ ତୁମ ତାତି,
ମୁଁ ଯେ ବାରମାସୀ ପ୍ରେମ କରୁଥାଏ
ସହି ବୈଶାଖର ତାତି ।।

ଧନ ସମ୍ପତ୍ତିରେ ଜୀବନ ଜିଇଁଛ
ତୁମେ ଧନୀ ରଜା ପୁଅ,
ପ୍ରତିକୂଳେ ଭାଗ୍ୟ ପାଶୋରି ଦେଇଛି
ମୁଁ ଗରୀବ ଘରର ଝିଅ ।

ପ୍ରେମ ଅଭିଜ୍ଞତା ତୁମରି ଅନେକ
କରି କେତେ ରାତି ରଙ୍ଗୀନୀ
ପାରିବକି ସହି କନ୍ୟା ସ୍ୱଭିମାନୀ
କରି ତୁମ ପ୍ରେମ ସଙ୍ଗିନୀ ।।

ଆକାଶର ଜହ୍ନ ସାଗରରୁ ମୋତି
ଲୋଡା ନାହିଁ ମୋର କିଛି,
ବିଶ୍ୱାସ ଦିଅଯେ ଚାଲୁଥିବ ନିତି
ପୂରା କରି ପ୍ରତିଶ୍ରୁତି ।।

ସଂଘର୍ଷ କରିଛି ଦୁନିଆଁ ଦେଖିଛି
ଜୀବନେ ଲଢ଼ିଛି ଏକା,
ବିଶ୍ୱାସେ କେବେ ମୋ ଛଳନା ଦବନି
ମୁଁ ଯେ ଏକ ଭିନ୍ନ ପ୍ରେମିକା ।।

କୁଆଖିଆ, ଯାଜପୁର

ISSN NO.
2582-208X

# ଉତ୍ତର ଓଡ଼ିଶାର ଓଡ଼ିଆ ଭାଷା



ଡ. ଦେବପ୍ରିୟ ପ୍ରିୟଦର୍ଶୀ ଚକ୍ର

ଓଡ଼ିଶାର ପଶ୍ଚିମରେ ଛତିଶଗଡ଼ର ହିନ୍ଦୀ ଭାଷା ସଂସ୍ପର୍ଶରେ, ଦକ୍ଷିଣରେ ଆନ୍ଧ୍ର ପ୍ରଦେଶର ତେଲୁଗୁ ଭାଷା ସଂସ୍ପର୍ଶରେ ଓ ଉତରରେ ବଙ୍ଗଳା ଭାଷା ସଂପର୍କରେ ଆସିବା ଦ୍ୱାରା ଓଡ଼ିଆ ଭାଷା ମଧ୍ୟରେ ନାନା ବୈଷମ୍ୟ ଲକ୍ଷଣୀୟ । ଫଳରେ ଏସବୁ ଅଂଚଳର ଭାଷା ମାନଙ୍କ ଓଡ଼ିଆ ଭାଷାଠାରୁ ପୃଥକ ବାରି ହୁଏ । କିନ୍ତୁ ପଶ୍ଚିମ ଓଡ଼ିଶାର କୋସଲି ଓ ଦକ୍ଷିଣାଚଂଳର ଦେଶିଆ ଭାଷା ଯେଉଁ ଭଳି ଭାବରେ ମାନକ ଓଡ଼ିଆ ଭାଷାଠାରୁ ଭିନ୍ନ ଜଣାପଡେ ସମପରିମାଣରେ ଉତର ଓଡ଼ିଶାର ଓଡ଼ିଆ ଭାଷାରେ ସେତେଟା ପ୍ରଭେଦ ଜଣାପଡେ ନାହିଁ। କାରଣ ଓଡ଼ିଆ ଓ ବଙ୍ଗଳା ଭାଷାର ସଂପର୍କ ନିବିଡ଼ । ତେଣୁ ଏ ସଂପର୍କରେ ବିଶିଷ୍ଟ ଭାଷାବିତ ଜର୍ଜ ଗୀୟରସନଙ୍କ ମତ ସ୍ମରଣ ଯୋଗ୍ୟ- ଓଡ଼ିଶାର ଉତରାଚଂଳର ଲୋକେ ଏପରି ଭାଷା କହନ୍ତି ଯାହା ବଙ୍ଗଳାରେ ଆରମ୍ଭ ହୋଇ ଓଡ଼ିଆରେ ଶେଷ ହୁଏ କିମ୍ବା ଓଡ଼ିଆରେ ଆରମ୍ଭ ହୋଇ ବଙ୍ଗଳାରେ ଶେଷ ହୁଏ । ପୁଣି ଗମନାଗମନର ସୁଲଭତା ଦୃଷ୍ଟିରୁ ଉତରାଚଂଳୀୟ ଅଧିବାସୀ କଟକ-ଭୁବନେଶ୍ୱର-ପୁରୀ ସହ ଓତପ୍ରୋତଃ ଭାବେ ସଂପୃକ୍ତ ଓ ସେମାନେ ମାନକ ଭାଷା ସଂସ୍ପର୍ଶରେ ନିୟମିତ ଆସିଥାନ୍ତି ତେଣୁ ବିଶେଷ ପାର୍ଥକ୍ୟ ଜଣାପଡେ ନାହିଁ ।

ସାଧାରଣତଃ ଉତ୍ତର ବାଲେଶ୍ୱର, ମୟୁରଭଞ୍ଜ, ମେଦିନୀପୁର, ସଢେଇକଳା, ଖରସୁଆଁ ଅଂଚଳର ଭାଷାକୁ ଉତରାଚଂଳୀୟ ଓଡ଼ିଆ ଭାଷା ନାମରେ ନାମିତ କରାଯାଏ । କିନ୍ତୁ ଭୌଗୋଳିକ ଓ ରାଜନୈତିକ ଦୃଷ୍ଟିରୁ ଆଜି ମେଦିନୀପୁର ବଙ୍ଗଳାରେ, ସଢେଇକଳା, ଖରସୁଆଁ ଝାଡ଼ଖଣ୍ଡ ଅଧୀନରେ । ଫଳରେ ଓଡ଼ିଶାର ସୀମା ସଙ୍କୁଚିତ । ଯଦିଓ ସେସବୁ

ISSN NO.
2582-208X

ସ୍ଥାନର ଅଧିବାସୀଙ୍କ ଦ୍ୱାରା ଏବେବି ବହୁଳାଂଶରେ ଓଡ଼ିଆ ଭାଷା କଥିତ ହେଉଥିବା ଦେଖାଯାଏ ।

ଉତ୍ତର ବାଲେଶ୍ୱରର ଭାଷା ବଙ୍ଗଳା ସଂପର୍କରେ, ମୟୂରଭଞ୍ଜର ଭାଷା ଝାଡ଼ଖଣ୍ଡୀ ହିନ୍ଦୀର ସଂସ୍ପର୍ଶରେ ଆସୁଥିବାରୁ ଏମାନଙ୍କ ଭାଷାରେ ଭିନ୍ନତା ପରିଲକ୍ଷିତ ହୋଇଥାଏ । ତେଣୁ ଏ ଲେଖାରେ ଉତର ବାଲେଶ୍ୱରୀ ଭାଷା ଓ ମୟୂରଭଞ୍ଜୀ ଭାଷାକୁ ନେଇ ଉତର ଓଡ଼ିଶାର ଭାଷା ଶିରୋନାମାରେ ପ୍ରବନ୍ଧଟିକୁ ନାମିତ କରାଯାଇଛି । ପ୍ରଥମ ପର୍ଯ୍ୟାୟରେ ଉତ୍ତର ବାଲେଶ୍ୱରର ଭାଷାଗତ ବୈଶିଷ୍ଟ୍ୟ ଆଲୋଚ୍ୟ ।

## ଉତର ବାଲେଶ୍ୱରର ଭାଷାଗତ ବୈଶିଷ୍ଟ୍ୟ:

### ଧ୍ୱନିଗତ ବୈଶିଷ୍ଟ୍ୟ–:

-ଶବ୍ଦର ଆଦି ବ୍ୟଞ୍ଜନରେ ଥିବା ସ୍ୱର ‘ଓ’ ‘ଉ’ ରେ ପରିଣତ ହୁଏ । ଯଥା- ଶୋଇବା...ଶୁଇବା, ଭୋଗ...ଭୁଗ, ଗୋଡ଼...ଗୁଡ଼, ଗୋଇଠା...ଗୁଇଠା ।

- ‘ଅ’ ଏବଂ ‘ଆ’ର ଦୀର୍ଘ ଉଚ୍ଚାରଣ ଦେଖାଯାଏ । ଯଥା ଧର...ଧଅର, ଦାନ୍ତ...ଦାଆନ୍ତ, ଖଡା...ଖଅଡା ।

-ସଂଯୁକ୍ତ ଅନୁନାସିକ ଧ୍ୱନି ଚନ୍ଦ୍ରବିନ୍ଦୁ ପରି ଉଚ୍ଚାରିତ ହୁଏ । ଯଥା ରାନ୍ଧିବା...ରାଁଧିବା, ପାଂଚ...ପାଁଚ ।

-ଅର୍ଦ୍ଧସଂବୃତ ସ୍ୱର ସଂବୃତ ସ୍ୱରରେ ପରିଣତ ହୁଏ ।
ଯଥା ଦେହ-ଦିହ, ଏକ୍ଷଣି...ଇଛୁଣି ।

-କେତେକ ଶବ୍ଦରେ ସ୍ୱରର ଅନୁପ୍ରବେଶ । ଯଥା ଫସଲ-ଫଇସଲ

- ‘ଲ’ ସ୍ଥାନରେ ‘ନ’ର ବ୍ୟବହାର । ଯଥା ଲୁଣ-ନୁଣ, ଲୁଗା-ନୁଗା, ଲଙ୍ଗଳ-ନଙ୍ଗଳ, ଲଙ୍କା-ନଙ୍କା ।

ISSN NO.
2582-208X

-ଭବିଷ୍ୟତ କାଳର କ୍ରିୟା 'ଇବି' 'ଇମି'ରେ ପରିଣତ ହୁଏ । ଯଥା ଖାଇବି-ଖାଇମି, ମାଗିବି-ମାଗିମି, ଦେବି-ଦେମି ।

- 'ଘ'ର 'ହ' ପରିଣତି । ଯଥା କାହାଘର...କାହାହର, ଆମଘର...ଆମହର

## ରୂପଗତ ବୈଶିଷ୍ଟ୍ୟ-:

-ସପ୍ତମୀ ବିଭକ୍ତି ସ୍ଥାନରେ ଷଷ୍ଠୀ ବିଭକ୍ତିର ପ୍ରୟୋଗ । ଯଥା ଗଛରେ...ଗଛର, ବିଲରେ...ବିଲର, ରାତିରେ...ରାତିର ।

-ମାନକ ଭାଷାର ସର୍ବନାମ ଠାରୁ ଭିନ୍ନ ସର୍ବନାମର ବ୍ୟବହାର । ଯଥା ସେହିଟା...ହିଆଟା, କେଉଁଠି...କେଇଠି ।

## -କ୍ରିୟାଗତ ବୈଶିଷ୍ଟ୍ୟ

ଯଥା ଖାଉଛି...ଖାଉଚୁ, ଯାଉଛି...ଯାଉଚୁ,କହୁଛି...କହୁଚୁ, ହୋଇନାହିଁ...ହୋଇନି, ଦେଇଥାନ୍ତି...ଦେଇଥାତି

-କେତେକ ବିଶିଷ୍ଟ ପ୍ରକାର୍ଯ୍ୟାତ୍ମକ ଶବ୍ଦର ବହୁଳ ବ୍ୟବହାର । କାତେ (ପରିମାଣ ଅର୍ଥରେ) ମୋତେ ସେରେ କାତେ ଚାଉଳ ଦିଅ ।

## ଶବ୍ଦ ସମ୍ଭାର-:

ଶବ୍ଦ ଅର୍ଥ

ତାଙ୍ଗିଆ କଂସା

କାହିଆ ଜୁଆରିଆ

ହମାଲି ଢେଉ

ସୁକାନି ମଙ୍ଗୁଆଳ

ଖଟି ମାଛ ବିକ୍ରି କେନ୍ଦ୍ର

ଅଡତ ମାଛ ରପ୍ତାନି କେନ୍ଦ୍ର

ଶଳିଙ୍ଗି ଜାଲ ମରାମତି ଯନ୍ତ୍ର

ISSN NO.
2582-208X

ଆଂଟିବା ଅଣନିଶ୍ୱାସୀ କରିବା
ଉଲ ଓଲୁଅ
ଉଜାଡିବା ଢାଳିବା
ଉହୁଆ ମେଲା
ଉଲଟି ପଡିବା  ମିଛ କହିବା
କଣ୍ଠା ମାଣ
ପୁ  ପୁଅ
ଝି ଝିଅ
ପର୍ଶୁଦିନ ପଅରଦିନ
ବୌଦି  ଭାଉଜ
କଡକଡା ଚାଉଳଭଜା
ଅଙ୍ଗରା ଅଙ୍ଗାର
ଅଙ୍ଗିତା ଟଙ୍କା ପଇସା ହାତକରିବା
ଘିନ୍ତିବା ଘେନିବା
ଛାଂଟକାଂଟ ନିଅଂଟ
ଜାଲପା ଝରକା
ନିନ୍ଦ ନିଦ
ମାଣ୍ଡିବା ମାଡିବା
ବେଣ୍ଡୁସୁ ଶୀଘ୍ର
କେନେ କାହିଁକି
କଟି ଛୋଟ
କୁଢେଇବା ଗୋଟେଇବା
ଖୁଙ୍କୁଡି ତାଳଗଜା
ରାଇତା ଚଟଣି
କୁଆଟ କବାଟ
ଖାତା ଖାତ
ଗୁଖା କେଉଟ

ISSN NO.
2582-208X

## ମୟୂରଭଞ୍ଜର ଭାଷାଗତ ବୈଶିଷ୍ଟ୍ୟ:

### ଧ୍ୱନିଗତ ବୈଶିଷ୍ଟ୍ୟ-:

-ଶବ୍ଦର ଅନ୍ତ୍ୟସ୍ୱର ଲୋପ । ଯଥା ବାଉଁଶ...ବାଁଶ୍, ଘର...ଘର୍

-ଶବ୍ଦରେ ଅନୁନାସିକ ଧ୍ୱନିର ପ୍ରୟୋଗ । କୂଅ...କୂଅଁ

- 'ଣ' 'ନ'ରେ ପରିଣତ ହୁଏ । ଶ୍ରାବଣ...ଶ୍ରାବନ୍,ପାର୍ବଣ...ପାର୍ବନ

### ରୂପଗତ ବୈଶିଷ୍ଟ୍ୟ:

-ଦ୍ୱିତୀୟା ବିଭକ୍ତିରେ 'କେ'ର ପ୍ରୟୋଗ । ଯଥା- ଆସିବା ବେଳେ ରୂପସାକୁ ଦେଖିଲି- ଆସିବାର୍ ଖଣେ ରୂପସାକେ ଦେଖ୍ଲି ।

-ବାକ୍ୟ ମଧ୍ୟରେ କ୍ରିୟାର ପରିବର୍ତନ ।

ପ୍ରଶାନ୍ତ ସେଠାକୁ ଗଲା ନାଇଁ- ପ୍ରଶାନ୍ତ ସେଠାକେ ନାଇଁ ଗେଲା ।
ପଦ୍ମନାଭ ଦାଣ୍ଡରେ ଛିଡ଼ା ହୋଇଛି-ପଦ୍ମନାଭ କୁହ୍ଲିରେ ଠିଆ ହେଇଚି ।
ତୁମେ ଆଜି ଭଲ ଦେଖାଯାଉଛ-ତୋକେ ଆଜ ଭଲ୍ ଦେଖେଉଛି ।
-ସର୍ବନାମର ବ୍ୟବହାର
ମୁଇଁ (ମୁଁ), ତୁଇ (ତୁ), ସେଇମାନେ (ସେମାନେ)

-ସମ୍ବୋଧନରେ ଆଗୋ, ଗୋ, ଏ, ବେ ପ୍ରଭୃତିର ବ୍ୟବହାର

-ବାକ୍ୟ ଗଠନ ପଦ୍ଧତିରେ ଭିନ୍ନତା
ମୁଁ ଘରକୁ ଯାଉଛି-ଘର୍ ଯାଉଚି ମୁଇଁ ।
କୋଉଠିକାର ଚୋର- ଚୋର୍ କାଇଁକାର ।

ISSN NO.
2582-208X

ଶବ୍ଦଗତ ବୈଶିଷ୍ଟ୍ୟ:

| ଶବ୍ଦ | ଅର୍ଥ | ଶବ୍ଦ | ଅର୍ଥ | ଶବ୍ଦ | ଅର୍ଥ |
|---|---|---|---|---|---|
| ଅଣପଚାଶ | ଅଣଚାଶ | ଜଡା | ଅମୃତଭଣ୍ଡା | ଜାକ୍ରିଟ | ବ୍ଲାଉଜ |
| କି | କଣ | ଡିଙ୍ଗିଲା | କଖାରୁ | ନାଡୁକା | ଝୁଡ଼ଙ୍ଗ |
| ପିକଥିଲା | କାଙ୍କଡ଼ | ଦାଦା | ଅଜା | ନାଡି | ସଜନା ଛୁଇଁ |
| କଟୁରୀ | ଟାଙ୍ଗିଆ | ଚୁଆ | କୂଅ | ଖିଡା | କାକୁଡି |
| ଛଣ୍ଡି | ଝିଅ | ଟାଣ୍ଡି | ପଡିଆ | | |
| ଦାନା | ଆଇ | ପିନ୍ଧା | ଧୋତି | | |

ଏହି ପ୍ରବନ୍ଧରେ ଉତର ଓଡ଼ିଶାର କଥିତ ଭାଷାର ସ୍ବରୂପ ସଂପର୍କରେ ଦର୍ଶାଇବାକୁ ଯତସାମାନ୍ୟ ଚେଷ୍ଟା କରାଯାଇଛି । ବାଲେଶ୍ବର ଓ ମୟୂରଭଞ୍ଜର କଥିତ ଭାଷାର ଧ୍ୱନିଗତ, ରୂପଗତ ବୈଶିଷ୍ଟ୍ୟ ଓ ପ୍ରଚଳିତ ଶବ୍ଦସମ୍ଭାରର ଉପସ୍ଥାପନ କରାଯାଇ ମାନକ ଓଡ଼ିଆ ଭାଷା ଠାରୁ ଏହାର ଭିନ୍ନତାକୁ ପ୍ରମାଣିତ କରାଯିବାକୁ ଉଦ୍ୟମ କରାଯାଇଛି । ଓଡ଼ିଶାର ଅନ୍ୟ ପ୍ରାନ୍ତୀୟ ଭାଷା ଯଥା ସମ୍ବଲପୁରୀ, ଦେଶିଆ ଓ ପୁରୀ ବୋଲି ଆଦି ଉପଭାଷା, ବିଭାଷା ବା ଡାଇଲେକ୍ଟର ମାନ୍ୟତା ପାଇଥିଲେ ହେଁ ଉତର ଓଡ଼ିଶାର କଥିତ ଭାଷା ସମସ୍ତ ଗୁଣାବଳୀ ବହନ କରୁଥିଲେ ବି ଡାଇଲେକ୍ଟର ମର୍ଯ୍ୟାଦା ବହନ କରେ ନାହିଁ । ମାନକ ଓଡ଼ିଆର ପ୍ରଭାବ, ସୀମିତ ଜନସମୁଦାୟ ମୁଖରେ ପ୍ରଚଳନ ଏବଂ ଓଡ଼ିଶାର କେନ୍ଦ୍ରସ୍ଥଳ ସହ ଗମନାଗମନର ସୁବନ୍ଦୋବସ୍ତ ଏ ପଛର କାରଣ ହୋଇପାରେ ।

ସହ-ପ୍ରାଧ୍ୟାପକ, ସ୍ନାତକୋତର ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗ
ଏମପିସି ସ୍ୱୟଂଶାସିତ ମହାବିଦ୍ୟାଳୟ, ବାରିପଦା,ମୟୂରଭଞ୍ଜ
ଫୋନ ନଂ-୭୮୭୩୭୧୯୧୭୩ /Chakra.debapriya@gmail.com

ISSN NO.
2582-208X

# କ୍ଷୀର ଗ୍ଲାସର ମୂଲ୍ୟ



ଅକ୍ଷୟ ମହାନ୍ତ (ନିର୍ମାଲ୍ୟ)

ଫ୍ରାନ୍ସ ଦେଶର
ପ୍ୟାରିସ ସହରେ
ଛୋଟ ପିଲାଟିଏ ଥିଲା
ଗଳି କନ୍ଦିରୁ ସେ
ପ୍ଲାଷ୍ଟିକ ଗୋଟେଇ
ଜୀବନ ବିତାଉ ଥିଲା।

ପ୍ଲାଷ୍ଟିକର ବସ୍ତା
ପିଠିରେ ପକେଇ
ଧୀରେ ଧୀରେ ଚାଲୁଥିଲା
ଭୋକରେ ଶୋଷରେ
ପ୍ରଖର ଖରାରେ
ଛଟପଟ ହେଉଥିଲା।

ଘରଟିଏ ଦେଖି
ଦୁଆର ମୁହଁରେ
ଲଥ୍ କରି ବସିଗଲା
ମାଲିକିଆଣୀକୁ
ପାଣି ମୁନ୍ଦେ ପାଇଁ
ଅନୁରୋଧ କରିଥିଲା।

ତା'ଅବସ୍ଥା ଦେଖି
ଘର ମାଲିକାଣୀ
କ୍ଷୀର ଗ୍ଲାସଟିଏ ଦେଲେ
କ୍ଷୀରତକ ପିଇ
ବାଳକଟି ତହୁଁ
ଶାନ୍ତିରେ ବିଦାୟ ନେଲେ।

ତିରିଶି ବରଷ
ବିତି ଯିବା ପରେ
ଘଟଣାଟେ ଘଟିଥିଲା
ସେହି ମାଲିକାଣୀ
ହସ୍ପିଟାଲରେ ଯାଇ
ଚିକିତ୍ସିତ ହେଉଥିଲା।

ISSN NO.
2582-208X

ପାରାଲିସିସରେ
ପଡି ପଡ଼ି ଶେଷେ
ସୁସ୍ଥ ମଧ୍ୟ ହୋଇଗଲା
କେତେ ଟଙ୍କା ତା'ର
ବିଲ୍ ହୋଇଅଛି
ନର୍ସକୁ ପଚାରି ଥିଲା।

ପଚିଶ ଲକ୍ଷର
ବିଲ୍ ଦେଲା ନର୍ସ
ଝାଳ ତାର ବୋହିଗଲା
ତା' ବଦଳେ ସିଏ
ଅଙ୍ଗ ଦାନ ପାଇଁ
ପ୍ରସ୍ତୁତ ବି ହୋଇଗଲା।

ଚିକିତ୍ସକ ଜଣେ
ପାଖେ ଠିଆ ହୋଇ
ଆଶ୍ୱାସନା ଦେଇ ଥିଲେ
"ଏ ଅର୍ଥ ପିଇଠ
ହୋଇ ଯାଇ ଅଛି"
ହସି ହସି କହିଥିଲେ।

ମାଲିକାଣୀ ତାଙ୍କୁ
ପଚାରିଲେ ତହୁଁ
"କିଏ ଦେଲା ଏହି ଅର୍ଥ?"
ଡାକ୍ତର କହିଲେ,
"ଏକ ଗ୍ଲାସ୍ କ୍ଷୀର
ହୋଇନି କେବେ ବି ବ୍ୟର୍ଥ।

ତିରିଶି ବରଷ
ତଳର ଏ କଥା
ଆପଣ ତ ସେହି ଲୋକ
ଜରି ଗୋଟାଳି କୁ
କ୍ଷୀର ଗ୍ଲାସ ଦେଇ
ହରି ନେଇଥିଲେ ଦୁଃଖ।

ସେହି କ୍ଷୀର ଗ୍ଲାସ
ଜୀବନ ଦେଇଛି
ଏ ଅର୍ଥଟା ମୂଲ୍ୟ ହୀନ
ତୁମ ଲାଗି ମାଆ
ହୋଇଛି ଆଜି ମୁଁ
ଶ୍ରେଷ୍ଠ ନ୍ୟୁରୋ ସର୍ଜନ।

ଯଦି କେବେ କିଛି
ଅସୁବିଧା ହେବ,
ଫୋନ୍ କରି ଡକାଇବ
ତତ୍ କ୍ଷଣାତ ଏହି
ନ୍ୟୁରୋ ସର୍ଜନ
ତୁମ ପାଖେ ପହଞ୍ଚିବ।"

ମୋ:9937462507

ISSN NO.
2582-208X

# ଯୌବନ ଚର୍ଚ୍ଚା



ଗାୟତ୍ରୀ ବେହେରା

ଯୌବନ ଜୀବନର ଅଭୁଲା କାଳ
କ୍ଷଣ କ୍ଷଣ ମୁହୂର୍ତ୍ତକୁ କରେ ଚଳପ
ସମୟର ଅସ୍ଥିରତା
ବୟସର ଉନ୍ମାଦତା
ଯୌବନ ପାଇଁ ହୁଏ ମଧୁର ବେଳ

ଯୌବନ ବସନ୍ତର ରଜନୀଗନ୍ଧା ମାଳ
ମହକେ ଆନମନା କରେ ମନ ଗହଳ
ଟିକି ଟିକି ଫୁଲ ପରି
ପବନରେ ଦୋଳି ଖେଳି
ଯୌବନକୁ କରେ ସୁଗନ୍ଧ ମେଳ

ଯୌବନ ଫଗୁଣ ଫଗୁର ରଙ୍ଗ ବହଳ
ରଙ୍ଗରେ ରଙ୍ଗାଏ ତନୁ ମନ ଚଞ୍ଚଳ
କେତେ କଥା ମନେ ଭାବି
ଚମକଇ ନୁଆ ରୂପ ଛବି
କୁହୁତାନେ ଗାଏ ଗୀତ ହୋଇ ବିହ୍ୱଳ

ଟିକାତାଳ, ଖୋର୍ଦ୍ଧା
ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟ
ସ୍ନାତକୋତ୍ତର, ଦ୍ୱିତୀୟ ବର୍ଷ

ISSN NO.
2582-208X

# ମଣିଷ ଦେଖିଲେ ଡର ଲାଗୁଛି



ଆର୍ଯ୍ୟ ଦାସ

ନର ରୂପୀ ଏଠି ଶଇତାନ୍ ମଣିଷ
ପ୍ରତି ମୁହୂର୍ତ୍ତରେ ଅନ୍ୟକୁ କନ୍ଦାଏ ,,
ଲାଞ୍ଛନା ଛଳନା ଖାଲି ପ୍ରତାରଣା
ଅନ୍ୟ ଦୁଃଖେ ଖାଲି ଖୁସି ହେଉଥାଏ ।।
ବୁଲନ୍ତି ହଜାରେ ରାବଣ ରାସ୍ତାରେ
ସତେ ଯେମିତିକି ମଣିଷ ଏମାନେ ,,
ଅନ୍ୟର ଖୁସିକୁ ଦ୍ୱାହିଦେଇ ଖାଲି
ସୁଖ ଖୋଜୁଥାନ୍ତି ଖାଲି ସେମାନେ ।।
ଭ୍ରଷ୍ଟାଚାର ଏଠି ପୀଡ଼ା ଦେଉଥାଏ
ଦୁର୍ନୀତି କଥା ସେ କିଏ ପଚାରେ ,,
ଡର ଲାଗୁଛି ଏ ମଣିଷ ଦେଖିଲେ
ସୁଖଥିବା ବନ୍ଧୁ ତାଙ୍କୁ ମିଳନ୍ତି ହଜାରେ ?
ସବୁ ଆଦର୍ଶ ଯେ ସାଜିଛି ବତାସ
ଆଖିର ଲୁହକୁ ଆଖିରେ ମାରୁଛି ,,
କାହାକୁ କହିବି ଏ ମଣିଷର ଦୋଷ
ମଣିଷ ଦେଖିଲେ ଡର ଲାଗୁଛି ।।

ସପ୍ତଶଯ୍ୟା, ଢେଙ୍କାନାଳ
ମୋ -୮୧୪୪୫୬୨୮୯୧

ISSN NO.
2582-208X

# ପ୍ରସିଦ୍ଧ ସାହିତ୍ୟିକ ପଦ୍ମଶ୍ରୀ ରାଧାମୋହନ ଗଡ଼ନାୟକ



ଅସିତ ମହାନ୍ତ

ରାଧାମୋହନ ଗଡନାୟକ (୨୫.୮.୧୯୧୧ - ୨୧.୨.୨୦୦୦) ଓଡିଆ ଭାଷାର ଜଣେ ପ୍ରସିଦ୍ଧ ସାହିତ୍ୟିକ । ତାଙ୍କ ଦ୍ୱାରା ଲିଖିତ କବିତା ସଂଗ୍ରହ ସୂର୍ଯ୍ୟ ଓ ଅନ୍ଧକାର ପାଇଁ ତାଙ୍କୁ ୧୯୭୫ ରେ ସାହିତ୍ୟ ଏକାଡେମୀ ପୁରସ୍କାର ପ୍ରଦାନ କରାଯାଇଥିଲା।

ଅପଥେ ଯିବି ମୁଁ ଅପଥେ ଯିବି
କର ପଛେ ମତେ ତିରସ୍କାର,
ନେପଥ୍ୟରେ ଯିବି ଯାହା ଅଛି ଯେତେ ସବୁ
କରିବି ମୁଁ ତାର ଆବିଷ୍କାର ।
ମଥାପାତି ନେବି ମାନ ଅଭିମାନ
ବୁକୁ ପାତି ନେବି ଝଞ୍ଜା ତୋଫାନ,
ସମୟ ଆସିବା ଯେଉଁଦିନ ତୁମେ
ଯାଚି ଯାଚି ଦେବ ପୁରସ୍କାର ।

ଏହା ଥିଲା ମହାନ କବି ରାଧାମୋହନ ଗଡନାୟକଙ୍କ କାଳଜୟୀ କବିତା । ୧୯୧୧ ମସିହା ୨୫ ଅଗଷ୍ଟରେ ଅନୁଗୁଳ ଜିଲ୍ଲାରେ ସେ ଜନ୍ମ ଗ୍ରହଣ କରିଥିଲେ । କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କାର ପ୍ରାପ୍ତ ଓଡ଼ିଆ କବି ରାଧାମୋହନ ଗଡ଼ନାୟକ ତାଙ୍କର କବିତା ଗୁଡିକରେ ସ୍ୱଦେଶ ପ୍ରୀତି ଓ ସୌନ୍ଦର୍ଯ୍ୟର ଅନୁଭୂତି ଲକ୍ଷ କରାଯାଇଥାଏ । ସବୁଜ ଗୋଷ୍ଠୀର ସାହିତ୍ୟ ସାଧନା କାଳରେ ଏକକ କବି ଭାବରେ ସେ ପରିଚିତ ଥିଲେ । ଅନୁଗୁଳର ମଧ୍ୟ

ISSN NO.
2582-208X

ଇଂରାଜୀ ବିଦ୍ୟାଳୟରେ ସେ ପଢୁଥିବା ବେଳେ "ସହକାର" ପତ୍ରିକାର ସମ୍ପାଦକ ଲକ୍ଷ୍ମୀନାରାୟଣ ସାହୁଙ୍କ ଦ୍ୱାରା ପ୍ରଭାବିତ ହୋଇ କବିତା ଆଡକୁ ମନ ବଳାଇଥିଲେ ଓ କବିତା ଲେଖା ଲେଖି ଆରମ୍ଭ କରିଥିଲେ । ସେହି ସମୟରେ ତାଙ୍କ ରଚିତ କବିତା "ମୁଁ କି କେବେ ଦୀନହୀନ", ଗଡଜାତ ବାସିନୀ ପତ୍ରିକାରେ ପ୍ରକ୍ଷିତ ହୋଇଥିଲା । ଉଚ୍ଚ ଶିକ୍ଷାରୁ ବଂଚିତ ରାଧାମୋହନ ୧୯୨୭-୧୯୨୮ ମସିହାରେ ଜାତି ଦେଶପ୍ରେମ ମୂଳକ ଅନେକ କବିତାବଳି ରଚନା କରିଥିଲେ । ବିଶେଷ କରି ଛାଉ କବିତା ରଚନା କରିବାରେ ସେ ଥିଲେ ସିଦ୍ଧ ହସ୍ତ । ୧୯୨୭ ବେଳକୁ ତାଙ୍କର ରଚିତ ଅନେକ କବିତା 'ସହକାର', 'ନବଯୁଗ', 'ପଞ୍ଚାମୃତ', 'ଉତ୍କଳ ସାହିତ୍ୟ ' ଏବଂ ଗଡଜାତ ବାସିନୀ ଆଦି ପ୍ରକାଶିତ ହୋଇ ଅନେକ ଖାତି ଅର୍ଜନ କରିଥିଲା । ଏହାପରେ ସେ ନିଜର ପଢା ବନ୍ଦ କରି ଦେଶ ସେବାରେ ପୁରା ସମୟ ଦେଇଥିଲେ । ସ୍ୱାଧୀନତା ସଂଗ୍ରାମୀ କୃଷ୍ଣପ୍ରସାଦ ପଟ୍ଟନାୟକଙ୍କ କମ୍ୟୁନିଷ୍ଟ ଆନ୍ଦୋଳନ ବେଳରେ ସେ ମଧ୍ୟ ତାଙ୍କ ଲେଖନୀ ଚଳାଇଥିଲେ । ଉତ୍କଳ ସାହିତ୍ୟ ସମ୍ମିଳନୀ, ଓଡିଶା ସାହିତ୍ୟ ଏକାଡେମୀ ଆଦି ଅନୁଷ୍ଠାନରେ ସେ ସଭାପତି ଏବଂ ଉପସଭାପତି ଭାବରେ ଦାୟିତ୍ୱ ତୁଲାଇଥିଲେ । ତାଙ୍କର ରଚିତ 'ଅର୍ବାଚୀନ ତାରା', ଉତ୍କଳିକା, କାବ୍ୟ ନାୟିକା, କାଳିଦାସ, କୁମାର ସମ୍ଭବ, ମେଘଦୂତ, ସୂର୍ଯ୍ୟ ଓ ଅନ୍ଧକାର, ଶାମୁକାର ସ୍ୱପ୍ନ, ଦୁଇଟି ତାହାର ଡେଣା, ଗାନ୍ଧୀ ଗାଥା, ଗଡ଼ନାୟକ ସଂଚୟନ ଆଦି ପାଠକୀୟ ଆଦୃତ ଲାଭ କରିଥିଲା । 'ସୂର୍ଯ୍ୟ ଓ ଅନ୍ଧକାର' କାବ୍ୟ ନିମନ୍ତେ ତାଙ୍କୁ ୧୯୭୫ ମସିହାରେ କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କାରରେ ପୁରସ୍କୃତ କରାଯାଇଥିଲା । ୧୯୦ ମସିହାରେ ଭାରତ ସରକାରଙ୍କ ଦ୍ୱାରା ସର୍ବୋଚ୍ଚ ନାଗରିକ ସମ୍ମାନ "ପଦ୍ମଶ୍ରୀ ' ସମ୍ମାନରେ ସମ୍ମାନିତ କରାଯାଇଥିଲା । ଏଥି ସହ ଉତ୍କଳଶ୍ରୀ, ଉତ୍କଳ ରତ୍ନ, ଅତିବଡ଼ି ଜଗନ୍ନାଥ ପୁରସ୍କାର ଆଦି ଅନେକ ସମ୍ମାନରେ ତାଙ୍କୁ ସମ୍ମାନିତ କରାଯାଇଥିଲା । ୨୧ ଫେବୃଆରୀ ୨୦୦୦ ରେ ୮୮ ବର୍ଷ ବୟସରେ ଦେହାନ୍ତ ହୋଇଥିଲା, ୧୯୯୦ ଗଣତନ୍ତ୍ର ଦିବସ ସମ୍ମାନ ତାଲିକାରେ ପଦ୍ମଶ୍ରୀଙ୍କ ନାଗରିକ ପୁରସ୍କାର ପାଇଁ ଭାରତ ସରକାର ଅନ୍ତର୍ଭୁକ୍ତ ହେବାର ଏକ ଦଶନ୍ଧି ପରେ । ତାଙ୍କର କବିତା ସମାଲୋଚିତ ସମୀକ୍ଷାର ବିଷୟ ପାଲଟିଛି ଏବଂ ଗଡନାଟକ ଅଭିନନ୍ଦ ଗ୍ରନ୍ଥ, କବାୟନାକ ଗଡନାଟକ, ରାଧାମୋହନ ଶ୍ରୀକୃଷ୍ଣ ସମୀକ୍ଷା, କବି ରାଧାମୋହନ ଗଡନାଟକ: କୃତି ଓ କୃତିତ୍ୱ ଏବଂ ଗଡନାଟକ ପରିକ୍ରମା ପ୍ରକାଶିତ କେତେକ ଅଧ୍ୟୟନ ଅଟେ । ଭୁବନେଶ୍ୱର ସ୍ଥିତ ସାହିତ୍ୟିକ ଫୋରମ୍ ସିସୋର ସାହିତ୍ୟ ଏକାଡେମୀ ତାଙ୍କ ସମ୍ମାନାର୍ଥେ ରାଧାମୋହନ ଗଡନାୟକ ଜାତୀୟ ପାଠାଗାର ନାମକ ଏକ

ISSN NO.
2582-208X

ଲାଇବ୍ରେରୀ ପ୍ରତିଷ୍ଠା କରିଛି। ତାଙ୍କର ଜନ୍ମ ଶତବାର୍ଷିକୀ ଗଡନାୟକ ଶତବାର୍ଷିକୀ କମିଟି ଏବଂ ଅନ୍ୟାନ୍ୟ ସଂଗଠନ ଦ୍ଵାରା ପାଳନ କରାଯାଇଥିଲା। ଏହି କମିଟି ସାରଳା ସାହିତ୍ୟ ସଂସଦ ସହଯୋଗରେ ଓଡିଆ ଗୀତିକାର ସମ୍ମାନାର୍ଥେ ବାର୍ଷିକ ସାହିତ୍ୟ ପୁରସ୍କାର, କବି ରାଧାମୋହନ ଗଡନାୟକ ଶତାବ୍ଦୀ ପୁରସ୍କାର ପ୍ରତିଷ୍ଠା କରିଛି। ବାସ୍ତବରେ ରାଧାମୋହନ ଦେଶପ୍ରେମ ସହିତ ଓଡ଼ିଆ ସାହିତ୍ୟ କ୍ଷେତ୍ରରେ ଏକ ଅମୂଲ୍ୟ ଯୋଗଦାନ କରିଯାଇଛନ୍ତି । ଓଡ଼ିଶାର ସଂସ୍କୃତି କ୍ଷେତ୍ରରେ ତାଙ୍କର ରଚନା ଅନେକ ମହତ୍ଵପୂର୍ଣ୍ଣ ତଥ୍ୟକୁ ଯୋଡ଼ିବାରେ ସମର୍ଥ ହୋଇଛି, ଯାହା ଆମର ସଂସ୍କୃତିକୁ ପରିମାର୍ଜିତ ଏବଂ ଜ୍ଞାନୋଦ୍ଦୀପକ କରିବାରେ ସାହାଯ୍ୟ କରିଛି । ସେ ପ୍ରମାଣ କରିଯାଇଛନ୍ତି ଯେ, ସାହିତ୍ୟ ମାଧ୍ୟମରେ ସଂସ୍କୃତିକୁ ଜୀବିତ ରଖାଯାଇପାରେ । ବାସ୍ତବରେ ଏହିଠାରେ ଜଣେ ସାହିତ୍ୟକାର ଙ୍କର ସାହିତ୍ୟ ରଚନା କ୍ଷେତ୍ରରେ ଅମୂଲ୍ୟ ଯୋଗଦାନ । ତାଙ୍କ ରଚନାରୁ ବର୍ତ୍ତମାନ ସାହିତ୍ୟକାର ମାନେ ସମାଜର ପରିବର୍ତ୍ତିତ ପରିସ୍ଥିତିରେ ଅନେକ ସାମାଜିକ ତଥ୍ୟ, ଯାହା ସାହିତ୍ୟରେ ଯୋଡାଯାଇପାରେ, ଏବିଷୟରେ ଶିକ୍ଷା ନେଇପାରନ୍ତି ଯାହା ସାହିତ୍ୟର ସଂସ୍କୃତିକୁ ଆହୁରି ପରିମାର୍ଜିତ କରିବାରେ ସହାୟକ ହେବ । କାରଣ ସାହିତ୍ୟ ରଚନାରେ ଆମେ ଦେଖିବାକୁ ପାଉ, ସେ ସମୟର ସାମାଜିକ ବ୍ୟବସ୍ଥା ର ସ୍ଥିତି ଯାହା ସାହିତ୍ୟରେ ଦୃଷ୍ଟିଗୋଚର ହୁଏ । ଏହାକୁ ପରିମାର୍ଜିତ କୁହାଯାଏ । ଅର୍ଥାତ ପ୍ରତ୍ୟକ ସମାଜ ବ୍ୟବସ୍ଥାରେ ସାମାଜିକ ପରିବେଶର ଏକ ସୀମା ପରିଲକ୍ଷିତ ହୁଏ, ଯାହା ପରିବର୍ତ୍ତିତ ପରିସ୍ଥିତିରେ ସେହି ସୀମାକୁ ଲଙ୍ଘନ କରେ ଏବଂ ସେହି ନିଅଁରେ ନୂତନ ସାହିତ୍ୟ ସୃଷ୍ଟି ହୁଏ । ଗଡ଼ନାୟକ ତାଙ୍କ ସମୟରେ ଏହି କାର୍ଯ୍ୟଟିକୁ କରିଯାଇଛନ୍ତି । ତାଙ୍କ ଭଳି ଜଣେ କାଳଜୟୀ କବିଙ୍କ ଜନ୍ମଦିନରେ ତାଙ୍କୁ ଭାବପୂର୍ଣ୍ଣ ଶ୍ରଦ୍ଧାଞ୍ଜଳି ।

ଆବାହକ, ଓଡ଼ିଆ ଭାଷା ସୁରକ୍ଷା ଅଭିଯାନ,
ସୁଜନପୁର, ଯାଜପୁର/୯୩୪୮୭୬୮୮୧୨

ISSN NO.
2582-208X

# ଶିଶିର ଭିଜା ରାତି



ଅର୍ପିତା ମହାପାତ୍ର

ଗଗନ ବୁକୁରେ ଜହ୍ନ ଦୋଳି ଖେଳେ
ତାରା ଦିଶେ ଝିଲିମିଲି ।
ଲାଗଇ ଯେମିତି ଲକ୍ଷାଧିକ ଦୀପ
ଦେଇଅଛି କିଏ ଜାଳି ? ॥
ଶିଶିରେ ଗାଧାଏ ଅନ୍ଧକାର ରାତି
ବହଇ ଶୀତଳ ବାଆ ।
ଦେହରେ ମନରେ ଖେଳେ ଶିହରଣ
ପାଇ ତା ଓମଳ ଛୁଆଁ ॥
ଶୀତୁଆ ନିଶିର କାକର ଟୋପାରେ
ଭିଜେ ସବୁଜିମା ଘାସ ।
ଶୁଭ୍ର ଜୋଛନାରେ ପାଦ ଧୋଇ ନିଏ
ଗିରି, ବନ ସ୍ଥଳଦେଶ ।
ଆକାଶରେ ଉଇଁ ଫୁଲେଇ ଚାନ୍ଦଟା
ସରାଗରେ ଦିଏ ହସି ।
ଲାଜକୁଳି ଲତା ଘନର କୁହୁଡି
ଆଖି ହୋଇଯାଏ ଖୋସି ॥

ISSN NO.
2582-208X

ଗାଆଁ ଶେଷ ମୁଣ୍ଡ କିଆ ବୁଦା ମୂଳୁ
ବିଲୁଆ ଛାଡନ୍ତି ରଡି ।
ସମସ୍ତ ପ୍ରାଣୀଙ୍କୁ ସୂଚାଇ ଦିଅନ୍ତି
ଶୀତ ଆସୁଅଛି ମାଡି ॥
ଥଣ୍ଡାର ପ୍ରକୋପୁ ପାଇବାକୁ ତ୍ରାହି
ଅଗାଡିରେ ନିଆଁ ଜାଳି ।
ବସି ଯାଇଛନ୍ତି ନର, ନାରୀ ଗଣ
ଉଷ୍ମତା ଲଭିବେ ବୋଲି ॥
ଶିଶିର ଭିଜା ଏ ରାତ୍ରିର ସମୟେ
ମନେ ଆଣିଦିଏ ଶାନ୍ତି ।
ନିଦର ଅଳସେ ସ୍ୱପ୍ନ ଅସୁମାରୀ
ଦୂର କରେ କର୍ମ କ୍ଳାନ୍ତି ॥

ଶ୍ରୀରାମପୁର, ରାମଗଡ, ବୌଦ୍ଧ

ISSN NO.
2582-208X

# ମିଠା ଆଲିଙ୍ଗନ



ପ୍ରଶାନ୍ତ କୁମାର ନାଥ

ଛଳ ଆଲିଙ୍ଗନ ଜଳ ଛବି ପରି
ନିମିଷେକେ ଯାଏ ଲିଭି
ପ୍ରତିଶ୍ରୁତି କଥା ଭୁଲି ଯାଏ ମନୁ
ଅମଣିଷ ଦେହ ଲୋଭୀ।

ପ୍ରତିଜ୍ଞାରେ ପ୍ରେମ ହୁଏ ନାହିଁ ବନ୍ଦୀ
ଗୋଲିପ ଚକ୍ଲେଟ୍ ଦେଇ
ପ୍ରସ୍ତାବିତ ପ୍ରେମ ନୁହେଁ ଚିରସ୍ଥାୟୀ
କେବେ ଖରା କେବେ ଛାଇ।

ବିନା ପାର୍ବଣରେ ହୋଇଥାଏ ପ୍ରେମ
ମନ ଆକାଶରେ ଉଡ଼ି
ହୃଦୟ ଯେଉଁଠି ହୃଦୟକୁ ବୁଝେ
ପ୍ରେମ ପରିଭାଷା ପଢ଼ି।

ଲୋଡ଼ା ହୁଏ ନାହିଁ ଗୋଲାପ ଚକ୍ଲେଟ
ଡେଡି ବିଅରରୁ ଗୋଟେ

ISSN NO.
2582-208X

ଆପେ ଆପେ ମନ ହୋଇଯାଏ ବନ୍ଦୀ
ମିଠା ହସ ଯେବେ ଫୁଟେ ।

କୋଳାଗ୍ରତ ପାଇଁ ନୁହେଁ କୋଳାହଳ
ବିଦେଶୀ ମଦିରା ପିଇ
ପ୍ରେମିକ ପ୍ରେମିକା ମଳିନ ଆଲୋକେ
ଡିସ୍କୋ ବାହାରକୁ ଯାଇ ।

ଚୁକ୍ତିବଦ୍ଧ ନୁହେଁ ମୁକ୍ତ ପକ୍ଷୀଟିଏ
ହୃଦୟରେ ଉଡୁଥାଏ
ପ୍ରେମ ପାଇଁ ସଦା ମିଠା ଆଲିଙ୍ଗନ
ଭାବ ନଇ ହେଇ ଯାଏ ।।

(ଜୁଣଗଡି )
ରାଜନଗର କେନ୍ଦ୍ରାପଡ଼ା

ISSN NO.
2582-208X

# ସାରସ୍ୱତ ପୁରୁଷ ଗୋପବନ୍ଧୁ



ଦୀପା ମୁଦୁଲି

ଓଡ଼ିଆ ଜାତିର ସର୍ବାଙ୍ଗୀନ ଉନ୍ନତି ପାଇଁ ଯେଉଁ କେତେଜଣ ମହାପୁରୁଷ ନିଜର ସଂପୂର୍ଣ୍ଣ ଜୀବନକୁ ସମର୍ପିତ କରିଥିଲେ ତନ୍ମଧ୍ୟରୁ ପୁଣ୍ୟଶ୍ଳୋକ ପଣ୍ଡିତ ଗୋପବନ୍ଧୁ ଦାସ ଥିଲେ ଅନ୍ୟତମ । ପ୍ରତ୍ୟେକ ଓଡ଼ିଆ ପ୍ରାଣରେ ସେ ଭରିଦେଇଥିଲେ ଦେଶପ୍ରେମ, ଜାତିପ୍ରେମ ଓ ଭାଷାପ୍ରେମ । ସେ ଯଥାର୍ଥରେ ଥିଲେ ଉତ୍କଳଜାତିର ମଉଡମଣି । ସେବା ଓ ତ୍ୟାଗର ସେ ଥିଲେ ମୂର୍ତ୍ତିମନ୍ତ ସ୍ୱରୂପ । ସେ ଏକାଧାରରେ ଓଡ଼ିଶାର ଜଣେ ସ୍ୱାଧୀନତା ସଂଗ୍ରାମୀ, ସମାଜସେବୀ, କବି ଓ ଲେଖକ । ଜଣେ ଆଦର୍ଶ ବ୍ୟକ୍ତିତ୍ୱ ଓ ଉଜ୍ଜ୍ୱଳ ଦୀପଶିଖା। ସ୍ୱଚ୍ଛ ପବିତ୍ର ଜଳଧାର ଓ ତ୍ୟାଗ- ପ୍ରେମ - କାରୁଣ୍ୟର ମହାମିଳନ ପରି ତାଙ୍କର ମହାଜୀବନ । ସେ ଯେପରି ମାନବିକତାବୋଧ ରେ କୋମଳ, ସେହିପରି ଅନ୍ୟାୟ ଅନୀତି ପ୍ରତି ବଜ୍ର କଠୋର । ସେ ସ୍ୱଦେଶୀପ୍ରେମୀ ଓ ଦରଦୀମଣିଷ । ଏହି ମହାନ ଚିନ୍ତାନାୟକ ଙ୍କର ଜନ୍ମ ହୁଏ ୧୮୭୭ ମସିହା ଅକ୍ଟୋବର ମାସ ନଅ ତାରିଖରେ ପୁରୀ ଜିଲ୍ଲାର ସାକ୍ଷୀଗୋପାଳ ନିକଟ ଭାର୍ଗବୀ ନଦୀ ତୀରବର୍ତ୍ତୀ ସୁଆଣ୍ଡୋ ଗ୍ରାମରେ । ପିତା ଥିଲେ ଦୈତାରି ଦାସ ଏବଂ ମାତା ଥିଲେ ସ୍ୱର୍ଣ୍ଣମୟୀ ଦେବୀ । ଗୋପବନ୍ଧୁ ପିଲାଟି ଦିନରୁ ମାଆଙ୍କୁ ହରାଇଥିଲେ । ତେଣୁ ଜନନୀ ଠାରୁ ଅଧିକ ସ୍ନେହମମତା ଦେଇ ବାଲ୍ୟ ବିଧବା ପିଉସୀ କମଳାଦେବୀ ତାଙ୍କୁ ଲାଳନପାଳନ କରିଥିଲେ। ପିଉସୀଙ୍କ ଭଗବତ୍ ପ୍ରୀତି ଓ ଆଧ୍ୟାତ୍ମିକତା ହେଉଛି ଗୋପବନ୍ଧୁଙ୍କ ଜୀବନ ଦେବୀ - ମହାଯାଜ୍ଞିକର ଯଜ୍ଞବେଦୀ, ଭଗବତ୍ ପ୍ରୀତି ତାଙ୍କୁ ବିଶୁଦ୍ଧ କରିବା ସହିତ ନୈତିକ ମନୋବଳରେ ସୁଦୃଢ଼ କରିଥିଲେ। ତାଙ୍କର ଶିକ୍ଷାଜୀବନର ମୂଳଦୁଆ ପଡ଼ିଥିଲା ରୂପଦେଇପୁର ମାଇନର ଭର୍ଣ୍ଣାକୁଲାର ସ୍କୁଲରେ । ଏହାପରେ ସେ ପୁରୀଜିଲ୍ଲା ସ୍କୁଲରେ ସପ୍ତମ ଶ୍ରେଣୀରେ ନାମ ଲେଖାଇଥିଲେ । ମାଇନର ସ୍କୁଲରେ ଛାତ୍ର ଥିବାବେଳେ ସେ ଓଡ଼ିଆ ସାହିତ୍ୟପ୍ରତି ଆକୃଷ୍ଟ ହୋଇଥିଲେ ଏବଂ ହାଇସ୍କୁଲ ଛାତ୍ର

ISSN NO.
2582-208X

ଥିବାବେଳେ ବିଭିନ୍ନ ପତ୍ରପତ୍ରିକାର ଲେଖିବାକୁ ଆରମ୍ଭ କରିଥିଲେ । ୧୮୯୯ ମସିହାରେ ଗୋପବନ୍ଧୁ ରେଭେନ୍ସା କଲେଜରେ ନାମ ଲେଖାଇଲେ ଏବଂ ୧୯୦୪ ମସିହାରେ ବି.ଏ. ପାସ୍ କଲେ । ଏହାପରେ ସେ କଲିକତାରେ ଏକ ସମୟରେ ଏମ.ଏ.ଓ ବି. ଏଲ୍ ଅଧ୍ୟୟନ ପାଇଁ ନାମ ଲେଖାଇଲେ । କଲିକତାରୁ ଫେରି ଗୋପବନ୍ଧୁ ଦାସ ବାଲେଶ୍ୱର ଜିଲ୍ଲାର ନୀଳଗିରିଠାରେ ଶିକ୍ଷକ ଭାବରେ କାର୍ଯ୍ୟ ଆରମ୍ଭ କରିଥିଲେ । ଏହାପରେ ସେ ସମାଜସେବାକୁ ପରମଧର୍ମ ଭାବରେ ଗ୍ରହଣ କରିନେଇଥିଲେ ।

ସେ ଥିଲେ ସତ୍ୟବ୍ରତ। ଅହିଂସା ଓ ପ୍ରେମ ତାଙ୍କର ମନ୍ତ୍ର । ସେ ଥିଲେ ଜାତୀୟ ଭାବନାର ଉପାସକ। ଛାତ୍ର ଜୀବନରୁ ସେବା କାର୍ଯ୍ୟ ଆରମ୍ଭ କରିଥିଲେ । ମାତ୍ର ୧୨ ବର୍ଷ ବୟସରେ ଷଷ୍ଠ ଶ୍ରେଣୀରେ ଅଧ୍ୟୟନ କରୁଥିବା ବେଳେ ୯ବର୍ଷର କନ୍ୟା ମୋତିଦେବୀଙ୍କୁ ସେ ବିବାହ କରିଥିଲେ । ଯୌବନର ମାତ୍ର ୩୦ବର୍ଷ ବୟସରେ ପ୍ରଥମେ ପୁତ୍ର ଏବଂ ପରେ ପ୍ରାଣାଧିକା ପତ୍ନୀଙ୍କର ବିୟୋଗ ଘଟିଥିଲା । ତାଙ୍କର ଦାମ୍ପତ୍ୟ ଓ ପାରିବାରିକ ଜୀବନ ଦୁର୍ବିସହ ହୋଇପଡିଥିଲା ।

ଏହାପରେ ଭକ୍ତକବି ମଧୁବାବୁଙ୍କ ପରାମର୍ଶକ୍ରମେ ଗୋପବନ୍ଧୁ ସାକ୍ଷୀଗୋପାଳର ବକୁଳ ଛୁରିଆନା କୁଞ୍ଜରେ ୧୯୦୯ ଅଗଷ୍ଟ ୧୨ତାରିଖରେ ସତ୍ୟବାଦୀ ବନବିଦ୍ୟାଳୟ ପ୍ରତିଷ୍ଠା କରିଥିଲେ । ଏହି ବିଦ୍ୟାଳୟ ଥିଲା ଯଥାର୍ଥରେ ମଣିଷ ଗଢା କାରଖାନା । ଲୋକମାନଙ୍କୁ ଜାତିପ୍ରେମର ଉଦବୁଦ୍ଧ କରିବା ଥିଲା ଏହାର ଲକ୍ଷ୍ୟ । ମାତ୍ର ୧୯ ଜଣ ଛାତ୍ରଙ୍କୁ ନେଇ ବିଦ୍ୟାଳୟ ଆରମ୍ଭ ହୋଇଥିଲା । ୧୯୧୧ ରୁ ଆରମ୍ଭ କରି ୧୯୧୪ ମଧ୍ୟରେ ବର୍ଷାନୁକ୍ରମେ ଏହି ଅନୁଷ୍ଠାନରେ ପଣ୍ଡିତ ନୀଳକଣ୍ଠ ଦାସ, ଆଚାର୍ଯ୍ୟ ହରିହର ଦାସ, ପଣ୍ଡିତ ଗୋଦାବରୀଶ ମିଶ୍ର, କୃପାସିନ୍ଧୁ ମିଶ୍ର ଶିକ୍ଷକ ଭାବରେ ଯୋଗ ଦେଇଥିଲେ । ଏଠାରେ ଧନ୍ଦାମୂଳକ ଶିକ୍ଷା ସହ ଦେଶସେବା ନିମିତ୍ତ ମଧ୍ୟ ଅନୁପ୍ରାଣିତ ହେଉଥିଲେ ।

ଭୋଗ ନୁହେଁ ତ୍ୟାଗ ହିଁ ଥିଲା ପଣ୍ଡିତ ଗୋପବନ୍ଧୁଙ୍କ ଜୀବନର ଆଦର୍ଶ। ସେ ଥିଲେ ପ୍ରକୃତ ପକ୍ଷେ ଜଣେ କର୍ମୀ - ସେବକ- ସଂଗଠକ । ବନ୍ୟା, ମରୁଡ଼ି, ହଇଜାରେ ଆକ୍ରାନ୍ତ ଜନତାଙ୍କ ସେବା ଥିଲା ତାଙ୍କର ପ୍ରଧାନ କର୍ତ୍ତବ୍ୟ । ପୁରୀରେ ବାତ୍ୟା ସମୟରେ ସେ 'ପୁରୀ ସେବା ସମିତି' ଗଠନ କରିଥିଲେ । ଲୋକମାନଙ୍କ ଦୁଃଖରେ ସେ ବ୍ୟଥିତ

ISSN NO.
2582-208X

ହୋଇପଡୁଥିଲେ। ୧୯୦୭ ମସିହାରେ ବ୍ରାହ୍ମଣୀ ବନ୍ୟା ବେଳରୁ ସେ ଥିଲେ ଦରିଦ୍ର ଜନର ବନ୍ଧୁ । ସେ ମାନବସେବାକୁ ଜୀବନର ବ୍ରତ ଭାବରେ ଗ୍ରହଣ କରିନେଇଥିଲେ । ତାଙ୍କ ମତରେ 'ମାନବସେବା ହିଁ ଈଶ୍ୱରସେବା' । ଦୁର୍ଗତ ଜନର ବନ୍ଧୁ – ଦେବଦୂତ ଭାବରେ ପ୍ରତିଷ୍ଠା ଅର୍ଜନ କରିଥିଲେ । ୧୯୧୯ ମସିହାରେ ପୁରୀଜିଲ୍ଲାର ଡ଼ଭାର ଅଞ୍ଚଳର ଦୁର୍ଭିକ୍ଷ ବେଳେ ସେ ଥିଲେ ଆର୍ତ୍ତଜନର ବନ୍ଧୁ । ୧୯୨୭ ମସିହାରେ ବ୍ରାହ୍ମଣୀ ବୈତରଣୀ ଆଦି ବନ୍ୟାରେ ସେ ଲୋକସେବକ । ଏହି ସମୟରେ ଲୋକମାନଙ୍କୁ ବୁଲିବୁଲି ଚୂଡ଼ା ଓ ଚିନି ମଧ୍ୟ ବାଣ୍ଟୁଥିଲେ । ଏହି ସମୟରେ ଓଡ଼ିଶାର ଆର୍ଥିକଦୁର୍ଗତି, ଜନଗଣଙ୍କର ବୁଭୁକ୍ଷୁ ଅବସ୍ଥାକୁ ବ୍ରିଟିଶ ସରକାରଙ୍କର ଦୃଷ୍ଟିକୁ ଆଣିପାରିଥିଲେ । ବନ୍ୟା ସମୟରେ ନିଜର ଏକମାତ୍ର ପୁତ୍ରକୁ ରୋଗଶଯ୍ୟାରେ ଛାଡ଼ିଦେଇ ବନ୍ୟାକ୍ଲିଷ୍ଟ ଅଞ୍ଚଳର ହଜାର ହଜାର ଲୋକଙ୍କ ଦୁଃଖ ଦୂଦଶା ଦେଖିବାକୁ ଚାଲିଯାଇଥିଲେ । ଫଳରେ ତାଙ୍କ ପୁତ୍ରକୁ ସେ ହରାଇଥିଲେ । ଗୋପବନ୍ଧୁ ଥିଲେ ସାମ୍ବାଦିକ ଓ ସଂପାଦକ । ସେ ସତ୍ୟବାଦୀ ରୁ ପ୍ରକାଶ କରୁଥିଲେ ସତ୍ୟବାଦୀ ସାହିତ୍ୟ ପତ୍ରିକା ୧୯୧୫ ମସିହାରେ । ଏହାପରେ ଓଡିଶା ଲୋକଙ୍କ ଦୁର୍ଦ୍ଦଶା, ସ୍ୱତନ୍ତ୍ରପ୍ରଦେଶ ଗଠନ, ଅହିଂସା ଆନ୍ଦୋଳନ, ମହାତ୍ମାଙ୍କ ବାର୍ତ୍ତା ଓ ଭାରତୀୟ ଜାତୀୟ କଂଗ୍ରେସ ର ଆଭିମୁଖ୍ୟ ପ୍ରଚାର ତଥା ଜନସାଧାରଣଙ୍କୁ ଅବଗତ କରାଇବା ନିମନ୍ତେ ୧୯୧୯ ମସିହା ଅକ୍ଟୋବର ୪ ତାରିଖରେ ଦୈନିକ ଓଡ଼ିଆ ସମ୍ବାଦପତ୍ର 'ସମାଜ' ୧୯୨୪ ରେ ପୁରୀରୁ ଏବଂ ୧୯୨୭ ରୁ କଟକରୁ ପ୍ରକାଶ ପାଉଥିଲା । ଏହା ପ୍ରଥମେ ସାପ୍ତାହିକ ଓ ପରେ ୧୯୩୦ ମସିହାରୁ ଦୈନିକ ସମ୍ବାଦପତ୍ର ରୂପେ ପ୍ରକାଶ ପାଉଥିଲା । ଏହି ପତ୍ରିକା ମାଧ୍ୟମରେ ସାହିତ୍ୟ ରଚନାକରି ଦେଶପ୍ରୀତି ଜାଗ୍ରତ କରିବା ଥିଲା ମୂଳଲକ୍ଷ୍ୟ । ପଣ୍ଡିତ ଗୋପବନ୍ଧୁ ଦାସଙ୍କ ବ୍ୟକ୍ତିତ୍ୱ ଥିଲା ବିରଳ । କଟକରେ ଅଧ୍ୟୟନ ସମୟରେ ଓଡ଼ିଆ ଭାଷାର ବିଲୋପ ଚକ୍ରାନ୍ତ ବିରୋଧରେ ଆନ୍ଦୋଳନ ଆରମ୍ଭ କରିଥିଲେ । ସେ 'କର୍ତ୍ତବ୍ୟ ବୋଧିନୀ ସମିତି' ଗଠନ କରି ଓଡ଼ିଆ ଭାଷା ବିଲୋପର ତୀବ୍ର ପ୍ରତିବାଦ କରିଥିଲେ। ତାଙ୍କର ଆହ୍ୱାନ ଥିଲା "ପ୍ରତ୍ୟେକ ବ୍ୟକ୍ତି ଓ ଜାତିର ପରିଚୟ ହେଉଛି ତାର ଭାଷା, ଭାଷା ହିଁ ଜାତିର ପ୍ରାଣସ୍ପନ୍ଦନ" । ସେ ୧୯୦୩ ମସିହାରେ ମଧୁସୂଦନ ଦାସଙ୍କ ଦ୍ୱାରା ଆହୂତ ଉତ୍କଳ ସମ୍ମିଳନୀ ରେ ସକ୍ରିୟ ଭାବେ ଯୋଗ ଦେଇଥିଲେ । ଏହି ଆନ୍ଦୋଳନ କ୍ରମେ ତୀବ୍ରହୋଇ ୧୯୩୬ ରେ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନ ଦିଗକୁ ମୁହାଁଇଥିଲା ।

ISSN NO.
2582-208X

ଭାରତର ମୁକ୍ତି ସଂଗ୍ରାମରେ ଗୋପବନ୍ଧୁ ଥିଲେ ଅନ୍ୟତମ କର୍ମୀ । ଗାନ୍ଧୀଙ୍କ ଆଦର୍ଶକୁ ଗ୍ରହଣ କରି ସେ ଅସହଯୋଗ ଆନ୍ଦୋଳନରେ ଓଡ଼ିଶାରେ ନେତୃତ୍ୱ ନେଇଥିଲେ । ୧୯୨୦ ଓଡ଼ିଶାରେ ଗଠିତ କଂଗ୍ରେସ କମିଟିରେ ସେ ହେଲେ ପ୍ରଥମ ସଭାପତି । ୧୯୨୨ ମସିହାରେ ସଂଘଟିତ ଅସହଯୋଗ ଆନ୍ଦୋଳନରେ ଯୋଗଦେଇ ଦୁଇବର୍ଷ କାରାବରଣ କରିଥିଲେ । ଭାରତର ମୁକ୍ତି ସଂଗ୍ରାମରେ ଯୋଗ ଦେଇ କାରାବରଣ କରିଥିବା ପ୍ରଥମ ଓଡ଼ିଆ ହେଉଛନ୍ତି ପଣ୍ଡିତ ଗୋପବନ୍ଧୁ ଦାସ । ୧୯୨୪ ମସିହା ଜୁନ ୨୬ ତାରିଖରେ ସେ ଜେଲ୍ ରୁ ମୁକ୍ତ ହୋଇଥିଲେ । ଜେଲ୍ ରୁ ମୁକ୍ତ ହେବା ପରେ କଟକଠାରେ ଏକ ବିଶାଳ ସମ୍ବର୍ଦ୍ଧନା ସଭାରେ ବୈଜ୍ଞାନିକ ପ୍ରଫୁଲ୍ଲଚନ୍ଦ୍ର ରାୟ ତାଙ୍କୁ 'ଉତ୍କଳମଣି' ବୋଲି ସମ୍ବୋଧନ କରିଥିଲେ । ଏହି ସମୟରେ ତାଙ୍କ ଦେଶ ସେବାର ଅବଦାନ ପାଇଁ ଲାଲ ଲଜପତ ରାୟ ତାଙ୍କୁ ଲୋକସେବା ମଣ୍ଡଳର ଆଜୀବନ ସଦସ୍ୟ ରୂପେ ଗ୍ରହଣ କରିଥିଲେ । ପରେ ସେ ଏହି ଅନୁଷ୍ଠାନର ଉପାଧ୍ୟକ୍ଷ ଭାବରେ ମନୋନୀତ ହୋଇଥିଲେ । ତାଙ୍କ ଜୀବନ ଥିଲା କର୍ମପ୍ରବାହର ଅସରନ୍ତି ଧାରା । ସେ କର୍ମପ୍ରବଣତା ର ମହାସଙ୍ଗୀତ ଗାଇଛନ୍ତି –

"ମାନବ ଜୀବନ ନୁହଁଇ କେବଳ
ବର୍ଷ ମାସ ଦିନ ଦଣ୍ଡ
କର୍ମେ ଜୀଏଁ ନର କର୍ମ ଏକା ତାର
ଜୀବନର ମାନଦଣ୍ଡ ।"

ଗୋପବନ୍ଧୁ ମଧୁବାବୁଙ୍କ ପ୍ରେରଣାରୁ ସେ ୧୯୧୭ ମସିହାରୁ ୧୯୨୧ମସିହା ପର୍ଯ୍ୟନ୍ତ ବିହାର ଓଡ଼ିଶା ବିଧାନସଭାର ସଦସ୍ୟ ରୂପେ ନିର୍ବାଚନ ହୋଇଥିଲେ । ୧୯୨୧ ମସିହାରେ ସେ ଓଡ଼ିଶା ପ୍ରାଦେଶିକ କଂଗ୍ରେସ କମିଟିର ପ୍ରଥମ ଅଧ୍ୟକ୍ଷ ହୋଇଥିଲେ । ଦେଶ ଓ ଜାତି ସେବା ପାଇଁ ତାଙ୍କର ଥିଲା ଉତ୍ସର୍ଗ ମନୋଭାବ । ଦେଶ ଓ ଜାତି ପାଇଁ ନିଜ ଜୀବନକୁ ସେ ପୂର୍ଣ୍ଣ ପ୍ରାଣରେ ଉତ୍ସର୍ଗ କରିଥିଲେ । ନିମ୍ନ ପଂକ୍ତି ରୁ ଜଣାଯାଏ –

"ମିଶୁ ମୋର ଦେହ ଏ ଦେଶ ମାଟିରେ
ଦେଶବାସୀ ଚାଲିଯାଆନ୍ତୁ ପିଠିରେ,
ଦେଶର ସ୍ୱରାଜ୍ୟ ପଥେ ଯେତେ ଗାଡ଼
ପୂରୁ ତହିଁ ପଡ଼ି ମୋର ମାଂସ ହାଡ ।"

ISSN NO.
2582-208X

ଦେଶବାସୀଙ୍କୁ ସେ ପ୍ରାଣଭରି ଭଲପାଉଥିଲେ । ତେଣୁ ସେ ଦେଶବାସୀଙ୍କ ଉଦ୍ଦେଶ୍ୟରେ ଗାଇଥିଲେ –

"ନୀରବେ ଭୋଗୁଛି ବସି କାରାବାସ
ଚାହୁଁ ଚାହୁଁ ଏବେ ଗଲା ଚାରିମାସ
ଏହିପରି ଗଲେ ଚଉବିଂଶ ମାସ
ଫିଟିବ ମୋହର ବନ୍ଧ ନାଗଫାଶ ।"

ପୁଣ୍ୟାତ୍ମା ଗୋପବନ୍ଧୁ ଥିଲେ ସାରସ୍ୱତ ପୁରୁଷ । ସେ ଥିଲେ ନିଷ୍ଠାପର ସାହିତ୍ୟିକ । ଦେଶବାସୀଙ୍କ ମନରେ ଦେଶପ୍ରେମ ଭାବନା ଜାଗ୍ରତ କରିବା ପାଇଁ ସେ ସାହିତ୍ୟ ସର୍ଜନା କରିଥିଲେ । ତାଙ୍କର ସାମଗ୍ରିକ ସାହିତ୍ୟ ହେଉଛି ଆଦର୍ଶମୟ ଓ ସ୍ୱଚ୍ଛ ମାନସିକତା ପରିପୂର୍ଣ୍ଣ । ପ୍ରତ୍ୟେକଟି ସୃଷ୍ଟି ମଧ୍ୟରେ ଉଚ୍ଚ ମୂଲ୍ୟବୋଧ ଦେଖିବାକୁ ମିଳିଥିଲା । ସେ ଥିଲେ ସତ୍ୟସନ୍ଧାନୀ ନୀତିନିଷ୍ଠ ମାନବତାବାଦ ର ଜୟଗାନ ଥିଲା ତାଙ୍କ କାବ୍ୟ ଚେତନାର ଆତ୍ମା । ଗଭୀର ହୃଦୟବତ୍ତା ତାଙ୍କ କବିତାର ସିଦ୍ଧିର କାରଣ । ଜଗନ୍ନାଥ ଚେତନାର ସେ ଅତିମାତ୍ରାରେ ବିଶ୍ୱାସୀ ଥିଲେ। ସତ୍ୟ ଓ ସ୍ୱାଧୀନତା ଉପରେ ସେ ଗୁରୁତ୍ୱ ପ୍ରଦାନ କରୁଥିଲେ, ତେଣୁ ସେ ଗାଇଛନ୍ତି –

"ଉତ୍କଳ ନେତାର ନାହିଁ ପ୍ରୟୋଜନ
ଉତ୍କଳର ନେତା ଆପେ ନାରାୟଣ ।"

ଆଧୁନିକ ଓଡ଼ିଆ ସାହିତ୍ୟରେ ଷ୍ଟାଣ୍ଡାର୍ଡ ଗଦ୍ୟଶୈଳୀର ପ୍ରାଣ ପ୍ରତିଷ୍ଠାତା ହେଉଛନ୍ତି ଉତ୍କଳମଣି ଗୋପବନ୍ଧୁ। ଆଦର୍ଶ, ବାସ୍ତବତା, କଳ୍ପନାର ତ୍ରିବେଣୀସଙ୍ଗମ ତାଙ୍କ କାବ୍ୟ କବିତାରେ ଲକ୍ଷ୍ୟ କରାଯାଇପାରେ । ସତ୍ୟ, ଧର୍ମ, ସାମ୍ୟ, ମୈତ୍ରୀ, ସେବା, ତ୍ୟାଗ, ଅହିଂସା, ଜାତୀୟତା,ମାନବୀୟତାର ଆଦର୍ଶ ଥିଲେ ପଣ୍ଡିତ ଗୋପବନ୍ଧୁ ଦାସ । ନିମ୍ନରେ ତାଙ୍କ କାବ୍ୟ ସଂପର୍କରେ ଆଲୋଚନା କରାଯାଇଅଛି । ଗୋପବନ୍ଧୁ ଥିଲେ କବିପ୍ରାଣ । ଛାତ୍ର ଜୀବନରୁ 'ଦାଶ କେରେଣ୍ଟାଫୁଲ' ତାଙ୍କର ପ୍ରଥମ କବିତା। ଏହା ତାଙ୍କ କବିତ୍ୱର

ISSN NO.
2582-208X


ଆଦ୍ୟସ୍ୱର୍ଶ। ଏହାପରେ ସେ ବହୁ କାବ୍ୟ ରଚନା କରିଯାଇଛନ୍ତି, ତାଙ୍କ ସୃଷ୍ଟି ସମ୍ଭାର ମଧ୍ୟରେ ରହିଛି –

୧– ଅବକାଶ ଚିନ୍ତା (୧୮୯୯)
୨– କାରାକବିତା (୧୯୨୩ –୨୪)
୩– ବନ୍ଦୀର ଆତ୍ମକଥା (୧୯୨୨ –୨୪)
୪– ଧର୍ମପଦ
୫– ନଚିକେତା ଉପାଖ୍ୟାନ
୬– ଗୋ – ମାହାତ୍ମ୍ୟ

ଅବକାଶ ଚିନ୍ତା :-

'ଅବକାଶ ଚିନ୍ତା' କବି ଗୋପବନ୍ଧୁଙ୍କ କିଶୋର ପ୍ରାଣରୁ ନିର୍ଗତ କବିତ୍ୱର ଆଦ୍ୟସ୍ୱର୍ଶ। ବିକାଶୋନ୍ମୁଖୀ କବି ପ୍ରତିଭାର ଏହା ଆଦ୍ୟ ପରିଚୟ । ସ୍ୱଦେଶପ୍ରୀତି, ଉତ୍କଳପ୍ରୀତି, ପ୍ରକୃତିପ୍ରୀତି, ମାନବବନ୍ଦନା, ଭଗବତ୍ ଭାବନା ଆଲୋଚ୍ୟ ଗ୍ରନ୍ଥର ଭାବ ବିଭୂତି । ବହୁ କ୍ଷୁଦ୍ରକବିତାର ସମାହାର ହେଉଛି ଅବକାଶ ଚିନ୍ତା । ଏଥିରେ ୩୯ଟି କବିତା ସ୍ଥାନିତ ହୋଇଛି । କବିତାଗୁଡ଼ିକ ହେଉଛି – ରେଳ ଉପରେ ଚିଲିକା ଦର୍ଶନ, କଟକର ଶିଳାସେତୁ, ବାରବାଟୀ ଦର୍ଶନ, ଗ୍ରୀଷ୍ମେ ଖୁଣ୍ଟା ବରଗଛ, ଶିବରାତ୍ରି, ନୀରବ, ବ୍ରାହ୍ମଣ ସମିତି ଛାତ୍ରାବାସ, କବିତାରେ ଆର୍ଯ୍ୟ ଐତିହ୍ୟ ବିଭୁବୋଧ ଓ ବିଶ୍ୱବୋଧକ ଆବେଗଦୀପ୍ତ କଣ୍ଠରେ କବି ପ୍ରକାଶ କରିଛନ୍ତି –

"ନିଜ ସୁଖ ଲାଗି ଜାତ ନୁହେଁ ହିନ୍ଦୁ,
ବିଶ୍ୱ ହିତେ ହିନ୍ଦୁ ପ୍ରତି ରକ୍ତବିନ୍ଦୁ ।"

'ଶିବରାତ୍ରି' କବିତାରେ କବିପ୍ରାଣ ର ସ୍ୱକୀୟ ଦାର୍ଶନିକ ଦୃଷ୍ଟିଭଙ୍ଗୀ ର ପରିଚୟ ମିଳେ ।

"ଦୂର ଦେବାଳୟ ଯିବା ନାହିଁ ପ୍ରୟୋଜନ
ନିଜ ଅଭ୍ୟନ୍ତର ଦେଖ ଫେଡିଣ ନୟନ

ISSN NO.
2582-208X

ହୃଦ କପିଳାସେ ତୋର ବହେ ପ୍ରେମଝର
ବିଜେ କରିଛନ୍ତି ତହିଁ ସ୍ୱୟଂଭୁ ଶଙ୍କର ।"

ଅବକାଶଚିନ୍ତାର କ୍ଷୁଦ୍ର କ୍ଷୁଦ୍ର କବିତା ଭିତରେ କବିପ୍ରାଣ ଓ କାବ୍ୟିକ ସୁଷମା ପରିପ୍ରକାଶ ଲାଭ କରିଛି ।

କାରାକବିତା:-

ଏହା ତାଙ୍କର ଏକ କବିତା ସଙ୍କଳନ । ଏଥିରେ ୧୩ଟି କବିତା ରହିଛି । ହଜାରିବାଗ ଜେଲ ରେ ଥିବାବେଳେ ସେ କାରାକବିତା ଓ ବନ୍ଦୀର ଆତ୍ମକଥା ରଚନା କରିଥିଲେ । ଏଥିରେ ଆବେଗଧର୍ମୀ କେତେକ କବିତା ରହିଛି, ଯଥା – ପିତୃପକ୍ଷ ତର୍ପଣ, ବନ୍ଦୀର ବିରହ ବ୍ୟଥା, ବନ୍ଦୀର ସ୍ୱଦେଶ ଚିନ୍ତା, ବିଶ୍ୱର ମିଳନଚିତ୍ର, ଇତ୍ୟାଦି । ଏଥିରେ ବିଶ୍ୱର ହିତ ପାଇଁ ନିର୍ମଳ ପ୍ରେମର ନିଦର୍ଶନ ସ୍ୱରୂପ କବି ଲେଖିଛନ୍ତି –

"ଜୀବନ କି ଖାଲି ନିରାଶାର ବାଲି
ମରୁ ମରୀଚିକା ସେନେହ ପ୍ରୀତି
ତେବେ କି ଆଶାରେ କହ ଏ ସଂସାରେ
ପର ଲାଗି ନର ମରୁଛି ନିତି ?"

ଏଥିରେ ଅଛି ଜାତୀୟତା ଓ ସ୍ୱଦେଶ ପ୍ରେମ, ମାନବ ବନ୍ଦନା, ଆତ୍ମବଳିଦାନ, ବିଶ୍ୱବୋଧ ଓ ଭଗବତ୍ ଚେତନା ରହିଛି ।

ବନ୍ଦୀର ଆତ୍ମକଥା:-

ଆଲୋଚ୍ୟ କବିଙ୍କର ସ୍ୱଦେଶ ପ୍ରାଣତା ଓ ଜାତୀୟ ପ୍ରତିକ୍ରିୟାର ଗୀତିମୟ ଉଚ୍ଛ୍ୱାସ ଏଥିରେ ଜାତୀୟତାବୋଧ, ଦେଶାତ୍ମ ବୋଧ, ବିଭୁବୋଧ ଗୀତିମୟ ଉତ୍ତରଣ ଘଟିଛି। ଭୀରୁତା ଓ କାପୁରୁଷ ଆତ୍ମସ୍ୱାର୍ଥ କରି ସ୍ୱରାଜ୍ୟ ଆନ୍ଦୋଳନରେ ସଂଗ୍ରାମ କରିବାକୁ କବି ଆହ୍ୱାନ ଦେଇଛନ୍ତି । ଏଥିରେ ସେ କେତେକ ନୈତିକତା ର ମହାମନ୍ତ୍ର ଶୁଣାଇଛନ୍ତି ।

ISSN NO.
2582-208X

ଯଥା –

"କାତରତା ସିନା କାପୁରୁଷ ପଣ
ବୀର ମାରେ ଅବା ମରେ କରି ରଣ
ପଛ ଘୁଞ୍ଚା ନାହିଁ ବୀରର ଜାତକେ
ନ ମରେ ସେ କେବେ ପରାଣ ଆତଙ୍କେ ।"

ଗୋପବନ୍ଧୁ ମୁକ୍ତ କଣ୍ଠରେ ଘୋଷଣା କରିଥିଲେ ଯେ ସ୍ୱାଧୀନତା ମାନବର ଜନ୍ମଗତ ଅଧିକାର । ଏହି ମର୍ମରେ ସେ ଲେଖିଥିଲେ –

"ସ୍ୱାଧୀନତା ମାନବର ଜନ୍ମଗତ ଅଧିକାର
ସ୍ୱାଧୀନ ଭାଷଣ ଆଉ ସ୍ୱାଧୀନ ବିହାର
ସ୍ୱାଧୀନ ଜୀବନ ପୁଣି ସ୍ୱାଧୀନ ସମିତି
ଚାରିସ୍ତମ୍ଭେ ମାନବର ସମାଜ ସଂସ୍ଥିତି ।"

ଏଥିରେ ମାନବବାଦର ପ୍ରତିଷ୍ଠା ପାଇଁ ବିଶ୍ୱଜନପ୍ରୀତି ଓ ସତ୍ୟ ଶୁଦ୍ଧ ସାରସ୍ୱତ ଉତ୍ତରଣ ପାଇଁ କାବ୍ୟିକ ଅଭିଳାଷ ପ୍ରକାଶ ପାଇଛି ।

ଧର୍ମପଦ:-

ଏହା ତାଙ୍କର ବହୁଜନାଦୃତ ଗାଥାକାବ୍ୟ । ଏଥିରେ ବ୍ୟକ୍ତି ଅପେକ୍ଷା ଗୋଷ୍ଠୀ କୁ ହିଁ ପ୍ରାଧାନ୍ୟ ଦିଆଯାଇଅଛି । ଜାତିପାଇଁ ଆତ୍ମବଳିଦାନ ଏହି କାବ୍ୟର ମୁଖ୍ୟ ଉପଜୀବ୍ୟ ବିଷୟ । ତେଣୁ ଧର୍ମପଦ ମୁଖରେ କବିଙ୍କର ବକ୍ତବ୍ୟ ଏହିପରି –

"କାପୁରୁଷ ପରି ମରିବା ଜଗତେ
ନୁହେଁ ନର ପଉରୁଷ
ପରହିତ ସାଧି ମରେ ଯେ ମହୀରେ

ISSN NO.
2582-208X

ସେହି ଏକା ସୁପୁରୁଷ ।"

ଦେଶ ଓ ଦଶ ନିମନ୍ତେ ଆତ୍ମୋତ୍ସର୍ଗରେ କି ସୁଖ ଓ ଆନନ୍ଦ ରହିଛି ତାହା ଚିରକଥିତ ଏହି କିମ୍ବଦନ୍ତୀ ରେ ସ୍ପଷ୍ଟ ବିବୃତ ହୋଇଛି –

"ମାନବ ଜୀବନ ନୁହଁଇ କେବଳ
ବର୍ଷ ମାସ ଦିନ ଦଣ୍ଡ
କର୍ମେ ଜୀଏଁନର କର୍ମେ ଏକାତାର
ଜୀବନର ମାନଦଣ୍ଡ ।"

ଗୋପମାନସ ଓ ଗୀତିମୟ କାବ୍ୟିକ ଉତ୍ତରଣ 'ଧର୍ମପଦ' କିମ୍ବଦନ୍ତୀ କୁ ଜୀବନ୍ତ ଓ ଇତିହାସ ଠାରୁ ବୃହତ୍ତର ସତ୍ୟରେ ପରିଣତ କରିପାରିଛି । କିମ୍ବଦନ୍ତୀ ଜୀବନ – ରସରେ ହୋଇଛି ସ୍ନିଗ୍ଧ, ସୁନ୍ଦର ଓ ଜୀବନ୍ତ ।

ନଚିକେତା ଉପାଖ୍ୟାନ :-

କଠୋପନିଷଦ କଥାବସ୍ତୁ ଆଧାରରେ ଏହା ରଚିତ । ଏହା ତାଙ୍କର ଶେଷ ରଚନା । ଏଥିରେ ରହିଛି କରୁଣା, ଜିଜ୍ଞାସା, ଦୀପ୍ତି । ଏଥିରେ କବିଙ୍କର ବ୍ରହ୍ମନିଷ୍ଠ ଭାବନା ଭଗବତ୍ ବୋଧର ପରିଚୟ ମିଳେ । ଗୋ- ସେବା ଧର୍ମ ଉପରେ ଗୁରୁତ୍ୱ ଦେଇଛନ୍ତି । ବାଜଶ୍ରବା ଋଷିଙ୍କ ପୁତ୍ର ନଚିକେତାର ଦୃଢ଼ତା, ଶୁଦ୍ଧତା, ତତ୍ୱନିଷ୍ଠ ଚେତନା, ଆତ୍ମୋପଲବ୍ଧ ଦାର୍ଶନିକ ଦୃଷ୍ଟିଭଙ୍ଗୀ ର ପରିଚୟ ,କବିପ୍ରାଣ ର ମହନୀୟ ବ୍ରହ୍ମନିଷ୍ଠ ପରିଚୟ ।

ଗୋ – ମାହାତ୍ମ୍ୟ:-

ଏହା ତାଙ୍କର ନଚିକେତା ଉପାଖ୍ୟାନ ପରି ଆର୍ଯ୍ୟଚେତନା ଓ ଗୋଜାତି ପ୍ରତି କରୁଣା ସଂଜାତ ଏକ କାବ୍ୟ । ମହାଭାରତ ର ଅନୁଶାସନ ପର୍ବରୁ କଥାବସ୍ତୁ ଗ୍ରହଣ କରାଯାଇ ଏହା ରଚିତ । ଗାଇ ଆମର ଗୋମାତା, ଧର୍ମ ସଂପଦ । ୨୧ଅଧ୍ୟାୟ ବିଶିଷ୍ଟ, ନବାକ୍ଷରୀ ବୃତ୍ତରେ ରଚିତ ହୋଇଛି । ଗୋଜାତି ପ୍ରତି ଭକ୍ତି ଓ ମମତା ପ୍ରଦର୍ଶନ ପାଇଁ କବି ଏହା ରଚନା କରିଛନ୍ତି । ଉଦାହରଣ –

ISSN NO.
2582-208X

"ଗୋରୁ ଅତିଥି ପୂଜାବିଧି ଲଭିଲା ଆଜି ପୂର୍ଣ୍ଣସିଦ୍ଧି
ନିଜ ସୁକୃତ କର୍ମଫଳେବସ ସ୍ୱରଗେ ପୂର୍ଣ୍ଣସିଦ୍ଧି
ଗୋ ସେବା ବ୍ରତ ପୁଣ୍ୟ ରାଶି ତୁମ୍ଭ ମରଣୁ ବିଶ୍ୱବାସୀ
ଶିଖି ଲଭନ୍ତୁ ସ୍ୱର୍ଗେବାସଗୀତେ ଭଣିଲା ଗୋପଦାସ ।"

ବାସ୍ତବିକ ଗୋପବନ୍ଧୁଙ୍କ କବିତାରେ ଯେଉଁ ଆତ୍ମତ୍ୟାଗର ସ୍ୱର ପ୍ରକାଶିତ ତାହା ସକଳ ଜଣଗଣ ଙ୍କ ପ୍ରାଣକୁ ଉଦବୁଦ୍ଧ କରେ । ଜାତୀୟ ଚିନ୍ତାଧାରା ର ଅନ୍ୟତମ କର୍ଣ୍ଣଧାର ରୂପେ ଓଡ଼ିଆ କବିତାରେ ତାଙ୍କର କୀର୍ତ୍ତି ଏଥି ସକାଶେ ଅବିସ୍ମରଣୀୟ । କବିତାଗୁଡ଼ିକ ତାଙ୍କ ଜୀବନର ବିଷାଦ, ବିପର୍ଯ୍ୟୟ, ମାଧୁର୍ଯ୍ୟ, ଗାମ୍ଭୀର୍ଯ୍ୟ, ଓ ପ୍ରସାରଣଶୀଳ ସୃଷ୍ଟିର ବୈଚିତ୍ର୍ୟ ଓ ସ୍ୱାତନ୍ତ୍ର୍ୟ ।

ଅଦ୍ୟାବଧି ପଣ୍ଡିତ ଗୋପବନ୍ଧୁ ଦାସ ଓଡ଼ିଶାର ଜନମାନସରେ ଉଜ୍ଜୀବିତ ହୋଇ ଅଛନ୍ତି ଓ ଭବିଷ୍ୟତ ପାଇଁ ମଧ୍ୟ ରହିବେ । ସେ ସାହିତ୍ୟ ଦରବାରରେ ବିଦଗ୍ଧ ପାଠକ ମାନଙ୍କ ନିକଟରେ ଯେପରି ଚିରସ୍ମରଣୀୟ ସେହିପରି ସେବା ମନୋବୃତ୍ତି ନେଇ ଓଡ଼ିଶାର ସାଧାରଣ ଜନତାଙ୍କ ନିକଟରେ ମଧ୍ୟ ସୁପରିଚିତ । ବନ୍ୟା, ବାତ୍ୟା, ଦୁର୍ଭିକ୍ଷ ଓ ଦୁର୍ବିପାକ ରେ ପ୍ରପୀଡ଼ିତ ଲକ୍ଷ ଲକ୍ଷ ଜନତାଙ୍କ ପ୍ରାଣର ସେ ହେଉଛନ୍ତି ଦେବତା । ଓଡ଼ିଶାର ନବଯୁଗର ପ୍ରବର୍ତ୍ତକ ଭାବରେ ଗୋପବନ୍ଧୁ କେବଳ ସମ୍ମାନିତ ନୁହନ୍ତି । ତାଙ୍କର ସାହିତ୍ୟକୃତି ପାଇଁ ଅମ୍ଳାନ ପ୍ରତିଭା ହୋଇ ରହିଯାଇଛନ୍ତି । ଆନ୍ତ୍ରିକ ଜ୍ୱର ରେ ଆକ୍ରାନ୍ତ ହୋଇ ଏହି ମହାନ ପ୍ରତିଭା ଙ୍କର ୧୯୨୮ ମସିହା ଜୁନ ୧୭ ତାରିଖ ରେ ମହାପ୍ରୟାଣ ଘଟିଥିଲା । ଓଡ଼ିଆ ସାହିତ୍ୟାକାଶରେ ଗୋପବନ୍ଧୁ ଧ୍ରୁବତାରା ସଦୃଶ ଉଜ୍ଜ୍ୱଳତମ ପ୍ରତିଭା ଏଥିରେ ଦ୍ୱିମତ ନାହିଁ ।

ସ୍ନାତକୋତ୍ତର, ଓଡିଆ ଭାଷା ଓ ସାହିତ୍ୟ ବିଭାଗ
ଭୁବନେଶ୍ୱର

ISSN NO.
2582-208X

# ପ୍ରଥମ ପ୍ରେମିକ



ନଳନୀ ଦାଶ

ପ୍ରଥମ ପ୍ରେମିକ ଶ୍ରୀକୃଷ୍ଣ ଅଟନ୍ତି
ରାଧା ଯେବେ ହେଲେ ଜାତ
ରାଧାରାଣୀ ତାଙ୍କ ପ୍ରଥମ ପ୍ରେମିକା
ଯୁଗେ ଯୁଗେ ହେଲେ ଖ୍ୟାତ ।
ପଦ୍ମ ଫୁଲପରେ ରାଧା ଜନ୍ମ ହେଲେ
ରାଜା ବୃଷଭାନୁ ହାତେ
ଆଣିଲେ ଯତନେ ରାଧାଙ୍କୁ କୋଳେଇ
ଅତ୍ୟନ୍ତ ଆନନ୍ଦ ଚିତ୍ତେ ।
କୃତ୍ତିକା କୋଳରେ ଦେଲେ ବୃଷଭାନୁ
ସରାଗେ ରାଣୀ ପାଳିଲେ
ରାଜ ଉଆସଟି ମୁଖରିତ ହେଲା
ସରବେ ଦେଖି ଆସିଲେ ।
ନନ୍ଦ ଯଶୋଦାଙ୍କ ସାଥିରେ କହ୍ନେଇ
ରାଜ ଉଆସକୁ ଗଲେ
ନୟନ ଫିଟାଇ କୃଷ୍ଣଙ୍କୁ ପ୍ରଥମେ
ରାଧାରାଣୀ ଦେଖିଥିଲେ ।

ISSN NO.
2582-208X

ରାଧା କୃଷ୍ଣଙ୍କର ପ୍ରଥମ ମିଳନ
ରାଧା ଆଖି ଗଲା ଲାଖି
ପ୍ରେମର ପ୍ରଥମ ଫୁଲ ଫୁଟିଥିଲା
ମନ ହୋଇଗଲା ଯୋଖି ।
ଶରୀରକୁ ନୁହେଁ ମନ ହୃଦୟକୁ
କୃଷ୍ଣ ପ୍ରେମ କରୁଥିଲେ
ଯୁଗଯୁଗ ଧରି ଶାଶ୍ୱତ ଅମର
ପ୍ରେମ କାହାଣୀ ରଚିଲେ ।

ଭିକାରିପଡା, ଶରଣକୁଳ,ନୟାଗଡ଼
ମୋ-୯୨୩୮୯୯୭୬୪୯

ISSN NO.
2582-208X

# ବରୁଣ ଜାମାତା



ଡ. ଅଭିମନ୍ୟୁ କାନୁନଗୋ

ବରୁଣ ଜାମାତା ବିଷ୍ଣୁ ବିଶ୍ୱପିତା ହରି
ବିକଳ୍ପ ତାର ସେନିଜେ ସ୍ୱୟଂ ମଧୂହାରି ।।
ବରଜ ବାନ୍ଧବ କୃଷ୍ଣ ବୈକୁଣ୍ଠବିହାରି
ବଳବାନ ବଳ ସେହି ମୁକୁନ୍ଦ ମୁରାରୀ ।।
ବୃଷଭାନୁ ଜେମା ପ୍ରାଣଧନ ଦଇତାରୀ ।
ବକାରୀ କୃଷ୍ଣ କଂସାରି ଭବସିନ୍ଧୁ ତରି।।
ବନମାଳି କ୍ଷେତ୍ର ମୌଳି ପତ୍ନୀ ଯାର ଶିରୀ ।
ବରତମାନ ଅତୀତ ଭବିଷ୍ୟତ ଶୌରି ।।
ବିଶ୍ୱପ୍ରାଣ ନାରାୟଣ ପ୍ରଭୁ ନରହରି
ବିଧାନ ଯାହାର ନାମ କଳମଶହାରି

ଆକାଶବାଣୀ ପୁରୀ
ମୋବାଇଲ ୮୮୯୫୪୫୦୧୧୭

ISSN NO.
2582-208X

# ଭଦ୍ରକ ଜିଲ୍ଲାର ଲୋକନାଟକ : ମୋଗଲ ତାମସା



ପ୍ରିୟଙ୍କା ସାମଲ

ଉପକ୍ରମ :-

ଲୋକସାହିତ୍ୟର ଏକ ସମୃଦ୍ଧ ପରମ୍ପରା ଓଡ଼ିଶାରେ ରହିଚି । ଲୋକକାହାଣୀ, ଲୋକଗୀତ, ଲୋକନାଟକ ଆଦି ଲୋକସାହିତ୍ୟର କେତେକ ବିଭାଗ ଉପରେ ବିଶେଷ ଚର୍ଚ୍ଚା କରାଯାଉଥିଲେ ମଧ୍ୟ ଉତ୍ତର ଓଡିଶାର ଲୋକନାଟକ ଗୁଡିକ ଏବେବି କେତେକାଂଶରେ ଅବହେଳିତ ହୋଇରହିଛି । ଓଡିଶାର ପ୍ରାକୃତିକ, ଧର୍ମୀୟ ଓ ସାଂସ୍କୃତିକ ପରିବେଶ ଅତ୍ୟନ୍ତ ବିଭବଶାଳୀ । ଏହାରି ଭିତରେ ଓଡ଼ିଆ ଲୋକନାଟକର ଉନ୍ମେଷ ଓ ବିବର୍ତ୍ତନ ଘଟିଛି । ଓଡିଶାର ବିଭିନ୍ନ ଦେବଦେବୀ ପୀଠ ଓ ତୀର୍ଥକ୍ଷେତ୍ରମାନଙ୍କରେ ନିର୍ଦ୍ଦିଷ୍ଟ ପାର୍ବପର୍ବାଣି ଉପଲକ୍ଷେ ବିଶେଷ ଧରଣର ଉତ୍ସବାନୁଷ୍ଠାନ ଆୟୋଜନ କରାଯାଇଥାଏ । ଉତ୍ତର ଓଡିଶାର ଦଣ୍ଡନାଟ, ମୋଗଲ ତାମସା, ରାସଲୀଳା, ମନସାମଙ୍ଗଳ, ଛଉ ଆଦି ଲୋକନାଟକ ଗୁଡିକ ଧର୍ମୀୟ ଅନୁଷ୍ଠାନରୁ ସୃଷ୍ଟି । ଲୋକନାଟକ ଗୁଡିକ ସାମାଜିକ ଏବଂ କିମ୍ବଦନ୍ତୀମୂଳକ ହେଲେହେଁ ଏଥିରେ ସଂସ୍କୃତି ଓ ଧର୍ମବିଶ୍ୱାସ ପ୍ରତି ଗୁରୁତ୍ୱ ଦିଆଯାଇଥାଏ । ତେଣୁ ମନ୍ଦିର ବେଢା ଭିତରେ କିମ୍ବା ଏହାର ଆଖପାଖ ଅଞ୍ଚଳରେ ଅଭିନୀତ ହୋଇଥାଏ । ଉତ୍ତର ଓଡ଼ିଶାରେ ପ୍ରଚଳିତ ଛାଉନାଚ, ଚଡିଆନାଟ, ଲଳିତପାଲା, ଝୁମର, କଣ୍ଢେଇନାଚ, କୃଷ୍ଣଲୀଳା, ମନସାମଙ୍ଗଳ, ଦଧିନାଟ ଇତ୍ୟାଦି ମଧ୍ୟରେ ମୋଗଲ ତାମସା ଅନନ୍ୟ । ଏହାର ସ୍ୱତନ୍ତ୍ରତା ହିଁ ଭଦ୍ରକ ଅଞ୍ଚଳରେ ପରିଚୟ । ଛାଉନାଚ, ଦଣ୍ଡନାଟ, ପାଟୁଆନାଚ ପରି ମୋଗଲ ତାମସା ସହିତ ଶୈବଉପାସନାର ଏକ ପରମ୍ପରା ରହିଛି । ଲଘୁ କୌତୁକ ମାଧ୍ୟମରେ ହାସ୍ୟରସ ପରିବେଷଣ କରିବା ମୋଗଲ ତାମସାର ଉଦ୍ଦେଶ୍ୟ ।

ISSN NO.
2582-208X

ଓଡ଼ିଆ ନାଟ୍ୟସାହିତ୍ୟର ଧାରାରେ ଭଦ୍ରକ ଅଞ୍ଚଳର ଲୋକପ୍ରିୟ ଓ ପ୍ରସିଦ୍ଧ 'ତାମସା' ର ଭୂମିକା ଅନନ୍ୟ । 'ତାମସା' ଏକ ପାର୍ସୀ ଶବ୍ଦ । ଏହାର ଅର୍ଥ ନାଟକାଭିନୟ ବା ନାଟକ ପ୍ରଦର୍ଶନ। ଓଡିଶାରେ ମୁସଲମାନମାନଙ୍କ ଆଗମନ ଫଳରେ ଓଡ଼ିଶା ସଂସ୍କୃତିରେ ଏହି ନାଟ୍ୟଧାରାଟି ପରିଲକ୍ଷିତ ହୋଇଛି । ପୁରୁଷମାନେ ଏଥିରେ ନାରୀ ଭାବରେ ଅଭିନୟ କରୁଥିବାରୁ ଏହାକୁ ତାମସା ବା ବ୍ୟଙ୍ଗାତ୍ମକ ନାଟକ ବା ବ୍ୟଙ୍ଗାଭିନୟ କୁହାଗଲା । ଭଦ୍ରକ ଅଞ୍ଚଳରେ ଅଧିକାଂଶ ମୁସଲମାନମାନେ ବହୁକାଳରୁ ଏଠାରେ ସ୍ଥାୟୀ ଅଧିବାସୀ ଭାବରେ ରହିଆସୁଛନ୍ତି । ତେଣୁ ସ୍ୱାଭାବିକ କଥା ମୁସଲମାନମାନଙ୍କ ଭାଷା, ସାହିତ୍ୟ, ସଂସ୍କୃତି, ଚାଲିଚଳଣ; ଓଡ଼ିଆ ଭାଷା, ସାହିତ୍ୟ, ସଂସ୍କୃତି ଉପରେ ପ୍ରଭାବ ପକାଇବ । ଏହି ତାମସା ଗୁଡ଼ିକ ମଧ୍ୟରେ 'ମୋଗଲ ତାମସା' ପ୍ରାଚୀନତା ବହନ କରେ । ତାମସା ଗୁଡିକ ଚୈତ୍ର ମାସରେ ଅଭିନୀତ କରାଯାଉଥିବାରୁ ଏହାକୁ ମଧ୍ୟ 'ଚଇତି ତାମସା' କୁହାଯାଏ । ଏହି ତାମସାଗୁଡ଼ିକ ବଂଶୀବଲ୍ଲଭ ଗୋସ୍ୱାମୀ ରଚନା କରିଥିଲେ । ସେ ୧୭୨୮ ମସିହାରେ ଜନ୍ମ ଗ୍ରହଣ କରନ୍ତି ଭଦ୍ରକ ସହରର 'ସଂଗତ' ଗ୍ରାମର ବ୍ରହ୍ମଣ ପରିବାରେ । ତାଙ୍କ ରଚିତ ତାମସା ଗୁଡ଼ିକୁ ସାତ ପ୍ରକାର ଯଥା – ଭିଲ୍ ତାମସା, ରାଧାକୃଷ୍ଣ ତାମସା, ଚଉଡା ତାମସା, ଯୋଗୀ ତାମସା, ଫକୀର ତାମସା, ଲୋଲିନ ମଜାବାଇ ତାମସା, ମୋଗଲ ତାମସା । ଏହା ଛଡା ଅନେକ ତାମସା କାଳର କରାଳ ଗର୍ଭରେ ଲୀନ ହୋଇଯାଇଛି । ଉପରୋକ୍ତ ତାମସା ଗୁଡ଼ିକ ମଧ୍ୟରୁ କେବଳ 'ମୋଗଲ ତାମସା'ଟି ଅଭିନୟ କରାଯାଉଥିବାରୁ ଏହାକୁ ଚଇତି ତାମସା ନକହି ମୋଗଲ ତାମସା କହିବା ଅଧିକ ଯୁକ୍ତିଯୁକ୍ତ ହେବ । ମୋଗଲ ତାମସାଟି ଆରମ୍ଭ ହୋଇ ବୈଶାଖ ମାସ ସଂକ୍ରାନ୍ତି ଦିନ ସମାପ୍ତ ହୁଏ । ଏହି ମୋଗଲ ତାମସାର ପାଠ୍ୟ ରୂପକୁ ଡକ୍ଟର କୃଷ୍ଣଚରଣ ବେହେରା ପ୍ରକାଶ କରିଛନ୍ତି ।

### ମୋଗଲ ତାମସାର ଇତିହାସ –

ଷୋଡ଼ଶ ଶତାବ୍ଦୀର ଶେଷ ଭାଗରେ ମୋଗଲମାନେ କ୍ଷମତା ହାସଲ କରିଥିଲେ । ରାଜା ମାନସିଂହ ହିଁ ଆଫଗାନିସ୍ତାନକୁ ପରାସ୍ତ କରି ଓଡ଼ିଶାରେ ମୋଗଲ ଶାସନ ପ୍ରତିଷ୍ଠା କରିଥିଲେ । ତାଙ୍କ ଆଗରେ ଆତ୍ମସମର୍ପଣ କରିଥିବା ଆଫଗାନିସ୍ତାନ ଅଧିକାରୀଙ୍କୁ ସେ ବରଖାସ୍ତ ନକରି ତାଙ୍କୁ ଉତ୍ତର ଓଡ଼ିଶାର ବହୁ ସ୍ଥାନରେ ଜାୟଗିର ଜମି ଓ ଜମିଦାରି ଦେଇ ରଖାଇ ଦେଲେ । ଧିରେ ଧିରେ ଏହି ଅଧିକାରୀମାନେ ଓଡ଼ିଶାର ସ୍ଥାୟୀ ବାସିନ୍ଦା ହେଲେ । ଏମାନଙ୍କର କଥିତ ଭାଷା ଫାର୍ସୀ । ଅଷ୍ଟାଦଶ ଶତାବ୍ଦୀର ମଧ୍ୟ ଭାଗରେ ମରହଟ୍ଟା

ISSN NO.
2582-208X

ଶାସନରେ ରାଜଭାଷା ପୂର୍ବପରି ଫାର୍ସୀ ରହିଥିଲା । ମରହଟ୍ଟା ଶାସନ ପ୍ରତିଷ୍ଠିତ ହେଲାପରେ ହିନ୍ଦୁ ଦେବଦେବୀମାନଙ୍କ ପୂଜା ଅବାଧ ପ୍ରଶ୍ରୟ ଲାଭ କରିଥିଲା । ବିଶେଷତଃ ତତ୍କାଳୀନ ସମୟରେ ଶିବ ବନ୍ଦନା ଜନପ୍ରିୟ ହୋଇଥିଲା, କାରଣ ମରହଟ୍ଟା ଶାସକମାନେ ଶିବ ଉପାସକ ଥିଲେ । ସେତେବେଳକୁ ଆଫଗାନ ମିର୍ଜାଙ୍କ କର୍ପୂର ଉଡ଼ିଯାଇ କେବଳ କନାମାତ୍ର ଥିଲ । ତେଣୁ ସେମାନଙ୍କୁ ପରିହାସ କରିବା ମଧ୍ୟ ସମ୍ଭବ ହୋଇପାରିଥିଲା । ସେମାନଙ୍କ ଜୀବନ ପରିହାସାତ୍ମକ ମନେ ହେଲେ ମଧ୍ୟ ସେତେବେଳେ ଧନୀ ମିର୍ଜାଙ୍କ ଚିତ୍ତବିନୋଦ କରାଯାଉଥିଲା । ସେ ସମୟ ମିର୍ଜା ପାଶ୍ୱର୍ଚରମାନଙ୍କ କ୍ରୀଡ଼ା ପୁତ୍ତଳି ହୋଇଯାଇଥିଲେ । ତତ୍କାଳୀନ ସମୟର ସମାଜର ଚିତ୍ର 'ମୋଗଲ ତାମସା'ରେ ପ୍ରତିଫଳିତ ହୋଇଛି ।

## ସମକାଳୀନ ସମାଜର ଚିତ୍ର-

ମୋଗଲ ତାମସା ଅଭିନୟରେ ହିନ୍ଦୁ, ମୁସଲମାନ ଉଭୟ ସଂପ୍ରଦାୟର ଲୋକ ଅଂଶ ଗ୍ରହଣ କରନ୍ତି । ମନୋରଞ୍ଜନ କେବଳ ତାମସାର ଉଦ୍ଦେଶ୍ୟ ନଥିଲା । ସମାଜର ଚିତ୍ର ଅଙ୍କନ କରି ତା'ର ଦୋଷ ଦୁର୍ବଳତା ପ୍ରତି ଦର୍ଶକଙ୍କ ଦୃଷ୍ଟି ଆକର୍ଷଣ କରିବା ସହିତ ସମାଜକୁ ପୁନର୍ଗଠନ କରିବା ମଧ୍ୟ ଏହାର ଲକ୍ଷ୍ୟ ଥିଲା । ମିର୍ଜା ସାହେବ ମୋଗଲ ତାମସାର ମୁଖ୍ୟ ଚରିତ୍ର । ମିର୍ଜା ସାହେବଙ୍କର ବିଳାସ ବ୍ୟସନ, ଅନ୍ଧବୁଝାମଣା, ପରିଷଦ ବା ପାର୍ଶ୍ୱ ଚରିତ୍ରମାନଙ୍କ ଉପରେ ପୂର୍ଣ୍ଣ ନିର୍ଭରଶୀଳତା ଥିବା ଚିତ୍ରିତ ହୋଇଛି । ମିର୍ଜାଙ୍କ ବ୍ୟତୀତ ଅନ୍ୟ ସମସ୍ତ ପାର୍ଶ୍ୱ ଚରିତ୍ର । ଚୋପଦାରମାନଙ୍କ ଠାରୁ ଆରମ୍ଭ କରି ଭେସ୍ତିଓ୍ୱାଲା, ଝାଡୁଓ୍ୱାଲା, ହୁକାଓ୍ୱାଲା ଆଦି ଅଧିକାଂଶ କର୍ମଚାରୀମାନେ ସମସ୍ତେ ଅଫିମ୍, ଗଞ୍ଜେଇ, ମଦ୍ୟପାନ କରନ୍ତି । ମୋଗଲ ସମୟରେ ନାରୀମାନେ ସମାଜରେ ଅବହେଳିତ ଅବସ୍ଥାରେ ଥିଲେ । ସେହି ସମାଜରେ ବେଶ୍ୟାବୃତ୍ତି ପ୍ରଥା ପ୍ରଚଳନ ଥିଲା । ତତ୍କାଳୀନ ସମାଜରେ ଯେଉଁ ନୈତିକ ଅଧଃପତନ ହୋଇଛି ତାହାର ମୋଗଲ ତାମସା ସ୍ଥାନ ପାଇଛି । ଅନ୍ୟାୟ, ଅତ୍ୟାଚାର ଓ ଅର୍ଥନୈତିକ ସମସ୍ୟା ମଧ୍ୟରେ ମୋଗଲ ଶାସନରେ କିପରି ସୁଖ ଶାନ୍ତି ନ ଥିଲା ତାହାର ଜ୍ୱଳନ୍ତ ଉଦାହରଣ ପାର୍ଶ୍ୱଚରିତ୍ରମାନେ ବହନ କରନ୍ତି ।

ISSN NO.
2582-208X

## ମୋଗଲ ତାମସାର ଭାଷା–

ମୋଗଲ ତାମାସର ଭାଷା ଏକକ ନୁହେଁ । ଏହା ବହୁଭାଷୀ ଅଟେ । ମୋଗଲ ତାମସାରେ ଶୁଦ୍ଧ ପାର୍ସୀ, ଉର୍ଦ୍ଦୁ, ହିନ୍ଦୀ, ବଙ୍ଗଳା ଓ ଓଡ଼ିଆ ସଂଗୀତମାନ ମଧ୍ୟ ଅଛି । ଏଥିରେ ସଂଳାପ ପାର୍ସୀ ଭାଷାରେ ଏବଂ ଗୀତମାନ ଉର୍ଦ୍ଦୁ, ହିନ୍ଦୀ, ବଙ୍ଗଳା ଭାଷାରେ ରହିଛି । 'ମୋଗଲ ତାମସା' ସଂଗୀତ ବହୁଳ ହେଲେ ହେଁ ଏଥିରେ କେତେକ ପରିମାଣରେ ଗଦ୍ୟ ସଂଳାପ ସ୍ଥାନ ପାଇଛି । ଆମର ରାସ, ଲୀଳା, ସୁଆଙ୍ଗ ପ୍ରକୃତିରେ ଏଭଳି ଗଦ୍ୟ ସଂଳାପ ନଥିଲା । ଯେଉଁ ଶ୍ରେଣୀର ପାତ୍ରପାତ୍ରୀଙ୍କ ମୁଖରେ ଯେଭଳି ସଂଳାପ ସୁନ୍ଦର ଓ ସରସ ଲାଗିବ କବି ସେହିଭଳି ବ୍ୟବହାର କରିଛନ୍ତି । ଝାଡୁଓ୍ୱାଲା, ଫରରାସ୍, ହୁକାଓ୍ୱାଲା, ଭାଟ, ଗଉଡୁଣୀ ପ୍ରଭୃତିଙ୍କ ମୁଖରେ ପଦ୍ୟାତ୍ମକ ବଚନିକା ଦିଆଯାଇଛି । ମିର୍ଜାସାହେବଙ୍କ – ମିର୍ଜା ସାହେବଙ୍କ ସଂଳାପ ପାର୍ଶୀ ଓ ଉର୍ଦ୍ଦୁ ମିଶା କିନ୍ତୁ ଚୌପଦାର ଓ ଅନ୍ୟାନ୍ୟ କର୍ମଚାରୀମାନେ ଉର୍ଦ୍ଦୁ ସମେତ ବଙ୍ଗଳା, ହିନ୍ଦୁ ଓ ଓଡ଼ିଆ ମିଶା ସଂଳାପ ବ୍ୟବହାର କରିଛନ୍ତି । ଆଶ୍ଚର୍ଯ୍ୟର କଥା ଯେ ମୋଗଲ ତାମସାର ମିର୍ଜାଙ୍କୁ ଛାଡି ଅନ୍ୟ ସମସ୍ତେ ଓଡ଼ିଆ ବୁଝି ପାରୁଥିଲେ ଏବଂ ଗଉଡୁଣୀ, ଜମିଦାରମାନେ ହିନ୍ଦୀ, ଉର୍ଦ୍ଦୁ, ପାର୍ସୀ, ବଙ୍ଗଳା ବୁଝିପାରୁଥିଲେ ମଧ୍ୟ ଓଡ଼ିଆରେ ନିଜର ସଂଳାପ ବ୍ୟକ୍ତ କରୁଥିଲେ ।

## ବେଶଭୂଷା ଓ ଚରିତ୍ର ଚିତ୍ରଣ –

ଲୋକନାଟକର ବିଶେଷତ୍ୱ ହେଉଛି ଏହା ଲୋକଙ୍କ ମନକୁ ଆକର୍ଷଣ କରେ । ଏହି ଆକର୍ଷଣ ମଧ୍ୟରେ ପ୍ରଧାନ ଅଂଶ ହେଉଛି ବେଶଭୂଷା, ଅଙ୍ଗଭଙ୍ଗୀ ଏବଂ ଚରିତ୍ରମାନଙ୍କର ଦର୍ଶକମାନଙ୍କୁ ବାନ୍ଧିରଖିପାରିବା ଭଳି ସଂଳାପ ରହିଥାଏ । ମିର୍ଜା ସାହେବ ରାଜକୀୟ ଠାଣିରେ ସିଂହାସନକୁ ବିଜେ କରନ୍ତି । ମିର୍ଜା ସାହେବ ରଙ୍ଗୀନ ଜରିଲଗା ଚିକ୍ ଚିକ୍ କରୁଥିବା ପୋଷାକ ଧାରଣ କରିଥାନ୍ତି । ଏହା ସହିତ ମୁଖ୍ୟତଃ ଭାବରେ ମୋଗଲି ଟୋପି ମସ୍ତକରେ ଧାରଣ କରିଥାନ୍ତି । ଗଳାରେ ରତ୍ନ ଅଳଙ୍କାର, ମୁଣ୍ଡରେ ଲମ୍ବା କେଶ, ମୁଖମଣ୍ଡଳରେ ରଙ୍ଗୀନ ଲମ୍ବା ଦାଢ଼ି, ହାତରେ ତଲବାର, ପାଦରେ ମୋଗଲି ଜୋତା, କର୍ଣ୍ଣରେ ଅଳଙ୍କାର, ଆଖିରେ ସୁରମା ଲଗାଇଥାନ୍ତି, ଡାହାଣ ହାତରେ ସୁଗନ୍ଧିତ ପୁଷ୍ପମାଳ ବାନ୍ଧିଥାନ୍ତି ଓ ମିର୍ଜା ସାହେବଙ୍କ ଦୁଇ ପାର୍ଶ୍ୱରେ ୨ ଜଣ ଅଙ୍ଗରକ୍ଷୀ ସୁରକ୍ଷା ନିମନ୍ତେ ଠିଆ ହୋଇଥାନ୍ତି । ତାମସାରେ ତିନିଜଣ ଚୋପଦାରମାନେ ଜରିଲଗା ରଙ୍ଗ ବେରଙ୍ଗର ପୋଷାକ

ISSN NO.
2582-208X

ପିନ୍ଧିଥାନ୍ତି । ହାତରେ ବେତବାଡ଼ି, ମୁଣ୍ଡରେ ଦରବାରି ମୁକୁଟ, ଲମ୍ବା କେଶ, ଲମ୍ବା ଦାଢ଼ି ଓ ନିଶ ତାଙ୍କର ମୁଖମଣ୍ଡଳରେ ପରିବେଷ୍ଟିତ ହୋଇରହିଥାଏ । ଆଖିରେ ମଧ୍ୟ ସୁରମା ଲଗାଇଥାନ୍ତି । ପାଦରେ ଜୋତା, ବେକରେ ବିଭିନ୍ନ ରତ୍ନମାଳା ପକାଇଥାନ୍ତି ଏବଂ ରାଜାଙ୍କ ଆଗମନରେ ଚୋପଦାରଗଣ 'ଦବେଯାଓ-ଦବେଯାଓ' ଉଚ୍ଚାରଣ କରିଥାନ୍ତି । ପଙ୍ଖାଓ୍ୱାଲା ଚାରିତ୍ରଟି ହାତରେ ରଙ୍ଗିନ୍ ବିଞ୍ଚଣା ଧରି ଗୀତଗାଇ ପ୍ରବେଶ କରେ । ପଙ୍ଖାଓ୍ୱାଲା ମଧ୍ୟ ଜରିଲଗା ରଗିଂନ୍ ପୋଷାକ ପରିଧାନ କରୁଥିଲେ ମୁଣ୍ଡରେ ମଧ୍ୟ ମୋଗଲି ଟୋପି ଲଗାଉଥିଲେ ।

ଚୌକିଦାର ହାତରେ ଲମ୍ବା ବାଡ଼ି, ମୁଣ୍ଡ ଓ ଅଣ୍ଟାରେ ଗାମୁଛା ବାନ୍ଧିଥାନ୍ତି । ମୁଣ୍ଡରେ ଧଳା ରଙ୍ଗର ଚିତା, ଆଣ୍ଠୁ ଯାଏ ଧୋତି ପରିଧାନ କରିଥାନ୍ତି । ମଧୁବାରିକ ଏକ କୌତୁକୀୟା ଚରିତ୍ର – ଚୁଟିରେ ପେଣ୍ଡୁ ଫୁଲ ବାନ୍ଧିଥାନ୍ତି । ଆଣ୍ଠୁ ଯାଏ ଧୋତି, ଅଣ୍ଟାରେ ବନ୍ଧା ହୋଇଛି ଗାମୁଛା, ନାକର ବାମ ପାର୍ଶ୍ୱରେ ବଡ଼ କଳା ରଙ୍ଗର ଭାତୁଡି, ହାତରେ ଖୁର ବଦଳରେ ପନିକି ଧରି ଦାଢି, କେଶ କାଟିବା ପାଇଁ ଉପସ୍ଥିତ । ଆଇନା ବଦଳରେ ଚାଲୁଣି, ନହୁରୁଣୀ ବଦଳରେ ପିଠା ଖଡିକା, ଏବଂ ବ୍ରୁରୁସ୍ ବଦଳରେ ଛାଞ୍ଚୁଣୀ ବ୍ୟବହାର କରିଥାନ୍ତି । ଗଉଡୁଣୀ ଓଡ଼ିଆ ଘରର ନାରୀପରି ଶାଢୀ ପରିଧାନ କରିଥାନ୍ତି ପାଦରେ ଖଡୁ, ହାତରେ ବାଜୁ ବନ୍ଧ, ଗଳାରେ ରଙ୍ଗିନ୍ ପଥରର ମାଳି ଏବଂ ମୁଣ୍ଡରେ ଦହିହାଣ୍ଡି ଧରି ଗୀତ ବୋଲିବୋଲି ଉପସ୍ଥିତ ହୋଇଥାନ୍ତି । ଚୌକିଦାର, ମଧୁବାରିକ, ଗଉଡୁଣୀ ଏମାନେ ସମସ୍ତେ ଓଡ଼ିଆ ପୋଷାକ ପରିଧାନ କରିଥାନ୍ତି ।

ରଙ୍ଗମଞ୍ଚ–

ଶିବ ମନ୍ଦିର ସମ୍ମୁଖରେ ତାମସା ଅଭିନୟ ଲାଗି ମଞ୍ଚ ତିଆରି ହୁଏ । ରଙ୍ଗମଞ୍ଚର ଉପରି ଭାଗରେ ଚାନ୍ଦୁଆ ଟଣାଯାଇଥାଏ । ମୋଗଲ ତାମସା ପାଇଁ ତ୍ରିମୁଖୀ ମୁକ୍ତ ରଙ୍ଗମଞ୍ଚର ବ୍ୟବସ୍ଥା ହୋଇଥାଏ । ଗୋଟିଏ ଦିଗରେ ଖଟ ବା ମାଟିପକାଇ ଉଚ୍ଚସ୍ଥାନ କରାଯାଇଥାଏ । ଏହାର ସମୁଖ ଭାଗକୁ ମୁକ୍ତସ୍ଥାନ ଥାଏ । ଏହି ସ୍ଥାନଟି ପ୍ରକୃତରେ ମୁକ୍ତ ଅଭିନୟ କ୍ଷେତ୍ର । ଉଚ୍ଚ ସ୍ଥାନରେ ସିଂହାସନ ଉପରେ ମିର୍ଜା ସାହେବ ବସନ୍ତି ଏବଂ ଅନ୍ୟ ତିନି ପାଖରେ (ସମୁଖ ଭାଗ ଓ ବାମ, ଡ଼ାହାଣ ଦୁଇ ପାର୍ଶ୍ୱରେ ଦର୍ଶକ ମଣ୍ଡଳୀ ବସନ୍ତି । ଉଚ୍ଚସ୍ଥାନ (କ୍ଷୁଦ୍ରମଞ୍ଚ )କୁ ଲାଗି ଆସରଓ୍ୱାଲା ଗାୟକ ଓ ବାଦ୍ୟକାରୀମାନେ ବସନ୍ତି । ମଞ୍ଚରେ

ISSN NO.
2582-208X

ଦୃଶ୍ୟପଟ୍ଟ ବ୍ୟବହୃତ ହୁଏନାହିଁ । ରଙ୍ଗବେରଙ୍ଗର ଜରି କାଗଜ, କପଡ଼ା ଫୁଲରେ ମଞ୍ଚଟି ଆକର୍ଷଣୀୟ ହୋଇଥାଏ । ଅଭିନୟ ଆରମ୍ଭ ପୂର୍ବରୁ ମିର୍ଜା ସାହେବ କର୍ମଚାରୀମାନଙ୍କ ସହିତ ପାଲିଙ୍କିରେ ବସି ଶୋଭାଯାତ୍ରା କରି ଗ୍ରାମ ସୀମାରୁ ଆସନ୍ତି । ଢୋଲ, ମହୁରୀ ସାଙ୍ଗକୁ ରୋଷଣୀର ମଧ୍ୟ ବ୍ୟବସ୍ଥା କରାଯାଏ । ଗ୍ରାମପଥରେ ଏହି ଶୋଭାଯାତ୍ରା ସମ୍ପୂର୍ଣ୍ଣ ଗ୍ରାମକୁ ଉତ୍ସବମୁଖର କରାଏ । ଏହି ତାମସା ସାରା ରାତି ଚାଲିଥାଏ । ଏହାକୁ ଦର୍ଶକମାନେ ଉପଭୋଗ କରୁଥାନ୍ତି ।

ମୋଗଲ ତାମସାର ନୃତ୍ୟ, ବାଦ୍ୟ, ସଙ୍ଗୀତାଦିର ବିଶେଷତ୍ୱ ରହିଛି । ଆଧୁନିକ ଯୁଗର ଲୀଳା ଯାତ୍ରା, ରାସ, ପାଲା, ଗୋଟିପୁଅ କିମ୍ବା ଅପେରା, ଥିଏଟର ପ୍ରଭୃତିରେ ଯେଉଁ ନୃତ୍ୟ ସଙ୍ଗୀତ ଦେଖିବାକୁ ମିଳେ ନାହିଁ ତାହା ବଦଳରେ ହାରମୋନିୟମ, ତବଲା, ଗିନି,ଢୋଲ ମହୁରୀ କିମ୍ବା ଯୋଡ଼ି ନାଗରୀ – କାହଳୀର ଉନ୍ମାଦକାରୀ ବାଦ୍ୟ ତାଳେ ତାଳେ ମିର୍ଜା ସାହେବଙ୍କ – ଛନ୍ଦୋବଦ୍ଧଚାଲି, ଚୋପଦାର ଓ ଅନ୍ୟାନ୍ୟ ପାତ୍ର – ପାତ୍ରୀଙ୍କର ନୃତ୍ୟ ଅତ୍ୟନ୍ତ ମନଲୋଭା ହୋଇଥାଏ ।

## କଥାବସ୍ତୁ-

ମୋଗଲ ତାମସାର ଆରମ୍ଭ ହୁଏ ଶିବଙ୍କ ସ୍ତୁତି ଗାନରୁ । ପରେପରେ ଚୋପଦାରମାନେ ଆସି ଉପସ୍ଥିତ ଜନତାକୁ “ଦବେ ଖଡ଼େ ହୋ-ହଟ୍ ଖଡ଼େ ହୋ !” ବୋଲି ସାବଧାନ କରିବା ସଙ୍ଗେ ସଙ୍ଗେ ମିର୍ଜା ସାହେବ ଆଗମନର ବାର୍ତ୍ତା ଦିଅନ୍ତି । ମିର୍ଜା ସାହେବ ପାଲିଙ୍କି ବା ଚଉଦୋଳ ଚଢି ପଟୁଆର ମଧ୍ୟରେ ଅଭିନୟ ମଞ୍ଚ ନିକଟରେ ଆସି ପହଞ୍ଚନ୍ତି । ବାଦଶାହୀ ଥାଟରେ ଝୁଲି ଝୁଲି ମଞ୍ଚ ଉପରକୁ ଯାଇ ସିଂହାସନରେ ବିଜେ କରିବା ପରେ ନିଜର ସେବକ କର୍ମଚାରୀମାନଙ୍କୁ ଜଣକ ପରେ ଜଣେ ତଲବ କରନ୍ତି । ପ୍ରଥମେ ଭେସ୍ତିଓ୍ୱାଲା, ତପ୍‌ରେ ଝାଡୁଓ୍ୱାଲା, ଫର୍‌ରାସ, ହୁକାଓ୍ୱାଲା, ପଙ୍ଖାଓ୍ୱାଲା, ଦପ୍ତର, ଚଟନିଓ୍ୱାଲା, ତୋଡିବରଦାର ପ୍ରଭୃତି ଆସି ମିର୍ଜାସାହେବଙ୍କ ଆଗରେ ଆପଣା ଆପଣ ଗୁହାରି ଜଣାଇଲା ପରେ ସେବା କରନ୍ତି । ମଝିରେ ମଝିରେ ମିର୍ଜାସାହେବ ସେହି ମୁଲକ, ପ୍ରଗନା, ମୌଜା ଓ ଲୋକମାନଙ୍କ ବିଷୟରେ ନିଜର କୁତୂହଳ ପ୍ରକାଶ କରନ୍ତି ଏବଂ ଉପସ୍ଥିତ ଜନସାଧାରଣଙ୍କ ସମ୍ମୁଖରେ ନିଜକୁ ହାଜିର୍ କରିବା ଲାଗି ନିଜର ପଦପଦବୀ, ନୌକର-ଚାକର, ବାଗ୍-ବଗିଚା, ବିଦ୍ୟାବୁଦ୍ଧି ବଡ଼ିମା ପ୍ରକାଶ କରନ୍ତି । ସେ ଅଞ୍ଚଳର

ISSN NO.
2582-208X

ଜମିଦାରଙ୍କୁ ତଲବ କରି ଚୋପଦାରଙ୍କ ଜରିଆରେ ତାଙ୍କ "ଛୋକରୀ, ବକରୀ, ଛପରଖଟ, ମଣାରୀ, ଚିରାଓ୍ବନ୍ ବେପଶମ୍" ଆଦି ରସଦ୍ ଦାବି କରନ୍ତି । ଜମିଦାର ଯୋଗାଇଥିବା ରସଦରେ ମିର୍ଜା ସାହେବ ଅସନ୍ତୋଷ ପ୍ରକାଶ କରି ଗଉଡୁଣୀକୁ ତଲବ କରନ୍ତି । ଗଉଡୁଣୀ ଦହି ଦୁଧ ପସରା ଘେନି ପହଞ୍ଚିବା ପରେ ମିର୍ଜା ସାହେବ ତା' ନିକଟରେ ପ୍ରୀତିଭିକ୍ଷା କରନ୍ତି କିନ୍ତୁ ଗଉଡୁଣୀ ଓଡ଼ିଆ ଘରର ବହୂ ଏବଂ ଓଡ଼ିଶାର ସସ୍କୃତି ଓ ସଂସ୍କାର ତା'ଭିତରେ ଥାଏ ତେଣୁ ସେ ମିର୍ଜା ସାହେବଙ୍କ ପ୍ରୀତି ଭିକ୍ଷାକୁ ପ୍ରତୀଖ୍ୟାନ କରେ । ପ୍ରତ୍ୟାଖ୍ୟାନ ରାଗରେ ଜମିଦାରଙ୍କୁ ତଲବ (ହାଜରହେବା) କରି ତାଙ୍କ ନିକଟରୁ ଛୋକରୀ, ବକ୍ରି ଆଦି ରସଦ ହାସଲ କରନ୍ତି । ମୋଗଲ ତାମସାରେ ହାସ୍ୟ ଏବଂ ଶୃଙ୍ଗାର ରସ ପରିଲକ୍ଷିତ ହେଉଥିଲେ ମଧ୍ୟ ପରିଶେଷରେ କରୁଣ ରସର ଉତ୍ପତ୍ତି ହୋଇଛି । ପିଆଦା ଆସି ଖବର ଦିଏ କି ଦିଲ୍ଲୀର କୋଠା ନିଆଁରେ ଜଳିଗଲା ଏବଂ ମିର୍ଜା ବେଗମ୍ ସେହି ନିଆଁରେ ଜଳିଗଲେ । ଶେଷରେ ମିର୍ଜା ଦୁଃଖ ପ୍ରକାଶ କରି ଶୋକରେ ଦିଲ୍ଲୀ ଫେରିଗଲେ । ପରିଶେଷରେ ଭାରତୀୟ ଦର୍ଶନର କଥା ବର୍ଣ୍ଣନା କରାଯାଇଛି ଯେ ନିଜର କର୍ମ ଓ ଭାଗ୍ୟଫଳ ମନୁଷ୍ୟକୁ ଅବଶ୍ୟ ଏହି ଧରାପୃଷ୍ଠରେ ଭୋଗିବାକୁ ହୁଏ, ତାହା ଏଠାରେ ପ୍ରମାଣିତ ହେଉଛି। ଏବଂ ମୋଗଲମାନଙ୍କ ଓଡ଼ିଶାରୁ ଦିଲ୍ଲୀକୁ ପ୍ରତ୍ୟାବର୍ତ୍ତନ କରିବା ନିମନ୍ତେ ଏହା ଅନୁମାନ କରାଯାଇପାରେ।

## ଉପସଂହାର -

ମୋଗଲ ତାମସାର ମୁଖ୍ୟତଃ ୨ଟି ରସର ପ୍ରାଧାନ୍ୟ ଦେଖାଯାଏ । ଯଥା- ହାସ୍ୟରସ ଓ ଶୃଙ୍ଗାର ରସ । ବ୍ୟଙ୍ଗ, ବ୍ରିହୂପ ମାଧ୍ୟମରେ ହାସ୍ୟରସ ସୃଷ୍ଟିକରି ଦର୍ଶକମାନଙ୍କର ମାନଙ୍କୁ ବନ୍ଦୀ ରଖନ୍ତି । ଅଷ୍ଟାଦଶ ଶତକ ଶେଷ ଭାଗର ରଚିତ ଏହି 'ମୋଗଲ ତାମସା' ଭଦ୍ରକର କବି ବଂଶୀବଲ୍ଲଭ ଗୋସ୍ୱାମୀଙ୍କର ଓଡ଼ିଆ ସାହିତ୍ୟ ଓ ସଂସ୍କୃତିକୁ ଏକ କାଳଜୟୀ ଦାନ । ମୋଗଲ ରାଜୁତିରେ ଶାସକଙ୍କ ଅତ୍ୟାଚାର, ବିଳାସ ବ୍ୟସନ, ଅନ୍ଧବୁଝାମଣା, ଅଦୂରଦର୍ଶିତା, ରାଜକର୍ମଚାରୀମାନଙ୍କ ଆଚାର ବ୍ୟବହାର, ସାମାଜିକ ଚଳଣି ଓ ଶାସନର ସ୍ୱରୂପକୁ ବ୍ୟଙ୍ଗବିଦ୍ରୂପ ଛଳରେ 'ମୋଗଲ ତାମସା' ରେ ରୂପାୟିତ କରିଛନ୍ତି । ମୋଗଲ ତାମସା ଏବେ ମଧ୍ୟ ଭଦ୍ରକ ସହର ସମୀପବର୍ତ୍ତୀ - ସଗଂତ, ଚରମ୍ପା, ଅଗରପଡ଼ା, ଜାନୁଗଞ୍ଜ, କୁଆଁସ, ସନ୍ଥିଆ, ସାହାପୁର, ମିର୍ଜାପୁର ପ୍ରଭୃତି ଅଞ୍ଚଳରେ ଏହି ମୋଗଲ ତାମସା ଅଭିନୀତ ହେଉଥିବାର ପରମ୍ପରା ରହିଛି । ଏହିସବୁ ଅଞ୍ଚଳରେ ଦୀର୍ଘବର୍ଷ ଧରି

ISSN NO.
2582-208X

ମୋଗଲ ତାମସା ଲୋକମାନଙ୍କର ମନୋରଞ୍ଜନ କରିବା ସହିତ ଓଡ଼ିଶାର ପୁରପଲ୍ଲୀରେ ସର୍ବତ୍ର ଲୋକପ୍ରିୟତା ଅର୍ଜନ କରିପାରିଛି ।

ସହାୟକ ଗ୍ରନ୍ଥସୂଚୀ :

ବେହେରା ଡ଼. କୃଷ୍ଣଚରଣ, ମହାନ୍ତି ଡ଼. ମନୀନ୍ଦ୍ର – ଚଇତି ତାମସା, ପ୍ରଥମ ପ୍ରକାଶ – ୨୦୦୩, ଓଡ଼ିଶା ସାହିତ୍ୟ ଏକାଡ଼େମୀ ।

ଦାସ ଡ଼. ହେମନ୍ତ କୁମାର, ଓଡ଼ିଆ ଲୋକନାଟକ ପ୍ରଥମ ପ୍ରକାଶ – ୧୯୮୩, ଗ୍ରନ୍ଥ ମନ୍ଦିର।

ଓଡ଼ିଆ ଭାଷା ସାହିତ୍ୟ ବିଭାଗ
ଭଦ୍ରକ
ମୋ – ୯୮୬୧୬୨୨୩୦୩

ISSN NO.
2582-208X

# କୁଆଁର ପୁନେଇଁ ଆସିଲାଣି



ଝରଣା ବାରିକ

ଆକାଶ କୋଳରେ ପୁନେଇଁ ର ଚ୍ନ୍ଦ
କେତେ ଝଲମଲ ଦିଶିଲ୍‌ଣି,
ଜହ୍ନ ଯୋଛନା ରେ ଫୁଲେଇ କଇଁ ଟା
ଖୁ଼ଲି ଖୁ଼ଲି ହୋଇ ହସିଲ୍‌ଣି।

ଚଉର୍ ମୂଳରେ କୁଆଁ ରୀ ଝିଅଙ୍କ
ଜହ୍ନି ଓଷା ପୂଜା ସଇଲ୍‌ଣି,
କୁଆଁ ର ପୁନେଇଁ ଜହ୍ନ ଲେ୍ ଗୀତ
ପଲକ ଆମର ଗାଇଲ୍‌ଣି।

ଆଶ୍ୱିନ ମାସରେ ଶରତ ର ଶୋଭ୍
ଲେଉଟି ମେଲ୍‌ଣି ମାଗି ଲ୍‌ଣି,
କାର୍ତ୍ତିକ ରେ ଶୀତ ହୋଇ ସଜବାଜ
ଧି୍ରେ ଧି୍ରେ ପାଦ ଥାପିଲ୍‌ଣି।

ସାଇତା ଚ୍ଦର କମ୍ବଳ ସ୍ୱେଟର
ସଫା କରି ବୋଉ ଥୋଇଲ୍‌ଣି,
କୋଶଲା ପାଳଙ୍ଗ ଟମାଟୋ ଧନଆ
ବାଡି ପଟେ ସବୁ ଲ୍‌ଗିଲ୍‌ଣି।

ISSN NO.
2582-208X

ହଳଦୀ ବସନ୍ତ ରୂପ ମାଖି ହୋଇ
ଧାନ ବିଲ ସବୁ ହସିଲାଣି,
ଧାନ କାଟିବାକୁ ଦାଆ ସଜକରି
ସନଆ ଭାଇ ଟା ବସିଲାଣି।

କୁଆଁରୀ କନଆଁ ସାଜି ଶୀତ ରାଣୀ
ଓଳ ତଳେ ଆସି ଲୁଚଲାଣି,
ସକାଳୁ ସକାଳୁ ଥଣ୍ଡା ପବନ ଟା
ମନ ରେ ପୁଲକ ଭରିଲାଣି।

ସିଂହ ବାହିନୀ ମାଆ ବିଦାୟ ନେଲେଣି
ଦଶହରା ପୂଜା ସରିଲାଣି,
ଆଶ୍ୱିନ ମାସର ଶେଷ ହୋଇଯିବ
କୁଆଁର ପୁନେଇଁ ଆସିଲାଣି,

ସମଲ, ତାଳଚେର, ଅନୁଗୁଳ
ମୋବାଇଲ::୯୫୫୬୮୪୬୯୩୨

ISSN NO.
2582-208X

# ପ୍ରତିଜ୍ଞା



କମଳାକାନ୍ତ ମହାନନ୍ଦ

ତୁମେ ମୋ ଜୀବନ ତୁମେ ମୋର ପ୍ରାଣ
ତୁମେ ମୋ ସୁଖ ସଂସାର
ଜାଣେ ନାହିଁ କେଉଁ ପୁଣ୍ୟ କରିଥିଲି
ତୁମକୁ ପାଇଛି ମା ରୁପେ ମୋର
ସଭିଏଁ ଯାଆନ୍ତି କେତେ ଯେ ମନ୍ଦିର
ଦେବା ଦେବୀ ପୁଜା ପାଇଁ
ଲୋଡ଼ା ନାହିଁ ମୋର ଧନ ରତ୍ନ କିଛି
ସେସବୁ ତୁମେ ମୋ ପାଇଁ
ଛୋଟ ଥିଲି ଯେବେ କେତେ ସ୍ନେହ ଦେଇ
ପାଳିଛ ତୁମେ ଗୋ ମତେ
ଜାଣେ ନା କେମିତି ଋଣ ମୁକ୍ତ ହେବି
ତୁମ ସେବା କଲେ କେତେ
ମୋ ମନେ ଟିକିଏ ଦୁଖ ଦେଖି ତୁମେ
ସହି ପାର ନାହିଁ କେବେ
ଯେତେ ଦିନ ଯାଏ ବଞ୍ଚି ରହିଥିବି
ଦୁଃଖ ଦେବି ନାହିଁ ତୁମକୁ ମୁଁ କେବେ
ଆସୁ ଯେତେ ବାଧା ଅବା ଯେତେ ବିଘ୍ନ
ମୋ ଜୀବନ ଚଲାବାଟେ
ଉତ୍ତମ ସନ୍ତାନ ଟେ ହେବି ତୁମ ପାଇଁ
ପ୍ରତିଜ୍ଞା କରୁଛି ମୁଁ ତୁମ ପାଖେ

ବାଦିପାଲି, ବିଜେପୁର, ବରଗଡ଼

ISSN NO.
2582-208X

# ତେଲ ନଦୀର ବନ୍ୟା



ସନ୍ତୋଷ କୁମାର ବେହେରା

ଗ୍ରାମ ନାମ କପସିଲା  ତେଲ ନଦୀ ପାଖେ ଥିଲା
ଭୀଷଣ ମୂର୍ତ୍ତି ଧରିଲା ସତେ କି ଯମ
ପ୍ରଖର ସ୍ରୋତେ ଆସଇ  ବୃକ୍ଷ ମାନ ଉଫାଡଇ
ଜନ୍ତୁ ପତି ନୋହିବ ଯେ ତାହାରି ସମ
ତାରିଖ ଅଟଇ ଯେ ତେର
ମାସ ନଅ ମସିହା ଅଟେ ସତସ୍ତୋର ।।
ଏହି ଦିନ ଗ୍ରାମ ବାସୀ  ପାଣି ପାଖେ ଥାଉଁ ବସି
ଗ୍ରାମକୁ ଲାଗିଲେ ପାଣି ଯିବୁ ପଳାଇ
ହୋଇ ଥାଉଁ ଭିଡା ଭିଡି  ସତେ କି ଆସିବ ମାଡି
ଗ୍ରାମ କୁ ସମୁଦ୍ର ଗର୍ଭେ ଦେବ ଭସାଇ
ଦେଖି ତାର ବିରାଟ କାୟା
ସର୍ବେ ଛାଡିଦେଲୁ ଆମ୍ଭ ଜୀବନ ମାୟା
ଡାକିଲୁ ମା ସମଲାଇ  ବିପଦରୁ କର ତ୍ରାହି
ରକ୍ଷା କର ଦୁର୍ଗତି ନାଶିନୀ ମା ଦୁର୍ଗେ
ସେହି ଅର୍ଦ୍ଧ ନିଶା ରାତ୍ରେ  ତୁମକୁ ଡାକିଲା ମାତ୍ରେ
ବଢି ପାଣି ଅପସରି ଗଲା ତୁରିତେ
ସର୍ବେ ରହିଲୁ ଆନନ୍ଦରେ
ଦୟା ବହି ଥିବୁ ମାଗୋ ଏ ସନ୍ତୋଷରେ

କପସିଲ୍, ତୁଷୁରା, ବଲାଙ୍ଗିର
ମୋବା:--୭୭୩୫୬୧୫୧୦୭

ISSN NO.
2582-208X

# ସିନ୍ଦୂର ର ଅଭିମାନ



ଦେବଦତ୍ତା ଦେବୀ

ତୁମ ଠାରେ ମୋର ଆଉ କୋଉ ପ୍ରୟୋଜନ ଅଛି ବୋଲି ମୁଁ ଭାବି ପାରୁ ନାହିଁ । ଏତିକି କହି ହଠାତ୍ ବିଭୂତି ବାବୁ ସୋଫା ଉପରୁ ଉଠି ପଡି ଦୁଆର ଆଡ଼କୁ ମୁହଁ କରି ଆଗେଇଲେ ବାହାରକୁ ଯିବା ଉଦ୍ଦେଶ୍ୟ ରେ । ନମିତା ଯେତେ ବୁଝାଇବାକୁ ଚେଷ୍ଟା କଲା ବିଭୂତି ବାବୁ ବୁଝିବାକୁ ନାରାଜ । ବୃତ୍ତି ରେ ବିଭୂତି ବାବୁ ଓକିଲ । ସେ ପୁଣି ଏମିତି ସେମିତି ଓକିଲ ନୁହନ୍ତି, ସେ ହେଉଛନ୍ତି ପ୍ରବୀଣ ଛାଡ଼ପତ୍ର ଓକିଲ । ସବୁ ଛାଡ଼ପତ୍ର ଓକିଲ ଙ୍କ ଭଳି ସଜ ମାଛ ରେ ପୋକ ପକେଇ ବାହାଘର ଭାଙ୍ଗିବାକୁ ସେ ଚେଷ୍ଟା କରନ୍ତି ନାହିଁ, ବେଶୀ ପ୍ରୟାସ କରନ୍ତି ସ୍ୱାମୀ ସ୍ତ୍ରୀ ଙ୍କ ଭିତର ମନୋମାଳିନ୍ୟ ଦୂର କରି ଦୁଇଁହି କୁ ଏକାଠି କରି ବିବାହ ବନ୍ଧନ କୁ ଦୃଢ଼ କରିବାକୁ । ନିଜର ବ୍ୟବସାୟ ମଧ୍ୟରେ ସୁମନ ମିଶ୍ର ତାଙ୍କର ମହକିଲ ହୋଇଯାଇଛନ୍ତି । କେଶ ଟିରେ ଆଗଉ ଆଗଉ ସେ ଯେତେବେଳେ ଜାଣିବାକୁ ପାଇଲେ ସୁମନ ମିଶ୍ର ହେଉଛନ୍ତି ତାଙ୍କ ଅନ୍ତରଙ୍ଗ ବନ୍ଧୁ ବ୍ରଜ ବାବୁ ଙ୍କର ସାନ ଭଉଣୀ ନମିତା ର ସ୍ୱାମୀ ଏବଂ ସୁମନ ମିଶ୍ର ବାହାଘର ର ମାତ୍ର ଛଅ ମାସ ଭିତରେ ନମିତା ର ବ୍ୟବହାର ରେ ଅତିଷ୍ଠ ହୋଇ ତାକୁ ସବୁ ଦିନ ପାଇଁ ଛାଡ଼ପତ୍ର ଦେବା ପାଇଁ ମନସ୍ଥ କରି ସହର ର ପ୍ରଖ୍ୟାତ ପାରିବାରିକ ବିବାଦ ର ଓକିଲ ବିଭୂତି ବାବୁଙ୍କ ପାଖରେ ଦ୍ୱାରସ୍ଥ । ଜାଣିବାପରେ ସେ ନମିତା ର ସ୍ୱାମୀ ବୋଲି ବିଭୂତି ବାବୁ ଙ୍କର ମନଟି ଖାଲି ହଁ ନାହିଁ ର ଦ୍ୱନ୍ଦ ରେ ଭରି ହେଇଗଲା । ଆରମ୍ଭରୁ ମୋଟା ଅଙ୍କର ପାରିଶ୍ରମିକ ଚୁକ୍ତି ରେ ବିଭୂତି ବାବୁ ସୁମନ ମିଶ୍ର ଙ୍କୁ ପ୍ରତିଶ୍ରୁତି ଦେଇଥିଲେ । ଯେମିତି ହେଉ ଆସନ୍ତା ଏକ ବର୍ଷ ଭିତରେ ତାଙ୍କ ର ଇପ୍ସିତ ଛାଡ଼ପତ୍ର ଟି କରିଦେବେ । ମାତ୍ର ଯେତେ ଯେତେ କେଶ ଟି ର ଭିତରକୁ ଗଲେ ନମିତା ର ନିକଟତର ହେଲେ ପ୍ରଥମଥର ପାଇଁ ତାଙ୍କ ପ୍ରଫେସନାଲ ଜୀବନ ରେ ହାରି ଯିବାର

ISSN NO.
2582-208X

ଗୋଟେ ନିଶ୍ଚିତ ରାସ୍ତା ଦେଖିଲେ । ଅନେକ ଭାବି ଭାବି ନମିତା କୁ ବଞ୍ଚାଇବା ପାଇଁ ନମିତା ର ଦୁଆର ଖଟ ଖଟ କଲେ ।

ଦୁଆର ଖୋଲି ଠିଆ ହେଇଛି ନମିତା। ବିଭୂତି ବାବୁ ନମିତା କୁ ଶେଷଥର ପାଇଁ ତା ବାହାଘର ରେ ଦେଖିଥିଲେ। ସେଦିନ ର ନମିତା ର ମୁହଁ ରେ ହସ ର ଫୁଆରା ଉଠୁଥିଲା, କୁଆଁରି ମନ ଯେ ବିବାହିତ ଜୀବନ ର ଅସୁମାରି ସ୍ୱପ୍ନ ର ଆକାଶ ଭିତରେ ଉଡ଼ି ବୁଲୁଥିଲା। ଆଉଅଜି ଏ କଣ ଯଦିଓ ଗୋଟେ ମୋଟା ସିନ୍ଦୂର ର ପ୍ରଲେପ ପୁରା ସିନ୍ଥିର ଏ ମୁଣ୍ଡ ରୁ ସେ ମୁଣ୍ଡ ଯାଏ ବିବାହିତ ନାରୀର ସ୍ୱାକ୍ଷର ବହନ କରିଛି, କିନ୍ତୁ ମୁଖ ମଣ୍ଡଳ ଯେ ପୁରା ଭବହୀନ ନିର୍ଲିପ୍ତ । ତା ମୁଁହ କୁ ଲକ୍ଷ କରି ବିଭୂତି ବାବୁ ତା ଜୀବନରେ ନା ସୁଖ ଅଛି ନା ଦୁଃଖ ଅଛି ଜାଣି ପାରୁ ନଥିଲେ। ବିଭୂତି ବାବୁ କହି ଉଠିଲେ ନମି ତୁ ମୋତେ ଚିହ୍ନି ପାରୁନାହିଁ କି ମୁଁ ତୋ ବିଭୁ ଭାଇନା। ଉତ୍ତରରେ ନମିତା ମୁଣ୍ଡ ଟୁଙ୍ଗାରି କିଛି ନକହି ଡ୍ରଇଂ ରୁମ୍ କୁ ବାଟ କଢ଼େଇ ନେଲା । କିଛି ସମୟ ବସିବା ଭିତରେ ବିଭୂତି ବାବୁ କଡରେ ସୋଫା ଉପରେ ଯେଁଉ ବୃଦ୍ଧ ବ୍ୟକ୍ତି ଆସି ବସିଲେ ସେ ଅନ୍ୟ କେହି ନୁହନ୍ତି ସୁମନ୍ ମିଶ୍ର ଙ୍କ ର ବାପା ତଥା ନମିତା ର ଶଶୁର । ତାଙ୍କ ପଛେ ପଛେ ସୋଫା ପଛେ ଯେଉଁ ବୃଦ୍ଧା ଆସି ଠିଆ ହେଲେ ସିଏ ହେଲେ ନମିତା ର ଶାଶୁ । ସେମାନେ ଙ୍କୁ ଦେଖି ନମିତାକୁ ଏକାନ୍ତ ରେ କିଛି ପଚାରିବାର ଆଶା ମଉଳିଗଲା ବିଭୂତି ବାବୁଙ୍କ ର । କିନ୍ତୁ କିଛି ସମୟ ନୀରବ ରେ କଟିଲା ପରେ ହଠାତ୍ ବୃଦ୍ଧଙ୍କ ପାଖରୁ ଆମ ନମିତାକୁ ରକ୍ଷା କରନ୍ତୁ ଶୁଣି ବିଭୂତି ବାବୁଙ୍କ ଭ୍ରୂଲତା ଦୁଇଟା ଆପେ ଆପେ ଉପରକୁ ଉଠିଗଲା। ସତରେ କଣ ଶାଶୁ ଶଶୁର ନମିତା ସପକ୍ଷରେ। ସଳଖ ହେଇ ବସିଲେ ବିଭୂତି ବାବୁ ପୁରା ଘଟଣାଟି ଶୁଣିବା ପାଇଁ।

ନମିତା ର ଶଶୁର କହି ଚାଲିଥିଲେ ଆଜ୍ଞା ମୋର ଦୁଇ ପୁଅ ଗୋଟିଏ ଝିଅ, ବଡ଼ ପୁଅ ସେ ଏତେ ଭଲ ପାଠ ପଢୁ ନ ଥିଲା, ଯତ୍ରେ କତ୍ରେ ବି.ଏ ପାସ କରି ଗାଁ ମୁଣ୍ଡ ରେ ଗୋଟେ ବଡ଼ ଦୋକାନ ଖୋଲିଛି, ଯାହା ଖୋଜିବେ ତାହା ମିଳିବ ସେଠି । ଖୁବ କମ ଦିନରେ ଦୋକାନ ଟି ବେଶ୍ ଭଲ ରେ ଚାଲିଲା । ଘର ର ଆର୍ଥିକ ସ୍ଥିତି ବଦଳି ଗଲା । ସାନ ପୁଅ ସୁମନ ପିଲା ଦିନ ରୁ ବିଚକ୍ଷଣ ବୁଦ୍ଧି ଖୁବ୍ ଭଲ ପାଠ ପଢୁଥିଲା ରାଉରକେଲା ରେ ଇଞ୍ଜିନିୟରିଂ ପାଠ ପଢ଼ି,ଏମ. ବି. ଏ କରି ବାଙ୍ଗାଲୋର ରେ ଭଲ ଦରମା ରେ ଚାକିରି କରୁଥିଲା । ଏ ଭିତରେ ଘର ସୁଧାର ପରିସ୍ଥିତିରେ ବଡ଼ ପୁଅ ପାଇଁ ବୋହୂ ଆରତୀ କୁ ଘରକୁ ଆଣିଲୁ । ଆରତୀ

ISSN NO.
2582-208X

ଗୋଟିଏ ଚାଉଳ ରେ ଗଢା ସୁନ୍ଦରୀ ବୋହୂ ଟିଏ । ପ୍ରଥମେ ପ୍ରଥମେ ତ ଆରତୀର ତ ଖୁଣ କାଢିବା ଅସମ୍ଭବ ଥିଲା । ଶାଶୁ ଶଶୁର ଦିଅର ନଣନ୍ଦ ସମସ୍ତ ଙ୍କ ମନ ଜିଣି ଥିଲା । ଆମ ଘର ହସ ଖୁସି ଭରା ସୁନ୍ଦର ସଂସାର ଟିଏ ଥିଲା, ପଡୋଶୀଙ୍କର ଇର୍ଷା ର ପାତ୍ର ଥିଲା ଆମଘର । ଦିନ ଗଡ଼ି ଚାଲିଲା ଆରତୀ ଦୁଇଟି ପୁଅ ର ମା ହେଲା ପରେ ତା ବ୍ୟବହାର ବଦଳିଗଲା । ଏ ଭିତରେ ଆମର ଏକ ମାତ୍ର ଝିଅ ବି ବାହାହେଇ ତା ଶାଶୁ ଘରକୁ ଚାଲିଗଲା । ଆରମ୍ଭ ହେଇଗଲା ଆରତୀ ର ପ୍ରକୃତ ରୂପ, ଆମକୁ କଥା କଥା କଥାରେ ଦୁର୍ବ୍ୟବହାର କରିବାକୁ ଲାଗିଲା । ବଡ ପୁଅ ସକାଳୁ ଦୋକାନ ଯାଏ ଯେ ରାତି ଦଶ ଟାରେ ଘରକୁ ଫେରେ । ତେଣୁ ବୋହୂ ର ବ୍ୟବହାର ବିଷୟ ରେ ସେ ଅଜ୍ଞ ଥାଏ, ଆମେମାନେ ବି ଥକି ପଡୁଥିବା ପୁଅ କୁ କିଛି ଜଣଉନାହିଁ । ପୁଣି ଛୁଟି ରେ ସୁମନ ଘରକୁ ଆସିଲେ ସୁନ୍ଦରୀ ଭାଉଜ ର କବଜା ରେ ପୁରା । ମୋରି ପୁଅ ତ କଣ ଆଉ କହିବି ସୁମନ ପୁରା ଭାଉଜ ର ପ୍ରେମ ରେ ଉବୁଟୁବୁ ।

ଏହି ସମୟ ରେ ଭାଗ୍ୟ ଦାଉ ସାଧିଲା ଭଳି କୋରୋନା ଆସି ଦୁଆର ବାଡେଇଲା । କିଛି ଦିନ ପରେ ସୁମନ ଛଟେଇ ର ଶୀକାର ହେଲା । ବାଙ୍ଗାଲୋର ଛାଡ଼ି ଗାଁ ରେ ବସିଲା । ଦିଅର ଭାଉଜ ଙ୍କ ସମ୍ପର୍କ ଦାଣ୍ଡରେ ପଡି ଘାଟରେ ଚର୍ଚ୍ଚା ର ବିଷୟ ବସ୍ତୁ ପାଲଟି ଗଲା । ଏହି ସମୟ ରେ ବଡ଼ପୁଅ ର ମାନସିକ ଅବସ୍ଥା ଦେଖି ଆମେ ବୁଢ଼ା ବୁଢ଼ୀ ଦୁଇଟା ଆଖିରୁ ଲୁହ ଗଡେଇବା ଛଡ଼ା ଆଉ କିଛି ଉପାୟ ପାଉନଥାଉ, ତଥାପି ସୁମନ କୁ ବସିବା ଉଠିବା ବେଳେ ବୁଝାଉଥାଉ, ତାକୁ ମନାଉଥାଉ ବହା ହେଇଯିବାକୁ, ସେ ପୁରା ମନାକରୁଥାଏ ବାହାହେବାକୁ । ସୁମନ ର ବୟସ ଗଡି ଚାଲିଥାଏ । ଦିନେ ଘରେ ପ୍ରବଳ ପାଟିତୁଣ୍ଡ, ବଡ଼ପୁଅ ଆରତୀ କୁ ଧମକେଇଲା ଘରୁ ବାହାରି ଯିବାକୁ । ଝଡ଼ ଥମିଲା ପରେ ନ ଖାଇ ନ ପିଇ ସମସ୍ତେ ସମିତି ଶୋଇପଡ଼ିଲୁ । ସକାଳୁ ଦୁଇ ପୁଅ ଚୁପ ଚାପ୍ ଘରୁ ବାହାରିଗଲେ । ସୁମନ ଯେହେତୁ ଭଲ ଛାତ୍ର ଥିଲା ସେ ଟିଉଟରିଆଲ ଇନଷ୍ଟିଚ୍ୟୁଟରେ ପଢେଇବା ଆରମ୍ଭ କଲା । ସବୁ ଠିକ୍ ଠାକ୍ ହେଲା ଭଳି ଲାଗିଲା । ଦିଅର ଭାଉଜ ଆଉ ଲସର୍ ପସର୍ ହେଲେ ନାହିଁ । ଆରତୀ ଶାଶୁ ଙ୍କୁ କ୍ଷମା ମାଗି ସୁମନ ପାଇଁ ଝିଅ ଖୋଜିବାରେ ଲାଗିଗଲା । ଏ ଭିତରେ ସୁମନ ର ବି ବେଶ୍ ଭଲ ଦି ପଇସା ରୋଜଗାର ହେବାକୁ ଲାଗିଲା ।

ISSN NO.
2582-208X

ଆମେ ସ୍ୱାମୀ ସ୍ତ୍ରୀ ଦୁଏଁହେ ଭଗବାନ ଙ୍କୁ ମନେମନେ ଅନେକ କୃତଜ୍ଞତା ଜଣେଇଲୁ । ଆରତି ନିଜେତାର ଲେଖାଯୋଖା ଭଉଣୀ ନମିତା ସାଙ୍ଗରେ ବିବାହ ପ୍ରସ୍ତାବ ଆଣିଲା । ସୁମନ, ଆରତୀ, ଆମେ ସ୍ୱାମୀ ସ୍ତ୍ରୀ ଦୁଇ ଜଣ ଯାଇଥିଲୁ ନମିତା କୁ ଦେଖିବାକୁ । ନମିତା କୁ ଦେଖି, ତାର ଷୋଡ଼ଶୀ, ନିଷ୍କପଟ ଚେହେରା, ଲଜ୍ଜ୍ୟା ରେ ଥିବା ଅବନତ ମୁହଁ କୁ ଦେଖି ବୋଧେ ସୁମନ ପ୍ରେମରେ ପଡ଼ିଗଲା । ସୁମନ ର ସହମତି ଯୋଗୁ ଆମ ପଟୁ ଆମେ ବାହାଘର ପାଇଁ ସମ୍ମତି ଦେଲୁ । ଯଦିଓ ନମିତା ପ୍ରାୟ ପନ୍ଦର୍ ବର୍ଷ ଛୋଟ ଥିଲା, କିନ୍ତୁ ଆର୍ଥିକ ଅବସ୍ଥା ଓ ସୁମନ ର ଶ୍ୟାମଳ ବର୍ଣ୍ଣ ଯୋଗୁ ଅନେକ ବାହାଘର ଭାଙ୍ଗି ଯାଉଥିଲା । ତେଣୁ ସୁମନ ଭଳି ଯୋଗ୍ୟ ବର ତଥା ଆରତିର ପ୍ରରୋଚନାରେ ସେମାନେ ବି ନାହିଁ କରିବାର ଅବକାଶ ନ ଥିଲା । ଦୁଇ ପରିବାର ର ସହମତି ରେ ବଡ଼ ଧୁମଧାମ୍ ରେ ସୁମନ ଓ ନମିତା ର ବହାଘର ହେଇଗଲା ।

ବାହାଘର ପରେ ଆରତୀପୁଣି ତାର ଅସଲି ଚାଲ ଚାଲେଇଲା । ଚତୁର୍ଥୀ ରାତିରେ ହିଁ କେତେବେଳେ କ୍ଷୀର ଗ୍ଲାସ୍ ଦେବାପାଇଁ, ତ କେତେବେଳେ ପାଣି ଜଗ, ଏମିତି ବିଭିନ୍ନ ବାହାନା କରି କୋଉ ବି ରାତି ରେ ତାଙ୍କୁ ନିଶ୍ଚିନ୍ତ ରେ ବିତେଇବାକୁ ଦେଲା ନାହିଁ । ଯଦିଓ ନମିତା କିଛି ବି ଭଉଣୀର ଚାଲ କୁ ଧରିପରିଲାନି, କିନ୍ତୁ ସେଇଦିନଠାରୁ ଆମ ବୁଢ଼ା ବୁଢ଼ୀ ଦୁଏହିଁ ଙ୍କ ର ଆଶଙ୍କା ରେ ନିଦ ହଜି ଗଲା । ଆସ୍ତେ ଆସ୍ତେ ଦୁଇଁହେ ପୁଣି ପୁରୁଣା ରାସଲୀଳା ଚଲେଇଲେ । ନମିତା ପ୍ରଥମେ ପ୍ରଥମେ କିଛି ଧରିପରୁନଥିଲା । ତାର ପ୍ରିୟ ଆରତି ନାନୀ ଯୋଗୁ ତା ମଥା ରେ ସୁମନ ଯେ ସିନ୍ଦୂର ଦେଇ ସ୍ତ୍ରୀ ର ମାନ୍ୟତା ଦେଇଛନ୍ତି, ସେ ନାନୀକୁ କେମିତି ବା ସେ ସନ୍ଦେହ କରିବ । କିନ୍ତୁ ଯେଉଁଦିନ ଦୁଇ ଜଣଙ୍କୁ ଦିନ ଦୁଇପ୍ରହର ରେ ଆରତୀ ରୁମ ରେ ଅସଂଜତ ଅବସ୍ଥା ରେ ଦେଖିଲା ଓ ପରେ ପରେ ଆରତି ଠାରୁ ତା ପ୍ରଶ୍ନ ର ଉତ୍ତର ରେ ଶୁଣିବାକୁ ପାଇଲା ଆଲୋ କାଳୀ ପୋଡାମୁହିଁ ତୁ କୋଉ ଗୁଣ ରେ ସୁମନ ର ଯୋଗ୍ୟ ଯେ ସେ ତୋତେ ଚାହିଁବ, ସେ ଖାଲି ମୋ କଥାରେ ତୋତେ ବାହା ହେଇଥିଲା ନା । ଏକଥା ଶୁଣି ନମିତା ର ମନ ମାନିଲା ନାହିଁ, ସେ ସୁମନ ଠୁ ଉତ୍ତର ଚାହିଁଲା ଆରତୀ ର କଥା ର ସତ୍ୟାସତ୍ୟ ଉପର ରେ, ସେଠୁ ବି ଉତ୍ତର ରେ ଦୁଇ ଥାପଡ ଓ ତାଗିଦ ପାଇଲା ଆଉ ଦିନେ ଯେମିତି ଆରତୀ ବିରୁଦ୍ଧ ରେ ପଦେ ପାଟି ନ ଫିଟାଏ ।

ISSN NO.
2582-208X

ସେଇ ଦିନ ଠାରୁ ହସକୁରି ନମିତା ପୁରା ଚୁପ ଚାପ୍ । ଷୋଡ଼ଶୀ ଛନ ଛନ ମୁହଁ ଟିରେ ଆଉ ହସ ତ ଦିଶିଲାନି ଆଖିରୁ ଲୁହ ଝରିଲାନି । ଭାବହିନ ମୁହଁ ଟି ଦେଖିଲେ ଲାଗେ ସତେଯେପରି ସଂସାର ର କୌଣସି ଘଟଣା ରେ ତାର କିଛି ଯାଏ ଆସେ ନାହିଁ ସେଇ ଦିନ ଠାରୁ ସେ ଆଉ ସୁମନ ରୁମ୍ ଭିତରକୁ ପାଦ ପକାଏ ନାହିଁ । କିନ୍ତୁ ସକାଳୁ ଉଠି ଗାଧେଇ ପାଧେଇ ସିନ୍ଥିରେ ମୋଟା ସିନ୍ଦୂର ଲଗାଇବାକୁ ଭୁଲେ ନାହିଁ । ଆମ ଦୁଇ ଜଣ ଙ୍କର ସେବା ଠିକ୍ ବାପା ମା ଙ୍କ ର ସେବା କଲା ଭଳି ଟିକିଏ ବି ହେଳା କରେ ନାହିଁ । ଭାଉଜ ଦିଅର ଙ୍କ ର ସମ୍ପର୍କ କୁ ଦେଖି ବଡ଼ପୁଅ ବି ଆସ୍ତେ ଆସ୍ତେ ଚୁପ ଚାପ୍ ହେଇଗଲା । ଭଗବାନ ଦିନ ଏମିତି ବି ଯିବାକୁ ଦେଲେନାହି । ସୁମନ ବେଳ ଅବେଳ ରେ ନମିତା କୁ ଘର ଛାଡ଼ି ଯିବାକୁ ଧମକେଇଲା । ବାଧ୍ୟ ହେଇ ମୁଁ ପାଟି ଫିଟେଇଲି ଏଇ ଘର ମୋ ନାମରେ ମୁଁ ନମିତା ନା ରେ କରି ତୁମ ସମସ୍ତ ଙ୍କୁ ବାହାର କରିଦେବି । ନ ହେଲେ ତୋର ଆଉ ତୋର ଓ ତୋ ଭାଉଜ ନାମରେ ପୋଲିସ ରେ କେଶ କରିବି । ତା ପର ଠାରୁ ସୁମନ ଅନ୍ୟ ଉପାୟ ନ ଦେଖି ନମିତା ର ମୁଣ୍ଡ ଖରାପ ବୋଲି ଛାଡ଼ ପତ୍ର ଦେବ ବୋଲି ଆପଣ ଙ୍କ ର ଦ୍ୱାରସ୍ଥ ହେଇଛି । ନମିତା କୁ ଯେତେ ବୁଝାଇଲେ ତୁ ଏ ଘର ଛାଡ଼ି ଚାଲିଯାଅ ଆଉ କୋଉଠି ସଂସାର ବାନ୍ଧିବୁ ସେ ଶୁଣିବାକୁ ନାରାଜ ।

ପୁରା ଘଟଣା ଟି ଶୁଣି ସାରିବା ପରେ ଭାରାକ୍ରାନ୍ତ ମନନେଇ ନେଇ ବିଭୂତି ବାବୁ ଚାମ୍ବର ରେ ଚୌକି ଉପରେ ଲଥ କରି ବସି ପଡ଼ିଲେ । ଅନେକ ଭାବି ଚିନ୍ତି ସୁମନ ମିଶ୍ର କୁ ଡକେଇଲେ । ଅନେକ ପ୍ରକାର ବୁଝାଇଲେ ନମିତା କୁ ଆପଣେଇବାକୁ ,କିନ୍ତୁ ସବୁ ବୃଥା । ମଣିଷ ଯଦିଓ ଭୁଲ ଠିକ୍ କୁ ପରଖିବାର ପ୍ରଚଣ୍ଡ କ୍ଷମତା ର ଅଧିକାରୀ, କିନ୍ତୁ ସେ ଯେତେବେଳେ ଅବାଟ ରେ ଯାଇ ଭୁଲ କଲେ ସେ ହୃତବୋଧ କରେ ଯେ ମୁଁ ସଂପୂର୍ଣ୍ଣ ଠିକ୍, ଅନ୍ୟ କାହାରି ତାଗିଦ ବା ଉପଦେଶ ତାକୁ ପିତା ଲାଗେ ଭାବେ ଏ କିଏ ମୋତେ ତିଆରିବାକୁ । ଠିକ ସେମିତି ସୁମନ ମିଶ୍ର ଭାଉଜ ପ୍ରେମ ରେ ଉବୁଟୁବୁ ହେଲା ବେଳେ ଭାବିଲା ବିଭୂତି ବାବୁ ତ ଯେତେ ପଇସା କହିଲେ ମୁଁ ସମ୍ମତି ଦେଲି, ପୁଣି ସେ ପ୍ରତିଶ୍ରୁତି ଦେଲେ ନିଶ୍ଚୟ ଛାଡ଼ ପତ୍ର କରିଦେବେ, ଏବେ ପୁଣି ମୋ ପ୍ରେମ ବଗିଚା ରେ ଝଡ଼ ସୃଷ୍ଟି କରିବାକୁ ଚେଷ୍ଟା କରି ମୋତେ ଉପଦେଶ ଦେଉଛନ୍ତି କାହିଁକି । ସୁମନ ରୋକ୍ ଠୋକ୍ ମନା କରିଦେଲା ବିଭୂତି ବାବୁ ଙ୍କୁ ପୁଣି ଥରେ ନମିତା କୁ ଆପଣେଇବାକୁ । ପୁଣି ପ୍ରସ୍ତାବ ଦେଲା ସେ ନମିତା କୁ ଯଥେଷ୍ଟ ଆଲିମୋନୀ ଦେବା କୁ ରାଜି ମାତ୍ର ତା ମୁହଁ କୁ ଆଉ ଦେଖିବାକୁ

ISSN NO.
2582-208X

ପ୍ରସ୍ତୁତ ନୁହେଁ। ସୁମନ ର ବିନା କାରଣ ରେ ନମିତା ପ୍ରତି ଘୃଣା ଭାବ ବିଭୁତି ବାବୁ ଙ୍କୁ ଭାବିବାକୁ ବାଧ୍ୟ କରେ ଯେ ପୂର୍ବ ଜନ୍ମ ରେ ବୋଧେ ଦୁଇ ଜଣ ପରମ ଶତ୍ରୁ ଥିଲେ, ଏପରି ପ୍ରେମ ବିହୀନ ଘୃଣା ମନୋଭାବ ଭିତରେ ନମିତା ବା କି ସୁଖ ପାଇବ। ସୁମନ ର ସବୁ ପ୍ରେମ ତକ ଯେ ଆରତୀ ସାଉଁଟି ନେଇଛି। ଭାରି କପାଳିଆ ଆରତୀ ବିବାହ ର ପ୍ରାରମ୍ଭ ରେ ସ୍ୱାମୀ ସୋହାଗିନି ହେଲେ ଆଉ ଏବେ ବୟସ ଖସିଲା ବେଳକୁ ଦିଅର ପ୍ରେମିକ ସାଜିଛନ୍ତି। ବିଭୂତି ବାବୁ ସେଥିପାଇଁ ବାରମ୍ବାର ନମିତା କୁ ବୁଝେଇ ବାକୁ ଆସୁଛନ୍ତି।

ସବୁ ଥର ନମିତା ର ମୁଣ୍ଡ ହଲେଇ ନାସ୍ତିଶୂଚକ ମୁଣ୍ଡ ହଲେଇ ଚାଲିଛି। ମାନେ ସେ ଛାଡ଼ ପତ୍ର ଦେବାକୁ ପ୍ରସ୍ତୁତ ନୁହନ୍ତି। ଏପରିକି ଭାଇ ବ୍ରଜ ବାବୁ ବି ଆସି ବୁଝେଇଲେଣି ମୋଟା ରକମ୍ ଆଲିମୋନି ନେଇ ଅନ୍ୟ କୋଉଠି ବାହା ହେବାକୁ। ନମିତା ପଦଟିଏ ଉତ୍ତର ଦିଏ ସେଠି ଯଦି ସମିତି ହୁଏ। ଏହାପରେ ସମସ୍ତେ ଚୁପ ହେଇଯାଆନ୍ତି। କେବଳ ସିନ୍ଥୀ ରେ ସିନ୍ଦୂର ମୋଟା କରି ପିନ୍ଧିବା ଛଡ଼ା, ହସକୁରି ନମିତା ର ସତେ ଯେମିତି ଖାଇବା, ପିନ୍ଧିବା, ହସିବା ରୁ ସତେ ଯେପରି ମୋହ କଟି ଯାଇଥିଲା.ଶଶୁର, ଶାଶୁ ଯେତେ ବୁଝାଇଲେ ବି ନମିତା କିଛି ପ୍ରତିଉତର ଦିଅ ନାହିଁ କି କୌଣସି ପ୍ରକାର ଭାବ ମୁହଁ ରେ ପ୍ରକାଶ କରେ ନାହିଁ । ନମିତା ମନେ ମନେ ଚିନ୍ତା କରିଚାଲେ ଅଗ୍ନି, ଦଶଦିଗପାଳ ଙ୍କୁ ସାକ୍ଷୀ ରଖି ଯେଉଁ ବିବାହ ସମ୍ପନ୍ନ ହେଇଥିଲା ସେ କେବଳ ଗୋଟେ ମିଥ୍ୟା ଆଭରଣ ତଳେ ନିଜ ସ୍ୱାର୍ଥ ପାଇଁ ଖାଲି ତା ସ୍ୱାମୀ କରିଥିଲେ ବୋଲି ମୋତେ ଶତ କଣ ପାରେ।

ବିଭୂତି ବାବୁ ଅନେକ ଚେଷ୍ଟା କଲେଣି ବିଭିନ୍ନ ଉପାୟ ରେ ନମିତା କୁ ବୁଝାଇବାକୁ ସୁମନ ଆଉ ତା ମଧ୍ୟରେ ସ୍ୱାମୀ ସ୍ତ୍ରୀ ର ଅସ୍ତିତ୍ୱ ଇ ନାହିଁ ସେପରି ସମ୍ପର୍କ କୁ ବାନ୍ଧି ରଖିବାର ମାନେ କିଛି ନାହିଁ, କିନ୍ତୁ ନମିତା ର ସେଇ ଗୋଟିଏ ଦମ୍ଭୋକ୍ତି ସେ ସିନା ମୋତେ ଛାଡ଼ିଦେବେ ମୁ ତାଙ୍କୁ ଏ ବନ୍ଧନ ରୁ ମୁକ୍ତି ଦେବାର ପ୍ରଶ୍ନ ଉଠୁନାହିଁ। ଆରତୀ ନାନୀ ସାଙ୍ଗରେ ତାଙ୍କ ସମ୍ପର୍କ ଅନୈତିକ କିନ୍ତୁ ଦଶଦିଗପାଳ ବନ୍ଧୁ ବାନ୍ଧବ ଓ ଅଗ୍ନି କୁ ସାକ୍ଷୀ ରଖି ମୋତେ ନୈତିକ ରୂପେ ସ୍ତ୍ରୀ ରୂପେ ଗ୍ରହଣ କରିଛନ୍ତି, ଏ ଜନ୍ମ କଣ ସାତ ଜନ୍ମ ଯାଏ ମୁଁ ତାଙ୍କୁ ଛାଡ଼ିବିନି, ଦେଖିବି କୋଉ ଆଇନ ମୋତେ ପାଗେଳି କରି ତାଙ୍କ ଠାରୁ ଅଲଗା କରୁଛି। ଏତେ ଦମ୍ଭ ର ସହ ନମିତା କହୁଥିଲା ଯେ ବିଭୂତି ବାବୁ ଚେୟାର ଛାଡ଼ି ନିଜର ହାରିବା ନିଶ୍ଚିତ ଜାଣି ଉଠିଲେ ବାହାରକୁ ଯିବା ପାଇଁ। କିନ୍ତୁ ଏତେ ଦିନ ପରେ ମନେ ମନେ

ISSN NO.
2582-208X

ଖୁସି ହେଉଥିଲେ ଯେ ଆଇନ ର ପରିସର ଭିତରେ ଛାଡ଼ପତ୍ର ର ବ୍ୟାଖ୍ୟା ନ ଥିଲେ ହୁଏତ ନମିତା ଭଳି ସ୍ତ୍ରୀ ମାନ ଙ୍କ ଯୋଗୁ କେତେ ବିବାହ ବଞ୍ଚି ଯାଆନ୍ତା ଓ ସୁମନ ଭଳି ବିପଥଗାମୀ ପୁଅ ମାନେ ହୁଏତ ଠିକ୍ ବାଟ କୁ ଫେରି ଆସନ୍ତେ ବିଭୂତି ବାବୁ ମନେ ମନେ ଭଗବାନ ଙ୍କୁ ଡାକିଲେ ସେ ଏଇ କେଶ ରେ ହାରିଯାଆନ୍ତୁ ଓ ସୁମନ ତାର ର ଅସ୍ତଗାମୀ ଯୌବନ ରେ ସେ ତାର ଭୁଲ କୁ ହୃତ ବୋଧ କରି ନମିତା କୁ ମୁହଁ କୁ ଫେରେଇ ଚାହୁଁ । ଗୋଟେ ଦୀର୍ଘଶ୍ୱାସ ସହ ବିଭୂତି ବାବୁ ନମିତା ଘର ବାହାରକୁ ପାଦ କଢ଼ିଲେ.

ପ୍ରାକ୍ତନ ଜିଲ୍ଲା ନ୍ୟାୟାଧୀଶ,
ପ୍ଲଟ ନମ୍ବର – ୩ ଡି, ୧୧୫୨,
ସିଡିଏ ୧୧, ମର୍କତ ନଗର, କଟକ

ISSN NO.
2582-208X

# ଶ୍ରୀୟା ଦେବୀ



ଡ. ଅର୍ଜୁନ ଚରଣ ବାରିକ୍

ଶ୍ରୀୟା ଦେବୀ ମାତା ମୋହର ଅଟଇ
ଜଗଦୀଶ ମୋ ପିଅର
ମନ୍ଦାକିନୀ ସମ ତା ହୃଦୟ ନୀରେ
ନିତ୍ୟ ସ୍ନାହାନ ମୋହର
ତୀର୍ଥ ସକଳ ଯାହାର ପାଦ ତଳ
ନାମ ପାବନ ଯାହାର ।
ସଂପଦ ସକଳ କରଇ ପ୍ରଦାନ
ଗତି ମୁକ୍ତିର ଆଧାର ।।
ପବିତ୍ର ଯାହାର ଗୁଣ ନାମ ଧାମ
ସ୍ମରଣେ ଦୁରୀତ ହର ।
ଦଣ୍ଡଧର ଦଣ୍ଡ କରଇ ଖଣ୍ଡନ
ଦରଶନ ମାତ୍ରେ ତାର ।।
ଦେଇ ସେ ପାରଇ ଧର୍ମ ଅର୍ଥ କାମ
କି ଅବା ଅଦେୟ ତାର ।
ବିନତି ତା ପଦେ ହେବାକୁ ତାହାର
ଜନମ ଜନ୍ମେ କୁମର ।।

ISSN NO.
2582-208X

ମହାମାୟୀ ଯୁଗେ ଯୁଗେ ମାତା
ମୋର ବନ୍ଦଇ ତାର ପୟର
ହୃନ୍ଦର ଜାଣଇ ନାନା ଭାବେ ସେହି
ପାଳି ପୋଷେ ମୋ ଶରୀର ।
ଆନନ୍ଦ କନ୍ଦ ଗୋବିନ୍ଦ କଳା ଚାନ୍ଦ
ଯଦୁମଣି ନାମ ଯାର ।।
ଲୀଟ ସାଜ ମନ ତା ରଙ୍ଗା ଚରଣ
ହେବାକୁ ତା ପରିଚାର ।।
କେନ୍ଦରା ବଜାଇ ଦୁଆରେ ତାହାର
ବିତି ଯାଉ ଦିନ ମୋର ।
ଦ୍ରାବକ ତ ସେହି ମୁହିଁ ତା ଦ୍ରବିଣ
ଦ୍ରବଇ ନାମେ ତାହାର ।।
ପରମେଶ୍ବର ସେ ମୁଁ ତାର କୁମର
ଯାଣଇ ଏହା ସଂସାର ।
ରାଜୀବ ଆସନୀ ରାଜୀବ ଚରଣେ
ମନ ରହୁ ନିରନ୍ତର ।।

ଗ୍ରାମ ମହୁ, ଡାକ ମହୁ,
ଭାୟା ନମୌଜା, କେନ୍ଦ୍ରାପଡ଼ା
ମୋ: ୯୯୩୭୯୯୦୫୯୯

ISSN NO.
2582-208X

# ଭୁଲ୍ କଲେ କାନ୍ଦିବ



ନରେନ୍ଦ୍ର ପ୍ରସାଦ ବେହେରା

ଭଲ ପାଇବାଟା  ଏତେ ମାରାତ୍ମକ
ପାଇଛି ଯିଏ ଜାଣିଛି
ଜାଣିଶୁଣି କେବେ  କରନାହିଁ ଭୁଲ୍
ସଭିଙ୍କୁ ପଦେ କହୁଛି ।୧।

ପହିଲି ଦେଖାରେ  ଅତି ସରଧାରେ
କହିବେ ଅନେକ କଥା
ବଚନେ ତୋଷିବେ  ମନକୁ ତୁମର
କିଣି ନେଇଯିବେ ମଥା ।୨।

କଥା କହିବାର  କୌଶଳ ତାହାଙ୍କୁ
ବହୁ ପରିମାଣେ ଜଣା
ରାତିଦିନ ଖାଲି  ଫୋନ କରି କରି
କରିଦେବେ ମଥା ଟିଣା ।୩।

କଥାରେ କଥାରେ  ମନ କିଣି ନେଇ
ହୋଇବେ ପୁରା ନିଜର
ସ୍ୱାର୍ଥ ସରିଗଲେ  ଭୁଲିଯାଇ ପୁଣି
କରିବେ ପଛୁ ପ୍ରହାର ।୪।

ISSN NO.
2582-208X

ଜାତି କୁଳଗୋତ୍ର    ଜାଣି ନାହଁ ଯାର
କରନି ତାକୁ ଆଦର
ସୁନ୍ଦର ରୂପରେ    ନହୋଇ ବିମୁଗ୍ଧ
ଦୂରରୁ ହୁଅ ଜୁହାର ।୫।

ବିଶ୍ୱାସରେ ବିଷ    ଭରିଦେଇ ଯିବେ
ଅନ୍ୟହାତ ଧରି ଚାଲି
ତାହା କଥା ଭାବି    ହୃଦ କାନ୍ଦୁଥିବ
ଆଖି ହୋଇଯିବ ନାଲି ।୬।

ଏମିତି ଜାଗାରେ    କରନାହିଁ ଭାବ
ଅଳ୍ପରେ ଠକିଣ ଯିବ
ଭାବିଚିନ୍ତି ଭାବ    କରିଥିଲେ ବନ୍ଧୁ
ଚିରଦିନ ସୁଖି ହେବ ।୭।

ପାତ୍ର ଦେଖି ଦାନ    ଘାଟ ଦେଖି ସ୍ନାନ
କରେ ଯେଉଁ ନରନାରୀ
ପୋଥି ଭାଗବତେ    ଲିଖିତ ଅଛି ସେ
ହୁଏନି କାହା ବଇରୀ ।୮।

ଆଳଦା, ଖଇରା, ବାଲେଶ୍ୱର

ISSN NO.
2582-208X

# ତଟିନୀ



ଶ୍ରୀକୁମାର ମହାପାତ୍ର

ଜନ କଲ୍ୟାଣରେ ମନକୁ ଦେଇ
ବହିଥାଏ ସଦା ସାଥୀଟେ ହୋଇ
ମନରେ ନଭରି କପଟ ଛନ୍ଦ
କେତେ ମୋହକୁ ସେ ବାନ୍ଧିକି ଅନ୍ଧ
ଗିରିକନ୍ୟା ସେହି ପୁଣ୍ୟାତ୍ମା ନାରୀ
କୋଟି ଜନଙ୍କୁ ସେ ପୋଷେ ଉଭାରି
ତାହାରି ସ୍ରୋତରେ ଆଜି ବିଳମ୍ବ
କେତେ ଘାଇ ଆଉ କେତେ ଯେ ଖମ୍ବ
ବାଧକ ସାଜୁଛି ତାହାରି ପଥେ
ତାହାରି ଜଳକୁ କରି ଅନ୍ୟଥେ
ଆବର୍ଜନା ଭରି ତାହାରି ଗର୍ଭେ
ବିଷାଦ ଦେଉଛେ ମିଳିକି ସର୍ବେ
ତଟିନୀ ଦୁଃଖଦ କଷଣ ବାଣୀ
କହି ତୋଷିଥାଏ ମନକୁ ଜିଣି
କହୁଛି ସେ ଆଜି ସିନ୍ଧୁର ଆଗେ
ଦରିଆ ତାକୁ ଯେ ପ୍ରଣାମ ମାଗେ

ISSN NO.
2582-208X

ପ୍ରମାଣରେ ସେହି ତଟିନୀ କୁହେ
ଜନସମାଜର ହିତେ ମୁଁ ରୁହେ
ସେମାନେ ମତେ ଯେ କରନ୍ତି ପର
ମୁଇଁ ଭାବିଥାଏ ତାଙ୍କୁ ନିଜର
ନଦୀର ଦୁଃଖଦ କାହାଣୀ ଶୁଣି
ସାଗର କଥାକୁ ମନରେ ଗୁଣି
ସ୍ୱୀକୃତି ଦିଏ ଯେ ତାହାରି ବକ୍ଷେ
ତଟିନୀ ମିଶେ ଯେ ସିନ୍ଧୁର କକ୍ଷେ
ବାରୀର ଏପରି ଦୁଃଖକୁ ଶୁଣି
ସୁଜନେ ହେବା ଯେ ତତ୍ପର ଘେନି
ଜୀବନକୁ ଦେବା ନୂତନ ରୂପ
ତଟିନୀ ଧର୍ମକୁ କରି ସ୍ୱରୂପ

କଲ୍ୟାଣପୁର ଶାସନ
କଲ୍ୟାଣପୁର ଶାସନ, ଧଉଳ
ଭୁବନେଶ୍ୱର-୨

ISSN NO.
2582-208X

# ବୌଦ୍ଧଧର୍ମ ଆଧାରିତ ଗଳ୍ପରେ ସୁରେନ୍ଦ୍ର ମହାନ୍ତିଙ୍କ ଦୃଷ୍ଟି ଦର୍ଶନ



ଭାଗ୍ୟଶ୍ରୀ ଦାଶ

ଗଳ୍ପ ଶବ୍ଦ ଶୁଭିଲା ମାତ୍ରେ ଲୋକ ପ୍ରାଣରେ ଉନ୍ମାଦନା ଓ ଉତ୍ସୁକତାର ଭାବଧାରା ବହି ଆସିଥାଏ । ଗଳ୍ପ କହିବା ଓ ଶୁଣିବାର ଏ ଯେଉଁ ଭାବଧାରା ଲୋକ ପରଂପରା ଅର୍ଥାତ୍ ଲୋକ କାହାଣୀ ରୁ ସୃଷ୍ଟି ହୋଇଛି, ସାଂପ୍ରତିକ ସମୟରେ ଶିକ୍ଷିତ ନାମଧାରୀ ବ୍ୟକ୍ତି ବିଶେଷ ଏହି ପରଂପରାରୁ ବିଚ୍ୟୁତ ହୋଇନାହାନ୍ତି। ବରଂ ସମୟ ସହିତ ତାଳଦେଇ କଥାକୁ ନୂଆ ରୂପ ଦେବାରେ ଏକ ଅଭିନବ ଭୂମିକା ନିର୍ବାହ କରିଆସିଛନ୍ତି। ଏହାର ପ୍ରମାଣ ମିଳିଥାଏ ସାଂପ୍ରତିକ ସମୟରେ ପ୍ରତିଷ୍ଠିତ ଗାଳ୍ପିକ ନିଜର ସ୍ୱକୀୟ ଶୈଳୀ, ଚିନ୍ତାଧାରା, ଭାବନାକୁ ସମୟାନୁଯାୟୀ ବା ଗତାନୁଗତିକ ସମାଜ ସହିତ ପାଦ ମିଳାଇ ଚାଲିଲା ବେଳେ ଗଳ୍ପର ଆଭିମୁଖ୍ୟ ଯେ ମନୋରଞ୍ଜନ ତାହାକୁ ପାସୋରି ଦେଇନାହାନ୍ତି। ଓଡ଼ିଆ ଗଳ୍ପ ସାହିତ୍ୟ ହେଉ ବା ଯେକୌଣସି ଭାରତୀୟ ସାହିତ୍ୟ ହେଉ, ଏହା ପ୍ରଥମେ ନିଜ ଅଞ୍ଚଳର ପରିସୀମାବଦ୍ଧତାରୁ ଆରମ୍ଭ ହୋଇ ଧୀରେଧୀରେ ବିଶ୍ୱବ୍ୟାପୀ ହୋଇଥାଏ । ଓଡ଼ିଆ ଗଳ୍ପ ସାହିତ୍ୟରେ ମଧ୍ୟ ସେହିପରି ଏକ ପ୍ରାଚୀନ ପରଂପରା ରହିଛି । ଓଡ଼ିଆ ଗଳ୍ପ ସାହିତ୍ୟ ପୌରାଣିକ କଥାରୁ ନିଜର ଗଳ୍ପର ଚିନ୍ତାଶୀଳ ଭାବନା ଆରମ୍ଭ କରିଥିଲେ ହେଁ କାଳାନୁକ୍ରମିକ ମଣିଷର ଜୀବନଶୈଳୀ ସହିତ ଜଡିତ ହେବାରେ ଲାଗିଲା। ବର୍ତ୍ତମାନର ସ୍ଥିତିକୁ ଅନୁଧ୍ୟାନ କଲେ ଗଳ୍ପ ଗୁଡ଼ିକ ଯେପରି ମଣିଷର ଅନ୍ତର ତତ୍ତ୍ୱ କଥାକୁ ପୁଙ୍ଖାନୁପୁଙ୍ଖ ବିଶ୍ଳେଷଣ କରିବାରେ ନିଜର ସାମର୍ଥ୍ୟ ପ୍ରଦର୍ଶନ କରୁଛି ।

ସାଂପ୍ରତିକ ସମାଜର କଥା କହିଲା ବେଳେ ମନକୁ ପ୍ରଥମେ ଆସେ ଧରାବନ୍ଧା ଜୀବନରେ ଅସହ୍ୟ ଯନ୍ତ୍ରଣା। ଏହି ଅସହ୍ୟ ଯନ୍ତ୍ରଣାରୁ ମୁକ୍ତି ପାଇଁ ମଣିଷ ଖୋଜେ ଶାନ୍ତି, ଲୋକାଳୟରୁ

ISSN NO.
2582-208X

ଚିର ବିଦାୟ। ଏ ଅନୀତି, ଅଧର୍ମ, ଅନ୍ୟାୟ ରୁ ନିଜକୁ ଏବଂ ନିଜ ଚିତ୍ତ ସତ୍ତାକୁ ମୁକ୍ତ ରଖିବା ନିମନ୍ତେ ଧର୍ମ ଦର୍ଶନକୁ ଗ୍ରହଣ କରିଛନ୍ତି। ଭାରତୀୟ ଧର୍ମ ଦର୍ଶନ, କିମ୍ବା ଓଡ଼ିଶାର ଧର୍ମ ଦର୍ଶନ ହେଉ ବିଶ୍ୱ ଦରବାରରେ ଏହା ପରିଚିତ। ସବୁ ଧର୍ମର ସମନ୍ୱୟ ଉତ୍କଳ। ଏହି ଧର୍ମ ମାନଙ୍କ ମଧ୍ୟରେ ଓଡ଼ିଶାର ଏକ ପ୍ରଭାବଶାଳୀ ଧର୍ମ ଭାବରେ ବୌଦ୍ଧଧର୍ମ ନିଜକୁ ପ୍ରତିଷ୍ଠା କରିପାରିଛି। ଏହି ଧର୍ମ ଓଡ଼ିଶା, ତଥା ଓଡ଼ିଶାର କଳା ସଂସ୍କୃତି ଉପରେ ପ୍ରଭାବ ପକାଇବା ସହିତ ଓଡିଆ ଭାଷା ଓ ସାହିତ୍ୟ ଉପରେ ସମାନ ଭାବରେ ପ୍ରଭାବ ପକାଇଛି। ଏହା ଓଡ଼ିଶାର ମାନଚିତ୍ରରେ ଏକ ଅଦ୍ୱିତୀୟ ସ୍ଥାନ ସୃଷ୍ଟି କରିଛି। ଅନ୍ୟ ଅର୍ଥରେ ଦେଖିଲେ ବୌଦ୍ଧଧର୍ମ ଯେ ଭାରତୀୟ ସଂସ୍କୃତିରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଛି ଏହାର ପ୍ରମାଣ ଆମେ ବିଷ୍ଣୁଙ୍କ ଦଶାବତାର ମଧ୍ୟରୁ ନବମ ଅବତାର ରୂପେ ବୁଦ୍ଧଦେବଙ୍କୁ ଗ୍ରହଣ କରାଯାଇଛି।

### ବୌଦ୍ଧଧର୍ମ:-

ବୁଦ୍ଧଦେବ ବୌଦ୍ଧଧର୍ମର ପ୍ରତିଷ୍ଠାତା ଓ ଧର୍ମ ସଂସ୍ଥାପକ ଥିଲେ। ବୌଦ୍ଧ ଧର୍ମାବଲମ୍ବୀ ମାନଙ୍କମଧ୍ୟରେ ବୁଦ୍ଧ ସର୍ବଶ୍ରେଷ୍ଠ। ବୁଦ୍ଧ ବା ବୁଧ ଶବ୍ଦର ଅର୍ଥ ପାଲି ଭାଷାରେ ଉଠିଥିବା ବା ଆଲୋକିତ ଅର୍ଥକୁ ବୁଝାଇଥାଏ। ବୌଦ୍ଧଧର୍ମ ଏକ ଧର୍ମ ଦର୍ଶନ, ଯାହା ପାଲି ଭାଷାରେ ବୋଧ ଧର୍ମ ନାମରେ ଲିଖିତ ଏଥିରେ ଅନେକ ଧରଣର ପରଂପରା, ବିଶ୍ୱାସ ଓ ଆଚରଣ ରହିଛି। ଏହି ଧର୍ମ ଗୌତମ ବୁଦ୍ଧଙ୍କ ଶିକ୍ଷାକୁ ନେଇ ଗଠିତ। ବୌଦ୍ଧ ଧର୍ମର ଧର୍ମତତ୍ତ୍ୱ କହେ ସାଂସାରିକ ମୋହ ମାୟା ଅବିଦ୍ୟା । ଏହି ଅବିଦ୍ୟା ବିନାଶ କରି ନିର୍ବାଣ ବା ମୋକ୍ଷ ବା ବୁଦ୍ଧତ୍ୱ ପ୍ରାପ୍ତ କରିବା ଜୀବନର ଆଦର୍ଶ ହେବା ବାଞ୍ଛନୀୟ।

### ସୁରେନ୍ଦ୍ର ମହାନ୍ତି ଓ ତାଙ୍କ ଗଳ୍ପର ଭାବଧାରା:-

ଗଦ୍ୟଶିଳ୍ପୀ ସୁରେନ୍ଦ୍ର ମହାନ୍ତି ଓଡିଆ ଗଦ୍ୟ ସାହିତ୍ୟର ବିଭିନ୍ନ ବିଭାଗକୁ ସ୍ୱକୀୟ ସାଧନାରେ ସମୃଦ୍ଧ କରିଥିଲେ ସୁଦ୍ଧା ଉପନ୍ୟାସ ଓ କ୍ଷୁଦ୍ରଗଳ୍ପରେ ତାଙ୍କ ପ୍ରଜ୍ଞାଦୀପ୍ତ ପ୍ରତିଭା ପାଠକଙ୍କୁ ଅଭିଭୂତ କରେ। ପରିସଂଖ୍ୟାନ ଦୃଷ୍ଟିରୁ ସେ ଗଳ୍ପ ସଂକଳନ ଅପେକ୍ଷା ଅଧିକ ଉପନ୍ୟାସର ରଚୟିତା, କିନ୍ତୁ ଗଳ୍ପ ସାହିତ୍ୟରେ ଶ୍ରୀ ମହାନ୍ତିଙ୍କ ବ୍ୟକ୍ତି ସତ୍ତା ବହୁଳ ମାତ୍ରାରେ

ISSN NO.
2582-208X

ପରିଦୃଶ୍ୟମାନ ହୁଏ । ସ୍ୱୟଂ ସ୍ରଷ୍ଟା ସୁରେନ୍ଦ୍ର ମହାନ୍ତି ସ୍ୱକୀୟ ଗଳ୍ପ ସୃଷ୍ଟିର ଦ୍ୱିବିଧ ଲକ୍ଷଣକୁ ଉପଲବ୍ଧି କରି ବ୍ୟକ୍ତ କରି କହନ୍ତି - ଆଦ୍ୟ ଜୀବନରେ ତାଙ୍କର ଭାବ ଭୋଳା ଶିଳ୍ପୀର ପରିଚୟ ଉତ୍ତରକାଳକୁ ଦୃଶ୍ୟ ହୁଏନାହିଁ, ବରଂ ବେଦନା ବିଦଗ୍ଧ ସ୍ୱର୍ଣୀତୁରତା ଓ ବେପରୁଆ ଦୃଷ୍ଟିଭଙ୍ଗୀ ଆଡମ୍ବରର ଔଜଲ୍ୟ ମଧ୍ୟରେ ହଜିଯାଇଛି । ତାଙ୍କ ଗଳ୍ପର ଆଭିମୁଖ୍ୟ ଅନୁଯାୟୀ ଏହାକୁ ଦୁଇଟି ପର୍ଯ୍ୟାୟରେ ପର୍ଯାୟଭୁକ୍ତ କରାଯାଇପାରେ:-

ଆତ୍ମବିହ୍ୱଳଭାବ ସମୃଦ୍ଧ ଗଳ୍ପ
ଆତ୍ମଚେତନା ଭାବ ସମୃଦ୍ଧ ଗଳ୍ପ

ଅପରପକ୍ଷରେ ଆଲୋଚନାର ସୌକର୍ଯ୍ୟ ଦୃଷ୍ଟିରୁ ତାଙ୍କ ରଚିତ ବାରଗୋଟି ଗଳ୍ପ ସଂକଳନରେ ଥିବା ଗଳ୍ପକୁ ପାଞ୍ଚ ଭାଗରେ ବିଭକ୍ତ କରାଯାଇଛି:-

ପୌରାଣିକ ଆଖ୍ୟାନ ବସ୍ତୁ ଆଧାରିତ
ବୌଦ୍ଧଯୁଗୀୟ କଥାବସ୍ତୁ ଆଧାରିତ
ଐତିହାସିକ ପଟ୍ଟଭୂମି ଆଧାରିତ
କ୍ଷୟିଷ୍ଣୁ ସାମନ୍ତବାଦୀ ମାନସିକତା ଆଧାରିତ
ସମକାଳୀନ ସମସ୍ୟା ସମ୍ବଳିତ

ତାଙ୍କ ଦ୍ୱାରା ରଚିତ ବାରଗୋଟି ଗଳ୍ପ ସଂକଳନ ନିମ୍ନରେ ପ୍ରଦତ୍ତ କରାଯାଇଛି:-

ମହାନଗରୀର ରାତ୍ରି (୧୯୫୦)
କୃଷ୍ଣଚୂଡ଼ା (୧୯୫୧)
ରୁଟି ଓ ଚନ୍ଦ୍ର (୧୯୫୪)
ଶେଷ କବିତା (୧୯୫୫)
ସବୁଜ ପତ୍ର ଓ ଧୂସର ଗୋଲାପ (୧୯୫୮)
ମରାଳର ମୃତ୍ୟୁ (୧୯୬୨)

ISSN NO.
2582-208X

ଦୁଇ ସୀମାନ୍ତ (୧୯୭୩)

ଓଃ କାଲାକାଟା (୧୯୭୩)

କବି ଓ ନର୍ତ୍ତକୀ(୧୯୭୫)

ମାଂସର କୋଣାର୍କ (୧୯୮୧)

ଯଦୁବଂଶ ଓ ଅନ୍ୟାନ୍ୟ ଗଳ୍ପ (୧୯୮୫)

ରାଜଧାନୀ ଓ ଅନ୍ୟାନ୍ୟ ଗଳ୍ପ( ୧୯୮୬)

## ଗାଳ୍ପିକ ସୁରେନ୍ଦ୍ର ମହାନ୍ତିଙ୍କ ଦୃଷ୍ଟିରେ ବୌଦ୍ଧଧର୍ମଦର୍ଶନ:-

ଶ୍ରୀଯୁକ୍ତ ମହାନ୍ତି ଗଭୀର ଜୀବନ ଜିଜ୍ଞାସା ଉପଲବ୍ଧି କରି ବ୍ୟକ୍ତ କରିଛନ୍ତି:- "ଜୀବନ ପବିତ୍ର ଓ ଅନାବିଳ। ଜ୍ୟୋସ୍ନା ର ପ୍ରତିଫଳନ ଶିଶିର ବିନ୍ଦୁରେ ଯେତିକି ଲୋଭନୀୟ, ନର୍ଦ୍ଦମାରେ ସୁଦ୍ଧା ସେତିକି ପୁଣ୍ୟ ମଧ୍ୟରେ ଜୀବନ ଯେପରି ଶୁଭ୍ର ଓ ସୁନ୍ଦର, ପାପ ମଧ୍ୟରେ ବି ଜୀବନ ସେହିପରି ସ୍ୱଚ୍ଛ ଓ ରମଣୀୟ । ଦେହର ଜାନ୍ତବ କ୍ଷୁଧା ମଧ୍ୟରେ ମଧ୍ୟ ଜୀବନର ପୁଣ୍ୟମୟ ଉପଲବ୍ଧି ଅଛି ।"

ବିଶେଷତଃ ସାଧନା ଓ ସଂଯମ ମଣ୍ଡିତ ତୁଚ୍ଛ ଅନୁଶାସନବଦ୍ଧ ବୌଦ୍ଧ ଭିକ୍ଷୁ ଓ ବୌଦ୍ଧଧର୍ମର ନିପୀଡନ ପ୍ରତି ଆକ୍ଷେପ କରି ବୌଦ୍ଧ ଯୁଗୀୟ ଚରିତ୍ର ଓ କାହାଣୀ ଗୁଡ଼ିକକୁ ସେ ଅତ୍ୟନ୍ତ ଜୀବନଧର୍ମୀ କରି ତୋଳିଛନ୍ତି। ନିର୍ବାଣ ପାଇଁ ଯେ ସାଂସାରିକ ବାସନା ତ୍ୟାଗ କରିବାକୁ ପଡିବ, ଏ ଚିନ୍ତାଧାରା ସେ ବିରୋଧ କରିଛନ୍ତି । ତତ୍ ସହିତ ବୌଦ୍ଧଧର୍ମ ଦର୍ଶନରେ ଥିବା ନିର୍ବାଣକୁ ମଧ୍ୟ ତାଙ୍କର କେତେକ ଗଳ୍ପରେ ସ୍ଥାନ ଦେଇଥିବାର ମଧ୍ୟ ଦୃଶ୍ୟମାନ ହୁଏ। ପ୍ରାୟତଃ ତାଙ୍କ ଗଳ୍ପରେ ବୌଦ୍ଧ ଧର୍ମାବଲମ୍ବୀ ନିର୍ବାଣ ପାଇଁ ଯେଉଁ ଶୁଷ୍କ ନିଷ୍ଠୁର ମାର୍ଗ ଚୟନ କରିଥିଲେ, ତା'ର ସତ୍ତା ଦିନକୁ ଦିନ ଅର୍ଥହୀନ ହୋଇପଡିଛି; ଏହାକୁ ସେ ନିଃସଂକୋଚରେ ବ୍ୟକ୍ତ କରିଛନ୍ତି। ଏହି ଚିନ୍ତାଧାରାକୁ ପାଥେୟ କରି ତାଙ୍କ ରଚିତ ଛ'ଗୋଟି ଗଳ୍ପ:- 'ଉଦ୍ରରାମପୁତ୍ର', 'ସାରୀପୁତ୍ତ', 'ଅମ୍ବାପଲ୍ଲୀ', 'ମଧୁମତ୍ତାର ରାତ୍ରି', 'ପିତା ଓ ପୁତ୍ର', 'ମହାନିର୍ବାଣ'। ବୌଦ୍ଧଧର୍ମ ଦର୍ଶନ ସହିତ ନିଜସ୍ୱ ସ୍ୱକୀୟ ଦୃଷ୍ଟିଭଙ୍ଗୀର ସମନ୍ୱୟ କରି

ISSN NO.
2582-208X

ଶ୍ରୀଯୁକ୍ତ ମହାନ୍ତି ଯେଉଁ ଛ'ଗୋଟି ଗଳ୍ପ ରଚନା କରିଛନ୍ତି ତାହା ନିମ୍ନରେ ଆଲୋଚନା କରାଯାଇପାରେ।

ଉଦ୍ରରାମପୁତ୍ର:-

ଏହି ଗଳ୍ପଟିରେ ଅନେକ ଆଖ୍ୟାନ ଓ ଉପାଖ୍ୟାନ ଯୋଗ ହୋଇ କାହାଣୀର ସୌନ୍ଦର୍ଯ୍ୟ ଦ୍ୱିଗୁଣିତ ହୋଇଥିଲେ ହେଁ ବୌଦ୍ଧଧର୍ମର ଏକ ସତ୍ୟ ଘଟଣା ଆଧାରିତ ଚରିତ୍ରକୁ ବିଷୟବସ୍ତୁ ର ମୁଖ୍ୟ ଅଙ୍ଗ ଭାବରେ ବର୍ଣ୍ଣନା କରାଯାଇଅଛି । ବିଷୟବସ୍ତୁ ରାମାୟଣ ଯୁଗର ରାଜା ଦଶରଥଙ୍କ ରାଜ୍ୟରେ ଅନାବୃଷ୍ଟିର ନିରାକରଣ ପାଇଁ ଆଜନ୍ମ ବ୍ରହ୍ମଚାରୀ ଋଶ୍ୟଶୃଙ୍ଗ ଙ୍କ ପାଦ ସ୍ପର୍ଶ ଅଯୋଧ୍ୟା ରାଜ୍ୟରେ କରାଇବା ଓ ରାଜକନ୍ୟା କାନ୍ତାଙ୍କୁ ଅର୍ପଣ କରିବା ଉପାଖ୍ୟାନ ସହ ସାମଞ୍ଜସ୍ୟ ରକ୍ଷା କରେ। ଗଳ୍ପଟିରେ ବିଷୟବସ୍ତୁକୁ କୌଣସି ପ୍ରାଧାନ୍ୟ ଦିଆଯାଇନାହିଁ ବରଂ ଜଣେ ସଂସ୍କାରକ ସାଧନା ନିଷ୍ଠ, ଜିତେନ୍ଦ୍ରୀୟ ନିର୍ବାଣ କାମୀ ବୌଦ୍ଧ ଭିକ୍ଷୁ ବିଶ୍ୱ କଲ୍ୟାଣ ପାଇଁ ସକଳ ତପଫଳ ଉତ୍ସର୍ଗ କରିଦେଇ ପରିଶେଷରେ କିପରି ଜୀବନର ଚିରନ୍ତନ ମଧୁର ଅନୁଭବ ଜାନ୍ତବ କାମନା ନିକଟରେ ଆତ୍ମସମର୍ପଣ କରିଛି,ସେହି ଭାବ ଉପରେ ପ୍ରାଧାନ୍ୟ ଦିଆଯାଇଛି।

ଉଦ୍ରରାମପୁତ୍ର ମହାଯୋଗୀ ବୌଦ୍ଧ ସନ୍ନ୍ୟାସୀ, କଳିଙ୍ଗର ଅଧିବାସୀ ଥିଲେ ବୋଲି ଏହାର ପ୍ରମାଣ ଚୀନ୍ ପରିବ୍ରାଜକ ହୁଏନସାଂ ବିବରଣୀରୁ ମିଳିଥାଏ। ମଗଧ ରାଜ୍ୟକୁ ଅନାବୃଷ୍ଟି, ମହାମାରୀ, ଶତ୍ରୁ ଭୟ ଓ ଦୁର୍ଭିକ୍ଷରୁ ମୁକ୍ତ କରିବା ପାଇଁ ମାଣ୍ଡଳିକ ମାନଙ୍କ ପରାମର୍ଶକ୍ରମେ ତପସ୍ୟା ଲବ୍ଧ ଶକ୍ତିରେ ଅମିତ ଶକ୍ତିର ଅଧିକାରୀ ଉଦ୍ରରାମପୁତ୍ରଙ୍କୁ କଳିଙ୍ଗର ମହାକାନ୍ତାରରୁ ମଗଧକୁ ନିଆଯାଇଛି। ମହାଯୋଗୀ ଉଦ୍ରରାମପୁତ୍ର ଙ୍କ କୃପାମୟ ଦୃଷ୍ଟି ମଗଧକୁ ସକଳ ସଂକଟ ରୁ ମୁକ୍ତ କରିଛି। ତତ୍ କାଳୀନ ସାମାଜିକ ବିଧି ବ୍ୟବସ୍ଥା ଅନୁସାରେ ମଗଧର ରାଜମହିଷୀ ତାଙ୍କୁ ସୁଲଭୀ ସୁରତି ପ୍ରଦାନ କରିଛନ୍ତି। ଉଦ୍ରରାମପୁତ୍ର ଙ୍କର ସଂଯମ ମଣ୍ଡିତ କାୟା ଏ ଅନୁଭବକୁ ଅନିର୍ବାଚନୀୟ ଶୂନ୍ୟତା ମଧ୍ୟରେ ଅହଂତ୍ୱକୁ ମୁକ୍ତି ପ୍ରଦାନ କରୁଛି ବୋଲି ସ୍ୱୀକାର କରିଛନ୍ତି। ସୁଲଭାଙ୍କ ସହ ଏ ସଂପର୍କ ଚିରସ୍ଥାୟୀ ହେବାର କାମନା ବିଫଳ ହେବାରୁ ସେ ତପୋଭ୍ରଷ୍ଟ ହୋଇ ନିରୁର୍ଦ୍ଦିଷ୍ଟ ପଥର ଯାତ୍ରୀ ହୋଇପଡିଛନ୍ତି। ଜୀବନର ଏକ ଚିରନ୍ତନ ସତ୍ୟ ହିଁ ଗଳ୍ପଟିର ମାର୍ମିକ ଭାବଧାରା।

ISSN NO.
2582-208X

## ସାରୀପୁତ୍ତ:-

ସାରୀପୁତ୍ତ ଗଳ୍ପରେ ଜୀବନ ଜଞ୍ଜାଳ, କାମନା ବାସନା, ମୋହ ଠାରୁ ଉର୍ଦ୍ଧ୍ୱରେ ନିର୍ବାଣ ଯେ ଏକ ପବିତ୍ର ଉନ୍ମାଦନା ସୃଷ୍ଟି କରେ, ତାହା ଚିତ୍ରାୟିତ କରାଯାଇଛି । ସାଂପ୍ରତିକ ପରିସ୍ଥିତିରେ ପଥ ଭ୍ରଷ୍ଟ ସମାଜର ବ୍ୟକ୍ତିମାନେ ଯୁଗୀୟ ପରିବର୍ତ୍ତନ ସ୍ରୋତରେ ନିଜକୁ ପ୍ରତି ମୁହୂର୍ତ୍ତରେ ପରିବର୍ତ୍ତନ କରି ସଭ୍ୟ ବୋଲି ଯେଉଁ ରଂଗବେରଂଗୀର ପୋଷାକ ପରିଧାନ କରିଛନ୍ତି ସେମାନେ ନିଜ ଅନ୍ତରର ଚିତ୍ତ ସତ୍ତାକୁ ଆଧ୍ୟାତ୍ମିକ ମାର୍ଗରେ ଗତି କରାଇ ସଂଯମତାର ପୋଷାକ ପରିଧାନ କରିପାରିବେ, ଏହା ଏହି ଗଳ୍ପର ଏକ ଅନ୍ତର୍ଦୃଷ୍ଟି ବୋଲି ବିବେଚିତ। ସାରୀପୁତ୍ତ ଗଳ୍ପରେ ରୂପଶ୍ରୀର ମାତୃ ହୃଦୟର ଯେଉଁ ଅପୂର୍ବ ମମତା ଭରା ଆଲେଖ୍ୟ ରହିଛି ତାହା ଖୁବ୍ ମାର୍ମିକ। ପୁତ୍ର ସାରୀପୁତ୍ତ ପଥ ଚାହିଁ ବସିଛି, ସେ ନିର୍ବାଣ ଚାହେଁ ନାହିଁ; ଚାହେଁ 'ଜୀବନ', ସଂସାର ର ମୋହ ଗ୍ରସ୍ତ ପରିପୂର୍ଣ୍ଣ ଜଞ୍ଜାଳ। କିନ୍ତୁ ସାରୀପୁତ୍ତ ଜୀବନର ବ୍ୟର୍ଥତାକୁ ଅନୁଭବ କରିଛି। ଗୌତମ ବୁଦ୍ଧଙ୍କ ଯନ୍ତ୍ରଣା କ୍ଲିଷ୍ଟ ଜୀବନର ଅସାରତା ଓ ନିର୍ବାଣ ତତ୍ତ୍ୱ ରେ ପ୍ରଭାବିତ ହୋଇ ସାରୀପୁତ୍ତ ଗୃହ ତ୍ୟାଗ କରି ସଂଘରେ ଅନ୍ତର୍ଭୁକ୍ତ ହୋଇଛି। ମା' ରୂପଶ୍ରୀର କୋମଳ ମାତୃ ହୃଦୟର ପୁତ୍ରର ବିଚ୍ଛେଦ ଓ ଘର ବାହୁଡାର ଅପେକ୍ଷାରେ ଆତ୍ମ ଜର୍ଜରିତ ହୋଇଛି। ସାଂସାରିକ ମୋହ ଗ୍ରସ୍ତ ଜୀବନ ବଞ୍ଚିବା ପାଇଁ ରୂପଶ୍ରୀ ଯେଉଁ ଆଶା ରଖିଥିଲା, ତାହା ଭୟ ଶଙ୍କାର ଏକ ରୂପରେଖ ଭାବରେ ତା' ସମ୍ମୁଖରେ ଦଣ୍ଡାୟମାନ ହେଲା। ମାତୃ ହୃଦୟ ବ୍ୟାକୁଳ ରେ କାଳେ ପୁତ୍ରର, ପରିବାରର କିଛି ରିଷ୍ଟ ଅଛି ଭାବି ବ୍ରାହ୍ମଣଙ୍କୁ ଅର୍ଘ୍ୟ ପ୍ରଦାନ କରିଛି। ପୁତ୍ର ସାରୀପୁତ୍ତ ଫେରିଛି କିନ୍ତୁ ରୂପଶ୍ରୀ ର ପୁଅ ହୋଇ ନୁହେଁ, ଗୌତମୀ ପ୍ରଜାପତିଙ୍କ ସହକର୍ମିଣୀଙ୍କ ନିମନ୍ତେ ଭିକ୍ଷା ଆଦାୟ କରିବାକୁ ଆସିଥିବା ଭିକ୍ଷୁକ ଭାବରେ। ଭିକ୍ଷା ଆଶାୟୀ ଭିକ୍ଷୁକ ପୁଅକୁ ମାତୃ ହୃଦୟ ଏକ ଆର୍ତ୍ତନାଦ କରି କହିଛି:-"କୋଟିକୋଟି ପ୍ରାଣରେ ଅଶାନ୍ତି ଓ ଅତୃପ୍ତି ର ଦାବାନଳ ଜଳାଇ ଯେଉଁ ସଂଘର ପ୍ରତିଷ୍ଠା, ସେ ସଂଘ ରହିବ ନାହିଁ ଭିକ୍ଷୁ। ଏ ମୋର ଅଭିଶାପ ।"

ଏହି ଅଭିଶାପ ଯେପରି ସତରେ ଜୀବନର ବାର୍ତ୍ତା କୁ ଚେତାବନୀ ଆକାରରେ କହୁଛି ଜୀବନ ମାନେ ଯନ୍ତ୍ରଣା, ଜୀବନ ସହିତ ପାଦ ପକାଇ ଯନ୍ତ୍ରଣା ଚାଲେ; ଏହାର ଅର୍ଥ ନୁହେଁ

ISSN NO.
2582-208X

ସଂସାରିକ ମୋହ ମାୟା ତ୍ୟାଗ କରି ଜୀବନର ଯୁଦ୍ଧ ଭୂମି ଛାଡି ସନ୍ନ୍ୟାସ ବ୍ରତ ଗ୍ରହଣ କରିବା। ଜନ୍ମ ମରଣ ର ଏ ଅତୁଟ ତତ୍ତ୍ୱ ମଧ୍ୟରେ ଜୀବନ ତତ୍ତ୍ୱ କୁ ମଧ୍ୟ ଗ୍ରହଣ କରିବାକୁ ହେବ।

## ଅମ୍ବାପଲ୍ଲୀ:-

ଏହି ଗଳ୍ପରେ ତତ୍କାଳୀନ ସାମାଜିକ ବିଧି ବ୍ୟବସ୍ଥା ନିକଟରେ ସମର୍ପିତ ଅସହାୟ ନାରୀତ୍ୱର ଆହତ ଆତ୍ମ ଲିପି। ଅମ୍ବାପଲ୍ଲୀ ରୂପଶ୍ରୀ ପରି କେବଳ ମାତା ନୁହେଁ, ରୂପଜୀବୀ ମଧ୍ୟ। ପରିତ୍ୟକ୍ତା ଯୌବନର ଉପେକ୍ଷିତ ଶିଶୁକୁ ଭିକ୍ଷୁ 'ଜୀବକ' ରୂପରେ ଦେଖି ତାହାର ମାତୃତ୍ୱ ବିଳାପ କରି ଉଠିଛି। "କାରଣ ସେ ଚାହିଁଛି ତାହାର କୁତ୍ସିତ ଅତୀତଟା କୁ ସାର୍ଥକ କରିବା ପାଇଁ। ଅମ୍ବାପଲ୍ଲୀ ଥିଲା ବିଦୁଷୀ। ଜୀବନର ବ୍ୟର୍ଥତା ଓ ହା'ହତାଶ କୁ ତିଳେ ତିଳେ ଉପଲବ୍ଧି କରି ପ୍ରାଚୁର୍ଯ୍ୟ ଓ ସୌନ୍ଦର୍ଯ୍ୟର ବିଭୂତି ସତ୍ତ୍ୱେ ସେ ଜୀବନ ବିଦ୍ୱେଷୀ ହୋଇପଡିଛି। ତା'ର ବଞ୍ଚିତ ମାତୃତ୍ୱ ର ଆହତ ସ୍ୱାକ୍ଷର 'ଜୀବକ' ଯାହାକୁ ଦିନେ ସେ ଆହତ ଅଭିମାନରେ ପରିତ୍ୟାଗ କରି ଦେଇଥିଲା।ତାକୁ ଅତି ନିକଟରେ ପାଇ ସୁଦ୍ଧା ମାତୃତ୍ୱର ଉତ୍ତାପ ପ୍ରଶମିତ କରିପାରୁନାହିଁ। ଦେହ ସର୍ବସ୍ୱ ହେବା ପାଇଁ ତତ୍କାଳୀନ ସମାଜ ଅନୁବନ୍ଧିତ କରିଥିଲେ ସୁଦ୍ଧା ଆତ୍ମାର ତୀବ୍ର ଆହ୍ୱାନ ତାକୁ ଉନ୍ମନା କରିଛି। ଏକ ପକ୍ଷରେ ତା'ଶରୀରକୁ ବନ୍ଦନା କରୁଥିବା ବିମ୍ବିସାର ଓ ଅନ୍ୟପକ୍ଷରେ ଶରୀରର କାମନା ବାସନା କୁ ତୁଚ୍ଛ କରି ଆତ୍ମାର ଉର୍ଦ୍ଧ୍ୱ ଗତି ପାଇଁ ସନ୍ଦେଶ ପ୍ରଦାନ କରୁଥିବା ଗୌତମ ବୁଦ୍ଧ। କେଳି ଗୃହରେ ପ୍ରତୀକ୍ଷାରତ ବିମ୍ବିସାରକୁ କରି ସେ ବୈଶାଳୀ ରାଜପଥକୁ ଧାଇଁ ଯାଇ ବୁଦ୍ଧଦେବ ଙ୍କ ପାଦତଳେ ଲୋଟି ପଡିଚି। ପରମ କାରୁଣିକ ଗୌତମ ବୁଦ୍ଧ ଅମ୍ବାପଲ୍ଲୀର ଆତିଥ୍ୟ କୁ ସ୍ୱୀକାର କରି ତା'ର ନୃତ୍ୟ ମନ୍ଦିରରେ ଆତିଥ୍ୟ ଗ୍ରହଣ କରିଛନ୍ତି। ଏଥିରେ ପ୍ରବୃତ୍ତି ସହିତ ନିବୃତ୍ତିର, ମହାକାଳ ସହିତ ମୁହୂର୍ତ୍ତ ର, ଜୀବନ ସହିତ ନିର୍ବାଣର ମହା ମିଳନ ଘଟିଛି। ଅମ୍ବାପଲ୍ଲୀକୁ ସଂଘ ଭୁକ୍ତ କରିଛନ୍ତି ଗୌତମ ବୁଦ୍ଧ।

ସାରୀପୁତ୍ର ଗଳ୍ପରେ ଗୋଟିଏ ଆହତ ମାତୃତ୍ୱ ର ବିଳାପ ରହିଛି କିନ୍ତୁ ଅମ୍ବାପଲ୍ଲୀର ଗଳ୍ପଟିରେ ଉପେକ୍ଷିତ ନିଷ୍ପେଷିତ ନାରୀ ସତ୍ତାର ଆତ୍ମ ଲିପି। ଏଠାରେ ସକଳ ଯନ୍ତ୍ରଣା କୁ

ISSN NO.
2582-208X

ଅନ୍ତର୍ଗଭିତ କରି ବୈଶାଳୀ ଜନତାର ଚିତ୍ତ ବିନୋଦନ କରୁଥିବା ବିଦ୍ୱଷୀ ଅମ୍ବାପଲ୍ଲୀର ଉତ୍ତୀର୍ଣ୍ଣ ଚେତନା ଚିତ୍ରିତ।

## ମଧୁମତ୍ତାର ରାତ୍ରି:-

ଏହି ଗଳ୍ପର ପ୍ରତିପାଦ୍ୟ ବିଷୟ ହେଲା ମୋହ ଗ୍ରସ୍ତ ମାୟା । ନିର୍ବାଣ- 'ବୁଦ୍ଧିଗ୍ରସ୍ତ ମନର ପରିକଳ୍ପନା'। ପଞ୍ଚଭୂତରେ ତିଆରି ଏ ଦେହ ପଞ୍ଚଭୂତରେ ଲୀନ ହୋଇଯିବ; କିନ୍ତୁ ଜୀବନରେ ପୁନର୍ଜନ୍ମ ନାହିଁ। ଏଇ ଜୀବନ ହିଁ ଏକମାତ୍ର ସତ୍ୟ।

'ମଧୁମତ୍ତାର ରାତ୍ରି' ଗଳ୍ପ ନାରୀ ପ୍ରତି ଚିରାଚରିତ ବିଚାର ଧାରାର ଏକ ନୀରବ ବିଦ୍ରୋହ। ଏ ଜନ୍ମରେ ନହେଲେ ସୁଦ୍ଧା ନାରୀ ପ୍ରତି ହେଉଥିବା ସାମାଜିକ ବିଧି ବ୍ୟବସ୍ଥାର ମୌନ ପ୍ରତିବାଦ କରି ପରଜନ୍ମରେ ନାରୀତ୍ୱର ମହନୀୟ ଆବେଦନକୁ ଗଣ ଭୋଗ୍ୟା ନାରୀଟିଏ ଅନୁଭବ କରିବା ପାଇଁ ବ୍ୟାକୁଳ ହୋଇପଡିଛି, ତାହା ମଧୁମତ୍ତାର ଚରିତ୍ର ମାଧ୍ୟମରେ ଚିତ୍ରିତ କରାଯାଇଛି। ଅନ୍ୟ ଏକ ଜୀବନର ଅନୁସନ୍ଧାନ ପାଇଁ ନିର୍ବାଣ ତତ୍ତ୍ୱର ଅଧିକାରୀ ବୌଦ୍ଧ ସନ୍ନ୍ୟାସୀ ମାନଙ୍କୁ ବାରମ୍ବାର ଏକ ପ୍ରଶ୍ନ ପଚାରିଛି- ପରଜନ୍ମ। ତା'ର କାମନା ଥିଲା ଏକ ନାମହୀନ ଜନପଦର ଅଖ୍ୟାତ ଅଜ୍ଞାତ କୋଣରେ କେଉଁ ଏକ ସାମାନ୍ୟ ପରିଚ୍ଛନ୍ନ, ଶୁଭ୍ର ଅଙ୍ଗନ। ମାତ୍ର ବୌଦ୍ଧଧର୍ମର ଶୁଦ୍ଧ ସନ୍ନ୍ୟାସୀ 'ଉପକ'ର ହୃଦୟ କୁ ମଧୁମତ୍ତା ନିଜର ମୋହ ମାଧୁର୍ଯ୍ୟ ଆକର୍ଷିତ କଲାପରେ ସେ ଅନୁଭବ କରିଛି ଏ ଶୀଳତା, ସଂଯମତା, ନୀତି ସବୁ ଅଳୀକ ଓ ବ୍ୟର୍ଥ। ଏହା ଅନୁଭବ କରି ମଧୁମତ୍ତାର ଯୌବନୋଦ୍ଧତ ଦେହ ବଲ୍ଲରୀ ଆଲିଙ୍ଗନରେ ଜୀବନର ସତ୍ୟତା ଅନୁଭବ କରିବାର ବ୍ୟଗ୍ର ହୋଇପଡିଛି। ସନ୍ନ୍ୟାସୀର ଶୁଦ୍ଧ ପୁଣ୍ୟ ଜୀବନଯାପନ ମଧ୍ୟରେ ଦେହ ଓ ଦାହର ଏ ତୀବ୍ର ସଂଘାତ ଉପକକୁ ଜଣେ ସ୍ଖଳିତ ଭିକ୍ଷୁ ବୋଲି ଯେତିକି ସାବ୍ୟସ୍ତ କରିନାହିଁ, ତା'ର ଚିତ୍ତ ଚାଞ୍ଚଲ୍ୟ, ବେପଥୁ ଓ ଶିହରଣ ତାକୁ ଅଧିକ ଜୀବନ ଧର୍ମୀ କରିଛି।

## ପିତା ଓ ପୁତ୍ର:-

'ପିତା ଓ ପୁତ୍ର 'ଗଳ୍ପଟି ତାଙ୍କର ରଚିତ ଗଳ୍ପ ମାନଙ୍କ ମଧ୍ୟରେ ଚର୍ଚ୍ଚିତଗଳ୍ପ। ପିତୃତ୍ୱ ପ୍ରଦାନ କରୁଥିବା ପୁତ୍ରକୁ ହତ୍ୟା କରିବା ପାଇଁ ପିତା ଯଦି ଚେଷ୍ଟିତ ହୁଏ, ତାହାହେଲେ ସମାଜର

ISSN NO.
2582-208X

ପ୍ରତି ବ୍ୟକ୍ତି ଉପଲବ୍ଧି କରିବା ଦରକାର ଏହା ବ୍ୟକ୍ତି ସ୍ୱାର୍ଥ ସହିତ ଆଦୌ ଜଡିତ ନୁହେଁ। ଏଭଳି ପରିକଳ୍ପନା ଟିଏ ଆସିବା ମାତ୍ରକେ ହୃଦୟରେ ଯେଉଁ ଆଲୋଡନ ସୃଷ୍ଟି ହୋଇଥିବ, ଏହା କେବଳ ତାଙ୍କ ଅସହାୟତା ର ଚିତ୍ର।

ଏହି ଗଳ୍ପଟିରେ ବୌଦ୍ଧ ଧର୍ମୀୟ ଦର୍ଶନ, ଆଦର୍ଶ ର ବ୍ୟାଖ୍ୟା ନାହିଁ। ମଗଧ ରାଜା ଅଜାତଶତ୍ରୁ ଙ୍କର ପୁତ୍ର 'ଉଦାୟୀ' ଓ ତାଙ୍କର ପରବର୍ତ୍ତୀ ତିନି ଜଣ ପିତୃହନ୍ତା ଥିଲେ। ପ୍ରଜାମାନେ ଏଥିରେ ଉତ୍ତେଜିତ ହୋଇ କାଶୀ ରାଜା ଶିଶୁ ନାଗଙ୍କୁ ମଗଧର ସିଂହାସନରେ ଅଭିଷିକ୍ତ କରାଇଥିଲେ। ଇତିହାସର ଚିରାଚରିତ ସତ୍ୟ ଘଟଣାକୁ ଆଧାର କରି ଗଳ୍ପ ରଚିତ। ସ୍ରଷ୍ଟା ଯେତେ ନିଷ୍ଠୁର ନିର୍ମମ ନିଷ୍କରୁଣ ହେଲେ ସୁଦ୍ଧା ନିଜ ସୃଷ୍ଟି ନିକଟରେ ସେ ସର୍ବଦା ଅସହାୟ, କ୍ଷମା ସ୍ନିଗ୍ଧ ଓ କରୁଣାମୟ; କିନ୍ତୁ ପିତୃତ୍ୱର ଅନୁଭବ ନହେବା ଯାଏ ସ୍ରଷ୍ଟାର ଏ ଅମୃତ ମୟ ଉପଲବ୍ଧି ଆସେ ନାହିଁ । ଏହି ଗଳ୍ପରେ ସେହି ଚିତ୍ର ବିମ୍ବିସାର ଓ ଅଜାତଶତ୍ରୁ ମାଧ୍ୟମରେ ଦିଆଯାଇଛି। ପିତୃହନ୍ତା ହେବାର ଆଶଙ୍କା କରି ପିତା ବିମ୍ବିସାର ପୁତ୍ର ଅଜାତଶତ୍ରୁକୁ ଗର୍ଭରେ ଥିଲାବେଳେ ହତ୍ୟା କରିବା ପାଇଁ ଯୋଜନା ପ୍ରସ୍ତୁତ କରୁଥିଲେ। ଜନଶ୍ରୁତି ର ଏହି ସଂବାଦ ପାଇ ତାଙ୍କୁ ଅନାହାରରେ ହତ୍ୟା କରିବା ପାଇଁ ପୂତିଗନ୍ଧ ମୟ କାରାଗାରେ ନିକ୍ଷେପ କରିଛନ୍ତି।ମାତ୍ର ଯେତେ ବେଳେ ନିଜେ ସେ ପିତୃତ୍ୱର ଅଧିକାରୀ ହେଲେ ପିତୃତ୍ୱ ହୃଦୟର ବିଶାଳତା ଓ ମହାନତାକୁ ଉପଲବ୍ଧି କରି, ନିଜର ପିତାଙ୍କ ଠାରୁ କ୍ଷମା ପ୍ରାର୍ଥନା କରିବା ପାଇଁ କାରାଗାର କୁ ଧାବମାନ କଲେ। କିନ୍ତୁ ବିଧିର ବିଡମ୍ବନା, ସେତେବେଳକୁ କ୍ଷୁଧା ଓ ତୃଷ୍ଣାରେ ପିତା ବିମ୍ବିସାର କାରାଗାରରେ ପ୍ରାଣତ୍ୟାଗ କରିସାରିଛନ୍ତି। ଅଜାତ ଶତ୍ରୁଙ୍କ ଗର୍ବ ଓ ଅହଂକାର କ୍ଷଣକ ମଧ୍ୟରେ ଦଗ୍ଧିଭୂତ ହୋଇଗଲା।

## ମହାନିର୍ବାଣ:-

'ମହାନିର୍ବାଣ' ଗଳ୍ପରେ ବୌଦ୍ଧ ଭିକ୍ଷୁକ ନୀଳୋତ୍ପଳ ଶତ ସାଧନା, ସଂଯମତା ମଧ୍ୟରେ ନିର୍ବାଣ ବା ଅନ୍ତରାତ୍ମା ପାଇବା ପାଇ ଶତ ଚେଷ୍ଟା କରିଥିଲେ ହେଁ ଏହାକୁ ସେ ମଧୁବ୍ରତାର ସାନିଧ୍ୟରେ ପ୍ରାପ୍ତ କରିଛି । ପ୍ରବୃତ୍ତି ଓ ନିବୃତ୍ତି ମଧ୍ୟରେ ଏ ଯେଉଁ ଆତ୍ମ ସଂଘର୍ଷ ଏହି ଗଳ୍ପରେ ଘଟିଛି, ସେଥିରେ ପ୍ରବୃତ୍ତି ବିଜୟ ଲାଭ କରିଛି। ନିର୍ବାଣ ଅପେକ୍ଷା ଜୀବନ ଏଠାରେ କାମ୍ୟ ହୋଇଉଠିଛି। କିନ୍ତୁ ଏହାଦ୍ୱାରା ନୀଳୋତ୍ପଳ ବୌଦ୍ଧଧର୍ମ ଦର୍ଶନ ରୁ ବିଚ୍ୟୁତ

ISSN NO.
2582-208X

ହୋଇ ବ୍ରହ୍ମଦଣ୍ଡ ଭୋଗ କରିଛି। ଜୀବନର କ୍ଷଣ ଭଙ୍ଗୁରତା ଉପଲବ୍ଧି ପାଇଁ ଘୋର ଶ୍ମଶାନରେ ଅଶୁଭ ଭାବନା ଅଭ୍ୟାସ କରିବାକୁ ହୁଏ। ନୀଳୋତ୍ପଳ ଏହି ଅଶୁଭ ଭାବନାରେ ସିଦ୍ଧତା ହାସଲ କରିବା ପରେ ମଧ୍ୟ ମଧୁବ୍ରତାର ଉଲଗ୍ନ ଶବ ପିଣ୍ଡ କୁ ଚୁମ୍ବନ କରି ନିଜର ସମସ୍ତ ଶୀଳତା ଓ ସଂଯମତାକୁ ପୁନର୍ବାର ଚୂର୍ଣ୍ଣୀଭୂତ କରିଛି। ନିର୍ବାଣର ମହାସୁଖକୁ ଅସ୍ୱୀକାର କରି ଜୀବନର କ୍ଷଣ ଭଙ୍ଗୁରତା ମଧ୍ୟରେ ଅମୃତର ସନ୍ଧାନ କରିଛି। ଶ୍ରୀ ମହାନ୍ତିଙ୍କ ଜୀବନ ଦର୍ଶନ ସଂବନ୍ଧୀୟ ତତ୍ତ୍ୱ ଏହି ଗଳ୍ପର ମାର୍ମିକ ଅଭିଲେଖ।

ଗଳ୍ପ ଓ ଚରିତ୍ର ଚିତ୍ରଣରେ ଶ୍ରୀଯୁକ୍ତ ମହାନ୍ତି ଜଣେ ସଫଳ ଚିତ୍ରକର, ଏହା ନିଃସନ୍ଦେହରେ ବ୍ୟକ୍ତ କରାଯାଇପାରେ। କେତେକ ଗଳ୍ପରେ ବୌଦ୍ଧ ଧର୍ମୀୟ ଦର୍ଶନକୁ ପୁଙ୍ଖାନୁପୁଙ୍ଖ ବିଶ୍ଳେଷଣ କରି ନିର୍ବାଣ ତତ୍ତ୍ୱର ପ୍ରଚାର କରିଛନ୍ତି ତ ଆଉ କେଉଁଠି ନିଜର ଜୀବନ ବାଦୀ ଦର୍ଶନ ତତ୍ତ୍ୱ କୁ ଆଧାର କରି ପ୍ରବୃତ୍ତି ମାଧ୍ୟମରେ ମହାସୁଖ ଲାଭ କରିହେବ, ଏଥିପାଇଁ ଯେ ମୋହ ଗ୍ରସ୍ତ ଜୀବନ ଠାରୁ ଦୂରରେ ରହି ସଂଯମ ମଣ୍ଡିତ ହୋଇ ଶୀଳତାକୁ ଆଚରଣ କରି ସନ୍ନ୍ୟାସୀ ହେବାର କୌଣସି ଆବଶ୍ୟକତା ନାହିଁ । ଏହା ଏକ ବୃଥା ଅସ୍ଖଳନ। ଜୀବନ ଜଞ୍ଜାଳ ଭିତରେ ମଧ୍ୟ ଦର୍ଶନ ତତ୍ତ୍ୱ ଉପଲବ୍ଧି କରାଯାଇପାରେ। ଏହି ଦ୍ୱନ୍ଦ ସଂଘାତ ମଧ୍ୟରେ ତାଙ୍କ ଗଳ୍ପ ହୋଇଉଠିଛି ପାଠକ ପ୍ରାଣର ଅନୁଭବସିଦ୍ଧ। ତାଙ୍କ ଚରିତ୍ର ଗୁଡ଼ିକ ସାଧନା ମଣ୍ଡିତ ଜୀବନ ଭିତରେ ଯେତିକି ମର୍ଯ୍ୟାଦା ବନ୍ତ ଓ ଗୁରୁ ଗମ୍ଭୀର, ତା'ଠାରୁ ଅଧିକ ଚରିତ୍ର ଚିତ୍ରଣ ରମଣୀୟ ହୋଇଛି ସ୍ଖଳନ ଓ ପାପାଚାର ମଧ୍ୟରେ। ଜୀବନ ହିଁ ତାଙ୍କର କାମ୍ୟ, ନିର୍ବାଣ ନୁହେଁ; ଏହି ତତ୍ତ୍ୱ କୁ ଶ୍ରୀଯୁକ୍ତ ମହାନ୍ତି ନିଜ ଚରିତ୍ର ମୁଖରେ ସଫଳ ଭାବରେ ଉଦ୍ ଘୋଷଣା କରିଛନ୍ତି।

ସହାୟକ ଗ୍ରନ୍ଥସୂଚୀ:

ସୁରେନ୍ଦ୍ର ମହାନ୍ତଙ୍କ କଥା କୋଣାର୍କ -ମହାନ୍ତ, ବାସନ୍ତୀ
ଓଡ଼ିଆ ଗଳ୍ପର ଉନ୍ମେଷ ଓ ଉତ୍ତରଣ -ସାମଲ,ବୈଷ୍ଣବ ଚରଣ

ସ୍ଥାନ: ବଳରାମପୁର, କୁଜଙ୍ଗ
ଯୋଗାଯୋଗ:୮୪୫୫୦୪୨୧୮୨

ISSN NO.
2582-208X

# ତୁମେ ଏକ କବିତା



କେଶରୀ ପ୍ରସାଦ ମହାନ୍ତ

ତୁମେ.....!
ମୋ ଭାବନା ର ଆଧାର
ମୋ ପ୍ରେରଣା ର ପାରାବାର
ମୋ ଅସରନ୍ତି ପ୍ରଶ୍ନ ର ଉତ୍ତର
ମୋ କାବ୍ୟ କବିତା ର ଅଳଙ୍କାର.....

ଜାଣିନି କାହିଁକି ?
ମୋ ଜଟିଳ ଚିନ୍ତା ପାଣିପାଠି ଯାଏ
ତମ ର ସେ କେଇ ପଦ ମିଠା ହସ ରେ.......
ସମସ୍ୟା ର ସ୍ତୁପ ଟା ଧୂଳିସାତ ହୋଇଯାଏ
ତମ ର ସେ "କେମିତି ଅଛ ?" ପ୍ରଶ୍ନ ରେ.....

ତମ ର ସେ ସ୍ମିତହାସ୍ୟ କଥା
ମୋ ନିରାଶ ମନ କୁ କରେ ପ୍ରଫୁଲ୍ଲିତ
ମନ ରେ ଆଣିଦିଏ ଅମାପ ସାହସ
ପ୍ରତିକ୍ଷଣେ କରେ ମୋତେ ଉଦ୍ଜୀବିତ......

କେବେ କେବେ ଅନୁଭବ ହୁଏ
ତମେ ମୋ ଠୁ ମୋତେ ଅଧିକ ଜାଣିଛ
ମୋ ପ୍ରେରଣା ର ଉତ୍ସ ସାଜିଛ

ISSN NO.
2582-208X

ମୋ ଭିତରେ କବିତ୍ୱ କୁ ସର୍ଜିଛ......

ତମ ସହ ମୁ ବାଣ୍ଟି ପାରେ
ଭାଗ ବି କରିପାରେ
ମୋ ଆଶା, ଆକାଂକ୍ଷା ଓ ସଫଳତା କୁ
କେଜାଣେ କାହିଁକି ବିନା ଦ୍ୱିଧା ରେ.......

ତୁମ ଉଚ୍ଚମନା ଚିନ୍ତାଧାରା
ମୋତେ ପ୍ରତିକ୍ଷଣେ ସାହସ ଦିଏ
ସବୁ ସମୟ ରେ ସହାୟ ହୁଏ
ମୋ ଲକ୍ଷକୁ ସ୍ଥିରୀଭୂତ କରାଏ.......

ତୁମର ସରଳତା
ତୁମ ଉଦାରତା
ତୁମ ଉଚ୍ଚ ଆଶା
ମୋ ମାନେ ଭାରିଛି ଅନୁସନ୍ଧିତ୍ସା
ତୁମେ ନିଜେ ଏକ ପ୍ରେରଣାଦାୟୀ କବିତା
ସେଥିପାଇଁ ତମକୁ ସଜାଇଛି ଏ କବିତା ର ନାୟିକା..........

ରିସର୍ଚ୍ଚ ସ୍କୋଲାର, ଉଦ୍ଭିଦ ବିଜ୍ଞାନ ବିଭାଗ
ରେଭେନ୍ସା ବିଶ୍ୱବିଦ୍ୟାଳୟ, କଟକ

ISSN NO.
2582-208X

# ଲୋହିତ ଗ୍ରହର ଗୁମର କଥା



କ୍ୟାପଟେନ ଅକ୍ଷୟ କୁମାର ଦାଶ

ମାନବ ଇତିହାସର ଅଧିକାଂଶ ସମୟ ପୃଥିବୀକୁ ବ୍ରହ୍ମାଣ୍ଡର କେନ୍ଦ୍ର ଭାବେ ବିବେଚିତ କରାଯାଇଛି। ପୁରାତନ ସମୟରେ ସାଧାରଣ ମଣିଷମାନେ ସୂର୍ଯ୍ୟ, ଚନ୍ଦ୍ର ଓ ତାରାମାନଙ୍କୁ ପୃଥିବୀ ଚାରିପାଖେ ଘୂରୁଥିବାର ଦେଖି ଏପରି ଅନୁମାନ କରୁଥିଲେ । ମଧ୍ୟଯୁଗରେ ପ୍ରମାଣିତ ହେଲା ଯେ ପୃଥିବୀ ବ୍ରହ୍ମାଣ୍ଡର କେନ୍ଦ୍ରରେ ନାହିଁ। ଆଭ୍ୟନ୍ତରୀଣ ସୌରମଣ୍ଡଳର ଗ୍ରହ ଗୁଡ଼ିକ ସାଧାରଣତଃ କଠିନ, ଅଧିକାଂଶ ଧାତବ ଓ ବାୟୁମଣ୍ଡଳ ଧାରଣ କରନ୍ତି। ବାୟୁମଣ୍ଡଳର ଉପସ୍ଥିତି ଯୋଗୁ ପାଣିପାଗ ସୃଷ୍ଟି ହେବା ସ୍ୱାଭାବିକ। କଠିନ ଭୂତ୍ୱକ୍ ଯୋଗୁ ଭୂତ୍ୱକ୍ ଚଳନ ଓ ଆଗ୍ନେୟ ଉଦଗୀରଣ ଏହି ଗ୍ରହମାନଙ୍କରେ ଦେଖାଯାଏ। ଆଭ୍ୟନ୍ତରୀଣ ଗ୍ରହମାନଙ୍କର ବଳୟ ନାହିଁ। ସୂର୍ଯ୍ୟ ଏବଂ ଏହା ଅନ୍ତର୍ଗତ ୮ଟି ଗ୍ରହ, ନକ୍ଷତ୍ର, ଗ୍ରହାଣୁପୁଞ୍ଜ ଇତ୍ୟାଦିଙ୍କୁ ନେଇ ସୌରଜଗତ ଗଠିତ । ୮ଟି ଗ୍ରହ ଯଥା ବୁଧ, ଶୁକ୍ର, ପୃଥିବୀ, ମଙ୍ଗଳ, ବୃହସ୍ପତି, ଶନି, ୟୁରେନସ୍ ଓ ନେପଚୁନ୍ ସୂର୍ଯ୍ୟକୁ ଅଣ୍ଡାକାର ପଥରେ ପରିକ୍ରମା କରନ୍ତି। ଆଗରୁ ଗ୍ରହ କୁହାଯାଉଥିବା ପ୍ଲୁଟୋକୁ ଏବେ ଗ୍ରହ ମାନ୍ୟତାରୁ ବାହାର କରି ବାମନ ଗ୍ରହ କୁହାଯାଉଛି। ସୂର୍ଯ୍ୟଙ୍କ ନିକଟତମ ୪ଟି ଗ୍ରହ ଯଥା ବୁଧ, ଶୁକ୍ର, ପୃଥିବୀ ଓ ମଙ୍ଗଳ ମୁଖ୍ୟତଃ କଠିନ ହୋଇଥିବା ସ୍ଥଳେ ସୂର୍ଯ୍ୟଠାରୁ ଦୂରରେ ଥିବା ୪ଟି ଗ୍ରହ ବୃହସ୍ପତି, ଶନି, ୟୁରେନସ୍ ଓ ନେପଚୁନ୍ ଦାନବ ଗ୍ରହ ମଧ୍ୟ କୁହାଯାଏ। ବୃହସ୍ପତି ଓ ଶନି ମୁଖ୍ୟତଃ ଗ୍ୟାସୀୟ ହୋଇଥିବା ବେଳେ ୟୁରେନସ୍ ଓ ନେପଚୁନ୍ ଅତି ମାତ୍ରାରେ ଥଣ୍ଡା ଓ ବରଫାବୃତ ଅଟନ୍ତି। ଏ ସମସ୍ତ ଗ୍ରହର ବଳୟ ଅଛି, ଯଦିଓ ଶନିର ବଳୟ ସୁଦୃଶ୍ୟ ଅଟେ। ସୂର୍ଯ୍ୟଙ୍କୁ ପରିକ୍ରମା କରୁଥିବା ସମସ୍ତ ବସ୍ତୁତ୍ୱର ୯୯% ଏହି ଚାରିଟି ଗ୍ରହ ଧାରଣ କରନ୍ତି। ମଙ୍ଗଳ ଗ୍ରହକୁ ଲୋହିତ ଗ୍ରହ ମଧ୍ୟ କୁହାଯାଏ। ଦୂରତା କ୍ରମରେ ସୂର୍ଯ୍ୟଠାରୁ ଏହା ଚତୁର୍ଥ ଗ୍ରହ । ପୃଥିବୀ କକ୍ଷପଥ ବାହାରେ ଏହା ପ୍ରଥମ ସୌରଗ୍ରହ । ଏହାର ପୃଷ୍ଠଦେଶ ଲାଲ ରଙ୍ଗର ପଥର ଓ ବାଲିରେ ଗଠିତ । ବାୟୁମଣ୍ଡଳ ପତଳା କାର୍ବନ୍ ଡାଇଅକ୍ସାଇଡ୍(CO2)ରେ

ISSN NO.
2582-208X

ପରିପୂର୍ଣ୍ଣ । ରାତି ଆକାଶରେ ଆମକୁ ଏହାର ରଙ୍ଗ ଲାଲ୍ ଦେଖାଯାଏ । ମଙ୍ଗଳ ପୃଷ୍ଠରେ ଥିବା ଲୌହ ଅକ୍ସାଇଡ ରଙ୍ଗ ଯୋଗୁଁ ଏହା ଲାଲ୍ ରଙ୍ଗର ଦେଖାଯାଏ । ଦିନବେଳା ଆକାଶରେ ସୂର୍ଯ୍ୟ ଏବଂ ବଉଦ ବ୍ୟତୀତ ଆଉ କିଛି ଦେଖାଯାଏ ନାହିଁ । କିନ୍ତୁ ରାତ୍ରି ଆକାଶରେ ଅନେକ ତାରା ଆକାଶରେ ଝଲସି ଉଠୁଥିବା ଦୃଶ୍ୟମାନ ହୁଏ । ଆମ ପୃଥିବୀର ନିକଟତମ ତାରା ହେଉଛି ସୂର୍ଯ୍ୟ

ବୈଜ୍ଞାନିକ ମତ ଅନୁସାରେ ପ୍ରାୟ ୪.୫ ବିଲିୟନ ବର୍ଷ ପୂର୍ବେ ଯେତେବେଳେ ସୌରଜଗତ ସୃଷ୍ଟି ହୋଇଥିଲା ସେତେବେଳେ ଏହା ଧୂଳି ଏବଂ ଗ୍ୟାସରେ ପରିପୂର୍ଣ୍ଣ ଥିଲା। ଯେଉଁଥିରେ ଲୌହ ପରି ଭାରୀ ଉପାଦାନ ମଧ୍ୟ ଗଚ୍ଛିତ ଥିଲା । ମାଧ୍ୟାକର୍ଷଣ ବଳ ହେତୁ ପୃଥିବୀ ଅଧିକାଂଶ ଲୌହକୁ ନିଜ ଆଡକୁ ଆକର୍ଷିତ କଲା ଏବଂ ଲୌହ ସମେତ ଅନ୍ୟାନ୍ୟ ଭାରୀ ଉପାଦାନ ଏହାର ମୂଳ ଅଂଶରେ ଅବଶୋଷିତ ହେଲା । ମଙ୍ଗଳ ଗ୍ରହରେ ମଧ୍ୟ ଲୌହ ରହିଛି କିନ୍ତୁ ହାଲୁକା ମାଧ୍ୟାକର୍ଷଣ ହେତୁ କିଛି ଲୌହ ଏହାର ଉପର ପୃଷ୍ଠରେ ମଧ୍ୟ ରହିଗଲା।

ପୃଥିବୀ ସଦୃଶ ଏହି ଗ୍ରହର ଅକ୍ଷ ୨୩.୫ ଡିଗ୍ରୀ କୋଣରେ ଢଳି କରି ରହିଛି। ଏହି ଗ୍ରହ ନିଜ ଅକ୍ଷ ଚାରିପଟେ ଥରେ ଘୂରି ଆସିବା ପାଇଁ ୨୪ ଘଣ୍ଟା ୩୯ ମିନିଟ୍ ୩୫ ସେକେଣ୍ଡ ସମୟ ନେଇଥାଏ, ଯାହା ପୃଥିବୀର ଦୈନିକ ଘୂର୍ଣ୍ଣନକାଳ ସଙ୍ଗେ ପ୍ରାୟ ସମାନ। ଫଳରେ ମଙ୍ଗଳରେ ପ୍ରତି ୧୨ ଘଣ୍ଟା ଅନ୍ତରାଳରେ ଦିନ ଓ ରାତିର ପରିବର୍ତ୍ତନ ଘଟିଥାଏ। ପୃଥିବୀ ଭଳି ମଙ୍ଗଳର ଦୁଇ ମେରୁରେ ପ୍ରଚୁର ଜଳ ବରଫ ଆକାରରେ ଗଚ୍ଛିତ ଅଛି। ମଙ୍ଗଳର ଦୁଇଟି ଛୋଟ ଚନ୍ଦ୍ର ରହିଛି ଯଥା ଡିମସ୍ ଓ ଫୋବସ୍। ଫୋବସ୍ ଆକାରରେ ବଡ଼; ଏହାର ବିସ୍ତୃତି ଅତିବେଶିରେ ୨୭ କିଲୋମିଟର ଏବଂ ଏହା ଗ୍ରହଠାରୁ ୫୯୮୯ କି.ମି. ଊର୍ଦ୍ଧ୍ୱରେ ରହି ଗ୍ରହକୁ ପରିକ୍ରମା କରିଥାଏ। ମଙ୍ଗଳ ଚାରିପଟେ ଥରେ ପରିକ୍ରମା କରିବା ପାଇଁ ଫୋବସ୍‌କୁ ୭ ଘଣ୍ଟା ୩୯ ମିନିଟ୍ ସମୟ ଲାଗିଥାଏ। ସେହିପରି ଡିମସ୍‌ର ସର୍ବାଧିକ ବିସ୍ତୃତି ୧୫ କି.ମି. ଏବଂ ଏହା ଗ୍ରହଠାରୁ ୨୩,୪୬୦ କି.ମି. ଊର୍ଦ୍ଧ୍ୱରେ ରହି ଗ୍ରହକୁ ପ୍ରତି ୩୦ ଘଣ୍ଟାରେ ଥରେ ପରିକ୍ରମା କରିଥାଏ।

ମଙ୍ଗଳଯାନ-୧, ମଙ୍ଗଳ ଗ୍ରହ ଅଭିମୁଖେ ଭାରତର ପ୍ରଥମ ଅଭିଯାନ । ୨୦୧୩ ମସିହା ନଭେମ୍ବର ୫ ତାରିଖ ଅପରାହ୍ନ ୨ଟା ୩୮ ମିନିଟରେ ଶ୍ରୀହରିକୋଟାର ସତୀଶ ଧବନ ମହାକାଶ କେନ୍ଦ୍ରରୁ ପିଏସଏଲଭି-ସି ୨୫ ଦ୍ୱାରା ଏହି ଯାନର ପ୍ରକ୍ଷେପଣ କରାଯାଇଥିଲା । ପୃଥିବୀ କକ୍ଷପଥରେ ପାଖାପାଖି ଏକ ମାସ ସମୟ ଅତିବାହିତ କଲାପରେ ୩୦ ନଭେମ୍ବର

ISSN NO.
2582-208X

୨୦୧୩ରେ ଏହି ଯାନ ମଙ୍ଗଳ ଅଭିମୁଖେ ଯାତ୍ରା ଆରମ୍ଭ କରିଥିଲା । ଦୀର୍ଘ ୨୯୮ ଦିନର ଯାତ୍ରା ପରେ ୨୪ ସେପ୍ଟେମ୍ବର ୨୦୧୪ରେ ସଫଳତାର ସହ ମଙ୍ଗଳ ଗ୍ରହର କକ୍ଷପଥରେ ଅନୁପ୍ରବେଶ କରି ମଙ୍ଗଳଯାନ ଆନ୍ତର୍ଗ୍ରହ ମହାକାଶ ଯାତ୍ରା ଇତିହାସରେ ପ୍ରଥମ ପ୍ରଚେଷ୍ଟାରେ ସଫଳ ହୋଇଥିବା ପ୍ରଥମ ଅଭିଯାନର ଖ୍ୟାତି ଲାଭ କଲା । ଆନ୍ତର୍ଗ୍ରହ ମହାକାଶ ଯାତ୍ରାର ଯୋଜନା ଓ ପରିଚାଳନା ପାଇଁ ସ୍ୱଦେଶୀ ବୈଷୟିକ ଜ୍ଞାନ-କୌଶଳର ବିକାଶ କରାଇବା ଏହାର ଉଦ୍ଦେଶ୍ୟ ଥିଲା ।

ମିଥେନ ଓ ଅଙ୍ଗାରକାମ୍ଳ ସମେତ ମଙ୍ଗଳ ଗ୍ରହର ବାୟୁମଣ୍ଡଳର ଅନୁଧ୍ୟାନ କରାଯାଇଥିଲା। ଆଜି ପର୍ଯ୍ୟନ୍ତ ମନୁଷ୍ୟ ମଙ୍ଗଳ ଗ୍ରହକୁ ସମୁଦାୟ ୧୮ଟି ଅନ୍ତରୀକ୍ଷ ଅଭିଯାନ ପ୍ରେରଣ କରିଛି, ଯାହାମଧ୍ୟରୁ କେବଳ ୯ଟି ଅଭିଯାନ ସୁରକ୍ଷିତ ରୂପେ ଗ୍ରହର ପୃଷ୍ଠ ଉପରେ ଅବତରଣ କରିଛି। ଆଗାମୀ ୨୦୩୦ ମସିହା ସୁଦ୍ଧା ଆମେରିକୀୟ ଅନ୍ତରୀକ୍ଷ ସଂସ୍ଥା (ନାସା) ମଙ୍ଗଳକୁ ଏକ ମାନବସ୍ଥିତ ଅଭିଯାନ ପ୍ରେରଣ କରିବା ପାଇଁ ଆଶା ବାନ୍ଧିଛି। ନାସାର ଏହି ଉଦ୍ୟମ ସଫଳ ହେଲେ ଆଗାମୀ ୨୦୩୦ରୁ ୨୦୪୦ ମସିହା ମଧ୍ୟରେ ପୃଥିବୀର ପ୍ରଥମ ମନୁଷ୍ୟ ମଙ୍ଗଳ ପୃଷ୍ଠରେ ପଦାର୍ପଣ କରିବ ବୋଲି ଆଶା କରାଯାଏ। ଲୋହିତ ଗ୍ରହ ମଙ୍ଗଳ ସମ୍ପର୍କରେ ଅଧିକ ଗବେଷଣା ପାଇଁ ସମସ୍ତ ପ୍ରସ୍ତୁତ ପଥରେ ଇସ୍ରୋର ମିଶନ ମଙ୍ଗଳୟାନ ଦ୍ୱିତୀୟ । ଏହି ଅଭିଯାନର ସବୁଠୁ ଗୁରୁତ୍ୱପୂର୍ଣ୍ଣ ଅଂଶବିଶେଷ ହେଉଛି ଯେ, ଏଥିରେ ଏକ ରୋଭର ଓ ଅନ୍ୟ ଏକ ହେଲିକପଟରକୁ ସାମିଲ କରାଯିବ। ମଙ୍ଗଳ ଗ୍ରହରେ ଯୋଜନାରେ ଅନୁସାରେ ରୋଭରର ନିର୍ଦ୍ଧାରିତ ଲାଣ୍ଡି ପାଇଁ ପୂର୍ବରୁ ନାସା ଦ୍ୱାରା ସଫଳ ଭାବେ ପ୍ରୟୋଗ ହୋଇଥିବା ସୁପରସୋନିକ ପାରାଚ୍ୟୁଟ୍ ଓ ସ୍କାଇ କ୍ରେନ୍ ବ୍ୟବସ୍ଥାକୁ ଆପଣାଯିବ । ଭାରତର ମଙ୍ଗଳ ଅଭିଯାନକୁ ସଫଳ କରିବା ଲାଗି LVM3 ଯାନର ବ୍ୟବହାର କରାଯିବ। ଯାହାକୁ ସ୍ୱତନ୍ତ୍ର ଭାବେ ମଙ୍ଗଳ ଅଭିଯାନ ଲାଗି ପ୍ରସ୍ତୁତ କରାଯାଇଛି। ଭାରତର ଏହି ମହତ୍ୱାକାଂକ୍ଷୀ ମଙ୍ଗଳ ଅଭିଯାନ ଲାଗି ଆହୁରି ଅନ୍ୟାନ୍ୟ ଅନେକ ସ୍ୱତନ୍ତ୍ର ବୈଜ୍ଞାନକି ଭିତ୍ତିଭୂମି, ପଦ୍ଧତି, କୌଶଳ ସମ୍ପର୍କରେ ଇସ୍ରୋ ସୂଚନା ଦେଇଛି। ଆଗକୁ ମଙ୍ଗଳ ଗ୍ରହ ସମ୍ପର୍କରେ ଆହୁରି କିଛି ରହସ୍ୟମୟ ତଥ୍ୟ ପଦାକୁ ଆସିବ ବୋଲି ଆଶା କରାଯାଉଛି ।

ଅଧ୍ୟାପକ ପଦାର୍ଥ ବିଜ୍ଞାନ ବିଭାଗ
ଷ୍ଟୁଆର୍ଟ ବିଜ୍ଞାନ ମହାବିଦ୍ୟାଳୟ
କଟକ -୭୦୦୮୨୪୧୫୮୮

ISSN NO.
2582-208X

# ସୂର୍ଯ୍ୟୋଦୟ



ସୀତାକାନ୍ତ ତୁମୁନଆଁ

ସମସ୍ତଙ୍କ ପାଇଁ ସମାନ ନୁହଁଇ,
ଏଇ ସକାଳର ସୂର୍ଯ୍ୟୋଦୟ,
କାହା ପାଇ ଏହା ସୁଖମୟ ତ,
କାହାପାଇ ବିଷାଦମୟ ।।

ନବୀନ ଆଲୋକ ଆଣେ ପୁଣି,
କେତେ ଯେ ନୂଆ ଭାବନା,
ଆଜି ଯାହା ପୂରଣ ନୁହଁଇ,
କାଲିକି ପୂରଣ ହେବ ସିନା ।।

ଛାତ୍ର ପାଇଁ ଆଣେ ସୂର୍ଯ୍ୟୋଦୟ ଏଇ,
କେତେ ଯେ ସୁଯୋଗ ନୂତନ,
ହରଷବଦନେ ପରିଶ୍ରମ କଲେ,
ରଖା ଅଛି ଆଗେ କେତେ ସୁଖ କେତେ ସମ୍ମାନ ।।

ଅନ୍ଧାରମୟ ଆଜି ଗରିବର ଘର,
ଖାଇବାକୁ ନାହିଁ ଦୁଇଅଳି,
କହିକି ହେବ ସୂର୍ଯ୍ୟୋଦୟ ଏଇ,
ଆଲୋକେ ଭରିବ କାଲି ।।

ISSN NO.
2582-208X

ହା ହତାଶେ ଦୌଡି ଦୌଡି,
ଗୋଡ ହାତ ବଥେ ଆଜି,
କହିକି ହେବ କାଲି ସୂର୍ଯ୍ୟୋଦୟେ,
କୋମଳ ସୁସୁମାରେ ଯିବ ଭରି ।।

ହତାଶାଙ୍କ ପାଇଁ ସୂର୍ଯ୍ୟୋଦୟ ଆଣେ,
କେତେ ଯେ ନୂତନ ଆଶା,
କୋଠର ସାଧନେ ଫଳଫଳିଥାଏ,
ଆଗେ ଦିଏ କେତେ ଦୁରଦଶା।

ଅନ୍ତର୍ଲା, ଦେଓଗାଁ, ବଲାଙ୍ଗୀର

ISSN NO.
2582-208X

# କଲମ ମୁନ



ତପସ୍ୱିନୀ କସାନ

କଲମ!
ତତେ ମୁଁ ହାତରେ ଧରି
କିଛି ଲେଖିବି ବୋଲି ଭାବେ,
ଭାବନା ରାଇଜେ ବୁଲିବାଲି ଆସି
ଲେଖିଲା ବେଳକୁ ବିନ୍ଦୁ।
କେତେ ରଥି ମହାରଥୀ
ତୋରି ସାହାଯ୍ୟେ ରଖିଯାଇଛନ୍ତି ଯଶ।
ସେହି ଲେଖା ପଢି ଆଜିର ପାଠକେ
ମନେ ଭାଳୁଛନ୍ତି ଗୌରବ ରୋଷ।
କଲମ ତୋରି ପାଇଁ
ଭାଷାର ସୌନ୍ଦର୍ଯ୍ୟ ଆଙ୍କି ହେଉଛି।
ସମସ୍ତ ଭାଷାର ସାହିତ୍ୟକୁ
କଲମ ତାରି ମୁନରେ ଫର୍ଦଫର୍ଦ ଭାବେ ପରିପାଟୀ ଦେଇଛି।
କଲମ!
ତୋରି ମୁନରେ ଆମରି ପୂର୍ବପୁରୁଷ
ଓଡ଼ିଆ ଜାତିର ଲେଖିଯାଇଛନ୍ତି ଗୌରବ ଗାଥା।
ତୋର ବିନ୍ଦୁ ବିନ୍ଦୁସ୍ୟାହୀରେ ତିଆରି
ସିନ୍ଧୁ ସିନ୍ଧୁ ଲେଖା, ଗ୍ରନ୍ଥ ଓ ପୁସ୍ତକ।

ଓଡ଼ିଆ ଭାଷା-ସାହିତ୍ୟ ବିଭାଗ
ସ୍ନାତକୋତ୍ତର ୨ୟ ବର୍ଷ ଛାତ୍ରୀ
ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟ, ଭୁବନେଶ୍ୱର

ISSN NO.
2582-208X

# ଏଇତ ଜୀବନ

ତୃପ୍ତିମୟୀ ତ୍ରିପାଠୀ

ଜନମ ଓ ମୃତ୍ୟୁ ଜୀବନର ପରା
ଦୁଇଗୋଟି ମହାସତ୍ୟ
କୋଟି ପୁର୍ଣ୍ୟ ବଳେ ଧରଣୀ ବକ୍ଷରେ
ହୋଇଥାଏ ଆମ ଜାତ ।
ଜନ୍ମ ହେଲେ ଥରେ ମୃତ୍ୟୁ ତ ନିଶ୍ଚୟ
ବିଧିର ବିଧାନ ଇଏ
ଅମର ହୋଇ ରହି ନାହିଁ କେହି
ରହିବେ ନହିଁ ବି କିଏ ।
ଯେତେଦିନ ଯାଏଁ ବଞ୍ଚି ରହିଥିବା
କରିବା ଉତ୍ତମ କାର୍ଯ୍ୟ
ସୁଯୋଗ ପାଇଲେ ହେଳା କରିବାନି
କରିବାକୁ କା ସାହାଯ୍ୟ ।
କହିବା ସଭିଙ୍କୁ ମିଠା କଥା ପଦେ
ମୋହିନେବା ତାଙ୍କ ମନ
ଦୁଃଖୀଙ୍କ ମନରେ ହସ ଫୁଟାଇଲେ
ସାର୍ଥକ ହେବ ଜୀବନ ।
ଜୀବନ ଟା ଦୁଇ ଦିନର କୁଣିଆ
ଏଇ ଅଛି ଏଇ ନାଇଁ
ଆସିଗଲେ ମୃତ୍ୟୁ ଏ ମହି ମଣ୍ଡଳେ
ରଖି ପାରିବେନି କେହି ।

ISSN NO.
2582-208X

ମୋର ମୋର ବୋଲି ଘାଣ୍ଟି ହେଉଥିଲେ
ଲାଭ କିଛି ହେବ ନାହିଁ
ଗଲା ବେଳେ ନିଜ ସାଥିରେ କିଛି ବି
ନେଇଛି କି କିଏ ଭାଇ ।
ମନରେ ଭକତି ଈଶ୍ୱରଙ୍କ ପ୍ରତି
ରଖିଥିବା ଯେତେଦିନ
ସେ ଏକା ହେବ ତ ମହି ମଣ୍ଡଳର
ଅମୂଲ୍ୟ ସମ୍ପଦ ଜାଣ ।

ତୋଷଗ୍

ISSN NO.
2582-208X

# କ୍ଷମାର ମହତ୍ତ୍ୱ



ଡକ୍ଟର ଜ୍ୟୋତ୍ସ୍ନାରାଣୀ କର

କ୍ଷମା ଏକ ଦିବ୍ୟ ଗୁଣ। କ୍ଷମା କରି ଶିଖିବା ଜୀବନରେ ଅତ୍ୟନ୍ତ ଜରୁରୀ। ଯଦି କୌଣସି ବ୍ୟକ୍ତି ଆମ ମନରେ କଷ୍ଟ ଦେଇଛି, ତାହା ହେଲେ ମଧ୍ୟ ତାଙ୍କୁ କ୍ଷମା ଦିଆଯିବା ଉଚିତ୍ ।କାରଣ ଏହା ଦ୍ୱାରା ଆମ ମନରେ ଥିବା କ୍ରୋଧ ମନୋଭାବ ଦୂର ହୋଇ ମାନସିକ ସ୍ଥିରତା ସୃଷ୍ଟି ହୁଏ। ନିଜ ମଧ୍ୟରେ ଥିବା ସାହସିକ ମନୋବୃତ୍ତିକୁ ଏହା ବଢ଼େଇଥାଏ। ଯଦି କାହା ଉପରେ ମନୁଷ୍ୟ ରାଗ ରଖେ, ତେବେ ସେହି ବ୍ୟକ୍ତିର କଥା ମୁଣ୍ଡରେ ସବୁବେଳେ ଖେଳୁଥାଏ। ଯାହା ଦ୍ୱାରା ମାନସିକ ଶାନ୍ତି ଓ ଆମ ଭିତରେ କାମ କରିବାକୁ ଥିବା ସ୍ପୃହା ନଷ୍ଟ ହୋଇଯାଏ। ନନ୍ଦକିଶୋର ବଳଙ୍କର "ଶର୍ମିଷ୍ଠା" କାବ୍ୟରେ ଗୋଟିଏ ସୁନ୍ଦର ଉକ୍ତି ରହିଛି ।

କ୍ଷମା କଲେ ଝିଅ! କ୍ଷମା ତ ମିଳଇ
କ୍ଷମାର ନ ମିଳେ ଅନ୍ତ,
କ୍ଷମାର ଗ୍ରହିତା କ୍ଷମାଦାତା ଦୁହେଁ
ଏ ଭୁବନେ ଭାଗ୍ୟବନ୍ତ।

ବହୁତ ସମୟରେ ମନୁଷ୍ୟ ଗୋଟେ ଭ୍ରାନ୍ତ ଧାରଣାକୁ ଗ୍ରହଣ କରି ବିଶ୍ୱାସ କରି ରହିଥାଏ। ଯେଉଁ କଥା କହୁଛି ବା ବୁଝିଛି ସେ କଥା ଠିକ ଏପରି ଏକ ଚିନ୍ତାଧାରାକୁ ମନରେ ଧାରଣ କରି ନିଜର କାର୍ଯ୍ୟଧାରା ନିର୍ଦ୍ଧାରଣ କରିଥାଏ। କିନ୍ତୁ ପ୍ରକୃତରେ ଦେଖିବାକୁ ଗଲେ ବେଳେବେଳେ ଶକ୍ତିଶାଳୀ ମନେ ହେଉଥିବା କଥାର ଭିତ୍ତି କିଛି ନଥାଏ। ଲାଗୁଥାଏ

ISSN NO.
2582-208X

ସମସ୍ୟାଟି ବିଶାଳ ପାହାଡ଼ ପରି, ମାତ୍ର ଅତି ଅନାୟାସରେ ତାର ସମାଧାନ ଆମ ହାତ ପାଆନ୍ତାରେ ଥାଏ। ମଣିଷ ଯେତେଦିନ ପର୍ଯ୍ୟନ୍ତ ଗୋଟିଏ କଥାକୁ ଧରି ରଖିଥିବ, ସେ କଥା ତାହାକୁ ଆଘାତ ଦେଇ ଚାଲିଥିବ, ମୁଣ୍ଡ ଉପରେ ବୋଝ ବହନ କଲା ପରି ମନେ ହେଉଥିବ। ଯେଉଁଦିନ ସବୁ କଥାକୁ ପଛରେ ପକାଇ ସୁନେଲି ଭବିଷ୍ୟତର ମାର୍ଗରେ ଗତି କରିବାକୁ ଇଚ୍ଛା କରିବ, ସେ ଗୋଟେ ନୂତନ ଜୀବନର ଧାରାକୁ ଭେଟିବ। ବଦଳେଇ ପାରିବ ନିଜ ଜୀବନର ବର୍ଣ୍ଣବୋଧ। ଯେଉଁ କଥାଗୁଡିକ ଅତି କଷ୍ଟ ଦେଉଥାଏ, ତାର ସରଳ ସମାଧାନ ମଧ୍ୟ ମଣିଷ ପାଖରେ ରହିଥାଏ। କସ୍ତୁରୀ ସୁଗନ୍ଧରେ ଆହ୍ଲାଦିତ ହୋଇ କସ୍ତୁରୀମୃଗ ଯେପରି ଅନ୍ୟତ୍ର ସନ୍ଧାନ କରୁଥାଏ, ସେହିପରି ମଣିଷ ନିଜ ପାଖରେ ଥିବା ସାମର୍ଥ୍ୟ ସମ୍ବନ୍ଧରେ ସଚେତନ ହୋଇନଥାଏ। ଯେତେବେଳେ ସେ ନିଜ ଖୁସିର ଚାବିକାଠି ଅନ୍ୟମାନଙ୍କଠାରୁ ଆଣି ନିଜ ହାତରେ ରଖେ, ସେତେବେଳେ ସେ ପ୍ରକୃତ ଆନନ୍ଦ ଅନୁଭବ କରେ। ନିଜ ଭିତରେ ଲୁକ୍କାୟିତ ପ୍ରେରଣା ବିଷୟରେ ଅବଗତ ହୋଇଥାଏ। ଯଦି ମନୁଷ୍ୟ ନିଜର ମାନସିକ ଶାନ୍ତି ପାଇଁ ଅନ୍ୟ ଉପରେ ନିର୍ଭରଶୀଳ ହୁଏ, ତେବେ ସେ ଅନ୍ୟ ହାତର କ୍ରୀଡନକ ପାଲଟି ଯାଇଥାଏ। ସେ ପରିସ୍ଥିତିରେ ଯେତେବେଳେ ଯିଏ ଇଚ୍ଛା କଲେ ତାର ମାନସିକ ଅସ୍ଥିରତା ବଢେଇ ଦେଇଥାଏ। ତେଣୁ ସ୍ଥିର ରହିବା ଦ୍ୱାରା ମଣିଷ ଅନେକ ସମସ୍ୟାର ସମାଧାନ କରିପାରିଥାଏ। ଏହା ଫଳରେ ମନୁଷ୍ୟ ସ୍ଥିତପ୍ରଜ୍ଞ ସ୍ତରକୁ ଯିବାର ମାର୍ଗ ପାଇଥାଏ। ଯେଉଁ ପରିସ୍ଥିତିରେ ସୁଖଦୁଃଖ ତା ପାଇଁ ସବୁ ସମାନ। କେଉଁ କଥାରେ ସେ ପ୍ରଭାବିତ ହୋଇନଥାଏ। ଦିବ୍ୟ ଗୁଣ କ୍ଷମାକୁ ହୃଦୟରେ ଧାରଣ କଲେ, ମନୁଷ୍ୟ ଅନେକ ଯାତନାରୁ ବର୍ତ୍ତି ପାରିବ। ଏକ ସୁନ୍ଦର ସୁସ୍ଥ ଜୀବନଧାରଣ କରିବାରେ ସମର୍ଥ ହୋଇପାରିବ।

ସହକାରୀ ପ୍ରଫେସର, ଓଡିଆ ବିଭାଗ,
ମଡେଲ ଡିଗ୍ରୀ କଲେଜ, ନୟାଗଡ଼

ISSN NO.
2582-208X

# ମାନବିକତା



ସରସ୍ୱତୀ ରଥ (ସିପି)

ମାନବ ଜାତିର ଅମୂଲ୍ୟ ସମ୍ପତ୍ତି
ଅମର ସେ ସତ୍ତା
ଚିରସ୍ରୋତା ହୋଇ ମଧ୍ୟ
କେବେ ହୁଏ ଖରସ୍ରୋତା
ଇଏ ସେ ମାନବିକତା
ଉଭାନ ହେଲାକି ସତେ ଅଜ୍ଞାନର ସ୍ରୋତେ
ଅବା ବିଜ୍ଞାନର ସ୍ରୋତେ
ପୁତକୁ ଅସାର ପିତା
ଭଗିନୀ ଚାହେଁନି ଭ୍ରାତା
ଶିଷ୍ୟ ଜାଣେନି ଗୁରୁତା
ବନ୍ଧୁ ବି ବନ୍ଧୁର ସାଜେ ବିଶ୍ୱାସଘାତକ
ସ୍ୱାର୍ଥପରତା ର ଚିନ୍ତକ
ସବୁ ଅର୍ଥର କ୍ରୀଡନକ
ସଭିଏଁ ଚଲାନ୍ତି ଏଠି ଅତ୍ୟାଚାର ନୀତି
ସ୍ଥାବର ଜଙ୍ଗମ କୀଟ ପାରିବେକି ବର୍ତ୍ତି ?
ମାନବ ହୋଇ ସେ ନିଜକୁ ଭୁଲିଲା
କାହୁଁ ବା ଶିଖିବ ପଶୁ?
ଆଗାମୀ ଯୁଗର ଦ୍ରଷ୍ଟା ହୋଇ

ISSN NO.
2582-208X

ଭଲ ହୋଇ କି ପାରିବ ଶିଶୁ ?
କି ଦିନ ଆସିଲା କୁହ କି ଦିନ ଆସିଲା
ମାନବିକତା ର ପାଞ୍ଚୋଟି ଅକ୍ଷର ଏଠି
ଇନ୍ଦ୍ରଧନୁ ଶୋଭା ପରି ଅଦୃଶ୍ୟ ହୋଇଲା
ପାଶବିକତାର ପୁଷ୍କରିଣୀରେ
ମନୁଷ୍ୟ କରେ ନିଃଶବ୍ଦ ରେ ସନ୍ତରଣ
ହୋଇକି ପାରିବ ଆଉ
ସାହାରା ବକ୍ଷରେ ସୁଷମାର ଶିହରଣ ?
ମାନବିକତା ତ ବିଭୁଙ୍କର ଦାନ
କରନାହିଁ ତାକୁ କ୍ଷୁର୍ଣ୍ଣ
ସମାଜର ଏକମାତ୍ର ଆଧାର
ଏକଥା ସଭିଏଁ ଜାଣ ॥

ଶିକ୍ଷୟିତ୍ରୀ, ସରକାରୀ ଉପ୍ରା ବିଦ୍ୟାଳୟ,
ଟୁଟୁସିଙ୍ଗା, ବୌଦ୍ଧ

ISSN NO.
2582-208X

# ଆସ ମାଁ ଧର୍ରା ଅବତରୀ

ସରୋଜ କୁମାର ବେହେରା

ଆସ ମାଁ ଧରା ଅବତରୀ
ପାପ ଭାରରେ ବୁଡିଲାଣି ଏ ମର୍ତ୍ତ୍ୟପୁରୀ
ପଶୁ, ପକ୍ଷୀ, କୀଟ, ତରୁ, ଲତା, ବଣ
ଧରା ଫାଟିଲାଣି ସଭିଙ୍କ କ୍ରନ୍ଦନେ
ଯେଉଁଠି ଅଣ୍ଡାଳ ପାପି ମାଳ ମାଳ
ମଣିଷ ଖେଳୁଛି ରକ୍ତର ହୋଲି.....
ଆଅ ମାଁ ଧରା ଅବତରୀ ।୧ ।

ଆଅ ମାଁ ଧରା ଅବତରୀ
ପାପ ଭାର୍ରେ ବୁଡିଲାଣି ଏ ମର୍ତ୍ତ୍ୟପୁରୀ
ନାରୀ ଅଟେ ମାଆ, ଭଉଣୀ, ଅର୍ଦ୍ଧାଙ୍ଗିନୀ
ପୁରାଣରେ କଥା ଅଛି ରହି
ସେହି ନାରୀ ପୁଣି ଦିନ ଦ୍ୱିପହରରେ
କେମିତି ଧର୍ଷିତା ଗଲା ହୋଇ
ଭାଇ ବୁଝେନାହିଁ ଭଉଣୀର ମୂଲ
ରାକ୍ଷୀ ସାଜେ ଫାଶୀର ଦଉଡି
ହାଡ, ମାଂସ ରକ୍ତକୁ ଖାଏ ଝୁଣି ଝୁଣି
ନିନ୍ଦା, ଅପମାନେ ଭଉଣୀଟା ଶେଷେ ଯାଏ ମରି
ଆସ ମାଁ ଧରା ଅବତରୀ ।୨ ।

ISSN NO.
2582-208X

ଆସ ମାଁ ଧରା ଅବତରୀ
ମାଆ ସ୍ନେହମୟୀ, କରୁଣାମୟୀଟେ
ସଂସାରକୁ ନିଏ କୋଳେଇ
ସେହି ମାଆ ଆଜି ବୁଢୀ ହେଲାପରେ
ପୁଅ କାହିଁ ଦିଏ ଦୂରେଇ
ସ୍ୱାମୀ ସାଜେ ନିତି ସଇତାନ
ପୁଅ ହୁଏ ନିତି ଭଗାରୀ
ବୋହୂ ସାଜେ ନିତି ସଉତୁଣୀ ତାର
କାହାକୁ କରିବ ଗୁହାରୀ
ଭୋକିଲା ପେଟରେ ଲୁହ ନିତି ଝରେ
ବଞ୍ଚୁଥାଏ ସଦା ମରିମରି
ଆସ ମାଁ ଧରା ଅବତରୀ.....
ପାପ ଭାରରେ ବୁଡିଲାଣି ଏ ମର୍ତ୍ତ୍ୟପୁରୀ (ଘୋଷା)

ଟୁଟୁସିଙ୍ଗା, ବୌଦ୍ଧ
ଦୂରଭାଷ - ୮୩୨୮୮୪୨୦୦୮

ISSN NO.
2582-208X

# ସାହାଯ୍ୟ

ବିନୟାନନ୍ଦ ବସ୍ତ୍ରସ୍ୟ

କିଏ ବା କାହିଁକି ବିନା ସ୍ୱାର୍ଥ ନେଇ
ସାହାଯ୍ୟ କରିବ କାରେ,
ଚିହ୍ନା କି ଅଚିହ୍ନା ଯିଏ ହେଉ ପଛେ
ଜଣା ଅଜଣା ବାହାରେ,
ନଇଁ ପଡ଼ିଥିବା ବେଳେ,
ବିଧାଏ ମାରନ୍ତି ଆଗ ପଛ ନାହିଁ
ନ ଥାଏ କିଛି ବିଚାରେ ॥

ନିଜର କିଏ ସେ ଅଛି ଦୁନିଆରେ
ସ୍ୱାର୍ଥ ଅର୍ଥ ଆଗେ କୁହ,
ପର ବେଳେ ବେଳେ ନିଜର ହୁଅନ୍ତି
ଝରାଇ ଛଳନା ଲୁହ,
ଅସୁବିଧା ବେଳେ ଆସି,
ମିଠା କଥା କହି ସାହାଯ୍ୟ ବାହାନା
ସବୁ ନେଇଥାନ୍ତି ଶୋଷି ॥

ସହାୟତା ହାତ ବଢାନ୍ତି ସତେ କେ
ପ୍ରିୟ ପରିଜନ ପରି,
ଫଶୀ ଗଲେ ତାଙ୍କ ମଧୁର ବଚନେ
ଚଢନ୍ତି ସେ ଘୋଡା ସରି,
ସହାୟତା ତାର ବାଟେ,
ସର୍ବସ୍ୱାନ୍ତ କରି ଚରିତ୍ର ସଂହାରି
ନିଜ ବାଟରେ ଲେଉଟେ ॥

ISSN NO.
2582-208X

# ଲୋକ ସାହିତ୍ୟରେ ଲୋକ ପରମ୍ପରା

ଡକ୍ଟର ନରୁପମା ନାୟକ

ମୁଖରୁ ମୁଖକୁ ପୀଢ଼ି ପରେ ପୀଢ଼ି ସଞ୍ଚରିତ ହୋଇ ବଂଚି ରହିଥିବା ସାହିତ୍ୟ ହିଁ ଲୋକସାହିତ୍ୟ । ଏହାର ସ୍ରଷ୍ଟା ଓ ସୃଷ୍ଟିକାଳ ଅଜଣା, କେବେ ମଣିଷର ଅବସର ବିନୋଦନ ପାଇଁ ଉଦ୍ଦିଷ୍ଟ, ଅବସର ସମୟର କଳ୍ପନାରୁ ପ୍ରସ୍ଫୁଟିତ, କେବେ ଲୋକପରମ୍ପରାକୁ ପରପିଢ଼ିକୁ ସଂଚରିତ କରିବାର ମାଧ୍ୟମ ସାଜିଥାଏ ଲୋକସାହିତ୍ୟ । ଲୋକସାହିତ୍ୟରେ ପାରମ୍ପରିକ ଜୀବନର ରୀତି ନୀତି, ଅଦବ କାଇଦା, କରଣୀୟ, ଅକରଣୀୟ ତଥା ସମ୍ପାଦିତ ହେଉଥିବା ପ୍ରତିଟି କାର୍ଯ୍ୟର କାରଣ, ଏକ କାଳ୍ପନିକ ଅବାସ୍ତବ ସମାଧାନ ମିଳିଥାଏ ଲୋକସାହିତ୍ୟରେ । ପୃଥିବୀର ଭୌଗୋଳିକ, ସାଂସ୍କୃତିକ ପରିସ୍ଥିତି ଲୋକ ବିଶ୍ୱାସ, ଧାର୍ମିକ ଚିନ୍ତାଧାରା ଲୋକପରମ୍ପରାକୁ ପ୍ରଭାବିତ କରିଥାଏ ।

କେତେକ ଲୋକପରମ୍ପରା ଆଧୁନିକ ବିଜ୍ଞାନ ସମ୍ମତ ହୋଇଥିବାର ପରିଦୃଷ୍ଟ ହେଉଥିବା ବେଳେ କେତେକ ସମାଜ ବିଜ୍ଞାନ ସମ୍ମତ ପରି ମନେ ହୁଏ । ମଣିଷ ଏକ ସାମାଜିକ ପ୍ରାଣୀ ତେଣୁ ସମାଜ ସହିତ ଏକତ୍ର ସହାବସ୍ଥାନ ପାଇଁ ନିଷ୍ଠାର ଉଦ୍ରେକ ତଥା ପ୍ରତି ଲୋକକୁ ସମାଜ ସହିତ ସଂଯୋଗୀକୃତ କରି ରଖିବା ପାଇଁ କେତେକ ଲୋକ ପରମ୍ପରା ଆବଶ୍ୟକତା ଅନୁଯାୟୀ ଏକ ସୁସଂଗଠିତ ଢ଼ଙ୍ଗରେ ବିକଶିତ କରାଯାଇଥାଏ । ପ୍ରତିଟି ଲୋକପରମ୍ପରାକୁ ପରବର୍ତ୍ତୀ। ପୀଢ଼ିକୁ ସ୍ୱଚ୍ଛନ୍ଦରେ ଗତିଶୀଳ କରାଇବା ପାଇଁ ହୁଏତ ଲୋକଗରେ ଏକ କାଳ୍ପନିକ କାହାଣୀକୁ ସ୍ଥାନ ଦିଆଯାଇଥାଏ । ଆଦିବାସୀ ଅଚ୍ୟୁଷିତ ରାଜ୍ୟ ଓଡ଼ିଶାର ବସବାସ କରୁଥିବା ବିଭିନ୍ନ ସଂପ୍ରଦାୟ ମଧ୍ୟରେ ଭିନ୍ନ ଭିନ୍ନ ପରମ୍ପରା ପ୍ରଚଳିତ ରହିଛି, ଯାହାର କାର୍ଯ୍ୟକାରଣକୁ ଲୋକଗରେ ବ୍ୟାଖ୍ୟା କରାଯାଇଥାଏ ।

ମୟୂରଭଞ୍ଜ, କେନ୍ଦୁଝର, ସୁନ୍ଦରଗଡ଼ ଇତ୍ୟାଦି ଜିଲ୍ଲାରେ ବାସ କରୁଥିବା କୁଡୁମୀ, ମହାନ୍ତ ମାନଙ୍କ ମଧ୍ୟରେ ଅତି ଆଦୃତ ପର୍ବ ବାନ୍ଦଣା ପର୍ବ ଯାହା, କାଳୀପୂଜା ସମୟରେ ପାଳନ

ISSN NO.
2582-208X

କରାଯାଇଥାଏ, ଗାଇ ଗୋରୁମାନଙ୍କୁ ଏହି ଅବସରରେ ପୂଜାର୍ଚ୍ଚନା କରାଯାଇଥାଏ । ଏହି ବାନ୍ଦଣା ପର୍ବ ପାଳନର ବିଧି ପଛରେ ପ୍ରଚଳିତ କାହାଣୀରେ କୁହାଯାଇଛି ।

ବ୍ରହ୍ମା, ବିଷ୍ଣୁ, ଶିବ ଥରେ ଚିନ୍ତା କଲେ ସମସ୍ତ ବିଶ୍ୱକୁ ତିନି ଭାଗରେ ବିଭକ୍ତ କରି ପ୍ରତ୍ୟେକ ଗୋଟିଏ ଗୋଟିଏ ଭାଗର ଦାୟିତ୍ୱ ଦେବେ । ବ୍ରହ୍ମା ସ୍ୱର୍ଗପୁର, ବିଷ୍ଣୁ ମର୍ତ୍ତ୍ୟପୁର ଓ ଶିବ ପାତାଳପୁରର ଭାଗ ନେଲେ । ପାତାଳପୁରରେ ସେ ନିଜର ସାଥୀ କରିବାକୁ ସୃଷ୍ଟି କଲେ କପିଳା ଗାଇ ଓ ବାସୁଆ ଷଣ୍ଢ... ତାପରେ ଏକ ଦୀର୍ଘ ଉପାଖ୍ୟାନ ରହିଛି, କିପରି ଶିବ ମଣିଷଙ୍କୁ ସାହାଯ୍ୟ କରିବାକୁ ଗୋରୁମାନଙ୍କୁ ମଣିଷ ହାତରେ ଦେଲେ । ତାଙ୍କୁ କଷ୍ଟ ଦେବାରୁ କପିଳା ଗାଇ ମହାଦେବଙ୍କୁ ଗୋ ଜାତିର ଦୁଃଖ ଜଣାଇଲା ଏବଂ ଶିବ ବାନ୍ଦନା ବା କାଳୀପୂଜା ଦିନ ପ୍ରତ୍ୟକ୍ଷ ପରିଦର୍ଶନରେ ଯିବା ବିଷୟ ତାଙ୍କୁ ପ୍ରତିଶ୍ରୁତି ଦେଲେ, କିନ୍ତୁ ବାସୁଆ ଷଣ୍ଢ ଓ ପାର୍ବତୀଙ୍କ ବାହନ ବାଘୁତା ଚକ୍ରାନ୍ତ କରି ଶିବ ପୃଥିବୀକୁ ଆସିବା ପୂର୍ବରୁ ଏ ଖବର ପୃଥିବୀର ମଣିଷମାନଙ୍କୁ ଜଣାଇ ଦେଲେ । ଫଳରେ ଶିବ ପୃଥିବୀକୁ ପହଂଚିବା ବେଳକୁ ଲୋକମାନେ ଗୋରୁ ଗାଇଙ୍କୁ ସମ୍ମାନ ଦେବା ଆରମ୍ଭ କରିଦେଲେ । ସେମାନଙ୍କୁ ପୂଜା କଲେ, ଶିବ ଏହା ଦେଖି ବହୁତ ଖୁସି ହୋଇଗଲେ । ସେହି ପରମ୍ପରା ଆଜିବି ଚାଲିଛି ବୋଲି ଲୋକେ ବିଶ୍ୱାସ କରନ୍ତି ଏବଂ ବାନ୍ଦଣା ପାଳନ ନ କଲେ ଶିବ ଭାରି ଯିବେ ବୋଲି ମାନ୍ୟତା ରହିଛି ।

ଓଡ଼ିଶା, ଝାଡ଼ଖଣ୍ଡ, ପଶ୍ଚିମବଙ୍ଗରେ ବାସ କରୁଥିବା ସାନ୍ତାଳ ଜନଜାତିମାନେ ସହରାୟ ପାରାବରେ କୁମାରୀ ଦ୍ରବ୍ୟ ଅଣ୍ଡା ପୂଜା କରିବାର ପରମ୍ପରା ପ୍ରଚଳିତ ରହିଛି । ଏହି ପୂଜାର କାରଣକୁ ସାନ୍ତାଳ ଲୋକଗଛରେ ଅତି ସୁନ୍ଦର ଭାବରେ ବର୍ଣ୍ଣନା କରାଯାଇଛି ।

ଦିନକର କଥା ପିଲ୍‌ଚୁବୁଢ଼ା (ଆଦିପିତା) ନିଜର ସାତ ପୁଅଙ୍କୁ ନେଇ ଶିକାର ପାଇଁ ଓ ପିଲ୍ ବୁଢ଼ୀ (ଆଦିମାତା) ଆଠ ଝିଅଙ୍କୁ ନେଇ ଛତୁ ଗୋଟେଇବା ପାଇଁ ଜଙ୍ଗଲକୁ ନେଇଗଲେ । ଛତୁ ଗୋଟେଇ ସାରି ଝିଅମାନେ ବରଗଛ ତଳକୁ ଆସି ପଚିଲା ବରଫଳ ଖାଇବାକୁ ଆରମ୍ଭ କଲେ ଓ ଗଛ ଚଢ଼ିଲେ ।

ISSN NO.
2582-208X

ପ୍ରଥମେ ବଡ଼ ଝିଅ "ସହରାୟ" ଗଛ ବଢ଼ିଲା, ପରେ ପରେ ଅନ୍ୟମାନେ ଗଛ ଚଢ଼ିଲା ପରେ କ୍ରମାନୁସାରେ ସମସ୍ତେ ଚଢ଼ିଲେ । ସାତ ଭାଇ ମଧ୍ୟ ବୁଲି ବୁଲି ଆସି ସେହି ଗଛ ମୂଳେ ପହଂଚିଲେ । ଏତିକି ବେଳେ ମାରାଂବୁରୁ ଛଦ୍ମବେଶରେ ଲିଟା ରୂପରେ ଏଠାକୁ ଆସି ପୁଅମାନଙ୍କ ମନରେ କାମଭାବ ଜାଗ୍ରତ କଲେ । ଭାଇମାନେ ସବା ସାନଭାଇକୁ ବରଫଳ ଆଣିବା ପାଇଁ ଝିଅଙ୍କ ପାଖକୁ ପଠେଇଲେ । ସେ ସାନଝିଅକୁ ପାଚିଲା ଫଳ ମାଗିଲା । ଝିଅ ତାକୁ କହିଲା, ମୁଁ ଫଳ ତଳେ ପକେଇ ଦେଉଛି ତୁମେ ଗୋଟେଇ ନିଅ । ପୁଅ କହିଲା, ତୁ ଫଳଟିକୁ ମୋ ହାତରେ ଦେ । ଝିଅଟି ଟିକିଏ ତଳକୁ ଓହ୍ଲାଇ ଆସି ସାନପୁଅ ହାତରେ ବରଫଳ ଧରାଇ ଦେଲା । ପୁଅଟି ଝିଅର ହାତକୁ ଧରି ତଳକୁ ଟାଣି ଆଣିଲା । ଏହା ଫଳରେ ସେ ଦୁହେଁ ମିଳିତ ହେଲେ ଏବଂ ସେମାନେ ସ୍ୱାମୀ ସ୍ତ୍ରୀ ହେଲେ । ଏହିପରି ଭାବରେ ଅବଶିଷ୍ଟ ଛ' ଭାଇ ଛ' ଜଣ ଭଉଣୀଙ୍କୁ ପତ୍ନୀ ରୂପେ ଆପଣାଇ ନେଲେ । ସମସ୍ତ ସାତ ଭାଇ ସାତଜଣ ଭଉଣୀଙ୍କୁ ପତ୍ନୀ ରୂପେ ପାଇଲେ କିନ୍ତୁ ସବା ବଡ଼ ଭଉଣୀ ଗଛରେ ଥାଏ, ସେ ଦେଖିଲା- ତା ପାଇଁ ସ୍ୱାମୀ ହେବା ପାଇଁ କେହି ପୁରୁଷ ନାହିଁ । ସେ କରୁଣ ଭାବରେ କରିବାକୁ ଆରମ୍ଭ କଲା । ସାତଭଉଣୀ ବଡ଼ ଭଉଣୀକୁ କାନ୍ଦୁଥିବାର ଦେଖି ଦୁଃଖିତ ହେଲେ । ସେମାନେ ତାକୁ ପାସୋରି ଯିବେ ନାହିଁ ବୋଲି ଆଶ୍ୱାସନା ଦେଲେ । ସେମାନେ ପ୍ରତିଶ୍ରୁତି ଦେଲେ ଯେ ବର୍ଷକେ ଥରେ ସେମାନେ ଏକ କୁମାରୀ ଦ୍ରବ୍ୟର ଉପହାର ତାକୁ ଦେବେ । ସେହି ଦିନପାଖରୁ ରୋବଙ୍ଗା ବେଳେ ଏକ କୁମାରୀ ଦ୍ରବ୍ୟ ଅଣ୍ଡାକୁ ଅର୍ପଣ କରିବା ପରମ୍ପରା ଆରମ୍ଭ ହେଲା । ଏହି ପର୍ବକୁ ବଡ଼ ଭଉଣୀର ନାଁ ଅନୁସାରେ ସହରାୟ ନାମକରଣ କରାଗଲା । କେବଳ ସାନ୍ତାଳ ନୁହଁନ୍ତି ବରଂ ପ୍ରତିଟି ଆଦିବାସୀ ଜନଜାତିଙ୍କର ରହିଛି କିଛି କିଛି ସ୍ୱତନ୍ତ୍ର ରୀତି ନୀତି, ନିଜସ୍ୱ ପରମ୍ପରା, ଯାହା ଅନ୍ୟ ଜନଜାତିଙ୍କ ମଧ୍ୟରେ କ୍ୱଚିତ ଦେଖାଯାଏ । ଏବଂ ସମସ୍ତ ପରମ୍ପରା ବଂଚି ରହିଛି କିଛି ନା କିଛି ଲୌକିକ ଭିତ୍ତିଭୂମିକୁ ଆଧାରି କରି ଏବଂ ପ୍ରତ୍ୟେକ ଲୋକ ପରମ୍ପରା ପଛରେ ଏକାଧିକ ଲୋକଗଳ୍ପ ରହିଛି । ସେହି ପରମ୍ପରାର ଆବଶ୍ୟକତା ସିଦ୍ଧ କରିବା ପାଇଁ । ଓଡ଼ିଆର ମୟୂରଭଞ୍ଜ, କେନ୍ଦୁଝର, ବାଲେଶ୍ୱର, ଢେଙ୍କାନାଳ, ବଲାଙ୍ଗୀର, କଳାହାଣ୍ଡି ଆଦି ଜିଲ୍ଲାରେ ଆଦିମ ଆଦିବାସୀ ବିରହଳମାନେ ବସବାସ କରନ୍ତି । ମାଙ୍କଡ଼ ଧରିବାରେ ଏମାନେ କୁଶଳ ଶିକାରୀ । ମାଙ୍କଡ଼ ଧରି ମାଙ୍କଡ଼ ମାଂସ ଖାଉଥିବାରୁ ଏମାନଙ୍କୁ ମାଙ୍କଡ଼ଖିଆ ବା ମାଙ୍କଡ଼ିଆ କୁହାଯାଏ । ଏହି ମାଙ୍କଡ଼ ଧରିବାର କୌଶଳ ଶିକ୍ଷା ଓ ମାଂସ ଝାଇବା ସମ୍ପର୍କରେ ଲୋକଗଛରେ କଥିତ ଅଛି ।

ISSN NO.
2582-208X

ରାବଣ-ରାଜାଙ୍କ ଆଦେଶରେ ଲଙ୍କାରେ ବିରହଳ ମାନେ ହନୁମାନଙ୍କୁ ଧରିବାକୁ ଶତଚେଷ୍ଟା କରି ମଧ୍ୟ ବିଫଳ ହେଲେ, ହନୁମାନଙ୍କର ଏମାନଙ୍କ ପ୍ରତି ଦୟା ଆସିଲା । ସେ ବିରହଳମାନଙ୍କୁ ମାଙ୍କଡ଼ ଧରିବାର କୌଶଳ ଶିକ୍ଷା ଦେଲେ ଏବଂ ହନୁମାନ ବିରହକମାନଙ୍କ ହାତରେ ଧରାଦେଲେ । ସବାଶେଷକୁ ହନୁମାନ ରାମଚନ୍ଦ୍ରଙ୍କୁ ପଚାରିଲେ, "ମୋ ମାମୁଁ କିଏ ? ମୁଁ ମୃତ୍ୟୁବରଣ କଲେ କିଏ ମୋର ଶବ ସତ୍କାର କରିବ ?* ରାମଚନ୍ଦ୍ର କହିଲେ- "ଏହି ଲୋକମାନେ ଯିଏ ତୋତେ ଢାଲ ଲଗେଇ ଧରିଲେ (ବିରହଳମାନେ) ଓ ତାଙ୍କ ବଂଶଧର ମାନେ ତୋତେ ଓ ତୋ ବଂଶଧରଙ୍କୁ ଜାଲ ପକାଇ ଧରି ମାରି ଖାଇବେ ।" ସେହି ଦିନ ପାଖରୁ ବିରହଳମାନେ ହନୁମାଙ୍କଡ଼ଙ୍କ ମାଂସ ଖାଇବା ଆରମ୍ଭ କଲେ । (ଡଃ ବିନୋଦ କୁମାର ନାୟକଙ୍କ, ବିରହଳ ଲୋକସାହିତ୍ୟ ପୁସ୍ତକରୁ ସଂଗୃହୀତ)

ଦକ୍ଷିଣ ଓଡ଼ିଶାର ଅବିଭକ୍ତ କୋରାପୁଟ ଜିଲ୍ଲାରେ ବିଭିନ୍ନ ଜନଜାତିର ଲୋକେ ବସବାସ କରନ୍ତି କାହିଁ କେଉଁ କାଳରୁ । ସେମାନଙ୍କ ମଧ୍ୟରେ କେତେକ ସ୍ୱତନ୍ତ୍ର ପରମ୍ପରା ଲକ୍ଷ୍ୟ କରାଯାଏ, ଯାହା ସାରା ଭାରତର ବସବାସ କରୁଥିବା ଅନ୍ୟ ଜନଜାତିଙ୍କ ଠାରେ ପ୍ରାୟ ଦୃଶ୍ୟମାନ ହୁଏ ନାହିଁ, ଏହି ସ୍ୱତନ୍ତ୍ର ଜୀବନ ଶୈଳୀ ଏବଂ ପରମ୍ପରା ସେମାନଙ୍କ ପାଇଁ ସୃଷ୍ଟି କରି ଭିନ୍ନ ପରିଚୟ । ଏଠାରେ ବାସ କରୁଥିବା ବଣ୍ଡା ଜନଜାତିର ସ୍ତ୍ରୀଲୋକମାନେ ଲଣ୍ଡା ହୋଇଥାନ୍ତି, ଏ ସମ୍ବନ୍ଧରେ ବିଶିଷ୍ଟ ଗବେଷକ ଡ. ରଞ୍ଜନ ପ୍ରଧାନ ତାଙ୍କ ପୁସ୍ତକ "ବଣ ଡଗର ଗପ" ରେ ସଂଗୃହୀତ ଲୋକଗଳ୍ପ ବଣ୍ଡା ସ୍ତ୍ରୀ ଲୋକମାନେ ଲଣ୍ଡା କାହିଁକି ରେ ବର୍ଣ୍ଣନା କରିଛନ୍ତି । ଭାଉଜମାନଙ୍କ କଷ୍ଟ ସହି ନ ପାରି ଦିନେ ନଣନ୍ଦ ବାଡ଼ିରେ ଥିବା ଏକ କୂଅକୁ ଡେଇଁ ପଡ଼ିବାକୁ ଯାଉଥିବା ବେଳେ ତାର ସାନ ଭାଇ ଦେଖିଦେଲା । ସେ ତତ୍କ୍ଷଣାତ ଯାଇ ଭଉଣୀର କେଶକୁ ଧରି ପକାଇଲା । ଭାଇର ହାତରେ କିନ୍ତୁ କେଶ ଉପୁଡ଼ିକି ରହିଗଲା ଏବଂ ଭଉଣୀ କୂଅ ଭିତରକୁ ଖସି ପଡ଼ିଲା । ଭଉଣୀ ଲଣ୍ଡା ହୋଇ କୂଅରେ ଖସି ମରିଗଲା। ସେହିଦିନ ରାତିରେ ଭଉଣୀ ଭାଇମାନଙ୍କୁ ସ୍ୱପ୍ନରେ କହିଲା, "ଭାଇମାନେ ମୁଁ ସିନା ମରିଗଲି, ଯଦି ତୁମେମାନେ ମୋତେ ଭଲ ପାଉଥାଅ, ତେବେ ମୁଁ ଯେମିତି ଲଣ୍ଡା ହୋଇଗଲି, ଭାଉଜମାନଙ୍କୁ କହିବ ସେମାନେ ସବୁ ଦିନ ଲଣ୍ଡା ହୋଇ ଚଳିବେ, ତେବେ ଯାଇ ମୋର ଆତ୍ମା ଶାରି ପାଇବ ।" ଭଉଣୀର କଥା ମାନି ସବୁ ଭାଇମାନେ ସେମାନଙ୍କ ସ୍ତ୍ରୀଙ୍କ ମୁଣ୍ଡକୁ ଲଣ୍ଡା କରିଦେଲେ । ସେହି ଦିନଠାରୁ ବଣ୍ଡା ସ୍ତ୍ରୀ ଲୋକମାନେ ଲଣ୍ଡା ହୋଇଛନ୍ତି ବୋଲି ବିଶ୍ୱାସ କରାଯାଏ ।"

ISSN NO.
2582-208X

ସେହିପରି ବଣ୍ଡା ସ୍ତ୍ରୀ ଲୋକମାନେ କାହିଁକି ଉଲଗ୍ନ ହୋଇ ବୁଲନ୍ତି, ତାର ଉତ୍ତରରେ ଲୋକମୁଖରୁ ଶୁଣାଯାଏ- "ରାମ ଲକ୍ଷ୍ମଣ ଓ ସୀତା ମାଲ୍ୟବନ୍ତରେ ବନବାସ ସମୟରେ ଦିନେ ସୀତା ଉଲଗ୍ନ ହୋଇ କୁଣ୍ଡରେ ଗାଧୋଉଥିଲେ । ସୀତାଙ୍କ ଉଲଗ୍ନ ବେଶ ଦେଖି ବଣ୍ଡା ସ୍ତ୍ରୀମାନେ ଦେବୀ ସୀତାଙ୍କୁ ପରିହାସ କଲେ । ସୀତାଙ୍କୁ ଏ କଥା ବଡ଼ ଅପମାନ ବୋଧ ହେଲା । ତେଣୁ ସେ କ୍ରୋଧରେ ବଣ୍ଡା ସ୍ତ୍ରୀମାନଙ୍କୁ ଅଭିଶାପ ଦେଲେ- ଆଜିଠୁ ତମେମାନେ ଉଲ୍ଗୁ ହୋଇ ବୁଲିବ । ଯେଉଁଦିନ ମୋର କଥା ଅମାନ୍ୟ କରିବ, ସେହିଦିନ ତୁମକୁ ବାଘ ଖାଇଯିବ ଏବଂ ତମର ବଂଶ ଲୋପ ପାଇଯିବ । ଦେବୀ ସୀତାଙ୍କ ଏହି ଅଭିଶାପକୁ ଭୟ କରି ବଣ୍ଡା ସ୍ତ୍ରୀମାନେ ଉଲଗ୍ନ ହୋଇ ବୁଲୁଛନ୍ତି ।"

ଲୋକସାହିତ୍ୟରେ ଲୋକପରମ୍ପରାର ବର୍ଣ୍ଣନା ଯେତିକି ଅବାସ୍ତବ ସେତିକି ମନୋରଞ୍ଜନଧର୍ମୀ। ଲୋକସାହିତ୍ୟ କଥକର ବର୍ଣ୍ଣନା ଚାତୁରି ଲୋକଗଛକୁ କରିଦିଏ ବାସ୍ତବଧର୍ମୀ ଓ ଜୀବନ୍ତ । ନିରିହ ଜନତା ହୁଏତ ଏହି ଲୋକଳଗଛକୁ ସତ୍ୟ ବୋଲି ବିବେଚନା କରି ବଂଚିବା କ୍ରମରେ ସଂଚରିତ କରେ ପରପୀଢ଼ିକୁ ଏବଂ ଲୋକସାହିତ୍ୟ ଲୋକପରମ୍ପରା ବଂଚି ରହେ କାଳ କାଳକୁ ।

ସହକାରୀ ପ୍ରଫେସର,ଓଡିଆ
ନବକୃଷ୍ଣ ଚୌଧୁରୀ ଶିକ୍ଷକ ଶିକ୍ଷା ମହାବିଦ୍ୟାଳୟ ,ଅନୁଗୋଳ

ଡିସେମ୍ବର -୨୦୨୪
www.vedantimagazine.com
ISSN NO.
2582-208X

# ସ୍ୱାଧୀନତାର କଳା ଅଧ୍ୟାୟ



ସପ୍ତର୍ଷି ନାୟକ

ସ୍ୱାଧୀନତା ର ଆମେ ବାର୍ତ୍ତା ଦେଉଥାଉ,
ଆମ ଦେଶ ମହାନ୍' ବୋଲି ସମସ୍ତଙ୍କୁ କହୁ,
ହେଲେ ହିଂସା ଆଗେ ଆମେ ଚୁପ୍ କାଇଁ ରହୁ,
ସବୁ ନିର୍ଯାତନା ମଥା ପାତି ସହୁ ?
ରକ୍ଷକ ଏଠି ଭକ୍ଷକ ସାଜି ଯେବେ କରୁଛନ୍ତୁ ଅନ୍ୟାୟ,
ନିର୍ଭୟା, ଅଭୟା, ଇତିଶ୍ରୀଙ୍କୁ କଣ ସତରେ ମିଳଛି ନ୍ୟାୟ ?
ଧର୍ଷଣ କଲ୍ ମାରିବି ଦେଲ୍
ହେଲେ ଚିନ୍ତାଧାର୍ ବଦଳ ନାହିଁ ।
ସ୍ୱର୍ଗରେ ଥାଇ ନିର୍ଭୟା ଭାବୁଛି କି
ଭାରତେ ଆଉ ଜନମିବି ନାହିଁ।
ପୁରୁଷତ୍ୱ ଆଳରେ ପଶୁ ପାଲଟିଛି
ଚାଲିଛି ନାରୀ ଚରିତ୍ର ସଂହାର।
ନାରୀର ଶରୀରରୁ ଜନ୍ମ ହେଇକି ବି, କରୁଛି ସେ ବଳାତ୍କାର।
ବାସନା ଟିକକ ମେଣ୍ଟାଇବା ପାଇଁ ନାରୀ ଏଠି ନିର୍ଯାତିତା।
ଦେଶ ସିନା ସ୍ୱାଧୀନ ହେଇଛି ହେଲେ, ଏ କିଭଳି ସ୍ୱାଧୀନତା?
ପାଶବିକତା ନିଆଁରେ ଦେଶ ମୋ ଜଳୁଛି,
ଜଳୁଛି ଭାରତ ମାଆ ର ହୃଦୟ।
ସ୍ୱାଧୀନତା ନୁହେଁ ଏ ତ କେବଳ ଯାହା
ସ୍ୱାଧୀନତା ର କଳା ଅଧ୍ୟାୟ।।

ରିସର୍ଚ୍ଚ ସ୍କଲର
ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ, ଭଞ୍ଜ ବିହାର
ଭ୍ରାମ୍ୟଭାଷା-୮୨୪୯୯୭୬୭୭

ISSN NO.
2582-208X

# ପ୍ରେମ



ମୋନାଲିସା ପାଣିଗ୍ରାହୀ

ପ୍ରେମ ଅଢ଼େଇ ଅକ୍ଷର ତାହାର ମୂଲ୍ୟ
କେତେ ଯେ ଅଧିକ,
ତାହା କିଏ ବା କହିବ, କିଏ ବା ଲେଖି ପାରିବ ।

ପ୍ରେମ ଆଣି ଦିଏ ଆନନ୍ଦ ସମୁଦ୍ର
ସେ ସମୁଦ୍ର ଗଭୀର ଭିତରେ ଦେଖାଏ
ଯେ କେତେ ସ୍ୱପ୍ନ, କେତେ ଯେ ଆଶା ।

ସମୁଦ୍ର ଭିତରେ ଦେଖା ଦିଏ
ଯେମିତି ଆନନ୍ଦ ଲହରୀ
ପ୍ରେମ ଆଣିଦିଏ ଜୀବନେ
ସେମିତି ଆନନ୍ଦର ଲହରୀ ।

ସେହି ଆନନ୍ଦ ଲହରୀରେ
ପ୍ରିୟା ଗୋ ମୁଁ ଚାହେଁ
ସବୁବେଳେ ତୁମ ଓଠର ହସ ।

କେବେ ହେଲେ ହେବାକୁ ଚାହେଁ ନାହିଁ
ତୁମ ଦୁଃଖର ଅଭିପ୍ରାୟ ।

ISSN NO.
2582-208X

କେବେ ହେବାକୁ ସୁହେଁ ନାହିଁ
ପ୍ରିୟା ଗୋ ତୁମ ଆଖିର ଲୁହର କାରଣ ।

ପ୍ରେମ ହୋଇ ପାରେ ଅଢ଼େଇ ଅକ୍ଷର,
ତାହାର ମୂଲ୍ୟ କେତେ ଯେ ଅଧିକ
କଏ ବା ପାରିବ ଜାଣି ।

ପୁଣି ଆଣିଦିଏ ପ୍ରେମ,
ଚାନ୍ଦରୁ ଚାନ୍ଦିନୀ ତ କେତେ ବେଳେ ତାରାରୁ ରୋଷଣୀ
ପ୍ରେମ ଏକ ଅସରନ୍ତି ବାଟ
ଯାହା କେବେ ହେବ ନାହିଁ ଶେଷ ।

ପ୍ରେମ ଯେ ନ ଚହ୍ନେ ଜାତି ଅଜାତି
ହୋଇ ଯାଏ ଦେଖୁ ଦେଖୁ ପ୍ରେମ ପିରତି ।
ପ୍ରେମ ପର୍ ସିଏ ଦେଖିବ କେମିତି
ଜାତି ଅଜାତିର ଭେଦଭାବ ।

ଜାତି ଅଜାତି ଧନୀ ଗରିବ ଉଚ୍ଚ ନୀଚ
ଏଠାରେ କଣ ଥାଏ ପ୍ରେମ
ପ୍ରେମ ଅଟେ ଏକ ପବିତ୍ର ଅନୁଭୂତି
ତାଠାରୁ ନାହିଁ କିଛି ଶ୍ରେଷ୍ଠ ।

ପ୍ରେମର କେହି ଦେଇ ପାରିବେନି ମୂଲ୍ୟ
ତାହା ଅଟେ ଏକ ଅମୂଲ୍ୟ ସମ୍ପଦ
ରଖିବା ତାହାକୁ ଆମେ
ଆଜୀବନ ସାଇତି ।।

ନନ୍ଦପଡ଼ା, ସମ୍ବଲପୁର

ଡିସେମ୍ବର -୨୦୨୪
www.vedantimagazine.com
ISSN NO.
2582-208X

# ଆଦିବାସୀ ପଲ୍ଲୀ ରେ ପୁଞ୍ଜିବାଦର ନିଆଁ - ଶ୍ରୀ ବିଜୟ ଶତପଥିଙ୍କ "କୋକୁଆ"



ସାହିଲ କୁମାର ନାୟକ

ସାହିତ୍ୟର ସମସ୍ତ ବିଭାଗ ମଧ୍ୟରେ ନାଟକ ହେଉଛି ଏକ ସ୍ୱତନ୍ତ୍ର ବିଭାଗ । ଏହା ଏକ ମିଶ୍ର ଓ ମନୋରଞ୍ଜନଧର୍ମୀ କଳା । ଅଭିନୟର ଯୋଗ୍ୟ ହୋଇଥିବାରୁ ଏହାକୁ ଦୃଶ୍ୟକାବ୍ୟ ବୋଲି କୁହାଯାଏ । ସମାଜର ବିବିଧ ପର୍ଯ୍ୟାୟକୁ ଘେନ ନାଟକର ଭାବବସ୍ତୁ ଗଠିତ ହୋଇଥିବାରୁ ଏହା ସମାଜ ଜୀବନର ଦର୍ପଣ ସଦୃଶ୍ୟ । ନାଟକ ଏକ ସମୟରେ ଅନେକ ବ୍ୟକ୍ତଙ୍କୁ ଉଦ୍‌ବୁଦ୍ଧ କରିପାରେ । ଉନବିଂଶ ଶତାବ୍ଦୀ ଶେଷ ପାଦରେ ଓଡ଼ିଆ ନାଟକ ସୃଷ୍ଟି ଲାଭ କରି କ୍ରମବିକାଶ ପଥରେ ଆଗେଇ ଚାଲିଛି ।

ଭରତ ମୁନଙ୍କ ମତରେ ନାଟକ ହେଉଛି 'ଲୋକ ବୃତ୍ତାନୁକରଣମ୍" । ଆରିଷ୍ଟଟଲ୍ ନାଟକ ସମ୍ପର୍କରେ ନଜର ମନ୍ତବ୍ୟ ଦେଇ କହିଛନ୍ତ, "Imitation of action", ନକଲ୍ ଙ୍କ ମତରେ ନାଟକ ହେଉଛି, Arn of expressing ideas about life, ଆହୁରି ମଧ୍ୟ ସେ କହିଛନ୍ତ, a copy of life, mirrer of custom and reflection of truth."

୧୯୬୦ ମସିହାରୁ ମନୋରଞ୍ଜନ ଦାସଙ୍କ ଦ୍ୱାରା ଓଡ଼ିଆ ନାଟକରେ ପରିବର୍ତ୍ତନର ଯେଉଁ ସୂତ୍ରପାତ ହେଲା, ତାହାର ପ୍ରତ୍ୟକ୍ଷ ପ୍ରଭାବ ପ୍ରାୟ ତିନୋଟି ଦଶନ୍ଧି ଧରି ରହିଲା । ଦେଶକାଳର ପରିବର୍ତ୍ତିତ ଅବସ୍ଥା - ଶିଳ୍ପ ଓ ସାହିତ୍ୟରେ ପରିବର୍ତ୍ତନର ସଙ୍କେତ ଦିଏ । ଓଡ଼ିଆ ନାଟକର ରୂପ ପରିବର୍ତ୍ତନର ସୂତ୍ରପାତ ହେଲା ସେଇ ୧୯୬୦ ରୁ ଏବଂ ପୁନର୍ବାର ୧୯୮୦ ମସିହାରୁ ଏଥିରେ ପରିବର୍ତ୍ତନର ପଦଧ୍ୱନି ସ୍ୱଷ୍ଟ ଶୁଣାଗଲା । ପୂର୍ବଯୁଗ ସହିତ ଅଷ୍ଟମ ଦଶକର ନାଟ୍ୟଚର୍ଚ୍ଚାର ବ୍ୟବଧାନ ମୂଳରେ ଯେଉଁ ଯୁଗୀୟ ଚେତନାଟି ରହିଛି,

ISSN NO.
2582-208X

ତାହାହିଁ ପ୍ରକାଶ ପାଇଛି ଉତ୍ତର ଆଧୁନକ ସମୟର ନାଟ୍ୟରଚନାର ଅନ୍ତଃସ୍ୱରରେ ଏବଂ ଆଙ୍ଗିକରେ ।

ଉତ୍ତର ସତୁରୀ ଦଶକରେ ନାଟକ କ୍ଷେତ୍ରରେ ମହତ୍ ଅବଦାନ ରହିଛି ନାଟ୍ୟକାର ଶ୍ରୀ ବିଜୟ କୁମାର ଶତପଥୀ ମୋହଦୟଙ୍କର, ସେ ନୟମିତ ନୂତନ ସ୍ୱାଦ ର ନାଟକ ରଚନା କରିଛନ୍ତୁ । ଶ୍ରୀ ଶତପଥୀ ନାଟକ ରଚନା କ୍ଷେତ୍ରରେ ନଜର ରଜତ ଜୟନ୍ତୀ ପାଳନ କରିସାରିଛନ୍ତ । ସମ୍ଭବତଃ ସେ ଗୁଣାତ୍ମକ ଉତ୍କର୍ଷରେ ବିଶ୍ୱାସ କରନ୍ତୁ। ନାଟ୍ୟକାରଙ୍କର ଦୃଷ୍ଟିକୋଣ ସମାଜ ନର୍ଭର ହୋଇଥିବାରୁ ତାଙ୍କ ନାଟକ ଗୁଡ଼ିକର ସମସାମୟିକତାକୁ ଅସ୍ୱୀକାର କରି ହେବନାହିଁ ।

ପ୍ରକାଶିତ ନାଟକ ମଧ୍ୟରେ 'ଫସିଲ୍‌ର ନଦ୍ରାଭଙ୍ଗ' ହେଉଛି ପ୍ରଥମ । ଏଇଟି ବାଣପୁର ଗୋଦାବରୀଶ ମହାବିଦ୍ୟାଳୟରେ ଅଭିନୀତ ୧୯୭୫ ମସିହାରେ । ତରୁଣ ନାଟ୍ୟକାର ଏଥିରେ ଏକ ସାଧାରଣ ରୋମାଣ୍ଟିକ୍ କାହାଣୀକୁ ବିଷୟବସ୍ତୁ ରୂପରେ ଗ୍ରହଣ କରିଛନ୍ତୁ । ଶ୍ରୀ ଶତପଥି ମହାଶୟଙ୍କ ପ୍ରକାଶିତ ଅନ୍ୟାନ୍ୟ ସାରସ୍ୱତ କୃତି ଗୁଡ଼ିକ ହେଲ୍ :-

୧* ଫସିଲର ନଦ୍ରାଭଙ୍ଗ
୨* କଂସର ଆତ୍ମା
୩* କ୍ଷୁଧିତ ସରୀସୃପ
୪* ନୀଳଶୈଳ
୫* ମାଫିଆ
୬* କର୍ଣ୍ଣ
୭* ବିଷାଦ ବୃତ୍ତର କାହାଣୀ
୮* ଶୋଣିତ ସ୍ୱାକ୍ଷର
୯* ଏଇ ଯେ ସୂର୍ଯ୍ୟ ଉଏଁ
୧୦* ପ୍ରଳୟ ପରେ
୧୧* ତୃତୀୟ ପର୍ବ
୧୨* ଲୁହାର ମଣିଷ

ISSN NO.
2582-208X

୧୩* ଫୋନ୍ ଡାଏରୀ
୧୪* କାର୍‌ଗାରର କାହାଣୀ
୧୫* ପକା ପଇସା ଦେଖ ତାମ୍‌ସା
୧୬* ଏକ ପର୍‌ଜିତ ନାୟକର ସ୍ୱର୍ଗତୋକ୍ତି
୧୭* ନଷ୍ଟ ନୀଡ଼ର ଉପକଥା
୧୮* ସୋସିଆଲ ଟ୍ରାଜେଡ଼ିର ତିନୋଟି ନାଟକ
୧୯* ସୁନ୍ଦରୀ ପ୍ରତିଯୋଗିତା ଓ ଅନ୍ୟାନ୍ୟ ନାଟିକା
୨୦* ଜଣେ କୃଷକର ଆତ୍ମହତ୍ୟାକୁ ନେଇ
୨୧* ଅଂଧାରର ବିଭୀଷିକା
୨୨* କଙ୍କଣ ଦାସୀ କଥା
୨୩* ମଙ୍ଗଳ ଅମଙ୍ଗଳ ବିଲ୍ୱମଙ୍ଗଳ

ଶ୍ରୀ ଶତପଥି ଙ୍କ "କୋକୁଆ" ନାଟକର ନାମକରଣରେ ମହାଭାରତ ର ମିଥ୍ ର ପ୍ରଭାବ ପରିଲକ୍ଷିତ ହୁଏ। ଯଦିଓ ନାଟ୍ୟକାର ଏହାର ପରିକଳ୍ପନା ୨୦୧୦ ମସିହାରେ କରିଥିଲେ କିନ୍ତୁ ଏହା ୨୦୧୨ ମସିହାରେ "ବର୍ତ୍ତିକା" ପତ୍ରିକାର ପୂଜାସଂଖ୍ୟାରେ ପ୍ରକାଶିତ ହୋଇଥିଲା। ପରବର୍ତ୍ତୀ ସମୟରେ ଏହା "ତ୍ରିନେତ୍ର" ନାଟ୍ୟ ସଂସ୍ଥା ଦ୍ୱାରା ୪/୬/୨୦୧୩ ମସିହାରେ ଭୁବନେଶ୍ୱର ସ୍ଥିତ ରବୀନ୍ଦ୍ରମଣ୍ଡପ ରେ ପ୍ରଥମେ ଅଭିନୀତ ହୋଇଥିଲା ଓ ବହୁ ଲୋକପ୍ରିୟତା ଅର୍ଜନ କରି ୨୦୧୭ ମସିହାରେ ପୁସ୍ତକ ଆକାରରେ ଓଡ଼ିଶାର ଅଗ୍ରଣୀ ପ୍ରକାଶନ ସଂସ୍ଥା "ଅଗ୍ରଦୂତ" ଦ୍ୱାରା ପ୍ରକାଶିତ ।

ନାଟକର ମୁଖବନ୍ଧ ରେ ନାଟ୍ୟକାର ଏହି ନାଟକର ଭିତ୍ତି ସମ୍ପର୍କରେ ସଂକେତ ଦେଇ ଲେଖିଛନ୍ତି :- "ନକ୍ସଲ ଆନ୍ଦୋଳନ, ବିସ୍ଥାପନ ସମସ୍ୟା ଓ ସର୍ବୋପରି ଆମ ଜାତୀୟ ଜୀବନର ସଙ୍କଟକୁ ଏକ ଆଦିବାସୀ ପଲ୍ଲୀର ପଟ୍ଟଭୂମିରେ ମୁଁ ଦୃଶ୍ୟରୂପ ଦେବାପାଇଁ ଚାହିଁଛି ମିଥ୍ ର essence କୁ ନେଇ ।"

ISSN NO.
2582-208X

ଉକ୍ତ ନାଟକର ଚରିତ୍ର ମାନେ ହେଲେ - ଶ୍ୟାମାନନ୍ଦ, ଅତନୁ, ଅଜୟ, ଶିବୁ, MLA ଗୌନ୍ତିଆ, ବିଦେଇ, ଦାମ, ମନକା। ଉକ୍ତ ନାଟକରେ ସମୁଦାୟ ୨ଟି ସଂଗୀତ ର ସଂଯୋଗ ହୋଇଛି। ନାଟକର ପ୍ରାରମ୍ଭ ହୋଇଛି ଏକ ସଙ୍ଗୀତରୁ:

ଶୀର୍ଷକ ଗୀତ -୧
ଅନ୍ଧାର ଆସେରେ ମାଡ଼ି
ଚଉଦିଗେ କାଳ ରଡ଼ି
ସବୁଯାଏ ଜଳପୋଡ଼ି
କୋକୁଆ ଆସେରେ ମାଡ଼ି
କୋକୁଆ କୋକୁଆ କୋକୁଆ......

ଝରଣା ଶୁଖିଛି ଗଛ ବି ମରିଛି
ମାଟିର ବୁକୁରୁ ରକତ ଝରୁଛି
ସୈନିକ ମମତା ଯାଏ ବାଟ ହୁଡ଼ି
କୋକୁଆ ଆସେରେ ମାଡ଼ି...
କୋକୁଆ କୋକୁଆ କୋକୁଆ.....

ମଞ୍ଚ ର ଯବନକା ପରଦା ଟି ଅପସାରିତ ହେବା ପୂର୍ବରୁ ଅନ୍ତରାଳ ରେ ନାଟକର ନାମକରଣ ଓ ବିଷୟର ପରିଚୟାତ୍ମକ ଘୋଷଣା ହୋଇଛି ଯାହା ନମ୍ନ ରେ ପ୍ରଦତ୍ତ "ସାରଳା ଦାସଙ୍କ ମହାଭାରତ ବର୍ଣ୍ଣିତ 'କୋକୁଆ' ଉପାଖ୍ୟାନ ହେଉଛି ସମାଜ ଜୀବନରେ ସୃଷ୍ଟ ସନ୍ଦେହ, ଅବିଶ୍ୱାସ, ହତ୍ୟା ଓ ବିଭୀଷିକାର ପ୍ରତୀକାତ୍ମକ ଚିତ୍ର ଯାହା ଡାକ ଆଣିଥିଲା ଏକ କାଳାନ୍ତରକୁ । ଆଜି ବି ମନେ ହେଉଛି ଆମର ବୃହତ୍ତର ସମାଜ ବ୍ୟବସ୍ଥାରେ ପ୍ରତିଟି ମଣିଷ ଭୟ ଓ ଆତଙ୍କର ବାତାବରଣ ମଧ୍ୟକୁ ନିକ୍ଷିପ୍ତ । ମୋଟାମୋଟି ସାରଳା ଦାସଙ୍କ ପରିକଳ୍ପିତ ସେଇ କୋକୁଆର ଆଁ ଭିତରକୁ ଯେପରି ଠେଲି ହୋଇଯାଇଛି ଯାବତୀୟ ଉଚ୍ଚାଙ୍ଗ ମୂଲ୍ୟବୋଧ, ମାନବ ପ୍ରାଣର ଆବେଗ, ଉଚ୍ଛ୍ୱାସ ସମୂହ । ଏକ ଅଶାନ୍ତି ଅଶ୍ୱସ୍ତିର ବାତାବରଣ ସର୍ବତ୍ର । ଉଜୁଡ଼ି ଯାଇଛି ଗାଁ ଗଣ୍ଡା, ମଣିଷର ସବୁ ଭଲ ଗୁଣ । ଅର୍ଥ, କ୍ଷମତା ଓ ପାଶବିକ ପ୍ରବୃତ୍ତି ଆଜି ସବାର ହୋଇଛି ମଣିଷ ମନରେ । ପଲ୍ଲୀର କମ୍ର ବୁକୁ ରେ

ISSN NO.
2582-208X

କୋକୁଆ ର ଅଶାନ୍ତ ଡେଣା । ସବୁ ନାରଖାର ହୋଇଯାଇଛି – ନଈ, ଝରଣା, କ୍ଷେତ, ଜଙ୍ଗଲ ଓ ଆଦିବାସୀର ସରଳ ଜୀବନଚର୍ଯ୍ୟା । ବିସ୍ଥାପନ ଆଣିଛି ବଞ୍ଚି ରହିବାର ନୂଆ ସମସ୍ୟା । ଆଦିବାସୀ ପଲ୍ଲୀ ଧମାଗୁଡ଼ା ବି ସେଥିରୁ ମୁକୁଳନ୍ତି । ଏଠି ଆତଙ୍କର କଳା ବାଦଲ ଢାଙ୍କି ହୋଇ ରହିଛି । ଏ ଗାଁରେ ଶ୍ୟାମାନନ୍ଦ ଏକ ଆଶ୍ରମ କରି ମଣିଷ ଚରିତ୍ରର ରୂପାନ୍ତର ପାଇଁ ଉଦ୍ୟମ କରନ୍ତ, ଉଦାରତା ଓ ମାନବିକତାର ମହାମନ୍ତ୍ର ପ୍ରଚାର କରନ୍ତ, କିନ୍ତୁ ତାଙ୍କ ଆଦର୍ଶର ରୂପାୟନ ସମ୍ଭବ ହୁଏନି । ହାରି ଯାଆନ୍ତ ଶ୍ୟାମାନନ୍ଦ – ଯିଏ ଦିନେ କହୁଥିଲେ ହତ୍ୟା, ଧ୍ୱଂସ ଓ ବିଭୀଷିକା ସମାଜ ପରିବର୍ତ୍ତନର ନିୟାମକ ନୁହେଁ... । ଏଥିପାଇଁ ଚିତ୍ତବୃତ୍ତିରେ ପରିବର୍ତ୍ତନ ଲୋଡ଼ା । ପୁଣି ଆଗପରି ଚାଲେ ସେଇ କୋକୁଆର ରାଜୁତି । ଶ୍ୟାମାନନ୍ଦଙ୍କ ବିପର୍ଯ୍ୟୟ ଏକ ସାମୟିକ ଗ୍ଳାନି କମ୍ବା କାଳାନ୍ତରର ଇସ୍ତାହାର ତା'ର ଉତ୍ତର ହୁଏତ ଦେଇପାରେ ନାଟକ କୋକୁଆ..." ଉକ୍ତ ଘୋଷଣା ରୁ ନାଟକ ର ନାମ କରଣ ତଥାବିଷୟବସ୍ତୁ ଉପରେ ଦର୍ଶକଙ୍କୁ ସମ୍ୟକ୍ ସୂଚନା ପ୍ରାପ୍ତ ହୁଏ।

ଉକ୍ତ ନାଟକର ଅନ୍ୟ ଏକ ବିଶେଷତ୍ୱ ହେଲା, ନାଟକଟି କୌଣସି ଦୃଶ୍ୟ ବା ଅଙ୍କ ରେ ବିଭାଜିତ ହୋଇନାହିଁ । ଯାହା ନାଟ୍ୟରେ ପ୍ରୟୋଗାତ୍ମକ ଶୈଳୀ ର ପରିଚୟ ପ୍ରଦାନ କରେ।

କୋକୁଆ – ନାଟକର ମୁଖ୍ୟ ସ୍ୱର ସାଂପ୍ରତିକ ପରିପ୍ରେକ୍ଷୀରେ ପ୍ରବାହିତ ଜୀବନଧାରା ଉପରେ ପ୍ରତିଷ୍ଠିତ । ନାଟକ ର ଆରମ୍ଭ ହୁଏ ନିଜ ଭିଟାମାଟି ଓ ପୁତ୍ର କୁ ହରାଇଥିବା ମାନସିକ ଭାରସାମ୍ୟ ନଥିବା ଦାମ ର ସଂଳାପ ରୁ ପରେ ପରେ ନକ୍ସଲ ଓ ପୋଲିସ୍ ମଧ୍ୟରେ ଚାଲିଛି ଛକାପଞ୍ଝା । ଅତନୁ ପୋଲିସ ଅଧିକାରୀ । ନକ୍ସଲ ଙ୍କ ନିପାତ ପାଇଁ ସେ କମ୍ବିଂ ଅପରେସନ କରୁଛି ॥ ଅଜୟ ମାରାଣ୍ଡି ମୋଷ୍ଟ ୱାଣ୍ଟେଡ ମାଓବାଦୀ ତା ମୁଣ୍ଡ ପାଇ ସରକାର ୧୦ ଲକ୍ଷ ଟଙ୍କା ଇନାମ ରଖିଛନ୍ତ ।

ପୋଲିସ ର ଗୁଳିରେ ଆହତ ଅଜୟ ପହଞ୍ଚିଛି ଶ୍ୟାମାନନ୍ଦ ଙ୍କ ଆଶ୍ରମରେ, ଆଦିବାସୀ ଅଞ୍ଚଳରେ ଶ୍ୟାମାନନ୍ଦ ହେଉଛନ୍ତ ନିଃସ୍ୱାର୍ଥ ସେବା ର ପ୍ରତୀକ, ତାଙ୍କ ଆଶ୍ରମ ଅଛି ସତ ହେଲେ ସେ ଆଶ୍ରମରେ କୌଣସି ଦେବତା ପୂଜା ପାଆନ୍ତନି, ସେ ମାନବ ସେବା ହିଁ ଇଶ୍ୱରଙ୍କ ସେବା ଭାବରେ ଗ୍ରହଣ କରିଥିଲେ । ସେବା କରିବାର ଏହି ସ୍ୱଚ୍ଛ ମନୋଭାବ

ISSN NO.
2582-208X

ତାଙ୍କୁ ଏଯାବତ୍ ଅବିବାହିତ ରଖିଛି। ଶ୍ୟାମାନନ୍ଦ ତାଙ୍କ ପାଳିତ ଝିଅ ମେନକା ସହ ଆଶ୍ରମରେ ରୁହନ୍ତି ।

ଆହତ ୧୦ ଲକ୍ଷ ଟଙ୍କା ଇନାମ୍ ଥିବା ଦୁର୍ଦ୍ଦାନ୍ତ ମାଓବାଦୀ ଅଜୟ ମାରାଣ୍ଡି ର ପରିଚୟ ଜାଣିବାପରେ ତିଳେ ମଧ୍ୟ ବିଚଳିତ ନ ହୋଇ ଶ୍ୟାମବନ୍ଧୁ ଅଜୟ ର ଉପଚାର କରି ତାକୁ ସୁସ୍ଥ କରିଛନ୍ତି । ହିଂସା ର ମାର୍ଗ ଛାଡିବାକୁ ପରାମର୍ଶ ଦେଇ ଅଜୟ ର ମନ କୁ ସମ୍ପୂର୍ଣ୍ଣ ଭାବେ ପରିବର୍ତ୍ତନ କରିଦେଇଛନ୍ତି। ମାଓବାଦୀ ରୁ ଅଜୟ ହୋଇଛି ମାନବବାଦୀ। କିନ୍ତୁ ଘଟଣାକ୍ରମେ ସମାଜର ମୁଖ୍ୟ ସ୍ରୋତ ରେ ସେ ସମ୍ମିଳିତ ହୋଇପାରି ନାହିଁ। ଯାହା ତାର ଅନ୍ତରର ଅନ୍ୟଏକ ପିପାସା।

ନିରୀହ ଆଦିବାସୀ ମାନଙ୍କ ର ଗ୍ରାମ ହେଉଛି ଧମାଗୁଡା ଏଠି ସେମାନେ ଖୁସିରେ ଜୀବନ ଯାପନ କରନ୍ତି। ପାଖରେ ଯାହା ଅଛି ସେଥିରେ ସେମାନେ ସନ୍ତୁଷ୍ଟ, ଅଭାବ ବୋଧ ରହିଥିଲେ ମଧ୍ୟ ସେମାନଙ୍କୁ କେବେ ଲୋଭ ଗ୍ରାସିନି, ଜୀବନର ସବୁ ଅଭାବ ଅସୁବିଧା କୁ ସେମାନେ ଦୂର କରିଦିଅନ୍ତି ଝରଣାର କୁଳକୁଳୁ ନାଦରେ ମଜ୍ଜି ଯାଇ ଓ ବେଳେବେଳେ ସବୁଜିମା ରେ ପରିପୂର୍ଣ୍ଣ ଜଙ୍ଗଲ ପାହାଡ ଘେରା ନିଜ ଗାଁ, ମାଟି, ଜମି, ଫସଲ କୁ ଭଲପାଇ। କିନ୍ତୁ ବେଶିଦିନ ଏ ଆନନ୍ଦକୁ ସେମାନେ ଭୋଗକରି ପାରି ନାହାଁନ୍ତି, ରାଜନୈତିକ ଓ ପୁଞ୍ଜିବାଦୀ ଗୋଷ୍ଠୀ ଙ୍କ ଲୋଲୁପଦୃଷ୍ଟି ଏଇ ନିରୀହ ଆଦିବାସୀ ମାନଙ୍କ ସୁଖରେ ନିଆଁ ଲଗାଇ ଦିଏ। ସେମାନଙ୍କ ଜମିକୁ ଅକ୍ତିଆର କରି ସେମାନଙ୍କୁ ବାଧ୍ୟ କରି ସେଠୁ ବିସ୍ଥାପିତ କରନ୍ତି ପୁଞ୍ଜିବାଦୀ ଗୋଷ୍ଠୀ। କଳାକାରଖାନା ବସେଇବା ଉଦ୍ଦେଶ୍ୟରେ ଆଦିବାସୀ ମାନଙ୍କୁ କାରଖାନା ରେ ଚାକରି, ଅନ୍ୟ ସ୍ଥାନ ରେ ଆବାସ ଆଦି ନାନା ପ୍ରକାର ଲାଳସା ଦେଇ ସ୍ଥାନୀୟ ବିଧାୟକ ଗୌନ୍ତିଆ କୁ କରାୟତ କରି ନିଜ ଭିଟାମାଟି ରୁ ସେମାନଙ୍କୁ ବିତାଡ଼ିତ କରାଯାଇଛି । ନିଜ ଅଧିକାର ପାଇଁ ସେମାନେ ଯେତେବେଳେ ସ୍ୱର ଉତ୍ତୋଳନ କରିଛନ୍ତି ସେତେବେଳେ ସେମାନଙ୍କୁ ଅକଥନୀୟ ଅତ୍ୟାଚାର କରାଯାଇଛି । ନିଜ ଅଧିକାର କୁ ଛଡେଇ ଆଣିବାକୁ ବାଧ୍ୟ ହୋଇ ହିଂସା ର ମାର୍ଗକୁ ଆପଣେଇଛି ଆଦିବାସୀ ଯୁବକ ଶିବା। ପୋଲିସ ଏନ୍-କାଉଣ୍ଟର ରେ ସେ ନିହତ ହୁଏ । ପୁତ୍ର ର ଏ ଅକାଳ ବିୟୋଗ ରେ ବାପା ଦାମ ମଧ୍ୟ ପାଗଳ ହୋଇଯାଏ । ପୋଲିସ୍ ଗୁଳିରେ ପରିବାର ଭିଟାମାଟି ଧ୍ୱଂସ ହେବା ପରେ ପାଗଳ ହୋଇଯାଇଛନ୍ତି ଦାମ ପରି ନିରୀହ ଲୋକେ । ହେଲେ ଏମାନଙ୍କ ପାଇଁ

ISSN NO.
2582-208X

ଈଶ୍ୱର ପାଇଟିଛନ୍ତି ଶ୍ୟାମାନନ୍ଦ । ତାଙ୍କ ଆଶ୍ରମରେ ସେ ଶୋଷିତ, ଅତ୍ୟାଗ୍ଚରିତ, ବଞ୍ଚିତ , ଲାଞ୍ଛିତ ଲୋକମାନଙ୍କୁ ଆଶ୍ରୟ ଦେଇଛନ୍ତି । ତାଙ୍କର ଆଶ୍ରମରେ ଆଶ୍ରୟ ପାଇଥିବା ଅନାଥ ବାଳକ ଅତନୁ ସମୟ କ୍ରମେ ହୋଇଛି ପୋଲିସ୍ ଇନ୍ସପେକ୍ଟର । ଆଶ୍ରମରେ ଅନାଥ ରିଫ୍ୟୁଜି ଝିଅ ମନକାକୁ ପାଳଛନ୍ତି ଶ୍ୟାମାନନ୍ଦ । ଶ୍ୟାମାନନ୍ଦ ହିଁ ଶିବୁ ପରି ଆଦିବାସୀ ପିଲାଙ୍କୁ ପାଠ ପଢ଼େଇ ଶିକ୍ଷିତ କରିଛନ୍ତି । ଆଉ ପୋଲିସ୍ ସହ ସଂଗ୍ରାମ କରି କ୍ଷତବିକ୍ଷତ ହେଇଥିବା ଅଜୟ ମାର୍ଣ୍ଡି ଭଳ ମାଓବାଦୀକୁ ନଜ ସେବା ବଳରେ ନୂଆ ଜୀବନ ଦେବା ସହ ତାଙ୍କର ରୂପାନ୍ତର କରିଛନ୍ତି ଶ୍ୟାମାନନ୍ଦ । ଶ୍ୟାମାନନ୍ଦଙ୍କର ବିଗ୍ଚରରେ ହିଂସା ରକ୍ତପାତ ନୁହେଁ, ସ୍ନେହ, ପ୍ରେମ, ଶ୍ରଦ୍ଧାଚଳରେ ବଦଳେଇ ହେବ ସମାଜକୁ, ପୃଥିବୀକୁ ।

କନ୍ତୁ ପୁଞ୍ଜିବାଦୀ ଗୋଷ୍ଠୀ ଙ୍କ ଚକ୍ରାନ୍ତ ଆଗରେ ପରାସ୍ତ ହୋଇଛି ଶ୍ୟମାନନ୍ଦ ଙ୍କ ଶାନ୍ତ ମୈତ୍ରୀ ଅହିଂସା ର ଅସ୍ତ୍ର !! ପୁଞ୍ଜିବାଦୀ ଗୋଷ୍ଠୀ ର ଦଲାଲ୍ MLA ଗୌନ୍ତଆ ଶ୍ୟମନନ୍ଦ କୁ ଘ୍ଚପ ପକେଇଛି ଓ ଧମକ ଦେଇଛି କଳକାରଖାନା ସପକ୍ଷରେ ମତ ଦେବାକୁ ନହେଲେ ହେବ ଆଶ୍ରମର ବିନାଶ। ଶ୍ୟାମାନନ୍ଦ କନ୍ତୁ ରାଜି ହୋଇନ ପୁଞ୍ଜିପତି ଦଲାଲ୍ ଗୌନ୍ତଆ ର ଘ୍ଚପରେ କମ୍ପା ଧମକ ରେ । ଶେଷରେ ପରିଣତି ହୋଇଛି ନଷ୍ଠୁର।

ତେଣେ ଆବିର୍ଭାବ ହୁଏ ପୋଲିସ ଗୁଳରେ ମରିଥିବା ଆଦିବାସୀ ଯୁବକ ଶିବ ର । ସେ ବଞ୍ଚିଛି ଛଦ୍ମ ଭାବରେ ନଜ ନାମ ପରିଚୟ ଗୋପନ ରଖି । ଫେରିଛି ଅଜୟ ମାର୍ଣ୍ଡି କୁ ସାଥିରେ ନେଇ ତାର ଅଧିକାର ର ସ୍ୱପ୍ନ କୁ ସତ କରିବା ପାଇଁ, ତାହା କନ୍ତୁ ଶ୍ୟମାନନ୍ଦ ଙ୍କ ମନ୍ତ୍ର ଶାନ୍ତ ମୈତ୍ରୀ ଓ ଅହିଂସା ଦ୍ୱାରା ନୁହେଁ । କେବଳ ହିଂସା, ନପାତ, ଧ୍ୱଂସ ଓ ବିନାଶ ଦ୍ୱାରା । ତାର ନୂଆ ନାମ ହେଉଛି ସଦାଶିବ ରାଓ, ଓ ପରିଚୟ ହେଲା ମାଓବାଦୀ ସଂଗଠନ ର ମୁଖ୍ୟ କମାଣ୍ଡର।

ସେ କହିଛି ଶ୍ୟାମାନନ୍ଦ ଙ୍କୁ କହିଛି - "ହଁ ସାର... ଗୋଟାଏ ଅନ୍ଧାରର ସୁଢଙ୍ଗ ଦେଇ ମୁଁ ଗ୍ଚଲିଛି । ଆଉ ପଛକୁ ଫେରିବାର ସମ୍ଭାବନା ନାହିଁ । ଅଜୟକୁ କହିଦେବେ ମୁଁ ଆସିଥିଲି... ଆଉ ମୋ 'ବା... ଯାହାକୁ ଆପଣ ଯତ୍ନରେ ରଖିଛନ୍ତି ଏ ଆଶ୍ରମରେ... ତାକୁ କହିଦେବେ... (ଆକୁଳ ହୋଇ ଜୋର୍ କଣ୍ଠରେ କହିଛି) ଶିବୁ ଦେଖା ହୋଇଥିଲା... କହିଯାଇଛି... ଭଲ ସମୟ କେବେ ଆସିବ ସେ ଜାଣିନ... ଜଙ୍ଗଲ କେବେ ଆମର ହେବ... ଝରଣା ପୁଣି

ISSN NO.
2582-208X

କେବେ କୁଳୁକୁଳୁ ହେଇ ବହିବ... ସେ ଜାଣିନ... ଜମା ଜାଣିନ... (ଏହା କହି ସେ ବିକଳ ହୋଇ କାନ୍ଦିଛି ଓ ଚାଲିଯାଇଛି ଦ୍ରୁତ ପଦକ୍ଷେପରେ )

ଶ୍ୟାମନନ୍ଦ ଙ୍କ ଆଶ୍ରମ ରେ ଇନ୍ସପେକ୍ଟର ଅତନୁ ଚଢ଼ାଉ କରି ଅଜୟ ମାରାଣ୍ଡି କୁ ଆତ୍ମସମର୍ପଣ ପାଇଁ କହିଛି ଡ଼ାକବାଜି ରେ ଘୋଷଣା ହୋଇଛି ଶ୍ୟାମାନନ୍ଦ ଙ୍କ ଉଦ୍ଦେଶ୍ୟରେ- "ଘୋଷଣା : ଶ୍ୟାମାନନ୍ଦ, ତୁମେ ଦୁର୍ଦ୍ଧାନ୍ତ ମାଓ ନେତା ଅଜୟ ମରାଣ୍ଡି ଓ ଅନ୍ୟମାନଙ୍କ ସହ ଆତ୍ମ ସମର୍ପଣ କର । ଯଦି ଆତ୍ମ ସମର୍ପଣ ନ କର ତାହେଲେ ପୋଲିସ ଜୋର ଜବରଦସ୍ତ ଆଶ୍ରମ ପରିସରରେ ପହଞ୍ଚିବ । ପ୍ରତିରୋଧ କଲେ ରକ୍ତପାତ ଘଟିବ । ଆଉ ଏଥି ପାଇଁ ତୁମେ ଦାୟୀ ରହିବ ।"

ଏଇ ଅଳ୍ପଦିନ ମଧ୍ୟରେ ଅଜୟ ସହ ମନକା ର ପ୍ରଣୟ ହୋଇଛି I ଦୁହେଁ ଦୁହିଁଙ୍କୁ ନେଇ ଅନେକ ସ୍ୱପ୍ନ ଦେଖିଛନ୍ତି । ଅଜୟ ମାଓବାଦୀ ରୁ ପରିବର୍ତନ ହୋଇ ସ୍ୱପ୍ନ ଦେଖିଛି ପରିବାର ଗଢିବାର । ତାର ଏଇ ସ୍ୱପ୍ନ ବାସ୍ତବରେ ପରିଣତ ହେବାର ସମୟ ବୋଧ ହୁଏ ଆଜିର ଏହି ଗମ୍ଭୀର ରାତ୍ରୀ ରେ ଉପଗତ। ରାତ୍ରୀ ର ନୀରବତା ଙ୍କୁ ଭାଙ୍ଗି ଘରଭିତରୁ ଭାସି ଆସିଛି ମନକାର ପ୍ରସବକାଳୀନ ଯନ୍ତ୍ରଣାର ସ୍ୱର । ଅଜୟ ଆସିଛି ଭିତରପଟ ଘରୁ ଅସ୍ଥିର ଓ ବିବ୍ରତ ହୋଇ । ପୋଲିସ୍ ଗାଡ଼ିର ସାଇରନ୍ ବୁଟ୍ ଶବ୍ଦ ପରିବେଶକୁ ଭୟଙ୍କର କରି ରଖିଛି । ବିଭିନ୍ନ ଦିଗକୁ ଅଜୟ ସତର୍କତାର ସହ ଚାହିଁଛି, ପୁଣି ଲେଉଟି ଆସୁଛି ।

ଶିବ ଆସିଛି ଅଜୟ କୁ ସାଥିରେ ନେବା ପାଇଁ ଅତନୁ ମଧ୍ୟ ଆସିଛି ଶିବ ଓ ଅଜୟ କୁ ଗିରଫ କରିବା ପାଇଁ। ସଂପୂର୍ଣ୍ଣ ପରିବର୍ତ୍ତିତ ମାନବବାଦୀ ଅଜୟ ବଞ୍ଚିବାକୁ ଚାହିଁଛି ତାର ପ୍ରେମିକା ମୋନକା ର କଥା ତା ମନରେ ଉଦ୍-ବେଳତ ଜୁଆର ପରି ବିବ୍ରତ ସୃଷ୍ଟିକରୁଛି ସେ କହିଛି -(ପୂର୍ବଠାରୁ ଅଧିକ ବିବ୍ରତ ଓ ବିଚଳତ ହୋଇ) "ମତେ...ମତେ କଣ ତୁମେମାନେ ଭଲରେ ରହିବାକୁ ଦବନ । ବଞ୍ଚିବାର ରାହା ଖୋଜୁଥିବା ମୋ ପରି ଗୋଟେ ମଣିଷକୁ ଶାନ୍ତ ରେ ନିଃଶ୍ୱାସ ମାରିବାକୁ ଦବନ । କୁହ ସଦାଶିବ ଭାଓ... କୁହ ଇନସ୍ପେକ୍ଟର ଅତନୁ... କୁହ ? ପ୍ଲିଜ୍ ମୋତେ ବଞ୍ଚିବାକୁ ଦିଅ ।"

ISSN NO.
2582-208X

ଅଜୟ ର କଣ୍ଠରେ ପୂରି ରହିଚ ଭବି ସନ୍ତାନ ପାଇଁ ପିତୃସୁଲଭ କାରୁଣ୍ୟ ଓ ସ୍ତ୍ରୀ ପ୍ରତି ସ୍ୱାମୀର ଥିବା କର୍ତ୍ତବ୍ୟ ବୋଧ ର ଆର୍ତ୍ତ ଚତ୍କାର ସେ ନଜେ ବଞ୍ଚିବାକୁ ଗୃହେଁ ଏଇ ତାର ସଂସାର ପାଇଁ।

ଇନସ୍ପେକ୍ଟର ଅନତୁ ଶିବ ଓ ଅଜୟ ତିନ ଜଣଙ୍କ ମଧରେ ବାଦ ବିବାଦ ଯୁକ୍ତ ଭିତରେ ପୋଲିସ ର ଗୁଳ ବାଜିଛି ଶିବ କୁ ସେ ଟଳ ପଡ଼ିଛି ତତକ୍ଷଣାତ୍। ପରେ ପରେ ଗୁଳ ବାଜିଛି ଅଜୟ କୁ ସେ ମଧ ତଳେ ପଡ଼ିଛି । ସେଇ ଗୁଳବିଦ୍ଧ ଅବସ୍ଥାରେ ଯନ୍ତ୍ରଣାରେ ଅଜୟ କହିଛି – "ଆ... ଆହ .. ଏମାନେ... ଏମାନେ କେହିହେଲେ ମତେ ବଞ୍ଚିବାକୁ ଦେଲେନ ମନକା... ମୁଁ ଫେରି ପାଇଥିବା ଜୀବନର ସେଇ ସହଜ ସରଳ... ରସ୍ତାକୁ ଏମାନେ ବନ୍ଦ କରିଦେଲେ...ମୁଁ ଦିନେ ନା ଦିନେ ଫେରିବି ଏଇ ଧମାଗୁଡ଼ା ଗାଁକୁ... ଫେରିବି... ମ...ନ... କା "

ସେଇଠି ରକ୍ତାକ୍ତ ଅବସ୍ଥାରେ ଟଳ ପଡ଼ିଛି ଅଜୟ। ଛଟପଟ ହେଲ୍ ପରେ କ୍ରମଶଃ ସ୍ଥିର ହେଲ୍ ଅଜୟର ଦେହ । ଅତନୁ ପଶ୍ଚାତାପ କରିଛି । ଅତନୁ ବସିପଡ଼ିଛି ତା ସ୍ଥିର ଦେହଟା ପାଖରେ, ଫୋନ ଆସିଛି ଅତନୁର ଏଣେ ଅଧିକତର ହୋଇଛି ମନକାର ପ୍ରସବକାଳୀନ ଯନ୍ତ୍ରଣା । ପରେ ଜନ୍ମତ ଶିଶୁର କୁଆଁକୁଆଁ ଶବ୍ଦ ଶୁଣାଯାଇଛି ତୁହାଇ ତୁହାର... । ତା' ସାଙ୍ଗକୁ ଭଙ୍ଗାରୁଜୀ, ଗୁଳଗୋଳାର ଭୟଙ୍କର ଶବ୍ଦରେ କାନ ତାବଦା ହୋଇଯାଇଛି । ଅସ୍ଥିର ଭବରେ ପଦଗୃରଣ କରି ଅତନୁ ମୋବାଇଲରେ କହିଛି । "ଓ ଆଇ ସେ ଷ୍ଟପ୍ ଇଟ୍... ଷ୍ଟପ୍ ଇଟ୍... ଷ୍ଟପ୍ ଫାୟାରିଂ" କନ୍ତୁ ଫାୟାରିଂ, ଭଙ୍ଗାରୁଜା ନୀରବ ହୋଇନ । କୁଆଁ କୁଆଁ କାନ୍ଦୁଥିବା ସଦ୍ୟଜାତ ଶିଶୁକୁ ଗୋଟେ କନାରେ ଗୁଡ଼େଇ, ଗୋଟିଏ ହାତରେ ଛାତି ପାଖରେ ଆଉଜେଇ ଓ ଆର ହାତରେ ମନକାର ହାତ ଧରି କାନ୍ଦିକାନ୍ଦି ମଞ୍ଚକୁ ଆସିଛନ୍ତି ଶ୍ୟାମାନନ୍ଦ । ଅତନୁକୁ କୁ ଦେଖି ସେ କହିଛନ୍ତି ସାରା ଆଶ୍ରମଟା ଛାର୍‌ଖାର୍ ହେଇଗଲା... ଆସ... ଆସ ଅତନୁ... ମତେ ଆରେଷ୍ଟ୍ କର... ମନିକାକୁ ଆରେଷ୍ଟ କର... ସିଏ ପରା ଗୋଟେ ଟେରରିଷ୍ଟର ପତ୍ନୀ... ଆଉ ଏବେ ଜନ୍ମ ନେଇଥିବା ଶିଶୁ... ତାକୁ ବି ଆରେଷ୍ଟ କର...

ISSN NO.
2582-208X

ଅତନୁ ଶ୍ୟାମାନନ୍ଦଙ୍କୁ କହିଛି "ଆଇ ଆମ୍ ଅନ୍-ଡନ୍ ସାର୍ ! ଉପରୁ ଯାହା ନର୍ଦ୍ଦେଶ ଥିଲା ମୁଁ ତାହା ପାଳନ କରିଛି । (ଚତ୍କାର କରି) ହଁ ସାର୍... ମୁଁ ଗୋଟେ ସ୍ଲେଭ... ମୋର ବିବେକ ମଣିଷପଣିଆ, ମୋ ସ୍ଲେଭରୀ ପାଖରେ ବନ୍ଧା ପଡ଼ିଛି" ଆଖିରେ ଅଶ୍ରୁ, କଣ୍ଠରେ ବ୍ୟଥା ଓ ବେଦନା "ଆସୁଛି ସାର୍... ଯାହା ଘଟିଗଲା... ତାହା ଥିଲା ମୋ ନୟନ୍ତ୍ରଣର ବାହାରେ... ଜାଣିନ... ମତେ ଆପଣ କ୍ଷମା କରିବେ କ ନାଁ... ଜାଣେନା... ପୁଣି କେବେ ଦେଖା ହେ ବି ଆପଣଙ୍କ ସାଙ୍ଗରେ... କନ୍ତୁ ଆଜି ମୋ ରେଜିଗ୍ନେସନ୍ ଲେଟର ମୁଁ ହାଇଅର ଓଥରିଟିଙ୍କ ପାଖକୁ ପଠେଇ ଦଉଛି... ହଁ... ମୋ ବିବେକ କହୁଛି... ମୁଁ ମିଶିବି... ଅଗଣିତ ନରନ୍ନ ମଣିଷମାନଙ୍କ ସହିତ... ସମସ୍ୟାରେ ଘାଣ୍ଟି ହେଉଥିବା ମଣିଷମାନଙ୍କ ସହିତ... ଆଉ ସେଇ ମାନଙ୍କ ପାଇଁ କାମ କରିବି... !!"

ଏହା କହି ଚାଲିଗଲେ ଅତନୁ। କ୍ରନ୍ଦନ ରତ ଶ୍ୟମାନନ୍ଦ ନଶ୍ଵ ପରାଜିତ ବୋଧ କରି ସେ କହିଛନ୍ତି- "ଆତଙ୍କ... ଭୟ... ବିଭୀଷିକା... ଅବିଶ୍ୱାସ ଚତୁଃର୍ଦ୍ଦିଗରେ... ଝରଣାରେ ରକ୍ତର ସ୍ରୋତ, ପବନରେ ଚହଟି ଯାଇଛି ବିଷ... କାହିଁ ବଞ୍ଚିବାର ରାହା.. ? ସୁସ୍ଥ ଜୀବନର ଛନ୍ଦ... ? କାହିଁ... ? ତେବେ... (ମନକା ଧରିଥିବା ଶିଶୁ ନକଟକୁ ଯାଇ ତାକୁ କୋଳକୁ ଆଣି) ଏ ଶିଶୁ... ଆପଣେଇବ କାଲି ପତ୍ନୀକୁ ଆଗାମୀ କାଳରେ.... ? ସ୍ନେହ, ପ୍ରେମ, ମମତା ନା ଧ୍ୱଂସ, ଆତଙ୍କ ବିଭୀଷିକାର ପଥ... ? କୋଉ ପଥ ?

ଏହି ସମୟରେ ଆସିଛି ଦ୍ରୁତ ଗତିରେ ଦାମ । ଏପରି ଅବସ୍ଥାରେ ମନକା ଓ ଶ୍ୟାମାନନ୍ଦଙ୍କୁ ଦେଖି ଏବଂ ପଡ଼ିଥିବା ଶବ ଦୁଇଟିକୁ ଦେଖି ସେ ଅଟକ ଯାଇଛି । ବସି ପଡ଼ିଛି ତଳେ । ଶବ ଦୁଇଟିକୁ ଏକଡ଼, ସକଡ଼ କରି ନରେଖ ଚାହିଁଛି । ବାଧା ମାନନ ଆଖିଲୁହ । କନ୍ତୁ ସେ ବିଶ୍ୱାସ କରିନ ଯେ ଏହା ତ ପୁଅ ଶିବ ର ଶବ ସେ କହିଛି ଏହା ନଶ୍ଚୟ କୋକୁଆ ର କାମ, ଶିବୁ ନଶ୍ଚୟ ଫେରିବ କୋକୁଆ କୁ ମାରିବ । ଏଇ ଫେରିଆସିବାର ବିଶ୍ୱାସ କୁ ନେଇ ନାଟକ ଟିର ଯବନକା ପଡିଛି !! ନଶ୍ଵ ଶ୍ୟମାନନ୍ଦ ଙ୍କୁ ବିଜୟ ପରେ ମିଳଥିବା ବିଫଳତା, ହିଁ ନାଟ୍ୟ ରେ ଚନ୍ହିତ ଭାବ ବସ୍ତୁ। ସାଂପ୍ରତିକ ସମାଜରେ ନଷ୍ପେସିତ ଲାଞ୍ଛିତ ଦଳତ ବଞ୍ଚିତ ଲୋକଙ୍କ ପ୍ରତି ବଢୁଥିବା ଅତ୍ୟାଚାର ଅନ୍ୟାୟ କୁ ନାଟକରେ ନରୀହ ଆଦିବାସୀ ଙ୍କ ଗ୍ରାମ ରେ ଘଟିଥିବା ଘଟଣାର ଦାରୁଣ ଚନ୍ରପଟରେ ନାଟ୍ୟକାର କୋକୁଆ ପରି ମିଥ ସଂଯୋଗରେ

ISSN NO.
2582-208X

ଏହି କଥାବସ୍ତୁ କୁ ନୂତନ ସ୍ୱରୂପ ଦେଇ ବାନ୍ଧିଛନ୍ତି, ଯାହା ଦ୍ୱାରା ନାଟକ ଟି ଦର୍ଶକ ଙ୍କ ଉପରେ ପ୍ରଭାବ ବିସ୍ତାର କରିପାରି ଲୋକପ୍ରିୟ ହୋଇପାରିଛି ।

ସହାୟକ ଗ୍ରନ୍ଥ ସୂଚୀ
***********

ନାଟକ କୋଳୁଆ - ପ୍ରକାଶକ - ଅଗ୍ରଦୂତ (କଟକ)
ଓଡ଼ିଆ ନାଟକର ଐତିହାସିକ ବିବର୍ତ୍ତନ - ହେମନ୍ତ କୁମାର ଦାସ
ଓଡ଼ିଆ ସାହିତ୍ୟ ର ଇତିହାସ - ସୁରେନ୍ଦ୍ର ମହାରଣା
ଓଡ଼ିଆ ନାଟକର ଉତ୍ତର ଆଧୁନକ ପର୍ବ - ହେମନ୍ତ କୁମାର ଦାସ
ନାଟକତତ୍ତ୍ୱ ବିଗ୍ଭର - ନାରାୟଣ ସାହୁ

ଚଣ୍ଡିଖୋଲ, ଯାଜପୁର, ଓଡ଼ିଶା

ISSN NO.
2582-208X

# ସ୍ୱାଗତମ୍ ମା



ତ୍ରିପତି ପ୍ରଧାନ

ଶରତର ଶୋଭା ଗ୍ରୀଷ୍ମ ଋତୁ ଆଭା
ବର୍ଷା ଶେଷ ଖଣ୍ଡ ମେଘ
କାଶତଣ୍ଡି ଗଭା ଜହ୍ନି ପୁଷ୍ପ ଲୋଭା
ପ୍ରକୃତି କରି ସଂଯୋଗ(୧)
ଢୋଲ ଘଡ ଘଡି ସମୀର ମହୁରୀ
ଭେକ ହୁଳ ହୁଳୀ ତାନେ
ଆଲୋକ ଚପଳା ଦୀପ୍ତି ଝଲସିଲା
ମହୀ ସବୁଜ ବସନେ(୨)
ତୁଳସୀ ଚଉଁରା ମୂଳେ ଗାଏ ବାଳା
ତବ ସ୍ୱାଗତ ସଙ୍ଗୀତ
ଜଳେ ଜଳ ଜୀବ କୁମୁଦ ରାଜୀବ
ନୃତ୍ୟ ରତା ଷଡ୍ ପଦ(୩)
ଆସ ଅବତରୀ ମାଗୋ ମାହେଶ୍ୱରୀ
ନାଶ ମହିଷା ସ୍ୱଭାବ
ଭର ଜନ ହୃଦେ ମମତା ମଳୟ
ବାହି ସ୍ନେହ ପ୍ରୀତି ରାଗ (୪)

ISSN NO.
2582-208X

ବୁଣି ଦିଅ ଥରେ ଏ ଧାରା ବକ୍ଷରେ
କୁପ୍ରକୃତି ନଷ୍ଟ ଉତ୍ସ
ବାରମ୍ବାର ପୁଣି ମର୍ତ୍ତେ ଆସିବନି
ଧରି ଭିନ୍ନ ଭିନ୍ନ ବେଶ(୫)
ରୁଦ୍ରମହାକାଳୀ ନବ ଦିନ ଧରି
ଦୁର୍ଗା ଆଦି ରୂପ ନେଇ
ଦୀପର ଆବଳି ଦେବୀ ମହାକାଳୀ
ପଦ୍ମାଳୟା ବିଦ୍ୟାଦାତ୍ରୀ(୬)
ବୁଣ ସୁପ୍ରକୃତି ପୂଜୁଥିବେ ନିତି
ଜଗତ ତବ ଚରଣ
ଧର୍ମ ସତ୍ୟ ନ୍ୟାୟ ଅହିଂସା ଆସ୍ତେୟ
ମର୍ତ୍ତ୍ୟ ହେବ ସ୍ୱର୍ଗ ଧାମ(୭)

ସଂସ୍କୃତ ଶିକ୍ଷକ,
ଚକଟି,ଗଞ୍ଜାମ

ISSN NO.
2582-208X

# ପୁଅ ଜୀଉନ୍ତିଆ...

ସ୍ୱାଗତିକା ନାଏକ

ହେଉ ଶୁଣୁଛ । ବଜାରକୁ ଜଲଦି ଯାଅ ମାଛ ଟିକେ ଆଣିବ । ପୁଅ ମୋର ଖାଇବାକୁ ଭାରି ପସନ୍ଦ କରେ । ପୁଅ ମୋର ପୁଅ ଜିଉନ୍ତିଆ ଛୁଆଁଇବାକୁ ଆସୁଥିବ ଯେ । ସେପଟୁ ଜୋର୍ ରେ ଆବାଜ୍ ଦେଲେ ମୁନାବୋଉ ମୁନା ବାପାକୁ । ମୁନା ବାପା କହିଲେ, ହଉ ହେଲା ମୁଁ ବଜାରକୁ ଯାଉଛି ଚୁନା ମାଛ ତା ପାଇଁ ଆଣିବି । ହେଲେ ତୁମେ ଟିକେ ଫୋନ୍ କଲ ନାହିଁ ଯେ ସେ କେତେବାଟ ହେଇଛି । ବୋହୁକୁ ସାଥିରେ ଆଣୁଚି କି ନାହିଁ? ମୋ ପୁଅ ନିଶ୍ଚୟ ଆସିବ । ଗୋଟେ ଓଳି ରହିବ ବୋଲି ବୋହୁକୁ ସାଙ୍ଗରେ ଆଣିବ କି ନାହିଁ କେଜାଣି ।

ଓଳିଏ ପାଇଁ ହେଲେ ବି ନିଶ୍ଚୟ ଆସିବ । ସବୁଦିନ ଭିଡିଓ କଲ୍ ରେ ସିନା ଦେଖୁଛି ହେଲେ ମୋ ପୁଅ କୁ ଆଜି ମନଭରି ଦେଖିବି କହି କାନ୍ଦି ପକେଇଲେ ମୁନା ବୋଉ । ମୁନାର ବାପା କହିଲେ କାନ୍ଦୁଛ କଣ ପଚାର ତୁମ ପୁଅକୁ ଫୋନ୍ ରେ କେତେ ବାଟ ହେଇଛି । ତୁମେ ଟିକେ କରୁନ ମୁନା ବାପା । ହଉ ମୁଁ କରୁଛି କହି ମୁନା ବାପା ମୁନାକୁ ଫୋନ୍ କଲେ । ଫୋନ୍ ରିଙ୍ଗ ହେଲା, ତାପରେ ମୁନା ବାପା କହିଲେ ଆୟୁଷ୍ମାନ ପୁଅ ।

ମୁନା ବୋଧେ ଫୋନ୍ ରିସିଭ୍ କଲା । ତାପରେ ବାପାଙ୍କୁ ପ୍ରଣାମ ଜଣେଇଲା । ବାପା କେତେବାଟ ନ ପଚାରୁଣୁ ମୁନାପଟୁ ଶବ୍ଦ ଶୁଣାଗଲା ଯେ, ବାପା କଣ କି ମୁଁ ଏବେ କଲ୍ କରିବି କହୁଥିଲି । ମୋ ମା କୁ କହିବ ମୋତେ ଅପେକ୍ଷା ନକରି ଖାଇଦେବ । ମୁଁ ପରେ ସୁବିଧା ଦେଖି ଦିନେ ଯିବି । ମୋ ଶାଶୁ ପ୍ରଥମ ଥର ପାଇଁ ମୋ ପାଇଁ ପୁଅ ଜିଉନ୍ତିଆ କରୁଛନ୍ତି । ସେ କିଛି ଖାଇ ନାହାନ୍ତି ମୋ ଅପେକ୍ଷାରେ । ବହୁତ ଥର ଫୋନ୍ ବି କଲେଣି । ମୁଁ ଯାଉଛି ଏଥର ବନ୍ଦେଇବା ପାଇଁ ତାଙ୍କ ପାଖକୁ । ମୋତେ ବହୁତ ଥର କଲ କଲେଣି । ମନ ଦୁଃଖ କରିବନି କହିଦେବ ତାକୁ । ମୁନାର ବାପା ଫୋନ୍ ଧରି ଆଁ କରି ରହିଗଲେ । ମୁନା ର ବୋଉ କଣ କହିଲା ପୁଅ ବୋଲି ଉତ୍କଣ୍ଠାର ସହ ପଆରିଲେ – ପୁଅ ମୋର କେତେ ବାଟ?

ଟୁଟୁସିଙ୍ଗା, ବୌଦ୍ଧ

ISSN NO.
2582-208X

# ଅନୁଭବିର ଅନୁଭବ



ଦୀପକ କୁମାର ବେହେରା

ସରି ସରି ଆସେ ବିତି ବିତି ଯାଏ
ଏ ଜୀବନ ଯଉବନ,
କାହିଁକି କେଜାଣି ଅଥୟ ହୁଅଇ
ଏହି ଯଉ ମୋର ମନ ।। ୧ ।।
କିମ୍ପା ଲାଗି ମୁହିଁ ଆସିଛି ଏଠାକୁ
ଭୁଲି କି ଯାଇଛି ମୁହିଁ,
ସମସ୍ତଙ୍କ ସହ ମିଶିବାକୁ ଏଠି
ଏତେ ଲାଗେ ଡର କାହିଁ ! ।। ୨ ।।
ସପନ ଅଛି ମୋ ବଡ଼ ହେବା ପାଇଁ
କିଛି କରିଯିବା ପାଇଁ,
ହେଲେ ମୋର ମନ ଅସ୍ଥିର ହୁଅଇ
କିଛି କରି ପାରେ ନାହିଁ ।। ୩ ।।
ମନେ ମୋ ପଡ଼ଇ ପ୍ରଥମ ଦିନର
ସେହି ସବୁ ଆଶା ସପନ,
ଭାବିଥିଲି ଯାହା କରିପାରୁ ନାହିଁ
କେମିତି କରିବି ପୁରଣ ! ।। ୪ ।।

ISSN NO.
2582-208X

ରହିଗଲା ଆଉ ଦିନ ଦୁଇ ମାସ
ହେବ କି ମୋର ସାହସ,
ଆଶା ସ୍ୱପ୍ନ ମୋର ଅଛି ଯାହା ପାଇଁ
ସିଏ କି ଦେବ ସାବାସ ।। ୫ ।।
ସାଙ୍ଗ ସାଥି ସହ ମିଶିବାକୁ ମୋର
ଇଚ୍ଛା ହୁଏ ପରବଳ,
ହେଲେ ସ୍ୱପ୍ନ ମୋର ତାଗିଦ୍ କରାଏ
କରାଏ ମନକୁ ଦୁର୍ବଳ ।। ୬ ।।
କୁହନ୍ତି ସମସ୍ତେ ଜୀବନ ଦୁଇଦିନ
ହସି ଖେଳି ସାରିଦେବା,
ସେ କାହୁଁ ବୁଝିବେ ସମସ୍ୟା କେତେ ଯେ
ଜୀବନରେ ଥାଏ ଅବା ।। ୭ ।।
ଯେବେ ପିତା ମାତା ପଚାରନ୍ତି ପୁଅ
କେମିତି ଅଛୁ ତୁ କହ,
ସେବେ ଛାତି ମୋର ଥରି ଉଠେ ପୁଣି
ଆଖିରୁ ଝରଇ ଲୁହ ।। ୮ ।।
ଭଉଣୀ ପଚାରେ ଭାଇ ମୋର କେବେ
ଆସିବୁ ତୁ ବେଗି କହ,
ଅପେକ୍ଷାରେ ତୋର ଆମେ ଅଛୁ ଚାହିଁ
କେତେ ଶ୍ରଦ୍ଧା କେତେ ସ୍ନେହ ।। ୯ ।।
ପିଲାଦିନ କଥା ମନେ ପଡ଼ିଯାଏ
ସେହି ଚିରନ୍ତନ ସ୍ମୃତି,
ହଜିଗଲା ସିନା ସମୟ ସେ ଆଜି
ହଜି ନାହିଁ ସେଇ ସ୍ମୃତି ।। ୧୦ ।।

ISSN NO.
2582-208X

ଦୋଳି ପୂର୍ଣ୍ଣମୀରେ ପାମ୍ପଡ଼ ଖାଇକି
ଗାଁଆ ଦାଣ୍ଡେ ବୁଲୁ ଥାଉ,
ନାହିଁ ଆଜି ସେଇ ବୟସ ମୋହର
ନାହିଁ ସେଇ ସାଥି ଆଉ ।। ୧୧ ।।
ସମୟ ସାଥିରେ ତାଳ ଦେଇକରି
ଆମେ ସିନା ଚାଲୁଥାଉ,
ସମୟ ଆମର ସମୟ ହାତରେ
ଆମେ ସିନା ଖୋଜୁ ଥାଉ ।। ୧୨ ।।
ସପନ ମୋହର ନୁହଁଇ ସେ ଜଉ
ବାଲୁକା ରେଣୁର ଘର,
ପୂରଣ କରିବି ଯାହା ହେଇଯାଉ
ଲଗାଇ ପ୍ରାଣ ମୋହର ।। ୧୩ ।।
ଏଭଳି ଆଜି ମୋ ଆତ୍ମାର ବେଦନା
ପ୍ରକାଶ କରୁଛି ମୁହିଁ,
ହେଲେ ଜାଣି ନାହିଁ ସାଙ୍ଗ ସାଥୀ ମୋର
ବୁଝି ପାରିବେ କି ନାହିଁ ! ।। ୧୪ ।।

ଅଧ୍ୟାପକ ଦର୍ଶନ ବିଭାଗ
ରଘୁନାଥ ସମବାୟ ମହାବିଦ୍ୟାଳୟ,
ଓଡ଼ଗାଁ, ନୟାଗଡ

ISSN NO.
2582-208X

# ଘରଣୀ ପ୍ରେମଟା ସାରତ



ଜୟନ୍ତ କୁମାର ମଲ୍ଲିକ୍

ଘରେ ମିଛ କହି ପ୍ରେମିକାକୁ ନେଇ
ବୁଲିବାକୁ ଗଲି ମେଳାକୁ
ଭିକାରୀ ମାନଙ୍କ ଦୁଃଖ ବୁଝିସାରି
ଦାନ ଦେଉଥିଲୁ କେଳାକୁ ।
ସବୁଆଡ଼େ ଘୁରି ଆସିଲା ବେଳକୁ
ଦେଖା ହୋଇଗଲା ଘରଣୀ
ତାକୁ ଦେଖିଦେଇ ରାଗରେ ଜଳିକି
ଜୋତାରେ କରିଲା ବରଣୀ ।
ମୋ ପଛରେ ଲୁଚି ପ୍ରେମିକା ବିଚାରୀ
ପଶିଲା ମୋ ପାଶେ ଶରଣ
ଘରଣୀଟା ତାର ଚୁଟିକୁ ଘୋଷାରି
କହିଲା ହେଉନି ମରଣ ।
ଗୋରୀ ପ୍ରେମିକାର ଦାମୀକା ଶାଢ଼ୀଟା
ଘରଣୀ ଚିରିଲା ରାଗରେ
ଏହି ସମୟରେ ପ୍ରେମିକାର ଭାଇ
ଉଭା ହେଲା ଆସି ଆଗରେ ।

ଦେଖିଦେଇ ସିଏ ଭଉଣୀ ଅବସ୍ଥା
ବିଗିଡ଼ି ଗଲା ତା'ମୁଣ୍ଡଟି
ଅସଭ୍ୟ ଭାଷାରେ ହେଲା ମୁଖରିତ
ତା'ରାଗ ମିଶ୍ରିତ ତୁଣ୍ଡଟି ।
ପ୍ରେମିକା ଘରଣୀ ଏକାଠି ହେଲାରୁ
ଘଟିଗଲା ମହାଭାରତ
ବାହା ହେଲାପରେ ଏମିତି କରିଲେ
ପ୍ରଭୁ ନ ଶୁଣିବେ ଆରତ ।

ଶୂରଡିହ, ନନ୍ଦିପୁର,
ଦଶରଥପୁର,ଯାଜପୁର
ମୋ;~୯୪୩୭୮୬୫୭୨୨

ISSN NO.
2582-208X

# ଓଡିଆ ସାହିତ୍ୟରେ ଲୋକ ଉପାଦାନ



ତେଜସ୍ୱିନୀ ସାମଲ

ସାହିତ୍ୟ କୌଣସି କ୍ଷେତ୍ରରେ ବା କୌଣସି ଯୁଗରେ ଜନଜୀବନ ଠାରୁ ପୃଥକ ହୋଇ ଭିନ୍ନ ସରଣୀରେ ଗତି କରିପାରେ ନାହିଁ। ଜୀବନ ସହ ଏହାର ସମ୍ପର୍କ ଅବିଚ୍ଛେଦ୍ୟ। କେଉଁ ଆବାହମାନ କାଳରୁ ଜଡ଼ିତ ହୋଇ ରହି ଆସିଛି। ଏକ ଶରୀର ହେଲେ ଅନ୍ୟଟି ତା'ର ଆତ୍ମା। ନିତିଦିନିଆ ଜୀବନର ହସକାନ୍ଦ, ସୁଖ ଦୁଃଖ, ଅଶ୍ରୁ ଓ ସ୍ୱେଦରେ ସାହିତ୍ୟ ଅନୁରଞ୍ଜିତ। ମୁକ୍ତ ଆକାଶ ର ପକ୍ଷୀ ପରି ସ୍ୱାଧୀନ। ହୁଗୁଳା ମନର ମୁକୁଳା ଭାବରାଶି ଏହାର ଶ୍ରେଷ୍ଠ ସମ୍ପଦ। ଓଡ଼ିଆ ସାହିତ୍ୟ ହିଁ ଲୋକ ସାହିତ୍ୟ। ବାସ୍ତବରେ ଜନଜୀବନର ପ୍ରକୃତ ପ୍ରତିଛବି। ଲୋକ ଶବ୍ଦ ମାଧ୍ୟମରେ ସମଗ୍ର ବିଶ୍ୱବ୍ରହ୍ମାଣ୍ଡ ଦ୍ୟୋଦିତ। ମାନବ ଭାବାବେଗ ର ଅନ୍ତରାତ୍ମା କୁ ପାଥେୟ କରି ଓଡ଼ିଆ ସାହିତ୍ୟରେ କିପରି ଲୋକେ ଉପାଦାନ ରହିଛି ତାହା ନିମ୍ନ ମତେ ଆଲୋଚନା କରାଯାଇପାରେ।

## ଆଧୁନିକ ଓଡ଼ିଆ ଗଦ୍ୟ ସାହିତ୍ୟରେ ଲୋକ ଉପାଦାନ:-

ଆଧୁନିକ ଗଦ୍ୟ ସାହିତ୍ୟରେ ଲୋକ ଉପାଦାନର ପାବଲ୍ୟ ପରିଲକ୍ଷିତ ହୁଏ। କଥାକାର ଯେତେବେଳେ ମାଟିର ମାୟା ଓ ପବନ, ଐତିହ୍ୟ ତ୍ୟାଗ କରିନାହିଁ ସେତେବେଳେ ଲୋକ ଉପାଦାନ କୁ ତ୍ୟାଗ କରିନଥାଏ। ଉନବିଂଶ ଶତକର ଶେଷ ଦ୍ୱିଦଶକ ଉପନ୍ୟାସକୁ ଜନ୍ମ ଦେଇଥିଲେ ହେଁ ଏହିଅ ଦୃଷ୍ଟିରୁ ଓଡ଼ିଆ ସାହିତ୍ୟରେ ରୁଦ୍ର ସୁଧାନିଧି, ଚତୁର ବିନୋଦ ଆଦି ଗ୍ରନ୍ଥରେ ଲୋକ ଉପାଦାନ କେତେକ ଲକ୍ଷଣ ଦେଖିବାକୁ ମିଳେ। ଓଡ଼ିଆ ସାହିତ୍ୟରେ ସର୍ବପ୍ରଥମେ ସମ୍ପୂର୍ଣ ଉପନ୍ୟାସ ପଦ୍ମମାଳୀ (୧୮୮୮)ର ସୃଷ୍ଟି ପୂର୍ବରୁ ରାମଶଙ୍କର ରାୟ ବିବାସିନୀ ରଚନା କରିଥିଲେ।ଏହି ଅସମ୍ପୂର୍ଣ୍ଣ ଉପନ୍ୟାସର ସଂଜ୍ଞାନୁଯାୟୀ ଲୋକ

ISSN NO.
2582-208X

ସମାଜରେ ଅଲୌକିକତା, ତାରଣ, ମାରଣ, ବିଭିନ୍ନ ଓଷାବ୍ରତ, ଯାତ୍ରା, ଲୋକ ଉପାଦାନ ଗୁଡ଼ିକର ପ୍ରତିଫଳନ ଦେଖାଯାଏ।

*ଉମେଶ ଚନ୍ଦ୍ର ସରକାରଙ୍କ ପଦ୍ମମାଳୀରେ ଲୋକ ଉପାଦାନର ପ୍ରାଚୁର୍ଯ୍ୟ ଦେଖାଯାଏ। ରୂପକାହାଣୀ ପରି ନାୟିକା ପଦ୍ମମାଳୀକୁ ପ୍ରେମର ସ୍ମାରକୀ ସ୍ୱରୂପ ପରୀକ୍ଷିତଙ୍କ ହୀରା ଆଙ୍ଗୁଠି ପ୍ରଦାନ, ପଦ୍ମମାଳୀର ମୁକ୍ତିଲାଭ ନିମିତ୍ତ ମଙ୍ଗଳାଙ୍କ ନିକଟରେ ମାନସିକ, ଜାଗରଯାତ୍ରା, ଗୋଷ୍ଠୀ ଗଣନା, ସତ୍ୟର ଜୟ ଅସତ୍ୟର ପରାଜୟ ପରି ବିଶ୍ୱାସବୋଧ ଲୋକ ଉପାଦାନ ଦେଖାଯାଏ।

*ରାମଶଙ୍କର ରାୟ ଙ୍କ ବିବାସିନୀ ରେ କଳାବତୀର ରଘୁନାଥ ଙ୍କର ସ୍ୱର୍ଣ୍ଣ କୋର୍ଟ ପ୍ରଦାନ ପରବର୍ତ୍ତୀ ଲୌକିକ ଦେବାଦେବୀଙ୍କର ବର୍ଣ୍ଣନା ସ୍ୱର୍ଗକୁ ନିଶୁଣି ନାହିଁ କି ବଡ଼ ଲୋକଙ୍କୁ ଉତ୍ତର ନାହିଁ ଆଦି ପ୍ରବଚନ ବିଭିନ୍ନ ରାଣ ନିୟମ ଆଦି ଲୋକ ଉପାଦାନ ରହିଛି।

*ସେହିପରି ଗୋପାଳ ଦାସଙ୍କ ଭୀମଭୂୟାଁ ଉପନ୍ୟାସରେ ଭୂୟାଁ ଙ୍କ ବିବାହ ପ୍ରଥା ବିଭିନ୍ନ ଉତ୍ସବ ଓ ବିଶ୍ୱାସବୋଧ ପୁରାଣ କଥାର ପ୍ରାଚୁଯ୍ୟ ରହିଛି। ଉପନ୍ୟାସର ଆରମ୍ଭରେ ଲୋକ ଉପାଦାନ ର ପ୍ରୋୟଗ ରହିଛି।ଯେପରି -ଯେଣେ ଇଚ୍ଛା ତେଣେ ଯା କର୍ମଘେନି ବୁଲୁ ଥା, ଦିବସ ଦଉଡ଼ି ମଣିଷ ଗାଇ ଯେଣିକି ଟାଣି ତେଣିକି ଯାଇ, ମୂଳୁ ମାରିଲେ ଯିବ ସରି ଦେବଙ୍କ ସାଙ୍ଗେ କିମ୍ପା କରି ଆଦିର ପ୍ରୋୟଗ ରହିଛି।

*ଓଡ଼ିଶାର ଲୋକଜୀବନ ଲୋକ ଚରିତ୍ର ଅନୁଶୀଳନ କ୍ଷେତ୍ରରେ ଫକୀର ମୋହନ ସେନାପତି ଙ୍କର ଥିଲା ଗଭୀର ପ୍ରବେଶ। ଓଡ଼ିଶାର ବିଭିନ୍ନ ସ୍ଥାନରେ କର୍ମମୟ ଜୀବନ ଯାପନ ଅତିବାହିତ କରିବା ସମୟରେ ଓଡ଼ିଶାର ମାଟି, ପାଣି, ପବନ ଓ ସର୍ବୋପରି ସାମାଜିକ ଚିତ୍ର ଓ ଗତି ର ପୁଙ୍ଖାନୁପୁଙ୍ଖ ଅଧ୍ୟୟନ ରହିଛି। ଛମାଣ ଆଠଗୁଣ୍ଠରେ ବୁଢି ମଙ୍ଗଳା ଙ୍କ ବର୍ଣ୍ଣନା ଓ ତାଙ୍କ ପ୍ରତି ଗ୍ରାମବାସୀ ଙ୍କ ବିଶ୍ୱାସ, ଚେରମୂଳି, ପିଠାପଣା ଆଦି ରହିଛି। ଭେକ ଥିଲେ ଭିକ ମିଳେ, ତୁଛାକୁ ଏତେ ମୁଦି ନାହିଁ ଗୋଡ଼ କଚାଡୁ କେତେ ଆଦିର ପ୍ରୋୟଗ ଦେଖାଯାଏ।

ISSN NO.
2582-208X

*ଦୟାନିଧି ମିଶ୍ରଙ୍କର ଗଦ୍ୟରେ ମଧ୍ୟ ଲୋକ ଉପାଦାନ ରହିଛି। ଯାହା ନୟନତାରା (୧୯୧୫) ରେ ବହୁ ଲୋକାଚାର ରହିଛି। ବିଦ୍ୟାରତ୍ନ ଙ୍କ ନାତିଙ୍କର ଅନ୍ନପ୍ରସନ୍ନ, ଶୁତିକାଗ୍ରହ ବିଭିନ୍ନ ଯାତ୍ରା ଚୂଡାକୁ ପୂତ ସାକ୍ଷୀ, କାଲା ଆଗେ ମୂଳା ଚୋବାଇବା ଆଦି ବହୁ ଉପାଦାନ ରହିଛି।

*ଗୋଦାବରୀଶ ଙ୍କର ଅଭାଗିନୀ (୧୮୧୭)ରେ ଲୋକକଥା, ଲୋକଗୀତ, ଲୋକପ୍ରଥା ଛଦ୍ମବେଶ ରହିଛି । ଚିନ୍ତାମଣି ମହାନ୍ତି ଙ୍କର ରୂପାଚୁଡି (୧୯୨୦)ରେ ଲୋକ ଉପାଦାନ ଆଙ୍ଗିକ ଆତ୍ମିକକୁ ଗ୍ରହଣ କରାଯାଇଛି ଯେପରି ପାଣି ପିଇବ ଛାଣି ପଇସା ନବ କିଣି, ତୁ ଯେତେ ମାଠିବୁ ମାଠ ନା ସେହି ଦରପୋଡା କାଟ, ଏଇ କଥାକୁ ନା ପେଲି ଦେଲି କଲିକତାକୁ ଇତ୍ୟାଦି।

*ନନ୍ଦ କିଶୋର ବଳଙ୍କର ଉପନ୍ୟାସ କନକଲତା (୧୯୨୫)ରେ ବହୁ ଲୋକ ଉପାଦାନ ରହିଛି ଯଥା -କଣ୍ଟା ବାଡରେ ଲୁଗା ପକାଇବା, ଚାଲିବା ଶଗଡ଼ରେ ହାତ ମାରିବା, ଶିଳ ଶିଳିପତା ଗଗନେ ଉଡୁଛି, ଗଙ୍ଗା ଗଲୁ ଯେତିକି ଫଳ ପାଇଲୁ ସେତିକି, ଜଗନ୍ନାଥ ଙ୍କ ବରି କାହାକୁ ଦିଅନ୍ତି ପାଟ ପିତାମ୍ବରୀ କାହାକୁ ଦିଅନ୍ତି ଗଡେଇ, ଥିଲୁ ଛତୁ ମେଘ ବରଷିଲେ କେତେ ଫୁଟୁ ଇତ୍ୟାଦି।

*ସେପରି କୁନ୍ତଳା କୁମାରୀ ସାବତଙ୍କ ଉପନ୍ୟାସରେ ଲୋକ ଉପାଦାନ ଦେଖିବାକୁ ମିଳେ। ନ ତୁଣ୍ଡିରେ ପରିପ୍ରକାଶ ଥିବା ଲୋକକ୍ତି - ନେଢି ଗୁଡ କହୁଣୀକୁ ବୋହିଯିବା, ମାଡକୁ ମହାଦେବ ଡର, ଯେ ଦେଶ ଯାଇ ସେ ଫଳ ଖାଇ, ଝିଅ ଦେଇଥିବ ଯାହାକୁ ନଇଁ ପଡିଥିବ ତାହାକୁ, ପେଟ ପୋଷ ନାହିଁ ଦୋଷ।

*ନ ଜଣ ଲେଖକଙ୍କ ଲେଖିକାଙ୍କ ମିଳନରେ ଲିଖିତ ଉପନ୍ୟାସ ବାସନ୍ତୀ (୧୯୨୧ ) ରେ ଲୋକ ଉପାଦାନ ତୁଛାକୁ ଏତେ ମୁଦି ନାହିଁ ଗୋଡ଼ କଚାଡୁ କେତେ, ଦୁହିତା ଦୁଇ କୁଳକୁ ହିତା ଆଦି ଲୋକ ଉପାଦାନ ରହିଛି।

ISSN NO.
2582-208X

*କାଳିନ୍ଦୀ ଚରଣ ପାଣିଗ୍ରାହୀଙ୍କ ର ମାଟିର ମଣିଷ (୧୯୩୧) ରେ ବିଲେଇ କପାଳକୁ ଶିକା ଛିଡିବା, ଚକେ ଗଲେ ବାର ହାତ, ହରିରେ ଲଙ୍କା ଶବ୍ଦ ଲୋକ ଉପାଦାନ ରହିଛି।

*ସାମ୍ପ୍ରତିକ କାଳରେ ଗୋପିନାଥ ମହାନ୍ତି, କାହ୍ନୁଚରଣ, ସୁରେନ୍ଦ୍ର ମହାନ୍ତି, ବିଭୂତି ପଟ୍ଟନାୟକ, ପ୍ରତିଭା ଦାସ, କିଶୋରୀ ଚରଣ, କମଳାକାନ୍ତ, ଚକ୍ରଧର ମହାପାତ୍ର, ଉପେନ୍ଦ୍ର କିଶୋର, ନିତ୍ୟାନନ୍ଦ ମହାପାତ୍ର, ମନୋଜ ଦାସ ଆଦି ଲୋକ ଉପାଦାନ କୁ ବ୍ୟବହାର କରି ପ୍ରବାଦ, ପ୍ରବଚନ କୁ ଗ୍ରହଣ କରିଛନ୍ତି।

## ଓଡ଼ିଆ ଗଳ୍ପରେ ଲୋକ ଉପାଦାନ:-

ଉପନ୍ୟାସ ପରି ଗଳ୍ପରେ ମଧ୍ୟ ଲୋକ ଉପାଦାନ ପ୍ରାଚୁର୍ଯ୍ୟ ଦେଖାଯାଏ। ଏ କ୍ଷେତ୍ରରେ ଫକୀର ମୋହନ ସେନାପତି ଙ୍କର ନାମ ସ୍ମରଣୀୟ। ତାଙ୍କର ରାଣ୍ଡିପୁଅ ଅନନ୍ତା, ବଗଲା ବଗୁଲୀ, ଅର୍ଧମ ବିତ୍ତ ଗଳ୍ପ ସଂଗୃହିତ। ଇତିହାସ କିମ୍ବଦନ୍ତୀ ରେ ମନ୍ମୟ ଆଲେଖ୍ୟ କେତେଗୁଡ଼ିଏ ଗଳ୍ପରେ ଦେଖାଯାଏ।
ମୌନାମୁନି, ପୁଃନମୂଷିକଭୋବ, କମଳା ପ୍ରସାଦ ଗୋରାପ ଆଦି ଗଳ୍ପ ରେ ଲୋକ ଉପାଦାନ ରହିଛି। ରେବତୀ ଗଳ୍ପରେ ଯେପରି କୁହାଯାଇଛି -ଧନ ଦଉଲତ ନାହିଁ ବିଚାର ଜାତିପ୍ରଥା ଆଗ ପଚାର ସେପରି ସଭ୍ୟ ଜମିଦାର ଗଳ୍ପରେ କୁମ୍ଭୀର ଖୋଜେ ଗୋଳିଆ ପାଣି, ଅଧର୍ମ ବିତ୍ତ ରେ ଧର୍ମ ବିତ୍ତ ବଢେ ବହୁତ ଗଲାବେଳେ ଯାଏ ବହୁତ ଭଳି ଲୋକ ଉପାଦାନ ରହିଛି।

*ପରବର୍ତ୍ତୀ ଲୋକ ଗଳ୍ପରେ ଭରପୁର ଲୋକ ଉପାଦାନ ମାନ ରହିଛି। କଲ୍ୟାଣୀ, ରାମଦାସ, ଜଗୁ ଚୌକିଦାର, ରଘୁ ଦାସ, ମହାନଦୀ ନୀଳାମ୍ବରୀ ରଜପୋଡ ପିଠା ଆଦି।

*ବାଙ୍କନିଧି ପଟ୍ଟନାୟକ ଙ୍କ ବିଡ଼ମ୍ବନା, ପ୍ରତିଦାନ, ଲଛମନଜୀ, ମୁକ୍ତି, ମାଳତୀ ସର୍ବ ଉମା ଆଦିରେ ଲୋକ ଉପାଦାନ ଦେଖିବାକୁ ମିଳେ।

ISSN NO.
2582-208X

*କାନ୍ତକବି ଲକ୍ଷ୍ମୀକାନ୍ତ ର ସୃଷ୍ଟି ରେ ବିବାହ, ଲୋକ ବିଶ୍ୱାସ, ଶିକ୍ଷା, ପୌରାଣିକ ଉପାଖ୍ୟାନ ଆଦି ର ଉପାଦାନ ବେଶ୍ ଭରପୁର ହୋଇ ରହିଛି ।

*ଗୋଦାବରୀଶ ମହାପାତ୍ରଙ୍କର ଓଡ଼ିଶାର ଲୋକଧର୍ମ, ଲୋକାଚାର, ବିଶ୍ୱାସ ଅତି ସଜୀବ ଓ ବାସ୍ତବଧର୍ମୀ । ପଲ୍ଲୀଛାୟା, ଏବେ ମଧ୍ୟ ବଞ୍ଚିଛି, ନୀଳ ମାଷ୍ଟ୍ରାଣୀ ଆଦିରେ ପ୍ରଚୁର ଲୋକ ଉପାଦାନ ଭରପୁର ରହିଛି ।

*କାଳିନ୍ଦୀ ଚରଣ ପାଣିଗ୍ରାହୀ ଙ୍କ ଗଳ୍ପରେ ସାମାଜିକ ଜୀବନର ତଥ୍ୟ, ଦେବୀ, ନିୟତିର କ୍ରୀଡା, ରୁଦ୍ରାକ୍ଷ ର ଲୋକ ଉପାଦାନ ରହିଛି ।

*ଭଗବତୀ ଚରଣ ପାଣିଗ୍ରାହୀ ଙ୍କ ଗଳ୍ପରେ ମାକ୍ସବାଦୀ ଦର୍ଶନ ସହ ବୁଢିଆଣୀ ଝିଟିପିଟି କୁ ପ୍ରତୀକ ଭାବେ ଗ୍ରହଣ କରିବା ସହ  ବିଭିନ୍ନ ଲୋକ ଉପାଦାନ ମଧ୍ୟ ଲକ୍ଷ କରାଯାଏ ।
*ଗାଳ୍ପିକ ଅନନ୍ତ ପ୍ରସାଦ ପଣ୍ଡା ସମାଜର ବିଭିନ୍ନ ଦିଗକୁ ଲୋକ ଉପାଦାନରେ ବର୍ଣ୍ଣନା କରିଛନ୍ତି । ଛତ୍ରଘାସ, ମନର କ୍ଷୁଦ୍ର ସ୍ୱପ୍ନ, ଦେଶାନ୍ତରୀ, କର୍ମଫଳ ଆଦି ଗଳ୍ପରେ ଲୋକ ଉପାଦାନ ରହିଛି ।

*କାହ୍ନୁ ଚରଣ ଙ୍କ ଗଳ୍ପ ବାସୁଳେଇଙ୍କ ତୋପ, ନିଷ୍ଠୁରତା ପ୍ରକାଶ, ଆଦିରେ ବିଶ୍ୱାସ ବୋଧ, ମାନବେତ୍ତର ପ୍ରାଣୀ ମାଧ୍ୟମରେ ଲୋକେ ଉପାଦାନ ଦେଖିବାକୁ ମିଳେ ।

*ଅନନ୍ତ ପଟ୍ଟନାୟକ, ମନମୋହନ ମିଶ୍ର, ଫତୁରାନନ୍ଦ, ପ୍ରାଣବନ୍ଧୁ କର ଆଦି ଙ୍କ ଗ୍ରନ୍ଥରେ ଲୋକ ଉପାଦାନ ର ଭାବ ଦେଖି ବାକୁ ମିଳେ ।

*ସୁରେନ୍ଦ୍ର ମହାନ୍ତି ଙ୍କ ପିତା ପୁତ୍ରର କାହାଣୀ, କେଶରୀ ସନ୍ଧ୍ୟା, ଶ୍ରୀକୃଷ୍ଣ ଙ୍କ ଶେଷ ହସ, କାବେରୀ ରୁ ଗଙ୍ଗା, ମଧୁ ମହ୍ଲାର ରାତ୍ରି, ମହାର୍ନିବାଣ ରେ ମାନବ ଜୀବନର ସମସ୍ୟା ଓ ପଲ୍ଲୀ ଜୀବନର ଚିତ୍ର ସହ ଲୋକ ଉପାଦାନ ଭରପୁର ରହିଛି ।

ISSN NO.
2582-208X

*ମନୋଜ ଦାସଙ୍କ ଗଳ୍ପରେ ଲୋକ ଉପାଦାନ ବହୁ ପରିମାଣରେ ରହିଛି। ଏଥିସହ ମାଙ୍କଡ, ସାପ, ବାଘ, ପେଚା, ବାଛୁରୀ, ହେଟା, ବିଲେଇ, ମାଛ ଆଦି ଦେଖି ବାକୁ ମିଳେ ଏହା ସହ ଭୂତପ୍ରେତ ମାନଙ୍କ ଦାଦନ ରହିଛି।

ସେହିପରି କ୍ଷୁଦ୍ରଗଳ୍ପ ଜଗତରେ ଲୋକାଚାର କୁ ଲୋକ ଉପାଦାନ କୁ ଗ୍ରହଣ କରିଥିବା ଗାଳ୍ପିକ ମହାପାତ୍ର ନୀଳମଣି ସାହୁ, ଶାନ୍ତନୁ ଆଚାର୍ଯ୍ୟ, ପ୍ରତିଭା ରାୟ, କିଶୋରୀ ଚରଣ, ବିଭୂତି ପଟ୍ଟନାୟକ, ରାମଚନ୍ଦ୍ର ବେହେରା, ବୀଣାପାଣି ମହାନ୍ତି, କବିତା ବାରିକ, ଗିରିଶ ଚନ୍ଦ୍ର ସାହୁ, ବ୍ରଜନାଥ ଇତ୍ୟାଦି।

କେନ୍ଦ୍ରାପଡା

ISSN NO.
2582-208X

# ବଡ଼ବଡୁଆ ହୋ



ଦୀନବନ୍ଧୁ ବେଜ

ଆସହୋ ବଡ଼ବଡୁଆ .......,
ତୁମ୍ଭପାଇଁ ରହିଛି ପୁରା ଦୁଇଦିନ
ଜାଣିରଖ ତୁମ୍ଭପାଇଁ ନାହିଁ କିଛି ଅଡୁଆ
ନାହିଁକିଛି ଝମିଲା ଓ ଝାଣ୍ଟି,
ଦିନେନୁହେଁ ଅଧେନୁହେଁ
ମନେରଖ ପୁରା ଦୁଇଦିନ,
ମନରେ ଉନ୍ମାଦନା ଭରେ
ତୁମ ଆସିବାର ଖୁସି ......,
ତୁମ୍ଭଙ୍କୁ ଡ଼ାକିବୁ ସତ୍କାର କରିବୁ
ତୁମ୍ଭ ଆସିବାର ସୁବନ୍ଦୋବସ୍ତ ପାଇଁ
ପେଁଇଆକାଠିରେ ଆଲୁଅ ଜାଳିବୁ
ଆସିବ ବୋଲିକି ଆଲୁଅ ଦେଖିକି !
ମନେ ପକାଇ କରୁଛୁ
ତୁମରି ସ୍ମୃତିର ମଧୁର ମନ୍ଥନ।

ଅସିବାର ଅସୁବିଧା ନାହିଁ
କିନ୍ତୁ ଗଲାବେଳେ ଦେଖିକରି ଯିବ,
କାହିଁକିନା ପେଁଇଆକାଠି ଲିଭିଥିବ,,
ରାସ୍ତାଘାଟ କିଟିକିଟା ଅନ୍ଧାରହିଁ ଥିବ,,,
ହଁ ଗଲାବେଳେ ଜଗାର ଦର୍ଶନ କରିବ !

ISSN NO.
2582-208X

ମନେରଖ ମହାପ୍ରସାଦ ନଖାଇ
ଚାଲିଯିବ ନାହିଁ
ତୁମ୍ଭକୁ ଡ଼ାକିବା କାରଣ ଏହିକି
ଶ୍ରୀମହାପ୍ରସାଦ ଖାଇ
ଆମ୍ଭଙ୍କୁ ଅମୃତ ଦୃଷ୍ଟିରେ ରହିଥାଅ ଚାହିଁ।

ହେ ବଡ଼ବଡୁଆ
ଆମେପରା ତୁମରି ଦାୟାଦ
ତୁମପାଇଁ ହୋଇଅଛୁ ବଡ଼ଦାଣ୍ଡେ ଠିଆ
ତୁମକୁ ଶରଧାରେ ଶ୍ରାଦ୍ଧ ଦେବୁ
ସରାଗ ଭରିବ ପରା ତୁମରି ଆତ୍ମାରେ,
ଆହା କି ଚମତ୍କାର ସଂଯୋଗ
ବିଧି ନିର୍ଦ୍ଦିଷ୍ଟ ହୋଇଛି ଏହି ପୟାଶ୍ରାଦ୍ଧ
ତୁମ୍ଭର ଆଗମନ କଥା ଭାବି
ମନରେ ଉତ୍ସୁକତା ଭରେ।

ତୁମ ଆତ୍ମା ସ୍ଵର୍ଗରେ ଥାଇ
ଆନନ୍ଦ ଉଲ୍ଲାସରେ ଗଦଗଦ ହେବ
ଆସଆସ ବେଗି
ତୁମପାଇଁ ଜଗା ଅଦୃଶ୍ୟରେ ଅଛନ୍ତି
ସିଂହଦ୍ୱାରଠାରେ ତୁମ ବାଟ ଜଗି,
ପ୍ରଭୁଙ୍କର ଏହି ମଧୁର ଅପେକ୍ଷା
ସୁନିଶ୍ଚିତ ତୁମ୍ଭକୁ ସ୍ଵର୍ଗକୁ ବାଟ କଢ଼ାଇବ
ଆସହେ ବଡ଼ ବଡୁଆ
ବେଗି ଆସ ସବୁ କାର୍ଯ୍ୟ ତ୍ୟାଗି।

ମାଲାକାନଗିରି, ଓଡ଼ିଶା

ISSN NO.
2582-208X

# ଲୁହ ବିନ୍ଦୁ ପଡ଼େ ଖସି



ନରଞ୍ଜନ ସାହୁ

ଟୋପା ଟୋପା ହୋଇ ବର୍ଷା ବିନ୍ଦୁ ପରି
ଲୁହ ଟୋପା ପଡ଼େ ଖସି
କାହାକୁ ନ କହି ନିରବରେ ରହି
ଏକାନ୍ତେ ଥାଏ ମୁଁ ବସି ।
କାହିଁକି କାହାକୁ କହିବି କହୁନ
ମୋ ମନର କଥା ଖୋଲି
କିଏ ବା ବୁଝିବ ମୋ ଅନ୍ତର ଦୁଃଖ
ସାହା ହେବ ଦୁଃଖୀ ବୋଲି
ସଭିଏଁ ତ ଭାରି ସ୍ୱାର୍ଥପର ଏଠି
ଯାତନା ଦିଅନ୍ତି କଷି ।
ଭରସା କରିଲେ ଭସେଇ ଦେଇକି
ସଭିଏଁ ଆନନ୍ଦ ହେବେ
କିଏ ବା କାହିଁକି ଆହା ପଦେ କହି
ମୋତେ ଆପଣାଇ ନେବେ
ମୋ ପାଖରୁ କେଉଁ ଲାଭ ବା ପାଇବେ
ମୋ ପାଖରେ ହେବେ ଘସି ।

ISSN NO.
2582-208X

ଦୁନିଆକୁ ଯେବେ ବୁଝି ନଥିଲି ମୁଁ
ସର୍ବେ ଲାଗୁଥିଲେ ଭଲ
କିଏ ଜାଣିଥିଲା ସ୍ୱାର୍ଥ ସରିଗଲେ
କରିଦେବେ କଲବଲ
ଆଜି ମୁଁ ପଛକୁ ଚାହିଁବା ବେଳକୁ
ସଙ୍କଟେ ଯାଇଛି ପଶି ।

ନିହଲପ୍ରସାଦ, ଗନ୍ଧିଆପାଟଣା, ଢେଙ୍କାନାଳ
ମୋ :-- ୯୯୩୮୭୪୧୫୮୩

ISSN NO.
2582-208X



# ଜଳବାୟୁ ପରିବର୍ତ୍ତନ ବେଙ୍ଗ ପାଇଁ କାଳ



ଡକ୍ଟର କମଳାକାନ୍ତ ଜେନା

ମଣିଷ ଜାତି ଅଳ୍ପ ଦିନ ହେବ ପୃଥିବୀକୁ ଆସିଛି । ପୃଥିବୀର ବୟସ ୭୮୬ ଦିନ ହେଲେ ଧରାପୃଷ୍ଠରେ ମଣିଷର ରହଣିକାଳ ମାତ୍ର ଗୋଟିଏ ଦିନ ହେବ । ଆମେ ଦେଖୁଥିବା ପ୍ରାୟ ସମସ୍ତ ଜାତିର ଜୀବ ଆମ ପାଇଁ ବରିଷ୍ଠ ନାଗରିକ । କିନ୍ତୁ ଆମର ପ୍ରଖର ବୁଦ୍ଧି ବଳରେ ସମସ୍ତ ବରିଷ୍ଠ ନାଗରିକଙ୍କୁ କବଳିତ କରିପାରିଛୁ । ଆମର ଅବିବେକୀ କାର୍ଯ୍ୟକଳାପ ପୃଥିବୀର ବା-ପା-ମା-ଆ (ବାୟୁ-ପାଣି-ମାଟି-ଆକାଶ)କୁ ଦୁଃସ୍ଥ କରିଦେଇଛି । ବିଶେଷ କରି ଜଳବାୟୁ ଅନିୟମିତ ହୋଇଯାଇଛି । ଶୀତର ଅବଧି କମିଯାଇଛି । ଜଳବାୟୁର ଅନିୟମିତତା ସକାଶେ ଶହ ଶହ ଜାତିର ଜୀବ ପ୍ରଭାବିତ ହେଉଛନ୍ତି । ବେଙ୍ଗ ବି ବାଦ୍ ପଡିନାହିଁ । ପ୍ରକୃତରେ ବେଙ୍ଗ ଅଦ୍ଭୁତ ଜୀବ । ସେ ପାଣି ଭିତରେ ବଂଚିପାରିବ, ପାଣି ବାହାରେ ବି ବଂଚିପାରିବ । ତେଣୁ ତାକୁ ଉଭୟଚର ବୋଲି କୁହାଯାଏ । କେବଳ ସେତିକି ନୁହେଁ, ସେ ମରୁଭୂମିରେ ରହିପାରିବ, ସମୁଦ୍ରରେ, ଜଙ୍ଗଲରେ ଓ ମେରୁ ଅଂଚଳରେ ମଧ୍ୟ ରହିପାରିବ । ତେଣୁ ତା'ର କିଛି ଅସୁବିଧା ହେବା କଥା ନୁହେଁ । କିନ୍ତୁ ଜଳବାୟୁର ପରିବର୍ତ୍ତନ ହେତୁ ତା' ଉପରେ କୁପ୍ରଭାବ ପଡିଛି ବୋଲି ଗବେଷଣାରୁ ଜଣା ପଡିଛି ।

ବର୍ଷା ଦିନେ ବେଙ୍ଗ ଯାହାକୁ ଯେତେ । କିନ୍ତୁ ଶୀତ ଦିନଟା ସେମାନଙ୍କ ପାଇଁ କାଳ । ଶୀତ ଆସିଗଲେ ସେମାନେ ବୁଲାବୁଲି ନକରି ଅଖିଆ ଅପିଆ ଦିନରାତି ଶୋଇ ରହନ୍ତି । ଏହି ପ୍ରକ୍ରିୟାକୁ ବେଙ୍ଗର 'ଶୀତନିଦ୍ରା' (ହାଇବରନେସନ୍) କୁହାଯାଏ । ଏଭଳି 'ଶୀତନିଦ୍ରା' (ହାଇବରନେସନ୍) ପାଇଁ ବେଙ୍ଗର ଶରୀର ଦାୟୀ । କାରଣ, ବାହାରର ତାପମାତ୍ରା ଅନୁସାରେ ତା' ଶରୀରର ତାପମାତ୍ରା ବଦଳିଥାଏ । ତେଣୁ ଶୀତଦିନେ ଶରୀରର ତାପମାତ୍ରା ହ୍ରାସ ପାଏ । ଶରୀରର ତାପମାତ୍ରା କମିଲେ ଶାରୀରିକ ପ୍ରକ୍ରିୟା ମନ୍ଥର (ଧୀର)

ISSN NO.
2582-208X

ହୁଏ । ତେଣୁ ଅତ୍ୟଧିକ ଥଣ୍ଡା ହେଲେ ତାହାର ଶାରୀରିକ ପ୍ରକ୍ରିୟା ଅତି ଧୀର ହୋଇଯିବ ଓ ତା'ର ମୃତ୍ୟୁ ହେବ । ଯଦି ଅତି ଶୀତରୁ ରକ୍ଷା ପାଇବାର ଉପାୟ ଜାଣିବ ନାହିଁ, ତେବେ ବହୁତ ଅସୁବିଧା ହେବ । ବିଶେଷ କରି ବରଫ ପଡୁଥିବା ଅଂଚଳରେ ଶୀତଦିନ ସରିଲା ବେଳକୁ ବେଙ୍ଗ ବଂଶ ଲୋପ ପାଇଯିବେ । କିନ୍ତୁ ସେମିତି ହୁଏ ନାହିଁ । ଶୀତଦିନେ ଅତ୍ୟଧିକ ଥଣ୍ଡାରୁ ନିଜକୁ ରକ୍ଷା କରିବା ପାଇଁ ବେଙ୍ଗମାନେ ମାଟି ତଳେ କିମ୍ବା ପାଣି ତଳେ କାଦୁଅରେ ପୋତି ହୋଇ ରହନ୍ତି । ପ୍ରାୟ ଅଧମିଟର ମାଟି ତଳକୁ ଯାଇ ଆଖି, ପାଟି ଓ ନାକ ବନ୍ଦ କରି ଚୁପ୍‌ଚାପ୍ ଶୋଇରହନ୍ତି । କେତେକ ଫଟା ଭୂଇଁରେ କିମ୍ବା ଗଛ କୋରଡରେ ଶୋଇରହନ୍ତି, ଯାହାକୁ ଆମେ ଶୀତନିଦ୍ରା କହୁ ।

ବେଙ୍ଗର ଶୀତନିଦ୍ରା କଥା ଶୁଣିଲେ ଆମକୁ ଲାଗୁଛି, ବିଚରା ଶୀତରେ ମରିଥାନ୍ତା, ଏବେ ଭୋକରେ ମରିବ । କିନ୍ତୁ, ସ୍ରଷ୍ଟା ତାକୁ ବଂଚିବାର ଉପାୟ ଦେଇଛି । ଚର୍ମର ଗଠନଶୈଳୀ ତାକୁ ବଂଚିବାରେ ସହାୟତା କରେ । ନିଜର ଚର୍ମ ସାହାଯ୍ୟରେ ବେଙ୍ଗ ଶ୍ୱାସକ୍ରିୟା କରିପାରେ । ମାଟି ଓ ପାଣିରେ ଅମ୍ଳଜାନ ମିଶି ରହିଥାଏ । ବେଙ୍ଗର ଓଦାଳିଆ ଓ ପତଳା ଚର୍ମ ସହିତ ଅଗଣିତ ରକ୍ତନାଳୀ (ବ୍ଲଡ୍ ଭେସେଲ୍) ଯୋଡି ରହିଥାଏ, ଯାହାକି ଶରୀରରେ ରକ୍ତ ପ୍ରବାହିତ କରିଥାଏ । ବେଙ୍ଗ ପାଣିରେ ଥିଲେ ସେହି ନାଳୀ ଦ୍ୱାରା ଜଳରୁ ଦ୍ରବୀଭୂତ ଅମ୍ଳଜାନ ଗ୍ରହଣ କରିପାରେ । ସେହିପରି ମାଟିରେ ଥିବା ଅମ୍ଳଜାନକୁ ମଧ୍ୟ ବେଙ୍ଗ ନିଜର ଓଦାଳିଆ ଚର୍ମ ଦ୍ୱାରା ଗ୍ରହଣ କରିପାରେ । ଫଳରେ ଶରୀରର ପ୍ରକ୍ରିୟା ଚାଲୁରହେ । କିନ୍ତୁ, ଅତିଥଣ୍ଡାରେ ବେଙ୍ଗର କେତେକ ଅଙ୍ଗ ସ୍ଥାଣୁ ପାଲଟିଯାଏ । ବେଙ୍ଗ ମରିଗଲା ଭଳି ଲାଗେ । କିନ୍ତୁ ଜରୁରୀ ଅଙ୍ଗପ୍ରତ୍ୟଙ୍ଗରେ ପ୍ରଚୁର ଗ୍ଲୁକୋଜ୍ ଥିବାରୁ ସେଗୁଡିକ କାମ କରୁଥାଏ । ଶୀତ ସରିଗଲା ପରେ ଶରୀର ପୁଣି ପୂର୍ବ ପରି କାମ କରେ । ଶୀତନିଦ୍ରା ସମୟରେ ଶ୍ୱାସକ୍ରିୟା ଯେମିତି ଜରୁରୀ, ଖାଦ୍ୟ ବି ସେମିତି ଜରୁରୀ । ସେ ସିନା ପୋକଜୋକ ପାଏ ନାହିଁ, କିନ୍ତୁ ବଂଚିବା ପାଇଁ ନିଜ ଶରୀରର ଚର୍ବି ବ୍ୟବହାର କରେ । ଶୀତ ଆସିବା ପୂର୍ବରୁ ବୁଢିଆ ବେଙ୍ଗ ଖାଇ ଖାଇ ନିଜ ଦେହରେ ପ୍ରଚୁର ଚର୍ବି ଜମା କରିଥାଏ । ଶୀତନିଦ୍ରା ସମୟରେ ସେହି ଚର୍ବି ହିଁ ତାକୁ ଶକ୍ତି ଯୋଗାଏ ।

ବେଙ୍ଗର ଜୀବନଯାତ୍ରା ନିଃସନ୍ଦେହ ଜଳବାୟୁ ଉପରେ ନିର୍ଭର କରେ । ଆଜି ଜାଗତିକ ଉଷ୍ଣତାବୃଦ୍ଧି ପୃଥିବୀର ଜଳବାୟୁକୁ ଅନିୟମିତ କରିବା ସହିତ ବେଙ୍ଗର ଶୀତନିଦ୍ରାକୁ ପ୍ରଭାବିତ କରିଛି । ହଜାର ହଜାର ବର୍ଷ ଧରି ପୃଥିବୀର ଜଳବାୟୁରେ ଯେଉଁ ପରିବର୍ତ୍ତନ

ISSN NO.
2582-208X

ଆସି ନଥିଲା, ଗତ କିଛି ବର୍ଷ ଭିତରେ ତାହା ଘଟିଛି । କାନାଡାରେ ଅତ୍ୟଧିକ ଥଣ୍ଡା ଅନୁଭୂତ ହୁଏ । ଅଧିକାଂଶ ଅଂଚଳ ପ୍ରାୟ ୬ ମାସ ବରଫାବୃତ ରହେ । ସେଠାରେ କେତେକ ବେଙ୍ଗ ଭୂଇଁରୁ ଏକ ମିଟର ତଳେ ମାଟି ଭିତରେ ୮ ମାସ ପର୍ଯ୍ୟନ୍ତ ଶୀତନିଦ୍ରା ଯାଆନ୍ତି । ସେମାନେ ଭିତରେ ରହି ମଧ୍ୟ ଉପରେ ଶୀତ କମିବା କଥା ଜାଣିପାରନ୍ତି । ଭୂଇଁରେ ବରଫ ପଡିବା ସମୟରେ ସେମାନଙ୍କ ଶରୀରର ଉପର ଭାଗରେ ଥିବା ବାଲିର ତାପମାତ୍ରା ତଳଭାଗ ବାଲିର ତାପମାତ୍ରାଠାରୁ କମ୍ ରହେ । ଯେତେବେଳେ ଶରୀରର ଉପର ଭାଗରେ ଥିବା ବାଲିର ତାପମାତ୍ରା ତଳଭାଗ ବାଲିର ତାପମାତ୍ରାଠାରୁ ଅଧିକ ହୁଏ, ସେତେବେଳେ ସେମାନେ ଉପରକୁ ଆସନ୍ତି । ମାଟି ଭିତରେ ରହିବା ସମୟରେ ଅଣ୍ଡା ଦେବା ସମ୍ଭବ ହୋଇପାରେ ନାହିଁ । ତେଣୁ ଅନ୍ୟ ବେଙ୍ଗ ତୁଳନାରେ ସେମାନେ ଡେରିରେ ଅଣ୍ଡା ଦିଅନ୍ତି ।

ଏବେ କାନାଡାର ସେହି ବେଙ୍ଗଗୁଡିକ ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ବର୍ତମାନ ସେମାନଙ୍କର ଅଣ୍ଡା ଦେବା ସମୟର ବ୍ୟତିକ୍ରମ ଦେଖାଦେଇଛି । ଜାଗତିକ ଉଷ୍ଣତାବୃଦ୍ଧି ହେତୁ ବାୟୁମଣ୍ଡଳର କ୍ରମାଗତ ଉତାପ ବୃଦ୍ଧି ହେଉଛି ଏବଂ ଶୀତଦିନର ଅବଧି କମିଯାଉଛି। ତେଣୁ ଏବେ ବେଙ୍ଗମାନେ ଶୀଘ୍ର ଶୀତନିଦ୍ରା ତ୍ୟାଗ କରୁଛନ୍ତି ଓ ଶୀଘ୍ର ଅଣ୍ଡା ଦେଉଛନ୍ତି । ଗବେଷଣାରୁ ଜଣାପଡିଛି, ୧୪୦ ବର୍ଷ ତଳେ ବେଙ୍ଗମାନେ ଯେଉଁ ସମୟରେ ଶୀତନିଦ୍ରା ଭାଙ୍ଗି ଭୂଇଁ ଉପରକୁ ଆସୁଥିଲେ, ଏବେ ପ୍ରାୟ ୬-୮ ଦିନ ଆଗରୁ ଶୀତନିଦ୍ରାରୁ ବାହାରକୁ ଆସିଯାଉଛନ୍ତି । ଏପରିକି ଭୂଇଁ ଉପରେ ଜମାଟ ବାନ୍ଧିଥିବା ବରଫ ସଂପୂର୍ଣ୍ଣ ତରଳିବା ପୂର୍ବରୁ ଗଛ କୋରଡରେ ନିଦ୍ରା ଯାଉଥିବା ବେଙ୍ଗମାନେ ବି ବାହାରକୁ ଆସିଯାଉଛନ୍ତି । ନିର୍ଦ୍ଧାରିତ ସମୟ ପୂର୍ବରୁ ବେଙ୍ଗମାନେ ଶୀତନିଦ୍ରା ତ୍ୟାଗ କଲେ ସମୋନଙ୍କ ଶରୀରରେ ଜମିଥିବା ଚର୍ବି ଶେଷ ହୋଇନଥାଏ । ଏହା ସେମାନଙ୍କର ଅଣ୍ଡାଦାନ ସମୟକୁ ଅନିୟମିତ କରିଥାଏ । ଫଳରେ ଅନୁପଯୁକ୍ତ ସମୟରେ ବେଙ୍ଗପୁଲାଗୁଡିକୁ ଜନ୍ମ ନିଅନ୍ତି । ସେଭଳି ପରିବେଶରେ ଅନୁପେଯାଗୀ ସମୟରେ ଜନ୍ମ ହେଉଥିବା ବେଙ୍ଗପୁଲାଗୁଡିକୁ ବଂଚିବା ପାଇଁ ଆଜି ବିଭିନ୍ନ ସମସ୍ୟାର ସମ୍ମୁଖୀନ ହେବାକୁ ପଡୁଛି ।

ଆଜିର କଳକାରଖାନା ଜାଗତିକ ଉଷ୍ଣତାବୃଦ୍ଧିର ମୁଖ୍ୟକାରଣ । ମଣିଷ କଳକାରଖାନା ବସେଇ, ଗାଡିମୋଟର ତିଆରି କରି ପରିବେଶକୁ ବାସ-ଅନୁପଯୋଗୀ କରୁଛି ଏବଂ ଜଳବାୟୁକୁ ଅନିୟମିତ କରୁଛି । କିନ୍ତୁ, ବିଚରା ବେଙ୍ଗ ଏହାର ଶିକାର ହେଉଛି । କେବଳ

ISSN NO.
2582-208X

ବେଙ୍ଗ ନୁହେଁ, ଆମେ ସମସ୍ତେ ଆଜି ଦୁଃଖପାଉଛୁ । ଆଜି ଆମକୁ ପ୍ରଶ୍ୱାସ ନେବା ପାଇଁ ଶୁଦ୍ଧ ଅମ୍ଳଜାନ, ପିଇବା ପାଇଁ ବିଶୁଦ୍ଧ ପାଣି କି ଚାଷ ପାଇଁ ଭଲ ମାଟି ମିଳୁ ନାହିଁ । ବିଜ୍ଞାନଯୁଗରେ ଆମେ ସମସ୍ତେ ଭାଗ୍ୟବାନ୍ ମଣିଷ ବୋଲି ଭାବୁଥିଲୁ । ନିଜକୁ ସବୁଠାରୁ ଚାଲାକ୍ ବୋଲି ଭାବୁଥିଲୁ । ଆଜି ସମସ୍ୟା ଘେରରେ ଆମେ ଆଜି ବୋକା ପାଲଟିଯାଇଛୁ । ବିଜ୍ଞାନ ଆମର କେଇଟାମାତ୍ର ସମସ୍ୟାର ସମାଧାନ କରିପାରିଛି । କିନ୍ତୁ ଅନେକ ସମୟରେ ଆମର ଅପରିପକ୍ୱ ଜ୍ଞାନର ପ୍ରୟୋଗ ଆମକୁ ଶହେ ସମସ୍ୟାର ସମ୍ମୁଖୀନ ହେବାକୁ ବାଧ୍ୟ କରିଛି । ସେସବୁ ସମସ୍ୟାର ସମାଧାନ ହେଲେ ଯାଇ ଜଳବାୟୁର ଅନିୟମିତତା ବେଙ୍ଗର ଶୀତନିଦ୍ରାକୁ ପ୍ରଭାବିତ କରିବ ନାହିଁ । ଆମେ ବି ଶାନ୍ତିରେ ଶୋଇବୁ ।

ଓ.ଇ.ଏସ୍.-୧, ସହକାରୀ ପ୍ରଫେସର, ଫିଜିକ୍ସ୍,
ଭଦ୍ରକ ସ୍ୱୟଂଶାସିତ ମହାବିଦ୍ୟାଳୟ,
ଭଦ୍ରକ, ମୋ-୯୪୩୯୫୦୧୬୫୧

ISSN NO.
2582-208X

# ଯେବେ ଯେବେ ଇଚ୍ଛା ହୁଏ



ବିଶ୍ୱନାଥ କର

ଯେବେ ଯେବେ ଇଚ୍ଛା ହୁଏ
ଉଭାନ ହୋଇ ଯିବାକୁ ଏ ସହର ଛାଡି
ଯେବେ ଯେବେ ଇଚ୍ଛା ହୁଏ
ଚାଲିବାକୁ ଚାଲିବାକୁ ଅନିର୍ଦ୍ଦିଷ୍ଟ ବାଟ
ଚିପି ଚିପି ସମୟର ନାଡି
ମୋ ଚାରିପାଖର କୁଳ ଲଙ୍ଘୁଥିବା ଲହଡିକୁ ହାତରେ ଆଡେଇ ।

ମୋ ଆଗରେ ସରୁନଥିବା ରାସ୍ତା
କ୍ଲାନ୍ତ ଜୀବନର ବୋଝ
ମୁଁ ଆଉ ମୁଁ ହୋଇ ନଥିବି
ପାଲଟି ଯାଉଥିବି ଏକ ମିଥ୍ ବା ମେଟାଫର୍ ର ପ୍ରତୀକ
ଏକ ସୀମାହୀନ ରାସ୍ତାର ପଥିକ
ନିର୍ଲିପ୍ତ ମୋ ମନ ଭୁଲି ଯାଉଥିବ ମୋ ଅସ୍ତିତ୍ୱ
ଯେବେ ଯେବେ ଇଚ୍ଛା ହୁଏ
ଛାଡି ଯିବାକୁ ଏ ସହରର ଖରା ବର୍ଷା ବସନ୍ତ ।

ISSN NO.
2582-208X

ବେଳେ ବେଳେ ଇଚ୍ଛାହୁଏ
ଭୁଲି ଯିବାକୁ ସବୁ ଋତୁଙ୍କ ନାଆଁ
ଭୁଲି ଯିବାକୁ  ନଈ ର ହଲିଲା ପାଣିରେ
ମୁହଁ ଦେଖିବାର କଥା
ପୃଥିବୀର ପରିକ୍ରମଣ ଓ ପ୍ରଦକ୍ଷିଣ ର ଗାଥା
ସମୟର ଛୋଟ ଟୁକୁଡା ମାନ
ଲିଭେଇ ଦେବାକୁ ମୋ ଛାଡି ଆସିବାର ପଦଚିହ୍ନ ।

ଏ ସହରେ ତ ବିରହିଣୀ ହାତରେ ଅଢା
ପ୍ରେମ ଛଅ ଭାଗ କୁ ବିରହ ସାତ ଭାଗ
ପୁଣି ଚାରି ଭାଗ ଯୁଦ୍ଧ ଅବା ଶାନ୍ତି
ଏମିତି ଗାଏ ମୋଟ କେତେ ଭାଗ ହେଲା
କେତେ ଭାଗ ବାକି ରହିଲା ଯେ
ହିସାବ ପରେ ହିସାବର ଜୀବନ ପାଇଁ ।

ଏ ସହରେ ଆଲୁଅରେ ଗୋଟେ ଠିକଣା ତ
ଅନ୍ଧାର ରେ ଆଉ ଏକ ଠିକଣା
ଯାଯାବର ସ୍ୱପ୍ନ ର ଅଜଣା ରଙ୍ଗରେ ମାଜଣା
ପବନ ସାଉଁଟେ ଝଡି ପଡୁଥିବା ଫୁଲ ସାଥେ
ମୃତ ହଳଦୀ ବସନ୍ତ ର  ଡାଏରୀ ର ମଳିନ ପୃଷ୍ଠା
ମୃତ ଅର୍ଦ୍ଧ ମୃତ ପ୍ରେମର ପରିଭାଷା
ବୁଝେ ନାହିଁ କେତେ ଭାଗ ଭଲ ପାଇବାର ସତ୍ତା ।

ISSN NO.
2582-208X

ଏ ସହରେ କେବେ ବିରହିଣୀ ହାତରେ ଅଢା
କେବେ ପ୍ରେମିକା ହାତରେ ଅଢା
କେତେ ଭାଗ କେତେ ଭାଗ କାହାର
ହିସାବ କରୁକରୁ
ଇଚ୍ଛା ହୁଏ ଯେବେ ଯେବେ
ଉଭାନ ହୋଇ ଯିବାକୁ ଏ ସହର ଛାଡି
ପାଦ ଚିପି ଚିପି ଭୁଲି ଏ ସହର ଅଳି ଓ ଅର୍ଦ୍ଦଳି ।

ସାଇ କଲୋନୀ, ଦେଉଳସାହି ,ତୁଳସୀ ପୁର,
କଟକ୭୫୩୦୦୮ ସମ୍ପର୍କ 9776332639
ମେଲ୍ biswanathkar1956@gmail.com

ISSN NO.
2582-208X

# ସ୍ୱପ୍ନ ଓ ବାସ୍ତବତା



ଅଙ୍କିତା ପ୍ରିୟଦର୍ଶିନୀ

ଅନେକ ନଜର ଅଛି
ଏବଂ ଅଛି ଅନେକ ଉଦାହରଣ ମଧ୍ୟ
ହଠାତ୍ ଗଢି ଉଠିଥିବା ସମ୍ପର୍କ ବି ଅଛି
ଏବଂ ଭାଙ୍ଗିଯାଇଥିବା ଅନେକ ସ୍ୱପ୍ନ ମଧ୍ୟ
ଏ ଶ୍ରାବଣର ଧାରା ବି ଅଛି
ଏବଂ ଏହି ଧାରାରେ ଭାସିଯାଇଥିବା ଅନେକ ଅଭିଳାଷ ମଧ୍ୟ
ପୁଣି ଗଢ଼ି ଉଠିଥିବା ପ୍ରଶ୍ନ ବି ଅଛି
ଏବଂ ସେହି ପ୍ରଶ୍ନର ଉତ୍ତର ପାଇଁ ଠିକଣା ମଧ୍ୟ
ଉତ୍ତର ବି ତ ଜଣା ଅଛି
ଏବଂ ଜଣା ଅଛି ପ୍ରଶ୍ନ ମଧ୍ୟ

ଆଜି ବାଟ ବି ତ ଜଣା ଅଛି
ହେଲେ ରାଜି କଣ ଚାଲିବା ପାଇଁ ମନ ର ମଣିଷ ମଧ୍ୟ ?

ଏ ସ୍ୱପ୍ନ କେତେ ବାସ୍ତବ !

ସ୍ନାତକୋତ୍ତର
ଓଡ଼ିଆ ଭାଷା ସାହିତ୍ୟ ବିଭାଗ
ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟ, ଭୁବନେଶ୍ୱର

ISSN NO.
2582-208X

# କାର୍ତ୍ତିକ ପୂର୍ଣ୍ଣିମା ଅତୀତ ଉତ୍କଳର ନୌବାଣିଜ୍ୟର ଏକ ସ୍ମୃତିଚାରଣ



ଡ଼ଃ ପ୍ରଦୀପ କୁମାର ପଣ୍ଡା

କାର୍ତ୍ତିକ ମାସକୁ ପରମ ପବିତ୍ର ମାସଭାବରେ ପାଳନ କରାଯାଏ । ଏହା ସହିତ କାର୍ତ୍ତିକ ପୂର୍ଣ୍ଣିମାର ଏକ ସ୍ୱତନ୍ତ୍ର ପରିଚୟ ରହିଛି । ଯେଉଁମାନେ ସାରା ମାସ କାର୍ତ୍ତିକ ବ୍ରତ ପାଳନ କରି ନ ପାରିବେ ସେମାନେ ଅନ୍ତତଃ ପକ୍ଷେ କାର୍ତ୍ତିକ ଶୁକ୍ଳ ପକ୍ଷ କିମ୍ବା ଶେଷ ପାଞ୍ଚଦିନ ପଞ୍ଚୁକ ଭାବରେ ପାଳନ କରନ୍ତି । ଶେଷରେ ଏହା ସମ୍ଭବ ନ ହେଲେ କାର୍ତ୍ତିକ ପୂର୍ଣ୍ଣିମା ଦିନ ପ୍ରଭାତରୁ ସ୍ନାନ ସମାପନ ପୂର୍ବକ ଜଳାଶୟ କିମ୍ବା ନଦୀରେ ନୌକା ଭସାଇବା ବିଧି ରହ । ଏହି ନୌକା ଭସାଇବା ସମୟରେ ଗାଆନ୍ତି ,

"ଆ-କା-ମା-ଭୈ, ପାନଗୁଆ ଥୋଇ,
ପାନଗୁଆ ତୋର, ମାସିକ ଧର୍ମ ମୋର ।।

ଆ କହିଲେ ଆକାଶ, କା କହିଲେ ପାଣି, ମା - ଭୈ କହିଲେ ଭୟ କର ନାହିଁ । ଅର୍ଥାତ୍ ଆକାଶ ଓ ଜଳକୁ ଭୟ କର ନାହିଁ । ଅନ୍ୟ ଅର୍ଥରେ ଆ-କା-ମା-ବଇ (ଭୈ )କୁ ଆଷାଢ଼, କାର୍ତ୍ତିକ, ମାର୍ଗଶିର ଓ ବୈଶାଖ ଚାରିମାସକୁ ବୁଝାଇଥାଏ । ଏହି ଚାରିମାସ ନୌଯାତ୍ରା ପାଇଁ ଶୁଭଙ୍କର । ଔପନ୍ୟାସିକ ଗୋପିନାଥ ମହାନ୍ତି (୨୬-୦୯-୧୯୯୦ ସମାଜ ) ଙ୍କ ମତରେ ଏହା ଦକ୍ଷିଣ ଭାରତୀୟ ଭାଷାର ଶବ୍ଦ । ଏହା କୁମାରୀକାର କନ୍ୟା

ISSN NO.
2582-208X

କୁମାରୀ ଦେବୀଙ୍କୁ ପ୍ରାର୍ଥନା କରି ବୋଇତ ଭସାଇବା କଥା କହିଛନ୍ତି । କନ୍ୟା କୁମାରୀ ସମୁଦ୍ର ଦେବୀ ରୂପରେ ପୂଜା ପାଇଥାନ୍ତି ।

ଏହି ବୋଇତ ଯାତ୍ରା କାର୍ତ୍ତିକ ମାସରୁ ଆରମ୍ଭ ହୁଏ । ଏହି ସମୟରେ ବର୍ଷାଋତୁ କରାଯାଇଥାଏ । ଝଡବତାସ ଥମି ଯାଇଥାଏ । ସମୁଦ୍ର ଶାନ୍ତ ଥାଏ । ପୁନଶ୍ଚ କାର୍ତ୍ତିକ ମାସ ପୁଣ୍ୟ ମାସ ହୋଇଥିବାରୁ ଏହି ମାସରେ ଜଳଯାତ୍ରା ଶୁଭାରମ୍ଭ କରାଯାଇଥାଏ । ଏ ମାସରେ ଦକ୍ଷିଣ-ପଶ୍ଚିମ ମୌସୁମୀ ବାୟୁ ଦୁର୍ବଳ ହେବା ସହିତ ଉତ୍ତର -ପୂର୍ବ ମୌସୁମୀ ବାୟୁ ସକ୍ରିୟ ଥାଏ । ଏଣୁ ଓଡିଶାର ଦକ୍ଷିଣକୁ କରମଣ୍ଡଳ, ମିଳିବାର, ସିଂହଳ, ଜାଭା, ସୁମାତ୍ରା ଆଦି ଇଣ୍ଡୋନେସିଆ ଦ୍ୱୀପପୁଞ୍ଜକୁ ଜଳଯାତ୍ରା ଶୁଭ ତଥା ସହଜ ହୋଇଥାଏ । ଏହି ସମୟରେ ସମୁଦ୍ରରୁ ଜୁଆର ନଦୀ ମୁହାଣକୁ ଆସୁଥିବାରୁ ବୋଇତ ପ୍ରବେଶ ଓ ପ୍ରସ୍ଥାନ ପାଇଁ ଅନୁକୂଳ ଥାଏ । ସେହିପରି ଦକ୍ଷିଣ-ପଶ୍ଚିମ ବାୟୁ ବୈଶାଖରୁ ଆଷାଢ଼ ମଧ୍ୟରେ ସକ୍ରିୟ ଥିବାରୁ ଏବଂ ଉତ୍ତର-ପୂର୍ବ ମୌସୁମୀ ବାୟୁ ଦୁର୍ବଳ ହେବାରୁ ଓଡିଶାରୁ ଦକ୍ଷିଣକୁ ଯାଇଥିବା ବୋଇତ ଫେରିବା ତଥା ଉତ୍ତର-ପୂର୍ବ ଦିଗକୁ ଜଳଯାତ୍ରା କରିବା ସୁବିଧା ଜନକ ହୋଇଥାଏ ।

ବ୍ରହ୍ମାଣ୍ଡ ପୁରାଣରେ ଉଲ୍ଲେଖ କରାଯାଇଛି ଚିଲିକା ଏକ ସମୃଦ୍ଧ ବନ୍ଦର ଥିଲା । "ଚିଲିକା ହ୍ରଦେ ସହସ୍ରଂତୁ ସୁପୋତା ଜଳଗାମିନୀ ।" ରାମାୟଣ, ମହାଭାରତ, ବାୟୁ ପୁରାଣ, ପଦ୍ମ ପୁରାଣ, ମତ୍ସ୍ୟ ପୁରାଣ, ସ୍କନ୍ଦ ପୁରାଣ, ଗରୁଡ଼ ପୁରାଣ, ଅଗ୍ନି ପୁରାଣ, ବାମନ ପୁରାଣ, ମାର୍କଣ୍ଡେୟ ପୁରାଣ ଆଦିରେ ଏହି ନୌଯାତ୍ରାର ଉଲ୍ଲେଖ କରାଯାଇଛି । କେବଳ ପୁରାଣରେ ନୁହେଁ ସାରଳା ମହାଭାରତ, ଖୁଦୁରୁକୁଣୀ, ତଅପୋଇ ଓଷା, ଷୋଳ ପାଲା, କାଠୁରିଆ ପାଲା, ସଦାନନ୍ଦ ସୌଦାଗର ପାଲା, ଦୂତୀବାହନ ଓଷା, ଢଗଢମାଳି, ବ୍ୟାସକବି ଫକୀରମୋହନ ସେନାପତିଙ୍କ ଗଳ୍ପ ପ୍ରବନ୍ଧ, କବି ସମ୍ରାଟ ଉପେନ୍ଦ୍ର ଭଞ୍ଜଙ୍କ ଅନେକ ଲେଖାରେ ଏହି ନୌବାଣିଜ୍ୟର ଚିତ୍ର ଦେଖିବାକୁ ମିଳେ । ଏହା ସହିତ ପୁରାତନ ତାଳପତ୍ର ପୋଥିରେ, ପୁରାତନ ମୁଦ୍ରା, ତାମ୍ରପାତ୍ର, ମନ୍ଦିର ଗାତ୍ରରେ ଖୋଦିତ ମୂର୍ତ୍ତି, ବିଭିନ୍ନ ଶିଳାଲେଖରେ ମଧ୍ୟ ଓଡ଼ିଶାର ଏହି ନୌବାଣିଜ୍ୟ ପ୍ରତିଫଳିତ । ସେ ସମୟରେ ସମୁଦ୍ର

ISSN NO.
2582-208X

ଉପକୂଳରେ ଥିବା ବନ୍ଦର ନିକଟରେ ସୁଉଚ୍ଚ ପାହାଡ଼ ଉପରେ ପଥର ଦୀପରେ ପୋଲାଙ୍ଗ ତେଲ ଢାଳି ନାବିକମାନଙ୍କୁ ରାତ୍ରୀ ସମୟରେ ସ୍ଥଳ ପଥର ସଂକେତ ଦିଆଯାଉଥିଲା । ଏହିପରି ଭାବରେ ପାରାଦ୍ୱୀପର ନାମକରଣ ହୋଇଛି । ସେତେବେଳେ ନଅ ପ୍ରକାରର ଜାହାଜ ତିଆରି କରାଯାଉଥିଲା । ସେଥିରୁ ତିନି ପ୍ରକାର ବାଣିଜ୍ୟ ପାଇଁ ଓ ଛଅ ପ୍ରକାର ଜାହାଜ ଯୁଦ୍ଧରେ ବ୍ୟବହାର କରାଯାଉଥିଲା। ପାଇକ ଖେଦା ପୋଥିରେ ଏହାର ଉଲ୍ଲେଖ ରହିଛି ।

"ବହିତର, ଗାଣ୍ଡିଆ, ଚୋଟମୁଖୀ ବଣିଜରେ ଏହା ସାର୍ ପରଖି
ସମରେ ନୁହଁଇ, ସମରେ ଅଟେ ସୁର ଚତୁରୀ,
ପୁଣ ଶୁଣ ରାଜପୁର ଲାଞ୍ଜୁଆ, ଖାଇଜଙ୍ଗା ଗଙ୍ଗ ପ୍ରସାଦ ଠିଆ
ନନ୍ଦିଆ, ଖୁଡୁପ ଚାରୁ ଏମାନ, ଶୁଣ କହିବା ଗୁଣ ସାବଧାନ
ଲାଞ୍ଜୁଆ ଯେ ଚାରୁ
ଦୂରୁ ଦିଶଇ ଯେହ୍ନେ ମହାମେରୁ ।"

ସଂସ୍କୃତର ମହାକବି କାଳିଦାସ ମଧ୍ୟ କଳିଙ୍ଗର ରାଜାଙ୍କୁ ସମୁଦ୍ରର ସମ୍ରାଟ Lord of the Ocean ) ଭାବରେ ବର୍ଣ୍ଣନା କରିଛନ୍ତି ।

ବର୍ତ୍ତମାନ ନୂତନ ବୈଷୟିକ ଜ୍ଞାନକୌଶଳ ଯୋଗୁଁ ଅଧିକ ସହଜ ତଥା ସୁରକ୍ଷିତ ଭାବରେ ଅପେକ୍ଷାକୃତ ଅଳ୍ପ ସମୟରେ ଲକ୍ଷ୍ୟ ସ୍ଥଳକୁ ପହଞ୍ଚି ପାରୁଛନ୍ତି । କାର୍ତ୍ତିକ ପୂର୍ଣ୍ଣିମା ବୋଇତ ଭସାଣି ଅତୀତର ଉତ୍କଳର ସେଇ ନୌବାଣିଜ୍ୟର ଏକ ସ୍ମାରକୀ ଅଟେ । କାର୍ତ୍ତିକ ପୂର୍ଣ୍ଣିମାର ବୋଇତ ଭସାଣି ସହିତ ଅତୀତ ଉତ୍କଳର ରହିଥିବା ଏହି ନୌବାଣିଜ୍ୟର ସ୍ମୃତିକୁ ପ୍ରତ୍ୟେକ ଜାଣିବାର ଆବଶ୍ୟକତା ରହିଛି ।

ନୂଆଁ ବରଙ୍ଗାମାଲ, ସମ୍ବଲପୁର

ISSN NO.
2582-208X

# ବନ୍ଧୁତା



ସୋନତା ଦାସ

ବନ୍ଧୁତା ମୋ ପାଇଁ ଏପରି ଏକ ଶବ୍ଦ
ଯାହାକୁ ମୁଁ ଲେଖା ମାଧ୍ୟମରେ ସଂପୂର୍ଣ୍ଣ କରି ପାରିବି ନାହିଁ
ବନ୍ଧୁତା ଏପରି ଏକ ଶବ୍ଦ ଯାହା ଗଛରେ ନୁହେଁ
ହୃଦୟରେ ଫଳେ
ବନ୍ଧୁତାରେ ଅଛି ନିଆରା ଯାଦୁ
ଭଲମନ୍ଦ ସୁଖଦୁଃଖର ଯାଦୁ
ମୋର ମଧ୍ୟ  ଏପରି ଏକ ବନ୍ଧୁ ଅଛି
ଯିଏ କି ନିଜର ଠାରୁ ବି ଅଧିକ ନିଜର
ଆଜି କାଲି ଦୁନିଆରେ
ଭଲ ବନ୍ଧୁଟିଏ ପାଇବା ହୁଏତ କଷ୍ଟକର
ହେଲେ ବି ମୁଁ  ନିଜ ଭଉଣୀ ଭଳି ଭଲ ପାଉଥିବା
ବନ୍ଧୁ ଟିଏ ପାଇଛି
ଏପରି ଏକ  ବନ୍ଧୁ କର ଯେପରି
କୃଷ୍ଣ ସୁଦାମା ଙ୍କ ପରି ଉଦାହରଣ ହୋଇ ରହିଯିବ ।

ସ୍ନାତକୋତ୍ତର ଦ୍ୱିତୀୟ ବର୍ଷ ଛାତ୍ରୀ, ଓଡିଆ ବିଭାଗ
ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟ, ଭୁବନେଶ୍ୱର

ISSN NO.
2582-208X

# ସ୍ମୃତି



ପୂଜା ସାହୁ

ସ୍ମୃତି - ଅତୀତକୁ ରୋମନ୍ଥନ କରି
ଝରି ଆସୁଥିବା ଦୁଇ ଟୋପା ଲୁହ
ପ୍ରେମ ର ସଙ୍କେତ କୁ ଧରି
ଛାତି ରୁ ଝରୁଥିବା କୋହ...

ସ୍ମୃତି - ପିଲାଦିନ କଥା ଭାବି
ଓଠରେ ଫୁଟୁଥିବା ସ୍ମିତହାସ୍ୟ
ପୁଣି ଜୀବନ ର ବିଫଳତା ରେ
ନିଜ ଉପରେ ନିଜ ଅଟ୍ଟହାସ୍ୟ ...

ସ୍ମୃତି - ପ୍ରଥମ ସଫଳତା ଲୁହରେ
ଆଖି ଭିଜା ସନ୍ତକ
ପୂର୍ବ କଥା ଭାବି ଆଗକୁ ବଢିବାର
ସାହାସଭରା ସ୍ୱର୍ଣ୍ଣପଦକ....

ସ୍ମୃତି - କୌଣସି ଏକ ଚିରସ୍ମରଣୀୟ
ମୂହୁର୍ତ୍ତ ପାଇଁ ପ୍ରେମଭରା ପ୍ରତୀକ
ପୁଣି କେବେ ସାଜେ ପଥ ଚାଲିବାର
ଚିତ୍ତାକର୍ଷକ ସ୍ୱର୍ଣ୍ଣମୟୀ ପଦାଙ୍କ....

ISSN NO.
2582-208X

ସ୍ମୃତି- ଦୁଃଖ ସୁଖ ଭରା ସମୟର
ଚିର ଚାଞ୍ଚଲ୍ୟ ସ୍ମାରକୀ
ଏକ ନିର୍ଦ୍ଦିଷ୍ଟ ଦିବସର
ଅବକାଶ ପୂର୍ଣ୍ଣ ତାରିଖର ସାକ୍ଷୀ.....

ସ୍ମୃତି -ବାଲ୍ୟ, ଯୌବନ, ବୃଦ୍ଧାବସ୍ଥାର
ଆଖିରେ ନାଚୁଥିବା ଚିତ୍ରପଟ୍ଟ
ଅନେକ କିଛି ଭାବନା ର
କିଛି ଲିଭା ଓ ଅଲିଭା ସିଲଟ...

ସ୍ମୃତି - ହୃଦୟ କୁ ସାନ୍ତ୍ୱନା ଦେବାର
ଏକ ଉପାୟ ମୂଳକ ଔଷଧ
ସୁଖ ଦୁଃଖ ଭରା ଜୀବନରେ
ଶଙ୍ଖ ଝଲମଲ ସୁବାସିତ ଜଳର ହ୍ରଦ....

ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟ ଓଡିଆ ବିଭାଗ,
ଭୁବନେଶ୍ୱର (ଦ୍ୱିତୀୟ ବର୍ଷ)
ଫୋନ୍ ନଂ -୯୩୩୭୧୨୦୪୭୩

ISSN NO.
2582-208X

# ଅନୁଭୂତି



ରଶ୍ମିତା ନାୟକ

ସେଦିନ ରାତିରେ ଅମାନିଆ ଲୁହଗୁଡା ଆଖିର ଅଣାୟତ ହୋଇ ଓଦା କରିଚାଲିଥିଲା ମୋ ମୁଣ୍ଡ ତଳେଥିବା ତକିଆଟିକୁ । ଅଭିମାନରେ ହୋଇ ଅନେକ ପ୍ରଶ୍ନ ତାଙ୍କ ପାଇଁ ଥିଲା ତମେ ସାନ ହେଲେବି ତୁମ ବଡ଼ଭାଇ ଓ ସାନଭଉଣୀ ତୁମକଥା ମାନନ୍ତି । ମୁଁ ମଧ୍ୟ ଆମ ଘରର ସାନଝିଅ । ହେଲେ ଆଜି ଭାଇ ମୋତେ ନାହିଁକଲେ ବୋଉ ମାଧ୍ୟମରେ । କାହିଁକିନା ମୁଁ ବିବାହ ଯୋଗ୍ୟା ଝିଅଟିଏ । ପୁଣି ଏଇ ମୋ ଭାଇ ମୋର ଅନ୍ୟ ସବୁ ଅଳି ପୂରଣ କରନ୍ତି । ବାପା ଚାଲିଗଲା ଦିନରୁ ଭାଇଙ୍କ ଅସହମତିରେ ମୁଁ ଘରୁ କୁଆଡେ ଗୋଡ଼ କାଢ଼େନି ।

କାନଭିତରରେ ସେ ସୂକ୍ଷ୍ମ ପଟଳ ଚିରି ଗୁଞ୍ଜରିତ ହେଉଥିଲା ସେ ଗହଳଚହଳ, ସେ ପଟୁଆର ସମେତ ବିଭିନ୍ନ ବାଦ୍ୟର ସ୍ୱର ସମୂହ । ଝୁରୁଥିଲା ମନ, ଆଖିଆଗରେ ନାଚିଯାଉଥିଲା ତାଙ୍କର ସେ ଲାବଣ୍ୟମୟ ଅନନ୍ୟ ଅନିନ୍ଦ୍ୟ ଦିବ୍ୟ ରୂପ, ସେ ଝୁଲି ଝୁଲି ଆସୁଥିବା ଠାଣି ସେ ଚାହାଣି, ତାଙ୍କର ସେ ବିଶେଷ ସ୍ୱତନ୍ତ୍ର ଆଲିଙ୍ଗନ ଯାହାପାଇଁ ସମସ୍ତେ ଏତେ ନାରୀ ନିଜ ସ୍ୱାମୀଙ୍କୁ ମଧ୍ୟ ଆଡ଼ କରିଦେଇଥାନ୍ତି । ସତରେ ମୋର କଣ ସେ ଯୋଗ୍ୟତା ନାହିଁ । ହେ ପ୍ରିୟ ମୋ ପ୍ରାଣର ଆରାଧ୍ୟ କଣ ତୁମକୁ କାଲି ଟିକେ ଦେଖିପାରିବିନି । ଅନ୍ୟ ଦିନେ ଅନେକ ଦେଖିଛି ହେଲେବି କାଲି ତୁମକୁ ଦେଖିବାକୁ ଭାରି ଇଚ୍ଛା ହେଉଛି । ବିବାହ ପ୍ରସ୍ତାବ ଅନେକ ଆସୁଛି । କେଉଁଦିନ ପରଗୋତ୍ରୀ ହୋଇଯିବି ତାର ଠିକ ଠକଣା ନାହିଁ ।

ISSN NO.
2582-208X

ଶାଶୁ ଘର ଲୋକ କଣ କେମିତିକା ହୋଇଥିବେ । ମୋ ଇଚ୍ଛାକୁ ସେ ପୂରଣ କରିବେ କି ନାହିଁ କିଏ ଜାଣେ ?

ଧିକ୍କାର କରୁଥିଲି ନିଜକୁ ଝିଅଟିଏ ବୋଲି । ମନକୁ ମନ ନିଶବ୍ଦରେ ଅନେକ ପ୍ରଶ୍ନ ପଚାରିଥିଲି ତାଙ୍କୁ । କାହିଁକି ଝିଅଙ୍କୁ ଏତେ ଆକଟ, କଣ ପାଇଁ ଏତେ କଟକଣା ମୋତେ ?

ନିଶୁନ ନିଶାରେ ମୋ ନିଶବ୍ଦ ଲୁହ ନିଗିଡି ଚାଲିଥିଲା ସିନା କିନ୍ତୁ ଛାତିର କୋହ ଯେତେବେଳେ ନିଶ୍ୱାସ ହୋଇ ବାହାରକୁ ଆସୁଥିଲା ମୋ ନାକ ବନ୍ଦ ହେଉଥିଲା ସର୍ଦ୍ଦି ଶୂନ୍ୟ ଶରୀରର ସିଙ୍ଗାଣିରେ । ନାକ ସୁଁ ସୁଁ ହେବାର ଶବ୍ଦ ବୋଉ ମଧ୍ୟ ଶୁଣି ପାରିଚି ବୋଧେ ।

ଶୁଣିବନି ବା କେମିତି ସେ ପରା ମାଆ । ଅପରାହ୍ନ ଚାରିଟାରେ ଆମେ କଥା ହେଲାବେଳେ ସେସବୁ କଥା ମୋ ବୋଉକୁ ବି ଶୁଣାଇ ତାର ଅନୁମତି ନେବାକୁ ଆମେ ପଛେଇ ନଥିଲୁ । ହେଲେ ମୋ ଆଶାକୁ ବିଫଳ କରି ବୋଉ ସରୋଜିନୀକୁ ନିଜେ କହିଲା ତା ଭାଇ କଣ ରାଜି ହେବ ।

ମୁଁ ଅଭିମାନରେ ତା ସହ ଭଲରେ କଥା ବି ହେଉନି । ବୋଉ ଶୋଇବା ଜାଗାରୁ ଉଠିଆସି ମୋତେ ବୁଝେଇ ଦେଲା । ତା ମନରେ ଦୁଃଖ ନଦେବାକୁ ଯାଇ ମୁଁ ମୋ ଇଚ୍ଛାକୁ ଲୁହ ଭିଜା ନୟନରେ କବର ଦେବାକୁ ଯାଇ କେତେବେଳେ ଯେ ନିଦ୍ରାରେ ଅଭିଭୂତା ହୋଇଥିଲି ତାହା ମୁଁ ଜାଣିପାରିଲିନି । ସେ ଦୁଃଖଦ ତମସ୍ୱିନୀକୁ ଚିରି ପ୍ରାଚୀ ଦିଗବଳୟରେ ସୁବର୍ଣ୍ଣ ମୟୂଖ ବିଚ୍ଛୁରିତ କରି ସକାଳର ସୂଚନା ଦେଲେଣି ଅରୁଣ ।

ମୁଁ ବିଛଣାରେ, କାନ୍ଦି କାନ୍ଦି ଶୋଇଥିଲି ବିଳମ୍ବିତ ରାତ୍ରିରେ । ନିଦ ଅସମ୍ପୂର୍ଣ୍ଣ ଥାଏ । ସମୟ ପ୍ରାୟ ଛଅଟା କୋଡିଏ । ସରୋଜିନୀ, ଟିକି, କଳ୍ପନା, ପାପୁନ ଏମାନେ ଆସି ମୋତେ ଡାକିଲେ । ମୁଁ ନାହିଁ କଲାରୁ ସେମାନେ ଚାଲି ଯାଉଥିଲେ ତରବର ହୋଇ । କାରଣ ବଡବନ୍ଧରୁ ରେଳଗାଡିଟା ସକାଳ ସାତଟାରେ । ସେମାନେ ଆମ ଘରର ଦାଣ୍ଡ ଦୁଆର

ISSN NO.
2582-208X

ଡେଇଁବା ସମୟରେ ମୋ ଭାଇ ଆସି କହିଲେ ବେବି ତୁ ଯା । ପଡିଶା ଘର ମାମୁଁ, ମାଇଁ ଏବଂ ଆଉ ଅନେକ ଲୋକ ଯାଉଛନ୍ତି ।

ମୁଁ ଭାଇଙ୍କ ପାଟିରୁ ଏକଥା ଶୁଣି ମୋ କାନକୁ ବିଶ୍ୱାସ କରିପାରୁନଥିଲି । ଖୁସିରେ ବିଛଣା ଛାଡି ଦଉଡିଲି ଟିୟୁଓ୍ୱେଲ ପାଖକୁ । ଯିବା ସମୟରେ ବୋଉକୁ ଚିଲେଇ ଚିଲେଇ କହୁଥିଲି ବୋଉଲୋ ମୋ ବ୍ରସ ଟିକେ ଦେ, ବୋଉ ବ୍ରସ ଆଣି ଜଲ୍ଦି ଆସିଲା । ମୁଁ ବ୍ରସ ଥରେ ପାଟିରେ ବୁଲେଇ ଆଣି କୁଳିକରି ଦେଇ ଦି ମଗ ପାଣି ଢାଳିହେଲା ବେଳକୁ ସରୋଜିନୀ ମୋ ଡ୍ରେସ ନେଇ ଦେଲା । ଓଦା ସାଲୁବାଲୁ ଦେହରେ କୁର୍ତ୍ତୀଟେ ଗଳେଇଦେଇ ଚୁଡିଦାରକୁ ପିନ୍ଧି ପିନ୍ଧି ଦଉଡିଲି ଘରକୁ । ଏୟାରବ୍ୟାଗ ଟିଏ ରେ ମୋ ବୋଉ ଆଉ ହଳେ ଡ୍ରେସ ଭର୍ତ୍ତି କରିଦେଇ ଥାଏ । ସରୋଜିନୀ ବ୍ୟାଗ ବୋଉ ହାତରୁ ଆଣିଲା । ମୁଁ ଆଇନା ପାଖକୁ ନ ଯାଇ ପାନିଆରେ ମୁଣ୍ଡକୁ ଟିକେ ସାଉଁଳେଇ ଦେଇ ଘରୁ ବାହାରି ଆସିଲି । ଘରଠାରୁ ପ୍ରାୟ ଶହେ ଦେଢଶହ ମିଟର କ୍ଷିପ୍ର ଗତିରେ ଚାଲିଥିଲି ଘନ ଲମ୍ବା କେଶ ରାଶିକୁ ବେଣୀ କରିକରି ।

ଗାଁରୁ ଷ୍ଟେସନ ଗଲୁ ଆମେ ଟ୍ରେକରର ସାହାଯ୍ୟରେ । ଯାହାହେଉ ଠିକ୍ ସମୟରେ ପହଂଚିଲୁ ଷ୍ଟେସନରେ । ଟିକେଟ ଘରୁ ଟିକେଟ ଆଣିବାର ଦୁଇ ମିନିଟରେ ରେଳଗାଡି ଆସି ଗଲା । ମୋ ଆନନ୍ଦର ସୀମା ନଥାଏ । ସାଢେ ନଅଟା ସୁଦ୍ଧା କଟକରେ ପହଁଚି ଥିଲା ରେଳଟା । ଘଣ୍ଟାଏ ପରେ ପୁଣି ଯାତ୍ରାକଲା ଶଙ୍ଖକ୍ଷେତ୍ର ଅଭିମୁଖେ । ଆଉ ଘଣ୍ଟା ଦେଖିବାକୁ ମନନାହିଁ । ଅନୁମାନ ପ୍ରାୟ ସାଢେ ବାରଟା । ରେଳରୁ ଆମେ ଓହ୍ଲାଇ ପଡି ଅଟୋରିକ୍ସା ରେ ବସି ପହଂଚିଗଲୁ ବଡଦାଣ୍ଡରେ ।

ରାତିରେ ଗୁଞ୍ଜରିତ ହେଉଥିବା ସେ ଶଙ୍ଖ, ହୁଳହୁଳି, ହରିବୋଲ, ଜୟ ଜଗନ୍ନାଥ ଜୟ ଜଗନ୍ନାଥ ଶବ୍ଦ ମୋ ଦେହରେ ଅପୂର୍ବ ଶିହରଣ ଜାଗ୍ରତ କରୁଥିଲା । ମୋ ପ୍ରାଣର ଆରାଧ୍ୟଙ୍କୁ ରଥାରୁଢ଼ ବେଶରେ ଦେଖି ବହୁଦିନ ବ୍ୟବଧାନ ପରେ ନିଃସନ୍ତାନ ସନ୍ତାନ ପ୍ରାପ୍ତି ହେଲାପରି ଲାଗୁଥାଏ । ଗତ ରାତ୍ରିର ଅଭିମାନ ମନ ଭିତରୁ ବାହାରିଆସି ଲୁହର ରୂପ ନେଇ କୃତଜ୍ଞତା ଅର୍ପଣ କରୁଥିଲା ସେଇ ଶରଧା ବାଲିରେଭାବ ବିନୋଦିଆ ଙ୍କ ଦର୍ଶନ ।

ISSN NO.
2582-208X

ଗହଳି ଭିତରେ ଓଡ଼ିଆ ମଉଡମଣୀ କୋଟି ହୃଦୟର ଆରାଧ୍ୟ ମହାପ୍ରଭୁଙ୍କୁ ଜନାରଣ୍ୟ ଭିତରେ ସମ୍ପୂର୍ଣ୍ଣ ଅବଲୋକନ କରିପାରୁନଥିଲି । ସମସ୍ତେ କହିଲେ ଚାଲ ଏବେ ମହୋଦଧି ଦର୍ଶନକରି ସେଇଆଡେ ରହିବା । କାଲି ସକାଳେ ଆସି ନରେନ୍ଦ୍ରରେ ବୁଡ଼ମାରି ନିରୋଳାରେ ପ୍ରଭୁଙ୍କୁ ଦର୍ଶନ କରିବା । ତାହାହିଁ ହେଲା । ଶ୍ରୀମନ୍ଦିର କୁ ଯାଇ ବୁଲିପଡ଼ି ସମସ୍ତେ ପୂର୍ବ ପଟରେ ଗଲୁ ସ୍ୱର୍ଗଦ୍ୱାର ନିକଟକୁ । ସେଠାରେ ରାତିକ ପାଇଁ ଭଡଘର କି ହୋଟେଲର ବ୍ୟବସ୍ଥା ହୋଇ ପାରିଲାନି । ଶେଷରେ ଆମେ ଗୋଟିଏ ଦୋକାନ ଆଗରେ ବସି ରାତି ଗପ କରି ରାତି ପୁହାଇ ଦେଲୁ ।

ମୋ ଅପୂରଣୀୟ ଅଭିପ୍ସା ପୂରଣ ହେଲା । ସକାଳେ ତିନିରଥ ପାଖା ପାଖି ରହିଥାନ୍ତି । ଯେମିତିକି ଜଣେ ଗୋଟିଏ ରଥରେ ଚଢି ସେପଟ ରଥକୁ ଆରାମରେ ଯାଇ ପାରିବ । ମୁଁ ପ୍ରଥମେ ଜଗନ୍ନାଥଙ୍କ ରଥକୁ ଯାଇ ତାଙ୍କୁ ପ୍ରଣାମ କରିବାକୁ ପାସୋରି ଦେଇ କୁଣ୍ଢେଇ ପକାଇ ମୋ ଛାତିର ଅସରନ୍ତି କୋହକୁ ତାଙ୍କ ଛାତିରେ ସେଇ ଆଷାଢ଼ର ଅସରା ବର୍ଷା ପରି ଅଜାଡି ଦେଇ ଅବାରିତ ନୟନାଶ୍ରୁକୁ ସମ୍ମାହିତ କରିଦେଲି ସେ ବିଶ୍ୱନିୟନ୍ତା ଦାରୁଦେବଙ୍କ ଶ୍ରୀଙ୍ଗରେ । ତିନି ଠାକୁରକୁ ଆଲିଙ୍ଗନ କରି ସେବାୟତମାନଙ୍କ ନିର୍ଦ୍ଦେଶରେ ଓହ୍ଲାଇ ଆସିଲୁ ରଥରୁ । ଟିକେ ବୁଲାବୁଲି କରି ଜଳଖିଆ ଖାଇ ଫେରିଆସିଥିଲୁ ଘରକୁ ।

ଜଗତସିଂହପୁର

ISSN NO.
2582-208X

# ବୟସର ଇନ୍ଦ୍ରଧନୁ



ଜନ୍ମଜୟ ନାୟକ

ବୟସର ଇନ୍ଦ୍ରଧନୁ
ଫିକା ପଡେ ଧିରେ ଧିରେ,
ଅଭିନୟ ସାରିଦେଇ
ବାହୁଡିବି ନିମିଷରେ ।

ମାଖିଥିବା ନାନା ରଂଗ
ଇର୍ଷା ହିଂସା ଅହଙ୍କାରେ,
ନେବି ନାହିଁ ସାଥେ କିଛି
ଯିବି ଅଫେରା ବାଟରେ ।

ସାଉଁଟିଛି ରଙ୍ଗ ମଞ୍ଚେ
କେତେ ତାଳି କେତେ ଗାଳି,
ପାଉଣା ମୁଁ ନେବି ନାହିଁ
ସବୁ ଭୁଲି ଯିବି ଚାଲି !

ହଜିଯିବି ସିନା ଦିନେ
ରହିଯିବ ମୋ ସଂଳାପ,

ISSN NO.
2582-208X

ସରିଯିବ ସିନା ନାଟ
ଖୋଜୁଥିବେ ମୋର ଗପ ।

ନିତି ନିଶି ନିରୋଳାରେ
କି କୋଳାହଳ ଗୋଧୂଳିରେ,
କିଛି ମନ ଖୋଜୁଥିବେ
କାହିଁ ଗଲି କେତେ ଦୂରେ ।

କିଏ କାହିଁ ଝରେଇବ
ଦୁଇ ଟୋପା ଲୁହଧାର,
କାହା ପାଇଁ ସାଜିବିନି
ସପନର ସୌଦାଗର ।

ଗୋପୀନାଥଜୀଉ ସରକାରୀ ଉଚ୍ଚବିଦ୍ୟାଳୟ
ଜଗତସିଂହପୁର
ଫୋନ-୯୩୩୭୮୦୦୫୬୫

ISSN NO.
2582-208X

# କିଏ କଣ ଭାବୁଛି

## (ବ୍ୟଙ୍ଗ)



ଚତରଞ୍ଜନ ବେହେରା

ପରିବାର ମଧ୍ୟେ କାହା ମନରେ
କଣ ଚାଲିଛି ଭାଇ......
ମନ୍ଦିରକୁ ଯାଇ ଓଷା ବ୍ରତ କରନ୍ତି
କିଏ କଣ ପାଇବା ପାଇଁ....!!

ବାପା ଭାବୁଥାଏ ସରକାରୀ ଚାକିରି
କରୁଥାଉ ମୋ ଜ୍ୱାଇଁ.....
ଚନ୍ଦା କି ବୟସ୍କା ହୋଇଥିଲେ ବି
ଜ୍ୱାଇଁ କରିବି ମୋ ଝିଅ ପାଇଁ.....!!

ସ୍ତ୍ରୀ ଭାବୁଥାଏ ମୋ ସ୍ୱାମୀ ଭଳିଆ
ସ୍ତ୍ରୀ ବୋଲକରା ହେଇଥାଉ.....
ସବୁବେଳେ ମୋ ଝିଅର କଥାରେ
ଉଠୁ ବସ ହେଉଥାଉ....!!

ସାନ ଝିଅ ଭାବେ ସବୁଦିନ ଯିଏ
ଆଣି ଦେଉଥିବ ଚକଲେଟ୍.....
ସେମିତି ପିଲାଟେ ମୋ ଦିଦି ପାଇଁ
ଜଲଦି କର ସେଟ୍....!!

ସାନ ପୁଅ ଭାବେ ଶଳା ବିଧା ରେ
ମୋତେ ମୋବାଇଲ୍ ମିଳୁ.....
ସେମିତି ପୁଅ ସହିତ ମୋ ଦିଦି ର
ବିବାହ ପ୍ରସ୍ତାବ ପଡୁ....!!

ଝିଅ କିନ୍ତୁ ଠିକ୍ ଓଲଟା ଭାବୁଛି
ଦରକାର ନାହିଁ ବଙ୍ଗଳା ଗାଡ଼ି......
ସ୍ମାର୍ଟ୍ ଆଉ ସୁନ୍ଦର ପିଲାଟେ ଦିଅ
ରଖିଥାଉ ଲମ୍ବା ଦାଢ଼ି....!!

ବୌଦ୍ଧ
ମୋ - 9438710387

ISSN NO.
2582-208X

# ଆହୁତି



ଡାଃ. ଅନିତା ପଣ୍ଡା

-- ୨ --

ସେଦିନ ଥିଲା ପୂର୍ଣ୍ଣମାସୀ । ଜହ୍ନର ରୂପେଲି ଜ୍ୟୋସ୍ନା ଅନ୍ଧାରକୁ କିଛିଟା ହଟାଇ ଦେଇଥିଲା। ଯମୁନା ଦେବୀ (ଅରୁନ୍ଧତୀର ଜନ୍ମଦାତ୍ରୀ) ଉପରକୁ ଚାହିଁଲେ । ଜହ୍ନ ସେତେବେଳେ ଠିକ୍ ତାଙ୍କ ମଥା ଉପରେ । ଉପରକୁ ଆଉଥରେ ଚାହିଁ ଦୁଇ ହାତ ଜହ୍ନ ଉଦ୍ଦେଶ୍ୟରେ ଯୋଡ଼ିଲେ । ଜହ୍ନ କେତେ ଭଲ । ଜ୍ୟୋସ୍ନା ବାଣ୍ଟିବାରେ ସେ କେବେ ବି କାର୍ପଣ୍ୟ କରେନା । କାହିଁକି କେଜାଣି ଆଜି ବୋଉ ବହୁତ ମନେ ପଡୁଛନ୍ତି । ଯମୁନା ଯେଉଁଦିନ ତାଙ୍କ ମୁଣ୍ଡ ବୁଲାଉଛି, ବାନ୍ତି, ବାନ୍ତି ଲାଗୁଛି, ଖାଇବା ପାଇଁ ଇଚ୍ଛା ହେଉନି ବୋଲି ପ୍ରକାଶ କରିଥିଲେ ବୋଉ ଦୁଃଖ ନ କରି ଆନନ୍ଦରେ ଗଦ ଗଦ ହୋଇ ପଡ଼ିଥିଲେ । ଯେଉଁ ବୋଉ ତାଙ୍କ ଦେହରେ ମଶାଟାଏ ବସିଗଲେ ବ୍ୟସ୍ତ, ବିବ୍ରତ ହୋଇ ପଡନ୍ତି, ରନ୍ଧା ସମୟରେ ଗରମ ବାସନଟାଏ ହାତରେ ଲାଗିଗଲେ ବରଫ ଖଣ୍ଡେ କନାରେ ଗୁଡ଼ାଇ ସେକ ଦେଇ ବସନ୍ତି, ଆଜି ସେ ବାନ୍ତି କରି କରି ନୟାନ୍ତ ହୋଇଯାଉଥିଲେ ମଧ୍ୟ ତାଙ୍କର କୌଣସି ପ୍ରତିକ୍ରିୟା ନାହିଁ । ତେବେ କ'ଣ ସେ କେବଳ ଉପର ଦେଖାଣିଆ ସେ ସବୁ କରୁଥିଲେ ! ଆଖି ବନ୍ଦ କରି ବିଛଣା ଉପରେ ଗଡ଼ି ପଡୁ ପଡୁ କେତେବେଳେ ନିଦ ଆସି ଯାଇଥିଲା, ଜାଣିପାରିନଥିଲେ । ବୋଉଙ୍କର ଖୁବ୍ ସ୍ନେହ ସହକାରେ କାହାକୁ ଡାକିବା ସ୍ୱରରେ ତାଙ୍କର ନିଦ ଭାଂଗି ଯାଇଥିଲା । ଜୀବନ, ଏ ଜୀବନ, ଯମୁନା ଧାରାରେ ଆଜି ତୋ ଜୀବନ ସାର୍ଥକ ହେବାକୁ ଯାଉଛି । ତା’ ପରେ ତାଙ୍କର ଆରମ୍ଭ ହୋଇଯାଇଥିଲା ଯମୁନାଙ୍କ ଉପରେ କଡ଼ା ନଜର । ରୋଷେଇଆ ନନାଙ୍କୁ ପାଖକୁ ଡାକି ଯମୁନାଙ୍କ ପାଇଁ ଭଲ ଭଲ ଜିନିଷ ରାନ୍ଧିବାକୁ ତାଗିଦ୍ କଲେ । ସେଇମିତି ତାଙ୍କୁ ବିଛଣାରେ ପଡ଼ି ରହିବାକୁ କହି କୁମୀ ଜରିଆରେ ଗାଁର ଯେତେ ପୁରୁଖା ଖୁଡ଼ୀ, ଦେଠେଇ, ମାଉସୀ, ମାଇଁ ମାନଙ୍କୁ

ISSN NO.
2582-208X

ପାଖକୁ ଡକାଇଲେ । ବିଜୁଳୀ ବେଗରେ ଖବରଟି କୋଣେ ଅନୁକୋଣେ ବ୍ୟାପୀଗଲା । ବାବୁ ଘରକୁ କିରଣ ଆସୁଛି । ଦିନ ପରେ ଦିନ ବିତିଗଲା । ପୁଣି ଦିନେ, ଯମୁନାଙ୍କୁ ଡାକି ବୋଉ କହିଲେ, ମୋର ତାଜୁରବା ଅଛି । ବହୁ ପୁରୁଷ ପରେ ଆମ ଘରକୁ ଲକ୍ଷ୍ମୀ ଆସୁଛନ୍ତି। ଜାଣିଛୁ ପ୍ରଥମ ପିଲାଟି କନ୍ୟା ରତ୍ନ ହେଲେ ବାପା, ମା' ଙ୍କର ଆୟୁ ଦ୍ୱିଗୁଣ ହୋଇଯାଇଥାଏ ! ଯମୁନାଙ୍କ ମନକୁ ଆସିଲା, ତେବେ କ'ଣ ପରିବାରର ଅନ୍ୟମାନଙ୍କର ଆୟୁଷ ଊଣ ହୋଇଥାଏ । କେଡ଼େ ଖୁସିରେ ଯମୁନା ବୋଉଙ୍କ ସଂଗେ ସମୟ ବିତାଉ ଥିଲେ। ବାପଘର ଛାଡ଼ି ଶାଶୁଘର ଆସିବା ଦିନ ଠାରୁ ଏଇ ବୋଉ ହିଁ ତାଙ୍କର ସର୍ବସ୍ୱ ଥିଲେ। ନିଜ ଜନ୍ମ କଲା ବୋଉ ନ ଥିଲେ ! ହଠାତ୍ ଭାବ ପ୍ରବଣ ହୋଇ ଉଠିଲେ ଯମୁନା । ତୁମେ ଉପରେ ଯେତେ ସ୍ନେହ ଦେଖାଇ ମତେ, ମତେ କେବଳ ସବୁଠୁ ବେଶୀ ଭଲ ପାଅ ବୋଲି କହୁଥିଲ ଭକୁଆ ବନୋଉ ଥିଲ, ସବୁ ମିଛ । ତୁମେ ବାପାଙ୍କୁ ବେଶୀ ଭଲ ପାଉଥିଲ । ସେଇଥିପାଇଁ ତ ତାଙ୍କୁ ଛାଡ଼ି ରହିପାରିଲନି । ତାଙ୍କ ରାସ୍ତା ଖୋଜି ଖୋଜି ମାସ କେଇଟାରେ ଚାଲିଗଲ । ମୁଁ ବି ତୁମ ଯିବା ରାସ୍ତାଟିର ଅନୁସନ୍ଧାନ କରି ତୁମ ପାଖକୁ ଚାଲିଯିବି । ତୁମ ସ୍ନେହ ବିନା ଆଉ ଘଡିଏ ରହି ପାରିବିନି ବୋଉ । ହେଲେ ତୁମର ଏ ଲକ୍ଷ୍ମୀଟିକୁ କିଏ ସମ୍ଭାଳିବ ! ତୁମ ପୁଅ ଯେମିତି ବେପରୁଆ । ସିଏ ଆଉ ଗୋଟେ କାହାକୁ ତୁମ ଲକ୍ଷ୍ମୀକୁ ସମ୍ଭାଳିବା ପାଇଁ ଧରି ଆଣିବେ । ଭାବ ପ୍ରବଣ ହୋଇ ଏଇ ଶେଷ କଥା ପଦକ ଖୁବ୍ ଜୋରରେ କହି ପକାଇଲେ ଯମୁନା ଦେବୀ । ଆଖି ମଳି ମଳି ଛାତ ଉପରକୁ ଉଠିଲେ ଜୀବନ ବାବୁ । ଜୀବନ ବାବୁଙ୍କୁ ଦେଖି ହାତେ ଜିଭ କାମୁଡି ପକାଇ କଥା ବାଆଁରେଇଲେ ଯମୁନା ଦେବୀ । ଏଇ ଦେଖିଲ, ଛାତ ଉପର ବଗିଚାରେ କେତେ ଫୁଲ ଗଛ ଲଗାଇଥିଲେ ବୋଉ । ମନ୍ଦାର, ଗେଣ୍ଡୁ, ରଜନୀ ଗନ୍ଧା, ଡ଼ାଲିଆ, ଜିନିଆ, ମଲ୍ଲୀ, ସେବତୀ, ଜୁଇ ଯାଇ । ଆହୁରି କହୁଥିଲେ, ଜାଣିଛୁ, ଶହେରୁ ଉପରେ ଗୋଲାପର ପ୍ରଜାତି ଅଛି । କଳା ଗୋଲାପ ଦେଖିଛୁ ? ଗୋଟିଏ ଗୋଟିଏ କରି ସବୁ ତୋ ପାଇଁ ଲଗେଇବି । ସତ କହୁଛି, ମୁଁ ବୋଉଙ୍କ କଥା ଜମା କାଟି ନ ଥିଲି । ତେବେ ସେ କ'ଣ ପାଇଁ ମୋ ଉପରେ ଅଭିମାନ କରି ଚାଲିଗଲେ ।

ରାତି କେତେ ହେଲାଣି ଦେଖୁଛ ! ବର୍ତ୍ତମାନ ତୁମେ ଏକା ନୁହଁ । ଦୁଇଜଣଙ୍କ କଥା ବୁଝୁଛ। ଏତିକି କହି ଯମୁନାଦେବୀଙ୍କ ହାତ ଧରିଗୋଟିଏ ଗୋଟିଏ ତଳକୁ ଓହ୍ଲାଇଲେ ଜୀବନ ବାବୁ। ଶୋଇବା ଘର ଖଟ ଉପରେ ବସି ମଧ୍ୟ ଯମୁନାଦେବୀଙ୍କର କଥାଶେଷ ହୋଇ ନ ଥିଲା ।ବୋଉ କହୁଥିଲେ ଆମର ଝିଅ ହେବ । ତା ନାମ କ'ଣ ରଖିବା କହିଲ !

ISSN NO.
2582-208X

କଢ଼ୀ...........

ନାଁ.....ନାଁ...... ସେଇଟା ତ ବୋଉଙ୍କ ନାମ । ଆମେ ଆଉ କିଛି ରଖିବା । ହଁ, 'ଅରୁନ୍ଧତୀ'.....ଭଲ ନାଁ ଟିଏ ।

ହେଲେ, ଅରୁନ୍ଧତୀର ଅର୍ଥ ତୁମକୁ ଜଣା ଅଛି ?

ଏଇ ନାମଧାରୀ ଝିଅମାନେ ମାନସିକ ସ୍ତରରେ ଖୁବ୍ ମଜବୁତ । ସମସ୍ତ ପ୍ରକାର ମୁସ୍କିଲକୁ ସାମନା କରି ପାରନ୍ତି । କୌଣସି କାମ ଆରମ୍ଭ କରିବାକୁ ହେଲେ ଯେତେ ପ୍ରକାର ବାଧା ବିଘ୍ନ ଆସୁ ପଛକେ ସେମାନେ ପରିଶେଷରେ ସଫଳତା ହାସଲ କରିଥାନ୍ତି । ପରିସ୍ଥିତି ପାଇଁ କେବେ ବି ତାଙ୍କର ଭୟ ନ ଥାଏ । ସେମାନଙ୍କ ନିକଟରେ ନେତା ହେବାର ଗୁଣ ପରିପୂର୍ଣ୍ଣ ଥାଏ ।

କେବଳ ଭଲ ଅର୍ଥ ଗୁଡ଼ିକ ଜାଣିଲେ ହେବନି । ଏଇ ନାମଧାରୀ ଝିଅମାନଙ୍କୁ ବହୁ ରୋଗ ବଇରାଗ ଗ୍ରାସି ଥାଏ । ତେଣୁ ଜ୍ୱର, ମୁଣ୍ଡ ବିନ୍ଧା, ପାୟରିୟା, ରକ୍ତ ଅଶୁଦ୍ଧି ସହ ପେଟ ରୋଗର ଶିକାର ହୋଇଥାନ୍ତି । ଏ ସବୁ ବାହାରେ ସେମାନେ ବହୁ କ୍ରୋଧୀ ପ୍ରକୃତିର । କ୍ରୋଧିତ ହୋଇ ଅନ୍ୟର ନୁହେଁ, ନିଜର ସର୍ବନାଶ କରିଥାନ୍ତି ।

ନାଁ.....ନାଁ..... ଏ ସବୁ ଭୁଲ୍ । ତୁମକୁ ଜଣା ନାହିଁ, ଏମାନେ ଯେତେ ପରିଶ୍ରମ କଲେ ମଧ୍ୟ ହାଲିଆ ହୋଇ ନ ଥାନ୍ତି ।

ଆଚ୍ଛା ବାବା, ତୁମେ ଠିକ୍, ମୁଁ ଭୁଲ୍, ଏବେ ଶୋଇପଡ଼ ।

ବସନ୍ତ କୁଞ୍ଜ, ନୂଆ ଦିଲ୍ଲୀ

ISSN NO.
2582-208X

# ବାପା



ବନ୍ଦିତା ଶତପଥୀ

ବିନାଲୁହ ଆଉ
ବିନା ଶବ୍ଦରେ କାନ୍ଦିଥାନ୍ତି
ସଦାବେଳେ ଯିଏ...
ବାପାଙ୍କ ନାମରେ ପରିଚିତ ସିଏ,
ତାଙ୍କ ପରି ହେବ ଅବା କିଏ ?
ବାପା ବିନା ଜୀବନରେ
ଅସ୍ତିତ୍ୱ ବା କାହିଁ ?
ଏ ଶବ୍ଦର ଅର୍ଥ ବୁଝିବାକୁ
ରାତି ଯାଏ ପାହି ।
ବାପା ହିଁ ଜୀବନ...
ବାପା ହିଁ ସମ୍ବଳ...
ବାପା ହିଁ ମୋ'ର ଶକ୍ତି
ଯାହାଙ୍କୁ ସମର୍ପିତ
ମୋର ଶ୍ରଦ୍ଧା ଭକ୍ତି,
କେବେ ସିଏ ସୃଷ୍ଟି ପୁଣି...
କେବେ ଅଭିବ୍ୟକ୍ତି ।
ବାପା ତାଙ୍କ ସନ୍ତାନର ଅଦୃଶ୍ୟ
ସାହାରା -
ପୁଣି କେବେ ଲାଗନ୍ତି ସେ

www.vedantimagazine.com
ISSN NO.
2582-208X

ଢ଼ହ ଢହ ନିଦାଘର ଖରା,
ବାପା ମୋ' ପରିବାରର
ବରଗଛ ଛାଇ -
ବେଳେ ବେଳେ ହିମାଳୟ ହିମ
ଇପୁଣି ତତଲା ଉହ୍ମେଇ,
ବାପା ଅଟନ୍ତି ପରିବ୍ୟାପ୍ତ
ବିଶାଳ ଆକାଶ -
ତାଙ୍କ ମିଠା ପ୍ରେମ ସତେ
ଅନନ୍ତ ଅଦୃଶ୍ୟ,
ବାପା ତ ଅଟନ୍ତି ଆମ
ପରିବାରର ମଝିଖୁଣ୍ଟ ...
ମୋ ମମତାମୟୀ ମା'ର
ସୁହାଗ ସିନ୍ଦୂର...
ବାପା ହିଁ ମୋ ଆତ୍ମାର ଅସ୍ତିତ୍ୱ
ଆଉ ଶିବ ଶକ୍ତି...
ତାଙ୍କ ପାଦ ସ୍ପର୍ଶ ରେ ମିଳେ
ଅନାବିଳ ଶାନ୍ତି,
ମୋ ମଥା ଉପରେ ଥିଲେ
ବାପାଙ୍କର ହାତ
ଭାବେ ମୁଁ ମୋ ମଥା ଉପରେ ଅଛି
ସୁରକ୍ଷିତ ଛାତ,
ତାଙ୍କ ପରେ ରାଗେନି ମୁଁ ଜମା
କରେ ଖାଲି ଟିକେ ଅଭିମାନ,
ଆମ ପାଇଁ ଦେଖନ୍ତି ସେ ଅହରହ
ଅନେକ ସପନ।

କୁଆଁସ, ମେର୍ଦ୍ଧା-କାଟିଆ ଛକ,ଯାଜପୁର
ମୋ - ୯୮୨୭୯୧୨୪୫୮

ISSN NO.
2582-208X

# ସୃଷ୍ଟି ର ଶ୍ରେଷ୍ଠ ଜନ୍ମ
# ନାରୀ



ନମିତା ଦାଶ

ମୁଁ ନାରୀ, ନାରାୟଣୀ, ଜନନୀ
ଭଗ୍ନୀ, ଦୁହିତା । ଦୁଇ କୂଳକୁ ହିତା
ଝିଅ ରୂପେ ଜନ୍ମ ହୁଏ ଲକ୍ଷ୍ମୀଙ୍କର ଆଗମନ ସର୍ବାଗ୍ରେ ତାର ସନ୍ମମାନ ।
ଭଉଣୀ ରୂପରେ ନାରୀଟେ ମନାସେ
ଭାଇ -ଭଉଣୀ ଙ୍କ ସୁଖ !
ସହନ ଶକ୍ତି ର ଚଳନ୍ତି ପ୍ରତିମା,
ପୃଥିବୀ ର ପ୍ରତୀରୂପ । ସଂସାର ସୃଷ୍ଟିକର୍ତ୍ରୀ । ଉପଭୋଗ୍ୟ ମାଂସ ପିଣ୍ଡୁଳା
ନୁହେଁ, ସେ ଧର୍ମପତ୍ନୀ ପୁରୁଷର ।
ନାରୀ ଅଟଇ ଶକ୍ତି ସ୍ୱରୂପିଣୀ, ନୁହେଁ ସେ ଦୁର୍ବଳା ।
ସେ ଦୁର୍ଗା,କାଳୀ, କାତ୍ୟାନି, ସାବିତ୍ରୀ, ମହାମାୟା । ଯୁଗେ ଯୁଗେ ସେ ପୂଜିତା ।
ଆପଣା ଯୌବନ ତ୍ୟାଗ କରିଦେଇ ପିଆଏ ଅମୃତ ବାରି ।
ନିଜକୁ ତିଳ ତିଳ ଜାଳି ତ୍ୟାଗ କରୁଥାଏ ନାରୀ ।
ମୁଁ ନାରୀ, ମୁଁ ସ୍ୱାହା, ସୁଦ୍ଧା, ଶକ୍ତି । ମୁଁ ସର୍ବବ୍ୟାପି....
ମୋ ବିନୁ ନାହିଁ ସୃଷ୍ଟି ।
ନାରୀ, ନିର୍ଯ୍ୟାତନା ସହେ, ଅତ୍ୟାଚାର ସହେ ସହଇ ଶତ ଧିକାର !
ନିର୍ଦୋଷ ନିରୀହ ନିଷ୍ପାପ ହୋଇବି ଭୋଗେ ଯନ୍ତ୍ରଣା ଅପାର ।
ଦୁର୍ବଳତା ନୁହେଁ ବଡ଼ପଣ ଏହା ମହିୟସୀ ମହିଳାର ।

ISSN NO.
2582-208X

ସମାଜ କହୁଛି ଅବଳା ଯାହାକୁ ସେ ତ ଶକ୍ତି ର ଭଣ୍ଡାର ।
ମୈତ୍ରୀ, ମୁକ୍ତି, ଭକ୍ତି, ଭିତରୁପା ନାରୀ,
ମହିଷାମର୍ଦ୍ଦିନୀ ଦୁର୍ଗା ।
ମା-ଭଉଣୀ -ବନ୍ଧୁ -ପତ୍ନୀ ରୂପରେ ଅପୂରଣୀୟ ତା ଜାଗା ।
ନାରୀ ସନ୍ନମାନ ହେଉ ସଭିଙ୍କ କର୍ମ,
ନାରୀ ଅଟେ ସର୍ବଙ୍ଗସହା,
ନାରୀ ଙ୍କ ବକ୍ଷରୁ ସଂହାର ଆରମ୍ଭ,
ନାରୀ ବିନା ସୃଷ୍ଟି ଅସମ୍ଭବ....
ଯୁଗେ ଯୁଗେ ନାରୀ ପୂଜିତା ।

ନବି ମୁମ୍ବାଇ

ISSN NO.
2582-208X

# ଆପଣ କେମିତି ଅଛନ୍ତି



ବିରଞ୍ଚି ନାରାୟଣ ମିଶ୍ର

ମୋର ଜଣେ ବନ୍ଧୁ ଫୋନ କରି ପଚାରିଲେ ଆପଣ କେମିତି ଅଛନ୍ତି।

-- ହଁ ଭଲ ଅଛି ଯେ କିନ୍ତୁ ପୁରା ସୁସ୍ଥ ନାହିଁ।

-- ଆପଣ ଅସୁସ୍ଥ ଥାଇ ମଧ୍ୟ ସୁସ୍ଥତାର ଅନୁଭବ ଆଣିପାରିବେ। ଏଇଟା ହେଉଛି ଆମର ପ୍ରକୃତ ସୁସ୍ଥତା। ଶ୍ରୀମା ଲେଖିଛନ୍ତି ଡାକ୍ତର ମୋ ଶରୀରକୁ ଟେଷ୍ଟ କଲେ ହଜାର ହଜାରେ କଣ ପୃଥିବୀରେ ଯେତିକି ରୋଗ ଅଛି ତା ଥିବ। କିନ୍ତୁ ତାହା ଯଦି ଆମ ଚେତନାରେ କିଛି ପ୍ରଭାବ ପକାଉନି ତେବେ ତା ବାଲାନ୍ସ ହୋଇଥିବେ। ଯେମିତି ପୃଥିବୀରେ ପାହାଡ଼ ଅଛି ମାନେ ସମୁଦ୍ର ବି ଅଛି। ସେ ଦୁଇଟି ବାଲାନ୍ସ ହୋଇ ଅଛନ୍ତି। ଯଦି ଆମେ ତାକୁ ଅଲଗା କରିଦେବା ତାହେଲେ ପରସ୍ପର ବିପରୀତ ଭଳିଆ ଲାଗିବ। ସ୍ୱାସ୍ଥ୍ୟ ଓ ଆମର ଯୋଉ ରୋଗ ଏମାନେ ସବୁ ବାଲାନ୍ସ ହୋଇ ଅଛନ୍ତି। ଆମେ ଯଦି ଗୁରୁତ୍ୱ ଦେବୁ ତେବେ ସେମାନେ ବିଗିଡ଼ିବେ। ତାଙ୍କ ହିସାବରେ ସେମାନେ ଅଛନ୍ତି, କିଏ ପାହାଡ଼ ହିସାବରେ ଅଛି କିଏ ନଈ ଭାବରେ ଅଛି, କିଏ ସମୁଦ୍ର ଭାବରେ ଅଛି। ଖାଲ ଢିପ ସବୁ ଅଛି ତେଣୁ ପୃଥିବୀ ବାଲାନ୍ସ ହୋଇଅଛି କିଛି ଅସୁବିଧା ନାହିଁ। କିଏ ଯଦି କହିବ ପାହାଡଟା କାହିଁକି ଉଚା ହେଲା ସମୁଦ୍ରଟା ତଳକୁ ଗଲା ତେବେ ସବୁ ରୋଗ ଆରମ୍ଭ ହେଲା। ସବୁ forces of harmony· ପୂର୍ଣ୍ଣ ଚେତନାରେ ରହିଲେ ଶରୀର ତା ବାଟରେ ଥିବ, ଆପଣ ଖୁସିରେ ରହିପାରିବେ।

ISSN NO.
2582-208X

--ରୋଗ ହେଲେ ଆମ ଶରୀରରେ ଯୋଉ କଷ୍ଟ ହେଉଛି ତାହାକୁ ଆମେ କିପରି ସମ୍ଭାଳି ପରିବା?

---କଷ୍ଟ ଟା ହେଉଛି ଅତୀତର ଅଭ୍ୟାସରୁ ହିଁ ଆସୁଛି ଆମେ ଯେହେତୁ ତା ଉପରେ ଦେଇ ଦେଇ ଆସୁଛୁ। ସାନବେଳୁ ଆମ ବାପା ମାଆ ଆମକୁ ଏହା ଶିଖାଇ ଆସିଛନ୍ତି। ଆମେ ଏବେବି ସେଇକଥା ଆମ ପିଲାମାନଙ୍କୁ ଶିଖାଉଛୁ ତେଣୁ ତାଙ୍କ ଭିତରେ ଗୋଟେ ବଦ୍ଧ ଧାରଣା ହୋଇଯାଇଚି। ସେଇ ବଦ୍ଧ ଧାରଣାଟି ହିଁ ଆମକୁ କଷ୍ଟ ଦେଉଛି।

-- ଆଚ୍ଛା ଏଥିରୁ କଣ ତ୍ରାହି ମିଳିବନି ?

-- ମିଳିବ।

ତୁମେ ଯଦି କୃତଜ୍ଞତା ଚେତନାରେ ରହିବ ତେବେ ସେ ସବୁ କଷ୍ଟଥିଲେ ବି ସେସବୁ ତୁମକୁ କିଛି ହଇରାଣ କରି ପାରିବେ ନାହିଁ। ସେମାନେ ସାଙ୍ଗ ହୋଇ ତୁମ ପାଖରେ ବସିଥିବେ। ସାପ ବେଙ୍ଗ ପାଖରେ ବସିଥିବ, ସାପ ବେଙ୍ଗର କିଛି ଅନିଷ୍ଟ କରୁ ନଥିବ, ସେଇଭଳି ଅବସ୍ଥା ହୋଇପାରିବ। ସମସ୍ତେ ଥିବେ କିନ୍ତୁ ଆମ ପାଇଁ କିଛି ଅସୁବିଧା ନାହିଁ। ସେମାନେ ହଇରାଣ ଏଇଥି ପାଇଁ କରୁଛନ୍ତି ଆମେ ସାପର ଲାଙ୍ଗୁଡ଼କୁ ଧରି ପକାଉଛୁ। ଏବେ ସାପଟା ଗୁଡେଇ ହୋଇ ବସିଛି ଯେତେବେଳେ ଆମେ କହିବୁଲୁଛୁ ଯେ ମୋ ଦେହ ଖରାପ, ସାପ ଉଠିବସି ଆମର କ୍ଷତି କରିବାକୁ ଇଚ୍ଛା ପ୍ରକାଶ କରୁଛି। ଆମେ ତ ଏଇକଥା ସାନବେଳୁ ଶିଖିଛୁ, ଟିକିଏ କଣ ହେଲେ ସମସ୍ତଙ୍କୁ କହିବୁ ମୋର ଏଇ ଅସୁବିଧା ସବୁ ହେଉଛି।

---ତେବେ ଏଇ ଚିନ୍ତାରୁ କେମିତି ଆଶ୍ୱସ୍ତି ମିଳିବ?

--- ଯେତିକି ଆପଣ କୃତଜ୍ଞ ହୋଇ ଭଗବାନଙ୍କ ଚିନ୍ତାରେ ରହିବେ।

ଯେମିତି ଦ୍ରୌପଦୀ ବସ୍ତ୍ର ହରଣ ସମୟରେ ଶ୍ରୀକୃଷ୍ଣଙ୍କ ପାଖେ ନିଜର କୃତଜ୍ଞତା ଜଣାଇଥିଲେ, ସେହିପରି ସବୁ ସମୟରେ ଆମକୁ ସେଇ କୃତଜ୍ଞତା ଚେତନା ଭିତରେ

ISSN NO.
2582-208X

ରହିବାକୁ ପଡିବ। ଆମେ ଗୋଟେ ନିର୍ଦ୍ଦିଷ୍ଟ ସମୟରେ ସେଇ କୃତଜ୍ଞତା ଭିତରେ ରହୁଚୁ କିନ୍ତୁ ତାପର ମୁହୂର୍ତ୍ତରେ ସେ କୃତଜ୍ଞତାକୁ ଭୁଲି ଯାଉଛୁ। ଭୁଲିଗଲା ପରେ ସେ ଦୁଃଖକଷ୍ଟ ଗୁଡିକ ଦବିଥିଲା ବେଳେ ଠିକ ସେଇ ସମୟରେ ଆମ ନିକଟକୁ ମାଡି ଆସୁଛନ୍ତି। ସେମାନେ ସଦାବେଳେ ଆମ ଗେଟ ପାଖରେ ହିଁ ରହୁଥାନ୍ତି। ସେ ଯେତେବେଳେ ଜାଣୁଛନ୍ତି ଆମେ ଈଶ୍ୱରଙ୍କୁ ଭୁଲିଗଲେ ବୋଲି, ଠିକ ସେଇ ସମୟରେ ସେମାନେ ଆମ ଭିତରକୁ ମାଡି ଆସୁଛନ୍ତି। ସେଥିପାଇଁ ଶ୍ରୀମା କହୁଛନ୍ତି Always remember God, ଭଗବାନଙ୍କୁ ସବୁବେଳେ ସ୍ମରଣ କର।

ଭୁଲିଗଲେ ଠିକ ସେତିକିବେଳକୁ ଏ ଅସ୍ଥିର ମନ ଅନ୍ୟଆଡେ ଯାଇ ଦୁଃଖ ଯନ୍ତ୍ରଣା ପାଖରେ ଅଟକି ଯାଉଛି।

-- ଏହା କାହିଁକି ହେଉଛି ?

---- ଏହା ଆମର ଜନ୍ମ ଜନ୍ମର ଅଭ୍ୟାସରୁ ହିଁ ଆସିଛି।

1982 କି 1986 ସମୟରେ କମ୍ପ୍ୟୁଟର ଆସିଲା। ସେତେବେଳେ ସାରା ଭାରତ ବର୍ଷରେ ସବୁ typist ମାନେ ଭୟ କଲେ, ତାଙ୍କର ଚାକିରୀ ଚାଲିଯିବ। କିନ୍ତୁ ସେଇ ମାନଙ୍କୁ ହିଁ job ଟି ମିଳିଲା। ଅସୁବିଧା ହେଲା Mostly type machine ରେ ଉପରେ ହ୍ୟାଣ୍ଡିଲ ବାରକୁ କୁ ଗୋଟିଏ ଧାଡି type କରି ସାରିବା ପରେ କାଗଜକୁ ଘୁଞ୍ଚାଇବାର ଅଭ୍ୟାସ ଦୀର୍ଘଦିନରୁ ଥିବାରୁ ସେମାନେ କମ୍ପ୍ୟୁଟର key ବୋର୍ଡ଼କୁ ଠେଲିଦେବାକୁ ଚେଷ୍ଟା କଲେ। ପରେ ଧୀରେ ଧୀରେ ସେ ଅଭ୍ୟାସରୁ ନିବୃତ ହେଲେ। ଠିକ ସେଇପରି ଜଣେ ଟ୍ରେନର ଟି.ଟି. ଚାକିରୀରୁ ଅବସର ନେଲାପରେ ଘରେ ରହିଲେ। ସ୍ତ୍ରୀ ସକାଳୁ ଚା ଦେଲା ସମୟରେ ସେ ଚା ଟା ପିଇଲେନି, ସ୍ତ୍ରୀଙ୍କ ମୁଣ୍ଡକୁ ଗୋଟେ idea ଆସିଲା ସେ ଶୋଇବା ଘର ଝରକା ବାହାରେ ଚା ଚା କହି ସ୍ୱାମୀଙ୍କୁ ଦେଲାପରେ ସେ ଚା ପିଇଲେ। ସେ ତାଙ୍କର ସେ ପୁରୁଣା ଅଭ୍ୟାସରେ ଏତେ ମଜ୍ଜି ଯାଇଥିଲେ ଯେ ସାଙ୍ଗେ ସାଙ୍ଗେ adjust କରି ପାରିଲେ ନାହିଁ। ମାଆ କହୁଛନ୍ତି ଅଭ୍ୟାସ ଯୋଗୁ ସେ ଏକଥା କରୁନି, ଏହା ହେଉଛି ତା ଚିନ୍ତାର ଦାରିଦ୍ରତା। ଯାହା ମନର ଅବସ୍ଥାରେ

ISSN NO.
2582-208X

ହିଁ ସୃଷ୍ଟି ହୁଏ।ଆମେ ଯେତେବେଳେ କିଛି ଖରାପ କାମ କରୁ ତାହା ଆମ ଚରିତ୍ର ତିଆରି କରେନି। ତାହା ଏକ ଆକ୍ସିଡେଣ୍ଟାଲି ଘଟେ, କିନ୍ତୁ ତାର ପୁନରାବୃତ୍ତି ଆମେ ଯେତେବେଳେ କରୁ ସେତେବେଳେ ସେଇଟା ଅଭ୍ୟାସରେ ପରିଣତ ହୋଇ ଯାଏ। ତାପରେ ତାହା ଆମ ଚେତନାକୁ ଦାରିଦ୍ରରେ ପରିଣତ କରି ଦେଉଛି। ମା କହୁଛନ୍ତି ଆମେ ଚେତନାର ଦାରିଦ୍ରତା ହେଉ ବା ଆମର କିଛି ଖରାପ ଅଭ୍ୟାସ ହେଉ ତାର ବାରମ୍ବାର ଦୋହରାଇ ତାକୁ ଚରିତ୍ରରେ ପରିଣତ କରି ଦେଉଛୁ। ମଦ ପିଇବାଟା ଠିକ ସେଇପରି। କିଏ ଜଣେ କହିଦେଲା ତା ସହ ସାଙ୍ଗ ହୋଇ ପିଇଦେଲୁ, ତାହା ସେତିକିରେ ସରିଲାନି। ତାହା ପୁନରାବୃତ୍ତି କଲି ତା ଫଳରେ ସେ ମୋ ଭିତରେ ଘର କରିଲା। ତାପରେ ଅଭ୍ୟାସରେ ପରିଣତ ହୋଇଗଲା। ଶେଷକୁ ସେ ଅଭ୍ୟାସ ଆମ ଚରିତ୍ର ହୋଇଗଲା। ଏବେ ଆମେସବୁ ସେଇ ଅବସ୍ଥାରେ ହିଁ ଆସି ପହଞ୍ଚି ଯାଇଛୁ। ପଚାରୁଚୁ ମୁଁ କେମିତି ଏଥିରୁ ଉଦ୍ଧାର ପାଇବି। ତା ଆଉ ସମ୍ଭବ ହୋଇପାରୁନି। ଏବେ ଗୋଟିଏ କଥା ହୋଇପାରିବ, ଆମେ ସବୁକଥା ଭୁଲିଯାଇ ଭଗବାନଙ୍କ ଆଡକୁ ମନଟା ନେଇ ପରିବା। କିନ୍ତୁ ପୁରାପୁରି ଭାବରେ ସେ ଅଭ୍ୟାସରୁ ମୁକ୍ତ ହେବାପାଇଁ ସମୟ ଲାଗିବ। ଶୀଘ୍ର ଉପସମ ପାଇଁ ଭଗବାନଙ୍କ ଆଡକୁ ମନଟାକୁ ସଦାବେଳେ ନେଇଯିବାକୁ ପଡିବ। ଯେ ପୁରୁଣାକୁ ଡାକି ଆଣୁଚି ସେ ହଇରାଣ ହେଉଛି। Past is past.

ଦେହ ଖରାପ ସମୟରେ ଡାକ୍ତରଙ୍କ ପାଖକୁ ଯିବାକୁ ହିଁ ପଡିବ। ଠିକ ସେଇପରି ସବୁ ଅଶାର ଶେଷ ହେଲାପରେ ଈଶ୍ୱର ହିଁ ହେଉଛନ୍ତି ଶେଷ ଆଶା। କୃତଜ୍ଞତା ଠାରୁ ଦାମୀ ଔଷଧ ଏ ପୃଥିବୀରେ ଆଜି ପର୍ଯ୍ୟନ୍ତ ପ୍ରସ୍ତୁତ ହୋଇନାହିଁ।

ସବୁ ସମୟରେ ଈଶ୍ୱରୀୟ କୃତଜ୍ଞତା ଚେତନାରେ ରୁହନ୍ତୁ।

ଭୁବନେଶ୍ୱର
9439011063

ଡିସେମ୍ବର -୨୦୨୪
www.vedantimagazine.com
ISSN NO.
2582-208X

# ମୋ ଭାଗ୍ୟ



ଜୟନ୍ତ ଦାସ ପ୍ରଫୁଲ୍ଲ

ଭାଗ୍ୟ ପରା ମୋର ଭାରି ଅସଜଡା
ଅଡୁଆ ସୂତାର ଖିଅ,
ଭାଗ୍ୟ ମୋର ପୁଣି ପ୍ରବାହିତ ନଈ
ଠିକଣା ଦୁଃଖର ସୁଅ ।(୧)

ଭାଗ୍ୟ ପୁଣି ମୋର ଫିଙ୍ଗା ଯାଇଥିବା
ବଗିଚାର ଛିଣ୍ଡା ଫୁଲ,
ଭାଗ୍ୟ ପୁଣି ମୋର ଡେଣା କଟିଥିବା
ଚଢ଼େଇର ସମ ତୁଲ ।(୨)

ଭାଗ୍ୟ ପରା ମୋର ଅମାବାସ୍ୟା ଦିନ
ଲୋଡା ଥିବା ଜହ୍ନ ଜୋସ୍ନା,
ଭାଗ୍ୟ ପୁଣି ମୋର ମରୀଚିକା ସମ
ମେଣ୍ଟିବନି କେବେ ତୃଷ୍ଣା ।(୩)

ଭାଗ୍ୟ ପରା ମୋର ଦୂର ରାଇଜର
ପୋଡ଼ି ଯାଇଥିବା ବନ,

ISSN NO.
2582-208X

ଭାଗ୍ୟ ପୁଣି ମୋର ଭାଙ୍ଗି ଯାଇଥିବା
ନୂତନ କାଚର ମନ।(୪)

ଭାଗ୍ୟ ପରା ମୋର ଝଡରେ ଉଜୁଡ଼ା
ଚଢ଼େଇର ଗଢା ବସା,
ଭାଗ୍ୟ ପୁଣି ମୋର ଦୁଃଖୀ ମଣିଷର
ଖୁସି ସନ୍ଧାନର ଆଶା।(୫)

ଭାଗ୍ୟ ପରା ମୋର ବେରଙ୍ଗୀ କାହାଣୀ
ରଙ୍ଗ ଯେ ତାର ଫିକା,
ଭାଗ୍ୟ ପୁଣି ମୋର ପଥଭ୍ରଷ୍ଟ ଜନ
ବାଟ ଚାଲେ ଯିଏ ଏକା।(୬)

ଥାଲସଡା, ବାଲେଶ୍ୱର
ମୋ - ୮୪୫୫୮୭୭୨୭୬

ISSN NO.
2582-208X

# ଦୀପାବଳିର ଦୁଃଖ



ନବକିଶୋର ଦୀପ

ଖାଲି ଦିଓ୍ୱାଲୀ ଦିଓ୍ୱାଲୀ ଲ୍ଗେରେ..
ଗୀତଟି ଖୁବ ମର୍ମସ୍ପର୍ଶୀ ମନେ ହୁଏ
ହେବନ କେମିତି ?
ଆଲୋକିତ ହୁଏ ସହର, ନଗର ସୋସାଇଟି, ଜନପଥ
କୋଠା ଓ ଅଟ୍ଟାଳିକା ।
ମିଠା ଓ ବାଣ ଦୋକାନରେ
ନାହିଁ ନଥିବା ଭିଡ଼ ।
ମୁଁ ଏତିକ କିଣିଛି ତୁ କେତେ ?
ସୃଷ୍ଟି ହୁଏ ଅହଂକାର
ଧନ, ଜନ ଓ ମାନର..
ପ୍ରତିଦ୍ୱନ୍ଦିତା ହୁଏ
ଟାଇଗର ଓ ପେପର
ଲଙ୍କା ଓ ଲକ୍ଷ୍ମୀ ବମ ଭିତରେ ।
କାହା ଛାତରୁ ଶବ୍ଦ ବେଶି
ଆସିବାର ପ୍ରତିଯୋଗିତା ।
ପ୍ରତିଯୋଗିତା..
ଆମ ଭିତରେ କ ନୂଆ କଥା ଯେ,
ଧନୀ ଓ ଗରିବ
ଶ୍ରମିକ ଓ ମାଲିକ

ISSN NO.
2582-208X

ଶୋଷକ ଓ ଶୋଷିତ
ମୂକ ଓ ମଣିଷ ମଧ୍ୟରେ
ପ୍ରତିଦ୍ୱନ୍ଦିତା ପାଇଁ ହିଁ ତ
ସୃଷ୍ଟି ହୁଏ ଦୂରତା ।
ଦୂରତା ରହିଲେ ଭଲ
କାହିଁକି ନା..
ମୁଁ ଶୁଣିଥିବା
ଆ'ବେ ପର୍ଶୁ, ଯା'ବେ ପର୍ଶୁ
ବାବୁ ପର୍ଶୁର୍ାମର ପ୍ରଭ୍ବ
ଆଜି ଟ୍ରେଣ୍ଡ ହୋଇଯାଇଛି ।
ଟ୍ରେଣ୍ଡରୁ ମନେ ପଡିଲ୍
ଗଲ୍ ବର୍ଷର ଖବର
ଯାହା ଖୁବ ଟ୍ରେଣ୍ଡରେ ଥିଲ୍
ଦିଲ୍ଲୀର ବାୟୁମଣ୍ଡଳ,
ଭ୍ରତରେ ପରିବେଶ ପ୍ରଦୂଷଣ
ଓ ଘରଚଟିଆ ପ୍ରଜାତିର ବିଲୋପ ।
ଯାହାର ବିଲୋପ ହେଲେ ହେଉ
ଆମର ଯାଏ ଆସେ କେତେ ??
ଆମ ଖୁସିଠାରୁ କଣ
ବାୟୁ ପ୍ରଦୂଷଣ, ଶବ୍ଦ ପ୍ରଦୂଷଣ
ପାଖ ଗଛରେ ବସା ବାନ୍ଧିଥିବା
ବିଭିନ୍ନ ଚଢେଇ ଓ ପ୍ରାଣୀଙ୍କ ଜୀବନ,
ପରିବାର ବେଶି ମୂଲ୍ୟବାନ!!
ଗରିବ ତା' କୁଡ଼ିଆରେ
ଲିଚୁ ଲଗେଇ ପାରୁନି,
ଶ୍ରମିକ କେବେ ମିଠା ଦୋକାନର
ପାଦ ମାଡିନି,

ISSN NO.
2582-208X

କୃଷକ କେବେ ତା' ଛାତରୁ
ଦୂର ଧୂଆଁମୟ
ଆକାଶକୁ ଛୁଉଁଥିବା
ଆକାଶ ଛତାକୁ ଗୃହିଁ ପାରିନ
ତ ଆମେ କଣ କରିବୁ ?
ଆମେ ତ କହିନୁ.
ତାଙ୍କୁ ଗରିବଘରେ ଜନ୍ମ ହେବାକୁ
ମନା କରିନୁ...
ଅନ୍ୟର ପେଟରେ ପିଠିରେ
ପାଦଥାପି ଉପରକୁ ଯିବାକୁ..
ଯାହା କୁହ..
ତାହା ସବୁ ପୂର୍ବ ଜନ୍ମର ଫଳ ।

ବୌଦ୍ଧ
9937884449

ISSN NO.
2582-208X

# କେବେ କେରଳ ତ
# କେବେ ଅରୁଣାଚଳ



ପ୍ରିୟବ୍ରତ ପାତ୍ର

## ତ୍ରିଶୁର

କେରଳର ସାଂସ୍କୃତିକ ରାଜଧାନୀ ହେଉଛି ତ୍ରିଶୁର୍ । ଶାସନକୈନ୍ଦ୍ରିକ ରାଜଧାନୀ ହେଉଛି ତ୍ରିଭେନ୍ଦ୍ରମ୍, ବ୍ୟବସାୟିକ ରାଜଧାନୀ ହେଉଛି କୋଚିନ୍-ଏର୍ଣ୍ଣାକୁଲମ୍ । କେରଳର ସଂଗୀତ ନାଟକ ଏକାଡେମୀ, ଲଳିତକଳା ଏକାଡେମୀ, ସାହିତ୍ୟ ଏକାଡେମୀ ସବୁ ରହିଛି ତ୍ରିଶୁର୍ ରେ । ସମସ୍ତ ସମ୍ବାଦପତ୍ର, ମାଗାଜିନ୍, ପ୍ରକାଶକ ସଂସ୍ଥା ରହିଛନ୍ତି କୋଟ୍ଟାୟମ୍ ସହରରେ । କେବେ ତ୍ରିଶୁର୍ ରେ ସୁନା ଓ ଅଳଙ୍କାରର ଏତେ କାରବାର ହେଉଥିଲା ଯେ ଏହା ଥିଲା ଭାରତର ସୁବର୍ଣ୍ଣ-ରାଜଧାନୀ । "ପୁରମ୍" ପର୍ବକାଳରେ ହାତୀମାନଙ୍କୁ ନେଇ ଯେଉଁ ମହାମେଳଣ ମହୋତ୍ସବ ହୋଇଥାଏ, ତାହା ଆଜି ବିଶ୍ୱ ବିଖ୍ୟାତ । ଏମିତି ଅନେକ କାରଣ ରହିଛି ତ୍ରିଶୁର୍ କୁ ଗୁରୁତ୍ୱ ଦେବାରେ ।

୧୯୭୦ ପର୍ଯ୍ୟନ୍ତ ଇଂରେଜମାନେ ଦେଇଥିବା "ତ୍ରିଚୁର୍" ନାମଟି ବଳବତ୍ତର ଥିଲା । ତା ପରଠୁ କେରଳୀ ନାମ "ତ୍ରିଶୁର" ର ବିଧିବଦ୍ଧ ଆରମ୍ଭ ହୋଇଗଲା । ସହରଟିର କେନ୍ଦ୍ରରେ ଥିବା ଭଡାକୁନନାଥନ୍ ଶୈବ ମନ୍ଦିରଟି ପୂରା ସହରର ପ୍ରାଣକେନ୍ଦ୍ର । ଆଦି ଶଙ୍କରାଚାର୍ଯ୍ୟଙ୍କ ଅବସ୍ଥାନ ହିଁ ସେଇ ଶୈବ ମନ୍ଦିରର ଇତିହାସର ନାଭିକେନ୍ଦ୍ର । ହସ୍ତୀଯୁଥ ହେଲେ ସହରର ରସାଳ, ଚଟୁଳ, ବର୍ଣ୍ଣାଢ୍ୟ ପ୍ରତିନିଧି । ମନ୍ଦିରର ଅନତିଦୂରରେ ଥିବା ଦୁର୍ଗା ମନ୍ଦିର, କୃଷ୍ଣ ମନ୍ଦିର, କିଛି ପ୍ରାଚୀନ ସୁନ୍ଦର ଗିର୍ଜାଘର ତଥା ମ୍ୟୁଜିଅମ୍ କୁ ରୂପାନ୍ତରିତ ହୋଇଥିବା ଥମ୍ପୁରନ୍ ନଅର- ଏସବୁ ତ ପର୍ଯ୍ୟଟକଙ୍କ ଅନ୍ୟାନ୍ୟ ପ୍ରିୟ ଜାଗା । ହାତୀକୁ ନେଇ ବିଶେଷ

ISSN NO.
2582-208X

ରୁଚିବନ୍ତ ଲୋକେ ଥିରୁବମବଡି ମନ୍ଦିରକୁ ଅବଶ୍ୟ ଯାଇଥାନ୍ତି । କାରଣ ମନ୍ଦିର ଖୁଆଡରେ ଅନେକ ପୋଷାହାତୀ ସବୁବେଳେ ଟହଲ ମାରୁଥାନ୍ତି ।

ହାତୀକୁ ବାଦ୍ ଦେଇ ତ୍ରିଶୁର୍ ର ପରିକଳ୍ପନା ଅସମ୍ଭବ । ଆମେ ତ୍ରିଶୁର ବୁଲିଲାବେଳେ ଗୋଟିଏ ହାତୀ ଗାଧୁଆ ଜଳାଧାର ନିକଟରେ ଠିଆ ହେଲୁ । ତେଲକଡେଇରୁ ସଦ୍ୟ ବାହାରିଥିବା କଦଳୀ-ଚିପ୍ସ୍ ର ଠୁଙ୍ଗା ଧରି ଆମେ ହାତୀ ଗାଧୁଆ ଦେଖୁଥିଲୁ । ଶିଉଳିଛଡା ବଡ ବଡ ଶକ୍ତ ବ୍ରସ୍ ଯୋଗେ ଦୁଇ ଚାରି ଜଣ ମିଶି ହାତୀର ଦେହକୁ ଘଷୁଥାନ୍ତି । ଆଉ ଜଣେ ପାଇପ୍ ଯୋଗେ ହାତୀର ଦେହକୁ ପାଣିରେ ଭିଜାଉଥାନ୍ତି । ବଡ ବଡ ଦନ୍ତାହାତୀମାନେ ନିର୍ବିକାର ଭାବେ, ଆଣ୍ଠୁଏ ପାଣିରେ କଡ ଲେଉଟାଇ ମଣିଷମାନଙ୍କ ଘର୍ମାକ୍ତ ପରିଶ୍ରମକୁ ଉପଭୋଗ କରୁଥାନ୍ତି । କିଛି ଶିଶୁ ହାତୀ ମା ପାଖରେ ପାଖରେ ଚାଲୁଥାନ୍ତି, କାରଣ ମଣିଷ ପିଲାମାନେ ଖେଳଣା ଭାବେ ତାଙ୍କୁ ହଇରାଣ କରିଥାନ୍ତି । କିଛି ଶିଶୁ ହାତୀ ତ ମାର ପେଟତଳେ ଲୁଚି ଠିଆ ହେଇଥାନ୍ତି । ଗଭୀର ପାଣିରେ ଜଳକ୍ରୀଡା କରି କିଛି ନିଜ ଶୁଣ୍ଢରେ ଜଳର ଫୁଆରା ଛାଡି ପହଁରୁଥାନ୍ତି । କିଛି ଦନ୍ତାଙ୍କ ଦୁଇ ଦାନ୍ତ ଉପରେ ଠିଆହୋଇ ମାହୁନ୍ତ ନଡିଆକତାରେ ମଥା ଉପରର ପୁରୁଣା ରଙ୍ଗତୂଳୀ ତର୍ପଣକୁ ଲିଭାଉଥାନ୍ତି । ଏଇ ହାତୀମାନେ ଆଜି ପ୍ରାୟତଃ ମନ୍ଦିରମାନଙ୍କ ପୃଷ୍ଠପୋଷକତାରେ ଲାଳିତ, ପାଳିତ, ବର୍ଦ୍ଧିତ । ବିଭିନ୍ନ ଉତ୍ସବରେ ହାଟୀମାନଙ୍କ ଲମ୍ବା ଶୋଭାଯାତ୍ରା ତ୍ରିଶୁର ସହରକୁ ଅତୁଳନୀୟ କରିଦିଏ ।

ଆମେ ଭଡାକୁନନାଥନ୍ ମନ୍ଦିରର ମୁଖଶାଳା ଦେଇ ପ୍ରବେଶ କଲାବେଳକୁ ତୋରଣ ଉପରେ ଆଦି ଶଙ୍କରାଚାର୍ଯ୍ୟଙ୍କ ମୂର୍ତ୍ତି ଦେଖିଲୁ । ଡଜନ ଡଜନ ହାତୀକୁ ଚମତ୍କାର ଭାବେ ସଜାଯାଇ ଯେଉଁ ପ୍ରାଙ୍ଗଣରେ "ପୁରମ୍" ଯାତ୍ରା ଅନୁଷ୍ଠିତ ହୁଏ, ତାହା ହେଉଛି ଏହି ମନ୍ଦିରର ମୁଖଶାଳା ସମ୍ମୁଖର ପ୍ରାଙ୍ଗଣ । କାରୁକାର୍ଯ୍ୟ ଦୃଷ୍ଟିରୁ ନୁହେଁ କି ବିଶାଳତା ଦୃଷ୍ଟିରୁ ନୁହେଁ, ବରଂ ଏକ ଅଦ୍ଭୁତ ଶାନ୍ତ ପରିବେଶ ଓ ସରଳ ନିର୍ମାଣଶୈଳୀ ପାଇଁ ମନ୍ଦିରର ବିଶେଷତ୍ୱ ବଢିଯାଏ ।

ପୁରମ୍ ଉତ୍ସବରେ ଶିବ ମନ୍ଦିର ହେଉଛି ଏକ ତଟସ୍ଥ ସାକ୍ଷୀ ମାତ୍ର । ଉତ୍ସବ ପାଳନ୍ତି ଦୁର୍ଗା ଓ ଶ୍ରୀକୃଷ୍ଣ ମନ୍ଦିର । ଦୁଇ ମନ୍ଦିର ତରଫରୁ ହାତୀମାନେ ସଜା ହେଉ ସାମନା ସାମନି ଠିଆ

ISSN NO.
2582-208X

ହୁଅନ୍ତି । ଆତସବାଜି, ବାଜା, ପଟୁଆର ଆଦିର ପ୍ରତିଯୋଗିତା ଚାଲେ । ନୂଆ ନୂଆ କିସମର ଆଲୋକ ଓ ଶବ୍ଦରେ ଆକାଶ ଫାଟିପଡେ । ପ୍ରତିଯୋଗିତା ନାମକୁ ମାତ୍ର, କେହି ଜିତନ୍ତି ନାହିଁ କି କେହି ହାରନ୍ତି ନାହିଁ । ବରଂ ସବୁକିଛିର ପ୍ରଦର୍ଶନ ଆଶୁତୋଷ ଶିବଙ୍କ ପ୍ରୀତ୍ୟର୍ଥେ ହୁଏ । ଏହା ହିଁ ବିଶ୍ୱବିଖ୍ୟାତ ହାତୀଙ୍କ ଉତ୍ସବ ।

ଭଡାକୁନନାଥନ୍ ମନ୍ଦିରରେ ଶିବରାତ୍ରୀ ହୁଏ । ଖୁବ ଚମତ୍କାର । ଏହା ହେଉଛି ହିନ୍ଦୁମାନଙ୍କ ଏକମାତ୍ର ଉତ୍ସବ ଯେଉଁଠି ଶିବଙ୍କ ଗରଳ ଭକ୍ଷଣ ଜନିତ ମରଣାନ୍ତକ କଷ୍ଟରୁ ମୁକ୍ତି ପାଇଁ ମାନବଜାତି ରାତି ଅନିଦ୍ରା ଓ ଉପବାସ ରହି ବିଶ୍ୱଜନନୀଙ୍କ କୃପା ଆବାହନ କରିଥାନ୍ତି । ସେଦିନ ଲକ୍ଷ ଲକ୍ଷ ପ୍ରଦୀପରେ ମନ୍ଦିର ସଜାହୁଏ । ଅନେକ ସ୍ୱେଚ୍ଛାସେବୀ ସାରା ରାତି ବତୀମାନଙ୍କୁ ଜ୍ୱଳନ୍ତ ରଖିବାରେ ଲାଗିଥାନ୍ତି । କୌଣସି ଉଜ୍ଜ୍ୱଳ ବୈଦ୍ୟୁତିକ ଆଲୋକର ବ୍ୟବସ୍ଥା ନଥିବାରୁ ଦୀପମାନଙ୍କ ସମୂହ ଆଲୋକରେ ମନ୍ଦିର ଦିଶେ ସ୍ୱର୍ଗୀୟ, ଅଚିନ୍ତନୀୟ । କଳାକାରଙ୍କ ମନର ସ୍ୱପ୍ନ ଭରିଯାଏ, କଳ୍ପନାରେ ଡେଣା ଲାଗିଯାଏ । ଦୀପାଳିମାନଙ୍କ ମୁହଁ ମନ୍ଦିର ଦିଗେ ଥିବା ଯୋଗୁଁ ମୁହଁରେ ଆଲୁଅ ପଡେନା, ବରଂ ମନ୍ଦିର ଆଲୋକିତ ହୁଏ ।

ଭଡାକୁନନାଥନ୍ ମନ୍ଦିରର ଉଚ୍ଚତା ଖୁବ୍ ବେଶୀରେ ଦଶ ପନ୍ଦର ଫୁଟ । କାଠରେ ଯାହା ସାମାନ୍ୟ କାରୁକାର୍ଯ୍ୟ । ଦୀପାଳୀଙ୍କ ସ୍ତିମିତ ଆଲୋକରେ ଶିବଲିଙ୍ଗ ଯାହା କିଞ୍ଚିତ୍ ଦୃଶ୍ୟମାନ । କେବେକେବେ ଧୂପଧୂଆଁରେ ସେତକ ବି ଅଦୃଶ୍ୟ । ବେଢା ଭିତରେ ଛୋଟ ଛୋଟ ଫୁଲଗଛ ଓ ବୁଦା ବ୍ୟତୀତ ଅନ୍ୟ କୌଣସି ଗଛପତ୍ରର ଉପସ୍ଥିତି ନାହିଁ । ସର୍ବତ୍ର ଖୋଲାମେଲା । ହାତୀଙ୍କ ଯିବା ଆସିବାକୁ ଖାପ ଖୁଆଇଲା ଭଳି ଉଚ୍ଚା ତୋରଣ ଓ ପକ୍କା ରାସ୍ତା । ପ୍ରତିଦିନ ପରି ସେଦିନ ମଧ୍ୟ ଆମେ ପହଞ୍ଚିଲା ବେଳକୁ କିଛି ପୂଜାର୍ଚ୍ଚନା ଚାଲିଥାଏ । ସଜାସଜି ହୋଇ ହାତୀମାନେ ମନ୍ଦିରରେ ପ୍ରବେଶ କଲେ । ହାତୀର ମୁଣ୍ଡଟି ଚିତ୍ରିତ । ପିଠି ଉପରେ ଛତା, ବର୍ଚ୍ଛା, ଚାମର, ରାଜଦଣ୍ଡ ଧରି ଲୋକ ବସିଥାନ୍ତି । ଛତ୍ରୀ ତଳେ ସତେକି ମଧ୍ୟଯୁଗର ରାଜା ଜଣେ । ଚାମର, ଟାହିଆ, ସିଲ୍କ ଅଙ୍ଗସାଜ, ଝଲମଲ କରୁଥିବା ଅଳଙ୍କାର ଆଦିରେ ବିଭୂଷିତ ହାତୀ ଲାଗେ ସତେକି ସ୍ୱର୍ଗର ଐରାବତ ଏବେ ଏବେ ଧରାପୃଷ୍ଠକୁ ଓହ୍ଲେଇ ଆସିଛି । ତଳେ ବେତବାଡି ଖଣ୍ଡେ ଧରି ମାହୁନ୍ତ ଚାଲିଥାଏ, ବିଭିନ୍ନ ଇସାରାରେ ହାତୀମାନଙ୍କୁ ଚଳାଉଥାଏ । ଆଶ୍ଚର୍ଯ୍ୟ, ସାମାନ୍ୟ ବେତବାଡିର ସ୍ପର୍ଶରେ ହାତୀମାନେ ପଥର ହାତୀ ପରି ଠିଆ ହୋଇ ରହନ୍ତି ବା ଗତିଶୀଳ ହୁଅନ୍ତି । ଏସବୁ ପାଇଁ

ISSN NO.
2582-208X


ହାତୀଙ୍କ ପାଦକୁ ଲୁହା ଶିକୁଳିରେ ବାନ୍ଧି ରଖିବା ଜରୁରୀ ନୁହେଁ। ହାତୀ ଯିବା ରାସ୍ତାର ଦୁଇକଡେ ସ୍ତ୍ରୀ ଲୋକମାନେ, କନ୍ୟାମାନେ ପାରମ୍ପରିକ ସୁନେଲୀ ଧଡି ଥିବା ଶାଢୀ ପିନ୍ଧି ଦେବଥାଟକୁ ମଙ୍ଗଳ ଆଳତି ଦେଖାଇ ସମ୍ମାନ ଜଣାନ୍ତି। ବଡ ବଡ ତମ୍ବା ହାଣ୍ଡିରେ ଥିବା ଜଡାତେଲରୁ କିଛି କିଛି ନେଇ, ରାସ୍ତାସାରା ଲାଗିଥିବା ଦିହୁଡିମାନଙ୍କୁ ପ୍ରଜ୍ଜ୍ୱଳିତ କରିବାରେ କିଛି ଲାଗିଥାନ୍ତି। ଦିହୁଡିମାନଙ୍କରୁ ଭକ୍ ଭକ୍ କରି ନିଆଁ ଓ ଧୂଆଁ ସତେକି ଦେବଲୋକ ଦିଗେ ଛୁଟୁଥାନ୍ତି। ଚାରିପଟୁ ଶୁଭୁଥିବା ପାରମ୍ପରିକ କେରଳୀ ବାଜାର ଝମକ ଆମକୁ ଅତିନ୍ଦ୍ରିୟ ଅବସ୍ଥାକୁ ନେଇଯାଏ। କାହିଁ ଏଉଁ ଆଦି ଶଙ୍କରାଚାର୍ଯ୍ୟଙ୍କ ଅମଳରୁ ଏ ପରମ୍ପରା ଚାଲିଆସିଛି।

ମନ୍ଦିର ବେଢା ଭିତରେ ଅୟାପ୍ପା ସ୍ୱାମୀଙ୍କ କ୍ଷୁଦ୍ର ମନ୍ଦିର। ମର୍ଯ୍ୟାଦା ଦୃଷ୍ଟିରୁ ସତେକି ପାର୍ଶ୍ୱଦେବତା। ସେଇ ମନ୍ଦିର ଆଗରେ ଆୟାପ୍ପା ଭକ୍ତମାନଙ୍କ ଗଣନୃତ୍ୟ ଅତୀବ ବିସ୍ମୟକର। ମୁହଁସାରା ଦାଢି ସାଲୁବାଲୁ କରି, କଳା ଲୁଙ୍ଗି ଓ ଫୁଙ୍ଗୁଳା ଛାତିରେ ଭକ୍ତମାନେ ଦିଶୁଥାନ୍ତି କଦାକାର। ଅଣ୍ଟାରେ ଘୁଙ୍ଗୁର ମାଳା ପିନ୍ଧି, ହାତରେ ଛୁରୀ ଖଣ୍ଡା, କାତି ଓ ଅସ୍ତ୍ରଶସ୍ତ୍ର ଧରି କରୁଥାନ୍ତି ଉଦ୍ଦଣ୍ଡ ରଣନୃତ୍ୟ। ତା ସାଙ୍ଗକୁ ରଣଭେରୀ ଓ ଢୋଲର ଶବ୍ଦ। ଅତ୍ୟନ୍ତ ମୌଳିକ କଳାର ପ୍ରତୀକ। ଅଣ୍ଟା ହଲିବା ସାଥେ ସାଥେ ଶୁଭେ ସହସ୍ର ଘୁଙ୍ଗୁରଙ୍କ ଶବ୍ଦ, ସତେକି ଶତେକ ଖଡଗର ଝନତକାର।

ସନ୍ଧ୍ୟା ଗଡି ଅନ୍ଧାର ଘନେଇଲା। ମନ୍ଦିର ଦେହରେ ହଜାର ହଜାର ପ୍ରଦୀପ ଆକାଶର ତାରା ପରି ଛାଇ ହୋଇ ରହିଗଲେ। ମନ୍ଦିର ବେଢା ବାହାରେ, ଭିଡ ଆରମ୍ଭ ହୋଇଗଲା। କୌଣସି ଉତ୍ସବ ପରିପ୍ରେକ୍ଷୀରେ ହାତୀମାନଙ୍କୁ ସଜା ହୋଇ ଠିଆ କରାଯାଇଥାଏ। ହାତୀ ଉପରେ ଚାମର ହଲେଇ ପିନ୍ଧା ବସ୍ତ୍ରକୁ ଝାଡି ଲୋକମାନେ ବିକଟାଳ ନୃତ୍ୟ କରୁଥାନ୍ତି। ଏହା ଏକ ସମର ନୃତ୍ୟ। ବାଜା, ତୂରୀ, ଭେରୀ ଓ ଢୋଲରେ ସାରା ଅଞ୍ଚଳ ଦୁଲୁକି ଉଠୁଥିଲା। ହାତୀ ଉପରେ କେଶର ହଲାଇ ସତେକି କେଶରୀମାନେ ଆକ୍ରମଣ ପାଇଁ ଉଦ୍ୟତ। ପୁରମ୍ ଉତ୍ସବ ଦେଖିନଥିବା ଲୋକଙ୍କ ପାଇଁ ତାହା ଥିଲା ଏକ ନମୁନା ରୂପକ ପ୍ରଦର୍ଶନ। କୁଆଡୁ ଖବର ପାଇ ଡଜନ ଡଜନ ସଂଖ୍ୟାରେ ବିଦେଶୀ ନିଜ ନିଜ କ୍ୟାମେରା ଓ ଭିଡିଓ କ୍ୟାମେରା ଧରି ପହଞ୍ଚି ଯାଇଥିଲେ। କିଏ ବୁଲିବୁଲି ଫଟୋ ଉଠାଉଥିଲେ ଓ କିଏ ତିନିଗୋଡିଆ ଷ୍ଟାଣ୍ଡ୍ ସଜାଡି ଜଗି ରହିଥିଲେ। ପ୍ରସ୍ତୁତି ପରେ ହାତୀମାନଙ୍କର ବିଶାଳ

ISSN NO.
2582-208X

ପଟୁଆର ନଗର ପରିକ୍ରମାରେ ବାହାରିଲେ । ତ୍ରିଶୁର୍ ସହରର ଜନାକୀର୍ଣ୍ଣ ରାସ୍ତା ସବୁରେ ଟ୍ରାଫିକ୍ ଜାମ୍ ଅବସ୍ଥା । ହାତୀଙ୍କ ପଟୁଆରକୁ ଧରି ଟ୍ରାଫିକ୍ ଲାଇଟ୍ ଜଳିଲା, ଲିଭିଲା । ଲୋକେ ପରମ୍ପରାକୁ ସମ୍ମାନ ଦିଅନ୍ତି, ତେଣୁ ଧୈର୍ଯ୍ୟର ସହିତ ହାତୀଙ୍କ ମନ୍ଦ ମନ୍ଦ ଗମନକୁ ସହି ନିଅନ୍ତି ।

ହାତୀ ପଟୁଆର ଦୂରେଇଯିବା ସାଥେସାଥେ ଭଡାକୁନନାଥନ୍ ମନ୍ଦିରକୁ ଏକ ଅଦ୍ଭୁତ ନୀରବତା ଓହ୍ଲେଇ ଆସିଲା । ସାରା ମନ୍ଦିରବେଢ଼ା ଏବେ ଜନଶୂନ୍ୟ । କିଛି ପୂଜକ ଧଳାଲୁଙ୍ଗି ସାଙ୍ଗକୁ ଅଣ୍ଟାରେ ଉତ୍ତରୀୟଟିକୁ ଭିଡିଦେଇ, ଖୋଲା ଛାତିରେ ଦିବସର ଶେଷ ପର୍ଯ୍ୟାୟର ନୀତିକାନ୍ତିକୁ ଶେଷ କରିବାରେ ବ୍ୟସ୍ତ ।

ନୀରବରେ ବୁଲୁଥିଲି ମନ୍ଦିର ବେଢ଼ା ଭିତରେ । ବସିଗଲି ମୃତ୍ୟୁ ସଞ୍ଜିବନୀ ଚଉରା ପାଖରେ । କୁହାଯାଏ ଶଙ୍କରାଚାର୍ଯ୍ୟଙ୍କ ଆୟୁକାଳ ଷୋହଳ ବର୍ଷରେ ସରିଯାଉଥିଲା । ଜଣେ ଦିବ୍ୟଗୁରୁ, ଅତୀବ ପ୍ରସନ୍ନ ହୋଇ ତାଙ୍କୁ ଆୟୁକାଳକୁ ଆଉ ଷୋହଳ ବର୍ଷ ବଢାଇଦେଲେ । ସମ୍ଭବତଃ ତାହା ଥିଲା ସେଇ ନବଜନ୍ମ ଉନ୍ମେଷର ପବିତ୍ର ଚଉରା । ଦୈବୀକୃପା ବଳରେ ମିଳିଥିବା ସେହି ଷୋହଳ ବର୍ଷ ହିଁ ଶଙ୍କରାଚାର୍ଯ୍ୟଙ୍କୁ ନୂଆ ପରିଚୟ ଦେଇଥିଲା । ଭାରତର ଇତିହାସ ବଦଳିଗଲା । ଅମ୍ଳାନ ପଡିଆସୁଥିବା ସନାତନ ଧର୍ମର ପୁନରୁତ୍ଥାନ ଏଇଠୁ ହିଁ ଆରମ୍ଭ ହୋଇଥିଲା । ନୈରାଶ୍ୟବାଦୀ ବୌଦ୍ଧ ଧର୍ମକୁ ପଛରେ ପକାଇ ଚିର ଆନନ୍ଦର ସନ୍ଧାନରେ ବାହାରିଥିବା, ନିଜକୁ ଅମୃତର ସନ୍ତାନ ବୋଲି ଦାବି କରୁଥିବା ଆର୍ଯ୍ୟାବର୍ତ୍ତର ମହାନ୍ ଦେଶବାସୀ ହେଲେ ନୂଆ ଧର୍ମରେ ଦୀକ୍ଷିତ ।

କହିବା ବାହୁଲ୍ୟ, ଏହି କେରଳକୁ ହିଁ ଆସିଥିଲେ ଭାରତର ପ୍ରଥମ ବିଦେଶୀ ଧର୍ମାବଲମ୍ବୀ ୟହୁଦୀମାନେ । ପ୍ରଥମେ ଖ୍ରୀଷ୍ଟିଆନ୍ ମିସନ୍ କାମ ଏଇଠି ହୋଇଥିଲା । କେରଳର ମସାଲା, ତେଲ, ହାତୀଦାନ୍ତ, ସୁନା, ହୀରା ହିଁ ଇଉରୋପୀୟଙ୍କୁ ପ୍ରଲୁବ୍ଧ କରିଥିଲା । ଇଂରେଜ ପର୍ତ୍ତୁଗୀଜ୍, ଡଚ୍ ସମସ୍ତେ ପ୍ରଥମେ କେରଳରେ ହିଁ ପାଦ ଥାପିଥିଲେ । ଇତିହାସ ଖୋଜିଲେ ଜଣାପଡେ, ମରୁଭୂମି ପାର କରି ଭାରତରେ ପହଞ୍ଚିବାର ଢେର ପୂର୍ବରୁ ରୋମ୍, ଗ୍ରୀସ୍, ମେସୋପଟାମିଆ ଆଦିରୁ ଲୋକେ ଜଳପଥରେ ଆସି କେରଳରେ ହିଁ ପହଞ୍ଚିଥିଲେ । ପିରାମିଡ ନିର୍ମାଣ କାଳରେ "ମମି" ପ୍ରସ୍ତୁତିରେ ଲାଗୁଥିବା ମସଲା ସବୁ ଏଠାରୁ ହିଁ

ISSN NO.
2582-208X

ଯାଉଥିଲା । ଶଙ୍କରାଚାର୍ଯ୍ୟ ସେସବୁ ଗୁରୁ ଗମ୍ଭୀର ଘଟଣାବଳୀ ଭିତରେ ଜଣେ ବିଜୟୀ ଧ୍ୱଜାଧାରୀ । ଆଲେକଜାଣ୍ଡର୍ ଓ ଶଙ୍କରାଚାର୍ଯ୍ୟ ଉଭୟେ ଥିଲେ ସ୍ୱଳ୍ପାୟୁ, ବିଶ୍ୱବିଜୟୀ । କିନ୍ତୁ ମାନବ ସଭ୍ୟତା ପ୍ରତି ଅବଦାନ ଦୃଷ୍ଟିରୁ କି ବ୍ୟାପକ ବ୍ୟବଧାନ ଦୁହିଁଙ୍କ ଭିତରେ !

କୋଉ କୋଣରୁ ଶଙ୍କରାଚାର୍ଯ୍ୟଙ୍କ ମୋହମୁଦଗର ରଚନାରୁ କିଛି ଅଂଶ ଭାସି ଆସୁଥିଲା-

ଭଜ ଗୋବିନ୍ଦଂ, ଭଜ ଗୋବିନ୍ଦଂ ଭଜ ମୂଢମତେ
ସଂପ୍ରାପ୍ତେ ସନ୍ନିହିତ କାଳେ
ନହି ନହି ରକ୍ଷତି ଡୁକୃଞ୍‌କରଣେ ।......

ଜୀବନର ଶେଷକାଳ ଉପନୀତ ହେଲେ, ତୁମର ଏ ବ୍ୟାକରଣ ଘୋଷା କିଛି ରକ୍ଷା କରିପାରିବ ନାହିଁ । ତେଣୁ ରେ ମୂଢମତି, ଗୋବିନ୍ଦଙ୍କୁ ସ୍ମରଣ କର । ଶଙ୍କରାଚାର୍ଯ୍ୟ ଜୀବନର ଶେଷ ବର୍ଷଗୁଡିକ ଏଇ ମନ୍ଦିରରେ ଅବସ୍ଥାନ କରିଥିଲେ । ରଚନା କରିଥିଲେ ସୌନ୍ଦର୍ଯ୍ୟ ଲହରୀ ।

ପ୍ରଦୀପମାନଙ୍କ ସ୍ତିମିତ ଆଲୋକରେ, କୌଣସି ଏକ ପଥର ଚଟାଣ ଉପରେ ମୂର୍ତ୍ତିପ୍ରାୟ ବସିଥିଲେ ଜଣେ ଗୌରବର୍ଣ୍ଣର ନାମ୍ବିଆର ବ୍ରାହ୍ମଣ । କାନ୍ଧର ସଫେଦ ଉପବୀତଟି ଏତେ ଦୂରରୁ ବି ସ୍ପଷ୍ଟ ବାରି ହୋଇପଡୁଥିଲା । ଦିନମାନ କାମର ପଶ୍ଚାତ୍ ସମ୍ଭବତଃ ଟିକିଏ ବିଶ୍ରାମର ଅବକାଶ । ତାଙ୍କର ଚିକ୍କଣ ମୁଣ୍ଡିତ ମସ୍ତକର ପଛକୁ ଲମ୍ବା କଳା ମଚମଚ୍ ଚୁଟି । ରାତ୍ରିର ଅନ୍ଧକାରରେ ଅଦୃଶ୍ୟପ୍ରାୟ । ଏ ସମୟରେ କିଏ ଜଣେ ଗଜଗାମିନୀ, ଅପରୂପା ସ୍ତ୍ରୀ ଜଣେ, ପାଉଁଜିର ନିକ୍ୱଣରେ ଧୀରେ ଧୀରେ ସେଇ ରାସ୍ତାରେ ଆସିଗଲେ । ଯୋଉ ରାସ୍ତାକୁ ଅଳ୍ପ ସମୟ ତଳେ ଗଜରାଜମାନେ ଅକ୍ତିଆର କରିଥିଲେ । ତାଙ୍କର ସଯତ୍ନ ଅନୁବନ୍ଧିତ ଲମ୍ବା ବେଣୀ, ଚପଳ ନାଗ ପରି ଛନ୍ଦମୟ ଗତିରେ ପଶ୍ଚାତଧାବନ କରୁଥିଲା । ସତେକି ମୋହିନୀ-ନାଟ୍ୟମ୍ ର ନୃତ୍ୟାଙ୍ଗନା ଜଣେ । ରୂପସୀ ଜଣକ ମଗ୍ ଭିତରେ ଗରମ କଫି ନେଇ ବୋଧେ ଘରୁ ଆସୁଥିଲେ । ସେ ଯାଇ ପହଞ୍ଚିଲେ କ୍ଳାନ୍ତ ପୂଜକଙ୍କ ନିକଟରେ । ଗରମ କଫିର ବାସ୍ନା ମୁହୂର୍ତ୍ତକ ମଧ୍ୟରେ ସାରା ଚଉହଦିକୁ ସଂଚରିଗଲା । ସେ ବଢେଇଦେଲେ କହି ମଗ୍ ଏବଂ ବିନା ବାକ୍ୟବ୍ୟୟରେ ଅପେକ୍ଷା କଲେ କଫିର ଅନ୍ତିମ ଢୋକଟି ସରିବା

ISSN NO.
2582-208X

ପର୍ଯ୍ୟନ୍ତ । ତାପରେ ପୁନି ସେଇ ମନ୍ଦ ମନ୍ଦ ପଦପାତରେ ଏକା ରାସ୍ତାରେ ଅପସରିଗଲେ । ଏକ ଅନିର୍ବଚନୀୟ ଭିନିଭିନି ବାସ୍ନାମୟ ଧୂପ ପରି ।

କିଏ ହେଇପାରନ୍ତି ସେଇ ଭାଗ୍ୟବାନ ପୁରୁଷ ଜଣକ? ରୂପସୀଙ୍କ ପ୍ରେମିକ, ସ୍ୱାମୀ ନା ଶ୍ୱଶୁର? ଜାଣିବାର ଉପାୟ ନଥିଲା । ଅର୍ଦ୍ଧ ଆଲୋକିତ ମନ୍ଦିର ପ୍ରାଙ୍ଗଣ ଭିତରେ କ୍ରମଶଃ ଅପସରି ଯାଉଥିବା ପ୍ରତିମା ଜଣକ ମାନବୀ ଥିଲେ ନା ତ୍ରିଶୁର୍ ର ନୃତ୍ୟଦେବୀ ଥିଲେ ? ଏ ବିଷୟରେ ଏବେ ବି ମୁଁ ସନ୍ଦିହାନ ।

କ୍ରମଶଃ......

ଭାରତୀୟ ଜୀବନ ବୀମା ନିଗମ,
କୋରାପୁଟ, ଓଡିଶା

ISSN NO.
2582-208X

# ସମ୍ପର୍କ ସ୍ମୃତି ସହ



ଚନ୍ଦନା ସାହୁ

ସମୟ ଭସେଇ ନିଏ ...
ଭୁଲ ତ୍ରୁଟିର ଅଳିଆ ଯେତେ,
ପାପ ପୂଣ୍ୟର ଅନୁଭୂତି...
ସାରା ଇତିହାସ ଲେଖେ।
ସ୍ମୃତି ର ପରଶ...
ଅଜର ଜଡ଼କୁ ଜୀବନ୍ତ କରେ,
ବ୍ୟଥାର ପରାସ...
ସୁଖର ଲହରି ଆବେଗ ଭରେ ।
ବାଲ୍ୟ, କୈଶୋର, ଯୌବନ....
ଦିଶେ ଭିଜା ଆଖିରେ,
କେତେ ଉଦ୍ଦାମତା, ଅପୂର୍ଣ୍ଣତା....
ତଉଲେ ମନ ମନରେ।
ଅଭିଯୋଗ, ଅଭିମାନ...
ସବୁ ସ୍ମୃତି କିନ୍ତୁ ଅଭିନ୍ନ-
ନିଃସଙ୍ଗ ଜୀବନ...
ଧିରେ ହୁଏ ଜୀବନ୍ତ ପରିପୂର୍ଣ୍ଣ ।
ପୁରୁଣା କୁ ନୂଆ...
ଆଁ ମେଲି ଗିଳି ଦିଏ,
ସ୍ମୃତି ସହ ନିଗୁଢ ସମ୍ପର୍କ...
ଆଖି କୁ ଦିଶେନି ଛାତିକୁ ଛୁଏଁ।

ଯାଜପୁର

ISSN NO.
2582-208X

# ଜୀବନ ସଙ୍ଗୀତ

ବଂଶୀଧର ସା

କେତେବେଳେ ଆଉ ଉଠିବୁ ଯେ ?
ଅନେକ ବେଳରୁ ସକାଳ ତ ହୋଇସାରିଛି
ସୂର୍ଯ୍ୟ କିରଣରେ ପରା କାକର ମୋତି ସାଜିଛି
କଲେଜ ଯିବା ପାଇଁ ତୁ କ'ଣ ନିଜକୁ ସଜେଇବୁନି ?(୧)

ଏ ବେଳ ସେ ବେଳ କେତେ ଫରକ
କାର୍ତ୍ତିକ ପଞ୍ଚୁକରେ ଶୀତ କାହିଁରେ କ'ଣ
ବାଲୁକା ଲିଙ୍ଗଙ୍କ ସକାଳ ଆରତିକୁ ସୂର୍ଯ୍ୟ କ'ଣ ଦେଖନ୍ତି ?
ସିଏ ପରା ଜଗନ୍ନାଥ ଠାକୁରଙ୍କ ସକାଳ ଧୂପ ପାଇଁ ଅପେକ୍ଷାରତ ।(୨)

ମନେମନେ ମୁଁ ଭାବୁଛି
କୃତ୍ରିମ ଥଣ୍ଡାକୁ ସୌଖିନ କମ୍ବଳ ଭଲ ସାଜିଛି
ଠିକ୍ ଏତିକି ବେଳେ କଲିଂବେଲର ଶବଦ ଶୁଭିଛି
ଆଉ ଘଣ୍ଟାରେ ନଅଟା ବାଜିଛି ।(୩)

ଆରେ ଲବଣୀ ମିଲି, ଝିଲି ପରା ସ୍କୁଲ ଯିବେ, ସମୟ ହେଲାଣି
ତୋ ବାବୁ ଆଉ ମୁଁ କଲେଜ ଯିବୁ ଯେ, କ'ଣ ସବୁ କଲୁଣି ?
ହଁ ଦେଇ, ସେଣ୍ଡୱିଚ୍, ଏଗ୍‌ପୋଜ, କଫି ତମ ପାଇଁ
ଆଉ ବାପା ମାଁ ପାଇଁ ଫ୍ରିଜରେ ଥିବା
ଭାତ, ଡାଲ୍‌ମା, ଶାଗଭଜା ସବୁ ଗରମ କଲିଣି ।(୪)

ISSN NO.
2582-208X


ଏଠି ବଞ୍ଚିବା ପାଇଁ ଏଇ ବ୍ୟବସ୍ଥା ଅବା ଆଶ୍ରମ ରାସ୍ତା
ଆଉ କ'ଣ ବା କରିଥାନ୍ତି ଯେ, ଆଜି ସରଗ ରାଇଜେ ରହୁଛି
ଅପେକ୍ଷା କରିଛି ମୋ ହତଭାଗିନୀର ଫ୍ଲାଇଟଟା କେବେ ଆସୁଛି
ଆଉ ସରଗ ରାଇଜେ ରହୁଛି, ସରଗ ରାଇଜେ ରହୁଛି।(୫)

ଅବସରପ୍ରାପ୍ତ ପ୍ରାଥମିକ ଶିକ୍ଷକ
ବରପାଲି ପଡ଼ା, ବଲାଙ୍ଗୀର

ISSN NO.
2582-208X

# ଦିବ୍ୟ ଓରଫ ଦିବ୍ୟାନୀ



ଅରୁଣ କୁମାର ମହାପାତ୍ର

ଆପଣ ଟିକେ ବାହାରକୁ ଆସନ୍ତୁ। ସାର୍ ରାଉଣ୍ଡରେ ଆସିବା ସମୟ ହୋଇ ଗଲାଣି। କହିଲା ଡ୍ୟୁଟିରେ ଥିବା ନର୍ସ।

ଲୁହ ଛଳ ଛଳ ଆଖିରେ ସୁନନ୍ଦା ବାହାରକୁ ଆସିଲେ। ଥକି ଯାଇଥିବା ଶରୀରଟାକୁ ରଖିଦେଲେ ପାଖ ଚେୟାର ଉପରେ। ଦୀର୍ଘ କୋଡ଼ିଏ ଦିନ ହେବ ପ୍ରାୟତଃ ଅନିଦ୍ରା। ସ୍ୱାମୀ ଆଖି ଖୋଲି ନାହାଁନ୍ତି। ଦିନରେ ଥରେ ମାତ୍ର କିଛି କ୍ଷଣ ପାଇଁ ଦେଖିବାର ସୁଯୋଗ ମିଳେ। ଅବଶ୍ୟ ସୁସ୍ଥ ଥିଲା ବେଳେ ବି ସେତିକି ସମୟ ଦେଖୁଥିଲେ ସେ ସ୍ୱାମୀଙ୍କୁ। ଖୁବ୍ ବ୍ୟସ୍ତ। ମାସରେ ଥରେ ଅଧେ ଘରେ ଖାଇବା ଦେଖିଛନ୍ତି ସେ। ସାହି ପଡୋଶୀ କଥା ହେବାର କାନରେ ପଡେ, ଯେ ଅନ୍ୟର ରକ୍ତ ଶୋଷି ବଞ୍ଚିଛି ତାର ଘରେ ଖାଇବା କଣ ଦରକାର ? ସୁନନ୍ଦା ଦେବୀ ନ ଶୁଣିବାର ଅଭିନୟ କରନ୍ତି। ସ୍ୱାମୀଙ୍କୁ ପଚାରିବା ସାହସ ବି ନାହିଁ। କାରଣ ବୀର ନାରାୟଣଙ୍କ ଭାବଭଙ୍ଗୀ ଖୁବ୍ ଭୟଙ୍କର। ଜୀବନରେ ବୋଧେ କେବେ ହସି ନାହାଁନ୍ତି ଆଉ ଯଦି ବା କେବେ ହସିଛନ୍ତି ତେବେ ଅନ୍ୟର ଚିତ୍କାର ଶୁଣି।

ଆଜି ଗୀତା ଭାଗବତ କଥା ମନେପଡ଼େ ସୁନନ୍ଦାଙ୍କର। ପାପୀକୁ ଭଗବାନ ସୁଧୁରି ଯିବା ପାଇଁ ଅନେକ ସୁଯୋଗ ଦିଅନ୍ତି । ଆଜି ହୁଏତ ଏହା ଭଗବାନଙ୍କର ଏକ ସୂକ୍ଷ୍ମ ଇସାରା।

ଚେୟାର ଉପରେ କେତେବେଳେ ଆଖି ଲାଗି ଯାଇଛି ତାଙ୍କର।

ପଛକୁ ଫେରିଗଲେ ସୁନନ୍ଦା। ବାରମ୍ବାର ରାଜନୀତିର ପଶାପାଲିରେ ବିଜୟ ହାସଲ କରିଥିବା ବୀର ନାରାୟଣ କେବଳ ଅନ୍ୟାୟ ହିଁ କରିଛନ୍ତି ଆଉ ସେ ମନ୍ଦୋଦରୀ ସାଜିବା

ISSN NO.
2582-208X

ଉଦ୍ୟମରେ ବି ବିଫଳ। ଆଖପାଖ ଝିଅ ବୋହୂ ଦୀର୍ଘ ଦିନରୁ ସୁରକ୍ଷିତ ନାହାଁନ୍ତି। ସେ ବି ପାଖ ଗାଁ ଗାଧୁଆ ତୁଠରୁ ଆସି ଏଠି ବୋହୂ ସାଜିଛନ୍ତି। କେବଳ ନିଜକୁ ଏଥିପାଇଁ ଭାଗ୍ୟବତୀ ମଣନ୍ତି ଯେ ଅନେକଙ୍କ ପରି ସେ ପ୍ରତାରିତ ନୁହଁନ୍ତି। ଅନ୍ତତଃ ଘରେ ସ୍ଥାନ ପାଇଛନ୍ତି। ଭଗବାନ କୋଳ ମଣ୍ଡନ ବି କଲେ କିନ୍ତୁ ହୁଏତ ବୀର ଦର୍ପରେ ଚାଲୁଥିବା ବୀରଙ୍କ ଦର୍ପଦଳନ ପାଇଁ। ଜନ୍ମ ନେଲା ଖୁବ୍ ସୁନ୍ଦର ଏକ ପୁତ୍ର ସନ୍ତାନ। ନାଆଁ ଦେଇଥିଲେ ଦିବ୍ୟ। ସମୟ ସହିତ ବଢ଼ି ଚାଲିଥିଲା ଦିବ୍ୟ କିନ୍ତୁ ବଦଳି ଚାଲିଥିଲା ତାର ବ୍ୟବହାର। ଧିରେ ଧିରେ ତୃତୀୟ ଲିଙ୍ଗୀ ବ୍ୟବହାର ପରିଲକ୍ଷିତ ହେଲା। ମାଆର ମମତା କମ୍ ହୋଇ ନ ଥିଲେ ବି ବାପାଙ୍କର ଖୁବ୍ ଉପେକ୍ଷିତ ସନ୍ତାନ ହୋଇଗଲା। ଏକ ନିର୍ଦ୍ଧିଷ୍ଟ ବୟସରେ ଘର ଛାଡ଼ି ଶାଢ଼ୀ ପିନ୍ଧିଛି। ସଜେଇ ହୋଇ ଦିଶୁଛି ଖୁବ୍ ସୁନ୍ଦର। ଛାଡ଼ି ଆସିଥିବା ଶିକ୍ଷାକୁ ଆଗକୁ ନେବା ସୁଯୋଗ ପାଇଛି ଆଉ ପିଲାଦିନରୁ ଥିବା ଆଗ୍ରହ ଓ ପ୍ରତିଭା ପାଇଁ ଖୁବ୍ ପ୍ରଶଂସିତ ହୋଇଛି । ଆଜି ସେ ଜଣେ ପ୍ରତିଷ୍ଠିତ ଚିତ୍ରଶିଳ୍ପୀ। ଖୁବ୍ ଜଣାଶୁଣା। ଆଉ ଏକ ସମାଜସେବୀ ମଧ୍ୟ।

ପ୍ରତିଦିନ ଭଳି ଆଜି ବି ସେ ବିରାଟ ଡାକ୍ତରଖାନାର ଲବିରେ ଏକା ବସିଛନ୍ତି ସୁନନ୍ଦା। ଓଲଟାଇ ଚାଲିଛନ୍ତି ଅତୀତର ପୃଷ୍ଠା। ଗତକାଲିର ରିପୋର୍ଟ ଆହୁରି ବ୍ୟତିବ୍ୟସ୍ତ କରୁଛି। ତାଙ୍କ ସ୍ୱାମୀଙ୍କର ଶରୀରର ନିମ୍ନ ଭାଗ ସବୁଦିନ ପାଇଁ ଅଚଳ ହୋଇଯାଇଛି। ଆଉ ସେ ବୀର ଠାଣି ଦିଶିବନି। ଶୋଇ ରହି ଦେଖିବେ ଆଉ ହୁଏତ ବ୍ୟବଚ୍ଛେଦ କରି ଚାଲିବେ ସେ କରିଥିବା ପ୍ରତିଟି କୃତକର୍ମ।

କାହାର ଏକ ସ୍ପର୍ଶରେ ପ୍ରକମ୍ପିତ ହେଲେ ସୁନନ୍ଦା। ସେ ସ୍ପର୍ଶରେ ଥିଲା ଆପଣାପଣ। ଗଣମାଧ୍ୟମରେ ପ୍ରକାଶିତ ଖବର ପାଇ ଆସିଥିଲେ କିଛି କିନ୍ନର। ପହଞ୍ଚି ଯାଇଥିଲେ ବେଡ୍ ପାଖରେ। ଆଜି ଆଇସିୟୁରୁ ବାହାରକୁ ଆସିଛନ୍ତି ବୀର ନାରାୟଣ । ସାମ୍ନାରେ ଏକ ଭିନ୍ନ ରୂପର ଦର୍ଶକଙ୍କୁ ଦେଖି ଖୁବ୍ ଚକିତ ହେଲେ। ଆଉ ବେଶୀ ଆଶ୍ଚର୍ଯ୍ୟ ହେଲେ ଯେତେବେଳେ ସେଥିରୁ ଜଣେ ମନେ ପକେଇ ଦେଉଥିଲା ମଣିଷ ମଧ୍ୟରେ ଏକ ବ୍ୟାଘ୍ରର ହିଂସ୍ରପଣ। ମଣିଷକୁ ଈଶ୍ୱର ହେବା ନିଶା କେତେ ଯନ୍ତ୍ରଣା ଦିଏ ସେକଥା ଦିବ୍ୟାନି କଥାରୁ ସ୍ପଷ୍ଟ ବାରି ହୋଇ ପଡୁଥିଲା। ସେଠି ଆଉ ବୁଝିବାରେ ଅସୁବିଧା ହେଉନଥିଲା ଯେ ଖୁବ୍ ଦୂରକୁ ଠେଲି ହୋଇଯାଇଥିବା ନିଜ ରକ୍ତ ଆଜି କହିବାର ସୁଯୋଗ ପାଇଛି।

ISSN NO.
2582-208X

ଖୁବ୍ ଅସହାୟ ଅବସ୍ଥାରେ କେବଳ ବଲବଲ ଚାହିଁ ରହିଥିଲେ ସେ।

ଆଖିରେ ଆଖିଏ ଲୁହ ନେଇ ସୁନନ୍ଦା ଚାହିଁ ରହିଥିଲେ ନିଜର ରକ୍ତକୁ। କୋଳେଇ ନେବାର ଆଗ୍ରହ ଥିଲେ ବି ଅଟକି ଯାଇଥିଲା ପାଦ।

ଗୋଟାଏ ଚାପୁଡ଼ାରେ କାହାରି ବି ଦାନ୍ତ ଭାଙ୍ଗି ଦେବାର କ୍ଷମତା ରଖୁଥିବା ବୀର ନାରାୟଣଙ୍କର ବପୁବାନ ବଳିଷ୍ଠ ହାତ ଆଜି କେମିତି ଯୋଡ଼ି ହୋଇ ଯାଇଥିଲା ନେହୁରା ମୁଦ୍ରାରେ ! ତା ପୁଣି ଜଣେ କିନ୍ନର ଆଗରେ ! ତାଙ୍କୁ ଏତେ ଶାନ୍ତ ଆଉ ଅସହାୟ ଆଗରୁ କେବେ ବି ଦେଖି ନଥିଲେ ସୁନନ୍ଦା।

କେମିତି ଏକ ବିଦ୍ରୁପ ଭରା ହସ ହସି ଦେଇ ଫେରି ଯାଉଥିଲା ଦିବ୍ୟ ଓରଫ ଦିବ୍ୟାନୀ ।

((()))

ISSN NO.
2582-208X

# ହଳଦି ମାଖି ଉଛୁର କଲୁ
# ଝୁରୁଛି ତତେ ଭାବି



ତାର୍‌ପ୍ରସାଦ ଜେନା

ପୁ- ହଳଦି ମାଖି ଉଛୁର କଲୁ
ଝୁରୁଛି ତତେ ଭାବି
କୁଡା ହୋଇକି ଆସିବି ଗୋରୀ
ହଳଦି ଗିନା ନେବି
ସ୍ତ୍ରୀ- ପାଞ୍ଚଣ ହାତେ ଗୋଡ଼େଇଯିବି
ତତେ ମୁଁ ପାନେ ଦେବି !

ପୁ- ମାଙ୍କଡ଼ ହୋଇ ପାନିଆ ତୋର
ଉଠାଇନେବି କାଳେ
ମୁଣ୍ଡକୁ ଏତେ କୁଣ୍ଡିଆ କୁଣ୍ଡି
ଉଛୁର କଲୁ ଭାଳେ
ସ୍ତ୍ରୀ- ବାଟୁଳି ହାତେ ରହିବି ନିଶ୍ଚେ
ଖାଇବୁ ମାଡ଼ ହେଳେ !

ପୁ- କଜ୍ଜଳ ଗାର ନଜର ଏତେ
ହେଉନି ବେଳ ହେଜ

ISSN NO.
2582-208X

କାଉ ହୋଇକି ଦେବି ମୁଁ ଝାମ୍ପି
କଣ୍ଢଳପାତି ସଜ
ସ୍ତ୍ରୀ- ହୁଆସ୍ କରି ଗୋଡ଼େଇଯିବି
ଛାଡ଼ିବୁ ମୁହଁ ଲାଜ !

ପୁ- ଭୁଆ ବିରାଡ଼ି ହୋଇ ମୁଁ ଯିବି
ତୋର ଶାଢ଼ୀକୁ ଟାଣି
କୁଞ୍ଚ ପକାଇ ବେଳ ଦି' ଘଡ଼ି
ପାରୁନୁ ଆଲୋ ଜାଣି
ସ୍ତ୍ରୀ- କାନି ପଣତେ ତତେ ଗୁଡ଼େଇ
ବାନ୍ଧିବି ରଖି ଆଣି !

ପୁ- ଜାଣିଲି ଏବେ ଭାଉ ଖାଉନୁ
ଭୁଲିବୁ ନାହିଁ ମତେ
ତତେ ଦେଖିଲେ ଭାତ ରୁଚୁନି
ଗପିବା ପାଇଁ କେତେ
ସ୍ତ୍ରୀ- ଏତେ ଛୋପରା ହୁଅନା ଆଉ
ଘରଣୀ ତୋର ସତେ !

ରାଜ ରଣପୁର, ଜିଲ୍ଲା -ନୟାଗଡ଼,
ପିନ୍-୭୫୨୦୨୬/ଦୂରଭାଷ-୯୩୪୮୦୫୪୩୦୦

ISSN NO.
2582-208X

# କଠୋରତା



ବାଙ୍କାବିହାରୀ ମହାକୁର

ଟିକି ଚଢେଇର ଅଣ୍ଡା ଦେବାର ସମୟ ହେବା ପୂର୍ବରୁ ସେ ଚିନ୍ତାକଲା, ଏଥର ସେ ତା'ର ନୂଆ ବସା ନଦୀ କୂଳର ଗୋଟିଏ ଗଛରେ କରିବ । ନଦୀ କୂଳର ସେ ସୁଲୁସୁଳିଆ ବାଆ ସାଂଗକୁ ସ୍ୱଚ୍ଛ ନିର୍ମଳ ଜଳରେ ଗାଧୋଇବା କେତେ ଆନନ୍ଦଦାୟକ ସେ କଥା ଆମ ଏ ବଣର ପକ୍ଷୀମାନେ କ'ଣ ଜାଣିବେ । ନଦୀ ଓ ତାହାର ପରିବେଶ ସମ୍ବନ୍ଧରେ ମନ ଭିତରେ ଅନେକ ପରିକଳ୍ପନା କରି କରି ଦିନେ ଉପଯୁକ୍ତ ସମୟ ଦେଖି ଟିକି ଚଢେଇ ବସା ତିଆରି କରିବା ପାଇଁ ସ୍ଥାନ ଅନ୍ୱେଷଣରେ ବାହାରିଲା । ସେ ଉଡି ଉଡି ଯାଇ ନଦୀ କୂଳରେ ପହଂଚି ସେଠାକାର ଦୃଶ୍ୟ ଦେଖି ବିମୋହିତ ହୋଇଗଲା । ନଦୀର କୂଳରେ ଗୋଟିଏ ସୁଂଦର ଗଛକୁ ଦେଖି ତା' ଦେହରେ ବସା କରିବାକୁ ମନସ୍ତ କରି ଟିକି ଚଢେଇ ଉଡିଯାଇ ଡାଳରେ ବସିଲା ଓ କହିଲା, ଗଛ ଭାଇ ମୁଁ ତୁମ ଡାଳରେ ମୋ ବସା ତିଆରି କରିବାକୁ ଚାହୁଁଛି ତୁମେ ଖୁସି ତ ?

ଟିକି ଚଢେଇର କଥା ଶୁଣି ଗଛ କହିଲା, ନା ନା ମୁଁ ଅଜଣା ଅଚିହ୍ନାମାନଙ୍କୁ ମୋ ଦେହରେ ବସା କରିବାକୁ ଅନୁମତି ଦେଇ ନ ଥାଏ । ତୁମେ ତ ଆମ ଏ ଅଂଚଳର ଚଢେଇ ନୁହଁ, ତେଣୁ ତୁମେ ବସା ତିଆରି ନ କରି ମୋଠାରୁ ଅନ୍ୟତ୍ର ଚାଲିଯାଅ । ଗଛର ଏପରି କଥା ଶୁଣି ଟିକି ଚଢେଇର ହସ ହସ ମୁଖ ମଣ୍ଡଳରେ ନିରାଶର କଳା ବାଦଲ ଖେଳିଗଲା ।

ଟିକି ଚଢେଇ କହିଲା, ଏତେ ଗର୍ବ ଓ ଅହଂକାର ଭଲ ନୁହେଁ ଗଛ ଭାଇ । ମୁଁ ଅନ୍ୟ ଅଂଚଳରୁ ଆସିଛି ବୋଲି ତୁମ ଦେହରେ ବସା ତିଆରି କରି ପାରିବି ନାହିଁ, ଏମିତି ତ କୌଣସି ନିତିନିୟମ ନାହିଁ । ଆମ ପରିବେଶରେ ସମସ୍ତେ ମିଳିମିଶି ଏକାଠି ରହନ୍ତି । ଗଛ

ISSN NO.
2582-208X

ପୁଣି କହିଲା ଏହା ମୋର ଶେଷ କଥା, ତୁମେ ଯାହା କରୁଛ କର, କିନ୍ତୁ ମୁଁ ଥରେ ମନା କରିଛି ମାନେ ତୁମେ ମୋ ଦେହରେ ବସା ତିଆରି କରିପାରିବ ନାହିଁ ।

ଗଛର ଏପରି କଥାଶୁଣି, ଟିକି ଚଢେଇ କ୍ରୋଧରେ ଜର୍ଜରିତ ହୋଇ ତାକୁ ଅନେକ କଟୁ କଥା କହି ଗଛ ଡାଳରୁ ନଦୀ କୂଳକୁ ଉଡି ଚାଲିଗଲା ।

ନଦୀ କୂଳରେ କିଛି ସମୟ ବସିବା ପରେ ଟିକି ଚଢେଇର ରାଗ ଶାନ୍ତ ହୋଇଯିବା ପରେ ସେ ନିଜକୁ ନିଜେ ପଚାରିଲା, ମୁଁ କ'ଣ ଏଠାରେ ବସା କରିବାକୁ ଅଯୋଗ୍ୟା ? ସେ ଗଛ, ମୋ ପ୍ରତି ଏତେ କଠୋର ହେଲା କହିଁକି ? ମୁଁ କ'ଣ ସେ ଗଛ ପାଇଁ ମୋ ମନର ଇଚ୍ଛାକୁ ବଳି ହେଇଦେବା ଠିକ୍ ହେବ ? ଅନ୍ୟ ଗଛ ମୋତେ ତା' ଦେହରେ ବସା ତିଆରି କରିବାର ସୁଯୋଗ ଦେବ ତ ? ଟିକି ଚଢ଼େଇର ନେତ୍ରରୁ ଲୁହ ବୋହିଗଲା । ତା'ପରେ ସେ ମନକୁ ଦୃଢ କରି ସଂକଳ୍ପ କଲା, ଯେମିତି ହେଉ ସେ ନଦୀ କୂଳରେ ବସା ତିଆରି କରିବ । ସେ କହିଲା, ଚେଷ୍ଟା ନ କରି ବିଫଳ ହେବା ଅପେକ୍ଷା ଆଉ ଥରେ ଚେଷ୍ଟା କରି ଦେଖେ କ'ଣ ହେଉଛି ।

ଏଥର,ଟିକି ଚଢେଇ ଉଡିଯାଇ ନଦୀ କୂଳଠାରୁ ଅଳ୍ପ ଦୂରରେ ଥିବା ଗୋଟିଏ ଗଛରେ ବସି ଧିର ସ୍ୱରରେ କହିଲା, ଗଛ ଭାଇ ତୁମର ଅନୁମତି ହେଲେ ମୁଁ ତୁମ ଦେହରେ ମୋର ବସା କରିଥାନ୍ତି । ଟିକି ଚଢେଇର କଥା ଶୁଣି ଗଛ ହସି କହିଲା, ଆରେ ଟିକି ଭଉଣୀ ଏଥିରେ ଅନୁମତିର କି ଆବଶ୍ୟକତା ଅଛି, ତୁମ ଇଚ୍ଛାନୁସାରେ ତୁମେ ମୋ ଦେହରେ ଯେଉଁଠି ବସା ତିଆରି କରିବାକୁ ଚାହୁଁଛ କରିପାର ମୋର କିଛି ଆପତ୍ତି ନାହିଁ । ଗଛର କଥା ଶୁଣି ଟିକି ଚଢେଇର ମୁଖ ମଣ୍ଡଳରେ ଆନଂଦର ଲହରୀ ଢେଉ ଖେଳିଲା । ସେ ଗଛକୁ ଧନ୍ୟବାଦ ଜଣାଇ ତା' ବସା ତିଆରି କାମରେ ଲାଗି ପଡିଲା ।

ଦିବାନିଶିର ଅକ୍ଳାନ୍ତ ପରିଶ୍ରମରେ ଟିକି ଚଢେଇ ଓ ତା ' ସ୍ୱାମୀ ଚଢେଇ ମିଶି ଗୋଟେ ସୁଂଦର ଓ ମଜବୁତ୍ ଗୃହ ନିର୍ମାଣ କଲେ । ଅଳ୍ପ ସମୟ ମଧ୍ୟରେ ନଦୀର ବଣ, ପରିବେଶ, ଅନ୍ୟ ଚଢେଇଙ୍କ ସହ ସୁସଂପର୍କ ସ୍ଥାପନ କରି ମହା ଆନଂଦରେ ରହିଲେ କିନ୍ତୁ ଟିକି ଚଢେଇ କିମ୍ବା ତା" ସ୍ୱାମୀ ନଦୀ କୂଳରେ ଥିବା ସେ ପୂର୍ବର ସୁନ୍ଦର ଗଛ ସହିତ କୌଣସି ସଂପର୍କ ରଖିଲେ ନାହିଁ । କିଛି ଦିନପରେ ଟିକି ଚଢେଇ ଦୁଇଟି ଅଣ୍ଡା ଦେଇ ଖୁସିରେ ବସାରେ ବସି ରହିଲା ଏବଂ ପୁରୁଷ ଚଢେଇଟି ଖାଦ୍ୟ ସଂଗ୍ରହ କରି ଆଣି ଠିକ୍

ISSN NO.
2582-208X

ସମୟରେ ଖାଇବାକୁ ଦେଇ ଟିକି ଚଢେଇର ଯତ୍ନ ନେଲା । ସମୟ ଅନୁସାରେ ସେ ଦୁଇଟି ଅଣ୍ଡାରୁ ଦୁଇଟି କୁନି କୁନି ସୁଂଦର ଛୁଆ ଜନ୍ମ ହେଲେ । ଟିକି ଚଢେଇର ପରିବାର ହସଖୁସିରେ ଦିନ ବିତାଇଲେ ।

ବର୍ଷାଋତୁ ଆସିବାରୁ ଗୋଟିଏ ଦିନ ହଠାତ୍ ପ୍ରବଳ ବର୍ଷା ହେବା ସାଂଗକୁ ବଜ୍ରପାତ ହେଲା । ଟିକି ଚଢେଇର ପରିବାର ଖାଇପିଇ ଚୁପଚାପ ଶୋଇ ପଡିଲେ । ସକାଳ ହେବା ପରେ ଟିକି ଚଢେଇ କବାଟ ଖୋଲି ଦେଖିଲା, ନଦୀରେ ପାଣି ଦୁଇ କୂଳ ଖାଇ ଲହରୀ ମାରି ଶବ୍ଦ କରି କରି ଯାଉଛି । ହଠାତ୍ ତା' ନଜର ପଡିଲା ନଦୀ କୂଳରେ ଥିବା ସୁଂଦର ଗଛଟା ମୂଳରୁ ଓପାଡି ହୋଇ ପାଣିରେ ଭାସୁଛି । ଟିକି ଚଢେଇ ସୁନ୍ଦର ଗଛର ଏ ଅବସ୍ଥା ଦେଖି ମୁହଁ ମୋଡି ଦେଇ ଘର ଭିତରକୁ ଚାଲିଗଲା । କିଛି ସମୟ ପରେ ନଦୀକୁ ପାଣି ଆଣିବାକୁ ଯିବାରୁ ଟିକି ଚଢେଇକୁ ଦେଖି ପାଣିରେ ଭାସୁଥିବା ସେ ନଦୀ କୂଳର ସୁନ୍ଦର ଗଛ କହିଲା, ଟିକି ଭଉଣୀ କେମିତି ଅଛ ? ଏ ଭିଷଣ ବର୍ଷାରେ ତୁମ ପରିବାରର କିଛି କ୍ଷତି ହୋଇ ନାହିଁ ତ ? ଗଛର କଥା ଶୁଣି ଟିକି ଚଢେଇ କହିଲା, ଆମେ ଯେମିତି ଥିଲେ ତୁମର କ'ଣ ଯାଉଛି ? ଉପରେ ପଡି ପଚାରିବାକୁ ତୁମେ କିଏ ? ତୁମର ଗର୍ବ, ଅହଂକାର ଓ କଠୋରତା ନିତି ଯୋଗୁଁ ଆଜି ତୁମର ଏ କି ଅବସ୍ଥା ହୋଇଛି ? ଦିନେ ତୁମ ପାଇଁ ମୁଁ କେତେ କାଂଦିଥିଲି ତୁମର ସେ କଥା ମନେ ଅଛି ନା । ଉପରେ ପଡି କଥା ହେଲେ, କ'ଣ ସେ ସବୁ ମୁଁ ଭୁଲି ଯିବି ଭାବୁଛ । ଏମିତି ଟିକି ଚଢେଇ ଗଛକୁ କେତେ କଥା କହିଲା, ସବୁ ଶୁଣି ଗଛ କହିଲା, ମୋତେ କ୍ଷମା କରିଦେବ ଭଉଣୀ ? ପ୍ରଥମେ ମୋ କଥା ଶୁଣ ,ତା'ପରେ ଯାହା କହିବାର ଅଛି କହିବ ।

ଟିକି ଚଢେଇ କହିଲା, କୁହ କ'ଣ କହିବାର ଅଛି । ଗଛ କହିଲା, ମୁଁ ଯେତେବେଳେ ତୁମକୁ ପ୍ରଥମ ଥର ଦେଖିଲି ତୁମର ଉତ୍ସାହ ଦେଖି ବହୁତ ଖୁସି ହୋଇଥିଲି, ଭାଇ ଡାକରେ ମୁଗ୍ଧ ହୋଇଥିଲି ଆଉ ପରିବାର ପ୍ରତି ଥିବା ଦାୟିତ୍ୱବୋଧତାକୁ ଦେଖି ପ୍ରଂସଶା କରିଥିଲି । ଟିକି ଚଢେଇ କହିଲା, ତୁମ ଦେହରେ ବସା ତିଆରି କରିବାକୁ ତେବେ ମନା କଲ କାହିଁକି ? ଗଛ କହିଲା ମୁଁ ଚାହୁଁ ନ ଥିଲି ମୋ ପାଇଁ ଦିନେ ତୁମ ପରିବାର ବିପଦରେ ପଡୁ । ମୁଁ ଜାଣିଥିଲି ଏଥର ବର୍ଷାରେ ଏ ନଦୀର ଜଳସ୍ରୋତ ମୋତେ ମୋ ମୂଳରୁ ଛିନ୍ନଭିନ୍ନ କରି ଜୀବନକୁ ସମାପନ କରି ଦେବ । ମୋ ମୂଳ ଏତେ ଦୁର୍ବଳ ହୋଇ ଯାଇଥିଲା ଯେ, ଅସରାଏ ପବନ ମୋତେ ଅସ୍ତବ୍ୟସ୍ତ କରି ଦେଉଥିଲା, ପୁଣି ଏ ଭିଷଣ ବର୍ଷାରେ କିପରି

ISSN NO.
2582-208X

ତିଷ୍ଠି ରହିଥାନ୍ତି । ରାତ୍ରିର ଦ୍ଵିତୀୟ ପ୍ରହରରେ ମୋ ମୂଳ ଓପାଡି ଯିବାରୁ ମୁଁ ଈଶ୍ଵରଙ୍କୁ ପ୍ରାର୍ଥନା କରୁଥିଲି, ହେ ପ୍ରଭୁ ମୋତେ ସକାଳ ହେବା ପର୍ଯ୍ୟନ୍ତ ଏ ଜଳସ୍ରୋତ ଛିନ୍ନ ନ କରୁ। ଈଶ୍ଵର ମୋ ଡାକ ଶୁଣିଲେ ଭଉଣୀ ନଚେତ୍ ଏ ଜନ୍ମରେ ଆଉ ଦେଖା ହୋଇ ନ ଥାନ୍ତା କି ମୁଁ ମୋ ଅଂତରର ଶେଷ ସ୍ଵର କହିପାରି ନଥାନ୍ତି । ଭାଇ ବୋଲି ଦିନେ ସଂପର୍କ ଯୋଡିଥିଲ, ମୋ କଠୋରତାକୁ ମନ ଭିତରୁ ଭୁଲିଯାଇ ମୋତେ କ୍ଷମା କରିଦେବ । ଟିକି ଚଢେଇ କିଛି କହିବା ପୂର୍ବରୁ ଗଛର ମୂଳ ମାଟିରୁ ସଂପୂର୍ଣ୍ଣ ଛିନ୍ନ ହୋଇ ଜଳସ୍ରୋତରେ ଭାସିଗଲା ଆଗକୁ ଆଗକୁ ଆଉ ଚଢେଇର ନେତ୍ରରୁ ଲୁହଧାର ଥପ୍ ଥପ୍ ବୋହିଯାଉଥାଏ । କୋହଭରା ସ୍ଵରରେ ଟିକି ଚଢେଇ କହିଲା, କାହାର କଠୋରତା ହୁଏତ ଅନ୍ୟ କାହାର ପରିବାରରେ ଖୁସିର ଲହରୀ ଖେଲାଇପାରେ ।

ବୁରୁବୁଡା
ବୀରମହାରାଜପୁର, ସୁବର୍ଣ୍ଣପୁର

ISSN NO.
2582-208X

# ଆଖି



ଦୁଷ୍ମନ୍ତ ବେହେରା

ଦୁଃଖ ରେ ଝରେ ସୁଖରେ ଝରେ
ହୃଦୟ ଝୁରିଲେ ମୁଁ ଯେ
ଆପେ ଆପେ ଝରି ପଡେ ମୋ
ଦୁଃଖ ସଉଦା ବୁଝେ କିଏ !!

ମନ ହୃଦୟ କଷ୍ଟ ରେ ମୁଁ ଏକା
ସାକ୍ଷୀ ଝରୁ ଥାଏ ବସି
ମୁଁ ଭାବି ଭାବି ଛବି ରଖିଛି ମୋ
ପାଖେ ତୁମର ସାଇତି !!

ମୁଁ ଝରିଲେ ତୁମେ କି ଜାଣିବ
ଶ୍ରାବଣ ମୁଁ ଝରୁଥିବି
ସୁଖେ ନାହିଁ ବେଦନା ରଖିଛି
ମୋ ପାଖେ ସାଇତି !!

ଜୀବନ ଖେଳ ଏମିତି ଖେଳେ
ଦିନରେ ଝରିଲେ ରାତି
ପଚାରେ ଅଳପ ଦେଖ ସପନ
ରଜନୀ କହେ ଉଠିଯା !!

ISSN NO.
2582-208X

ଉଠିଲା ବେଳରୁ ମନ ପ୍ରଶ୍ନ କରେ
ସ୍ୱପ୍ନ କହେ ଦେଖିଯା
ଅତୀତ ହସୁ ନାହିଁ ବର୍ତ୍ତମାନ
ଲୁହ ଭିଜେଇ ଦିଏ !!

ମୋର ଅସୁମାରି ହସ ଅଛି
ମୁଁ ହସି ପାରୁ ନାହିଁ
ମୋର ଇଛା ଅଛି ସ୍ୱାଧୀନତା
ମୋଠା ରେ କାହିଁ !!

ବେଦନା ଦରଦ କହେ ତୁ
ଏମିତି ଜୀବନ ଯାର
ମନ ଅଛି ଭାବନା ଅଛି
ପୁରଣ ପାଇଁ ଆଶା ନାହିଁ !!

ମୁଁ ତ ଦୁଃଖ ସୁଖ ରେ ଝରେ
ତୁମ ଚିତ୍ର ଆଙ୍କି ରଖିବି
ମୋ ଭାଷା ର ମଧୁବନ ରେ
ଭିଜେଇ ମଜେଇ ହସୁଥିବି !!

ମୋ ପାଇଁ ତୁମେ ସ୍ମୃତି ଦେଇ
ନିଜ ବାଟେରେ ଚାଲି
ଯାଅ ମୁଁ ଅପେକ୍ଷା କରିଥାଏ
ତୁମ ବାଟ ମୁଁ ଆଖି........

ଗ୍ୱସୋଳ (ମୁଣ୍ଡିଆପକ୍ଷି)
ଢେଙ୍କାନାଳ

ISSN NO.
2582-208X

# ଶିକ୍ଷାଗତ ଯୋଗ୍ୟତା ....!!



ବନ୍ଦତା ମହାରଣା (ରାଣୀ)

କିଟ୍ କିଟ୍ ଅନ୍ଧାର ଭିତରେ ଦେଖିଥିବା ସ୍ୱପ୍ନ ସବୁ ଭିଯାଉଥାନ୍ତି ମୋ ମୁଣ୍ଡତଳେ ଥିବା ତକିଆ ଟିକୁ । ଘନଘନ ବିଜୁଳି ଶବ୍ଦ ସହ ଆଲୁଅ ଗୁଡା ଯେମିତି ଝରକା ଦେଇ ଧସେଇ ଆସନ୍ତି ମୋତେ ଆକ୍ଷେପ କରିବାକୁ ଆଉ ମୁଁ ଏ ସବୁକୁ ଆଡେଇ ଝରକା ବନ୍ଦକରି ନିଜକୁ ହଜେଇ ଦିଏ ସେଇ ଘନ ଅନ୍ଧାର ଭିତରେ । କେତେ ସ୍ୱପ୍ନ ନେଇ ବାପା ପଢେଇ ଥିଲେ ଦିନେ ପୁଅଟା ମୋର ନା ରଖିବ ଏ ଗରିବି ପଣ ବି ନିଶ୍ଚୟ ହଟିବ କିନ୍ତୁ ଆଜି କାଇଁ ଚିତି ହୋଇ ଶୋଇଲା ପରେ ମୋ ସମ୍ମୁଖରେ ଘୁରି ବୁଲୁଥିବା ସେଇ ପଙ୍ଖା ଉପରେ ନଜର ପଡେ ଆଉ ସେ ମୋତେ ଆଲିଙ୍ଗନ ପାଇଁ ଯେମିତି ହାତଠାରି ଡାକେ । ମୋ ପ୍ରତିବିମ୍ବ ଗୁଡା ମୋତେ ବିଫଳତାର କାହାଣୀ ଶୁଣାଉ ଥାନ୍ତି ମୋ କାନ ପାଖେ ବସି । ବିଚଳିତ ଉଦାସ ମନଟା ଗୁମୁରି କୁହେ ସାରିଦେବି ଏଠି ଦେଖିଥିବା ଯେତେ ସ୍ୱପ୍ନ କୁ ?? କାଲିର ସକାଳ ଦେଖିଛି କିଏ କାଳେ ମିଳିଯିବ ମୋତେ ମୋ ଶେଷ ଠିକଣା କେଉଁ ଏକ ରାଇଜରେ ।

ପୁଣିକାହିଁ ମନହେଲା ଶେଷଥର ପାଇଁ ପଛକୁ ଫେରିବି ଟିକେ ଦେଖିବି ଡାଏରୀ ରେ ସାଇତି ଥିବା ବୋଉର ପଣତକାନି ଆଉ ବାପାଙ୍କ ଆକଟ । ଅଭାବ ପଣରେ ବାଣ୍ଟିଥିବା ବାପାଙ୍କ ପ୍ରେମ ଆଉ ବୋଉର ସେଇ ଓଠତଳର ମିଛ ହସ । ସତରେ କେବେ ଜାଣିହେଉ ନଥିଲା ବୋଉ ବି ଭୋକିଲା ପେଟରେ ସୁଏ ଆଉ ବାପା ନୀରବର ଆଖିଲୁହ ସବୁ ଆଗାମୀ ଦିନର ବାକିଖାତା ରେ ସାଇତା ହୁଏ । ଜାଣିବି ବା କେମିତି ବାପା ଖାଲିପାଦ ରେ ମାଇଲି ଦୂର

ISSN NO.
2582-208X

ଚାଲିଚାଲି ଯାଇ ମୋ ପାଇଁ ଚପଲ ଆଣି କୁହନ୍ତି ତାଙ୍କର କାଳେ ଖାଲି ପାଦରେ ଚାଲିବା ଆଗରୁ ଅଭ୍ୟାସ ଅଛି । ପାଦଗୁଡା ବୋଲ ମାନୁନଥିଲେ ବି ପ୍ରତିଦିନ ସକାଳୁ ବାପା ବାହାରି ପଡ଼ନ୍ତି ରିକ୍ସା ଟିଏ ଧରି କାଳେ ମେଣ୍ଟିଯିବ ଆଜି ମୋ ପରିବାର ର ଶୋଷ । କେବେ ଜାଣିବାକୁ ଦେଇ ନାହାନ୍ତି ଅଭାବପଣ କୁ କହୁକହୁ ସମ୍ମୁଖରେ ଆଣି ରଖନ୍ତି ଆକାଶର ଅବିକଳ ଚାନ୍ଦ । ଆଉ ମୋ ବୋଉ ପ୍ରତିଥର ପେଟ କୁ ମାରି ମେଣ୍ଟାଇ ଦିଏ ମୋର ସମସ୍ତ ଭୋକିଲା ପଣ ;ଧେତ୍ ସତରେ ବୋଉ ଟା ମୋର ଭାରି ମିଛେଇ ଟା ବାପା ଆଣିଥିବା ଅଧ କିଲୋ ମାଛ କୁ ଆମ ବାପପୁଅ ଙ୍କୁ ପରସି ଦେଇ ପୁଣି ରାତି ପାଇଁ ସାଇତି ଦିଏ କୁହେ ତାର ମାଛ କାଳେ ପସନ୍ଦ ନୁହେଁ । ସତରେ ଆଜି ବୋଉର ସେଇ ନିରୀହ ଆଖି ଦୁଇଟା ଆଗରେ ଯେମିତି ପୁଣି ମୋତେ ଅତୀତ କୁ ଫେରେଇ ନେଉଛି ।

ହଠାତ୍ ମନେ ପଡ଼ିଗଲା ଆମ ଗାଁ ପଡ଼ୋଶୀ ନିଧି ମଉସା ଙ୍କ କଥା କେତେ କଷ୍ଟରେ ପୁଅଟାକୁ ମଣିଷ କରିବା ପାଇଁ ସହର କୁ ପଠେଇ ଥିଲେ । ଚାଷବାସ ରୁ ଯାହା ରୋଜଗାର ହୁଏ ତିନି ବଢ଼ିଲା ଝିଅ ଆଉ ରୋଗୀଣା ସ୍ତ୍ରୀ କୁ ନେଇ ଭାରି କଷ୍ଟ ରେ ସଂସାର ଚାଲେ ତଥାପି ମଉସା ହାରିନାହାନ୍ତି ଆଖିରେ ମେଞ୍ଚେ ସ୍ୱପ୍ନ ପୁଅ ମନୁଆ କୁ ନେଇ । ମୋ ମନୁଆ ଟା ଦିନେ ଡାକ୍ତର ହେବ, ମାଗଣା ରୋଗୀ ସେବା କରିବ ଓ ସମାଜ ସେବାରେ ନିଜ କୁ ନିୟୋଜିତ କରିବ । ମୋର ଆଉ କଣ ଏତେ ଚିନ୍ତାଥିବ ସବୁ ଦୁଃଖର ଦିନ ଗୁଡା ଅବସର ନେଉ ଥିବେ ସେତେବେଳ । ମଉସା ଙ୍କ ସମ୍ବଳ ମାନେ ସେଇ ଚାରିମାଣ ଜମି । ସବୁତକ ବିକ୍ରି କରି କରିଦେବି ପଛେ ପୁଅଟା କେମିତି ମଣିଷ ହେଉ । ଭାରି ଗର୍ବିତ ହୁଅନ୍ତି ପୁଅଟା ପାଇଁ ପୁଅ ମୋର ଉଚ୍ଚ ଶିକ୍ଷିତ ମୋ ଶେଷ ସମୟ ର ଆଶା ବାଡି; କିନ୍ତୁ ମଉସା ଦେଖିଥିବା ସ୍ୱପ୍ନ ଯେ ଦିନେ ଅଚାନକ ଭଙ୍ଗାଯିବ କିଏ ବା ଜାଣିଥିଲା । ପୁଅ ଶେଷଥର ପାଇଁ ଚିଠି ଟିଏ ଥୋଇ ଯାଇଛି ତା ଟେବୁଲ୍ ଉପରେ, ବାପା ମୋତେ କ୍ଷମା କରିବ ମୋ ଶିକ୍ଷାଗତ ଯୋଗ୍ୟତା ଗୁଡା ମୋତେ ପ୍ରତିଥର ପରିହାସ କରୁଛନ୍ତି ଯାହା ମୁଁ ଆଜି ସହି ପରୁନାହିଁ ତେଣୁ ଏ ପଦକ୍ଷେପ ନେଉଅଛି । ଦେଇଥିବା ଡାକ୍ତରୀ ପ୍ରବେଶିକ ପରୀକ୍ଷା ଫଳ ଯେ ପୁଅ ର ଜୀବନ ନେଇଯିବ ନିଧି ମଉସା ଙ୍କ କଳ୍ପନା ବାହାରେ । ନିଧି ମଉସା ନିଜ କୁ ପ୍ରଶ୍ନ କରୁଥାନ୍ତି

ISSN NO.
2582-208X

ବୋଧେ ଏ ମାନୁଆ ର ଶିକ୍ଷାଗତ ଯୋଗ୍ୟତା ? ସେ ଲେଖିଥିବା ଶେଷ ଚିଠି କଣ ଗୋଟେ ଶିକ୍ଷିତ ପିଲା ର ପରିଚୟ ? ଏ କଣ ସ୍ୱପ୍ନର ଶେଷ ପାହାଚ ? ନିରୁପାୟ ଆଜି ନିଧି ମଉସା । ସତେ ଯେମିତି କଳା ବାଦଲ ଟା ବାଘପରି ମାଡ଼ି ବସିଛି ଗୋଟେ ଗରିବୀ ବାପା ର ଛାତି ଉପରେ । ସେଇଦିନ ଠାରୁ ନିଧି ମଉସାଙ୍କ ପରିବାର ଅବସ୍ଥା ଯାହା ଆପଣ ମାନେ ଠିକ୍ ଅନୁମାନ କରିପାରୁଥିବେ । ମଉସା ଗାଁ ର ସବୁ ବାପାଙ୍କୁ କହି ବୁଲୁଥାନ୍ତି ଯେ ଛୁଆ ଙ୍କୁ ଶିକ୍ଷିତ କରିବା ବୋଧେ ପାପ । ଆଜି ଯଦି ପୁଅ ମୋର ମୋ ପରି ମୂରୁଖ ହୁଅନ୍ତା ନିଜ ପରିବାର ତ ସମ୍ଭାଳି ପାରନ୍ତା। ଆଜି ଜୀବିତ ତ ରୁହନ୍ତା । ମୋ ଶେଷ ଆଶ୍ରାଟିଏ ତ ହୁଅନ୍ତା । ଶିକ୍ଷିତ ହୋଇ ମୂରୁଖ ହେବା ଠାରୁ ସବୁଦିନ ମୂରୁଖ ହୋଇ ରହିଯିବା ବୋଧେ ଶହେ ଗୁଣା ଭଲ ।

ରାତିର ଅନ୍ଧକାର ର ଘନତା ଯେତେ ବଢୁଥାଏ ମନ ମୋର ସେତେ ଅନ୍ଦୋଳିତ ହେଉଥାଏ; ସତରେ ମନୁଆ ଭାଇ ଟା କଣ ଠିକ୍ କରିଥିଲା ? ଏକ ଦୀର୍ଘ ନିଃଶ୍ୱାସ ପରେ ପୁଣି ନିଜକୁ ପଚାରିଲି ହାରି ଯାଇଥିବା ସ୍ୱପ୍ନ ସବୁ ପୁଣି କଣ ବିଜୟ ଲାଭ କରିବ ? ଅନେକ ପ୍ରଶ୍ନ ବାରମ୍ବାର ଆସିବା ସହ ସମ୍ମୁଖରେ ନାଚୁଥାଏ ବାପା ଙ୍କ ର ସେ ଝାଳ ପୋଛା ମୁହଁ ଆଉ ବୋଉର ପଣତ କାନି। ସତରେ ମୁଁ ପାଠପଢି ଆଜି ମୂର୍ଖ । କେଇଟା ଭଙ୍ଗାସ୍ୱପ୍ନ ପାଇଁ କଣ ମୋର ଏ ନିଷ୍ପତି ଠିକ୍ ?? ଏଠି ବୁଝେଇବ ମୋତେ ବା କିଏ ମୁଁ ପରା ଶିକ୍ଷିତ ବୁଝିବା ବୟସରେ ପାଦ ଦେଇ ଅସହାୟ ହେବା ର ମାନେ ? ନିଜ ପିଠି କୁ ନିଜେ ଥାପୁଡେଇ ଉଠିବାକୁ ହେବ ଦେଖିବାକୁ ହେବ ଭାଙ୍ଗିଥିବା ସ୍ୱପ୍ନ ର ପୁନରୁଦ୍ଧାର ପାଇଁ ଏଠି ବାରମ୍ବାର ଝୁଣ୍ଟି ବାଟ ଚାଲିବାକୁ ହେବ ନିଜ ପାଇଁ ନ ହେଲେ ବି ନିଜ ପରିବାର ପାଇଁ ମୋତେ ହସିବାକୁ ହେବ । ହଁ ମୋତେ ବଞ୍ଚିବାକୁ ହେବ....।

କଳଙ୍ଗା, କନ୍ଧମାଳ

ISSN NO.
2582-208X

# ସ୍ମୃତି ହଜିଲା ଦିନର

ଆକାଶ ରଣା

ବାଃ! ରେ, ନିଦୁଆ ମଣିଷ
ଶୋଇବୁ ଆଉ କେତେ ଦିନ
ଶୋଇ ଶୋଇ ମନ ବୁଝିଲାନିକି
ଚେଇଁବୁ ଆଉ କେଉଁ ଦିନ ।।

ମନେ ପଡୁନି କି ତୋର
ପୂରୁବ ପୁରୁଷ କଥା
ରାତି ନ ପାଉନୁ
ବିଲକୁ ଯାଉଥିଲେ ସଦା ।।

କୁକୁଡ଼ା ଡାକିଦେଲେ
ହଳନଙ୍ଗଳ ଧରି କରେ
ଚାଷଜମି କୁ ଚିରି
ଦେଉଥିଲେ ଦୁଇ ବାହୁ ବଳେ ।।

ସୁରଜ ଉଦୟ ହେଇନି ବୋଲି
ଶୋଇ ଦଉଛୁ ନିଦ ବଳେ
ଉଠିବାକୁ ମନ ହେଉନି
କି ସପନ ରାଇଜ କାଳେ ।।

ISSN NO.
2582-208X

ଉଠିବାକୁ ମନ ମାନୁ ନାହିଁ
ବୋଲି ଉଠୁଛୁ ଯେଉଁ କାଳେ
ଚିଲ ଶାଗୁଣା ପଶୁ ପକ୍ଷୀ
ସବୁ ଲୁଚନ୍ତି ସେହି ରବି ବିକଳେ ।।

ଦେଖି ଶୁଣି ଜାଣି
ଅଜଣା ରହିବୁ ଆଉ କେତେ ଦିନ
ପୂରୁବ ଗୌରବେ ପୂରୁବ ମାନେ
ପଡୁ ନାହିଁ କିରେ ତୋର ଧ୍ୟାନ ।।

ଆଇନଜୀବୀ

ISSN NO.
2582-208X

# ଦୁଆର ଖୋଲିଲ ପ୍ରଭୁ

ଅଜିତ କୁମାର ପାଢ଼ୀ

ଦୁଆର ଖୋଲିଲ ପ୍ରଭୁ,
ଆହେ ଚକାଡୋଳା,
ସବୁ ଦ୍ୱାର ଖୋଳା ଖୋଳା
ଖୋଳିଲାଟି ତାଳା ।
ଚାରିଦ୍ୱାର ଖୋଳା ଖୋଳା,
ଖୋଳିଦେଲ ପ୍ରଭୁ ତୁମେ!
ଆହେ ଚକାଡୋଳା,
ତୁମରି ହିଁ ଲୀଳା ପ୍ରଭୁ ଆହେ ଚକାଡୋଳା

ଥିଲା କେତେଦିନୁ ପ୍ରଭୁ,
ତାଳାବନ୍ଦୀ ରେ ଦୁଆର,
କାରଣ ଅକାରଣେ ଦୁଆର ଅନ୍ଧାର ।
ଆସିଲା କରୋନା ବ୍ୟାଧି,
ବ୍ୟାଧି ପାଇଁ ତାଳାବନ୍ଦୀ
ଲୁଚିଗଲ କାହିଁ ପ୍ରଭୁ, ଦୁଆରଟି ତାଳା
ତୁମରି ହିଁ ଲୀଳା ପ୍ରଭୁ ଆହେ ଚକାଡୋଳା

ଖୋଳା ଖୋଳା ଖୋଳା ଏବେ
ଚାରି ଦୁଆର ଟି ଖୋଳା ।

ISSN NO.
2582-208X

ବଡଦାଣ୍ଡେ ନାହିଁ ତାଳା,
ପତିତପାବନ ଟି ଖୋଳା,
ଖୋଳାମଞ୍ଚେ ବିଶ୍ୱ ଆଜି
ଦେଖୁଅଛି ତୁମ ଲୀଳା ।
ଖୋଳା ଖୋଳା ଖୋଳା ଆଜି
ଚାରି ଦୁଆରଟି ଖୋଳା,
ବିଶ୍ୱ ଆଜି ଦେଖୁଅଛି ତୁମରି ହିଁ ଲୀଳା ।
ତୁମରି ହିଁ ଲୀଳା ପ୍ରଭୁ, ଆହେ ଚକାଡୋଳା
ତୁମେ ପରଂବ୍ରହ୍ମ ପ୍ରଭୁ ଆହେ ଚକାଡୋଳା,
ପ୍ରଭୁ ତୁମରି ହିଁ ଲୀଳା, ଆହେ ଚକାଡୋଳା ॥

କୋମନା, ନୂଆପଡା
Mob 7077847949

ISSN NO.
2582-208X

# ଯାହାକୁ ଯାହା ଗଢ଼ିଚି ଦଇବ



ଅଭୟ କୁଣ୍ଡ

ମାନସରୋବରରେ ରହୁଥିଲା ଏକ ରାଜହଂସ । ଖାଦ୍ୟ ଅନ୍ୱେଷଣରେ ସେ ବୁଲୁଥିଲା । ହଠାତ୍ ଏକ ସୁନ୍ଦର ପଦ୍ମ ସରୋବର ଦେଖି ସେ ଭାବିଲା ଏଠାରେ କିଛି ସମୟ ଅଟକି ଯିବି ଓ ପଦ୍ମ ନାଡ ଖାଇ କ୍ଷୁଧା ମେଣ୍ଟାଇବି । ସରୋବରରେ ପଶି ଖାଦ୍ୟ ଖାଇବାକୁ ଯାଉଛି ହଠାତ୍ ଦେଖିଲା ଏକ ବକ ପକ୍ଷୀ ଧ୍ୟାନମଗ୍ନ ଭଙ୍ଗିରେ ବସିଛି । ହଂସର ଶବ୍ଦ ଶୁଣି ବକର ଧ୍ୟାନ ଭଙ୍ଗ ହେଲା । ହଂସକୁ ଦେଖି ବକ ଭାବିଲା ଆହା ମୋ ପରି ଏ ମଧ୍ୟ ଜଳରୁ ଖାଦ୍ୟ ଖାଇ ବଞ୍ଚୁଥିବା ପକ୍ଷୀ । ଏ ହଂସ ଗୋଟିଏ ପକ୍ଷୀ ମାତ୍ର ସେ ଏତେ ସୁନ୍ଦର ପୃଥୁଳ ଅଥଚ ମୁଁ ଦୁର୍ବଳ କାହିଁକି ? ରଙ୍ଗ ସମାନ, ମୋର ଥଣ୍ଟ ଓ ଆଖି ତା ଠାରୁ ସୁନ୍ଦର ମାତ୍ର ବେକ ଓ ପାଦ ସରୁ ଚାଲିଲା ବେଳେ ମୁଁ ଡଗ ଡଗ ଚାଲିଯାଏ । ଲୋକେ ମତେ ପରିହାସ କରନ୍ତି । ମୁଁ ଯଦି ତା ପରି ମୋଟା ହୋଇ ଯାଆନ୍ତି ମୋର ବଳ ମଧ୍ୟ ବଢ଼ି ଯାଆନ୍ତା ଆଉ ମୁଁ ବକ ପକ୍ଷୀମାନଙ୍କ ରାଜା ହୋଇ ଯାଆନ୍ତି । ତେଣୁ ପ୍ରଥମେ ଏ ହଂସ ପକ୍ଷୀ ସଙ୍ଗେ ବନ୍ଧୁ ହେବି । ସେ ଯାହା ଖାଉଛି ମୁଁ ତାହା ଖାଇବି । ଏ କଥା ବିଚାରି ବକ ହଂସକୁ ଆଦର କରି ଡାକିଲା । ହେ ମରାଳବର ତୁମେ ମୋ ଦିଗକୁ ଆସ । ସେପଟେ ବ୍ୟାଧମାନେ ଫାସ ବସାଇ ପକ୍ଷୀ ଧରନ୍ତି ଓ ମାରି ମାଂସ ଖାଇଥାନ୍ତି । ବିପଦରେ ପଡ଼ିବା ପୂର୍ବରୁ ମୋ ଆଡ଼କୁ ଆସ । ହଂସ ଭାବିଲା ଏ ବକ ବଡ଼ ଦୟାବନ୍ତ ପକ୍ଷୀ । ମତେ ବିପଦରୁ ରକ୍ଷା କଲା ତେଣୁ ମୁଁ ତାହା ସହ ବନ୍ଧୁ ହେବି । ଦୁହେଁ ବନ୍ଧୁ ହେଲେ । କେତେ ଦିନ ଖୁସିରେ କଟିଗଲା । ଦିନେ ବକ କହିଲା ବନ୍ଧୁ ଆପଣ ଦେଖିବାକୁ ଖୁବ୍ ସୁନ୍ଦର, କଣ ସବୁ ଖାଉଛନ୍ତି ? ମୋତେ ଦୟାକରି କୁହନ୍ତୁ । ମୁଁ ତାହା ଖାଇଲେ ଆପଣଙ୍କ ପରି ସୁନ୍ଦର ହେବି । କପଟ ନ କରି ହଂସ କହିଲା ମୁଁ ସେ ସବୁ ଦ୍ରବ୍ୟ ଗଙ୍ଗା ନଦୀରୁ ଆଣି ତୁମକୁ ଦେବି । ତୁମେ ଖାଇ ମୋ

ISSN NO.
2582-208X

ପରି ସୁନ୍ଦର ହେବ । ହଂସ ଗଙ୍ଗା ନଦୀରୁ ଖାଦ୍ୟ ଓ ରସ ସଂଗ୍ରହ କରି ଆସି ବକକୁ କହିଲା ଏଇ ନିଅ ମୁଁ ଗଙ୍ଗା ଜଳରୁ କିଛି ରସ କନ୍ଦ ମୋତି ରଜକ କନକ ପଙ୍କ ମକରନ୍ଦ ଆଣିଛି । ଏ ସବୁ ଖାଅ । ଏ ସବୁ ନାଁ ମଧ୍ୟ ବକ ଶୁଣି ନ ଥିଲା । ଖୁସି ହୋଇ ସବୁ ବଡ କଷ୍ଟରେ ଓ ଆନନ୍ଦରେ ଖାଇଲା । ଏହି ପରି କିଛି ଦିନ ବକ ହଂସଠାରୁ ଆହାର ଖାଇଲା । ନିଜ ଛାଇକୁ ଜଳରେ ଦେଖୁଥାଏ। ଏ କଣ କିଛି ତ ବଦଳିଲାନି ? ମୋଟା ହେବା ବଦଳରେ ମୁଁ ଦୁର୍ବଳ ହେଲିଣି । ଏ ସବୁ ଖାଇ ମୋର କି ଲାଭ ହେଲା । ମୁଁ ହଂସ ଅଇଁଠା ଯାହା ଖାଇଲି ସମସ୍ତେ ମତେ ନିନ୍ଦା କରିବେ । ଅଜାତି କରିବେ । ଏହା ବକ ଜାତି ପାଇଁ ଅପମାନ । ମୁଁ ମଧ୍ୟ ହଂସକୁ ମୋ ଅଇଁଠା ଖୁଆଇ ଏଠାରୁ ତଡ଼ି ଦେବି । ଦିନେ ବଡ଼ ଆଦର କରି ବକ ହଂସକୁ କହିଲା ବନ୍ଧୁ ଆପଣଙ୍କ ଠାରୁ ବହୁତ କିଛି ଖାଦ୍ୟ ଖାଇଲି ଆପଣଙ୍କୁ ମୁଁ ଆଜି ମୋ ଖାଦ୍ୟ କିଛି ଖୁଆଇବି ନ ହେଲେ ଧାରୁଆ ହେବି । ବନ୍ଧୁ ଭାବରେ ହଂସ ମଧ୍ୟ ରାଜି ହେଲା । ବକ ଗାଡିଆରେ ପଶି ଗେଣ୍ଡା ଶାମୁକା ଜୋକ ଓ ମୀନ ମାରି ଖଣ୍ଡେ ଖଣ୍ଡେ ଖାଇ ଆଉ ଖଣ୍ଡେ ଖଣ୍ଡେ ଥଣ୍ଟରେ ଧରିଆଣି ଆଦରରେ କହିଲା ହଂସରାଜ ନିଅନ୍ତୁ ବନ୍ଧୁତା ରକ୍ଷା କରନ୍ତୁ । ଆମିଷ ଗନ୍ଧରେ ହଂସ ଅତିଷ୍ଠ ହେଲା ମାତ୍ର ବନ୍ଧୁତା ରକ୍ଷା ପାଇଁ କିଛି ବାଧ୍ୟ ବାଧ୍ୟତାରେ ଗିଳି ଦେଲା । ଅଖାଦ୍ୟ ଖାଇ ହଂସ ଛଟପଟ ହେଲା । ଚିତ୍କାର କରି କହିଲା ମୁଁ ବଞ୍ଚି ପାରିବି ନାହିଁ । ଏ କି ପ୍ରକାର ବନ୍ଧୁତା ମତେ ଅଖାଦ୍ୟ ଦେଇ ମାରିଦେଲ । ବକ ହସି ହସି କହିଲା ତୁମ ଅଇଁଠା ମୁଁ ଖାଇଲି ଆଉ ମୋ ଅଇଁଠା ବିଷ ହେଲା ? ମୋ ଅଇଁଠା ନ ଖାଇ ତୁମେ କିପରି ଯିବ ? ମୋ ଅଇଁଠାର କରାମତି ଜାଣିଲ ତ ?ତୁରନ୍ତ ଏଠାରୁ ପଳାଅ ନ ହେଲେ ମୋ ବକ ଦଳ ତୁମ ପ୍ରାଣ ନେଇଯିବେ । ହଂସ ଭୟରେ ପଳାଇ ଗଲା ।

ସାଧୁ ମାନେ କୁହନ୍ତି "ଯାହାକୁ ଯାହା ଗଢ଼ିଛି ଦଇବ- କଥା କଣ ଅନ୍ୟଥା ହୋଇବ ।

କୁସଙ୍ଗର ଫଳ ବିଷମୟ ।

ସହକାରୀ ଶିକ୍ଷକ
ପଞ୍ଚାୟତ ସରକାରୀ ଉଚ୍ଚ ବିଦ୍ୟାଳୟ
ତାଳଚେର ଅନୁଗୋଳ/ମୋ: ୯୫୫୬୯୮୯୭୨୩

ISSN NO.
2582-208X

# କଳା କେଶରୀ



ସୁହାସିନୀ ବାରିକ୍

ଓଁକାର ମଧ୍ୟେ ନରହରି ।
ନଟ ନାଗର ଦନୁଜାରୀ ।।
ମୋ ଜୀବ ଜୀବନ ଶ୍ରିହରି।
ଭଗବାନ କଳା କେଶରୀ ।।
ଗରୁଡ଼ ପୃଷ୍ଠେ ଅବତରି ।
ବନମାଳ କୃଷ୍ଣ କଂସାରୀ ।।
ତେଜ ପୁଞ୍ଜ ବପୁ ବିସ୍ତାରି ।
ବାରଣ ତାରଣ ବକାରି ।।
ସୁଦର୍ଶନ ଶ୍ରୀକରେ ଧରି ।
ଦେବଗଣଙ୍କ ଋଟ ଶୌରୀ ।।
ବାସୁଦେବ ବନ ବିହାରୀ ।
ୟଶୋଦା ସୁତ ମଧୂହାରୀ ।।

ଗ୍ରାମ ମହୁ, ପୋଷ୍ଟ ମହୁ,
ଥାନା ଆଲ୍,କେନ୍ଦ୍ରାପଡ଼ା

ISSN NO.
2582-208X

# ପ୍ରେମ ପଞ୍ଚାମୃତ



ରାମ ଚନ୍ଦ୍ର ପ୍ରଧାନ

ମିଳନ, ବିଚ୍ଛେଦ ପ୍ରେମ, ପ୍ରତାରଣା
ବିରହର କଥା ଭାବି
ସାଜିଛି ଆଜି ମୁଁ ଦରଦୀ କବିଟେ
ଦେଖି ତୁମ ପ୍ରତିଛବି ।
ପ୍ରେମ ପଞ୍ଚାମୃତ ପାନକରି ତୁମ
ଧରିଛି କଲମଟିଏ
ଲେଖୁଛି ଅଳପ ଭାବୁଛି ମୁଁ ବେଶି
ଭାବନାର ସୁତାଖିଏ ।
ଯିଏ ଯାହା କହୁ ମନସ୍ଥ କରିଛି
ଛାଡିବିନି ତୁମ ପିଛା
ଆସୁ ଯେତେ ଝଡ଼ ପ୍ରେମପଥେ ଆମ
ପୂରା କରିବି ମୋ ଇଚ୍ଛା ।
ଆଶା ଆକାଂକ୍ଷାକୁ ଜଳାଞ୍ଜଳି ଦେଇ
ଚାଲିବି ତୁମରି ସାଥେ
ନିନ୍ଦା, ଅପବାଦ କଳଙ୍କକୁ ପୋଛି
ଫୁଲ ବିଛାଇବି ପଥେ ।

ତୁମ ଜୀବନର ପ୍ରତି ଅଧ୍ୟାୟରେ
ଭରିଦେବି ପ୍ରେମରଙ୍ଗ
ଭଲ ପାଇବାର ସମ୍ପର୍କ ଡୋରିରେ
ଧରିବି ସଂସାର ମଙ୍ଗ ।

ଶିକ୍ଷକ
ଟେକ୍ନିକାଲ୍ ହାଇସ୍କୁଲ୍, ଆସିକା,
ଗଞ୍ଜାମ / ମୋ :9861638736

ISSN NO.
2582-208X

# କାଳେସି



ସିଦ୍ଧେଶ୍ୱର ତ୍ରିପାଠୀ

ମଧୁ ଦେହୁରୀ ଦେହରେ ଦିଅଁ ଲାଗନ୍ତି । ସିଏ ଏଇ ମଲ୍ଲୀପୁର ଗାଁର ପୁରୁଣା କାଳେସି । ବୟସ ତାକୁ ଷାଠିଏ ଛୁଇଁବଣି । ଗାଁରେ ତାର ଭାରି ଖାତିରି ତା ଦିହରେ ମଙ୍ଗଳା ଲାଗନ୍ତି । କେତେ ଲୋକଙ୍କର କେତେ ଦୁଃଖ ଦୂର କରନ୍ତି ମାଆ ।

କାହାକୁ ରୋଗରୁ ଭଲ କରିଛନ୍ତି ତ କାହାକୁ ବିପତି ରୁ ଉଦ୍ଧାର କରିଛନ୍ତି କାହା ଶୁନ୍ୟ କୋଳକୁ ନନ୍ଦନ ଦେଇଛନ୍ତି । ଆଉ କାହାକୁ କନ୍ୟା ରତ୍ନ । ଏଇ ପଧାନ ଘର ବୋହୁ କଥା ଦେଖୁନ ତାର ଚାରି ପୁଅ, ଝିଅଟିଏ ପାଇଁ ଭାରି ମନ ଦୁଃଖ ଥିଲା ସେଇ ମଧୁ ଦେହୁରୀ ହୁକୁମ ରୁ ପରା ତାର ଝିଅଟିଏ ହେଲା । ସମସ୍ତଙ୍କ ମନ ଭାରି ଖୁସି ।

ମଙ୍ଗଳା ମନ୍ଦିର ଝାମୁ ପଣା ପୂଜା ପାର୍ବଣ କେତେ ଘଣ୍ଟି ମାଟି ଘୋଡା ବାନା ବାଉଁସ ଏମିତି ଭକ୍ତିମୟ ପରିବେଶରେ ଚାଲେ ସମୟ ।

ଏବେ କିନ୍ତୁ ମଧୁ ଦେହୁରୀ ବିବାଦର ଶୀର୍ଷରେ । ଲୋକ ତାକୁ ଭଣ୍ଡ ମିଛୁଆ ଠକ ବୋଲି କହିଲେଣି । ବୁଝୁ ବୁଝୁ କଥାଟା ଏମିତି ଫିସନ ପରି ଏଥରବି ଗାଁରେ ଝାମୁ ହେଲା ଦିଅଁ ଆସିଲେ ସବୁ ଦୁଆରେ ପଣା ପିଇଲେ ଦୀପ ବଳିତା ଖାଇଲେ ଆଶୀର୍ବାଦ ଦେଲେ । ହେଲେ ମହାନ୍ତି ଘର ପଣା ପିଇଲେନି କି ତାଙ୍କ ଦୁଆରେ ରହିଲେନି । ବୁଝିଲା ବେଳକୁ ଜଣା

ISSN NO.
2582-208X

ପଡିଲା ଏଇ ଛଅ ମାସ ତଳେ ଏଇ ଜମି ଜମା ବିବାଦକୁ ନେଇ ମହାନ୍ତି ବାବୁ ମଧୁ ଦେହୁରୀକୁ ଗାଳି କରିଥିଲେ । ସେଇ କଥାଟାକୁ ଗଣ୍ଠି କରି ସେ ଏବର୍ଷ ଆଉ ମହାନ୍ତି ଘର ଦୁଆରେ ପଣା ପିଇଲାନି ।

ଝାମୁ ସରିଲାଣି ଆସନ୍ତା ରବିବାର ଗାଁ ସଭାରେ କଥା ପଡିବ । ଏ ମଧୁ ଦେହୁରୀ ଦିହରେ ଦିଅଁ ଫିଅଁ କିଛି ଲାଗୁ ନାହାନ୍ତି ଏ କଥାଟା ସ୍ପଷ୍ଟ ହେଇଯିବ । ସଭାତ ଆଉ ଦି-ଦିନ ଅଛି ହେଲେ ମାଆ ମଙ୍ଗଳାଙ୍କ ପ୍ରସିଦ୍ଧ କାଳେସି ମଧୁ ଦେହୁରୀ ଆଉ ଗାଁରେ ଦିଶୁନି ।

କବିର ଘର
କୁଣ୍ଡିଲୋ କେରଙ୍ଗ ଖୋର୍ଦ୍ଧା
7008315040

ISSN NO.
2582-208X

# ବ୍ରଜ ବିହାରୀ



ଅଳକା ବାରିକ୍

ଅଶରଣ ଜନ ଶରଣ ହରି ।
ଆନନ୍ଦ କନ୍ଦ ମୁକୁନ୍ଦ ମୁରାରି ।।
ଇନ୍ଦିରା ଧବ ନାଥ ନୀଳଗିରି ।
ଇନ୍ଦ୍ର ଗରବ ଦେଲ ଚୂର୍ଣ୍ଣ କରି ।।
ଉର ସ୍ଥଳେ କୌସ୍ତୁଭ ହାର ଧାରୀ ।
ଉପେନ୍ଦ୍ର ଇନ୍ଦ୍ରାବରଜ ବକାରୀ ।।
ରୁପବନ୍ତ ଅରୂପ ହୋଇ କରି ।
ଋକ୍ଷ କପି ଘେନି ରାବଣ ମାରି ।।
ଏ ମନ୍ତ୍ର ସାମନ୍ତ ବ୍ରଜ ବିହାରୀ ।
ଐକାନ୍ତିକ ଭକ୍ତି ଦିଅ ଦୈତାରୀ ।।
ଓତ ପ୍ରୋତ ଭାବେ ଧରାରେ ପୁରୀ ।
ଔଦ୍ଧତ୍ୟ ନସହୁ ନାଥ କାହାରି ।।

ଗ୍ରାମ ମହୁ, ପୋଷ୍ଟ ମହୁ,
ଭାୟା ନମୌଜା, କେନ୍ଦ୍ରାପଡ଼ା

ISSN NO.
2582-208X

# ଆସିଛି ଶୀତ...



ଅନାଦି ଚରଣ ବେହେର୍

ଯାଇଛି ଭ୍ଙ୍ଗି ନଦଟା ମୋର
ଉଠିଲି ଗ୍ଡିରେ ବସି,
ଭ୍ବିଲି ଭୁଲରେ ଘରେ କଏ ସେ
ଚଲେଇ ଏଲ୍ କ ଏସି ?
ବାଉଳା ହେଇ ଖୋଜେ ଗୃଦର
ପଡିଲି ଘୋଡେଇ ଶୋଇ,
ପରେ ଜାଣିଲି, ଶୀତ ଆସିଛି
ବରଷା ଗଲ୍ ଉଭେଇ ।
ଥଣ୍ଡା ଥଣ୍ଡା ଲ୍ଗେ ଘରଟା ସାର୍
ଥଣ୍ଡା ହେବ ସବୁ ନଥିବ ଖର୍ ।
କୋଟ ମଫ୍ଲର କମ୍ବଳ ଘୋଡ,
ମନେ ପଡେ ଶୀତରଜାଇ ଲେ୍ଡା ।
ରଙ୍ଗ ବେରଙ୍ଗ ସ୍ୱେଟର ବୁଣା
ଗରମ ଗୃ ରେ ମନକୁ କଣା ।

ଉଷୁମ ଗରମ ପାଣି ଗାଧୁଆ
ମାଆ ଦେବ ପୁରୀ ଗରମ ଖିଆ ।
ଆର୍ମ ଲ୍ଗିବ ସକାଳ ଖର୍
ସୁରୁଜ ସତେ ଆପଣା ପର୍ ।
ବରଷା ଯାଇଛି ଆସିଛି ଶୀତ
ଶୁଭିବ ଓଠରୁ ଥରି ସଂଗୀତ ।
ପିଲ୍ଏ ଘୋଡେଇ ରହିବ ଘରେ
ଲ୍ଗିଯିବ ଥଣ୍ଡା ଜ୍ୱର ଶୀତରେ ।

ପ୍ରଧାନ ଶିକ୍ଷକ,
ଜୁର୍ମୁଣ୍ଡା ଉ.ପ୍ରା ବିଦ୍ୟାଳୟ,
ବୌଦ୍ଧଗଡ

ISSN NO.
2582-208X

# ବିବାହ କ'ଣ ଗୋଟିଏ ତମାସା ?



ମମତା ନାୟକ

ପୃଥିବୀରେ ବିଭିନ୍ନ ସ୍ଥାନରେ ବାସ କରୁଥିବା ମଣିଷ ସମାଜକୁ ଶୃଙ୍ଖଳିତ ଭାବେ ପାରିବାରିକ ଜୀବନ ଯାପନ କରିବାପାଇଁ ବହୁ ବର୍ଷ ତଳେ ଗୋଟିଏ ପୁରୁଷ ସହିତ ଗୋଟିଏ କିମ୍ବା ଅନେକ ସ୍ତ୍ରୀ ସହବାସ କରିବାପାଇଁ ସମସ୍ତେ ସହମତ ହୋଇଥିଲେ । ପରେ ଦୁଇଜଣଙ୍କୁ ସ୍ୱାମୀ ଓ ସ୍ତ୍ରୀ ହୋଇ ଗୋଟିଏ ଘରେ ଆଜୀବନ ରହିବା ପାଇଁ ବିବାହ ନାମକ ଗୋଟିଏ ପ୍ରଥାରେ ବାନ୍ଧି ଦିଆଗଲା । ପ୍ରଥମେ କେଉଁ ସ୍ଥାନରେ, କେଉଁ ଯୁଗରେ ବୈବାହିକ ପ୍ରଥା ଆରମ୍ଭ ହୋଇଥିଲା ତା'ର ଇତିହାସ ଠିକ ଭାବେ ଜଣା ନାହିଁ । ତଥାପି ପ୍ରାଚୀନ ମେସୋପୋଟାନିଆ ଏବଂ ବେବିଲୋନିଆରେ ବିବାହ ଓ ଛାଡପତ୍ର ବ୍ୟବସ୍ଥା ଆରମ୍ଭ ହୋଇଥିଲା ବୋଲି କିଛି ଐତିହାସିକଙ୍କ ମତ । ସେଦୁହେଁ ନିଜର ଜନ୍ମିତ ସନ୍ତାନମାନଙ୍କ ସହିତ ପରିବାର ଗଠନ କରି ରହିଲେ । ପିଢ଼ି ଦର ପିଢ଼ି ଯୌଥ ପରିବାରରେ ସଦସ୍ୟଙ୍କ ସଂଖ୍ୟା ବୃଦ୍ଧି ପାଇଲା । ପୃଥିବୀର ପ୍ରତ୍ୟେକ ଦେଶରେ ବିଭିନ୍ନ ପ୍ରକାର ବିବାହ ପ୍ରଥା ପ୍ରଚଳିତ ଅଛି । ଅଧିକାଂଶ ଦେଶରେ ନିଜର ଧାର୍ମିକ ପରମ୍ପରା ଅନୁସାରେ ବିବାହ ସମ୍ପନ୍ନ ହୋଇଥାଏ । ପ୍ରତ୍ୟେକ ଧର୍ମ ସଂପ୍ରଦାୟରେ ଗୋଟିଏ ହାସ୍ୟାସ୍ପଦ ଆପ୍ତ ବାକ୍ୟ ପ୍ରଚଳିତ ଅଛି - "ସ୍ୱର୍ଗରେ ସ୍ୱାମୀ ଓ ସ୍ତ୍ରୀଙ୍କ ଯୋଡି ନିର୍ଦ୍ଧାରିତ ହୋଇଥାଏ । ପୃଥିବୀରେ କେବଳ ବିବାହ ସମ୍ପନ୍ନ ହୋଇଥାଏ ।" କେତେକ ଦେଶର ଜନଜାତି ବିବାହ ପ୍ରଥାକୁ ଭିନ୍ନ ଭିନ୍ନ ରୀତିରେ ସମ୍ପନ୍ନ କରିଥା'ନ୍ତି । ଆମେ ଏଠାରେ କେବଳ ଆମ ଦେଶର ମୂଳନିବାସୀଙ୍କ ବିବାହ ପ୍ରଥା

ISSN NO.
2582-208X

ଉପରେ ଆଲୋଚନାକୁ ସୀମିତ ରଖିବା । କୁହାଯାଏ ମହାଭାରତ ଯୁଗରୁ ବିବାହ ପ୍ରଥା ପ୍ରଚଳନ ହୋଇଛି ।

ପ୍ରାଚୀନ କାଳରେ ସାମାଜିକ ବ୍ୟବସ୍ଥା ଆଜି ଭଳି ଉନ୍ନତ ନଥିଲା । ପରିବାରର ଆର୍ଥିକ ଅବସ୍ଥା ସୀମିତ ଥିଲା । ସେଥିପାଇଁ ଯୌଥ ପରିବାର ବ୍ୟବସ୍ଥା ଭଲ କାମ କରୁଥିଲା । ଗୋଟିଏ ପରିବାରରେ ଦୁଇ କିମ୍ବା ତିନି ଗୋଟି ପିଢ଼ିର ବହୁତ ସଦସ୍ୟ ମଧ୍ୟ ସହଜରେ ବାସ କରି ପାରୁଥିଲେ ।

ସେତେବେଳେ ଭାରତରେ ପ୍ରଚଳିତ ବିଭିନ୍ନ ଧର୍ମଶାସ୍ତ୍ର ଓ ପୁରାଣ ଅନୁସାରେ ପ୍ରତ୍ୟେକ ପରିବାର ପୁରୁଷ ପ୍ରଧାନ ଥିଲା । ସ୍ତ୍ରୀମାନେ ପୁରୁଷଙ୍କ ଅଧୀନରେ ହିଁ ରହୁଥିଲେ । କଥିତ ହିନ୍ଦୁ ଧର୍ମଶାସ୍ତ୍ରରେ ଲେଖା ଅଛି –"ବାଲ୍ୟ କାଳରେ 'କନ୍ୟା' ପିତାଙ୍କ ସଂରକ୍ଷଣ, ଯୌବନ କାଳରେ ସ୍ୱାମୀଙ୍କ ସଂରକ୍ଷଣ ଏବଂ ବୃଦ୍ଧା କାଳରେ ପୁତ୍ରର ସଂରକ୍ଷଣରେ ରହିବ ।" ସ୍ତ୍ରୀମାନେ ଶିକ୍ଷା ପ୍ରାପ୍ତ କରିବା ଏବଂ ଧନ ରୋଜଗାର କରିବାପାଇଁ ସ୍ୱାଧୀନ ନଥିଲେ କିମ୍ବା କୌଣସି ଉପାୟରେ ରୋଜଗାର କରୁଥିବା ଧନ ଉପରେ ସ୍ତ୍ରୀଙ୍କର ଅଧିକାର ନଥିଲା । ସମାଜର ଧନୀ ଏବଂ ପ୍ରତିଷ୍ଠିତ ପୁରୁଷ ଇଚ୍ଛା କଲେ ଏକାଧିକ ସ୍ତ୍ରୀଙ୍କୁ ବିବାହ କରିବାରେ ବାଧା ନଥିଲା । ସ୍ତ୍ରୀଙ୍କର ସେଭଳି ସ୍ୱାଧୀନତା ନଥିଲା । ଏପରିକି ସ୍ୱାମୀର ଅକାଳ ମୃତ୍ୟୁ ପରେ ସାରା ଜୀବନ ବୈଧବ୍ୟ ଯନ୍ତ୍ରଣା ଭୋଗ କରି ରହୁଥିଲେ । ବିଧବାଙ୍କ ପାଇଁ ସବୁଠାରୁ ଗୋଟିଏ ଘୃଣ୍ୟ ତଥା ଅମାନବୀୟ ପ୍ରଥା ଥିଲା 'ସତୀଦାହ' । ଏହି କୁପ୍ରଥାକୁ ଆଇନ ବନେଇ ବନ୍ଦ କରିଥିବାରୁ ସଭ୍ୟ ଇଂରେଜ ସରକାରକୁ ଭାରତୀୟ ନାରୀ ସମାଜ କୃତଜ୍ଞତା ପ୍ରକଟ କରୁଛନ୍ତି । ବିଧବାଙ୍କ ପୁନଃବିବାହ କରିବା ପାଇଁ ଅନୁମତି ନଥିଲା । ପୁରୁଷଙ୍କ ପାଇଁ ସେଭଳି କଟକଣା ନଥିଲା । ବିବାହ ପରେ କନ୍ୟା, ବର ଘରେ ଆସି ରହିବା ପ୍ରଥା ଅଧିକାଂଶ ସଂପ୍ରଦାୟରେ ଥିଲା ।ନବ ଦମ୍ପତିଙ୍କ ଭିତରେ କୌଣସି ପ୍ରକାର ମତଭେଦ ବା ମନୋମାଳିନ୍ୟ ହେଲେ ପରିବାରର ବୟସ୍କ ଲୋକମାନେ ସେଦୁହିଁଙ୍କୁ ବୁଝା ସୁଝା କରି ପରିସ୍ଥିତିକୁ ସମ୍ଭାଳିବା ପାଇଁ ପ୍ରୟାସ କରୁଥିଲେ । ବିଶେଷ କରି ସ୍ତ୍ରୀକୁ ହିଁ ଡରେଇ ଧମକେଇ ବୁଝାମଣା କରିବା ପାଇଁ ବାଧ୍ୟ କରାଯାଉଥିଲା । ସେଥିପାଇଁ ପରିବାରରେ

ISSN NO.
2582-208X

ସବୁଠାରୁ ବେଶୀ ମହିଳାମାନେ ହିଁ ମାନସିକ ଓ ଶାରୀରିକ ଅତ୍ୟାଚାର ଭୋଗ କରୁଥିଲେ । ପରିବାରରେ ପୁରୁଷ ସ୍ତ୍ରୀଙ୍କ ଅଧିକାର ଓ ସମ୍ମାନ ସମାନ ନଥିବାରୁ, ସେତେବେଳେ ବି ବିବାହ ଏକ ତମାସା ଭଳି ଲାଗୁଥିଲା ।

ବାବାସାହେବ ଆମ୍ବେଦକର ଭାରତୀୟ ସମାଜର ପାରିବାରିକ ସମସ୍ୟାଗୁଡିକ ଉପରେ ଗଭୀର ଚିନ୍ତନ ଓ ଅନୁସନ୍ଧାନ କରି ଲେଖିଥିବା "ହିନ୍ଦୁ କୋଡ୍ ବିଲ" ସମ୍ବିଧାନ ସଭାରେ କେତେକ ରକ୍ଷଣଶୀଳ ଲୋକମାନଙ୍କ ତୀବ୍ର ବିରୋଧ ଯୋଗୁ ସମ୍ମତି ପାଇ ନଥିଲା । ଏପରିକି ୧୯୫୨ ମସିହାରେ ନବ ନିର୍ବାଚିତ ସାଂସଦମାନଙ୍କ ଦ୍ୱାରା ସଂସଦରେ ମଧ୍ୟ ତାହା ପାରିତ ହୋଇପାରିଲା ନାହିଁ । ଯେଉଁଥିପାଇଁ ଆମ୍ବେଦକର ମର୍ମାହତ ହୋଇ ଦୁଃଖ ମନରେ ସେତେବେଳେ ଆଇନମନ୍ତ୍ରୀ ପଦରୁ ଇସ୍ତଫା ଦେଇଥିଲେ ।

"ହିନ୍ଦୁ ବିବାହ ଅଧିନିୟମ" ୧୯୫୫ ମସିହାରେ ପାରିତ ହେଲା । ଏଥିରେ କିଏ, କାହାକୁ, କେଉଁ ଭଳି ରୀତିନୀତିରେ ବିବାହ କରିପାରିବ ତାହାବିସ୍ତାର ଭାବେ ଉଲ୍ଲେଖ ରହିଛି । ଏହି ଆଇନ ପୂର୍ବ, ପଶ୍ଚିମ ଓ ଉତ୍ତର ଭାରତର ହିନ୍ଦୁମାନଙ୍କ ପାଇଁ ଲାଗୁ ହେଉଛି କିନ୍ତୁ ଦକ୍ଷିଣ ଭାରତର ଚାରି ଗୋଟି ରାଜ୍ୟର ହିନ୍ଦୁ ପରିବାରରେ କିଛି କିଛି ଭିନ୍ନତା ରହିଛି । ମାମୁଁ ନିଜର ଭାଣିଜୀକୁ ବିବାହ କରି ପାରିବ । ଦୁଇ ଭଉଣୀଙ୍କ ପୁଅ-ଝିଅ କିମ୍ବା ଭାଇ ଓ ଭଉଣୀଙ୍କର ପୁଅ-ଝିଅ ବି ବିବାହ କରିପାରୁଛନ୍ତି । ଏହି ପ୍ରଥା ସମ୍ବିଧାନ ବିରୋଧୀ ହୋଇଥିଲେ ମଧ୍ୟ ଦକ୍ଷିଣ ଭାରତର ସାମାଜିକ ସ୍ୱୀକୃତି ରହିଛି । ପ୍ରତିକୂଳ ପରିସ୍ଥିତିରେ ସ୍ୱାମୀ-ସ୍ତ୍ରୀ କେଉଁ କେଉଁ କାରଣରୁ ପରସ୍ପର ଠାରୁ ଅଲଗା ହୋଇପାରିବେ ତାହାର ଆଇନଗତ ପ୍ରାବଧାନ ଅଧିନିୟମରେ ଉଲ୍ଲେଖ ରହିଛି । ଛାଡପତ୍ର କିମ୍ବା ସ୍ୱାମୀର ମୃତ୍ୟୁ ପରେ ସମ୍ପତ୍ତି ଉପରେ କାହାର କେତେ ଅଧିକାର ରହିବ ତାହାର ବିଶଦ ବିବରଣ ରହିଛି ।

କାଳକ୍ରମେ ଆମ ଦେଶର ପାରମ୍ପରିକ ବିବାହ ପଦ୍ଧତିରେ ଅନେକ ପରିବର୍ତ୍ତନ ଘଟିଲାଣି । ବିଶେଷ କରି କନ୍ୟାମାନଙ୍କ ଶିକ୍ଷା ଗ୍ରହଣ କରିବା ଅଧିକାର ଯେବେଠାରୁ ସହଜ ହୋଇଗଲା ସେବେଠାରୁ ବିବାହ ପୂର୍ବରୁ କନ୍ୟାର ଇଚ୍ଛା-ଅନିଚ୍ଛା, ପସନ୍ଦ-ଅପସନ୍ଦ ଆଦି ଜାଣିବା

ISSN NO.
2582-208X

ଜରୁରୀ ହୋଇଗଲା । କନ୍ୟାମାନେ ଶିକ୍ଷିତ ହୋଇ ନିଜେ ରୋଜଗାରକ୍ଷମ ହେବା ପରେ ପରିବାର ଲୋକଙ୍କ ପସନ୍ଦରେ ଯେକୌଣସି ଅପରିଚିତ ଯୁବକକୁ ନିଜର ଜୀବନସାଥୀ ରୂପେ ସ୍ୱୀକାର କରିବା ସମ୍ଭବ ହେଲାନାହିଁ । ଠିକ ସେହି ଅବସ୍ଥା ପୁଅଙ୍କର ବି ହେଲା । ବାପା ଓ ମା'ଙ୍କ ଉପରେ ବିଶ୍ୱାସକରି ଯେକୌଣସି କନ୍ୟାକୁ ବିବାହ କରିବା ସମ୍ଭବ ହେଲାନାହିଁ । ନିଜର ଧର୍ମ ଓ ଜାତିର କନ୍ୟା କିମ୍ବା ବର ନମିଳିଲେ, ଅନ୍ୟ ଧର୍ମ ଓ ଜାତିର ବର-କନ୍ୟାଙ୍କୁ ଖୋଜା ଚାଲିଲା । ସେଥିପାଇଁ ପ୍ରଥମେ ଖବର କାଗଜ ଆଦି ଗଣମାଧ୍ୟମରେ ବୈବାହିକ ବିଜ୍ଞାପନ ଦିଆଗଲା । ବିଜ୍ଞାପନରେ ବର-କନ୍ୟାଙ୍କ ବାୟୋ-ଡାଟା ସହିତ ଧର୍ମ, ଜାତି, ଭାଷା, ଜନ୍ମପତ୍ରୀ ଆଦି ରହିଲା । ପରବର୍ତ୍ତୀ ସମୟରେ ଇଣ୍ଟର୍ନେଟ ଉପଲବ୍ଧ ହେବାରୁ ସୋସିଆଲ ମିଡିଆରେ ଅନେକ ବୈବାହିକ ବିଜ୍ଞାପନ ପ୍ରସାରିତ ହେଲା । ଧୀରେ ଧୀରେ ବର-କନ୍ୟାଙ୍କ ସହିତ ତାଙ୍କର ବାପା-ମା'ଙ୍କ ପୂର୍ବାଗ୍ରହ ଦୂର ହୋଇ ଆନ୍ତର୍ଜାତିକ ବିବାହକୁ ସମର୍ଥନ କଲେ । ଏହାଦ୍ୱାରା ବର-କନ୍ୟା ଖୋଜିବା ସିନା ସହଜ ହୋଇଗଲା କିନ୍ତୁ ଆହୁରି ଅନେକ ବ୍ୟକ୍ତିଗତ ଆଚରଣ ଏବଂ ବୈଚାରିକ ସ୍ୱଭାବ ଗୁପ୍ତ ରହି ଯାଉଥିବାର ଉଦାହରଣ ମିଳିଲା । ଯଥା: କିଏ କେଉଁ ପ୍ରକାର ମାଦକ ଦ୍ରବ୍ୟ ସେବନ କରୁଛି ? କାହାର କେତେଜଣ ମହିଳାବନ୍ଧୁ ବା ପୁରଷବନ୍ଧୁ ଅଛନ୍ତି ? କିଏ କେତେ ମୁକ୍ତମନା ବା ରୂଢ଼ିବାଦୀ ଓ ଅନ୍ଧବିଶ୍ୱାସୀ ? ଅନୈତିକ ଉପାୟରେ ଅଧିକ ଧନ ରୋଜଗାର କରିବା ପାଇଁ କିଏ କ'ଣ କରୁଛି? ବିବାହ ପୂର୍ବରୁ ଏହିସବୁ ଖବର ସ୍ପଷ୍ଟ ହୁଏନାହିଁ । ବିବାହ ବି ଦୁଇ ପ୍ରକାରେ ହୋଇଥାଏ । ପ୍ରଥମ- ନିଜ ନିଜର ଧାର୍ମିକ ରୀତିନୀତି ଅନୁସାରେ ବିବାହ ସମ୍ପନ୍ନ ହୋଇଥାଏ । ଦ୍ୱିତୀୟ- କୋର୍ଟ ମ୍ୟାରେଜ ହୋଇଥାଏ । ବିବାହ ପରେ ସ୍ୱାମୀ-ସ୍ତ୍ରୀ ଗୋଟିଏ ଘରେ କିଛି ଦିନ ରହିବାପରେ ହିଁ ଦୁହେଁ ଦୁହିଁଙ୍କ ଅସଲ ଚରିତ୍ର ସମ୍ପର୍କରେ ଅବଗତ ହୁଅନ୍ତି ।

ଦୁହିଁଙ୍କ ଆଚାର ବିଚାର ଯଦି ମେଳ ଖାଇବ ତେବେ କୌଣସି ସମସ୍ୟା ନାହିଁ । ଯଦି ମତ ପାର୍ଥକ୍ୟ ରହିବ ତେବେ ଖୁବ ଶୀଘ୍ର ମନାନ୍ତର ବି ହେବ । ମନାନ୍ତର ଦୂର କରିବାପାଇଁ ସୃଷ୍ଟି ହେବ ଅସଲ ସମସ୍ୟା । ଯଦି ବର-କନ୍ୟା ଉଭୟ ଶିକ୍ଷିତ ଓ ରୋଜଗାରକ୍ଷମ ତେବେ ପ୍ରଶ୍ନ

ISSN NO.
2582-208X

ଉଠିବ କିଏ କାହା ସହିତ ବୁଝାମଣା କରିବ ? କାରଣ ଦୁହିଁଙ୍କର ଆତ୍ମସମ୍ମାନ ଓ ଅଂହ ଆହତ ହେବାର ଭୟ ରହୁଛି ।

ଏହିଭଳି ଦାମ୍ପତ୍ୟ କଳହର କରାଳ ରୂପ ଗତ କୋଡିଏ ବର୍ଷରୁ କ୍ରମାଗତ ଭାବେ ଦେଖିବାକୁ ମିଳୁଛି । ଗତ ୧୯୮୩ ମସିହାରେ ବିବାହିତା ମହିଳାଙ୍କୁ ଯୌତୁକ ନିର୍ଯ୍ୟାତନାରୁ ରକ୍ଷା କରିବା ପାଇଁ ଧାରା ୪୯୮ (ଏ) ଅପରାଧିକ କାନୁନ ପାରିତ ହୋଇଥିଲା । ଅଭିଯୋଗ ପତ୍ରରେ ଲେଖା ଯାଇଥିବା କଥିତ ଅପରାଧୀଙ୍କୁ ଏହି କାନୁନ ଅନୁସାରେ ପୋଲିସ ତୁରନ୍ତ ଗିରଫ କରିପାରିବେ । ଅପରାଧୀଙ୍କୁ ଜମାନତ ମିଳିବ ନାହିଁ । କେସ ଦାୟର କରିଥିବା ବ୍ୟକ୍ତି ଚାହିଁଲେ ମଧ୍ୟ କେସକୁ ଫେରସ୍ତ ନେଇ ପାରିବ ନାହିଁ । କୌଣସି ଦେଶରେ ଏଭଳି ଏକ କଡା କାନୁନ ନାହିଁ ବୋଲି ବୁଦ୍ଧିଜୀବୀଙ୍କ ମତ । ଯଦିଓ ଅନେକ କନ୍ୟା ଯୌତୁକ ଜନିତ ନିର୍ଯ୍ୟାତନା ସହ୍ୟ କରୁଥିଲେ ଏବଂ ବଧୂ ହତ୍ୟା ବି ହେଉଥିଲା କିନ୍ତୁ ୨000 ମସିହା ପର୍ଯ୍ୟନ୍ତ ଏହାର ବ୍ୟବହାର ପ୍ରାୟ ନଥିଲା । ୨00୧ ମସିହାରେ ମହିଳା ସଶକ୍ତିକରଣ ଆଇନ ପ୍ରଣୟନ ହେଲା । ତାପରେ ଦୁଇ ତିନି ବର୍ଷ ବେଳକୁ ମହିଳା ସଶକ୍ତିକରଣ ସଂସ୍ଥାର ମହିଳା ସଦସ୍ୟମାନେ ଛାତ୍ରୀ ନିବାସ, ମହିଳା କଲେଜ ଏବଂ ଗାଁ'ଗହଳରେ ବୁଲି ବୁଲି ଯୌତୁକ ନିଷେଧ କାନୂନ ଦ୍ୱାରା ପୀଡିତା ମହିଳାମାନଙ୍କୁ ଉଚିତ ନ୍ୟାୟ ମିଳି ପାରିବ ବୋଲି ସଚେତନ କଲେ। ବିବାହିତା ସ୍ତ୍ରୀ ଯେକୌଣସି ଥାନାରେ ଯାଇ ଶ୍ୱଶୁର ଘର ଉପରେ ଅଭିଯୋଗ କରିବା ପରେ ତୁରନ୍ତ କାର୍ଯ୍ୟବାହୀ ହେବାରୁ ଏହା ବହୁତ ବେଶୀ ପ୍ରଚଳନ ହେଲା । ପୋଲିସ ଏବଂ ଓକିଲମାନେ ସ୍ତ୍ରୀମାନଙ୍କୁ ସାହାଯ୍ୟ କରିବା ବାହାନାରେ ଯୌତୁକ ନିଷେଧ କାନୂନକୁ ଗୋଟିଏ ବ୍ରହ୍ମାସ୍ତ୍ର ରୂପେ ବ୍ୟବହାର କଲେ । ଯେକୌଣସି ଛୋଟ ଛୋଟ ପାରିବାରିକ ବିବାଦକୁ ଯୌତୁକ ନିର୍ଯ୍ୟାତନା କେସ ବନେଇଦେଲେ । ଏହି ଧାରାରେ ଦେଶର ହଜାର ହଜାର ସଂଖ୍ୟାରେ କନ୍ୟାମାନେ ସ୍ୱାମୀ ଏବଂ ତାଙ୍କ ପରିବାର ଲୋକଙ୍କ ଉପରେ କେସ ଦାୟର କଲେ । ପରେ ଜଣା ପଡିଲା ଯେ ମାତ୍ର ଦୁଇ ବା ତିନି ପ୍ରତିଶତ କେସ ଯୌତୁକ ନିର୍ଯ୍ୟାତନା ସତ୍ୟ ଘଟଣା କିନ୍ତୁ ୯୭ ପ୍ରତିଶତ ବିଭିନ୍ନ କାରଣରୁ ଉପୁଜିଥିବା ବିବାଦକୁ ଯୌତୁକ ନିର୍ଯ୍ୟାତନା କହି ମିଥ୍ୟା କେସ ଦାୟର କରାଯାଇଛି । ଯେକୌଣସି

ISSN NO.
2582-208X

କାରଣରୁ ମତଭେଦ ହେଲେ ବି ମହିଳାମାନେ ଧାରା ୪୯୮(ଏ) କୁ ଦୁରୁପଯୋଗ କରି କେସ ଦାୟର କରିଥିଲେ । ଯାହା ଫଳରେ ଦେଶର ଅନେକ ରାଜ୍ୟରେ ଲକ୍ଷ ଲକ୍ଷ ନିରପରାଧ ସ୍ତ୍ରୀ, ପୁରୁଷ, ବୟୋଜ୍ୟେଷ୍ଠ ବ୍ୟକ୍ତି, ଛାତ୍ର ଓ ଛାତ୍ରୀଙ୍କୁ ପୋଲିସ ବାନ୍ଧି ନେଇ ଥାନାରେ ରଖିଲେ । ଯେଉଁମାନଙ୍କୁ ଜେଲ ହେଲା ସେମାନଙ୍କ ଅବସ୍ଥା ଆହୁରି ଦୟନୀୟ ହୋଇଗଲା । ସେସମୟରେ ଏହି ସମସ୍ୟା ଯୋଗୁ ଦେଶରେ କୋକୁଆ ଭୟ ସୃଷ୍ଟି ହୋଇଥିଲା । ଶହ ଶହ ବିବାହିତ ପୁରୁଷ ନିରୁତ୍ସାହିତ ହୋଇ ଆତ୍ମହତ୍ୟା କରିଛନ୍ତି । ଏହି କେସରୁ ମୁକ୍ତ ହେବାପାଇଁ ପୋଲିସ ଥାନା ଓ କୋର୍ଟରେ ଲକ୍ଷ ଲକ୍ଷ ଟଙ୍କାର କାରୋବାର ଚାଲିଲା । କିଛି ଲୋକ ସର୍ବସ୍ୱାନ୍ତ ହୋଇଗଲେ । ଗୋଟିଏ ମାଫିଆ ରାକେଟ ଚାଲିଥିଲା । ଏନ.ସି.ଆର.ବି ରିପୋର୍ଟ ଦେଖିଲେ ଏବିଷୟରେ ବିଶଦ ବିବରଣୀ ମିଳୁଛି ।

ଏହିସବୁ ଘଟଣା ଦେଖି ଯୁବକମାନେ ବିବାହ କରିବାପାଇଁ ସତରେ ଭୟକରୁଛନ୍ତି । ବିବାହ ବୟସ ଗଡି ଯାଉଥିଲେ ମଧ୍ୟ ମନଲାଖି କନ୍ୟାଟିଏ ପାଉନାହାନ୍ତି । ବିବାହ ଜନିତ ସମସ୍ୟାରୁ ଦୂରେଇ ରହିବାପାଇଁ ଯୁବକମାନେ ଆଉ ଗୋଟିଏ ସହଜ ପନ୍ଥା ବାଛି ନେଲେଣି । ବିବାହ ନକରି ଏକ ସାଙ୍ଗରେ ଲିଭ-ଇନ ରିଲେସନରେ ରହିବା ନିରାପଦ ବୋଲି ଭାବୁଛନ୍ତି । ମଜା କଥା ହେଉଛି ଯେ ରୂଢ଼ିବାଦୀ ଓ ରକ୍ଷଣଶୀଳ ପରିବାରରୁ ଉଚ୍ଚଶିକ୍ଷା ପ୍ରାପ୍ତକରି ସହରରେ ଚାକିରୀ କରିବାକୁ ଆସିଥିବା ଅତି ମହତ୍ୱାକାଂକ୍ଷୀ, ଉଗ୍ର ଆଧୁନିକା ତରୁଣୀମାନେ ମଧ୍ୟ ଲିଭ-ଇନ ରିଲେସନକୁ ଖୋଲା ଖୋଲି ସ୍ୱୀକାର କରୁଛନ୍ତି । ବିବାହ ବନ୍ଧନରେ ବାନ୍ଧି ହୋଇ ନିଜର ନାରୀ ସ୍ୱାଧୀନତା ହରେଇବା ପାଇଁ ସେମାନେ ବି ଚାହୁଁ ନାହାନ୍ତି । ମୁଁ ଯେତେବେଳେ ଯାହା ଚାହିଁବି ଖାଇବି, ପିଇବି, ପିନ୍ଧିବି, ମୋର ମନ ପସନ୍ଦ କାମ କରିବି, ମୁଁ ଯାହାକୁ ଚାହିଁବି ପୁରୁଷ ବନ୍ଧୁ ବନେଇ ପାରିବି । ବିବାହ କରି ସ୍ୱାମୀ ନାମକଜଣେ ପୁରୁଷର ନିୟନ୍ତ୍ରଣରେ ରହିବି କାହିଁକି ? ଏହି ବିଚାର ଉଭୟ ପୁରୁଷ ଓ ସ୍ତ୍ରୀ ପାଇଁ ସ୍ୱାଧୀନତା ନାମରେ ଉଶୃଙ୍ଖଳତା ଓ ସ୍ୱେଚ୍ଛାଚାରିତା ଗୋଟିଏ ସଭ୍ୟ ସମାଜ ପାଇଁ ନିଶ୍ଚିତ ଭାବେ କ୍ଷତିକାରକ । ନିଜର ବିଚାର ପରିବର୍ତ୍ତନ କରି ସ୍ୱାମୀ ଓ ସ୍ତ୍ରୀ ବଦଳରେ ଯଦି ପରସ୍ପର ଜୀବନ ସାଥି ବୋଲି ଭାବିବେ ତେବେ କେହି କାହାର ଅଧୀନରେ ରହିବେ ନାହିଁ ।

ISSN NO.
2582-208X

ସ୍ୱାମୀ ବା ସ୍ତ୍ରୀ ଠାରୁ ଛାଡପତ୍ର ପାଇବାପାଇଁ ଭାରତୀୟ ସମ୍ବିଧାନରେ ସହଜ ଉପାୟ ନାହିଁ । ବର୍ଷ ବର୍ଷ ଧରି କୋର୍ଟ କଚେରୀକୁ ଦୌଡ଼ିବାକୁ ପଡିବ । ଅଯଥା ଗୁଡ଼ାଏ ଟଙ୍କା ଖର୍ଚ୍ଚ ହେବ, ମାନସିକ ଦୁଃଶ୍ଚିନ୍ତା ବଢିବ । ତାହା ଏକ ଅଲଗା ଦୁଃଖ । ଲିଭ-ଇନ ରିଲେସନରେ ସେହି ସବୁ ସମସ୍ୟା ନାହିଁ । ନିଜ ଘର ଓ ପରିବାରଠାରୁ ଦୂରରେ ରହୁଥିବାରୁ ସେମାନେ ନିଜର ଉଚ୍ଛୃଙ୍ଖଳ, ଅସାମାଜିକ ଓ ଅନୈତିକ ସମ୍ପର୍କକୁ ଲୁଚାଇ ରଖିବା ଖୁବ ସହଜ ହେଉଛି । ମହିଳା ଗର୍ଭବତୀ ନହେବାପାଇଁ ଦୁହେଁଯାକ ସତର୍କତା ଅବଲମ୍ବନ କରି ଯେତେଦିନ ମନମିଶିବ ସାଙ୍ଗରେ ରହିବେ, ଯେଉଁଦିନ ମତପାର୍ଥକ୍ୟ ହେବ ଦୁହେଁ ଅଲଗା ହୋଇଯିବେ । ଲିଭ-ଇନ ରିଲେସନରେ ରହୁଥିବା ଆଧୁନିକ ଯୁବକ ଓ ଯୁବତୀଙ୍କ ମନରେ କୌଣସି ଗ୍ଲାନି ବା ଅପରାଧବୋଧ ନଥାଏ । ଏପରିକି ନୀତି ସକାଳେ ସନ୍ଧ୍ୟାରେ ପୂଜା ପାଠ କରୁଥିବା କଟ୍ଟର ଧାର୍ମିକ ଓ ଅନ୍ଧବିଶ୍ୱାସୀ ଯୁବକ ଓ ଯୁବତୀଙ୍କ ମନରୁ ବିବାହ ପୂର୍ବରୁ ଅନୈତିକ ଯୌନାଚାର କଲେ ପାପ ହେବାର ଭୟ ମଧ୍ୟ ଦୂର ହୋଇଗଲାଣି । ଆଜିକାଲି ସହରମାନଙ୍କରେ ଏହାର ପ୍ରଚଳନ ବହୁତ ଚାଲିଛି । ଗତ ୨୦୧୦ ମସିହାରେ ମାନ୍ୟବର ସୁପ୍ରିମ କୋର୍ଟ ମଧ୍ୟ ଲିଭ-ଇନ ରିଲେସନକୁ ମାନ୍ୟତା ପ୍ରଦାନ କରିଦେଇଛନ୍ତି । ସେଥିପାଇଁ ଆଉ କାହାର ଭୟ ବି ନାହିଁ । ତଥାପି ଲିଭ-ଇନ ରିଲେସନରେ ରହୁଥିବା ଯୁବକ ଓ ଯୁବତୀ ଯଦି ପରସ୍ପର ପ୍ରତି ବିଶ୍ୱାସ ଦୃଢ଼ ହୋଇଥିବା ଅନୁଭବ କରନ୍ତି, ସେ ଦୁହେଁ କିଛି ଦିନ ପରେ ରୀତିମତ ବିବାହ କରି ଗୋଟିଏ ସଫଳ ଦାମ୍ପତ୍ୟ ଜୀବନ ଅତିବାହିତ କରୁଥିବା ଉଦାହରଣ ମଧ୍ୟ ଅନେକ ମିଳୁଛି । ଉପରୋକ୍ତ ସମସ୍ତ ତଥ୍ୟ ଓ ଉଦାହରଣ ଦେଖିଲେ ଭାରତରେ ପ୍ରାଚୀନ ଯୁଗର ଧର୍ମସମ୍ମତ ପୌରାଣିକ ବିବାହ ପ୍ରଥାଠାରୁ ସମ୍ବିଧାନ ସମ୍ମତ ଆଧୁନିକ ଯୁଗ ପର୍ଯ୍ୟନ୍ତ ବିବାହ ଗୋଟିଏ ତମାସା କିମ୍ବା ନାଟକ ଭଳି ଲାଗୁଛି। ଏତେସବୁ ସାମାଜିକ ନୀତି-ନିୟମ ଓ କାନୁନୀ ପ୍ରକ୍ରିୟା ଥିବା ସତ୍ତ୍ୱେ ଭାରତୀୟ ବିବାହ ସଂସ୍ଥା ଆଜି ମଧ୍ୟ ସଫଳ ହୋଇ ପାରୁନାହିଁ କାହିଁକି ? ବିବାହ ସଂସ୍ଥାରେ କ'ଣ ଆହୁରି କିଛି ସଂଶୋଧନର ଆବଶ୍ୟକତା ରହିଛି ?

ମୋ : ୮୧୪୭୨୦୮୭୪୬

ISSN NO.
2582-208X

# ହାରିଯିବାନି
# ଡରିଯିବାନି

ଧ୍ରୁବ ଚରଣ ଘିବେଲ୍

ଧଇର୍ଯ୍ୟ ଧରି ସାହସ ବାନ୍ଧି
ରହିବା ସବୁବେଳେ
କାମେ ଆଦର ଆଗ୍ରହ ରଖି
ବଢ଼ିବା ଧିରେ ଧିରେ ।
ବସି ନ ରହି ଥକି ନ ଯାଇ
କାମରେ ରହିଥିବା
କାମ ଅଡୁଆ ଭାବନା କେବେ
ମନରେ ନ ରଖିବା ।
କରିବା ଆଗୁ କାମର ବୋଝ
ଭାବନା ରଖି ନେଲେ
କାମ କରିବା ସହଜ ନୁହେଁ
ସରେନି କେବେ ହେଲେ ।
ଖୁସି ମନରେ କାମେ ରହିଲେ
କାମ ଲାଗେ ବଢ଼ିଆ
ସୁରୁଖୁରୁରେ କାମଟି ସରେ
ନ ରହି ଅଳସୁଆ ।
କେବେ କେମିତି କେଉଁଠି ଯଦି
ଦେଖାଦିଏ ଅଡୁଆ

ISSN NO.
2582-208X

ହାରିଯିବାନି ଡରିଯିବାନି
ଆଣ୍ଟ କରିବା ହିଆ ।
ବୁଝି ବିଚାରି ସାହସ କରି
କାମରେ ରହିଥିଲେ
ଭଲରେ ସାରି ଥିବା କାମରୁ
ସଫଳତା ହିଁ ମିଳେ ।

ବଉଦର୍‌ଜ, ଜି. ବୌଦ୍ଧ
ମୋ.9437478466

ISSN NO.
2582-208X



# ସ୍ୱାର୍ଥପର ଦୁନିଆଁ



ଶିବରାମ ଦଳେଇ

ସୁନନ୍ଦା :- ସମ୍ବିତ ତୁମେ ଏ ଚାକରଟାକୁ ଏତେ ମୁଣ୍ଡରେ ବସାଇବା କଣ ଦରକାର । ଏମିତି ରେ ସେ ବୁଢ଼ା ହେଲାଣି, ଠିକ ସେ କୌଣସି କାମ ତା ଦ୍ୱାରା ହେଇ ପାରୁନି, ଠିକ ସେ ଯିଏ ନିଜକୁ ସମ୍ଭାଳି ପାରୁନି । ସେ ଆମ ଘର କଣ ସମ୍ଭାଳିବି । ବରଂ ତା ଜାଗାରେ ଜଣେ କମ ବୟସର ଚାକରଟେ ରଖିଲେ ଆମେ ଆଉ ଆମର ଘର ସୁରକ୍ଷା ରେ ରହିବ ।

ସମ୍ବିତ :- ନାହିଁ ସୁନନ୍ଦା ତୁମେ ଜାଣିନ, ରଘୁକାକା ଏ ଘରର ଚାକର ନୁହେଁ ବରଂ ସେ ଏ ଘରର ସଦସ୍ୟ । ତୁମେ ତ ଏ ଘରକୁ ଏବେ ଏବେ ବୋହୂ ହେଇ ଆସିଛ । ତୁମେ ରଘୁକାକା ବିଷୟରେ କଣ ବା ଜାଣିଛ । କିଛି ଦିନ ଅପେକ୍ଷା କର ଦେଖିବ ସେ କେମିତି ନିଜର ହେଇଯିବେ । ଆଉ ଜାଣି ରଖ ତୁମେ ଯେଉଁ ଘରକୁ ଆମ ଘର ବୋଲି କହୁଛ, ସେ ଘର ପାଇଁ ରଘୁକାକା ର ଅବଦାନ ଅତୁଳନୀୟ । ଆଉ ଆଜି ଯେଉଁ ବିଜନେସ କୁ ମୁଁ ସମ୍ଭାଳିଛି ତାହା କେବଳ ଏ ରଘୁକାକା ପାଇଁ ସମ୍ଭବ ହେଇଛି । ହଁ ସୁନନ୍ଦା ଏ କଥା ମୁଁ କହୁନି ଏ କଥା କୁହନ୍ତି ମୋ ବାପା । ସୁନନ୍ଦା ଆଗକୁ ରଜ, ମାର୍କେଟ ରୁ ତୁମ ପାଇଁ କିଛି ସପିଙ୍ଗ କରିଥିଲି । ନେଲ ନେଲ ୟାକୁ ଭିତରକୁ ନେଇ ଯାଅ ।

ରଘୁକାକା ରଘୁକାକା ଚାହା କପେ ମିଳିବ ।

ରଘୁକାକା :- ଯାଉଛି ସାନବାବୁ ।

ISSN NO.
2582-208X

(କିଛି ସମୟ ପରେ ଚାହା କପେ ଧରି ଆସି ପହଞ୍ଚେ ରଘୁକାକା, ଆଉ ବେଞ୍ଚ ଝୁଣ୍ଟି ଚାହା କପ ହାତରୁ ଖସି ଭାଙ୍ଗିଯାଏ ।)

ସମ୍ବିତ :-ଆହାଃ !

ରଘୁକାକା :- ଭୁଲ ହେଇଗଲା ସାନ ବାବୁ । ମୁଁ ଆଉ ଥରେ ଚାହା ନେଇ ଆସୁଛି ।

ସୁନନ୍ଦା :- ଖାଲି ଭୁଲ ମାଗିଦେଲେ କଣ ସବୁ ସରିଗଲା । ଏତେ ଦାମୀ କପ ଟା ମୋର ଭାଙ୍ଗିଦେଲ । ଗୋଟେ ଆଖି ତ ନାହିଁ ତା ପରେ ତୁମ ଦ୍ଵାରା ଠିକ ସେ କୌଣସି କାମ ହେଉନାହିଁ । ତୁମେ ଏ ଘର ଛାଡ଼ି ଚାଲିଯାଉନ କାହିଁକି ?

ରଘୁକାକା :- ସେମିତି କୁହନ୍ତୁ ନାହିଁ ଝିଅ ।

ସୁନନ୍ଦା :- ଝିଅ ! ଝିଅ କଣ ମ୍ୟାଡାମ କହ । ସମ୍ବିତ ଙ୍କ ପାଇଁ କଣ କରିଦେଇଛୁ ଯେ ସେ ତୁମକୁ ମୁଣ୍ଡରେ ବସେଇଛନ୍ତି। ହେଲେ ମୁଁ ତୁମ ଭଳିଆ ଛୋଟଲୋକ ମାନଙ୍କୁ ଠିକ ଚିହ୍ନେ ।

ସମ୍ବିତ :- ତୁମେ ତୁମେ ଏ କଣ କହୁଛ ସୁନନ୍ଦା । ରଘୁକାକା ମୋ ବାପା ବୟସ ର, ପୁଣି ଆମ ଘର ସହ ତାଙ୍କର ପୁରୁଣା.......

ସୁନନ୍ଦା :-ତୁମେ ଟିକେ ଚୁପ ରହିବ । ଏଭଳି କର୍ମଠ ମାନଙ୍କୁ ମୁଁ ଭଲ ଭାବରେ ଜାଣେ । ସେମାନେ ନିଜର ଫାଇଦା ପାଇଁ ତୁମ ମାନଙ୍କୁ ଏଭଳି ଜାଲ ବିଛେଇ ଫସାନ୍ତି । ବାସ କାର୍ଯ୍ୟ ହାସଲ ପରେ ନିଜ ଘରକୁ ବାହୁଡନ୍ତି ।

ରଘୁକାକା :- ମୋର ଭୁଲ ହେଇଗଲା ଝିଅ, ନାହିଁ ମାଡାମ । ଆଗକୁ ଧ୍ୟାନ ଦେଇ କାମ କରିବି । କୌଣସି ଭୁଲ କରିବି ନାହିଁ ।

ISSN NO.
2582-208X

ସୁନନ୍ଦା :- ରହିଲେ ତ ଭୁଲ କରିବୁ । କହ ଆଜି ଯାଏ ତୋର କେତେ ଦରମା ହେଉଛି। ସିଧା ସଳଖ ସମ୍ବିତ ଙ୍କ ଠୁ ନେଇ ପଳା । ହଁ ଭବିଷ୍ୟତ ରେ ମୋ ଘର ତ ଦୂରର କଥା ମୋ ଘରର ଖଣ୍ଡେ ଦୂରରେ ବି ତୋତେ ନ ଦେଖେ ।

ସମ୍ବିତ :- ଏ କଣ ତୁମେ କହୁଛ ସୁନନ୍ଦା ? ସେ ଏ ଘରର ଜୀବନ । ତା ଛଡ଼ା ସେ ଏ ବୟସରେ ଯିବେ କୁଆଡେ ? ଜୀବନ ସାରା ଆମ ଘର ର ସୁଖ ଦୁଃଖର ସାଥି ହେଲେ । ଆମ ଛଡା ଏ ବୟସରେ କିଏ ବା ସହାୟ ହେବ ?

ସୁନନ୍ଦା :- ତୁମେ ଟିକିଏ ଚୁପ ରହିବ । କାହିଁ ଏ ଦୁନିଆରେ କଣ ବୃଦ୍ଧାଆଶ୍ରମ କମ ଅଛି ଯେ ।

ରଘୁକାକା :-ତୁମେ ଠିକ କହିଛ ମାଡାମ । ଏ ସ୍ୱାର୍ଥପର ଦୁନିଆଁ ରେ କିଏ ବା କାହାର । ଯେଉଁଠି ପୁଅ ବାପା ର ନୁହେଁ, ଭାଇ ଭାଇର ନୁହେଁ ପୁଅ ମାଆ ର ନୁହେଁ, ଭଉଣୀ ଭାଇର ନୁହେଁ । ମୁଁ ବା ଛାର ପର ଟାଏ ନିଜର ହେବି କେମିତି ?

ସୁନନ୍ଦା :- ଚାକର ହେଇ ବହୁତ ଭଲ ଅଭିନୟ କରୁଛୁ କିନ୍ତୁ ମୁଁ ତୋତେ ଭଲ ଭାବେ ଚିହ୍ନି ସାରିଛି ।

ରଘୁକାକା :-ଠିକ ହେଲା ମୋତେ ମୋର ହୋସ ଫେରେଇ ଦେଲ । ଭାବୁଥିଲି ମୁଁ ଏ ଘରର ଜଣେ ସଦସ୍ୟ ବୋଲି । ମୁଁ ଏ ଘରର ଚାକର ବୋଲି ଭୁଲି ଯାଇଥିଲି । ହଉ ଠିକ ଅଛି ଏ ଘରେ ମୋ ପାଇଁ ବୋଧେ ଏତିକି କର୍ତ୍ତବ୍ୟ ଥିଲା । ଆଉ ରହିଲା ଦରମା କଥା । ଜୀବନ ସାରା ଏ ଘରୁ ମୁଁ ଖାଇ ପିଇ ରହି ଆସିଛି କେବେ ଗୋଟେ ଟଙ୍କା ମାଗିନାହିଁ । ମୁଁ କିଛି କହିବା ଆଗରୁ ମୋ ପାଇଁ ଚାଲିଆସେ । ମୁଁ ବା କାହିଁ ଟଙ୍କା ମାଗିବି । ମୋର ବା ଟଙ୍କା କଣ ହେବ । ଏବେ ମୋତେ ବିଦାୟ ଦିଅ ।

ସମ୍ବିତ :- ରଘୁକାକା.......

ISSN NO.
2582-208X

ରଘୁକାକା :- ସାନବାବୁ, ଏ ହେଉଛି ମିଛ ମାୟାର ସଂସାର । ଏଠି କେହି ନୁହେଁ କାହାର। ହଁ ସାନବାବୁ, ୟା ଭିତରେ ମୁଁ ଭୁଲି ଯାଇଥିଲି ମୁଁ ଗୋଟେ ଚାକର । ଏତେ ବର୍ଷ ର ସେବା ଭିତରେ ଯଦି ମୋର କିଛି ତ୍ରୁଟି ଥାଏ ତେବେ ମୋତେ ଏ ଘରର ସଦସ୍ୟ ଟିଏ ଭାବି ମୋତେ କ୍ଷମା କରି ଦେବ ।

ସୁନନ୍ଦା :- ଏଇ ନେ ତୋର ଗଣ୍ଠିଲି । ସୂର୍ଯ୍ୟାସ୍ତ ପୂର୍ବରୁ ଏ ଜାଗା ଛାଡ଼ି ଚାଲି ଯାଆ । ନଚେତ ତୋ କଣା ଆଖିକୁ ବାଟ ଦିଶିବନି ।

ରଘୁକାକା :- ହଁ ମ୍ୟାଡ଼ାମ, ଜୀବନର ସୂର୍ଯ୍ୟାସ୍ତ ତ ପାଖେଇ ଆସିଛି । ଡେରି ବା କାହିଁକି କରିବି । ଆଉ ରହିଲା ମୋ ଆଖି କଣା ହେବା କଥା । ତେବେ ଶୁଣ ଯେତେବେଳେ ସମ୍ବିତ ବାବୁ ଛୋଟ ହେଇଥିଲେ, ଗୋଟେ ବଡ଼ ଦୁର୍ଘଟଣା ରେ ତାଙ୍କର ଗୋଟିଏ ଆଖି ନଷ୍ଟ ହେଇଗଲା । ସେହି ଦୁର୍ଘଟଣା ରେ ତାଙ୍କ ମାଆ ଆର ପାରିକୁ ଚାଲିଗଲେ । ବଡବାବୁ ଅଳ୍ପ କେ ବର୍ତ୍ତିଗଲେ । ଆଉ ମୁଁ ମୋର ଗୋଟିଏ ଆଖି ଓ ଦେହର କିଛି ରକ୍ତ ଦେବାରୁ ଏଇ ସାନବାବୁ ସୁସ୍ଥ ହେଲେ । ଏ କଥା ନ କହିବାକୁ ମୋତେ ବଡ଼ ବାବୁ ରାଣ ଦେଇଥିଲେ । ଯେତେବେଳେ ତୁମେମାନେ ଜାଣିବାକୁ ଚାଂହୁଛ ଏ ଆଖି ଟା ବିଷୟରେ ତେବେ ମୋ ପାଟି ଟା ଥୟ ହେଇ ପାରିଲାନି । ଉପରେ ଥାଇ ମୋତେ କ୍ଷମା କରିବ ବଡବାବୁ । ମୁଁ ତୁମକୁ କଥା ଦେଇ କଥା ରଖି ପାରିଲିନି ।

ସମ୍ବିତ :- ରଘୁକାକା (ଭେଁ ଭେଁ ହୋଇ କାନ୍ଦି ଚାଲିଥିଲା ସମ୍ବିତ )

କିଛି ସମୟ ଭିତରେ ଅଦୃଶ୍ୟ ହେଇଯାଏ ରଘୁକାକା ।

ୟା ଭିତରେ କିଛି ବର୍ଷ ବିତିଯାଇଛି । ଆଜି ସୁନନ୍ଦା ଆସିଛି ବୃଦ୍ଧାଆଶ୍ରମ ନିଜ ଜନ୍ମିତ ବାପାକୁ ଦେଖିବାକୁ । ପୁଅ ବୋହୂ ର ଦୁଃ-ବ୍ୟବହାର, ଅସହ୍ୟ ଗାଳିଗୁଲଜ ସହ୍ୟ କରି ନ ପାରି ବୃଦ୍ଧାଆଶ୍ରମ ରେ ଆଶ୍ରୟ ନେଇଛି ସୁନନ୍ଦା ର ବାପା । ସେଠି ବାପା ଙ୍କୁ ଦେଖି ବହୁତ

ISSN NO.
2582-208X

ଦୁଃଖ ପ୍ରକାଶ କରେ ଝିଅ ସୁନନ୍ଦା । ମନେ ପକାଏ ଅତୀତ ର ଘଟଣା । ବୁଝି ସାରିଛି ଏଇ ସ୍ୱାର୍ଥପର ଦୁନିଆ କୁ । ସୁନନ୍ଦା ଏଇ ସ୍ୱାର୍ଥପର ଦୁନିଆଁ ରେ ସେହି ନିଃସ୍ୱାର୍ଥପର ଲୋକଟାକୁ ମନେ ପକେଉଛି । ହଠାତ ବୃଦ୍ଧାଆଶ୍ରମ ର ମୁଖ୍ୟ ଦାୟିତ୍ୱ ରେ ଥିବା ଏକ ଆଖି ଥିବା ବୃଦ୍ଧ ଉପରେ ନଜର ପଡି ଚମକି ପଡ଼ିଲା ସୁନନ୍ଦା ।

ଲେଖନପୁର ସାଲେପୁର
ଦୁରଭାଷ :- ୯୪୩୯୯୩୭୦୭୧

ISSN NO.
2582-208X

# ମହା ଶିବ ରାତ୍ରି



ଲକ୍ଷ୍ମୀପ୍ରିୟା ବିଶ୍ୱାଳ

ହରଣ କର ମୋହର ଦୁଃଖ ରାଶି
ଜୟ ହେ ଶିବ ଶଙ୍କର ।
ରଖ ମହାଦେବ ମୁହିଁ ଭକ୍ତ ତବ
ପାଳିବି ଆଜି ଜାଗର ।।
ହର ହର ଭୋଳା ନହୋଇ ବାଉଳା
ଧର ତ୍ରିଶୂଳ ଡୁମ୍ବର ।
ରଜନୀଶ କଳା ଶିରେ ଆହେ ଭୋଳା
ପୁଣି ଜଟା ଯୁଟ ଭାର ।।
ହର ସର୍ବ ପାପ ଗଣପତି ବାପ
ଶରଣ ତବ ପୟର ।
ରଜତ ବରନ ଶିବ ଶମ୍ଭୁ ରାଣ
ଘେନ ନମନ ମୋହର ।।
ମଶକ ଠାରୁ ମଣିଷ ପରିଯନ୍ତେ
ରହିଛ ସର୍ବ ଶରୀର ।

ହାତେ ଶୋଭାବନ ତ୍ରିଶୂଳ ଡମ୍ବରୁ
କରଇ ସ୍ୱନ ମଧୁର ।।
ଦେବଙ୍କର ଦେବ ଆହେ ଭୋଳା ଶିବ
ଦନୁଜ ନାଶନ କର ।
ବଳେ ତ୍ରିପୁରା କୁ ନାଶି ତ୍ରିପୁରାରୀ
ନାମ ବହିଲ ଶଙ୍କର ।।

ମହୁ, ଆଲ,
କେନ୍ଦ୍ରାପଡ଼ା, ଓଡ଼ିଶା

ISSN NO.
2582-208X

# ଚୌବର୍ଗ ଦାୟକ



ମାଳତୀ ଦେବୀ

ମଙ୍ଗଳ ଦାୟକ ବିଶ୍ୱ ନାୟକ ।
ନବନୀତ ଚୋରୀ କରଣେ ଦକ୍ଷ ।।
ସତ୍ୟ ସନାତନ କଳା ମାଣିକ ।
ଦାମୋଦର ଚଉବର୍ଗ ଦାୟକ ।।
ରମଣୀ ରସିଆ ବ୍ରଜ ବାଳକ ।
ହରଣ କରଇ ଏ ଭବ ଦୁଃଖ ।।
ଶ୍ରୀମତୀ ପତି ସେ ବିଶ୍ୱ ପାଳକ ।
ହରେ ରାମ କୃଷ୍ଣ ନାମରେ ସୁଖ ।।
ରିଷ୍ଟ କରେ ନାଶ ସେ କଳା ମୁଖ ।
ପସରା ମେଲିଛି ଧର୍ମର ଟେକ ।।
ଯଶୋଦା ନନ୍ଦନ ବଂଶୀ ବାଦକ ।
ରଙ୍ଗା ପଦ ଯୁଗେ ମିଳଇ ମୋକ୍ଷ ।।

ପୁରୁଣା ବଜାର,ଲେ୍କାପଦା,ଆଳ,
କେନ୍ଦ୍ରାପଡ଼ା, ଓଡ଼ିଶା

ISSN NO.
2582-208X

# ତୁମ କଥା ଭାରି ମନେପଡେ



ଅଜୟ କୁମାର ରାଉତ

ଫଗୁଣ ଥାପଇ ପାଦ
ଯେବେ ଅଗଣାରେ ମୋର
ନଇଁ ଆସେ ସଞ୍ଜ
ତୁମ କଥା ଭାରି ମନେପଡେ ।
ହସ ହସ ମୁହଁ ତୁମର
ମିଠା ମିଠା କଥା,
ଢେଉ ଭଙ୍ଗେ ମୋ ମାନସ ତଟେ,
ତୁମ କଥା ଭାରି ମନେପଡେ ।
ଚହଲ୍ ପବନ
ତୁମ ମୃଦୁ ସ୍ପର୍ଶ ପରି
ମୋତେ କରେ ରୋମାଞ୍ଚିତ ।
ସତେ କ ତୁମେ ସବୁତକ
କଳ୍ପନାର ଫଗୁ ଆଣି ବୋଳଦିଅ
ସ୍ମୃତିର ତୂଳୀରେ
ତୁମ କଥା ଭାରି ମନେପଡେ ।
ମୋ ଦେହେ ଦେଇଛ ବୋଳ
ମନୋଲୋଭା ରକ୍ତିମ ଲାଳିମା
ହଜିଲ୍ ବୟେସେ ବୋଳ
ଲକ୍ଷେ ଫଗୁଣର ରଙ୍ଗ

ISSN NO.
2582-208X

ତୁମ କଥା ଭାରି ମନେପଡେ
ସଜାଇ ଦେଇଛ ମୋ ଅଙ୍ଗେ
ସଦ୍ୟ ପ୍ରସ୍ଫୁଟିତ
ପୁଷ୍ପ କୋମଳତା
ଆମ୍ବ ବଉଳର ବାସ୍ନା ନେଇ
ତୁମେ ଯେବେ ଆସ
ଅତି ସନ୍ତର୍ପଣେ
ତୁମ କଥା ଭାରି ମନେପଡେ ।

ଆଇନଜୀବୀ, କଟକ
ମୋ ୮୨୪୯୪୪୩୦୩୩

ISSN NO.
2582-208X

# ସମୁଦ୍ର



ଦିନେଶ ମେହେର

ସେଦିନ ତମେ କହିଥିଲ
"ସମୁଦ୍ର ଟିଏ ତମେ ହେଇଯାଅ,
ଯେତେକ ଜୁଆର, ପୁଣି ଭଟ୍ଟା
ତୁମ ଭିତରୁ ଜନ୍ମ ନେଇ
ବେଳାଭୂମି ଧୋଇ ନେବ,
ଧୋଇ ନେବ ସେଇ ବାଲିଘର
ଯାହାର ଆୟୁଷ କିଞ୍ଚିତ ମାତ୍ର!"

ତମେ କହିଥିଲ,
"ତମେ ଭାରି ରାଗି, ଭାରି ନିର୍ଦ୍ଦୟ,
ହୃଦୟ ର ଭାଷା ତମେ ବୁଝି ପାରନା "
ଠିକ୍ କଥା;
ମୁଁ ହୁଏତ କେବେ ନିର୍ମମ, ପୁଣି ଅତ୍ୟାଚାରୀ,
ହେଇପାରେ ଚରିତ୍ରହୀନ ନାୟକ ଟିଏ
ତୁମ କାହାଣୀ ର,
ତୁମ ଗଳ୍ପର ଅବା ତୁମର ସବୁ କବିତାର!

ISSN NO.
2582-208X

କିନ୍ତୁ ଯେଉଁଦିନ ତମେ ମତେ
ସମୁଦ୍ର ହେବାପାଇଁ ପ୍ରବର୍ତ୍ତାଇଲ
ସେଇଦିନ ଠୁ ମୁଁ ଶବ୍ଦହୀନ, ସଂଜ୍ଞାହୀନ!

ତମେ କଣ ଜାଣି ନଥିଲ ମାନସୀ ?
ଏଇ ହୃଦୟର ସଂପୂର୍ଣ୍ଣ ବିସ୍ତାରିତ କ୍ଷେତ୍ରଫଳ କେତେ,
କେବେ କଣ ମାପି ନଥିଲ ହୃଦୟ ର ପରିସୀମା କୁ
ଅବା କେବେ ବୁଡି ନଥିଲ ଏହାର ଗଭୀରତାରେ ?
ତମେ କଣ ଜାଣିନ
ଏଇ ଆଖିର ଲୁହ ଲୁଚେଇ
କେଇମିତି ଅଧରାତି ଯାଏଁ
ଅନିଦ୍ରା ହେଇ ବଞ୍ଚିବାକୁ ହୁଏ !
ତେବେ କଣ ପାଇଁ
ମୋ ଉପରକୁ ଆଙ୍ଗୁଳି ଉଠେଇ
ଦୋହୋଳେଇ ଦେଇଛ ମୋର ସମଗ୍ର ଇତିହାସ କୁ,
ବର୍ତ୍ତମାନ ମୁଁ କିଂକର୍ତ୍ତବ୍ୟଭିମୁଢ଼!
ଏବେ ତମେ କହ
ମୋର ହୃଦୟ କିପରି ହେବା ଦର୍କାର ?

ଜୁନାଗଡ଼, କଳାହାଣ୍ଡି

ISSN NO.
2582-208X

# ସୃଷ୍ଟି ରହସ୍ୟ ଏବଂ ଭୌତିକବାଦୀ ଦର୍ଶନ



ବାଲ୍ମୀକ ନାୟକ

ପୃଥିବୀରେ ଦୁଇ ପ୍ରକାର ମଣିଷ ବାସ କରନ୍ତି । ଗୋଟିଏ ଭାବବାଦୀ ଓ ଅନ୍ୟଟି ଭୌତିକବାଦୀ । ଭାବବାଦୀଙ୍କ ବିଶ୍ୱାସ, ବିଶ୍ୱ ଇଶ୍ୱରଙ୍କ ଦ୍ୱାରା ସୃଷ୍ଟି ହୋଇଛି । ଭୌତିକବାଦୀମାନେ ପ୍ରଶ୍ନ କରନ୍ତି - ଇଶ୍ୱରଙ୍କ ସ୍ୱରୂପ କ'ଣ ? ଇଶ୍ୱର ଏକ ବସ୍ତୁ ନା ଚେତନା ? ଏଥିରେ ସନ୍ଦେହ ନାହିଁ ଯେ, ଇଶ୍ୱର ଏକ କାଳ୍ପନିକ ଚେତନା ମାତ୍ର । ସେ ବସ୍ତୁ ବା ପଦାର୍ଥ ନୁହେଁ । ବସ୍ତୁ ନ ଥିଲେ, ଚେତନା ଜାଗ୍ରତ ହେବ କିପରି ? ସମସ୍ତ ଧାର୍ମିକ ବ୍ୟକ୍ତି 'ଇଶ୍ୱରଙ୍କୁ ବିଶ୍ୱାସ କରିବା, ତାଙ୍କ ଉପରେ ଆସ୍ଥା ରଖିବା ମାନବର ଏକ ଚେତନା ଭାବରେ ବିବେଚନା କରନ୍ତିଏବଂ ଭୌତିକବାଦୀ ଦର୍ଶନ ମଧ୍ୟସେମାନଙ୍କ ବିଶ୍ୱାସକୁ ଚେତନା ଭାବରେ ବିବେଚନା କରେ । ଏଥିରେ ଅନ୍ତର୍ବିରୋଧ ରହୁଛି କେଉଁଠି ? ଅନ୍ତର୍ବିରୋଧର କାରଣ ହେଉଛି-ଅଧ୍ୟାତ୍ମବାଦୀ ଲୋକମାନେ କଳ୍ପନା କରନ୍ତି ଯେ, ଇଶ୍ୱର ନାମକ ଚେତନା ପୂର୍ବରୁ ଥିଲା, ସେ ବସ୍ତୁ ଜଗତ ସୃଷ୍ଟି କରିଛନ୍ତି । ଭୌତିକବାଦୀ ଦର୍ଶନ କହୁଛି ନା, ବସ୍ତୁ ଜଗତ ପୂର୍ବରୁ ବିଦ୍ୟମାନ ଅଛି, ତଥାକଥିତ ଇଶ୍ୱରଙ୍କ ଚେତନା ପରେ ଆସିଲା । ଏବେ ପ୍ରଶ୍ନ ଉଠୁଛି ଯେ, ବସ୍ତୁ ଏବଂ ଚେତନା ମଧ୍ୟରେ କିଏ ପ୍ରଥମ ?

ଆସ୍ତିକଙ୍କ ଦୃଷ୍ଟିରେ ପ୍ରଥମେ ଚେତନା ବାବିଚାର ହିଁଜାତ ହୁଏ ଏବଂ  ୯୯% ଆସ୍ତିକ, ଯେଉଁମାନେ ଭୌତିକବାଦୀ ଦର୍ଶନ ସହିତ ପରିଚିତ ନୁହଁନ୍ତି, ସେମାନେ ଭାବନ୍ତି ଯେ, ଚେତନା ବାବିଚାର ପ୍ରାଥମିକ ଅଟେ ।ସେମାନେଏହି ବିଚାରକୁ ସିଦ୍ଧ କରିବାପାଇଁ ଯୁକ୍ତି କରନ୍ତି- "ପ୍ରଥମେ ହାଣ୍ଡି ତିଆରି କରିବାର କଳ୍ପନା କୁମ୍ଭାର ମନକୁ ଆସେ, ତାପରେ ସେ ହାଣ୍ଡି ତିଆରି କରନ୍ତି । ଯଦି କଳଶତିଆରି କରିବାର କଳ୍ପନା ତାଙ୍କ ମନକୁ ଆସେ, ତେବେ ସେ କଳଶ ତିଆରି କରନ୍ତି। ତେଣୁ ବିଚାର ପ୍ରଥମ ବୋଲି ମନେହୁଏ ।" ଏହିଭଳି

ISSN NO.
2582-208X

ଉଦାହରଣ ଦେଇ ଆସ୍ତିକବାଦୀମାନେ ଯୁକ୍ତି କରନ୍ତି-"ଯେପରି କୁମ୍ଭକାର ଏକ ହାଣ୍ଡି ତିଆରି କରିବାକୁ ଚିନ୍ତା କଲା, ତେଣୁ ସେ ହାଣ୍ଡି ବା କଳଶ ତିଆରି କଲା, ସେହିଭଳି ଈଶ୍ୱର ଏକ ଜଗତ ସୃଷ୍ଟି କରିବାକୁ ପ୍ରଥମେ ଚିନ୍ତା କଲେ, ତେଣୁ ସେ ଏକ ଜଗତ ସୃଷ୍ଟି କଲେ । ଏହି ଲୋକମାନେ ଚିନ୍ତା କରନ୍ତି ନାହିଁ ଯେ, କୁମ୍ଭାର ହାଣ୍ଡି ବା କଳଶ ତିଆରିପାଇଁ ଚିନ୍ତା କରିବା ପୂର୍ବରୁ ପୃଥିବୀରେ ମାଟି ତ ଥିଲା । ମୂର୍ତ୍ତି ଶିଳ୍ପୀମାନେ ପୂର୍ବରୁ ଥିବା ପଥରକୁ ନିହାଣ ମୁନରେ କାଟି ସଜେଇ କାଳ୍ପନିକ ଦେବୀ-ଦେବତାଙ୍କ ମୂର୍ତ୍ତି ଗଠନ କରନ୍ତି । ଅର୍ଥାତ ବସ୍ତୁ ପ୍ରଥମେ ଥିଲା । କୌଣସି ଧର୍ମସ୍ଥଳରେ ଈଶ୍ୱରଙ୍କ ଦ୍ୱାରା ନିର୍ମିତ ମୂର୍ତ୍ତି ଦେଖା ଯାଉନାହିଁ କାହିଁକି ?

ଯଦି ଜଗତ ସୃଷ୍ଟି କରିବାର କଳ୍ପନା ଈଶ୍ୱରଙ୍କ ମନରେ ଆସିଲା, ତେବେ ସେ ଜଗତ ସୃଷ୍ଟି କରିବାପାଇଁ କ୍ଷିତି, ଜଳ, ପବନ, ଗଗନ ଇତ୍ୟାଦି କେଉଁଠାରୁ ଆଣିଥିଲେ ? ଏହି ସବୁ ବସ୍ତୁ ନିଶ୍ଚୟ କୌଣସି ସ୍ଥାନରେ ଉପଲବ୍ଧ ଥିଲା । ବସ୍ତୁ ପ୍ରଥମ ଓ ବିଚାର ଦ୍ୱିତୀୟ ବୋଲି ଆହୁରି ଅନେକ ଉଦାହରଣ ଦିଆଯାଇପାରେ । ଯଥା : ନିଆଁ ପ୍ରଥମେ ଜଳିବା ପରେ ତାକୁ ନିଭାଇବାପାଇଁ ବିଚାର ପରେ କରାଯାଏ । ଶରୀରକୁ ଗରମ ଲାଗିବାର ଅନୁଭବ ପ୍ରଥମେ ଆସେ, ତାକୁ ଥଣ୍ଡା କରିବାପାଇଁ ଫ୍ୟାନ ବା ଏ.ସି ଚଲାଇବା ବିଚାର ପରେ ଆସେ । ଶରୀରକୁ ଥଣ୍ଡା ଲାଗିବାର ଅନୁଭବ ପ୍ରଥମେ ଆସେ, ତାକୁ ଗରମ ରଖିବାପାଇଁ ସ୍ୱେଟର ପିନ୍ଧିବା ବିଚାର ପରେ ଆସେ । ବର୍ଷା ହେଉଥିବାର ଅନୁଭବ ପ୍ରଥମେ ହୁଏ, ତାପରେ ଛତା ବ୍ୟବହାର କରିବା ବିଚାର ଆସେ । ବିଷଧର ସର୍ପକିମ୍ବା ହିଂସ୍ର ଜନ୍ତୁଙ୍କର ଦର୍ଶନ ପ୍ରଥମେ ହୁଏ, ତାଙ୍କୁ ମାରିବା ବା ଘଉଡାଇବା ବିଚାର ପରେ ଆସେ । ଯେକୌଣସି ବସ୍ତୁର ରୂପ ବା ଗଠନ ପ୍ରଥମେ ଦେଖାଯାଏ, ତା'ର ନାମ କରଣ ପରେ ହୁଏ । ଆପଣଙ୍କ ମନରେ ଯେଉଁ ବିଷୟରେ ଚିନ୍ତା ସୃଷ୍ଟି ହେଉଛି, ନିଶ୍ଚିତ ଭାବରେ ତା'ର ଗୋଟିଏ ଭୌତିକ ଆଧାର ରହୁଛି । ମସ୍ତିଷ୍କ ଭଳି ଗୋଟିଏ ପଦାର୍ଥ ପ୍ରଥମେ ଥାଏ, ସେଥିରେ ପରେ ବିଚାର ଜାତ ହୁଏ। ଚେତନାରୁ ମସ୍ତିଷ୍କ ସୃଷ୍ଟି ହୋଇପାରିବ ନାହିଁ, କିନ୍ତୁ ମସ୍ତିଷ୍କରୁ ଚେତନା ସୃଷ୍ଟି ହୁଏ ।ସେହିଭଳିଅସଂଖ୍ୟ ଉଦାହରଣ ଦିଆଯାଇପାରେ, ଯାହାଦ୍ୱାରା ଏହା ପ୍ରମାଣିତ ହୋଇଛି, ଭୌତିକ ପରିସ୍ଥିତି ପ୍ରଥମେ ସୃଷ୍ଟି ହୁଏ ଏବଂ ପରେ ତାସହିତ ସମ୍ବନ୍ଧିତ ଚେତନା ଉତ୍ପନ୍ନ ହୁଏ । କେଉଁଠାରେ ବିଚେତନା ପ୍ରଥମ ଏବଂ ପଦାର୍ଥ ଦ୍ୱିତୀୟ ବୋଲି ଗୋଟିଏ ବି ଉଦାହରଣ ମିଳିବ ନାହିଁ । ଚିନ୍ତା କିମ୍ବା ଚେତନାକୁ ପ୍ରାଥମିକ ଭାବରେ ବିବେଚନା କରିବା ହେତୁ, ଆସ୍ତିକମାନେ ବିଭିନ୍ନ ଭିତ୍ତିହୀନ ବିଶ୍ୱାସରେ ବୁଡିରହି ନିଜର ବହୁମୂଲ୍ୟ ସମୟ,

ISSN NO.
2582-208X

ଶକ୍ତି ଏବଂ ସମ୍ବଳ ନଷ୍ଟ କରିଥା'ନ୍ତି । ଉପରୋକ୍ତ ଉଦାହରଣଗୁ ଡ଼ିକରୁ ଆମେ ବୁଝିପାରିବା ଯେ, ଯେଉଁଠି ଯେଉଁ ପ୍ରକାର ଭୌତିକ ପରିସ୍ଥିତି ଅଛି, ଆମେ ସେହି ପ୍ରକାରେ ବିଚାର କରୁଛୁ । ଭୌତିକ ପରିସ୍ଥିତି ହେଉଛି ଚିନ୍ତନର ଉତ୍ସ । ଚେତନା ସର୍ବଦା ପଦାର୍ଥରୁ ଉତ୍ପନ୍ନ ହୁଏ, ଆମର ଭାବନା, ଚିନ୍ତାଧାରା, ଚେତନା କିମ୍ବା କଳ୍ପନାର ଉଡ଼ାଣ ଯେତେ ଉଚ୍ଚ ହେଲେ ମଧ୍ୟ ଏହା ଯେକୌଣସି ଆଧାର ବା ପଦାର୍ଥ ଉପରେ ନିର୍ଭର କରେ।ଏହି ଆଧାରରେ, ଈଶ୍ୱର ମଧ୍ୟ ଏକ ଚିନ୍ତନ ବା ଚେତନା । ଈଶ୍ୱରଙ୍କ ଜନ୍ମପାଇଁ ମଧ୍ୟ କିଛି ଭୌତିକ ଆଧାର ରହିବା ଆବଶ୍ୟକ ।ଆଧାର ବିନା କେବଳ ଈଶ୍ୱର ନୁହଁନ୍ତି, କୌଣସି ଚେତନା ଜାତ ହୋଇ ପାରିବନାହିଁ । ଏହା ପ୍ରମାଣ କରେ ଯେ, ବିଶ୍ୱ ଓ ଜଗତ ପ୍ରଥମେ, ଈଶ୍ୱରଙ୍କ ଅସ୍ତିତ୍ୱର ଧାରଣା ପରେ ଆସିଛି । ଈଶ୍ୱରଙ୍କ ସହିତ ସମ୍ବନ୍ଧିତ ଅନ୍ୟ ଆଧିଭୌତିକ ଜଗତ, ସ୍ୱର୍ଗ, ନରକ, ପୁନର୍ଜନ୍ମ ଆଦି ଚେତନା କିମ୍ବା ଚିନ୍ତାଧାରା ପୂର୍ବରୁ, ଭୌତିକ ଆଧାର ମଧ୍ୟ ପ୍ରଥମେ ରହିବା ଉଚିତ । ପ୍ରାଚୀନ କାଳରେ, ପ୍ରକୃତିର ବିଭିନ୍ନ ପ୍ରକାର ଅଦ୍ଭୁତ ଓ କରାଳ ରୂପ ଦେଖି, ସର୍ବ ଶକ୍ତିମାନ ଓ ସର୍ବ ବିଦ୍ୟମାନ ଐଶ୍ୱରୀୟ ଶକ୍ତିର କଳ୍ପନା ସୃଷ୍ଟି ହୋଇଛି ।

ପ୍ରାକୃତିକ ବସ୍ତୁଗୁଡିକ ଯଥା : ଭୂମିରେ ତେଜ ଗତିରେ ଦୌଡ଼ି ପାରୁଥିବା ପଶୁଙ୍କୁ ଦେଖି ମଣିଷ ଯାନବାହାନ ତିଆରି କରିବା ପାଇଁ କଳ୍ପନା କଲା । ଆକାଶରେ ଉଡୁଥିବା ପକ୍ଷୀ ଦେଖି ଉଡ଼ାଜାହାଜର କଳ୍ପନା କଲା । ପାଣିରେ ପହଁରି ଯାଉଥିବା ମାଛକୁ ଦେଖି ନୌକା, ପାଣି ଜାହାଜ ଆଦି ତିଆରି କରିବା କଳ୍ପନା କଲା । ଅର୍ଥାତ ଅଲୌକିକ ଜଗତର ସମସ୍ତ ଜିନିଷ, ଲୌକିକ ଜଗତର ନକଲ କହିଲେ ଭୁଲ ହେବ ନାହିଁ । ଶେଷରେ ଏତିକି କୁହାଯାଇ ପାରିବ ଯେ, ଲୌକିକ ଜଗତ ପ୍ରଥମରୁ ବିଦ୍ୟମାନ ଥିଲା, ଅଲୌକିକ ଜଗତର କାଳ୍ପନିକ ସ୍ୱର୍ଗ, ମର୍ତ୍ତ୍ୟ, ପାତାଳ, ନରକ, ଦେବୀ-ଦେବତା ଇତ୍ୟାଦିର ବିଚାର ପରେ ସୃଷ୍ଟି ହୋଇଛି ।

ମୋ : ୯୪୮୨୦୧୭୨୭୦

ISSN NO.
2582-208X

# ମା ମାରକମା ଯୁଦ୍ଧ ମହିମାମୃତ



ପ୍ରଦୀପ କୁମାର ଜିଲିକାର୍

(ଆଦିକବି ସାରଳା ଦାସଙ୍କ ଚଣ୍ଡୀ ପୁରାଣ ଆଧାରିତ)
ରାଗ - କାମୋଦୀ

ବନ୍ଦଇ ମାରକମା ତୋ ଭଗ୍ନୀ କରକମା
ଚଣ୍ଡୀ ଯୁଦ୍ଧରେ ଥିଲୁ ରହି
ବିଷମକଟକରେ ବିରାଜୁ ଛଟକରେ
ମହିମା କେ ପାରିବ କହି
ଗୋ ମାରକମା, ଅପରାଜିତା ଦୁର୍ଗାଦେଶେ
କରାଳୀ ରଣପ୍ରିୟା ବେଶେ
ସେ କଥାକୁ କିଞ୍ଚିତ ମନାସେ ଲୟ ଚିତ୍ତ
ହୋଇଣ ତୋର ପାଦ ଦେଶେ । -୧

ଭାଲୁ ବଦନୀ ଚଣ୍ଡୀ ଗଣଙ୍କ ଥାଟ ମଣ୍ଡି
ସେ ଥାଟେ ହେଲୁ ସେନାପତି
କ୍ଷୁଧାତୁର ହୋଇଣ ଯାତୁଧାନ ସଇନ୍ୟ
ଭକ୍ଷଣ କଲୁ କାଳରାତ୍ରୀ
ଗୋ ମାରକମା, ବକାସୁରର ଅନିକିନୀ

ISSN NO.
2582-208X

ବଳକୁ ସମରେ ତୁ ଜିଣି
ଗିଳିଲୁ ଦେଖାଇଲେ ନୀଳକଣ୍ଠ ମହିଳେ
ଲକ୍ଷ ଲକ୍ଷଙ୍କୁ ଗଣି ଗଣି । -୨

ଦେବେ ଚାହିଁ ଗାରିମା ତୋହର ମାରକମା
ଏଲମା ପୋଲମା କୋଠାରୀ
ଭକ୍ଷିଲ ଅଶୀ ଲକ୍ଷ ପ୍ରକାଣ୍ଡ ଯୋଦ୍ଧା ରକ୍ଷ
ମିଳିଣ ତୁମ୍ଭେ ଦେବୀ ଚାରି
ମା ମାରକମା, ଧଙ୍କାସୁରକୁ ରଣ ରଙ୍ଗେ
ପାଦ ଭିଡ଼ି ପୁଲମା ସଙ୍ଗେ
ଦୁଇ ଫାଳିଆ ଚିରି ଦେଲଟି ତାକୁ ଗିଳି
ସେ ଅଧା ତୁମ୍ଭେ ଅଧା ଅଙ୍ଗେ । -୩

କଲ ଭୀଷଣ ଯୁଦ୍ଧ ହୋଇଣ ମହାକ୍ରୋଧ
ତ୍ରୟମ୍ବକାସୁର ସଙ୍ଗତେ
ବାମ କରେ ତ୍ରିଶୂଳ ଦକ୍ଷିଣେ କରବାଳ
ବଜ୍ର ଶକତ ଯଷ୍ଟି ହସ୍ତେ
ଗୋ ମାରକମା, ହସ୍ତୀ ପୃଷ୍ଠରେ ବିଜେ କରି
ଲହ ଲହ ରସନା କରି
ପରବତ ଆକାର ତ୍ରୟମ୍ବକା- ଅସୁର
ସମାନେ କାୟାକୁ ବିସ୍ତାରି । -୪

ବ୍ରହ୍ମାଣ୍ଡକୁ ବିସ୍ତାର କଲା ତୋହ ଶରୀର
ମହିମା ଏବେ ପ୍ରକାଶିଲୁ
ରଣ ରଙ୍ଗରେ ମାତି ତ୍ରୈମ୍ବକାସୁର ଛାତି
ପରେ ବଜ୍ରଶୂଳ ପିଟିଲୁ
ଗୋ ମାରକମା, ସେହି ଶୂଳକୁ ବଳାତ୍କାରେ
ଛଡ଼ାଇ ପିଟିଲା ତୋହରେ

ISSN NO.
2582-208X

ଫାଟିଲା ତ ଲଲାଟ ଦାନବ ସୈନ୍ୟ ରାଟ
ଗର୍ଜିଲା ବଢ଼ାଇ କ୍ରୋଧରେ। -୫

ବାମ ହସ୍ତର ଶୂଳ ତାହାର ଏଡ଼େ ବଳ
ପତିତ ହେଉ ଚୂର୍ଣ୍ଣ ଧର
ବାଜି ତୋହର ଶିରେ ବଜ୍ରଶୂଳ ମହୀରେ
ଭାଙ୍ଗି ପଡୁ ସେହି ଅସୁର
ଗୋ ମାରକମା, ଆନନ୍ଦ ହୋଇଲା ବହୁତ
ହୋଇଲା ତମେ ଉତପାତ
ବଜ୍ର ମୁଦ୍ଗର ନେଇ ମହା ଶକ୍ତେ ପ୍ରହାରି
ତୋ ଦେହେ କରିଲା ଆଘାତ। -୬

ସେହି ଆଘାତ ଘାତ ନ ସହି ମହୀ ମାତ
କମ୍ପିଲା ହୋଇ ଥରହର
ମାତ୍ର ତୋହର ଦେହ କଠୋର ଯେହ୍ନେ ଲୋହ
ଚୂର୍ଣ୍ଣ ଯେ ହୋଇଲା ମୁଦ୍ଗର
ଗୋ ମାରକମା, ପୁଣି କପଟେକକୁ ନେଇ
ପିଟିଲା ଦେବୀ ତୋର ଦେହୀ
ଲୁହା କବଚ ତୋର ହୋଇଣ ଗଲା ଚୂର
ସହିଲୁ ଘାତ ଶକ୍ତ ହୋଇ। -୭

ତ୍ରମ୍ବକା ରକ୍ଷ ରାଣ ପ୍ରହାରୁ ବହ୍ନି ବାଣ
ଲିଭିଲା ବାଜି ଦେବୀ ଅଙ୍ଗେ
ସହସ୍ର ଭାର ଗଦା ବେନିକୁ ନେଇ ଯୋଦ୍ଧା
ପିଟିଲା ପୁଣି ମହା ରାଗେ
ଗୋ ମାରକମା, ପଞ୍ଜରା କାଠି ପ୍ରାୟେ ଦୁଇ
ଗଦା ଉଡ଼ିଲା ବାଜି ଦେହୀ
ମହା ମନ୍ଦର ଚୂର୍ଣ୍ଣ ହେଲା ପ୍ରକାରେ ଚୂର୍ଣ୍ଣ
ହୋଇଲା ସେହି ଗଦା ଦୁଇ। -୮

ISSN NO.
2582-208X

ତିନି ପ୍ରହର ରାତ୍ରି ଯାକେ ସୁବର୍ଣ୍ଣ ଗାତ୍ରୀ
ତାହାର ସଙ୍ଗେ କଲୁ ଯୁଦ୍ଧ
ରାତ୍ର ଦିବସ ପ୍ରାୟେ ଦିଶିଲା ମହାମାୟେ
ଘର୍ଷଣୁ କୁନ୍ତ ଯାଠୀ ମାଡ଼
ଗୋ ମାରକମା, ଶତ ଶତ ପ୍ରହାର କରୁ
ତାହାର ଘାତକୁ ସହିଲୁ
ସମ୍ରାନ୍ତେ ଶୂନ୍ୟ ହେଉ କୃପାଣ ଯମକାଉ
ଅସୁର ବକ୍ଷେ ପ୍ରହାରିଲୁ। -୯

ଡାକିନୀ ଡାକହକା ଅସୁରେ ଦେଲୁ ଦକା
ମାତ୍ର ଖଣ୍ଡା ନ ବାଜି ଦେହେ
ଘୁଞ୍ଚିଲା ସେ ଅସୁର କବଳ କରି ଶିର
ଚାପିଲୁ ତୁଣ୍ଡ ମହାମାୟେ
ଗୋ ମାରକମା, ତ୍ରୈମ୍ବକାସୁର ସେହି କ୍ଷଣି
ମରିଲା ଦେବୀ ନାରାୟଣୀ
ଝରିଲା ତୁଣ୍ଡୁ ରକ୍ତ ଭକ୍ଷଣ କଲୁ ମାତ
କରିଲୁ ପାନ ରକ୍ତ ପାଣି। -୧୦

ଉଲ୍ଲାସ ହେଲା ମହୀ ପୁଣି ଦେବଗଣ ହିଁ
ସୁମନେ ସୁମନ ବର୍ଷିଲେ
ବିଶ୍ୱ ରୂପ ତୋହର ହୋଇ ଆନନ୍ଦ ଭର
ସର୍ବେ ନେତ୍ରରେ ଦରଶିଲେ
ଗୋ ମାରକମା, ବିଶାଳାକ୍ଷୀ ହର ପ୍ରମଦା
ଚଉଦ ବ୍ରହ୍ମାଣ୍ଡ ବରଦା
ଆହେ ରଣ ନିପୁଣା ବିମୋହନ ପ୍ରବୀଣା
ପ୍ରଜ୍ଞାନେ ସମ କି ଶାରଦା। - ୧୧

ISSN NO.
2582-208X

ତ୍ରୈମ୍ବକା ସୈନ୍ୟ ବଳ ତିନି କୋଶକୁ ମାଳ
ପଞ୍ଚଦଶ ଅକ୍ଷଣୀ ଜାଣ
ପଞ୍ଚଷଠି ସସରେ ଗଦା ମୁଦ୍ଗର କରେ
ମକ୍ଷିକା ପ୍ରାୟେ ଭଣଭଣ
ଗୋ ମାରକମା, ବିନ୍ଧ୍ୟ ଗିରି ଶିଖରୁ ଡେଇଁ
ପିଟିଲୁ ଯା' ଆୟୁଧ ନେଇ
ଲାଗିଲା ନବ ଘଡ଼ି ଗିଳିଲୁ ଗର୍ଭେ ପଡ଼ି
ଶିଖରୁ ଯଥା ଝରି ନଈ। -୧୨

ଅଣ୍ଟିଲା ନାହିଁ ମୁଣ୍ଡ ଚୋବାଇ ଗୁଣ୍ଡ ଗୁଣ୍ଡ
ଖଣ୍ଡ ଖଣ୍ଡ ଝୁଣିଲୁ ହାଡ଼
ଶବଦ କଡ଼ମଡ଼ ବିକଳେ ପଡ଼ ପଡ଼
କୁକୁଡ଼ା ମୋଡ଼ା ପ୍ରାୟେ ଗୋଡ଼
ଗୋ ମାରକମା, ରକତ ବିନ୍ଦୁଏ ନ ଛାଡ଼ି
ଗିଳିଲୁ ହାଡ଼ ମାଂସ ମୋଡ଼ି
ଏକା ଥରକେ ଲକ୍ଷ କୋଟି ହଜାର ରକ୍ଷ
ଗିଳିଲୁ ମୁଖକୁ ବିସ୍ତାରି। - ୧୩

ଅଷ୍ଟ ଅଧିକ ବିଂଶ ମହାବଳୀ ରାକ୍ଷସ
ଅଷ୍ଟ ଅଧିକ ବିଂଶ ମାୟୀ
ଚର୍ଚ୍ଚିକା ସମଲାଇ ଉଗ୍ରତାରା କାମାଇ
ତରାଇ ଜରାଇ ବରାହୀ
ଗୋ ମାରକମା, ରଣରେ ପଶି ଜଣେ ଜଣେ
ଜଣ ଜଣେ ଭକ୍ଷିଲ କ୍ଷଣେ
ଦନୁଜ ଉର୍ଦ୍ଧ୍ୱକେଶ ଏକ ପଦ୍ମ ରାକ୍ଷସ
ସହିତ ଯୁଝିଥିଲୁ ଜଣେ। - ୧୪

ISSN NO.
2582-208X


କାଳବିମୋଚନର ଛେଦିଲୁ ଦକ୍ଷ କର
ବୋଇଲେ ଦୁର୍ଗା ହାଣେ ହାଣେ
ମୈଷାସୁର ଆଗତ ରଣ ଭୂମେ ହେଉ ତ
ଚେତାଇ ଦେଲୁ ଦେବୀ ଗଣେ
ମା ମାରକମା, ଦୁର୍ଗା ବଧୁ ମହିଷାସୁର
ବସିଲ ମାଡ଼ି ତା ବକ୍ଷର
ଡାକିନୀ ପିଶାଚୁଣୀ କାତ୍ୟାୟନୀ ଯୋଗିନୀ
ବିସର୍ଜୁ ଜୀବନ ତାହାର। - ୧୫

ଜୟ ମା ମାରକମା ଗୋଲୋମା ଗୋ ଏଲମା
ଭୁବନେଶ୍ୱରୀ ଗୋ ତ୍ରିପୁରା
ରାମଚଣ୍ଡୀ ଚର୍ଚ୍ଚିକା ଭୈରବୀ ମା ଅମ୍ବିକା
କୋଠାରୀ ଚଣ୍ଡୀ ଉଗ୍ରତାରା
ଗୋ ମାରକମା, ମେଳ ହୋଇ ଅସୁର କୁଳ
ବୃଦ୍ଧରୁ ବନିତା ଆବାଳ
ବ୍ରହ୍ମାଣ୍ଡ ଚତୁର୍ଦ୍ଦଶ ମୋହିନୀର ଆଦେଶ
କ୍ରମରେ ଖୋଜି ଖୋଜି ଗିଳ। -୧୬

ଶାରଳା ଚଣ୍ଡୀ ଯୁଦ୍ଧ କଥାରେ ଜୟ ବୁଧ
ବୁଦ୍ଧି ବର୍ଦ୍ଧନା ମାରକମେ
ସାରଳା ଦାସ ଯାର ଚରଣ ପରିଚାର
ଭର୍ସନା କଲୁ କରକମେ
ଗୋ ମାରକମା, ଭଦ୍ରରାଜ ଶୂଦ୍ରସିଂହ ତ
ପୟରେ ଶରଣ ସତତ
ନ୍ୟାୟବନ୍ତା ଜନନୀ ଶୋକଚୟ ହନନୀ
ପ୍ରଦୀପ ତ ପାଦେ ନିୟତ। - ୧୭

ISSN NO.
2582-208X

# ଅଫେର୍ ଦିନ



ପୁରିତ ରଣା

ସମୟ ଥିଲା ଦିନେ ଅନ୍ଧାରକୁ ଲାଗୁଥିଲା ଡର
ଆଜିକାଲି ରାତି କିନ୍ତୁ ଲାଗେ ଭାରି ନିଜର ନିଜର ।
ସେଦିନ ରାତି ସପନ ଥିଲା କଳ୍ପନା ମିଶା ବାସ୍ତବ
ଆଜି କାଲି ରାତି ସପନ ହେଉଛି ଆବେଗର ବିସାଦ ।
କଳ୍ପନା ମିଶା ସେଇ ବାସ୍ତବରେ ଥିଲା ମିଠା ସପନର କଥା
ଆଜିକାଲି କିନ୍ତୁ ସେଇ ମିଠା ସପନ ଲାଗେ କାହିଁ ଏତେ ଫିକା ଫିକା ।
ସେ ଦିନ ଜୀବନଟା ଖୁବ୍ ନିରୀହ ଥିଲା ଟିକେବି ନଥିଲା ଛଳନା
ଆଜି ଏ ମନ ଭାରି ଚଞ୍ଚଳ ସ୍ୱପ୍ନକୁ ଛଡେଇ ନିଏ ସିନା
ହେଲେ ଆଉ ସେ ଦିନଫେରି ଆସେନା ।

ଜାମପଡ଼ା, ବଲାଙ୍ଗୀର
ମୋ - ୬୩୭୧୯୧୬୨୦୩

ISSN NO.
2582-208X

# ଶାଲ୍ୱ ଓ ଦନ୍ତବକ୍ର ବଧ



ନରେନ୍ଦ୍ର ପ୍ରସାଦ ବେହେରା

ଭାଗବତ କଥା.......୧୭

ଶ୍ରୀ ଶୁକଦେବ କହିଲେ, ନାରାୟଣଙ୍କର ଦ୍ୱାରରକ୍ଷୀ ଜୟ ବିଜୟ ସନକାଦି ଋଷିମାନଙ୍କର ଅଭିଶାପ ଯୋଗୁଁ ତିନିଥର ଏହି ପୃଥିବୀରେ ଜନ୍ମଗ୍ରହଣ କରିଥିଲେ । ପ୍ରଥମେ ହିରଣାକ୍ଷ ଓ ହିରଣ୍ୟକଶିପୁ, ଦ୍ୱିତୀୟ ଜନ୍ମରେ ରାବଣ ଓ କୁମ୍ଭକର୍ଣ୍ଣ ଏବଂ ତୃତୀୟ ଜନ୍ମରେ ଶିଶୁପାଳ ଓ ଦନ୍ତବକ୍ର ହୋଇ ଜନ୍ମହୋଇଥିଲେ ।

ରୁକ୍ମିଣୀ ବିବାହ ସମୟରେ ଶିଶୁପାଳର ବନ୍ଧୁ ଶାଲ୍ୱ ମଧ୍ୟ ଶ୍ରୀକୃଷ୍ଣଙ୍କ ଦ୍ୱାରା ଅପମାନିତ ହୋଇଥିଲା । ତେଣୁ ସେ ତପସ୍ୟା କରି ପ୍ରତିଶୋଧ ନେବା ଉଦ୍ଦେଶ୍ୟରେ ନାନା ପ୍ରକାର ମାୟାବୀ ବିଦ୍ୟା ହାସଲ କରିଥିଲା । ସେ ପ୍ରତିଦିନ ମୁଠାଏ ଧୂଳି ଖାଇ ମହାଦେବଙ୍କୁ ତପସ୍ୟାରେ ସନ୍ତୁଷ୍ଟ କରିଥିଲା, ଯେଉଁଥିରେ ବସି ସେ ନିଜ ଇଛାନୁସାରେ ଯେକୌଣସି ସ୍ଥାନକୁ ଯାଇପାରୁଥିଲା । ଥରେ ସେ ତାର ମାୟାବୀ ବିଦ୍ୟା ପ୍ରୟୋଗ କରି ଅବିକଳ ଶ୍ରୀକୃଷ୍ଣଙ୍କ ପିତା ବସୁଦେବ ସୃଷ୍ଟି କରି ଶ୍ରୀକୃଷ୍ଣଙ୍କ ସାମନାରେ ତାଙ୍କୁ ହତ୍ୟା କଲା । ଶ୍ରୀକୃଷ୍ଣ ନିଜ ପିତାଙ୍କୁ ହତ୍ୟା କରାଯିବା ଦେଖି ପ୍ରଥମେ ଚିନ୍ତିତ ହୋଇପଡିଲେ କିନ୍ତୁ ପର ମୂହୁର୍ତ୍ତରେ ସେ ଜାଣି ପାରିଲେ ମୃତ ବ୍ୟକ୍ତିଟି ମାୟା ବସୁଦେବ । ଶାଲ୍ୱ ଯେଉଁ ଆକାଶ-ଯାନରେ ଆସି ଏପରି ଭେଳିକି ଲଗାଇଥିଲା, ଶ୍ରୀକୃଷ୍ଣ ସେହି ଯାନ ମଧ୍ୟରୁ ଶାଲ୍ୱକୁ ଟାଣି ଆଣି ସୁଦର୍ଶନ ଚକ୍ରରେ ତାର ମସ୍ତକ ଛେଦନ କରିଥିଲେ ।

ISSN NO.
2582-208X

ଶିଶୁପାଳର ଆଉ ଜଣେ ବନ୍ଧୁ ଥିଲେ ରାଜା ଦନ୍ତବକ୍ର । ଶାଲ୍ୱ ସହିତ ମଧ୍ୟ ତାଙ୍କର ବନ୍ଧୁତା ରହିଥିଲା । ଶିଶୁପାଳକୁ ସଂସାରରୁ ବିଦାୟ କରି ଦିଆଗଲା । ଶାଲ୍ୱକୁ ମଧ୍ୟ ସେହି ଦଶା ଭୋଗିବାକୁ ହେଲା । ଏସବୁ ଦେଖି ଦନ୍ତବକ୍ର ଶ୍ରୀକୃଷ୍ଣଙ୍କ ଉପରେ ଅତ୍ୟନ୍ତ କ୍ରୋଧାନ୍ୱିତ ହୋଇଥିଲା । ଦିନେ ଶ୍ରୀକୃଷ୍ଣଙ୍କୁ ମାରିଦେବା ପାଇଁ ସେ ଗୋଟିଏ ଗଦା ଧରି ଆକ୍ରମଣ କଲା। ସେ ଶ୍ରୀକୃଷ୍ଣଙ୍କ ସମ୍ମୁଖକୁ ଆସି ତାଙ୍କ ମୁଣ୍ଡକୁ ଗଦା ଦ୍ୱାରା ଖୁବ ଜୋରରେ ଆଘାତ କରିବାରୁ ଶ୍ରୀକୃଷ୍ଣ ତତକ୍ଷଣାତ ତାଙ୍କର ବିଷ୍ଣୁ ରୂପର କୌମୋଦକୀ ଗଦାକୁ ଆହ୍ୱାନ କରି ତଦ୍ୱାରା ଦନ୍ତବକ୍ରର ବକ୍ଷକୁ ବିଦୀର୍ଣ୍ଣ କରିଦେଲେ । ଦନ୍ତବକ୍ର ରକ୍ତବାନ୍ତି କରି ପ୍ରାଣ ତ୍ୟାଗ କଲା । ଶ୍ରୀକୃଷ୍ଣଙ୍କୁ ନିଜର ଶତ୍ରୁବୋଲି ଭାବି ଅହରହ ତାଙ୍କରି କଥା ଚିନ୍ତା କରୁଥିବାରୁ ଶିଶୁପାଳ ପରି ଦନ୍ତବକ୍ରର ମୃତ ଶରୀରରୁ ମଧ୍ୟ ଏକ ସୂକ୍ଷ୍ମଜ୍ୟୋତି ବାହାରି ଶ୍ରୀକୃଷ୍ଣଙ୍କଠାରେ ପ୍ରବେଶ କଲା ।

ଏହିପରି ଭାବରେ ଶିଶୁପାଳ ଓ ଦନ୍ତବକ୍ରର ଦେହତ୍ୟାଗ ସଙ୍ଗେ ସଙ୍ଗେ ବୈକୁଣ୍ଠବାସୀ ଜୟ ବିଜୟର ଅଭିଶପ୍ତ ଜୀବନର ପରିସମାପ୍ତି ଘଟିଥିଲା ।

ଆଳଦା, ଖଇରା ,ବାଲେଶ୍ୱର

ISSN NO.
2582-208X

# ମମତାର ଡୋର



ଅଧ୍ୟାପିକା ରୋଜାଲିନ ବାରିକ୍

ସ୍ନେହ ପ୍ରୀତି ଭୟ ଭକ୍ତି ମମତାର ଡୋର ।
ଯୁଗେ ଯୁଗେ ନାରୀ ସିନା ପ୍ରତୀକ ଏ ହାର ।।
ସେବା ହିଁ ପରମ ଧର୍ମ କର୍ତ୍ତବ୍ୟ ଯାହାର ।
ସ୍ୱଚ୍ଛ ନିର୍ମଳ ନିର୍ମାୟା ନାରୀର ଅନ୍ତର
ଭୁକ୍ତି ମୁକ୍ତି ପ୍ରଦାୟିନି ସାରା ଜଗତର
ଜଗନ୍ମାତା ବିଶ୍ୱ ତ୍ରାତା ନାନା ରୂପ ତାର ।।
ନାରୀ ବାଣୀ କମଳିନୀ ଜାୟା ବିଷ୍ଣୁଙ୍କର ।
ନାରୀ ପରା ନାରାୟଣୀ ଜଗତର ସାର ।।
ନାରୀ ରୁଦ୍ରାୟଣି ନାରୀ ବ୍ରହ୍ମାଣୀ ଆବର ।
ନାରୀ କନ୍ୟା ରୂପା ଜନନୀ ପତ୍ନୀ ସୁନ୍ଦର ।।
ବ୍ରହ୍ମାଣ୍ଡ କାରଣ ନାରୀ ସ୍ରଷ୍ଟା ଏ ବିଶ୍ୱର ।
ବିନା ନାରୀରେ ସଂସାର ଅପୂର୍ଣ୍ଣ ଅସାର ।।

ଗ୍ରାମ ମହୁ, ପୋଷ୍ଟ ମହୁ,
ଭାୟା ନମୌଜା,କେନ୍ଦ୍ରାପଡ଼ା
ମୋ।9938501102

ISSN NO.
2582-208X

# ଶ୍ରୀହରି



ସମ୍ପଦା ଦେବୀ

ହରି ସର୍ବମୟ କର୍ତ୍ତା ମୁକୁନ୍ଦ ମୁରାରୀ
ହରି ସ୍ମରଣ କୀର୍ତ୍ତନ ସର୍ବପାପ ହାରି
ହରି ସୁରେଶ ରମେଶ ଭବ ଭୟ ହାରୀ।
ହରି ଅନ୍ତର୍ଯ୍ୟାମୀ ସର୍ବ ଘଟେ ଅଛି ପୁରି ।।
ହରି ଶ୍ରୀ ପୁଣ୍ଡରିକାକ୍ଷ ହରି ଦଇତାରୀ
ହରି ନାମ ଚିନ୍ତନରେ ଯମ ଯାଏ ଡରି ।।
ହରି ବ୍ରହ୍ମାଣ୍ଡ ନାୟକ ଦେବ ମଧୁହାରି
ହରି ଜଗତ ପାଳକ ଶଙ୍ଖ ଚକ୍ର ଧାରୀ ।।
ହରି ନାମ ଅଟେ ଏକା ଭବ ସିନ୍ଧୁ ତରୀ ।
ହରି ଭକତ ବତ୍ସଳ ବୈକୁଣ୍ଠ ବିହାରୀ
ହରି ହରି ସୁପ୍ରଭାତେ ଗାଅ ନର ନାରୀ ।
ହରି ମୁକ୍ତିଦାତା କ୍ଷୀରସାଗର ବିହାରୀ ।।

ଆଳ, କେନ୍ଦ୍ରାପଡା

ISSN NO.
2582-208X

# ପୁରୁଷପିଲ୍ ହେବୁ କେମିତି

ସଞ୍ଜୟ ରାଉଳ

ସବୁକିଛିକୁ ଛାତିରେ ଜାବୁଡ଼ି ଧରରେ ମଦନା
ସବୁକିଛି ଯଦି କହିବୁଲିବୁ ତେବେ
ତୁ ପୁରୁଷପିଲା ହେବୁ କେମିତି ।
କଷ୍ଟକୁ ଦେଇ ସୁଖ ଖୋଜିଲେ
ଧାନ ବିକି ଚାଉଳ ଖୋଜିବା ଭଳି ହେବ ।
ଆ ଦୂର ରାଇଜକୁ ଯିବା ସେଠାରେ
କଷ୍ଟ ଖାଲି କଷ୍ଟ ଥିବ,
ଲୁହ ସହ ଲୁହାକୁ ଦେଖିବୁ ସେଠି ।
ସେଇଭଳି ହେବୁ, ତାଙ୍କ ଭଳି ଖଡ଼ି ମଡ଼େଇବୁ ।
ସକାଳେ ସୂର୍ଯ୍ୟ ଭଳି ଜଳି ରାତିରେ ଚନ୍ଦ୍ର ପରି ହସୁଥିବୁ
ନହଲେ ତୁ ପୁରୁଷପିଲା ହେବୁ କେମିତି ।
ଯେଉଁ ଦିନୁ ତୋ ମୁଣ୍ଡକୁ ହାତ ପାଇଲା
ସେଦିନୁ କେହି ଜଣେ ରିଟ୍ରାଏଡ଼ ହେବାକୁ ଭାବିଲା
ତାକୁ ତୁ ତାର ପ୍ରାପ୍ୟରୁ ବଞ୍ଚିତ କର ନା ରେ ।
ଆ ଦେଖିବୁ ଆ ଚୁଲି ମୁଣ୍ଡେ ନଳ ଫୁଙ୍କୁ ଫୁଙ୍କୁ
କେତେ ଧୂଆଁ ପିଇଦେଇଛି ତୋ ବୋଉ
ଆଞ୍ଚର ନିଆଁରେ ମୁହଁକୁ ସିଜେଇ ଦେଇଛି କେବେଠୁ
ତୁ ମଣିଷ ହେବୁ ପରା,
କାମରୁ ଫୁରସତ ନାଇଁ କେବେଠୁ ତାକୁ,
ତା କଥା ଯଦି ନ ଭାବିବୁ
ତେବେ ତୁ ପୁରୁଷ ପିଲା ହେବୁ କେମିତି ।

ISSN NO.
2582-208X

# ଆଞ୍ଚଳିକ

ISSN NO.
2582-208X

# ଉକଆ



ଗଜାନନ ମିଶ୍ର

କାହିଁ ଜିବା ?
ଏଇଛେ ଉକିଆ !
ଦେଖବୁ ଆ
ସଲଖେ ଭେଁଡିଆ ।

ଡରେନ୍ କରୁଥିଲେ ପୁହେ,
ବୁରବୁଡି ହେଲେ ହେନ ହେଟା ।
ହେମାନକର ସଫା
ଗୁହୁଖିଆ କଥା ।

କେନ୍ତା ପାରବେ ବଦଲେଇ
ଦହ ଦହ ଦିଶୁଥିଲାଟା!
ଇଖୁଦୁ ସେ ଖୁଦ୍
ନାପିଜୁଖି ଆନଲାବେଲକେ
ହେଇ ତିନ୍ ହାତ୍ କାଁଡେରେ ଠିକା ।

କେନ୍ ରହିଛେ ?
ଫେପଲ ମଏଲା ଆଏ,
ନେଇଁ ନ କିଛୁ ଭେଲୁ ।
ନେଇଁ, ନେଇଁ ବଲ ।
ଅଛ ବଏଲେ ଥିବାରତକ୍
ପଁହରୁ ଥ ଉକିଆଠାନ!

ତପୋବନ, ଟିଟିଲାଗଡ,
ବଲାଙ୍ଗୀର ଜିଲ୍ଲା

ISSN NO.
2582-208X

# ଆମର ଭାସି,
# ଆମର ଲେଖା



ବ୍ରଜମୋହନ ମେହେର

–ସଂଶୋଧିତ 'ନୁଆଁ କୋସଲି ଲିପି':



ISSN NO.
2582-208X



ମାଁ ମାଟିର୍ ଭାସି ସିନେ ଅସ୍‌ଲି ମାତୃଭାଷା
ଆସ ଲେଖ୍‌ମା, ପଢ଼୍‌ମା, ଶିଖ୍‌ମା ଆମର୍ ନିଜର୍ ଭାଷା ।
ଆସ ଜାନ୍‌ମା ଜନେଇ ଦେମା, ଶିଖେଇ ଦେମା ଆର୍
ମାଟିର୍ ଭାଷା ମାଁର୍ ଭାଷା ଭାଷାର୍ ଭିତ୍‌ରେ ସାର୍ ।

ମାଁର୍ ମମତା ବଡ଼ା ମଧୁର୍ ମାଟିର୍ ଭାଷା ମଧୁର୍
ମାତୃଭାଷା ଅପ୍‌ନାର୍ ଭାଷା ସିନା ଖଁଡ଼୍ ମଧୁର୍ ।

ଉଠ ଉଠ ମାଟିର୍ ଛୁଏ ଉଠ ଜଲ୍‌ଦି କରି
ମାଁ ମାଟିର୍ ଭାସି କାଜେ ଚେତ ତୁର୍‌ତି କରି ।

ଆସ ପଢ଼୍‌ମା ଆମର୍ ଭାଷାର୍ ବହି
ପଢ଼୍‌ଲେ ନିଜେ ପର୍‌କେ ପାର୍‌ମା କହି
ପଢ଼ି ପଢ଼ାମା ଆସ ଆମର୍ ଭାସି
ମାତୃଭାଷାର୍ ମହତ୍ କାମେ ହେମା ବଡ଼ା ଖୁସି ।
ଆମର୍ ଭାସିର୍ ଲାଗି ଲାଗି ପଢ଼୍‌ମା
ଆସ ଆସ ମାଟିର୍ ମାଁ ରଖ୍‌ମା ।

Published by
Sundar-Arjun Kosli Sahitya Sansad, Kosal

ଇ' ଲିପିନେ ବନିଛେ ପିଡିଏଫ୍ । ପ୍ରିଂଟ୍ଆଉଟ୍ କରିକରି ସଭାସମିତିନେ କରାହେଇଛେ ଉପସ୍ଥାପନା । ଆମର ଭାଷାର ମାଏନତା ଗୁନତା ସାହିତିକମନକର ଛୁମକେ ପୁହୁଁଚି ପାରିଛେ ଯେନତା, ହେନତି ଓଡ଼ିଶା ବାହାରୁନ୍ ଆସିଥିବାର କିଛି ଭାଷାବିଦ୍‌ମନକର ହାତେ ପଡ଼ିଛେ ଇ' ଲିପିର ବହି ।

ISSN NO.
2582-208X

ବ୍ରାହ୍ମୀଲିପି(ଧମ୍ମ ଲିପି): ଉପରେ ବ୍ରାହ୍ମୀଲିପି ବାବଦେ କହିଛୁଁ ବଲି ଇ'ଠାନେ ବ୍ରାହ୍ମୀଲିପିକେ ଦିଆଯାଇପାରେ: 𑀅(ଅ), 𑀆(ଆ), 𑀇(ଇ), 𑀈(ଈ), 𑀉(ଉ), 𑀊(ଊ), 𑀋(ଋ), 𑀌(ୠ), 𑀍(ଌ), 𑀎(ୡ), 𑀏(ଏ), 𑀐(ଐ), 𑀑(ଓ), 𑀒(ଔ) 𑀓(କ), 𑀔(ଖ) 𑀕(ଗ), 𑀖(ଘ), 𑀗(ଙ), 𑀘(ଚ) 𑀙(ଛ), 𑀚(ଜ), 𑀛(ଝ), 𑀜(ଞ), 𑀝(ଟ), 𑀞(ଠ), 𑀟(ଡ), 𑀠(ଢ), 𑀡(ଣ), 𑀢(ତ), 𑀣(ଥ), 𑀤(ଦ), 𑀥(ଧ), 𑀦(ନ), 𑀧(ପ), 𑀨(ଫ), 𑀩(ବ), 𑀪(ଭ), 𑀫(ମ), 𑀬(ଯ) 𑀭(ର), 𑀮(ଲ) 𑀴(ଳ) 𑀯(ୱ) 𑀳(ହ) (ଶ)(ଷ)(ସ) 𑀓(କ), 𑀓𑀸(କା), 𑀓𑀺(କା), 𑀓𑀻(କୀ), 𑀓𑀼(କୁ), 𑀓𑀽(କୂ), 𑀓𑀾(କୃ), 𑀓𑁂(କେ), 𑀓𑁃(କୈ), 𑀓𑁄(କୋ), 𑀓𑁅(କୌ) 𑀓𑀁(କଂ) 𑀓𑀀(କଁ) 𑀓𑀂(କଃ), 𑀓𑁆(କ୍)

ଇଟା ଜନାଯାଏସି ଯେ, ବ୍ରାହ୍ମୀଲିପିନେ ବି ପହେଲା —ଐ, ଔ, ଋ,ୠ,ଌ,ୡ,ଶ,ଷ, ନେଇଁଥେଇ କି ଯୁକ୍ତାକ୍ଷର ନେଇଁ ଚଲୁଥେଇ । ପଛେ ପଛେ ଇ' ବର୍ଣସବୁ ଖଂଜାହେଲା । ଯୁକ୍ତାକ୍ଷର ଲେଖବାର ଲାଗି ଆଘର ବର୍ଣକେ ଉପରେ ଆରୁ ପଛର ବର୍ଣକେ ତଲେ ଖଂଜାହେଲା। କେନସି ଫଲା'ର ଦରକାର ନେଇଁ ହୁଏ ।

## କିଛି ଚର୍ଚା :

ଉପରେ ଯେ ସମିଆଁ ଜାନି ଲିପି ବଦଲସି, ଇ'ଟା ତୋ ଉପରେ କହାଯେଇଛେ । ବିକୃତ ହେ'ଇକରି ଏକା ନୁଆଁଭାଷାର ଜନମ । ଗୁଟେ ମତ ତୋ ପ୍ରାକୃତ ଭାଷା ସଂସ୍କାରିତ ହେଇକରି ସଂସ୍କୃତ ବନଲା , ତୋ ଆର ଗୁଟେ ମତ ବିକୃତ ହେଇକରି ସଂସ୍କୃତ ନୁ ଜନମ ନେଲା । ହେ'ଟା ଯାହା ବି ହଉ, ସଂସ୍କାରିତ ହଉ କି ବିକୃତ ହଉ, ଗୁଟେ ଭାଷାନୁ ଦୁଇଟା ଭାଷା ବନଲା, ନେହେଲେ ଗୁଟେଏକା ଗୁଟେ ହେଇଥିତା । ଗୁଟେ ରୂପକେ ଖାଲି ଶୁଦ୍ଧରୂପ ବଲିକରି ଧରିବସିଥିଲେ ଆଜିର କେତନିକେତେ ଭାରତୀୟ ଭାଷା ରୂପ ନେଇଁନେଇଥିତା । ବିକୃତ ହେସି, ହେଟାକେ ଦେଖି ବ୍ୟାକରଣ ଲେଖାହେସି । ବ୍ୟାକରଣକେ ଦେଖିକରି ଗୁଟେ ଭାଷା ନେଇଁବନେ । ଭାଷା ବଦଲତେ ଗଲେ ବ୍ୟାକରଣ ବଦଲସି ।

ବିକୃତିକେ ମାଏନତା ନେଇଁଦେଇଥିଲେ ଏଡ଼େ ବଡ଼ ଶାସ୍ତ୍ରୀୟ ଭାଷା ଉଡ଼ିଆଥି 'ମଣିଷ' ଶବ୍ଦ ବେଭାର ନେଇଁ ହେତା । ଯେନ୍ 'ମଣିଷ' ଶବ୍ଦକେ ଶୁଦ୍ଧଶବ୍ଦ ଭାବିକରି ଆମେ

ISSN NO.
2582-208X

କୋସଲିଆମନେ ଭଲଲୁକିଏ ଦେଖେଇ ହେବାର ଲାଗି 'ମୁନୁସ୍' କି 'ମାନେ' ଶବ୍ଦକେ ଲାତ ମାରିକରି 'ମଣିଷ' 'ମଣିଷ' ବଲସୁଁ ; ହେଟା ସଂସ୍କୃତ 'ମନୁଷ୍ୟ' ଶବ୍ଦନୁ ବିକୃତ ହେଇଛେ- ଇ'ଟା ଉହାଟବାର ଅଛେ । ହେନତି ହିଂଦୀ ଭାଷାନେ 'ଶୁ' ଧାତୁନୁ (ଯେନ୍‌ନେ ତାଲବ୍ୟ-ଶ ଅଛେ)ବିକୃତ ହେଇକରି 'ସୁନ୍‌ନା' ଶବଦର ଜନମ । ହେନତି ଆମେ 'କୋଶଲ' ଆରୁ 'କୋଶଲୀ'କେ ଆମର ଉଚ୍ଚାରଣକେ ଧରିକରି କି ଅପଭ୍ରଂଶ ହେଇଛେ ବଲି 'କୋସଲ' ଆରୁ 'କୋସଲି' ବଲି ଲେଖିପାରମା ବଲି ଆମର ବିଚାର । ହେନତି ସଂସ୍କୃତ ସାହିତ୍ୟନେ ବି 'କୋଶଲ'କେ 'କୋସଲ' ବଲି ଲେଖାଯିବାରଟା ଦେଖାଯାଏସି, 'କୌଶଲ୍ୟା' ସଂଗେ 'କୌସଲ୍ୟା' ।

ଗୋସ୍ୱାମୀ ତୁଲସୀ ଦାସ ମହାନ ସଂସ୍କୃତ ପଂଡିତ ଥିଲେ । ସଂସ୍କୃତନେ ଶ୍ଳୋକ ରଚନା କରୁଥିଲେ । ସେ ଯେତେବେଲେ ଅବଧୀ ଭାଷାନେ 'ରାମଚରିତ ମାନସ' ଲେଖଲେ, ସଂସ୍କୃତକେ ସଂସ୍କୃତ ଭଲିଆ ବନାନ ବେଭାର କଲାବେଲକେ ଅବଧୀକେ ଅବଧୀ ହିସାବେ ସାଧା ସରଲ ଭାବେ ଉଚ୍ଚାରଣକେ ଆଧାର କରିକରି 'ଯମ'କେ 'ଜମ', 'ବ୍ରଜ'କେ 'ବର୍ଜ' ବଲି ଲେଖଲେ । ସେ' ତୋ ଅପଣ୍ଡିତ ନେଇଁଥେଇ ଯେ ହେନତି ବନାନ ସବୁ କରିକରି ଭୁଲ୍ କରିଛନ ବଲି କହେମୁ ।

ଆରଗୁଟେ କଥା, ଗୁଟେ ଲିପି ଗୁଟେ ଭାଷାର ପରିଚଏ ବନସି । ଯେନ୍ ଭାଷା ଯେନ୍ ଲିପିନେ ଲେଖବାର ବିଧାନ ହେସି, ହେ'ଥି ଏକା ତାର ପହେଚାନ ବନସି । ସଂସ୍କୃତଭାଷାକେ ଶୁଦ୍ଧକରି ଲେଖବାରକେ ହେଲେ ଦେବନାଗରୀ ଲିପି ଏକା ସାଫ୍ ସୁତର ବନାସି । ଇଂଗଲିଶ୍ ଭାଷାର ଲାଗି ରୋମାନଲିପି ଯେନତା ଚପକୋଲଠୋ ଆଏ, ହେଠାନେ ଉଡ଼ିଆ ଲିପି କାମ ନେଇଁକରେ ।

ସାଂତାଲି ଲିପି(ଓଲଚିକି) ନେଇଁବାହାରବାର ଆଘୁନ୍ ଉଡ଼ିଆ,ବଂଗଲା, ରୋମାନ, ଦେବନାଗରୀଥି ଲେଖାଯଉଥିଲା । ସାଂତାଲି ଲିପି ମାତର ସାଂତାଲୀ ଭାଷାର ସନମାନ ରଖଲା । ଆଏଜତକ୍ ଭିନଭିନ ଲିପିନେ ସାଂତାଲି ଭାଷାକେ ଲେଖାହେସି, ମାତର ସାଂତାଲି ଲିପି ଏକା ତାର ଅସଲି ପରିଚଏ ଦେସି ।

ISSN NO.
2582-208X

ଆଝିର ଆରୁ ଗୁଟେ ଭାଷାଭାଷୀ ଗୁଟେ ଭାଷା ଭିତରେ ବାଂଧି ନେଇଁହେବାର, ହିଂଦୀ, ଇଂଲିଶ୍ ପଢ଼ବା ନିହାତି । ଆମେ ଖାଲି ଗୁଟେ ଭାଷାକେ ଧରିଥିମୁ ବେଲେ କୁଆଁର ବେଂଗ୍ ବାଗି ହେଇଯିମୁ ନିହାତି । ସେଥିର ଲାଗି କୋସଲି ଭାଷାଭାଷୀ କୋସଲିନେ ପଢ଼ବା ସତକଥା, ତାର ସଂଗେ ସଂଗେ ହିଂଦୀ ଆର ଇଂଲିଶ୍ ପଢ଼ବା, ସଂସ୍କୃତ ଭାଷାକେ ବି ପଢ଼ିପାରେ। କୋସଲିକେ କୋସଲି ବଲି ପଢ଼ଲାବେଲେ ସଂସ୍କୃତକେ ସଂସ୍କୃତ ବଲି ଜାନବା। କୋସଲିନେ ତିନପରକାର 'ଶ/ଷ/ସ'କେ ଗୁଟେ ଅକ୍ଷରଥି ଲେଖାଯଉଥିଲେ ବି ସଂସ୍କୃତ ଭାଷାକେ ଦେବନାଗରୀ ଲିପିନେ ପଢ଼ବା ଆରୁ ତିନଟା 'ଶ/ଷ/ସର ବେଭାର ଶିଖବା । ହେନତି ଇଂଲିଶ୍ ଲାଗି ଏବିସିଡି ପଢ଼ିକରି କେନ୍ଠାନେ sun, କେନ୍ଠାନେ son, କେନ୍ଠାନେ tuition, କେନ୍ଠାନେ fiction, କେନ୍ଠାନେ submission, ହେଟାସବୁ ଜାନବା ।

ଜ୍ୟୋତିଷଶାସ୍ତ୍ରର କଥା ଯେତେବେଲେ ପଡ଼ସି, ସେ'ଟା ତୋ ମୂଲ ସଂସ୍କୃତନେ । ସେ ପଂଡିତ ଏନତି ରାଶିକେ ଦେଖିକରି ଏନତି ନାଁ ଦେବା, ଯେନତା ସେତିର ସଠିକ ରାଶି ବାହାରୁଥିବା । ଆମର ଭାଷାନେ ଗୁଟେ 'ସ' ବେଭାରହେଲେ ବି 'ସିବ' ନାଁଦେଲେ ତାର ଭିତରେ ଯେ 'ତାଲବ୍ୟ-ଶ' ଅଛେ, ହେଟା ପଂଡିତ ଠାବକରବା । ଏନତିକି ଜନମତିଥି ଦେଖିକରି ଠିକ୍ ରାଶି ବାହାର କରବା। ହେନତି ଆମର କୋସଲି ସମାଜଥି କେତେ ପାଂଜି ଦେଖିକରି ନାଁ ଦିଆହଉଥିଲା ଯେ? ସୋମବାରଦିନେ 'ସୋମବାରୁ', ପେଟ ଲମ୍ ଦେଖି 'ପେଟୁ' । ଏନତିକି ଗୁଟେଗୁଟେ ସମାଜ, ଯେନତାକି ସାଂତାଲୀ, ନାଁମନେ କିଂଦରୁଥିବା ପାଟକେପାଟ । ଏଭରଲୋକ ବି ଭାବି ଉହାଟି ନାଁ ଗୁଟେ ଦେବାରଟା ଦେଖା ଯାଏସି । କୋସଲି ସମାଜର ଛୁଆ ଜନମ କଲେ ଅମକାକେ ଢମକା ସଂଗେ ବିହାକରମୁ ବଲି ନଲୁଆ(ନାହି)କାଟିଥିସନ, ଆରୁ ସେ ଭାବେ ବିହା କରସନ , ପଏସାମୁଡ଼ି ବିହା, ଘିଚା ବିହା, ଉଧଲିଆ ବିହାନେ ଖଡ଼ି ମେଲ ଖାଏବାରଟା କାହିଁଥିଲା ବଲମା । ଆଝିକାଲିର ଆଧୁନିକ ଯୁଗେ ବିହାର କଥା ତୋ ଆର ନେଇଁକହୁଁ । ତାମିଲବାଲେ ଗୁଟେ ଅକ୍ଷରଥି 'କ-ଖ-ଗ-ଘ'କେ ଲେଖୁଥିବାର ବେଲେ ଜ୍ୟୋତିଷଶାସ୍ତ୍ରକେ ଉପରେ କହେଲା ହିସାବେ ତୋ ଦେଖୁଥିବେ! ପ୍ରଫେସର ହୁର୍ଦମଣି ପ୍ରଧାନ ବି ଗୁଟେ-ଇ, ଗୁଟେ-ସ ସୂତ୍ରୀବାଲା । ସେ ବି ଜ୍ୟୋତିଷଶାସ୍ତ୍ର ଲାଗି ସମାଧାନ ଦେଖେଇଛନ ବାଗି ଲାଗସି ।

ଆମର ଭାଷା ଉପରେ ମହାନିବଂଧ ବି ଲେଖା ସରିଛେ: ଡ.ଅଶୋକ କୁମାର ଦାଶ, ଡ.ପ୍ରଫୁଲ୍ଲ କୁମାର ତ୍ରିପାଠୀ ଆର ଡ.ଗୋବର୍ଧନ ସାହୁ ଥେସିସ୍ ଲେଖି ସାରିଛନ ।

ISSN NO.
2582-208X

ବ୍ୟାକରଣ ବି ବହୁତ ବନିଛେ: ଦୋଲଗୋବିଂଦ ବିଶି, କୋକିଲ ମେହେର, ହୁର୍ଦମଣି ପ୍ରଧାନ, ନୀଲମାଧବ ପାଣିଗ୍ରାହୀ ଆର ଡ.ପ୍ରଫୁଲ୍ଲ କୁମାର ତ୍ରିପାଠୀ, ମୁକ୍ତକଂଠ ପ୍ରଧାନ ବ୍ୟାକରଣ ଲେଖିଛନ ।

ଶବ୍ଦକୋଷ, ଅଭିଧାନ କି ଡିକସ୍ନେରୀ ବାବଦେ ତୋ ଆଘୁନ୍ କହା ସାରିଛେ, ଆର ବି ଠୁଲା ଚାଲିଛେ ।

ଭାଷାକେ ମାନକ ରୂପ ଦେବାକେ ମଝି ମଝି କଥା ଉଠସି, ଠୁଲ୍ ହେଇକରି ବନାବାକେ ପ୍ରସ୍ତାବ ଆଏସି । ମାତର ପରକୁତ କଥା ହେଲା, ଲେଖତେ ଲେଖତେ ଏକା ମାନକ ଆଏବା, ସାହିତ୍ୟର ଗତିଧାରେ ଭାଷାର ଶିଷ୍ଟ ଚେହେରା ଦପଦପି ଯିବା ।

ଯୁକ୍ତି କରବାରଥି ସପଖିଆ ଆରୁ ବିଖିଆ ଯୁକ୍ତି ବହୁତ କରିହେବା, ମାତର ଆମର ପହେଲା କାମ ହେବାର କଥା ଆମର ଭାଷା ସାହିତ୍ୟର ପ୍ରତ୍ୟେକ ଦିଗକେ ଆଗକେ ବଢ଼ାବାରଟା । ଯେନ୍ସି ଲିପିନେ ଲେଖାଯଉ, ଯେନସି ବନାନ ଶଏଲୀ ବେଭାର ହଉ, ସବୁକେ ସ୍ୱାଗତ କରବାର ଅଛେ । ଉପରେ କହାହେଇ ସାରିଛେ ଯେ ନୁଆଁଲେଖକ କେନତା ଲଡ଼ବଡ଼ିଛେ କିଛି ଲେଖବାକେ । ଏନତି କେତେଠାନେ ଦେଖାଯାଏସି ଯେ ଝନେଝନେ ଭାଷାପ୍ରେମୀ ନିଜର ମତକେ ଉନଜା ଲୋକର ମୁଡ଼େ ଚାପି ଦେବାକେ ଚାହେଁସନ । ମଝିମଝି ନାନାଦି ମଂତବ୍ୟ ପ୍ରକାଶ କରସନ । ଆମର ହୁରୁଦ୍କେ କି ବିଚାରଧାରାକେ ଉସାର ପିସାର କରଲେ ଯାଇକରି ଆଗକେ ଆମର ଭାଷା ସାହିତ୍ୟ ଆଗକେ ଯିବା, ଇଟା ସତକଥା ।

ସମାପ୍ତ

ଓଡିଆ ଅଧ୍ୟାପକ
ପି.ଏସ୍.କଲେଜ, ବେଲପଡା
ବଲାଙ୍ଗୀର-୭୬୭୦୨୬

ISSN NO.
2582-208X

# ଦାଦନ ଖଟି

ସଞ୍ଜୟ ନାଏକ

ଯୋଉଛନ ହାଇଦ୍ରାବାଦ୍,
ଗୋଆ ଦାଦନ ଖଟି
ଅଲଗା ରାଇଜେ ଗଲେ ଛାଡି
ଓଡ଼ିଶାର ମାଟି।
ଇ ପାଖର୍ କୁଲି ଭୁତି କେ ମନ୍ ନେଇକରି
ଘର ଦ୍ୱାର ପିଲା ଛୁଆ ମନକେ ପାଶରି ।

ଟଁକା ପଇସା କାଏଁଟା ନେଇ କରୁଛେ
ସବୁ ଜିନିଷ ତୋ ଟଁକା ଦେଲେ ମିଲୁଛେ।
ଟଁକାର ଲାଗି ଜିବାକେ ପଢୁ ଅଛେ
ନେଇ ଗଲେ ଟଁକା ନେଇ ମିଲୁଛେ।

ଜାଉଛନ୍ ଖଟି ସାନ ବଡ ସଭେଁ
ଜଣା ନେଇ ଆସବେ ଘରକେ କେଭେଁ।
କଲେଜ ପଢୁଆ ପିଲା ବି ଯାଉଛେ
ଶ୍ରମିକ ହେଇ ଖଟି ଖଟି ରହିଛେ।

ଚାପଡ ବତରିଆ ଫୋନ୍ ଘିନୁଛେ
ଘରକେ ଆଏଲେ ଗେମ୍ ନେ ମାତୁଛେ।
ମଦ ସିଗାରେଟ୍ ସବ ପିଉଛେ
ପଦେ କଥା କହେଲେ ରାଗୁଛେ।

ଯେନ୍ତା ସେନ୍ତା ସେନେ ରହି ଯାଉଛନ
ଘରେ କେନ୍ତା ଅଛନ୍ ନେଇ ବୁଝୁଛନ।
ଗଲା ବେଳେ ଯେସନ ସର୍ଦାଗିର୍ଦା କରି
ଆଏସି ଘରକେ ମୃତ ଶରୀର ଫେରି।

ରଏନଗୁଡା, କୋକସରା, କଲାହାଂଡି
ମୋ-୮୨୭୦୪୩୮୨୭୩

ISSN NO.
2582-208X

# ଛେର୍ ଛେରା

ଇତିଶ୍ରୀ ମେହେର

ଛେର୍ ଛେରା ନାଁ ସୁନ୍ ଲା ବେଲ୍ କେ
ଆଏସି ଛୋଟ ବେଲର୍ କଥା ମନ୍ କେ

ମନେ ଅଛେ, ସେ ଦିନ କାଣା ହେସି
ଯେନ୍ ଟା ସୋର୍ କଲେ, ଲାଗସି ହସି
ପାଂଚ୍ ବଜା ନୁ ସକାଳୁ ଉଠି
ଧର୍ ସୁ ଆମେ ଝୁଲା, କୁର୍ ଲି
ଆଗରୁ ବନେଇ ଥିସୁ ଆମେ
ଗୋଟେ ଗୋଟେ ମଣ୍ଡଳୀ
ନିଜର୍ ଘରୁ ଧାନ ଟିକେ
ଧର୍ ସୁ ଆମେ ପହେଲା
ତାର୍ ପରେ ବୁଲସୁ ଆମେ ଗାଁ ର ସବୁ ପରା
ଗାଁ ଅଧା ବୁଲତେ ବୁଲତେ କୁର୍ ଲି ଯାଇସି ପୁରି
ଆର୍ ଥରେ ଆମେ ଘର କେ ଆଏସୁଁ,
ବୋରା ନେ ଧାନ କେ ଭରି
ଲାଗ୍ ସି ସେ ଦିନ କେତେ ଯେ ଖୁସି
ଛେର୍ ଛେରା ଦେସନ୍ ସବୁ ମାଁ ମାଉସୀ ॥

ISSN NO.
2582-208X

# ଶିଶୁ ବିଭାଗ



ISSN NO.
2582-208X

# ଗଛରେ ଫଳେ ଟମାଟୋ



ଡ଼ଃ ରଞ୍ଜିତ କୁମାର ସାହୁ

କକା ନାଗାଲାଣ୍ଡରୁ ଛୁଟିରେ ଆସିଛନ୍ତି ବୋଲି ପିକୁ ବହୁତ ଖୁସି । କକାଙ୍କର ସେଠାରେ ସରକାରୀ ଚାକିରୀ ଥିବାରୁ ଅଧିକାଂଶ ସମୟ ସେଠାରେ ରୁହନ୍ତି ଏବଂ ଛୁଟିରେ ଓଡିଶା ଆସନ୍ତି । ବହୁତ ପ୍ରକାରର ଉପହାର ଆଉ ଅନ୍ୟ ଜିଣିଷ ଧରିକି ଆସିଛନ୍ତି । କକା ଆସିଲାବେଳେ ବହୁତ କିଛି ଆଣିକି ଆସନ୍ତି । ସ୍କୁଲରୁ ଫେରି ପିକୁ ସୁଟକେଶ ଦରାଣ୍ଡିବାରେ ଲାଗିଥିଲା । ଭାରତର ପୂର୍ବ ଦିଆଗରେ ଥିବା ନାଗାଲ୍ୟାଣ୍ଡ ରାଜ୍ୟର ସଂସ୍କୃତି, ବେଶଭୁଷା ଖାଦ୍ୟ ପାନ୍ୟ ସବୁ ଭିନ୍ନ ଏବଂ ଅନନ୍ୟ । କକା ଆଣିଥିବା ଟୋପିଟିକୁ ପିନ୍ଧି ପିକୁ ଚାରି ଘରେ ସବୁ ଆଡେ ବୁଲି ସମସ୍ତଙ୍କୁ ଦେଖେଇ ସାରିଛି । କକାଙ୍କ ସହ ଗପ ମଧ୍ୟ ଚାଲିଛି ଏବଂ ପିକୁ ବହୁତ ନୂଆ କଥା ଶୁଣୁଛି କକାଙ୍କ ଠାରୁ ।

କିଛି ସମୟ ପରେ ବୋଉ ଆସି ଦୁହିଁଙ୍କୁ ଭୋଜନ ପାଇଁ ଡାକିଲେ । କକାଙ୍କ ପାଇଁ ବୋଉ ଖାସ କରି ଟମାଟୋ ଆଉ କଞ୍ଚା ଲଙ୍କା ଚକଟା ବନାଏ । କକାଙ୍କ ତାହା ବହୁତ ପସନ୍ଦ । କିନ୍ତୁ ଚକଟା ଖାଇଲା ପରେ ପିକୁ ବୋଉ ଆଡକୁ ଚାହିଁ କହିଲା, "ଏଇଟା କେମିତି ଟମାଟୋ? ଅଲଗା ଲାଗୁଛି! ସକାଳେ ତା ଘରେ ଟମାଟୋ ନଥିଲା, ବାପା ତ ଏଯାଏଁ ଘରକୁ ଫେରି ନାହାନ୍ତି, ତୁ ଟମାଟୋ ଆଣିଲୁ କେଉଁଠାରୁ?'"

"କକା ଆଣିକି ଆସିଛନ୍ତି । ଭଲ ଲାଗୁନି କି?" ବୋଉ କହିଲେ ।

ISSN NO.
2582-208X

"ଭଲ ଲାଗୁଛି ଯେ ଅଲଗା ଲାଗୁଛି । କକା କେତେବେଳେ ଗଲେ ବଜାରକୁ ? ମୋତେ ତ କହିଲେ ରେଳ ଷ୍ଟେସନରୁ ସିଧା ଆସିକି ଶୋଇଥିଲେ!" ପିକୁ କହିଲା ।

"ଗଛରୁ ତୋଳିକି ଆଣିଛି । ଆମ ଅଫିସ ପରିସରରେ ଗୋଟିଏ ଗଛ ଅଛି। ବହୁତ ଫଳିଥିଲା। ସେଥିରୁ ଥୋଡିଏ ନେଇ ଆସିଛି," କକା କହିଲେ ।



ପିକୁ ହସିଲା ଆଉ କହିଲା, "ଟମାଟୋ ଏକ ତୃଣ କିମ୍ବା ଗୁଳ୍ମ ଅଟେ, ବୃକ୍ଷ ନୁହେଁ । ଆମ ଉଦ୍ଭିଦ ବିଜ୍ଞାନ ସାର କହିଛନ୍ତି ।"

"ଏଇଟା ଗଛର ଟମାଟୋ । କକା କହିଛନ୍ତି," କହି ବୋଉ ପାଛିଆରେ ଥିବା କିଛି ଟମାଟୋ ଭଳି ଦିଶୁଥିବା ଫଳ ଆଣି ପିକୁ ଆଗରେ ଥୋଇ ଦେଲେ ।

କକା କହିଲେ, "ହଁ ଏହା ଗଛରେ ଫଳେ । ଦେଖିବାକୁ ଟମାଟୋ ଭଳି ଏବଂ ଏହା ଟମାଟୋ, ବାଇଗଣ ଲଙ୍କା ମରିଚ ପରିବାରରେ ସଦସ୍ୟ । ଏଥିରେ ପ୍ରଚୁର ପରିମାଣରେ ପୋଟାସିଅମ ଅଛି ଯାହା ରକ୍ତଚାପ ନିୟନ୍ତ୍ରଣରେ ସାହାଯ୍ୟ କରେ ଆଉ ହୃଦଘାତରୁ ରକ୍ଷା କରେ । ଏଥିରେ ଥିବା ତନ୍ତୁ ଓଜନ କମେଇବାରେ ସାହାଯ୍ୟ କରେ । ଏଥିରେ ଭିଟାମିନ ଏ, ଭିଟାମିନ ବି, ଭିଟାମିନ ସି, ଏବଂ ଭିଟାମିନ ଇ ଥିବାରୁ ଏହା ଦେହର ପ୍ରତିରୋଧକ ଶକ୍ତି ବୃଦ୍ଧି କରିବାରେ ସାହାଯ୍ୟ କରେ । ଏହା ଚର୍ମକୁ ମଧ୍ୟ ସୁସ୍ଥ ରଖେ । ଏଥିରେ ଥିବା ଏକ ରାସାୟନ ମଧୁମେହ ରୋଗର ନିୟନ୍ତ୍ରଣରେ ସାହାଯ୍ୟ କରେ । ଏହା ସ୍ନାୟୁ ଏବଂ ଦୃଷ୍ଟିର ସ୍ୱାସ୍ଥ୍ୟରେ ମଧ୍ୟ ଉପକାରୀ କରେ । କିନ୍ତୁ ଏହାକୁ ଖାଇ କିଛି ଲୋକ ଏଲେର୍ଜି ର ଶିକାର

ISSN NO.
2582-208X

ହୁଅନ୍ତି ତେଣୁ ସେମାନଙ୍କ ପାଇଁ ଏହା ବର୍ଜିତ । ଏହାର ଚୋପା ବହୁତ ପିତା ଲାଗିଥିବାରୁ ଖିଆ ଯାଏ ନାହିଁ ।



ଟମାଟୋ ଭଳି ଏହା ମଧ୍ୟ ଆଜି ଅନେକ ଦେଶରେ ଚାଷ ହୁଏ । ଭାରତରେ ଏହା ସିକିମ, ନାଗାଲାଣ୍ଡ ଏବଂ ମଣିପୁରରେ ଚାଷ କରା ଯାଏ । ଗଛରେ ବାଇଗଣ ଭଳି ପେନ୍ଥା ପେନ୍ଥା ହେଇ ଫୁଲ ହୁଏ ଏବଂ ଫଳ ହୁଏ । ଟମାଟୋ ଭଳି ଏହା ମଧ୍ୟ ଅନେକ ରଙ୍ଗର ହୋଇଥାଏ କିନ୍ତୁ ଆକାର ଅଣ୍ଡାକାର ହୋଇଥାଏ । ଏହା ଦକ୍ଷିଣ ଆମେରିକାରେ ପ୍ରଥମେ ଚାଷ ହୋଇଥିଲା ଏବଂ ପରେ ଅନେକ ଦେଶକୁ ବ୍ୟାପିଛି । ଯେଉଁଠାରେ ଏହାକୁ ଉପଯୁକ୍ତ ଜଳବାୟୁ ମିଳେ ସେଠି ଚାଷ ହୁଏ । ଟମାଟୋ ଭଳି ଏହା ପ୍ରତି ବର୍ଷ ଲଗା ଯାଏ ନାହିଁ, ଥରେ ଲଗେଇଲେ ଏହା ଦଶ ପନ୍ଦର ବର୍ଷ ପର୍ଯ୍ୟନ୍ତ ବଞ୍ଚି ପାରେ ଏବଂ ଦେଢ଼ ମିଟର ରୁ ଅଧିକ ଉଚ୍ଚ ହୋଇ ପାରେ ।

ଏହାକୁ ଚଟଣୀ କିମ୍ବା ଜାମ ରେ ବ୍ୟବହାର କରାଯାଇ ପାରେ । ଏହାକୁ ଶର୍ବତରେ ମଧ୍ୟ ବ୍ୟବହାର କରାଯାଏ ।

ଟମାଟୋ ନୁହେଁ ଏହାକୁ ଟମାରିଲୋ କୁହନ୍ତି," କକା କହିଲେ ।

ISSN NO.
2582-208X



"ଏତିକିବେଳେ ବାପା ଘର ଭିତରକୁ ଆସି ପରିବା ଭରା ଥଳୀଟିଏ ଥୋଇଦେଲେ ଆଉ ବୋଉଙ୍କୁ କହିଲେ," ବିଲାତି ବାଇଗଣ ନେଇକି ଆସିଛି ।"

"ବାପା ତୁମ ଆଣିଥିବା ଟମାଟୋ ଆଉ ଦରକାର ନାହିଁ, କକା ଟମାରିଲୋ ଆଣିଦେଇଛନ୍ତି," ପିକୁ କହିଲା ।

"ମାନେ ?" ବାପା ପଚାରିଲେ ।

ପିକୁ ପାଛିଆ ଆଡକୁ ଇଙ୍ଗିତ କରି କହିଲା, "ଏଇଟା ଟମାରିଲୋ, ଗଛରେ ଫଳୁଥିବା ଟମାଟୋ ।"

ଯୁକ୍ତରାଷ୍ଟ୍ର ଆମେରିକା

ISSN NO.
2582-208X


# ଗୀତ ପହଲି



ଯଜ୍ଞଦତ୍ତ ସାମନ୍ତରାୟ

୧) ଜୀବନରେ ଥରେ କହିକି ମିଛ
ହୋଇଥିଲେ ସେ ଭାରି ମିଛୁଆ,
ଦ୍ୱାପର ଯୁଗରେ ରଣ କରିଥିଲେ
କହିଲେ ଜାଣିବି ତୁମେ ବୁଦ୍ଧିଆ ।

୨) ଭୋଜନ ଯାହାଙ୍କ କେବଳ ଦୁବ
କଥା କଥାକରେ ତାହାଙ୍କ ରାଗ,
ଶାପ ଦେଇଥିଲେ କଣ୍ୱ କନ୍ୟାଙ୍କୁ
କହ ପିଲେ ତାଙ୍କ ନାଆଁଟି ଆଗ ।

୩) ଦୁର୍ବାସାଙ୍କ ଅଭିଶାପକୁ ପାଇ
ପତିଙ୍କୁ ସେ ଚିହ୍ନି ପାରିଲେ ନାହିଁ,
ଭରତ ନାମରେ ପୁଅ ଯାହାଙ୍କ
ଖୋଜି କହ ତାଙ୍କ ନାମଟି ଭାଇ ।

**********************************

ଉତ୍ତର:-୧)ଯୁଧିଷ୍ଠିର, ୨)ଦୁର୍ବାସା,୩)ଶକୁନ୍ତଳା

ସଂପାଦକ: ଗୁଞ୍ଜନ
କବିସୂର୍ଯ୍ୟନଗର,
ଗଞ୍ଜାମ-୭୬୧୧୦୪
ମୋ.୯୩୩୭୪୪୪୯୨

ISSN NO.
2582-208X

# ଭଲ ମନ୍ଦ



ଅମରନାଥ ବାରିକ୍

କଳଙ୍କ ଅଟଇ ଅନ୍ଧାରରୁ କଳା
ଭୂମିଠାରୁ ଭାରି ପାପ
ଅଧିକ ଚଞ୍ଚଳ ପବନଠୁଁ ମନ
ରାଧେ କୃଷ୍ଣ ନାମ ଜପ ।
ଜୟ ଜଗନ୍ନାଥ ଜୟ ଜଗନ୍ନାଥ......!

ଅଗ୍ନିତେଜ ଠାରୁ ପ୍ରଖର ଯେ କ୍ରୋଧ
ଜଳଠୁଁ ପତଳା ଜ୍ଞାନ
ଜହରଠୁଁ ବିଷ ମିଥ୍ୟା ପ୍ରତାରଣା
ଦାନ ଠାରୁ ନାହିଁ ପୁଣ୍ୟ ।
ଜୟ ଜଗନ୍ନାଥ ଜୟ ଜଗନ୍ନାଥ......!

ପଥର ଦିଅଁଠୁ ବଡ଼ ପିତାମାତା
ଚଳନ୍ତି ଦେବତା ମୋର
ମଧୁଠୁଁ ମଧୁର ମୋର ମାତୃ ଭାଷା
କହି ଜାଣିଲେ ସୁନ୍ଦର ।
ଜୟ ଜଗନ୍ନାଥ ଜୟ ଜଗନ୍ନାଥ......!

ISSN NO.
2582-208X

ରତ୍ନ ଅଳଙ୍କାର ସବୁ ପରା ତୁଚ୍ଛ
ସ୍ୱାସ୍ଥ୍ୟ ସମ୍ପଦ କେବଳ
ଧନ ଅସ୍ତ୍ରଶସ୍ତ୍ର ସବୁ ପରାଜିତ
ପାଖେ ଥିଲେ ଶିକ୍ଷା ବଳ ।
ଜୟ ଜଗନ୍ନାଥ ଜୟ ଜଗନ୍ନାଥ......!

ଚଣ୍ଡାଳଠୁଁ ବଡ଼ ମୂର୍ଖ ସେହି ଜାଣ
କରେ ଯିଏ ପର ନିନ୍ଦା
ଧରେ ନାହିଁ ଦିନେ ହରି ନାମ ତୁଣ୍ଡେ
କରୁଥାଇ ମିଛ ଧନ୍ଦା ।
ଜୟ ଜଗନ୍ନାଥ ଜୟ ଜଗନ୍ନାଥ......!

ଗ୍ରା/ପୋ-କୟାଁ, ଥା-ମଙ୍ଗଳପୁର, ଜି-ଯାଜପୁର
ଓଡ଼ିଶା, ପିନ୍ ନମ୍ବର - ୭୫୫୦୧୧
ଦୂରଭାଷା - ୯୫୪୦୩୦୮୦୯୫ (ନୂଆଦିଲ୍ଲୀ)

ISSN NO.
2582-208X

# ଆମ ପୋଲିସ ଭାଇ



ହରେରାମ ପଣ୍ଡା

ଜାଣିଛ ପିଲେ ଆମର ଏତେ
ନିଜର ଅଛି କିଏ ?
ନିଜ ସଂସାର ପାଶୋରି ଦେଇ
ଆମକୁ ଜଗିଥାଏ ।
ଖାକି ପୋଷାକ ଦେହରେ ତା'ର
ଆମ ପୋଲିସ ଭାଇ,
ଟିକିଏ ନାହିଁ ବିରାମ ତା'ର
ଆମରି ସୁଖ ପାଇଁ ।
ବନ୍ୟା ହେଉ କି ବାତ୍ୟା ହେଉ
ଆସୁ ତ ମହାମାରୀ।,
ବଞ୍ଚାଇ ଥାଏ ଜନ ଜୀବନ
ଯାଏନି କେବେ ଡରି ।
ଆଇନ୍ ଶୃଙ୍ଖଳା ରଖିବା ତାଙ୍କ
ଅଟଇ ବଡ଼ କାମ,
ଚୋର, ଅସାଧୁ, ଠକଙ୍କ ପାଇଁ
ଅଟନ୍ତି କାଳଯମ ।

ISSN NO.
2582-208X

ରାତିରେ ଆମେ ସୁଖ ନିଦ୍ରାରେ
ଥାଆନ୍ତି ଯେବେ ଶୋଇ,
ନ ମାନି ରାତି, ବରଷା, ଶୀତ,
ଘୁରି ବୁଲନ୍ତି ସେହି ।
ଦେଶରେ ଦଙ୍ଗା ରୋକିବା ପାଇଁ
ଦିଅନ୍ତି ପ୍ରାଣ ବଳି,
ସାଧୁ ଜନଙ୍କ ସାଥି ତ ସିଏ
ଦୁଷ୍ଟ ଜନଙ୍କ ଅରି ।

ଅବସରପ୍ରାପ୍ତ ପ୍ରଧାନଶିକ୍ଷକ
କୁଆଁସ, ମେରଦା କାଟିଆଛକ, ଯାଜପୁର
ସମ୍ପର୍କ – ୯୪୩୮୦୬୫୧୯୫

ISSN NO.
2582-208X

# ମନରେ ଆନନ୍ଦ ଘର



ନୀଳମଣି ଗୁନ୍ଦ

ଟୁଟୁ କହୁଥିଲା ଖୁସି ହୁଏ ସିଏ
ଟଫିଟିଏ ଖାଇଦେଲେ
ମନା କରୁଥାଏ ଖାଇବାକୁ ଆଉ
ଟଫି ସଂଖ୍ୟା ବେଶୀ ହେଲେ ।

ମୋମୋ ଖାଇବାକୁ ମାମିର ପସନ୍ଦ
ପାଇଲେ ହୁଏ ସେ ଖୁସି
ବେଶୀ ଥୋଇଦେଲେ ମନା କରୁଥାଏ
କହେ ଦିଅ ଖାଉ ପୁଷି ।

ଭଲ ଗୀତଟିଏ ଶୁଣିବା ପାଇଁକି
ଖୁସି ସିନା ଲାଗୁଥାଏ
ହେଲେ କିଛି ଦିନ ହୋଇଗଲା ପରେ
ସେ ଆନନ୍ଦ କମିଯାଏ ।

ISSN NO.
2582-208X

ଭାରି ଭଲ ଲାଗେ ଭଲ ଭଲ ଜାଗା
ଯାଇକି ବୁଲିବା ପାଇଁ
ହେଲେ ବାରମ୍ବାର ସେଇଠିକି ଗଲେ
ସେ ମଜା ତ ରହେ ନାହିଁ।

ଯେଉଁ ଚିଜଟିରୁ ଖୁସି, ଆନନ୍ଦଟି
ଭାବୁଥାଉ ଆମେ ମିଳେ
ଦରବ ଭିତରେ ଆନନ୍ଦ ଲୁଚିକି
ନ ଥାଏ ସିନାରେ ତିଳେ।

ଦରବରେ ନୁହେଁ ଜିଭଟିରେ ନୁହେଁ
ମନରେ ଆନନ୍ଦ ଘର
ଟଫି, ମୋମୋଟିରେ ଭରିନି ଆନନ୍ଦ
ବୁଝିଯାଅ ଏଇ ଥର।

୨୭, ମନ୍ତ୍ର ମାନୋର, ଗୋଠପାଟଣା
ଭୁବନେଶ୍ୱର-୨୯, ମୋ:୯୫୮୩୨୦୨୩୫୭

ISSN NO.
2582-208X

# ଶିଶୁଟିଏ
# ହେବ ବଡ



ଦୀନବନ୍ଧୁ ପୋଇ

ଆଜି ଯିଏ ଶିଶୁ କାଲି ସିଏ ବଡ
କଥାଟି ଅଟଇ ସତ
ଇତିହାସ ପୃଷ୍ଠା ଆଡେଇ ପଢ଼ିଲେ
ମିଳେ ନାମ ଶତ ଶତ ।
ଧରମା, ବାଜିଆ ,ଲକ୍ଷ୍ମଣ ଜୟିଆ
ଥିଲେ ଦିନେ ଇଏ ଶିଶୁ
ତାଙ୍କ ଯଶ କୀର୍ତ୍ତି ଗୁଣ ନୀତି କାନ୍ତି
ଯୋଗୁ ଆଜି ଆମେ ହସୁ ।
ବକ୍ସି ଜଗବନ୍ଧୁ ଆଉ ଗୋପବନ୍ଧୁ
ଥିଲେ ସ୍ୱାଧୀନତା ବୀର
ବୀର ପ୍ରସବିନୀ ଉତ୍କଳ ଜନନୀ
ଦେଇଛି ଜନମ ତାର ।
ଫକିର ମୋହନ ଭୀମ ଗଙ୍ଗାଧର
ଥିଲେ ଯେ ସାହିତ୍ୟ ରଥି
ତାଙ୍କର ପ୍ରବନ୍ଧ ଗଳପ ପ୍ରସିଦ୍ଧ
ଜୀବନ୍ତ ଅଛି ରେବତୀ ।

ISSN NO.
2582-208X


ମୀରା ଲକ୍ଷ୍ମୀବାଇ ଇନ୍ଦିରା ନନ୍ଦିନୀ
ଥିଲେ ମହୀୟସୀ ନାରୀ
ଶିଶୁ ସିଏ ଥିଲେ ଯଶ ଅରଜିଲେ
ଦେଖି ଚମକିଲେ ଅରି ।
ଶିଶୁ ନୁହେଁ ଛୋଟ ସିଏ ନିଶ୍ଚେ ବଡ
ହୋଇବ ଏହା ପ୍ରମାଣ
ତାଙ୍କୁ ହସାଇଲେ ସେବା ଯତ୍ନ ଦେଲେ
ଫୁଟାଇବେ ସେ କମାଣ ।

ଚରଣରେଣୁ ନବାସ
ଗୋରଡ଼ାପାଳ, କରମୂଳ
ଢେଙ୍କାନାଳ, ଦୂରଭାଷ - ୯୯୩୮୦୨୪୧୨

www.vedantimagazine.com
ISSN NO.
2582-208X

# ଶୀତ ଆସିଲାଣି ଫଉଜ ଧରିକି




ପ୍ରକାଶ କୁମାର ଗୁନ୍ଦ

ଶୀତ ଆସିଲାଣି ଫଉଜ ଧରିକି
ଗାଆଁକୁ ଆମର ବୁଲି
ଶୀତକୁ ଡରିକି ପୁଷିଟି ଆମର
ଯାଉନାହିଁ ଛାଡି ଚୁଲି
ହନୁ ଡେଇଁଲାଣି ଡାଳେ
ପାହାନ୍ତାରୁ ଉଠି କାଠି କୁଟା ନେଇ
ଠେକୁଆ ନିଆଁକୁ ଜାଳେ ।।

ଥଣ୍ଡା ଲାଗିବାରୁ ନିଘୋଡ ନିଦରେ
ବିଲୁଆ ଯାଇଛି ଶୋଇ
ନିଆଁ ପୁଇଁବାକୁ ନେଉଳ ଦଉଡେ
କମ୍ବଳକୁ ଘୋଡି ହୋଇ
କାଉ କରିଲାଣି କାଆ
ଚାଟଶାଳୀ ଖୋଲା ହୋଇଲାଣି ପରା
ଯାଆରେ ଗଧିଆ ଯାଆ ।।

ISSN NO.
2582-208X

ନଈ କାଣ୍ଡିଆରେ ମୂଳା ଶାଗ କୋବି
ଫସଲ କରିଛି ଭାଲୁ
ଜଗାରଖା ନିତି କରୁଛି ଯାଇକି
ଟିକି ପୁଅ ତାର ନାଲୁ
ଫୁଟିଲାଣି ପରା ଫୁଲ
ଆହାକି ସୁନ୍ଦର କୁହୁଡିରେ ଘେରା
ଦିଶୁଥାଏ ଧାନବିଲ ।।

ବେଙ୍ଗୁଲୀ ଆଣିଛି ଶୀତର ପୋଷାକ
ବଜାରକୁ ପରା ଯାଇ
ସଂଜ ବୁଡୁ ବୁଡୁ ଚଢେଇ ଛୁଆଟି
ମାଆ କୋଳେ ମାରେ ହାଇ
ହରିଣ ନ ଦିଏ ଧରା
ଖୁସିରେ ଡେଉଁଛି ପାଖ ପଡିଆରେ
ପଡିଛି କଅଁଳ ଖରା ।।

ଜୟପୁର ଶାସନ ପିପିଲି ପୁରୀ
ମୋ-୭୦୦୮୯୨୫୯୫୪

ISSN NO.
2582-208X

# ଚିତ୍ର



ଆଦବିକା ପଟ୍ଟନାୟକ



ଦିଲ୍ଲୀ ପବ୍ଲିକ ସ୍କୁଲ,ବସନ୍ତ ବିହାର, ନୂଆଦିଲ୍ଲୀ

ISSN NO.
2582-208X

# ସମୀକ୍ଷା

## ବେଦାନ୍ତୀ – ନଭେମ୍ବର ସମୀକ୍ଷା



ଦେବଯାନୀ ସ୍ୱାଇଁ

ସବୁଥର ପରି ଏଥରକ ମଧ୍ୟ ଆମ ପ୍ରିୟ "ବେଦାନ୍ତୀ" ଆସିଛି ତାର ପ୍ରଚ୍ଛଦ ପୃଷ୍ଠାକୁ ସୁନ୍ଦର ଗୋଲାପ ଫୁଲରେ ସଜେଇ।

ସଂପାଦକୀୟ ପୃଷ୍ଠାରେ ପ୍ରତିଷ୍ଠାତା "ଶ୍ରୀଯୁକ୍ତ ଅରବିନ୍ଦ ମିଶ୍ର", ସମସ୍ତ ପାଠକଙ୍କୁ ଆଲୋକର ପର୍ବ ଦିପାବଳୀର ଶୁଭେଚ୍ଛା ଓ ଶୁଭକାମନା ଜଣାଇବା ସହିତ ଭାରତୀୟ ସଂସ୍କୃତିର ମହାନତା ଏବଂ ମାନବ ଜୀବନରେ ସଂସ୍କୃତିର ପ୍ରଭାବ ଦର୍ଶାଇ ସଂସ୍କୃତିର ବିକାଶରେ ଦେଶ ତଥା ମାନବ ଜାତିର ବିକାଶ ସମ୍ଭବପର ବୋଲି ଉଲ୍ଲେଖ କରିଛନ୍ତି।

ଆଉ ଆପଣମାନେ ତ ସମସ୍ତେ ଜାଣିଛନ୍ତି ଭିତର ପୃଷ୍ଠାରୁ ଆରମ୍ଭ ହୁଏ ଗପ ଓ କବିତା ମାନଙ୍କର ଲହଡି।

ପ୍ରଥମ ଧାରାବାହିକ ଗଳ୍ପ "ଡି. ଏଫ୍. ଓ. କ୍ୟାମ୍ପବେଲ୍ ବେ" ରେ ସଦ୍ୟଜାତ କଚ୍ଛପ ଶିଶୁ ମାନଙ୍କର ପ୍ରକୃତି ସହିତ ସଂଘର୍ଷର କାହାଣୀ ଜାଣିବାକୁ ଶୋଭନାଙ୍କ ସହିତ ଅସୀମଙ୍କର ତାରକା ଖଚିତ ଜଳଯାତ୍ରା। ଲେଖିକାଙ୍କ ଅନୁଭୂତିର "ମାଦ୍ରିଦ୍ ଯାତ୍ରା", ଶ୍ରାବଣୀର ଆଖିରେ "ଶ୍ରାବଣର ଧାରା"। ମୋର ପ୍ରିୟ ଧାରାବାହିକ ଗଳ୍ପ "ଉଠ୍ ପୁଟୁର୍"ରେ ନୂଆ କରି ଅଭିର ହୋଷ୍ଟେଲ୍ ଜୀବନର କିଛି କାହାଣୀ। ମେଦିନୀର "ଟସର ର ଡୋର"ରେ ବାନ୍ଧି ହେଇଯାଇଛନ୍ତି ସୀତାଂଶୁର ପରିବାର। ଶିକ୍ଷଣୀୟ ବିଷୟ "ଆଇନ୍ ଷ୍ଟାଇନ୍ ଓ

ISSN NO.
2582-208X

ବୀଜଗଣିତ"। ଆଲୋଚନାର ବିଷୟ- "ପ୍ରଥା ଓ ପରମ୍ପରାରେ ଶୋଷିତା ଭାରତୀୟ ନାରୀ" ଏବଂ "ମୃତ୍ୟୁ ଭୋଜ ଦେବା ଆବଶ୍ୟକ ନାହିଁ"।

କବିତାର ପ୍ରାରମ୍ଭରେ ପ୍ରକୃତିର କବି "ପ୍ରାତଃ ସ୍ମରଣୀୟ ଗଙ୍ଗାଧର"। ପଲ୍ଲୀକବି ନନ୍ଦକିଶୋର ବଳଙ୍କ କଲମ ମୂନରୁ "ଆକାଶ"।

କିଏ ସେ କଳି ପାରିବ "ମମତାର ମୂଲ"କୁ। "ବାପା ଏକ ଅନୁଭବ", "ମୁଁ ଯଦି ଦିନକ ପାଇଁ ମୋ' ବାପାଙ୍କ ବାପା ହୁଅନ୍ତି", ପିଲାଙ୍କ ପାଇଁ ପେଟକୁ କାଟି ଭୋକରେ ଶୋଇ ପଡୁଥିବା ମୋ ଜୀବନର ମହାପୁରୁଷ, ମୋ ସାଧନାର ସାଧକଙ୍କୁ ପେଟେ ଖୁଆଇ ଦିଅନ୍ତି। "ଫେରି ଆସ ବାପୁ ତୁମେ..." ଆଉ ଥରେ, ତୁମ ପୁଣ୍ୟ ଜନ୍ମ ତିଥି ପାଳୁଛୁ ସର୍ବେ ଶ୍ରଦ୍ଧାରେ।

ମୋ ସଚ୍ଚୋଟତାକୁ ମାନ ଦେବା ଲାଗି ଆଶା ରଖିବା ହିଁ "ମୋ ଅଜ୍ଞାନତା" ଆଉ ସମାଜର ହିତ ପାଇଁ "ପରିବର୍ତ୍ତନ"ର ରହିଛି ଆବଶ୍ୟକତା। "ସମୟଟା ସତ କହୁଛି", "ମୁଁ ମୋ ଭାଷାରେ ବର୍ଣ୍ଣବୋଧ ଲେଖୁଛି"। "ଏଇ ପାଟିରେ ଅମୃତ ଏଇ ପାଟିରେ ବିଷ"। "ଥିଲେ ଚିରାକନା ହଜିଲେ ମଠା"- ଅବର୍ତ୍ତମାନରେ ଝୁରୁଥାଏ ସଦା।

ଭକ୍ତିରେ ରହିଛି "କାଶତଣ୍ଡୀର ଆବାହନ" କରିବାକୁ "ବିଶ୍ୱ ମଙ୍ଗଳମୟୀ" ଙ୍କ ପୂଜନ।

"ବନ୍ଧୁ ତୁମେ ଗଲା ପରେ" ମୁଁ ବୁଝିଲି ନିସଙ୍ଗ ଏକାକିପଣ। ଜୀବନଟା ଏକ "ମାୟା ମିରୀଗର ଦୌଡ"। "ବାଇ ଚଢେଇ"ରେ ବାଇ ଚଢେଇ, ମିଛେ କାହିଁ ହେଉ ବାୟା, ସ୍ୱାର୍ଥ ସରିଗଲେ କିଏ ବା କାହାର ରହିଯିବୁ ତୁ "...ଅଲୋଡା..."। "ଜନେ କହିବେ", ଉଟ ବ୍ୟାଧ କାହୁଁ ମଧୁପ ହେବେ, "ଥରକୁ ଥର ପଡି ତଳେ" ଉଠି ଚାଲିବାକୁ ହେବ ଏ ଦୁନିଆ ଦୁଆରେ। ମେଘ ମାଳ ମାଳ ଘେରି ବୁଲେ ଏଠି ଜଙ୍ଗଲ ପାହାଡ ବିଲ, ଦେଓମାଳି ହସେ ସୁନେଲି ସକାଳେ ଏଇ ଯେ "ମୋ କୋରାପୁଟ"।

ସ୍ୱାସ୍ଥ୍ୟ ବିଭାଗରେ ରହିଛି "ଆଲୋକର ପର୍ବ ଦୀପାବଳି ଓ ପରିବେଶ ସୁରକ୍ଷା"।

"ଆଞ୍ଚଳିକ ବିଭାଗ" ର ଲେଖା ଗୁଡିକୁ ପଢିଲେ ଆମ ଭାଷାର ମିଠା ପଣ ବାରି ହେଇ ପଡେ।

ISSN NO.
2582-208X

ଶିଶୁ ବିଭାଗରେ ଶିକ୍ଷଣୀୟ ଗଳ୍ପ "ଶଗଡ ଗାଡି ଚଢ଼ିବାର ମଜା" ସହିତ ରହିଛି "କଥା ପହେଳି" ଓ "ନାଆଁ ମୋର ଡାକବାଲା" ଭଳି ସୁନ୍ଦର କବିତା। ଚିତ୍ର ବହିରେ କୁନି ଆଦବିକା କେକ୍, ବେଲ୍, ସାନ୍ତାକ୍ଲଜ୍, ରେନ୍ ଡିଅର୍ ର ସୁନ୍ଦର ଛବି ସବୁ ଆଙ୍କି, ଖ୍ରୀଷ୍ଟ ପର୍ବର ଆଗମନ ସୂଚାଉଥିବା ବେଳେ ଦଶହରା ପର୍ବର ଆଗମନରେ ମା' ଦୁର୍ଗାଙ୍କ ଅତି ସୁନ୍ଦର ପ୍ରତିଛବି ଟିଏ ଆଙ୍କି ଛନ୍ତି ଚିନ୍ମୟୀ ବେହେରା।

ଶେଷରେ ପର୍ବ ପର୍ବାଣୀ ତାଲିକାରେ ଅନ୍ୟାନ୍ୟ ପର୍ବ ସହିତ ରହିଛି ଓଡିଆ ମାନଙ୍କ ସବୁଠୁ ପୂଣ୍ୟ ଦିନ କାର୍ତ୍ତିକ ପୂର୍ଣ୍ଣିମା ଓ ବାଲିଯାତ୍ରା। କିମ୍ବଦନ୍ତୀ ଅଛି, ଅତୀତରେ କାର୍ତ୍ତିକ ପୂର୍ଣ୍ଣିମା ଦିନ ଓଡିଆ ସାଧବ ପୁଅ ମାନେ ବ୍ୟବସାୟ କରିବାକୁ ନିଜ ନିଜ ବୋଇତରେ ବାଲି, ଜାଭା, ସୁମାତ୍ରା, ବୋର୍ଣ୍ଣିଓ ଆଦି ସ୍ଥାନକୁ ଯାତ୍ରା କରୁଥିଲେ ଆଉ ସେମାନଙ୍କ ଯାତ୍ରାର ଶୁଭକାମନା ପାଇଁ ବୋଇତ ବନ୍ଦାଣ ଉତ୍ସବ ସହିତ ଉପକୂଳ ଅଞ୍ଚଳ ମାନଙ୍କରେ ବାଲିଯାତ୍ରାର ଆୟୋଜନ କରାଯାଉଥିଲା। ଆସନ୍ତୁ ତାହାଲେ ସମସ୍ତେ ମିଶି ଆମ ପରମ୍ପରା ଅନୁସାରେ ଆ କା ମା ବୈ ଗୀତ ଗାଇ ଡଙ୍ଗା ଭସାଇ ଅତୀତର ଐତିହ୍ୟ ଓ ସଂସ୍କୃତିକୁ ମନେ ପକାଇବା।

ଜୟ 'ବେଦାନ୍ତୀ', ଜୟ ପାଠକ ବୃନ୍ଦ।

ଗୋରେଗାଓଁ, ମୁମ୍ବାଇ

ISSN NO.
2582-208X

# ଡିସେମ୍ବର ମାସରେ ପଡୁଥିବା ପର୍ବପର୍ବାଣୀ

| | |
|---|---|
| ୦୧/୧୨/୨୦୨୪ | ମହୋଦଧି ଅମାବାସ୍ୟା, ମଧ୍ୟ ଦେବ ଦୀପାବଳୀ ଓ ସୂର୍ଯ୍ୟମହତୀ ସ୍ନାନ |
| ୦୪/୧୨/୨୦୨୪ | ରମ୍ଭା ତୃତୀୟା |
| ୦୫/୧୨/୨୦୨୪ | ମାଣବସା ଗୁରୁବାର ଓଷା |
| ୦୭/୧୨/୨୦୨୪ | ଓଢଣ ଓ ପ୍ରାବରଣ ଷଷ୍ଠୀ |
| ୧୧/୧୨/୨୦୨୪ | ମୋକ୍ଷଦା ଏକାଦଶୀ |
| ୧୨/୧୨/୨୦୨୪ | ବ୍ୟଞ୍ଜନ ଦ୍ୱାଦଶୀ |
| ୧୩/୧୨/୨୦୨୪ | ଅନଙ୍ଗ ତ୍ରୟୋଦଶୀ ଓ ଗୀତା ଜୟନ୍ତୀ |
| ୧୪/୧୨/୨୦୨୪ | ପଣ୍ଡୁ ଓଷା |
| ୧୫/୧୨/୨୦୨୪ | ପୂର୍ଣ୍ଣିମା |
| ୧୬/୧୨/୨୦୨୪ | ଧନୁ ସଂକ୍ରାନ୍ତି, ପହିଲି ଭୋଗ |
| ୧୭/୧୨/୨୦୨୪ | ଦାଣ୍ଡ ପହଁରା ଓ ବାଟ ଓଷା |
| ୨୩/୧୨/୨୦୨୪ | ପଠାଣି ସାମନ୍ତଙ୍କ ଜୟନ୍ତୀ |
| ୨୫/୧୨/୨୦୨୪ | ଯୀଶୁ ଖ୍ରୀଷ୍ଟଙ୍କ ଜନ୍ମ (ବଡ ଦିନ ) |
| ୨୬/୧୨/୨୦୨୪ | ସଫଳା ଏକାଦଶୀ |
| ୩୦/୧୨/୨୦୨୪ | ବକୁଳ ଅମାବାସ୍ୟା |

ISSN NO.
2582-208X

# ଚିତ୍ର କଥା କହେ



ଦୃଶ୍ୟ ଭିତରୁ ଭାବକୁ ବାହାର କରିବାର ପରଖ ଦୃଷ୍ଟିକୁ ୨୦-୨୫ ଶବ୍ଦ ମଧ୍ୟରେ ଆମ ପାଖକୁ ଇମେଲ୍ ମାଧ୍ୟମରେ ପଠାନ୍ତୁ । ଶ୍ରେଷ୍ଠ ବିବେଚିତ ଉତ୍ତର, ଉତ୍ତରଦାତାଙ୍କ ନାମ ସହିତ ପରବର୍ତ୍ତୀ ସଂଖ୍ୟାରେ ପ୍ରକାଶ ପାଇବ । ଆମ ଠିକଣା -vedantimagazine@gmail.com/ editor.vedantimagazine@gmail.com

## ନଭେମ୍ବର ମାସର ବିଜେତାଙ୍କ ନାମ



ISSN NO.
2582-208X

ଆ କା ମା ବୈ
ପାନ ଗୁଆ ଥୋଇ
ପାନ ଗୁଆ ତୋର
ମାସକ ଧରମ ମୋର
କଞ୍ଚା ଗୁଆ, ପାଚିଲା ଗୁଆ
ପାନରେ ପକାଇ ପାଟିରେ ପକା

ବିଜେତା: ନମନ ମିଶ୍ର, ନବରଙ୍ଗପୁର

ବେଦାନ୍ତୀର ଅନେକ ସଂଖ୍ୟାରେ ବାହାରୁଥିବା ପ୍ରଚ୍ଛଦପଟ୍ଟ ଏବଂ "ଚିତ୍ର କଥା କହେ"ର ଛବି ହେଉଛି ବେଦାନ୍ତୀର ସଂପୂର୍ଣ୍ଣ ନିଜସ୍ୱ । ପ୍ରଚ୍ଛଦପଟ୍ଟ ଚିତ୍ର ସମୟେ ସମୟେ ପାଠକପ୍ରେମୀଙ୍କ ଦ୍ୱାରା ପଠାଯାଇଥିବା ଚିତ୍ରକୁ ମଧ୍ୟ ବ୍ୟବହାର କରାଯାଇଥାଏ । ଯଦି କୌଣସି ପାଠକ/ପାଠିକା ନିଜସ୍ୱ ଉତ୍ତୋଳନ କରିଥିବା ଛବିକୁ ବେଦାନ୍ତୀ ପତ୍ରିକାର ପ୍ରଚ୍ଛଦପଟ୍ଟରେ ପ୍ରକାଶ କରିବାକୁ ଚାହାଁନ୍ତି, ତେବେ ସେମାନେ ଆମକୁ ଯୋଗାଯୋଗ କରନ୍ତୁ । ଆମକୁ ସମ୍ପର୍କ କରିବାର ଠିକଣା ହେଲା -vedantimagazine@gmail.com

## ଯୋଗାଯୋଗ

Whatsapp:+ 91 9594993733

ଭ୍ରାମ୍ୟଭାଷ - +91 9594993733/8828213733

**Website: www.vedantimagazine.com**

**Email ids:**
vedantimagazine@gmail.com /editor.vedantimagazine@gmail.com

ISSN NO.
2582-208X

## ବେଦାନ୍ତୀ ଇ-ପତ୍ରିକାକୁ ଲେଖା ପଠାଇବାକୁ ଚାହୁଁଥିବା ଓଡିଆପ୍ରେମୀଙ୍କ ପଇଁ କଛି ସନ୍ଦେଶ:

- ଲେଖାକୁ ଟାଇପ୍ କରି MS WORD ଫାଇଲରେ ଏବଂ ପି.ଡି.ଏଫ୍ ଫାଇଲରେ ପଠାନ୍ତୁ ।
- ଲେଖାକୁ ପ୍ରତି ମାସ ୫ ତାରିଖ ଭିତରେ ପଠାନ୍ତୁ ।
- ଏହି ପ୍ରତ୍ରିକାରେ ଗଳ୍ପ ଏବଂ କବିତା ସମାନ ସଂଖ୍ୟାରେ ପ୍ରକାଶିତ କରାଯାଉଛି । ଯେହେତୁ ଅନେକ କବିତା ଆମପାଖକୁ ଆସୁଛି, ତେଣୁ ଏହାକୁ ପ୍ରକାଶ କରିବା ପାଇଁ କଛି ସମୟ ଲାଗୁଛି । ଯଦି ଆପଣ ଲେଖା ପଠାଇଥିବା ମାସରେ ଏହା ନବାହାରିଲା, ତେବେ ଏହି ଲେଖା ଆସନ୍ତା ମାସରେ ପ୍ରକାଶ ପାଇବ ।
- ଚେଷ୍ଟା କରନ୍ତୁ ଲେଖାକୁ ଇ-ମେଲ୍ ଜରିଆରେ ପଠାନ୍ତୁ । ଆମ ଇ-ମେଲ୍ ହେଲା - Editor.vedantimagazine@gmail.com ଏବଂ vedantimagazine@gmail.com
- ମାସକୁ ଥରଟିଏ ହିଁ ଲେଖା ପଠାନ୍ତୁ ।ବାରମ୍ବାର ଅନେକ ଲେଖା ଇ-ମେଲ୍ ଜରିଆରେ ପଠାନ୍ତୁ ନାହିଁ ।
- ଲେଖା ସହିତ ଆପଣଙ୍କର ଠିକଣା ଏବଂ ଫଟୋ ମଧ୍ୟ ପଠାନ୍ତୁ ।
- ପ୍ରକାଶ କରିବା ପାଇଁ ଯେଉଁ ଲେଖା ପଠାଉଛନ୍ତୁ ତାହା ଆଉ କୌଣସି ଗ୍ରୁପରେ ପଠାନ୍ତୁନାହିଁ । ପ୍ରକାଶିତ ହେବା ପରେ ଏହାକୁ ପଠାଇପାରିବେ ।
- ବେଦାନ୍ତୀ ଇ-ପତ୍ରିକା ଏକ ସଂପୂର୍ଣ୍ଣ ମୁକ୍ତ ଏବଂ ପାରିବାରିକ ପତ୍ରିକା । ଏଥିପାଇଁ ଉପଯୁକ୍ତ ଲେଖା ହିଁ ପଠାନ୍ତୁ ।
- ପୁରୁଣା ସଂଖ୍ୟା ପଢିବା ପାଇଁwww.vedantimagazine.comକୁ ପଦାର୍ପଣ କରନ୍ତୁ ।

ISSN NO.
2582-208X

"ବେଦାନ୍ତୀ" ଏକ ସମ୍ପୂର୍ଣ୍ଣ ପାରିବାରିକ ମାସିକ ପତ୍ରିକା। ବେଦାନ୍ତୀରେ ପ୍ରକାଶିତ ସମସ୍ତ ଲେଖାରେ ଦିଆଯାଇଥିବା ବିଷୟର ଲେଖକଙ୍କର ସମ୍ପୂର୍ଣ୍ଣ ନିଜସ୍ୱ। ଯଦିଓ ସମ୍ପାଦକ ସବୁ ଲେଖାକୁ ଭଲଭାବରେ ପଢିବା ଏବଂ ବୁଝିବା ପରେହିଁ ପ୍ରକାଶିତ କରିଥାନ୍ତି, ତଥାପି ଲେଖାର ଶତ ପ୍ରତିଶତ ସତ୍ୟତାର ଦାବି କେବଳ ଲେଖକଙ୍କର। ଏଥିରେ ସମ୍ପାଦକ କିମ୍ବା ପତ୍ରିକାର କୌଣସି ଉତ୍ତରଦାୟିତ୍ୱ ନାହିଁ।

ବେଦାନ୍ତୀ ଇ-ପତ୍ରିକା ପ୍ରତ୍ୟେକ ମାସ ୧ ତାରିଖରେ ପ୍ରକାଶିତ ହେଉଛିଏବଂ ଏହା ସମ୍ପୂର୍ଣ୍ଣ ମାଗଣାରେ ସାରା ବିଶ୍ୱର ଓଡିଆ ପ୍ରେମୀଙ୍କୁ ପଢିବା ପାଇଁ ୱେବସାଇଟ୍, ଇ-ମେଲ୍ ଏବଂ ସୋସିଆଲ୍ ମିଡିଆ ଦ୍ୱାରା ଯୋଗାଇ ଦିଆଯାଏ। ଲେଖକ/ଲେଖିକା ମାନେ ସେମାନଙ୍କର ଲେଖା ଓଡିଆରେ ଟାଇପ୍ କରି ଲେଖାର ସ୍କାନ କପି ଏବଂ ସଫ୍ଟକପି ଆମ ପାଖକୁ ଇମେଲ୍ ରେ ପଠାନ୍ତୁ:vedantimagazine@gmail.com।ପ୍ରତ୍ୟେକ ମାସ ୫ ତାରିଖ ଭିତରେ ପ୍ରାପ୍ତ କରାଯାଇଥିବା ଲେଖାଗୁଡିକୁ ସେହି ମାସରେ ହିଁ ପ୍ରକାଶ କରାଯାଇଥାଏ।ଯଦି କୌଣସି କାରଣରୁ କୌଣସି ଲେଖକ/ଲେଖିକାଙ୍କ ଲେଖା ଚଳତ ମାସରେ ପ୍ରକାଶ ପାଇନାହିଁ, ତେବେ ତାହା ଆଗାମୀ ମାସରେ ପ୍ରକାଶିତ ହେବ।

ବେଦାନ୍ତୀ ପତ୍ରିକାକୁ ପଢିବା ପାଇଁ ଏବଂ ଡାଉନଲୋଡ କରିବା ପାଇଁ (ସମସ୍ତ ସଂଖ୍ୟା) ନିମ୍ନଲିଖିତ ସାଇଟକୁ ପଦାର୍ପଣ କରନ୍ତୁ:-

**www.vedantimagazine.com**